॥ ପୂର୍ଣ୍ଣ ପରମାତ୍ମନେ ନମଃ ॥

ଶ୍ରୀମଦ୍ଭଗବତ୍ ଗୀତା

# ଗୀତା ତୋ'ର ଜ୍ଞାନ ଅମୃତ

ଜୀବ ହମାରୀ ଜାତି ହୈ, ମାନବ (Mankind) ଧର୍ମ ହମାରା ।
ହିନ୍ଦୁ, ମୁସଲିମ୍, ସିଖ୍, ଈସାଈ, ଧର୍ମ ନହୀଁ କୋଈ ନ୍ୟାରା ॥

# ଅବଶ୍ୟ ଦେଖନ୍ତୁ

## ସନ୍ଥ ରାମପାଲଜୀ ମହାରାଜଙ୍କ ମଙ୍ଗଳ ପ୍ରବଚନ

ରେ ସକାଳ 6:00 ରୁ 7:00

MH ONE ରେ ଦ୍ୱିପ୍ରହର 2:00 ରୁ 3:00

ରେ ରାତ୍ରି 7:30 ରୁ 8:30

ରେ ସକାଳ 6:00 ରୁ 7:00

ପ୍ରକାଶକ:- ପ୍ରଚାର ପ୍ରସାର ସମିତି ଓ ସର୍ବ ଭକ୍ତଗଣ
ସତ୍‌ଲୋକ ଆଶ୍ରମ, ହିସାର - ଟୋହାନା ରୋଡ଼ ବରୱାଲା
ଜିଲ୍ଲା - ହିସାର (ହରିୟାଣା), ଭାରତ ।

ମୁଦ୍ରକ : କବୀର ପ୍ରିଣ୍ଟର୍ସ
C-117, Sector - 3, ବୱାନା ଇଣ୍ଡଷ୍ଟ୍ରିୟାଲ ଏରିଆ, ନୂଆଦିଲ୍ଲୀ

ସମ୍ପର୍କ ସୂତ୍ର - 08222880541, 08222880542,
08222880543,08222880544,08222880545,

e-mail :- jagatgururampalji@yahoo.com
visit us at :- www.jagatgururampalji.org

# ବିଷୟ ସୂଚୀ


| କ୍ରମ ସଂ. | ବିବରଣୀ | ପୃଷ୍ଠା ସଂଖ୍ୟା |
|---|---|---|
| 1. | ଭୂମିକା | I |
| 2. | ଦୁଇପଦ | 8 |
| | • ମକ୍କା ମହାଦେବଙ୍କ ମନ୍ଦିର ଅଟେ | 15 |
| 3. | ଗୀତାର ସତ୍ୟ ସାରାଂଶ | 17 |
| | • ଶ୍ରୀ ବ୍ରହ୍ମା, ଶ୍ରୀ ବିଷ୍ଣୁ ଓ ଶ୍ରୀ ଶିବଙ୍କ ମାତା-ପିତା କିଏ ଅଟନ୍ତି ? | 21 |
| 4. | ଶଙ୍କା ସମାଧାନ | 23 |
| | • ଗୀତାରେ ଦୁଇ ପ୍ରକାର ଜ୍ଞାନ ଅଛି | 46 |
| | • ପାଣ୍ଡବ ମାନଙ୍କଦ୍ୱାରା କରା ଯାଇଥିବା ଯଜ୍ଞ | 47 |
| | • କାହା କାହାକୁ ପରମାତ୍ମା ମିଳିଛନ୍ତି | 48 |
| | • ବ୍ରତ ଉପବାସ ବିଷୟରେ ଗୀତାରେ ଲିଖିତ ଲାଭ ! | 62 |
| | • ଗୀତା ଅନୁସାରେ ଶ୍ରାଦ୍ଧ-ପିଣ୍ଡଦାନର ମହତ୍ତ୍ୱ କ'ଣ ? | 62 |
| | • ଶ୍ରାଦ୍ଧ-ପିଣ୍ଡଦାନ ବିଷୟରେ ରଚି ଋଷିଙ୍କ ମତ | 62 |
| | • ଜିନ୍ଦା (ସାଧୁ/ଫକୀର) ବାବାଙ୍କର ଦ୍ୱିତୀୟଥର ଅନ୍ତର୍ଦ୍ଧାନ ହେବା | 68 |
| | • ଅନ୍ୟ ସନ୍ଥମାନଙ୍କ ସହିତ ଧର୍ମଦାସଜୀଙ୍କ ଜ୍ଞାନଚର୍ଚ୍ଚା | 70 |
| | • ହିରଣ୍ୟକଶ୍ୟପ କଥା | 77 |
| | • ରାବଣ ଓ ଭସ୍ମାସୁରର କଥା | 77 |
| | • ହରିଦ୍ୱାରରେ ସାଧୁମାନଙ୍କ ମଧ୍ୟରେ ହଣାକଟା | 80 |
| | • ଚୁଣକ ଋଷି ଓ ମାନ୍ଧାତା ରାଜାଙ୍କ କଥା | 82 |
| | • ଚୌରାସୀ ଲକ୍ଷ ପ୍ରକାରର ଜୀବମାନଙ୍କଠାରୁ ମାନବ ଦେହ ଉତ୍ତମ ଅଟେ | 88 |
| | • ଉଚ୍ଚାରଣ ଓ ଆଚରଣରେ ପାର୍ଥକ୍ୟ | 93 |
| | • ଧର୍ମଦାସଜୀଙ୍କୁ ସତ୍‌ଲୋକ ନେଇଯିବା ବିଷୟ | 96 |
| | • ଗୁରୁ ବଦଳାଇ ପାରିବା କି ? | 99 |
| 5. | ବେଦମନ୍ତ୍ରଗୁଡ଼ିକର ଫଟୋ କପି(ପ୍ରମାଣ ସହିତ) | 101 |
| 6. | ସଂକ୍ଷିପ୍ତ ସୃଷ୍ଟି ରଚନା | 116 |
| | • ଆମ୍ଭେମାନେ କାଳଲୋକକୁ ଆସିଲେ କିପରି ? | 117 |
| | • ଶ୍ରୀ ବ୍ରହ୍ମା ଶ୍ରୀ ବିଷ୍ଣୁ ଶ୍ରୀ ଶିବଙ୍କର ଉତ୍ପତ୍ତି | 121 |
| 7. | ସମ୍ପୂର୍ଣ୍ଣ ସୃଷ୍ଟି ରଚନା | 125 |
| | • ସମସ୍ତ ଆତ୍ମା କାଳ ଜାଲରେ ଫଶିଲେ କିପରି ? | 128 |
| | • ଶ୍ରୀ ବ୍ରହ୍ମା, ଶ୍ରୀ ବିଷ୍ଣୁ, ଶ୍ରୀ ଶିବଙ୍କର ଉତ୍ପତ୍ତି | 132 |

● ତିନିଗୁଣ କ'ଣ ? ପ୍ରମାଣ ସହିତ 132

● ବ୍ରହ୍ମ(କାଳ)ଙ୍କର ଅବ୍ୟକ୍ତ ରହିବା ପାଇଁ ପ୍ରତିଜ୍ଞା 134

● ନିଜ ପିତା (ବ୍ରହ୍ମ/କାଳ)ଙ୍କ ପ୍ରାପ୍ତି ପାଇଁ ବ୍ରହ୍ମାଙ୍କ ... 136

● ମାତା(ଦୁର୍ଗା)ବ୍ରହ୍ମାଙ୍କୁ ଅଭିଶାପ... 137

● ନିଜ ପିତା(କାଳ/ବ୍ରହ୍ମ)ଙ୍କ ପ୍ରାପ୍ତି ପାଇଁ ବିଷ୍ଣୁଙ୍କ ପ୍ରସ୍ଥାନ ଏବଂ ମାତାଙ୍କଠାରୁ ଆଶୀର୍ବାଦ.... 138

● ପରବ୍ରହ୍ମଙ୍କ ସାତଶଙ୍ଖ ବ୍ରହ୍ମାଣ୍ଡର ସ୍ଥାପନା 145

● ପବିତ୍ର ଅଥର୍ବବେଦରେ ସୃଷ୍ଟି ରଚନାର ପ୍ରମାଣ 147

● ପବିତ୍ର ଋଗ୍‌ବେଦରେ ସୃଷ୍ଟି ରଚନାର ପ୍ରମାଣ 152

● ପବିତ୍ର ଶ୍ରୀମଦ୍‌ଦେବୀ ମହାପୁରାଣରେ ସୃଷ୍ଟି ରଚନାର ପ୍ରମାଣ 157

● ପବିତ୍ର ଶିବମହାପୁରାଣରେ ସୃଷ୍ଟି ରଚନାର ପ୍ରମାଣ 158

● ପବିତ୍ର ଶ୍ରୀମଭଗବତ ଗୀତାରେ ସୃଷ୍ଟି ରଚନାର ପ୍ରମାଣ 159

● ପବିତ୍ର ବାଇବେଲ୍ ଓ ପବିତ୍ର କୁରାନ୍ ଶରୀଫ୍‌ରେ ସୃଷ୍ଟି ରଚନାର ପ୍ରମାଣ 161

● ପୂଜ୍ୟ କବୀର ପରମେଶ୍ୱର(କବୀର ଦେବଜୀ)ଙ୍କ ଅମୃତ ବାଣୀରେ ସୃଷ୍ଟି ରଚନା... 163

● ଆଦରଣୀୟ ଗରୀବଦାସ ସାହେବଜୀଙ୍କ ଅମୃତ ବାଣୀରେ ସୃଷ୍ଟି ରଚନାର ପ୍ରମାଣ 165

● ଆଦରଣୀୟ ନାନକ ସାହେବଜୀଙ୍କ ଅମୃତ ବାଣୀରେ ସୃଷ୍ଟି ରଚନାର ସଙ୍କେତ 172

● ଅନ୍ୟ ସନ୍ଥମାନଙ୍କ ଦ୍ୱାରା ସୃଷ୍ଟି ରଚନାର ମୂଲ୍ୟହୀନ କଥା 175

● ଶାସ୍ତ୍ରରେ ପରମାତ୍ମା 177

● ବାଇବେଲରେ ମାଂସ ଭକ୍ଷଣ ନିଷେଧ 178

● ହଜରତ୍ ମହମ୍ମଦଜୀ ମାଂସ ଭକ୍ଷଣ କରୁନଥିଲେ 183

● ସନ୍ଥ ଜମ୍ଭେଶ୍ୱର ମହାରାଜଙ୍କ ବିଚାର 183

● ''ପରମାତ୍ମା ସାକାର ଅଟନ୍ତି'' ସମସ୍ତ ସଦଗ୍ରନ୍ଥ ଓ ପରମାତ୍ମା ପ୍ରାପ୍ତ ସନ୍ଥମାନଙ୍କର ଏହା ସିଦ୍ଧାନ୍ତ ଅଟେ 189

● ବିଶ୍ନୋଇ ଧର୍ମର ଭକ୍ତି 190

● ସତ୍‌ଗୁରୁଙ୍କଠାରୁ ନାମ ଦୀକ୍ଷା ନେଇ ଭକ୍ତି କରନ୍ତୁ 190

● ହରି ଆସିବେ ହରିୟାୟାକୁ 191

9. ଏହି ପୁସ୍ତକ "ଗୀତା ତୋ'ର ଜ୍ଞାନ ଅମୃତ" ସହିତ ସମ୍ବନ୍ଧିତ ଶ୍ରୀମଭଗବତ୍ ଗୀତାର ଶ୍ଳୋକଗୁଡ଼ିକର ଫଟୋ କପି 192

# ଭୂମିକା

''ଗୀତା''ହେଉଛି ଏକ ପବିତ୍ର ସତ୍ୟଗ୍ରନ୍ଥ ଯାହା କି ଅଧ୍ୟାତ୍ମିକ ଜ୍ଞାନର ଭଣ୍ଡାର ଅଟେ । ହିନ୍ଦୁମାନଙ୍କର ଗ୍ରନ୍ଥ ନାମରେ ଏହା ବର୍ତ୍ତମାନ ସମୟରେ ପରିଗଣିତ । ବାସ୍ତବରେ ଏହି ପବିତ୍ର ଗୀତା ବିଶ୍ୱ-ଗ୍ରନ୍ଥ ଅଟେ । ଏହାର ଉତ୍ପତ୍ତି ଆଜି (ସନ ୨୦୧୨) ଠାରୁ ପ୍ରାୟ ୫୫୫୦ (ପାଞ୍ଚହଜାର ପାଞ୍ଚଶହ ପଚଶ) ବର୍ଷ ପୂର୍ବେ ମହାଭାରତ ଯୁଦ୍ଧ ସମୟରେ ହୋଇଥିଲା । ସେ ସମୟରେ କୌଣସି ଧର୍ମ ନ ଥିଲା । କେବଳ ଗୋଟିଏ ସନାତନ ପନ୍ଥ ଥିଲା ଅର୍ଥାତ୍ ମାନବ ଧର୍ମ ଥିଲା । ଶବ୍ଦ କେବେ ବି ଖଣ୍ଡିତ ହୁଏ ନାହିଁ । ଏହା ସେହି ପୁଣ୍ୟାତ୍ମାମାନଙ୍କ ମସ୍ତିଷ୍କ ରୂପୀ ହ୍ୱାଟସଆପ୍(Whats App) ରେ ପହଞ୍ଚି ଯାଇଥାଏ, ଯେଉଁମାନଙ୍କର ନେଟ୍ୱାର୍କ ଠିକ୍ ଥାଏ । ଏହା ମହର୍ଷି ବ୍ୟାସଜୀ(ଶ୍ରୀକୃଷ୍ଣ ଦ୍ୱୈପାୟନ)ଙ୍କ ମସ୍ତିଷ୍କ ରୂପୀ WhatsAppରେ ଲୋଡ୍ ହୋଇ ଯାଇଥିଲା । ଶ୍ରୀ ବେଦବ୍ୟାସଜୀ ସେହିଥିରୁ ପବିତ୍ର "ଶ୍ରୀମଦ୍ଭଗବତ୍ ଗୀତା"କୁ କାଗଜ କିମ୍ବା ତାଳପତ୍ରରେ ଲେଖିଥିଲେ, ଯାହାକି ଆଜିର ଦିନରେ ଆମ୍ଭମାନଙ୍କ ପାଖରେ ପବିତ୍ର ଗୀତା ରୂପରେ ଉପଲବ୍ଧ ଅଛି । ଗୀତା ଶାସ୍ତ୍ରରେ ସମୁଦାୟ ୧୮(ଅଠର)ଟି ଅଧ୍ୟାୟ ଏବଂ ୭୦୦ (ସାତ ଶହ) ଶ୍ଳୋକ ବିଦ୍ୟମାନ । ମୁଁ ଏହି ପବିତ୍ର ପୁସ୍ତକରୁ ଆବଶ୍ୟକତା ଅନୁସାରେ ବିବରଣୀ ନେଇ 'ଗୀତା ତୋ'ର ଜ୍ଞାନ ଅମୃତ' ଗ୍ରନ୍ଥର ରଚନା କରିଛି । ବଣରେ ଯେପରି ବିଭିନ୍ନ ଚେରମୂଳୀ ଥାଏ ଓ ବୈଦ୍ୟ ସେଥିରୁ ଆବଶ୍ୟକୀୟ ଚେର ରୂପୀ ଜୀବନ ପ୍ରଦାୟିନୀ ଔଷଧୀ ପ୍ରସ୍ତୁତ କରୁଥିଲେ ହେଁ ବଣ ପୂର୍ବ ଭଳି ବିଦ୍ୟମାନ ରହିଥାଏ ।

ଠିକ୍ ଏହିଭଳି ''ଗୀତା ତୋ'ର ଜ୍ଞାନ ଅମୃତ'' ପୁସ୍ତକଟିକୁ ଆପଣମାନେ ଗୋଟିଏ ବହୁ ମୂଲ୍ୟବାନ ଔଷଧି ବୋଲି ବିବେଚନା କରନ୍ତୁ ଏବଂ ଏହାର ଜ୍ଞାନାମୃତ ପାନ କରି ନିଜର ଜରା ଓ ମରଣର ରୋଗକୁ ବିନାଶ କରନ୍ତୁ ।

ଆଧ୍ୟାତ୍ମିକ ଜ୍ଞାନ ବିନା ମନୁଷ୍ୟ ଜୀବନ ଅସମ୍ପୂର୍ଣ୍ଣ ଅଟେ । ଲକ୍ଷ ଲକ୍ଷ, କୋଟି କୋଟି ମୂଲ୍ୟର ସମ୍ପତ୍ତି ଥିବା ବ୍ୟକ୍ତି ଜଣକ ମଧ୍ୟ ତା ଜୀବନରେ କିଛି ନା କିଛି ଅଭାବ ଅନୁଭବ କରିଥାଏ । ତାହାର ପୂର୍ତ୍ତି ପାଇଁ ସେ ପର୍ଯ୍ୟଟନ ସ୍ଥଳୀ ଆଦିକୁ ଯାଇ କିଛି ମାତ୍ରାରେ ଦୁଃଖ ବା କଷ୍ଟ ଲାଘବ କରିଥାଏ । ମାତ୍ର ସେତିକିରେ ସେ ଶାନ୍ତି ଲାଭ କରିପାରେ ନାହିଁ କି ସେଥିରୁ ତା'ର ଆତ୍ମକଲ୍ୟାଣ ହୋଇ ନଥାଏ । ଭ୍ରମଣର ଦୁଇ ତିନି ଦିନ ପରେ ପୁଣି ସେହି ପୂର୍ବବତ୍ ଦିନଚର୍ଯ୍ୟା ଆରମ୍ଭ ହୋଇ ଯାଇଥାଏ ଓ କିଛି ଖାଲି ଖାଲି ଅନୁଭବ ହୋଇଥାଏ । ସେହି ଖାଲିପଣ ବା ଅଭାବଟି ହେଉଛି ପରମାତ୍ମାଙ୍କ ଭକ୍ତି । ଏହାର ପରିପୂର୍ତ୍ତି ନିମନ୍ତେ ବିଶ୍ୱ ସମୁଦାୟର ଧାର୍ମିକ ମନୁଷ୍ୟଗଣ ସେମାନଙ୍କର ପାରମ୍ପରିକ ସାଧନା କରିଥାନ୍ତି । ଯଦି ସେହି ସାଧକର ସାଧନା ଶାସ୍ତ୍ରାନୁମୋଦିତ ଅଟେ ତେବେ ନିଶ୍ଚୟ ଲାଭ ହୋଇଥାଏ ମାତ୍ର ଶାସ୍ତ୍ର ବିଧିକୁ ପରିତ୍ୟାଗ କରି ଯଦି ସେମାନେ ମନୋମୁଖୀ ଆଚରଣ ବା ମନୋମୁଖୀ ସାଧନା କରନ୍ତି ତେବେ ତାହା ଗୀତାର ଷୋଡଶ ଅଧ୍ୟାୟ, ଶ୍ଳୋକ ୨୩-୨୪ ଅନୁସାରେ ବ୍ୟର୍ଥ ଅଟେ । ସେଥିରୁ ସାଧକକୁ ନା ପୁଣ୍ୟ, ନା ସିଦ୍ଧି, ନା ପରମ ଗତି ପ୍ରାପ୍ତ ହୋଇଥାଏ ଅର୍ଥାତ୍ ସାଧନା ବ୍ୟର୍ଥ ଯାଇଥାଏ । କେତେକ ଶ୍ରଦ୍ଧାଳୁ ଯେକୌଣସି ଗୁରୁଙ୍କଠାରୁ ଦୀକ୍ଷା ଗ୍ରହଣ କରି ଭକ୍ତି କରିଥାନ୍ତି; ଯଦି ସେହି ଗୁରୁ ଜଣକ ପୂର୍ଣ୍ଣ ହୋଇଥିବେ ତେବେ ଲାଭ ହେବ, ନଚେତ୍ ସେହି ସାଧନା ମଧ୍ୟ ବ୍ୟର୍ଥ ଅଟେ ।

ଆପଣଙ୍କୁ ଏହି ''ଗୀତା ତୋ'ର ଜ୍ଞାନ ଅମୃତ'' ପୁସ୍ତକରେ ପ୍ରାମାଣିକ ଶାସ୍ତ୍ର କିଏ ? ଏବଂ କାହା ଅବଲମ୍ବନରେ ସାଧନା କରିବା ଉଚିତ୍ ସେ ସମ୍ପର୍କରେ ଜ୍ଞାନ ପ୍ରାପ୍ତ ହେବ । ଶାସ୍ତ୍ରବିଧି ଅନୁସାରେ ପ୍ରକୃତ ସାଧନା କ'ଣ ? ସେହି ସାଧନା କରିବା ନିମିତ୍ତ ବିଧି କ'ଣ ? ସେହି ବିଧି ସବୁ କେଉଁ ମହାତ୍ମାଙ୍କ ନିକଟରୁ

ପ୍ରାପ୍ତ ହେବ ? ଏବଂ ପୂର୍ଣ୍ଣ ଗୁରୁଙ୍କର ପରିଚୟ କ'ଣ ?, ଆପଣ ଏହି ପୁସ୍ତକରେ ଏହା ସମ୍ବନ୍ଧରେ ପଢ଼ି ପାରିବେ ।

ଏହି ପୁସ୍ତକଟି ସମଗ୍ର ମାନବ ଜାତିକୁ ଏକତ୍ର କରିବ, ଯେଉଁମାନେ ବିଭିନ୍ନ ଧର୍ମ ନାମରେ ବିଭକ୍ତ ହୋଇ ପରସ୍ପର ମଧ୍ୟରେ ଲଢ଼ି ଲଢ଼ି ମରୁଛନ୍ତି । ଗୀତା ଶାସ୍ତ୍ରଟି କୌଣସି ବିଶେଷ ଧର୍ମ ସମ୍ପ୍ରଦାୟର ନୁହେଁ । ଯେତେବେଳେ ଅନ୍ୟ କୌଣସି ଧର୍ମ ନ ଥିଲା, କେବଳ 'ମାନବ ଧର୍ମ' ଥିଲା, ସେତେବେଳେ ଏହାକୁ ମାନବ କଲ୍ୟାଣ ପାଇଁ ପ୍ରଦାନ କରାଯାଇଥିଲା ।

ମୋର ଶ୍ଳୋଗାନ ହେଉଛି :-

ଜୀବ ହମାରୀ ଜାତି ହୈ, ମାନବ (Mankind) ଧର୍ମ ହମାରା ।
ହିନ୍ଦୁ, ମୁସ୍ଲିମ୍, ଶିଖ, ଈସାଈ ଧର୍ମ ନହିଁ କୋଈ ନ୍ୟାରା ॥

ଯେପରିକି ପବିତ୍ର ହିନ୍ଦୁ ଧର୍ମର କାଲୁରାମ ମେହତାଙ୍କ ଘରେ କ୍ଷତ୍ରିୟ (ଅରୋଡ଼ା) କୁଳରେ ବାବା ନାନକଙ୍କର ଜନ୍ମ ହୋଇଥିଲା । ଶ୍ରୀ ବ୍ରଜଲାଲ ପାଣ୍ଡେଙ୍କଠାରୁ ଶ୍ରୀ ନାନକ ଦେବ ଗୀତା ଜ୍ଞାନ ସମ୍ବନ୍ଧରେ ଅବହିତ ହୋଇଥିଲେ ଏବଂ ତାଙ୍କ ନିର୍ଦ୍ଦେଶିତ ଭକ୍ତି କରୁଥିଲେ । ସେ ଶ୍ରୀ ବିଷ୍ଣୁ ଓ ଶ୍ରୀ ଶଙ୍କରଙ୍କ ପୂଜା ସହିତ ବର୍ତ୍ତମାନ ସମୟରେ ପ୍ରଚଳିତ ହିନ୍ଦୁ ଧର୍ମର ଅନ୍ୟ ସମସ୍ତ ଦେବତାଙ୍କର ଭକ୍ତି ମଧ୍ୟ କରୁଥିଲେ । ଶ୍ରୀ ନାନକ ସୁଲତାନପୁର ସହରର ନବାବଙ୍କ କୋଷାଗାରରେ ଚାକିରୀ କରୁଥିଲେ । ସେହି ସହରଠାରୁ ଅଧ ବା ଏକ କି.ମି. ଦୂରତା ଭିତରେ ପ୍ରବାହିତ ହେଉଥିବା ବେଈ ନାମକ ନଦୀରେ ନାନକ ଦେବ ପ୍ରତିଦିନ ସ୍ନାନ କରନ୍ତି । ଯେଉଁମାନେ ଦୃଢ଼ ଭକ୍ତ ହୋଇଥାନ୍ତି, ପରମାତ୍ମା ସେହି ଉତ୍ତମ ଆତ୍ମାମାନଙ୍କୁ ପ୍ରାପ୍ତ ହୋଇଥାନ୍ତି । (ଆପଣ ଏହି ପୁସ୍ତକରେ ଏହାର ଅଧିକ ପ୍ରମାଣ ପାଇବେ ।) ସେହି ବିଧାନ ଅନୁସାରେ ପରମାତ୍ମା, ଶ୍ରୀ ନାନକ ଦେବ ସାହେବଙ୍କୁ ପ୍ରାପ୍ତ ହୋଇଥିଲେ । ତାଙ୍କୁ ତତ୍ତ୍ୱଜ୍ଞାନ ପ୍ରଦାନ କରିଥିଲେ ଓ ଶାସ୍ତ୍ରାନୁକୂଳ ସତ୍ୟ ସାଧନା ବିଷୟରେ ମଧ୍ୟ ଜଣାଇ ଥିଲେ । ଶ୍ରୀ ନାନକଙ୍କ ସନ୍ତୁଷ୍ଟି ପାଇଁ ତାଙ୍କୁ ନିଜ ସାଥିରେ ଉପରେ ଥିବା ନିଜ ଶାଶ୍ୱତ ସ୍ଥାନ ଅର୍ଥାତ୍ 'ସତ୍ୟଖଣ୍ଡ'(ସଚ୍ଚଖଣ୍ଡ)କୁ ନେଇଗଲେ । ତାଙ୍କୁ ସମଗ୍ର ବ୍ରହ୍ମାଣ୍ଡରେ ବୁଲାଇ ଆଣି ଏବଂ ବାସ୍ତବିକ ଭକ୍ତି ବିଧି ଜଣାଇ 'ସନାତନ ଭକ୍ତି'କୁ ପୁନଃ ସ୍ଥାପିତ କରିବାକୁ ଆଦେଶ ଦେଲେ । ତିନିଦିନ ପରେ ଶ୍ରୀ ନାନକଙ୍କୁ ପୁଣି ମର୍ତ୍ତ୍ୟଭୂମିକୁ ପଠାଇ ଦେଲେ । ଏହାପରେ ଶ୍ରୀ ନାନକଜୀ ହିନ୍ଦୁ ଧର୍ମରେ ପ୍ରଚଳିତ ମନୋମୁଖୀ ପୂଜା ସାଧନାକୁ ବନ୍ଦ କରି ଗୀତା (ସପ୍ତଶ୍ଳୋକୀ ଗୀତା) ଶାସ୍ତ୍ରାନୁମୋଦିତ ସାଧନାର ପ୍ରଚାର କରି ଯଥାର୍ଥ ଭକ୍ତିର ପ୍ରଚାର କଲେ ।

ପରମାତ୍ମାଙ୍କ ସତ୍ୟ ସାଧନା କରିବା ପାଇଁ ସର୍ବପ୍ରଥମେ 'ଗୁରୁ' ଥିବା ପରମାବଶ୍ୟକ ଅଟେ । ଏହାର ପାଳନ କରିବାକୁ ଯାଇ ଶ୍ରୀ ନାନକ ଜୀ 'ଶିଷ୍ୟ' ବନାଇବା ଆରମ୍ଭ କଲେ ଏବଂ ସେ ସ୍ୱୟଂ ଗୁରୁ ପଦରେ ବିରାଜମାନ ଥିଲେ । ଶ୍ରୀ ନାନକଜୀଙ୍କ ଶିଷ୍ୟମାନଙ୍କୁ (ପଞ୍ଜାବୀ ଭାଷାରେ) ଶିଖ୍ କୁହନ୍ତି । ସେମାନଙ୍କର ସ୍ୱତନ୍ତ୍ର ପରିଚୟ ସୃଷ୍ଟି ହେବା ପରେ ବର୍ତ୍ତମାନରେ ସେହି ଅନୁଗାମୀମାନଙ୍କର ଗୋଷ୍ଠୀଟି ଗୋଟିଏ ଧର୍ମର ରୂପ ନେଲା । ହିନ୍ଦୁ ଏବଂ ଶିଖ୍ ନିଜ ନିଜ ମଧ୍ୟରେ ଧର୍ମ ନାମରେ ପରସ୍ପର ମଧ୍ୟରେ ଲଢ଼ିବା ବିବେକହୀନତା ଅଟେ ।

ବିବେଚନା :- ଯିଏ ବି ଭକ୍ତି କରୁନା କାହିଁକି, ଗୁରୁ ଗ୍ରହଣ କରିବା ପରମାବଶ୍ୟକ ଅଟେ । ସେହି ଗୁରୁ ମଧ୍ୟ ତତ୍ତ୍ୱଗୁରୁ ହୋଇଥିବେ ଯିଏକି ନିଜ ମୁଖ କମଳରେ ତତ୍ତ୍ୱଜ୍ଞାନ ଓ ସାଧନା-ବିଧି କହୁଥିବେ । ଶରୀରର ନାମ ଗୁରୁ ନୁହେଁ, ସେହି ଶରୀରରେ ଯେଉଁ ଆତ୍ମା ଅଛନ୍ତି ସେ ହିଁ ଗୁରୁ ଅଟନ୍ତି । ସେହି ଶରୀର ପାଞ୍ଚତତ୍ତ୍ୱର

ହୋଇଥାଉ ଅଥବା ଇଲେକ୍ଟ୍ରୋନିକ୍ (Video)ର ହୋଇଥାଉ, ତାଙ୍କୁ ତତ୍ତ୍ୱ ଗୁରୁ କୁହାଯାଇଥାଏ । ହିନ୍ଦୁମାନଙ୍କ ମଧ୍ୟରେ ଅଧିକାଂଶ ଶ୍ରଦ୍ଧାଳୁ ବିନା ଗୁରୁରେ ହିଁ ନିଜର ପାରମ୍ପରିକ ସାଧନା କରିଥାନ୍ତି । ସେହି ବିଗିଡ଼ି ଯାଇଥିବା ରୂପକୁ ଶ୍ରୀ ନାନକଜୀ ପରମାତ୍ମାଙ୍କଠାରୁ ପ୍ରାପ୍ତ ଜ୍ଞାନ ଦ୍ୱାରା ଠିକ୍ କରିଥିଲେ । ବର୍ତ୍ତମାନ ମଧ୍ୟ ଶିଖମାନଙ୍କ ମଧ୍ୟରେ ତତ୍ତ୍ୱଗୁରୁଙ୍କର ଅଭାବ ଅଛି । ଯେପରି ସୂକ୍ଷ୍ମବେଦରେ କୁହାଯାଇଛି (ସୂକ୍ଷ୍ମବେଦ କ'ଣ, ଆପଣ ଏହି ପୁସ୍ତକରୁ ଏବିଷୟରେ ଜାଣନ୍ତୁ) ଯେ :-

ରାମ-କୃଷ୍ଣ ସେ କୌନ ବଡ଼ା, ଉନ୍ହୋଁନେ ନେ ଭୀ ଗୁରୁ କୀହ୍ନ ।
ତିନ୍ ଲୋକ୍ କେ ୱେ ଧନୀ, ଗୁରୁ ଆଗେ ଆଧୀନ ॥

ଭାବାର୍ଥ - ଯେଉଁ ହିନ୍ଦୁ ଶ୍ରଦ୍ଧାଳୁମାନେ ବିନା ଗୁରୁରେ ମନୋମୁଖୀ ଆଚରଣ କରୁଛନ୍ତି, ସେମାନଙ୍କୁ କୁହାଯାଇଛି ଯେ ଆପଣ ଶ୍ରୀରାମ ଓ ଶ୍ରୀକୃଷ୍ଣଙ୍କ ଠାରୁ ଆଉ କାହାକୁ ତ ବଡ଼ ମାନନ୍ତି ନାହିଁ । ସେମାନେ କିନ୍ତୁ ତିନିଲୋକର ଧନୀ ଅର୍ଥାତ୍ ମାଲିକ ହୋଇ ମଧ୍ୟ ଗୁରୁ ଧାରଣ କରି ଭକ୍ତି କରୁଥିଲେ ତଥା ନିଜ ନିଜ ଗୁରୁଦେବଙ୍କ ଚରଣରେ ଦଣ୍ଡବତ ପ୍ରଣାମ କରୁଥିଲେ । (ଶ୍ରୀରାମ ଚନ୍ଦ୍ରଙ୍କ ଗୁରୁ ବଶିଷ୍ଠ ଋଷି ଥିଲେ ତଥା ଶ୍ରୀକୃଷ୍ଣଙ୍କ ଗୁରୁ ଦୁର୍ବାସା ଋଷି ଥିଲେ । ସନ୍ଦିପନୀ ଋଷି ତ ଅକ୍ଷର ଜ୍ଞାନ ପ୍ରଦାନକାରୀ ଅଧ୍ୟାପକ ଥିଲେ ଓ ଦୁର୍ବାସା ଋଷି, ଶ୍ରୀକୃଷ୍ଣଙ୍କ ଆଧ୍ୟାତ୍ମିକ ଗୁରୁ ଥିଲେ ।) ତେଣୁ ଆପଣମାନଙ୍କର କି ବୁନିୟାଦୀ ଅଛି ଯେ ଆପଣ ବିନା ଗୁରୁରେ ଭକ୍ତି କରି କଲ୍ୟାଣ ଚାହୁଁଛନ୍ତି । ସୂକ୍ଷ୍ମବେଦରେ ପୁନଶ୍ଚ କୁହାଯାଇଛି-

କବୀର, ଗୁରୁ ବିନ ମାଲା ଫେରତେ, ଗୁରୁ ବିନ ଦେତେ ଦାନ ।
ଗୁରୁ ବିନ ଦୋନୋଂ ନିଷ୍ଫଲ ହୈଂ, ଭାବେଂ ପୂଛୋ ବେଦ ପୁରାଣ ॥

ଏହି ପୁସ୍ତକରେ ଆପଣଙ୍କୁ ଆହୁରି ମଧ୍ୟ ଅନେକ ଭକ୍ତିର ଗୁରୁ ମିଳିବେ ତଥା ଯଥାର୍ଥ ଅଧ୍ୟାତ୍ମିକ ଜ୍ଞାନ ଓ ସାଧନା ବିଷୟରେ ମଧ୍ୟ ଜାଣିବାକୁ ମିଳିବ । ମୁଁ ଆଶା କରୁଛି ଯେ ଏହି ପୁସ୍ତକଟି ମାନବର କଲ୍ୟାଣ କରିବ । ମୋର ପରମେଶ୍ୱରଙ୍କ ନିକଟରେ ସବିନୟ ପ୍ରାର୍ଥନା, ହେ ପରମାତ୍ମା ! ଆପଣ ମୋ ପରି ଦାସର ଏହି ପ୍ରଯତ୍ନକୁ ସଫଳ କରିବେ । ସମସ୍ତ ପ୍ରାଣୀ ଆପଣଙ୍କର ସନ୍ତାନ, ଆପଣଙ୍କର ଆତ୍ମା ଅଟନ୍ତି । ଏମାନଙ୍କୁ ବାସ୍ତବିକ ଭକ୍ତିମାର୍ଗ ବୋଧଗମ୍ୟ ହେଉ ତଥା ସମସ୍ତ ମନୁଷ୍ୟ, ନିଜର ଜୀବନକୁ ଧନ୍ୟ କରନ୍ତୁ । ବିଶ୍ୱରେ ଶାନ୍ତି ପ୍ରତିଷ୍ଠିତ ହେଉ ।

'ସତ୍ ସାହେବ୍'

ତାରିଖ - ୦୮.୦୯.୨୦୧୨

ଲେଖକ
ସନ୍ଥ ରାମପାଲ୍ ଦାସ ମହାରାଜ
ସତ୍‌ଲୋକ ଆଶ୍ରମ, ବରୱାଲା, ହରିୟାଣା (ଭାରତ)

### ଦୁଇପଦ

*ଜୀବ ହମାରୀ ଜାତି ହେ, ମାନବ ଧର୍ମ ହମାରା*
*ହିନ୍ଦୁ, ମୁସ଼୍ଲିମ, ଶିଖ, ଈସାଇ, ଧର୍ମ ନହୀଁ କୋଇ ନ୍ୟାରା ॥*

ଶ୍ରୀମଦ୍ଭଗବତ୍ ଗୀତାର ଜ୍ଞାନକୁ ଯେଉଁ ସମୟରେ (ସନ ୨୦୧୨ ରୁ ପ୍ରାୟ ୫୫୫୦ ବର୍ଷ ପୂର୍ବେ) କୁହାଯାଇଥିଲା ସେତେବେଳେ ଅନ୍ୟ କୌଣସି ଧର୍ମ ନଥିଲା । ହିନ୍ଦୁଧର୍ମ ଅର୍ଥାତ୍ ଆଦି ଶଙ୍କରାଚାର୍ଯ୍ୟଙ୍କ ଦ୍ୱାରା ପ୍ରଚଳିତ ପଞ୍ଚଦେବ-ଉପାସନା ପରମ୍ପରାକୁ ଆପଣେଇ ଥିବା ବ୍ୟକ୍ତି ସମୁଦାୟ ହିନ୍ଦୁ ଭାବେ କଥିତ ହେଉଥିଲେ । (ବାସ୍ତବରେ ଏହା ସନାତନ ମାର୍ଗ ଅଟେ ଯାହାକି ଲକ୍ଷ ଲକ୍ଷ ବର୍ଷ ଧରି ଚାଲି ଆସୁଅଛି ।) ତାହାର(ହିନ୍ଦୁ ଧର୍ମ) ସ୍ଥାପନା ଆଦି (ପ୍ରଥମ) ଶଙ୍କରାଚାର୍ଯ୍ୟ ସନ ୨୦୧୨ ଠାରୁ ୨୫୦୦ ବର୍ଷ ପୂର୍ବେ କରିଥିଲେ । ଆଦି ଶଙ୍କରାଚାର୍ଯ୍ୟଙ୍କର ଜନ୍ମ ଈଶା ମସୀହାଙ୍କ ଜନ୍ମ ଠାରୁ ୫୦୮ ବର୍ଷ ପୂର୍ବେ ହୋଇଥିଲା । ଶଙ୍କରାଚାର୍ଯ୍ୟଙ୍କୁ ମାତ୍ର ଆଠ ବର୍ଷର ଆୟୁରେ ଉପନିଷଦର ଜ୍ଞାନ ପ୍ରାପ୍ତ ହୋଇ ଯାଇଥିଲା ଓ ଷୋହଳ ବର୍ଷର ଆୟୁରେ ସେ ଜଣେ ବୈରାଗୀ ସାଧୁଙ୍କ ନିକଟରୁ ଦୀକ୍ଷା ଗ୍ରହଣ କରିଥିଲେ ଯିଏ କି ଗୁମ୍ଫା ଭିତରେ ରହୁଥିଲେ । ସେ ବହୁତ ଦିନ ପର୍ଯ୍ୟନ୍ତ ଗୁମ୍ଫା ଭିତରୁ ବାହାରକୁ ବାହାରୁ ନଥିଲେ । ସେହି ମହାତ୍ମା ଜଣକ ଆଦି ଶଙ୍କରାଚାର୍ଯ୍ୟଙ୍କୁ "ଜୀବ ହିଁ ବ୍ରହ୍ମ ଅଟେ" (ଅୟମ୍ ଆତ୍ମା ବ୍ରହ୍ମ)ର ପାଠ ପଢାଇଲେ ଏବଂ ଚାରି ବେଦରେ ଏହା ହିଁ ଉଲ୍ଲିଖିତ ବୋଲି ପ୍ରମାଣ ସ୍ୱରୂପ ବୁଝାଇଦେଲେ । ଲୋକମାନେ ଆଦି ଶଙ୍କରାଚାର୍ଯ୍ୟଙ୍କୁ ପ୍ରଶ୍ନ କଲେ ଯେ, ଯଦି ଜୀବ ହିଁ ବ୍ରହ୍ମ ତେବେ ପୂଜା କରିବାର କି ଆବଶ୍ୟକତା ଅଛି ? ଆପଣ ବି ବ୍ରହ୍ମ ଅଟନ୍ତି, ଆମ୍ଭେମାନେ ମଧ୍ୟ ବ୍ରହ୍ମ ଅଟୁଁ (ବ୍ରହ୍ମର ଅର୍ଥ ପରମାତ୍ମା) । ଏହି ପ୍ରଶ୍ନରେ ଆଦି ଶଙ୍କରାଚାର୍ଯ୍ୟ ଅଡୁଆରେ ପଡିଗଲେ ଏବଂ ନିଜ ବିବେକାନୁସାରେ ମତବ୍ୟକ୍ତ କରି କହିଲେ ଯେ ଆପଣମାନେ ଶ୍ରୀ ବିଷ୍ଣୁ, ଶ୍ରୀ ଶଙ୍କରଙ୍କ ଭକ୍ତି କରନ୍ତୁ ।

ତା'ପରେ ସେ ପାଞ୍ଚଜଣ ଦେବତାଙ୍କୁ ଭକ୍ତି କରିବାର ନିୟମକୁ ଜନସମାଜରେ ପ୍ରଚଳିତ କଲେ । ଯଥା :- ୧. ଶ୍ରୀ ବ୍ରହ୍ମା, ୨. ଶ୍ରୀ ବିଷ୍ଣୁ, ୩. ଶ୍ରୀ ଶିବ, ୪. ଶ୍ରୀ ଦେବୀ, ୫. ଶ୍ରୀ ଗଣେଶ । ପରନ୍ତୁ ମୂଳ ଇଷ୍ଟ ଦେବ ରୂପେ ତମୋଗୁଣୀ ଶଙ୍କରଙ୍କୁ ହିଁ ମାନିଥିଲେ । ସେ ଏହି ନିୟମକୁ ଖ୍ରୀ.ପୂ. ୪୮୮ରେ ପ୍ରଚଳନ କରି (ଯେତେବେଳେ ତାଙ୍କର ଆୟୁ ୨୦ ବର୍ଷ ହୋଇଥିଲା) ହିନ୍ଦୁ ଧର୍ମର ସ୍ଥାପନା କରିଥିଲେ । ଏହାର ପ୍ରଚାର ପାଇଁ ସେ ଭାରତ ବର୍ଷର ଚାରୋଟି ଦିଗରେ ଗୋଟିଏ ଗୋଟିଏ ଶଙ୍କର ମଠର ସ୍ଥାପନା କଲେ । ଆଦି ଶଙ୍କରାଚାର୍ଯ୍ୟ ୧. ଗିରି ସାଧୁ ବନାଇଥିଲେ, ଯେଉଁମାନେ ପର୍ବତ ଉପରେ ବାସକରୁଥିବା ଲୋକମାନଙ୍କ ମଧ୍ୟରେ ଏହି ଧର୍ମକୁ ଦୃଢୀଭୂତ କରୁଥିଲେ । ୨. ପୁରୀ ସାଧୁ ବନାଇଲେ, ଯେଉଁମାନେ ଗ୍ରାମ-ଗ୍ରାମକୁ ଯାଇ ନିଜର ଧର୍ମ ବିଷୟରେ ଶ୍ରଦ୍ଧାଳୁମାନଙ୍କୁ ଜଣାଇ ଧାର୍ମିକ କ୍ରିୟା କରାଉଥିଲେ । ୩. ସନ୍ନ୍ୟାସୀ ସାଧୁ ବନାଇଲେ, ଯେଉଁମାନେ ବୈରାଗୀ ହୋଇ ଲୋକମାନଙ୍କୁ ପ୍ରଭାବିତ କରି ନିଜ ବର୍ଗରେ ସାମିଲ୍ କରାଉଥିଲେ । ୪. ବାନପ୍ରସ୍ଥୀ ସାଧୁ ବନାଇଲେ, ଯେଉଁମାନେ ବଣରେ ରହୁଥିବା ଲୋକମାନଙ୍କୁ ନିଜର ମତ ଶୁଣାଇ ନିଜ ସହିତ ଯୋଡୁ ଥିଲେ । ସେମାନେ ବେଦ (ଋଗ୍ବେଦ, ଯଜୁର୍ବେଦ, ସାମବେଦ ଏବଂ ଅଥର୍ବବେଦ) ଏବଂ ଗୀତା ଓ ପୁରାଣ ତଥା ଉପନିଷଦଗୁଡ଼ିକୁ ସତ୍ୟଜ୍ଞାନଯୁକ୍ତ ପୁସ୍ତକ ବୋଲି ବିବେଚନା କରୁଥିଲେ ଯେଉଁଗୁଡିକୁ ଆଜି ପର୍ଯ୍ୟନ୍ତ ହିନ୍ଦୁ ଧର୍ମର ଶ୍ରଦ୍ଧାଳୁମାନେ ସତ୍ୟ ବୋଲି ଗ୍ରହଣ କରୁଅଛନ୍ତି । ଏହି ଭଳି ହିନ୍ଦୁ ଧର୍ମର ସ୍ଥାପନା ଖ୍ରୀ.ପୂ. ୪୮୮ (ସନ ୨୦୧୨ ରୁ ୨୫୦୦ ବର୍ଷ ପୂର୍ବେ)ରେ ହୋଇଥିଲା । ଆଦି ଶଙ୍କରାଚାର୍ଯ୍ୟ ୩୦ ବର୍ଷ ଆୟୁରେ ଏକ ଅସାଧ୍ୟ ରୋଗରେ ପିଡୀତ ହୋଇ ଭଗବାନ ଶଙ୍କରଙ୍କ ଲୋକକୁ ପ୍ରତ୍ୟାବର୍ତ୍ତନ କରିଥିଲେ, କାରଣ ସେ ଶଙ୍କରଙ୍କ ଉପାସକ ଥିଲେ ଓ ସେହି ଲୋକରୁ ଏହି ଧର୍ମର ସ୍ଥାପନା ପାଇଁ ପ୍ରେରିତ ହୋଇ ଆସିଥିଲେ ବୋଲି ଗ୍ରହଣ କରାଯାଇଛି । ସେ ସମୟରେ ବୌଦ୍ଧ ଧର୍ମ କ୍ଷିପ୍ର ଗତିରେ ପ୍ରସାରିତ ହେଉଥିଲା । ଏହି ବୌଦ୍ଧ ଧର୍ମକୁ ଆଦି ଶଙ୍କରାଚାର୍ଯ୍ୟ ଭାରତ ବର୍ଷରେ ପ୍ରସାରିତ ହେବାରୁ ଅଟକାଇ

ଥଲେ । ଯଦି ସେତେବେଳେ ବୌଦ୍ଧ ଧର୍ମ ପ୍ରସାରିତ ହୋଇ ଯାଇଥାନ୍ତା ତେବେ ଚୀନ୍ ଦେଶ ଭଳି ଭାରତବାସୀ ମଧ୍ୟ ନାସ୍ତିକ ହୋଇ ଯାଇଥାନ୍ତେ ।

୨. ଇସାଇ ଧର୍ମର ସ୍ଥାପନା :- ଶ୍ରୀ ଇସା ମସୀହଙ୍କଠାରୁ ଇସାଇ ଧର୍ମର ସ୍ଥାପନା ହୋଇଛି । ଯେତେବେଳେ ଇସାଙ୍କୁ ୩୨ ବର୍ଷ ବୟସ ହୋଇଥିଲା, ସେତେବେଳେ ବିରୋଧୀ ଧର୍ମଗୁରୁମାନେ ଗଭର୍ଣ୍ଣରଙ୍କ ଉପରେ ଚାପ ପ୍ରୟୋଗ କରି ତାଙ୍କ ଶରୀରରେ ଲୁହାକଣ୍ଟା ପିଟି କ୍ରୁଶବିଦ୍ଧ କରି ମରାଇ ଦେଇଥିଲେ ।

ଇସା ଜୀଙ୍କୁ ସେହି ପ୍ରଭୁ; "ଇଞ୍ଜିଲ୍" ନାମକ ଗ୍ରନ୍ଥ ପ୍ରଦାନ କରି ଧରାପୃଷ୍ଠରେ ଛାଡିଥିଲେ, ଯିଏକି ଗୀତା ଓ ବେଦାଦିର ଜ୍ଞାନ ପ୍ରଦାନ କରିଥିଲେ । "ଇଞ୍ଜିଲ୍" ପୁସ୍ତକରେ କିଛି ଅଲଗା ଜ୍ଞାନ ନାହିଁ, କାରଣ ଆଧାତ୍ମିକ ଜ୍ଞାନ ତ ପ୍ରଥମରୁ ଗୀତା, ବେଦରେ କୁହା ଯାଇ ସାରିଥିଲା । ତାହା କୌଣସି ଗୋଟିଏ ଧର୍ମ ବିଶେଷ ପାଇଁ ନୁହେଁ । ସେହି ଗୀତା ଓ ବେଦର ଜ୍ଞାନ ସମସ୍ତ ମାନବ ଜାତିର କଲ୍ୟାଣ ପାଇଁ ହିଁ ନିହିତ । ଇସାଜୀଙ୍କ ପରଲୋକ ଗମନର ପ୍ରାୟ ଛ'ଶହ ବର୍ଷ ପରେ ହଜ୍‌ରତ୍ ମୁହମ୍ମଦଜୀ ଇସ୍ଲାମ ଧର୍ମର ସ୍ଥାପନା କରିଥିଲେ । ମୁହମ୍ମଦଜୀଙ୍କୁ ପବିତ୍ର "କୁରାନ୍-ଶରୀଫ୍" ଗ୍ରନ୍ଥ ସେହି ବ୍ରହ୍ମ ହିଁ ପ୍ରଦାନ କରିଥିଲେ । ଏଥିରେ ମଧ୍ୟ ଭକ୍ତି କରିବାର ସମ୍ପୂର୍ଣ୍ଣ ନିୟମ ନାହିଁ, ଏଥିରେ ସାଙ୍କେତିକ ରୂପରେ ପ୍ରଦାନ କରାଯାଇଛି, କାରଣ ଭକ୍ତି ପାଇଁ ଯେଉଁ ଜ୍ଞାନ ଆବଶ୍ୟକ ତାହା ବେଦରେ ଓ ଗୀତାରେ ପୂର୍ବରୁ କୁହା ସରିଥିଲା । ଏଥି ଯୋଗୁଁ କୁରାନ୍ ଶରୀଫ ଗ୍ରନ୍ଥରେ ପୁଣି ସେହି ଜ୍ଞାନକୁ ବିତରଣ କରିବା ଅନାବଶ୍ୟକ ଥିଲା । ଯେପରି ଗୀତାର ଚତୁର୍ଥ ଅଧ୍ୟାୟ, ଶ୍ଳୋକ ୩୪ ରେ; ଯଜୁର୍ବେଦର ୪୦ ଅଧ୍ୟାୟ, ମନ୍ତ୍ର ୧୦ ରେ କୁହାଯାଇଛି ଯେ ପୂର୍ଣ୍ଣ ପରମାତ୍ମା, ଯିଏକି ସର୍ବ ସୃଷ୍ଟିକୁ ସଂରଚନା କରିଛନ୍ତି, ତାଙ୍କ ବିଷୟରେ କୌଣସି ତତ୍ତ୍ୱଦର୍ଶୀ ସନ୍ଥଙ୍କୁ ପଚାରି ବୁଝ । ସେହି ତତ୍ତ୍ୱଦର୍ଶୀ ସନ୍ଥ ହିଁ ଠିକ୍ ଠିକ୍ ଜ୍ଞାନ ଏବଂ ଭକ୍ତିବିଧି ସମ୍ବନ୍ଧରେ ନିର୍ଦ୍ଦେଶ ଦେବେ । ଯେଉଁ ସନ୍ଥ ସେହି ପୂର୍ଣ୍ଣ ପରମାତ୍ମାଙ୍କ ସମ୍ବନ୍ଧରେ ଅବଗତ ସେହି ସନ୍ଥ ସତ୍ୟ ସାଧନା ସମ୍ବନ୍ଧରେ ମଧ୍ୟ ଅବଗତ ।

ବାଇବେଲ ଗ୍ରନ୍ଥର ଜ୍ଞାନ ମଧ୍ୟ ଗୀତା-ଜ୍ଞାନଦାତା ହିଁ ପ୍ରଦାନ କରିଛନ୍ତି(ବାଇବେଲ ଗ୍ରନ୍ଥ ତିନୋଟି ପୁସ୍ତକର ସମଷ୍ଟି ଅଟେ-୧ ଜବୂର, ୨ ତୌରତ, ୩- ଇଞ୍ଜିଲ) । ବାଇବେଲ୍ ଗ୍ରନ୍ଥର ଉତ୍ପତ୍ତି ସମ୍ବନ୍ଧରେ ଗ୍ରନ୍ଥର ପ୍ରାରମ୍ଭରେ ଲେଖାହୋଇଛି ଯେ ପରମେଶ୍ୱର ମଣିଷକୁ ନିଜ ରୂପ ଅର୍ଥାତ୍ ସ୍ୱରୂପ ଅନୁସାରେ ଉତ୍ପନ୍ନ କରିଛନ୍ତି, ନର-ନାରୀ ରୂପରେ ଉତ୍ପନ୍ନ କରିଛନ୍ତି । ଛଅ ଦିନରେ ସୃଷ୍ଟିର ସଂରଚନା କରି ସାରିବା ପରେ ପରମେଶ୍ୱର ସପ୍ତମ ଦିନରେ ବିଶ୍ରାମ କରିଥିଲେ ।

କୁରାନ୍ ଶରୀଫ୍:- ପୁସ୍ତକ କୁରାନ୍ ଶରୀଫ୍‌ରେ ସୁରତି ଫୁର୍କାନି ନଂ ୨୫- ଆୟତ ନଂ ୫୨ ରୁ ୫୯ ମଧ୍ୟରେ କୁହାଯାଇଛି ଯେ, ଆଲ୍ଲାହ କବୀର ଛଅ ଦିନରେ ସୃଷ୍ଟି ସଂରଚନା କଲେ, ତା'ପରେ ଯାଇ ଆକାଶ ଉପରେ ସିହଂାସନରେ ବିରାଜମାନ ହେଲେ । ସେହି ପରମେଶ୍ୱରଙ୍କ ବିଷୟରେ ଠିକ୍ ଖବର କୌଣସି ବେତ୍ତା ଅର୍ଥାତ୍ ତତ୍ତ୍ୱଦର୍ଶୀ ସନ୍ଥଙ୍କ ନିକଟରୁ ସବିନୟ ଶ୍ରବଣ କର । କୁରାନର ଲେଖାରୁ ସ୍ପଷ୍ଟ ପ୍ରତୀତ ହୁଏ ଯେ, କୁରାନ ଶରୀଫର ଜ୍ଞାନଦାତା ମଧ୍ୟ ସେହି ପୂର୍ଣ୍ଣ ପରମାତ୍ମା ଅର୍ଥାତ୍ ଅଲ୍ଲାହୁ ଅକବର୍ (ଅଲ୍ଲାହ କବୀର୍)ଙ୍କ ବିଷୟରେ ସମ୍ପୂର୍ଣ୍ଣ ଜ୍ଞାନ ପ୍ରାପ୍ତ ନୁହେଁ ।

କୁରାନ୍ ଶରୀଫର ସୁରତି ୪୨ର ପ୍ରଥମ ଆୟତରେ ସେହି ତିନୋଟି ମନ୍ତ୍ର ସମ୍ବନ୍ଧରେ ସାଙ୍କେତିକ ଜ୍ଞାନ ଉଲ୍ଲିଖିତ ଯାହାକି ଗୀତାର ସପ୍ତଦଶ ଅଧ୍ୟାୟ ଶ୍ଳୋକ ୨୩ରେ ଲିଖିତ । ସେଥିରେ କୁହାଯାଇଛି ଯେ, ବ୍ରହ୍ମଣଃ ଅର୍ଥାତ୍ ସଚ୍ଚିଦାନନ୍ଦ-ଘନ ବ୍ରହ୍ମଙ୍କ ଭକ୍ତି ପାଇଁ "ଓଁ-ତତ୍-ସତ୍" ତିନୋଟି ନାମର ସ୍ମରଣ କର ।

କୁରାନ୍ ଶରୀଫରେ ସୁରତି ୪୨ର ପ୍ରଥମ ଆୟତରେ ଏହି ତିନୋଟି ମନ୍ତ୍ରକୁ ସାଙ୍କେତିକ ଭାବରେ ଏହି ପ୍ରକାର ଲେଖାଯାଇଛି:- "ଐନ୍-ସୀନ୍-କାଂଫ"

"ଐନ୍" ହିନ୍ଦୀର "ଅ" ଅକ୍ଷର ଅଟେ ଯାହାର ସଙ୍କେତ 'ଓଁ' କୁ ନିର୍ଦ୍ଦେଶିତ କରିଥାଏ । ଐନ୍‌ର ଭାବାର୍ଥ ଓମ୍ ସହିତ ସମାନ ଅଟେ, ସୀନ = ସ ଅର୍ଥାତ୍ ଯାହା ଗୀତା ସପ୍ତଦଶ ଅଧ୍ୟାୟ ଶ୍ଳୋକ ୨୩ରେ

ଲିଖିତ ଦ୍ୱିତୀୟ ମନ୍ତ୍ର 'ତତ୍' ଅଟେ, ତାହାର ଯେଉଁ ମୂଳ ମନ୍ତ୍ର, ତା'ର ପ୍ରଥମ ଅକ୍ଷର "ସ" ଅଟେ, ଏହି ଓମ୍+ସୀନ୍ ବା 'ତତ୍' ମିଶି ଦୁଇ ନାମ ବିଶିଷ୍ଟ ସତ୍‌ନାମ ମନ୍ତ୍ର ହୋଇଥାଏ ଏବଂ କୁରାନ୍ ଶରୀଫ୍‌ରେ ଯେଉଁ ତୃତୀୟ ମନ୍ତ୍ର ଟି "କାଫ୍" = "କ" ଅଟେ, ଯାହାକି ଗୀତାର ସପ୍ତଦଶ ଅଧ୍ୟାୟ ଶ୍ଳୋକ ୨୩ରେ ଲେଖାଥିବା ତିନୋଟି ନାମ (ମନ୍ତ୍ର) ମଧ୍ୟରୁ ଶେଷରେ ଥିବା "ସତ୍" ମନ୍ତ୍ର ଅଟେ । (ଯେପରି ପଞ୍ଜାବୀ ଗୁରୁମୁଖୀ ଲିପିରେ 'କ' କୁ କକା, 'ଖ' କୁ ଖଖା ଏବଂ 'ଗ' କୁ ଗଗା, 'ଉ' କୁ ଉଡା, 'ଇ' କୁ ଇଡ଼ା କୁହନ୍ତି ଏବଂ ଲେଖନ୍ତି ଠିକ୍ ସେହି ପ୍ରକାର କୁରାନରେ ଅ, ସ, କ କୁ ଲେଖାଯାଇଛି) ।

"ସତ୍" ମନ୍ତ୍ର ସାଙ୍କେତିକ ଅଟେ ପରନ୍ତୁ ଯେଉଁଟା ପ୍ରକୃତ ମନ୍ତ୍ର, ତାହାର ପ୍ରଥମ ଅକ୍ଷର "କ" ଅଟେ (ତାହାର "କରୀମ୍" ମନ୍ତ୍ର ଅଟେ) ଯାହାକୁ ସାରନାମ ମଧ୍ୟ କୁହାଯାଏ । ଯେଉଁ ଭକ୍ତମାନଙ୍କୁ ମୋ (ସନ୍ଥ ରାମପାଲ ଦାସ) ଠାରୁ ତିନୋଟି ମନ୍ତ୍ରର ଉପଦେଶ ପ୍ରାପ୍ତ ହୋଇଛି, ସେମାନେ ସେହି ଦୁଇଟି ସାଙ୍କେତିକ ମନ୍ତ୍ରର ପ୍ରକୃତ ଅର୍ଥ (ମନ୍ତ୍ର)କୁ ଜାଣିଛନ୍ତି ।

''ସମସ୍ତ ଗ୍ରନ୍ଥରେ କେତେକ ସମାନତା''

ବାଇବେଲ୍ ଗ୍ରନ୍ଥର ଉତ୍ପତ୍ତି ଗ୍ରନ୍ଥରେ ଏହା ମଧ୍ୟ କୁହାଯାଇଛି ଯେ "ଯେତେବେଳେ 'ଆଦମ୍' ଏବଂ ତାଙ୍କ ଧର୍ମପତ୍ନୀ 'ହଓ୍ୱା' ଦୁହେଁ ମିଶି ବଗିଚାର ମଝିରେ ଥିବା ବୃକ୍ଷର ଫଳକୁ ଭକ୍ଷଣ କଲେ ସେତେବେଳେ ସେମାନଙ୍କୁ ଭଲ-ମନ୍ଦ ବିଷୟରେ ଜ୍ଞାନ ହୋଇଗଲା । ସନ୍ଧ୍ୟାବେଳେ, ପ୍ରଭୁ ଉଦ୍ୟାନ ମଧ୍ୟକୁ ଭ୍ରମଣ ନିମନ୍ତେ ଆସିବାରୁ ଜଣାପଡ଼ିଗଲା ଯେ ଆଦମ୍ ଏବଂ ହଓ୍ୱା ଉଭୟ ଭଲ-ମନ୍ଦ ଜ୍ଞାନ ପ୍ରଦାନକାରୀ ବୃକ୍ଷର ଫଳ ଭକ୍ଷଣ କରିଛନ୍ତି ଏବଂ ସେହି ପ୍ରଭୁ କହିଲେ ଯେ, "ଭଲ-ମନ୍ଦ ଜ୍ଞାନ ହୋଇଯିବା ଯୋଗୁଁ ଆଦମ୍ ଓ ତାଙ୍କ ପତ୍ନୀ ଆମ୍ଭମାନଙ୍କ ସମକକ୍ଷ ହୋଇଗଲେ । ଏବେ ଏମିତି ନ ହେଉ, ଅମୃତ ବୃକ୍ଷର ଫଳକୁ ମଧ୍ୟ ସେମାନେ ଭକ୍ଷଣ କରନ୍ତୁ, ଯେଉଁ ଫଳଟି ଅମର କରିଥାଏ ଏବଂ ସେମାନେ ଯେମିତି ଅମର ହୋଇ ନଯାଆନ୍ତୁ । ଏହି କାରଣରୁ ସେହି ପ୍ରଭୁ ଆଦମ୍ ଓ ତାଙ୍କ ପତ୍ନୀଙ୍କୁ ସ୍ୱର୍ଗର ବଗିଚାରୁ ବାହାର କରି ପୃଥିବୀ ଉପରେ ଛାଡ଼ିଦେଲେ ।" (ଲେଖା ସମାପ୍ତ)

ବିବେଚନା:- ଏଥିରୁ ପ୍ରମାଣିତ ହେଲା ଯେ, "ପ୍ରଭୁ, ଏକରୁ ଅଧିକ ଅଟନ୍ତି" କାରଣ ପ୍ରଭୁ ଉପରେ ଥିବାବେଳେ କହିଲେ ଯେ ଭଲ-ମନ୍ଦର ଜ୍ଞାନ ହୋଇଯିବା କାରଣରୁ ଏହି ଦୁଇଜଣ ଆମ୍ଭମାନଙ୍କ ସହିତ ସମକକ୍ଷ ହୋଇ ଯାଇଛନ୍ତି । ପୁଣି ବାଇବେଲ୍ ଗ୍ରନ୍ଥରେ କହିଛନ୍ତି ଯେ "ଅବ୍ରାହିମ୍", ମାମରେ ନାମକ ବୃକ୍ଷ ତଳେ ବସିଥିଲା । ତାହାକୁ ତିନିଜଣ ପ୍ରଭୁ ଦେଖିବାକୁ ଦୃଶ୍ୟମାନ ହେଲେ, ସେମାନଙ୍କୁ ସେ ଖାଦ୍ୟ ଖୁଆଇଲା, ଦଣ୍ଡବତ୍ ପ୍ରମାଣ କରି ଆଶୀର୍ବାଦ ନେଲା । ଏଥିରୁ ପ୍ରମାଣିତ ହେଉଛି ଯେ, ବାଇବେଲରେ ତିନିଜଣ ପ୍ରଭୁଙ୍କୁ ସ୍ୱୀକାର କରାଯାଇଛି ।

ମୁସଲମାନ ଧର୍ମରେ "ଚାର୍ ୟାରୀ" ଗ୍ରହଣ କରାଯାଇଛି, ଯେଉଁମାନେ କି ବାଳକ ରୂପରେ ରୁହନ୍ତି । ସୂକ୍ଷ୍ମବେଦ ଅର୍ଥାତ୍ ତତ୍ତ୍ୱଜ୍ଞାନରେ ସେମାନଙ୍କ ବିଷୟରେ କୁହାଯାଇଛି ଯେ:-

*ଓ୍ୱହୀ ସନକ ସନନ୍ଦନା, ଓ୍ୱହୀ ଚାର୍ ୟାରୀ ।*
*ତତ୍ତ୍ୱଜ୍ଞାନ ଜାନେ ବିନା , ବିଗଡ଼ୀ ବାତ ସାରୀ ।।*

ଭାବାର୍ଥ:- ହିନ୍ଦୁ ଧର୍ମରେ ଯେଉଁମାନେ ସନକ, ସନନ୍ଦନ, ସନାତନ ଓ ସନତକୁମାର ବାଳକ ରୂପରେ ଅଛନ୍ତି, ସେମାନେ ବ୍ରହ୍ମାଙ୍କର ଚାରି ମାନସ ପୁତ୍ର ଅଟନ୍ତି । ମୁସଲମାନ ଧର୍ମରେ ତାଙ୍କୁ ହିଁ "ଚାର୍ ୟାରୀ" ଚାରିଜଣ ବାଳକ (ମିତ୍ର) ବୋଲି କୁହନ୍ତି ।

ପୁଣି ସୂକ୍ଷ୍ମବେଦରେ କୁହାଯାଇଛି ଯେ:-

*ଓ୍ୱହୀ ମୋହମ୍ମଦ୍ ଓ୍ୱହୀ ମହାଦେବ, ଓ୍ୱହୀ ଆଦମ ଓ୍ୱହୀ ବ୍ରହ୍ମା ।*
*ଦାସ ଗରୀବ ଦୁସରା କୋଈ ନହୀଁ, ଦେଖ ଅପନେ ଘରମା ।।*

ଭାବାର୍ଥ:- ମୁସଲମାନ ଧର୍ମର ପ୍ରବର୍ତ୍ତକ ହଜ୍‌ରତ୍ ମୁହମ୍ମଦ୍‌ଜୀ, ଭଗବାନ ଶିବଙ୍କ ଲୋକରୁ ଆସିଥିଲେ ।

ସେ ଜଣେ ପୁଣ୍ୟକର୍ମୀ ଆତ୍ମା ଥିଲେ ଏବଂ ଗୁମ୍ଫା ଭିତରେ ବସି ପରମ୍ପରାଗତ ସାଧନା କରୁଥିଲେ । ସେ ଶିବଙ୍କର ଜଣେ ଗଣ, ଯିଏକି ଏଗାର ଜଣ ରୂଦ୍ରମାନଙ୍କ ମଧ୍ୟରୁ ଜଣେ ଅଟନ୍ତି, ସେହି ଗଣ ଜଣକ, ମୁହମ୍ମଦଙ୍କୁ ସେହି ଗୁମ୍ଫା ଭିତରେ ଦେଖା ଦେଇଥିଲେ ଏବଂ ତାଙ୍କରି ଭାଷା (ଆରବୀ ଭାଷା)ରେ ହିଁ କାଳପ୍ରଭୁ ଅର୍ଥାତ୍ ବ୍ରହ୍ମଙ୍କ ସଂଦେଶ ଶୁଣାଇଲେ । ସେହି ରୂଦ୍ରଙ୍କୁ ମୁସଲମାନମାନେ 'ଜବ୍ରିଲ୍ ଫରିସ୍ତା' ବୋଲି କୁହନ୍ତି ଯିଏକି ଭଲ ଫରିସ୍ତା ରୂପେ ପରିଗଣିତ ।

ଭାବାର୍ଥ ହେଉଛି, ହଜରତ୍ ମୁହମ୍ମଦ୍ ମଧ୍ୟ ଶିବଙ୍କ ସନ୍ତାନ ଅଟନ୍ତି । ମୁସଲମାନ ଧର୍ମର ପବିତ୍ର ତୀର୍ଥ ସ୍ଥଳ ଯେଉଁ "କାବା" ଅଟେ, ସେଠାରେ ଭଗବାନ ଶଙ୍କରଙ୍କ ଲିଙ୍ଗ ଆକାରର ଯେଉଁ ପ୍ରସ୍ତର ରହିଛି, ତାହାକୁ ମୁସଲମାନ ଶ୍ରଦ୍ଧାଳୁ ସିଜ୍‌ଦା ଅର୍ଥାତ୍ ପ୍ରଣାମ କରିଥାନ୍ତି ।

୨. ଆଦମ୍ ବାବା:- ପୁରାଣ ଓ ଜୈନ ଧର୍ମଗ୍ରନ୍ଥରେ ଗୋଟିଏ ପ୍ରସଙ୍ଗ ରହିଛି ଯାହା ଏହି ପ୍ରକାରର:- ଋଷଭଦେବ ରାଜା ନାଭି ରାଜଙ୍କର ପୁତ୍ର ଥିଲେ ଏବଂ ନାଭି ରାଜ ଅଯୋଧ୍ୟାର ରାଜା ଥିଲେ । ଋଷଭଦେବଙ୍କର ଶହେଜଣ ପୁତ୍ର ଏବଂ ଜଣେ ମାତ୍ର କନ୍ୟା ଥିଲେ । ଦିନେ ପରମେଶ୍ୱର ଜଣେ ସନ୍ଥ ରୂପରେ ଋଷଭଦେବଙ୍କୁ ଦର୍ଶନ ଦେଲେ । ତାଙ୍କୁ ଭକ୍ତି କରିବା ପାଇଁ ପ୍ରେରଣା ଦେଲେ ଏବଂ ଏହି ଜ୍ଞାନ ଶୁଣାଇଲେ ଯେ, ମନୁଷ୍ୟ ଶରୀର ଧାରଣ କରି ଯଦି ଶାସ୍ତ୍ର ନିୟମାନୁସାରେ ସାଧନା (ପୂଜା) କରିବ ନାହିଁ ତେବେ ମନୁଷ୍ୟ ଜୀବନ ବ୍ୟର୍ଥ ହୋଇ ଯାଇଥାଏ । ବର୍ତ୍ତମାନରେ ଯେଉଁ ମାନୁଷ୍ୟକୁ ଯାହା କିଛି ବି ମିଳିଛି, ତାହା ପୂର୍ବ ଜନ୍ମ-ଜନ୍ମାନ୍ତରରେ କରିଥିବା ପୁଣ୍ୟ ଓ ପାପାଦିର ଫଳ ଅଟେ । ଆପଣ ରାଜା ହୋଇଛନ୍ତି, ତାହା ଆପଣଙ୍କ ପୂର୍ବଜନ୍ମର ଶୁଭକର୍ମର ଫଳ ଅଟେ । ଯଦି ଏହି ଜନ୍ମରେ ଆପଣ ଶାସ୍ତ୍ର ଲିଖିତ ସତ୍ୟ ପ୍ରମାଣିତ ଭକ୍ତି କରିବେ ନାହିଁ ତେବେ ଆପଣ ଭକ୍ତି ଶକ୍ତିହୀନ ଏବଂ ପୁଣ୍ୟହୀନ ହୋଇ ନର୍କଗାମୀ ହେବେ ଏବଂ ପରେ କ୍ରମାନୁସାରେ ଅନ୍ୟ ପ୍ରାଣୀମାନଙ୍କ ଶରୀର ପ୍ରାପ୍ତ କରି କଷ୍ଟ ଉପରେ କଷ୍ଟ ଭୋଗ କରିବେ । (ଉଦାହରଣ ସ୍ୱରୂପ, ଯଦି ଆପଣ ବର୍ତ୍ତମାନ ଇନ୍‌ଭର୍ଟରର ବ୍ୟାଟେରୀ ଚାର୍ଜ କରି ରଖିଥିବେ ଏବଂ ଚାର୍ଜରକୁ କାଢି ଦେଇଥିବେ, ତଥାପି ସେହି ବ୍ୟାଟେରୀ ପୂର୍ବରୁ ଚାର୍ଜ ହୋଇଥିବାରୁ କାର୍ଯ୍ୟ କରୁଥିବ । ଯଦି ଚାର୍ଜରକୁ ପୁଣିଥରେ ଇନ୍‌ଭର୍ଟର୍ ସହିତ ଲଗାଇ ଚାର୍ଜ କରାଯିବ ନାହିଁ ତେବେ କିଛି ସମୟ ପରେ ଇନ୍‌ଭର୍ଟରରୁ ଚାର୍ଜ ଶେଷ ହୋଇ ଯାଇ ତାହା କାର୍ଯ୍ୟ କରିବା ବନ୍ଦ କରିଦେବ, ନା ପଙ୍ଖା ଚାଲିବ, ନା ବଲ୍‌ବ୍, ନା ଟ୍ୟୁବ୍‌ଲାଇଟ୍ ଜଳିବ । ଠିକ୍ ଏହିପରି ମାନବ ଶରୀର ମଧ୍ୟ ଏକ ଇନ୍‌ଭର୍ଟର ଅଟେ । ଶାସ୍ତ୍ର ଲିଖିତ ନିୟମ ହେଉଛି ଭକ୍ତି ରୂପକ ଚାର୍ଜର, ପରମାତ୍ମାଙ୍କ ଠାରୁ ପ୍ରାପ୍ତ ଶକ୍ତି ସାହାଯ୍ୟରେ ମନୁଷ୍ୟ ପୁଣି ଚାର୍ଜ୍ ହୋଇ ଯାଇଥାଏ ଅର୍ଥାତ୍ ଭକ୍ତିର ଶକ୍ତିରେ ଧନୀ ଏବଂ ପୁଣ୍ୟବାନ ହୋଇଥାଏ ।

ଏହି ଜ୍ଞାନକୁ ଋଷଭଦେବ ସେହି ଋଷି ରୂପରେ ପ୍ରକଟ ହୋଇଥିବା ପରମାତ୍ମାଙ୍କ ଶ୍ରୀମୁଖ କମଳରୁ ଶୁଣିବା ପରେ ଭକ୍ତି କରିବା ପାଇଁ ନିଜ ମନୋବଳକୁ ଦୃଢ କଲେ । ଋଷଭଦେବ ଯେତେବେଳେ ଋଷିଙ୍କ ନାମ ଜାଣିବାକୁ ଚାହିଁଲେ ସେତେବେଳେ ଋଷି ମହାତ୍ମା ନିଜର ନାମ "କବି ଦେବ" ଅର୍ଥାତ୍ "କବିର୍ଦେବ" ବୋଲି କହିଲେ ଏବଂ ଏହା ମଧ୍ୟ କହିଲେ ଯେ ମୁଁ ସ୍ୱୟଂ ପୂର୍ଣ୍ଣ ପରମାତ୍ମା ଅଟେ । ମୋର ନାମ ଚାରି ବେଦରେ "କବିର୍ଦେବ" ଲେଖାଯାଇଛି, ମୁଁ ହିଁ ପରମ ଅକ୍ଷର ବ୍ରହ୍ମ ଅଟେ । ସୂକ୍ଷ୍ମ ବେଦରେ ଲେଖା ଅଛି:-

*ଋଷଭ ଦେବକେ ଆଇଆ, କବୀ ନାମେ କରତାର ।*
*ନୌ ଯୋଗେଶ୍ୱର କୋ ସମଝାଇୟା, ଜନକ ବିଦେହ ଉଦ୍ଧାର ।।*

ଭାବାର୍ଥ:- ଋଷଭ ଦେବଙ୍କୁ "କବି" ରୂପରେ ପରମାତ୍ମା ଦର୍ଶନ ଦେଲେ, ତାଙ୍କୁ ଭକ୍ତି କରିବା ପାଇଁ ପ୍ରେରଣା ଦେଲେ । ସେହି ପରମାତ୍ମା ହିଁ ନଅ ଯୋଗେଶ୍ୱର ତଥା ରାଜା ଜନକଙ୍କୁ ତତ୍ତ୍ୱଜ୍ଞାନ ପ୍ରଦାନ କରି ତାଙ୍କର ଉଦ୍ଧାର ନିମନ୍ତେ ଭକ୍ତି କରିବାକୁ ପ୍ରେରଣା ଦେଲେ । ଋଷଭଦେବଙ୍କୁ ଏ କଥା ପସନ୍ଦ ଆସିଲା ନାହିଁ ଯେ ଋଷି କବିର୍ଦେବ ହିଁ ପ୍ରଭୁ ଅଟନ୍ତି କିନ୍ତୁ ସେ ଭକ୍ତି କରିବା ପାଇଁ ମନକୁ ଦୃଢ କରି ନେଲେ । ସେ


ଅନ୍ୟ ଜଣେ ତପସ୍ୱୀ ଋଷିଙ୍କଠାରୁ ଦୀକ୍ଷା ନେଇ ଓମ୍ (ଓଁ) ନାମର ଜପ ଏବଂ ହଠଯୋଗ କଲେ । ଋଷଭଦେବଙ୍କର ବଡପୁତ୍ର 'ଭରତ' ଅଟନ୍ତି, ଭରତଙ୍କ ପୁତ୍ର ଥିଲେ ମରୀଚି । ଋଷଭଦେବ ପ୍ରଥମେ ଏକବର୍ଷ ପର୍ଯ୍ୟନ୍ତ ଉପବାସ ରହି ତପ କଲେ । ପୁଣି ଏକ ହଜାର ବର୍ଷ ପର୍ଯ୍ୟନ୍ତ ଘୋର ତପ କଲେ । ତପସ୍ୟା ସମାପ୍ତ କରି ନିଜର ପୌତ୍ର(ନାତି) ଅର୍ଥାତ୍ ଭରତଙ୍କ ପୁତ୍ର ମରୀଚିଙ୍କୁ ପ୍ରଥମ ଧର୍ମ ଦେଶଣା(ଦୀକ୍ଷା)ଦେଲେ, ଏହି ମରୀଚି ରୂପୀ ଆତ୍ମା ୨୪ତମ ତୀର୍ଥଙ୍କର ମହାବୀର ଜୈନ ଅଟନ୍ତି, ଜୈନ ଧର୍ମର ଆରମ୍ଭ ଋଷଭଦେବ କରିନାହାଁନ୍ତି, ଏହା ଶ୍ରୀ ମହାବୀର ଜୈନଙ୍କଠାରୁ ଆରମ୍ଭ ହୋଇଛି । ଏପରି ଦେଖିବାକୁ ଗଲେ ଶ୍ରୀ ମହାବୀରଜୀ ମଧ୍ୟ କୌଣସି ଧର୍ମର ସ୍ଥାପନା କରିନାହାଁନ୍ତି । ସେ କେବଳ ନିଜର ଅନୁଭବକୁ ନିଜ ଅନୁଯାୟୀମାନଙ୍କୁ କହିଥିଲେ । କାଳକ୍ରମେ ତାହା ସେହି ମାର୍ଗ ଅବଲମ୍ବନକାରୀଙ୍କ ଗୋଟିଏ ଭକ୍ତ ସଙ୍ଗଠନ ହୋଇଗଲା । ଋଷଭଦେବ 'ଓଁକାର' ଉଚ୍ଚାରଣ କରି "ଓମ୍" ମନ୍ତ୍ର ଜପ କରୁଥିଲେ । ତାହାକୁ ହିଁ ବର୍ତ୍ତମାନ ସମୟର ଜୈନୀମାନେ ଅପଭ୍ରଂଶ କରି "ଣୋଂକାର" ମନ୍ତ୍ର କହୁଛନ୍ତି, ଏହି ମନ୍ତ୍ର ଜପ କରୁଛନ୍ତି, ଏହାକୁ ଓଁକାର ତଥା ଓଁ ମଧ୍ୟ କୁହନ୍ତି।

ଏବେ ଆମ୍ଭେ ନିଜ ପ୍ରସଙ୍ଗକୁ ଫେରିବା । ଜୈନ ଧର୍ମଗ୍ରନ୍ଥ ଓ ଜୈନ ଧର୍ମର ଅନୁଯାୟୀଙ୍କ ଦ୍ୱାରା ଲିଖିତ ପୁସ୍ତକ "ଆଓ ଜୈନ ଧର୍ମକୋ ଜାନେ"ରେ ଲେଖା ହୋଇଛି ଯେ ଋଷଭଦେବ(ଜୈନ ଧର୍ମାବଲମ୍ବୀମାନେ ଯାହାଙ୍କୁ ଆଦିନାଥ କୁହନ୍ତି) ରୂପୀ ଆତ୍ମା ହିଁ ବାବା ଆଦମ୍ ରୂପେ ଜନ୍ମିଥିଲେ । ଏବେ ସେହି ସୂକ୍ଷ୍ମ ବେଦରେ ଥିବା ଏକ ବାଣୀର ସରଳାର୍ଥ କରୁଅଛି:-

*ଓ୍ୱହୀ ମୁହମ୍ମଦ୍ ଓ୍ୱହୀ ମହାଦେବ, ଓ୍ୱହୀ ଆଦମ ଓ୍ୱହୀ ବ୍ରହ୍ମା ।*
*ଦାସ ଗରୀବ ଦୂସରା କୋଈ ନହୀଁ, ଦେଖ ଆପନେ ଘରମା ।।*

ବାବା ଆଦମ, ଭଗବାନ ବ୍ରହ୍ମାଙ୍କ ଲୋକରୁ ଆସିଥିଲେ, କାରଣ ମନୁଷ୍ୟ ଜନ୍ମରେ କରିଥିବା ସାଧନାନୁସାରେ ପ୍ରାଣୀ ନିଜର ଭକ୍ତି ଅନୁସାରେ ଉପର ଲିଖିତ ତିନି ଦେବତାଙ୍କ ଲୋକକୁ କ୍ରମାନୁସାରେ ଯାଇଥାଏ, ନିଜର ପୁଣ୍ୟ ସମାପ୍ତ ହେବା ପରେ ପୁଣି ପୃଥିବୀରେ ନିଜ ସଂସ୍କାର ଅନୁଯାୟୀ ଜନ୍ମ ନେଇଥାଏ । ସନ୍ଥ ଗରୀବ ଦାସଜୀ (ଗ୍ରାମ-ଛୁଡ଼ାଣୀ, ଜି:- ଝଜ୍ଜର, ହରିୟାଣା)ଙ୍କୁ ସ୍ୱୟଂ ସେହି ପରମାତ୍ମା ପ୍ରାପ୍ତ ହୋଇଥିଲେ ଯିଏ କି ଋଷଭଦେବଜୀଙ୍କୁ ଦର୍ଶନ ଦେଇ ଭକ୍ତି କରିବାକୁ ପ୍ରେରଣା ଦେଇଥିଲେ । ସନ୍ଥ ଗରୀବ ଦାସଜୀ, ପରମେଶ୍ୱରଙ୍କ ସହିତ ଉପରକୁ ଯାଇ ସେଠାକାର ସମସ୍ତ ବ୍ୟବସ୍ଥାକୁ ନିଜ ଆଖିରେ ଦେଖିଥିଲେ । ସେଥିରେ ଆହୁରି କୁହାଯାଇଛି ଯେ, ଆଦମ୍‌ଜୀ ବ୍ରହ୍ମଲୋକରୁ ଆସିଥିଲେ ଓ ବ୍ରହ୍ମାଙ୍କ ଅବତାର ଥିଲେ । ମୁହମ୍ମଦ ତମୋଗୁଣୀ ଶିବଜୀଙ୍କ ଅବତାର ଥିଲେ । ପ୍ରିୟ ପାଠକେ ! ଅବତାର ଦୁଇ ପ୍ରକାରର, ୧. ସେହି ପ୍ରଭୁ ସ୍ୱୟଂ ଅବତାର ନେଇଥାନ୍ତି ଯେପରି ଶ୍ରୀ ରାମ, ଶ୍ରୀ କୃଷ୍ଣଙ୍କ ରୂପରେ ଶ୍ରୀବିଷ୍ଣୁ ଅବତାର ଧାରଣ କରି ପୃଥିବୀକୁ ଆସିଥିଲେ କିନ୍ତୁ କପିଳ ଋଷି, ପର୍ଶୁରାମଜୀ ମଧ୍ୟ ବିଷ୍ଣୁଙ୍କ ଅବତାର ମଧ୍ୟରେ ଗଣାଯାଆନ୍ତି । ଏମାନେ ସ୍ୱୟଂ ଶ୍ରୀ ବିଷ୍ଣୁ ନ ଥିଲେ, ବିଷ୍ଣୁ ଲୋକରୁ ଆସିଥିବା ଦେବାତ୍ମା ଥିଲେ । ବିଷ୍ଣୁଙ୍କଠାରୁ ମିଳିଥିବା କିଛି ଶକ୍ତି ସେମାନଙ୍କ ପାଖରେ ଥିଲା କାରଣ ସେମାନେ ତାଙ୍କ ଦ୍ୱାରା ପ୍ରେରିତ ହୋଇଥିଲେ । ଏହିଭଳି ହଜରତ ମୁହମ୍ମଦ, ଶ୍ରୀ ଶିବଙ୍କ (ଲୋକରୁ ଆସିଥିବା ଦେବାତ୍ମା) ଅବତାର ଥିଲେ ଓ ବାବା ଆଦମ ଶ୍ରୀ ବ୍ରହ୍ମଲୋକରୁ ଆସିଥିବାରୁ ଶ୍ରୀ ବ୍ରହ୍ମାଙ୍କ ଅବତାର ଥିଲେ । ଏହି ପ୍ରକାରେ ଈସା ମସୀହଜୀ, ଶ୍ରୀ ବିଷ୍ଣୁଙ୍କର ଅବତାର ଥିଲେ । ଈସାଈ ଶ୍ରଦ୍ଧାଳୁଗଣ ମଧ୍ୟ ଈସାଜୀଙ୍କୁ ପ୍ରଭୁ ନୁହେଁ ପ୍ରଭୁଙ୍କ ପୁତ୍ର ବୋଲି ମାନିଥାନ୍ତି ।

ସନ୍ଥ ଗରୀବ ଦାସଜୀ କହିଛନ୍ତି ଯେ ଯଦି ଆପଣଙ୍କୁ ମୋ କଥାରେ ବିଶ୍ୱାସ ହେଉ ନାହିଁ ତେବେ ମୋ ଦ୍ୱାରା ନିର୍ଦ୍ଦେଶିତ ଶାସ୍ତ୍ରବିଧି ଅନୁସାରେ ଭକ୍ତି ସାଧନା କରି ନିଜ ଘର ଅର୍ଥାତ୍ ନିଜ ମାନବ ଶରୀରକୁ ନିଜ ଆଖିରେ ଦେଖ ।




ଶରୀର୍ (ପିଣ୍ଡରେ) କମଳ ଗୁଡ଼ିକର୍ (ଚକ୍ରଗୁଡ଼ିକର୍) ଚିତ୍ର

ଭାବାର୍ଥ ହେଲା :- ସମସ୍ତ ଧର୍ମର ମନୁଷ୍ୟମାନଙ୍କର ଶରୀର ସଂରଚନା ଏକା ପ୍ରକାର ଅଟେ । ତତ୍ତ୍ୱଜ୍ଞାନ ଅଭାବରୁ ଆମ୍ଭେ ବିଭିନ୍ନ ଧର୍ମରେ ବିଭକ୍ତ ହୋଇଯାଇଛେ । ସନ୍ଥ ଗରୀବ ଦାସଜୀ କହିଛନ୍ତି ଯେ, ମାନବ ଶରୀରରେ ପରମେଶ୍ୱର ଭିନ୍ନ-ଭିନ୍ନ ଅଙ୍ଗ ସୃଷ୍ଟି କରିଛନ୍ତି । ମେରୁଦଣ୍ଡ ହାଡ଼ ଅର୍ଥାତ୍ **Back Bone (Spine)** କୁ ଲାଗିକରି (କଣ୍ଠ ପର୍ଯ୍ୟନ୍ତ) ପାଞ୍ଚଟି କମଳ/ଚକ୍ର ଅଛି । କୃପାକରି ଦେଖନ୍ତୁ ଏହି ଚିତ୍ର:-

**୧. ମୂଳ ଚକ୍ର:-** ଏହି ଚକ୍ରଟି ମେରୁଦଣ୍ଡ ହାଡର ଶେଷରେ ଗୁହ୍ୟଦ୍ୱାରର ଏକ ଇଞ୍ଚ ଉପରେ ଅବସ୍ଥିତ । ଏହି ଚକ୍ରର ଦେବତା ହେଉଛନ୍ତି ଶ୍ରୀ ଗଣେଶ । ଏହି କମଳଟିରେ ୪ଟି ପାଖୁଡ଼ା ଅଛି ।

**୨. ସ୍ୱାଦ ଚକ୍ର:-** ଏହି ଚକ୍ରଟି ମୂଳ କମଳ ଠାରୁ ଦୁଇ ଇଞ୍ଚଉପରକୁ ଶରୀରର ଭିତର ପଟକୁ ମେରୁଦଣ୍ଡ ହାଡ ସହିତ ଲାଗି କରି ଅଛି । ଏହି ଚକ୍ରର ଦେବତା ହେଉଛନ୍ତି ଶ୍ରୀ ବ୍ରହ୍ମା ଏବଂ ତାଙ୍କର ଧର୍ମପତ୍ନୀ ଶ୍ରୀମତୀ ସାବିତ୍ରୀଜୀ । ଏହି କମଳଟିର ଛଅଟି ପାଖୁଡ଼ା ଅଛି:-

**୩. ନାଭି କମଳ ଚକ୍ର:-** ଏହା ନାଭି ପାଖରେ ଶରୀରର ଭିତର ପଟକୁ ମେରୁଦଣ୍ଡ ହାଡ଼ ସହିତ ଲାଗିଛି । ଏହାର ଦେବତା ଶ୍ରୀ ବିଷ୍ଣୁ ଓ ତାଙ୍କ ଧର୍ମପତ୍ନୀ ଲକ୍ଷ୍ମୀ ଅଟନ୍ତି । ଏହି କମଳଟିରେ ୮ଟି ପାଖୁଡ଼ା ଅଛି ।

**୪. ହୃଦୟ କମଳ ଚକ୍ର:-** ଏହି କମଳଟି ଛାତିରେ ନିର୍ମିତ ଦୁଇ ସ୍ତନର ମଝିରେ ମେରୁଦଣ୍ଡ ହାଡ଼ ସହିତ ଲାଗିଛି । ଏହାର ଦେବତା ଶ୍ରୀ ଶିବ ଓ ତାଙ୍କ ଧର୍ମପତ୍ନୀ ପାର୍ବତୀ ଅଟନ୍ତି । ଏହି କମଳଟିରେ **୧୨**ଟି ପାଖୁଡ଼ା ଅଛି ।

**୫. କଣ୍ଠ କମଳ:-** ଏହି କମଳଟି ଛାତି ହାଡ଼ ଉପରେ ଯେଉଁଠାରୁ ଗଳା ଆରମ୍ଭ ହୋଇଥାଏ, ତାହାର ପଛ ଆଡ଼କୁ ମେରୁଦଣ୍ଡ ହାଡ଼ ସହିତ ମିଶି କରି ଅଛି । ଏହାର ମୁଖ୍ୟ ହେଉଛନ୍ତି ଶ୍ରୀ ଦେବୀ ଅର୍ଥାତ୍ ଦୁର୍ଗା । ଏହି କମଳଟିରେ **୧୬** ଟି ପାଖୁଡ଼ା ଅଛି । ବାକି ଅନ୍ୟ କମଳ ଚକ୍ର, ଉପରେ ଅଛି ।

**୬. ସଙ୍ଗମ କମଳ ଅଥବା ଷଷ୍ଠ କମଳ:-** ଏହି କମଳଟି ସୁଷୁମ୍ନାର ଉପରେ ଥିବା ଦ୍ୱାରରେ ଅଛି । ଏହାର ତିନୋଟି ପାଖୁଡ଼ା ଅଛି । ଏଥିରେ ସରସ୍ୱତୀ ରୂପରେ ଦେବୀ ଦୁର୍ଗା ନିବାସ କରନ୍ତି । ଗୋଟିଏ ପାଖୁଡ଼ାରେ ଦୁର୍ଗା ଦେବୀ, ସରସ୍ୱତୀଙ୍କ ରୂପରେ ରହିଥାନ୍ତି । ଗୋଟିଏ ପାଖୁଡ଼ାରେ **୭୨** କୋଟି ଉର୍ବଶୀ (ସୁନ୍ଦରୀ ପରୀମାନେ)ରହିଥାନ୍ତି, ଯେଉଁମାନେ କି ଉପରକୁ ଯାଉଥିବା ଭକ୍ତମାନଙ୍କୁ ନିଜ ନିଜ ଜାଲରେ ଫସାଇଥାନ୍ତି । ଦ୍ୱିତୀୟ ପାଖୁଡ଼ାରେ ସୁନ୍ଦର ଯୁବକ/ନର ରହିଥାନ୍ତି ଯେଉଁମାନେ କି ଭକ୍ତିମତୀମାନଙ୍କୁ ଆକର୍ଷିତ କରି 'ମହାକାଳ'ର ଜାଲରେ ଫସାଇ ରଖନ୍ତି । ମହାକାଳ ମଧ୍ୟ ନିଜେ ଏହି ଯୁବକମାନଙ୍କର ସଂଞ୍ଚାଳକ-ମୁଖ୍ୟ ରୂପରେ ରହିଥାଏ । ପରମାତ୍ମା ନିଜର ଭକ୍ତମାନଙ୍କୁ ସେମାନଙ୍କ ଜାଲରୁ ମୁକ୍ତ କରାଇ ଜ୍ଞାନ ଶୁଣାଇ ସତର୍କ କରନ୍ତି ।

୭. ତ୍ରିକୁଟୀ କମଳ/ଚକ୍ର:- ଏହି ଚକ୍ରଟି ଦୁଇ ଆଖିର ମଝିରେ ଥିବା ଭ୍ରୁକୁଟି (ଭ୍ରୂ) ମଝିରେ ମୁଣ୍ଡର ପଛପଟକୁ ଥିବା ଅନ୍ୟ କମଳଗୁଡ଼ିକର ଉପର କ୍ରମରେ ଅବସ୍ଥିତ । ଏହାର ଦେବତା ସଦଗୁରୁ ରୂପରେ ପରମେଶ୍ୱର ହିଁ ଅଟନ୍ତି । ଏହି କମଳର ଦୁଇଟି ପାଖୁଡ଼ା ଅଛି, ଗୋଟିଏ ଧଳା ରଙ୍ଗର ଏବଂ ଅନ୍ୟଟି କଳା (ଭଅଁର) ରଙ୍ଗର ପାଖୁଡ଼ା ଅଟେ । ଧଳା ପାଖୁଡ଼ାରେ ସଦଗୁରୁ ରୂପରେ ସତ୍ୟପୁରୁଷଙ୍କ ନିବାସ ଓ କଳା ପାଖୁଡ଼ାରେ ନକଲୀ ସଦଗୁରୁ ରୂପରେ କାଳ ନିରଞ୍ଜନର ବାସ ଅଟେ । ୮. ସହସ୍ର କମଳ/ଚକ୍ର:- ଏହି କମଳଟି ମୁଣ୍ଡର ମଧ୍ୟ ଭାଗରେ ଦୁଇ ଆଙ୍ଗୁଳି ତଳେ ଅନ୍ୟ କମଳ ଗୁଡ଼ିକର ଧାଡ଼ିରେ ହିଁ ରହିଛି । ହିନ୍ଦୁ ଧର୍ମର ବ୍ୟକ୍ତିମାନେ ମୁଣ୍ଡରେ ଚୁଟୀ ବା ଚଇତନ (ଚୁର୍‌କୀ) ରଖୁଥିଲେ, ଏବେ ମଧ୍ୟ କିଛି ବ୍ୟକ୍ତି ରଖୁଛନ୍ତି । ଠିକ୍ ଏହା ତଳେ ଏହି ସହସ୍ର କମଳ ଚକ୍ରଟି ଅଛି । ଏହାର ଦେବତା-ବ୍ରହ୍ମ ଅଟନ୍ତି । ଏହାଙ୍କୁ କ୍ଷରପୁରୁଷ ମଧ୍ୟ କୁହନ୍ତି, ଯିଏକି ଗୀତା ଓ ବେଦାଦିର ଜ୍ଞାନ ପ୍ରଦାନ କରିଛନ୍ତି । ଏହି କମଳରେ ଏକ ହଜାର ପାଖୁଡ଼ା ଅଛି । ଏହି ପାଖୁଡ଼ାଗୁଡ଼ିକୁ କାଳବ୍ରହ୍ମ, ତେଜ(ଆଲୋକ)ରେ ପରିପୂର୍ଣ୍ଣ କରି ରଖିବା ସହିତ ନିଜେ ଏହି କମଳ ଚକ୍ରଠାରୁ ଦୂରେଇ ରହିଥାନ୍ତି । ସେ ନିଜେ ଦୃଶ୍ୟମାନ ହୁଅନ୍ତି ନାହିଁ, କେବଳ ପାଖୁଡ଼ାଗୁଡ଼ିକ ଚମକୁଥିବାର ଦେଖିବାକୁ ମିଳିଥାଏ ।

{ଅଷ୍ଟକମଳ ଦଳ:- ଏହି କମଳର ଦେବତା ଅକ୍ଷର ପୁରୁଷ ଅଟନ୍ତି, ଏହାଙ୍କୁ ପରଂବ୍ରହ୍ମ ମଧ୍ୟ କୁହାଯାଏ, ଏହାର ମଧ୍ୟ ୮ଟି ପାଖୁଡ଼ା ଅଛି । ଏହାର ସ୍ଥାନ ବିଷୟରେ ଜଣାଇବି ନାହିଁ କାରଣ ନା ନକଲୀ ଗୁରୁମାନେ ଏହାକୁ ଜାଣି ଯିବାପରେ ଜନତାଙ୍କୁ ଭ୍ରମିତ କରି ଦେବେ ।

୯. ଶଙ୍ଖ କମଳ ଦଳ:- ଏହି କମଳରେ ପୂର୍ଣ୍ଣବ୍ରହ୍ମ ଅର୍ଥାତ୍ ପରମ ଅକ୍ଷରବ୍ରହ୍ମଙ୍କ ନିବାସ ଅଟେ । ଏଥିରେ ଶଙ୍ଖ ପାଖୁଡ଼ା ଅଛି, ଏହାର ସ୍ଥାନ ସମ୍ବନ୍ଧରେ ମଧ୍ୟ ଜଣାଇବି ନାହିଁ, କାରଣଟି ଉପରେ ଲିଖିତ । (ଯେଉଁ ଚିତ୍ରଟି ଦେଖାଯାଇଛି, ଏଥିରେ ଷଷ୍ଠ କମଳ ଓ ନବମ କମଳକୁ ଦେଖାଇ ନାହିଁ । କାରଣ ଏହା ଯେ, ବିଦ୍ୟାର୍ଥୀମାନଙ୍କର ଜ୍ଞାନକୁ ଧୀରେ ଧୀରେ ବୃଦ୍ଧି କରାଯାଇଥାଏ । କମଳଗୁଡ଼ିକର ଗଭୀର ରହସ୍ୟ ଅଛି । ଏସବୁ ବିଷୟରେ କବୀର ସାଗରରେ ଥିବା ସାରାଂଶରେ ଲେଖାଯାଇଛି ।)

ଶରୀର ଭିତରେ ଥିବା ଏହି କମଳଗୁଡ଼ିକ ଏଭଳି କାର୍ଯ୍ୟ କରିଥାନ୍ତି ଯେପରି ଟେଲିଭିଜନରେ ଚ୍ୟାନେଲ୍ ସବୁ ଅଛି । ସେହି ଚ୍ୟାନେଲଗୁଡ଼ିକ ମଧ୍ୟରୁ ଯେଉଁ ଚ୍ୟାନେଲଟିକୁ ଆପଣ ଚାଲୁ କରିବେ ତ ସେଥିରେ କୌଣସି ବିଷୟରେ କାର୍ଯ୍ୟକ୍ରମ ଦେଖିବାକୁ ମିଳିବ । ସେହି କାର୍ଯ୍ୟକ୍ରମ ଷ୍ଟୁଡ଼ିଓରେ ଚାଲୁଥିବ, କିନ୍ତୁ ଦେଖିବାକୁ ମିଳୁଛି ଟିଭିରେ । ଏହି ପ୍ରକାରେ ପ୍ରତ୍ୟେକ କମଳର ଫାଙ୍କସନ୍ **(Function)** ଅଛି । ଏହି କମଳଗୁଡ଼ିକୁ ଚାଲୁ କରିବା ପାଇଁ ମନ୍ତ୍ର ଅଛି, ଯେଉଁଗୁଡ଼ିକୁ ଏହି ଦାସ (ସନ୍ଥ ରାମପାଲ ଦାସ) ଭକ୍ତମାନଙ୍କୁ ଜପ କରିବାକୁ ଦେଇଥାଏ । ପ୍ରଥମ ଦଫାର ଦୀକ୍ଷାମନ୍ତ୍ର, ଏହି ଚ୍ୟାନେଲଗୁଡ଼ିକୁ ଖୋଲିବା ପାଇଁ ଦିଆ ଯାଇଥାଏ । ମନ୍ତ୍ର ଗୁଡ଼ିକର ଶକ୍ତିରେ କମଳଗୁଡ଼ିକ **On** (ଚାଲୁ) ହୋଇଯାଏ । ତା'ପରେ ସାଧକ ନିଜ ଶରୀରରେ ଥିବା କମଳ ଚକ୍ର ରୂପୀ ଚ୍ୟାନେଲ୍‌ରେ ସେହି ଦେବତାଙ୍କ ଧାମ(ଲୋକ)କୁ ଦେଖି ପାରିଥାଏ, ସେଠାକାର ସମସ୍ତ ଦୃଶ୍ୟ ଦେଖି ପାରିଥାଏ । ଏହି କାରଣରୁ ସନ୍ଥ ଗରୀବ ଦାସଜୀ କହିଛନ୍ତି ଯେ, ଆପଣ ନିଜ ଶରୀରର ଚ୍ୟାନେଲକୁ **On** (ଚାଲୁ) କରି ନିଜେ ଦେଖନ୍ତୁ ଯେ, ବାବା ଆଦମ୍‌ଜୀ ଆପଣଙ୍କୁ ବ୍ରହ୍ମାଜୀଙ୍କ ଲୋକ(ଧାମ)ରୁ ଆସିଥିବାର ଦେଖାଯିବେ, କାରଣ ସେଠାରେ ସମସ୍ତ ପୂର୍ବ ଘଟଣାବଳୀର ରେକର୍ଡ଼ ଯଥାବତ୍ ଉପଲବ୍ଧ ଅଛି । ଯେପରି ବର୍ତ୍ତମାନ ସମୟରେ **You Tube** ଅଛି । ଠିକ୍ ଏହି ପ୍ରକାରେ ପ୍ରତ୍ୟେକ ଦେବତାଙ୍କ ଲୋକରେ, ଆପଣ ପୂର୍ବରୁ ହୋଇଥିବା ଯେତେ ସବୁ ଘଟଣାଗୁଡ଼ିକୁ ଦେଖିବାକୁ ଚାହିଁବେ, ଆପଣ ଦେଖିପାରିବେ । ଏହିଭଳି ହଜରତ ମୁହମ୍ମଦ, ଶିବଜୀଙ୍କ ଲୋକ(ଧାମ)ରୁ ଆସିଥିବାର ଆପଣ ଦେଖି ପାରିବେ । ଏହିଭଳି ଈଶାଜୀ ମଧ୍ୟ ଶ୍ରୀ ବିଷ୍ଣୁଜୀଙ୍କ ଲୋକ(ଧାମ)ରୁ ଆସିଥିବାର ଦେଖିବାକୁ ପାଇବେ ।

''ମକ୍କା ମହାଦେବଙ୍କ ମନ୍ଦିର ଅଟେ''

ଭାଇ ବାଲେ ବାଲୀ ଜନ୍ମ ସାଖୀରେ ପ୍ରମାଣ ଅଛି:-

"ସାଖୀ ମଦୀନେ କୀ ଚଲୀ" ହିନ୍ଦୀ ଭାଷାର ପୁସ୍ତକର ୨୬୨ ପୃଷ୍ଠାରେ ଶ୍ରୀ ନାନକଜୀ ଚାରି ଇମାମଙ୍କ ପ୍ରଶ୍ନର ଉତ୍ତର ଦେଇ କହିଛନ୍ତି ଯେ :-

*ଆଖେ ନାନକ ଶାହ ସଚ, ସୁଣ ହୋ ଚାର ଇମାମ୍ ।*
*ମକ୍କା ହେ ମହାଦେବ କା, ବ୍ରାହ୍ମଣ ସନ ସୁଲତାନ୍ ॥*

ଏବେ ଆପଣଙ୍କୁ ମୁଁ ଆପଣଙ୍କ ଉଦ୍ଦେଶ୍ୟଆଡ଼କୁ ନେଇଯାଉଛି । ଆପଣମାନଙ୍କୁ ସ୍ପଷ୍ଟ କରିବାକୁ ଚାହୁଁଛି ଯେ, ଯେଉଁ ଯଥାର୍ଥ ଆଧାତ୍ମିକ ଜ୍ଞାନ; ସୂକ୍ଷ୍ମବେଦ, ଗୀତା ଓ ଚାରିବେଦରେ ଅଛି, ତାହା ନା ପୁରାଣରେ ଅଛି, ନା କୁରାନ୍ ଶରୀଫରେ, ନା ବାଇବେଲରେ, ନା ଛଅଶାସ୍ତ୍ର ନା ଏଗାର ଉପନିଷଦରେ ଅଛି । ଉଦାହରଣ:- ଯେପରି ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟକ୍ରମ ଭୁଲ ନୁହେଁ, କିନ୍ତୁ ପର୍ଯ୍ୟାପ୍ତ ନୁହେଁ, ସେଥିରେ **B. A.** ଏବଂ **M.A.** ଶ୍ରେଣୀର ଜ୍ଞାନ ନାହିଁ, ବୁଝିବା ପାଇଁ ଏତିକି ହିଁ ପର୍ଯ୍ୟାପ୍ତ ଅଟେ ।

ଅନ୍ୟ ଉଦାହରଣ:- ଗୀତାର ଦ୍ୱିତୀୟ ଅଧ୍ୟାୟ ଶ୍ଳୋକ ୪୬ ରେ କୁହଯାଇଛି ଯେ, ଅର୍ଜୁନ ! ବଡ ଜଳାଶୟ/ହ୍ରଦକୁ ପ୍ରାପ୍ତି ପରେ ଛୋଟ ଜଳାଶୟ (ପୋଖରୀ, ଗାଡ଼ିଆ) ପ୍ରତି ଯେଭଳି ଆସ୍ଥା ରହି ଯାଇଥାଏ, ଠିକ୍ ସେହିଭଳି ପୂର୍ଣ୍ଣ ପରମାତ୍ମାଙ୍କ ବିଷୟରେ ସମ୍ପୂର୍ଣ୍ଣ ଜ୍ଞାନ ହୋଇଯିବା ପରେ ଅନ୍ୟ ଜ୍ଞାନ ଓ ଅନ୍ୟ ଭଗବାନମାନଙ୍କ ପ୍ରତି ସେହି ଛୋଟ ଗାଡ଼ିଆ ଭଳି ଆସ୍ଥା (ଭାବନା) ରହିଯାଏ ।

ଯେଉଁ ସମୟରେ ଗୀତା ଜ୍ଞାନ କୁହାଯାଇଥିଲା, ସେ ସମୟରେ ସମସ୍ତ ମାନବ ସମାଜ ଜଳାଶୟର ଆଖପାଖରେ ବସତି ସ୍ଥାପନ କରୁଥିଲେ, ବର୍ଷା ହେଉଥିଲା, ପୋଖରୀଗୁଡ଼ିକ ବର୍ଷା ଜଳରେ ପରିପୂର୍ଣ୍ଣ ହୋଇ ଯାଉଥିଲା । ସାରା ବର୍ଷ ସେହି ଜଳାଶୟରୁ ମଣିଷ ନିଜେ ପାଣି ପିଇବା ସହିତ ପଶୁମାନଙ୍କୁ ମଧ୍ୟ ସେହିଥିରୁ ପାଣି ପିଆଉଥିଲେ । ତାହାକୁ ଦୁଇ ଭାଗ କରା ଯାଉଥିଲା । ଯଦି ଗୋଟିଏ ବର୍ଷ, ବର୍ଷା ହେଉ ନଥିଲା ତେବେ ଛୋଟ ଜଳାଶୟଗୁଡ଼ିକ ଉପରେ ନିର୍ଭର କରିଥିବା ବ୍ୟକ୍ତିମାନେ ସଙ୍କଟରେ ପଡୁଥିଲେ, ଲୋକମାନେ ତ୍ରାହି-ତ୍ରାହି ଡାକ ଛାଡୁଥିଲେ ।

ହ୍ରଦ କିନ୍ତୁ ବହୁତ ବଡ଼ ଗଭୀର ଜଳାଶୟ ହୋଇଥାଏ ଯାହାର ପାଣି ଯଦି ୧୦ ବର୍ଷ ପର୍ଯ୍ୟନ୍ତ ବର୍ଷା ନ ହେବ ତେବେ ମଧ୍ୟ ସମାପ୍ତ ହୁଏ ନାହିଁ । ଯଦି କୌଣସି ବ୍ୟକ୍ତିଙ୍କୁ ହ୍ରଦ ରୂପୀ ଜଳାଶୟ ମିଳିଯିବ ତେବେ ସେ ଅତି ଶୀଘ୍ର ସେହି ଛୋଟ ଜଳାଶୟକୁ ତ୍ୟାଗକରି ହ୍ରଦ କୂଳରେ ବସତି ସ୍ଥାପନ କରିଥାଏ । ଏହିଭଳି ଆପଣମାନଙ୍କୁ ଏହି ପବିତ୍ର ପୁସ୍ତକ "ଗୀତା ତୋ'ର ଜ୍ଞାନ ଅମୃତ" ରୁ ସେହି ହ୍ରଦ ରୂପୀ ଜଳାଶୟ ପ୍ରାପ୍ତ ହୋଇଛି । ଅତି ଶୀଘ୍ର ଏହା କୂଳରେ ଆସି ବସତି ସ୍ଥାପନ କରନ୍ତୁ ଏବଂ ନିଜ ମାନବ ଜୀବନକୁ ସୁଖୀ କରାନ୍ତୁ । କୃପାକରି ଏହି ଜ୍ଞାନାମୃତକୁ ପାନ କରି ଅମର ହୁଅନ୍ତୁ । ହିନ୍ଦୁମାନେ କୁହନ୍ତି ଯେ ମୁସଲମାନମାନେ ସବୁ ଓଲଟା ସାଧନା କରୁଛନ୍ତି । ଆମ୍ଭେମାନେ ଉଦୟ ହେଉଥିବା ସୂର୍ଯ୍ୟଙ୍କୁ ପ୍ରଣାମ କରିଥାଉ, ମୁସଲମାନମାନେ ଅସ୍ତଗାମୀ ସୂର୍ଯ୍ୟଙ୍କୁ ସଲାମ୍ କରୁଛନ୍ତି ।

ବିବେଚନା :- ଉଭୟଙ୍କ କ୍ରିୟା ଠିକ୍ ମାତ୍ର ଚିନ୍ତାଧାରାରେ ସଂକୀର୍ଣ୍ଣତା ରହିଯାଉଛି । ହିନ୍ଦୁ ଧର୍ମର ବ୍ୟକ୍ତିମାନେ ଉଦୟ ହେଉଥିବା ସୂର୍ଯ୍ୟଙ୍କୁ ଧନ୍ୟବାଦ ଦିଅନ୍ତି ଯେ, ହେ ପ୍ରକାଶ(ଆଲୋକ)ର ଦେବତା ! ଆମ୍ଭେ ଆପଣଙ୍କର ପ୍ରଶଂସା କରୁଅଛୁ ଯେ ଆପଣ ଅନ୍ଧକାର ରାତ୍ରି ପରେ ଆଲୋକ ଦେଲେ, ଯାହାଦ୍ୱାରା ଆମ୍ଭେ ନିଜର ଦୈନିକ ଗୁଜୁରାଣ ମେଣ୍ଟାଇ ପାରୁଛୁ । ଆମ୍ଭମାନଙ୍କ ଉପରେ ଏହିଭଳି କୃପା ଆପଣ ଜାରି ରଖନ୍ତୁ ।

ମୁସଲମାନମାନେ ଜାଣିଛନ୍ତି ଯେ ସକାଳେ ଆମ୍ଭ ବଡ଼ ଭାଇ, ହିନ୍ଦୁମାନେ ଆମ୍ଭ ସମସ୍ତଙ୍କର ମଙ୍ଗଳ କାମନା କରି ସୂର୍ଯ୍ୟଦେବଙ୍କୁ ଧନ୍ୟବାଦ ଜ୍ଞାପନ କରି ସାରିଛନ୍ତି । ସୂର୍ଯ୍ୟ ଅସ୍ତ ହେଉ ଥିବା ସମୟରେ ଆମ୍ଭେ ସୂର୍ଯ୍ୟଙ୍କର ପ୍ରଶଂସା କରି କହିଥାଉ ଯେ, ହେ ଆଲୋକ ପ୍ରଦାନକାରୀ ସୂର୍ଯ୍ୟ ! ଆମ୍ଭ ସମସ୍ତ ଜୀବଙ୍କ ଉପରେ ଆଲୋକ ପ୍ରଦାନ କରି ଆପଣ ବଡ଼ ଉପକାର କଲେ । ଆପଣଙ୍କୁ ଆମ୍ଭେ ଧନ୍ୟବାଦ

ଜଣାଉଛୁ । ଆପଣ ଆସନ୍ତା କାଲି ପୁଣି ଏହିଭଳି କୃପା କରିବେ, ଆପଣ ମଧ୍ୟ ସେହି ଅଲ୍ଲାହ ଆକବରଙ୍କ ସର୍ଜନା ଅଟନ୍ତି ଏବଂ ଆମ୍ଭେମାନେ ତାଙ୍କରି ସନ୍ତାନ ଅଟୁ ।

ବାସ୍ତବରେ ନା ମୁସଲମାନ ସୂର୍ଯ୍ୟଙ୍କର ପୂଜା କରନ୍ତି, ନା ହିନ୍ଦୁ । ଉଭୟ ହିନ୍ଦୁ ଓ ମୁସଲମାନ ଯଥାକ୍ରମେ ପୂର୍ବ-ପଶ୍ଚିମ ଆଡ଼କୁ ମୁଖ କରି ସକାଳେ ହିନ୍ଦୁ ଓ ସନ୍ଧ୍ୟାରେ ମୁସଲମାନମାନେ ପରମାତ୍ମାଙ୍କର ପୂଜା କରିଥାନ୍ତି ।

ପୂଜା କେବଳ ପୂର୍ଣ୍ଣ ପରମାତ୍ମାଙ୍କର କରିବା ଉଚିତ୍ । ଅନ୍ୟ ଦେବତା ଓ ଦେବଦୂତମାନଙ୍କର ଆଦର କରିବା ଉଚିତ୍ । ଅଧିକ ଜ୍ଞାନ ପାଇଁ ଏହି ପୁସ୍ତକ ଆଗକୁ ପଢନ୍ତୁ "ଗୀତାର ସତ୍ୟ ସାରାଂଶ" ।

ନିବେଦନ:-ଏହି ପୁସ୍ତକର ଶେଷ ଆଡ଼କୁ ୨୦୭ ପୃଷ୍ଠାରେ ଗୀତା ପ୍ରେସ୍ ଗୋରଖପୁରରୁ ପ୍ରକାଶିତ ଶ୍ରୀ ଜୟଦୟାଲ ଗୋୟନ୍ଦକାଙ୍କ ଦ୍ୱାରା ଅନୁବାଦିତ ଗୀତା ସମ୍ବନ୍ଧୀୟ ଅଧ୍ୟାୟଗୁଡ଼ିକର ଶ୍ଳୋକର ଫଟୋ କପି ଲଗାଯାଇଛି ଯାହାଦ୍ୱାରା ଅତିଶୀଘ୍ର ଆପଣ ସତ୍ୟାସତ୍ୟ ଜାଣି ପାରିବେ ଏବଂ ପ୍ରମାଣ ଦେଖିବା ପାଇଁ ଆପଣଙ୍କୁ ଅନ୍ୟ ଗୀତା କିଣିବାର ଆବଶ୍ୟକତା ପଡିବ ନାହିଁ ।

ଲେଖକ
ସନ୍ଥ ରାମପାଲ ଦାସ

## ''ଗୀତାର ସତ୍ୟ ସାରାଂଶ''

*ᴂ ଗୀତା= ଶ୍ରୀମଦ୍ଭଗବତ୍ ଗୀତା*

୧. ପ୍ରଶ୍ନ :- ଗୀତା ଜ୍ଞାନ କେବେ ଓ କିଏ, କାହାକୁ ଶୁଣାଇ ଥିଲେ, କିଏ ଲେଖି ଥିଲେ ? କୃପାକରି ବିସ୍ତୃତ ଭାବରେ କୁହନ୍ତୁ ।

ଉତ୍ତର :- ଯେଉଁ ସମୟରେ କୌରବ ଓ ପାଣ୍ଡବ ନିଜ ସମ୍ପତ୍ତି ଅର୍ଥାତ୍ ଦିଲ୍ଲୀ ରାଜ୍ୟ ଉପରେ ନିଜ ନିଜର ଅଧିକାର ଦାବି କରି ଯୁଦ୍ଧ କରିବା ପାଇଁ ପ୍ରସ୍ତୁତ ହୋଇ ଯାଇଥିଲେ, ଉଭୟଙ୍କ ସୈନ୍ୟ କୁରୁକ୍ଷେତ୍ର ରଣାଙ୍ଗନରେ ସାମ୍ନା-ସାମ୍ନି ଛିଡ଼ା ହୋଇଥିଲେ । ସେହି ସମୟରେ କାଳ ଭଗବାନ (ଯିଏ ବେଦ ଓ ଗୀତାରେ "ବ୍ରହ୍ମ" ନାମରେ ମଧ୍ୟ ପରିଚିତ) ଶ୍ରୀକୃଷ୍ଣଙ୍କ ଶରୀରରେ ପ୍ରବେଶ କରି ଅର୍ଜୁନଙ୍କୁ ଶ୍ରୀମଦ୍ଭଗବତ୍ ଗୀତା ଜ୍ଞାନ ଶୁଣାଇ ଥିଲେ । ଅର୍ଜୁନ ଦେଖିଲା ଯେ ସମ୍ମୁଖରେ ଛିଡ଼ା ହୋଇଥିବା ସୈନ୍ୟବାହିନୀରେ ପିତାମହ ଭୀଷ୍ମ, ଗୁରୁ ଦ୍ରୋଣାଚାର୍ଯ୍ୟ, ସମ୍ପର୍କୀୟ ବନ୍ଧୁ, କୌରବମାନଙ୍କର ସନ୍ତାନ, ଜ୍ୱାଇଁ, ଭିଣୋଇ, ଶ୍ୱଶୁର ଆଦି ଲଢ଼ିବା-ମରିବା ପାଇଁ ଛିଡ଼ା ହୋଇଛନ୍ତି । କୌରବ ଓ ପାଣ୍ଡବ ସଂମ୍ପର୍କରେ କକା ପୁଅ ଓ ବଡବାପା ପୁଅ ଭାଇ ଥିଲେ । ତେଣୁ ଅର୍ଜୁନଙ୍କ ମନରେ ସାଧୁ ଭାବନା ଜାଗ୍ରତ ହେଲା ଏବଂ ସେ ବିଚାର କଲେ ଯେ ଯେଉଁ ରାଜ୍ୟ ପ୍ରାପ୍ତି ପାଇଁ ଆମ୍ଭଙ୍କୁ ନିଜ କକା ପୁଅ ଭାଇ, ପୁତୁରା, ଜ୍ୱାଇଁ, ଭିଣୋଇ, ପିତାମହ ଭୀଷ୍ମ ଓ ବୟୋଜ୍ୟେଷ୍ଠ ବ୍ୟକ୍ତିମାନଙ୍କୁ ମାରିବାକୁ ପଡ଼ିବ ଏବଂ ଏହା ମଧ୍ୟ ଜଣା ନାହିଁ ଯେ ଆମ୍ଭେମାନେ ମଧ୍ୟ କେତେ ଦିନ ଏହି ସଂସାରରେ ରହିବୁ ? ତେଣୁ ଏଭଳି ଉପାୟରେ ପ୍ରାପ୍ତ ରାଜଭୋଗ ସୁଖ ଅପେକ୍ଷା, ଯୁଦ୍ଧ ଛାଡି ଭିକ୍ଷା ମାଗି ନିଜ ଗୁଜୁରାଣ ମେଣ୍ଟାଇବା ଉତ୍ତମ ହେବ । ଏହି ବିଚାର କରି ଅର୍ଜୁନ ଧନୁଷ-ବାଣ ହାତରୁ ଛାଡିଦେଇ ରଥ ପଛପଟକୁ ଯାଇ ବସିଗଲେ । ଅର୍ଜୁନର ଏଭଳି ପ୍ରତିକ୍ରିୟା ଦେଖି ଶ୍ରୀ କୃଷ୍ଣ କହିଲେ:- ଦେଖ, ସମ୍ମୁଖରେ ପ୍ରସ୍ତୁତ ହୋଇ ରହିଥିବା କେଉଁ ଯୋଦ୍ଧାଙ୍କ ସହିତ ଆପଣ ଲଢିବେ । ଅର୍ଜୁନ ଉତ୍ତର ଦେଲେ ଯେ, ହେ କୃଷ୍ଣ ! ମୁଁ କୌଣସି ପ୍ରକାରେ ଯୁଦ୍ଧ କରିବି ନାହିଁ । ସେ ନିଜର ଉଦ୍ଦେଶ୍ୟ ଓ ମନରେ ଯେଉଁ ବିଚାର ଆସିଥିଲା ସେଗୁଡିକୁ ମଧ୍ୟ ଶ୍ରୀକୃଷ୍ଣଙ୍କ ଆଗରେ ପ୍ରକାଶ କଲେ । କାଳ ଭଗବାନ ତତ୍କ୍ଷଣାତ୍ ଶ୍ରୀକୃଷ୍ଣଙ୍କ ଶରୀରରେ ପ୍ରେତ ଭଳି ପ୍ରବେଶ କରି ଯୁଦ୍ଧ କରିବାକୁ ପ୍ରେରଣା ଦେବା ପାଇଁ ତଥା କଳିଯୁଗରେ କେହି ବେଦଜ୍ଞ ବ୍ୟକ୍ତି ରହିବେ ନାହିଁ, ଏହି ଅନ୍ୟ କାରଣ ପାଇଁ ଚାରିବେଦର ସଂକ୍ଷିପ୍ତ ବର୍ଣ୍ଣନା ଓ ସାରାଂଶକୁ "ଗୀତା ଜ୍ଞାନ" ରୂପେ ୭୦୦ଟି ଶ୍ଳୋକ ୧୮ଟି ଅଧ୍ୟାୟ ମାଧ୍ୟମରେ ଶ୍ରୀମଦ୍ଭଗବତ୍ ଗୀତା ଜ୍ଞାନ ଶୁଣାଇଲେ । ଶ୍ରୀ କୃଷ୍ଣଙ୍କୁ ଏହା ଜଣା ନଥିଲା ଯେ ଗୀତାଜ୍ଞାନ ଦେବା ସମୟରେ ସେ କ'ଣ କହିଥିଲେ ?

**(**ବ୍ରହ୍ମାକୁମାରୀ ପନ୍ଥର ସାଧକ ଏହି କାଳବ୍ରହ୍ମଙ୍କୁ ନିରାକାର ଶିବ ବାବା କୁହନ୍ତି । ସେମାନେ ବି ଏହି କଥା କୁହନ୍ତି ଯେ, ଶିବ ବାବା ସ୍ୱୟଂ କୌଣସି ଜଣେ ବୃଦ୍ଧ ଶରୀରରେ ପ୍ରବେଶ କରି ଗୀତା ଜ୍ଞାନ କହିଥିଲେ । ଏହି ଶିବ ବାବା, ବ୍ରହ୍ମାକୁମାରୀ ମାର୍ଗୀଙ୍କ ପୂଜ୍ୟ ପ୍ରଭୁ ଅଟନ୍ତି ।**)**

=====ᴂ-କିଛିବର୍ଷ ପରେ ଋଷି ବେଦବ୍ୟାସ ଏହି ଅମୃତଜ୍ଞାନକୁ ସଂସ୍କୃତ ଭାଷାରେ ଦେବନାଗରୀ ଲିପିରେ ଲେଖିଲେ । ପରେ ଅନୁବାଦକମାନେ ନିଜ ବୁଦ୍ଧି ଅନୁସାରେ ଏହି ପବିତ୍ର ଗ୍ରନ୍ଥଟିକୁ ହିନ୍ଦୀ ଓ ଅନ୍ୟ ଭାଷାରେ ଅନୁବାଦ କଲେ । ଯାହାକି ବର୍ତ୍ତମାନ ସମୟରେ ଗୀତାପ୍ରେସ୍ ଗୋରଖପୁର **(U.P)**ରୁ ପ୍ରକାଶିତ ହେଉଛି । ତାହାର ଫଟୋ କପିଗୁଡ଼ିକ ଏହି ପୁସ୍ତକର ୨୦୮ ପୃଷ୍ଠାରୁ ୩୮୪ ପୃଷ୍ଠା ପର୍ଯ୍ୟନ୍ତ ଅଛି ।

ପ୍ରଶ୍ନ:- ଆଜି (ସନ ୨୦୧୨) ପର୍ଯ୍ୟନ୍ତ ଏହା ଶୁଣିବାକୁ ମିଳିଛି ଯେ, ଗୀତାଜ୍ଞାନ ଶ୍ରୀକୃଷ୍ଣ କହିଛନ୍ତି । ଆପଣ କହିଲେ ଯେ କାଳ, ଶ୍ରୀକୃଷ୍ଣଙ୍କ ଶରୀରରେ ପ୍ରବେଶ କରି ଗୀତା ଜ୍ଞାନ କହିଥିଲା ଓ ଶ୍ରୀ କୃଷ୍ଣଙ୍କୁ ତ ଏହା ଜଣା ହିଁ ନଥିଲା ଯେ ସେ କେଉଁ ଜ୍ଞାନ କହିଥିଲେ ? ଏହା ଅସତ୍ୟ ପରି ଲାଗୁଛି, କିଛି ପ୍ରମାଣ ଦିଅନ୍ତୁ ।

ଉତ୍ତର:- ଆପଣଙ୍କୁ ବହୁତ ପ୍ରମାଣ ଦେବି ଯେଉଁଥିରୁ ପ୍ରମାଣିତ ହୋଇଯିବ ଯେ ଗୀତା ଶାସ୍ତ୍ରର ଜ୍ଞାନ "କାଳ" ପ୍ରଦାନ କରିଛି ।

=======ᴂ ସର୍ବ ପ୍ରଥମେ ଗୀତାର ଦଶମ ଅଧ୍ୟାୟରେ ଯେତେବେଳେ ଗୀତା ଜ୍ଞାନଦାତା ନିଜର ବିରାଟ ରୂପ

ଦେଖାଇଲେ, ତାହା ଦେଖି ଅର୍ଜୁନ ଥରିବାକୁ ଲାଗିଲେ ଓ ଭୟଭୀତ ହୋଇଗଲେ । ଏଠାରେ ଏହା ମଧ୍ୟ ଜଣାଇବା ଅନିବାର୍ଯ୍ୟ ଯେ ଅର୍ଜୁନଙ୍କ ଶାଳକ ଶ୍ରୀକୃଷ୍ଣ ଅଟନ୍ତି, କାରଣ ଶ୍ରୀକୃଷ୍ଣଙ୍କ ଭଉଣୀ ସୁଭଦ୍ରାଙ୍କ ବିବାହ ଅର୍ଜୁନଙ୍କ ସହିତ ହୋଇଥିଲା । ତେଣୁ ଏଠାରେ ଭୟରେ ଥରିବାର କ'ଣ ଆବଶ୍ୟକତା ଅଛି ?

==æ ଗୀତା ଜ୍ଞାନଦାତା ଯେତେବେଳେ ନିଜର ଭୟଙ୍କର ବିରାଟ ରୂପ ଦେଖାଇଲେ (ଯାହା ହଜାରେ ହାତ ବିଶିଷ୍ଟ ଥିଲା) ସେତେବେଳେ ଅର୍ଜୁନ ପ୍ରଶ୍ନ କଲେ ଯେ, ହେ ଦେବ ! ଆପଣ କିଏ ? (ଗୀତା ଅଧ୍ୟାୟ ୧୧ ଶ୍ଲୋକ ନଂ ୪୬)

==æ-ହେ ସହସ୍ରବାହୁ (ହଜାରେ ଭୁଜଧାରୀ) ! ଆପଣ ନିଜର ସେହି ଚତୁର୍ଭୁଜ ରୂପରେ ଦର୍ଶନ ଦିଅନ୍ତୁ (କାରଣ ଅର୍ଜୁନ ତାଙ୍କୁ ବିଷ୍ଣୁଙ୍କ ଅବତାର ଶ୍ରୀକୃଷ୍ଣ ବୋଲି ମାନୁଥିଲେ, କିନ୍ତୁ ସେତେବେଳେ କାଳ, ଶ୍ରୀକୃଷ୍ଣଙ୍କ ଶରୀରରୁ ବାହାରକୁ ବାହାରି ନିଜର ଅପାର ବିରାଟ ରୂପ ଦେଖାଇଥିଲେ), ମୁଁ ଭୟଭୀତ ହୋଇ ଆପଣଙ୍କର ଏହି ରୂପକୁ ମୁଁ ସହ୍ୟ କରି ପାରୁନାହିଁ । (ଗୀତା ଅଧ୍ୟାୟ ୧୧ ଶ୍ଲୋକ ନଂ ୪୬)

==æ-ପାଠକଗଣ ବିଚାର କରନ୍ତୁ: ଆମ୍ଭେ କ'ଣ ଆମ ଶାଳକଙ୍କୁ ପଚାରିବା ଯେ, ହେ ମହାନୁଭବ ! କୁହନ୍ତୁ ଆପଣ କିଏ ? ଏକଦା ଜଣେ ବ୍ୟକ୍ତିଙ୍କ ଶରୀରରେ ପ୍ରେତ ପ୍ରବେଶ କରି କଥା କହିବାକୁ ଲାଗିଲା । ପାଖରେ ବସିଥିବା ବ୍ୟକ୍ତି ଜଣକ ପଚାରିଲେ, ଆପଣ କିଏ କହୁଛନ୍ତି ? ଉତ୍ତର ମିଳିଲା ଯେ, ତୋର ମାମୁଁ କହୁଛି । ମୁଁ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିଲି । ଆମ୍ଭେ କ'ଣ ନିଜ ଭାଇକୁ ଜାଣି ନାହୁଁ ? ଠିକ୍ ଏହିଭଳି ଶ୍ରୀକୃଷ୍ଣଙ୍କ ଶରୀରରେ କାଳ ପ୍ରବେଶ କରି କହୁଥିଲା ।

==æ-ପ୍ରମାଣ ନଂ୨ ଗୀତା ଅଧ୍ୟାୟ ୧୧ ଶ୍ଲୋକ ୨୧ରେ ଅର୍ଜୁନ କହିଲା, ଯେଉଁମାନେ ଆପଣଙ୍କୁ ହାତ ଯୋଡ଼ି ଭୟଭୀତ ହୋଇ ସ୍ତୁତି କରୁଛନ୍ତି ସେହି ଦେବତାମାନଙ୍କୁ ଗ୍ରାସ କରୁଛନ୍ତି । ମହର୍ଷି ଓ ସିଦ୍ଧପୁରୁଷଙ୍କ ସମୁଦାୟ ଆପଣଙ୍କଠାରୁ ନିଜର ଜୀବନ ରକ୍ଷାର୍ଥେ ମଙ୍ଗଳ କାମନା କରୁଅଛନ୍ତି । ଗୀତା ଅଧ୍ୟାୟ ୧୧, ଶ୍ଲୋକ ୩୨ରେ ଗୀତା ଜ୍ଞାନଦାତା କହିଛନ୍ତି ଯେ, ହେ ଅର୍ଜୁନ ! ମୁଁ ବର୍ଦ୍ଧିତ କାଳ ଅଟେ । ଏବେ ମୁଁ ପ୍ରବୃତ୍ତ ହୋଇଛି ଅର୍ଥାତ୍ ଶ୍ରୀକୃଷ୍ଣଙ୍କ ଶରୀରରେ ଏବେ ପ୍ରବିଷ୍ଟ ହୋଇଛି । ସମସ୍ତ ବ୍ୟକ୍ତିଙ୍କୁ ବିନାଶ କରିବି ।  ତୁ ଯୁଦ୍ଧ ନ କଲେ ମଧ୍ୟ ଶତ୍ରୁପକ୍ଷର ସମସ୍ତ ସେନା ନଷ୍ଟ ହୋଇଯିବେ ।

ଏଥିରୁ ପ୍ରମାଣିତ ହେଲା ଯେ କାଳ ଶ୍ରୀକୃଷ୍ଣଙ୍କ ଶରୀରରେ ପ୍ରେତ ଭଳି ପ୍ରବେଶ କରି ଗୀତା ଜ୍ଞାନ କହିଥିଲେ । ଶ୍ରୀ କୃଷ୍ଣଜୀ ପୂର୍ବରୁ କେବେ ବି କହି ନଥିଲେ ଯେ ମୁଁ କାଳ ଅଟେ । ଶ୍ରୀକୃଷ୍ଣଙ୍କୁ ଦେଖି କେହି କେବେ ବି ଭୟଭୀତ ହେଉ ନଥିଲେ । ଗୋପୀ-ଗୋପାଳ, ଗାଈଆଳ-ବାଳକ, ପଶୁପକ୍ଷୀ ସମସ୍ତେ ତାଙ୍କୁ ଦେଖି ଆନନ୍ଦିତ ହେଉଥିଲେ, ତେବେ ''ଶ୍ରୀକୃଷ୍ଣଜୀ କ'ଣ କାଳ ଥିଲେ ?" ନାଁ । ତେଣୁ ଗୀତା ଜ୍ଞାନଦାତା "କାଳ" ଅଟନ୍ତି ଯିଏକି ଶ୍ରୀକୃଷ୍ଣଙ୍କ ଶରୀରରେ ପ୍ରବେଶ କରି ଗୀତା ଶାସ୍ତ୍ରର ଜ୍ଞାନ ପ୍ରଦାନ କରିଥିଲେ ।

==æ-ପ୍ରମାଣ ନଂ ୩ - ଗୀତା ଅଧ୍ୟାୟ ୧୧ ଶ୍ଲୋକ ୪୭ରେ ଗୀତା ଜ୍ଞାନଦାତା କହିଛନ୍ତି ଯେ, ହେ ଅର୍ଜୁନ ! ତୁମ ଉପରେ ମୁଁ ପ୍ରସନ୍ନ ହୋଇ ମୋ ଶକ୍ତି ସାହାଯ୍ୟରେ ତୁମର ଦିବ୍ୟ ଦୃଷ୍ଟି ଖୋଲି ଦେଇ ମୋର ବିରାଟ ରୂପ ଦେଖାଇଲି । ମୋର ଏହି ବିରାଟ ରୂପକୁ ତୁମ ବ୍ୟତୀତ ପୂର୍ବରୁ କେବେ, କେହି ବି ଦେଖି ନଥିଲେ ।

==æ-ବିଚାର ଯୋଗ୍ୟ ବିଷୟ:- ପ୍ରିୟ ପାଠଗଣ ! ମହାଭାରତରେ ଗୋଟିଏ ପ୍ରକରଣ ଆସେ ଯେ, ଯେଉଁ ସମୟରେ ଶ୍ରୀକୃଷ୍ଣଜୀ, କୌରବଙ୍କ ରାଜସଭାରେ ଉପସ୍ଥିତ ଥିଲେ ଏବଂ ସେମାନଙ୍କୁ କହୁଥିଲେ ଯେ, ଆପଣମାନେ ଉଭୟେ (କୌରବ ଓ ପାଣ୍ଡବ) ପରସ୍ପର ମଧ୍ୟରେ ଆଲୋଚନା କରି ନିଜ ସମ୍ପତ୍ତି (ରାଜ୍ୟ)କୁ ଭାଗ କରି ବାଣ୍ଟି ନିଅନ୍ତୁ, ଯୁଦ୍ଧ କରିବା ଆପଣମାନଙ୍କୁ ଶୋଭା ଦେଉନାହିଁ । ପାଣ୍ଡବମାନେ କହିଲେ ଯେ, ଆମ୍ଭମାନଙ୍କୁ ପାଞ୍ଚଟି ଗ୍ରାମ ଦେଇ ଦିଅନ୍ତୁ, ଆମ୍ଭେ ସେହିଥିରେ ହିଁ ଗୁଜୁରାଣ ମେଣ୍ଟାଇ ପାରିବୁ । ଦୁର୍ଯ୍ୟୋଧନ ଏହାକୁ ମଧ୍ୟ ପ୍ରତ୍ୟାଖ୍ୟାନ କରି କହିଲା ଯେ, ପାଣ୍ଡବଙ୍କ ପାଇଁ ଛୁଞ୍ଚିର ଅଗ୍ରଭାଗ ପରିମିତ ସ୍ଥାନ ଦେବି ନାହିଁ, ସେମାନେ ଯୁଦ୍ଧ କରି ନେଇ ପାରିବେ । ଏକଥା ଶୁଣି ଶ୍ରୀକୃଷ୍ଣ ଭଗବାନ ବହୁତ ନାରାଜ ହୋଇଗଲେ ଏବଂ ଦୁର୍ଯ୍ୟୋଧନକୁ କହିଲେ, ତୁ

ପୃଥିବୀର ବିନାଶ କରିବା ପାଇଁ ଜନ୍ମ ନେଇଛୁ, ବଂଶର ନାଶ କରି ଶାନ୍ତ ହେବୁ। ଆରେ ଭଦ୍ର ମଣିଷ ! କାହିଁ ଅଧା ରାଜ୍ୟ କାହିଁ ପାଞ୍ଚଟି ଗାଁ, ତୋତେ ଲଜ୍ଜା ଲାଗିବା ଉଚିତ୍।

ଏତିକି କଥା ଶ୍ରୀକୃଷ୍ଣଙ୍କ ମୁଖରୁ ଶୁଣିବା କ୍ଷଣୀ ରାଜା ଦୁର୍ଯ୍ୟୋଧନ ଅଗ୍ନିମୁଖା ହୋଇଗଲେ ଏବଂ ସଭାରେ ଉପସ୍ଥିତ ଥିବା ନିଜର ଭାଇ ଓ ମନ୍ତ୍ରୀମାନଙ୍କୁ କହିଲେ ଯେ, ଏହି କୃଷ୍ଣ ଯାଦବକୁ ବାନ୍ଧି ପକାଅ। ତତ୍‌କ୍ଷଣାତ୍ ଶ୍ରୀକୃଷ୍ଣ ସେହି ଠାରେ ବିରାଟ ରୂପ ଦେଖାଇଲେ। ସଭାରେ ଉପସ୍ଥିତ ସଦଶ୍ୟବୃନ୍ଦ ସେହି ବିରାଟ ରୂପକୁ ଦେଖି ଭୟଭୀତ ହୋଇ ଆସନ ତଳେ ଲୁଚିଗଲେ, କେତେକ ସଦଶ୍ୟ ଆଖିରେ ହାତ ଢାଙ୍କି ତଳେ ଶୋଇ ରହିଲେ। ଶ୍ରୀକୃଷ୍ଣଜୀ ସଭା ଛାଡ଼ି ବାହାରକୁ ଚାଲିଗଲେ ଏବଂ ନିଜର ବିରାଟ ରୂପକୁ ସମାପ୍ତ କରିଦେଲେ।

ଏବେ ସେହି କଥା ଉପରେ ବିଚାର କରିବା, ଯେଉଁ ଗୀତା ଅଧ୍ୟାୟ ୧୧, ଶ୍ଳୋକ ୪୭ରେ ଗୀତା ଜ୍ଞାନଦାତା କହିଥିଲେ ଯେ, ଅର୍ଜୁନ ! ମୋର ଏହି ବିରାଟ ରୂପକୁ ତୁମ ବ୍ୟତୀତ ଆଗରୁ କେବେ, କେହି ବି ଦେଖି ନାହାଁନ୍ତି। ଯଦି ଶ୍ରୀକୃଷ୍ଣ ଗୀତାଜ୍ଞାନ କହୁଥାନ୍ତେ ତେବେ ଏହା କଦାପି କହି ନ ଥାନ୍ତେ ଯେ, ମୋର ଏହି ବିରାଟ ରୂପକୁ ତୁମ ବ୍ୟତୀତ ଆଗରୁ କେହି ବି ଦେଖି ନାହାଁନ୍ତି କାରଣ ଶ୍ରୀକୃଷ୍ଣଜୀଙ୍କ ବିରାଟ ରୂପକୁ ତ କୌରବ ତଥା ଅନ୍ୟ ସଭା ସଦଶ୍ୟ ଆଗରୁ ଦେଖି ସାରିଥିଲେ।

ଏଥିରୁ ପ୍ରମାଣିତ ହେଲା ଯେ, ଶ୍ରୀମଦ୍‌ଭଗବତ୍ ଗୀତା ଜ୍ଞାନ ଶ୍ରୀକୃଷ୍ଣ କହି ନାହାଁନ୍ତି, ତାଙ୍କ ଶରୀରରେ ପ୍ରେତ ଭଳି ପ୍ରବେଶ କରି କାଳ (କ୍ଷରପୁରୁଷ) କହିଥିଲେ। ଏହା ତୃତୀୟ ପ୍ରମାଣ ହେଲା।

-----ଌ-ପ୍ରମାଣ ନଂ ୪ : ଶ୍ରୀ ବିଷ୍ଣୁ ପୁରାଣ (ଗୀତା ପ୍ରେସ୍ ଗୋରଖପୁରରୁ ପ୍ରକାଶିତ)ର ୨୩୩ ପୃଷ୍ଠାରେ ପ୍ରମାଣ ଅଛି ଯେ, ଏକଦା ଦେବତା ଓ ରାକ୍ଷସମାନଙ୍କ ମଧ୍ୟରେ ଯୁଦ୍ଧ ହେଲା। ଦେବତାମାନେ ପରାଜିତ ହୋଇ ସମୁଦ୍ର କୂଳକୁ ଯାଇ ଲୁଚିଗଲେ। ତା'ପରେ ଭଗବାନଙ୍କୁ ତପସ୍ୟା, ସ୍ତୁତି କରିବାକୁ ଲାଗିଲେ। କାଳର ଏହା ଅଟଳ ନିୟମ ଅର୍ଥାତ୍ କାଳ ପ୍ରତିଜ୍ଞା କରିଛି ଯେ, ମୁଁ ନିଜ ବାସ୍ତବିକ କାଳ ରୂପରେ କେବେ ବି କାହାରିକୁ ଦର୍ଶନ ଦେବି ନାହିଁ। ନିଜ ଯୋଗମାୟା ବଳରେ ଲୁଚି ରହିବି। (ପ୍ରମାଣ-ଗୀତା ଅଧ୍ୟାୟ ୭ ଶ୍ଳୋକ ୨୪-୨୫ ରେ) ଏଥିପାଇଁ ଏହି କାଳ (କ୍ଷରପୁରୁଷ) କାହାକୁ ବିଷ୍ଣୁ ରୂପରେ ଦର୍ଶନ ଦିଅନ୍ତି ତ, କାହାକୁ ଶଙ୍କର ରୂପରେ, କାହାକୁ ପୁଣି ବ୍ରହ୍ମା ରୂପରେ ଦର୍ଶନ ଦିଅନ୍ତି।

ତେଣୁ ସେହି ପ୍ରତିଜ୍ଞା ଅନୁସାରେ କାଳ, ଦେବତାମାନଙ୍କୁ ଶ୍ରୀବିଷ୍ଣୁଙ୍କ ରୂପରେ ଦର୍ଶନ ଦେଇ କହିଲେ ଯେ, ଆପଣମାନଙ୍କର ଯେଉଁ ସମସ୍ୟା ଉପୁଜିଛି ତାହା ମୁଁ ଜାଣିଛି। ଆପଣମାନେ ରାଜା ପୁରଞ୍ଜ୍ୟଙ୍କୁ ଯୁଦ୍ଧ କରିବା ପାଇଁ ପ୍ରସ୍ତୁତ କରାନ୍ତୁ। ମୁଁ ସେହି ରାଜଶ୍ରେଷ୍ଠଙ୍କ ଶରୀରରେ ପ୍ରେତ ଭଳି ପ୍ରବେଶ କରି ରାକ୍ଷସମାନଙ୍କର ବିନାଶ କରିବି। ସେହିଭଳି ହିଁ କରାଗଲା। (ଅଧିକ ଜ୍ଞାନ ଜାଣିବା ପାଇଁ ଆପଣ ବିଷ୍ଣୁପୁରାଣ ପଢ଼ି ପାରିବେ)।

——ଌ-ପ୍ରମାଣ ନଂ ୫: ଶ୍ରୀ ବିଷ୍ଣୁ ପୁରାଣର ୨୪୩ ପୃଷ୍ଠାରେ ପ୍ରମାଣ ଅଛି ଯେ, ଥରେ ନାଗ ବଂଶୀ ଏବଂ ଗନ୍ଧର୍ବମାନଙ୍କ ମଧ୍ୟରେ ଯୁଦ୍ଧ ହେଲା। ଗନ୍ଧର୍ବମାନେ ନାଗମାନଙ୍କର ବହୁ ମୂଲ୍ୟବାନ ହୀରା, ସ୍ୱର୍ଣ୍ଣ ଓ ଧନରତ୍ନ ଲୁଟି ନେଲେ। ସେମାନଙ୍କ ରାଜ୍ୟ ବି ଅକ୍ତିଆର କରିନେଲେ। ନାଗମାନେ ଭଗବାନଙ୍କୁ ସ୍ତୁତି କଲେ, ସେହି 'କାଳ' ଭଗବାନ ବିଷ୍ଣୁ ରୂପ ଧାରଣ କରି ପ୍ରକଟ ହେଲେ। ସେ ନାଗମାନଙ୍କୁ କହିଲେ ଯେ, ଆପଣମାନେ ରାଜା ପୁରୁକୁତ୍ସଙ୍କୁ ଗନ୍ଧର୍ବମାନଙ୍କ ସହିତ ଯୁଦ୍ଧ କରିବା ପାଇଁ ପ୍ରସ୍ତୁତ କରାନ୍ତୁ। ରାଜା ପୁରୁକୁତ୍ସଙ୍କ ଶରୀରରେ ପ୍ରବେଶ କରି ଦୁଷ୍ଟ ଗନ୍ଧର୍ବମାନଙ୍କର ମୁଁ ବିନାଶ କରି ଦେବି। ସେହି ଭଳି ହିଁ ହେଲା।

ଉପରୋକ୍ତ ବିଷ୍ଣୁ ପୁରାଣର ଦୁଇଟି କଥାରୁ ସ୍ପଷ୍ଟ ହେଲା (ପ୍ରମାଣିତ ହେଲା) ଯେ, ଏହି କାଳ ଭଗବାନ (କ୍ଷର ପୁରୁଷ) ଏହି ଭଳି ଅବ୍ୟକ୍ତ (ଗୁପ୍ତ) ରହି କାର୍ଯ୍ୟ କରିଥା'ନ୍ତି। ଏହିଭଳି ଭାବରେ କାଳ ଭଗବାନ (ଜ୍ୟୋତି ନିରଞ୍ଜନ) ଶ୍ରୀକୃଷ୍ଣଙ୍କ ଶରୀରରେ ପ୍ରବିଷ୍ଟ ହୋଇ ଗୀତା ଜ୍ଞାନ ପ୍ରଦାନ କରିଛନ୍ତି।

——ଌ-ପ୍ରମାଣ ନଂ ୬: ମହାଭାରତ ଗ୍ରନ୍ଥରେ (ଗୀତା ପ୍ରେସ୍ ଗୋରଖପୁର (**U.P**) ରୁ ପ୍ରକାଶିତ) ଭାଗ-୨, ପୃଷ୍ଠା ୬୬୭ରେ ଲେଖାଯାଇଛି ଯେ, ମହାଭାରତ ଯୁଦ୍ଧ ପରେ ରାଜା ଯୁଧିଷ୍ଠିରଙ୍କୁ ରାଜ ଗାଦୀରେ ଉପବେଶନ

କରାଇ ଶ୍ରୀକୃଷ୍ଣଜୀ ଯେତେବେଳେ ଦ୍ୱାରିକା ଫେରିବାକୁ ପ୍ରସ୍ତୁତ ହେଲେ ସେତେବେଳେ ଅର୍ଜୁନ, ଶ୍ରୀ କୃଷ୍ଣଙ୍କୁ କହିଲେ, ଆପଣ ସେହି ଗୀତାଜ୍ଞାନକୁ ମୋତେ ପୁନର୍ବାର ଶୁଣାନ୍ତୁ; ମୁଁ ସେହି ଜ୍ଞାନ ଭୁଲି ଯାଇଛି । ଶ୍ରୀକୃଷ୍ଣ କହିଲେ, ହେ ଅର୍ଜୁନ ! ଆପଣ ବଡ଼ ବୁଦ୍ଧି ହୀନ ବ୍ୟକ୍ତି, ବଡ଼ ଶ୍ରଦ୍ଧାହୀନ ଅଟନ୍ତି । ଆପଣ ସେହି ଅମୂଲ୍ୟ ଜ୍ଞାନକୁ କାହିଁକି ଭୁଲି ଗଲେ । ଏବେ ମୁଁ ସେହି ଜ୍ଞାନକୁ ପୁନର୍ବାର ଶୁଣାଇ ପାରିବି ନାହିଁ କାରଣ ମୁଁ ସେତେବେଳେ ଯୋଗଯୁକ୍ତ ହୋଇ ତୁମ୍ଭକୁ ଗୀତା ଜ୍ଞାନ ଶୁଣାଇଥିଲି ।

=====Æବିଚାରକରନ୍ତୁ:- ଯଦି ଯୁଦ୍ଧ ସମୟରେ ଯୋଗଯୁକ୍ତ ହୋଇପାରିବା ତେବେ ଶାନ୍ତ ବାତାବରଣରେ ଯୋଗଯୁକ୍ତ ହେବାରେ କି ସମସ୍ୟା ହୋଇପାରେ ? ବାସ୍ତବରେ କାଳ, ଶ୍ରୀକୃଷ୍ଣଙ୍କ ଶରୀରରେ ପ୍ରେତ ଭଳି ପ୍ରବେଶ କରି ଏହି ଗୀତାଜ୍ଞାନ ଶୁଣାଇଥିଲେ ।

=====Æ ସ୍ୱୟଂ ଶ୍ରୀକୃଷ୍ଣଜୀଙ୍କର ଏହି ଗୀତାଜ୍ଞାନ ମନେ ନାହିଁ, ଯଦି ସେ ଗୀତାଜ୍ଞାନର ବକ୍ତା ଥିଲେ ତେବେ ବକ୍ତାକୁ ତ ସର୍ବ ଜ୍ଞାନ ମନେ ରହିବା ଉଚିତ୍ । ଏଥିରୁ ପ୍ରମାଣିତ ହେଲା ଯେ କାଳ (କ୍ଷର ପୁରୁଷ) ଶ୍ରୀକୃଷ୍ଣଜୀଙ୍କ ଶରୀରରେ ପ୍ରବିଷ୍ଟ ହୋଇ ଗୀତା ଜ୍ଞାନ କହିଥିଲେ । ଉପରୋକ୍ତ ପ୍ରମାଣରୁ ସ୍ପଷ୍ଟ ହେଲା ଯେ ଶ୍ରୀକୃଷ୍ଣ ଶ୍ରୀମଭଗବତ୍ ଗୀତା ଜ୍ଞାନ କହି ନାହାଁନ୍ତି । ତାଙ୍କୁ ଏହା ଜଣା ହିଁ ନାହିଁ ଯେ ସେ କ'ଣ କହିଥିଲେ । କାଳପୁରୁଷ, ଶ୍ରୀକୃଷ୍ଣଙ୍କ ଶରୀରରେ ପ୍ରବିଷ୍ଟ ହୋଇ ଏହା କହିଥିଲେ ।

ପ୍ରଶ୍ନ୨ :- କାଳପୁରୁଷ କିଏ ଅଟନ୍ତି ?

ଉତ୍ତର:- ଏହା ଜାଣିବା ପାଇଁ ଏହି ପୁସ୍ତକର ୧୦୩ ନଂ. ପୃଷ୍ଠାରେ ସୃଷ୍ଟି ରଚନା ବିଷୟ ପଢନ୍ତୁ ।

ପ୍ରଶ୍ନ ୩ :- କାଳ ଭଗବାନ ଅର୍ଥାତ୍ ବ୍ରହ୍ମ; ଅବିନାଶୀ ଅଟନ୍ତି ନା ତାଙ୍କର ଜନ୍ମ-ମୃତ୍ୟୁ ହୁଏ ?

ଉତ୍ତର:- କାଳ ଭଗବାନ ଜନ୍ମ ନିଅନ୍ତି ଏବଂ ମରନ୍ତି ।

ପ୍ରଶ୍ନ ୪ :- କେଉଁଠି ପ୍ରମାଣ ଅଛି ?

ଉତ୍ତର:- ଶ୍ରୀମଭଗବତ୍ ଗୀତା ଅଧ୍ୟାୟ ୨ ଶ୍ଳୋକ ୧୨, ଗୀତା ଅଧ୍ୟାୟ ୪ ଶ୍ଳୋକ ଗୀତା ଅଧ୍ୟାୟ ୧୦ ଶ୍ଳୋକ୨ରେ ଗୀତା ଜ୍ଞାନଦାତା ସ୍ୱୟଂ ସ୍ୱୀକାର କରୁଛନ୍ତି ଯେ ମୋର ମଧ୍ୟ ଜନ୍ମ-ମୃତ୍ୟୁ ହୁଏ, ମୁଁ ଅବିନାଶୀ ନୁହେଁ । ଗୀତାରେ କୁହାଯାଇଛି ଯେ ହେ ଅର୍ଜୁନ ! ତୁମର ଏବଂ ମୋର ବହୁତ ଜନ୍ମ ହୋଇସାରିଛି, ତୁମେ ଜାଣି ନାହଁ ମୁଁ ଜାଣିଛି । ତୁମେ, ମୁଁ ଏବଂ ଏହି ରାଜା ଓ ସୈନିକମାନେ ଆଗରୁ ଥିଲେ, ଆଗକୁ ମଧ୍ୟ ରହିଥିବେ, ଏକଥା ଭାବ ନାହିଁ ଯେ ଆମ୍ଭେ କେବଳ ବର୍ତ୍ତମାନରେ ହିଁ ଅଛୁ । ମୋର ଉତ୍ପତ୍ତିକୁ ନା ଏହି ଦେବତାମାନେ ଜାଣିଛନ୍ତି ନା ଋଷିମାନେ ଜାଣିଛନ୍ତି, କାରଣ ଏହି ଦେବତା ଓ ଋଷିମାନେ ମୋ ଠାରୁ ହିଁ ଉତ୍ପନ୍ନ ହୋଇଛନ୍ତି ।

ଏଥିରୁ ପ୍ରମାଣିତ ହେଲା ଯେ ଗୀତା ଜ୍ଞାନଦାତା କାଳପୁରୁଷ ଅବିନାଶୀ ନୁହଁନ୍ତି । ଏଥିପାଇଁ ତାଙ୍କୁ କ୍ଷରପୁରୁଷ କୁହାଯାଏ ।

ପ୍ରଶ୍ନ ୫:- ବ୍ରହ୍ମା, ବିଷ୍ଣୁ ଓ ଶିବ ଅବିନାଶୀ ଅଟନ୍ତି କି ?

ଉତ୍ତର:- ନା; ଏମାନେ ନାଶବାନ ଅଟନ୍ତି, ଏମାନଙ୍କର ମଧ୍ୟ ଜନ୍ମ-ମୃତ୍ୟୁ ହୋଇଥାଏ, ବ୍ରହ୍ମା, ବିଷ୍ଣୁ ଓ ଶିବଙ୍କର ମଧ୍ୟ ମାତା-ପିତା ଅଛନ୍ତି ।

ପ୍ରଶ୍ନ ୬:- କୌଣସି ପ୍ରମାଣ ଦିଅନ୍ତୁ, ମାତା-ପିତାଙ୍କ ନାମ ମଧ୍ୟ କୁହନ୍ତୁ ।

ଉତ୍ତର:- ଶ୍ରୀ ଦେବୀ ମହାପୁରାଣ (ଗୀତା ପ୍ରେସ୍ ଗୋରଖପୁରରୁ ପ୍ରକାଶିତ)ର ତୃତୀୟ ସ୍କନ୍ଧ, ୧୨୩ ପୃଷ୍ଠାରେ, ଶ୍ରୀ ବିଷ୍ଣୁ ନିଜ ମାତା ଦୁର୍ଗାଙ୍କୁ ସ୍ତୁତି କରିବା ସହିତ କହିଛନ୍ତି ଯେ, ହେ ମାତା ! ଆପଣ ଶୁଦ୍ଧ ସ୍ୱରୂପା ଅଟନ୍ତି, ସାରା ସଂସାର ଆପଣଙ୍କ ଦ୍ୱାରା ଉଦ୍ଭାସିତ ହେଉଅଛି, ଆମ୍ଭେମାନେ ଆପଣଙ୍କ କୃପାରୁ ବିଦ୍ୟମାନ ଅଟୁଁ; ମୁଁ, ବ୍ରହ୍ମା ଓ ଶଙ୍କର ତ ଜନ୍ମ ନେଉ ଏବଂ ମରିଥାଉଁ । ଆମ୍ଭମାନଙ୍କର ତ ଆବିର୍ଭାବ (ଜନ୍ମ) ଓ ତିରୋଭାବ (ମୃତ୍ୟୁ) ହୋଇଥାଏ, ଆମ୍ଭେ ଅବିନାଶୀ ନୁହେଁ । ଆପଣ ହିଁ ଜଗତ ଜନନୀ ଏବଂ ସନାତନୀ ଦେବୀ ଏବଂ ପ୍ରକୃତି ଦେବୀ ଅଟନ୍ତି । ଶଙ୍କର ଭଗବାନ କହିଲେ, ହେ ମାତା ! ବିଷ୍ଣୁଙ୍କ ପରେ ଜନ୍ମ ହୋଇଥିବା ବ୍ରହ୍ମା ଆପଣଙ୍କ

ପୁତ୍ର ହେଲେ, ତେବେ ମୁଁ ତମୋଗୁଣୀ ଲୀଳାକାରୀ ଶଙ୍କର କିପରି ଆପଣଙ୍କର ସନ୍ତାନ ହେଲି ନାହିଁ ଅର୍ଥାତ୍ ମୋତେ ଉତ୍ପନ୍ନ କାରିଥିବା ମାତା ଆପଣ ହିଁ ଅଟନ୍ତି । ଏହି ଦେବୀ ମହାପୁରାଣର ଉଲ୍ଲେଖରୁ ପ୍ରମାଣିତ ହେଲା ଯେ ଶ୍ରୀ ବ୍ରହ୍ମା, ଶ୍ରୀ ବିଷ୍ଣୁ ଓ ଶ୍ରୀ ଶଙ୍କରଙ୍କୁ ଜନ୍ମ ଦେଇଥିବା ମାତା, 'ଶ୍ରୀ ଦୁର୍ଗା ଦେବୀ' (ଅଷ୍ଟାଙ୍ଗୀ ଦେବୀ) ଅଟନ୍ତି ଏବଂ ତିନି ପୁତ୍ର ନାଶବାନ ଅଟନ୍ତି ।

ଶ୍ରୀ ବ୍ରହ୍ମା, ଶ୍ରୀ ବିଷ୍ଣୁ ଓ ଶ୍ରୀ ଶିବଙ୍କ ମାତା-ପିତା କିଏ ଅଟନ୍ତି ?

ପ୍ରମାଣ:- ଶ୍ରୀ ଶିବ ମହାପୁରାଣ (ଗୀତାପ୍ରେସ୍ ଗୋରଖପୁରରୁ ପ୍ରକାଶିତ) ରେ ଏହି ତ୍ରିଦେବଙ୍କ ପିତା ବିଷୟରେ ଜ୍ଞାନ ଦିଆଯାଇଛି, ଶ୍ରୀ ଶିବ ମହାପୁରାଣରେ ଥିବା ରୁଦ୍ରସଂହିତା ଖଣ୍ଡର ପୃଷ୍ଠା ୧୦୦ରୁ ୧୧୦ ପର୍ଯ୍ୟନ୍ତ ନିମ୍ନ ପ୍ରକରଣ ଅଛି:-

ନିଜ ପୁତ୍ର ନାରଦଙ୍କ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ଶ୍ରୀ ବ୍ରହ୍ମା କହିଲେ, ହେ ପୁତ୍ର ! ତୁମେ ସୃଷ୍ଟିର ଉତ୍ପତ୍ତିକର୍ତ୍ତାଙ୍କ ବିଷୟରେ ଯେଉଁ ପ୍ରଶ୍ନ କରିଛ, ତାହାର ଉତ୍ତର ଶୁଣ !

ପ୍ରାରମ୍ଭରେ କେବଳ ଜଣେ "ସଦ୍‌ବ୍ରହ୍ମ" ହିଁ ଥିଲେ । ସର୍ବତ୍ର ପ୍ରଳୟକାରୀ ବାତାବରଣ ଥିଲା । ସେହି ନିରାକାର ପରମାତ୍ମା ନିଜ ରୂପକୁ ଶିବଙ୍କ ଭଳି ପ୍ରସ୍ତୁତ କଲେ । ତାଙ୍କୁ "ସଦାଶିବ"କୁହାଯାଏ, ସେ ନିଜ ଶରୀରରୁ ଜଣେ ସ୍ତ୍ରୀଙ୍କୁ ଉତ୍ପନ୍ନ କଲେ, ସେହି ସ୍ତ୍ରୀ; ଦୁର୍ଗା, ଜଗଦମ୍ବିକା, ପ୍ରକୃତିଦେବୀ ଓ ତ୍ରିଦେବ ଜନନୀ (ବ୍ରହ୍ମା, ବିଷ୍ଣୁ, ଶିବଙ୍କ)ଭାବେ କଥିତ ହେଲେ, ଯାହାଙ୍କର ଆଠଟି ଭୁଜା ଅଛି । ଏହାଙ୍କୁ ଶିବା ମଧ୍ୟ କୁହନ୍ତି ।

ଝ"ଶ୍ରୀ ବିଷ୍ଣୁଙ୍କର ଉତ୍ପତ୍ତି":- ସଦାଶିବ ଓ ଶିବା (ଦୁର୍ଗା ) ପତି-ପତ୍ନୀ ରୂପେ ରହି ଗୋଟିଏ ପୁତ୍ରକୁ ଜନ୍ମ ଦେଲେ, ତାଙ୍କ ନାମ ବିଷ୍ଣୁ ରଖିଲେ ।

ଝଶ୍ରୀ ବ୍ରହ୍ମାଙ୍କ ଉତ୍ପତ୍ତି:- ଶ୍ରୀ ବ୍ରହ୍ମା କହିଲେ, ଯେଉଁଭଳି ଶିବ ଓ ଶିବାଙ୍କ ସଂଯୋଗରୁ (ଭୋଗ-ବିଳାସ)ରୁ ବିଷ୍ଣୁଙ୍କ ଉତ୍ପତ୍ତି ହୋଇଛି, ସେହିଭଳି ଶିବା ମୋତେ ଜନ୍ମ ଦେଲେ ।

ନୋଟ୍ :- ଏଠାରେ ଶିବଙ୍କୁ କାଳବ୍ରହ୍ମ ବୋଲି ଜାଣନ୍ତୁ ଏବଂ ଶିବାଙ୍କୁ ଦୁର୍ଗା ବୋଲି ଜାଣନ୍ତୁ, ପ୍ରିୟ ପାଠକଗଣ ! ଏହି ରୁଦ୍ର ସଂହିତା ଖଣ୍ଡରେ ଶିବଙ୍କ ଉତ୍ପତ୍ତି ପ୍ରକରଣ ନାହିଁ ଏହା ଅନୁବାଦକର୍ତ୍ତାଙ୍କ ଭୁଲ୍ ଅଟେ । ଏମିତି ତ ଦେବୀ ପୁରାଣରେ ଶଙ୍କର ନିଜେ ସ୍ୱୀକାର କରିଛନ୍ତି ଯେ ମୋର ଜନ୍ମ, ଦୁର୍ଗା (ପ୍ରକୃତି)ଙ୍କ ଠାରୁ ହୋଇଛି ।

ଶ୍ରୀ ଶଙ୍କର, ଶିବ ଓ ଶିବାଙ୍କ ପୁତ୍ର ଅଟନ୍ତି :- ଶ୍ରୀ ଶିବ ମହାପୁରାଣର ବିଦ୍ଧେଶ୍ୱର ସଂହିତା ନାମକ ଖଣ୍ଡର ପୃଷ୍ଠା ୨୪ ରୁ ୩୦ ମଧ୍ୟରେ ପ୍ରମାଣ :- ଏକଦା ଶ୍ରୀ ବ୍ରହ୍ମା ଓ ବିଷ୍ଣୁଙ୍କ ମଧ୍ୟରେ ଏହି କଥାକୁ ନେଇ ଯୁଦ୍ଧ ହେଲା; ବ୍ରହ୍ମା କହିଲେ, ମୁଁ ତୋର ପିତା ଅଟେ କାରଣ ଏହି ସଂସାର ମୋଠାରୁ ଉତ୍ପନ୍ନ ହୋଇଛି, ମୁଁ ପ୍ରଜାପିତା ଅଟେ, ଏ କଥା ଶୁଣି ବିଷ୍ଣୁଜୀ କହିଲେ, ମୁଁ ତୋର ପିତା ଅଟେ, ତୁ ମୋର ନାଭି କମଳରୁ ଉତ୍ପନ୍ନ ହୋଇଛୁ । ଯେତେବେଳେ ଉଭୟେ ଉଭୟଙ୍କୁ ମାରିବା ପାଇଁ ତତ୍ପର ହେଲେ ସେହି ସମୟରେ ସଦାଶିବ ଅର୍ଥାତ୍ କାଳବ୍ରହ୍ମ ସେହି ଦୁହିଁଙ୍କ ମଝିରେ ଏକ ଧଳା ରଙ୍ଗର ପ୍ରକାଶମୟ ସ୍ତମ୍ଭ ଛିଡ଼ା କରି ଦେଲେ, ତା'ପରେ ନିଜେ ଶଙ୍କର ରୂପ ଧାରଣ କରି ସେମାନଙ୍କୁ କହିଲେ ଯେ ତୁମେ ଦୁହେଁ କେହି ବି କର୍ତ୍ତା ନୁହେଁ ।

ହେ ପୁତ୍ରଗଣ ! ମୁଁ ତୁମ୍ଭମାନଙ୍କୁ ଜଗତର ଉତ୍ପତ୍ତି ଓ ସ୍ଥିତି ରୂପକ ଦୁଇଟି କାର୍ଯ୍ୟ ଦେଇଛି, ଏହିଭଳି ମୁଁ ଶଙ୍କର ଓ ରୁଦ୍ରକୁ ସଂହାର ଓ ତିରୋଭାବ କାର୍ଯ୍ୟ ଦେଇଛି । ମୋତେ ବେଦରେ 'ବ୍ରହ୍ମ' କୁହାଯାଇଛି । ମୋର ପାଞ୍ଚଟି ମୁଖ ଅଛି, ଗୋଟିଏ ମୁଖରୁ 'ଅ'କାର (ଅ), ଦ୍ୱିତୀୟ ମୁଖରୁ 'ଉ'କାର (ଉ) ଏବଂ ତୃତୀୟ ମୁଖରୁ 'ମ'କାର (ମ), ଚତୁର୍ଥ ମୁଖରୁ ବିନ୍ଦୁ (.) ଏବଂ ପଞ୍ଚମ ମୁଖରୁ ନାଦ (ଶବ୍ଦ) ପ୍ରକଟ ହୋଇଛି, ଏହି ପାଞ୍ଚଟି ଅବୟବରେ ଏକାକାର ହୋଇ ଏକ ଅକ୍ଷର ଓମ୍ (ଓଁ) ତିଆରି ହୋଇଛି, ଏହା ମୋର ମୂଳ ମନ୍ତ୍ର ଅଟେ ।

ଉପରୋକ୍ତ ଶିବ ମହାପୁରାଣରୁ ପ୍ରମାଣିତ ହେଲା ଯେ ଶ୍ରୀ ବ୍ରହ୍ମା , ଶ୍ରୀ ବିଷ୍ଣୁ ଓ ଶ୍ରୀ ଶଙ୍କରଙ୍କ ମାତା ଶ୍ରୀ ଦୁର୍ଗା ଦେବୀ (ଅଷ୍ଟଙ୍ଗୀ ଦେବୀ) ଅଟନ୍ତି ଏବଂ ପିତା ସଦାଶିବ ଅର୍ଥାତ୍ "କାଳବ୍ରହ୍ମ" ଅଟନ୍ତି ଯିଏକି ଶ୍ରୀ କୃଷ୍ଣଙ୍କ ଶରୀରରେ ପ୍ରବିଷ୍ଟ ହୋଇ ଶ୍ରୀମଦ୍‌ଭଗବତ୍ ଗୀତା ଜ୍ଞାନ ପ୍ରଦାନ କରିଥିଲେ ଯାହାକୁ କ୍ଷରପୁରୁଷ / କ୍ଷରବ୍ରହ୍ମ ମଧ୍ୟ

କୁହାଯାଇଛି । ଏହି ପ୍ରମାଣ ଶ୍ରୀମଦ୍‌ଭଗବତ୍ ଗୀତା ଅଧ୍ୟାୟ ୧୪, ଶ୍ଳୋକ ୩ ରୁ ୫ ରେ ମଧ୍ୟ ଲେଖାଯାଇଛି ଯେ, ରଜ୍ (ରଜଗୁଣ ବ୍ରହ୍ମା), ସତ୍ (ସତ୍ତ୍ୱଗୁଣ ବିଷ୍ଣୁ), ତମ୍ (ତମଗୁଣ ଶଙ୍କର) ତିନିଗୁଣ, ପ୍ରକୃତି ଅର୍ଥାତ୍ ଦୁର୍ଗା ଦେବୀଙ୍କଠାରୁ ଉତ୍ପନ୍ନ ହୋଇଛନ୍ତି । ପ୍ରକୃତି ତ ସମସ୍ତ ଜୀବଙ୍କର ଉତ୍ପତ୍ତି କରୁଥିବା ମାତା ଅଟନ୍ତି । ମୁଁ (ଗୀତା ଜ୍ଞାନଦାତା) ସମସ୍ତ ଜୀବଙ୍କର ପିତା ଅଟେ । ମୁଁ ଦୁର୍ଗା (ପ୍ରକୃତି)ର ଗର୍ଭରେ ବୀଜ ସ୍ଥାପନ କରେ ଯାହା ଦ୍ୱାରା ସମସ୍ତଙ୍କର ଉତ୍ପତ୍ତି ହୋଇଥାଏ ।

ପ୍ରଶ୍ନ ୭ :- ଏହାର ପ୍ରମାଣ କେଉଁଠି ଅଛି ଯେ ବ୍ରହ୍ମା ରଜଗୁଣ, ବିଷ୍ଣୁ ସତ୍ୱଗୁଣ ଓ ଶଙ୍କରଜୀ ତମଗୁଣ ଅଟନ୍ତି ?

ଉତ୍ତର :- ୧. ଶ୍ରୀ ମାର୍କଣ୍ଡେୟ ପୁରାଣ (ସଚିତ୍ର ମୋଟା ଟାଇପ୍ ଗୀତା ପ୍ରେସ୍ ଗୋରଖପୁରରୁ ପ୍ରକାଶିତ)ର ୧୨୩ ପୃଷ୍ଠାରେ କୁହାଯାଇଛି ଯେ, ବ୍ରହ୍ମା ରଜଗୁଣ, ବିଷ୍ଣୁ ସତ୍ତ୍ୱଗୁଣ ଓ ଶଙ୍କର ତମଗୁଣ ଅଟନ୍ତି, ଏହି ତିନି ଜଣ ବ୍ରହ୍ମଙ୍କର ପ୍ରଧାନ ଶକ୍ତି ଅଟନ୍ତି ଏବଂ ଏମାନେ ହିଁ ତିନି ଦେବତା ଓ ତିନି ଗୁଣ ଅଟନ୍ତି ।

୨. ଶ୍ରୀ ଦେବୀ ମହାପୁରାଣ ସଂସ୍କୃତ ଓ ହିନ୍ଦୀ ଅନୁବାଦ (ଶ୍ରୀ ଭେଙ୍କଟେଶ୍ୱର ପ୍ରେସ୍ ମୁମ୍ବାଇରୁ ପ୍ରକାଶିତ)ର ତୃତୀୟ ସ୍କନ୍ଧ, ଅଧ୍ୟାୟ ୫, ଶ୍ଳୋକ ୮ରେ ଲେଖାଅଛି ଯେ ଶଙ୍କର ଭଗବାନ କହିଲେ, ହେ ମାତା ! ଯଦି ଆପଣ ଆମ୍ଭ ଉପରେ ଦୟାଯୁକ୍ତ ଅଟନ୍ତି ତେବେ ମୋତେ ତମଃ ଗୁଣ , ବ୍ରହ୍ମାଙ୍କୁ ରଜଃ ଗୁଣ ଏବଂ ବିଷ୍ଣୁଙ୍କୁ ସତ୍ତ୍ୱ ଗୁଣ ଯୁକ୍ତ କାହିଁକି କଲେ ?

ଉପୋରକ୍ତ ପ୍ରମାଣଗୁଡିକରୁ ସିଦ୍ଧ ହେଲା ଯେ ବ୍ରହ୍ମା ରଜଗୁଣ, ବିଷ୍ଣୁ ସତଗୁଣ ଓ ଶଙ୍କର ତମଗୁଣଯୁକ୍ତ ଅଟନ୍ତି ।

ପ୍ରଶ୍ନ ୮ :- ପରମାତ୍ମାଙ୍କୁ ଅଜନ୍ମା, ଅଜର-ଅମର କୁହାଯାଏ । ଉପରୋକ୍ତ ପ୍ରକରଣ ଓ ପ୍ରମାଣଗୁଡ଼ିକରୁ ସିଦ୍ଧ ହେଲା ଯେ ଯଦି ଶ୍ରୀ ବ୍ରହ୍ମା, ଶ୍ରୀ ବିଷ୍ଣୁ ଓ ଶ୍ରୀ ଶଙ୍କର, ଏହି ତିନି ଦେବତା ନାଶବାନ ଅଟନ୍ତି, ତା'ହେଲେ ଅବିନାଶୀ ପରମାତ୍ମା କିଏ ଅଟନ୍ତି ? ବ୍ରହ୍ମା, ବିଷ୍ଣୁ, ଶଙ୍କର ଏବଂ କାଳବ୍ରହ୍ମ କ'ଣ ପରମାତ୍ମା ନୁହଁନ୍ତି ? ପ୍ରମାଣ ସହିତ କୁହନ୍ତୁ ।

ଉତ୍ତର :- ପ୍ରଥମେ ସ୍ପଷ୍ଟ କରୁଅଛି ଯେ, ଶ୍ରୀ ବ୍ରହ୍ମା, ଶ୍ରୀ ବିଷ୍ଣୁ, ଶ୍ରୀ ଶଙ୍କର ଓ ବ୍ରହ୍ମ ପରମାତ୍ମା ଅଟନ୍ତି କି ନୁହଁନ୍ତି । ଆପଣ ନିଜ ପ୍ରଶ୍ନରେ ଏହା ପ୍ରମାଣିତ କରି ଦେଲେ ଯେ, ପରମାତ୍ମା ତ ଅଜନ୍ମା ଅର୍ଥାତ୍ ଯାହାଙ୍କର କେବେ ମଧ୍ୟ ଜନ୍ମ ହୋଇନଥିବ, ସେ ହିଁ ପରମାତ୍ମା ଅଟନ୍ତି, ପୂର୍ବୋକ୍ତ ବିବରଣୀ ଓ ପ୍ରମାଣଗୁଡ଼ିକରୁ ସିଦ୍ଧ ହୋଇସାରିଛି ଯେ ବ୍ରହ୍ମା, ବିଷ୍ଣୁ ଓ ଶଙ୍କରଙ୍କର ମାତା-ପିତା ଅଛନ୍ତି । ବ୍ରହ୍ମ (କାଳ) ମଧ୍ୟ ନାଶବାନ ଅଟନ୍ତି, ବ୍ରହ୍ମଙ୍କର ମଧ୍ୟ ଜନ୍ମ ହୋଇଛି । ଏଥିରୁ ସ୍ୱପ୍ରମାଣିତ ହେଲା ଯେ ଏମାନେ ପରମାତ୍ମା ନୁହଁନ୍ତି । ଏବେ ପ୍ରଶ୍ନ ଆସେ, ତା'ହେଲେ ଅବିନାଶୀ କିଏ ଅଟନ୍ତି ? ଏହାର ଉତ୍ତରରେ ଶ୍ରୀମଦ୍‌ଭଗବତ୍ ଗୀତାରୁ ହିଁ ପ୍ରମାଣିତ କରୁଅଛୁଁ ଯେ, ଅବିନାଶୀ ପରମାତ୍ମା ଏହି ଗୀତା ଜ୍ଞାନଦାତା (ବ୍ରହ୍ମ) ଠାରୁ ଭିନ୍ନ ଅଟନ୍ତି । ଶ୍ରୀମଦ୍‌ଭଗବତ୍ ଗୀତା ଅଧ୍ୟାୟ ୨ ଶ୍ଳୋକ ୧୨; ଗୀତା ଅଧ୍ୟାୟ ୪ ଶ୍ଳୋକ ୫; ଗୀତା ଅଧ୍ୟାୟ ୧୦ ଶ୍ଳୋକ ୨ ରେ ଗୀତା ଜ୍ଞାନଦାତା ନିଜର ସ୍ଥିତି ସମ୍ପର୍କରେ ସ୍ପଷ୍ଟ କରିଛନ୍ତି ଯେ ମୋର ଉତ୍ପତ୍ତି ହୋଇଛି, ମୁଁ ଜନ୍ମ ନିଏ ଏବଂ ମରେ । ଅର୍ଜୁନ ! ମୋର ଏବଂ ତୋର ବହୁତ ଜନ୍ମ ହୋଇସାରିଛି, ମୁଁ ମଧ୍ୟ ନାଶବାନ ଅଟେ । ତୁ ଜାଣିନାହୁଁ, ମୁଁ ଜାଣିଛି । ଗୀତା ଅଧ୍ୟାୟ ୨, ଶ୍ଳୋକ ୧୭ ରେ ମଧ୍ୟ କୁହାଯାଇଛି ଯେ, ଅବିନାଶୀ ତ ତାଙ୍କୁ ହିଁ ଜାଣ ଯାହାଙ୍କୁ ମାରିବା ପାଇଁ କେହି ବି ସକ୍ଷମ ନୁହଁନ୍ତି ଏବଂ ଯେଉଁ ପରମାତ୍ମା ସବୁ କିଛି ସର୍ଜନା କରିଛନ୍ତି । ଅବିନାଶୀ ପରମାତ୍ମାଙ୍କ ବିଷୟରେ ଏହା ପ୍ରଥମ ପ୍ରମାଣ ହେଲା ।

ପ୍ରମାଣ ନଂ ୨ :- ଶ୍ରୀମଦ୍‌ଭଗବତ ଗୀତା ଅଧ୍ୟାୟ ୧୫, ଶ୍ଳୋକ ୧୬-୧୭ରେ ତିନି ଜଣ ପୁରୁଷ (ପ୍ରଭୁ)ଙ୍କ ବିଷୟରେ କୁହାଯାଇଛି । ଗୀତା ଅଧ୍ୟାୟ ୧୫, ଶ୍ଳୋକ ୧୬ରେ କୁହାଯାଇଛି ଯେ, ଏହି ଦୁଇ ପ୍ରଭୁ ତଥା ଏହାଙ୍କ ଅନ୍ତର୍ଗତ ସମସ୍ତ ପ୍ରାଣୀ ନାଶବାନ ଅଟନ୍ତି, ସମସ୍ତଙ୍କର ଆତ୍ମା ତ ଅମର ଅଟେ । ଗୀତା ଅଧ୍ୟାୟ ୧୫, ଶ୍ଳୋକ ୧୭ରେ କୁହାଯାଇଛି ଯେ, ଉତ୍ତମ ପୁରୁଷ ଅର୍ଥାତ୍ ପୁରୁଷୋତ୍ତମ ତ ଅନ୍ୟ କେହି ଅଟନ୍ତି ଯାହାଙ୍କୁ ପରମାତ୍ମା ବୋଲି କୁହାଯାଇଛି, ଯିଏକି ତିନି ଲୋକରେ ପ୍ରବେଶ କରି ସମସ୍ତଙ୍କର ଧାରଣ-ପୋଷଣ କରୁଛନ୍ତି, ସେ ହିଁ ବାସ୍ତବରେ ଅବିନାଶୀ ଅଟନ୍ତି ।

ଗୀତା ଅଧ୍ୟାୟ ୭, ଶ୍ଳୋକ ୨୯ରେ କୁହାଯାଇଛି ଯେ, ଯେଉଁ ସାଧକ କେବଳ ଜରା (ବୃଦ୍ଧାବସ୍ଥା), ମରଣ (ମୃତ୍ୟୁ) ଓ ଦୁଃଖରୁ ମୁକ୍ତି ପାଇବା ପାଇଁ ପ୍ରଯତ୍ନ କରିଥାନ୍ତି, ସେମାନେ ସେହି ତତ୍‌ବ୍ରହ୍ମଙ୍କୁ ଜାଣିଛନ୍ତି, ସବୁ ପ୍ରକାରର

କର୍ମ ଓ ସମ୍ପୂର୍ଣ୍ଣ ଆଧ୍ୟାତ୍ମିକ ଜ୍ଞାନ ସହିତ ସେମାନେ ପରିଚିତ ଅଟନ୍ତି । ଗୀତା ଅଧ୍ୟାୟ ୮, ଶ୍ଳୋକ ୧ରେ ଅର୍ଜୁନ ପ୍ରଶ୍ନ କରିଛନ୍ତି "ତତ୍‌ବ୍ରହ୍ମ" କ'ଣ ? ଗୀତା ଜ୍ଞାନଦାତା ଅଧ୍ୟାୟ ୮, ଶ୍ଳୋକ ୩ ରେ ଉତ୍ତର ଦେଇଛନ୍ତ ଯେ, ସେ "ପରମ ଅକ୍ଷରବ୍ରହ୍ମ ଅଟନ୍ତି" ଅର୍ଥାତ୍ ପରମ ଅକ୍ଷରପୁରୁଷ ଅଟନ୍ତି । (ପୁରୁଷ କୁହନ୍ତୁ କିମ୍ବା ବ୍ରହ୍ମ) ଗୀତା ଅଧ୍ୟାୟ ୧୫, ଶ୍ଳୋକ ୧୭ରେ ଯେଉଁ "ଉତ୍ତମ ପୁରୁଷଃ ତୁ ଅନ୍ୟଃ ପରମାତ୍ମା ଇତି ଉଦାହୃତଃ" କୁହାଯାଇଛି, ସେ "ପରମ ଅକ୍ଷର ବ୍ରହ୍ମ" ଅଟନ୍ତି, ଯାହାଙ୍କୁ ପୁରୁଷୋତ୍ତମ କୁହାଯାଇଛି ।

## ଶଙ୍କା ସମାଧାନ

ଗୀତାର ପଞ୍ଚଦଶ ଅଧ୍ୟାୟ ୧୮ ନଂ ଶ୍ଳୋକରେ ଗୀତା ଜ୍ଞାନଦାତା କହିଛନ୍ତି ଯେ, ମୁଁ ସେ ସମସ୍ତ ପ୍ରାଣୀମାନଙ୍କଠାରୁ ଉତ୍ତମ ଅର୍ଥାତ୍ ଶକ୍ତିଶାଳୀ ଅଟେ ଯେଉଁମାନେ କି ମୋର ଏହି ୨୧ ଟି ବ୍ରହ୍ମାଣ୍ଡରେ ଅବସ୍ଥାନ କରନ୍ତି, ଏହି କାରଣରୁ ଲୋକ ବେଦ ଅର୍ଥାତ୍ ଲୋକ ପ୍ରଚଳିତ କାହାଣୀ ଆଧାରରେ ମୁଁ ପୁରୁଷୋତ୍ତମ ରୂପେ ପ୍ରସିଦ୍ଧ ଅଟେ । ବାସ୍ତବରେ କିଏ ପୁରୁଷୋତ୍ତମ :- ଏହି କଥା ଗୀତା ଅଧ୍ୟାୟ୧୫ ଶ୍ଳୋକ୧୭ ନଂ.ରେ ସ୍ପଷ୍ଟ କରି ଦିଆଯାଇଛି । ଉତ୍ତମ ପୁରୁଷ ଅର୍ଥାତ୍ ପୁରୁଷୋତ୍ତମ, କ୍ଷର ପୁରୁଷ (ଗୀତା ଜ୍ଞାନଦାତା) ଓ ଅକ୍ଷର ପୁରୁଷ (ଯିଏ ୭ ଶଙ୍ଖ ବ୍ରହ୍ମାଣ୍ଡର ସ୍ୱାମୀ)ଙ୍କ ଠାରୁ ଭିନ୍ନ ହିଁ ଅଟନ୍ତି, ସେ ହିଁ ପରମାତ୍ମା ଭାବରେ କଥିତ ହୁଅନ୍ତି । ସେ ହିଁ ସମସ୍ତଙ୍କର ଧାରଣ ପୋଷଣ କରୁଛନ୍ତି, ସେ ହିଁ ବାସ୍ତବରେ ଅବିନାଶୀ ଅଟନ୍ତି । ସେ "ପରମ ଅକ୍ଷର ବ୍ରହ୍ମ" ଅଟନ୍ତି ଯିଏକି ଅସଂଖ୍ୟ ବ୍ରହ୍ମାଣ୍ଡର ମାଲିକ ଅଟନ୍ତି, ଯିଏକି ସର୍ବ ସର୍ଜନକର୍ତ୍ତା କୁଳର ମାଲିକ ଅଟନ୍ତି ଅର୍ଥାତ୍ ପରମାତ୍ମା ଅଟନ୍ତି ।

ପ୍ରଶ୍ନ ୯ :- ଅକ୍ଷରର ଅର୍ଥ ଅବିନାଶୀ ଅଟେ । ଆପଣ, ଗୀତା ଅଧ୍ୟାୟ୧୫ ର ଶ୍ଳୋକ ନଂ ୧୬ ରେ ଅକ୍ଷର ପୁରୁଷଙ୍କୁ ମଧ୍ୟ ନାଶବାନ କହିଛନ୍ତି, କୃପା କରି ସ୍ପଷ୍ଟ କରନ୍ତୁ ।

ଉତ୍ତର:- ଏହା ସତ୍ୟ ଯେ "ଅକ୍ଷର" ର ଅର୍ଥ ଅବିନାଶୀ ହୋଇଥାଏ, ମାତ୍ର ପ୍ରକରଣବଶତଃ ଏହାର ଅର୍ଥ ଅଲଗା ମଧ୍ୟ ହୋଇଥାଏ । ଗୀତା ଅଧ୍ୟାୟ ୧୫, ଶ୍ଳୋକ ୧୬ରେ କୁହାଯାଇଛି ଯେ କ୍ଷର ଓ ଅକ୍ଷର ଏହି ଦୁଇ ପୁରୁଷ (ପ୍ରଭୁ)ଏହି ଲୋକରେ ଅଛନ୍ତି, ଏହି ଦୁହେଁ ଏବଂ ଏହାଙ୍କ ଅନ୍ତର୍ଗତ ଯେତେ ଜୀବ ଅଛନ୍ତି, ସେମାନେ ସମସ୍ତେ ନାଶବାନ ଅଟନ୍ତି, ଆତ୍ମା କାହାର ମଧ୍ୟ ମରେ ନାହିଁ । ପୁଣି ଗୀତା ଅଧ୍ୟାୟ ୧୫ ଶ୍ଳୋକ ୧୭ରେ ସ୍ପଷ୍ଟ କରିଛନ୍ତି ଯେ, ପୁରୁଷୋତ୍ତମ ତ ଉପରୋକ୍ତ ଦୁଇ ପ୍ରଭୁଙ୍କଠାରୁ ଭିନ୍ନ ଅଟନ୍ତି । ସେ ହିଁ ଅବିନାଶୀ ଅଟନ୍ତି, ସେ ହିଁ ସମସ୍ତଙ୍କର ଧାରଣ-ପୋଷଣ କରୁଥିବା ପରମାତ୍ମା (ପୁରୁଷ) ଓ ବାସ୍ତବରେ ଅବିନାଶୀ ଅଟନ୍ତି । ଗୀତା ଅଧ୍ୟାୟ ୮ ଶ୍ଳୋକ ୩ ରେ ତତ୍‌ବ୍ରହ୍ମଙ୍କୁ ପରମ ଅକ୍ଷରବ୍ରହ୍ମ କୁହାଯାଇଛି । ଅକ୍ଷରର ଅର୍ଥ ଅବିନାଶୀ ଅଟେ, ଏଠାରେ କିନ୍ତୁ ପରମ ଅକ୍ଷର ବ୍ରହ୍ମ କୁହାଯାଇଛି । ଏଥିରୁ ମଧ୍ୟ ପ୍ରମାଣିତ ହେଲା ଯେ ଅକ୍ଷର ବ୍ରହ୍ମଙ୍କ ଉର୍ଦ୍ଧରେ ପରମ ଅକ୍ଷରବ୍ରହ୍ମ ଅଛନ୍ତି, ସେ ହିଁ ବାସ୍ତବରେ ଅବିନାଶୀ ଅଟନ୍ତି ।

ଝ:-ପ୍ରମାଣ:- ଯେପରି ବ୍ରହ୍ମାଙ୍କ ଆୟୁ ୧୦୦ ବର୍ଷ କୁହାଯାଇଛି, ଦେବତାମାନଙ୍କର ବୟସ କେତେ ଅଟେ ? ଶୁଣନ୍ତୁ ! ଚାରିଯୁଗ (ସତ୍ୟ ଯୁଗ, ତ୍ରେତୟା ଯୁଗ, ଦ୍ୱାପର ଯୁଗ, କଳି ଯୁଗ)ର ସମଷ୍ଟିରେ ଗୋଟିଏ ଚତୁର୍ଯୁଗ ହୋଇଥାଏ ଯାହାକି ମଣିଷମାନଙ୍କର ୪୩,୨୦,୦୦୦ (ତେୟାଳିଶ ଲକ୍ଷ କୋଡ଼ିଏ ହଜାର) ବର୍ଷ ଅଟେ । ଏହିଭଳି ୧୦୦୮ଟି ଚତୁର୍ଯୁଗ ଅତିକ୍ରାନ୍ତ ହେଲେ ବ୍ରହ୍ମାଙ୍କର ଗୋଟିଏ ଦିନ ହୁଏ ଏବଂ ୧୦୦୮ ଟି ଚତୁର୍ଯୁଗ ଅତିକ୍ରାନ୍ତ ହେଲେ ଗୋଟିଏ ରାତ୍ରି ହୁଏ ଏହିଭଳି ୩୦ଟି ଦିନ ଓ ୩୦ଟି ରାତିରେ ଗୋଟିଏ ମାସ ହୋଇଥାଏ ଏବଂ ୧୨ଟି ମାସରେ ବ୍ରହ୍ମାଙ୍କର ଗୋଟିଏ ବର୍ଷ ହେଲା । ଏହିଭଳି ହିସାବରେ ବ୍ରହ୍ମାଙ୍କର ୧୦୦ (ଶହେ) ବର୍ଷ ଆୟୁ ଅଟେ । ଶ୍ରୀ ବିଷ୍ଣୁଙ୍କ ଆୟୁ ଶ୍ରୀ ବ୍ରହ୍ମାଙ୍କ ଆୟୁଠାରୁ ୭ ଗୁଣା ଅଧିକ ଅଟେ= ୭୦୦ ବର୍ଷ । ଶ୍ରୀ ଶଙ୍କରଙ୍କ ଆୟୁ ଶ୍ରୀ ବିଷ୍ଣୁଙ୍କ ଆୟ ଠାରୁ ୭ ଗୁଣା ଅଧିକ = ୪୯୦୦ ବର୍ଷ ।

ବ୍ରହ୍ମ(କ୍ଷରପୁରୁଷ/କାଳ)ର ଆୟୁ = ୭୦ ହଜାର ଶଙ୍କରଙ୍କର ମୃତ୍ୟୁ ପରେ ଜଣେ ବ୍ରହ୍ମ (ମହାକାଳ)ର ମୃତ୍ୟୁ ହୁଏ ଅର୍ଥାତ୍ କ୍ଷର(କାଳ)ପୁରୁଷର ମୃତ୍ୟୁ ହୁଏ । ଏତିକି ସମୟ ଅକ୍ଷରପୁରୁଷଙ୍କର ଗୋଟିଏ ଯୁଗ ହୋଇଥାଏ ।

ଅକ୍ଷର ପୁରୁଷଙ୍କ ଆୟୁ :- ଗୀତା ଅଧ୍ୟାୟ ୮ ଶ୍ଳୋକ ୧୭ ରେ ବର୍ଣ୍ଣିତ:-

*ସହସ୍ର ଯୁଗ ପର୍ଯ୍ୟନ୍ତମ୍ ଅହଃ ଯତ୍ ବ୍ରହ୍ମଣଃ ବିଦୁଃ ।*

*ରାତ୍ରିମ୍ ଯୁଗ ସହସ୍ରାନ୍ତମ୍ ତେ ଅହୋରାତ୍ରା ବିଦଃ ଜନାଃ ॥ (୧୭)*

ଅନୁବାଦ :- ଆଜି ପର୍ଯ୍ୟନ୍ତ ସମସ୍ତ ଅନୁବାଦକର୍ତ୍ତା ଠିକ୍ ଅନୁବାଦ କରି ନାହାଁନ୍ତି । ସମସ୍ତେ ବ୍ରହ୍ମାଙ୍କର ଏକ ହଜାର ଚତୁର୍ଯୁଗ ଲେଖିଛନ୍ତି, ଏହା ଭୁଲ୍ ଅଟେ । (ଦେଖନ୍ତୁ ଏହି ପୁସ୍ତକରେ ୨୦୭ ପୃଷ୍ଠାରୁ ୩୮୭ ପର୍ଯ୍ୟନ୍ତରେ ଗୀତା ଅଧ୍ୟାୟ ୮ ଶ୍ଳୋକ ୧୭ ର ଅନୁବାଦର ଫୋଟୋ କପି, ଯାହାକି ଗୀତା ପ୍ରେସ୍ ଗୋରଖପୁରରୁ ପ୍ରକାଶିତ ଅଟେ) ।

ମୂଳ ପାଠରେ "ସହସ୍ର ଯୁଗ" ଲେଖାଯାଇଛି, ସହସ୍ର ଚତୁର୍ଯୁଗ ଲେଖା ଯାଇନାହିଁ । ତେଣୁ ଗୀତା ଅଧ୍ୟାୟ ୮ ଶ୍ଳୋକ ୧୭ର ଅନୁବାଦ ଏହିଭଳି ହେବ:- (ବ୍ରହ୍ମଣଃ) ଅକ୍ଷର ପୁରୁଷର (ଯତ୍) ଯେଉଁ (ଅହଃ) ଦିନ ଅଟେ ତାହା (ସହସ୍ର ଯୁଗ ପ୍ରୟନ୍ତମ୍) ଏକ ହଜାର ଯୁଗ ଅବଧିର ଏବଂ (ରାତ୍ରିମ୍) ରାତିକୁ ମଧ୍ୟ (ଯୁଗ ସହସ୍ରାନ୍ତମ୍) ଏକ ହଜାର ଯୁଗର ଅବଧିକୁ ଯେଉଁ ପୁରୁଷ (ବିଦୁଃ) ଜାଣିଛନ୍ତି (ତେ) ସେ (ଜନା) ବ୍ୟକ୍ତି (ଅହୋରାତ୍ର) ଦିନ-ରାତିର (ବିଦଃ) ଜ୍ଞାତା ଅଟନ୍ତି ।

ଭାବାର୍ଥ:- ଏହି ଶ୍ଳୋକରେ "ବ୍ରହ୍ମା" ଶବ୍ଦ ମୂଳ ପାଠରେ ନାହିଁ ଏବଂ "ଚତୁର୍ ଯୁଗ" ଶବ୍ଦ ମଧ୍ୟ ମୂଳ ପାଠରେ ନାହିଁ, ଏଥିରେ "ବ୍ରହ୍ମଣଃ" ଶବ୍ଦ ଅଛି, ଯାହାର ଅର୍ଥ ସଚ୍ଚିଦାନନ୍ଦ ବ୍ରହ୍ମ ଅର୍ଥାତ୍ ପରମ ଅକ୍ଷର ବ୍ରହ୍ମ ହୋଇଥାଏ ମାତ୍ର ପ୍ରକରଣ ଅନୁସାରେ ବ୍ରହ୍ମଣଃର ଅର୍ଥ ବ୍ରହ୍ମ ଠାରୁ ଭିନ୍ନ ପରଂବ୍ରହ୍ମ(ଅକ୍ଷର ବ୍ରହ୍ମ) ମଧ୍ୟ ହୋଇଥାଏ ।

ଝ-ପ୍ରମାଣ:- ଗୀତା ଅଧ୍ୟାୟ ୧୭ ଶ୍ଳୋକ ୨୩ ରେ ବ୍ରହ୍ମଣଃର ଅର୍ଥ ସଚ୍ଚିଦାନନ୍ଦ ଘନ ବ୍ରହ୍ମ ବୋଲି ଲେଖାଯାଇଛି, ଅନୁବାଦକମାନେ ଏହା ଠିକ୍ କରିଛନ୍ତି । ଏହି ଗୀତା ଅଧ୍ୟାୟ ୮ର ଶ୍ଳୋକ ୧୭ରେ ଆୟୁ ପ୍ରକରଣ ଅଛି । ତେଣୁ ଏଠାରେ "ବ୍ରହ୍ମଣ" ର ଅର୍ଥ "ଅକ୍ଷର ବ୍ରହ୍ମ" ହେବ, ଏଠାରେ ଅକ୍ଷର ପୁରୁଷର ଆୟୁ ବିଷୟରେ ସୂଚନା ଦିଆଯାଇଛି । ଅକ୍ଷର ପୁରୁଷର ଗୋଟିଏ ଦିନ ଉପରୋକ୍ତ ଏକ ହଜାର ଯୁଗର ଅବଧି ହୋଇଥାଏ । {୭୦ ହଜାର ଶଙ୍କରଙ୍କର ମୃତ୍ୟୁ ପରେ ଜଣେ କ୍ଷରପୁରୁଷର ମୃତ୍ୟୁ ହୋଇଥାଏ, ଏହି ସମୟ ଅକ୍ଷର ପୁରୁଷଙ୍କର ଗୋଟିଏ ଯୁଗ ହୋଇଥାଏ} ଏହିଭଳି ଭାବରେ ଏକ ହଜାର ଯୁଗରେ ଅକ୍ଷର ପୁରୁଷଙ୍କର ଗୋଟିଏ ଦିନ ଓ ଏତିକି ପରିମାଣର ରାତ୍ରି ହୋଇଥାଏ,ଏହିଭଳି ୩୦ଟି ଦିନ ଏବଂ ୩୦ରାତି ଅତିକ୍ରାନ୍ତ ହେଲେ ଅକ୍ଷରପୁରୁଷଙ୍କର ଗୋଟିଏ ମାସ ହୁଏ ତଥା ୧୨ଟି ମାସରେ ଗୋଟିଏ ବର୍ଷ ଓ ୧୦୦ ବର୍ଷର ଆୟୁ ଅକ୍ଷର ପୁରୁଷଙ୍କର ହୋଇଥାଏ, ଏହାପରେ ତାଙ୍କର ମୃତ୍ୟୁ ହୋଇଥାଏ, ଏଥିପାଇଁ ଗୀତା ଅଧ୍ୟାୟ ୧୫, ଶ୍ଳୋକ ୧୬ରେ କ୍ଷରପୁରୁଷ ଓ ଅକ୍ଷର ପୁରୁଷ ଦୁହିଁଙ୍କୁ ନାଶବାନ କୁହାଯାଇଛି । ଗୀତା ଅଧ୍ୟାୟ ୧୫, ଶ୍ଳୋକ ୧୭ରେ ଯାହାଙ୍କୁ ବାସ୍ତବରେ ଅବିନାଶୀ ପରମାତ୍ମା କୁହାଯାଇଛି, ସେହି ପରମାତ୍ମା ସମସ୍ତ ପ୍ରାଣୀ ନଷ୍ଟ ହୋଇଗଲା ପରେ ବି ନାଶ ହୁଅନ୍ତି ନାହିଁ ।

ପ୍ରମାଣ :- ଗୀତା ଅଧ୍ୟାୟ ୮ ଶ୍ଳୋକ ୨୦ ରୁ ୨୨ ମଧ୍ୟରେ ସ୍ପଷ୍ଟ ଭାବରେ ଲେଖାଯାଇଛି ଯେ ସେହି ପରମ ଅକ୍ଷର ବ୍ରହ୍ମ ସମସ୍ତ ପ୍ରାଣୀ ନଷ୍ଟ ହେଲା ପରେ ମଧ୍ୟ କଦାପି ନଷ୍ଟ ହୁଅନ୍ତି ନାହିଁ ।

ଉଦାହରଣ:- ଯେପରି ୧. ଚିନା (ଧଳା) ମାଟିରେ ତିଆରି ହୋଇଥିବା କପ୍ ପ୍ଲେଟ୍‌କୁ ଜାଣନ୍ତୁ । ସେଗୁଡ଼ିକ ହାତରୁ ଖସି କଠିନ ଚଟାଣ ଉପରେ ପଡ଼ିବା ମାତ୍ରେ ଭାଙ୍ଗିଯାଏ ଅର୍ଥାତ୍ ନାଶବାନ (କ୍ଷର) ଅଟେ, ଏଭଳି ଅବସ୍ଥା କ୍ଷରପୁରୁଷଙ୍କର ଜାଣନ୍ତୁ ।

୨. ଅନ୍ୟ କପ୍-ପ୍ଲେଟ୍ ଷ୍ଟିଲ୍ (ଇସ୍ପାତ୍)ରେ ତିଆରି ହୋଇଥାଏ, ସେଗୁଡ଼ିକ ବହୁତ ଦିନ ପରେ କଳଙ୍କି ଲାଗିଯାଇ ନଷ୍ଟ ହୋଇଯାଏ, ଶୀଘ୍ର ଭାଙ୍ଗି ନଥାଏ ଓ ନଷ୍ଟ ହୋଇ ନଥାଏ । ମାଟିରେ ତିଆରି କପ୍-ପ୍ଲେଟ୍ ତୁଳନାରେ ଷ୍ଟିଲ୍ କପ୍-ପ୍ଲେଟ୍ ଚିର ସ୍ଥାୟୀ ପରି ପ୍ରତୀତ ହୁଏ, ଅବିନାଶୀ ବୋଲି ଜଣା ପଡ଼େ, କିନ୍ତୁ ନାଶବାନ ଅଟେ । ଏହିଭଳି ସ୍ଥିତି "ଅକ୍ଷର ପୁରୁଷ"ଙ୍କର ଜାଣନ୍ତୁ ।

୩. ତୃତୀୟ କପ୍-ପ୍ଲେଟ୍‌ଟି ଯଦି ସୁନାରେ ତିଆରି ହୋଇଥିବ । ସେଗୁଡ଼ିକ କେବେ ମଧ ନଷ୍ଟ ହୁଏ ନାହିଁ, ସେଗୁଡ଼ିକରେ କଳଙ୍କି ଲାଗେ ନାହିଁ । ଏହି ସ୍ଥିତି "ପରମ ଅକ୍ଷର ବ୍ରହ୍ମ"ଙ୍କର ଜାଣନ୍ତୁ । ଇଏ ବାସ୍ତବରେ ଅବିନାଶୀ ଅଟନ୍ତି । ତେଣୁ ପ୍ରକରଣବଶତଃ "ଅକ୍ଷର"ର ଅର୍ଥ ନାଶବାନ ମଧ ହୋଇଥାଏ, ପ୍ରକୃତରେ ଅକ୍ଷରର ଅର୍ଥ ଅବିନାଶୀ ଅଟେ । ଉଦାହରଣ ସ୍ୱରୂପ:- ଗୀତା ଅଧ୍ୟାୟ ୮ ଶ୍ଳୋକ ୧୧ ର ମୂଳ ପାଠ:-

ଯତ୍ ଅକ୍ଷରମ୍ ବେଦ ବିଦଃ ବଦନ୍ତି ବିଶନ୍ତି ଯତ୍ ଯତୟଃ ବୀତରାଗାଃ
ଯତ୍ ଇଚ୍ଛନ୍ତଃ ବ୍ରହ୍ମଚର୍ଯ୍ୟମ୍ ଚରନ୍ତି ତତ୍ ତେ ପଦମ୍ ସଂଗ୍ରହେଣ ପ୍ରବକ୍ଷ୍ୟେ (୧୧)

ଅନୁବାଦ:- ଏହି ଶ୍ଳୋକରେ "ଅକ୍ଷର" ର ଅର୍ଥ ଅବିନାଶୀ ପରମାତ୍ମାଙ୍କ ପାଇଁ ପ୍ରଯୁଜ୍ୟ:- (ବେଦ ବିଦଃ) ତତ୍ତ୍ୱଦର୍ଶୀ ସନ୍ଥ ଅର୍ଥାତ୍ ବେଦର ତାତ୍ପର୍ଯ୍ୟକୁ ଜାଣିଥିବା ମହାତ୍ମା (ଯତ୍) ଯାହାଙ୍କୁ (ଅକ୍ଷରମ୍) ଅବିନାଶୀ (ବଦନ୍ତି) କୁହନ୍ତି । (ଯତୟଃ) ସାଧନା ରତ (ବୀତରାଗା) ଆସକ୍ତି ରହିତ ସାଧକ (ଯତ୍) ଯେଉଁ ଲୋକରେ (ବିଶନ୍ତି) ପ୍ରବେଶ କରନ୍ତି ଏବଂ (ଯତ୍) ଯେଉଁ ପରମାତ୍ମାଙ୍କୁ (ଇଚ୍ଛାନ୍ତଃ) ପ୍ରାପ୍ତି ପାଇଁ ଇଚ୍ଛା ରଖୁଥିବା ସାଧକ; (ବ୍ରହ୍ମ ଚର୍ଯ୍ୟମ୍) ବ୍ରହ୍ମଚର୍ଯ୍ୟ ଅର୍ଥାତ୍ ଶିଷ୍ୟ ପରମ୍ପରାର (ଚରନ୍ତି) ଆଚରଣ କରିଥାନ୍ତି, (ତତ୍) ସେହି (ପଦମ୍) ପଦ ବିଷୟରେ (ତେ) ତୋ ପାଇଁ ମୁଁ (ସଂଗ୍ରହେଣ) ସଂକ୍ଷେପରେ (ପ୍ରବକ୍ଷେ) କହିବି । ଏହି ଶ୍ଳୋକରେ "ଅକ୍ଷର"ର ଅର୍ଥ ଅବିନାଶୀ ପରମାତ୍ମା ହୋଇଛି ଯାହା ଠିକ୍ ଅଟେ ।

କବୀର ପରମାତ୍ମା ସୂକ୍ଷ୍ମ ବେଦରେ କହିଛନ୍ତି ଯେ-

*ଗୁରୁ ବିନ କାହୁ ନ ପାୟା ଜ୍ଞାନା, ଜ୍ୟୋଁ ଥୋଥା ଭୁସ ଛିଡେ ମୂଢ କିସାନା*
*ଗୁରୁ ବିନ ବେଦ ପଢେ ଜୋ ପ୍ରାଣୀ, ସମଝେ ନା ସାର ରହେ ଅଜ୍ଞାନୀ ॥*

ପ୍ରଶ୍ନ ୧୦:- ଆପଣ ପୂର୍ଣ୍ଣ ମୋକ୍ଷ କାହାକୁ କୁହନ୍ତି ?

ଉତ୍ତର:- ଗୀତା ଅଧ୍ୟାୟ ୧୫ ଶ୍ଳୋକ ୪ରେ ବର୍ଣ୍ଣନା କରାଯାଇଛି ଯେ ତତ୍ତ୍ୱଦର୍ଶୀ ସନ୍ଥଙ୍କ ପ୍ରାପ୍ତି ପରେ ତତ୍ତ୍ୱଜ୍ଞାନ ରୂପୀ ଶସ୍ତ୍ରରେ ଅଜ୍ଞାନକୁ ଛେଦନ କରି ଅର୍ଥାତ୍ ଭଲ ଭାବରେ ଜ୍ଞାନକୁ ବୁଝି ସାରିବା ପରେ ପରମେଶ୍ୱରଙ୍କର ସେହି ପରମ ପଦକୁ (ସତ୍ୟଲୋକ) ଖୋଜିବା ଉଚିତ୍ । ଯେଉଁଠିକୁ ଯିବା ପରେ ସାଧକ ପୁଣି ଲେଉଟି କରି ସଂସାର (ଭବସାଗର)କୁ କଦାପି ଆସେ ନାହିଁ ଅର୍ଥାତ୍ କେବେ ବି ସେମାନଙ୍କର ଜନ୍ମ ହୁଏ ନାହିଁ । ଯେଉଁ ପରମାତ୍ମା ସମସ୍ତ ସର୍ଜନା କରିଛନ୍ତି, କେବଳ ତାଙ୍କ ଭକ୍ତି ଓ ପୂଜା କର । ପୂର୍ଣ୍ଣମୋକ୍ଷ ତାକୁ ହିଁ କୁହାଯାଏ ଯାହା ପ୍ରାପ୍ତି ପରେ ପୁନର୍ଜନ୍ମ ହେବ ନାହିଁ । ଜନ୍ମ-ମରଣର ଚକ୍ର ସବୁଦିନ ପାଇଁ ସମାପ୍ତ ହୋଇ ଯିବ ।

ପ୍ରଶ୍ନ ୧୧ :- ଗୀତା ଜ୍ଞାନଦାତା ବ୍ରହ୍ମ (କାଳ)ଙ୍କ ଭକ୍ତି ଦ୍ୱାରା ପୂର୍ଣ୍ଣମୋକ୍ଷ ସମ୍ଭବ କି ?

ଉତ୍ତର :- ନାଁ ।

ପ୍ରଶ୍ନ ୧୨:- ଗୀତା ଅଧ୍ୟାୟ ୮ ଶ୍ଳୋକ ୧୬ ରେ ପ୍ରମାଣ ଅଛି ଯେ, ଗୀତା ଜ୍ଞାନଦାତା କହିଛନ୍ତି ଯେ ହେ ଅର୍ଜୁନ ! ମୋତେ ପ୍ରାପ୍ତ ହେବା ପରେ ପୁନର୍ଜନ୍ମ ହୁଏ ନାହିଁ । ଆପଣ କିପରି କହୁଛନ୍ତି ଯେ, ବ୍ରହ୍ମର ଭକ୍ତିରେ ପୂର୍ଣ୍ଣ ମୋକ୍ଷ ସମ୍ଭବ ନୁହେଁ ?

ଉତ୍ତର :- ଶ୍ରୀ ଦେବୀ ମହାପୁରାଣ (ସଚିତ୍ର ମୋଟା ଟାଇପ୍ କେବଳ ହିନ୍ଦୀରେ ଗୀତା ପ୍ରେସ୍ ଗୋରଖପୁରରୁ ପ୍ରକାଶିତ)ର ସପ୍ତମ ସ୍କନ୍ଧର ୫୬୨ - ୫୬୩ ପୃଷ୍ଠାରେ ପ୍ରମାଣ ଅଛି ଯେ ଶ୍ରୀ ଦେବୀ ହିମାଳୟ ରାଜାଙ୍କୁ ଉପଦେଶ ଦେଇ କହୁଛନ୍ତି ଯେ ହେ ରାଜନ୍ ! ଅନ୍ୟ ସମସ୍ତ କଥା ତଥା ମୋ ଭକ୍ତିକୁ ମଧ ତ୍ୟାଗ କରି କେବଳ ଗୋଟିଏ ମନ୍ତ୍ର (ଓଁ ) ର ଜପ କରନ୍ତୁ , "ବ୍ରହ୍ମ" ପ୍ରାପ୍ତିର କେବଳ ଗୋଟିଏ ମନ୍ତ୍ର ଏହା ଅଟେ, ଏହି ମନ୍ତ୍ରର ଜପ ଦ୍ୱାରା ସଂସାରର ଅନ୍ୟ ପଟରେ ଯେଉଁ ବ୍ରହ୍ମ (ଜ୍ୟୋତି ନିରଞ୍ଜନ) ଅଛନ୍ତି ତାଙ୍କୁ ପ୍ରାପ୍ତ ହେବ, ଆପଣଙ୍କର କଲ୍ୟାଣ ହେବ । ସେ ବ୍ରହ୍ମଲୋକ ରୂପୀ ଦିବ୍ୟ ଆକାଶରେ ରୁହନ୍ତି ।

ଭାବାର୍ଥ ଏହା ଯେ ବ୍ରହ୍ମ ସାଧନା ପାଇଁ କେବଳ ଗୋଟିଏ ଓମ୍ ମନ୍ତ୍ର ଜପ ପ୍ରଯୁଜ୍ୟ, ଏହା ଦ୍ୱାରା ବ୍ରହ୍ମ ପ୍ରାପ୍ତି ହୁଏ ଏବଂ ସେହି ସାଧକ ବ୍ରହ୍ମଲୋକକୁ ଚାଲିଯାଏ । ଏହି ଗୀତା ଅଧ୍ୟାୟ ୮ , ଶ୍ଳୋକ୧୬ ରେ କୁହାଯାଇଛି ଯେ ବ୍ରହ୍ମଲୋକ ସହିତ ସମସ୍ତ ଲୋକ ପୁନରାବର୍ତ୍ତୀ ଚକ୍ରରେ ଅଛି, ଅର୍ଥାତ୍ ବ୍ରହ୍ମଲୋକକୁ ଯାଇଥିବା ସାଧକର ମଧ

ପୁନର୍ଜନ୍ମ ହୋଇଥାଏ । ବ୍ରହ୍ମଙ୍କ ଭକ୍ତି କଲେ ପୂର୍ଣ୍ଣ ମୋକ୍ଷ ହୁଏ ନାହିଁ । ଏହି ଗୀତା ଅଧ୍ୟାୟ ୮ ଶ୍ଳୋକ ୧୬ ରେ ଭୁଲ୍ ଅନୁବାଦ (ଗୀତା ପ୍ରେସ୍ ଗୋରଖପୁରରୁ ପ୍ରକାଶିତ ହୋଇଥିବା ଗୀତାରେ ତଥା ଅନ୍ୟ ପ୍ରକାଶନ ସଂସ୍ଥାର ଗୀତାରେ)କରାଯାଇଛି ।

ଗୀତା ଅଧ୍ୟାୟ ୮, ଶ୍ଳୋକ ୧୬ :-

*ଆ ବ୍ରହ୍ମ ଭୁବନାତ ଲୋକାଃ ପୁନରାବର୍ତିନଃ ଅର୍ଜୁନ ।*
*ମାମ ଉପେତ୍ୟ ତୁ କୌନ୍ତେୟ ପୁନର୍ଜନ୍ମ ନ ବିଦ୍ୟତେ ॥ (୧୬)*

ଏହାର ଭୁଲ୍ ଅନୁବାଦ କରାଯାଇଛି, ଯାହାକି ଏହି ପ୍ରକାର ଅଟେ:-

ହେ ଅର୍ଜୁନ ! ବ୍ରହ୍ମଲୋକ ପର୍ଯ୍ୟନ୍ତ ସମସ୍ତ ଲୋକ ପୁନରାବର୍ତ୍ତୀ ଚକ୍ରରେ ଅଛି ଅର୍ଥାତ୍ ଯେଉଁଠାକୁ ଯିବା ପରେ ପୁଣି ସଂସାରକୁ ଫେରି ଆସିବାକୁ ପଡିଥାଏ । କିନ୍ତୁ ମୋତେ ପ୍ରାପ୍ତ ହେବା ପରେ ପୁନର୍ଜନ୍ମ ହୁଏ ନାହିଁ । (ଏହି ଅନୁବାଦ ଭୁଲ୍ ଅଟେ) ଦେଖନ୍ତୁ ! ଏହି ପୁସ୍ତକର ୧୭୬ ପୃଷ୍ଠାରୁ ୩୫୨ ପର୍ଯ୍ୟନ୍ତରେ ଅଧ୍ୟାୟ ୮, ଶ୍ଳୋକ ୧୬ ର ଅନୁବାଦ ଯାହାକୁ ଗୀତାପ୍ରେସ୍ ଗୋରଖପୁର ଅନୁବାଦକ କରିଛନ୍ତି, ଯାହାର ଫୋଟୋ କପି ଲଗାଯାଇଛି ।

ଏହାର ପ୍ରକୃତ ଅନୁବାଦ ଏହି ପ୍ରକାର ଅଟେ:- ବ୍ରହ୍ମଲୋକ ପର୍ଯ୍ୟନ୍ତ ସମସ୍ତ ଲୋକ ପୁନରାବର୍ତ୍ତୀ ଚକ୍ରରେ ଅଛି, ଅର୍ଥାତ୍ ବ୍ରହ୍ମ ଲୋକକୁ ଯାଇସାରିଥିବା ବ୍ୟକ୍ତିମାନଙ୍କର ମଧ୍ୟ ପୂନର୍ଜନ୍ମ ହୋଇଥାଏ । ଯେଉଁମାନେ ଏହା ଜାଣନ୍ତି ନାହିଁ, ହେ ଅର୍ଜୁନ ! ମୋତେ ପ୍ରାପ୍ତ ହେବା ପରେ ମଧ୍ୟ ସେମାନଙ୍କର ପୂନର୍ଜନ୍ମ ଅଛି, ଏହି ଶ୍ଳୋକରେ "ବିଦ୍ୟତେ" ଶବ୍ଦର ଅର୍ଥ "ଜାଣିବା" ହେବ । ଗୀତା ଅଧ୍ୟାୟ ୬ ଶ୍ଳୋକ ୨୩ ରେ "ବିଦ୍ୟାତ୍" ଶବ୍ଦର ଅର୍ଥକୁ 'ଜାଣିବା' ଲେଖିଛନ୍ତି । ଏଠାରେ ଏହି ଶ୍ଳୋକରେ ମଧ୍ୟ "ବିଦ୍ୟତେ"ର ଅର୍ଥ "ଜାଣିବା" ହେଉଛି । ଉକ୍ତ ପୁସ୍ତକରେ ଦେଖନ୍ତୁ ସେହି ଶ୍ଳୋକର ଫୋଟୋ କପି । ଅଧିକ ସ୍ପଷ୍ଟତା ପାଇଁ ଗୀତା ଅଧ୍ୟାୟ ୮ ଶ୍ଳୋକ ୧୫ ପର୍ଯ୍ୟାପ୍ତ ଅଟେ ।

ମୂଳପାଠ:- ମାମ୍ ଉପେତ୍ୟ ପୁନର୍ଜନ୍ମ ଦୁଃଖାଳୟମ୍ ଅଶାଶ୍ୱତମ୍ ।
ନ ଆପ୍ନୁବନ୍ତି ମହାତ୍ମନଃ ସଂସିଦ୍ଧିମ୍ ପରମାମ୍ ଗତାଃ ॥ (୮/୧୫)

ଅନୁବାଦ:- (ମାମ୍) ମୋତେ ପ୍ରାପ୍ତ ହେବା ପରେ (ପୁନର୍ଜନ୍ମ) ପୁନର୍ଜନ୍ମ ହୋଇଥାଏ, ଯାହା (ଅଶାଶ୍ୱତମ୍) ନାଶବାନ ଜୀବନ (ଦୁଃଖାଳୟମ୍) ଦୁଃଖର ଘର ଅଟେ । (ପରମାମ୍) ପରମ (ସଂସିଦ୍ଧିମ୍ ଗତା) ସିଦ୍ଧିକୁ ପ୍ରାପ୍ତ (ମହାତ୍ମୟଃ) ମହାତ୍ମାଗଣ (ନ ଆପ୍ନୁବନ୍ତି) ପୁନର୍ଜନ୍ମ ପ୍ରାପ୍ତ ହୁଅନ୍ତି ନାହିଁ । (ଗୀତା ଅଧ୍ୟାୟ ୮, ଶ୍ଳୋକ ୧୫)

ଭାବାର୍ଥ:- ଗୀତା ଜ୍ଞାନଦାତା କହିଛନ୍ତି ଯେ, ମୋତେ ପ୍ରାପ୍ତ ହୋଇ ଦୁଃଖର ଘର ଏହି କ୍ଷଣଭଙ୍ଗୁର ଜୀବନରେ ଜନ୍ମ-ମରଣ ହୁଏ । ଯେଉଁ ମହାତ୍ମା ପରମ ଗତିକୁ ପ୍ରାପ୍ତ ହୋଇଯାଆନ୍ତି, ସେମାନଙ୍କର ପୁନର୍ଜନ୍ମ ହୁଏ ନାହିଁ ।

ଝ-ବିଚାର କରନ୍ତୁ:- ଯଦି ଗୀତା ଅଧ୍ୟାୟ ୮, ଶ୍ଳୋକ ୧ ରୁ ୧୦ର ସାରାଂଶ କାଢିବା, ତାହା ଏହି ପ୍ରକାର ଅଟେ:- ଅର୍ଜୁନ ପ୍ରଶ୍ନ କଲେ (ଗୀତା ଅଧ୍ୟାୟ ୮ ଶ୍ଳୋକ୧) ଯେ, ତତ୍ବ୍ରହ୍ମ କ'ଣ ? ଗୀତା ଜ୍ଞାନଦାତା, ଗୀତା ଅଧ୍ୟାୟ ୮ ଶ୍ଳୋକ ୩ ରେ ଉତ୍ତର ଦେଇଛନ୍ତି ଯେ ସେ "ପରମ ଅକ୍ଷର ବ୍ରହ୍ମ" ଅଟନ୍ତି ।

ପୁଣି ଗୀତା ଜ୍ଞାନଦାତା ଅଧ୍ୟାୟ ୮ ଶ୍ଳୋକ ୫ ଓ ୭ ରେ ନିଜ ଭକ୍ତି କରିବାକୁ କହିଛନ୍ତି ଏବଂ ଗୀତା ଅଧ୍ୟାୟ ୮ ଶ୍ଳୋକ ୮,୯,୧୦ ରେ "ପରମ ଅକ୍ଷର ବ୍ରହ୍ମ" ଙ୍କୁ ଭକ୍ତି କରିବାକୁ କହିଛନ୍ତି, ନିଜ ଭକ୍ତି ପାଇଁ ପ୍ରଯୁଜ୍ୟ ମନ୍ତ୍ର ବିଷୟରେ ଗୀତା ଅଧ୍ୟାୟ ୮ ଶ୍ଳୋକ ୧୩ରେ ନିର୍ଦ୍ଦେଶ ଦେଇ କହିଛନ୍ତି ଯେ ମୋ(ବ୍ରହ୍ମ)ର କେବଳ ଗୋଟିଏ ଅକ୍ଷର ଓମ୍ (ଓଁ) ଅଟେ । ଉଚ୍ଚାରଣ କରି ସ୍ମରଣ କରି ଯିଏ ଶରୀର ତ୍ୟାଗ କରେ, ସେ ପରମଗତି ପ୍ରାପ୍ତ କରିଥାଏ । ଶ୍ରୀ ଦେବୀ ପୁରାଣରେ ପ୍ରଥମେ ପ୍ରମାଣିତ କରିସାରିଛୁ ଯେ ଓଁ ଜପ ଦ୍ୱାରା ବ୍ରହ୍ମଲୋକ ପ୍ରାପ୍ତ ହୋଇଥାଏ । ଗୀତା ଅଧ୍ୟାୟ ୮ ଶ୍ଳୋକ୧୬ରେ ସ୍ପଷ୍ଟ କରାଯାଇଛି ଯେ ବ୍ରହ୍ମଲୋକକୁ ଯାଇଥିବା ସାଧକର ମଧ୍ୟ ପୁନର୍ଜନ୍ମ ହୋଇଥାଏ । ତେଣୁ ଗୀତା ଅଧ୍ୟାୟ ୮ ଶ୍ଳୋକ ୧୩ ରେ 'ଓଁ' ନାମ ଜପ ଦ୍ୱାରା ପରମଗତି ପ୍ରାପ୍ତି

ହେବାର ବର୍ଣ୍ଣନା ଅଛି, କିନ୍ତୁ ଗୀତା ଅଧ୍ୟାୟ ୮ ଶ୍ଳୋକ ୮,୯,୧୦ରେ ଯେଉଁ ସଚ୍ଚିଦାନନ୍ଦ ଘନ ବ୍ରହ୍ମ ଅର୍ଥାତ୍ ପରମ ଦିବ୍ୟ ପୁରୁଷଙ୍କର ଭକ୍ତି କରିବାକୁ କୁହାଯାଇଛି, ସେହି ମନ୍ତ୍ର ଗୀତା ଅଧ୍ୟାୟ ୧୭ ଶ୍ଳୋକ ୨୩ରେ ବର୍ଣ୍ଣିତ ।

ଓଁ, ତତ୍, ସତ୍, ଇତି, ନିର୍ଦ୍ଦେଶଃ, ବ୍ରହ୍ମଣଃ, ତ୍ରିବିଧଃ, ସ୍ମୃତଃ
ବ୍ରାହ୍ମଣାଃ, ତେନ, ବେଦାଃ, ଚ, ଯଜ୍ଞାଃ, ଚ, ବିହିତାଃ, ପୁରା ॥

ଅନୁବାଦ:- ସଚ୍ଚିଦାନନ୍ଦ ଘନ ବ୍ରହ୍ମଙ୍କର ଭକ୍ତି ମନ୍ତ୍ର ହେଲା "ଓଁ ତତ୍ ସତ୍" । "ଓଁ" ମନ୍ତ୍ରଟି ବ୍ରହ୍ମ ଅର୍ଥାତ୍ କ୍ଷରପୁରୁଷଙ୍କର ଅଟେ । "ତତ୍" ଏହା ସାଙ୍କେତିକ ଅଟେ, ଯାହାକି ଅକ୍ଷର ପୁରୁଷଙ୍କର ଅଟେ । "ସତ୍" ମନ୍ତ୍ର ମଧ୍ୟ ସାଙ୍କେତିକ ମନ୍ତ୍ର ଅଟେ ଯାହାକି ପରମ ଅକ୍ଷର ବ୍ରହ୍ମଙ୍କର ଅଟେ । ଏହି ତିନୋଟି ମନ୍ତ୍ରର ଜପ ଦ୍ୱାରା ସେହି ପରମଗତି ହେବ, ଯାହା ବିଷୟରେ ଗୀତା ଅଧ୍ୟାୟ ୧୫ର ଶ୍ଳୋକ ୪ରେ କୁହାଯାଇଛି, ଯେଉଁଠିକୁ ଯିବା ପରେ ସାଧକ ପୁଣି ଲେଉଟି କରି ସଂସାରକୁ କଦାପି ଆସେ ନାହିଁ ।

ଯଦି ଗୀତା ଅଧ୍ୟାୟ ୮ ଶ୍ଳୋକ ୧୬ର ଏହି ଭାବାର୍ଥକୁ ଠିକ୍ ମାନିବା ଯେ, ମୋତେ ଯିଏ ପ୍ରାପ୍ତି କରେ ତା'ର ପୁନର୍ଜନ୍ମ ହୁଏନାହିଁ ତେବେ ଗୀତା ଅଧ୍ୟାୟ ୨ ଶ୍ଳୋକ ୧୨; ଅଧ୍ୟାୟ ୪ ଶ୍ଳୋକ ୫; ଅଧ୍ୟାୟ ୧୦ ଶ୍ଳୋକ ୨ ଭୁଲ ପ୍ରମାଣିତ ହୋଇଯାଉଛି, ଯେଉଁଥିରେ ଗୀତା ଜ୍ଞାନଦାତା କହିଛନ୍ତି ଯେ ଅର୍ଜୁନ ! ତୋର ଏବଂ ମୋର ବହୁତ ଜନ୍ମ ହୋଇସାରିଛି, ତୁ ଜାଣି ନାହୁଁ ମୁଁ ଜାଣିଛି, ମୋର ଉତ୍ପତ୍ତିକୁ ନା ଦେବତାମାନେ ଜାଣିଛନ୍ତି ନା ମହର୍ଷିଗଣ ଜାଣିଛନ୍ତି ନା ସିଦ୍ଧ ପୁରୁଷମାନେ ଜାଣିଛନ୍ତି । ବିଚାରଯୋଗ୍ୟ ବିଷୟ ଏହା ଅଟେ ଯେ, ଯେତେବେଳେ ସାଧ୍ୟ ଇଷ୍ଟର ଜନ୍ମ-ମୃତ୍ୟୁ ହେଉଅଛି ସେତେବେଳେ ସାଧକଙ୍କୁ ସେହି ମୋକ୍ଷ କିପରି ପ୍ରାପ୍ତ ହୋଇପାରିବ ଯାହା ଦ୍ୱାରା ପୁନର୍ଜନ୍ମ ହୁଏ ନାହିଁ ।

ତେଣୁ ଗୀତା ଅଧ୍ୟାୟ ୮ ଶ୍ଳୋକ ୧୬ର ଅନୁବାଦ ଯାହାକୁ ମୁଁ ଉପରେ କରିଛି ତାହା ହିଁ ଠିକ୍ ଅଟେ; ଗୀତା ଜ୍ଞାନଦାତା କହିଛନ୍ତି ଯେ ବ୍ରହ୍ମଲୋକ ପର୍ଯ୍ୟନ୍ତ ସମସ୍ତ ଲୋକ ପୁନରାବର୍ତ୍ତୀ ଚକ୍ରରେ ଅଛି ଅର୍ଥାତ୍ ବ୍ରହ୍ମଲୋକକୁ ଯାଇଥିବା ପ୍ରାଣୀ ମଧ୍ୟ ଲେଉଟି କରି ପୁଣି ଏହି ସଂସାରରେ ଜନ୍ମଗ୍ରହଣ କରନ୍ତି । ଯେଉଁମାନେ ଏକଥା ଜାଣି ନାହାଁନ୍ତି ସେମାନେ ମୋର ଭକ୍ତି କରି ବି ପୁନର୍ଜନ୍ମକୁ ପ୍ରାପ୍ତ ହୁଅନ୍ତି ।

ଏଥିପାଇଁ ଗୀତା ଜ୍ଞାନଦାତା ଅଧ୍ୟାୟ୧୮ର ଶ୍ଳୋକ ୬୨ରେ କହିଛନ୍ତି ଯେ, ହେ ଅର୍ଜୁନ ! ତୁ ସର୍ବଭାବରେ ସେହି ପରମେଶ୍ୱରଙ୍କ ଶରଣକୁ ଯାଆ, ସେହି ପରମେଶ୍ୱରଙ୍କ କୃପାରେ ତୁ ପରମ (ଶ୍ରେଷ୍ଠ) ଶାନ୍ତି ତଥା ସନାତନ ପରମଧାମ (ଅମରାପୁରୀ) ଅର୍ଥାତ୍ ସତ୍ୟଲୋକ ପ୍ରାପ୍ତ ହେବୁ । ଏହି ପ୍ରମାଣ ଗୀତା ଅଧ୍ୟାୟ ୫ ଶ୍ଳୋକ ୪ ରେ ଅଛି, ତତ୍ତ୍ୱଦର୍ଶୀ ସନ୍ଥଙ୍କଠାରୁ ତତ୍ତ୍ୱଜ୍ଞାନ ପ୍ରାପ୍ତ କରି ସେହି ତତ୍ତ୍ୱଜ୍ଞାନ ରୂପୀ ଶସ୍ତ୍ର ସାହାଯ୍ୟରେ ଅଜ୍ଞାନତାକୁ ଛେଦନ କରିବା ପରେ ପରମେଶ୍ୱରଙ୍କର ସେହି ପରମପଦର ଅନ୍ୱେଷଣ କରିବା ଉଚିତ୍, ଯେଉଁଠିକୁ ଯିବା ପରେ ସାଧକ ପୁଣି ସଂସାରକୁ ଲେଉଟି କରି କେବେ ଆସେ ନାହିଁ ।

ଯେଉଁ ପରମେଶ୍ୱରଙ୍କଠାରୁ ସଂସାର ରୂପୀ ବୃକ୍ଷର ପ୍ରବୃତ୍ତି ବିସ୍ତାର ଲାଭ କରିଛି ଅର୍ଥାତ୍ ଯେଉଁ ପରମେଶ୍ୱର ଏହି ସଂସାରର ସଂରଚନା କରିଛନ୍ତି, ଗୀତା ଜ୍ଞାନଦାତା କହିଛନ୍ତି ଯେ କେବଳ ସେହି ପରମେଶ୍ୱରଙ୍କର ଭକ୍ତି କର, ତାଙ୍କ ଭକ୍ତି ଦ୍ୱାରା ହିଁ ସମସ୍ତଙ୍କର କଲ୍ୟାଣ ସମ୍ଭବ ହେବ ।

ଅଃ-ଏଥିରୁ ପ୍ରମାଣିତ ହେଲା ଯେ, ବ୍ରହ୍ମଙ୍କ ଭକ୍ତି ଦ୍ୱାରା ପୂର୍ଣ୍ଣମୋକ୍ଷ ସମ୍ଭବ ନୁହଁ । କେବଳ ପୂର୍ଣ୍ଣ ପରମାତ୍ମା (ପରମ ଅକ୍ଷର ବ୍ରହ୍ମ)ଙ୍କ ଭକ୍ତି ଦ୍ୱାରା ହିଁ ପୂର୍ଣ୍ଣ ମୋକ୍ଷ ସମ୍ଭବ ହୋଇଥାଏ ।

ପ୍ରଶ୍ନ ୧୩ : ଓମ୍ (ଓଁ), ଏହି ମନ୍ତ୍ର ଜପ ଦ୍ୱାରା ବ୍ରହ୍ମଙ୍କର ଜପ ହେଲା, ପୁଣି ଆପଣ କାହିଁକି କହୁଛନ୍ତି ଯେ ବ୍ରହ୍ମଙ୍କ ଭକ୍ତିରେ ପୂର୍ଣ୍ଣମୋକ୍ଷ ହୁଏ ନାହିଁ । ଆପଣ କହିଲେ ଯେ, ଗୀତା ଅଧ୍ୟାୟ ୧୭ ଶ୍ଳୋକ ୨୩ ରେ " ଓଁ ତତ୍ ସତ୍", ଏହି ମନ୍ତ୍ରର ଜପ ଦ୍ୱାରା ପୂର୍ଣ୍ଣ ମୋକ୍ଷ ପ୍ରାପ୍ତ ହୁଏ । ଏହି ମନ୍ତ୍ରରେ ମଧ୍ୟ ଓମ୍ (ଓଁ) ମନ୍ତ୍ର ଅଛି ।

ଉତ୍ତର : ଯେପରି ଇଞ୍ଜିନିୟର କିମ୍ବା ଡାକ୍ତର ହେବା ପାଇଁ ଶିକ୍ଷାର ଆବଶ୍ୟକ ଥାଏ । ପ୍ରଥମେ ପ୍ରଥମ

ଶ୍ରେଣୀରେ ପଢ଼ିବାକୁ ହୋଇଥାଏ, ତା'ପରେ ଧିରେ-ଧିରେ ପଞ୍ଚମ-ଅଷ୍ଟମ, ଏହିଭଳି ଦଶମ ଶ୍ରେଣୀ ପାସ୍ କରିବାକୁ ପଡ଼ିଥାଏ । ତା'ପରେ ଆଗକୁ ପଢିବାକୁ ହୁଏ । ପୁଣି ଟ୍ରେନିଂ ପ୍ରାପ୍ତ କରି ଇଞ୍ଜିନିୟର କିମ୍ବା ଡ଼ାକ୍ତର ହୋଇପାରିବା । ଠିକ୍ ଏହିଭଳି ଶ୍ରୀ ବ୍ରହ୍ମା, ବିଷ୍ଣୁ, ଶିବ ଓ ଦେବୀଙ୍କ ସାଧନା କରିବାକୁ ପଡ଼ିଥାଏ, ମୁଁ ନିଜେ ଏହିଭଳି ଭକ୍ତି କରୁଛି ଏବଂ ନିଜର ଅନୁଯାୟୀମାନଙ୍କ ଦ୍ୱାରା ମଧ୍ୟ କରାଉଛି । ଏହାକୁ ପଞ୍ଚମ ଶ୍ରେଣୀର ପାଠ ଅର୍ଥାତ୍ ସାଧନା ଜାଣନ୍ତୁ, ଅନ୍ୟ ଶବ୍ଦରେ ପାଞ୍ଚ କମଳ ଖୋଲିବାର ସାଧନା ଅଛି ଏବଂ ବ୍ରହ୍ମ ସାଧନାକୁ ଦଶମ ଶ୍ରେଣୀ ପାଠପଢା ଜାଣନ୍ତୁ ଅର୍ଥାତ୍ ବ୍ରହ୍ମଲୋକ ପର୍ଯ୍ୟନ୍ତ ଯେଉଁ ସାଧନା ଅଛି ତାହା "ଓଁ" (ଓମ୍)ର ଜପ ଅଟେ ଏବଂ ଅକ୍ଷର ପୁରୁଷଙ୍କ ସାଧନାକୁ ଚତୁର୍ଦ୍ଦଶତମ ଶ୍ରେଣୀର ପଠନ ଅର୍ଥାତ୍ ସାଧନା ଜାଣନ୍ତୁ, ଯାହା "ତତ୍" ମନ୍ତ୍ରର ଜପ ଅଟେ । ଏହି "ତତ୍" ମନ୍ତ୍ର ସାଙ୍କେତିକ ଅଟେ, ବାସ୍ତବିକ ମନ୍ତ୍ର ତ ଏହାଠାରୁ ଭିନ୍ନ ଯାହାକି ଉପଦେଶୀକୁ କେବଳ କୁହା ଯାଇଥାଏ ।

ପରମ ଅକ୍ଷର ପୁରୁଷଙ୍କର ସାଧନାକୁ ଇଞ୍ଜିନିୟରିଂ ବା ଡ଼ାକ୍ତରୀ ପଠନ ଅର୍ଥାତ୍ ସାଧନା ବୋଲି ଜାଣନ୍ତୁ ଯାହାକି "ସତ୍" ଶବ୍ଦ ସାହାଯ୍ୟରେ କରିବାକୁ ପଡିଥାଏ । ଏହି "ସତ୍" ମନ୍ତ୍ରଟି ମଧ୍ୟ ସାଙ୍କେତିକ ଅଟେ, ବାସ୍ତବିକ ମନ୍ତ୍ର ତ ଏହାଠାରୁ ଭିନ୍ନ ଯାହା କେବଳ ଉପଦେଶୀକୁ କୁହାଯାଏ । ଏହି ମନ୍ତ୍ରକୁ ସାରନାମ ମଧ୍ୟ କୁହାଯାଏ ।

ତେଣୁ କେବଳ "ବ୍ରହ୍ମ"ଙ୍କର ଓମ୍ (ଓଁ) ମନ୍ତ୍ର ଦ୍ୱାରା ପୂର୍ଣ୍ଣମୋକ୍ଷ ପ୍ରାପ୍ତି ହୋଇ ପାରିବ ନାହିଁ । "ଓଁ"ନାମଜପ "ବ୍ରହ୍ମ"ଙ୍କର ଅଟେ । ଏହି ମନ୍ତ୍ରର ସାଧନା ଦ୍ୱାରା ବ୍ରହ୍ମଲୋକ ପ୍ରାପ୍ତି ହୁଏ । ଯାହା ବିଷୟରେ ଗୀତା ଅଧ୍ୟାୟ ୮ ଶ୍ଳୋକ ୧୬ ରେ କୁହାଯାଇଛି ଯେ ବ୍ରହ୍ମଲୋକକୁ ଯାଇ ସାରିଥିବା ସାଧକ ବି ପୁନର୍ଜନ୍ମକୁ ପ୍ରାପ୍ତ ହୁଅନ୍ତି । ଯଦି ପୁନର୍ଜନ୍ମ ହେଉଛି ତେବେ ପୂର୍ଣ୍ଣ ମୋକ୍ଷ ହେଲା ନାହିଁ, ଯାହା ଗୀତା ଅଧ୍ୟାୟ ୧୫ଶ୍ଳୋକ ୪ରେ କୁହାଯାଇଛି ଯେ ପରମାତ୍ମାଙ୍କର ସେହି ପରମପଦକୁ ଅନ୍ୱେଷଣ କରିବା ଉଚିତ୍, ଯେଉଁଠିକୁ ଯିବା ପରେ ସାଧକ ପୁନର୍ବାର ସଂସାରକୁ କଦାପି ଲେଉଟି କରି ଆସି ନଥାଏ । ସେହିଁ ପୂର୍ଣ୍ଣମୋକ୍ଷ କେବଳ ପୂର୍ଣ୍ଣଗୁରୁଙ୍କ ମାଧ୍ୟମରେ ଶାସ୍ତ୍ରାନୁକୂଳ ଭକ୍ତି ପ୍ରାପ୍ତି କରିବା ପରେ ହିଁ ସମ୍ଭବ ହୋଇଥାଏ । ଏହି ଶାସ୍ତ୍ର ପ୍ରମାଣିତ ସତ୍ୟ ଭକ୍ତି ବର୍ତ୍ତମାନ ସମୟରେ ମୋ(ସନ୍ଥ ରାମପାଲ୍ ଦାସ) ବ୍ୟତୀତ ସାରା ବିଶ୍ୱରେ ଆଉ କାହାରି ପାଖରେ ନାହିଁ ।

ପ୍ରଶ୍ନ ୧୪ :- ପରମାତ୍ମା ଏକ ନା ଅନେକ ?

ଉତ୍ତର :- କୁଳର ମାଲିକ ଏକ ଅଟନ୍ତି ।

ପ୍ରଶ୍ନ ୧୫ :- ସେହି ପରମାତ୍ମା କିଏ ଅଟନ୍ତି ଯିଏ କୂଳର ମାଲିକ ଅଟନ୍ତି, ଏହାର ପ୍ରମାଣ କେଉଁଠାରେ ଅଛି ?

ଉତ୍ତର :- ସେହି ପରମାତ୍ମା "ପରମ ଅକ୍ଷର ବ୍ରହ୍ମ" ଅଟନ୍ତି, ଯିଏ କୁଳର ମାଲିକ ଅଟନ୍ତି ।

ପ୍ରମାଣ :- ଶ୍ରୀମଦ୍‌ଭଗବତ୍ ଗୀତା ଅଧ୍ୟାୟ ୧୫ ଶ୍ଳୋକ ୧ ରୁ ୪ ଏବଂ ୧୬-୧୭ ରେ ଅଛି । ଗୀତା ଅଧ୍ୟାୟ ୧୫ ଶ୍ଳୋକ ୧ ରୁ ୪ର ସାରାଂଶ ଓ ଭାବାର୍ଥ ହେଉଛି "ଏହି ସଂସାରକୁ ଓଲଟା ଭାବରେ ଝୁଲି ରହିଥିବା ବୃକ୍ଷ ସମାନ ଜାଣନ୍ତୁ । ଯେପରି ବୃକ୍ଷର ମୂଳ ତ ଉପରକୁ ଅଛି, ତଳକୁ ତିନିଗୁଣ ରୂପୀ ଶାଖା ବୋଲି ଜାଣନ୍ତୁ । ଗୀତା ଅଧ୍ୟାୟ ୧୫ ଶ୍ଳୋକ ୧ ରେ ଏହା ମଧ୍ୟ ସ୍ପଷ୍ଟ କୁହାଯାଇଛି ଯେ ତତ୍ତ୍ୱଦର୍ଶୀ ସନ୍ଥଙ୍କର ପରିଚୟ କ'ଣ ? ତତ୍ତ୍ୱଦର୍ଶୀ ସନ୍ଥ ସେ ଅଟନ୍ତି, ଯିଏ ସଂସାର ରୂପୀ ବୃକ୍ଷର ସମସ୍ତ ଅଙ୍ଗ (ସବୁ ବିଭାଗ)କୁ ଭିନ୍ନ ଭିନ୍ନ ରୂପେ ବ୍ୟାଖ୍ୟା କରି ପାରିବେ ।

ବିଶେଷ :- ଆଗକୁ ବେଦ ମନ୍ତ୍ରଗୁଡ଼ିକର ଯେଉଁ ଫୋଟୋ କପି ଲଗାଯାଇଛି ତାହା ଆର୍ଯ୍ୟସମାଜର ଆଚାର୍ଯ୍ୟ ଓ ମହର୍ଷି ଦୟାନନ୍ଦଙ୍କ ଦ୍ୱାରା ଅନୁବାଦିତ ଏବଂ ସାର୍ବଦେଶିକ ଆର୍ଯ୍ୟ ପ୍ରତିନିଧି ସଭା ଦିଲ୍ଲୀ ଦ୍ୱାରା ପ୍ରକାଶିତ ଅଟେ । ଯେଉଁଥିରେ ବର୍ଣ୍ଣନା ଅଛି ଯେ ପରମେଶ୍ୱର ସ୍ୱୟଂ ପୃଥିବୀରେ ସଶରୀରେ ପ୍ରକଟ ହୋଇ କବିମାନଙ୍କ ଭଳି ଆଚରଣ (ବ୍ୟବହାର)କରିବା ସହିତ ସତ୍ୟ ଆଧ୍ୟାତ୍ମିକ ଜ୍ଞାନ ଶୁଣାଇଥାନ୍ତି । (ପ୍ରମାଣ:-

ରଗ୍‌ବେଦ ମଣ୍ଡଳ ନଂ ୯ସୂକ୍ତ ୮୬ ମନ୍ତ୍ର ୨୬ -୨୭, ରଗ୍‌ବେଦ ମଣ୍ଡଳ ୯ ସୂକ୍ତ ୮୨ ମନ୍ତ୍ର ୧-୨, ସୁକ୍ତ ୯୬ ମନ୍ତ୍ର ୧୬ ରୁ ୨୦, ରଗ୍‌ବେଦ ମଣ୍ଡଳ ୯ ସୂକ୍ତ ୯୪ ମନ୍ତ୍ର ୧, ରଗ୍‌ବେଦ ମଣ୍ଡଳ ୯ ସୂକ୍ତ ୯୫ ମନ୍ତ୍ର ୨, ରଗ୍‌ବେଦ ମଣ୍ଡଳ ୯ ସୂକ୍ତ ୨୦ ମନ୍ତ୍ର ୧, ରଗ୍‌ବେଦ ମଣ୍ଡଳ ୯ ସୂକ୍ତ ୫୪ ମନ୍ତ୍ର ୩ ରେ) ଏହି ମନ୍ତ୍ରଗୁଡ଼ିକରେ କୁହାଯାଇଛି ଯେ ପରମାତ୍ମା ସର୍ବ ଭବନ ଅର୍ଥାତ୍ ଲୋକଗୁଡ଼ିକ ଉପରେ ଥିବା ଲୋକରେ ବିରାଜମାନ ଅଟନ୍ତି । ଯେତେବେଳେ ପୃଥିବୀ ପୃଷ୍ଠରେ ଅଜ୍ଞାନତା ବୃଦ୍ଧି ହେବା କାରଣରୁ ଅଧର୍ମ ବଢିଯାଏ ସେତେବେଳେ ପରମାତ୍ମା ସ୍ୱୟଂ ସଶରୀରେ ଗତିକରି ଆସି ଧରା ପୃଷ୍ଠରେ ପ୍ରକଟ ହୋଇ, କବିମାନଙ୍କ ଭଳି ଆଚରଣ କରି, ଲୋକୋକ୍ତି, ଶବ୍ଦାବଳୀ, ଚୌପଦୀ, ସାଖି, କବିତାଦି ମାଧ୍ୟମରେ ବାସ୍ତବିକ ଆଧ୍ୟାତ୍ମିକ ଜ୍ଞାନକୁ ଏଣେ ତେଣେ ଭ୍ରମଣ କରି, ଗାନକରି ପ୍ରଚାର କରିଥାନ୍ତି ଯେଉଁଥିପାଇଁ ସେ ଜଣେ ପ୍ରସିଦ୍ଧ କବି ଉପାଧି ମଧ୍ୟ ପ୍ରାପ୍ତ କରିଥାନ୍ତି । କୃପାକରି ଦେଖନ୍ତୁ ଉପରୋକ୍ତ ମନ୍ତ୍ରଗୁଡ଼ିକର ଫୋଟୋ କପି ଯାହା ଏହି ପୁସ୍ତକର ପୃଷ୍ଠା ୮୯-୧୦୧ରେ ଅଛି ।

ପରମାତ୍ମା ନିଜ ମୁଖ କମଳରେ ଉଚ୍ଚାରଣ କରି ଜ୍ଞାନ ଶୁଣାଇଥିଲେ । ଯାହାକୁ ସୂକ୍ଷ୍ମ ବେଦ କୁହନ୍ତି । ତାକୁ "ତତ୍ତ୍ୱଜ୍ଞାନ"ମଧ୍ୟ କୁହନ୍ତି । ତତ୍ତ୍ୱଜ୍ଞାନ ପ୍ରଚାର କରୁଥିବା କାରଣରୁ ପରମାତ୍ମା "ତତ୍ତ୍ୱଦର୍ଶୀ ସନ୍ଥ" ଭାବରେ କଥିତ ହୁଅନ୍ତି । ସେହି ତତ୍ତ୍ୱଦର୍ଶୀ ସନ୍ଥ ରୂପରେ ପ୍ରକଟ ପରମାତ୍ମା ସଂସାର ରୂପୀ ବୃକ୍ଷର ସର୍ବାଙ୍ଗକୁ ନିମ୍ନରେ ଏହି ପ୍ରକାର ବର୍ଣ୍ଣନା କରିଛନ୍ତି :-

*କବୀର, ଅକ୍ଷର ପୁରୁଷ ଏକ ବୃକ୍ଷ ହେ, କ୍ଷର ପୁରୁଷ ବାକି ଡ଼ାର ।*
*ତିନୋଁ ଦେବା ଶାଖା ହେ, ପାତ ରୂପ ସଂସାର ।।*

ଭାବାର୍ଥ : ବୃକ୍ଷର ଯେଉଁ ଅଂଶ ମାଟି ଉପରକୁ ଦେଖାଯାଏ ତାହାକୁ କାଣ୍ଡ କୁହାଯାଏ । ଯେପରି ସଂସାର ରୂପୀ ବୃକ୍ଷର କାଣ୍ଡ ଅକ୍ଷର ପୁରୁଷ ଅଟନ୍ତି । କାଣ୍ଡରୁ ଯେଉଁ ମୋଟା ଡାଳଟି ବାହାରି ଥାଏ ସେ କ୍ଷରପୁରୁଷ ବୋଲି ଜାଣନ୍ତୁ । ମନେକରନ୍ତୁ, ସେହି ମୋଟା ଡ଼ାଳଟିରୁ ତିନୋଟି ଶାଖା ଡ଼ାଳ ବାହାରିଥିବ, ସେଗୁଡ଼ିକ ତିନି ଦେବତା (ରଜଗୁଣ ବ୍ରହ୍ମା, ସତ୍ତ୍ୱଗୁଣ ବିଷ୍ଣୁ ଓ ତମୋଗୁଣ ଶିବ)ଅଟନ୍ତି ତଥା ଏହି ଶାଖା ଡାଳରୁ ବାହାରିଥିବା ପ୍ରଶାଖା ଡାଳ ଓ ପତ୍ର ସବୁକୁ ସଂସାର ବୋଲି ଜାଣନ୍ତୁ । ଏହି ସଂସାର ରୂପୀ ବୃକ୍ଷର ଉପରୋକ୍ତ ଭାଗ ଯାହା ପୃଥିବୀ (ମାଟି) ଉପରକୁ ଦେଖାଯାଏ । ମୂଳ (ଚେର), ମାଟି ଭିତରେ ଅଛି ଯାହା ସାହାଯ୍ୟରେ ବୃକ୍ଷର ସର୍ବାଙ୍ଗର ପ୍ରତିପୋଷଣ ହୋଇଥାଏ । ଗୀତା ଅଧ୍ୟାୟ ୧୫ ଶ୍ଳୋକ ୧୬-୧୭ରେ ତିନିଜଣ ପୁରୁଷଙ୍କ ବିଷୟରେ କୁହାଯାଇଛି । ଶ୍ଳୋକ ୧୬ ରେ ଦୁଇ ପୁରୁଷଙ୍କ ବିଷୟରେ କୁହାଯାଇଛି, "କ୍ଷରପୁରୁଷ ଓ ଅକ୍ଷର ପୁରୁଷ" ଦୁହିଁଙ୍କ ସ୍ଥିତି ବିଷୟରେ ଉପରେ ସୂଚନା ଦେଇଛି । ଗୀତା ଅଧ୍ୟାୟ୧୫ ଶ୍ଳୋକ ୧୬ ରେ ମଧ୍ୟ କୁହାଯାଇଛି ଯେ କ୍ଷରପୁରୁଷ ଓ ଅକ୍ଷର ପୁରୁଷ ଦୁହେଁ ନାଶବାନ ଅଟନ୍ତି । ଏମାନଙ୍କ ଅନ୍ତର୍ଗତ ଯେତେ ବି ପ୍ରାଣୀ ଅଛନ୍ତି, ସେମାନେ ମଧ୍ୟ ନାଶବାନ ଅଟନ୍ତି । ପରନ୍ତୁ ଜାହା ଆତ୍ମା କେବେ ମରେ ନାହିଁ । ଗୀତା ଅଧ୍ୟାୟ ୧୫ ଶ୍ଳୋକ ୧୭ରେ କୁହାଯାଇଛି ଯେ ଉତ୍ତମ ପୁରୁଷ ଅର୍ଥାତ୍ ପୁରୁଷୋତ୍ତମ, କ୍ଷରପୁରୁଷ ଓ ଅକ୍ଷର ପୁରୁଷଙ୍କଠାରୁ ଭିନ୍ନ ଅଟନ୍ତି ଯାହାଙ୍କୁ ପରମାତ୍ମା କୁହାଯାଇଛି । ଏହି ପ୍ରଭୁଙ୍କ ବିଷୟରେ ଗୀତା ଅଧ୍ୟାୟ ୮ ଶ୍ଳୋକ ୩ ରେ ସୂଚନା ଦିଆଯାଇଛି ଯାହାଙ୍କୁ "ପରମ ଅକ୍ଷର ବ୍ରହ୍ମ"କୁହାଯାଇଛି । ଗୀତା ଅଧ୍ୟାୟ ୧୫ ଶ୍ଳୋକ ୧୭ରେ ଏହି ଅବିନାଶୀ ପରମାତ୍ମାଙ୍କ ବିଷୟରେ ବର୍ଣ୍ଣନା ଅଛି । ଏହି ପ୍ରଭୁ ତିନି ଲୋକରେ ପ୍ରବେଶ କରି ସମସ୍ତଙ୍କର ଧାରଣ-ପୋଷଣ କରନ୍ତି ଯିଏ ବାସ୍ତବରେ ଅବିନାଶୀ ପରମେଶ୍ୱର ଅଟନ୍ତି । ସମ୍ପୂର୍ଣ୍ଣ ବୃକ୍ଷର ପାଳନ-ପୋଷଣ ମୂଳ ଦ୍ୱାରା ହିଁ ହୋଇଥାଏ ତେଣୁ ସମସ୍ତଙ୍କର ଧାରଣ-ପୋଷଣକାରୀ କେବଳ ପରମ ଅକ୍ଷର ବ୍ରହ୍ମ ହିଁ ଅଟନ୍ତି । ଯେପରି ପୂର୍ବରୁ ଗୀତା ଅଧ୍ୟାୟ ୧୫ ଶ୍ଳୋକ ୧-୪ ରେ କୁହାଯାଇଛି ଯେ ଉପରକୁ ଚେର (ମୂଳ), ତଳକୁ ଶାଖା ଥିବା ସଂସାର ରୂପୀ ବୃକ୍ଷ ଅଟେ । ଚେରରୁ ହିଁ ବୃକ୍ଷର ଧାରଣ-ପୋଷଣ ହୋଇଥାଏ । ତେଣୁ ପରମ ଅକ୍ଷର ବ୍ରହ୍ମ ଯିଏ ସଂସାର ରୂପକ ବୃକ୍ଷର ଚେର (ମୂଳ) ଅଟନ୍ତି, ସେ ହିଁ ସମସ୍ତ ପୁରୁଷ (ପ୍ରଭୁମାନଙ୍କ)ଙ୍କର ପାଳନକର୍ତ୍ତା ତଥା ଏମାନଙ୍କର ବିସ୍ତାର (ସଂରଚକ = ସର୍ଜନକର୍ତ୍ତା) ଅଟନ୍ତି । ଇଏ କୁଳର ମାଲିକ ଅଟନ୍ତି ।

ପ୍ରଶ୍ନ ୧୬ : ରଜଗୁଣ ବ୍ରହ୍ମା, ସତଗୁଣ ବିଷ୍ଣୁ ଓ ତମଗୁଣ ଶଙ୍କର(ଶିବ)ଙ୍କର ପୂଜା(ଭକ୍ତି) କରିବା ଉଚିତ୍ କି?

ଉତ୍ତର:- ନାଁ।

ପ୍ରଶ୍ନ ୧୭ :- କେଉଁଠାରେ ପ୍ରମାଣ ଅଛି, ରଜଗୁଣ ବ୍ରହ୍ମା, ସତଗୁଣ ବିଷ୍ଣୁ ଓ ତମଗୁଣ ଶଙ୍କର(ଶିବ)ଙ୍କର ପୂଜା(ଭକ୍ତି) କରିବା ଅନୁଚିତ୍?

ଉତ୍ତର:- ଶ୍ରୀ ମଦ୍ଭଗବତ୍ ଗୀତା ଅଧ୍ୟାୟ ୭ ଶ୍ଳୋକ ୧୨ ରୁ ୧୫, ୨୦ରୁ୨୩ ଏବଂ ଅଧ୍ୟାୟ ୯ ଶ୍ଳୋକ୨୩-୨୪, ଅଧ୍ୟାୟ ୭ ଶ୍ଳୋକ ୧୨ରୁ ୧୫ରେ ପ୍ରମାଣ ଅଛି ଯେ ଯେଉଁ ବ୍ୟକ୍ତି ରଜଗୁଣ ବ୍ରହ୍ମା, ସତଗୁଣ ବିଷ୍ଣୁ ଓ ତମଗୁଣ ଶିବଙ୍କର ଭକ୍ତି କରନ୍ତି, ସେମାନେ ରାକ୍ଷସ ସ୍ୱଭାବକୁ ଧାରଣ କରିଥିବା ମନୁଷ୍ୟମାନଙ୍କ ମଧ୍ୟରେ ନୀଚ, ଦୂଷିତ କର୍ମ କରୁଥିବା ମୂର୍ଖ ମୋତେ ମଧ୍ୟ ଭଜନ୍ତି ନାହିଁ। (ଏହି ପ୍ରମାଣ ଗୀତା ଅଧ୍ୟାୟ ୭ ଶ୍ଳୋକ ୧୨ ରୁ ୧୫ ରେ ଅଛି। ପୁଣି ଗୀତା ଅଧ୍ୟାୟ ୭ ର ଶ୍ଳୋକ ୨୦ ରୁ ୨୩ ଏବଂ ଗୀତା ଅଧ୍ୟାୟ ୯ ଶ୍ଳୋକ ୨୩-୨୪ରେ ଏହା ହି କୁହାଯାଇଛି ଏବଂ କ୍ଷରପୁରୁଷ, ଅକ୍ଷର ପୁରୁଷ ତଥା ପରମ ଅକ୍ଷର ପୁରୁଷଙ୍କ ସମ୍ବନ୍ଧରେ ଗୀତା ଅଧ୍ୟାୟ ୧୫ ଶ୍ଳୋକ ୧୬-୧୭ରେ ବର୍ଣ୍ଣନା ଅଛି) ଆଦିଙ୍କୁ ଛାଡି ଶ୍ରୀ ବ୍ରହ୍ମା, ଶ୍ରୀ ବିଷ୍ଣୁ ଓ ଶ୍ରୀ ଶିବ ଅନ୍ୟ ଦେବତାଙ୍କ ମଧ୍ୟରେ ଗଣାଯାଆନ୍ତି। ଏହି ଦୁଇଟି ଅଧ୍ୟାୟ (ଅଧ୍ୟାୟ ୭ ଏବଂ ୯) ରେ ଉପରେ ଲିଖିତ ଶ୍ଳୋକରେ ଗୀତା ଜ୍ଞାନଦାତା କହିଛନ୍ତି ଯେ ଯେଉଁ ସାଧକ ଯେକୌଣସି ଉଦ୍ଦେଶ୍ୟ ରଖି ଯଦି ଅନ୍ୟ ଦେବତାମାନଙ୍କୁ ଭଜନ୍ତି ଓ ସେମାନଙ୍କୁ ଭଗବାନ ଭାବି ପୂଜା କରନ୍ତି ତେବେ ସେହି ଦେବତାମାନଙ୍କୁ ମୁଁ ପ୍ରଦାନ କରିଥିବା କିଛି ଶକ୍ତି ଆଧାରରେ, ସେହି ଦେବତାମାନଙ୍କର ଭଜନ କରୁଥିବା ସାଧକକୁ ମୋ ଦ୍ୱାରା କରାଯାଇଥିବା ବିଧାନ ଅନୁସାରେ କିଛି ଲାଭ ମିଳିଥାଏ। କିନ୍ତୁ ସେହି ଅଳ୍ପ ବୁଦ୍ଧି ସମ୍ପନ୍ନ ସାଧକଙ୍କର ସେହି ଫଳ (ଲାଭ) ନାଶବାନ ହୋଇଥାଏ। ଦେବତାମାନଙ୍କର ପୂଜରୀ ଦେବତାଙ୍କ ଲୋକକୁ ଯାଇଥାନ୍ତି। ମୋ ପୂଜକ ମୋତେ ପ୍ରାପ୍ତ ହୁଅନ୍ତି।

ଗୀତା ଅଧ୍ୟାୟ ୧୬ ଶ୍ଳୋକ ୨୩-୨୪ ରେ କୁହାଯାଇଛି ଯେ ଶାସ୍ତ୍ରବିଧି ତ୍ୟାଗ କରି ଯେଉଁ ସାଧକ ମନୋମୁଖୀ ଆଚରଣ କରିଥାନ୍ତି ଅର୍ଥାତ୍ ସେମାନେ ଯେଉଁ ଦେବତା, ପିତୃପୁରୁଷ, ଯକ୍ଷ, ଭୁତ-ଭୈରବମାନଙ୍କ ଭକ୍ତି କରନ୍ତି ଓ ମନକଳ୍ପିତ ମନ୍ତ୍ର ଜପ କରନ୍ତି, ସେମାନଙ୍କୁ ନା କୌଣସି ସୁଖ ପ୍ରାପ୍ତି ହୋଇଥାଏ, ନା କୌଣସି ସିଦ୍ଧି ପ୍ରାପ୍ତ ହୁଏ, ନା ସେମାନଙ୍କର ଗତି ଅର୍ଥାତ୍ ମୋକ୍ଷ ହୋଇଥାଏ। ଏଥିରୁ ତୋ ପାଇଁ, ହେ ଅର୍ଜୁନ! କର୍ତ୍ତବ୍ୟ (ଯେଉଁ ଭକ୍ତି କରିବା ଉଚିତ୍) ଏବଂ ଅକର୍ତ୍ତବ୍ୟ (ଯେଉଁ ଭକ୍ତି କରିବା ଅନୁଚିତ୍)ର ବ୍ୟବସ୍ଥାରେ ଶାସ୍ତ୍ର ହିଁ ପ୍ରମାଣ ଅଟେ। ଗୀତା ଅଧ୍ୟାୟ ୧୭ ଶ୍ଳୋକ ୧ରେ ଅର୍ଜୁନ ପ୍ରଶ୍ନ କଲେ, ହେ କୃଷ୍ଣ! (କାରଣ ଅର୍ଜୁନ ଭାବୁଥିଲେ ଯେ ଶ୍ରୀ କୃଷ୍ଣ ହିଁ ଜ୍ଞାନ ଶୁଣାଉଛନ୍ତି ପରନ୍ତୁ ଶ୍ରୀକୃଷ୍ଣଙ୍କ ଶରୀରରେ ପ୍ରେତଭଳି ପ୍ରବେଶ କରି ବ୍ରହ୍ମ (କାଳ) ଜ୍ଞାନ ପ୍ରଦାନ କରୁଥିଲେ, ଯାହାକି ପ୍ରଥମରୁ ପ୍ରମାଣ କରାଯାଇ ସାରିଛି)। ଯେଉଁ ବ୍ୟକ୍ତି ଶାସ୍ତ୍ର ବିଧିକୁ ତ୍ୟାଗ କରି ଅନ୍ୟ ଦେବୀ-ଦେବତା ଆଦିଙ୍କୁ ପୂଜା କରନ୍ତି, ସେମାନଙ୍କର ସ୍ୱଭାବ କିପରି ହୋଇଥାଏ? ଗୀତା ଜ୍ଞାନଦାତା ଉତ୍ତର ଦେଇଛନ୍ତି ଯେ ସାତ୍ତ୍ୱିକ ବ୍ୟକ୍ତି, ଦେବତାମାନଙ୍କର ପୂଜା କରନ୍ତି, ରାଜସିକ ବ୍ୟକ୍ତି ଯକ୍ଷ ଏବଂ ରାକ୍ଷସମାନଙ୍କର ପୂଜା ତଥା ତାମସିକ ପ୍ରବୃତ୍ତିର ବ୍ୟକ୍ତି ପ୍ରେତାଦିଙ୍କର ପୂଜା କରନ୍ତି। ଏସବୁ ଶାସ୍ତ୍ରବିଧି ରହିତ କର୍ମ ଅଟେ। ପୁଣି ଗୀତା ଅଧ୍ୟାୟ ୧୭ ଶ୍ଳୋକ ୫-୬ ରେ କୁହାଯାଇଛି ଯେ ଯେଉଁ ମନୁଷ୍ୟ ଶାସ୍ତ୍ରବିଧି ରହିତ କେବଳ ମନକଳ୍ପିତ ଘୋର ତପ କରିଥାନ୍ତି, ସେମାନେ ଗର୍ବ ଓ ଅହଙ୍କାର ଯୁକ୍ତ ହୋଇଥାନ୍ତି ଏବଂ ଶରୀର ଭିତରେ ଥିବା କମଳ(ଚକ୍ର)ଗୁଡ଼ିକରେ ବିରାଜମାନ ଶକ୍ତିମାନଙ୍କୁ ଏବଂ ମୋତେ ଅବମାନନା କରୁଥିବା ରାକ୍ଷସ ସ୍ୱଭାବଯୁକ୍ତ ଅଜ୍ଞାନ ରୂପେ ପରିଗଣିତ ହୋଇଥାନ୍ତି।

ସୂକ୍ଷ୍ମବେଦରେ ପରମେଶ୍ୱର କହିଛନ୍ତି ଯେ:-

*"କବୀର-ମାଈ ମସାନୀ ସେଢ଼୍ ଶୀତଳା ଭୈରବ ଭୂତ ହନୁମନ୍ତ ।*
*ପରମାତ୍ମା ସେ ନ୍ୟାରା ରହୈ, ଜୋ ଇନକୋ ପୂଜନ୍ତ ॥*
*ରାମ ଭଜେ ତୋ ରାମ ମିଲେ, ଦେବ ଭଜେ ସୋ ଦେବ ।*
*ଭୂତ ଭଜେ ସୋ ଭୂତ ଭବୈ, ସୁନୋ ସକଲ ସୁର୍ ଭେବ ॥*

ଏଥିରୁ ସ୍ପଷ୍ଟ ହେଲା ଯେ ଶ୍ରୀ ବ୍ରହ୍ମା (ରଜଗୁଣ), ଶ୍ରୀ ବିଷ୍ଣୁ (ସତ୍ତ୍ୱଗୁଣ) ତଥା ଶ୍ରୀ ଶିବ (ତମଗୁଣ)ଙ୍କର ପୂଜା (ଭକ୍ତି) କରିବା ଅନୁଚିତ୍ ତଥା ଏମାନଙ୍କ ସହିତ ଭୂତ, ପିତୃପୁରୁଷଙ୍କ ପୂଜା(ଶ୍ରାଦ୍ଧକର୍ମ, ଦଶାହ କର୍ମ, ପିଣ୍ଡଦାନ କ୍ରିୟା ଆଦି ଏସବୁ ପ୍ରେତ ପୂଜା ହିଁ ହୋଇଥାଏ), ଭୈରବ ଓ ହନୁମାନଙ୍କର ପୂଜା ମଧ୍ୟ କରିବା ଅନୁଚିତ୍ ।

ପ୍ରଶ୍ନ ୧୮ :- କ୍ଷର ପୁରୁଷ(ବ୍ରହ୍ମ)ଙ୍କର ପୂଜା (ଭକ୍ତି) କରିବା ଉଚିତ୍ କି ଅନୁଚିତ୍ ?

ଉତ୍ତର :- ଯଦି ପୂର୍ଣ୍ଣମୋକ୍ଷ ଚାହୁଁଛନ୍ତି, ତେବେ ଗୀତା ଅଧ୍ୟାୟ ୧୫ ଶ୍ଳୋକ ୪ରେ କୁହାଯାଇଛି ଯେ:- "ତତ୍ତ୍ୱଜ୍ଞାନ ପ୍ରାପ୍ତି ପରେ ପରମେଶ୍ୱରଙ୍କର ସେହି ପରମପଦକୁ ଖୋଜିବା ଉଚିତ୍, ଯେଉଁଠିକୁ ଯିବା ପରେ ସାଧକ ଲେଉଟି କରି ପୁଣି କଦାପି ଏହି ସଂସାରରେ ଜନ୍ମ ନିଏ ନାହିଁ"। ତେଣୁ କ୍ଷରପୁରୁଷ (ବ୍ରହ୍ମ), ଯିଏକି ସଂସାର ରୂପୀ ବୃକ୍ଷର ମୋଟା ଡ଼ାଳ ଅଟନ୍ତି ତାଙ୍କର ପୂଜା (ଭକ୍ତି) କରିବା ଅନୁଚିତ୍ ।

ପ୍ରଶ୍ନ ୧୯ : ଆଗରୁ ଯେତେ ଋଷି-ମହର୍ଷି ହୋଇଛନ୍ତି, ସେମାନେ ସମସ୍ତେ ବ୍ରହ୍ମଙ୍କ ପୂଜା କରୁଥିଲେ ଏବଂ କରାଉଥିଲେ । ମନ୍ତ୍ର ଜପ କରିବା ପାଇଁ "ଓମ୍" (ଓଁ) କୁ ସବୁଠାରୁ ଉତ୍ତମ ଓ ବଳିଷ୍ଠ ମନ୍ତ୍ର ବୋଲି କହୁଥିଲେ, ସେହି ଋଷି-ମହର୍ଷିମାନେ କ'ଣ ଅଜ୍ଞାନ ଥିଲେ ? ଯଦି ବ୍ରହ୍ମଙ୍କ ଭକ୍ତି କରିବା ଉତ୍ତମ ନୁହେଁ ତେବେ ଗୀତା ଆଧାରେ ପ୍ରମାଣ ଦିଅନ୍ତୁ ।

ଉତ୍ତର :- ପୂର୍ବରୁ କୁହାଯାଇଛି ଯେ ପରମେଶ୍ୱର (ପରମ ଅକ୍ଷର ବ୍ରହ୍ମ) ସ୍ୱୟଂ ଧରିତ୍ରୀ ଉପରେ ସଶରୀରେ ପ୍ରକଟ ହୋଇ ବାସ୍ତବିକ ଆଧ୍ୟାତ୍ମିକ ଜ୍ଞାନକୁ ଠିକ୍-ଠିକ୍ ଜ୍ଞାତ କରାଇଥାନ୍ତି । ପ୍ରମାଣସ୍ୱରୂପ ବେଦ ମନ୍ତ୍ରଗୁଡ଼ିକୁ ଦେଖନ୍ତୁ ଏହି ପୁସ୍ତକରେ ୧୦୮ ନଂ ପୃଷ୍ଠାରେ ଦିଆଯାଇଛି । ପରମେଶ୍ୱରଙ୍କ ଦ୍ୱାରା କୁହା ଯାଇଥିବା ଜ୍ଞାନକୁ ସୂକ୍ଷ୍ମବେଦ (ତତ୍ତ୍ୱଜ୍ଞାନ) କୁହାଯାଇଛି । ତତ୍ତ୍ୱଜ୍ଞାନରେ ପରମାତ୍ମା କହିଛନ୍ତି ଯେ :-

*ଗୁରୁ ବିନ କାହୂ ନା ପାୟା ଜ୍ଞାନା, ଜ୍ୟୋଁ ଥୋଥା ଭୂସ ଛଡ଼େ ମୂଢ଼ କିସାନା ।*
*ଗୁରୁ ବିନ ବେଦ ପଢେ ଜୋ ପ୍ରାଣୀ, ସମଝେ ନା ସାର ରହେ ଅଜ୍ଞାନୀ ॥*

ଯେଉଁ ଋଷି ଓ ମହର୍ଷିମାନଙ୍କୁ ସଦଗୁରୁ ମିଳିନାହାଁନ୍ତି ସେମାନଙ୍କର ଏପରି ଅବସ୍ଥା ଥିଲା ଯେ ସେମାନେ ବେଦ ପଢୁଥିଲେ ମଧ୍ୟ ତାହାର ସାର ମର୍ମକୁ ବୁଝିପାରି ନଥିଲେ । ଉଦାହରଣ ପାଇଁ ଶ୍ରୀ ଦେବୀ ପୁରାଣ (ସଚିତ୍ର ମୋଟା ଟାଇପ୍, ଗୀତାପ୍ରେସ୍ ଗୋରଖପୁରରୁ ପ୍ରକାଶିତ)ର ୪୧୪ ପୃଷ୍ଠାରେ (ଚତୁର୍ଥ ସ୍କନ୍ଧ ରେ) ଲେଖାଯାଇଛି ଯେ ସତ୍ୟଯୁଗର ବ୍ରାହ୍ମଣ(ମହର୍ଷି)ମାନେ ବେଦର ପୂର୍ଣ୍ଣ ଜ୍ଞାନୀ ଥିଲେ ଏବଂ ଶ୍ରୀ ଦେବୀ (ଦୁର୍ଗା)ଙ୍କର ପୂଜା କରୁଥିଲେ ।

ବିଚାର କରନ୍ତୁ :- ଶ୍ରୀମଦ୍ଭଗବତ୍ ଗୀତା ଚାରି ବେଦର ସାରାଂଶ ଅଟେ । ଆପଣ ଗୀତା ଶାସ୍ତ୍ର ବିଷୟରେ ଜାଣିଥିବେ, ପଢିଥିବେ ମଧ୍ୟ । ଗୀତାରେ କେଉଁଠାରେ ଲେଖାଯାଇଛି ଯେ 'ଶ୍ରୀ ଦେବୀଙ୍କର' ପୂଜା କରନ୍ତୁ ? ଏହିଭଳି ଦୁର୍ଗା (ଶ୍ରୀ ଦେବୀଙ୍କର) ପୂଜା କରିବା ପାଇଁ ଚାରି ବେଦରେ ମଧ୍ୟ କେଉଁଠି ଲେଖା ଯାଇନାହିଁ । ଏବେ କୁହନ୍ତୁ, ସେହି ମହର୍ଷିମାନେ ବେଦକୁ ବୁଝିପାରିଛନ୍ତି କି ? ତେବେ ସତ୍ୟଯୁଗର ମହର୍ଷିମାନେ କି ବିଦ୍ୱାନ୍ ଥିଲେ ? ସେହି ମହର୍ଷିମାନଙ୍କର ମନୋମୁଖୀ ବିଧାନ (ନିୟମ) ହେଉଛି ଓଁ (ଓମ୍) ନାମ ସବୁଠାରୁ ବଡ଼ ତଥା ଉତ୍ତମ ଏବଂ ବ୍ରହ୍ମପୂଜା ସର୍ବଶ୍ରେଷ୍ଠ ଅଟେ । ପ୍ରିୟ ପାଠଗଣ ! ଯେଉଁମାନେ ବ୍ରହ୍ମଙ୍କୁ ଇଷ୍ଟଦେବ ମାନି ପୂଜା କରୁଥିଲେ ସେମାନେ ଅଜ୍ଞାନ ଥିଲେ । ସେମାନଙ୍କର ବ୍ରହ୍ମ ସାଧନା ଅନୁତ୍ତମ ଗତି ପ୍ରଦାନକାରୀ ଅଟେ ।

ଗୀତାରେ ପ୍ରମାଣ :- ଶ୍ରୀମଦ୍ଭଗବତ୍ ଅଧ୍ୟାୟ ୭ ଶ୍ଳୋକ ୧୨ ରୁ ୧୫ ରେ କୁହାଯାଇଛି ଯେ ଯେଉଁମାନେ

ତିନି ଗୁଣର (ରଜଗୁଣ ବ୍ରହ୍ମା, ସତ୍ତ୍ୱଗୁଣ ବିଷ୍ଣୁ ତଥା ତମଗୁଣ ଶଙ୍କର)ର ଉପାସନା କରୁଥିବା, ରାକ୍ଷସ ସ୍ୱଭାବକୁ ଧାରଣ କରିଥିବା ମନୁଷ୍ୟମାନଙ୍କ ମଧ୍ୟରେ ନୀଚ ଦୂଷିତ କର୍ମ କରୁଥିବା ମୂର୍ଖ; ମୋର ମଧ୍ୟ ଭଜନ କରନ୍ତି ନାହିଁ । ଏହି କଥା ଗୀତା ଜ୍ଞାନଦାତା ମଧ୍ୟ କହିଛନ୍ତି । ପୁନଶ୍ଚ ଗୀତା ଅଧ୍ୟାୟ ୭ ରେ ଶ୍ଳୋକ ୧୬ ରୁ ୧୮ ରେ ଗୀତା ଜ୍ଞାନଦାତା (ବ୍ରହ୍ମ) କହିଛନ୍ତି ଯେ ମୋର ଭକ୍ତି ଚାରି ପ୍ରକାରର ସାଧକ କରନ୍ତି । ଅର୍ଥାର୍ଥୀ, ଆର୍ତ୍ତ, ଜିଜ୍ଞାସୁ ଏବଂ ଜ୍ଞାନୀ । ପୁଣି କହିଛନ୍ତି ଯେ ଜ୍ଞାନୀ ମୋତେ ଭଲ ଲାଗନ୍ତି, ଜ୍ଞାନୀମାନଙ୍କୁ ମୁଁ ଭଲ ଲାଗେ । (ଗୀତା ଅଧ୍ୟାୟ ୭ ଶ୍ଳୋକ ୧୮) ଏହି ଶ୍ଳୋକରେ ଗୀତା ଜ୍ଞାନ ଦାତା କହିଛନ୍ତି ଯେ ଏହି ଜ୍ଞାନୀ ଆତ୍ମାଗଣ ଉଦାର ସ୍ୱଭାବର ଅଟନ୍ତି କିନ୍ତୁ ଏମାନେ ସମସ୍ତେ ମୋର ଅନୁତ୍ତମ ତଥା ନିକୃଷ୍ଟ ମୁକ୍ତିରେ ହିଁ ଆଶ୍ରିତ ଅଛନ୍ତି । ତେଣୁ ଏହି ଶ୍ଳୋକ (ଗୀତା ଅଧ୍ୟାୟ ୭ ଶ୍ଳୋକ ୧୮)ରେ ଗୀତା ଜ୍ଞାନଦାତା ବ୍ରହ୍ମ ନିଜେ ସ୍ୱୀକାର କରୁଛନ୍ତି ଯେ ମୋ ଭକ୍ତିରୁ ହେଉଥିବା ଗତି, ଅନୁତ୍ତମ (ଅଶ୍ରେଷ୍ଠ =ନିକୃଷ୍ଟ) ଅଟେ ।

ଗୀତା ଅଧ୍ୟାୟ ୭ ଶ୍ଳୋକ ୧୯ରେ କୁହାଯାଇଛି ଯେ :-

*ବହୁନାମ୍, ଜନ୍ମନାମ୍, ଅନ୍ତେ, ଜ୍ଞାନବାନ୍, ମାମ୍, ପ୍ରପଦ୍ୟତେ ,*
*ବାସୁଦେବଃ, ସର୍ବମ୍, ଇତି ,ସଃ, ମହାତ୍ମା, ସୁଦୁର୍ଲଭଃ ॥*

ଅନୁବାଦ :- ଗୀତା ଜ୍ଞାନଦାତା ବ୍ରହ୍ମ କହିଛନ୍ତି ଯେ ବହୁତ ଜନ୍ମ ପରେ କେହି କେହି ଜ୍ଞାନୀ ଆତ୍ମା ମୋର ଭକ୍ତି କରିଥାଏ ଅନ୍ୟଥା ଅନ୍ୟ ଦେବୀ, ଦେବତା ଓ ଭୂତ, ପିତୃପୁରୁଷ, ଭୈରବାଦିଙ୍କୁ ଭକ୍ତି କରି ସେମାନେ ମାନବ ଜୀବନକୁ ନଷ୍ଟ କରି ଦିଅନ୍ତି । ପୁଣି ଗୀତା ଜ୍ଞାନଦାତା ନିଜ ଭକ୍ତିରୁ ମିଳୁଥିବା ଲାଭ (ମୁକ୍ତି)କୁ ମଧ୍ୟ ଗୀତା ଅଧ୍ୟାୟ ୭ ଶ୍ଳୋକ ୧୮ ରେ ଅନୁତ୍ତମ (ନିକୃଷ୍ଟ) ବୋଲି କହିଛନ୍ତି । ତେଣୁ ଗୀତା ଅଧ୍ୟାୟ ୭ ଶ୍ଳୋକ ୧୯ ରେ କୁହାଯାଇଛି ଯେ :-

ଏହି ଗୂଢ ଜ୍ଞାନ ବତାଉଥିବା ମହାତ୍ମା ବହୁତ କଷ୍ଟରେ ମିଳନ୍ତି ଯିଏ କୁହନ୍ତି ଯେ "ବାସୁଦେବ" ହିଁ ସବୁ କିଛି ଅଟନ୍ତି । ଇଏ ସମସ୍ତଙ୍କର ସର୍ଜନ କର୍ତ୍ତା, ପାପନାଶକ, ପୂର୍ଣ୍ଣ ମୋକ୍ଷଦାୟକ ତଥା ଇଏ ହିଁ ପୂଜ୍ୟ ଅଟନ୍ତି । ଏହି (ବାସୁଦେବ) ହିଁ କୁଳର ମାଲିକ ତଥା ପରମ ଅକ୍ଷର ବ୍ରହ୍ମ ଅଟନ୍ତି । କେବଳ ଏହି ପ୍ରଭୁଙ୍କର ଭକ୍ତି କରନ୍ତୁ, ଅନ୍ୟମାନଙ୍କର କରନ୍ତୁ ନାହିଁ ।

ଗୀତା ଜ୍ଞାନଦାତା ମଧ୍ୟ ସ୍ୱୟଂ କହିଛନ୍ତି ଯେ ହେ ଅର୍ଜୁନ ! ତୁମେ ସର୍ବତୋଭାବେ ସେହି ପରମେଶ୍ୱରଙ୍କ ଶରଣାପନ୍ନ ହୁଅ । ସେହି ପରମେଶ୍ୱରଙ୍କ କୃପାରେ ହିଁ ତୁମେ ପରମ ଶାନ୍ତି ଓ ସନାତନ ପରମ ଧାମ (ସତ୍ୟଲୋକ)କୁ ପ୍ରାପ୍ତ ହେବ । ଏହି ପ୍ରମାଣ ଗୀତା ଅଧ୍ୟାୟ ୧୮ ଶ୍ଳୋକ ୬୨ରେ ଅଛି । ପୁଣି ଗୀତା ଅଧ୍ୟାୟ ୧୮ ଶ୍ଳୋକ ୪୬ ରେ ଗୀତା ଜ୍ଞାନଦାତା କହିଛନ୍ତି ଯେ, "ଯେଉଁ ପରମେଶ୍ୱରଙ୍କଠାରୁ ସମ୍ପୂର୍ଣ୍ଣ ପ୍ରାଣୀମାନଙ୍କର ଉତ୍ପତ୍ତି ହୋଇଛି, ଯାହାଙ୍କଠାରୁ ଏହି ସମସ୍ତ ଜଗତ ପରିବ୍ୟାପ୍ତ, ମନୁଷ୍ୟ ସେହି ପରମେଶ୍ୱରଙ୍କୁ ନିଜର ସ୍ୱାଭାବିକ କର୍ମ ସହିତ ପୂଜା କରି ପରମ ସିଦ୍ଧି ପ୍ରାପ୍ତ କରିଥାଏ । ପୁଣି ଗୀତା ଅଧ୍ୟାୟ ୧୫ ଶ୍ଳୋକ ୪ରେ କୁହାଯାଇଛି, ତତ୍ତ୍ୱଜ୍ଞାନର ଜ୍ଞାତା ହେବା ପରେ ପରମେଶ୍ୱରଙ୍କ ସେହି ପରମପଦର ଅନ୍ୱେଷଣ କରିବା ଉଚିତ୍, ଯେଉଁଠିକୁ ଯିବା ପରେ ସାଧକ ଲେଉଟି କରି ସଂସାରକୁ କଦାପି ଆସେ ନାହିଁ । ଯେଉଁ ପରମେଶ୍ୱରଙ୍କଠାରୁ ସଂସାର ରୂପୀ ଓଲଟ ବୃକ୍ଷ ପ୍ରବୃତ୍ତି ବିସ୍ତାର ଲାଭ କରିଛି ଅର୍ଥାତ୍ ଯେଉଁ ପରମେଶ୍ୱର ସମସ୍ତ ଜଗତର ସ୍ରଷ୍ଟା ଅଟନ୍ତି, ତୁମେ କେବଳ ତାଙ୍କରି ପୂଜା କର । ଏଥିରୁ ପ୍ରମାଣିତ ହେଲା ଯେ ସେହି ଋଷିମାନେ ବେଦ ନିହିତ ଗୂଢ ଜ୍ଞାନକୁ ବୁଝିପାରି ନଥିଲେ । ସେମାନେ ଅଜ୍ଞାନ ହୋଇ ରହିଗଲେ ।

ପ୍ରଶ୍ନ ୨୦ : ଗୀତା ଜ୍ଞାନଦାତା ନିଜର ମୁକ୍ତିକୁ ନିକୃଷ୍ଟ ବୋଲି କାହିଁକି କହିଲେ ?

ଉତ୍ତର : ଗୀତା ଜ୍ଞାନଦାତା ଗୀତା ଅଧ୍ୟାୟ ୨ ଶ୍ଳୋକ ୧୨, ଅଧ୍ୟାୟ ୪ ଶ୍ଳୋକ ୫, ଅଧ୍ୟାୟ ୧୦ଶ୍ଳୋକ ୨ରେ କହିଛନ୍ତି ଯେ, ଅର୍ଜୁନ ! ତୋର ଏବଂ ମୋର ବହୁତ ଜନ୍ମ ହୋଇସାରିଛି, ତୁ ଜାଣି ନାହୁଁ ମୁଁ ଜାଣିଛି । ମୋର ଉତ୍ପତ୍ତିକୁ ଋଷି-ମହର୍ଷି ଓ ଦେବତାମାନେ ମଧ୍ୟ ଜାଣନ୍ତି ନାହିଁ । ତୁ, ମୁଁ ଏବଂ ଏହି ରାଜା ଓ ସୈନିକମାନେ

ଅନେକ ଥର ପୂର୍ବରୁ ଜନ୍ମିଛନ୍ତି, ଆଗକୁ ମଧ୍ୟ ଜନ୍ମ ନେବେ । ପ୍ରିୟ ପାଠକଗଣ ! ଏବେ ବିଚାର କରନ୍ତୁ, ବ୍ରହ୍ମ ଯେତେବେଳେ କହୁଛନ୍ତି ମୋର ମଧ୍ୟ ଜନ୍ମ-ମରଣ ହୁଏ, ସେତେବେଳେ ଗୀତା ଅଧ୍ୟାୟ ୧୫ ଶ୍ଲୋକ ୪ର ବର୍ଣ୍ଣନାନୁସାରେ ବ୍ରହ୍ମ ପୂଜକର ସବୁଦିନ ପାଇଁ ଜନ୍ମ-ମରଣ-ଚକ୍ର ସମାପ୍ତ ହେବ ନାହିଁ ଏବଂ ସେ ଗତି (ମୋକ୍ଷ) କଦାପି ପ୍ରାପ୍ତ କରି ପାରିବ ନାହିଁ । ଯେତେଦିନ ପର୍ଯ୍ୟନ୍ତ ଜନ୍ମ-ମରଣ ଲାଗି ରହିଥିବ ସେତେଦିନ ପର୍ଯ୍ୟନ୍ତ ପରମଶାନ୍ତି ମିଳି ପାରିବ ନାହିଁ । ସେଥିପାଇଁ ଗୀତା ଜ୍ଞାନଦାତା ନିଜର ଅସାମର୍ଥ୍ୟତା ପ୍ରକାଶ କରିଛନ୍ତି । ଗୀତା ଅଧ୍ୟାୟ ୧୮ ଶ୍ଲୋକ ୬୨ ରେ କୁହାଯାଇଛି ଯେ ପରମ ଶାନ୍ତି ପାଇଁ ସେହି ପରମେଶ୍ୱର (ପରମ ଅକ୍ଷର ବ୍ରହ୍ମ)ଙ୍କ ଶରଣାପନ୍ନ ହୁଅ, ତାଙ୍କରି କୃପାରେ ହିଁ ତୁ ପରମ ଶାନ୍ତି ଓ ସନାତନ ପରମଧାମକୁ ପ୍ରାପ୍ତି କରିପାରିବୁ । ଗୀତା ଜ୍ଞାନଦାତା ଗୀତା ଅଧ୍ୟାୟ ୮ ଶ୍ଲୋକ ୫ ଓ ୭ରେ କହିଛନ୍ତି ଯେ, ମୋର ଭକ୍ତି କରିବ ତ ଯୁଦ୍ଧ ମଧ୍ୟ କରିବାକୁ ପଡ଼ିବ । ଗୋଟିଏ କଥା ବିଚାର କରନ୍ତୁ, ଯେଉଁଠି ଯୁଦ୍ଧ ଅଛି ସେଠାରେ ଶାନ୍ତି ନଥାଏ, ପରମଶାନ୍ତି ତ ଦୂରର କଥା । ତେଣୁ ଗୀତା ଜ୍ଞାନଦାତା ନିଜ ମୁକ୍ତିକୁ (ଓଁ ମନ୍ତ୍ର ଜପ ଦ୍ୱାରା ହେଉଥିବା ଲାଭକୁ) ଅନୁତ୍ତମ (ନିକୃଷ୍ଟ) କହିଛନ୍ତି ।

ପ୍ରଶ୍ନ ୨୧ :- ଆପଣ ପ୍ରଶ୍ନ ନଂ ୧୩ ର ଉତ୍ତରରେ କହିଛନ୍ତି ଯେ, ପୂର୍ଣ୍ଣମୋକ୍ଷ ପ୍ରାପ୍ତି ପାଇଁ ବ୍ରହ୍ମା, ବିଷ୍ଣୁ, ଶିବ, ଗଣେଶ, ଦେବୀ, କ୍ଷରବ୍ରହ୍ମ ଓ ଅକ୍ଷର ବ୍ରହ୍ମଙ୍କ ସାଧନା କରିବାକୁ ପଡ଼ିଥାଏ, ପୁଣି ଅନ୍ୟପକ୍ଷରେ ଆପଣ କହୁଛନ୍ତି ଯେ, ବ୍ରହ୍ମା, ବିଷ୍ଣୁ, ଶିବାଦି ଅନ୍ୟ ଦେବତା ତଥା କ୍ଷରବ୍ରହ୍ମ ମଧ୍ୟ ପୂଜା(ଭକ୍ତି) ଯୋଗ୍ୟ ନୁହନ୍ତି । କେବଳ ପରମ ଅକ୍ଷର ବ୍ରହ୍ମଙ୍କର ପୂଜା (ଭକ୍ତି) କରିବା ଉଚିତ୍ ?

ଉତ୍ତର: ମୁଁ କହୁ ନାହିଁ, ଆପଣଙ୍କ ସଦଗ୍ରନ୍ଥ କହୁଛି, ପ୍ରଥମେ ଏହା ସ୍ପଷ୍ଟ କରିବା ଉଚିତ୍ ହେବ ଯେ, ପୂଜା ତଥା ସାଧନା ମଧ୍ୟରେ କି ପାର୍ଥକ୍ୟ ଅଛି ? ପ୍ରାପ୍ୟ ବସ୍ତୁ ପାଇବାର ଇଚ୍ଛାକୁ ପୂଜା କୁହାଯାଏ ତଥା ତାକୁ ପାଇବା ପାଇଁ କରାଯାଉଥିବା ପ୍ରଚେଷ୍ଟାକୁ ସାଧନା କୁହନ୍ତି ।

ଉଦାହରଣ: ଯେପରି ଆମ୍ଭକୁ ଜଳ ପ୍ରାପ୍ତି କରିବାର ଅଛି । ଏହା ଆମର ପ୍ରାପ୍ୟ ଅଟେ । ଆମ୍ଭକୁ ଜଳ ପାଇବାର ଇଚ୍ଛା ଅଛି । ଜଳକୁ ପାଇବା ପାଇଁ ହ୍ୟାଣ୍ଡ୍‌ପମ୍ପ୍ ଲଗାଇବାକୁ ପଡ଼ିବ, ହ୍ୟାଣ୍ଡପମ୍ପ୍ ଲଗାଇବା ପାଇଁ ଯେଉଁ ଯେଉଁ ଉପକରଣ ପ୍ରୟୋଗ କରାଯିବ ଏବଂ ସିଲିଣ୍ଡର ୱାସର୍ ଲଗାଯିବ, ଏହା ପ୍ରଚେଷ୍ଟା ଅଟେ । ଏହିପରି ଉପାୟରେ ପରମେଶ୍ୱରଙ୍କର ସେହି ପରମପଦକୁ ପାଇବା ହେଉଛି ଆମର ଆବଶ୍ୟକତା, ଯେଉଁଠିକୁ ଯିବା ପରେ ସାଧକ କଦାପି ସଂସାରକୁ ଲେଉଟି କରି ଆସେ ନାହିଁ । ଆମର ପ୍ରାପ୍ୟ ହେଉଛନ୍ତି ପରମେଶ୍ୱର ଏବଂ ତାଙ୍କର ସନାତନ ପରମଧାମ । ତାଙ୍କୁ ପାଇବା ପାଇଁ କରାଯାଉଥିବା ମନ୍ତ୍ର ଜପ, ହୋମ-ଯଜ୍ଞ ଇତ୍ୟାଦି ସାଧନା ଅଟେ । ଏହି ସାଧନାରେ ଆମ୍ଭମାନଙ୍କୁ ପୂଜ୍ୟ ବସ୍ତୁ 'ପରମାତ୍ମା' ପ୍ରାପ୍ତ ହେବେ । ଯେପରି କି ପ୍ରଶ୍ନ ୧୩ର ଉତ୍ତରରେ ସ୍ପଷ୍ଟ କରାଯାଇଛି, ତାହା ହିଁ ଉପଯୁକ୍ତ ଉଦାହରଣ ଅଟେ । ସେହି ପୂର୍ଣ୍ଣ ମୋକ୍ଷ ପ୍ରାପ୍ତି ପାଇଁ ତିନି ଦଫାରେ ଦୀକ୍ଷା କ୍ରମ ପୂର୍ଣ୍ଣ କରିବାକୁ ପଡ଼ିଥାଏ ।

୧. ପ୍ରଥମ ମନ୍ତ୍ର ଦୀକ୍ଷା = ବ୍ରହ୍ମା, ବିଷ୍ଣୁ, ଶିବ, ଗଣେଶ, ଦେବୀଙ୍କ ମନ୍ତ୍ରର ସାଧନା ଦିଆଯାଏ ।

୨. ଦ୍ୱିତୀୟଥରରେ କ୍ଷରବ୍ରହ୍ମ ଓ ଅକ୍ଷରବ୍ରହ୍ମଙ୍କର ଦୁଇ ଅକ୍ଷର ବିଶିଷ୍ଟ ମନ୍ତ୍ର ଜପ କରିବାକୁ ଦିଆଯାଏ ଯାହାକୁ ସନ୍ଥମାନେ "ସତ୍‌ନାମ"କହିଛନ୍ତି । ଗୀତା ଅଧ୍ୟାୟ ୧୭,୨୩ ରେ ତିନୋଟି ମନ୍ତ୍ର ବିଷୟରେ ପ୍ରମାଣ ଅଛି, "ଓମ୍-ତତ୍-ସତ୍" । ଏହି ସତ୍‌ନାମରେ ଦୁଇଟି ଅକ୍ଷର ଥାଏ, ଗୋଟିଏ "ଓମ୍ (ଓଁ) ଅନ୍ୟଟି "ତତ୍" ଅଟେ । (ଏହି 'ତତ୍' ସାଙ୍କେତିକ ଅଟେ, ଯାହାକି ଉପଦେଶ (ଦୀକ୍ଷା) ଦେବା ସମୟରେ କେବଳ ଉପଦେଶୀକୁ ହିଁ କୁହାଯିବ) ।

୩. ତୃତୀୟରେ ସାରନାମର ଦୀକ୍ଷା ଦିଆଯାଏ । ଯେଉଁ ମନ୍ତ୍ରକୁ ଗୀତା ଅଧ୍ୟାୟ ୧୭, ୨୩ ଶ୍ଲୋକରେ "ସତ୍"ବୋଲି ଲେଖାଯାଇଛି, ଏହା ମଧ୍ୟ ସାଙ୍କେତିକ ଅଟେ । ଦୀକ୍ଷା ଗ୍ରହଣକାରୀକୁ କେବଳ ମନ୍ତ୍ର ଦେବା ସମୟରେ ଏହା କୁହାଯାଏ । ଏହି ଉପାୟରେ ପୂର୍ଣ୍ଣମୋକ୍ଷ ପ୍ରାପ୍ତ ହୁଏ ।

ପ୍ରଶ୍ନ ୨୨ : ଆମ୍ଭେମାନେ ପ୍ରଥମରୁ ଯେଉଁ ସାଧନା କରୁଅଛୁଁ, ସେହି ପୂର୍ବର ସାଧନାକୁ ତ୍ୟାଗ କରିବାକୁ ପଡ଼ିବ କି ?

ଉତ୍ତର : - ଆପଣ ଯେଉଁ ସାଧନା କରୁଛନ୍ତି ତାହା ଯଦି ଶାସ୍ତ୍ରବିଧି ରହିତ ହୋଇଥିବ ତେବେ ତାହାକୁ ତ୍ୟାଗ କରିବାକୁ ପଡ଼ିବ । ଯଦି ଅନଧିକାରୀଠାରୁ ଦୀକ୍ଷା ନେଇଥିବେ ତେବେ କୌଣସି ଲାଭ ହେବ ନାହିଁ । ସାଧନା କରିବା ପାଇଁ ପୂର୍ଣ୍ଣ ଗୁରୁଙ୍କଠାରୁ ଦୀକ୍ଷା ନେବାକୁ ପଡ଼ିବ ।

ପ୍ରଶ୍ନ ୨୩ :- ଗୀତା ଅଧ୍ୟାୟ ୧୮ ଶ୍ଲୋକ ୪୭ ଓ ଗୀତା ଅଧ୍ୟାୟ ୩ ଶ୍ଲୋକ ୩୫ରେ କୁହାଯାଇଛି ଯେ :-

*ଶ୍ରେୟାନ୍ ସ୍ୱଧର୍ମଃ ବିଗୁଣଃ ପରଧର୍ମାତ୍ ସ୍ୱନୁଷ୍ଠିତାତ୍ ।*
*ସ୍ୱଧର୍ମେ ନିଧନମ୍ ଶ୍ରେୟଃ ପରଧର୍ମଃ , ଭୟାବହଃ ॥*

*(ଗୀତା ଅଧ୍ୟାୟ ୩ ଶ୍ଲୋକ୩୫ )*

ଉତ୍ତମ ଆଚରଣ ସହିତ କରାଯାଇଥିବା ଅନ୍ୟର ଧର୍ମଠାରୁ ନିଜ ଧର୍ମ ଗୁଣରହିତ ହେଲେ ମଧ୍ୟ ଅତି ଶ୍ରେଷ୍ଠ ଅଟେ । ସ୍ୱଧର୍ମ ଅବଲମ୍ବନ କରି ମରିବା ଶ୍ରେୟସ୍କର କିନ୍ତୁ ଅନ୍ୟର ଧର୍ମ ଭୟାବହ ଅଟେ ।

ଉତ୍ତର : ଏହି ଅନୁବାଦ ଭୁଲ୍ ଅଟେ । ଯଦି ଏକଥା ଠିକ୍ ଯେ ନିଜ ଧର୍ମ ଲାଭଦାୟକ ନ ହେଉ ପଛେ ତାକୁ ତ୍ୟାଗ କରିବା ଅନୁଚିତ୍ ତେବେ ଶ୍ରୀମଦ୍ଭଗବତ୍ ଗୀତାର ଜ୍ଞାନକୁ ୧୮ ଟି ଅଧ୍ୟାୟ ଏବଂ ୭୦୦ ଟି ଶ୍ଲୋକରେ ଲେଖିବାର କି ଆବଶ୍ୟକତା ଥିଲା ? କେବଳ ଏହି ଗୋଟିଏ ଶ୍ଲୋକ ହିଁ ପର୍ଯ୍ୟାପ୍ତ ଥିଲା ଯେ, ନିଜ ନିଜ ସାଧନା ଯେପରି ବି ହେଉନା କାହିଁକି ତାହା ଚାଲୁ ରଖ, ତାହା ଗୁଣରହିତ (ଲାଭହୀନ) ହୋଇ ଥାଉନା କାହିଁକି । ପୁଣି ଗୀତା ଅଧ୍ୟାୟ ୭ ଶ୍ଲୋକ ୧୨ ରୁ ୧୫ ରେ ଏକଥା କ'ଣ ପାଇଁ କୁହାଗଲା ଯେ ରଜଗୁଣ ବ୍ରହ୍ମା, ସତ୍ତ୍ୱଗୁଣ ବିଷ୍ଣୁ ଓ ତମଗୁଣ ଶିବଙ୍କ ପୂଜା ରାକ୍ଷସ ସ୍ୱଭାବକୁ ଧାରଣ କରିଥିବା, ମନୁଷ୍ୟମାନଙ୍କ ମଧ୍ୟରେ ନୀଚ, ଦୂଷିତ କର୍ମ କରୁଥିବା ମୂର୍ଖ ଲୋକମାନେ ମୋତେ ଭଜନ୍ତି ନାହିଁ । ଗୀତା ଜ୍ଞାନଦାତା ସେହି ସାଧକମାନଙ୍କୁ ସେମାନଙ୍କର ଧର୍ମ ଅର୍ଥାତ୍ ଧାର୍ମିକ ସାଧନାକୁ ତ୍ୟାଗ କରିବା ପାଇଁ କହିଛନ୍ତି ଏବଂ ଗୀତା ଅଧ୍ୟାୟ ୭ ଶ୍ଲୋକ ୨୦ ରୁ ୨୩ ରେ କହିଛନ୍ତି ଯେ ଯେଉଁମାନେ ମୋର ପୂଜା ନ କରି ଅନ୍ୟ ଦେବତାମାନଙ୍କର ପୂଜା କରନ୍ତି, ସେମାନେ ଅଜ୍ଞାନ ଅଟନ୍ତି । ସେହି ଦେବତାମାନଙ୍କୁ ପୂଜା କଲେ, ଶୀଘ୍ର ସମାପ୍ତ ହେଉଥିବା ସୁଖ (ସ୍ୱର୍ଗ ସୁଖ ) ମିଳିଥାଏ । ସେ ଆହୁରି ମଧ୍ୟ ନିଜ ଧାର୍ମିକ ପୂଜା ଅର୍ଥାତ୍ ଧର୍ମକୁ ତ୍ୟାଗ କରିବା ସହିତ ସମ୍ପୂର୍ଣ୍ଣ ଲାଭ ପାଇଁ କେବଳ ପରମ ଅକ୍ଷର ବ୍ରହ୍ମଙ୍କ ଧର୍ମ ଅର୍ଥାତ୍ ଧାର୍ମିକ ସାଧନାକୁ ଗ୍ରହଣ କରିବା ପାଇଁ କହିଛନ୍ତି ।

ଝ:ଗୀତା ଅଧ୍ୟାୟ ୩ ଶ୍ଲୋକ ୩୫ର ଯଥାର୍ଥ ଅନୁବାଦ ଏହି ପ୍ରକାର ଅଟେ :-

ଅନୁବାଦ : (ବିଗୁଣଃ ପରଧର୍ମାତ୍ସ୍ୱନୁଷ୍ଠିତାତ୍) ଅନ୍ୟର ଗୁଣରହିତ ଅର୍ଥାତ୍ କୌଣସି ଲାଭ ନଥିବା, ଭଲ ଭାବରେ ରଙ୍ଗ-ଢଙ୍ଗ, ଚହଟ-ଚମକ ଲୋକ ଦେଖାଣିଆ ଧର୍ମ ଅର୍ଥାତ୍ ଧାର୍ମିକ କର୍ମଠାରୁ (ସ୍ୱଧର୍ମଃ) ନିଜର ଶାସ୍ତ୍ରବିଧି ଅନୁସାରେ କରୁଥିବା ଧାର୍ମିକ କର୍ମ (ଶ୍ରେୟାନ୍) ଅତି ଉତ୍ତମ ଅଟେ । (ସ୍ୱଧର୍ମେ) ଶାସ୍ତ୍ର ଲିଖିତ ନିୟମ ଅନୁସାରେ ପାଳନ କରୁଥିବା ନିଜର 'ଧର୍ମ- କର୍ମ'ରେ ସଙ୍ଘର୍ଷ କରିବାକୁ ପଡୁ ପଛେ (ନିଧନମ୍) ସେଥିରେ ମରିବା ମଧ୍ୟ (ଶ୍ରେୟଃ) କଲ୍ୟାଣକାରକ ଅଟେ । (ପରଧର୍ମ) ଅନ୍ୟର ଧାର୍ମିକ କର୍ମ (ଭୟାବହଃ) ଭୟାବହ ଅଟେ । ଭାବାର୍ଥ ଏହା ଯେ ଯେପରି ଜାଗରଣାଦି ଅର୍ଥାତ୍ କେତେକ ଦେବାଦେବୀଙ୍କ ପୂଜାର୍ଚ୍ଚନାରେ ବହୁତ ସୁମଧୁର ବାଦ୍ୟଯନ୍ତ୍ର ସହିତ ସୁମଧୁର ହୃଦୟସ୍ପର୍ଶୀ ଗୀତ ଗାନ କରାଯାଇଥାଏ ଓ ବହୁତ ଭାବ-ଭଙ୍ଗୀ ଦେଖିବାକୁ ମିଳିଥାଏ । କିନ୍ତୁ ଆମର ଏହି ଶାସ୍ତ୍ରବିଧି ଅନୁସାରେ ଧର୍ମ-କର୍ମରେ କେବଳ ମନ୍ତ୍ର ଜପ ଓ ସାଧାରଣ ଭାବରେ ଆରତୀ କରାଯାଏ । କୌଣସି ବେଦ କିମ୍ବା ଗୀତାରେ ଶ୍ରୀ ଦେବୀଜୀଙ୍କର ପୂଜା କିମ୍ବା ଜାଗରଣ ଇତ୍ୟାଦି କରିବା ପାଇଁ ଆଦେଶ ନାହିଁ । ଯେଉଁ କାରଣ ପାଇଁ ତାହା ଶାସ୍ତ୍ରବିଧି ତ୍ୟାଗ ପୂର୍ବକ ମନୋମୁଖୀ ଆଚରଣ ହେଉଥିବାରୁ ବ୍ୟର୍ଥ ଅଟେ । ଅନ୍ୟମାନଙ୍କର ଶାସ୍ତ୍ରବିଧି ରହିତ ଧାର୍ମିକ କର୍ମ ଦେଖିବାକୁ ଭାରି ଭଲ ଲାଗେ । ସେଥିରେ ଲୋକ ଦେଖାଣିଆ ରଙ୍ଗ ଢଙ୍ଗ ବହୁତ ଥାଏ । ସେଥିପାଇଁ ସତ୍ୟ ସାଧନା କରୁଥିବା ଭକ୍ତ ଅନ୍ୟର ଧାର୍ମିକ କର୍ମକୁ ଦେଖି ଏହି ଭୟ ଜାତ ହୋଇ ଯାଇଥାଏ ଯେ ଆମ୍ଭମାନଙ୍କର ଭକ୍ତି ସାଧନା ଠିକ୍ ନୁହେଁ । କିନ୍ତୁ

ତତ୍ତ୍ୱଜ୍ଞାନ ବୁଝିସାରିବା ପରେ ଏହି ଭୟ ସମାପ୍ତ ହୋଇ ଯାଇଥାଏ । ତତ୍ତ୍ୱଜ୍ଞାନରେ କୁହାଯାଇଛି ଯେ:-

*ଦୁର୍ଗା ଧ୍ୟାନ ପଡ଼େ ଜିସ ବଗଡ଼ମ, ତା ସଂଗତି ଡୁବେ ସବ ନଗରମ୍ ।*
*ଦମ୍ଭ କରେଁ ଡୁଙ୍ଗର ଚଢେ, ଅନ୍ତର ଝୀନୀ ଝୂଲ ।*
*ଜଗ ଜାନେ ବନ୍ଦଗୀ କରେଁ, ବୋଢ଼େଁ ସୂଲ ବବୂଲ ॥*

ତେଣୁ ନିର୍ଗୁଣ ଅର୍ଥାତ୍ ଲାଭହୀନ ଧାର୍ମିକ ସାଧନାକୁ ତ୍ୟାଗ କରି ଶାସ୍ତ୍ରବିଧି ଅନୁସାରେ ସତ୍ୟସାଧନା କରିବା ଦ୍ୱାରା ହିଁ ଆତ୍ମକଲ୍ୟାଣ ସମ୍ଭବ ହେବ ।

ପ୍ରଶ୍ନ ୨୪:- ମୁଁ ପାରଖି ସନ୍ଥ ଶ୍ରୀ ଅଭିଳାଷ ଦାସଙ୍କ ଧାର୍ମିକ ମତ(ବିଚାର) ଶୁଣିଥିଲି । ସେ କହୁଥିଲେ ଯେ ସଂସାରର ସୃଷ୍ଟି କର୍ତ୍ତା ଭଗବାନ ନୁହନ୍ତି । ଏହି ସଂସାର କେବଳ ନର-ନାରୀ ସଂଯୋଗରୁ ସୃଷ୍ଟି ହୁଏ, ପୁଣି ସମାପ୍ତ ହୋଇଯାଏ । କେହି ଭଗବାନ ନାହାଁନ୍ତି । ଜୀବ ହିଁ ବ୍ରହ୍ମ ଅଟେ, ଜୀବ ହିଁ କର୍ତ୍ତା ଅଟେ, ଅଭିଳାଷ ଦାସଙ୍କର ଏହି ବିଚାର ଉଚିତ୍ ନା ଅନୁଚିତ୍ ?

ଉତ୍ତର:- ଏହାର ଉତ୍ତର ଶ୍ରୀମଦ୍ଭଗବତ୍ ଗୀତା ଅଧ୍ୟାୟ ୧୬ ଶ୍ଳୋକ ୬ ରୁ ୧୦ ମଧ୍ୟରେ ବିସ୍ତୃତ ଭାବରେ ବର୍ଣ୍ଣିତ । ସେଥିରେ କୁହାଯାଇଛି ଯେ ଯେଉଁମାନେ ଅସୁର ପ୍ରକୃତିର ଲୋକ ଅଟନ୍ତି, ସେମାନେ କୁହନ୍ତି ଯେ ଏହି ସଂସାର ଈଶ୍ୱରଙ୍କ ବିନା ସୃଷ୍ଟି ହୋଇଛି, ପୁରୁଷ-ସ୍ତ୍ରୀ ଅର୍ଥାତ୍ ନର-ନାରୀଙ୍କ ସଂଯୋଗରୁ ଉତ୍ପନ୍ନ ହୋଇଛି । ଏହାର କେହି କର୍ତ୍ତା ନାହାଁନ୍ତି । ଏପରି ବ୍ୟକ୍ତି ସଂସାରର ବିନାଶ ଅର୍ଥାତ୍ ଅନିଷ୍ଟ କରିବା ପାଇଁ ଜନ୍ମ ନିଅନ୍ତି । ବାସ୍ତବିକତା ହେଉଛି, ପରମାତ୍ମା ସର୍ବ ସଂସାରର ସର୍ଜନକର୍ତ୍ତା । ଜୀବ ବ୍ରହ୍ମ ନୁହେଁ । ବ୍ରହ୍ମର ଅର୍ଥ ପ୍ରଭୁ (ସ୍ୱାମୀ) ଅଟେ । ଯେପରି (୧) ବ୍ରହ୍ମ (ଯାହାକୁ ଅକ୍ଷର ପୁରୁଷ ମଧ୍ୟ କୁହାଯାଇଛି, ଗୀତା ଅଧ୍ୟାୟ ୧୫-ଶ୍ଳୋକ ୧୬) ୨୧ ବ୍ରହ୍ମାଣ୍ଡର ସ୍ୱାମୀ ଅଟନ୍ତି । (୨) ଅକ୍ଷର ବ୍ରହ୍ମ ( ଯାହାକୁ ଅକ୍ଷର ପୁରୁଷ ମଧ୍ୟ କୁହାଯାଇଛି, ଗୀତା ଅଧ୍ୟାୟ ୧୫ ଶ୍ଳୋକ ୧୬) ସାତଶଙ୍ଖ ବ୍ରହ୍ମାଣ୍ଡର ସ୍ୱାମୀ ଅଟନ୍ତି । (୩) ପୂର୍ଣ୍ଣ ବ୍ରହ୍ମ (ଯାହାଙ୍କୁ ଗୀତା ଅଧ୍ୟାୟ-୮- ଶ୍ଳୋକ -୩ ରେ ପରମଅକ୍ଷର ବ୍ରହ୍ମ ବୋଲି କୁହାଯାଇଛି ।) ଯିଏ ଅସଂଖ୍ୟ ବ୍ରହ୍ମାଣ୍ଡର ସ୍ୱାମୀ ଅଟନ୍ତି । ସେ ହିଁ କୁଳର ମାଲିକ ଅଟନ୍ତି । କେହି ଭଗବାନ ନାହାଁନ୍ତି, ସଂସାର କେବଳ ସ୍ତ୍ରୀ-ପୁରୁଷ ବା ନର-ନାରୀଙ୍କଠାରୁ ଉତ୍ପନ୍ନ ହୋଇ ସମାପ୍ତ ହୋଇଯାଏ ଏବଂ ଜୀବ ହିଁ କର୍ତ୍ତା ଅଟେ ଅର୍ଥାତ୍ ଜୀବ ହିଁ ବ୍ରହ୍ମ ଅଟେ; ଏକଥା କହିବା ସମ୍ପୂର୍ଣ୍ଣ ଭାବରେ ଅନୁଚିତ୍ ।

ପ୍ରଶ୍ନ -୨୫:- ଶ୍ରୀମଦ୍ଭଗବତ୍ ଗୀତାର ଅଧ୍ୟାୟ ୮ ଶ୍ଳୋକ ୫ ଓ ୭ ରେ କୁହାଯାଇଛି ଯେ ଯେଉଁ ମନୁଷ୍ୟ ଶେଷ ମୁହୂର୍ତ୍ତରେ ବି ମୋତେ ସ୍ମରଣ କରି ଶରୀର ତ୍ୟାଗ କରେ ସେ ମୋତେ ପ୍ରାପ୍ତ ହୁଏ । ତେଣୁ ଅର୍ଜୁନ ! ସବୁବେଳେ ମୋତେ ସ୍ମରଣ କର, ଯୁଦ୍ଧ ବି କର, ମୋତେ ହିଁ ପାଇବୁ । ତେଣୁ ଗୀତା ଅଧ୍ୟାୟ ୧୮ ର ୬୨ ନଂ. ଶ୍ଳୋକରେ କୁହାଯାଇଛି ଯେ ସେହି ପରମାତ୍ମାଙ୍କ ଶରଣାପନ୍ନ ହୁଅ । ଗୀତା ଜ୍ଞାନଦାତା ପ୍ରକାରାନ୍ତରେ କହିଛନ୍ତି ଯେ, ମୋର ସାଧନା ଓ ସ୍ମରଣ କର । ଆପଣ କିନ୍ତୁ ଅନ୍ୟ ପରମାତ୍ମାଙ୍କ କଥା କହୁଛନ୍ତି ଯାହା ବିଶ୍ୱାସଯୋଗ୍ୟ ହେଉ ନାହିଁ । ଗୀତା ଜ୍ଞାନଦାତାଙ୍କଠାରୁ ଭିନ୍ନ, ଅନ୍ୟ ପରମାତ୍ମାଙ୍କର ଭକ୍ତି କରିବା ପାଇଁ ଗୀତାରେ ଅନ୍ୟତ୍ର କେଉଁଠି ଲେଖାଯାଇଛି କି ?

ଉତ୍ତର:- ଗୀତା ଅଧ୍ୟାୟ ୭ ଶ୍ଳୋକ ୨୯ରେ ଗୀତା ଜ୍ଞାନଦାତା କହିଛନ୍ତି, ଯେଉଁ ସାଧକ କେବଳ ଜରା (ବୃଦ୍ଧାବସ୍ଥା) ଓ ମରଣ (ମୃତ୍ୟୁ)ରୁ ମୁକ୍ତି ନିମିତ୍ତ ଯତ୍ନଶୀଳ ସେ "ତତ୍‌ବ୍ରହ୍ମ"ଙ୍କ ସହିତ ପରିଚିତ । ଗୀତା ଅଧ୍ୟାୟ ୮ ଶ୍ଳୋକ ୧ରେ ଅର୍ଜୁନ ପ୍ରଶ୍ନ କରିଛନ୍ତି ଯେ "ତତ୍‌ବ୍ରହ୍ମ" କ'ଣ ? ଗୀତା ଜ୍ଞାନଦାତା ଅଧ୍ୟାୟ ୮ ଶ୍ଳୋକ ୩ରେ ଉତ୍ତର ଦେଇ କହିଛନ୍ତି, ସେ "ପରମ ଅକ୍ଷର ବ୍ରହ୍ମ" ଅଟନ୍ତି । ଗୀତା ଅଧ୍ୟାୟ ୮ ଶ୍ଳୋକ ୫ ଓ ୭ ରେ ଗୀତା ଜ୍ଞାନଦାତା ନିଜର ସାଧନା ଅର୍ଥାତ୍ ସ୍ମରଣ କରିବା ପାଇଁ କହିଛନ୍ତି । (ଗୀତା ଜ୍ଞାନଦାତା, ଗୀତା ଅଧ୍ୟାୟ ୨ ଶ୍ଳୋକ ୧୨ ଓ ଅଧ୍ୟାୟ ୪ ଶ୍ଳୋକ ୫ ଓ ଅଧ୍ୟାୟ ୧୦ ଶ୍ଳୋକ ୨ ରେ ନିଜର ଜନ୍ମ-ମୃତ୍ୟୁ ହୁଏ ବୋଲି ମଧ୍ୟ କହିଛନ୍ତି ଏବଂ ତାଙ୍କ ଭକ୍ତିରେ ପରମଶାନ୍ତି ମିଳିପାରିବ ନାହିଁ, ଯୁଦ୍ଧ ମଧ୍ୟ କରିବାକୁ ପଡ଼ିବ । ଗୀତା ଜ୍ଞାନଦାତା

ଏହା ବି କହିଛନ୍ତି ଯେ, ଜନ୍ମ-ମରଣ ଚକ୍ରରେ ତୁ ସର୍ବଦା ରହିବୁ ।) ଏହାପରେ ତୁରନ୍ତ ଗୀତା ଅଧ୍ୟାୟ ୮ ଶ୍ଳୋକ ୮, ୯ ଓ ୧୦; ଏହି ତିନୋଟି ଶ୍ଳୋକରେ ଗୀତା ଜ୍ଞାନଦାତା ନିଜଠାରୁ ଭିନ୍ନ "ପରମ ଅକ୍ଷର ବ୍ରହ୍ମ"ଙ୍କର ଭକ୍ତି କରିବା ପାଇଁ କହିଛନ୍ତି । 'ହେ ପାର୍ଥ ! ପରମେଶ୍ୱରଙ୍କ ସାଧନାରେ ଅଭ୍ୟାସ ଯୋଗରେ ଯୁକ୍ତ ହୋଇ, ଅନ୍ୟ କୌଣସି ଦେବତା ବା ପ୍ରଭୁଙ୍କଠାରେ ଆସ୍ଥା ନରଖି ସ୍ଥିର ଚିତ୍ତରେ କେବଳ ଏକ ପରମେଶ୍ୱରଙ୍କ ସ୍ମରଣ କରି ମନୁଷ୍ୟ (ପରମମ୍ ଦିବ୍ୟମ୍ ପୁରୁଷମ୍ ଯାତି) ସେହି ପରମ ଅଲୌକିକ ପରମେଶ୍ୱର ଅର୍ଥାତ୍ ପରମ ଅକ୍ଷର ବ୍ରହ୍ମଙ୍କୁ ହିଁ ପ୍ରାପ୍ତ ହୁଅନ୍ତି । (ଗୀତା ଅଧ୍ୟାୟ ୮ ଶ୍ଳୋକ ୮) ।

ପରମ ଅକ୍ଷର ବ୍ରହ୍ମ, ଅନାଦି, ସମସ୍ତଙ୍କ ସଞ୍ଚାଳକ, କଣ୍ଟ୍ରୋଲର୍, ସୂକ୍ଷ୍ମାତିସୂକ୍ଷ୍ମ, ସମସ୍ତଙ୍କର ଧାରଣ ପୋଷଣ କାରୀ, ଅଚିନ୍ତ୍ୟସ୍ୱରୂପ, ସୂର୍ଯ୍ୟସଦୃଶ ପ୍ରକାଶିତ ଓ ଅବିଦ୍ୟାଠାରୁ ସମ୍ପୂର୍ଣ୍ଣ ଉର୍ଦ୍ଧ୍ୱରେ, ଶୁଦ୍ଧ ଚିଦାନନ୍ଦ ପରମେଶ୍ୱରଙ୍କୁ ଯେଉଁ ସାଧକ ସ୍ମରଣ କରେ (ଅଧ୍ୟାୟ ୮ ଶ୍ଳୋକ ୯), ସେହି ଭକ୍ତି ସାଧନାଯୁକ୍ତ ସାଧକ ନିଜର ଅନ୍ତିମ ସମୟରେ ଭକ୍ତିର ଶକ୍ତିରେ ଭୃକୁଟୀର ମଝିରେ ପ୍ରାଣ ଅର୍ଥାତ୍ ନିଜ ଶ୍ୱାସକୁ ଭଲ ଭାବରେ ସ୍ଥାପିତ କରି ନିଶ୍ଚଳ ମନରେ ସ୍ମରଣ କରି ସେହି (ଦିବ୍ୟ ପରମ ପୁରୁଷମ୍) ଅଲୌକିକ ପରମ ପୁରୁଷ ଅର୍ଥାତ୍ ପରମ ଅକ୍ଷର ବ୍ରହ୍ମ (ଯିଏ ଗୀତା ଜ୍ଞାନଦାତାଙ୍କଠାରୁ ଭିନ୍ନ ଅଟନ୍ତି)ଙ୍କୁ ପ୍ରାପ୍ତ ହୁଅନ୍ତି । ଏହି ପ୍ରମାଣ ଗୀତା ଅଧ୍ୟାୟ ୮ ଶ୍ଳୋକ ୧୧ରୁ ୨୨ ରେ ମଧ୍ୟ ଅଛି । ଗୀତା ଅଧ୍ୟାୟ ୮ ଶ୍ଳୋକ ୧୧ ରେ କୁହାଯାଇଛି ଯେ ତତ୍ତ୍ୱଦର୍ଶୀ ଅର୍ଥାତ୍ ବେଦକୁ ଠିକ୍ ଭାବରେ ଜାଣିଥିବା ବେଦଜ୍ଞ, ଯାହାଙ୍କୁ ଅବିନାଶୀ କୁହାଯାଏ, ସେହି ପରମ ପଦର ପ୍ରାପ୍ତି 'ଶ୍ୱାସକ୍ରିୟା ଦ୍ୱାରା ମନ୍ତ୍ରସାଧନା(ସ୍ମରଣ) କରିବା ଦ୍ୱାରା ହୋଇଥାଏ' । ଏହା ଗୀତା ଅଧ୍ୟାୟ ୮ ଶ୍ଳୋକ ୧୨ରେ ଅର୍ଜୁନଙ୍କ ନିମନ୍ତେ ବର୍ଣ୍ଣନା କରାଯାଇଛି ।

ଗୀତା ଅଧ୍ୟାୟ ୮ ଶ୍ଳୋକ ୧୩ ରେ ଗୀତା ଜ୍ଞାନଦାତା କହିଛନ୍ତି ଯେ ମୋ(ବ୍ରହ୍ମ)ର କେବଳ ଗୋଟିଏ ଅକ୍ଷର ଓମ୍ (ଓଁ) ମନ୍ତ୍ର ଅଟେ, ଏହାକୁ ମୃତ୍ୟୁ ପର୍ଯ୍ୟନ୍ତ ସ୍ମରଣ କରିବାକୁ ପଡିବ । ସେହି ସାଧକ, ଏହି ମନ୍ତ୍ରଜପର ଫଳସ୍ୱରୂପ ପରମଗତି ଅର୍ଥାତ୍ ବ୍ରହ୍ମଲୋକକୁ ପ୍ରାପ୍ତ ହୁଏ ।

ଗୀତା ଅଧ୍ୟାୟ ୮ ଶ୍ଳୋକ ୧୬ ରେ ଗୀତା ଜ୍ଞାନଦାତା କହିଛନ୍ତି ଯେ, ବ୍ରହ୍ମଲୋକ ପର୍ଯ୍ୟନ୍ତ ସମସ୍ତ ଲୋକ ପୁନରାବର୍ତ୍ତୀ ଚକ୍ରରେ ଅଛି ଅଥାର୍ତ୍ ବ୍ରହ୍ମଲୋକ ପର୍ଯ୍ୟନ୍ତ ଯାଇଥିବା ସମସ୍ତ ସାଧକ ସର୍ବଦା ଜନ୍ମ-ମୃତ୍ୟୁ ଚକ୍ରରେ ରହିଥାନ୍ତି । ହେ ଅର୍ଜୁନ ! ଯେଉଁମାନେ ଏହା ଜାଣି ନାହାଁନ୍ତି, ସେମାନେ ମୋତେ ପାଇ ସାରିବା ପରେ ମଧ୍ୟ ସର୍ବଦା ଜନ୍ମ-ମୃତ୍ୟୁ ଚକ୍ରରେ ରୁହନ୍ତି କାରଣ ଗୀତା ଜ୍ଞାନଦାତା, ଗୀତା ଅଧ୍ୟାୟ୨ ଶ୍ଳୋକ ୧୨, ଅଧ୍ୟାୟ ୪ ଶ୍ଳୋକ ୫, ଅଧ୍ୟାୟ ୧୦ ଶ୍ଳୋକ ୨ ରେ ସ୍ୱୟଂ କହିଛନ୍ତି ଯେ ହେ ଅର୍ଜୁନ ! ତୋର ଏବଂ ମୋର ବହୁତ ଜନ୍ମ ହୋଇସାରିଛି, ଆଗକୁ ମଧ୍ୟ ହେବ, ତୁ ଜାଣି ନାହୁଁ ମୁଁ ଜାଣିଛି । ମୋର ଉତ୍ପତ୍ତି (ଜନ୍ମ) ସମ୍ବନ୍ଧରେ ଦେବତାମାନେ ଜାଣନ୍ତି ନାହିଁ କି ମହର୍ଷିଗଣ ଏବଂ ସିଦ୍ଧପୁରୁଷମାନେ ମଧ୍ୟ ଏହା ଜାଣନ୍ତି ନାହିଁ ।

ଗୀତା ଅଧ୍ୟାୟ ୮ ଶ୍ଳୋକ ୧୭ରେ ଅକ୍ଷରପୁରୁଷ (ପରବ୍ରହ୍ମ)ଙ୍କ ଦିନ-ରାତି ବିଷୟରେ ବର୍ଣ୍ଣନା ଅଛି । ଏଥିରେ କୁହାଯାଇଛି ଯେ (ବ୍ରହ୍ମଣଃ) ପରବ୍ରହ୍ମଙ୍କ ଗୋଟିଏ ଦିନ ଏକ ହଜାର ଯୁଗ ବିଶିଷ୍ଟ ଏବଂ ସମାନ ସଂଖ୍ୟକ ରାତି ମଧ୍ୟ ହୋଇଥାଏ । ପରବ୍ରହ୍ମ ଅର୍ଥାତ୍ ଅକ୍ଷରପୁରୁଷଙ୍କ ସମ୍ବନ୍ଧରେ ଗୀତା ଅଧ୍ୟାୟ ୧୫ ଶ୍ଳୋକ ୧୬ରେ ବର୍ଣ୍ଣିତ । ସେହି ପ୍ରକରଣ ଗୀତା ଅଧ୍ୟାୟ ୮ ଶ୍ଳୋକ ୧୭,୧୮,୧୯ରେ ମଧ୍ୟ ଅଛି ।

ନୋଟ୍ : ଅଧିକ ଜାଣିବା ପାଇଁ କୃପାକରି ପଢନ୍ତୁ ପ୍ରଶ୍ନ ନଂ ୯ରେ ଗୀତା ଅଧ୍ୟାୟ ୮ ଶ୍ଳୋକ ୧୭ ରୁ ୧୯ ରେ ଯେଉଁଠି ଅକ୍ଷରପୁରୁଷଙ୍କ ବିଷୟରେ ସୂଚନା ଦିଆଯାଇଛି । ଏହାଙ୍କୁ ମଧ୍ୟ ଅବ୍ୟକ୍ତ କୁହାଯାଇଛି । ଏହାଙ୍କ ଦିନ ସମାପ୍ତ ପରେ ସମସ୍ତ ପ୍ରାଣୀ, ଯେଉଁମାନେ କ୍ଷର ପୁରୁଷର ୨୧ ବ୍ରହ୍ମାଣ୍ଡରେ ଅଛନ୍ତି, ସେମାନେ ସମସ୍ତେ ବିନାଶ(ପ୍ରଳୟ)କୁ ପ୍ରାପ୍ତ ହୋଇଯାଆନ୍ତି, ରାତ୍ରୀ ସରିବା ପରେ ପୁଣି ଦିନ ହେଲେ ସଂସାରରେ ଜୀବ ଉତ୍ପନ୍ନ ହୁଅନ୍ତି ।

ଗୀତା ଅଧ୍ୟାୟ ୮ ଶ୍ଳୋକ ୨୦ ରେ କୁହାଯାଇଛି ଯେ ଏହି ଅକ୍ଷର ପୁରୁଷକୁ ମଧ୍ୟ ଅବ୍ୟକ୍ତ କୁହାଯାଏ ପରନ୍ତୁ

ଏହି ଅବ୍ୟକ୍ତଙ୍କ ଠାରୁ ଭିନ୍ନ ଯିଏ ବିଲକ୍ଷଣ ସନାତନ ଅବ୍ୟକ୍ତ ଭାବ ଅଟନ୍ତି, ସେ ହେଉଛନ୍ତି ପରମ ଦିବ୍ୟପୁରୁଷ ଅର୍ଥାତ୍ ପରମ ଅକ୍ଷରବ୍ରହ୍ମ ତ ସବୁ ପ୍ରାଣୀମାନଙ୍କ (କ୍ଷରପୁରୁଷ, ଅକ୍ଷର ପୁରୁଷ ତଥା ଏମାନଙ୍କ ଅନ୍ତର୍ଗତ ଯେତେ ବି ଜୀବ ଅଛନ୍ତି, ସମସ୍ତେ) ନଷ୍ଟ ହେଲା ପରେ ବି ନଷ୍ଟ ହୁଅନ୍ତି ନାହିଁ ଅର୍ଥାତ୍ ସେ ହିଁ ବାସ୍ତବରେ ଅବିନାଶୀ ଅଟନ୍ତି।

ଗୀତା ଅଧ୍ୟାୟ ୮ ଶ୍ଳୋକ୨୧ରେ ଗୀତା ଜ୍ଞାନଦାତା କହିଛନ୍ତି ଯେ ଯାହାଙ୍କୁ ଅବ୍ୟକ୍ତ (ଅକ୍ଷର), ଅବିନାଶୀ କୁହାଯାଇଛି, ସେହି ପରମପୁରୁଷଙ୍କ ପ୍ରାପ୍ତିକୁ ପରମଗତି କୁହାଯାଏ। ଯେଉଁ ସନାତନ ଅବ୍ୟକ୍ତ ପରମପୁରୁଷଙ୍କ ପ୍ରାପ୍ତି ପରେ ସାଧକ ପୁଣି ଜନ୍ମ-ମରଣ ଚକ୍ରକୁ ଆସନ୍ତି ନାହିଁ ତାହା ମୋ ଧାମଠାରୁ ଶ୍ରେଷ୍ଠଧାମ ଅଟେ। ପ୍ରଥମେ ମୁଁ ମଧ୍ୟ ସେଠାରେ ରହୁଥିଲି। ଦେଖନ୍ତୁ, ବ୍ରହ୍ମ କହୁଛନ୍ତି ଯେ 'ସେହି ଧାମ ମୋର ମଧ୍ୟ ପରମ ଧାମ ଅଟେ'। ଏଥିରୁ ପ୍ରତୀତ ହୁଏ ଯେ ଗୀତା ଜ୍ଞାନଦାତା ସେହି ପରମ ସନାତନ ଧାମ ଅର୍ଥାତ୍ ସତ୍ୟଲୋକରୁ ବହିଷ୍କୃତ ହୋଇଛନ୍ତି। (ଏହି ବିଷୟରେ ସମ୍ପୂର୍ଣ୍ଣ ଜାଣିବା ପାଇଁ କୃପା କରି ପଢନ୍ତୁ ସୃଷ୍ଟି ରଚନା ପ୍ରକରଣ ଏହି ପୁସ୍ତକର ୧୪୩ ରୁ ୧୯୧ ପର୍ଯ୍ୟନ୍ତ)

ଗୀତା ଅଧ୍ୟାୟ ୮ ଶ୍ଳୋକ ୨୨ ରେ ସ୍ପଷ୍ଟ ଭାବେ ଉଲ୍ଲିଖିତ, (ଗୀତା ଜ୍ଞାନଦାତା କହିଛନ୍ତି ଯେ) 'ହେ ଅର୍ଜୁନ! ଯେଉଁ ପରମାତ୍ମାଙ୍କ ଅନ୍ତର୍ଗତ ସର୍ବଭୂତ ଅର୍ଥାତ୍ ପ୍ରାଣୀ ଅଛନ୍ତି (କ୍ଷରପୁରୁଷ ତଥା ତାଙ୍କ୨୧ ବ୍ରହ୍ମାଣ୍ଡରେ ଥିବା ସମସ୍ତ ପ୍ରାଣୀ ଓ ଅକ୍ଷର ପୁରୁଷର ଓ ତାଙ୍କ ସାତଶଙ୍ଖ ବ୍ରହ୍ମାଣ୍ଡରେ ଥିବା ସମସ୍ତ ପ୍ରାଣୀ ଏବଂ ପରମ ଅକ୍ଷରପୁରୁଷଙ୍କ ଅସଂଖ୍ୟ ବ୍ରହ୍ମାଣ୍ଡରେ ଥିବା ସମସ୍ତ ପ୍ରାଣୀ, ସେମାନେ ସମସ୍ତେ ପରମ ଅକ୍ଷର ବ୍ରହ୍ମଙ୍କ ଅନ୍ତର୍ଗତ ଅଟନ୍ତି) ଏବଂ ଯେଉଁ ପରମ ଅକ୍ଷର ପୁରୁଷଙ୍କଠାରୁ ସମସ୍ତ ଜଗତ ପରିପୂର୍ଣ୍ଣ ଅର୍ଥାତ୍ ଯିଏ ସମସ୍ତଙ୍କୁ ଉତ୍ପନ୍ନ କରିଛନ୍ତି, ଯାହାଙ୍କ କ୍ଷମତା ସମସ୍ତଙ୍କ ଉପରେ ଅଟେ, ସେହି ସନାତନ ଅବ୍ୟକ୍ତ ପରମପୁରୁଷ ଅନନ୍ୟ ଭକ୍ତି ମାଧ୍ୟମରେ ହିଁ ପ୍ରାପ୍ତବ୍ୟ ଅଟନ୍ତି। ଭାବାର୍ଥ ହେଉଛି, ପରମ ଅକ୍ଷର ବ୍ରହ୍ମଙ୍କ ପ୍ରାପ୍ତି ନିମନ୍ତେ କେବଳ ଏହାଙ୍କର ହିଁ ପୂଜା କରିବା ଉଚିତ୍। ଅନ୍ୟ କୌଣସି ପ୍ରଭୁଙ୍କଠାରେ ଆଶା ରଖିବା ଅନୁଚିତ୍। ଏହାକୁ ହିଁ ଅନନ୍ୟ ଭକ୍ତି କୁହାଯାଏ। ଯଦି ଗୀତା ଅଧ୍ୟାୟ ୮ ଶ୍ଳୋକ ୨୨ର ଠିକ୍ ଅନୁବାଦ କରିବି ତେବେ ଏହା ସ୍ପଷ୍ଟ ହେବ।

ପୁରୁଷଃ, ସଃ, ପରଃ, ପାର୍ଥ, ଭକ୍ତ୍ୟା, ଲଭ୍ୟଃ, ତୁ , ଅନନ୍ୟା,
ଯସ୍ୟ , ଅନ୍ତଃସ୍ଥାନି, ଭୂତାନି, ଯେନ, ସର୍ବମ୍, ଇଦମ୍, ତତମ୍।

ଅନୁବାଦ:- (ସଃ) ସେହି (ପରଃ) ଅନ୍ୟ (ପୁରୁଷଃ) ପରମାତ୍ମା, ଅନନ୍ୟ ଭକ୍ତି ମାଧ୍ୟମରେ ପ୍ରାପ୍ତବ୍ୟ ଅଟନ୍ତି, ଯାହାଙ୍କ ଅନ୍ତର୍ଗତ ସମସ୍ତ ପ୍ରାଣୀ ଅଛନ୍ତି ଏବଂ ଯିଏ ସମସ୍ତ ଜଗତର ଉତ୍ପତ୍ତି କରିଛନ୍ତି, ଯିଏ ସମସ୍ତଙ୍କର ପାଳନକର୍ତ୍ତା ଅଟନ୍ତି। ସରଳାର୍ଥ ସମାପ୍ତ। (ଗୀତା ଅଧ୍ୟାୟ ୮ ଶ୍ଳୋକ ୨୨) ଏହାର ମୂଳପାଠ ଅର୍ଥାତ୍ ସଂସ୍କୃତରେ, ସଃ ପରଃ ପୁରୁଷଃ = (ପରଃ)ର ଅର୍ଥ ଗୀତା ଅଧ୍ୟାୟ ୮ ଶ୍ଳୋକ ୨୦ରେ 'ଅନ୍ୟ' ବୋଲି ଲେଖାଯାଇଛି। ଏଠାରେ (ଗୀତା ଅଧ୍ୟାୟ ୮ ଶ୍ଳୋକ ୨୨ରେ) ମଧ୍ୟ ଏହି (ଅନ୍ୟ) ଅର୍ଥକୁ ବ୍ୟବହାର କରା ଯାଇଥିଲେ ସ୍ପଷ୍ଟ ପ୍ରମାଣିତ ହୋଇ ଯାଇଥାନ୍ତା ଯେ ଗୀତା ଜ୍ଞାନଦାତାଙ୍କଠାରୁ ଭିନ୍ନ ଅନ୍ୟ ଜଣେ କେହି ସାମର୍ଥ୍ୟବାନ ପ୍ରଭୁ ଅଛନ୍ତି ଯାହାଙ୍କ ଶରଣକୁ ଯିବା ପାଇଁ ଗୀତା ଅଧ୍ୟାୟ ୧୮ ଶ୍ଳୋକ ୬୨ ରେ ଗୀତା ଜ୍ଞାନଦାତା କହିଛନ୍ତି।

ଉପରୋକ୍ତ ବିବରଣୀରୁ ପ୍ରମାଣିତ ହେଲା ଯେ ଗୀତା ଜ୍ଞାନଦାତା, ଶ୍ରୀମଦ୍‌ଭାଗବତ୍ ଗୀତାରେ ଥିବା ଅନେକ ଶ୍ଳୋକରେ ନିଜଠାରୁ ଭିନ୍ନ ଅନ୍ୟ ପରମେଶ୍ୱର(ପରମ ଅକ୍ଷର ବ୍ରହ୍ମ)ଙ୍କୁ ଭକ୍ତି କରିବା ପାଇଁ କହିଛନ୍ତି। ତାଙ୍କରି କୃପାରୁ ହିଁ ପୂର୍ଣ୍ଣମୋକ୍ଷ ସମ୍ଭବ ଓ ଜନ୍ମ-ମରଣ ଚକ୍ର ସଦା ସର୍ବଦା ପାଇଁ ସମାପ୍ତ ହୋଇଥାଏ। ଗୀତା ଅଧ୍ୟାୟ ୭ ଶ୍ଳୋକ ୧୯, ୨୯; ଗୀତା ଅଧ୍ୟାୟ ୧୮ ଶ୍ଳୋକ ୪୧, ୬୨, ୬୬; ଗୀତା ଅଧ୍ୟାୟ ୩ ଶ୍ଳୋକ ୯; ଗୀତା ଅଧ୍ୟାୟ ୮ ଶ୍ଳୋକ ୩, ୮, ୯, ୧୦, ୨୦ ରୁ ୨୨; ଗୀତା ଅଧ୍ୟାୟ ୪ ଶ୍ଳୋକ ୩୧, ୩୨; ଗୀତା ଅଧ୍ୟାୟ ୧୫ ଶ୍ଳୋକ ୧,୪, ୧୭; ଗୀତା ଅଧ୍ୟାୟ ୨ ଶ୍ଳୋକ ୧୭, ୫୯; ଗୀତା ଅଧ୍ୟାୟ ୩ ଶ୍ଳୋକ୧୪, ୧୫, ୧୯ ଓ ଗୀତା ଅଧ୍ୟାୟ ୫ ଶ୍ଳୋକ ୧୪, ୧୫, ୧୬, ୧୯, ୨୦, ୨୪, ୨୫, ୨୬ରେ ମଧ୍ୟ ଏହି

ପ୍ରମାଣ ଅଛି ।

ପ୍ରଶ୍ନ ୨୬ :- ସମସ୍ତ ସନ୍ଥ ଓ ଆମ୍ଭ ହିନ୍ଦୁ ଧର୍ମର ଧର୍ମଗୁରୁମାନଙ୍କଠାରୁ ଆମ୍ଭେ ଶୁଣିଛୁ ଯେ ଗୀତା ଜ୍ଞାନ ଶ୍ରୀକୃଷ୍ଣ, ଅର୍ଜୁନଙ୍କୁ ଶୁଣାଇଛନ୍ତି । ଏହା କୁହାଯାଇଛି ଯେ ଶ୍ରୀକୃଷ୍ଣ ହିଁ ପୂର୍ଣ୍ଣ ପରମାତ୍ମା ଅଟନ୍ତି । ଶ୍ରୀବିଷ୍ଣୁ ହିଁ ସ୍ୱୟଂ ଅବତାର ଧାରଣ କରି ଦେବକୀ ମାତାଙ୍କ ଗର୍ଭରୁ ଜନ୍ମିଥିଲେ । ଏହାଙ୍କ ବ୍ୟତୀତ ଅନ୍ୟ କେହି ପରମାତ୍ମା ନାହାଁନ୍ତି । ଆମ୍ଭେ ଆପଣଙ୍କ ସତସଙ୍ଗ ଦେଖିଛୁ ଏବଂ ଶୁଣିଛୁ, ସେଥିରେ ଆପଣ ଗୀତା ଜ୍ଞାନଦାତାଠାରୁ ଭିନ୍ନ ଅନ୍ୟ କେହି ପୂର୍ଣ୍ଣ ପରମାତ୍ମା ଅଛନ୍ତି ଆଦି ବହୁତ ବିରୋଧୀ(ଓଲଟା-ପାଲଟା) କଥା କହିଛନ୍ତି । ଏ ବିଷୟରେ ଆପଣ ଶାସ୍ତ୍ରରୁ ପ୍ରମାଣ ଦେଇ କହିଲେ ଆମ୍ଭର ବିଶ୍ୱାସ ହେବ ।

ଉତ୍ତର :- ଏହାର ପ୍ରମାଣ ଆପଣମାନଙ୍କୁ ପୂର୍ବୋକ୍ତ ପ୍ରଶ୍ନଗୁଡ଼ିକର ଉତ୍ତରରେ ଦିଆଯାଇଛି । ଆପଣମାନଙ୍କର ଏବେ ବି ଶଙ୍କା ରହିଛି । ତାହାର କାରଣ ପ୍ରଥମ କଥା ହେଉଛି, ହିନ୍ଦୁ ଧର୍ମଗୁରୁମାନଙ୍କୁ ତାଙ୍କ ନିଜ ଧର୍ମଶାସ୍ତ୍ରରେ ଲିଖିତ ଜ୍ଞାନ ସମ୍ବନ୍ଧରେ ଜଣା ନାହିଁ । ଯଦି ସେମାନେ ଜାଣିଥାନ୍ତେ ତେବେ ଶାସ୍ତ୍ର ବିରୁଦ୍ଧ ବ୍ୟାଖ୍ୟା ଆପଣମାନଙ୍କୁ ଶୁଣାଇ ନଥାନ୍ତେ । ଦ୍ୱିତୀୟ କଥା ହେଉଛି, ଧାର୍ମିକ ଗୁରୁ ଜଣେ ଅଧ୍ୟାପକ ତୁଲ୍ୟ ହୋଇଥାନ୍ତି । ଯେଉଁ ଅଧ୍ୟାପକଙ୍କୁ ନିଜ ପାଠ୍ୟକ୍ରମ (ସିଲାବସ୍) ଜଣା ନାହିଁ ତାଙ୍କୁ ଅଜ୍ଞାନୀ ରୂପେ ବିବେଚନା କରାଯାଏ ଏବଂ ସେ ବିଦ୍ୟାର୍ଥୀମାନଙ୍କ ଜୀବନ ସହିତ ଖେଳ ଖେଳନ୍ତି, କାରଣ ସେ ପାଠ୍ୟକ୍ରମ ବିପରୀତ ଜ୍ଞାନକୁ ବିଦ୍ୟାର୍ଥୀମାନଙ୍କୁ ମୁଖସ୍ଥ କରାଉଛନ୍ତି । ଏଭଳି ଶିକ୍ଷକଠାରୁ ଦୂରେଇ ରହିବା ଉଚିତ୍ । ତାଙ୍କୁ ସମ୍ପୂର୍ଣ୍ଣ ରୂପେ ପରିତ୍ୟାଗ କରିଦେବାରେ ହିଁ ବିଦ୍ୟାର୍ଥୀମାନଙ୍କର ହିତ ସାଧନ ହୋଇଥାଏ ।

ଆପଣଙ୍କୁ ଶ୍ରୀମଦ୍‌ଭଗବତ୍ ଗୀତାରୁ ସଂଗୃହୀତ ବହୁତ ପ୍ରମାଣ ପ୍ରଦାନ କରୁଛି ଯେ ପୂର୍ଣ୍ଣ ପରମାତ୍ମା ଗୀତା ଜ୍ଞାନଦାତାଙ୍କଠାରୁ ଭିନ୍ନ ଅଟନ୍ତି, ସେ ହିଁ ଉପାସ୍ୟ ଅଟନ୍ତି । ତାଙ୍କରି ଭକ୍ତିରେ ହିଁ ପୂର୍ଣ୍ଣମୋକ୍ଷ ପ୍ରାପ୍ତ ହୁଏ । ଏଠାରେ ଗୀତାର କିଛି ଶ୍ଳୋକ ପ୍ରଦାନ କରୁଛି, ଏସବୁ ଶ୍ଳୋକଗୁଡ଼ିକୁ ଆପଣ ଗୀତା ଶାସ୍ତ୍ରରେ ସ୍ୱୟଂ ଦେଖିପାରିବେ । ଠିକ୍ ରୂପେ ଜାଣିବା ପାଇଁ ମୋ ଦ୍ୱାରା କରାଯାଇଥିବା ଶ୍ରୀମଦ୍‌ଭଗବତ୍ ଗୀତାର ଅନୁବାଦ ପ୍ରାପ୍ତ କରନ୍ତୁ । ପୁସ୍ତକର ନାମ "ଗହରୀ ନଜର୍ ଗୀତା ମେଁ", ଏହାକୁ ଆମ୍ଭ **Web Site**ରୁ ଆପଣ ଡାଉନ୍‌ଲୋଡ୍ କରିପାରିବେ । (**Web Site**ର ନାମ ଅଟେ:- **www.Jagatgururampalji.org**)

ଗୀତା ଅଧ୍ୟାୟ ୧୮ ଶ୍ଳୋକ ୪୬, ୬୧, ୬୨, ୬୬; ଅଧ୍ୟାୟ ୭ ଶ୍ଳୋକ ୧୯,୨୯; ଅଧ୍ୟାୟ ୮ ଶ୍ଳୋକ ୩, ୮, ୯, ୧୦, ୨୦, ୨୧, ୨୨; ଅଧ୍ୟାୟ ୪ ଶ୍ଳୋକ ୩୧, ୩୨; ଅଧ୍ୟାୟ ୧୫ ଶ୍ଳୋକ ୧, ୪, ୧୬, ୧୭; ଅଧ୍ୟାୟ ୨ ଶ୍ଳୋକ ୧୭, ୫୯; ଅଧ୍ୟାୟ ୩ ଶ୍ଳୋକ୧୪, ୧୫, ୧୯; ଅଧ୍ୟାୟ ୫ ଶ୍ଳୋକ ୧୪, ୧୫, ୧୬, ୧୯, ୨୦, ୨୪, ୨୫, ୨୬; ଅଧ୍ୟାୟ ୬ ଶ୍ଳୋକ ୭, ଅଧ୍ୟାୟ ୧୧ ଶ୍ଳୋକ ୫୫, ଅଧ୍ୟାୟ ୧୨ ଶ୍ଳୋକ ୧ ରୁ ୫ ପର୍ଯ୍ୟନ୍ତ । ଉପରୋକ୍ତ ଶ୍ଳୋକଗୁଡ଼ିକରେ ପ୍ରମାଣ ଅଛି ଯେ ଗୀତା ଜ୍ଞାନଦାତାଙ୍କଠାରୁ ଭିନ୍ନ ଅନ୍ୟ କେହି ପୂର୍ଣ୍ଣ ପରମାତ୍ମା ଅଛନ୍ତି । ତାଙ୍କ ବିଷୟରେ ତଥା ତାଙ୍କୁ ପାଇବା ପାଇଁ ଭକ୍ତି ସାଧନା ବିଷୟରେ ଗୀତା ଜ୍ଞାନଦାତା ମଧ୍ୟ ଅଜ୍ଞ ଅଟନ୍ତି । ଏହାର ପ୍ରମାଣ ଗୀତା ଅଧ୍ୟାୟ ୪ ଶ୍ଳୋକ ୩୨ ଓ ୩୪ରେ ଅଛି । ଗୀତା ଜ୍ଞାନଦାତା କହିଛନ୍ତି ଯେ (୪/୩୨):- ଯଜ୍ଞ ଓ ଧାର୍ମିକ ଅନୁଷ୍ଠାନଗୁଡ଼ିକ ବିଷୟରେ ବିସ୍ତୃତ ଭାବରେ ଜ୍ଞାନ, (ବ୍ରହ୍ମଣଃ ମୁଖେ) ସଚ୍ଚିଦାନନ୍ଦ ଘନବ୍ରହ୍ମଙ୍କ ମୁଖ କମଳରୁ ଉଚ୍ଚାରିତ ବାଣୀରେ ଅଛି, ଯାହାକୁକି ପୂର୍ଣ୍ଣ ପରମାତ୍ମା ନିଜେ ପୃଥିବୀରେ ଆବିର୍ଭାବ ହୋଇ ନିଜ ମୁଖ କମଳରେ ପ୍ରଦାନ କରିଥାନ୍ତି, ତାକୁ ହିଁ ତତ୍ତ୍ୱଜ୍ଞାନ କୁହନ୍ତି, ତାକୁ ହିଁ ସୂକ୍ଷ୍ମବେଦ ମଧ୍ୟ କୁହନ୍ତି । ପରବର୍ତ୍ତୀ ସମୟରେ ସେହି ଜ୍ଞାନକୁ କେବଳ ତତ୍ତ୍ୱଦର୍ଶୀ ସନ୍ଥ ହିଁ ଜାଣିଥାନ୍ତି । ସେହି ଜ୍ଞାନରେ ପୂର୍ଣ୍ଣ ପରମାତ୍ମାଙ୍କ ପ୍ରାପ୍ତି ଓ ସ୍ଥିତି ବିଷୟରେ ସମ୍ପୂର୍ଣ୍ଣ ସୂଚନା ଥାଏ ।

(ନୋଟ୍ :- ଗୀତା ଅନୁବାଦକମାନେ ଗୀତା ଅଧ୍ୟାୟ ୪ ଶ୍ଳୋକ ୩୨ର ଅନୁବାଦରେ କିଛି ତ୍ରୁଟି କରିଛନ୍ତି, ଯେପରିକି "ବ୍ରହ୍ମଣଃ" ଶବ୍ଦର ଅର୍ଥକୁ ସେମାନେ 'ବେଦ' ବୋଲି ଲେଖିଛନ୍ତି, ଯାହାକି ଅନୁଚିତ୍ । "ବ୍ରହ୍ମଣଃ"ଶବ୍ଦର ପ୍ରକୃତ ଅର୍ଥ ଗୀତା ଅଧ୍ୟାୟ ୧୭ ଶ୍ଳୋକ୨୩ ରେ ବର୍ଣ୍ଣିତ । ("ବ୍ରହ୍ମଣଃ" = ସଚ୍ଚିଦାନନ୍ଦ

ଘନବ୍ରହ୍ମ ଅର୍ଥାତ୍ ପୂର୍ଣ୍ଣ ପରମାତ୍ମା)

**{** ପାଠକମାନଙ୍କୁ ବିଶେଷ ନିବେଦନ:- ଆପଣ ଗୀତାପ୍ରେସ୍ ଗୋରଖପୁରରୁ ପ୍ରକାଶିତ ଗୀତାରେ ଥିବା ପ୍ରମାଣ ସହିତ ମେଳ କରନ୍ତୁ । ବିଶେଷ କରି "ପଦଚ୍ଛେଦ, ଅନ୍ୱୟ, ସାଧାରଣ ଭାଷା ଟୀକା ସହିତ" ଅନୁବାଦକ ଶ୍ରୀ ଜୟଦୟାଲ୍ ଗୋୟନ୍ଦକା ଓ ଶ୍ରୀ ରାମସୁଖ ଦାସଜୀଙ୍କ ଦ୍ୱାରା ଅନୁବାଦିତ ଗୀତାରେ ଦେଖନ୍ତୁ । ପୁସ୍ତକ "ଗୀତା ତୋ'ର ଜ୍ଞାନ ଅମୃତ" ରେ ଯେତିକି ଶ୍ଳୋକ ପ୍ରମାଣ ପାଇଁ ନେଇଛି ତାହାର ଫଟୋ କପି ଏହି ପୁସ୍ତକରେ ୨୦୮ ପୃଷ୍ଠାରୁ ୩୮୪ ପର୍ଯ୍ୟନ୍ତ ଲଗାଇଛି, ଯେଉଁଗୁଡ଼ିକ ହିନ୍ଦୁ ସନ୍ଥ ବିଦ୍ୱାନ୍ ଶ୍ରୀ ଜୟଦୟାଲ ଗୋୟନ୍ଦକାଙ୍କ ଦ୍ୱାରା ଅନୁବାଦିତ ହୋଇଛି ତଥା ଗୀତା ପ୍ରେସ୍ ଗୋରଖପୁରରୁ ପ୍ରକାଶିତ ହୋଇଛି ।**}**

ଗୀତା ଅଧ୍ୟାୟ ୪ ଶ୍ଳୋକ ୩୪ ରେ ଗୀତା ଜ୍ଞାନଦାତା କହିଛନ୍ତି ଯେ, ପୂର୍ଣ୍ଣପରମାତ୍ମା ସ୍ୱୟଂ ନିଜର ମୁଖ କମଳରେ ଯେଉଁ ଜ୍ଞାନ କହିଥାନ୍ତି, ତାହା ତତ୍ତ୍ୱଜ୍ଞାନ ଅଟେ । ସେଥିରେ ଯେଉଁ ଯଜ୍ଞ ଅର୍ଥାତ୍ ଧାର୍ମିକ ଅନୁଷ୍ଠାନଗୁଡ଼ିକ ବିଷୟରେ ଜ୍ଞାନକୁ ବିସ୍ତାରିତ ଭାବରେ କହିଛନ୍ତି, ସେହି ଜ୍ଞାନକୁ ତୁମେ ତତ୍ତ୍ୱଦର୍ଶୀ ସନ୍ଥଙ୍କ ନିକଟକୁ ଯାଇ ବୁଝ । ତାଙ୍କୁ ଦଣ୍ଡବତ୍ ପ୍ରଣାମ କରି ବିନମ୍ରତାପୂର୍ବକ ପ୍ରଶ୍ନ କଲେ, ତତ୍ତ୍ୱଜ୍ଞାନ ଜ୍ଞାତା ସେହି ମହାତ୍ମା ଆପଣଙ୍କୁ ତତ୍ତ୍ୱଜ୍ଞାନ ପ୍ରଦାନ କରିବେ ।

ଏଥିରୁ ପ୍ରମାଣିତ ହେଲା ଯେ, ଗୀତା ଜ୍ଞାନଦାତାଙ୍କୁ ତତ୍ତ୍ୱଜ୍ଞାନ ଜଣା ନାହିଁ । ତତ୍ତ୍ୱଜ୍ଞାନ ଶ୍ରୀମଦ୍‌ଭଗବତ୍ ଗୀତାରେ ନାହିଁ । ଯଦି ଗୀତା ଜ୍ଞାନଦାତାଙ୍କୁ ତତ୍ତ୍ୱଜ୍ଞାନ ଜଣାଥାଆନ୍ତା ତେବେ ସେ ଆଉ ଗୋଟିଏ ଅଧ୍ୟାୟ ଅଧିକ କହି ଦେଇଥାନ୍ତେ ।

ପୂର୍ବଲିଖିତ ଶ୍ରୀମଦ୍‌ଭଗବତ୍ ଗୀତାରେ ଥିବା ଶ୍ଳୋକଗୁଡ଼ିକରେ ସ୍ପଷ୍ଟ ହୋଇଛି ଯେ, ଗୀତା ଜ୍ଞାନଦାତାଙ୍କଠାରୁ ଭିନ୍ନ ଅନ୍ୟ କେହି ସାମର୍ଥ୍ୟବାନ, ଅବିନାଶୀ, ପୂର୍ଣ୍ଣମୋକ୍ଷ ଦାତା; ବାସ୍ତବରେ ସମସ୍ତଙ୍କର ଧାରଣ-ପୋଷଣକାରୀ "ପରମାତ୍ମା" ଅଛନ୍ତି ଯାହାଙ୍କ ଶରଣକୁ ଯିବା ଦ୍ୱାରା ସନାତନ ପରମଧାମ(ଶାଶ୍ୱତମ୍ ସ୍ଥାନମ୍)ଓ ପରମଶାନ୍ତି ପ୍ରାପ୍ତ ହୁଏ । ସାଧକ ସେହି ପରମପଦକୁ ଯିବା ପରେ କଦାପି ଲେଉଟି କରି ପୁଣି ସଂସାରକୁ ଆସେ ନାହିଁ ଅର୍ଥାତ୍ ଜନ୍ମ-ମୃତ୍ୟୁ ସବୁଦିନ ପାଇଁ ସମାପ୍ତ ହୋଇଯାଏ । ଏବେ ଉପରୋକ୍ତ ଗୀତା ଶ୍ଳୋକଗୁଡ଼ିକରୁ କିଛି ଶ୍ଳୋକର ଅନୁବାଦ କରି ଏହାକୁ ସ୍ପଷ୍ଟ କରୁଛି ।

ଗୀତା ଅଧ୍ୟାୟ ୧୮ ଶ୍ଳୋକ ୬୨ରେ ବର୍ଣ୍ଣିତ:- ହେ ଭାରତ ! ତୁ ସର୍ବଭାବରେ ସେହି ପରମେଶ୍ୱରଙ୍କ ଶରଣକୁ ଯାଆ, ତାଙ୍କରି କୃପାରେ ହିଁ ତୁ ପରମଶାନ୍ତି ଓ ସନାତନ ପରମଧାମକୁ ପ୍ରାପ୍ତ ହେବୁ । ହିନ୍ଦୁ ଧର୍ମର ସନ୍ଥ, ମଣ୍ଡଳେଶ୍ୱର, ଧର୍ମଗୁରୁମାନେ କୁହନ୍ତି ଯେ ଶ୍ରୀକୃଷ୍ଣଜୀ ଅର୍ଜୁନଙ୍କୁ ନିଜ ଶରଣକୁ ହିଁ ଆସିବାକୁ କହିଛନ୍ତି । ସେହି ଧର୍ମଗୁରୁମାନଙ୍କର ଏହି କଥା ବିଲ୍‌କୁଲ୍ ଅନୁଚିତ୍ କାରଣ ଗୀତା ଅଧ୍ୟାୟ ୨ ଶ୍ଳୋକ ୭ ରେ ଅର୍ଜୁନ କହିଛି ଯେ ହେ ଶ୍ରୀକୃଷ୍ଣ; ମୁଁ (ଅର୍ଜୁନ) ଆପଣଙ୍କ ଶରଣାଗତ ତଥା ଆପଣଙ୍କ ଶିଷ୍ୟ ଅଟେ । ଯେଉଁଥିରେ ଆମ୍ଭମାନଙ୍କର ମଙ୍ଗଳ ହେବ ସେହି ଆଦେଶ ମୋତେ ଦିଅନ୍ତୁ । ଗୀତା ଅଧ୍ୟାୟ ୪ ଶ୍ଳୋକ ୩ରେ ଗୀତା ଜ୍ଞାନଦାତା କହିଛନ୍ତି ଯେ 'ହେ ଅର୍ଜୁନ ! ତୁ ମୋର ଭକ୍ତ ଅଟୁ ।' ଗୀତାର ଏହି ଉଲ୍ଲେଖରୁ ସ୍ପଷ୍ଟ ହେଉଛି ଯେ ଅର୍ଜୁନ ପ୍ରଥମରୁ ହିଁ ଶ୍ରୀକୃଷ୍ଣଙ୍କ ଶରଣରେ ଥିଲେ । ତେଣୁ ଗୀତା ଅଧ୍ୟାୟ ୧୮ ଶ୍ଳୋକ ୬୨ର ଭାବାର୍ଥ ହେଉଛି, ଗୀତା ଜ୍ଞାନଦାତା, ନିଜଠାରୁ ଭିନ୍ନ ଅନ୍ୟ ପରମେଶ୍ୱରଙ୍କ ଶରଣକୁ ଯିବାକୁ କହୁଛନ୍ତି । ଏଥିରୁ ଏହା ମଧ୍ୟ ପ୍ରମାଣିତ, ଗୀତା ଜ୍ଞାନଦାତାଙ୍କଠାରୁ ଭିନ୍ନ ଅନ୍ୟ କେହି "ପରମେଶ୍ୱର" ଅଛନ୍ତି ।

ଅନ୍ୟ ପ୍ରମାଣ:- ଗୀତା ଅଧ୍ୟାୟ ୮ ଶ୍ଳୋକ ୧ ର ପ୍ରଶ୍ନର ଉତ୍ତର ଗୀତା ଜ୍ଞାନଦାତା ଶ୍ଳୋକ ନଂ ୩ ରେ ଦେଇ କହିଛନ୍ତି ଯେ ସେ "ପରମ ଅକ୍ଷର ବ୍ରହ୍ମ" ଅଟନ୍ତି । ପୁଣି ଅଧ୍ୟାୟ ୮ର ୫ ଓ ୭ ଶ୍ଳୋକରେ ତ ନିଜର ଭକ୍ତି କରିବାକୁ କହିଛନ୍ତି । ପୁଣି ଶ୍ଳୋକ ୮, ୯, ୧୦ରେ ପରମ ଅକ୍ଷର ବ୍ରହ୍ମଙ୍କର ଭକ୍ତି କରିବା ପାଇଁ ଆଦେଶ ଦେଇଛନ୍ତି । ଗୀତା ଅଧ୍ୟାୟ ୪ ଶ୍ଳୋକ ୫ରେ, ଅଧ୍ୟାୟ ୨ ଶ୍ଳୋକ ୧୨ରେ, ଅଧ୍ୟାୟ ୧୦ ଶ୍ଳୋକ ୨ରେ ଗୀତା ଜ୍ଞାନଦାତା ନିଜର ସ୍ଥିତି ବିଷୟରେ ସ୍ପଷ୍ଟ କରିବାକୁ ଯାଇ କହିଛନ୍ତି ଯେ ଯଦି ମୋର ଭକ୍ତି କରିବୁ ତେବେ ତୋର

ଜନ୍ମ-ମୃତ୍ୟୁ ସଦା ସର୍ବଦା ପାଇଁ ଲାଗି ରହିଥିବ ଏବଂ ମୋର ମଧ୍ୟ । ଗୀତା ଅଧ୍ୟାୟ ୧୫ ଶ୍ଳୋକ ୧ରେ ତତ୍ତ୍ୱଦର୍ଶୀ ସନ୍ଥଙ୍କ ପରିଚୟ ଦେଇ କହିଛନ୍ତି ଯେ ଯେଉଁ ବ୍ୟକ୍ତି ସଂସାର ରୂପୀ ବୃକ୍ଷର ସମସ୍ତ ବିଭାଗକୁ ମୂଳ ସହିତ ତତ୍ତ୍ୱ ଜାଣିଥାନ୍ତି, (ସଃ ବେଦବିତ୍) ସେ ବେଦର ତାତ୍ପର୍ଯ୍ୟକୁ ଜାଣିଛନ୍ତି ଅର୍ଥାତ୍ ସେ ତତ୍ତ୍ୱଦର୍ଶୀ ସନ୍ଥ ଅଟନ୍ତି । ପୁଣି ଅଧ୍ୟାୟ ୧୫ ଶ୍ଳୋକ ୪ରେ କହିଛନ୍ତି ଯେ ତତ୍ତ୍ୱଦର୍ଶୀ ସନ୍ଥ ମିଳିଯିବା ପରେ, ପରମେଶ୍ୱରଙ୍କର ସେହି ପରମ ପଦକୁ ଖୋଜିବା ଉଚିତ୍, ଯେଉଁଠିକୁ ଯିବାପରେ ସାଧକ (ଭକ୍ତ) ପୁଣି ଲେଉଟି କରି ସଂସାରକୁ ବା ଜନ୍ମ-ମୃତ୍ୟୁ ଚକ୍ରକୁ ଆସେ ନାହିଁ । ଗୀତା ଅଧ୍ୟାୟ ୧୮ ଶ୍ଳୋକ ୬୨ରେ ତାଙ୍କରି ବର୍ଣ୍ଣନା କରି କୁହାଯାଇଛି ଯେ ଅର୍ଜୁନ ! ତୁ ସେହି ପରମେଶ୍ୱରଙ୍କ ଶରଣକୁ ଯାଆ । ସେହି ପରମେଶ୍ୱରଙ୍କ କୃପାରେ ହିଁ ତୁ ପରମଶାନ୍ତି ଓ ସନାତନ ପରମଧାମ ପ୍ରାପ୍ତ କରିବୁ । ତାହା ପରମଶାନ୍ତି ଅଟେ କାରଣ ସାଧକ(ଭକ୍ତ)କୁ ପୁନଃ ଜନ୍ମ ନେବାକୁ ପଡ଼େ ନାହିଁ ଏବଂ ସେ ସର୍ବଦା ଅମର ଲୋକ(ସନାତନ ପରମଧାମ)ରେ ନିବାସ କରିବେ । ସେଠାରେ ନୈଷ୍କର୍ମ୍ୟ ମୋକ୍ଷ ମିଳିଥାଏ ଯାହାର ଭାବାର୍ଥ ହେଉଛି ସତ୍ୟଲୋକ(ସନାତନ ପରମଧାମ)ରେ କାର୍ଯ୍ୟ (କର୍ମ) ନ କରି ସମସ୍ତ ସୁବିଧା ସୁଯୋଗ ତଥା ସମସ୍ତ ଭୋଗ୍ୟ ପଦାର୍ଥ ଆପେ ଆପେ ମିଳିଥାଏ ଏବଂ ସେଠାରେ ନିଜର ପୁଣ୍ୟ କେବେବି ସମାପ୍ତ ହୁଏ ନାହିଁ, ଏମିତି ତ ବ୍ରହ୍ମା, ବିଷ୍ଣୁ, ଶିବ, ଗଣେଶ, ଦୁର୍ଗା, ବ୍ରହ୍ମ ଏବଂ ପରବ୍ରହ୍ମଙ୍କ ଭକ୍ତିରେ ମଧ୍ୟ ନୈଷ୍କର୍ମ୍ୟ ମୋକ୍ଷ ପ୍ରାପ୍ତ ହୁଏ, ତାହା କିନ୍ତୁ ଅଳ୍ପ ସମୟ ପାଇଁ ରହିଥାଏ ଯାହାକି ପ୍ରତ୍ୟେକ ଦେବତାଙ୍କ 'ଲୋକ'ରେ ଥିବା ସ୍ୱର୍ଗରୂପକ ହୋଟେଲରେ ଅଳ୍ପ ସମୟ ପାଇଁ ମିଳିଥାଏ । ପରନ୍ତୁ ଏହି ଦେବାଦେବୀଙ୍କ ଲୋକରେ ଆମ୍ଭମାନଙ୍କୁ ମିଳୁଥିବା ସମସ୍ତ ସୁବିଧା ଆମ୍ଭେ କରିଥିବା ପୁଣ୍ୟ ପ୍ରତିଫଳରେ ହିଁ ମିଳିଥାଏ । ପୁଣ୍ୟ ସମାପ୍ତି ପରେ ପୁଣି ପୁନର୍ଜନ୍ମ ଓ ଜନ୍ମ-ମୃତ୍ୟୁ ଚକ୍ର ଆରମ୍ଭ ହୋଇଯାଏ । ("ନୈଷ୍କର୍ମ୍ୟ" ମୁକ୍ତିର ବର୍ଣ୍ଣନା ଗୀତା ଅଧ୍ୟାୟ ୩ ଶ୍ଳୋକ ୪ ଓ ଅଧ୍ୟାୟ ୧୮ ଶ୍ଳୋକ ୪୯ରେ କରାଯାଇଛି ।

ଯେଉଁ ସନାତନ ପରମଧାମ ତଥା ଶାନ୍ତି ପ୍ରାପ୍ତି ପାଇଁ ଏବଂ ସେହି ପରମେଶ୍ୱରଙ୍କ ଶରଣକୁ ଯିବା ପାଇଁ ଗୀତା ଅଧ୍ୟାୟ ୧୮ ଶ୍ଳୋକ ୬୨ ତଥା ଅଧ୍ୟାୟ ୧୫ ଶ୍ଳୋକ ୪ ରେ କୁହାଯାଇଛି, ପୂର୍ଣ୍ଣ ପରମାତ୍ମା ସେହି ଗୀତା ଜ୍ଞାନଦାତାଙ୍କଠାରୁ ଭିନ୍ନ ଅଟନ୍ତି । ଗୀତା ଅଧ୍ୟାୟ ୮ ଶ୍ଳୋକ ୫ ଓ ୭ ରେ ଗୀତା ଜ୍ଞାନଦାତା ନିଜ ଭକ୍ତି କରିବା ପାଇଁ କହୁଛନ୍ତି । ମାତ୍ର ସେଥିରେ ଉଭୟଙ୍କର ଜନ୍ମ-ମୃତ୍ୟୁ ଲାଗି ରହିବ । ପୁଣି ଗୀତା ଅଧ୍ୟାୟ ୮ ଶ୍ଳୋକ ୮, ୯, ୧୦ରେ ସେହି ପରମେଶ୍ୱରଙ୍କୁ ଭକ୍ତି କରିବା ପାଇଁ କହିଛନ୍ତି ଯାହାର ବର୍ଣ୍ଣନା ଗୀତା ଅଧ୍ୟାୟ ୧୮ ଶ୍ଳୋକ ୬୨ ତଥା ଅଧ୍ୟାୟ ୧୫ ଶ୍ଳୋକ ୪ରେ ଅଛି । ପୁଣି ଗୀତା ଅଧ୍ୟାୟ ୮ ଶ୍ଳୋକ ୧୮ରେ ଅକ୍ଷର ପୁରୁଷଙ୍କ ବିଷୟରେ ବର୍ଣ୍ଣନା କରାଯାଇଛି (ଗୀତା ଅଧ୍ୟାୟ ୧୫ ଶ୍ଳୋକ ୧୬-୧୭ ରେ ତିନି ଜଣ ପୁରୁଷଙ୍କ ବିଷୟରେ କୁହାଯାଇଛି:-

୧. କ୍ଷରପୁରୁଷ - ସ୍ୱୟଂ ଗୀତା ଜ୍ଞାନଦାତା ଅଟନ୍ତି ଯାହାଙ୍କୁ କ୍ଷରବ୍ରହ୍ମ ମଧ୍ୟ କୁହନ୍ତି । ଇଏ କେବଳ ୨୧ବ୍ରହ୍ମାଣ୍ଡର ମାଲିକ ଅଟନ୍ତି ।

୨. ଅକ୍ଷର ପୁରୁଷ - ଯାହାଙ୍କୁ ପରବ୍ରହ୍ମ ମଧ୍ୟ କୁହନ୍ତି । ଇଏ କେବଳ ୭ ଶଙ୍ଖ ବ୍ରହ୍ମାଣ୍ଡର ମାଲିକ ଅଟନ୍ତି ।

୩. ପରମ ଅକ୍ଷର ପୁରୁଷ- ଯାହାଙ୍କୁ ପରମ ଅକ୍ଷର ବ୍ରହ୍ମ, ପରମେଶ୍ୱର, ସତ୍ୟପୁରୁଷ, ଅବିନାଶୀ ପରମାତ୍ମା ମଧ୍ୟ କୁହାଯାଏ, ଯିଏକି ଅସଂଖ୍ୟ ବ୍ରହ୍ମାଣ୍ଡର ମାଲିକ (ସ୍ୱାମୀ) ଅଟନ୍ତି । ଏଠାରେ ଅର୍ଥାତ୍ ଶ୍ରୀମଦ୍ଭଗବତ୍ ଗୀତା ଅଧ୍ୟାୟ ୮ ଶ୍ଳୋକ ୮, ୯, ୧୦, ୨୦ ଓ ୨୨ରେ ପରମ ଅକ୍ଷର ପୁରୁଷଙ୍କ ବିଷୟରେ ବର୍ଣ୍ଣନା କରାଯାଇଛି) ।

ଯେତେବେଳେ ଅକ୍ଷର ପୁରୁଷର ଗୋଟିଏ ଦିନ ସମାପ୍ତ ହୋଇଥାଏ, ଯାହାକି ଏକ ହଜାର ଯୁଗର ହୋଇଥାଏ । ଧ୍ୟାନ ରଖନ୍ତୁ, ଗୀତା ଅଧ୍ୟାୟ ୮ ଶ୍ଳୋକ ୧୭ର ମୂଳ ପାଠରେ କେବଳ ସହସ୍ର ଯୁଗ ଲେଖାଯାଇଛି, ସହସ୍ର ଚତୁର୍ଯୁଗ ଲେଖାଯାଇ ନାହିଁ । ତେଣୁ ଅକ୍ଷର ପୁରୁଷଙ୍କର ଗୋଟିଏ ଦିନ ସମାପ୍ତ ହେବା ପରେ କ୍ଷରପୁରୁଷ ଓ ଅକ୍ଷର ପୁରୁଷଙ୍କର କେତେକ କ୍ଷେତ୍ରର ସମସ୍ତ ପ୍ରାଣୀ ନଷ୍ଟ ହୋଇଯାନ୍ତି । କ୍ଷରପୁରୁଷ ଓ ତାଙ୍କ (୨୧) ବ୍ରହ୍ମାଣ୍ଡରେ ଥିବା ସମସ୍ତ ପ୍ରାଣୀ ନଷ୍ଟ ହୋଇଯାନ୍ତି । ଯେତେବେଳେ ଦିନ ଆରମ୍ଭ ହୋଇଥାଏ ସେତେବେଳେ ସମସ୍ତ ଜୀବ ନିଜ ନିଜ କର୍ମଫଳ ଅନୁସାରେ ଉତ୍ପନ୍ନ ହୁଅନ୍ତି ଏବଂ ମରନ୍ତି ମଧ୍ୟ । ପୁଣି ଗୀତା

ଅଧ୍ୟାୟ ୮ ଶ୍ଲୋକ୨୦ରେ କୁହାଯାଇଛି ଯେ ଏହି ଅବ୍ୟକ୍ତ ଅର୍ଥାତ୍ ଅକ୍ଷର ପୁରୁଷଙ୍କଠାରୁ (ପରଃ) ଉର୍ଦ୍ଧ୍ୱରେ ଯେଉଁ ଅନ୍ୟ ସନାତନ ଅବ୍ୟକ୍ତ ଭାବ ଅର୍ଥାତ୍ ପରମ ଅକ୍ଷର ବ୍ରହ୍ମ ଅଟନ୍ତି, ସେହି ପରମେଶ୍ୱର; ସମସ୍ତ ପ୍ରାଣୀ ନଷ୍ଟ ହୋଇ ଯିବା ପରେ ମଧ ନଷ୍ଟ ହୁଅନ୍ତି ନାହିଁ । ପୁଣି ଗୀତା ଅଧ୍ୟାୟ ୮ ଶ୍ଲୋକ୨୧ରେ କୁହାଯାଇଛି ଯେ, ତାଙ୍କୁ ଅବିନାଶୀ ଅବ୍ୟକ୍ତ କୁହାଯାଇଛି, ତାଙ୍କୁ ହିଁ ପରମେଶ୍ୱର କୁହାଯାଇଛି । ସେହି ଧାମ ପ୍ରାପ୍ତି ହେଲେ ପରମଗତି ଅର୍ଥାତ୍ ପରମ ଶାନ୍ତି ମିଳିଥାଏ, ଯାହା ପ୍ରାପ୍ତି ହେବା ପରେ ସାଧକ ପୁଣି ସଂସାରକୁ ଲେଉଟି ଆସି ନଥାଏ, ଯାହାଙ୍କ ବିଷୟରେ ଗୀତା ଅଧ୍ୟାୟ ୧୮ ଶ୍ଲୋକ ୬୨ ଓ ଅଧ୍ୟାୟ ୧୫ ଶ୍ଲୋକ ୪ରେ ବର୍ଣ୍ଣନା କରାଯାଇଛି । ଗୀତୀ ଜ୍ଞାନଦାତା କହିଛନ୍ତି ଯେ ସେହି ଧାମ, ମୋ ଧାମଠାରୁ ପରମ ଅର୍ଥାତ୍ ଶ୍ରେଷ୍ଠ ଅଟେ, ତେଣୁ ତାହାକୁ ସନାତନ ଧାମ କୁହାଯାଏ । (ନୋଟ୍:- ଗୀତା ଅଧ୍ୟାୟ ୮ ଶ୍ଲୋକ ୨୧ର ଅନୁବାଦରେ ଅନୁବାଦକ ଭୁଲ୍ କରିଛନ୍ତି ଯେ ଗୀତା ଜ୍ଞାନଦାତା କହିଛନ୍ତି ଯେ 'ତାହା ମୋର ପରମ ଧାମ ଅଟେ' । ବାସ୍ତବ ମୂଳପାଠରେ ଲେଖାଯାଇଛି "ତତ୍ ଧାମ ପରମମ୍ ମମ"ଏଥିରେ "ମମ"ଶବ୍ଦରେ ହଳନ୍ତ(ମମ୍) ନାହିଁ । ପ୍ରମାଣ ପାଇଁ ଦେଖନ୍ତୁ ସେହି ଗୀତା ଅନୁବାଦକମାନେ ଗୀତା ଅଧ୍ୟାୟ ୩ ଶ୍ଲୋକ ୨୩ ରେ "ମମ"ର ଅର୍ଥ ଲେଖିବା ସମୟରେ ଅର୍ଥ କରିଛନ୍ତି, ମମ = "ମୋର ହିଁ" ଏହିଭଳି ଏହି ଅଧ୍ୟାୟ ୮ ର ଶ୍ଲୋକ୨୧ରେ ମମର ଅର୍ଥ 'ମୋ ଠାରୁ ପରମ ଧାମ ଅଟେ', ସଠିକ୍ ଅନୁବାଦ ଅଟେ । ପୁଣି ଗୀତା ଅଧ୍ୟାୟ ୮ ଶ୍ଲୋକ ୨୨ରେ ସ୍ପଷ୍ଟ କରାଯାଇଛି ଯେ ପୁରୁଷଃ ସଃ ପରଃ = (ସଃ) ସେହି (ପରଃ) ଅନ୍ୟ (ପୁରୁଷଃ) ପରମେଶ୍ୱର ଅନନ୍ୟ ଭକ୍ତି ଦ୍ୱାରା ପ୍ରାପ୍ୟ ଅଟନ୍ତି, ଯାହାଙ୍କ ଅନ୍ତର୍ଗତ ସମସ୍ତ ପ୍ରାଣୀ ଆସନ୍ତି, ଯିଏକି ସମସ୍ତ ସଂସାରର ସଂରଚନା (ଉତ୍ପତ୍ତି) କରିଛନ୍ତି । ଗୀତା ଜ୍ଞାନଦାତାଙ୍କ ଦ୍ୱାରା ଗୀତା ଅଧ୍ୟାୟ ୮ ଶ୍ଲୋକ୨୦ରୁ ୨୨ରେ ଅନ୍ୟ ପରମପୁରୁଷଙ୍କ ବିଷୟରେ ବର୍ଣ୍ଣନା ଅଛି । ଏଥିପାଇଁ ଗୀତା ଜ୍ଞାନଦାତା ସେହି ଧାମକୁ ନିଜର ବୋଲି କହିପାରିବେ ନାହିଁ । ସେ ନିଜ ଧାମ ଅର୍ଥାତ୍ ଲୋକଠାରୁ ସେହି ପରମେଶ୍ୱରଙ୍କ ଧାମକୁ ପରମ ଅର୍ଥାତ୍ ଶ୍ରେଷ୍ଠ ଧାମ କହିଛନ୍ତି, ଏହା ଠିକ୍ ଅର୍ଥ ଅଟେ ।

ବିଚାର କରନ୍ତୁ:- ଗୀତା ଅଧ୍ୟାୟ ୮ ଶ୍ଲୋକ ୨୦ରେ "ପରଃ" ଶବ୍ଦ ଅର୍ଥ ''ଅନ୍ୟ" ଲେଖାଯାଇଛି ଅର୍ଥାତ୍ ଅବ୍ୟକ୍ତ ଠାରୁ (ପରଃ) = ଅନ୍ୟ ଅର୍ଥାତ୍ ଭିନ୍ନ ସନାତନ ଅବ୍ୟକ୍ତ ଭାବରୂପୀ ପରମେଶ୍ୱର ଅଟନ୍ତି । ଏହିଭଳି ଗୀତାର ଏହି ଅଧ୍ୟାୟ ୮ ଶ୍ଲୋକ ୨୨ରେ କୁହାଯାଇଛି ଯେ (ସଃ) ସେ (ପରଃ) ଯିଏ ଭିନ୍ନ ଅର୍ଥାତ୍ ପୃଥକ୍ (ପୁରୁଷଃ) ପରମେଶ୍ୱର ଅଟନ୍ତି । ତାଙ୍କର ପ୍ରାପ୍ତି କେବଳ ଅନନ୍ୟ ଭକ୍ତି ଦ୍ୱାରା ହିଁ ସମ୍ଭବ ।

ଏହାର ଅନ୍ୟ ପ୍ରମାଣ:- ଗୀତା ଅଧ୍ୟାୟ ୭ ଶ୍ଲୋକ ୧୨ ରୁ ୧୫ରେ ତିନିଗୁଣ (ରଜଗୁଣ ବ୍ରହ୍ମା, ସତ୍ତ୍ୱଗୁଣ ବିଷ୍ଣୁ ଓ ତମଗୁଣ ଶଙ୍କର)ର ଭକ୍ତି କରୁଥିବା ବ୍ୟକ୍ତିଙ୍କୁ ରାକ୍ଷସ ସ୍ୱଭାବକୁ ଧାରଣ କରିଥିବା ମନୁଷ୍ୟମାନଙ୍କ ମଧ୍ୟରେ ନୀଚ, ଦୂଷିତ କର୍ମ କରୁଥିବା ମୂର୍ଖ କୁହାଯାଇଛି ତଥା ଗୀତା ଜ୍ଞାନଦାତା କହିଛନ୍ତି ଯେ, ଏମାନେ ମୋତେ ଭଜନ୍ତି ନାହିଁ । ନିଜ ଭକ୍ତି ବିଷୟରେ ଗୀତା ଅଧ୍ୟାୟ ୭ ଶ୍ଲୋକ ୧୬ ରୁ ୧୮ରେ କହିଛନ୍ତି ଯେ ମୋର ଭକ୍ତି ଦ୍ୱାରା ଯେଉଁ ଗତି ପ୍ରାପ୍ତ ହୁଏ ତାହା ଅନୁତ୍ତମ (ନିକୃଷ୍ଟ) ଅଟେ । ଗୀତା ଅଧ୍ୟାୟ ୭ ଶ୍ଲୋକ ୧୯ରେ କହିଛନ୍ତି ଯେ, ଅନେକ ଜନ୍ମ ପରେ କୌଣସି ଜନ୍ମରେ ସେମାନେ ମୋର ଭକ୍ତି କରନ୍ତି ଅନ୍ୟଥା ଅନ୍ୟ ଦେବତା ଓ ଭୂତ-ଭୈରବମାନଙ୍କର ପୂଜା କରି ଚାଲିଥାନ୍ତି । କିନ୍ତୁ ଏ ବିଷୟରେ ଜ୍ଞାନ ପ୍ରଦାନକାରୀ ସନ୍ଥ ବହୁତ ଦୁର୍ଲଭ ଅଟନ୍ତି, ଯିଏ କହିଥାନ୍ତି ଯେ ବାସୁଦେବ ଅର୍ଥାତ୍ ସେହି ପୂର୍ଣ୍ଣ ପରମାତ୍ମା ଯାହାଙ୍କ ନିବାସ ଅର୍ଥାତ୍ ସତ୍ତା ସମସ୍ତଙ୍କ ଉର୍ଦ୍ଧ୍ୱରେ । ସେ ହିଁ (ସର୍ବମ୍) ସବୁ କିଛି ଅଟନ୍ତି ଅର୍ଥାତ୍ ସେ ହିଁ ପୂଜ୍ୟ ଅଟନ୍ତି, ତାଙ୍କରି ଭକ୍ତିରେ ପୂର୍ଣ୍ଣ ମୋକ୍ଷ ପ୍ରାପ୍ତି ହୋଇଥାଏ । ସେ ହିଁ ସମସ୍ତ ସୃଷ୍ଟିର ସର୍ଜନକର୍ତ୍ତା ଅଟନ୍ତି । ସମସ୍ତଙ୍କର ଧାରଣ-ପୋଷଣକାରୀ ମଧ ସେ ହିଁ ଅଟନ୍ତି, ପୁଣି ଗୀତା ଅଧ୍ୟାୟ ୭ ଶ୍ଲୋକ ୨୯ ରେ ଗୀତା ଜ୍ଞାନଦାତା କହିଛନ୍ତି ଯେ ଯେଉଁ ସାଧକ ମୋ ଜ୍ଞାନକୁ ଆଧାର କରି ତତ୍ତ୍ୱଦର୍ଶୀ ସନ୍ଥଙ୍କଠାରୁ ଜ୍ଞାନ ପ୍ରାପ୍ତି କରି କେବଳ ଜରା (ବୃଦ୍ଧ ଅବସ୍ଥା)ର ଦୁଃଖରୁ ଏବଂ ମରଣ (ମୃତ୍ୟୁ)ର ଦୁଃଖରୁ ତ୍ରାହି ପାଇବା ପାଇଁ ଭକ୍ତି କରି ପ୍ରଯତ୍ନ କରନ୍ତି, ସେମାନେ ସଂସାରର ସମସ୍ତ ବସ୍ତୁକୁ

ନାଶବାନ ଭାବି ସେଗୁଡ଼ିକ ପ୍ରତି ଇଚ୍ଛା ରଖନ୍ତି ନାହିଁ, କେବଳ ମୋକ୍ଷ ଉଦ୍ଦେଶ୍ୟରେ ହିଁ ଭକ୍ତି କରନ୍ତି ସେମାନେ (ତତ୍ ବ୍ରହ୍ମ) ସେହି ବ୍ରହ୍ମଙ୍କୁ (ବିଦୁ) ଜାଣିଛନ୍ତି, ସେମାନେ ସମସ୍ତ କର୍ମ ଓ ସମସ୍ତ ଆଧ୍ୟାତ୍ମିକ ଜ୍ଞାନ ସହିତ ମଧ୍ୟ ପରିଚିତ ଅଟନ୍ତି । (ଗୀତା ଅଧ୍ୟାୟ ୭ ଶ୍ଳୋକ ୨୯) ।

ଗୀତା ଅଧ୍ୟାୟ ୮ ଶ୍ଳୋକ ୧ରେ ଅର୍ଜୁନ ପ୍ରଶ୍ନ କରିଛନ୍ତି ଯେ ହେ ଭଗବାନ ! (କିମ୍ ତତ୍ ବ୍ରହ୍ମ) ସେହି ବ୍ରହ୍ମ କ'ଣ, ଯାହାଙ୍କ ବିଷୟରେ ଜାଣିବା ପରେ ସାଧକ କେବଳ ମୋକ୍ଷ (ନିର୍ବାଣ) ହିଁ ଚାହାଁନ୍ତି ? ଗୀତା ଜ୍ଞାନଦାତା ଏହାର ଉତ୍ତର ଗୀତା ଅଧ୍ୟାୟ ୮ ଶ୍ଳୋକ ୩ ରେ ଦେଇ କହିଛନ୍ତି ଯେ "ସେ ପରମ ଅକ୍ଷର ବ୍ରହ୍ମ" ଅଟନ୍ତି । ଗୀତା ଜ୍ଞାନଦାତା ଏହି ପରମ ଅକ୍ଷର ବ୍ରହ୍ମଙ୍କ ବିଷୟରେ ଅଧ୍ୟାୟ ୮ ଶ୍ଳୋକ ୮, ୯, ୧୦, ୨୦, ୨୧, ୨୨ରେ ମଧ୍ୟ ସୂଚନା ଦେଇଛନ୍ତି, ଯିଏ କି ଗୀତା ଜ୍ଞାନଦାତାଙ୍କଠାରୁ ଭିନ୍ନ ଅଟନ୍ତି । ଗୀତା ଅଧ୍ୟାୟ ୨ ଶ୍ଳୋକ ୧୭ ରେ କୁହାଯାଇଛି ଯେ ଯେଉଁ ପରମେଶ୍ୱର ସମ୍ପୂର୍ଣ୍ଣ ଜଗତର ସଂରଚନା କରିଛନ୍ତି, ଯାହାଙ୍କଠାରୁ ଏହି ଜଗତ ବ୍ୟାପ୍ତ ହୋଇଛି (ଅର୍ଥାତ୍ ଯାହାଙ୍କ ଶକ୍ତିରେ ସମସ୍ତ ବ୍ରହ୍ମାଣ୍ଡ ଅଟକି ରହିଛି, ଝୁଲି ରହିଛି) ସେ ବାସ୍ତବରେ ଅବିନାଶୀ ପରମାତ୍ମା ଅଟନ୍ତି ଯାହାଙ୍କୁ ବିନାଶ କରିବା ପାଇଁ କେହି ସମର୍ଥ ନୁହଁନ୍ତି । ଗୀତା ଅଧ୍ୟାୟ ୧୫ ଶ୍ଳୋକ ୧୭ ରେ ମଧ୍ୟ କୁହାଯାଇଛି ଯେ ପୁରୁଷୋତ୍ତମ ଅନ୍ୟ ଜଣେ ଅଟନ୍ତି (ଗୀତା ଅଧ୍ୟାୟ ୧୫ ଶ୍ଳୋକ ୧୬ରେ ଦୁଇଜଣ ପୁରୁଷଙ୍କ ସମ୍ବନ୍ଧରେ କୁହାଯାଇଛି, କ୍ଷରପୁରୁଷ ଏବଂ ଅକ୍ଷର ପୁରୁଷ । ଉତ୍ତମ ପୁରୁଷ ତ ଏହି ଦୁଇ ପୁରୁଷଙ୍କଠାରୁ ଭିନ୍ନ ଅଟନ୍ତି, ଅର୍ଥାତ୍ ଶ୍ରେଷ୍ଠ ପରମେଶ୍ୱର) ଯିଏ ତିନିଲୋକରେ ପ୍ରବେଶ କରି ସମସ୍ତଙ୍କର ଧାରଣ-ପୋଷଣ କରିଥାନ୍ତି । ତାଙ୍କୁ ପରମାତ୍ମା କୁହାଯାଏ । ସେ ହିଁ ବାସ୍ତବରେ ଅବିନାଶୀ ପରମେଶ୍ୱର ଅଟନ୍ତି । (ଗୀତା ଅଧ୍ୟାୟ ୧୫ ଶ୍ଳୋକ ୧୭) । ଗୀତା ଜ୍ଞାନଦାତା ପୁଣି ଗୀତା ଅଧ୍ୟାୟ ୨ ଶ୍ଳୋକ ୫୯ ରେ ମଧ୍ୟ ନିଜଠାରୁ ଭିନ୍ନ ଅନ୍ୟ ପରମାତ୍ମାଙ୍କ ବିଷୟରେ କହିଛନ୍ତି । ଏହି ପ୍ରସଙ୍ଗ ଗୀତା ଅଧ୍ୟାୟ ୨ ଶ୍ଳୋକ ୫୩ ରୁ ଆରମ୍ଭ ହୋଇଛି ଯେଉଁଥିରେ କୁହାଯାଇଛି ଯେ 'ହେ ଅର୍ଜୁନ' ଯେତେବେଳେ ଭ୍ରମିତ କରୁଥିବା ଭିନ୍ନ-ଭିନ୍ନ ଜ୍ଞାନ ବଚନ ଶୁଣି, ବିଚଳିତ ହୋଇ ଯାଇଥିବା ତୋର ବୁଦ୍ଧି ଯେତେବେଳେ ପରମାତ୍ମାଙ୍କଠାରେ ଅଟଳ ଅର୍ଥାତ୍ ସ୍ଥିର ଭାବେ ଅଟକି ଯିବ, ସେତେବେଳେ ତୁ ଯୋଗ ପ୍ରାପ୍ତ ହେବୁ (ଅଧ୍ୟାୟ ୨ ଶ୍ଳୋକ ୫୩), ପୁଣି ଗୀତା ଅଧ୍ୟାୟ ୨ ଶ୍ଳୋକ ୫୯ରେ କୁହାଯାଇଛି ଯେ କେତେକ ବ୍ୟକ୍ତି ଉପବାସ ରହି (ଭୋଜନ ତ୍ୟାଗ କରି) କେବଳ ଫଳାହାର ବା ଦୁଗ୍ଧାହାର କରନ୍ତି ସେମାନଙ୍କ ମନର ବିଷୟ-ବିକାର କିଛି ସମୟ ପାଇଁ ତ ନିବୃତ୍ତ ହୋଇ ଯାଇଥାଏ, କିନ୍ତୁ ସଂସାରର ପଦାର୍ଥ ପ୍ରତି ଆସକ୍ତି ନିବୃତ୍ତ ହୁଏ ନାହିଁ । ଶାସ୍ତ୍ରାନୁସାରେ ସାଧନା କରିବା ଦ୍ୱାରା ସେହି ଅନ୍ୟ ପରମାତ୍ମାଙ୍କର ସାକ୍ଷାତକାର ହୋଇଥାଏ, ଯାହା ଦ୍ୱାରା ବିଷୟ-ବିକାର ଓ ଆସକ୍ତି ମଧ୍ୟ ନିବୃତ୍ତ ହୋଇଯାଏ । ଗୀତା ଅଧ୍ୟାୟ ୨ ଶ୍ଳୋକ ୫୯ର ମୂଳପାଠରେ "ପରମ୍" ଶବ୍ଦ, ଯାହାର ଅର୍ଥ "ପର" ଅର୍ଥାତ୍ ଅନ୍ୟ ହୋଇଥାଏ । ଉଦାହରଣ ପାଇଁ ଗୀତା ଅଧ୍ୟାୟ ୭ ଶ୍ଳୋକ ୧୩ ର ମୂଳପାଠରେ ଏହି "ପରମ୍" ଶବ୍ଦ ଅଛି । ଏଥିରେ ଗୀତା ଜ୍ଞାନଦାତା କହିଛନ୍ତି ଯେ, ତିନିଗୁଣ (ରଜଗୁଣ ଶ୍ରୀ ବ୍ରହ୍ମା, ସତଗୁଣ ଶ୍ରୀ ବିଷ୍ଣୁ ଓ ତମଗୁଣ ଶ୍ରୀ ଶିବଙ୍କ)ର ପ୍ରଭାବରେ ସାରା ସଂସାର ସମ୍ମୋହିତ ହେଉଛି । ଏମାନଙ୍କଠାରୁ ମୁଁ ଭିନ୍ନ, ମୋତେ ଏହି ସଂସାର ଜାଣେ ନାହିଁ । (ଗୀତା ଅଧ୍ୟାୟ ୭ ଶ୍ଳୋକ ୧୩) ଏଥିରେ ପରମ୍ = ପର = ଭିନ୍ନର ଅର୍ଥ ଅନ୍ୟ ହେଉଛି । ଏହିପରି ଗୀତା ଅଧ୍ୟାୟ ୨ଶ୍ଳୋକ ୫୯ରେ "ପରମ୍" ର ଅର୍ଥ ପର = ଭିନ୍ନ ଅର୍ଥାତ୍ ଅନ୍ୟ ବୋଲି ଜାଣନ୍ତୁ କାରଣ ଗୀତା ଅଧ୍ୟାୟ ୧୧ ଶ୍ଳୋକ ୫୫ ଓ ଗୀତା ଅଧ୍ୟାୟ୧୨ ଶ୍ଳୋକ୧ରୁ ୬ ମଧ୍ୟରେ ଏହାର ପ୍ରମାଣ ଅଛି । ଗୀତା ଅଧ୍ୟାୟ ୧୧ ଶ୍ଳୋକ ୫୫ରେ ଇଙ୍ଗିତ କରୁଛନ୍ତି ଯେ (ମତ୍ କର୍ମକୃତ୍) = ମୋ ପାଇଁ ଶାସ୍ତ୍ରାନୁକୂଳ ଭକ୍ତି କର୍ମ କରିବା ସହିତ (ମତ୍ ପରମ୍) ମୋଠାରୁ ଶ୍ରେଷ୍ଠ ପରମାତ୍ମାଙ୍କ ପାଇଁ କରୁଥିବା (ମତ୍ ଭକ୍ତ) ମୋ ଭକ୍ତ ମୋତେ ହିଁ ପ୍ରାପ୍ତ ହୁଏ । କାରଣ ଯେପର୍ଯ୍ୟନ୍ତ ତତ୍ତ୍ୱଦର୍ଶୀ ସନ୍ଥ ନ ମିଳିଛନ୍ତି, ସେପର୍ଯ୍ୟନ୍ତ ସେମାନେ ବେଦ ଜ୍ଞାନ ଅନୁସାରେ "ଓଁ" ମନ୍ତ୍ରକୁ ପୂର୍ଣ୍ଣ ପରମାତ୍ମାଙ୍କର ମନ୍ତ୍ର ଭାବି ଜପ କରନ୍ତି । ଯାହାଦ୍ୱାରା ସେମାନେ ବ୍ରହ୍ମଲୋକକୁ ଚାଲିଯାନ୍ତି । ଏଥିପାଇଁ ଗୀତା ଜ୍ଞାନଦାତା କହିଛନ୍ତି ଯେ ମୋ ଭକ୍ତ ମୋଠାରୁ ଭିନ୍ନ ସେହି ପୂର୍ଣ୍ଣ ପରମାତ୍ମାଙ୍କର

ଭକ୍ତି କରି ମଧ୍ୟ ମୋତେ ହିଁ ପ୍ରାପ୍ତ କରିଥାଏ (ଗୀତା ଅଧ୍ୟାୟ ୧୧ଶ୍ଳୋକ ୫୫) ।

ପୁଣି ଗୀତା ଅଧ୍ୟାୟ ୧୨ଶ୍ଳୋକ ୧ରେ ସ୍ପଷ୍ଟ ହୋଇଛି, ଅର୍ଜୁନ ପ୍ରଶ୍ନ କରିଛନ୍ତି ଯେ:- ଯେଉଁ ଭକ୍ତ ପୂର୍ବୋକ୍ତ ବିଧିରେ (ଗୀତା ଅଧ୍ୟାୟ ୧୧ଶ୍ଳୋକ ୫୫ରେ ସଙ୍କେତ ଅଛି) ଅର୍ଥାତ୍ ଯିଏ (ତ୍ୱମ୍) ଆପଣଙ୍କୁ ତଥା ଯିଏ (ଅବ୍ୟକ୍ତମ୍ ଅକ୍ଷରମ୍) ଅବିନାଶୀ, ଅବ୍ୟକ୍ତ (ଯାହାଙ୍କ ବିଷୟରେ ଗୀତା ଅଧ୍ୟାୟ ୮ ଶ୍ଳୋକ ୨୦ରୁ୨୨ରେ ବର୍ଣ୍ଣନା ଅଛି) ତାଙ୍କର ଭଜନ କରେ, ସେହି ଦୁଇ ପ୍ରକାର ଭକ୍ତଙ୍କ ମଧ୍ୟରୁ କେଉଁ ଭକ୍ତ ଅଧିକ ଉତ୍ତମ ଅଟେ ? (ଅଧ୍ୟାୟ ୧୨ଶ୍ଳୋକ ୧)

ପୁଣି ଗୀତା ଅଧ୍ୟାୟ ୧୨ ଶ୍ଳୋକ ୨ରେ ଗୀତା ଜ୍ଞାନଦାତା କହିଛନ୍ତି ଯେ ଯେଉଁ ଭକ୍ତ କେବଳ ମୋର ଧ୍ୟାନ କରେ, ସେ (ଯୁକ୍ତତମାଃ ମତାଃ) ମୋ ମତରେ ଠିକ୍ ସାଧକ ଅଟେ । (ଅଧ୍ୟାୟ୧୨ ଶ୍ଳୋକ୨)

ଗୀତା ଅଧ୍ୟାୟ ୧୨ ଶ୍ଳୋକ ୩, ୪ରେ ଗୀତା ଜ୍ଞାନଦାତା କହିଛନ୍ତି ଯେ ଯିଏ ସେହି ସର୍ବବ୍ୟାପୀ ଯାହାଙ୍କ ବିଷୟରେ ମୁଁ ମଧ୍ୟ ଜାଣେ ନାହିଁ, ଯିଏ ସଦା ଏକରସ ହୋଇ ରହୁଥିବା ସ୍ଥାୟୀ, ଅଚଳ, ଅବ୍ୟକ୍ତ ଅର୍ଥାତ୍ ପରୋକ୍ଷ ଅବିନାଶୀ ପରମ ଅକ୍ଷର ବ୍ରହ୍ମଙ୍କୁ ନିରନ୍ତର ଉପାସନା କରନ୍ତି, ସମସ୍ତ ପ୍ରାଣୀଙ୍କ ହିତ କାମନାକାରୀ ତଥା ସମସ୍ତଙ୍କଠାରେ ସମ ଭାବନା ପୋଷଣକାରୀ ସାଧକ ମୋତେ ହିଁ ପ୍ରାପ୍ତ ହୁଅନ୍ତି । ଭାବାର୍ଥ ଏହା ଯେ ଗୀତା ଜ୍ଞାନଦାତାଙ୍କୁ ମଧ୍ୟ ଯେଉଁ ସଚ୍ଚିଦାନନ୍ଦ ଘନବ୍ରହ୍ମ ଅର୍ଥାତ୍ ପରମ ଅକ୍ଷର ବ୍ରହ୍ମଙ୍କ ସମ୍ବନ୍ଧରେ ଜ୍ଞାନ ଜଣା ନାହିଁ ସେହି ପରମ ଅକ୍ଷର ବ୍ରହ୍ମଙ୍କ ବିଷୟରେ କେବଳ ତତ୍ତ୍ୱଦର୍ଶୀ ସନ୍ଥ ହିଁ ଜାଣିଥାନ୍ତି । ସେମାନଙ୍କୁ ତତ୍ତ୍ୱଦର୍ଶୀ ସନ୍ଥ ନ ମିଳିବା କାରଣରୁ ବ୍ରହ୍ମଙ୍କର ଓଁ (ଓମ୍) ମନ୍ତ୍ରକୁ ପରମ ଅକ୍ଷର ବ୍ରହ୍ମଙ୍କ ମନ୍ତ୍ର ଭାବି ସାଧନା କରିବା ଦ୍ୱାରା ସେମାନେ କାଳର ମାୟା ଜାଲରେ ରହିଯାଆନ୍ତି । ଏଥିପାଇଁ କୁହାଯାଇଛି ଯେ, ସେହି ସାଧକ ମୋତେ ହିଁ ପ୍ରାପ୍ତ କରିଥାଏ । ପରମେଶ୍ୱର କବୀରଜୀ 'ସୋହଂ' ମନ୍ତ୍ରର ଆବିଷ୍କାର କରି ସାଧକମାନଙ୍କୁ କହିଛନ୍ତି । କିନ୍ତୁ ସାରନାମ ଗୁପ୍ତ ରଖିଛନ୍ତି । ସେ ସୂକ୍ଷ୍ମବେଦରେ ଲେଖିଛନ୍ତି :-

*ସୋହଂ ଶବ୍ଦ ହମ ଜଗ ମେଁ ଲାଏ । ସାର ଶବ୍ଦ ହମ ଗୁପ୍ତ ଛିପାଏଁ ॥*
*ସୋହଂ ଉପର ଔର୍ ସତସୁକୃତ ଏକ ନାମ ।*
*ସବ ହଁସୋଁ କା ବାସ ହୈ, ନହୀଁ ବସ୍ତୀ ନହୀ ଠାମ ॥*
*ସଦ୍‌ଗୁରୁ ସୋହଂ ନାମ ଦେ, ଗୁଝ ବୀରଜ ବିସ୍ତାର ।*
*ବିନ୍ ସୋହଂ ସୀଝୈ ନହୀଁ, ମୂଲ ମନ୍ତ୍ର ନିଜ ସାର ॥*

"ଯେଉଁ ସାଧକ 'ସୋହଂ'ମନ୍ତ୍ରର ଜପ କରନ୍ତି, ତାହା ପରବ୍ରହ୍ମ (ଅକ୍ଷର ପୁରୁଷ ଯାହା ବିଷୟରେ ଗୀତା ଅଧ୍ୟାୟ ୧୫ ଶ୍ଳୋକ ୧୬ ରେ ପ୍ରମାଣ ଅଛି)ଙ୍କ ଜପ ଅଟେ । ସାରନାମ ବିନା "ସୋହଂ" ଓ "ଓଁ" ପୂର୍ଣ୍ଣ ମୋକ୍ଷଦାୟକ ନୁହେଁ । "ଓଁ" ର ଜପ ବ୍ରହ୍ମ (ଗୀତା ଜ୍ଞାନ ଦାତା)ଙ୍କର ଅଟେ । ଏହି ମନ୍ତ୍ର ଜପ ଦ୍ୱାରା ବ୍ରହ୍ମଲୋକରେ ମହାଇନ୍ଦ୍ର ଲୋକ ପ୍ରାପ୍ତି ହୋଇଥାଏ ଯାହାକି ବ୍ରହ୍ମ ଲୋକରେ ନିର୍ମିତ ହୋଇଛି ଏବଂ "ସୋହଂ" ମନ୍ତ୍ରଜପ ଭକ୍ତି ଉପାର୍ଜନ ବଳରେ ସାଧକ ବ୍ରହ୍ମଲୋକରେ ନିର୍ମିତ ନକଲି ସତ୍ୟଲୋକ ପ୍ରାପ୍ତ କରିଥାଏ । ସାଧନା ସମୟରେ ସାଧକ ଏହା ମଧ୍ୟ କହିଥାଏ ଯେ "ସମସ୍ତ ପ୍ରାଣୀଙ୍କର ମଙ୍ଗଳ ହେଉ" ।

*ସର୍ବେ ଭବନ୍ତୁ ସୁଖିନଃ, ସର୍ବେ ସନ୍ତୁ ନିରାମୟାଃ ।*
*ସର୍ବେ ଭଦ୍ରାଣି ପଶ୍ୟନ୍ତୁ, ମା କଶ୍ଚିଦ୍ ଦୁଃଖଭାଗ ଭବେତ୍ ॥*

ଭାବାର୍ଥ :- "ସମସ୍ତେ ସୁଖୀ ହୁଅନ୍ତୁ, ସମସ୍ତେ ଆରୋଗ୍ୟ ଅର୍ଥାତ୍ ସୁସ୍ଥ ରୁହନ୍ତୁ, ସମସ୍ତଙ୍କର ମଙ୍ଗଳ ହେଉ, କାହାରିକୁ କୌଣସି ଦୁଃଖ ନ ହେଉ":- ଏହି ମଙ୍ଗଳକାମନାର ମନ୍ତ୍ର ପ୍ରସ୍ତୁତ କରି ଆଶୀର୍ବାଦ ଦେଇଥାଏ, ପ୍ରାର୍ଥନା କରିଥାଏ । ଯାହାଦ୍ୱାରା ଏହି ସାଧକର ଉପାର୍ଜିତ ପୁଣ୍ୟ ଓ ଭକ୍ତିଧନ, ଅନ୍ୟର "ମଙ୍ଗଳ କାମନା ଓ ଆଶୀର୍ବାଦ ପ୍ରଦାନ" ମାଧ୍ୟମରେ ସମାପ୍ତ ହୋଇଯାଏ । କିନ୍ତୁ ତତ୍ତ୍ୱଦର୍ଶୀ ସନ୍ଥଙ୍କ ଅନୁଗାମୀ ଏହି ଭୁଲ୍ କେବେ କରେ ନାହିଁ । ଏଥିପାଇଁ କୁହାଯାଇଛି ଯେ, ସେହି ପରମ ଅକ୍ଷର ବ୍ରହ୍ମଙ୍କ ସାଧକ ମଧ୍ୟ ମୋତେ ହିଁ ପ୍ରାପ୍ତ

କରିଥାଏ, କାରଣ ଆଶୀର୍ବାଦ ଓ ସମସ୍ତଙ୍କର ମଙ୍ଗଳ କାମନା କରି ନିଜ ଭକ୍ତିଧନକୁ ସେ ସମାପ୍ତ କରିଦିଏ ଏବଂ କିଛି ପୁଣ୍ୟ ସେ ମହାସ୍ୱର୍ଗ(ବ୍ରହ୍ମଲୋକ)ରେ ଖର୍ଚ୍ଚ କରିଦେଇ ପୁଣି ସେହି ଜନ୍ମ-ମରଣ ଓ ୮୪ ଲକ୍ଷ ପ୍ରାଣୀମାନଙ୍କ ଚକ୍ରରେ ପଡ଼ିଥାଏ ।

ଝ-ରାଜା ଜନକଙ୍କ ଜୀବନରୁ ପ୍ରମାଣିତ କରିବା:-

ତ୍ରେତୟା ଯୁଗରେ ଜନକ ଜଣେ ଧାର୍ମିକ ରାଜା ଥିଲେ । ସୀତା ତାଙ୍କ କନ୍ୟା ଥିଲେ ଯିଏକି ତ୍ରିଲୋକନାଥ ଶ୍ରୀବିଷ୍ଣୁ ଓରଫ୍ ଶ୍ରୀ ଦଶରଥ ପୁତ୍ର ଶ୍ରୀରାମଚନ୍ଦ୍ରଙ୍କ ପତ୍ନୀ ଥିଲେ । ସତ୍ୟଯୁଗରେ ରାଜା ଜନକଙ୍କ ଆତ୍ମା ରାଜା ଅମ୍ବରୀଷ ଥିଲେ ଯିଏକି ଶ୍ରୀବିଷ୍ଣୁଙ୍କର ପରମ ଭକ୍ତ ଥିଲେ । ତତ୍‌ସହିତ ବେଦାନୁସାରେ ସେ "ଓଁ" ମନ୍ତ୍ର ଜପ କରୁଥିଲେ, ଯାହାକି ବ୍ରହ୍ମଙ୍କର ସାଧନା(ଭକ୍ତି) ଅଟେ । ଯାହାର ପରିଣାମ ସ୍ୱରୂପ ସେ ଲକ୍ଷାଧିକ ବର୍ଷ ପର୍ଯ୍ୟନ୍ତ ଶ୍ରୀବିଷ୍ଣୁଙ୍କ ଲୋକରେ ନିର୍ମିତ କୌଣସି ଏକ ସ୍ୱର୍ଗରେ, ମାନବ ଶରୀରରେ ଥିବା ସମୟରେ କରିଥିବା ଭକ୍ତିର ଫଳସ୍ୱରୂପ ସୁଖ ଭୋଗ କଲେ । ତା'ପରେ ପୁଣ୍ୟବଳ ସମାପ୍ତ ହେବାରୁ ଲକ୍ଷାଧିକ ବର୍ଷ ପର୍ଯ୍ୟନ୍ତ ବ୍ରହ୍ମଲୋକରେ (ବ୍ରହ୍ମର ସାଧନା କରିଥିବାରୁ) ସୁଖକୁ ଭୋଗ କଲେ । ଏହାପରେ ପୁଣ୍ୟ ସମାପ୍ତ ହୋଇଯିବାରୁ ତ୍ରେତୟା ଯୁଗରେ ଜନକ ରୂପରେ ଜଣେ ଧାର୍ମିକ ରାଜା ଭାବରେ ତାଙ୍କର ଜନ୍ମ ହେଲା । ସେ ତାଙ୍କ ଜୀବନ କାଳରେ ଅନେକ ଯଜ୍ଞ (ଧାର୍ମିକ ଅନୁଷ୍ଠାନ) କଲେ । ଶ୍ରୀ ବିଷ୍ଣୁଙ୍କ ଭକ୍ତି କଲେ, ବ୍ରହ୍ମ ସାଧନା (ଭକ୍ତି) ମଧ୍ୟ କଲେ । ଯେତେବେଳେ ସେ ସଂସାର ଛାଡ଼ି, ଯିବାକୁ ଲାଗିଲେ ସେତେବେଳେ ଏକ ବିମାନ ସ୍ୱର୍ଗରୁ ଆସିଲା ଏବଂ ରାଜା ଜନକଙ୍କୁ ସେଥିରେ ବସାଇ ଉଡ଼ି ଗଲା । ରାସ୍ତାରେ ଗୋଟିଏ ନର୍କ ଥିଲା, ଯେଉଁଥିରେ ୧୨ କୋଟି ଜୀବ ନିଜ-ନିଜର କୁକର୍ମର ଦଣ୍ଡ ଭୋଗୁଥିଲେ, ହାହାକାର ଓ ଆର୍ତ୍ତ ଚିତ୍କାର ଶୁଭୁଥିଲା । ଜନକଜୀ ଦେବଦୂତଙ୍କୁ ପ୍ରଶ୍ନ କଲେ ଯେ, ଏହା କେଉଁ ଦୁଃଖିମାନଙ୍କର ଚିତ୍କାର ଶୁଭୁଅଛି ? ବିମାନ ରଖ, ବିମାନ ଅଟକିଗଲା । ଦେବଦୂତ କହିଲେ ରାଜନ୍! ଏହା ଗୋଟିଏ ନର୍କ ଅଟେ । ଏଥିରେ ପ୍ରାଣୀମାନେ ନିଜ-ନିଜର ପାପକର୍ମର ଦଣ୍ଡ ଭୋଗୁଛନ୍ତି । ଜନକ ଏହା ଶୁଣି କହିଲେ, ଏମାନଙ୍କୁ ଏହି ନର୍କରୁ ବାହାର କରିଦିଅନ୍ତୁ । ମୁଁ ଏହି ଦୃଶ୍ୟ ଦେଖିପାରୁ ନାହିଁ । ଦେବଦୂତମାନେ କହିଲେ, ଜନକଜୀ ! ଏଠାରେ ଆପଣଙ୍କର ରାଜୁତି ଚାଲୁ ନାହିଁ । ଏଠାରେ ଧର୍ମରାଜଙ୍କ ଆଜ୍ଞା ଚାଲେ । ଜନକଜୀ କହିଲେ, ଆପଣମାନେ ଏହି ଦୁଃଖୀପ୍ରାଣୀଙ୍କୁ ଏଥିରୁ ମୁକ୍ତ କରନ୍ତୁ ନଚେତ୍ ମୋତେ ଏହି ନର୍କରେ ପକାଇ ଦିଅନ୍ତୁ । ଦେବଦୂତମାନେ କହିଲେ, ଏ ବିଷୟରେ ସମାଧାନ କେବଳ ଧର୍ମରାଜ ହିଁ କରିପାରିବେ । ରାଜା ଜନକ କହିଲେ, ଧର୍ମରାଜଙ୍କ ସହିତ ମୋତେ କଥାବାର୍ତ୍ତା କରାନ୍ତୁ । ଧର୍ମରାଜ ତତ୍‌କ୍ଷଣାତ୍ ସେହିଠାରେ ଉପସ୍ଥିତ ହୋଇଗଲେ ତଥା ସମସ୍ତ ପରିସ୍ଥିତି ବିଷୟରେ ଜାଣିବା ପରେ କହିଲେ, ମୁଁ ଆପଣଙ୍କୁ ଏହି ନର୍କରେ ପକାଇ ପାରିବି ନାହିଁ ଏବଂ ଏହି ୧୨ କୋଟି ଜୀବଙ୍କୁ ମଧ୍ୟ ଏହି ନର୍କରୁ କାଢି ପାରିବି ନାହିଁ । ଗୋଟିଏ ଉପାୟ କହୁଛି, ଆପଣ (ଜନକଜୀ) ମର୍ତ୍ତ୍ୟଲୋକରେ ଉପାର୍ଜନ କରିଥିବା ଭକ୍ତିଧନ (ପୁଣ୍ୟ ଓ ମନ୍ତ୍ରଜପରୁ ମିଳିଥିବା ଭକ୍ତି ଧନ) ଏହି ୧୨କୋଟି ଜୀବମାନଙ୍କୁ ପ୍ରଦାନ କରିଦିଅନ୍ତୁ । ତେବେ ଯାଇ ଏମାନଙ୍କୁ ଆପଣଙ୍କ ସହିତ ସ୍ୱର୍ଗକୁ ପଠାଇ ଦେବି । ଜନକଜୀ ଦୟା ପରବଶ ହୋଇ ନିଜ ଉପାର୍ଜିତ ଅଧା ଭକ୍ତିଧନ ସେହି ୧୨ କୋଟି ଜୀବଙ୍କୁ ଦେଇଦେଲେ । ଫଳତଃ ସେହି ୧୨ କୋଟି ଆତ୍ମା ରାଜା ଜନକଙ୍କ ଦ୍ୱାରା ପ୍ରଦତ୍ତ ପୁଣ୍ୟ ଆଧାରରେ ସ୍ୱର୍ଗକୁ ଚାଲିଗଲେ ଏବଂ ରାଜା ଜନକ ମଧ୍ୟ ସ୍ୱର୍ଗରେ (ବିଷ୍ଣୁ ଲୋକର ସ୍ୱର୍ଗରେ, ତା'ପରେ ବ୍ରହ୍ମଲୋକର ସ୍ୱର୍ଗରେ) ନିବାସ କରି ନିଜର ପୁଣ୍ୟ ଭୋଗ କଲେ ଯାହା ଦ୍ୱାରା ତାଙ୍କ ଭକ୍ତିଧନ ସମାପ୍ତ ହୋଇଗଲା ।

ସାରକଥା :- ଯେଉଁ ୧୨ କୋଟି ଜୀବଙ୍କୁ ରାଜା ଜନକ ନିଜର ଅଧା ପୁଣ୍ୟ ଦାନ କରିଥିଲେ, ଧର୍ମରାଜ ସେହି ପୁଣ୍ୟକୁ ୧୨ କୋଟି ଜୀବମାନଙ୍କ ମଧ୍ୟରେ ସମାନ-ସମାନ ଭାବେ ବାଣ୍ଟିଦେଲେ ଓ ତା'ର ଫଳସ୍ୱରୂପ ସେହି ଆତ୍ମାମାନେ ସ୍ୱର୍ଗରେ ରହିଲେ । ସେହି ପୁଣ୍ୟ ସମାପ୍ତ ହେବା ପରେ ପୁନଶ୍ଚ ସେମାନଙ୍କୁ ସେହି ନର୍କରେ ପକାଇ ଦିଆଗଲା, ଯେଉଁ ପାପ କର୍ମ ଭୋଗିବାକୁ ସେମାନଙ୍କର ବାକି ରହି ଯାଇଥିଲା, ତାହା ପୁଣି ଭୋଗିବାକୁ ପଡ଼ିଲା । ରାଜା ଜନକଜୀଙ୍କ ସହିତ ବଡ଼ ଠକାମି ହେଲା । ତାଙ୍କର ଅଧା ପୁଣ୍ୟ ତ ଦାନ କରିବାରେ ସମାପ୍ତ

ହେଲା ଏବଂ ବାକି ଅଧା ପୁଣ୍ୟ ସ୍ୱର୍ଗ ଭୋଗ କରି ସମାପ୍ତ ହୋଇଗଲା, ସେ ପୁଣି ମର୍ତ୍ତ୍ୟକୁ ଆସି ଜନ୍ମ-ମରଣ ଚକ୍ରରେ ପଡ଼ିଲେ । ସେହି ଜନକରୂପୀ ଜୀବ କଳିଯୁଗରେ ଶିଖ୍ ଗୁରୁ ଶ୍ରୀ ନାନକ ଦେବ ହେଲେ । ସୁଲ୍‌ତାନପୁର ସହର ନିକଟସ୍ଥ ବେଈ ନଦୀର ସ୍ନାନ ଘାଟରେ ଶ୍ରୀ ନାନକଙ୍କୁ ଜଣେ ଜୀବିତ ସାଧୁ ବେଶରେ ପୂର୍ଣ୍ଣ ପରମାତ୍ମା ଦର୍ଶନ ଦେଲେ ଏବଂ ଉପରେ ଥିବା ସେହି ସନାତନ ପରମଧାମ (ସତ୍ୟଲୋକ =ସଚ୍ଚଖଣ୍ଡ)କୁ ନେଇଗଲେ । ତୃତୀୟ ଦିନରେ ପୁଣି ସେହି ବେଈ ନଦୀତଟରେ ତାଙ୍କୁ ଛାଡ଼ି ଦେଲେ । ସମସ୍ତ ତତ୍ତ୍ୱଜ୍ଞାନ ଶୁଣାଇଲେ, ତାଙ୍କର ସେହି ଜନ୍ମ ପୂର୍ବରୁ ହୋଇଥିବା ଉତ୍ତମ ଜନ୍ମଗୁଡ଼ିକୁ ଦେଖାଇଲେ । ତାଙ୍କୁ ସତ୍ୟନାମ ଯାହାକି ଦୁଇ ଅକ୍ଷର ବିଶିଷ୍ଟ ମନ୍ତ୍ର ଅଟେ, ଯେଉଁଥିରୁ ଗୋଟିଏ ଓଁକାର (ଓଁ) ଅଟେ ଏବଂ ଅନ୍ୟଟି (ଏହା ଗୁପ୍ତ ଅଟେ, କେବଳ ଉପଦେଶୀକୁ ହିଁ କୁହାଯାଏ)ର ଦୀକ୍ଷା ଦେଲେ । ତେବେ ଯାଇ ନାନକଦେବଙ୍କୁ ପୂର୍ଣ୍ଣମୋକ୍ଷ ପ୍ରାପ୍ତି ହେଲା । ଯଦି ପରମାତ୍ମା ତତ୍ତ୍ୱଦର୍ଶୀ ସନ୍ଥ ରୂପରେ ପ୍ରକଟ ହୋଇ ତତ୍ତ୍ୱଜ୍ଞାନ ପ୍ରଦାନ କରି ନ ଥାଆନ୍ତେ ତେବେ ଶ୍ରୀ ନାନକ ଦେବ ରୂପୀ ଜୀବର ଜନ୍ମ-ମରଣ ଚକ୍ର କେବେ ବି ସମାପ୍ତ ହୋଇ ନ ଥାଆନ୍ତା । ସେହି ସତ୍ୟସାଧନା ମୋ ନିକଟରେ (ସନ୍ଥ ରାମ୍‌ପାଲଜୀଙ୍କ ପାଖରେ) ଅଛି । ମାତ୍ର ପ୍ରସଙ୍ଗ ହେଉଛି, ଭାବନାରେ ବହିଯାଇ ଆଶୀର୍ବାଦ ମାଧ୍ୟମରେ ନିଜ ଉପାର୍ଜିତ ଭକ୍ତିଧନକୁ କଦାପି ନଷ୍ଟ କରିବା ଉଚିତ୍ ନୁହେଁ । ଆପଣମାନେ କେହି ବି, ବୁଦ୍ଧିମାନ-ଧନବାନ ବ୍ୟକ୍ତି ନିଜର ଟଙ୍କା (ନୋଟ୍)ଗୁଡ଼ିକୁ ଅନ୍ୟ କାହାରିକୁ ବାଣ୍ଟିବାର ଦେଖି ନଥିବେ । ଯଦି କାହାରି ସହାୟତା କରିବାର ଅଛି ତ ତାକୁ ଉପାର୍ଜନ କରିବାର ଉପାୟ କହିଦିଅନ୍ତୁ । ଯାହା ଦ୍ୱାରା ସେ ନିଜ ଗୋଡ଼ରେ ଛିଡ଼ା ହୋଇ ଧନୀ ହୋଇପାରିବ । ଏହିପରି ଭାବରେ ଭକ୍ତଗଣ ଯାହାକୁ ସହାୟତା କରିବାକୁ ଚାହିଁବେ, ତାଙ୍କୁ ପୂର୍ଣ୍ଣ ଗୁରୁଙ୍କ ଦ୍ୱାରା ଦୀକ୍ଷିତ କରାଇ ଭକ୍ତିଧନ ଉପାର୍ଜନ କରିବାକୁ ପ୍ରେରଣା ଦିଅନ୍ତୁ ।

ଗୀତା ଅଧ୍ୟାୟ ୧୨ ଶ୍ଲୋକ ୫ରେ କୁହାଯାଇଛି ଯେ "ଯେଉଁମାନଙ୍କର ଆସ୍ଥା ସଚ୍ଚିଦାନନ୍ଦ ଘନବ୍ରହ୍ମ ଅର୍ଥାତ୍ ପରମ ଅକ୍ଷର ବ୍ରହ୍ମଙ୍କଠାରେ ଅଛି ଏବଂ ଯିଏ ତାଙ୍କୁ (ଚେତସା) ଜାଣିଛନ୍ତି, ସେମାନଙ୍କର ଅଧିକାଂଶ (କ୍ଲେଶଃ) ଶଙ୍କା କାରଣରୁ ଜ୍ଞାନର ମତପାର୍ଥକ୍ୟ ଲାଗି ରହିଥାଏ । ଏହି କାରଣରୁ ସେହି ମାନବ ଶରୀରଧାରୀମାନଙ୍କୁ ଦୁଃଖପୂର୍ବକ ପ୍ରାପ୍ତ ହେଉଥିବା ଗତି ପ୍ରାପ୍ତି ହୋଇଥାଏ । ଭାବାର୍ଥ ହେଉଛି, ତତ୍ତ୍ୱଦର୍ଶୀ ସନ୍ଥ ନ ମିଳିବା କାରଣରୁ କବୀର ପନ୍ଥୀ (ଘୀସା ଦାସ ପନ୍ଥୀ, ଗରୀବଦାସ ପନ୍ଥୀ, ଦାଦୂ ପନ୍ଥୀ, ନେକୀରାମ ପନ୍ଥୀ; ସମସ୍ତେ କବୀର୍ ପନ୍ଥୀ ବୋଲି କଥିତ ହୁଅନ୍ତି ।) ମାନେ ମଧ୍ୟ କଠିନ ତପସ୍ୟା କରନ୍ତି । ସେମାନେ ବ୍ରତ-ମୌନବ୍ରତ, ଅନ୍ୟାନ୍ୟ କଠିନ ସାଧନା କରନ୍ତି । ଏହି କାରଣରୁ କୁହାଯାଇଛି ଯେ, ସେହି ପୂର୍ଣ୍ଣ ପରମାତ୍ମାଙ୍କ ସାଧନା କ୍ଲେଶଯୁକ୍ତ ତଥା ଦୁଃଖପୂର୍ବକ ପ୍ରାପ୍ତବ୍ୟ ଅଟେ । ପ୍ରକୃତରେ ସମସ୍ତ ସାଧନା ଯାହାକି ଶାସ୍ତ୍ରାନୁକୂଳ ଅଟେ, ତାହା ବହୁତ ସହଜ ଅଟେ ।

ପ୍ରମାଣ:- ଯଜୁର୍ବେଦ ଅଧ୍ୟାୟ ୪୦ ମନ୍ତ୍ର ୧୫ରେ ବ୍ରହ୍ମଙ୍କ ସାଧନା ବିଷୟରେ କୁହାଯାଇଛି ଯେ:-

*ବାୟୁଃ ଅନିଳମ୍ ଅମୃତମ୍ ଅଥ ଇଦମ୍ ଭସ୍ମାନ୍ତମ୍ ଶରୀରମ୍ ।*
*ଓମ୍ କୃତମ୍ ସ୍ମର, କ୍ଲିବେ ସ୍ମର୍ କୃତୁଃ ସ୍ମର ॥*

ଭାବାର୍ଥ:- ବ୍ରହ୍ମ ସାଧନାର ମନ୍ତ୍ର ଓମ୍ (ଓଁ) ଅଟେ । ଏଥିରୁ ପ୍ରାପ୍ତି ହେଉଥିବା ଅମୃତମ୍ ଅର୍ଥାତ୍ ମୋକ୍ଷ ପ୍ରାପ୍ତି ନିମନ୍ତେ "ଓଁ" ମନ୍ତ୍ରର ଜପ ସମ୍ପୂର୍ଣ୍ଣ ଭାବରେ ମନୋବିବେଶ କରି ଦୃଢ଼ ଆତ୍ମ-ବିଶ୍ୱାସପୂର୍ବକ ଶରୀର ନଷ୍ଟ ହେବା ପର୍ଯ୍ୟନ୍ତ (କୃତମ୍) ସକାର୍ଯ୍ୟ (ବାୟୁଃ ଅନିଳମ୍) ନିଃଶ୍ୱାସ-ପ୍ରଶ୍ୱାସରେ (ସ୍ମର) ସ୍ମରଣ କର, ଏବଂ ସେହି ସ୍ମରଣ ପୂର୍ଣ୍ଣ ହୃଦୟର ସହିତ ଅର୍ଥାତ୍ (କ୍ଲିବେ ସ୍ମର୍) କିଲ୍‌ବିଲ୍ ବା ବ୍ୟାକୁଳ ହୋଇ କର, (କୃତଃ ସ୍ମର) ଏହାହିଁ ମଣିଷ ଜୀବନର ମୂଳ କାର୍ଯ୍ୟ ବୋଲି ଜାଣି ସ୍ମରଣ କର(ଯଜୁର୍ବେଦ ଅଧ୍ୟାୟ ୪୦ ମନ୍ତ୍ର ୧୫) ।

ପୁଣି ଯଜୁର୍ବେଦ ଅଧ୍ୟାୟ ୪୦ ମନ୍ତ୍ର ୧୭ରେ ବେଦ ଜ୍ଞାନଦାତା (ଗୀତା ଜ୍ଞାନଦାତା ମଧ୍ୟ ଏହି ପ୍ରଭୁ ଅଟନ୍ତି) । କହିଛନ୍ତି ଯେ ସେହି ପୂର୍ଣ୍ଣ ପରମାତ୍ମା ତ ଉପରେ ଥିବା ଲୋକରେ ପରୋକ୍ଷ ଅଟନ୍ତି ଅର୍ଥାତ୍ ଅବ୍ୟକ୍ତ ଅଟନ୍ତି । (ଅହମ୍ ଖମ୍ ବ୍ରହ୍ମ ଓମ୍) ମୁଁ ବ୍ରହ୍ମ ଅଟେ, ମୁଁ ଦିବ୍ୟ ଆକାଶ ରୂପୀ ବ୍ରହ୍ମ ଲୋକରେ ରୁହେ, ମୋର ମନ୍ତ୍ର

ଓଁ ଅଟେ । ଯଜୁର୍ବେଦ ଅଧ୍ୟାୟ ୪୦ ମନ୍ତ୍ର ୧୦ରେ ବେଦ ଜ୍ଞାନଦାତା କହିଛନ୍ତି ଯେ "କେହି ତ ପରମାତ୍ମାଙ୍କୁ (ସମ୍ଭବାତ୍) ଉତ୍ପନ୍ନ (ଜନ୍ମ) ହେଉଥିବା ଅବତାର ରୂପରେ ସାକାର ମାନିଥାଏ, କେହି (ଅସମ୍ଭବାତ୍) ଉତ୍ପନ୍ନ ନହେଉଥିବା ଅର୍ଥାତ୍ ନିରାକାର ମାନିଥାଏ । ସେହି ପରମାତ୍ମା ଜନ୍ମ ହୁଅନ୍ତି କି ନାହିଁ ବା ସେ ଯେପରି ହୁଅନ୍ତୁ, ସେ ବିଷୟରେ ଜ୍ଞାନ (ଧୀରାଣାମ୍) ତତ୍ତ୍ୱଦର୍ଶୀ ସନ୍ଥଗଣ କହିଥାନ୍ତି, ତାଙ୍କଠୁଁ (ଶୁଶ୍ରୁଃ) ଶୁଣ । (ଯଜୁର୍ବେଦ ଅଧ୍ୟାୟ ୪୦ ମନ୍ତ୍ର ୧୦) ଏହି ପ୍ରମାଣ ଗୀତା ଅଧ୍ୟାୟ ୪ ଶ୍ଳୋକ ୩୪ ରେ ଅଛି, ପରମାତ୍ମାଙ୍କ ବିଷୟରେ ସମ୍ପୂର୍ଣ୍ଣ ଜ୍ଞାନ ତତ୍ତ୍ୱଦର୍ଶୀ ସନ୍ଥ ହିଁ ବତାଇଥାନ୍ତି । ସେହି ସନ୍ଥଙ୍କୁ ଖୋଜି, ତାଙ୍କୁ ନିଷ୍କପଟ ଭାବରେ ଦଣ୍ଡବତ ପ୍ରମାଣ କରି ବିନମ୍ର ଭାବରେ ପ୍ରଶ୍ନ କଲେ ସେହି ତତ୍ତ୍ୱଦର୍ଶୀ ସନ୍ଥ ତୋତେ ତତ୍ତ୍ୱଜ୍ଞାନ ବିଷୟରେ ଉପଦେଶ ଦେବେ ।

ସୂକ୍ଷ୍ମ ବେଦରେ ମଧ କହିଛନ୍ତି ଯେ:-

*ନାମ ଉଠତ ନାମ ବୈଠତ, ନାମ ସୋୱତ ଜାଗରେ ।*
*ନାମ ଖାତେ ନାମ ପୀତେ, ନାମ ସେତୀ ଲାଗ ରେ ॥*

ଭାବାର୍ଥ :- ପରମାତ୍ମାଙ୍କ ସାଧନା କେବଳ ନାମ ଜପରେ ହୋଇଥାଏ, ସେହି ନାମ ଜପ, କାର୍ଯ୍ୟ କରୁଥିବା ଅବସ୍ଥାରେ କରନ୍ତୁ, ଶୋଇବା ପୂର୍ବରୁ, ସକାଳେ ଉଠିବା କ୍ଷଣୀ, ଖାଦ୍ୟ ଖାଇବା ସମୟରେ, ପାନୀୟ ପିଇବା ସମୟରେ ଅର୍ଥାତ୍ ସମସ୍ତ କାର୍ଯ୍ୟ ସଂପାଦନ କରି ନାମ(ମନ୍ତ୍ର)ର ସ୍ମରଣ କରନ୍ତୁ । ଭାବାର୍ଥ ଏହା ଅଟେ ଯେ ହଠଯୋଗ ନକରି କର୍ମଯୋଗରେ ସାଧନା (ଭକ୍ତି) କରନ୍ତୁ ।

## ''ଗୀତାରେ ଦୁଇ ପ୍ରକାରର ଜ୍ଞାନ ଅଛି''

ଗୀତାରେ ଯେଉଁ ଜ୍ଞାନ ପ୍ରଦାନ କରାଯାଇଛି; ତାହା ବେଦ (ଋଗ୍‌ବେଦ, ଯଜୁର୍ବେଦ, ସାମ୍‌ବେଦ, ଅଥର୍ବବେଦ) ଓ ସୂକ୍ଷ୍ମବେଦ ଯାହାକୁ ସଚ୍ଚିଦାନନ୍ଦ ଘନବ୍ରହ୍ମ ଅର୍ଥାତ୍ ସତ୍ୟପୁରୁଷ ନିଜ ମୁଖ କମଳରେ ଯେଉଁ ତତ୍ତ୍ୱଜ୍ଞାନ ପ୍ରଦାନ କରିଛନ୍ତି ଯଦି ଏହା ଉଭୟ ସହିତ ମେଳ ଖାଉ ନାହିଁ ତେବେ ତାହା ଭୁଲ୍ ଜ୍ଞାନ ଅଟେ । ତାହା ଗୀତା ଜ୍ଞାନଦାତାଙ୍କର ନିଜସ୍ୱ ମତ ଅଟେ, ଯାହା ସ୍ୱୀକାର୍ଯ୍ୟ ନୁହେଁ । ଗୀତା ଜ୍ଞାନଦାତା, କେତେକ ଶ୍ଳୋକରେ (ଗୀତା ଅଧ୍ୟାୟ ୧୩ ଶ୍ଳୋକ ୨, ଅଧ୍ୟାୟ ୭ ଶ୍ଳୋକ ୧୮, ଅଧ୍ୟାୟ ୬ ଶ୍ଳୋକ ୩୬, ଅଧ୍ୟାୟ ୩ ଶ୍ଳୋକ ୩୧ ଏବଂ ଅଧ୍ୟାୟ ୧୮ ଶ୍ଳୋକ ୭୦ ରେ) କହିଛନ୍ତି ଯେ "ଏହିପରି ମୋର ମତ ଅଟେ, ମୋର ବିଚାର ଅଟେ ।" ଶ୍ରୀମଦ୍‌ଭଗବତ୍ ଗୀତାରେ ଶତକଡ଼ା ୯୫ ଭାଗ ବେଦଜ୍ଞାନ ଅଛି, ଅବଶିଷ୍ଟ ଶତକଡ଼ା ୫ ଭାଗ ଗୀତା ଜ୍ଞାନଦାତାଙ୍କର ମତ ଅଛି । ଯଦି ତାହା ବେଦ ସହିତ ମେଳ ହେଉଛି ତେବେ ଠିକ୍ ନଚେତ୍ ବ୍ୟର୍ଥ ଅଟେ । ଉଦାହରଣ ପାଇଁ ଗୀତା ଅଧ୍ୟାୟ ୨ ଶ୍ଳୋକ ୩୭ରେ ବର୍ଣ୍ଣିତ ଲାଭ-କ୍ଷତି ବିଷୟରେ କହୁଛି । ସେଥିରେ କୁହାଯାଇଛି ଯେ ଏପଟେ ତୁ ଯୁଦ୍ଧରେ ଜିତି ପୃଥିବୀର ରାଜ୍ୟ ଭୋଗିବୁ ନଚେତ୍ ଯୁଦ୍ଧରେ ମରି ସ୍ୱର୍ଗକୁ ପ୍ରାପ୍ତି କରିବୁ । ତେଣୁ ହେ ଅର୍ଜୁନ ! ଯୁଦ୍ଧ କରିବା ପାଇଁ ପ୍ରସ୍ତୁତ ହୋଇ ଯାଅ (ଗୀତୀ ଅ.୨ ଶ୍ଳୋ.୩୭) । ପୁଣି ଗୀତାର ସେହି ଅଧ୍ୟାୟ ୨ ଶ୍ଳୋକ ୩୮ରେ ସଙ୍ଗେ ସଙ୍ଗେ ଏହାର ବିପରୀତ କଥା କହୁଛନ୍ତି ଯେ ଜୟ ପରାଜୟ ଅର୍ଥାତ୍ ହାରିବା-ଜିତିବା, ସୁଖ-ଦୁଃଖକୁ ସମାନ ମନେ କରି ଯୁଦ୍ଧ ପାଇଁ ପ୍ରସ୍ତୁତ ହୋଇ ଯାଅ, ଏହିପରି ଯୁଦ୍ଧ କଲେ ତୁ ପାପରେ ଭାଗୀ ହେବୁ ନାହିଁ । ଗୀତା ଅ.୨ ଶ୍ଳୋକ ୩୮)

ଗୀତା ଅଧ୍ୟାୟ ୧୧ ଶ୍ଳୋକ ୩୩ ରେ ମଧ ଏ ସମ୍ବନ୍ଧରେ ସ୍ପଷ୍ଟ କରି କୁହାଯାଇଛି ଯେ "ତୁ ଉଠ୍, ଯଶ ଲାଭ କର । ଶତ୍ରୁମାନଙ୍କୁ ଜିତି ଧନଧାନ୍ୟରେ ପରିପୂର୍ଣ୍ଣ ରାଜ୍ୟକୁ ଭୋଗ କର । ମୁଁ ତୋର ସମ୍ମୁଖରେ ଥିବା ଯୋଦ୍ଧାମାନଙ୍କୁ ପ୍ରଥମରୁ ହିଁ ମାରି ସାରିଛି, ତୁ କେବଳ ନିମିତ୍ତମାତ୍ର ହୋଇ ଯୁଦ୍ଧ କର ।''

''ପାଣ୍ଡବମାନଙ୍କ ଦ୍ୱାରା କରାଯାଇଥିବା ଯଜ୍ଞ''

ମହାଭାରତ ଗ୍ରନ୍ଥରେ ଗୋଟିଏ ପ୍ରକରଣ ଆସେ ଯେ କୁରୁକ୍ଷେତ୍ରର ସମର ପ୍ରାଙ୍ଗଣରେ ଯୁଦ୍ଧ ହେଲା, କୋଟି କୋଟି ସୈନିକ ମଲେ, କୋଟି କୋଟି ଭଉଣୀ ବିଧବା ହେଲେ, କୋଟି କୋଟି ପିଲା ଅନାଥ ହୋଇଗଲେ । ପାଣ୍ଡବ ଯୁଦ୍ଧ ଜିତିଗଲେ, କୌରବମାନଙ୍କର ସର୍ବନାଶ ହେଲା, ଦିଲ୍ଲୀ (ଇନ୍ଦ୍ରପ୍ରସ୍ଥ)ର ରାଜ ସିଂହାସନ ଉପରେ ଶ୍ରୀ ଯୁଧିଷ୍ଠିରଙ୍କୁ ବସାଇ ଶ୍ରୀକୃଷ୍ଣ 'ଦ୍ୱାରକା'କୁ ଚାଲିଗଲେ । ତା'ପରେ ରାଜା ଯୁଧିଷ୍ଠିରଙ୍କୁ ସ୍ୱପ୍ନରେ ଭୟଙ୍କର ଦୃଶ୍ୟ ସବୁ ଦେଖିବାକୁ ମିଳିଲା । ଯେଉଁଥିରେ ସେ ଦେଖିବାକୁ ପାଇଲେ ଯେ ମୁଣ୍ଡ ବିହିନ ବ୍ୟକ୍ତିଗଣ ତାଙ୍କ ରାଜମହଲ ଭିତରକୁ ପ୍ରବେଶ କରୁଛନ୍ତି । କୋଟି-କୋଟି ପିଲା ବାପା ! ବାପା ! କହି ଆକୁଳ ଚିତ୍କାର କରୁଥିବାର ଦେଖିବାକୁ ମିଳିଲା, କୋଟି କୋଟି ମୃତ ସୈନିକଙ୍କର ବିଧବା ପତ୍ନୀ - ହାୟ ସ୍ୱାମୀ ! ହାୟ ସ୍ୱାମୀ ! କହି କାନ୍ଦି ଚିତ୍କାର କରି ନିଜ ନିଜ ମୁଣ୍ଡ ବାଳକୁ ଉପାଡୁ ଥିବାର ଦେଖିବାକୁ ମିଳିଲା । ତାଙ୍କର ସେହି ପୀଡ଼ା ଓ ଯନ୍ତ୍ରଣାଦାୟକ ଦୃଶ୍ୟ ଦେଖି ମନେ ହେଉଥିଲା, ସତେ ଯେମିତି ସେମାନେ ଏହା କହୁଅଛନ୍ତି ଯେ ଆହେ ରାଜମହଲ ସୁଖ ଭୋଗିବା ପାଇଁ ଆମ ସିନ୍ଦୂର ପୋଛିଛ ! ଏହି ସନ୍ତାନମାନଙ୍କ ସହିତ ଆମ୍ଭମାନଙ୍କୁ ମଧ ମାରି ଦେ, ତୋର ଐଶ୍ୱର୍ଯ୍ୟ ଭୋଗ ପୂର୍ଣ୍ଣ ହୋଇଯିବ । କେତେଦିନ ରହିବୁ ତୁ ଏହି ରାଜ ସିଂହାସନ ଉପରେ ? ଦିନେ ସକାଳ ସମୟରେ ରାଜା ଯୁଧିଷ୍ଠିର ସ୍ନାନ କରିବାକୁ ଗଙ୍ଗା କୂଳକୁ ଗଲେ, ସେଠାରେ ହଜାର-ହଜାର ସଂଖ୍ୟାରେ ମହିଳାମାନେ ମଧ ନିଜର ସଧବା ଚୂଡ଼ି ଯାହାକି ବିଧବା ହେଲା ପରେ ଭଙ୍ଗାଯାଏ, ସେଗୁଡ଼ିକୁ ଜଳରେ ଭସାଇବା ପାଇଁ ସେହି ଗଙ୍ଗା ଘାଟ ନିକଟକୁ ଯାଇ କାନ୍ଦୁଥିଲେ, କେତେକ ମହିଳା ତ ମୁଣ୍ଡ ବୁଲାଇବା ଯୋଗୁଁ ତଳେ ପଡ଼ି ଯାଉଥିଲେ, ତାଙ୍କ ପୁଅ-ଝିଅମାନେ ମଧ ସେହି ବିଧବା ମା'ମାନଙ୍କ ଉପରେ ପଡ଼ି ଯାଇ କାନ୍ଦୁଥିଲେ । ଯେଉଁମାନେ ବୃଦ୍ଧା ମହିଳା ଥିଲେ ସେମାନଙ୍କ ହାତ ଧରି ଦୁଇ-ଦୁଇ ଜଣ ମହିଳା ଚାଲୁଥିଲେ ଏବଂ ସମସ୍ତେ କାନ୍ଦୁଥିଲେ । ଏହି ବିକଳ ଦୃଶ୍ୟ ଦେଖିବା ପରେ ରାଜା ଯୁଧିଷ୍ଠିର ସ୍ନାନ ନକରି ଫେରି ଆସିଲେ । ଦିନସାରା ସେହି କରୁଣ ଦୃଶ୍ୟ ସବୁ ଯୁଧିଷ୍ଠିରଙ୍କ ଆଖି ସାମ୍ନାରେ ନାଚୁଥିଲା । କିଛି ଖିଆ ପିଆ କଲେ ନାହିଁ, ରାତିରେ ଶୋଇବା ସମୟରେ ମଧ ସେହି ଦୃଶ୍ୟ ସବୁ ଆଖି ସାମ୍ନାରେ ନାଚୁଥିଲା । ସେ ବହୁତ ଚେଷ୍ଟା କରି ଶୋଇବାକୁ ଲାଗିଲେ ତ ସେହି ସ୍ୱପ୍ନ ଦେଖିବାକୁ ମିଳିଲା, ଯେଉଁଗୁଡ଼ିକ ପ୍ରଥମ ଦୁଇ ତିନି ଦିନ ଧରି ଦେଖୁଥିଲେ । ରାଜା ଯୁଧିଷ୍ଠିର ନା ଶୋଇପାରୁ ଥିଲେ ନା ଖାଇ ପାରୁଥିଲେ । ଆଖି କୋରଡରେ ପଶି ଗଲାପରି ଲାଗୁଥାଏ, ମନରେ ଭୟଭାବ । କିଛିଦିନ ହେଲା ନିଜ ବଡ଼ ପତିଙ୍କର ଏପରି ଦୁର୍ଦ୍ଦଶା ଦେଖି ଦ୍ରୌପଦୀ ବହୁତ ଥର କାରଣ ମଧ ପଚାରିଛନ୍ତି । ପରନ୍ତୁ ଉତ୍ତର ମିଳୁଥିଲା କିଛି ନୁହେଁ, କିଛି ନୁହେଁ । ଯେତେବେଳେ ଦ୍ରୌପଦୀଙ୍କୁ ସନ୍ତୋଷଜନକ ଉତ୍ତର ମିଳିଲା ନାହିଁ ଏବଂ ଯୁଧିଷ୍ଠିରଙ୍କର ଦୁର୍ଦ୍ଦଶା ଦିନକୁ ଦିନ ବଢିବାକୁ ଲାଗିଲା, ଏହା ଦେଖି ଦ୍ରୌପଦୀ ଅନ୍ୟ ପାଣ୍ଡବଙ୍କୁ ଏ ବିଷୟରେ ଅବଗତ କଲେ । ଚାରି ପାଣ୍ଡବ (ଭୀମ, ଅର୍ଜୁନ, ନକୁଳ ଓ ସହଦେବ) ବଡ଼ ଭାଇ ଯୁଧିଷ୍ଠିରଙ୍କ ପାଖକୁ ଗଲେ ଏବଂ ବିନମ୍ରତାପୂର୍ବକ ଅଶାନ୍ତିର କାରଣ ପଚାରିଲେ । ଯୁଧିଷ୍ଠିର ସେତେବେଳେ ମଧ କିଛି ନୁହେଁ ବୋଲି କହିଲେ । ପୁଣି କହିଲେ ଯେ ବଡ଼ ଭାଇ ଯେପର୍ଯ୍ୟନ୍ତ ଜୀବିତ ଅଛନ୍ତି ସେପର୍ଯ୍ୟନ୍ତ ଛୋଟମାନଙ୍କୁ ଚିନ୍ତା କରିବାର ଆବଶ୍ୟକତା ନାହିଁ ? କିନ୍ତୁ ଅର୍ଜ୍ଜୁନ କହିଲା, ବଡ଼ଭାଇ ! ଆମ୍ଭେ କ'ଣ ଛୋଟ ପିଲା ? ଆମ୍ଭେମାନେ କ'ଣ ଆମ୍ଭ ଭାଇଙ୍କ ଦୁଃଖରେ ଭାଗୀଦାର୍ ହୋଇ ପାରିବୁ ନାହିଁ । ଏହା ଶୁଣି ଯୁଧିଷ୍ଠିରଙ୍କ ଆଖିରୁ ଅଶ୍ରୁ ବୋହି ଆସିଲା ଏବଂ ସେ ଚାରିଭାଇଙ୍କୁ ଆଲିଙ୍ଗନ କରି ଛାତିରେ ଲଗାଇ ପୁଣି ସେମାନଙ୍କ ପାଟିରେ ହାତ ରଖି କହିଲେ ଯେ, ଏପରି ଆଦୌ କୁହ ନାହିଁ । ତୁମ୍ଭେମାନେ କେବଳ ମୋର ଭାଇ ନୁହଁ ମୋର ଜୀବନ ଅଟ ଏବଂ ପିତାଙ୍କ ଦାୟାଦ ଅଟ, ପରନ୍ତୁ ଏମିତି କୌଣସି କଥା ନାହିଁ ଯାହା ତୁମ୍ଭମାନଙ୍କୁ ମୁଁ ଲୁଚାଉଛି । ସହଦେବ ଅଶ୍ରୁଭରା ଆଖିରେ କହିଲେ, ବଡ଼ ଭାଇ ! ଜଣାପଡୁଛି, ଆପଣ ରାଜା ହେବା ପରେ ବେଇମାନ

- ଧୋକାବାଜ ହୋଇ ଯାଇଛନ୍ତି । ଆପଣ ଆମ୍ଭମାନଙ୍କୁ କିଛି ଲୁଚାଉଛନ୍ତି, ଆମ୍ଭ ଚାରିଜଣଙ୍କ ରାଣ; ସତ କହି ଦିଅନ୍ତୁ, ନଚେତ୍ ଆମ୍ଭେମାନେ ମଧ ଖାଇବା-ପିଇବା ଛାଡ଼ି ଦେବୁ । ଯୁଧିଷ୍ଠିରଙ୍କୁ ସେହି ଛୋଟ ଭାଇର ପ୍ରେମଭରା କଥା କେଇପଦ, ସେମାନଙ୍କ ଆଗରେ ନିଜର ଦୁଃଖ ପ୍ରକାଶ କରିବା ପାଇଁ ବାଧ କରିଦେଲା । ଏବେ ସେ ଯେଉଁ ସ୍ୱପ୍ନ ଦେଖୁଥିଲେ ଏବଂ ଗଙ୍ଗା ନଦୀ କୂଳରେ ଯେଉଁ କରୁଣ ଦୃଶ୍ୟ ଦେଖିଥିଲେ, ସେ ସମସ୍ତ ବିଷୟରେ କହି ଦେଲେ । ଶ୍ରୀକୃଷ୍ଣ, ପାଣ୍ଡବମାନଙ୍କର ଗୁରୁ ଥିଲେ । (ପ୍ରମାଣ ଗୀତା ଅଧ୍ୟାୟ୨ ଶ୍ଳୋକ ୭ ଓ ଅଧ୍ୟାୟ ୪ ଶ୍ଳୋକ ୩ ରେ ଅଛି) ।

ତେଣୁ ପଞ୍ଚୁପାଣ୍ଡବ ଦ୍ୱାରକା ଗଲେ ତଥା ଯୁଧିଷ୍ଠିରଙ୍କ ଅଶାନ୍ତି ବିଷୟରେ ଶ୍ରୀକୃଷ୍ଣଙ୍କୁ ଜଣାଇଲେ ଏବଂ ଏହି ସଙ୍କଟ ଆସିବାର କାରଣ ତଥା ତା'ର ସମାଧାନ ବିଷୟରେ ପ୍ରଶ୍ନ କଲେ । ଶ୍ରୀକୃଷ୍ଣ ଭାବିଚିନ୍ତି କହିଲେ ଯେ ଯୁଧିଷ୍ଠିରଙ୍କ ଉପରେ ଖରାପ ଆତ୍ମାମାନଙ୍କର ପ୍ରଭାବ ପଡ଼ିଛି ତଥା ଯୁଦ୍ଧରେ କରିଥିବା ବନ୍ଧୁହତ୍ୟାର ସମସ୍ତ ପାପ ତାଙ୍କୁ ଲାଗିଛି ।

ସମାଧାନ:- ଶ୍ରୀକୃଷ୍ଣଜୀ ଗୋଟିଏ ଅଶ୍ୱମେଧ ଯଜ୍ଞ କରିବାକୁ କହିଲେ । ସମଗ୍ର ପୃଥିବୀରେ ଯେତେ ସାଧୁ-ସନ୍ଥ, ଋଷି-ମହର୍ଷି, ବ୍ରାହ୍ମଣ, ନିଜ ସମ୍ପର୍କୀୟ ତଥା ସ୍ୱର୍ଗଲୋକର ଦେବତାମାନଙ୍କୁ ସେହି ଯଜ୍ଞରେ ଭୋଜନ ଦେବାକୁ କହିଲେ । ଗୋଟିଏ ପଞ୍ଚମୁଖୀ ଶଙ୍ଖ ଆଣ । ତାହାକୁ ଗୋଟିଏ ସୁସଜ୍ଜିତ ଚୌକି ଉପରେ ରଖାଯିବ । ଯେତେବେଳେ ସମସ୍ତ ଉପସ୍ଥିତ ଅତିଥି ଭୋଜନ କରି ସାରିବେ ସେତେବେଳେ ଏହି ଶଙ୍ଖ ଆପେ ଆପେ ବାଜି ଉଠିବ ଏବଂ ସେତେବେଳେ ଯାଇ ତୁମ୍ଭମାନଙ୍କର ଏହି ତିନି ତାପ(ଦୈହିକ, ଦୈବିକ, ଭୌତିକ ପୀଡ଼ା)ର ସଙ୍କଟ ସମାପ୍ତ ହେବ । ଯଦି ଶଙ୍ଖଟି ବାଜିବ ନାହିଁ ତେବେ ଯଜ୍ଞ ସଫଳ ହେବ ନାହିଁ, ସଙ୍କଟ ଲାଗି ରହିବ । ଏକଥା ଶୁଣି ଅର୍ଜୁନ ସ୍ତବ୍ଧ ହୋଇଗଲେ । ତାଙ୍କ ମୁଣ୍ଡ ଉପରେ ଚଡକ ପଡିବା ପରି ଲାଗିଲା । ସେ ଚିନ୍ତା କରିବାକୁ ଲାଗିଲେ ଯେ ଯେତେବେଳେ ଯୁଦ୍ଧ ପାଇଁ ପ୍ରସ୍ତୁତି ଚାଲିଥିଲା ଆଉ ମୁଁ ଯୁଦ୍ଧ କରିବା ପାଇଁ ମନା କରୁଥିଲି, ସେତେବେଳେ ଭଗବାନ କୃଷ୍ଣ ମୋତେ ଯୁଦ୍ଧ କରିବା ପାଇଁ ବାରମ୍ବାର ପ୍ରୋତ୍ସାହିତ କରୁଥିଲେ । କହୁଥିଲେ ଯେ ତୁମ୍ଭମାନଙ୍କୁ କୌଣସି ପାପ ଲାଗିବ ନାହିଁ, ତୁ ତ କେବଳ ନିମିତ୍ତ ମାତ୍ର । ତୋର ଦୁଇଟି ହାତରେ ଲଡୁ ଅଛି । ସେ ଏବେ କିନ୍ତୁ କହୁଛନ୍ତି:- ଯୁଦ୍ଧରେ କରିଥିବା ନରସଂହାରର ପାପ ତୁମମାନଙ୍କର ଶଙ୍କଟର କାରଣ ଅଟେ । ଆଉ ସମାଧାନ ବି ଏଭଳି ବତେଇଲେ ଯେ ସେ ସମୟରେ କୋଟି କୋଟି ଟଙ୍କା(ବର୍ତ୍ତମାନର ଖର୍ବ ଖର୍ବ ଟଙ୍କା) ଖର୍ଚ୍ଚ ହେବାର ଅଛି । ଏହି କଥାକୁ ମନରେ ବିଚାର କରି ଅର୍ଜୁନ ମନେ-ମନେ ରକ୍ତଚାଉଳ ଚୋବାଇ ଚିନ୍ତା କଲେ ଯେ ଆଜି ମୁଁ ଶ୍ରୀକୃଷ୍ଣ ଭଗବାନଙ୍କୁ ଯଦି ପ୍ରଶ୍ନ କରିବି:- ଗୀତାଜ୍ଞାନ ଦେବା ସମୟରେ ଆପଣ କହୁଥିଲେ ଯେ ଯୁଦ୍ଧ କର, ତୋତେ ପାପ ଲାଗିବ ନାହିଁ । ଏବେ କିନ୍ତୁ ସେହି ଯୁଦ୍ଧରେ କରିଥିବା ପାପ ଆମ୍ଭମାନଙ୍କ ସଙ୍କଟର କାରଣ ବୋଲି କହୁଛନ୍ତି । ମୋ ମୁଖରୁ ଭାଇ ଯୁଧିଷ୍ଠିର ଏକଥା ଶୁଣିଲେ ଭାବିବେ ଯେ ଖର୍ବ ଖର୍ବ ଟଙ୍କା ମୋ ଚିକିତ୍ସାରେ ଖର୍ଚ୍ଚ ହେବାର ଅଛି, ସେଥିପାଇଁ ଅର୍ଜୁନ ଯୁକ୍ତିତର୍କ କରୁଛି, ଇଏ ମୋର ଚିକିତ୍ସା କରିବାକୁ ଚାହେଁ ନାହିଁ । ତାଙ୍କ କାନରେ କଥା ପଡିଗଲେ ଇଏ ମରିଯିବେ ପଛେ, ଉପଚାର କରାଇବେ ନାହିଁ । ଏହିକଥା ଭାବି ଅର୍ଜୁନ ଯଜ୍ଞ କରିବା ପାଇଁ ତିଥି ଓ ସ୍ଥାନ ନିର୍ଦ୍ଧାରଣ କରି ଯଜ୍ଞ ପାଇଁ ପ୍ରସ୍ତୁତି କଲେ । ସେହି ଯଜ୍ଞରେ ୩୩ କୋଟି ଦେବତା, ୮୮ ହଜାର ଋଷି, ୧୨ କୋଟି ବ୍ରାହ୍ମଣ, ୫୬ କୋଟି ଯାଦବ (ଅର୍ଜୁନଙ୍କ ଶ୍ୱଶୁର ଘର ଦ୍ୱାରକାରୁ), ନଅ ଜଣ ନାଥ, ୮୪ ଜଣ ସିଦ୍ଧ ମହାତ୍ମା, ଅନ୍ୟ ନିମନ୍ତ୍ରିତ ଅତିଥି ମଧରେ ସାଧାରଣ ଜନତା ଆସିଲେ ତଥା ଭୋଜନ କଲେ ଏବଂ ଶ୍ରୀକୃଷ୍ଣ ଭଗବାନ ମଧ ଭୋଜନ କଲେ । ପରନ୍ତୁ ସେହି ପଞ୍ଚମୁଖୀ ଶଙ୍ଖଟି ଶବ୍ଦ କଲା ନାହିଁ । ପୁଣି ସନ୍ଥ ସୁଦର୍ଶନ (ସୁପଚ)ଜୀଙ୍କୁ ଡକାଯିବା ପରେ ସେହି ଶଙ୍ଖ ବାଜି ଉଠିଲା, ଯଜ୍ଞ ସମ୍ପୂର୍ଣ୍ଣ ହେଲା । ସେହି ସମୟରେ ପରମାତ୍ମା କରୁଣାମୟ ଋଷି ନାମରେ ପ୍ରକଟ ହୋଇଥିଲେ, ଯିଏକି ତତ୍ତ୍ୱଦର୍ଶୀ ସନ୍ଥ ରୂପରେ ଲୀଳା

କରିବା ପାଇଁ ପ୍ରତ୍ୟେକ ଯୁଗରେ ଏହି ଧରା ପୃଷ୍ଠକୁ ଆସନ୍ତି, ସେହି ସମୟରେ ଆସିଥିଲେ । ସୁଦର୍ଶନ ତାଙ୍କ ଶିଷ୍ୟ ଥିଲେ ତଥା ସତ୍ୟନାମ (ସତ୍‌ନାମ-ଯାହାକି ଦୁଇ ଅକ୍ଷର ବିଶିଷ୍ଟ ଅଟେ, ଗୋଟିଏ ଓଁ ଅନ୍ୟଟି ତତ୍)ର ଭକ୍ତି କରୁଥିଲେ । ଯାହାଙ୍କ ଦ୍ୱାରା ପାଣ୍ଡବମାନଙ୍କର ଯଜ୍ଞ ସଫଳ ହୋଇଥିଲା ତଥା ସେହି ତ୍ରିତାପରୁ ଆସିଥିବା ପାଣ୍ଡବମାନଙ୍କର ବିପଦ ସମାପ୍ତ ହୋଇଥିଲା, ଯାହାକି ନା ଶ୍ରୀକୃଷ୍ଣ ଭଗବାନ ଭୋଜନ କରିବା ଦ୍ୱାରା ନା ଉପରୋକ୍ତ ମହାନୁଭବମାନେ ଭୋଜନ କରିବା ଦ୍ୱାରା ସମାପ୍ତ ହୋଇଥିଲା । ଶ୍ରୀ ସୁଦର୍ଶନଜୀ ସେହି ପରମ ଅକ୍ଷର ବ୍ରହ୍ମ ଅର୍ଥାତ୍ ପୂର୍ଣ୍ଣ ପରମାତ୍ମାଙ୍କର ଭକ୍ତି କରୁଥିଲେ । ସୂକ୍ଷ୍ମ ବେଦରେ କୁହାଯାଇଛି ଯେ:-

ତୁମ କୌନ ରାମ କା ଜପତେ ଜାପମ୍ । ତାତେଁ କଟେଁ ନା ତୁହ୍ମରେଁ ତିନୌଁ ତାପମ୍ ॥

ଭାବାର୍ଥ:- ଆପଣ କେଉଁ ରାମଙ୍କର ଭକ୍ତି ବା ଜପ କରୁଛନ୍ତି, ଯେଉଁଥିପାଇଁ ଆପଣଙ୍କର ତିନି ତାପ ମଧ୍ୟ ସମାପ୍ତ ହେଉନାହିଁ, ମୋକ୍ଷ ତ ବହୁ ଦୂରର କଥା । ଏଥିପାଇଁ ମୋ (ସନ୍ଥ ରାମପାଲ) ନିକଟରେ ସେହି ସତ୍ୟ ସାଧନା ଅଛି, ଦୁଇ ଅକ୍ଷର ବିଶିଷ୍ଟ ସତ୍ୟନାମ ଅଛି । ଆସନ୍ତୁ ଓ ଦୀକ୍ଷା ନେଇ ନିଜର କଲ୍ୟାଣ କରନ୍ତୁ ।

ବର୍ତ୍ତମାନ ମୂଳ ପ୍ରସଙ୍ଗକୁ ଆସିବା ଯେ ଗୀତାରେ କିପରି ଦୁଇ ପ୍ରକାରର ଜ୍ଞାନ ଅଛି ଅର୍ଥାତ୍ ବିରୋଧାଭାସ ଅଛି । ପ୍ରଥମେ ଗୀତା ଜ୍ଞାନଦାତା ଯୁଦ୍ଧ କରାଇବା ପାଇଁ ନିଜର କୌଶଳ ପ୍ରୟୋଗ କରି ପ୍ରାଣପଣେ ଉଦ୍ୟମ କରି ଗୀତା ଜ୍ଞାନ ଦେଲେ । ତାହା ବେଦ ବିରୁଦ୍ଧ ଜ୍ଞାନ ଓ ସତ୍ୟଠାରୁ ଭିନ୍ନ ହୋଇଥିବା କାରଣରୁ ସ୍ୱୀକାର୍ଯ୍ୟ ନୁହେଁ, ଏହି ଜ୍ଞାନ ଗୀତା ଜ୍ଞାନଦାତାଙ୍କର ମତ ଅଟେ । ଏହି କାରଣରୁ ସେ ଗୀତା ଅଧ୍ୟାୟ ୧୨ ଶ୍ଳୋକ ୫ ରେ କହିଛନ୍ତି ଯେ ସେହି ସଚ୍ଚିଦାନନ୍ଦ ଘନବ୍ରହ୍ମଙ୍କ ଭକ୍ତି, କ୍ଲେଶ ଓ ଦୁଃଖପୂର୍ବକ ପ୍ରାପ୍ତ ହୋଇଥାଏ କିନ୍ତୁ ଏହି ବିଷୟରେ ବେଦରେ ଲେଖାଅଛି ଯେ ତତ୍ତ୍ୱଦର୍ଶୀ ସନ୍ଥ ମିଳିଯିବା ପରେ ସେହି ପରମାତ୍ମା (ପୂର୍ଣ୍ଣବ୍ରହ୍ମ)ଙ୍କ ଭକ୍ତି; କାର୍ଯ୍ୟ କରୁଥିବା ଅବସ୍ଥାରେ ନାମ ଜପ ସାଧନା କରି କରାଯାଏ ଯାହାକି ବହୁତ ସରଳ ଅଟେ । ଏଥିରୁ ପ୍ରମାଣିତ ହେଲା ଯେ ଗୀତା ଜ୍ଞାନଦାତା ନିଜର ଯେଉଁ ମତ ଦେଇଛନ୍ତି ଯଦି ତାହା ବେଦ (ଋଗ୍‌ବେଦ, ସାମବେଦ, ଯଜୁର୍ବେଦ, ଅଥର୍ବବେଦ ଓ ପଞ୍ଚମ ସୂକ୍ଷ୍ମବେଦ) ସହିତ ମେଳ ଖାଉ ନାହିଁ ତେବେ ତାହା ବ୍ୟର୍ଥ ଜ୍ଞାନ ଅଟେ । ସେହି ଜ୍ଞାନ ଗୀତା ଜ୍ଞାନଦାତାଙ୍କର ନିଜସ୍ୱ ଜ୍ଞାନ ଅଟେ । ତାହା ଆମ୍ଭେ ନା ଗ୍ରହଣ କରିବା ନା ସ୍ୱୀକାର କରିବା ।

ଅନ୍ୟ ପ୍ରମାଣ:- ଗୀତା ଅଧ୍ୟାୟ ୧୨ ଶ୍ଳୋକ ୮ ରୁ ୧୯ ସେ ନିଜ ମତ ଦେଇଛନ୍ତି । ଗୀତା ଅଧ୍ୟାୟ ୧୨ ଶ୍ଳୋକ ୮ ରେ ଗୀତା ଜ୍ଞାନଦାତା କହିଛନ୍ତି ଯେ ମୋଠାରେ ମନୋନିବେଶ କର, ମୋଠାରେ ନିଜ ବୁଦ୍ଧି ପ୍ରୟୋଗ କଲେ ମୋତେ ପ୍ରାପ୍ତ ହେବୁ । ଠିକ୍ ଏହିଭଳି (ଉର୍ଦ୍ଧ୍ୱମ୍) ଉପରବାଲା ଅବ୍ୟକ୍ତଙ୍କ ଭକ୍ତି କରିବୁ ତ ତାଙ୍କୁ ପାଇବୁ, ଏଥିରେ ତିଳେମାତ୍ରେ ସନ୍ଦେହ ନାହିଁ । (ଅଧ୍ୟାୟ ୧୨ ଶ୍ଳୋକ ୮)

ଗୀତା ଅଧ୍ୟାୟ ୧୨ ଶ୍ଳୋକ ୯ ରେ ଗୀତା ଜ୍ଞାନଦାତା କହୁଛନ୍ତି ଯେ ଯଦି ମୋତେ ପାଇବାକୁ ଚାହୁଁଛୁ ଏବଂ ଯଦି ନିଜ ମନକୁ ତୁ ମୋଠାରେ ଲଗାଇବା ପାଇଁ ଅସମର୍ଥ ତେବେ, ହେ ଧନଞ୍ଜୟ ! ଅର୍ଜୁନ ! ଅଭ୍ୟାସ ଯୋଗ ଅର୍ଥାତ୍ ନାମ-ଜପ ଓ ନିତ୍ୟପାଠ ଇତ୍ୟାଦି କରିବା, ଯାହାକୁ ଅଭ୍ୟାସ ସାଧନା କୁହାଯାଏ, ଏସବୁ କରି ମୋତେ ପ୍ରାପ୍ତ କରିବାକୁ ଇଚ୍ଛା କର ।

ଗୀତା ଅଧ୍ୟାୟ ୧୨ ଶ୍ଳୋକ ୧୦ରେ ଗୀତା ଜ୍ଞାନଦାତା କହୁଛନ୍ତି, ଯଦି ନାମ ଜପ, ନିତ୍ୟପାଠ ଇତ୍ୟାଦି ଅଭ୍ୟାସ କରିବାକୁ ତୁ ଅସମର୍ଥ ତେବେ (ମତ୍ କର୍ମ ପରମଃ) ମୋ ପାଇଁ ଶ୍ରେଷ୍ଠ କର୍ମ କରିବା ସାଧକ ହୋଇଯାଅ । ଏହି ପ୍ରକାରେ ମୋ ପାଇଁ ଶୁଭକର୍ମ କରିବା ଅବସ୍ଥାରେ ମଧ୍ୟ ତୁ ସିଦ୍ଧି ପ୍ରାପ୍ତ କରିବୁ ।

ଗୀତା ଅଧ୍ୟାୟ ୧୨ ଶ୍ଳୋକ ୧୧ରେ ଗୀତା ଜ୍ଞାନଦାତା କହୁଛନ୍ତି ଯେ ଯଦି (ମଦ୍ୟୋଗମ୍= ମତ୍ ଯୋଗମ୍) ମୋ ଦ୍ୱାରା ନିର୍ଦ୍ଦେଶିତ ଭକ୍ତି ସାଧନାରେ ଆଶ୍ରିତ ହୋଇ, ଉପରୋକ୍ତ ସାଧନା କରିବା ପାଇଁ

ତୁ ସକ୍ଷମ ନୁହେଁ ତେବେ(ଯତାତ୍ମବାନ୍=ଯତ୍ ଆତ୍ମବାନ୍) ଯତି ଆତ୍ମା ହୋଇ ଯାଆ । "ଯତି" ଶବ୍ଦର ଅର୍ଥ ହେଲା ଯାହାର ନିଜ ପତ୍ନୀ ବ୍ୟତୀତ ଅନ୍ୟ ନାରୀ ପ୍ରତି ବିଷୟ ବିକାର ଗ୍ରସ୍ତ ହୋଇ ମନରେ କଦାପି ଦୁର୍ବଳତା ଉତ୍ପନ୍ନ ହେଉ ନଥିବ, ତାକୁ ହିଁ ଯତିପୁରୁଷ କୁହାଯାଏ । ଯେପରି ଶ୍ରୀରାମଚନ୍ଦ୍ରଙ୍କୁ ଯତି ଅର୍ଥାତ୍ ସନ୍ଥ ଭାଷାରେ "ଜତି" କୁହାଯାଏ । ଶ୍ରୀ ସୁଖଦେବ = ଶ୍ରୀ ବ୍ୟାସଦେବଙ୍କ ପୁତ୍ର ଶ୍ରୀ ଶୁକଦେବଙ୍କୁ ମଧ୍ୟ ଯତି= ଜତି ପୁରୁଷ କୁହାଯାଏ ଏବଂ ଶ୍ରୀରାମଚନ୍ଦ୍ରଙ୍କ ପତ୍ନୀ ସୀତାଙ୍କୁ "ସତୀ" କୁହାଯାଏ । ସେଥିପାଇଁ କହିଛନ୍ତି ଯେ ଯତାତ୍ମବାନ୍ ଅର୍ଥାତ୍ ଯତି ପୁରୁଷ ହୋଇ ସମସ୍ତ କର୍ମଫଳକୁ ତ୍ୟାଗ କର । (ଗୀତା ଅଧ୍ୟାୟ ୧୨ ଶ୍ଳୋକ ୧୧)

ଗୀତା ଅଧ୍ୟାୟ ୧୨ ଶ୍ଳୋକ ୧୨ରେ ଗୀତା ଜ୍ଞାନଦାତା କହୁଛନ୍ତି ଯେ (ଅଭ୍ୟାସାତ୍) ନାମ ଜପ, ନିତ୍ୟପାଠ ଭଳି ଯେଉଁ ସବୁ ଅଭ୍ୟାସ କରାଯାଏ, ତାହାଠାରୁ ଜ୍ଞାନ ଶ୍ରେଷ୍ଠ ଅଟେ, ଅର୍ଥାତ୍ ଜିଜ୍ଞାସୁ ହୋଇ ଜ୍ଞାନ ପ୍ରାପ୍ତ କର । ଜ୍ଞାନଠାରୁ ଧ୍ୟାନ ଅର୍ଥାତ୍ ହଠ ସାଧନା କରି ସମାଧିସ୍ଥ ହେବାକୁ ଏଠାରେ ଗୀତା ଜ୍ଞାନଦାତାଙ୍କ ମତାନୁସାରେ ଧ୍ୟାନ ବୋଲି କୁହାଯାଇଛି, ଯାହାକୁ ସମସ୍ତ ଋଷି ଅନୁସରଣ କରିଥାନ୍ତି । ଯେପରି ବର୍ତ୍ତମାନ ସମୟରେ ଏହାକୁ **Meditation** (ମେଡ଼ିଟେସନ୍) କୁହାଯାଉଛି । ସମସ୍ତ କର୍ମର ଫଳକୁ ତ୍ୟାଗ କରିବା ଧ୍ୟାନଠାରୁ ଶ୍ରେଷ୍ଠ ଅଟେ, କାରଣ ତ୍ୟାଗ ଦ୍ୱାରା ତତକ୍ଷଣାତ୍ ଶାନ୍ତି ପ୍ରାପ୍ତି ହୁଏ । (ଏହା ଗୀତା ଜ୍ଞାନଦାତାଙ୍କର ମତ ଅଟେ) ।

ଗୀତା ଅଧ୍ୟାୟ ୧୨ ଶ୍ଳୋକ ୧୩-୧୪ ରେ ଗୀତା ଜ୍ଞାନଦାତା କହୁଛନ୍ତି ଯେ ଯେଉଁ ବ୍ୟକ୍ତି ସମସ୍ତ ପ୍ରାଣୀଙ୍କ ପ୍ରତି ଦ୍ୱେଷ ଭାବ ରହିତ ଅଟନ୍ତି, ସେ ସମସ୍ତଙ୍କର ମିତ୍ର ଓ ଦୟାଳୁ ଅଟନ୍ତି । ଯେପରି ରାଜା ଜନକ ଥିଲେ । ସେ ମମତା ରହିତ ଅହଙ୍କାର ରହିତ ସୁଖ ଦୁଃଖରେ ସମାନ ମନୋଭାବ ପୋଷଣ କରୁଥାନ୍ତି, ସେ କ୍ଷମାଶୀଳ ପୁରୁଷ ଥିଲେ । ଯେଉଁ (ଯୋଗୀ) ସାଧକ ନିରନ୍ତର ସନ୍ତୁଷ୍ଟ ରୁହନ୍ତି ସେ (ଯତାତ୍ମା) ଯତି ପୁରୁଷ ଅଟନ୍ତି, ସେ ଦୃଢ ସଙ୍କଳ୍ପଧାରୀ ଅଟନ୍ତି ଅର୍ଥାତ୍ ବେଦଜ୍ଞାନ ବା ନିଜ ମତାନୁସାରେ ଯେଉଁ ଜ୍ଞାନ ମୁଁ କହିଛି, ତାକୁ ଯିଏ ଦୃଢ ସଙ୍କଳ୍ପ ତଥା ମୋ ପ୍ରତି ସମର୍ପିତ ହୋଇ ପାଳନ କରିଥାଏ, ସେହି ଭକ୍ତ ମୋର ପ୍ରିୟ ଅଟେ ।

ଗୀତା ଜ୍ଞାନଦାତା ଏହିଭଳି ଗୀତା ଅଧ୍ୟାୟ ୧୨ ଶ୍ଳୋକ ୧୫ ରୁ ୧୯ରେ ନିଜର ଯେଉଁ ମତ ରଖିଛନ୍ତି ତାହା କେବଳ ନାସ୍ତିକତା ଆଡ଼କୁ ନେଇଯିବା ଭଳି ମତ ଅଟେ । ଯେପରି ଉପରେ କରା ଯାଇଥିବା ଉଲ୍ଲେଖରେ (ଗୀତା ଅଧ୍ୟାୟ ୧୨ ଶ୍ଳୋକ ୮ ରୁ ୧୨ ପର୍ଯ୍ୟନ୍ତ) କହିଛନ୍ତି ଯେ:-

ମୋଠାରେ ମନୋନିବେଶ କର, ଯଦି ନ ପାରୁଛୁ ତେବେ ନାମ ଜପ ଓ ନିତ୍ୟପାଠ ଇତ୍ୟାଦିର ଅଭ୍ୟାସ କର । ଅଭ୍ୟାସର ଅର୍ଥ ହେଲା ନିତ୍ୟପାଠ କର୍ମ ବାରମ୍ବାର କର । ନାମ-ଜପ, ନିତ୍ୟପାଠ କରି ମୋତେ ପାଇବାକୁ ଇଚ୍ଛା କର । ଯଦି ନାମ ଜପ, ନିତ୍ୟପାଠ କରିପାରିବୁ ନାହିଁ ତେବେ ମୋ ପାଇଁ ଅର୍ଥାତ୍ ପରମାତ୍ମାଙ୍କ ପାଇଁ କର୍ମପରାୟଣ ହୋଇଯାଅ । ଉଦାହରଣ ସ୍ୱରୂପ ଯେପରି ଧାର୍ମିକ କର୍ମ କରିବାକୁ ଯାଇ କେଉଁଠି କମ୍ବଳ ବାଣ୍ଟି ଦେଲେ ତ କେଉଁଠି ଭୋଜନ ଭଣ୍ଡାରାର ଆୟୋଜନ କଲେ, କେଉଁଠି ମନ୍ଦିର ନିର୍ମାଣ କଲେ, କେଁଉଠାରେ ପାନୀୟ ଜଳର ବ୍ୟବସ୍ଥା କଲେ, କେଉଁଠି ପକ୍ଷୀମାନଙ୍କୁ ଖାଦ୍ୟ ଦେବା ପାଇଁ ଶସ୍ୟାଦି ବୁଣିବା ଇତ୍ୟାଦିକୁ ଭଗବାନଙ୍କ ପ୍ରାପ୍ତି ନିମିତ୍ତ କର୍ମ କୁହନ୍ତି । ଏସବୁ କର୍ମ କରିବା ଦ୍ୱାରା କର୍ତ୍ତାଙ୍କୁ କିଛି ସିଦ୍ଧି ପ୍ରାପ୍ତ ହୋଇଥାଏ । ପ୍ରିୟ ପାଠକଗଣ ! ଧ୍ୟାନର ସହିତ ବିଚାର କରନ୍ତୁ, ଏହି ଲୋକରେ ଏସବୁ କର୍ମରୁ ମିଳୁଥିବା ଫଳ ବିଷୟରେ କୁହାଯାଇଛି ଯେ "ସିଦ୍ଧି" ପ୍ରାପ୍ତି ହୋଇଥାଏ । ପୁଣି ସାଧକ ଏହି ସିଦ୍ଧି ପ୍ରାପ୍ତି କରି ସ୍ୱୟଂ ଝଡ଼ା-ଫୁଙ୍କା, ଯନ୍ତ୍ର-ମନ୍ତ୍ର କରିବା, ଆଶୀର୍ବାଦ ଓ ଅଭିଶାପ ଦେବା ଯୋଗ୍ୟ ହୋଇଯାଏ ଏବଂ ମହର୍ଷି ଭାବରେ ପ୍ରସିଦ୍ଧି ଲାଭ କରିଥାଏ । (ଗୀତା ଅଧ୍ୟାୟ ୧୨ ଶ୍ଳୋକ ୧୦) ଯଦି ଭଗବାନଙ୍କ ପାଇଁ କର୍ମ କରି ନପାରୁଛ ତେବେ ଯତି (ଜତି)ପୁରୁଷ ହୋଇ କର୍ମଫଳ ତ୍ୟାଗ କର ।

ବିଚାର କରନ୍ତୁ:- ଯଦି ଭଗବାନଙ୍କ ପାଇଁ ଧାର୍ମିକ କର୍ମ କରି ପାରିବା ନାହିଁ, ତେବେ ଆଉ କେଉଁ କର୍ମ ବାକି ରହିଲା ଯାହାର ଫଳ ତ୍ୟାଗ କରିବାକୁ ହେବ ? ତେଣୁ ଏହାକୁ କୁହନ୍ତି ଅଯଥା ଜ୍ଞାନ, ଯେଉଁ ଜ୍ଞାନର କୌଣସି ଆଧର ନାହିଁ । (ଅଧ୍ୟାୟ ୧୨ ଶ୍ଳୋକ ୧୧) ପୁଣି ଗୀତା ଅଧ୍ୟାୟ ୧୨ ଶ୍ଳୋକ ୧୨ରେ ଚମତ୍କାର କରି ଦେଇଛନ୍ତି । ସେଥିରେ କୁହାଯାଇଛି ଯେ ଅଭ୍ୟାସ ଅର୍ଥାତ୍ ନାମଜପ ଓ ନିତ୍ୟପାଠ ରୂପୀ ଅଭ୍ୟାସ କର୍ମ ଅପେକ୍ଷା ଜ୍ଞାନ ଶ୍ରେଷ୍ଠ ଅଟେ ଯାହାକୁ ଗୀତା ଜ୍ଞାନଦାତା ନିଜର ମତ ବୋଲି କହୁଛନ୍ତି, ଏଠାରେ ଏହି ଜ୍ଞାନର ଚର୍ଚ୍ଚା ହୋଇଛି । ଜ୍ଞାନଠାରୁ ଧ୍ୟାନ **(Meditation)** ଅର୍ଥାତ୍ ହଠପୂର୍ବକ (ଜିଦ୍ ଧରି) ଗୋଟିଏ ଏକାନ୍ତ ସ୍ଥାନରେ (ଗୀତା ଅଧ୍ୟାୟ ୬ ଶ୍ଳୋକ ୧୦ ରୁ ୧୫ରେ କହିଥିବା ବିଧି ଯାହାକି ଗୀତା ଜ୍ଞାନଦାତାଙ୍କ ନିଜ ମତ ଅଟେ) ଆସନରେ ବସି କରିବା ସାଧନା ଶ୍ରେଷ୍ଠ ଅଟେ । ଧ୍ୟାନ ଅପେକ୍ଷା ଧାର୍ମିକ କର୍ମରୁ ମିଳିବାକୁ ଥିବା ଫଳକୁ ତ୍ୟାଗ କରିବା ଦ୍ୱାରା ତତକ୍ଷଣାତ୍ ଶାନ୍ତି ମିଳିଥାଏ । ଗୀତା ଅଧ୍ୟାୟ ୧୨ ଶ୍ଳୋକ ୧୧ରେ ସମସ୍ତ ଧାର୍ମିକ କର୍ମକୁ ମଧ ତ୍ୟାଗ କରିବା ପାଇଁ ଆଦେଶ ଅଛି । ଏହିଭଳି ଭାବେ ଏହି ପ୍ରକାରର ଜ୍ଞାନ ସାଧକମାନଙ୍କୁ ନାସ୍ତିକତା ଆଡ଼କୁ ଠେଲି ଦେଉଛି । ଏହା ଗୀତା ଜ୍ଞାନଦାତାଙ୍କର ଶାସ୍ତ୍ର ବିରୁଦ୍ଧ ଜ୍ଞାନ ଅଟେ, ଯେଉଁଥିପାଇଁ ସାଧକ ଶାସ୍ତ୍ରବିଧିକୁ ତ୍ୟାଗ କରି ମନମୁଖୀ ପୂଜା କରି ନିଜର ବହୁମୂଲ୍ୟ ମାନବ ଜୀବନକୁ ନଷ୍ଟ କରୁଛନ୍ତି । ଯଦି ଏହି ଜ୍ଞାନ ଉପଯୁକ୍ତ ଜ୍ଞାନ ହୋଇଥାନ୍ତା ଯେ ଯଦି ଭଗବାନଙ୍କଠାରେ ମନ ନ ଲାଗିବ ତେବେ ଅଭ୍ୟାସ(ନାମ ଜପ, ନିତ୍ୟପାଠ) କର, ଯଦି ଅଭ୍ୟାସ କରି ନ ପାରୁଛ ତେବେ ଭଗବାନଙ୍କ ପାଇଁ କର୍ମ କର, ଭଗବାନଙ୍କ ପାଇଁ କର୍ମ କରି ନ କରିପାରିଲେ ଯଦି ସମସ୍ତ କର୍ମର ଫଳ ତ୍ୟାଗ କରିବା ତେବେ ଏହି ଚାରିବେଦ ଓ ଶ୍ରୀମଭଗବତ ଗୀତାରେ ଲିଖିତ ଅନ୍ୟ ୬୫୦ଟି ଶ୍ଳୋକର (କାରଣ ପାଖପାଖି ୫୦ଟି ଶ୍ଳୋକରେ ଗୀତା ଜ୍ଞାନଦାତାଙ୍କର ଏପରି ଜ୍ଞାନ ଅଛି ଯାହା ତାଙ୍କର ନିଜସ୍ୱ ଅଛି) କି ଆବଶ୍ୟକତା ଥିଲା ? କେବଳ ଏହି ୪-୫ ଟି ଶ୍ଳୋକ ପର୍ଯ୍ୟାପ୍ତ ହୋଇଥାନ୍ତା, ଅନ୍ୟ ଶ୍ଳୋକର ଆବଶ୍ୟକତା ପଡ଼ି ନଥାନ୍ତା । ଏହି ପ୍ରକାରେ ଗୀତା ଜ୍ଞାନଦାତା ନିଜର ଯେଉଁ ମତ ଦେଇଛନ୍ତି ଯାହା ବେଦ ବିରୁଦ୍ଧ ଅଟେ ତାହା ସ୍ୱୀକାର୍ଯ୍ୟ ନୁହେଁ । ଗୀତା ଅଧ୍ୟାୟ ୧୨ ଶ୍ଳୋକ ୨୦ରେ ନିଜର ଅଜ୍ଞାନତାକୁ ଲୁଚାଇବା ପାଇଁ ପୁଣି କହିଛନ୍ତି ଯେ ଯେଉଁ (ଶ୍ରଦ୍ଦ୍ୟାନାଃ) ସାଧକ ଶ୍ରଦ୍ଧାର ସହିତ (ମତ୍ପରମାଃ) = ମତ୍ ପରମାଃ) ମୋ ଠାରୁ ଶ୍ରେଷ୍ଠ ପରମେଶ୍ୱରଙ୍କୁ (ପର୍ଯୁ୍ୟବାସତେ) ପୂଜା କରନ୍ତି, ସେମାନେ ମୋର ଅଧିକ ପ୍ରିୟ ଅଟନ୍ତି । ଯେପରିକି ପ୍ରାରମ୍ଭରେ ବର୍ଣ୍ଣିତ ଅଛି ଯେ ଗୀତା ଅଧ୍ୟାୟ ୫ ଶ୍ଳୋକ ୧୪ ରୁ ୧୬, ୨୦, ୨୪, ୨୫,୨୬ ରେ ମଧ ପ୍ରମାଣ ଅଛି ଯେ ଗୀତା ଜ୍ଞାନଦାତା ନିଜଠାରୁ ଭିନ୍ନ ଅନ୍ୟ ପ୍ରଭୁ(ଭଗବାନ)ଙ୍କ ବିଷୟରେ କହିଛନ୍ତି । ଗୀତା ଅଧ୍ୟାୟ ୫ ଶ୍ଳୋକ ୧୪ ରେ ଗୀତା ଜ୍ଞାନଦାତା କହିଛନ୍ତି ଯେ (ପ୍ରଭୁ) ପରମାତ୍ମା କୌଣସି ମନୁଷ୍ୟର ନା କର୍ତ୍ତାପଣିଆକୁ, ନା କର୍ମକୁ, ନା କର୍ମଫଳର ସଂଯୋଗକୁ ଉତ୍ପତ୍ତି କରିଥାନ୍ତି, କିନ୍ତୁ ସମସ୍ତ ପ୍ରାଣୀ ନିଜ ନିଜ ସ୍ୱଭାବର ବଶବର୍ତ୍ତୀ ହୋଇ କର୍ମ କରନ୍ତି ।

ଗୀତା ଅଧ୍ୟାୟ ୫ ଶ୍ଳୋକ ୧୫:- (ବିଭୁଃ) ସର୍ବବ୍ୟାପୀ ଅର୍ଥାତ୍ ବାସୁଦେବ ଯାହାଙ୍କ ବିଷୟରେ ଗୀତା ଅଧ୍ୟାୟ ୩ ଶ୍ଳୋକ ୧୪-୧୫ ରେ ବର୍ଣ୍ଣନା କରାଯାଇଛି । କୁହାଯାଇଛି ଯେ ସମସ୍ତ ପ୍ରାଣୀଙ୍କର ଉତ୍ପତ୍ତି ଅନ୍ନରୁ ହୋଇଥାଏ, ଅନ୍ନ ବର୍ଷାରୁ ଉତ୍ପନ୍ନ ହୁଏ, ବର୍ଷା ଧାର୍ମିକ ଅନୁଷ୍ଠାନ ଅର୍ଥାତ୍ ଯଜ୍ଞରୁ ହୁଏ । ଯଜ୍ଞ ଶାସ୍ତ୍ରାନୁକୂଳ ଧାର୍ମିକ କର୍ମରୁ ଉତ୍ପନ୍ନ ହୋଇଥାଏ । ଧାର୍ମିକ କର୍ମ ତ ବ୍ରହ୍ମ ଅର୍ଥାତ୍ କ୍ଷରପୁରୁଷଠାରୁ ଉତ୍ପନ୍ନ ହୋଇଥାଏ । ବ୍ରହ୍ମ ଅର୍ଥାତ୍ କ୍ଷରପୁରୁଷ (ଅକ୍ଷରଃ ସମ୍ ଉଦଭବମ୍) ଅବିନାଶୀ ପରମାତ୍ମା ଅର୍ଥାତ୍ ପରମ ଅକ୍ଷର ବ୍ରହ୍ମଙ୍କଠାରୁ ଉତ୍ପନ୍ନ ହୋଇଛି ବୋଲି ଜାଣ । ଏଥିରୁ ପ୍ରମାଣିତ ହୁଏ ଯେ (ସର୍ବଗତମ୍ ବ୍ରହ୍ମ) ସର୍ବବ୍ୟାପୀ ପରମାତ୍ମା ଅର୍ଥାତ୍ "ବିଭୁଃ" ସର୍ବବ୍ୟାପୀ ପରମେଶ୍ୱର ନା କାହାରି ପାପ, ନା କାହାରି ଶୁଭକର୍ମକୁ ଗ୍ରହଣ କରନ୍ତି । ତାଙ୍କ ପ୍ରତି ସମସ୍ତ (ଜନ୍ତବଃ) ଜୀବ-ଜନ୍ତୁ ଓ ମନୁଷ୍ୟ ମୋହିତ ହେଉଛନ୍ତି ।

ଗୀତା ଅଧ୍ୟାୟ ୫ ଶ୍ଳୋକ ୧୬ ଓ ୧୭କୁ ପଢିବା ପରେ ସ୍ପଷ୍ଟ ହୋଇଯିବ ଯେ ଗୀତା ଜ୍ଞାନଦାତା ନିଜ ବ୍ୟତୀତ ଅନ୍ୟ ପରମେଶ୍ୱରଙ୍କ ବିଷୟରେ କହିଛନ୍ତି । ଏହିପରି ଭାବରେ ଗୀତା ଅଧ୍ୟାୟ ୫ ଶ୍ଳୋକ ୨୦, ୨୪, ୨୫, ୨୬ କୁ ଗୀତାର ଅନ୍ୟ ଅନୁବାଦକମାନଙ୍କ ଦ୍ୱାରା କରାଯାଇଥିବା ସରଳାର୍ଥ ଦ୍ୱାରା ବୁଝାଯାଇ ପାରିବ ।

ଠିକ୍ ଏହିପରି ଗୀତା ଅଧ୍ୟାୟ ୬ ଶ୍ଳୋକ ୭ରେ ସ୍ପଷ୍ଟ ଭାବରେ "ପରମାତ୍ମା" ଶବ୍ଦ ମୂଳପାଠରେ ଲେଖାଯାଇଛି, ଯାହାକି ଗୀତା ଜ୍ଞାନଦାତାଙ୍କଠାରୁ ଭିନ୍ନ ଅନ୍ୟ "ପରମାତ୍ମା"ଙ୍କ ପ୍ରମାଣ ଅଟେ, କାରଣ ଗୀତା ଅଧ୍ୟାୟ ୧୫ ଶ୍ଳୋକ ୧୭ ରେ କୁହାଯାଇଛି ଯେ ଶ୍ଳୋକ ନଂ ୧୬ରେ ବର୍ଣ୍ଣିତ ଦୁଇ ପୁରୁଷଙ୍କ ମଧ୍ୟରୁ ଜଣେ କ୍ଷରପୁରୁଷ ଓ ଅନ୍ୟ ଜଣେ ଅକ୍ଷର ପୁରୁଷଙ୍କ ବ୍ୟତୀତ ଅନ୍ୟ କେହି ଉତ୍ତମ ପୁରୁଷ ଅର୍ଥାତ୍ ପୁରୁଷୋତ୍ତମ ଅଛନ୍ତି ଯାହାଙ୍କୁ (ପରମାତ୍ମା ଇତି ଉଦାହୃତ) ପରମାତ୍ମା କୁହାଯାଏ । ସେ ତିନିଲୋକରେ ପ୍ରବେଶ କରି ସମସ୍ତଙ୍କର ଧାରଣ ପୋଷଣ କରିଥାନ୍ତି, ସେ ହିଁ ଅବିନାଶୀ ପରମାତ୍ମା ଅଟନ୍ତି । ଏଥିରେ (ଗୀତା ଅଧ୍ୟାୟ ୧୫ ଶ୍ଳୋକ ୧୭) ମଧ୍ୟ "ପରମାତ୍ମା" ଶବ୍ଦ ଲେଖାଯାଇଛି । ଏହିଭଳି ଭାବରେ ଗୀତାରେ ଲିଖିତ ଅମୃତ ଜ୍ଞାନକୁ ବୁଝିବା ଆବଶ୍ୟକ, କେବଳ ଗୀତାକୁ ଉଚ୍ଚାରଣ କରି ପଢିଦେଲେ ଆତ୍ମକଲ୍ୟାଣ ହେବ ନାହିଁ, ଏଥିରେ ଲିଖିତ ଗୂଢ ଅମୃତଜ୍ଞାନକୁ ବୁଝିସାରିବା ପରେ ତଦାନୁସାରେ ନିଜର ଧାର୍ମିକ କାର୍ଯ୍ୟ କରିବା ଦ୍ୱାରା ସୁଖ ପ୍ରାପ୍ତି, ସିଦ୍ଧି-ଶକ୍ତି ପ୍ରାପ୍ତି ଓ ପରମଗତି ଅର୍ଥାତ୍ ସମ୍ପୂର୍ଣ୍ଣ ମୋକ୍ଷ ପ୍ରାପ୍ତି ଆଦି ତିନିପ୍ରକାରର ଲାଭ ହେବ ଯାହା ଗୀତା ଅଧ୍ୟାୟ ୧୬ ଶ୍ଳୋକ୨୩ ରେ ଏହା କୁହାଯାଇଛି ।

ଏବେ ପୁନର୍ବାର ସେହି ପ୍ରସଙ୍ଗ ଉପରେ ଆଲୋଚନା କରିବା ଯେ ପ୍ରଶ୍ନକର୍ତ୍ତା ଜାଣିବାକୁ ଚାହୁଁଛନ୍ତି ଯେ, "ଗୀତା ଜ୍ଞାନଦାତାଙ୍କଠାରୁ ଭିନ୍ନ ପୂର୍ଣ୍ଣ ପରମାତ୍ମା କିଏ ଅଟନ୍ତି ଏବଂ ସେ ନିଜ ବ୍ୟତୀତ ଅନ୍ୟ କେଉଁ ପରମେଶ୍ୱରଙ୍କ ଶରଣକୁ ଯିବା ପାଇଁ କହୁଛନ୍ତି ?

ଉତ୍ତର ଦିଆଯାଉଛି । ଏହି ବିଷୟ ତ ସ୍ପଷ୍ଟ ହୋଇସାରିଛି ଯେ ଗୀତା ଜ୍ଞାନଦାତାଙ୍କଠାରୁ "ପରମ ଅକ୍ଷର ବ୍ରହ୍ମ" ଭିନ୍ନ ଅଟନ୍ତି । ଗୀତା ଅଧ୍ୟାୟ ୧୮ ଶ୍ଳୋକ ୬୨ରେ ସେହି ପରମେଶ୍ୱର(ପରମ ଅକ୍ଷର ପୁରୁଷ)ଙ୍କ ଶରଣକୁ ଯିବା ପାଇଁ କୁହାଯାଇଛି । ଗୀତା ଅଧ୍ୟାୟ ୧୮ ଶ୍ଳୋକ ୬୬, ଗୀତା ଅଧ୍ୟାୟ ୮ ଶ୍ଳୋକ ୨୮, ଗୀତା ଅଧ୍ୟାୟ ୧୨ ଶ୍ଳୋକ ୬ ରୁ ୭ ରେ କୁହାଯାଇଛି ଯେ ପୂର୍ଣ୍ଣ ପରମାତ୍ମାଙ୍କୁ ପ୍ରାପ୍ତି କରିବା ପାଇଁ ମୋର ଭକ୍ତି ମଧ୍ୟ କରାଯାଏ, ଯେପରି ଗୀତା ଅଧ୍ୟାୟ ୧୭ ଶ୍ଳୋକ ୨୩ ରେ "ଓମ୍ (ଓଁ) ତତ୍ ସତ୍" ଏହି ତିନୋଟି ମନ୍ତ୍ରର ଜପ, ପରମ ଅକ୍ଷର ବ୍ରହ୍ମଙ୍କ ପ୍ରାପ୍ତି ପାଇଁ ଅଛି । ଗୀତା ଅଧ୍ୟାୟ ୮ ଶ୍ଳୋକ ୧୩ରେ ଗୀତା ଜ୍ଞାନଦାତା ନିଜ ସାଧନାର କେବଳ ଗୋଟିଏ ମନ୍ତ୍ର "ଓମ୍" (ଓଁ) ବିଷୟରେ କହିଛନ୍ତି ।ପୂର୍ଣ୍ଣ ପରମାତ୍ମାଙ୍କ ପ୍ରାପ୍ତି ପାଇଁ ସାଧକ "ଓଁ" ମନ୍ତ୍ରର ଜପ ମଧ୍ୟ କରିଥାଏ । ତେଣୁ ଗୀତା ଅଧ୍ୟାୟ ୮ ଶ୍ଳୋକ ୨୮ ରେ କୁହାଯାଛି ଯେ:- ଯୋଗୀ ଅର୍ଥାତ୍ ଭକ୍ତ; ତତ୍ତ୍ୱଜ୍ଞାନ ଦ୍ୱାରା ଏହି ରହସ୍ୟକୁ ଜାଣି ଯେପରି ବେଦାନୁସାରେ ଭକ୍ତି କରିବା ଦ୍ୱାରା, ବେଦାନୁସାରେ ଯଜ୍ଞ ଅର୍ଥାତ୍ ଧାର୍ମିକ ଅନୁଷ୍ଠାନ କରିବା ଦ୍ୱାରା ତପ ଅର୍ଥାତ୍ ନିଜ ଧର୍ମ ଉପରେ ଦୃଢତାର ସହିତ ମନୋନିବେଶ କରିବା ଦ୍ୱାରା ଯେଉଁ ଶାରୀରିକ, ମାନସିକ କଠିନତାକୁ ସହ୍ୟ କରିବାକୁ ପଡ଼େ, ସେହି ତପ ଓ ଦାନରୁ ଯେଉଁ ପୁଣ୍ୟଫଳ ମିଳିଥାଏ ଅର୍ଥାତ୍ ଧାର୍ମିକ କର୍ମରେ ଭକ୍ତି ଫଳ ମିଳିଥାଏ, ତାହାକୁ ସେ (ଅତ୍ୟେତି) ଉଲଂଘନ କରିଥାଏ ଅର୍ଥାତ୍ ତ୍ୟାଗ କରି ଦିଏ, ସେ (ଆଦ୍ୟ) ସନାତନ (ପରମ୍) ଅନ୍ୟ = ଭିନ୍ନ (ସ୍ଥାନମ୍) ଧାମକୁ ପ୍ରାପ୍ତ କରିଥାଏ ।

ଗୀତା ଅଧ୍ୟାୟ ୧୨ ଶ୍ଳୋକ ୬ ରୁ ୭ ରେ କୁହାଯାଇଛି ଯେ:- ଯିଏ (ମତ୍ପରାଃ = ମତ ପରାଃ) ମୋଠାରୁ ଭିନ୍ନ ପରମାତ୍ମାଙ୍କର ଭକ୍ତି କରୁଥିବା ସମସ୍ତ ଭକ୍ତଗଣ, ମୋ ପାଇଁ କରିଥିବା ସମସ୍ତ ପ୍ରକାରର ଭକ୍ତିକର୍ମ ମୋତେ ଅର୍ପଣ କରି ମୋ'ଠାରେ ତ୍ୟାଗ କରି ଦିଅନ୍ତି । ଅନନ୍ୟ ଭକ୍ତିରେ ମୋଠାରୁ ଭିନ୍ନ ସେହି ଅନ୍ୟ ପରମେଶ୍ୱରଙ୍କୁ ଭଜନ୍ତି ।

ଗୀତା ଅଧ୍ୟାୟ **୧୨** ଶ୍ଳୋକ *୭* ରେ ବର୍ଣ୍ଣନା ଅଛି ଯେ ହେ ଅର୍ଜୁନ**!** ମୋଠାରେ ଚିତ୍ତ ନିବେଶ କରିଥିବା ମୋର ଜ୍ଞାତା (ଆବେଶିତ) ଆତୁର ହୋଇ (ଚେତାସାମ୍) ମୋତେ ଚେତି ସାରିଛନ୍ତି ତଥା ମୋତେ ଜାଣି ସାରିଛନ୍ତି । ସେହି ଭକ୍ତମାନଙ୍କୁ ମୁଁ ଅତି ଶୀଘ୍ର ସଂସାର ସାଗରରୁ (ସମ୍ ଉଦ୍ଧର୍ତ୍ତା= ସମୁଦ୍ଧର୍ତ୍ତା) ସେହିଭଳି ଉଦ୍ଧାର କରି ଦେଇଥାଏ । ଗୀତା ଅଧ୍ୟାୟ ୧୮ ଶ୍ଳୋକ *୬୬* ରେ କୁହାଯାଇଛି ଯେ:-

*ସର୍ବ ଧର୍ମାନ୍ ପରିତ୍ୟଜ୍ୟ ମାମ୍, ଏକମ୍ ଶରଣମ୍ ବ୍ରଜ ।*
*ଅହମ୍ ତ୍ୱା ସର୍ବ ପାପେଭ୍ୟଃ ମୋକ୍ଷୟିଷ୍ୟାମି ମା ଶୁଚଃ ॥*

ଅନ୍ୟ ଅନୁବାଦକର୍ତ୍ତା ଗୀତା ଅଧ୍ୟାୟ **୧୮** ଶ୍ଳୋକ *୬୬*ର ଅନୁବାଦ ନିମ୍ନରେ ଯେଉଁଭଳି କରିଛନ୍ତି ତାହା ଭୁଲ୍ ଅଟେ:- ସମ୍ପୂର୍ଣ୍ଣ ଧର୍ମ ଅର୍ଥାତ୍ ସମ୍ପୂର୍ଣ୍ଣ କର୍ମକୁ ମୋଠାରେ ତ୍ୟାଗ କରି ତୁ କେବଳ ମୋ (ଏକ ସର୍ବଶକ୍ତିମାନ୍ ସର୍ବାଧାର ପରମେଶ୍ୱର) ଶରଣକୁ (ବ୍ରଜ) ଆସିଯାଆ । ଏହା ଭୁଲ୍ ଅଟେ ।

ବିଚାର କରନ୍ତୁ:- ଗୀତା ଅଧ୍ୟାୟ ୧୮ ଶ୍ଳୋକ *୪୬*, *୬୨*; ଅଧ୍ୟାୟ **୧୫** ଶ୍ଳୋକ**୧**, ୪ ଓ **୧୭**ରେ ସର୍ବଶକ୍ତିମାନ୍ ସର୍ବାଧାର ପରମାତ୍ମା ତ ଅନ୍ୟ କେହି ଅଟନ୍ତି ବୋଲି ସେ କହିଛନ୍ତି, ଯାହାଙ୍କୁ ଗୀତା ଅଧ୍ୟାୟ ୮ ଶ୍ଳୋକ ୩ ରେ ପରମ ଅକ୍ଷର ବ୍ରହ୍ମ କୁହାଯାଇଛି । ଏଠାରେ ଗୀତା ଅଧ୍ୟାୟ **୧୮** ଶ୍ଳୋକ *୬୬*ରେ ଅନୁବାଦକର୍ତ୍ତା ତାଙ୍କ ନିଜ ତରଫରୁ ଅଯଥା ମହିମା ଯୋଡ଼ିଛନ୍ତି ଯାହାକି ମୂଲ୍ୟହୀନ ଅଟେ । ପୁଣି କହିଛନ୍ତି ଯେ ସମ୍ପୂର୍ଣ୍ଣ କର୍ମକୁ ମୋ ନିକଟରେ ତ୍ୟାଗ କରି ମୋ ଶରଣକୁ ଆସିଯାଆ । ଏହା ମଧ ନ୍ୟାୟସଙ୍ଗତ ନୁହେଁ । ଯଦି କେହି କହିବେ ଯେ ସମସ୍ତ କର୍ମ ମୋ ନିକଟରେ ତ୍ୟାଗ କରି ମୋର ଶରଣକୁ ଆସି ଯାଆ ତେବେ ଏଥିରୁ ମଧ ସ୍ପଷ୍ଟ ହେଉଛି ଯେ ସମସ୍ତ ଧାର୍ମିକ କର୍ମରୁ ଉପାର୍ଜିତ ଭକ୍ତିଧନକୁ ମୋଠାରେ ତ୍ୟାଗ କରି ଅନ୍ୟ ଶରଣକୁ ଯାଆ । ସାଧରଣତଃ "ବ୍ରଜ" ଶବ୍ଦର ଅର୍ଥ ଯିବା ଅଟେ, ଆସିବା କେବେ ବି ଏହାର ଅର୍ଥ କରାଯାଇ ପାରିବ ନାହିଁ । ଯେପରି ଇଂରାଜୀ ଶବ୍ଦ **"Go"** ର ଅର୍ଥ ଯିବା ଅଟେ, ତାହାର ଅର୍ଥକୁ ଆସିବା କରିବା ଅନୁଚିତ୍ । ପୁଣି ଅନ୍ୟ ଏକ ପ୍ରମାଣ ଗୀତା ଅଧ୍ୟାୟ ୨ ଶ୍ଳୋକ ୭ ରେ ଅର୍ଜୁନ କହୁଛନ୍ତି ଯେ ମୁଁ ଆପଣଙ୍କର ଶିଷ୍ୟ ଅଟେ, ଆପଣଙ୍କ ଶରଣରେ ଅଛି, ମୋତେ ଉଚିତ୍ ଶିକ୍ଷା ଦିଅନ୍ତୁ । ପୁଣି ଗୀତା ଜ୍ଞାନଦାତା ଗୀତା ଅଧ୍ୟାୟ ୪ ଶ୍ଳୋକ ୩ ରେ କହିଛନ୍ତି ଯେ ତୁ ମୋର ଭକ୍ତ ଓ ସଖା ଅଟୁ । 'ମୋର ଶରଣକୁ ଆସ'ଏଠାରେ ଗୀତା ଅଧ୍ୟାୟ **୧୮** ଶ୍ଳୋକ *୬୬*ର ଏପରି ଅନୁବାଦ କରିବା ସମ୍ପୂର୍ଣ୍ଣ ରୁପେ ଭୁଲ୍ ଅଟେ କାରଣ ଅର୍ଜୁନ ତ ପ୍ରଥମରୁ ଶ୍ରୀକୃଷ୍ଣଙ୍କ ଶରଣରେ ଥିଲା, ଏକଥା ପୂର୍ବରୁ ପ୍ରମାଣିତ ହୋଇସାରିଛି । ତତ୍ତ୍ୱଜ୍ଞାନ ଅଭାବରୁ ଅନୁବାଦକମାନେ ବାସ୍ତବିକ ଅର୍ଥକୁ ଅନର୍ଥ କରିଛନ୍ତି ।

ଗୀତା ଜ୍ଞାନଦାତା ଗୀତା ଅଧ୍ୟାୟ **୧୮** ଶ୍ଳୋକ *୬୨*ରେ କହିଛନ୍ତି ଯେ ସେହି ପରମେଶ୍ୱରଙ୍କ ଶରଣକୁ ଯାଅ, ସେହି ପରମେଶ୍ୱରଙ୍କ କୃପାରେ ତୁ ପରମ ଶାନ୍ତି ଓ ସନାତନ ପରମଧାମ ପ୍ରାପ୍ତ କରିବୁ । ଗୀତା ଅଧ୍ୟାୟ **୧୮** ଶ୍ଳୋକ *୪୬*ରେ କୁହାଯାଇଛି ଯେ "ଯେଉଁ ପରମେଶ୍ୱରଙ୍କଠାରୁ ସମସ୍ତ ପ୍ରାଣୀଙ୍କର ଉତ୍ପତ୍ତି ହୋଇଛି ଏବଂ ଯାହାଙ୍କ ଦ୍ୱାରା ସମସ୍ତ ଜଗତ ପରିବ୍ୟାପ୍ତ, ମାନବ ନିଜର ସ୍ୱାଭାବିକ କର୍ମ କରିବା ସହିତ ସେହି ପରମେଶ୍ୱରଙ୍କର ପୂଜା କରି ପରମ ସିଦ୍ଧି ପ୍ରାପ୍ତି କରିଥାଏ । ଗୀତା ଅଧ୍ୟାୟ **୧୫** ଶ୍ଳୋକ **୧୭**ରେ ସ୍ପଷ୍ଟ କରିଛନ୍ତି ଯେ ଶ୍ଳୋକ **୧୬**ରେ କୁହା ଯାଇଥିବା ଦୁଇ ପୁରୁଷ (କ୍ଷରପୁରୁଷ ଓ ଅକ୍ଷର ପୁରୁଷ)ଙ୍କଠାରୁ ଉତ୍ତମ ପୁରୁଷ ତ କେହି ଅନ୍ୟ ହିଁ ଅଟନ୍ତି ଯାହାଙ୍କୁ ପରମାତ୍ମା କୁହାଯାଏ । ସେ ହିଁ ତିନିଲୋକରେ ପ୍ରବେଶ କରି ସମସ୍ତଙ୍କର ଧାରଣ ପୋଷଣ କରିଥାନ୍ତି । ସେହି ହିଁ ପ୍ରକୃତରେ ଅବିନାଶୀ ପରମାତ୍ମା ଅଟନ୍ତି । ଗୀତା ଅଧ୍ୟାୟ **୧୫** ଶ୍ଳୋକ ୪ରେ କହିଛନ୍ତି ଯେ ତତ୍ତ୍ୱଦର୍ଶୀ ସନ୍ଥଙ୍କ ପ୍ରାପ୍ତି ପରେ ପରମେଶ୍ୱରଙ୍କର ସେହି ପରମପଦକୁ ଅନ୍ୱେଷଣ କରିବା ଉଚିତ୍, ଯେଉଁଠିକୁ ଯିବା ପରେ ସାଧକ କଦାପି ଲେଉଟି କରି ଏହି ସଂସାରକୁ ଆସେ ନାହିଁ । ଯେଉଁ ପରମେଶ୍ୱରଙ୍କଠାରୁ ଏହି ସଂସାର ରୂପୀ ଓଲଟ ବୃକ୍ଷର ପ୍ରବୃତ୍ତି ବିସ୍ତାର

ଲାଭ କରିଛି, ତାଙ୍କରି ଭକ୍ତି କର ।

ଗୀତା ଜ୍ଞାନଦାତା ନିଜ ସ୍ଥିତି ବିଷୟରେ ଗୀତା ଅଧ୍ୟାୟ ୨ ଶ୍ଳୋକ ୧୨, ଅଧ୍ୟାୟ ୪ ଶ୍ଳୋକ ୫, ଅଧ୍ୟାୟ ୧୦ ଶ୍ଳୋକ ୨ରେ ସ୍ପଷ୍ଟ ଭାବେ କହିସାରିଛନ୍ତି ଯେ ଅର୍ଜୁନ ! ତୋର ଏବଂ ମୋର ବହୁତ ଜନ୍ମ ହୋଇସାରିଛି, ଆଗକୁ ମଧ୍ୟ ହେବ, ତୁ ଜାଣି ନାହୁଁ ମୁଁ ଜାଣିଛି । ଯେଉଁ ପ୍ରଭୁଙ୍କର ଜନ୍ମ-ମୃତ୍ୟୁ ହୁଏ ସେ ମଧ୍ୟ ଅବିନାଶୀ ନୁହଁନ୍ତି, ତେଣୁ ତାଙ୍କ ଉପାସକ ମଧ୍ୟ ଜନ୍ମ-ମୃତ୍ୟୁ ଚକ୍ରରେ ରହିବେ, ତେଣୁ ବ୍ରହ୍ମ (ଓଁ) ସାଧକ ସେହି ମୋକ୍ଷ ପାଇପାରିବ ନାହିଁ ଯେଉଁ ମୋକ୍ଷ ବିଷୟରେ ଗୀତା ଅଧ୍ୟାୟ ୧୫ ଶ୍ଳୋକ ୪ରେ କୁହାଯାଇଛି ଯେ ଯେଉଁଠିକୁ ଯିବା ପରେ ପୁନର୍ଜନ୍ମ ହୁଏ ନାହିଁ । ଗୀତା ଅଧ୍ୟାୟ ୧୮ ଶ୍ଳୋକ ୬୬ର ପ୍ରକୃତ ଅନୁବାଦ ଏହି ପ୍ରକାରେ ଅଟେ ।

ଅନୁବାଦ:- ("ସର୍ବ ଧର୍ମାନ୍") ସମ୍ପୂର୍ଣ୍ଣ ଧାର୍ମିକ କର୍ମ, ଯେଉଁଗୁଡ଼ିକ ମୋ ଉପାସନା ନିମିତ୍ତ ଅଟେ, ସେହି ଭକ୍ତି କର୍ମ ଉପାର୍ଜନକୁ (ମାମ୍) ମୋଠାରେ (ପରିତ୍ୟଜ୍ୟ) ତ୍ୟାଗ କରି ତୁ (ଏକମ୍) ସେହି ଏକ, ଯାହାଙ୍କ ସମକକ୍ଷ ଆଉ କେହି ନାହାଁନ୍ତି, ଅଦ୍ୱିତୀୟ ସର୍ବଶକ୍ତିମାନ ପରମେଶ୍ୱର ଅର୍ଥାତ୍ ପରମ ଅକ୍ଷର ବ୍ରହ୍ମଙ୍କ (ଶରଣମ୍) ଶରଣକୁ (ବ୍ରଜ) ଯାଆ । (ଅହମ୍ ତ୍ୱା) ମୁଁ ତୋତେ (ସର୍ବ ପାପେଭ୍ୟଃ) ସମସ୍ତ ପାପରୁ (ମୋକ୍ଷୟିଷ୍ୟାମି) ମୁକ୍ତ କରିଦେବି, (ମା ଶୁଚଃ) ଆଦୌ ଦୁଃଖ କର ନା । ଗୀତା ଅଧ୍ୟାୟ ୧୮ ଶ୍ଳୋକ ୬୬ରେ ଗୀତା ଜ୍ଞାନଦାତା କହିଛନ୍ତି ଯେ ମୋ ଉପାସନା ପାଇଁ ଯେଉଁ ମନ୍ତ୍ର ଅଛି, ସେଥିରୁ ଉପାର୍ଜିତ ଭକ୍ତି ଧନକୁ ମୋଠାରେ ତ୍ୟାଗ କରି ତୁ କେବଳ ସେହି ଏକ ଅର୍ଥାତ୍ ଯାହାଙ୍କ ସମାନ ଅନ୍ୟ କୌଣସି ଶକ୍ତି ନାହାଁନ୍ତି, ଅଦ୍ୱିତୀୟ ସର୍ବ ଶକ୍ତିମାନ୍ ପରମେଶ୍ୱର ଅର୍ଥାତ୍ ପରମ ଅକ୍ଷର ବ୍ରହ୍ମଙ୍କ ଶରଣକୁ ଯାଆ, ମୁଁ ତୋତେ ସମସ୍ତ ପାପରୁ ମୁକ୍ତ କରିଦେବି, ଆଦୌ ଦୁଃଖ କରନା । (ଗୀତା ଅଧ୍ୟାୟ ୧୮ ଶ୍ଳୋକ ୬୬)

ବିଶ୍ଳେଷଣ :- ଗୀତା ଅଧ୍ୟାୟ ୧୭ ଶ୍ଳୋକ ୨୩ରେ ଗୀତା ଜ୍ଞାନଦାତା ସଙ୍କେତ ଦେଇଛନ୍ତି ଯେ, ସେହି (ବ୍ରାହ୍ମଣଃ) ସଚ୍ଚିଦାନନ୍ଦ ଘନ ବ୍ରହ୍ମ ଅର୍ଥାତ୍ ପରମ ଅକ୍ଷର ବ୍ରହ୍ମଙ୍କ ପ୍ରାପ୍ତି ପାଇଁ "ଓଁ ତତ୍ ସତ୍" ଏହି ତିନୋଟି ମନ୍ତ୍ରର ଜପ ବିଷୟରେ ଉଲ୍ଲେଖ କରାଯାଇଛି । ଏହାକୁ ଜପ କରିବା ପାଇଁ ନିର୍ଦ୍ଦେଶ ଅଛି । ପୁଣି ଗୀତା ଅଧ୍ୟାୟ ୮ ଶ୍ଳୋକ ୧୩ରେ ନିଜ ଉପାସନାର ମନ୍ତ୍ର କହିଛନ୍ତି ଯେ:- ମୋ(ବ୍ରହ୍ମ)ର ଭକ୍ତି ପାଇଁ କେବଳ ଗୋଟିଏ ଅକ୍ଷର "ଓମ୍" (ଓଁ) ଅଟେ, ଯିଏ ଏହି ମନ୍ତ୍ରକୁ ଉଚ୍ଚାରଣ କରୁଥିବା ଅବସ୍ଥାରେ ଶରୀର ତ୍ୟାଗ କରେ ତାକୁ ମୋର ପରମଗତି(ମୋକ୍ଷ)ମିଳିଥାଏ । "ଓଁ" ଜପ ବ୍ରହ୍ମଙ୍କର ଜପ ଅଟେ, ତେଣୁ ଏହା ଦ୍ୱାରା ବ୍ରହ୍ମଲୋକ ପ୍ରାପ୍ତି ହୁଏ, ଏହି ଶ୍ରେଣୀର ପରମଗତି ଓଁ ଜପ ଦ୍ୱାରା ହୋଇଥାଏ ଯାହାକୁ ଗୀତା ଅଧ୍ୟାୟ ୭ ଶ୍ଳୋକ ୧୮ରେ ଅତି ନିକୃଷ୍ଟ ଅର୍ଥାତ୍ ଅଶ୍ରେଷ୍ଠ କୁହାଯାଇଛି । କାରଣ ଗୀତା ଅଧ୍ୟାୟ ୮ ଶ୍ଳୋକ ୧୬ ରେ କହିଛନ୍ତି ଯେ ବ୍ରହ୍ମଲୋକ ପର୍ଯ୍ୟନ୍ତ ଯେତେ ଲୋକ ଅଛି, ସେଠାକୁ ଯାଇଥିବା ସାଧକ ପୁନରାବର୍ତ୍ତୀରେ ଅଛନ୍ତି ଅର୍ଥାତ୍ ବ୍ରହ୍ମଲୋକ ପର୍ଯ୍ୟନ୍ତ ଯାଇଥିବା ସାଧକ ପୁଣି ଜନ୍ମ-ମୃତ୍ୟୁ ଚକ୍ରରେ ହିଁ ରୁହନ୍ତି । ତେଣୁ ଗୀତା ଜ୍ଞାନଦାତା ଉପରୋକ୍ତ ଗୀତା ଅଧ୍ୟାୟ୧୮ ଶ୍ଳୋକ ୪୬, ୬୨, ୬୬; ଅଧ୍ୟାୟ ୧୫ ଶ୍ଳୋକ ୪ ଓ ୧୭ରେ ଅନ୍ୟ କୌଣସି ସମର୍ଥ ପରମେଶ୍ୱରଙ୍କ ଶରଣକୁ ଯିବାକୁ କହିଛନ୍ତି । "ଓଁ ତତ୍ ସତ୍" ଜପ ମନ୍ତ୍ରରେ(ଅଧ୍ୟାୟ ୧୭ ଶ୍ଳୋକ ୨୩ ମନ୍ତ୍ର ଓଁ ତତ୍ ସତ୍) ଯେଉଁ "ଓଁ" ମନ୍ତ୍ର ଅଛି, ତାହା ବ୍ରହ୍ମର ଜପ ଅଟେ । ଏହି ବ୍ରହ୍ମଙ୍କୁ ଗୀତା ଅଧ୍ୟାୟ ୧୫ ଶ୍ଳୋକ ୧୬ରେ କ୍ଷରପୁରୁଷ କୁହାଯାଇଛି ଏବଂ ଅନ୍ୟ ଜଣକୁ ଅକ୍ଷର ପୁରୁଷ କୁହାଯାଇଛି । ଅକ୍ଷର ପୁରୁଷର ଜପମନ୍ତ୍ର "ତତ୍" ଯାହା ସାଙ୍କେତିକ ଅଟେ ଏବଂ ଗୀତା ଅଧ୍ୟାୟ ୧୫ ଶ୍ଳୋକ ୧୭ ରେ କୁହାଯାଇଛି ଯେ"ଉତ୍ତମ ପୁରୁଷଃ ତୁ ଅନ୍ୟଃ" ପୁରୁଷୋତ୍ତମ ଅର୍ଥାତ୍ ସର୍ବଶ୍ରେଷ୍ଠ ସର୍ବ ଶକ୍ତିମାନ ପୁରୁଷ ତ କ୍ଷରପୁରୁଷ ଏବଂ ଅକ୍ଷର ପୁରୁଷଙ୍କଠାରୁ ଭିନ୍ନ ଅଟନ୍ତି । ତାଙ୍କର ମନ୍ତ୍ର "ସତ୍" ଯାହାକି ସାଙ୍କେତିକ ଅଟେ । ସେହି ପରମେଶ୍ୱର ଅର୍ଥାତ୍ ପରମ ଅକ୍ଷର ବ୍ରହ୍ମ ଯାହାଙ୍କୁ ସନ୍ଥ ଭାଷାରେ ସତ୍ୟପୁରୁଷ ମଧ୍ୟ କୁହନ୍ତି, ତାଙ୍କର ସେହି ପରମପଦ ଅର୍ଥାତ୍ ସନାତନ ପରମଧାମ

ଯାହାକୁ ସନ୍ଥ ଭାଷାରେ "ସତ୍ୟଲୋକ" କୁହନ୍ତି, ଏହି ସତ୍ୟଲୋକକୁ ଯିବା ପାଇଁ ଅର୍ଥାତ୍ ପୂର୍ଣ୍ଣମୋକ୍ଷ ପାଇବା ପାଇଁ ଗୀତା ଅଧ୍ୟାୟ ୧୭ ଶ୍ଳୋକ ୨୩ ରେ ଲିଖିତ "ଓଁ ତତ୍ ସତ୍" ମନ୍ତ୍ରର ଜପ କରିବାକୁ ପଡ଼ିବ । ଏହି ପୂର୍ଣ୍ଣ ମୋକ୍ଷ ପ୍ରାପ୍ତି ପାଇଁ ସଂସାରରେ ଅନ୍ୟ କୌଣସି ମନ୍ତ୍ର ନାହିଁ । "ତତ୍-ସତ୍" ଏହି ଦୁଇଟି ମନ୍ତ୍ର ଭିନ୍ନ ଅଟେ, ଯାହାକୁ ଉପଦେଶଙ୍କୁ ଦୀକ୍ଷା ଦେବା ସମୟରେ କୁହାଯାଇ ଥାଏ । "ଓଁ" ଜପ ମନ୍ତ୍ରଟି ବ୍ରହ୍ମ = କ୍ଷରପୁରୁଷଙ୍କର ଅର୍ଥାତ୍ ଗୀତା ଜ୍ଞାନଦାତାଙ୍କର ଅଟେ ଯାହାଙ୍କର ଉପାସନା "ଓଁ" ମନ୍ତ୍ରର ଜପ ଦ୍ୱାରା ହୋଇଥାଏ । "ଓଁ" ନାମ ଜପର ଉପାର୍ଜନ ଅର୍ଥାତ୍ ଧାର୍ମିକ କର୍ମ ବ୍ରହ୍ମଙ୍କୁ ତ୍ୟାଗ କରିବାକୁ ପଡିବ । ତତ୍ତ୍ୱଜ୍ଞାନ ଅଭାବରୁ ପୂର୍ବରୁ ଆମ୍ଭେ ଏହି "ଓଁ" ମନ୍ତ୍ର ଜପର ଉପାର୍ଜନ (ଭକ୍ତିଧନ)କୁ ବ୍ରହ୍ମଲୋକକୁ ଯାଇ ସେଠାରେ ସମାପ୍ତ କରି ଦେଉଥିଲୁ ଏବଂ ପାପ ଅର୍ଥାତ୍ କରଜ (**Loan**) ବାକି ରହି ଯାଉଥିଲା । ନର୍କ ଓ ୮୪ ଲକ୍ଷ ପ୍ରକାରର ପ୍ରାଣୀଙ୍କ ଶରୀରରେ କଷ୍ଟ ଭୋଗୀ ସେହି ବକୟା ପାପ ରୂପୀ ଋଣ ପରିଶୋଧ କରୁଥିଲୁ । ଏବେ କିନ୍ତୁ ଆଉ ସେହି ପୂର୍ବ ଭୁଲ୍ ନ ଦୋହରାଇ ଆମ୍ଭେ ଏହି "ଓଁ" ମନ୍ତ୍ରର ଜପ କରି ଯେତେ ଭକ୍ତିଧନ ଉପାର୍ଜନ (ଅର୍ଜନ) କରିଥିବା, ସେହି ଉପାର୍ଜନକୁ ବ୍ରହ୍ମଙ୍କୁ ଅର୍ପଣ କରିଦେବା, ଏହାର ଫଳକୁ ବ୍ରହ୍ମଲୋକରେ ଭୋଗ କରିବା ନାହିଁ, ଏହି ଉପାର୍ଜନର ପ୍ରତିଫଳ ସ୍ୱରୂପ ବ୍ରହ୍ମ ଅର୍ଥାତ୍ କ୍ଷରପୁରୁଷ ଆମ୍ଭମାନଙ୍କର ସମସ୍ତ ପାପ ଅର୍ଥାତ୍ ଋଣକୁ ସମାପ୍ତ କରିଦେବେ । ଗୀତା ଅଧ୍ୟାୟ ୧୮ ଶ୍ଳୋକ ୬୬ ର ଏହା ପ୍ରକୃତ ଭାବାର୍ଥ ଅଟେ । ତା'ପରେ ଆମ୍ଭେ "ତତ୍" ମନ୍ତ୍ରଜପର ଉପାର୍ଜନକୁ ଅକ୍ଷର ପୁରୁଷ ଅର୍ଥାତ୍ ପରବ୍ରହ୍ମ(ଗୀତା ଜ୍ଞାନଦାତାଙ୍କଠାରୁ ଭିନ୍ନ ବ୍ରହ୍ମ)ଙ୍କୁ ଅର୍ପଣ (ତ୍ୟାଗ) କରିଦେବୁ । ସେ ହେଉଛନ୍ତି ସାତଶଙ୍ଖ ବ୍ରହ୍ମାଣ୍ଡର ମାଲିକ, ତାଙ୍କ ଲୋକ(କ୍ଷେତ୍ର)କୁ ଅତିକ୍ରମ କରି ସନାତନ ପରମଧାମ (ସତ୍ୟଲୋକ)କୁ ଯିବା ପାଇଁ ତାଙ୍କୁ ଭଡ଼ା ଦେବାକୁ ପଡ଼ିବ । ଅନ୍ୟ ଶବ୍ଦରେ ଟୋଲ୍ ଟ୍ୟାକ୍ସ **(Toll Tax)** କୁହାଯାଇ ଯାହା "ତତ୍" ମନ୍ତ୍ର ଜପର ଉପାର୍ଜନରେ ପୂର୍ଣ୍ଣ ହୋଇଥାଏ । ତା'ପରେ "ସତ୍" ମନ୍ତ୍ର ଯାହାକି ସତ୍ୟପୁରୁଷ (ପରମ ଅକ୍ଷର ବ୍ରହ୍ମ)ଙ୍କ ଜପ (ମନ୍ତ୍ର) ଅଟେ, ଏହି ମନ୍ତ୍ରର ଉପାର୍ଜନ ବଳରେ ଆମ୍ଭେ ପରମେଶ୍ୱରଙ୍କର ସେହି ପରମପଦ ଅର୍ଥାତ୍ ସନାତନ ପରମଧାମ (ସତ୍ୟଲୋକ)କୁ ପ୍ରାପ୍ତ କରିପାରିବା, ଯେଉଁଠିକୁ ଯିବା ପରେ ସାଧକ ପୁନର୍ବାର ସଂସାରକୁ ପ୍ରତ୍ୟାବର୍ତ୍ତନ କରିନଥାଏ, ସଦା ସର୍ବଦା ପାଇଁ ପରମଶାନ୍ତି ଅର୍ଥାତ୍ ପୂର୍ଣ୍ଣମୋକ୍ଷ ପ୍ରାପ୍ତି କରିଥାଏ । ଏହି ସମ୍ପୂର୍ଣ୍ଣ ଭକ୍ତି ସାଧନା ମୋ (ସନ୍ଥ ରାମପାଲ ଦାସଙ୍କ) ପାଖରେ ଅଛି, ଆସନ୍ତୁ ଏବଂ ନିଜର କଲ୍ୟାଣ କରାନ୍ତୁ ।

ଏହା ହେଉଛି ଗୀତା ଅଧ୍ୟାୟ ୧୮ ଶ୍ଳୋକ ୬୬ ର ଅନୁବାଦ । ତେଣୁ କହିଛନ୍ତି "ଗୀତା ତୋ'ର ଜ୍ଞାନ ଅମୃତ" ଅଟେ । ଉପରୋକ୍ତ ପ୍ରମାଣଗୁଡ଼ିକରୁ ସିଦ୍ଧ ହେଲା ଯେ ଗୀତା ଜ୍ଞାନଦାତାଙ୍କଠାରୁ ପୂର୍ଣ୍ଣ ପରମାତ୍ମା ଭିନ୍ନ (ଅନ୍ୟ) ଅଟନ୍ତି । ତାଙ୍କରି ଶରଣକୁ ଯିବା ପାଇଁ ଗୀତା ଜ୍ଞାନଦାତା ଗୀତା ଅଧ୍ୟାୟ ୧୮ ଶ୍ଳୋକ ୬୨ ଓ ୬୬ ରେ କୁହାଯାଇଛି । ଏହି ଅମୂଲ୍ୟ ଜ୍ଞାନକୁ ଠିକ୍‌ରେ ବୁଝି ନପାରି ଅଜ୍ଞାନୀ ବ୍ୟକ୍ତିମାନେ ଓଲଟା ଅର୍ଥ କରି କହୁଛନ୍ତି ଯେ ଗୀତା ଜ୍ଞାନଦାତା ନିଜ ଶରଣକୁ ଆସିବା ପାଇଁ କହୁଛନ୍ତି ।

ଯେପରି କୌଣସି ବ୍ୟକ୍ତିଙ୍କର ମୁଖ୍ୟମନ୍ତ୍ରୀଙ୍କ ପାଖରୁ କିଛି କାର୍ଯ୍ୟ ଅଛି ଏବଂ ସେହି ବ୍ୟକ୍ତି ମନ୍ତ୍ରୀଙ୍କ ପାଖରେ ଛିଡ଼ା ହୋଇଛି । ସେ ମନ୍ତ୍ରୀଙ୍କୁ ଅନୁରୋଧ କରୁଛି ଯେ ଆଜ୍ଞା ମୋର ଏହି କାର୍ଯ୍ୟଟିକୁ କରିଦିଅନ୍ତୁ । ମନ୍ତ୍ରୀ ବୁଦ୍ଧିମାନ, ସେ କାହାରିକୁ ଭ୍ରମିତ କରନ୍ତି ନାହିଁ । ଉତ୍ତରରେ ସେ ଏହା କହିବେ ଯେ ଆପଣ ଯଦି ଏହି କାର୍ଯ୍ୟ କରାଇବାକୁ ଚାହୁଁଛନ୍ତି ତେବେ ଆପଣ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ଯାଆନ୍ତୁ, ତାଙ୍କରି କୃପାରେ ଆପଣଙ୍କର କାର୍ଯ୍ୟ ହୋଇ ପାରିବ । ସେହି ମନ୍ତ୍ରୀ ଜଣକ ଗୋଟିଏ ଦରଖାସ୍ତ ଲେଖିଦେଇ ତାଙ୍କୁ ଦେଲେ ଏବଂ କହିଲେ, ଆପଣ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ଯାଆନ୍ତୁ, ତାଙ୍କରି କୃପାରେ ଆପଣଙ୍କର କାର୍ଯ୍ୟ ସମ୍ପାଦନ ହୋଇ ପାରିବ । ଏଠାରେ କେହି ମୂର୍ଖ ବ୍ୟକ୍ତି ଏହାର ଯଦି ଏହି ଅର୍ଥ କରିବ ଯେ ମନ୍ତ୍ରୀ ମହାଶୟ ନିଜ ପାଖକୁ ଆସିବା ପାଇଁ କହୁଛନ୍ତି ତେବେ ଏହି ଅର୍ଥ ଭୁଲ୍ ଅଟେ । ସେହି ଆଶାୟୀ ବ୍ୟକ୍ତି କାର୍ଯ୍ୟ ସମ୍ପାଦନ

କରିବାକୁ ଆସି ମନ୍ତ୍ରୀଙ୍କ ନିକଟରେ ଛିଡ଼ା ହୋଇଛନ୍ତି । ପୁଣି ତାଙ୍କୁ "ମୋ ନିକଟକୁ ଆସ" ବୋଲି କହିବା ସମ୍ପୂର୍ଣ୍ଣ ମୂର୍ଖାମୀ ହେବ । ଏହିଭଳି ଗୀତାରେ ଥିବା ଅମୃତ ଜ୍ଞାନକୁ ନ ବୁଝିପାରି ଭୁଲ୍ ଅର୍ଥ କରିଛନ୍ତି, ଯେଉଁ ଅର୍ଥକୁ ସରଳ ପୁଣ୍ୟାତ୍ମାମାନେ ମାନିନେଇ ନିଜର ବହୁମୂଲ୍ୟ ମାନବ ଜୀବନକୁ ନଷ୍ଟ କରୁଛନ୍ତି, ବାସ୍ତବିକ ଭକ୍ତି ଚାହୁଁଥିବା ସରଳ ଆତ୍ମାମାନଙ୍କୁ ଏହି ଅଜ୍ଞାନୀ ସନ୍ଥମାନେ ଭ୍ରମିତ କରିଛନ୍ତି ଏବଂ ଜନ୍ମ-ମରଣର ଚକ୍ରରେ ନିଜେ ପଡ଼ିବା ସହିତ ଅନ୍ୟମାନଙ୍କୁ ପକାଉଛନ୍ତି ଯେଉଁମାନେକି ସେହି ଅଜ୍ଞାନୀ ଗୁରୁ ଓ ବାବାମାନଙ୍କୁ ପୂର୍ଣ୍ଣ ବିଦ୍ୱାନ ଗୀତା ମନୀଷୀ ରୂପେ ସ୍ୱୀକାର କରିଛନ୍ତି । ଗୀତାଜ୍ଞାନ କିଏ କହିଥିଲେ, ଏହା ପୂର୍ବରୁ ଲେଖା ଯାଇଥିବା ପ୍ରଶ୍ନର ଉତ୍ତରରେ ସ୍ପଷ୍ଟ ହୋଇସାରିଛି, ପଢନ୍ତୁ ପ୍ରଶ୍ନ ୧ର ଉତ୍ତର ।

ପ୍ରଶ୍ନ - ୨୭ :- ପରମାତ୍ମା ସାକାର ନା ନିରାକାର ଅଟନ୍ତି ? ଅବ୍ୟକ୍ତର ଅର୍ଥ ନିରାକାର ଅଟେ କି ?

ଉତ୍ତର:- ପରମାତ୍ମା ସାକାର ଅଟନ୍ତି, ନର ରୂପୀ ଅଟନ୍ତି ଅର୍ଥାତ୍ ଦେଖିବାକୁ ମଣିଷ ଭଳି । ଅବ୍ୟକ୍ତର ଅର୍ଥ ନିରାକାର ନୁହେଁ, ସାକାର ଅଟେ । ଉଦାହରଣ ସ୍ୱରୂପ ସୂର୍ଯ୍ୟଙ୍କୁ ଯେତେବେଳେ ମେଘ ଢାଙ୍କି ଦିଏ, ସେତେବେଳେ ସୂର୍ଯ୍ୟ ଅବ୍ୟକ୍ତ ହୋଇଯାନ୍ତି । ଯଦିବା ଆମ୍ଭମାନଙ୍କୁ ସୂର୍ଯ୍ୟ ଦେଖାଯାନ୍ତି ନାହିଁ, ତଥାପି ସୂର୍ଯ୍ୟ ବ୍ୟକ୍ତ ହୋଇ ମଧ୍ୟ ଅବ୍ୟକ୍ତ ଅଟନ୍ତି, ତେଣୁ ସାକାର ଅଟନ୍ତି । ଯେଉଁ ପ୍ରଭୁ ଆମ୍ଭମାନଙ୍କୁ ସାଧାରଣ ସାଧନାରେ ଦେଖାଯାନ୍ତି ନାହିଁ, ସେମାନଙ୍କୁ ଅବ୍ୟକ୍ତ କୁହାଯାଏ ।

ଯେପରି ଗୀତା ଅଧ୍ୟାୟ ୭ ଶ୍ଳୋକ୨୪-୨୫ ରେ ଗୀତା ଜ୍ଞାନଦାତା ନିଜକୁ ଅବ୍ୟକ୍ତ କହିଛନ୍ତି, କାରଣ ସେ ଶ୍ରୀକୃଷ୍ଣଙ୍କ ଶରୀରରେ ପ୍ରେତ ଭଳି ପ୍ରବେଶ କରି ଗୀତାଜ୍ଞାନ କହିଥିଲେ । ଯେତେବେଳେ ସେ ଯୁଦ୍ଧକ୍ଷେତ୍ରରେ 'ବ୍ୟକ୍ତ' ହୋଇଥିଲା, ସେତେବେଳେ ଅର୍ଜୁନକୁ ବିରାଟ ରୂପ ଦେଖାଇଥିଲା । ଇଏ ହେଲା ପ୍ରଥମ ଅବ୍ୟକ୍ତ ପ୍ରଭୁ ଯିଏକି କ୍ଷରପୁରୁଷ ଭାବେ କଥିତ । ଯାହାଙ୍କୁ 'କାଳ' ମଧ୍ୟ କୁହାଯାଏ । ଗୀତା ଅଧ୍ୟାୟ ୮ ଶ୍ଳୋକ ୨୦ରେ କୁହାଯାଇଛି ଯେ ଏହି ଅବ୍ୟକ୍ତ ଅର୍ଥାତ୍ ଅକ୍ଷରପୁରୁଷ ବ୍ୟତୀତ ଆଉ ଜଣେ ଅବ୍ୟକ୍ତ ପରମେଶ୍ୱର ଅର୍ଥାତ୍ ପରମ ଅକ୍ଷର ପୁରୁଷ ଅଛନ୍ତି । ଏହିଭଳି ଏହି ତିନିଜଣ ସାକାର (ନରାକାର) ପ୍ରଭୁ ଅଟନ୍ତି । ଅବ୍ୟକ୍ତର ଅର୍ଥ ନିରାକାର ନୁହେଁ । କ୍ଷରପୁରୁଷ (ବ୍ରହ୍ମ /କାଳ) ପ୍ରତିଜ୍ଞା କରିଛନ୍ତି ଯେ ମୁଁ କେବେବି ନିଜ ବାସ୍ତବିକ ରୂପରେ କାହାରିକୁ ଦର୍ଶନ ଦେବି ନାହିଁ ।

ପ୍ରମାଣ: ଗୀତା ଅଧ୍ୟାୟ ୧୧ ଶ୍ଳୋକ ୪୭-୪୮ରେ କହିଛନ୍ତି ଯେ ହେ ଅର୍ଜୁନ ! ମୋର ଏହି ବିରାଟ ରୂପକୁ ତୁମେ ଏବେ ଦର୍ଶନ କଲ, ମୋର ଏହି ରୂପକୁ ତୁମ ବ୍ୟତୀତ ଆଗରୁ କେହି ମଧ୍ୟ ଦେଖି ନାହାନ୍ତି, ତୁମ ଉପରେ ମୁଁ ଅନୁଗ୍ରହ କରି ଏହି ରୂପ ଦେଖାଇଛି ।

ଗୀତା ଅଧ୍ୟାୟ ୧୧ ଶ୍ଳୋକ ୪୮ରେ କହିଛନ୍ତି ଯେ ମୋର ଏହି ସ୍ୱରୂପକୁ ନା ବେଦବର୍ଣ୍ଣିତ ବିଧିରେ, ନା ଜପରେ, ନା ତପରେ, ନା ଯଜ୍ଞାଦିରେ ଦର୍ଶନ କରାଯାଇ ପାରିବ । ଏଥିରୁ ପ୍ରମାଣିତ ହେଲା ଯେ କ୍ଷରପୁରୁଷ(ଗୀତା ଜ୍ଞାନଦାତା)ଙ୍କୁ ନା କୌଣସି ଋଷି-ମହର୍ଷି ନା କୌଣସି ସାଧକ ଦେଖିଛନ୍ତି । ଯେଉଁଥିପାଇଁ ଏହି କାଳପୁରୁଷଙ୍କୁ ସମସ୍ତେ ନିରାକାର ମାନି ନେଇଛନ୍ତି । ସୂକ୍ଷ୍ମବେଦ(ସଚ୍ଚିଦାନନ୍ଦ ଘନ ବ୍ରହ୍ମଙ୍କ ବାଣୀ /ତତ୍ତ୍ୱଜ୍ଞାନ)ରେ କହିଛନ୍ତି ଯେ:- "ଖୋଜତ-ଖୋଜତ ଥାକିୟା, ଅନ୍ତ ମେଁ କହା ବେଚୂନ (ନିରାକାର) । ନ ଗୁରୁ ପୂରା ନ ସାଧନା, ସତ୍ୟ ହୋ ରହେ ଜୂନମଂ-ଜୂନ (ଜନ୍ମ-ମରଣ) ।।

ଏବେ ଗୀତା ଅଧ୍ୟାୟ ୭ ଶ୍ଳୋକ୨୪-୨୫ରେ ଗୀତା ଜ୍ଞାନଦାତା ସ୍ପଷ୍ଟ କରି ଦେଇଛନ୍ତି ଯେ ମୁଁ ନିଜ ଯୋଗମାୟା ବଳରେ ଲୁଚି ରହିଥାଏ । କାହା ସମ୍ମୁଖକୁ କେବେ ଆସେ ନାହିଁ, ମୁଁ ଅବ୍ୟକ୍ତ ଅଟେ । ମୁଁ ଲୁକ୍କାୟିତ ଭାବରେ ରହିଥାଏ, କିନ୍ତୁ ମୁଁ ସାକାର ଅଟେ । ଅକ୍ଷର ପୁରୁଷ ମଧ୍ୟ ଅବ୍ୟକ୍ତ ଅଟନ୍ତି ଯାହା ଉପର ବର୍ଣ୍ଣନାରୁ ପ୍ରମାଣିତ ହୋଇସାରିଛି । ଏହି ପ୍ରଭୁ(ଅକ୍ଷର ପୁରୁଷ)ଙ୍କର ଏଠାରେ କୌଣସି ଭୂମିକା ନାହିଁ । ଇଏ ନିଜ ସାତଶଙ୍ଖ ବ୍ରହ୍ମାଣ୍ଡ ଭିତରେ ସୀମିତ ଅଟନ୍ତି । ତେଣୁ ତାଙ୍କୁ କେହି ଦେଖି ପାରି ନାହାଁନ୍ତି ।

ଝ:-ପରମ ଅକ୍ଷର ପୁରୁଷ:- ଏହି ପ୍ରଭୁଙ୍କର ସମସ୍ତ ବ୍ରହ୍ମାଣ୍ଡରେ ଭୂମିକା ଅଛି । ଇଏ ସତ୍‌ଲୋକରେ ରୁହନ୍ତି । ସତ୍‌ଲୋକ ପୃଥିବୀଠାରୁ ୧୬ ଶଙ୍ଖ କୋଶ (ଏକକୋଶ ପାଖାପାଖି ୩ କି.ମି. ସହିତ ସମାନ) ଦୂରରେ ଅଛି । ଏହାଙ୍କ ପ୍ରାପ୍ତି ନିମିତ୍ତ (ସେଠାକୁ ଯିବା ପାଇଁ) ସାଧନା ସମ୍ବନ୍ଧରେ ବେଦ (ଚାରିବେଦ)ରେ ବର୍ଣ୍ଣନା କରାଯାଇ ନାହିଁ ଯେଉଁ କାରଣରୁ ଏହି ପ୍ରଭୁ(କୁଳର ମାଲିକ)ଙ୍କୁ କେହି ଦେଖି ପାରିନାହାନ୍ତି । ଏହି ପ୍ରଭୁ (ପରମ ଅକ୍ଷର ବ୍ରହ୍ମ) ଯେତେବେଳେ ପୃଥିବୀ ଉପରେ ସଶରୀରେ ପ୍ରକଟ ହୁଅନ୍ତି ସେତେବେଳେ କେହି ତାଙ୍କୁ ଚିହ୍ନିପାରନ୍ତି ନାହିଁ । ପରମାତ୍ମା ମଧ୍ୟ କହିଛନ୍ତି ଯେ:-

*"ହମ ହୀ ଅଲଖ ଅଲ୍ଲାହ ହୈଁ, କୁତୁବ-ଗୋସ ଔର ପୀର ।*
*ଗରୀବ ଦାସ ଖାଲିକ ଧନୀ, ହମରା ନାମ କବୀର ।।"*

ମୁଁ ପୂର୍ଣ୍ଣ ପରମାତ୍ମା ଅଟେ, ମୁଁ ହିଁ ପୀର ଅର୍ଥାତ୍ ସତ୍ୟଜ୍ଞାନ ପ୍ରଦାନକାରୀ ସଦଗୁରୁ ଅଟେ, ସର୍ବ ସୃଷ୍ଟିର ମାଲିକ ମଧ୍ୟ ମୁଁ ଅଟେ, ମୋର ନାମ କବୀର ଅଟେ । କିନ୍ତୁ ସମସ୍ତ ସାଧକ ଋଷି ଓ ମହର୍ଷିଗଣ ଏହି ସିଦ୍ଧାନ୍ତ ଉପରେ ଦୃଢ ନିଶ୍ଚିନ୍ତ ଥାଆନ୍ତି ଯେ ପରମାତ୍ମା ନିରାକାର ଅଟନ୍ତି । ତାଙ୍କର ଦର୍ଶନ କରାଯାଇ ପାରିବ ନାହିଁ । ସେମାନେ ଏକଥା ମଧ୍ୟ କୁହନ୍ତି ଯେ ଏହି ପୃଥିବୀ ପୃଷ୍ଠରେ ବିଚରଣ କରୁଥିବା ବୁଣାକର (ତନ୍ତୀ) କବୀର ଜଣେ କବି ଅଟେ, ସେ କିପରି ପରମ ଅକ୍ଷର ବ୍ରହ୍ମ ହୋଇପାରିବ ?

ତାହାର ସମାଧାନ ଏହି ପ୍ରକାର ଅଟେ:-

ସମଗ୍ର ବିଶ୍ୱରେ ପରମାତ୍ମା ପ୍ରାପ୍ତି ପାଇଁ ଇଚ୍ଛା ରଖିଥିବା ବୁଦ୍ଧିମାନ ବ୍ୟକ୍ତି ଚାରିବେଦ (ଋଗ୍‌ବେଦ, ଯଜୁର୍ବେଦ, ସାମ୍‌ବେଦ ଓ ଅର୍ଥବ ବେଦ)କୁ କେବେ ଭୁଲ୍ ବୋଲି ବିବେଚନା କରିବ ନାହିଁ । ବର୍ତ୍ତମାନ ସମୟରେ ଆର୍ଯ୍ୟ ସମାଜର ପ୍ରବର୍ତ୍ତକ ମହର୍ଷି ଦୟାନନ୍ଦଙ୍କୁ ବେଦର ପୂର୍ଣ୍ଣ ବିଦ୍ୱାନ ବୋଲି ଗ୍ରହଣ କରାଯାଉଛି । ଇଏ ମଧ୍ୟ ପରମାତ୍ମାଙ୍କୁ ନିରାକାର ମାନନ୍ତି । ସେ ସ୍ୱୟଂ ବେଦର ହିନ୍ଦୀ ଅନୁବାଦ କରିଛନ୍ତି, ଯେଉଁଥିରେ ସ୍ପଷ୍ଟ ଭାବରେ ଲେଖାଯାଇଛି ଯେ ପରମାତ୍ମା ଉପରିସ୍ଥ ଲୋକରେ ରୁହନ୍ତି ଏବଂ ସେଠାରୁ ଗତି କରି (ସଶରୀରେ) ପୃଥିବୀକୁ ଆସନ୍ତି । ଉତ୍ତମ ଆତ୍ମାମାନଙ୍କୁ ଦର୍ଶନ ଦିଅନ୍ତି, ସେମାନଙ୍କୁ ଯଥାର୍ଥ ଭକ୍ତିଜ୍ଞାନ ଶୁଣାଇ ଥାଆନ୍ତି । ପରମାତ୍ମା ନିଜ ମୁଖ କମଳରେ ତତ୍ତ୍ୱଜ୍ଞାନ ଉଚ୍ଚାରଣ କରି ଲୋକୋକ୍ତି, ସାଖି, ଶବ୍ଦ, ଦୋହା ଓ ଚୌପଦୀ ରୂପରେ ପଦ ମାଧ୍ୟମରେ ଗାନ କରିଥାନ୍ତି । ଯେଉଁଥିପାଇଁ ପ୍ରସିଦ୍ଧ କବି ଉପାଧି ମଧ୍ୟ ପ୍ରାପ୍ତ କରିଥାନ୍ତି । ସେ କବିମାନଙ୍କ ଭଳି ଆଚରଣ କରି ପୃଥିବୀ ପୃଷ୍ଠରେ ବିଚରଣ କରିଥାନ୍ତି । ସତ୍ୟଭକ୍ତିର ଗୁପ୍ତ ମନ୍ତ୍ରଗୁଡ଼ିକୁ ଆବିଷ୍କାର କରି ସାଧକମାନଙ୍କୁ କହିଥାନ୍ତି । ଭକ୍ତି କରିବା ପାଇଁ ପ୍ରେରଣା ଦିଅନ୍ତି ।

ଦେଖନ୍ତୁ ପ୍ରମାଣ ନିମ୍ନସ୍ଥ ବେଦ ମନ୍ତ୍ରଗୁଡ଼ିକର ଫଟୋ କପି, ଯାହା ଏହି ପୁସ୍ତକର ପୃଷ୍ଠା ୧୧୭ରେ ଅଛି ।

ଋଗ୍‌ବେଦ ମଣ୍ଡଳ ୯ ସୂକ୍ତ ୮୬ ମନ୍ତ୍ର ୨୬-୨୭, ଋଗ୍‌ବେଦ ମଣ୍ଡଳ ୯ ସୂକ୍ତ ୮୨ ମନ୍ତ୍ର ୧-୨, ଋଗ୍‌ବେଦ ମଣ୍ଡଳ ୯ ସୂକ୍ତ ୯୬ ମନ୍ତ୍ର ୧୬-୨୦, ଋଗ୍‌ବେଦ ମଣ୍ଡଳ ୯ ସୂକ୍ତ ୯୪ ମନ୍ତ୍ର ୧, ଋଗ୍‌ବେଦ ମଣ୍ଡଳ ୯ ସୂକ୍ତ ୯୫ ମନ୍ତ୍ର ୨, ଋଗ୍‌ବେଦ ମଣ୍ଡଳ ୯ ସୂକ୍ତ ୫୪ ମନ୍ତ୍ର ୩, ଋଗ୍‌ବେଦ ମଣ୍ଡଳ ୯ ସୂକ୍ତ ୨୦ ମନ୍ତ୍ର ୧ ଏବଂ ଆହୁରି ଅନେକ ବେଦମନ୍ତ୍ରରେ ଉପରୋକ୍ତ ପ୍ରମାଣ ଅଛି ଯେ ପରମାତ୍ମା ମନୁଷ୍ୟ ଭଳି (ନରାକାର) ଅଟନ୍ତି । ଶ୍ରୀ ମଭଗବତ୍ ଗୀତା ଅଧ୍ୟାୟ ୪ ଶ୍ଳୋକ ୩୨ ଓ ୩୪ରେ ମଧ୍ୟ ପ୍ରମାଣ ଅଛି । ଗୀତା ଜ୍ଞାନ ଦାତା କହିଛନ୍ତି ଯେ, ହେ ଅର୍ଜୁନ ! ପରମ ଅକ୍ଷର ବ୍ରହ୍ମ ନିଜ ମୁଖ କମଳରେ ସେହି ତତ୍ତ୍ୱଜ୍ଞାନକୁ ଗାନ କରି କହିଛନ୍ତି, ସେହି ସଚ୍ଚିଦାନନ୍ଦ ଘନବ୍ରହ୍ମଙ୍କ ବାଣୀରେ ଯଜ୍ଞ ଅର୍ଥାତ୍ ଧାର୍ମିକ ଅନୁଷ୍ଠାନ ବିଷୟରେ ଜାଣିବାକୁ ଥିବା ଜ୍ଞାନକୁ ବିସ୍ତୃତ ଭାବରେ କୁହାଯାଇଛି । ତାହାକୁ ତୁ ଜାଣିବା ପରେ ସମସ୍ତ ପାପରୁ ମୁକ୍ତ ହୋଇଯିବୁ । ପୁଣି ଗୀତା ଅଧ୍ୟାୟ ୪ ଶ୍ଳୋକ ୩୪ରେ କହିଛନ୍ତି ଯେ ତତ୍ତ୍ୱଦର୍ଶୀ ସନ୍ଥଙ୍କ ନିକଟକୁ ଯାଇ ସେହି ଜ୍ଞାନ ତୁ ବୁଝ । ତାଙ୍କୁ ଦଣ୍ଡବତ୍ ପ୍ରମାଣ କରି ବିନୟପୂର୍ବକ ପ୍ରଶ୍ନ କଲେ ସେହି ତତ୍ତ୍ୱଦର୍ଶୀ ସନ୍ଥ ତୋତେ ତତ୍ତ୍ୱଜ୍ଞାନ ବିଷୟରେ ବୁଝାଇ କହିବେ ।

ଏସବୁ ପ୍ରମାଣ ଆପଣଙ୍କୁ ଦେଲି ଏବଂ ବିଶେଷ କଥା ଏହା ଯେ ଗୀତା, ଚାରିବଦର ସାରାଂଶ ଅଟେ । ଏଥିରେ ସାଙ୍କେତିକ ଜ୍ଞାନ ଅଧିକ ମାତ୍ରାରେ ଅଛି । ଏହା ମଧ ସ୍ପଷ୍ଟ ହେଲା ଯେ ତତ୍ତ୍ୱଜ୍ଞାନ, ଗୀତାଜ୍ଞାନଠାରୁ ମଧ ଭିନ୍ନ ଅଟେ । ଏହି ତତ୍ତ୍ୱଜ୍ଞାନକୁ କେବଳ ତତ୍ତ୍ୱଦର୍ଶୀ ସନ୍ଥ ହିଁ ଜାଣିଥାନ୍ତି ଯାହାଙ୍କୁ ପରମ ଅକ୍ଷର ବ୍ରହ୍ମ ସ୍ୱୟଂ ଆସି ଧରିତ୍ରୀ ଉପରେ ଦର୍ଶନ ଦେଇଥାଆନ୍ତି ।

ପ୍ରଶ୍ନ ୨୮ :- କେଉଁ କେଉଁ ପୁଣ୍ୟାତ୍ମା ବା ମହାତ୍ମାମାନଙ୍କୁ ପରମାତ୍ମା ପ୍ରାପ୍ତ ହୋଇଛନ୍ତି ?

ଉତ୍ତର:- ପରମାତ୍ମା ଚାରିଯୁଗରେ ପ୍ରକଟ ହୋଇ ଜ୍ଞାନ ଶୁଣାନ୍ତି । ୧. ସତ୍ୟଯୁଗରେ "ସତ୍ୟସୁକୃତ" ନାମରେ, ୨. ତ୍ରେତୟା ଯୁଗରେ "ମୁନୀନ୍ଦ୍ର" ନାମରେ, ୩. ଦ୍ୱାପର ଯୁଗରେ "କରୁଣାମୟ" ନାମରେ, ୪. କଳିଯୁଗରେ "କବୀର" ନାମରେ ପରମେଶ୍ୱର ପ୍ରକଟ ହୋଇଛନ୍ତି । ସୂକ୍ଷ୍ମ ବେଦରେ କହିଛନ୍ତି :-

*ସତଯୁଗ ମେଁ ସତସୁକୃତ କହ ଟେରା, ତ୍ରେତା ନାମ ମୁନିନ୍ଦ୍ର ମେରା ॥*
*ଦ୍ୱାପର ମେଁ କରୁଣାମୟ କହାୟା, କଲଯୁଗ ନାମ କବୀର ଧରାୟା ॥*

## କାହା-କାହାକୁ ପରମାତ୍ମା ମିଳିଛନ୍ତି

କଳିଯୁଗରେ ଯେଉଁ-ଯେଉଁ ମହାନ୍ ଆତ୍ମାମାନଙ୍କୁ ପରମେଶ୍ୱର ପ୍ରାପ୍ତ ହୋଇଛନ୍ତି, ସେମାନଙ୍କୁ ତତ୍ତ୍ୱଜ୍ଞାନ ପ୍ରଦାନ କରିଛନ୍ତି, ସେମାନଙ୍କ ବିଷୟରେ ମୁଁ ସଂକ୍ଷେପରେ ବର୍ଣ୍ଣନା କରୁଛି:-

"ସନ୍ଥ ଧର୍ମଦାସଜୀଙ୍କର ପ୍ରଥମଥର ପରମେଶ୍ୱର କବୀରଜୀଙ୍କ ସହିତ ସାକ୍ଷାତ୍‌କାର"

୧. ଶ୍ରୀ ଧର୍ମଦାସଜୀ ଜାତିରେ ବଣିଆ ଥିଲେ ଯିଏକି ବାନ୍ଧବଗଡ଼ (ମଧ୍ୟପ୍ରଦେଶ)ର ଜଣେ ବହୁତ ଧନୀ ବ୍ୟକ୍ତି ଥିଲେ । ପିଲା ଦିନରୁ ଭକ୍ତି କରିବା ପାଇଁ ତାଙ୍କ ମନରେ ପ୍ରବଳ ଉତ୍ସାହ ଜାତ ଥିଲା ଯେଉଁଥିପାଇଁ ସେ ରୂପଦାସ ନାମକ ଜଣେ ବୈଷ୍ଣବ ସନ୍ଥଙ୍କୁ ଗୁରୁ ଭାବେ ଗ୍ରହଣ କରିଥିଲେ । ହିନ୍ଦୁ ଧର୍ମରେ ଜନ୍ମ ହୋଇଥିବା ଯୋଗୁଁ ସନ୍ଥ ରୂପଦାସଜୀ, ଶ୍ରୀ ଧର୍ମଦାସଜୀଙ୍କୁ, ରାମ, କୃଷ୍ଣ, ବିଷ୍ଣୁ ଓ ଶଙ୍କରଙ୍କର ଭକ୍ତି କରିବା ପାଇଁ କହିବା ସହିତ ଏକାଦଶୀ ବ୍ରତ, ତୀର୍ଥ ଭ୍ରମଣ, ଶ୍ରାଦ୍ଧକର୍ମ, ପିଣ୍ଡଦାନ କ୍ରିୟା ଆଦି କରିବା ପାଇଁ ଆଦେଶ ଦେଇଥିଲେ । ରୂପଦାସଙ୍କ ଦ୍ୱାରା ନିର୍ଦ୍ଦେଶିତ ସର୍ବ ସାଧନାଗୁଡ଼ିକୁ ଶ୍ରୀ ଧର୍ମଦାସଜୀ ସମ୍ପୂର୍ଣ୍ଣ ଆସ୍ଥା ଓ ବିଶ୍ୱାସର ସହିତ କରୁଥିଲେ । ଗୁରୁ ରୂପଦାସଙ୍କଠାରୁ ଆଦେଶ ନେଇ ଧର୍ମଦାସ ମଥୁରା ନଗରୀରେ ତୀର୍ଥ-ଦର୍ଶନ, ତୀର୍ଥସ୍ନାନ କରିବା ତଥା ଗିରିରାଜ (ଗୋବର୍ଦ୍ଧନ ପର୍ବତ)ର ପରିକ୍ରମା କରିବା ପାଇଁ ଯାଇଥିଲେ । ସେଠାରେ ପରମ ଅକ୍ଷର ବ୍ରହ୍ମ ଜଣେ ଜିନ୍ଦା ମହାତ୍ମାଙ୍କ ବେଶଭୂଷାରେ ଧର୍ମଦାସଙ୍କୁ ସ୍ୱୟଂ ମଥୁରାରେ ଦର୍ଶନ ଦେଲେ । ଶ୍ରୀ ଧର୍ମଦାସଜୀ ସେହି ତୀର୍ଥ-ପୋଖରୀରେ ସ୍ନାନ କଲେ, ଯେଉଁଥିରେ ଶ୍ରୀକୃଷ୍ଣ ପିଲାଦିନେ ସ୍ନାନ କରୁଥିଲେ । ତା'ପରେ ସେହି ଜଳରୁ ଗୋଟିଏ ଲୋଟା (ଘଡି)ରେ ଜଳ ଭର୍ତ୍ତିକରି ଆଣିଲେ । ଶାଳଗ୍ରାମ ଓ ଭଗବାନ ଶ୍ରୀକୃଷ୍ଣଙ୍କ ପିତ୍ତଳ ମୂର୍ତ୍ତିର ଚରଣରେ ସେହି ଜଳକୁ ଢାଳି ସାରିବା ପରେ ଅନ୍ୟ ଏକ ବାସନକୁ ଢାଳି ଚରଣାମୃତ କରି ପିଇଲେ । ତା'ପରେ ଶାଳଗ୍ରାମଙ୍କୁ ସ୍ନାନ କରାଇ ସାରି ନିଜର କର୍ମକାଣ୍ଡ ସମାପନ କଲେ । ଗୋଟିଏ ସ୍ଥାନରେ ମାଟି ଓ ଗୋବର ମିଶାଇ ଲେପ ଦେଲେ ଏବଂ ତାହାରି ଉପରେ ସ୍ୱଚ୍ଛ କପଡ଼ା ବିଛାଇ ତା'ଉପରେ ଶ୍ରୀମଦ୍‌ଭଗବତ୍ ଗୀତାଙ୍କୁ ରଖି ପାଠ କରିବାକୁ ଲାଗିଲେ । ଏସବୁ କ୍ରିୟା ଯେତେବେଳେ ଧର୍ମଦାସ କରୁଥିଲେ, ପରମାତ୍ମା କବୀର ଦେବ ଜଣେ ସାଧୁ (ଜିନ୍ଦା) ରୂପ ଧାରଣ କରି ଅଳ୍ପ ଦୂରରେ ବସି ଦେଖୁଥିଲେ । ଧର୍ମଦାସ ମଧ ଦେଖୁଥିଲେ ଯେ ଜଣେ ମୁସଲମାନ ସନ୍ଥ ମୋର ସମସ୍ତ ଭକ୍ତି କ୍ରିୟାକୁ ବହୁତ ଧ୍ୟାନ ସହକାରେ ଦେଖୁଅଛି ଏବଂ ଏଥିରୁ ପ୍ରତୀତ ହେଉଛି ଯେପରି ଆମ୍ଭ ହିନ୍ଦୁମାନଙ୍କର ସାଧନା ପ୍ରତି ତା'ର ଆଗ୍ରହ ଆସିଛି । ତେଣୁ ସେ ଶ୍ରୀମଦ୍‌ଭଗବତ୍ ଗୀତାକୁ ଟିକେ ଉଚ୍ଚ ସ୍ୱରରେ ପାଠ କରିବାକୁ ଲାଗିଲେ ତଥା ହିନ୍ଦୀରେ ଲିଖିତ ଅନୁବାଦକୁ ମଧ ପଢିବାକୁ ଲାଗିଲେ । ଏହା ଦେଖି ପରମେଶ୍ୱର ଦୂରରୁ ଉଠି ଆସି ଧର୍ମଦାସଙ୍କ ନିକଟରେ ବସି ପଡିଲେ । ଧର୍ମଦାସଙ୍କୁ ନିଜର ଅନୁମାନ ସତ୍ୟ ଲାଗିଲା, ପ୍ରକୃତରେ ଏହି

ଜିନ୍ଦା ବେଶଧାରୀ ବାବାଙ୍କୁ ଆପ୍ତ ଧର୍ମର ଭକ୍ତିମାର୍ଗ ଭଲ ଲାଗୁଛି । ତେଣୁ ସେଦିନ ସେ ଗୀତାର ବହୁତ ଅଧ୍ୟାୟକୁ ସେଇଠି ବସି ପଢ଼ିଲେ ଏବଂ ସେଗୁଡ଼ିକର ଅର୍ଥ ମଧ୍ୟ ଶୁଣାଇଲେ । ଯେତେବେଳେ ଧର୍ମଦାସ ନିଜର ଦୈନିକ ଭକ୍ତି-କର୍ମ ସମାପନ କଲେ, ସେତେବେଳେ ପରମାତ୍ମା କହିଲେ ଯେ ହେ ମହାତ୍ମା ! ଆପଣଙ୍କ ଶୁଭନାମ କ'ଣ ତଥା ଆପଣ କେଉଁ ଜାତିର ଅଟନ୍ତି ? କୃପାକରି ଜଣାନ୍ତୁ । ମୋତେ ଆପଣଙ୍କ ଜ୍ଞାନ ବହୁତ ଭଲ ଲାଗିଲା, ମୋତେ ବି କିଛି ଭକ୍ତି ଜ୍ଞାନ ଶୁଣାନ୍ତୁ, ଆପଣଙ୍କର ବହୁତ କୃପା ହେବ ।

ଧର୍ମଦାସ ଉତ୍ତର ଦେଲେ:- ମୋର ନାମ ଧର୍ମଦାସ ଅଟେ, ମୁଁ ବାନ୍ଧବଗଡ଼ ଗ୍ରାମରେ ବାସକରୁଥିବା ବୈଶ୍ୟ କୁଳର ଅଟେ । ମୁଁ ବୈଷ୍ଣବ ପନ୍ଥରେ ଦୀକ୍ଷିତ ହୋଇଛି, ହିନ୍ଦୁ ଧର୍ମରେ ଜନ୍ମ ନେଇଛି । ପୂରା ବିଶ୍ୱାସର ସହିତ ତଥା ଭଲଭାବରେ ଜ୍ଞାନରେ ପରିପୂର୍ଣ୍ଣ ଅଟେ । ମୁଁ ଅନ୍ୟ କାହାରି କଥାରେ ପ୍ରଭାବିତ ହେବା ଲୋକ ମୁଁ ନୁହଁ । ଶ୍ରୀବିଷ୍ଣୁଙ୍କ ଅବତାର ରାମ, କୃଷ୍ଣ ଓ ଭଗବାନ ଶଙ୍କରଙ୍କୁ ମଧ୍ୟ ପୂଜା କରୁଛି, ଏକାଦଶୀର ବ୍ରତ କରେ, ତୀର୍ଥ କରିବାକୁ ଯାଏ, ସେଠାରେ ଦାନ କରେ । ମୁଁ ପ୍ରତିଦିନ ଶାଳଗ୍ରାମ ପୂଜା କରୁଛି । ଏହା ପବିତ୍ର ପୁସ୍ତକ ଶ୍ରୀମଦ୍‌ଭଗବତ୍ ଗୀତା ଅଟେ, ଏହାକୁ ପ୍ରତିଦିନ ପାଠ କରୁଛି । ମୁଁ ମୋର ପୂର୍ବଜମାନଙ୍କୁ (ଯେଉଁମାନେ ସ୍ୱର୍ଗବାସୀ ହୋଇ ସାରିଛନ୍ତି) ଶ୍ରାଦ୍ଧ ମଧ୍ୟ ଦିଏ, ପିଣ୍ଡଦାନ ମଧ୍ୟ କରେ । ମୁଁ କୌଣସି ଜୀବକୁ ହିଂସା କରେ ନାହିଁ, ମାଂସ, ମଦ, ତମାଖୁ ଆଦି ସେବନ କରେ ନାହିଁ ।

ଧର୍ମଦାସ କହିଲେ, ଏହା ଶ୍ରୀମଦ୍‌ଭଗବତ୍ ଗୀତା ଅଟେ । ଆମେ ସର୍ବଦା ଶୁଦ୍ଧପୁତ ରହିଥାଉଁ, କୌଣସି ଶୂଦ୍ର ବ୍ୟକ୍ତିକୁ ନିଜ ନିକଟକୁ ଆସିବାକୁ ଦେଇ ନଥାଉ ।

ପ୍ରଶ୍ନ ୨୯ :- (ଜିନ୍ଦା ବେଶଧାରୀ କବୀରଜୀଙ୍କର)- ଆପଣ କେଉଁ ନାମ(ମନ୍ତ୍ର) ଜପ କରନ୍ତି ?

ଉତ୍ତର :- (ଧର୍ମଦାସଜୀଙ୍କର)- ମୁଁ; ହରେ କୃଷ୍ଣ, କୃଷ୍ଣ-କୃଷ୍ଣ ହରେ-ହରେ, ଓମ୍ ନମଃ ଶିବାୟ, ଓମ୍ ଭଗବତେ ବାସୁଦେବାୟ ନମଃ, ରାଧେ-ରାଧେ ଶ୍ୟାମ୍ ମିଲାଦେ, ଗାୟତ୍ରୀ ମନ୍ତ୍ରର ଜପ ୧୦୮ ଥର ପ୍ରତିଦିନ କରେ । ମୁଁ ବିଷ୍ଣୁ ସହସ୍ରନାମର ଜପ ମଧ୍ୟ କରୁଛି ।

ପ୍ରଶ୍ନ ୩୦ :- (ଜିନ୍ଦା ବାବାଙ୍କର) ହେ ମହାତ୍ମା ଧର୍ମଦାସ ! ଗୀତାଜ୍ଞାନ କିଏ ଦେଇଛନ୍ତି ?

ଉତ୍ତର: (ଧର୍ମଦାସଙ୍କର)- ସୃଷ୍ଟିର ମାଲିକ ସର୍ବଶକ୍ତିମାନ ଭଗବାନ ଶ୍ରୀକୃଷ୍ଣଜୀ ଗୀତାଜ୍ଞାନ ଦେଇଛନ୍ତି, ସେ ହିଁ ଶ୍ରୀ ବିଷ୍ଣୁ ଅଟନ୍ତି ।

ପ୍ରଶ୍ନ ୩୧ : (ଜିନ୍ଦା ରୂପଧାରୀ ପରମାତ୍ମାଙ୍କର)- ଆପଣଙ୍କ ପୂଜ୍ୟ ଗୁରୁଦେବ ଶ୍ରୀକୃଷ୍ଣ ଅର୍ଥାତ୍ ଶ୍ରୀବିଷ୍ଣୁ ଅଟନ୍ତି । ତାଙ୍କ ଦ୍ୱାରା କୁହାଯାଇଥିବା ଭକ୍ତିଜ୍ଞାନ ଗୀତା ଶାସ୍ତ୍ର ଅଟେ ।

ହେ ଧର୍ମଦାସ ! ଜଣେ କୃଷକଙ୍କୁ ବୃଦ୍ଧାବସ୍ଥାରେ ପୁତ୍ର ପ୍ରାପ୍ତ ହେଲା । କୃଷକ ମନରେ ଭାବିଲେ ଯେ ଯେତେବେଳକୁ ପୁତ୍ର କୃଷିକାର୍ଯ୍ୟ କରିବା ଯୋଗ୍ୟ ହେବ, ସେତେବେଳକୁ ମୋର ମୃତ୍ୟୁ ହୋଇ ସାରିଥିବ ତେଣୁ କୃଷକ କୃଷି କରିବାର ଉପାୟ (ନିଜର ଅନୁଭବକୁ) ଗୋଟିଏ ଟିପା ଖାତା(ରେଜିଷ୍ଟାର)ରେ ଲେଖିଦେଲେ । ପୁତ୍ରକୁ କହିଲେ, ପୁତ୍ର ! ତୁମେ ଯେତେବେଳେ ଯୁବକ ହୋଇଯିବ ସେତେବେଳେ ମୋର ଏହି ରେଜିଷ୍ଟର(ଖାତା)ରେ ଲେଖିଥିବା ମୋର ଅନୁଭବକୁ ବାରମ୍ବାର ପଢ଼ି ସେହି ଅନୁସାରେ ଫସଲ ବୁଣିବ । କିଛିଦିନ ପରେ ପିତାର ମୃତ୍ୟୁ ହୋଇଗଲା, ପୁତ୍ର ପ୍ରତିଦିନ ନିଜ ପିତାଙ୍କ ଅନୁଭବକୁ ପାଠ କରିବାକୁ ଲାଗିଲା । ପରନ୍ତୁ ଫସଲର ବୀଜକୁ ଗଜା କରିବା, ଜଳସେଚନ କରିବା ଆଦି କାର୍ଯ୍ୟକୁ ସେ ନିଜ ପିତାଙ୍କ ଅନୁଭବର ବିପରୀତ କରୁଥିଲା, ତେବେ ସେହି ପୁତ୍ର ନିଜ କୃଷି କାର୍ଯ୍ୟରେ ସଫଳତା ପାଇବ କି ?

ଉତ୍ତର: (ଧର୍ମ ଦାସଙ୍କର)- ଏଭଳି ହେଲେ ତ ପୁତ୍ର ନିର୍ଦ୍ଧନ ହୋଇଯିବ । ତାକୁ ନିଜ ପିତାଙ୍କ ଦ୍ୱାରା ଲେଖିଥିବା ଅନୁଭବ ଅନୁସାରେ ପ୍ରତ୍ୟେକ କାର୍ଯ୍ୟ କରିବା ଉଚିତ୍ । ସେହି ପୁତ୍ର ତ ମୂର୍ଖ ପୁତ୍ର ଅଟେ ।

ପ୍ରଶ୍ନ ୩୨ : (ଜିନ୍ଦା ରୂପଧାରୀ ଭଗବାନଙ୍କର) ହେ ଧର୍ମଦାସଜୀ ! ଗୀତା ଶାସ୍ତ୍ର ଆପଣଙ୍କର

ପରମପିତା ଭଗବାନ ଶ୍ରୀକୃଷ୍ଣ ଓରଫ୍ ଶ୍ରୀବିଷ୍ଣୁଙ୍କ ଅନୁଭବ ଅଟେ ତଥା ଆପଣଙ୍କୁ ସେଥିରେ ଏହି ଆଦେଶ ଅଛି ଯେ 'ଏହି ଗୀତା ଶାସ୍ତ୍ରରେ ଲେଖାଥିବା ମୋର ଅନୁଭବକୁ ପଢି, ଏହା ଅନୁସାରେ ଭକ୍ତି କଲେ ଆପଣ ମୋକ୍ଷ ପ୍ରାପ୍ତି କରିବେ' ଆପଣ କ'ଣ ଗୀତାରେ ଲେଖାଥିବା ଶ୍ରୀକୃଷ୍ଣଙ୍କ ଆଦେଶାନୁସାରେ ଭକ୍ତି କରୁଅଛନ୍ତି ? ଆପଣଙ୍କର ଗୁରୁ ମହାଶୟ ଆପଣଙ୍କୁ ଯେଉଁ ମନ୍ତ୍ର ଜପ କରିବା ପାଇଁ ଦେଇଛନ୍ତି, ସେସବୁ ମନ୍ତ୍ର ଜପ କରିବାକୁ କ'ଣ ଗୀତାରେ ଲେଖାଯାଇଛି ? (ହରେ ରାମ ହରେ ରାମ, ରାମ ରାମ ହରେ ହରେ, ହରେ କୃଷ୍ଣ ହରେ କୃଷ୍ଣ, କୃଷ୍ଣ କୃଷ୍ଣ ହରେ ହରେ, ଓମ୍ ନମଃ ଶିବାୟ, ଓମ୍ ଭଗବତେ ବାସୁଦେବାୟ ନମଃ, ରାଧେ ରାଧେ ଶ୍ୟାମ୍ ମିଳାଦେ, ଗାୟତ୍ରୀ ମନ୍ତ୍ର ତଥା ବିଷ୍ଣୁ ସହସ୍ର ନାମ) ଗୀତାରେ କ'ଣ ଏକାଦଶୀ ବ୍ରତ କରିବା ଏବଂ ଶ୍ରାଦ୍ଧକର୍ମ କରିବା, ପିଣ୍ଡୋଦକ କ୍ରିୟା କରିବାକୁ ଆଦେଶ ଅଛି ?

ଉତ୍ତର:- (ଧର୍ମ ଦାସଜୀଙ୍କର)- ନାଁ ।

ପ୍ରଶ୍ନ ୩୩:- (ପରମେଶ୍ୱରଜୀଙ୍କର) ତେବେ ଆପଣ ସେହି କୃଷକ ପୁତ୍ର ଭଳି କାର୍ଯ୍ୟ କରୁଛନ୍ତି, ଯିଏକି ପିତାଙ୍କ ଆଦେଶର ଅବମାନନା କରି ମନୋମୁଖୀ ବିଧି(ନିୟମ)ରେ ଭୁଲ ସମୟରେ ବୀଜବପନ କରି ମୂର୍ଖତାର ପ୍ରମାଣ ଦେଉଅଛି । ଯାହାକୁ ଆପଣ ମୂର୍ଖ କହୁଛନ୍ତି, ଆପଣ କ'ଣ ସେହି କୃଷକର ମୂର୍ଖ ପୁତ୍ରଠାରୁ କମ୍ ଅଟନ୍ତି କି ?

ଧର୍ମଦାସଜୀ କହିଲେ:- ହେ ଜିନ୍ଦା ! ଆପଣ ମୁସଲମାନ ଫକୀର ଅଟନ୍ତି, ତେଣୁ ଆମ୍ଭ ହିନ୍ଦୁ ଧର୍ମର ଭକ୍ତି କ୍ରିୟା ଓ ମନ୍ତ୍ରକୁ ଭୁଲ୍ କହୁଛନ୍ତି ।

ଉତ୍ତର:- (ଜିନ୍ଦା ରୂପରେ କବୀରଜୀଙ୍କର)ହେ ସ୍ୱାମୀ ଧର୍ମଦାସଜୀ ! ମୁଁ କିଛି କହୁନାହିଁ, ଆପଣଙ୍କ ଧର୍ମଗ୍ରନ୍ଥ କହୁଛି ଯେ ଆପଣଙ୍କ ଧର୍ମର ଧର୍ମଗୁରୁମାନେ, ଆପଣମାନଙ୍କୁ ଶାସ୍ତ୍ରବିଧି ତ୍ୟାଗ କରି ମନୋମୁଖୀ ପୂଜା(ଆଚରଣ)କରାଉଛନ୍ତି ଯାହାକି ଆପଣଙ୍କ ଗୀତା ଅଧ୍ୟାୟ ୧୬ ଶ୍ଲୋକ ୨୩-୨୪ରେ ମଧ୍ୟ କୁହାଯାଇଛି ଯେ ହେ ଅର୍ଜୁନ ! ଯେଉଁ ସାଧକ ଶାସ୍ତ୍ରବିଧିକୁ ତ୍ୟାଗ କରି ମନୋମୁଖୀ ପୂଜା (ଆଚରଣ) କରିଥାଏ ଅର୍ଥାତ୍ ମନଗଢା ମନ୍ତ୍ର ଜପ କରିଥାଏ, ମନଗଢା ଶ୍ରାଦ୍ଧ କର୍ମ ପିଣ୍ଡୋଦକ କର୍ମ ଓ ବ୍ରତ ଆଦି କରିଥାଏ, ତାକୁ ନା କୌଣସି ସିଦ୍ଧି ମିଳିବ, ନା ସୁଖ ମିଳିବ, ନା ଗତି ଅର୍ଥାତ୍ ମୁକ୍ତି ମିଳିବ, ଏଥିପାଇଁ ଏହି ସାଧନା ବ୍ୟର୍ଥ ଅଟେ । ଗୀତା ଅଧ୍ୟାୟ ୧୬ ଶ୍ଲୋକ ୨୪ରେ କୁହାଯାଇଛି ଯେ ଏଥିରୁ ତୋ ପାଇଁ କର୍ତ୍ତବ୍ୟ (ଯେଉଁ ଭକ୍ତିକର୍ମ କରିବା ଉଚିତ୍) ଓ ଅକର୍ତ୍ତବ୍ୟ (ଯେଉଁ ଭକ୍ତିକର୍ମ କରିବା ଅନୁଚିତ୍) ନିରୂପଣରେ ଶାସ୍ତ୍ର ହିଁ ପ୍ରମାଣ ଅଟେ । ସେହି ଶାସ୍ତ୍ରରେ ନିର୍ଦ୍ଦେଶିତ ଭକ୍ତି କର୍ମଗୁଡ଼ିକୁ କରିବା ଦ୍ୱାରା ଲାଭ ପ୍ରାପ୍ତି ହେବ ।'

ଧର୍ମଦାସ :- ହେ ଜିନ୍ଦା ! ତୁମେ ନିଜ ମୁହଁ ବନ୍ଦ ରଖ, ମୋତେ ଆଉ ସହ୍ୟ ହେଉ ନାହିଁ, ମୁଁ ଆଉ ଶୁଣି ପାରୁନାହିଁ । ଜିନ୍ଦା ରୂପରେ ପ୍ରକଟ ପରମେଶ୍ୱର କହିଲେ, ହେ ବୈଷ୍ଣବ ମହାତ୍ମା ଧର୍ମଦାସ ଜୀ ! ସତ୍ୟ ଏତେ ପିତା ହୋଇଥାଏ ଯେମିତି ନିମ୍ବ, ପରନ୍ତୁ ରୋଗୀକୁ ପିତା ଔଷଧ ଇଚ୍ଛା ନଥାଇ ମଧ୍ୟ ସେବନ କରିବାକୁ ପଡିଥାଏ । ସେଥିରେ ହିଁ ରୋଗୀର ହିତ ନିହିତ ଅଛି । ଯଦି ଆପଣ ଅରାଜି ହେଉଛନ୍ତି ତେବେ ମୁଁ ଚାଲିଯାଉଛି । ଏତିକି କହି ଜିନ୍ଦା ରୂପଧାରୀ ପରମାତ୍ମା ସେଠାରୁ ଅନ୍ତର୍ଦ୍ଧାନ ହୋଇଗଲେ । ଧର୍ମଦାସଙ୍କୁ ବହୁତ ଆଶ୍ଚର୍ଯ୍ୟ ଲାଗିଲା ଏବଂ ସେ ଭାବିବାକୁ ଲାଗିଲେ ଯେ ଇଏ କୌଣସି ସାମାନ୍ୟ ସନ୍ଥ ନଥିଲେ । ଯାହା ଜଣା ପଡୁଛି ଇଏ ଜଣେ ପୂର୍ଣ୍ଣ ବିଦ୍ୱାନ ଓ ସିଦ୍ଧ ପୁରୁଷ ଅଟନ୍ତି । ମୁସଲମାନ ହୋଇ ମଧ୍ୟ ହିନ୍ଦୁ ଶାସ୍ତ୍ରଗୁଡ଼ିକ ବିଷୟରେ ସମ୍ପୂର୍ଣ୍ଣ ଜ୍ଞାନ ଅଛି । ହୁଏତ ଇଏ କୌଣସି ଦେବତା ହୋଇପାରନ୍ତି । ଧର୍ମଦାସଜୀ ଅନ୍ତରରୁ ସ୍ୱୀକାର କରୁଥିଲେ ଯେ ସେ ଗୀତା ଶାସ୍ତ୍ର ବିରଦ୍ଧ ସାଧନା କରୁଛନ୍ତି, ମାତ୍ର ଅଭିମାନବଶତଃ ସ୍ୱୀକାର କରୁ ନଥିଲେ । ଯେତେବେଳେ ପରମାତ୍ମା ଅନ୍ତର୍ଦ୍ଧାନ ହୋଇଗଲେ ସେତେବେଳେ ସେ ସମ୍ପୂର୍ଣ୍ଣ ରୂପେ ଭାଙ୍ଗି ପଡ଼ିଲେ ଏବଂ ଅନୁଭବ କଲେ 'ମୋର ଭକ୍ତି, ଗୀତା ବିରୁଦ୍ଧ ଅଟେ । ମୁଁ ଭଗବାନଙ୍କ ଆଦେଶର ଅବମାନନା କରୁଅଛି । ମୋର ଗୁରୁ ଶ୍ରୀ ରୂପଦାସ ମହାଶୟଙ୍କୁ ମଧ୍ୟ ପ୍ରକୃତ ଭକ୍ତିବିଧି

ଜଣାନାହିଁ । ଏବେ ଏଭଳି ଭକ୍ତି କରିବା, ନ କରିବା ସହିତ ସମାନ ଓ ବ୍ୟର୍ଥ ଅଟେ ।' ବହୁତ ଦୁଃଖୀ ମନରେ ସେ ଏଣେ ତେଣେ ଦେଖିବାକୁ ଲାଗିଲେ ତଥା ହୃଦୟ ସହକାରେ ଡ଼ାକିବାକୁ ଲାଗିଲେ ଯେ 'ମୁଁ କିଭଳି ଅବୁଝା ଓ ଜିଦ୍‌ଖୋର୍ ବ୍ୟକ୍ତି ଅଟେ ! ସମସ୍ତ ସତ୍ୟ ଜାଣି ମଧ ଜଣେ ପରମାତ୍ମା ତୁଲ୍ୟ ମହାତ୍ମାଙ୍କୁ ନିଜର ଅବୁଝାପଣ ତଥା ଜିଦ୍‌ଖୋର ମନୋବୃତ୍ତି ଯୋଗୁଁ ହରାଇଲି । ହେ ପରମାତ୍ମା ! ଆଉ ଥରେ ସେହି ସନ୍ଥ ପୁଣି ଯଦି ମିଳିବେ ତେବେ ମୁଁ ମୋର ଜିଦ୍ ଛାଡ଼ି ନମ୍ର ଭାବରେ ସମସ୍ତ ଜ୍ଞାନ ବୁଝିବି' । ଧର୍ମଦାସ ସେଦିନ ବହୁତଥର ହୃଦୟର ସହିତ ପରମାତ୍ମାଙ୍କୁ ଡ଼ାକି ରାତିରେ ଶୋଇଲେ । ସେ ରାତି ସାରା ଏପାଖ ସେପାଖ କଡ ଲେଉଟାଇ ଚିନ୍ତା କଲେ, ହେ ପରମାତ୍ମା ! ଏ କ'ଣ ହେଲା । ମୁଁ ସମସ୍ତ ସାଧନା ଶାସ୍ତ୍ରବିରୁଦ୍ଧରେ କରୁଅଛି । ସେହି ଦେବଦୂତ ମୋର ଆଖି ଖୋଲି ଦେଲେ । ମୋର ଆୟୁ ୬୦ ବର୍ଷ ହୋଇ ସାରିଛି । ଏବେ ପୁଣି ସେହି ଜିନ୍ଦା ବେଶଧାରୀ ଦେବ ମିଳିବେ କି ନାହିଁ ଜଣା ନାହିଁ । ସେ ସକାଳ ହେବା ପୂର୍ବରୁ ଶୀଘ୍ର ଉଠିପଡ଼ି ପ୍ରଥମେ ଖାଦ୍ୟ ପ୍ରସ୍ତୁତ କରିବାକୁ ଲାଗିଲେ । ସେଦିନ ଆଉ କୌଣସି ପ୍ରକାର ଭକ୍ତିକ୍ରିୟା କଲେ ନାହିଁ । ପ୍ରଥମ ଦିନରୁ ଜଙ୍ଗଲରୁ କିଛି ଜାଳେଣି କାଠ ଭାଙ୍ଗି ଆଣି ରଖିଥିଲେ । ସେଗୁଡ଼ିକୁ ଚୂଲୀରେ ଜଳାଇ ଭୋଜନ ତିଆରି କରିବାକୁ ଲାଗିଲେ । ଗୋଟିଏ କାଠ ମୋଟା ଥିଲା । ସେହି କାଠଟି ମଝିରେ ଫମ୍ପା ଥିଲା, ତା'ଭିତରେ ଅନେକ ଜନ୍ଦା/ପିମ୍ପୁଡି ଥିଲେ । ଯେତେବେଳେ ସେହି କାଠ ଖଣ୍ଡଟି ଜଳି ଜଳି ଛୋଟ ହୋଇ ଆସିଲା ସେତେବେଳେ କାଠର ପଛ ଭାଗଟି ଧର୍ମଦାସଙ୍କୁ ଦେଖାଗଲା, ସେ ଦେଖିବାକୁ ପାଇଲେ ସେହି କାଠର ଶେଷାଂଶରୁ କିଛି ତରଳ ପଦାର୍ଥ ବାହାରୁ ଥିଲା ଏବଂ ଜଳୁଥିଲା ମଧ । ଜନ୍ଦାଗୁଡ଼ିକ ସେହି ଫମ୍ପାକାଠ ସୁଡ଼ଙ୍ଗ ଭିତରୁ ବାହାରିବା ପାଇଁ ଚେଷ୍ଟା କରୁଥିଲେ, ସେମାନେ ସେହି ତରଳ ପଦାର୍ଥରେ ପଡ଼ିଯାଇ ଜଳି ମରୁଥିଲେ ଓ କିଛି ଜନ୍ଦା ଅନ୍ୟ ପଟରେ ଜଳି ମରୁଥିଲେ । ଧର୍ମଦାସ ଭାବିଲେ ଯେ, ଏହି କାଠଟି ବହୁତ ଜଳି ସାରିଛି, ଏଥିରେ ଅନେକ ଜନ୍ଦା ଜଳି ପାଉଁଶ ହୋଇ ସାରିଛନ୍ତି । ତେଣୁ ସେ ସଙ୍ଗେ ସଙ୍ଗେ ନିଆଁକୁ ଲିଭାଇ ଦେଲେ । ମନେ ମନେ ବିଚାର କଲେ ଯେ ଏହି ପାପଯୁକ୍ତ ଭୋଜନକୁ ମୁଁ ଖାଇବି ନାହିଁ । କୌଣସି ଜଣେ ସାଧୁଙ୍କୁ ଖୁଆଇ ନିଜେ ଉପବାସ କରିବି । ଏଥିରେ ମୋର ପାପ କମ୍ ହୋଇଯିବ । ସେ ଏହା ବିଚାର କରି, ସମସ୍ତ ଭୋଜନକୁ ଗୋଟିଏ ଥାଳିରେ ରଖି, ଜଣେ ସାଧୁଙ୍କୁ ଖୋଜିବାକୁ ବାହାରିଲେ । ଏଣେ ପରମେଶ୍ୱର କବୀରଜୀ ଅନ୍ୟ ଏକ ବେଶଭୂଷା ଧାରଣ କଲେ, ଯେମିତି ଜଣେ ହିନ୍ଦୁ ସନ୍ଥଙ୍କର ବେଶଭୂଷା ହୋଇଥାଏ ଏବଂ ଗୋଟିଏ ଗଛତଳେ ଯାଇ ବସିଗଲେ । ଧର୍ମଦାସ, ସାଧୁଙ୍କୁ ଦେଖିଲେ । ତାଙ୍କ ଆଗରେ ଭୋଜନ ଥାଳି ରଖିଦେଇ କହିଲେ ଯେ, ହେ ମହାତ୍ମା ! ଏହି ଭୋଜନ ଗ୍ରହଣ କରନ୍ତୁ । ସାଧୁ ବେଶଧାରୀ ପରମାତ୍ମା କହିଲେ ଯେ, ଆଣ ଧର୍ମଦାସ ! ଭୋକ ଲାଗୁଛି । ସାଧୁଙ୍କ ମୁଖରୁ ନିଜ ନାମର ସମ୍ବୋଧନ ଶୁଣି ଧର୍ମଦାସଙ୍କୁ ଆଶ୍ଚର୍ଯ୍ୟ ଲାଗିଲା ପରନ୍ତୁ ସେ ଅଧିକ ଧ୍ୟାନ ଦେଲେ ନାହିଁ । ସାଧୁ ରୂପରେ ବିରାଜମାନ ହୋଇଥିବା ପରମାତ୍ମା ନିଜ ଲୋଟାରୁ କିଛି ଜଳ ହାତରେ ନେଲେ ତଥା କିଛି ବାଣୀ ନିଜ ମୁଖରେ ଉଚ୍ଚାରଣ କରି ଭୋଜନ ଉପରେ ଜଳ ଛିଞ୍ଚିଦେଲେ । ସମସ୍ତ ଭୋଜନ ଜନ୍ଦାରେ ପରିଣତ ହୋଇଗଲା । ଜନ୍ଦାଗୁଡ଼ିକ ଦ୍ୱାରା ସମ୍ପୂର୍ଣ୍ଣ ଥାଳି କଳା ହୋଇଗଲା । ଜନ୍ଦାଗୁଡ଼ିକ ନିଜ-ନିଜ ଆଣ୍ଡାଗୁଡ଼ିକୁ ନିଜ ମୁଖରେ ଧରି ଥାଳିରୁ ବାହାରକୁ ବାହାରିବା ପାଇଁ ଚେଷ୍ଟା କରିବାକୁ ଲାଗିଲେ । ଠିକ୍ ଏହି ସମୟରେ ପରମାତ୍ମା ମଧ ପୂର୍ବଦିନରେ ଧାରଣ କରିଥିବା ଜିନ୍ଦା ବାବା ରୂପରେ ପରିବର୍ତ୍ତିତ ହୋଇଗଲେ । ପରମାତ୍ମା କହିଲେ:- ''ହେ ବୈଷ୍ଣବ ସନ୍ଥ ଧର୍ମଦାସ ! ଆପଣ ତ କହୁଥିଲେ, 'ମୁଁ କୌଣସି ଜୀବ ପ୍ରତି ହିଂସା କରେ ନାହିଁ', ଆପଣଙ୍କଠାରୁ ତ କଂସେଇ ବି କମ୍ ହିଂସ୍ରକ । ଆପଣ ତ ଏବେ କୋଟି-କୋଟି ଜୀବଙ୍କ ପ୍ରତି ହିଂସା କଲେ ।'' ଏହାଶୁଣି ଧର୍ମଦାସଜୀ ତତ୍‌କ୍ଷଣାତ୍ ସାଧୁଙ୍କ ଚରଣ ତଳେ ପଡ଼ିଗଲା ଏବଂ ପୂର୍ବ ଦିନ ହୋଇଥିବା ଭୁଲ ପାଇଁ କ୍ଷମା ମାଗିଲା ତଥା ପ୍ରାର୍ଥନା କଲା ଯେ 'ହେ ପ୍ରଭୁ ! ମୋ ଭଳି ଅଜ୍ଞାନକୁ କ୍ଷମା କରନ୍ତୁ । ମୋର ସର୍ବନାଶ ହୋଇଗଲା, ମୋର କୋଣସିଠାରେ

ବି ସ୍ଥାନ ନାହିଁ, କାରଣ ମୁଁ ପ୍ରଥମରୁ କରୁଥିବା ସାଧନା ସମ୍ପୂର୍ଣ୍ଣ ରୂପେ ଶାସ୍ତ୍ରବିରୁଦ୍ଧ ଅଟେ । ତା'କୁ କରିବାରେ କୌଣସି ଲାଭ ନାହିଁ, ଏହି କଥାକୁ ଆପଣ ଗୀତାନୁସାରେ ପ୍ରମାଣିତ କରିଦେଲେ । ଶାସ୍ତ୍ରାନୁକୂଳ ସାଧନା କାହାଠାରୁ ପ୍ରାପ୍ତ ହେବ, ଏହା ଆପଣ ହିଁ କହି ପାରିବେ । ମୁଁ ଆପଣଙ୍କଠାରୁ ସମ୍ପୂର୍ଣ୍ଣ ଆଧ୍ୟାତ୍ମିକ ଜ୍ଞାନ ଶୁଣିବା ପାଇଁ ଇଚ୍ଛୁକ ଅଟେ । ମୋ ଭଳି ନିକୃଷ୍ଟ ପାପୀ ଉପରେ ଦୟାକରି ସେହି ଜ୍ଞାନ ଶୁଣାନ୍ତୁ ଯାହାଦ୍ୱାରା ମୋର ମୋକ୍ଷ ହୋଇପାରିବ ।'

## ବ୍ରତ ଉପବାସ ବିଷୟରେ ଗୀତାରେ ଲିଖିତ ଲାଭ !

ପରମେଶ୍ୱର (ଜିନ୍ଦା ସାଧୁ ରୂପରେ) କହିଲେ, ହେ ଧର୍ମଦାସ ! ଆପଣ ଏକାଦଶୀ ବ୍ରତ କରୁଛନ୍ତି । ଶ୍ରୀମଦ୍‌ଭଗବତ୍ ଗୀତା ଅଧ୍ୟାୟ ୬ ଶ୍ଳୋକ ୧୬ ରେ ମନା କରାଯାଇଛି ଯେ, ହେ ଅର୍ଜୁନ ! ଏହି ଯୋଗ (ଭକ୍ତି) ନା ଅଧିକ ଖାଉଥିବା ଲୋକର, ନା ଅଧିକ ସମୟ ଜାଗ୍ରତ ରହୁଥିବା ଲୋକର ସଫଳ ହୁଏ । ଏହି ଶ୍ଳୋକରେ ବ୍ରତ କରିବାକୁ ସମ୍ପୂର୍ଣ୍ଣ ରୂପେ ମନା କରାଯାଇଛି । ନିଜର ଗୀତା ଖୋଲି ଦେଖ, ଧର୍ମଦାସକୁ ଗୀତାର ଶ୍ଳୋକ ମନେ ଥିଲା, କାରଣ ସେ ପ୍ରତିଦିନ ଗୀତାପାଠ କରୁଥିଲା । ତଥାପି ସେ ଭାବିଲେ ଯେ କାଳେ ଜିନ୍ଦାସନ୍ତ ନାରାଜ ହୋଇଯିବେ, ତେଣୁ ଗୀତା ଖୋଲି ଅଧ୍ୟାୟ ୬ ଶ୍ଳୋକ ୧୬ ପଢିଲେ ତଥା ସ୍ୱୀକାର କଲେ ଯେ ଆପଣ ମୋର ଆଖି ଖୋଲି ଦେଲେ ଜିନ୍ଦା ! ଆପଣ ତ ପରମାତ୍ମାଙ୍କ ସ୍ୱରୂପ ପରି ଲାଗୁଛନ୍ତି ।

## ଗୀତା ଅନୁସାରେ ଶ୍ରାଦ୍ଧ-ପିଣ୍ଡଦାନର ମହତ୍ତ୍ୱ କ'ଣ ?

ଆପଣ ଶ୍ରାଦ୍ଧ ଓ ପିଣ୍ଡଦାନ କରୁଛନ୍ତି । ଗୀତା ଅଧ୍ୟାୟ ୯ ଶ୍ଳୋକ ୨୫ ରେ ସ୍ପଷ୍ଟ କରାଯାଇଛି ଯେ ଭୂତକୁ ପୂଜୁଥିବା ବ୍ୟକ୍ତି ଭୂତଲୋକକୁ ଯିବେ । ଶ୍ରାଦ୍ଧ କରିବା, ପିଣ୍ଡଦାନ କରିବା ଏସବୁ ଭୂତ ପୂଜା ଅଟେ, ଏହା ବ୍ୟର୍ଥ ସାଧନା ଅଟେ ।

## ଶ୍ରାଦ୍ଧ-ପିଣ୍ଡଦାନ ବିଷୟରେ ରଚୀ ଋଷିଙ୍କ ମତ ।

ମାର୍କଣ୍ଡେୟ ପୁରାଣରେ "ରୌଚ୍ୟ ଋଷିଙ୍କ ଜନ୍ମ" ପ୍ରକରଣ ଅଛି । ରଚି ନାମକ ଜଣେ ଋଷି ଥିଲେ । ସେ ବ୍ରହ୍ମଚର୍ଯ୍ୟ ପାଳନ କରିବା ସହିତ ବେଦ ଅନୁସାରେ ସାଧନା କରୁଥିଲେ । ସେ ବିବାହ କରି ନଥିଲେ । ରୁଚୀ ଋଷିଙ୍କ ପିତା, ଜେଜେ, ଜେଜେଙ୍କ ବାପା ଏବଂ ଜେଜେଙ୍କ ଜେଜେ ଆଦି ସମସ୍ତେ ପିତୃପୁରୁଷ (ଭୂତ) ଯୋନିରେ ଭୋକ-ଶୋଷରେ ଘୂରି ବୁଲୁଥିଲେ । ଦିନେ ସେହି ଚାରିଜଣ ରୁଚୀ ଋଷିଙ୍କୁ ଦର୍ଶନ ଦେଲେ ଏବଂ କହିଲେ, ପୁତ୍ର ! ତୁମେ ବିବାହ କ'ଣ ପାଇଁ କଲ ନାହିଁ ? ବିବାହ କରି ଆମ୍ଭମାନଙ୍କ ଶ୍ରାଦ୍ଧ କର । ରୁଚୀ ଋଷି କହିଲେ, ହେ ପିତାମହ ! ବେଦରେ ଏହି ଶ୍ରାଦ୍ଧ ଆଦି କର୍ମକୁ ଅବିଦ୍ୟା କୁହାଯାଇଛି, ଏହାକୁ ମୂର୍ଖମାନଙ୍କର କାର୍ଯ୍ୟ କୁହାଯାଇଛି । ପୁଣି ଆପଣମାନେ ମୋତେ ଏହି କର୍ମ କରିବା ପାଇଁ କାହିଁକି କହୁଛନ୍ତି ?

ପିତୃପୁରୁଷଗଣ କହିଲେ, ଏକଥା ସତ୍ୟ ଅଟେ ଯେ ଶ୍ରାଦ୍ଧ ଆଦି କର୍ମକୁ ବେଦରେ ଅବିଦ୍ୟା ଅର୍ଥାତ୍ ମୂର୍ଖମାନଙ୍କର କାର୍ଯ୍ୟ କୁହାଯାଇଛି । ତଥାପି ସେହି ପିତୃପୁରୁଷଗଣ ବେଦ ବିରୁଦ୍ଧରେ ଜ୍ଞାନ ବୁଝାଇ ରୁଚୀ ଋଷିଙ୍କୁ ଭ୍ରମିତ କରିଦେଲେ, କାରଣ ମୋହ ମଧ୍ୟ ଅଜ୍ଞାନର ମୂଳ କାରଣ ଅଟେ । ମାର୍କଣ୍ଡେୟ ପୁରାଣର ପ୍ରକରଣରୁ ପ୍ରମାଣିତ ହେଲା ଯେ ବେଦରେ ଏବଂ ବେଦର ସଂକ୍ଷିପ୍ତ ରୂପ "ଗୀତା" ରେ ଶ୍ରାଦ୍ଧ-ପିଣ୍ଡୋଦକ ଆଦି ଭୂତପୂଜା କର୍ମ ସବୁକୁ ନିଷେଧ କରାଯାଇଛି, ତାହା କରିବା ଅନୁଚିତ୍ । ସେହି ମୂର୍ଖ ଋଷିମାନେ ନିଜ ପୁତ୍ରକୁ ମଧ୍ୟ ଶ୍ରାଦ୍ଧ କରିବା ପାଇଁ ବାଧ୍ୟ କଲେ । ସେ ବିବାହ କଲେ, ତାଙ୍କଠାରୁ ରୌଚ୍ୟ ଋଷିଙ୍କ ଜନ୍ମ ହେଲା, ସେମାନେ ପୁଅକୁ ମଧ୍ୟ ପାପର ଭାଗୀଦାର କଲେ ।

ଝ:-ଯାହାକୁ ଗାୟତ୍ରୀମନ୍ତ୍ର କୁହାଯାଏ, ତାହା ଯଜୁର୍ବେଦ ଅଧ୍ୟାୟ ୩୬ ର ମନ୍ତ୍ର ୩ ଅଟେ, ଯାହା ଆଗରେ "ଓମ୍" ଅକ୍ଷର ନାହିଁ । ଯଦି "ଓମ୍" ଅକ୍ଷରକୁ ଏହି ବେଦମନ୍ତ୍ର ସହିତ ଯୋଡ଼ି ଦିଆଯାଉଛି

ତେବେ ଏହା ପରମାତ୍ମାଙ୍କ ଅପମାନ ହେବ କାରଣ ଓମ୍ (ଓଁ) ଅକ୍ଷର ତ ବ୍ରହ୍ମଙ୍କର ଜପ ଅଟେ । ଯଜୁର୍ବେଦ ଅଧ୍ୟାୟ ୩୬ ମନ୍ତ୍ର ୩ ରେ ଲିଖିତ ମନ୍ତ୍ରଟି ପରମ ଅକ୍ଷର ବ୍ରହ୍ମଙ୍କର ମହିମା ଅଟେ । ଯଦି କୌଣସି ଅଜ୍ଞାନ ବ୍ୟକ୍ତି ପ୍ରଧାନମନ୍ତ୍ରୀଙ୍କୁ ଲେଖୁଥିବା ଚିଠିରେ ଏହା ଲେଖିବ ଯେ, ସେବାରେ "ମୁଖ୍ୟମନ୍ତ୍ରୀ ମହାଶୟ" ତେବେ ସେହି ବ୍ୟକ୍ତି ପ୍ରଧାନମନ୍ତ୍ରୀଙ୍କୁ ଅପମାନ କରୁଛି । କଥା ରହିଲା, ଯଜୁର୍ବେଦର ଅଧ୍ୟାୟ ୩୬ ମନ୍ତ୍ର ୩ର ଏହି ମନ୍ତ୍ରକୁ ବାରମ୍ବାର ଜପ କରିବା ବିଷୟ, ଏହି ଜପ କ୍ରିୟା ମୋକ୍ଷଦାୟକ ନୁହେଁ । ମନ୍ତ୍ରର ମୂଳପାଠ ଏହି ପ୍ରକାର ଅଟେ:-

*ଭୂର୍ଭୁବଃ ସ୍ୱଃ ତତ୍ ସବିତୁ ବରେଣୀୟମ୍ ଭୃଗୋ ଦେବସ୍ୟ ଧୀମହି ଧୀୟୋ ୟୋନଃ ପ୍ରଚୋଦୟାତ୍ ।*

ଅନୁବାଦ:- (ଭୂଃ) ସ୍ୱୟଂଭୂ ପରମାତ୍ମା ପୃଥିବୀ ଲୋକକୁ (ଭୁବଃ) ଗୋଲୋକ ଆଦି ଭବନକୁ ବଚନ ଦ୍ୱାରା ପ୍ରକଟ କରିବା ବାଲା ଅଟନ୍ତି । (ସ୍ୱଃ) ସ୍ୱର୍ଗଲୋକ ଆଦି ସୁଖ ଧାମ ଅଟେ । (ତତ୍) ସେ (ସବିତୁଃ) ସେସବୁର ଜନକ ପରମାତ୍ମା ଅଟନ୍ତି । (ବରେଣୀୟମ) ସମସ୍ତ ସାଧକଙ୍କ ପାଇଁ ବରଣ କରିବା ଯୋଗ୍ୟ ଅର୍ଥାତ୍ ଉତ୍ତମ ଆତ୍ମାମାନଙ୍କ ପାଇଁ ଭକ୍ତି ଯୋଗ୍ୟ ଅଟନ୍ତି । (ଭୃଗୋ) ତେଜମୟ ଅର୍ଥାତ୍ ପ୍ରକାଶମାନ (ଦେବସ୍ୟ) ପରମାତ୍ମାଙ୍କ (ଧୀମହୀ) ଉଚ୍ଚ ବିଚାର ରଖିଥିବା ଅର୍ଥାତ୍ ଉତ୍ତମ ବୁଦ୍ଧିମତାର ସହିତ (ଧୀ ୟୋ ନଃ ପ୍ରଚୋଦୟାତ୍) ଯିଏ ବୁଦ୍ଧିମାନଙ୍କ ପରି ବିବେଚନା କରିଥାଏ, ସେହି ବିବେକଶୀଳ ବ୍ୟକ୍ତି ମୋକ୍ଷର ଅଧିକାରୀ ହୋଇଥାଏ ।

ଭାବାର୍ଥ:- ସ୍ୱୟଂମ୍ଭୂ ପରମାତ୍ମା ଯିଏକି ଭୂମି, ଗୋଲୋକ ଆଦି ଲୋକ ତଥା ସ୍ୱର୍ଗ ଲୋକର ସର୍ଜନକର୍ତ୍ତା ଅଟନ୍ତି । ଶ୍ରେଷ୍ଠ ଭକ୍ତମାନଙ୍କୁ ଏହି ବିଚାର ରଖି କରିବା ଉଚିତ୍ ଯେ ସେହି ଉଜ୍ଜ୍ୱଳ ପରମେଶ୍ୱର ଯିଏ ପୁରୁଷୋତ୍ତମ (ସର୍ବଶ୍ରେଷ୍ଠ ପରମାତ୍ମା) ଅଟନ୍ତି, ଯିଏ ସମସ୍ତ ପ୍ରଭୁଙ୍କଠାରୁ ଶ୍ରେଷ୍ଠ ଅଟନ୍ତି, ତାଙ୍କରି ଭକ୍ତି କରନ୍ତୁ, ଯିଏ ସୁଖଧାମ ଅର୍ଥାତ୍ ସର୍ବସୁଖର ଦାତା ଅଟନ୍ତି ।

ଉପରୋକ୍ତ ମନ୍ତ୍ରଟିର ଏହା ହେଉଛି ଓଡ଼ିଆ ଅନୁବାଦ ଓ ଭାବାର୍ଥ । ଏହି ମନ୍ତ୍ରର ସଂସ୍କୃତ କିମ୍ବା ହିନ୍ଦୀ ଅନୁବାଦକୁ ପଢ଼ିଲେ 'ମୋକ୍ଷ' ହୋଇ ପାରିବ ନାହିଁ, କାରଣ ଏହାତ ପରମାତ୍ମାଙ୍କ ମହିମାର ଏକ ଅଂଶ ଅଟେ ଅର୍ଥାତ୍ ହଜାର ହଜାର ବେଦ ମନ୍ତ୍ରରୁ ଯଜୁର୍ବେଦ ଅଧ୍ୟାୟ ୩୬ର ମନ୍ତ୍ର ସଂଖ୍ୟା ୩ ହେଉଛି କେବଳ ଗୋଟିଏ ମନ୍ତ୍ର । ଯଦି କେହି ଚାରୋଟିଯାକ ବେଦକୁ ବି ପଢ଼ିବେ, ତଥାପି ମଧ ମୋକ୍ଷ ମିଳିପାରିବ ନାହିଁ । ମୋକ୍ଷ ମିଳିବ କେବଳ ବେଦ ବର୍ଣ୍ଣିତ ଜ୍ଞାନ ଅନୁସାରେ ଭକ୍ତିକ୍ରିୟା କରିବା ଦ୍ୱାରା । ଉଦାହରଣ:- ବିଜୁଳିର ମହିମା ଏହା ଯେ ବିଜୁଳି ଅନ୍ଧାରକୁ ଆଲୁଅରେ ପରିଣତ କରିଦିଏ, ବିଜୁଳି ଟ୍ୟୁବ୍‌ୱେଲ୍ ଚଳାଇଥାଏ ଯାହା ସାହାଯ୍ୟରେ ଫସଲରେ ପାଣି ମଡ଼ା ଯାଇଥାଏ । ବିଜୁଳି ଗହମ ପେସି ଦିଏ ଇତ୍ୟାଦି-ଇତ୍ୟାଦି ବିଜୁଳିର ବହୁତ ଗୁଣ ଲେଖାଯାଇଛି ।

ଯଦି କୌଣସି ବ୍ୟକ୍ତି ପ୍ରତିଦିନ ବିଜୁଳିର ଗୁଣଗୁଡ଼ିକର ପଠନ କରିବ ତେବେ ତାକୁ ବିଜୁଳିର ଲାଭ ମିଳିବ ନାହିଁ । ବିଜୁଳିର କନେକ୍‌ସନ୍ ନେଲେ ଯାଇ ଲାଭ ମିଳିବ । କନେକ୍‌ସନ୍ କିପରି ମିଳିପାରିବ ? ସେହି ନିୟମଗୁଡିକୁ ପାଳନ କରିବା ପରେ ବିଜୁଳିର ଗୁଣଗୁଡ଼ିକର ଲାଭ ମିଳିପାରିବ । କେବଳ ବିଜୁଳିର ମହିମାକୁ ଗାଇବା ଦ୍ୱାରା ବିଜୁଳି ମିଳିବ ନାହିଁ ।

ଏହିଭଳି ଭାବରେ ବେଦମନ୍ତ୍ରଗୁଡ଼ିକରେ ଅର୍ଥାତ୍ ଶ୍ରୀମଦ୍‌ଭଗବତ୍ ଗୀତାରେ (ଯାହା ଚାରି ବେଦର ସାରାଂଶ ଅଟେ) ମୋକ୍ଷ ପ୍ରାପ୍ତି ପାଇଁ ଯେଉଁ ଜ୍ଞାନ କୁହାଯାଇଛି, ସେହି ଜ୍ଞାନ ଅନୁସାରେ ଆଚରଣ କରିବା ଦ୍ୱାରା ମୋକ୍ଷ ଲାଭ ଅର୍ଥାତ୍ ପରମେଶ୍ୱର ପ୍ରାପ୍ତି ହୋଇଥାଏ ।

ପ୍ରଶ୍ନ ୩୪ :- (ଧର୍ମଦାସଙ୍କର) ହେ ଜିନ୍ଦା ! ମୋତେ ଏହା ମଧ ଜଣା ନାହିଁ ଯେ ମୋକ୍ଷ ପ୍ରାପ୍ତିର ଜ୍ଞାନ ଗୀତାର କେଉଁ ଶ୍ଳୋକରେ ଅଛି ? ମୁଁ ଗୀତା ପଢ଼ିଛି, ବୁଝି ପାରିନି । ଆସ୍ମମାନଙ୍କର ଧର୍ମଗୁରୁମାନେ ଯେଉଁ ଭକ୍ତି କରିବାକୁ କହିଛନ୍ତି, ତାହାକୁ ଶ୍ରଦ୍ଧାର ସହିତ କରି ଆସୁଅଛି । ବର୍ଷ ବର୍ଷ ଧରି ଚାଲିଆସୁଥିବା ଶାସ୍ତ୍ରବିରୁଦ୍ଧ ଭକ୍ତିର

ପ୍ରଚଳନ ଭକ୍ତମାନଙ୍କୁ ସତ୍ୟ ଲାଗୁଛି । ଗୀତାରେ ଲେଖାଯାଇଥିବା ଭକ୍ତିବିଧି ପର୍ଯ୍ୟାପ୍ତ ଅଟେ କି ?

ଉତ୍ତର:- (ଜିନ୍ଦା ବାବାଙ୍କର) :- ଗୀତାରେ କେବଳ ବ୍ରହ୍ମ ସ୍ତରର ଭକ୍ତିବିଧି ଲେଖାଯାଇଛି । କିନ୍ତୁ ପୂର୍ଣ୍ଣମୋକ୍ଷ ପ୍ରାପ୍ତି ପାଇଁ ପରମ ଅକ୍ଷର ବ୍ରହ୍ମଙ୍କର ଭକ୍ତି କରିବା ଉଚିତ୍ । ଗୀତାରେ ସମ୍ପୂର୍ଣ୍ଣ ବିଧି ନାହିଁ, କେବଳ ସଂକେତ ଅଛି । ଯେପରି ଗୀତା ଅଧ୍ୟାୟ ୧୭ ଶ୍ଳୋକ ୨୩ ରେ କହିଛନ୍ତି ଯେ "ସଚ୍ଚିଦାନନ୍ଦ ଘନବ୍ରହ୍ମ ଅର୍ଥାତ୍ ପରମ ଅକ୍ଷର ବ୍ରହ୍ମଙ୍କ ପ୍ରାପ୍ତି ପାଇଁ "ଓଁ, ତତ୍, ସତ୍" ମନ୍ତ୍ରର ନିର୍ଦ୍ଦେଶ ଅଛି । ଏହାର ସ୍ମରଣ କରିବାର ନିୟମ ତିନି ପ୍ରକାରର ଅଟେ । ଏଥିରେ ଥିବା ଓଁ ମନ୍ତ୍ର କ୍ଷରପୁରୁଷ ଅର୍ଥାତ୍ ବ୍ରହ୍ମର ଯାହା ସ୍ପଷ୍ଟ କରାଯାଇଛି, କିନ୍ତୁ "ପରବ୍ରହ୍ମ" (ଅକ୍ଷର ପୁରୁଷ)ଙ୍କର "ତତ୍" ମନ୍ତ୍ର ଅଟେ ଯାହାକି ସାଂକେତିକ ଅଟେ, କେବଳ ଉପଦେଶୀକୁ ସନ୍ଥ ମହାତ୍ମା ଏବିଷୟରେ କହିବେ । "ସତ୍" ଏହି ମନ୍ତ୍ରଟି ପୂର୍ଣ୍ଣବ୍ରହ୍ମ(ପରମ ଅକ୍ଷର ବ୍ରହ୍ମ)ଙ୍କର ଅଟେ ଯାହାକି ସାଂକେତିକ ଅଟେ, ଏହି ମନ୍ତ୍ରକୁ ମଧ୍ୟ ତତ୍ତ୍ୱଦର୍ଶୀ ସନ୍ଥ କେବଳ ଉପଦେଶୀକୁ କହିଥାନ୍ତି । ତତ୍ତ୍ୱଦର୍ଶୀ ସନ୍ଥଙ୍କ ପାଖରେ ପୂର୍ଣ୍ଣ ମୋକ୍ଷ ମାର୍ଗର ଜ୍ଞାନ ଥାଏ । ଯାହାକି ନା ବେଦରେ ଅଛି, ନା ଗୀତାରେ ଏବଂ ନା ପୁରାଣରେ ଅଥବା ଅନ୍ୟ ଉପନିଷଦରେ ଅଛି । ତତ୍ତ୍ୱଜ୍ଞାନର ସତ୍ୟତାକୁ ପ୍ରମାଣିତ କରିବା ପାଇଁ ଗୀତା ଓ ବେଦ କେବଳ ସହଯୋଗୀ ଅଟନ୍ତି । ଯେମିତି ଭକ୍ତିବିଧି ବେଦ-ଗୀତାରେ ଅଛି, ସେମିତି ଭକ୍ତିବିଧି ତତ୍ତ୍ୱଜ୍ଞାନ (ସୂକ୍ଷ୍ମବେଦ ଅବା ସଚ୍ଚିଦାନନ୍ଦ ଘନବ୍ରହ୍ମଙ୍କ ବାଣୀ)ରେ ଅଛି । ସୂକ୍ଷ୍ମବେଦ ଅର୍ଥାତ୍ ତତ୍ତ୍ୱଜ୍ଞାନରେ ବେଦ ଓ ଗୀତାର ଭକ୍ତି ବିଧିତ ଅଛି, ଏହାଛଡ଼ା ପୂର୍ଣ୍ଣମୋକ୍ଷ ରୂପୀ ସାଧନା ମଧ୍ୟ ଅଛି । ଉଦାହରଣ ପାଇଁ ଦଶମ ଶ୍ରେଣୀର ପାଠ୍ୟକ୍ରମ ଭୁଲ ନୁହେଁ, ମାତ୍ର ଅସମ୍ପୂର୍ଣ୍ଣ ଅଟେ । **B.A, M.A.** ର ସିଲାବସ୍‌ରେ ଦଶମ ଶ୍ରେଣୀ ତଥା ଦଶମଠାରୁ ଉଚ୍ଚ କକ୍ଷର ଜ୍ଞାନ ମଧ୍ୟ ଥାଏ । ବେଦ-ଗୀତା ଓ ସୂକ୍ଷ୍ମ ବେଦରେ ଥିବା ଜ୍ଞାନରେ ଥିବା ପାର୍ଥକ୍ୟର ଏହି ଦଶା ଅଟେ ।

ପ୍ରଶ୍ନ ୩୫:- (ଧର୍ମଦାସଙ୍କର) ବେଦ-ଗୀତାରେ କେଉଁଠି ପ୍ରମାଣ ଅଛି ଯେ ପୂର୍ଣ୍ଣ ମୋକ୍ଷ ମାର୍ଗ କେବଳ ତତ୍ତ୍ୱଦର୍ଶୀ ସନ୍ଥଙ୍କ ପାଖରେ ଥାଏ, ବେଦ ଓ ଗୀତାରେ ନାହିଁ । ହେ ପ୍ରଭୁ ଜିନ୍ଦା ! ମୋ ସନ୍ଦେହର ସମାଧାନ କରନ୍ତୁ, ଆପଣଙ୍କ ଜ୍ଞାନ ମୋ ହୃଦୟକୁ ଛୁଇଁଛି, ତାହା ସତ୍ୟ ମଧ୍ୟ ଅଟେ ମାତ୍ର ପ୍ରତ୍ୟକ୍ଷ ପ୍ରମାଣ ଦେଖି ସାରିବା ପରେ ବିଶ୍ୱାସ ହୋଇଥାଏ ।

ଉତ୍ତର:- (ଜିନ୍ଦା ପରମେଶ୍ୱରଙ୍କର) ଗୀତା ଅଧ୍ୟାୟ ୪ ଶ୍ଳୋକ ୨୫ ରୁ ୩୦ ରେ ଗୀତା ଜ୍ଞାନଦାତା କହିଛନ୍ତି ଯେ ହେ ଅର୍ଜୁନ ! ସମସ୍ତ ସାଧକ ନିଜ ନିଜର ସାଧନା ଓ ଭକ୍ତିକୁ ପାପନାଶକ ଅର୍ଥାତ୍ ମୋକ୍ଷଦାୟକ ଭାବି ଭକ୍ତି କରିଥାନ୍ତି । ଯଦି ସେମାନଙ୍କର ଏଥିରେ ଦୃଢତା ନଥାନ୍ତା ଯେ ଆମ୍ଭେ ଯେଉଁ ଭକ୍ତି କରୁଅଛୁ ତାହା ଶାସ୍ତ୍ରାନୁକୂଳ ନୁହେଁ ତେବେ ସେମାନେ ସାଧନା କରିବା ଛାଡ଼ି ଦେଇଥାନ୍ତେ । ଯେପରି କି କେତେକ ସାଧକ ଦେବତାମାନଙ୍କର ପୂଜା ରୂପୀ ଯଜ୍ଞ ଅର୍ଥାତ୍ ଧାର୍ମିକ ଅନୁଷ୍ଠାନ କରିବାକୁ ହିଁ ପୂଜା ମାନିଥାନ୍ତି । ଆଉ କେହି କେହି ବ୍ରହ୍ମକୁ ପୂଜା କରିଥାନ୍ତି । କେହି କେହି କେବଳ ଅଗ୍ନିରେ ଘିଅ ଆଦି ଢାଳି ଅନୁଷ୍ଠାନ କରନ୍ତି ଯାହାକୁ ହୋମ କୁହନ୍ତି । (ଗୀତା ଅଧ୍ୟାୟ ୪ ଶ୍ଳୋକ ୨୫)

ଌଃ-ଅନ୍ୟାନ୍ୟ ଯୋଗୀଗଣ ଅର୍ଥାତ୍ ଭକ୍ତଜନ ଆଖି, କାନ, ମୁଖକୁ ବନ୍ଦ କରି ଭକ୍ତିକ୍ରିୟା କରନ୍ତି । ସେହିଥିରେ ନିଜର ମାନବ ଜୀବନକୁ ହୋମ ଅର୍ଥାତ୍ ସମାପ୍ତ କରିଦିଅନ୍ତି (ଗୀତା ଅଧ୍ୟାୟ ୪ ଶ୍ଳୋକ ୨୬)

ଌଃ-ଅନ୍ୟ ଯୋଗୀ ଅର୍ଥାତ୍ ଭକ୍ତଗଣ ଧ୍ୟାନ ଦ୍ୱାରା ନିଶ୍ୱାସକୁ ଯିବା-ଆସିବା କରୁଥିବାର ଦେଖି ଭକ୍ତି ସାଧନା କରନ୍ତି ଯାହାଦ୍ୱାରା ସେମାନେ ଆତ୍ମସଂଯମ ସାଧନା ରୂପୀ ଅଗ୍ନିରେ ନିଜର ଜୀବନକୁ ହୋମ ଅର୍ଥାତ୍ ମଣିଷ ଜୀବନକୁ ସମ୍ପୂର୍ଣ୍ଣ କରିଥାନ୍ତି, ଯାହାକୁ ଜ୍ଞାନ ଦିପ କହିଥାନ୍ତି ଅର୍ଥାତ୍ ନିଜ ସାଧନାକୁ ଶ୍ରେଷ୍ଠ କହିଥାନ୍ତି । (ଗୀତା ଅଧ୍ୟାୟ ୪ ଶ୍ଳୋକ ୨୭)

ଌଃ-ଅନ୍ୟ କେତେକ ସାଧକ, ଦ୍ରବ୍ୟ ଅର୍ଥାତ୍ ଧନ ଦ୍ୱାରା ହେଉଥିବା ଯଜ୍ଞ ଅର୍ଥାତ୍ ଧାର୍ମିକ ଅନୁଷ୍ଠାନ

କରନ୍ତି, ଯେପରି ଭୋଜନ ଭଣ୍ଡାରାର ଆୟୋଜନ କରିବା, କମ୍ବଳ-ବସ୍ତ୍ରାଦି ବାଣ୍ଟିବା, ଧର୍ମଶାଳା ଓ ପାନ୍ଥନିବାସ ନିର୍ମାଣ, ପାନୀୟ ଜଳର ବ୍ୟବସ୍ଥା; ଏହିପ୍ରକାରର ଯଜ୍ଞ କରିଥାନ୍ତି । କେତେକ ତପସ୍ୟା କରିଥାନ୍ତି, କେତେକ ଯୋଗାସନ କରନ୍ତି । ଏହାକୁ ହିଁ ପରମାତ୍ମା ପ୍ରାପ୍ତିର ସାଧନା ବୋଲି ସେମାନେ ମାନି ନେଇଥାନ୍ତି । କେତେକ ସାଧକ ଅହିଂସା ଆଦି ତୀକ୍ଷ୍ଣ ବ୍ରତ କରନ୍ତି, ଯେପରିକି ମୁହଁରେ ପଟି ବାନ୍ଧି ଖାଲି ପାଦରେ ଚାଲିବା, ବହୁତ ଦିନ ପର୍ଯ୍ୟନ୍ତ ଉପବାସ ରହିବା ଆଦି । ଅନ୍ୟ ଯୋଗୀ ଅର୍ଥାତ୍ ସାଧକମାନେ ସ୍ୱାଧ୍ୟାୟ ଅର୍ଥାତ୍ ପ୍ରତିଦିନ ଯେକୌଣସି ବେଦ ଆଦି ଗ୍ରନ୍ଥରୁ କିଛି ମନ୍ତ୍ର(ଶ୍ଳୋକ)ପାଠ କରନ୍ତି ଯାହାକୁ ଜ୍ଞାନଯଜ୍ଞ କୁହାଯାଇଛି । ଏହି ସମସ୍ତ ଧାର୍ମିକ କ୍ରିୟାକୁ ସେମାନେ ମୋକ୍ଷଦାୟକ ମାନିଥାନ୍ତି । (ଗୀତା ଅଧ୍ୟାୟ ୪ ଶ୍ଳୋକ ୨୮)

ଝ:-ଅନ୍ୟ ଯୋଗୀ ଅର୍ଥାତ୍ ଭକ୍ତଗଣ ପ୍ରାଣବାୟୁ (ନିଶ୍ୱାସ)କୁ ଅପାନ(ଯେଉଁ ବାୟୁକୁ ନାକ ଦ୍ୱାରା ଶରୀର ମଧ୍ୟକୁ ନିଆଯାଏ) ବାୟୁରେ ପହଞ୍ଚାଇବା ରୂପୀ କ୍ରିୟା କରନ୍ତି । ଅନ୍ୟ ଯୋଗୀଜନ ଏହା ବିପରୀତ ଅପାନ ବାୟୁକୁ ପ୍ରାଣବାୟୁରେ ପହଞ୍ଚାଇବା କ୍ରିୟା କରନ୍ତି । କେତେକ ସାଧକ ଅଳ୍ପାହାର ରହନ୍ତି । କେତେକ ଯୌଗିକ କ୍ରିୟା କରନ୍ତି । ଯେପରି ପ୍ରାଣାୟାମରେ ଲୀନ ସାଧକ ପାନ-ଅପାନର ଗତିକୁ ଅଟକାଇ ନିଶ୍ୱାସ କମ୍ ନିଅନ୍ତି । ଏହି କ୍ରିୟାରେ ହିଁ ନିଜ ମାନବ ଜୀବନକୁ ହୋମ ଅର୍ଥାତ୍ ସମର୍ପିତ କରିଦିଅନ୍ତି । ଉପରୋକ୍ତ ସମସ୍ତ (ଅଧ୍ୟାୟ ୪ ଶ୍ଳୋକ ୨୫ ରୁ ୩୦ ପର୍ଯ୍ୟନ୍ତ) ସାଧକ ନିଜ-ନିଜର ଯଜ୍ଞ ଅର୍ଥାତ୍ ଧାର୍ମିକ ଅନୁଷ୍ଠାନ କରି ଏହା ମାନି ନେଇଥାନ୍ତି ଯେ ଆମ୍ଭେ ପାପ ବିନାଶକାରୀ ଭକ୍ତି ସାଧନା କରୁଅଛୁ । (ଗୀତା ଅଧ୍ୟାୟ ୪ ଶ୍ଳୋକ ୩୦)

ଝ:-ଯଦି ସାଧକର ସାଧନା ଶାସ୍ତ୍ର ଅନୁଯାୟୀ ହୋଇଥିବ ତେବେ ହେ କୁରୁଶ୍ରେଷ୍ଠ ଅର୍ଜୁନ ! ଏହି ଯଜ୍ଞର ଅବଶିଷ୍ଟ ଅମୃତ ଭୋଗକୁ ଖାଇ ସାଧକ, ସନାତନ ବ୍ରହ୍ମ ଅର୍ଥାତ୍ ପରମ ଅକ୍ଷର ବ୍ରହ୍ମଙ୍କୁ ପ୍ରାପ୍ତ ହୁଅନ୍ତି, ଆଉ ଯଜ୍ଞ ଅର୍ଥାତ୍ ଶାସ୍ତ୍ରାନୁକୂଳ ସାଧନା ନ କରିବା ବ୍ୟକ୍ତି ପାଇଁ ଏହି ପୃଥିବୀଲୋକ ମଧ୍ୟ ସୁଖଦାୟକ ହୋଇ ନଥାଏ, ତେବେ ପରଲୋକ କିପରି ସୁଖଦାୟକ ହୋଇପାରିବ ଅର୍ଥାତ୍ ସେହି ଶାସ୍ତ୍ରବିରୁଦ୍ଧ ସାଧକକୁ କୌଣସି ଲାଭ ହୁଏ ନାହିଁ । ଏହି ପ୍ରମାଣ ଗୀତା ଅଧ୍ୟାୟ ୧୬ ଶ୍ଳୋକ ୨୩-୨୪ରେ ମଧ୍ୟ ଅଛି ।

ଝ:-ଗୀତା ଜ୍ଞାନଦାତା ଉପରୋକ୍ତ ୨୫ ରୁ ୩୦ ଶ୍ଳୋକରେ ସ୍ପଷ୍ଟ କରିଛନ୍ତି ଯେ ଯେଉଁ ସାଧକ ଯେଉଁ ପ୍ରକାରର ସାଧନା କରୁଛି, ତାହାକୁ ମୋକ୍ଷଦାୟକ ଓ ସତ୍ୟ ମାନି ସାଧନା କରୁଛି । କିନ୍ତୁ ଗୀତା ଅଧ୍ୟାୟ ୪ର ଶ୍ଳୋକ ୩୨ରେ ହିଁ କହିଛନ୍ତି ଯେ "ଯଜ୍ଞ ଅର୍ଥାତ୍ ଧାର୍ମିକ ଅନୁଷ୍ଠାନଗୁଡ଼ିକ ବିଷୟରେ ବାସ୍ତବିକ "ଜ୍ଞାନ"(ବ୍ରହ୍ମଣଃ ମୁଖେ) ପରମ ଅକ୍ଷର ବ୍ରହ୍ମ ସ୍ୱୟଂ ନିଜ ମୁଖ କମଳରେ ଉଚ୍ଚାରଣ କରି ଆମ୍ଭମାନଙ୍କୁ ପ୍ରଦାନ କରିଥାନ୍ତି । ତାହାକୁ ସଚ୍ଚିଦାନନ୍ଦ ଘନବ୍ରହ୍ମ ଅର୍ଥାତ୍ ପରମ ଅକ୍ଷର ବ୍ରହ୍ମଙ୍କ ବାଣୀ କୁହାଯାଇଛି । ତାହାକୁ ତତ୍ତ୍ୱଜ୍ଞାନ ମଧ୍ୟ କୁହନ୍ତି । ତାକୁ ହିଁ ପରମବେଦ(ସୂକ୍ଷ୍ମବେଦ)ମଧ୍ୟ କୁହନ୍ତି । ସେହି ତତ୍ତ୍ୱଜ୍ଞାନରେ ଭକ୍ତିବିଧି ବିସ୍ତୃତ ଭାବରେ କୁହାଯାଇଛି । ତାହା ଜାଣି ସାରିବା ପରେ ସାଧକ ସମସ୍ତ ପ୍ରକାରର ପାପରୁ ମୁକ୍ତ ହୋଇଯାଏ ଅର୍ଥାତ୍ ପୂର୍ଣ୍ଣମୋକ୍ଷ ପ୍ରାପ୍ତ ହୋଇଥାଏ ।

ନୋଟ୍:- ଗୀତା ଅଧ୍ୟାୟ ୪ ଶ୍ଳୋକ ୩୨ର ଅନୁବାଦରେ ସମସ୍ତ ଅନୁବାଦକମାନେ ସମାନ ପ୍ରକାରର ଭୁଲ୍ କରିଛନ୍ତି । "ବ୍ରହ୍ମଣଃ" ଶବ୍ଦର ଅର୍ଥକୁ 'ବେଦ' ବୋଲି ଲେଖିଛନ୍ତି । "ବ୍ରହ୍ମଣଃ ମୁଖେ" ର ଅର୍ଥକୁ 'ବେଦ ବାଣୀରେ' ବୋଲି ଲେଖିଛନ୍ତି ଯାହାକି ଭୁଲ୍ ଅଟେ । ସେହି ଅନୁବାଦକମାନେ ଗୀତା ଅଧ୍ୟାୟ ୧୭ ଶ୍ଳୋକ ୨୩ ରେ "ବ୍ରହ୍ମଣଃ" ର ଅର୍ଥ ସଚ୍ଚିଦାନନ୍ଦ ଘନବ୍ରହ୍ମ ଅର୍ଥାତ୍ ପରମ ଅକ୍ଷର ବ୍ରହ୍ମ ଲେଖିବା ଠିକ୍ ଅର୍ଥ ଅଟେ । ପ୍ରମାଣ ପାଇଁ ଦେଖନ୍ତୁ ଉପରୋକ୍ତ ଗୀତା ଶ୍ଳୋକଗୁଡ଼ିକର ଫଟୋକପି ଏହି ପୁସ୍ତକର ପୃଷ୍ଠା ନଂ ୧୭୬ ରୁ ୩୫୨ ମଧ୍ୟରେ ।

ଝ:-ଗୀତା ଅଧ୍ୟାୟ ୪ଶ୍ଳୋକ ୩୪ ରେ ଗୀତା ଜ୍ଞାନଦାତା କହିଛନ୍ତି ଯେ ସେହି ଜ୍ଞାନ (ଯାହା ପରମାତ୍ମା ନିଜ ମୁଖ କମଳରେ ଉଚ୍ଚାରଣ କରି ଶୁଣାଇଥାନ୍ତି, ଯାହା ତତ୍ତ୍ୱଜ୍ଞାନ ଅଟେ, ତାହାକୁ) ତୁ

ତତ୍ତ୍ୱଦର୍ଶୀ ସନ୍ଥଙ୍କ ନିକଟକୁ ଯାଇ ବୁଝ । ତାଙ୍କୁ ଦଣ୍ଡବତ୍ ପ୍ରମାଣ କଲେ, କପଟ ଛାଡ଼ି ନମ୍ରତାପୂର୍ବକ ପ୍ରଶ୍ନ କଲେ ସେହି ତତ୍ତ୍ୱଦର୍ଶୀ ସନ୍ଥ ତୋତେ ତତ୍ତ୍ୱଜ୍ଞାନ ବିଷୟରେ ବୁଝାଇ ଦେବେ ।

ଝ:-ଏଥିରୁ ଏହା ମଧ୍ୟ ପ୍ରମାଣିତ ହେଲା ଯେ, ଗୀତା ଜ୍ଞାନ ସମ୍ପୂର୍ଣ୍ଣ ନୁହଁ, ପରନ୍ତୁ ଭୁଲ୍ ମଧ୍ୟ ନୁହଁ । ଗୀତା ଜ୍ଞାନଦାତାଙ୍କୁ ମଧ୍ୟ ପୂର୍ଣ୍ଣ ମୋକ୍ଷ ମାର୍ଗ ବିଷୟରେ ଜଣାନାହିଁ । ତତ୍ତ୍ୱଜ୍ଞାନ ବିଷୟରେ ଗୀତା ଜ୍ଞାନଦାତାଙ୍କୁ ଜଣାନାହିଁ, ଯାହାକୁ ପରମାତ୍ମା (ପରମ ଅକ୍ଷର ବ୍ରହ୍ମ) ନିଜର ମୁଖ କମଳରେ କହିଥାନ୍ତି । ତାହାକୁ ତତ୍ତ୍ୱଦର୍ଶୀ ସନ୍ଥଙ୍କଠାରୁ ଜାଣିବା ପାଇଁ କହିଛନ୍ତି ।

ଝ:-ଏହି ପ୍ରମାଣ ଯଜୁର୍ବେଦ ଅଧ୍ୟାୟ ୪ ମନ୍ତ୍ର ୧୦ରେ ମଧ୍ୟ ଅଛି । ସେଥିରେ କୁହାଯାଇଛି ଯେ ପରମ ଅକ୍ଷରବ୍ରହ୍ମଙ୍କୁ କେହି ତ 'ସମ୍ଭବାତ୍" ଅର୍ଥାତ୍ ରାମ-କୃଷ୍ଣଙ୍କ ଭଳି ଜନ୍ମଗ୍ରହଣ କରୁଥିବା ସାକାର ପ୍ରଭୁ କୁହନ୍ତି । କେହି କୁହେ ଯେ 'ଅସମ୍ଭବାତ୍' ଅର୍ଥାତ୍ ପରମାତ୍ମା ଜନ୍ମ ନିଅନ୍ତି ନାହିଁ, ସେ ନିରାକାର ଅଟନ୍ତି । ପରମେଶ୍ୱର ଉତ୍ପନ୍ନ ହୁଅନ୍ତି ଅଥବା ହୁଅନ୍ତି ନାହିଁ, ବାସ୍ତବରେ ଦେଖିବାକୁ କେମିତି ? ଏହି ଜ୍ଞାନ 'ଧୀରାଣାମ୍'ତତ୍ତ୍ୱଦର୍ଶୀ ସନ୍ଥ ହିଁ କହିଥାନ୍ତି, ତାଙ୍କଠାରୁ ଶୁଣ ।

ପ୍ରଶ୍ନ ୩୬ :- (ଧର୍ମଦାସଙ୍କ) ହେ ପ୍ରଭୁ ! ହେ ଜିନ୍ଦା ! ତତ୍ତ୍ୱଦର୍ଶୀ ସନ୍ଥଙ୍କର ପରିଚୟ କ'ଣ ତଥା ପ୍ରାମାଣିକ ସଦଗ୍ରନ୍ଥରେ ଏ ବିଷୟରେ କେଉଁଠାରେ ପ୍ରମାଣ ଅଛି ? ଆପଣଙ୍କର ଜ୍ଞାନ ମୋ ଆତ୍ମାକୁ ଭେଦ କରୁଛି । ଗୀତାର ଗୋଟିଏ-ଗୋଟିଏ ଶବ୍ଦର ବାସ୍ତବିକ ଭାବାର୍ଥ ଆପଣଙ୍କ ମୁଖ କମଳରୁ ଶୁଣି ସାରିବା ପରେ ଅନେକ ଯୁଗର ଏହି ଅତୃପ୍ତ ଆତ୍ମା କିଛି ମାତ୍ରାରେ ତୃପ୍ତ ହେଉଛି, ମନ ଗଦ୍‌ଗଦ୍ ହୋଇଯାଉଛି ।

ଉତ୍ତର:- ପରମେଶ୍ୱର(ଜିନ୍ଦା ପରମେଶ୍ୱର) କହିଲେ ଯେ ପ୍ରଥମେ ତତ୍ତ୍ୱଦର୍ଶୀ ସନ୍ଥ ଅର୍ଥାତ୍ ପୂର୍ଣ୍ଣ ଜ୍ଞାନୀ ସଦଗୁରୁଙ୍କ ଲକ୍ଷଣ ଶୁଣ:-

*ଗୁରୁ କେ ଲକ୍ଷଣ ଚାର ବଖାନା, ପ୍ରଥମ ବେଦ ଶାସ୍ତ୍ର କା ଜ୍ଞାନା (ଜ୍ଞାତା) ।*
*ଦୁଜେ ହରିଭକ୍ତି ମନ କର୍ମ ବାଣୀ, ତୀସରେ ସମଦୃଷ୍ଟି କର ଜାନି ।*
*ଚୌଥେ ବେଦ ବିଧି ସବ କର୍ମା, ୟହ ଚାର ଗୁରୁ ଗୁଣ ଜାନୋ ମର୍ମା ।*

କବୀରସାଗରର "ଜୀବ୍ ଧର୍ମ୍ ବୋଧ୍" ଅଧ୍ୟାୟର ୧୯୬୦ ନଂ ପୃଷ୍ଠାରେ ଏହି ଅମୃତବାଣୀ ଲିଖିତ ଅଛି ।

ଭାବାର୍ଥ:- ଯିଏ ତତ୍ତ୍ୱଦର୍ଶୀ ସନ୍ଥ (ପୂର୍ଣ୍ଣ ସଦଗୁରୁ) ହୋଇଥିବେ, ତାଙ୍କଠାରେ ମୁଖ୍ୟତଃ ଚାରୋଟି ଗୁଣ ଥାଏ:-

୧. ସେ ବେଦ ତଥା ଅନ୍ୟ ସମସ୍ତ ଗ୍ରନ୍ଥଗୁଡ଼ିକ ବିଷୟରେ ପୂର୍ଣ୍ଣ ଜ୍ଞାନୀ ହୋଇଥାଆନ୍ତି ।

୨. ଦ୍ୱିତୀୟରେ ସେ ସ୍ୱୟଂ ମନ-କର୍ମ-ବଚନରେ ପରମାତ୍ମାଙ୍କର ଭକ୍ତି କରନ୍ତି, କେବଳ ପ୍ରବଚନ ଦିଅନ୍ତି ନାହିଁ, ତାଙ୍କ କଥାରେ ଏବଂ କାର୍ଯ୍ୟରେ କୌଣସି ପାର୍ଥକ୍ୟ ନଥାଏ ।

୩. ସେ ସମସ୍ତ ଅନୁଯାୟୀମାନଙ୍କୁ ସମଦୃଷ୍ଟିରେ ଦେଖନ୍ତି ତଥା ଉଚ୍ଚ-ନୀଚ ଭେଦଭାବ ରଖନ୍ତି ନାହିଁ ।

୪. ଚତୁର୍ଥରେ ସେ ସମସ୍ତ ଭକ୍ତିକର୍ମ ବେଦ ଅନୁସାରେ କରନ୍ତି ଏବଂ କରାନ୍ତି ଅର୍ଥାତ୍ ଶାସ୍ତ୍ରାନୁକୂଳ ଭକ୍ତି ସାଧନା କରନ୍ତି ଏବଂ କରାନ୍ତି । ଉପରେ ବର୍ଣ୍ଣିତ ଏହି ପ୍ରମାଣ ସୂକ୍ଷ୍ମ ବେଦରେ ଅଛି ଯାହାକୁ ପରମେଶ୍ୱର ନିଜ ମୁଖ କମଳରେ କହିଛନ୍ତି ।

ସନ୍ଥଙ୍କର ପରିଚୟ କ'ଣ ?

ଶ୍ରୀମଦ୍‌ଭଗବତ୍ ଗୀତା ଅଧ୍ୟାୟ ୧୫ ଶ୍ଳୋକ ୧ ରେ ସ୍ପଷ୍ଟ ଅଛି ଯେ:-

*ଉର୍ଦ୍ଧ୍ୱ ମୂଳମ୍ ଅଧଃ ଶାଖମ୍ ଅଶ୍ୱତ୍ଥମ୍ ପ୍ରାହୁଃ ଅବ୍ୟୟମ୍*
*ଛନ୍ଦାସି ଯସ୍ୟ ପର୍ଣ୍ଣାନି, ୟଃ ତମ୍ ବେଦ ସଃ ବେଦବିତ୍ ॥*

ଅନୁବାଦ:- ଉପରକୁ ମୂଳ (ଚେର)ଥିବା, ତଳକୁ ତିନିଗୁଣ ରୂପୀ ଶାଖା ଥିବା ଓଲଟା ଭାବେ ଝୁଲି ରହିଥିବା ସଂସାର ରୂପୀ ଅଶ୍ୱତ୍ଥ ବୃକ୍ଷକୁ ଜାଣ, ଏହାକୁ ଅବିନାଶୀ କୁହନ୍ତି, କାରଣ ଉତ୍ପତ୍ତି-ପ୍ରଳୟ ଚକ୍ର ସର୍ବଦା ଚାଲୁ ରହିଥିବାରୁ ଏହାକୁ ଅବିନାଶୀ କୁହାଯାଇଛି । ଏହି ସଂସାର ରୂପୀ ବୃକ୍ଷର ପତ୍ର ଆଦି ଛନ୍ଦ ଅଟେ ଅର୍ଥାତ୍ ଅଙ୍ଗ **(Parts)** ଅଟେ । (ୟଃ ତମ୍ ବେଦ) ଯିଏ ଏହି ସଂସାର ରୂପୀ ବୃକ୍ଷର ସମସ୍ତ ବିଭାଗ (ଅଙ୍ଗ)କୁ ତତ୍ତ୍ୱତଃ ଜାଣିଥାନ୍ତି, (ସଃ) ସେ (ବେଦବିତ୍) ବେଦ ତାତ୍ପର୍ଯ୍ୟର ଜ୍ଞାତା ଅଟନ୍ତି ଅର୍ଥାତ୍ ସେ ତତ୍ତ୍ୱଦର୍ଶୀ ସନ୍ଥ ଅଟନ୍ତି । ଯେପରିକି ଗୀତା ଅଧ୍ୟାୟ ୪ ଶ୍ଳୋକ ୩୨ରେ କୁହାଯାଇଛି ଯେ ପରମଅକ୍ଷର ବ୍ରହ୍ମ ସ୍ୱୟଂ ପୃଥିବୀ ଉପରେ ପ୍ରକଟ ହୋଇ ନିଜ ମୁଖକମଳରେ ତତ୍ତ୍ୱଜ୍ଞାନକୁ ବିସ୍ତୃତ ଭାବରେ ବୋଲିଥାନ୍ତି । ପରମେଶ୍ୱର ନିଜ ବାଣୀରେ ଅର୍ଥାତ୍ ତତ୍ତ୍ୱଜ୍ଞାନରେ କହିଛନ୍ତି ଯେ:-

କବୀର, ଅକ୍ଷର ପୁରୁଷ ଏକ ପେଡ଼ ହେ, କ୍ଷରପୁରୁଷ ବାକି ଡ଼ାର ।
ତିନୋ ଦେବା ଶାଖା ହେ, ପାତ୍ ରୂପ ସଂସାର ॥

ଭାବାର୍ଥ :- ବୃକ୍ଷର ଯେଉଁ ଅଂଶଟି ମାଟି ଉପରକୁ ଦୃଶ୍ୟମାନ ହୋଇଥାଏ ତାହାକୁ କାଣ୍ଡ କୁହାଯାଏ । କାଣ୍ଡକୁ ଅକ୍ଷରପୁରୁଷ ବୋଲି ଜାଣ, କାଣ୍ଡରୁ କେତେକ ମୋଟା ଡ଼ାଳ ବାହାରିଥାଏ । ସେଥିମଧ୍ୟରୁ ଗୋଟିଏ ମୋଟା ଡାଳକୁ କ୍ଷରପୁରୁଷ ବୋଲି ଜାଣ ସେହି ଡାଳରୁ ତିନୋଟି ଶାଖା ବାହାରିଥାଏ, ସେଗୁଡ଼ିକୁ ତିନିଜଣ ଦେବତା (ରଜଗୁଣ ବ୍ରହ୍ମା, ସତଗୁଣ ବିଷ୍ଣୁ ଓ ତମଗୁଣ ଶିବ-ଶଙ୍କର) ଭାବେ ଜାଣ ଏବଂ ଏହି ଶାଖାଗୁଡ଼ିକରେ ପତ୍ର ହୋଇଥାଏ, ସେହି ପତ୍ରଗୁଡ଼ିକୁ ସଂସାର ଭାବେ ଜାଣ ।

ଗୀତା ଅଧ୍ୟାୟ ୧୫ ଶ୍ଳୋକ ୧ ରୁ ୪ ରେ ସାଙ୍କେତିକ ବିବରଣୀ ଅଛି । ଏହି ସାଙ୍କେତିକ ବିବରଣୀକୁ ତତ୍ତ୍ୱଜ୍ଞାନରେ ବିସ୍ତୃତ ଭାବେ କୁହାଯାଇଛି । ଚାଲନ୍ତୁ ସର୍ବପ୍ରଥମେ ଗୀତାରେ ଲିଖିତ ଜ୍ଞାନ ଆଧାରରେ ଏହାକୁ ଜାଣିବା ।

ଗୀତା ଅଧ୍ୟାୟ ୧୫ ଶ୍ଳୋକ ୨ ରେ କୁହାଯାଇଛି ଯେ ସଂସାର ରୂପୀ ଓଲଟ ବୃକ୍ଷର ତ୍ରିଗୁଣ (ରଜଗୁଣର ଅଧିକାରୀ ବ୍ରହ୍ମା, ସତ୍ତ୍ୱଗୁଣର ଅଧିକାରୀ ବିଷ୍ଣୁ ଏବଂ ତମଗୁଣର ଅଧିକାରୀ ଶଙ୍କର)ରୂପୀ ଶାଖାଗୁଡ଼ିକ ଅଛି । ଏଗୁଡ଼ିକ ଉପରକୁ (ସ୍ୱର୍ଗ ଲୋକରେ) ଏବଂ ତଳ (ପାତାଳ ଲୋକ)କୁ ବିସ୍ତାରିତ ହୋଇଛି ।

ନୋଟ୍:- ରଜଗୁଣ ବ୍ରହ୍ମା, ସତ୍ତ୍ୱଗୁଣ ବିଷ୍ଣୁ ଏବଂ ତମଗୁଣ ଶଙ୍କର ଅଟନ୍ତି । ପ୍ରମାଣ ଦେଖନ୍ତୁ ପ୍ରଶ୍ନ ନଂ- ୭ରେ । ତିନୋଟି ଶାଖା ଉପର-ତଳ ବିସ୍ତାରିତ ହୋଇଛି, ଏହାର ତାତ୍ପର୍ଯ୍ୟ ହେଉଛି ଗୀତାର ଜ୍ଞାନକୁ ପୃଥିବୀ ଲୋକରେ କୁହାଯାଉଥିଲା । ତିନିଜଣ ଦେବତାଙ୍କର କ୍ଷମତା ତିନୋଟି ଲୋକ (ସ୍ୱର୍ଗ ଲୋକ, ପୃଥିବୀ ଲୋକ, ପାତାଳ ଲୋକ) ଉପରେ ଅଛି । ଏହି ତିନିଜଣ ଦେବତା ଗୋଟିଏ ଗୋଟିଏ ବିଭାଗର ମନ୍ତ୍ରୀ ଅଟନ୍ତି । ରଜଗୁଣ ବିଭାଗର ମନ୍ତ୍ରୀ ଶ୍ରୀବ୍ରହ୍ମା, ସତ୍ତ୍ୱଗୁଣ ବିଭାଗର ମନ୍ତ୍ରୀ ଶ୍ରୀବିଷ୍ଣୁ, ତମଗୁଣ ବିଭାଗର ମନ୍ତ୍ରୀ ଶ୍ରୀ ଶିବ ଅଟନ୍ତି ।

ଗୀତା ଅଧ୍ୟାୟ ୧୫ ଶ୍ଳୋକ ୩ରେ କୁହାଯଇଛି ଯେ ହେ ଅର୍ଜୁନ ! ଏହି ସଂସାରରୂପୀ ଓଲଟ ବୃକ୍ଷର ସ୍ୱରୂପ ଯେପରି ଅଟେ, ଏଠାରେ (ବିଚାର ସମୟରେ) ଅର୍ଥାତ୍ ତୋର ଆଉ ମୋ ମଧ୍ୟରେ ହେଉଥିବା ଗୀତାଜ୍ଞାନର ଚର୍ଚ୍ଚାରେ ତାହା ମିଳିପାରିବ ନାହିଁ ଅର୍ଥାତ୍ ମୁଁ ସେ ବିଷୟରେ କହିପାରିବି ନାହିଁ କାରଣ ଏହାର ଆଦି-ଅନ୍ତ ବିଷୟରେ ଠିକ୍ ଜ୍ଞାନ ମୋତେ ଜଣା ନାହିଁ । ତେଣୁ ଏହି ଅତି ଦୃଢ ମୂଳ ଅର୍ଥାତ୍ ଯାହାକି ସଂସାର ରୂପୀ ବୃକ୍ଷର ମୂଳ ଅଟେ । (ସେହି ପରମାତ୍ମା ମଧ୍ୟ ଅବିନାଶୀ ଅଟନ୍ତି ତଥା ତାଙ୍କର ସ୍ଥାନ (ଧାମ) ହେଉଛି ସତ୍ୟଲୋକ, ଅଲଖଲୋକ, ଅଗମଲୋକ ତଥା ଅକହଲୋକ ଉପରେ ଥିବା ଏହି ଚାରୋଟି ଲୋକ ମଧ୍ୟ ଅବିନାଶୀ ଅଟେ । ଏହି ଚାରୋଟିଯାକ ଲୋକରେ ସେହି ଏକ ପରମାତ୍ମା (ସମସ୍ତଙ୍କ ମାଲିକ ଭିନ୍ନ-ଭିନ୍ନ ରୂପରେ ସିଂହାସନ ଉପରେ ବିରାଜମାନ ଅଟନ୍ତି । ଏଥିପାଇଁ ଏହାକୁ

"ସୁଦୃଢ ମୂଳମ୍" ଅତି ସୁଦୃଢ ମୂଳ କହିଛନ୍ତି ।) ଏହାକୁ ତତ୍ତ୍ୱଜ୍ଞାନ ରୂପୀ ଅସ୍ତ୍ରରେ ଛେଦନ କରି ଅର୍ଥାତ୍ ତତ୍ତ୍ୱଦର୍ଶୀ ସନ୍ଥଙ୍କଠାରୁ ତତ୍ତ୍ୱଜ୍ଞାନକୁ ବୁଝିସାରି, ପୁଣି ଗୀତା ଅଧ୍ୟାୟ୧୫ ଶ୍ଳୋକ ୪ରେ କୁହାଯାଇଛି ଯେ ତତପଶ୍ଚାତ୍ ପରମେଶ୍ୱରଙ୍କ ସେହି ପରମପଦ ଅର୍ଥାତ୍ ସତ୍ୟଲୋକ (ଅମରାପୁରୀ)କୁ ଖୋଜିବା ଉଚିତ୍, ଯେଉଁଠିକୁ ଯିବା ପରେ ସାଧକ ପୁଣି ଲେଉଟି କରି ସଂସାରକୁ କଦାପି ଆସେ ନାହିଁ । ଯେଉଁ ପରମେଶ୍ୱରଙ୍କଠାରୁ ଏହି ସଂସାର ରୂପକ ବୃକ୍ଷ ପ୍ରବୃତ୍ତି, ବିସ୍ତାରଲାଭ କରିଛି ଅର୍ଥାତ୍ ଯେଉଁ ପରମେଶ୍ୱର ସର୍ବସଂସାର ସର୍ଜନା କରିଛନ୍ତି, ସେହି ପରମେଶ୍ୱରଙ୍କ ଭକ୍ତି ବିଷୟରେ ପ୍ରଥମେ ତତ୍ତ୍ୱଦର୍ଶୀ ସନ୍ଥଙ୍କଠାରୁ ବୁଝ । ଗୀତାଜ୍ଞାନଦାତା ନିଜ ଭକ୍ତିକୁ ମଧ୍ୟ ମନା କରୁଛନ୍ତି । ଗୀତା ଅଧ୍ୟାୟ ୧୫ ଶ୍ଳୋକ ୧୬-୧୭ରେ ତିନିଜଣ ପ୍ରଭୁଙ୍କ ବିଷୟରେ କୁହାଯାଇଛି । ଶ୍ଳୋକ ୧୬ ରେ ଦୁଇଜଣ ପୁରୁଷଙ୍କ ବିଷୟରେ କହିଛନ୍ତି । କ୍ଷରପୁରୁଷ, ଅକ୍ଷରପୁରୁଷ ଏହି ଦୁଇଜଣ ନାଶବାନ ଅଟନ୍ତି । ଶ୍ଳୋକ୧୭ ରେ ତୃତୀୟ ପରମ ଅକ୍ଷରପୁରୁଷ ଅଛନ୍ତି ଯିଏକି ଏହି ସଂସାର ରୂପୀ ବୃକ୍ଷର ମୂଳ (ଚେର) ଅଟନ୍ତି । ସେ ହିଁ ପ୍ରକୃତରେ ଅବିନାଶୀ ପରମାତ୍ମା ଅଟନ୍ତି । ମୂଳ (ଚେର)ରୁ ବୃକ୍ଷର ସମସ୍ତ ବିଭାଗ "କାଣ୍ଡ, ଡାଳ ଏବଂ ପତ୍ର"କୁ ଆହାର ମିଳିଥାଏ । ସେହି ପରମଅକ୍ଷର ପୁରୁଷ ହିଁ ତିନି ଲୋକରେ ପ୍ରବେଶ କରି ସମସ୍ତଙ୍କର ଧାରଣ ପୋଷଣ କରିଥାନ୍ତି । ସେହି (ମୂଳ) ମାଲିକଙ୍କ ପୂଜା କରିବା ଉଚିତ୍ । ଏହି ବିବରଣୀରୁ ତତ୍ତ୍ୱଦର୍ଶୀ ସନ୍ଥଙ୍କ ପରିଚୟ ଓ ଗୀତା ଜ୍ଞାନଦାତାଙ୍କର ଅଳ୍ପବୁଦ୍ଧି ଅର୍ଥାତ୍ ତତ୍ତ୍ୱଜ୍ଞାନହୀନତା ବିଷୟରେ ସ୍ପଷ୍ଟ ଭାବେ ଜାଣି ହେଉଛି ।

## ''ଜିନ୍ଦା (ସାଧୁ/ଫକୀର) ବାବାଙ୍କର ଦ୍ୱିତୀୟ ଥର ଅନ୍ତର୍ଦ୍ଧାନ ହେବା''

(ଧର୍ମଦାସ କହିଲେ) :- ହେ ଜିନ୍ଦା ! ଆପଣ କିପରି କହୁଛନ୍ତି ଯେ ଶ୍ରୀ ବିଷ୍ଣୁଜୀ ତିନି ଲୋକରେ ଥିବା କେବଳ ଗୋଟିଏ ବିଭାଗର ମନ୍ତ୍ରୀ ଅଟନ୍ତି । ଆପଣ ଏହା ଭୁଲ୍‌କଥା କହୁଛନ୍ତି । ଶ୍ରୀ ବିଷ୍ଣୁ ତ ଅଖିଳ ବ୍ରହ୍ମାଣ୍ଡର ସ୍ୱାମୀ ଅଟନ୍ତି । ଇଏ ହିଁ ଶ୍ରୀ ବ୍ରହ୍ମାଙ୍କ ରୂପ ଧାରଣ କରି ଉତ୍ପତ୍ତି କରନ୍ତି, ବିଷ୍ଣୁ ରୂପ ଧାରଣକରି ସଂସାର ପାଳନ କରନ୍ତି ତଥା ଶିବରୂପ ଧାରଣକରି ସଂହାର କରନ୍ତି । ଇଏ ତ କୁଳର ମାଲିକ ଅଟନ୍ତି । ଯଦି ଆପଣ ଶ୍ରୀବିଷ୍ଣୁଙ୍କୁ ପୁଣି ଅପମାନିତ କରିବେ ତେବେ ଠିକ୍ କଥା ହେବନାହିଁ ।

ପରମେଶ୍ୱର କବୀରଜୀ କହିଲେ:-

*ମୂର୍ଖ କେ ସମଝାବତେଁ, ଜ୍ଞାନ ଗାଁଠିକା ଜାୟ ।*
*କୋୟଲା ହୋତ ନା ଉଜାଲା, ଭାବେ ସୌ ମନ ସାବୁନ ଲାୟ ।।*

ଏହା କହି ଜିନ୍ଦା ରୂପଧାରୀ ପରମେଶ୍ୱର ତୁରନ୍ତ ସେଠାରୁ ଅନ୍ତର୍ଦ୍ଧାନ ହୋଇଗଲେ । ଦ୍ୱିତୀୟଥର ପରମେଶ୍ୱରଙ୍କୁ ହରାଇବା ପରେ ଧର୍ମଦାସ ବହୁତ ଉଦାସ ହୋଇଗଲେ । ଭଗବାନ ବିଷ୍ଣୁଙ୍କ ପ୍ରତି ଏତେ ଆସ୍ଥା ଥିଲା ଯେ ଆଖି ଆଗରେ ପ୍ରମାଣକୁ ଦେଖିସାରିବା ପରେ ବି ମିଥ୍ୟାକୁ ତ୍ୟାଗ କରିବାକୁ ପ୍ରସ୍ତୁତ ନ ଥିଲେ ।

*କବୀର, ଜାନବୁଝ ସାଚୀ ତଜୈ, କରେ ଝୁଠ ସେ ନେହ ।*
*ତାକି ସଂଗତି ହେ ପ୍ରଭୁ, ସ୍ୱପନ ମେଁ ଭୀ ନା ଦେ ।।*

କିଛି ସମୟ ପରେ ଧର୍ମଦାସଙ୍କ ବୁଦ୍ଧି ଉପରୁ କାଳର ପ୍ରଭାବ ହଟିଗଲା ଏବଂ ନିଜର ଭୁଲ୍ ପ୍ରତି ବିଚାର କଲେ ଯେ, ସମସ୍ତ ପ୍ରମାଣ, ଗୀତାରୁ ହିଁ ପ୍ରତ୍ୟକ୍ଷ କରାଯାଇଥିଲା । ଜିନ୍ଦା ବାବା ତ ନିଜ ତରଫରୁ ଧର୍ମଦାସଙ୍କୁ କିଛି ବି କହିନାଁହାନ୍ତି କିନ୍ତୁ ଧର୍ମଦାସଜୀ ନିଜେ ପଶ୍ଚାତାପ କଲେ ଯେ ମୁଁ କେତେ ଅଭାଗା, ମୁଁ ନିଜର ଜିଦ୍‌ଖୋର୍ ବ୍ୟବହାର ଯୋଗୁଁ ଦେବରୂପୀ ତତ୍ତ୍ୱଦର୍ଶୀ ସନ୍ଥଙ୍କୁ ହରାଇ ଦେଲି । ଏବେ ସେହି ଦେବ ଆଉ ମୋତେ ଦର୍ଶନ ଦେବେ ନାହିଁ, ମୋର ଜୀବନ ବ୍ୟର୍ଥ ହୋଇଯିବ । ଏହି କଥା ଭାବି ଧର୍ମଦାସ ଶିହରି ଉଠିଲେ ଅର୍ଥାତ୍ ଭୟରେ କମ୍ପିବାକୁ ଲାଗିଲେ । ଖାଦ୍ୟ ମଧ୍ୟ କମ୍ ଖାଇବାକୁ ଲାଗିଲେ,

ସବୁବେଳେ ଉଦାସ ରହିବାକୁ ଲାଗିଲେ ତଥା ମନେ ମନେ ଗୁହାରୀ କରିବାକୁ ଲାଗିଲେ ଯେ ହେ ଦେବ ! ହେ ଜିନ୍ଦା ବାବା ! ଆଉ ଥରେ ଦର୍ଶନ ଦେଇ ଦିଅନ୍ତୁ । ଭବିଷ୍ୟତରେ ଏଭଳି ଭୁଲ୍ ଆଉ କେବେ ବି କରିବି ନାହିଁ, ମୁଁ ଆପଣଙ୍କୁ ହାତ ଯୋଡ଼ି ପ୍ରାର୍ଥନା କରୁଛି । ମୋ ଭଳି ମୂର୍ଖର ଭଲ-ମନ୍ଦ କଥା ଉପରେ ଧ୍ୟାନ ଦିଅନ୍ତୁ ନାହିଁ । ମୋତେ ପୁଣି ଥରେ ଦର୍ଶନ ଦିଅନ୍ତୁ ଗୋସାଇଁ । ଆପଣଙ୍କ ଜ୍ଞାନ ସତ୍ୟ ଅଟେ, ଆପଣ ସତ୍ୟ ଅଟନ୍ତି, ଆପଣଙ୍କ ପ୍ରତ୍ୟେକଟି ବଚନ ଅମୃତ ଅଟେ, କୃପାକରି ଦର୍ଶନ ଦିଅନ୍ତୁ ନହେଲେ ମୁଁ ଅଧିକ ଦିନ ପର୍ଯ୍ୟନ୍ତ ବଞ୍ଚିପାରିବି ନାହିଁ ।

ତୃତୀୟ ଦିନ ପରମେଶ୍ୱର କବୀରଜୀ ଗୋଟିଏ ନଦୀ କୂଳରେ ଥିବା ଏକ ଗଛ ତଳେ ବସିଥିଲେ । ଆଖ ପାଖରେ କିଛି ବୁଲାଗାଇ ମଧ୍ୟ ସେହି ଗଛ ତଳେ ବସି ଖାଦ୍ୟ ପାକୁଳି କରୁଥିଲେ । ଆଉ କେତେକ ନଦୀ କଡ଼ରେ ଘାସ ଚରୁଥିଲେ । ଧର୍ମ ଦାସଙ୍କ ଦୃଷ୍ଟି ନଦୀ କୂଳରେ ପୀତାମ୍ବର ପିନ୍ଧି ବସିଥିବା ସନ୍ଥଙ୍କ ଉପରେ ପଡ଼ିଲା, ଦେଖିଲେ ଆଖ ପାଖରେ ଗାଈମାନେ ଚରୁଛନ୍ତି । ଏମିତି ଲାଗିଲା, ଯେପରି ସାକ୍ଷାତ୍ ଭଗବାନ କୃଷ୍ଣ ନିଜ ଲୋକରୁ ଆସି ବସିଛନ୍ତି । ଧର୍ମଦାସ ଉତ୍ସୁକତାର ସହିତ ସନ୍ଥଙ୍କ ପାଖକୁ ଗଲେ ଏବଂ ଦେଖିଲେ ଇଏ ତ କୌଣସି ସାଧାରଣ ସନ୍ଥ ଅଟନ୍ତି । ତଥାପି ଭାବିଲେ, ଚରଣ ସ୍ପର୍ଶ କରି ପୁଣି ଆଗକୁ ଯିବି । ଏହା ଭାବି ଧର୍ମଦାସ ଯେତେବେଳେ ଚରଣ ଯୁଗଳକୁ ଛୁଇଁଲେ, ମସ୍ତକକୁ ଚରଣ ଉପରେ ରଖିଲେ ସେତେବେଳେ ଏପରି ଲାଗିଲା ଯେପରି ତୁଳାକୁ ଛୁଉଁଛନ୍ତି । ପୁଣି ଚରଣ ଦୁଇଟିକୁ ହାତରେ ଦବେଇ ଦେଖନ୍ତି ତ ସେଥିରେ କେଉଁଠି ବି ହାଡ଼ ନଥିଲା । ଉପରକୁ ମୁଣ୍ଡ ଉଠାଇ ମୁହଁକୁ ଦେଖନ୍ତି ତ ସେହି ବାବା ଜୀନ୍ଦା, ସେହି ପୂର୍ବ ବେଶଭୂଷାରେ ବସିଥିଲେ । ଏହା ଦେଖି ଧର୍ମଦାସ ଚରଣ ଯୁଗଳକୁ ଦୃଢ କରି ଜାବୁଡ଼ି ଧରିଲେ, କାଳେ ପୁଣି ଚାଲିଯିବେ ଏବଂ ନିଜ ଭୁଲ ପାଇଁ କ୍ଷମା ପ୍ରାର୍ଥନା କଲେ । କହିଲେ ଯେ ଜିନ୍ଦା ! ଆପଣତ ତତ୍ତ୍ୱଦର୍ଶୀ ସନ୍ଥ ଅଟନ୍ତି । ମୁଁ ଜଣେ ଭ୍ରମିତ ଜିଜ୍ଞାସୁ ଅଟେ । ଯେପର୍ଯ୍ୟନ୍ତ ମୋ ସନ୍ଦେହର ସମାଧାନ ହେବ ନାହିଁ ସେପର୍ଯ୍ୟନ୍ତ ମୋର ଅଜ୍ଞାନତା କିପରି ନାଶ ହେବ! ଆପଣତ ମହାକୃପାଳୁ ଅଟନ୍ତି । ମୁଁ ହୀନ, ମହାପାପୀ ଅଟେ, ମୋ ଉପରେ ଦୟା କରନ୍ତୁ । ମୋର ଅଜ୍ଞାନତା ଦୂର କରନ୍ତୁ ପ୍ରଭୁ !

ପ୍ରଶ୍ନ ୩୭ (ଧର୍ମଦାସଙ୍କର) :- ହେ ଜିନ୍ଦା ! ଯଦି ଶ୍ରୀବିଷ୍ଣୁ ପୂର୍ଣ୍ଣ ପରମାତ୍ମା ନୁହଁନ୍ତି ତେବେ କିଏ ପୂର୍ଣ୍ଣ ପରମାତ୍ମା କିଏ ଅଟନ୍ତି, କୃପାକରି ଗୀତା ଆଧାରରେ ପ୍ରମାଣିତ କରନ୍ତୁ ?

ଉତ୍ତର :- କୃପାକରି ପଢ଼ନ୍ତୁ ପ୍ରଶ୍ନ ନଂ୧୫ର ଉତ୍ତର, ଯେଉଁ କଥା ଜିନ୍ଦା ରୂପଧାରୀ ପରମେଶ୍ୱର ଧର୍ମଦାସଙ୍କୁ ଶୁଣାଇଥିଲେ ।

ପ୍ରଶ୍ନ ୩୮ :- ଧର୍ମଦାସଜୀ ପଚାରିଲେ ଯେ ଶ୍ରୀବିଷ୍ଣୁ ଓ ଶଙ୍କରଙ୍କର ପୂଜା କରିବା ଉଚିତ୍ କି ?

ଉତ୍ତର ;- (ଜିନ୍ଦାବାବାଙ୍କର) :- କରିବା ଅନୁଚିତ୍ ।

ପ୍ରଶ୍ନ ୩୯ (ଧର୍ମଦାସଙ୍କର) :- କୃପାକରି ଗୀତା ଆଧାରରେ ପ୍ରମାଣିତ କରନ୍ତୁ ।

ଉତ୍ତର :- କୃପାକରି ପ୍ରଶ୍ନ ନଂ ୧୭ର ଉତ୍ତର ପଢ଼ନ୍ତୁ । ଧର୍ମଦାସଙ୍କୁ ପ୍ରଭୁ ଶୁଣାଇଲେ ଗୀତା ଶାସ୍ତ୍ରରେ ପ୍ରତ୍ୟକ୍ଷ ପ୍ରମାଣ ଦେଖି ଧର୍ମଦାସ ଏପରି ଆବାକ୍ ହୋଇଗଲେ ଯେପରି କାହାରିକୁ ବଡ଼ ଦୁଃଖଦ ଝଟକା ଲାଗିଯାଏ । ମିଛ ତ କହି ପାରିବେ ନାହିଁ, ସ୍ୱୀକାର କରିବା ପାଇଁ ଏବେ ଟିକେ ସମୟ ଲାଗିବ । ଜିନ୍ଦା ରୂପଧାରୀ ପରମେଶ୍ୱର ଧର୍ମଦାସଙ୍କୁ ସମ୍ବୋଧନ କରି କହିଲେ ଯେ, ହେ ବୈଷ୍ଣବ ମହାତ୍ମା ! କୋଉ ଦୁନିଆରେ ହଜିଗଲ, ଫେରିଆସ । ମାନି ନିଅନ୍ତୁ, ଧର୍ମଦାସ ଯେପରି ନିଦରୁ ହଠାତ୍ ଉଠିଛନ୍ତି । ସାବଧାନ ହୋଇ କହିଲେ, ଠିକ୍ଅଛି-ଠିକ୍ଅଛି । କୃପାକରି ଆହୁରି ଜ୍ଞାନ ଶୁଣାନ୍ତୁ ଯାହାଦ୍ୱାରା ମୋର ଭ୍ରମ ଦୂର ହୋଇପାରିବ । ପରମେଶ୍ୱର କବୀରଜୀ ସୃଷ୍ଟିରଚନା ବିଷୟରେ ଧର୍ମଦାସଙ୍କୁ ଶୁଣାଇଲେ, କୃପାକରି ଏହି ପୁସ୍ତକର ୧୪୩ ନଂ ପୃଷ୍ଠାରେ ପଢ଼ନ୍ତୁ ସୃଷ୍ଟି ରଚନା ବିଷୟରେ ।

ସୃଷ୍ଟି ରଚନା ଶୁଣି ସାରିବା ପରେ ଧର୍ମଦାସଜୀଙ୍କୁ ଏମିତି ଲାଗିଲା ଯେମିତି ସେ ପାଗଳ ହୋଇଯିବେ ।

କାରଣ ଆଜି ପର୍ଯ୍ୟନ୍ତ ଯେଉଁ ଜ୍ଞାନ ହିନ୍ଦୁ ଧର୍ମଗୁରୁ, ଋଷି, ମହର୍ଷି, ସନ୍ଥମାନଙ୍କଠାରୁ ଶୁଣିଥିଲେ ତାହା ନିରାଧାର ଓ ପ୍ରମାଣିତ ନଥିଲା । ସେମାନେ ଶାସ୍ତ୍ରର ଦୁହାଇ ଦେଇ ସବୁକଥା କହୁଥିଲେ ମାତ୍ର ସର୍ବସମ୍ମୁଖରେ ଶାସ୍ତ୍ରକୁ ଦେଖାଇ ପ୍ରମାଣ ଦେଇ ପାରୁ ନଥିଲେ । କିନ୍ତୁ ଜିନ୍ଦା ବାବା ହିନ୍ଦୁମାନଙ୍କର ସଦ୍‌ଗ୍ରନ୍ଥରୁ ପ୍ରମାଣ ଦେଉଥିଲେ । ତେଣୁ ସନ୍ଦେହର କୌଣସି କାରଣ ନଥିଲା । ମନେ-ମନେ ଭାବୁଥିଲେ, ମୁଁ ପାଗଳ ହୋଇଯିବିନି ତ ?

ପ୍ରଶ୍ନ ୪୦:- (ଧର୍ମଦାସଜୀଙ୍କର) ହେ ଜିନ୍ଦା! ହିନ୍ଦୁଧର୍ମର ଅନ୍ୟ କୌଣସି ଗୁରୁ ଓ ଋଷିମାନଙ୍କୁ ଶାସ୍ତ୍ରବିଷୟରେ ଜ୍ଞାନ ନଥିଲା କି ?

ଉତ୍ତର:- (ଜିନ୍ଦା ମହାତ୍ମାଙ୍କର):- ଏ ବିଷୟରେ ଆଉ କିଛି କହିବାକୁ ବାକି ଅଛି କି ?

## ''ଅନ୍ୟ ସନ୍ଥମାନଙ୍କ ସହିତ ଧର୍ମଦାସଙ୍କ ଜ୍ଞାନ ଚର୍ଚ୍ଚା''

ପ୍ରଶ୍ନ ୪୧:- (ଧର୍ମଦାସଜୀଙ୍କର) ଧର୍ମଦାସଜୀ ମନେ-ମନେ ବିଚାର କଲେ ଯେ ଏହା କେମିତି ସମ୍ଭବ ହୋଇପାରିବ ଯେ ହିନ୍ଦୁଧର୍ମର କୌଣସି ସନ୍ଥ, ଗୁରୁ, ମହର୍ଷିଙ୍କୁ ସତ୍ୟ ଆଧ୍ୟାତ୍ମିକ ଜ୍ଞାନ ଜଣାନାହିଁ ? ତାଙ୍କ ମନରେ ଏହି ବିଚାର ଆସିଲା ଯେ କୌଣସି ମହାମଣ୍ଡଳେଶ୍ୱରଙ୍କଠାରୁ ଜ୍ଞାନ ଶୁଣିବା ଉଚିତ୍ ହେବ । ଏଣେ ତେଣେ ଘୂରି ବୁଲୁଥିବା ଜଣେ ଫକୀର ପାଖରୁ କ'ଣ ମିଳିବ? ଏକଥା ମନରେ ଭାବୁଥିବା ସମୟରେ ପରମେଶ୍ୱର ଜିନ୍ଦା ମହାତ୍ମା, ଧର୍ମଦାସଙ୍କ ମନରେ ଉଙ୍କି ମାରୁଥିବା ବିକୃତ ଚିନ୍ତାଧାରା ବିଷୟରେ ଜାଣିପାରି କହିଲେ ଯେ ଆପଣ ନିଜ ମହାମଣ୍ଡଳେଶ୍ୱରଙ୍କଠାରୁ ଜ୍ଞାନ ପ୍ରାପ୍ତ କରନ୍ତୁ । ଏହା କହିସାରି ପରମେଶ୍ୱର ତୃତୀୟ ଥର ପାଇଁ ଅନ୍ତର୍ଦ୍ଧାନ ହୋଇଗଲେ । ଧର୍ମଦାସ ପୁଣି ଆଶ୍ଚର୍ଯ୍ୟଚକିତ ହେଲେ ଏବଂ ନିଜ ମନରେ ଭାବିଥିବା ବିକୃତ ଚିନ୍ତାଧରାକୁ ଜିନ୍ଦା ମହାତ୍ମାଙ୍କ ମୁଖ କମଳରୁ ଶୁଣି ବହୁତ ଲଜ୍ଜା ଅନୁଭବ କଲେ । ଯେତେବେଳେ ପ୍ରଭୁ ଅନ୍ତର୍ଦ୍ଧାନ ହୋଇଗଲେ ସେତେବେଳେ ସେ ବହୁତ ବ୍ୟାକୁଳ ହୋଇଗଲେ । ପରନ୍ତୁ ଧର୍ମଦାସଙ୍କୁ ଆଶା ଥିଲା ଯେ ଆମ୍ଭ ମହାମଣ୍ଡଳେଶ୍ୱରଙ୍କ ପାଖରୁ ତତ୍ତ୍ୱଜ୍ଞାନ ନିଶ୍ଚୟ ମିଳିବ । ଯଦି ଜିନ୍ଦା ବାବା (ମୁସଲମାନ୍)ଙ୍କ ଜ୍ଞାନକୁ ତତ୍ତ୍ୱଜ୍ଞାନ ବୋଲି ମାନିନେଇ ସାଧନା ସ୍ୱୀକାର କରିବି ତେବେ ଏଭଳି ଲାଗୁଛି ଯେପରି ଧର୍ମ ପରିବର୍ତ୍ତନ କରିବାକୁ ହେବ ଯାହା ସମାଜରେ ନିନ୍ଦା-ଅପବାଦର କାରଣ ହେବ । ତେଣୁ ନିଜ ହିନ୍ଦୁ ମହାତ୍ମାମାନଙ୍କଠାରୁ ତତ୍ତ୍ୱଜ୍ଞାନ ବିଷୟରେ ଜାଣି ଶ୍ରେଷ୍ଠ ଶାସ୍ତ୍ରାନୁକୂଳ ଭକ୍ତି କରିବା ହିଁ ଉଚିତ୍ ହେବ । ଏଥର କିନ୍ତୁ ଧର୍ମଦାସଙ୍କୁ, ଜିନ୍ଦା ମହାତ୍ମାଙ୍କର ଅଚାନକ ଅନ୍ତର୍ଦ୍ଧାନ ହୋଇଯିବା ବାଧୁ ନଥିଲା, କାରଣ ତାଙ୍କ ମନରେ ଭୁଲ ବୁଝାମଣା ଏହା ଥିଲା ଯେ ହିନ୍ଦୁଧର୍ମ ଏକ ପୁରାତନ ବଡ଼ ଧର୍ମ ଅଟେ, କେହି ଜଣେ ତତ୍ତ୍ୱଦର୍ଶୀ ସନ୍ଥ ମିଳିବେ ନାହିଁ କି ? ଧର୍ମଦାସ ଜଣେ ମହାମଣ୍ଡଳେଶ୍ୱର (ବୈଷ୍ଣବ) ଶ୍ରୀ ଜ୍ଞାନାନନ୍ଦଙ୍କ ଆଶ୍ରମକୁ ଗଲେ । ସେ ସମୟରେ ଶ୍ରୀ ଜ୍ଞାନାନନ୍ଦଙ୍କର ବହୁତ ଲୋକପ୍ରିୟତା ଥିଲା । ସେ ସ୍ୱାମୀ ରାମାନନ୍ଦ (କାଶୀ)ଙ୍କ ଶିଷ୍ୟ ଥିଲେ । ପରନ୍ତୁ ସ୍ୱାମୀ ରାମାନନ୍ଦ ସେତେବେଳେ ତ ପରମେଶ୍ୱର କବୀରଜୀଙ୍କର ଶିଷ୍ୟ ହୋଇ ସାରିଥିଲେ । ସେ ନିଜର ସମସ୍ତ ଋଷି ଶିଷ୍ୟମାନଙ୍କୁ କହିଥିଲେ ଯେ ମୋ ଦ୍ୱାରା କୁହାଯାଇଥିବା ଜ୍ଞାନ ବ୍ୟର୍ଥ ଅଟେ ଏବଂ ଏହି ସାଧନା ଶାସ୍ତ୍ରବିରୁଦ୍ଧ ଅଟେ । ଆପଣମାନେ ସମସ୍ତେ ପରମେଶ୍ୱର କବୀଜୀଙ୍କଠାରୁ ଦୀକ୍ଷା ଗ୍ରହଣ କରନ୍ତୁ । ପରନ୍ତୁ ଜାତିର ଅଭିମାନ, ଶିଷ୍ୟମାନଙ୍କ ମଧ୍ୟରେ ପ୍ରତିଷ୍ଠା, ଜ୍ଞାନ ସ୍ଥାନରେ ଅଜ୍ଞାନର ଭଣ୍ଡାର ଜୀବକୁ ସତ୍ୟ ସ୍ୱୀକାର କରିବାକୁ ଦିଏ ନାହିଁ ।

*କବୀର, ରାଜ ତଜନା ସହଜ ହେ, ସହଜ ତ୍ରିୟା କା ନେହ ।*
*ମାନ ବଡ଼ାଇ ଇର୍ଷା, ଦୁର୍ଲଭ ତଜନା ଯେହ ।।*

ଧର୍ମଦାସ ଶ୍ରୀ ଜ୍ଞାନାନନ୍ଦଙ୍କୁ ପ୍ରଶ୍ନ କଲେ ଯେ ସ୍ୱାମୀଜୀ ! କ'ଣ ଭଗବାନ ବିଷ୍ଣୁଙ୍କଠାରୁ ଉପରେ ଆଉ କେହି ପ୍ରଭୁ ଅଛନ୍ତି ? ଶ୍ରୀ ଜ୍ଞାନାନନ୍ଦ ଉତ୍ତର ଦେଲେ, ଶ୍ରୀ ବିଷ୍ଣୁ ହେଉଛନ୍ତି ସ୍ୱୟଂ ପରମବ୍ରହ୍ମ ପରମାତ୍ମା । ତାଙ୍କ ଉପରେ ଆଉ କିଏ ଅଛନ୍ତି ? ଶ୍ରୀକୃଷ୍ଣ ହିଁ ସ୍ୱୟଂ ଶ୍ରୀବିଷ୍ଣୁ ଥିଲେ । ସେ ହିଁ ଶ୍ରୀମଦ୍‌ଭଗବତ୍ ଗୀତା ଜ୍ଞାନ

ଦେଇଛନ୍ତି । ଆପଣଙ୍କୁ କିଏ ଭ୍ରମିତ କରିଛି ? ଧର୍ମଦାସ କହିଲେ, ଗୀତା ଅଧ୍ୟାୟ ୮ ଶ୍ଲୋକ୧ରେ ଅର୍ଜୁନ ପଚାରିଲା ଯେ, ତତ୍ ବ୍ରହ୍ମ କ'ଣ ? ଗୀତା ଅଧ୍ୟାୟ ୮ ଶ୍ଲୋକ ୩ ରେ ଭଗବାନ କହିଛନ୍ତି ଯେ ସେ "ପରମ ଅକ୍ଷର ବ୍ରହ୍ମ" ଅଟନ୍ତି । ଧର୍ମଦାସ କହିଲେ, ଇଏ ତ ଭଗବାନ କୃଷ୍ଣଙ୍କଠାରୁ ଭିନ୍ନ ପ୍ରଭୁ ହୋଇଗଲେ । ଜ୍ଞାନାନନ୍ଦ ସ୍ୱାମୀ କହିଲେ, 'ଏପରି ଲାଗୁଛି ଯେପରି ତୋତେ କାଶୀର ସେହି ବୁଣାକାର/ତନ୍ତି ଯାଦୁ କରିଦେଇଛି । ତୁ ଏଠାରୁ ଚାଲିଯାଇ ନିଜ କାମ କର । ଭଗବାନ କୃଷ୍ଣଙ୍କ ବ୍ୟତୀତ ଅନ୍ୟ କୌଣସି ପ୍ରଭୁ ନାହାଁନ୍ତି । ଧର୍ମଦାସଜୀଙ୍କୁ ଜଣା ପଡ଼ିଗଲା ଯେ ଜ୍ଞାନାନନ୍ଦଙ୍କ ପାଖରେ ସେହି ଜ୍ଞାନ ନାହିଁ ଯାହାକୁ ଜିନ୍ଦା ବାବା ପ୍ରମାଣର ସହିତ କହିଛନ୍ତି । ଧର୍ମଦାସ ନିରାଶ ହୋଇ ସେଠାରୁ ଚାଲି ଆସିଲେ । ଧର୍ମଦାସଙ୍କୁ ଏକଥା ଜଣା ନଥିଲା ଯେ କାଶୀର ବୁଣାକାର ସେହି ବାବା ଜିନ୍ଦା ହିଁ ଅଟନ୍ତି । ପୁଣି ଧର୍ମଦାସଙ୍କୁ ଜାଣିବାକୁ ମିଳିଲା ଯେ ମୋହନଗିରି ନାମକ ଜଣେ ମହାମଣ୍ଡଳେଶ୍ୱର ଅଛନ୍ତି, ସେ ତାଙ୍କ ନିକଟକୁ ଯାଇ ଭଗବାନଙ୍କ ବିଷୟରେ ଚର୍ଚ୍ଚା କରିବା ଆରମ୍ଭ କଲେ । ପ୍ରଥମେ ଏକଟଙ୍କା ଦକ୍ଷିଣା ଦେଲେ, ଯେଉଁଥିପାଇଁ ମୋହନଗିରି ତାଙ୍କୁ ପାଖରେ ବସାଇଲେ ଏବଂ କହିଲେ ଯେ ଭଗବାନ ଶିବ ସର୍ବ ସୃଷ୍ଟିର ସ୍ରଷ୍ଟା ଅଟନ୍ତି । ଶିବଙ୍କଠାରୁ ବଡ଼ ଏହି ସଂସାରରେ କୌଣସି ପ୍ରଭୁ ନାହାଁନ୍ତି । "ଓମ୍ ନମଃ ଶିବାୟ" ମନ୍ତ୍ରର ଜପ କରନ୍ତୁ । ଧର୍ମଦାସ ଏହା ଶୁଣି ପ୍ରଣାମ କରି ସେଠାରୁ ଚାଲିଲେ । ଭାବିଲେ ବାବାଙ୍କର ନାମ ବଡ଼ କିନ୍ତୁ ଜ୍ଞାନ ଟଙ୍କାକର ବି ନାହିଁ । କେହି ଜଣେ ଧର୍ମଦାସଙ୍କୁ କହିଲେ ଯେ ଜଣେ ବହୁତ ବଡ଼ ତପସ୍ୱୀ ଅଛନ୍ତି । ସେ ବହୁତ ବର୍ଷ ପର୍ଯ୍ୟନ୍ତ ଛିଡ଼ା ହୋଇ ତପ କରୁଛନ୍ତି । ଧର୍ମଦାସ ସେହିଠାକୁ ଗଲେ, ସେହି ସାଧକ 'ନାଥ'ପନ୍ଥ ସହିତ ଜଡ଼ିତ ଥିଲେ । ସେ ଭଗବାନ ଶିବଙ୍କୁ ସାମର୍ଥ୍ୟବାନ୍ ପରମାତ୍ମା କହୁଥିଲେ ତଥା ତପ କରି ହଠଯୋଗ ମାଧ୍ୟମରେ ପରମାତ୍ମାଙ୍କୁ ପ୍ରାପ୍ତ କରିହେବ ବୋଲି ମାନୁଥିଲେ । ଧର୍ମଦାସ ଟିକେ ବୁଦ୍ଧି ପ୍ରୟୋଗ କରି ବିଚାର କଲେ ଯେ ଯଦି ଏତେ ଘୋର କଠିନ ତପସ୍ୟା ମାଧ୍ୟମରେ ପରମାତ୍ମା ମିଳିବେ ତେବେ ତାହା ଆମ୍ଭମାନଙ୍କର କ୍ଷମତା ବାହାରର କଥା । ଏହା ବିଚାର କରି ସେ ସେଠାରୁ ମଧ୍ୟ ଆଗକୁ ଅଗ୍ରସର ହେଲେ । ତାଙ୍କୁ ଜାଣିବାକୁ ମିଳିଲା ଯେ ଜଣେ ବହୁତ ବଡ଼ ବିଦ୍ୱାନ୍ ମହାତ୍ମା, କାଶୀ ବିଦ୍ୟାପୀଠରୁ ପାଠପଢ଼ି ଆସିଛନ୍ତି । ସେ ବେଦ ବିଷୟରେ ସମ୍ପୂର୍ଣ୍ଣ ବିଦ୍ୱାନ୍ ଅଟନ୍ତି । ଧର୍ମଦାସ ସେହି ମହାତ୍ମାଙ୍କୁ ପଚାରିଲେ ଯେ ପରମାତ୍ମା ଦେଖିବାକୁ କିପରି ଅଟନ୍ତି ? ଉତ୍ତର ମିଳିଲା, ନିରାକାର ଅଟନ୍ତି । ଧର୍ମଦାସ ପଚାରିଲେ, ସେହି ନିରାକାର ପରମାତ୍ମାଙ୍କର କୌଣସି ନାମ ଅଛି କି ? ବିଦ୍ୱାନଙ୍କର ଉତ୍ତର :- ତାଙ୍କର ନାମ 'ବ୍ରହ୍ମ' ଅଟେ । ଧର୍ମଦାସ ପ୍ରଶ୍ନ କଲେ, ପରମାତ୍ମାଙ୍କୁ ସାକ୍ଷାତ କରିହେବ କି ? ଉତ୍ତର ମିଳିଲା ପରମାତ୍ମା ନିରାକାର ଅଟନ୍ତି । ତାଙ୍କୁ କିପରି ଦେଖିପାରିବା । ପରମାତ୍ମାଙ୍କ ପ୍ରକାଶକୁ କେବଳ ଦେଖା ଯାଇପାରିବ । ପ୍ରଶ୍ନ :- ଶ୍ରୀକୃଷ୍ଣ ବା ଶ୍ରୀବିଷ୍ଣୁ ପରମାତ୍ମା ଅଟନ୍ତି କି ? ଉତ୍ତର, ସେ ତ ସଗୁଣ ଦେବତା, ପରମାତ୍ମା କିନ୍ତୁ ନିର୍ଗୁଣ ଅଟନ୍ତି ।

ଗୀତା ଓ ବେଦ ମଧ୍ୟରେ କି ପାର୍ଥକ୍ୟ ଅଛି ? ଧର୍ମଦାସ ପ୍ରଶ୍ନ କଲେ । ବ୍ରାହ୍ମଣଙ୍କ ଉତ୍ତର, ଗୀତା, ଚାରିବେଦର ସାରାଂଶ ଅଟେ । ଧର୍ମଦାସ ପଚାରିଲେ, କେଉଁ ମନ୍ତ୍ର ଭକ୍ତି କରିବା ପାଇଁ ପ୍ରଯୁଜ୍ୟ ? ବ୍ରାହ୍ମଣଙ୍କର ଉତ୍ତର ଥିଲା ଯେ ଗାୟତ୍ରୀ ମନ୍ତ୍ର ଜପ କରନ୍ତୁ । ''ଓମ୍ ଭୂର୍ଭବସ୍ୱଃ ତତ୍ ସବିତୁଃ ବରେଣିୟମ୍ ଭୃଗୋଦେବସ୍ୟ ଧୀମହି, ଧୀୟୋ ୟୋ ନଃ ପ୍ରଚୋଦୟାତ୍" ଧର୍ମଦାସଙ୍କୁ ଜିନ୍ଦାବାବା କହିଥିଲେ ଯେ ଏହି ମନ୍ତ୍ର ଦ୍ୱାରା ମୋକ୍ଷ ପ୍ରାପ୍ତି ସମ୍ଭବ ନୁହେଁ । ଧର୍ମଦାସ ପୁଣି ଆଗକୁ ଅଗ୍ରସର ହେବାରୁ ଜଣାପଡ଼ିଲା ଯେ ଜଣେ ସନ୍ଥ ଗୁମ୍ଫାରେ ରୁହନ୍ତି । ବହୁତ ଦିନ ପର୍ଯ୍ୟନ୍ତ ସେ ଗୁମ୍ଫାରୁ ବାହାରକୁ ବାହାରନ୍ତି ନାହିଁ । ତାଙ୍କ ପାଖକୁ ଯାଇ ପ୍ରଶ୍ନ କଲେ ଯେ ଭଗବାନ କିପରି ପ୍ରାପ୍ତି ହେବେ ? ଉତ୍ତର ମିଳିଲା, ଇନ୍ଦ୍ରିୟ ଉପରେ ସଂଯମ ରଖନ୍ତୁ, ଏହିଥିରେ ହିଁ ପରମାତ୍ମା ମିଳିଥାନ୍ତି । ମନ୍ତ୍ର ଜପରୁ କିଛି ଲାଭ ମିଳେ ନାହିଁ, ଚିନି ଚିନି କହିବା ଦ୍ୱାରା ମୁହଁ ମିଠା ହୋଇ ନଥାଏ । ତଥାପି ଧର୍ମଦାସଙ୍କୁ ସନ୍ତୁଷ୍ଟି ମିଳି ନଥିଲା । ସମସ୍ତ ସନ୍ଥଙ୍କ ସହିତ ଜ୍ଞାନ ଚର୍ଚ୍ଚା ପରେ ଧର୍ମଦାସଜୀ ଏହିକଥା ଭାବି ବହୁତ ପଶ୍ଚାତାପ କଲେ ଯେ ମୋର

ସେହି ଜୀନ୍ଦା ବାବାଙ୍କ କଥାରେ ବିଶ୍ୱାସ ହୋଇନଥିଲା, ସେ କହିଥିଲେ ଯେ କୌଣସି ସନ୍ଥ, ମହାମଣ୍ଡଳେଶ୍ୱରଙ୍କର ଯଥାର୍ଥ ଅଧ୍ୟାତ୍ମିକ ଜ୍ଞାନ ନାହିଁ, କୌଣସି ବି ସନ୍ଥ ମହାତ୍ମାଙ୍କ ଜ୍ଞାନ, ଶାସ୍ତ୍ର ପ୍ରମାଣିତ ନୁହେଁ । ସେମାନଙ୍କ ଜ୍ଞାନର କୌଣସି ଶାସ୍ତ୍ର ଆଧାର ନାହିଁ, ଏହି କଥା ଭାବି ଧର୍ମଦାସ କାନ୍ଦିବାକୁ ଲାଗିଲେ । ନିଜର ଅଜ୍ଞାନତା ଉପରେ ପାଶ୍ଚାତାପ କରିବାକୁ ଲାଗିଲେ ଯେ ମୁଁ କିଭଳି ଅଭାଗା ଯେ ମୋତେ ସେହି ପରମାତ୍ମା ସ୍ୱରୂପ ଜିନ୍ଦାମହାତ୍ମାଙ୍କ ଉପରେ ବିଶ୍ୱାସ ଆସିଲା ନାହିଁ । ଏବେ ଆଉ ସେହି ଅନ୍ତର୍ଯାମୀ ମୋତେ ମିଳିବେ ନାହିଁ, କାରଣ ମୁଁ ବହୁତଥର ତାଙ୍କୁ ଅପମାନିତ କରିଛି । ଏବେ କ'ଣ କରିବି, ମୋର ବଞ୍ଚିବା ପାଇଁ ଇଚ୍ଛା ହେଉନାହିଁ, କିନ୍ତୁ ଆତ୍ମହତ୍ୟା ପାପ ଅଟେ । ଏହା ଭାବି ଆକୁଳ ମନରେ କ୍ରନ୍ଦନ କରିବାକୁ ଲାଗିଲେ । ତଳେ କଚାଡ଼ି ହୋଇ ପଡ଼ି ଅଚେତ ହୋଇଗଲେ ।

ଉତ୍ତର :- ପରମାତ୍ମା ଜିନ୍ଦାମହାତ୍ମାଙ୍କ ରୂପରେ ଗୋଟିଏ ଗଛତଳେ ବସିଥିଲେ । ଧର୍ମଦାସ ସଚେତ ହେଲେ ଏବଂ ହୃଦୟରେ ଡାକିଲେ ହେ ଜିନ୍ଦା ! ଥରେ ମାତ୍ର ଦର୍ଶନ ଦିଅନ୍ତୁ । ମୁଁ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଛି । କାହାରି ପାଖରେ ସତ୍ୟଜ୍ଞାନ ନାହିଁ । ଆପଣଙ୍କର ସମସ୍ତ କଥା ସତ୍ୟ ଅଟେ । ହେ ପରମାତ୍ମା ! ଥରେ ମାତ୍ର ମୋ ଭଳି ଅଜ୍ଞାନ, ମହାମୂର୍ଖକୁ କ୍ଷମା କରନ୍ତୁ ପରମେଶ୍ୱର ! ଆପଣ ଜିନ୍ଦା ବାବା ନୁହଁନ୍ତି , ଆପଣ ପରମାତ୍ମା ଅଟନ୍ତି । ଆପଣ ମହାବିଦ୍ୱାନ ଅଟନ୍ତି । ଆପଣଙ୍କ ଜ୍ଞାନକୁ ସାମ୍ନା କରିବାକୁ କେହି ନାହାଁନ୍ତି । ମୁଁ ଏହି ଜୀବନରେ ଆପଣଙ୍କ ଉପରେ ଆଉ କେବେ ବି ଅବିଶ୍ୱାସ କରିବି ନାହିଁ । ଏଭଳି ବିଚାର କରି ଆଗକୁ ଚାଲି ଦେଖିଲେ ଯେ ଗୋଟିଏ ଗଛ ତଳେ ଜଣେ ସାଧୁ ବସିଛନ୍ତି, ତାଙ୍କ ନିକଟରେ ଆଉ କେତେଜଣ ବ୍ୟକ୍ତି ବସିଛନ୍ତି । ଧର୍ମଦାସ ଚିନ୍ତା କଲେ ମୁଁ ସେହି ମହାମଣ୍ଡଳେଶ୍ୱରଙ୍କ ସହିତ ଆଲୋଚନା କରି ଫେରିଆସିଛି । ଯେଉଁମାନଙ୍କ ପାଖରେ ଶହ ଶହ ଭକ୍ତ ଦର୍ଶନାର୍ଥେ ବସି ରହିଥାନ୍ତି । ଏଠି ଏହି ଛୋଟ ସାଧୁଙ୍କ ପାଖରେ କ'ଣ ଆଲୋଚନା କରିବାର ଅଛି ? ଏହି ସାଧୁଙ୍କ ପାଖରେ କିଛି ନଥିବ । ପରନ୍ତୁ ଆପେ ଆପେ ହଠାତ୍ ମନରେ ଭାବନା ଆସିଲା ଯେ କିଛି ସମୟ ବିଶ୍ରାମ କରିବି ଯାଉଛି, ଏହିଠାରେ ହିଁ ବିଶ୍ରାମ କରିବି । ପୁଣି ଭାବିଲେ ଯେ ତାଙ୍କୁ କିଛି ପ୍ରଶ୍ନ କରିବି । ପଚାରିଲେ:- ମହାତ୍ମାଜୀ ! ପରମାତ୍ମା ଦେଖିବାକୁ କିପରି ଅଟନ୍ତି । ସାଧୁ ଉତ୍ତର ଦେଲେ ଯେ ମୁଁ ହିଁ ପରମାତ୍ମା । ଏହାଶୁଣି ଧର୍ମଦାସ ଚୁପ୍ ହୋଇଗଲେ, ଭାବିଲେ, ଇଏ ତ ମୋ ସହିତ ଥଟ୍ଟା କରୁଛନ୍ତି । ଇଏ ସନ୍ଥ ପଦବାଚ୍ୟ ନୁହଁନ୍ତି । ଧୀରେ ଧୀରେ ସମସ୍ତ ବ୍ୟକ୍ତି ଚାଲିଗଲେ । ଯେତେବେଳେ ଧର୍ମଦାସ ମଧ ଚାଲିଯିବାକୁ ଆରମ୍ଭ କଲେ, ପରମାତ୍ମା ପଚାରିଲେ, ହେ ମହାତ୍ମା ! ଆପଣଙ୍କୁ ମହାମଣ୍ଡଳେଶ୍ୱରମାନେ କହି ନାହାଁନ୍ତି କି ପରମାତ୍ମା କିପରି ? ଏହାଶୁଣି ଧର୍ମଦାସ ଆଶ୍ଚର୍ଯ୍ୟର ହୋଇଗଲେ ଯେ ଏହି ସାଧୁଙ୍କୁ କିପରି ଜଣା ପଡ଼ିଲା ଯେ ସାଧୁମାନଙ୍କ ସନ୍ଧାନରେ ମୁଁ ଏଣେ ତେଣେ ଘୂରି ବୁଲୁଛି ? ପରମାତ୍ମା ତତ୍କ୍ଷଣାତ୍ ସେହି ଜିନ୍ଦାବାବା ରୂପ ଧାରଣ କରିଥିଲେ । ଧର୍ମଦାସ ଚରଣ ତଳେ ପଡ଼ିଯାଇ କଇଁ-କଇଁ ହୋଇ କାନ୍ଦିବାକୁ ଲାଗିଲେ ତଥା କହିବାକୁ ଲାଗିଲେ, ହେ ଭଗବାନ ! କାହା ପାଖରେ ଜ୍ଞାନ ନାହିଁ । ମୁଁ ହିଁ ପାପୀ,ଏହି ଦୁର୍ଗୁଣକାରୀକୁ କ୍ଷମା କରନ୍ତୁ ମହାରାଜ ! ମୁଁ ମସ୍ତବଡ଼ ଭୁଲ୍ କରିଛି । ଆପଣ ଯେଉଁ ସୃଷ୍ଟିରଚନା ଜ୍ଞାନ କହିଲେ, ତାହା ସାମ୍ନାରେ ଅନ୍ୟ ସମସ୍ତ ସନ୍ଥଙ୍କ ଜ୍ଞାନ ଏପରି ଅଟେ ଯେପରି ସୂର୍ଯ୍ୟ ସମ୍ମୁଖରେ ଦୀପ, ସମସ୍ତେ ଯାହା ଇଚ୍ଛା ତାହା କହୁଛନ୍ତି । ପରମେଶ୍ୱର, ଧର୍ମଦାସଙ୍କୁ କହିଲେ, ଆପଣ ସମସ୍ତ ବେଦର ପୂର୍ଣ୍ଣଜ୍ଞାନୀଙ୍କୁ ପ୍ରଶ୍ନ କରିଥିଲେ ଯେ "ପରମାତ୍ମା କିପରି ଅଟନ୍ତି ? ସେ ଉତ୍ତର ଦେଲେ ଯେ ପରମାତ୍ମା ନିରାକାର ଅଟନ୍ତି । ଆପଣ ପ୍ରଶ୍ନ କରିଥିଲେ ଯେ ପରମାତ୍ମାଙ୍କୁ ଦେଖିହେବ କି ? ସେହି ଅଜ୍ଞାନର ଉତ୍ତର ଥିଲା ଯେ "ଯଦି ପରମାତ୍ମା ନିରାକାର ଅଟନ୍ତି ତେବେ ତାଙ୍କୁ ଦେଖିବାର ପ୍ରଶ୍ନ ହିଁ ଉଠୁ ନାହିଁ । କେବଳ ପରମାତ୍ମାଙ୍କ ପ୍ରକାଶ (ତେଜ)କୁ ଦେଖିହେବ ।"

ଝଧର୍ମଦାସ ଥରେ ଚିନ୍ତାକର ! ଏପରି ଚିନ୍ତାଧାରା ଏଭଳି ବ୍ୟକ୍ତିଙ୍କର ଯେପରି ଜଣେ ଅନ୍ଧକୁ କେହି

ପଚାରନ୍ତି ଯେ ସୂର୍ଯ୍ୟ କିପରି ? ଉତ୍ତର ହେଉଛି ସୂର୍ଯ୍ୟ ନିରାକାର । ତା'ପରେ ପ୍ରଶ୍ନ କଲେ ଯେ କ'ଣ ସୂର୍ଯ୍ୟଙ୍କୁ ଦେଖିହେବ ? ଉତ୍ତର ମିଳିଲା ଯେ ସୂର୍ଯ୍ୟଙ୍କୁ ଦେଖି ହେବନାହିଁ, ସୂର୍ଯ୍ୟଙ୍କ ପ୍ରକାଶ କେବଳ ଦେଖା ଯାଇଥାଏ । ଏବେ ସେହି ନେତ୍ରହୀନକୁ ପଚାରିବେ ଯେ ସୂର୍ଯ୍ୟ ବିନା ପ୍ରକାଶ କାହାର ଦେଖିହେବ କି ? ଏହିଭଳି ଆଧ୍ୟାତ୍ମିକ ଜ୍ଞାନ ନେତ୍ରହୀନ ଅର୍ଥାତ୍ ସମ୍ପୂର୍ଣ୍ଣ ଅଜ୍ଞାନୀ ସନ୍ଥମାନେ ବ୍ୟାଖ୍ୟା କରିଥାନ୍ତି ଯେ ପରମାତ୍ମା ନିରାକାର ଅଟନ୍ତି, ତାଙ୍କ ପ୍ରକାଶକୁ କିପରି ଦେଖିହେବ ? ସେହି ପ୍ରକାଶ ପରମାତ୍ମାଙ୍କର ପ୍ରକାଶ ଅଟେ । ଧର୍ମଦାସ କହିଲେ, ହେ ମହାତ୍ମା ! ଏଭଳି ବିଚାର ତ ମୋ ମନକୁ କେବେ ଆସି ନାହିଁ । ! ଆପଣଙ୍କ ଦିବ୍ୟ ତର୍କ ଯୋଗୁଁ ମୋର ଆଖି ଖୋଲିଗଲା । ଯେତେ ମହାମଣ୍ଡଳେଶ୍ୱର ମୋତେ ମିଳିଛନ୍ତି, ସମସ୍ତେ ମହା ଅଜ୍ଞାନୀ ହିଁ ମିଳିଛନ୍ତି । ହେ ଜିନ୍ଦା ମହାତ୍ମାଜୀ! ଯଦି ମୁଁ ଆପଣଙ୍କ ଜ୍ଞାନ ଶୁଣିବା ପରେ ଏହି ମୂର୍ଖମାନଙ୍କୁ ପଚାରି ନଥାନ୍ତି ତେବେ ମୋର ଭ୍ରମ ନିବାରଣ କେବେ ମଧ୍ୟ ହୋଇ ପାରିନଥାନ୍ତା, ଆପଣ ଯେତେ ପ୍ରମାଣ ଦେଖାଇ କହିଥିଲେ ବି ମୋର ଆଦୌ ବିଶ୍ୱାସ ହୋଇ ନଥାନ୍ତା ।

ପ୍ରଶ୍ନ ୪୨ (ଧର୍ମଦାସ):- ହେ ଜିନ୍ଦା ! ଆପଣ ନାରାଜ ହେବେ ନାହିଁ, ମୋ ମନରେ ଗୋଟିଏ ସନ୍ଦେହ ଅଛି ଯେ ଭଗବାନ ବିଷ୍ଣୁଙ୍କ ଭକ୍ତି କ'ଣ ଉତ୍ତମ ନୁହେଁ ?

ଉତ୍ତର (ଜିନ୍ଦା ମହାତ୍ମାଜୀଙ୍କର):- ହେ ଧର୍ମଦାସ ! ଶ୍ରୀମଦ୍ଭଗବତ୍ ଗୀତାର ଅଧ୍ୟାୟ ୨ ଶ୍ଲୋକ ୪୬ ରେ ପ୍ରମାଣ ଅଛି ଯେ ଗୀତା ଜ୍ଞାନଦାତା କହିଛନ୍ତି, ହେ ଅର୍ଜୁନ ! ବ୍ୟକ୍ତିକୁ ବହୁତ ବଡ଼ ଜଳାଶୟ (ହ୍ରଦ)ର ପ୍ରାପ୍ତି ପଶ୍ଚାତ୍ ଛୋଟ ଜଳାଶୟର କେତେ ଆବଶ୍ୟକତା ରହିଥାଏ । ଠିକ୍ ଏହିଭଳି ସମ୍ପୂର୍ଣ୍ଣ ଜ୍ଞାନ ଓ ପୂର୍ଣ୍ଣ ପରମାତ୍ମାଙ୍କ ଭକ୍ତିବିଧି ଓ ସେଥିରୁ ମିଳୁଥିବା ଲାଭ ବିଷୟରେ ଜାଣି ସାରିବା ପରେ ଅନ୍ୟ ସମସ୍ତ ଜ୍ଞାନ ତଥା ଛୋଟ ଭଗବାନମାନଙ୍କ ପ୍ରତି ସେହି ପରିମାଣର ଆସ୍ଥା ରହିଯାଏ, ଯେପରି ବଡ଼ ଜଳାଶୟ ପ୍ରାପ୍ତି ପରେ ଛୋଟ ଜଳାଶୟ ପ୍ରତି ଆସ୍ଥା ରହି ଯାଇଥାଏ । ଛୋଟ ଜଳାଶୟର ଜଳ ଭଲ, ପରନ୍ତୁ ପର୍ଯ୍ୟାପ୍ତ ନୁହେଁ । ଗୋଟିଏ ବର୍ଷ ଯଦି ବର୍ଷା ନହେବ ତେବେ ଛୋଟ ଜଳାଶୟର ସମସ୍ତ ଜଳ ସୁଖି ଯାଏ ତଥା ତା'ଉପରେ ଆଶ୍ରିତ ବ୍ୟକ୍ତିମାନେ ମଧ୍ୟ ଜଳ ଅଭାବଜନିତ କଷ୍ଟ ପାଇଥାନ୍ତି, ତ୍ରାହି-ତ୍ରାହି ଡାକିଥାନ୍ତି । କିନ୍ତୁ ବଡ଼ ଜଳାଶୟ (ହ୍ରଦ)ର ଜଳ୧୦ ବର୍ଷ ବର୍ଷା ନହେଲେ ବି ସମାପ୍ତ ହୁଏ ନାହିଁ । ଯେଉଁ ବ୍ୟକ୍ତିକୁ ସେହି ବଡ଼ ଜଳାଶୟ ମିଳିଯିବ ସେ ଅତିଶୀଘ୍ର ଛୋଟ ଜଳାଶୟ(ଗାଡ଼ିଆ)କୁ ତ୍ୟାଗ କରି ବଡ଼ ଜଳାଶୟ ନିକଟରେ ବସବାସ କରିବ । ଯେତେବେଳେ ଗୀତା ଜ୍ଞାନ କୁହା ଯାଇଥିଲା, ସେ ସମୟର ସମସ୍ତ ବ୍ୟକ୍ତି ଗାଡ଼ିଆ ଜଳରେ ଉପରେ ଆଶ୍ରିତ ଥିଲେ । ତେଣୁ ସେହି ଶ୍ଲୋକରେ ଜଳାଶୟର ଉଦାହରଣ ଦେଇଥିଲେ, ଏହିଭଳି ସତଗୁଣ (ଶ୍ରୀବିଷ୍ଣୁ)ଙ୍କ ଭକ୍ତିକୁ ଯଦିବା ଆପଣ ଭଲ ମାନୁଛନ୍ତି, ମାତ୍ର ତାହା ପୂର୍ଣ୍ଣମୋକ୍ଷ ଦାୟକ ନୁହେଁ । ଶ୍ରୀ ବିଷ୍ଣୁ ମଧ୍ୟ ନାଶବାନ ଅଟନ୍ତି । ଶ୍ରୀ ବିଷ୍ଣୁଙ୍କର ମଧ୍ୟ ଜନ୍ମ-ମୃତ୍ୟୁ ହୋଇଥାଏ । ତେଣୁ ତାଙ୍କର ଭକ୍ତି କରୁଥିବା ସାଧକମାନେ କିପରି ଅମର ହୋଇପାରିବେ ? ତେଣୁ ପୂର୍ଣ୍ଣମୋକ୍ଷ ଅର୍ଥାତ୍ ଅମର ହେବା ପାଇଁ ଅମର ପରମାତ୍ମାଙ୍କର ଭକ୍ତି କରିବାକୁ ପଡ଼ିବ ।

ପ୍ରଶ୍ନ ୪୩ :- ହେ ଜିନ୍ଦା ମହାତ୍ମାଜୀ ! ମୁଁ ଆପଣଙ୍କ ଉପରେ ଅବିଶ୍ୱାସ କଲି । ମୁଁ ମହାପାପୀ ଅଟେ, ମୋତେ କ୍ଷମା କରନ୍ତୁ ।

ଉତ୍ତର (ଜିନ୍ଦା ବାବାଜୀଙ୍କର):- ହେ ଧର୍ମଦାସ ! ମୁଁ ହିଁ ଆପଣଙ୍କ ମନରେ ଏହି ପ୍ରେରଣା ଜାତ କରିଥିଲି । ଯଦି ଆପଣ ନିଜର ସେହି ଧର୍ମଗୁରୁମାନଙ୍କୁ ଖୋଜି ନ ଥାଆନ୍ତେ ତେବେ ଆପଣ କଦାପି ମୋ କଥା ଉପରେ ବିଶ୍ୱାସ କରି ନଥାନ୍ତେ । ମଝିରେ ମଝିରେ ଆପଣଙ୍କ ମନକୁ ଏହି କଥା ସବୁବେଳେ ବ୍ୟଥିତ କରିଥାନ୍ତା ଯେ ଏପରି କେବେ ହୋଇପାରିବ ନାହିଁ ଯେ ହିନ୍ଦୁ ଧର୍ମର କୌଣସି ମହର୍ଷି, ମଣ୍ଡଳେଶ୍ୱର ଓ ଅନ୍ୟ ସନ୍ଥ-ମହନ୍ତ ମାନଙ୍କୁ ତତ୍ୱଜ୍ଞାନ ଜଣାନାହିଁ । ଏବେ କିନ୍ତୁ ମୋ କଥାରେ ତୁମେ ବିଶ୍ୱାସ କରିବ । ବିଚାର କର ଧର୍ମଦାସ ! ଗୀତା ଜ୍ଞାନଦାତା ଯେଉଁଠି ଗୀତା ଅଧ୍ୟାୟ ୪ ଶ୍ଲୋକ ୩୨ ଓ ୩୪ ରେ କହୁଛନ୍ତି

ଯେ ଯେଉଁ ଜ୍ଞାନ ପରମ ଅକ୍ଷର ବ୍ରହ୍ମ (ପରମେଶ୍ୱର) ନିଜ ମୁଖ କମଳରେ ଶୁଣାଇଥାନ୍ତି, ତାହା ତତ୍ତ୍ୱଜ୍ଞାନ ଅଟେ (ଗୀତା ଅଧ୍ୟାୟ ୪ ଶ୍ଳୋକ ୩୨) ସେହି ଜ୍ଞାନକୁ ତୁ ତତ୍ତ୍ୱ ଦର୍ଶୀ ସନ୍ଥଙ୍କ ନିକଟକୁ ଯାଇ ବୁଝ (ଗୀତା ଅଧ୍ୟାୟ ୪ ଶ୍ଳୋକ ୩୪) ଏଥିରୁ ପ୍ରମାଣିତ ହେଲା ଯେ ଯେଉଁଠି ଗୀତା ଜ୍ଞାନଦାତା ପରମାତ୍ମାଙ୍କୁ ତତ୍ତ୍ୱଜ୍ଞାନ ଜଣା ନାହିଁ, ଗୀତା ପାଠକମାନଙ୍କୁ ଏବଂ ଏହି ପ୍ରଭୁମାନଙ୍କର ଉପାସକମାନଙ୍କୁ କିପରି ଜ୍ଞାନ ପ୍ରାପ୍ତି ହେବ ?

ଗୀତା ଅଧ୍ୟାୟ ୨ ଶ୍ଳୋକ ନଂ୫୩ ରେ କହିଛନ୍ତି, ହେ ଅର୍ଜୁନ ! ଯେତେବେଳେ ଭ୍ରମିତ କରୁଥିବା ଭିନ୍ନ-ଭିନ୍ନ ପ୍ରକାରର ବଚନରୁ ତୋର ବୁଦ୍ଧି ହଟିଯାଇ କେବଳ ଏକ ତତ୍ତ୍ୱଜ୍ଞାନ ଉପରେ ସ୍ଥିର ହୋଇଯିବ, ସେତେବେଳେ ତୁ ଯୋଗ (ଭକ୍ତି) କୁ ପ୍ରାପ୍ତ ହେବୁ । ଭାବାର୍ଥ ଏହା ଯେ ସେତେବେଳେ ତୁ ଭକ୍ତ ହେବୁ । ଧର୍ମଦାସ !ଏଥିପାଇଁ ତୁମକୁ ସେହି ସନ୍ଥ-ମଣ୍ଡଳେଶ୍ୱରମାନଙ୍କ ପାଖକୁ ଯିବା ପାଇଁ ମୁଁ ପ୍ରେରଣା ଦେଇଥିଲି । ବର୍ତ୍ତମାନ ତୁମେ ଯୋଗ ପ୍ରାପ୍ତ ହେବ । ଭକ୍ତ ହେବ ।

ପ୍ରଶ୍ନ ୪୪ (ଧର୍ମଦାସଙ୍କର):- ପୂର୍ଣ୍ଣମୋକ୍ଷ ପ୍ରାପ୍ତି ପାଇଁ ଭଗବାନ ବିଷ୍ଣୁ ଓ ଭଗବାନ ଶଙ୍କରଙ୍କ ପୂଜା ତ୍ୟାଗ କରିବାକୁ ପଡ଼ିବ କି ?

ଉତ୍ତର - (ଜିନ୍ଦା ବାବାଜୀଙ୍କର):- ଏହି ପ୍ରଭୁମାନଙ୍କୁ ଛାଡ଼ିବା ନାହିଁ, ସେମାନଙ୍କର ପୂଜା ଛାଡ଼ିବାକୁ ହେବ ।

ପ୍ରଶ୍ନ ୪୫ (ଧର୍ମଦାସଙ୍କର):- ହେ ଜିନ୍ଦା ! ଆମ୍ଭେ ବିଷ୍ଣୁ ଓ ଶଙ୍କର ପ୍ରଭୁଙ୍କୁ ଛାଡିବା ନାହିଁ କିନ୍ତୁ ତାଙ୍କ ପୂଜା ଛାଡ଼ିବା, ଏ କଥା ମୁଁ ବୁଝି ପାରିଲି ନାହିଁ । ମୁଁ ମହା ଅଜ୍ଞାନୀ ପ୍ରାଣୀ, ମୋର ସ୍ୱଳ୍ପ ବୁଦ୍ଧି । କୃପାକରି ବିସ୍ତୃତ ଭାବରେ କୁହନ୍ତୁ ।

ଉତ୍ତର :- (ଜିନ୍ଦା ମହାତ୍ମାଙ୍କର) ହେ ଧର୍ମଦାସ ! ଆପଣ ଶାସ୍ତ୍ରବିଧି ତ୍ୟାଗ ପୂର୍ବକ ମନମୁଖି ଆଚରଣ କରି ଏମାନଙ୍କର ସାଧନା କରୁଛନ୍ତି ଯାହାଦ୍ୱାରା ଆପଣଙ୍କୁ ଲାଭ ମିଳୁ ନାହିଁ । ଏହି ଦେବତାମାନଙ୍କଠାରୁ ଲାଭ ପ୍ରାପ୍ତି କରିବାର ବାସ୍ତବିକ ସାଧନାର ମନ୍ତ୍ର ମୋ ପାଖରେ ଅଛି । ଯେପରି ଷଣ୍ଢକୁ ଷଣ୍ଢ-ଷଣ୍ଢ କହି ଯେତେ ଡାକିଲେ ସୁଦ୍ଧା ସେ ଆପଣଙ୍କ ଆଡ଼କୁ ଆଦୌ ଚାହଁବ ନାହିଁ । ତା'ପାଇଁ ଗୋଟିଏ ବିଶେଷ ମନ୍ତ୍ର ଅଛି, ତାହା ହେଲା ହୁର୍‌ର-ହୁର୍‌ର । ସେହି ଶବ୍ଦ ଶୁଣିବା କ୍ଷଣୀ ଷଣ୍ଢ ତୁରନ୍ତ ପ୍ରଭାବିତ ହୋଇଥାଏ ଏବଂ ହୁର୍‌ର-ହୁର୍‌ର କରୁଥିବା ବ୍ୟକ୍ତିଆଡ଼କୁ ଆକର୍ଷିତ ହୋଇ ଆସିଥାଏ । ଏହିପରି ଆଦରଣୀୟ ଏହି ଦେବତାମାନଙ୍କର ନିଜସ୍ୱ ମନ୍ତ୍ର ଅଛି ଯାହାକୁ ଜପ କରିବ ଦ୍ୱାରା ସେମାନେ ତୁରନ୍ତ ପୂର୍ଣ୍ଣ ଲାଭ ଦେଇଥାନ୍ତି । ପ୍ରିୟ ପାଠବନ୍ଧୁ! ସେହି ମନ୍ତ୍ର ମୋ ପାଖରେ (ସନ୍ଥ ରାମପାଲ ଦାସ ପାଖରେ) ଅଛି ଯାହା ଗୁରୁଙ୍କ ମାଧ୍ୟମରେ ପରମେଶ୍ୱର ମୋତେ ଦେଇଛନ୍ତି । ମୋ ନିକଟକୁ ଆସି ତାହା ପ୍ରାପ୍ତ କରନ୍ତୁ ।

ଯେପରି ଆପଣଙ୍କୁ କହିଥିଲି (ପ୍ରଶ୍ନ ନଂ. ୩୬ ର ଉତ୍ତରରେ ବର୍ଣ୍ଣନା କରିଥିଲି) ଯେ ଏହି ସଂସାରକୁ ଏକ ଓଲଟା ବୃକ୍ଷ ବୋଲି ଜାଣନ୍ତୁ । ପରମ ଅକ୍ଷର ପୁରୁଷଙ୍କୁ ଏହାର ମୂଳ ଭାବେ ଗ୍ରହଣ କରନ୍ତୁ, ଅକ୍ଷର ପୁରୁଷ କାଣ୍ଡ, କ୍ଷରପୁରୁଷ ହେଉଛନ୍ତି କାଣ୍ଡରୁ ବାହାରିଥିବା ଗୋଟିଏ ମୋଟା ଡ଼ାଳ ଓ ତିନି ଦେବତା (ରଜଗୁଣ ବ୍ରହ୍ମା, ସତଗୁଣ ବିଷ୍ଣୁ ଓ ତମଗୁଣ ଶିବ)ଙ୍କୁ ଏହି ସଂସାର ରୂପୀ ବୃକ୍ଷର ଶାଖା ବୋଲି ଜାଣନ୍ତୁ ଏବଂ ପତ୍ର ରୂପୀ ଏହି ସଂସାର ଅଟେ ।

ଯଦି ଆପଣ କେଉଁଠାରୁ ଆମ୍ବ ଚାରା ଆଣିଛନ୍ତି ତେବେ ଗାତ ଖୋଳି ତା' ଚେରକୁ ସେହି ଗାତରେ ମାଟି ଦେଇ ପୋତି ମୂଳରେ ପାଣି ଢାଳିବେ । ତା'ପରେ ସେହି ଚାରାଟି ବଡ଼ ଆମ୍ବ ବୃକ୍ଷରେ ପରିଣତ ହେବ ଏବଂ ସେହି ବୃକ୍ଷର ଶାଖାରେ ଫଳ ଫଳିବ । ସେଥିପାଇଁ ବୃକ୍ଷର ଶାଖାଗୁଡ଼ିକୁ କେବେ ବି ଭଙ୍ଗା ଯିବା ଅନୁଚିତ୍ । କିନ୍ତୁ ମୂଳକୁ ନ ପୋତି ଏହି ଛୋଟ ଶାଖା ଡ଼ାଳଗୁଡ଼ିକୁ ମାଟିରେ ପୋତି ଏହାର ସେଚନ କରାଯାଏ ନାହିଁ । ଠିକ୍ ଏହି ପ୍ରକାର ସଂସାର ରୂପୀ ଓଲଟା ବୃକ୍ଷର ମୂଳ ଅର୍ଥାତ୍ ପରମଅକ୍ଷର ବ୍ରହ୍ମଙ୍କୁ

ଇଷ୍ଟଦେବ ରୂପେ ପ୍ରତିଷ୍ଠିତ କରି ପୂଜା କରିବା ଦ୍ୱାରା ଶାସ୍ତ୍ରାନୁକୂଳ ସାଧନା ହୋଇଥାଏ ଯାହା ଶ୍ରେଷ୍ଠ ଲାଭ ଦେଇଥାଏ । ଏହିପରି କରା ଯାଇଥିବା ଭକ୍ତିକର୍ମର ଫଳ ଏହି ତିନି ଦେବତା (ସଂସାର ରୂପୀ ବୃକ୍ଷର ଶାଖା) କର୍ମାନୁସାରେ ଆମ୍ଭମାନଙ୍କୁ ପ୍ରଦାନ କରିଥାନ୍ତି । ଏଥିପାଇଁ ଏମାନଙ୍କର ପୂଜା ତ୍ୟାଗ କରିବାକୁ ପଡିଥାଏ, କିନ୍ତୁ ଏମାନଙ୍କୁ ତ୍ୟାଗ(ଭଙ୍ଗା) ଯାଇପାରିବ ନାହିଁ । ଏହି ପ୍ରମାଣ ଶ୍ରୀମଦ୍‌ଭଗବତ୍ ଗୀତା ଅଧ୍ୟାୟ ୩ ଶ୍ଳୋକ ୮ ରୁ ୧୫ ରେ ମଧ୍ୟ ଅଛି । କୁହାଯାଇଛି ଯେ:-

ଝ-ହେ ଅର୍ଜୁନ ! ତୁ ଶାସ୍ତ୍ରବିହିତ କର୍ମ କର ଅର୍ଥାତ୍ ଯେଉଁଭଳି ଭକ୍ତି କରିବାକୁ ଶାସ୍ତ୍ରରେ କୁହାଯାଇଛି ସେହିଭଳି ଭକ୍ତି କର୍ମ କର । ଯଦି ଘର ତ୍ୟାଗ କରି ଜଙ୍ଗଲକୁ ଚାଲିଯିବୁ ଅର୍ଥାତ୍ ତୁ କର୍ମ ସନ୍ୟାସୀ ହୋଇଗଲୁ କିମ୍ବା ଗୋଟିଏ ସ୍ଥାନରେ ବସି ରହି ହଠଯୋଗ କରିବାକୁ ଲାଗିବୁ ତେବେ ତୋ ଶରୀର ପୋଷଣ ହୋଇପାରିବ ନାହିଁ ଏବଂ ଜୀବିକା ନିର୍ବାହ ମଧ୍ୟ ହୋଇପାରିବ ନାହିଁ । ତେଣୁ କର୍ମ ନ କରିବା ଅପେକ୍ଷା କର୍ମ କରିବା ସହିତ ଭକ୍ତି କର୍ମ କରିବା ଶ୍ରେଷ୍ଠ ଅଟେ । (ଗୀତା ଅଧ୍ୟାୟ ୩ ଶ୍ଳୋକ ୮)

ଝ-ଯେଉଁ ସାଧକ ଶାସ୍ତ୍ରବିଧି ତ୍ୟାଗ କରି ମନମୁଖୀ ଆଚରଣ କରିଥାଏ ଅର୍ଥାତ୍ ଶାସ୍ତ୍ରାନୁକୂଳ ଭକ୍ତି କର୍ମ ବ୍ୟତୀତ ଅନ୍ୟ କର୍ମରେ ନିଜକୁ ନିୟୋଜିତ କରି ମନୁଷ୍ୟ ସମୁଦାୟ କର୍ମ ବନ୍ଧନରେ ବାନ୍ଧି ହୋଇ ଜନ୍ମ-ମୃତ୍ୟୁ ଚକ୍ରରେ ସଦାସର୍ବଦା ପାଇଁ ରହିଥାଏ । ଏଣୁ ହେ କୁନ୍ତି ପୁତ୍ର ଅର୍ଜୁନ ! ଯେଉଁ ଶାସ୍ତ୍ରବିରୁଦ୍ଧ ଭକ୍ତି କର୍ମ କରୁଛ, ସେଥିରୁ ଆଶକ୍ତି ରହିତ ହୋଇ ଶାସ୍ତ୍ରାନୁକୂଳ ଭକ୍ତି କର୍ମ କର । (ଗୀତ ଅଧ୍ୟାୟ ୩ ଶ୍ଳୋକ ୯) ।

ଝ-ସଂସାରର ରଚନା କରି ପ୍ରଜାପତି (କୁଳର ମାଲିକ) ସର୍ବପ୍ରଥମେ ମନୁଷ୍ୟର ରଚନା କରିବା ସହିତ ଯଜ୍ଞ ଅର୍ଥାତ୍ ଧାର୍ମିକ ଅନୁଷ୍ଠାନ ବିଷୟରେ ଜ୍ଞାନ ଦେଇ ଏମାନଙ୍କୁ କହିଥିଲେ ଯେ ତୁମ୍ଭେମାନେ ଏହିଭଳି ନିର୍ଦ୍ଦେଶିତ ଶାସ୍ତ୍ରାନୁକୂଳ କର୍ମ ଦ୍ୱାରା ବୃଦ୍ଧି ପ୍ରାପ୍ତ ହୁଅ । ଏହି ପ୍ରକାରେ ଶାସ୍ତ୍ରାନୁସାରେ କରା ଯାଇଥିବା ଭକ୍ତି ତୁମ୍ଭମାନଙ୍କୁ ଇଚ୍ଛିତ ଭୋଗ ପ୍ରାପ୍ତ କରାଇବ । (ଗୀତା ଅଧ୍ୟାୟ ୩ ଶ୍ଳୋକ ୧୦) ।

ଝ-ଏହି ପ୍ରକାରେ ଶାସ୍ତ୍ରାନୁକୂଳ ଭକ୍ତି ଦ୍ୱାରା ଅର୍ଥାତ୍ ସଂସାର ରୂପୀ ବୃକ୍ଷର ମୂଳ ଅର୍ଥାତ୍ (ପରମ ଅକ୍ଷର ବ୍ରହ୍ମ)ଙ୍କ ସେଚନ ଅର୍ଥାତ୍ ପୂଜା କରି ତିନି ଦେବତା ଅର୍ଥାତ୍ ସଂସାର ରୂପୀ ବୃକ୍ଷର ତିନିଗୁଣ (ରଜଗୁଣ ବ୍ରହ୍ମା,ସତଗୁଣ ବିଷ୍ଣୁ ଓ ତମଗୁଣ ଶିବ) ରୂପୀ ଶାଖାଗୁଡିକୁ ଉନ୍ନତ କର । ସେହି ଦେବତା (ସଂସାର ରୂପୀ ବୃକ୍ଷର ଶାଖା ତିନି ଦେବତା) ଆପଣଙ୍କୁ କର୍ମାନୁସାରେ ଫଳ ଦେଇ ଉନ୍ନତ କରିବେ । ଏହିପରି ଜଣେ-ଅନ୍ୟଜଣକୁ ଉନ୍ନତ କରି ପରମ କଲ୍ୟାଣ ଅର୍ଥାତ୍ ପୂର୍ଣ୍ଣମୋକ୍ଷ ପ୍ରାପ୍ତ ହୋଇଯିବ । (ଗୀତା ଅଧ୍ୟାୟ ୩ ଶ୍ଳୋକ ୧୧) ।

ଝ-ଶାସ୍ତ୍ରବିଧି ଅନୁସାରେ କରା ଯାଇଥିବା ଭକ୍ତିକର୍ମ ଅର୍ଥାତ୍ ଯଜ୍ଞ ଦ୍ୱାରା ପୁଷ୍ଟ ଦେବତା ଅର୍ଥାତ୍ ସଂସାର ରୂପୀ ବୃକ୍ଷର ମୂଳ ଅର୍ଥାତ୍ ମୂଳ ମାଲିକ (ପରମ ଅକ୍ଷର ବ୍ରହ୍ମ)ଙ୍କୁ ଇଷ୍ଟଦେବ ରୂପେ ପ୍ରତିଷ୍ଠିତ କରି ଭକ୍ତିକର୍ମ ଦ୍ୱାରା ବଢି ଥିବା ଶାଖା(ତିନି ଦେବତା) ତୁମ୍ଭମାନଙ୍କୁ ନ ମାଗିଲେ ସୁଦ୍ଧା କର୍ମାନୁସାରେ ଇଚ୍ଛିତ ଭୋଗ ନିଶ୍ଚୟ ଦେବେ । ଯେପରି ଆମ୍ବ ଚାରାର ମୂଳରେ ସିଞ୍ଚନ କରିବା ଦ୍ୱାରା ଚାରା ବୃକ୍ଷରେ ପରିଣତ ହୋଇ ଶାଖା ଉତ୍ପନ୍ନ ହେଲା । ତା'ପରେ ସେହି ଶାଖାଗୁଡ଼ିକରେ ଆପେ ଫଳ ଫଳି ତଳକୁ ପଡିବ, ମନୁଷ୍ୟଙ୍କୁ କର୍ମାନୁସାରେ ଯେଉଁ ଧନ ପ୍ରାପ୍ତି ହୋଇଥାଏ ତାହା ଉପରୋକ୍ତ ବିଧି ଅନୁସାରେ ହୋଇଥାଏ । ଯଦି କୌଣସି ବ୍ୟକ୍ତି ସେହି ଦେବତାମାନଙ୍କ (ଶାଖା) ଦ୍ୱାରା ପ୍ରଦତ୍ତ ଧନରେ ଦାନ-ପୂଣ୍ୟ ନ କରୁଛି ଅର୍ଥାତ୍ ଯିଏ ଶାସ୍ତ୍ରାନୁକୂଳ ସାଧନା ନ କରୁଛି, କେବଳ ନିଜ ଉଦରପୂର୍ତ୍ତି କରି ନିଜେ ସବୁ ଉପଭୋଗ କରିଥାଏ, ସେ ପରମାତ୍ମାଙ୍କର ଚୋର ଅଟେ (ଗୀତା ଅଧ୍ୟାୟ ୩ ଶ୍ଳୋକ ୧୨) ।

ଝ- ଶାସ୍ତ୍ରାନୁକୂଳ ଭକ୍ତିର ନିୟମ ଅନୁଯାୟୀ ସର୍ବ ପ୍ରଥମେ ପରମାତ୍ମାଙ୍କୁ ଭୋଗ ଲଗାଯାଇ ଭଣ୍ଡାରା କରାଯାଏ । ପ୍ରଥମେ ପରମ ଅକ୍ଷର ବ୍ରହ୍ମଙ୍କୁ ଇଷ୍ଟ ଦେବ ରୂପେ ପୂଜା କରି ଭୋଗ ଲଗାଇ ସାରିବା ପରେ ଅବଶିଷ୍ଟ ଭୋଜନକୁ ଭକ୍ତମାନଙ୍କ ମଧ୍ୟରେ ବାଣ୍ଟି ଦିଆଯାଏ । ସେହି ବଳକା ଅନ୍ନକୁ ସତସଙ୍ଗରେ ଉପସ୍ଥିତ ଥିବା

ଉତ୍ତମ ଆତ୍ମାମାନେ ହିଁ ଖାଇଥାନ୍ତି କାରଣ ପୂଣ୍ୟାତ୍ମାମାନେ ହିଁ ପରମାତ୍ମାଙ୍କ ପାଇଁ ସମୟ ବାହାର କରି ଧାର୍ମିକ ଅନୁଷ୍ଠାନରେ ଯୋଗ ଦେଇଥାନ୍ତି । ଏଥିପାଇଁ କୁହାଯାଇଛି ଯେ ସେହି ଯଜ୍ଞର ବଳକା ଅନ୍ନକୁ ଖାଉଥିବା ସନ୍ଥଗଣ ସମସ୍ତ ପାପରୁ ମୁକ୍ତ ହୋଇଯାନ୍ତି । ଯେଉଁମାନେ ପାପୀ ତଥା ଯେଉଁମାନେ ତତ୍ତ୍ୱଦର୍ଶୀ ସନ୍ଥଙ୍କ ସତସଙ୍ଗକୁ ଯାଆନ୍ତି ନାହିଁ, ସେମାନଙ୍କୁ ଜ୍ଞାନ ହୁଏ ନାହିଁ । ସେହି ପାପୀ ଆତ୍ମା କେବଳ ନିଜ ଶରୀର ପୋଷଣ ପାଇଁ ଭୋଜନ ରାନ୍ଧିଥାନ୍ତି, ସେମାନେ ତ ପାପକୁ ଖାଇଥାନ୍ତି କାରଣ ଭୋଜନ ପୂର୍ବରୁ ସମସ୍ତ ଭକ୍ତ-ସନ୍ଥ ଆମ୍ଭେ ପରମ ଅକ୍ଷର ବ୍ରହ୍ମଙ୍କୁ ଭୋଗ ଲଗାଇଥାଉ । ଯାହାଦ୍ୱାରା ସମସ୍ତ ଭୋଜନ ପବିତ୍ର ପ୍ରସାଦ ହୋଇଯାଏ । ଯେଉଁମାନେ ଏଭଳି କରନ୍ତି ନାହିଁ ସେମାନେ ପରମାତ୍ମାଙ୍କର ଚୋର ଅଟନ୍ତି । ଭଗବାନଙ୍କୁ ଭୋଗ ନ ଲଗା ଯାଇଥିବା ଭୋଜନ ପାପ ଭୋଜନ ହୋଇଥାଏ । ଏଥିପାଇଁ କୁହାଯାଇଛି ଯେ ଯେଉଁମାନେ ଶାସ୍ତ୍ରାନୁକୂଳ ଧର୍ମ-କର୍ମ କରନ୍ତି ନାହିଁ, ସେମାନେ ପାପରେ ଭାଗୀ ହୁଅନ୍ତି । (ଗୀତା ଅଧ୍ୟାୟ ୩ ଶ୍ଳୋକ ୧୩) ।

ଝ:-ସମ୍ପୂର୍ଣ୍ଣ ପ୍ରାଣୀ ଅନ୍ନରୁ ଉତ୍ପନ୍ନ ହୁଅନ୍ତି, ଅନ୍ନ ବର୍ଷାରୁ ହୋଇଥାଏ, ବର୍ଷା ଯଜ୍ଞ ଅର୍ଥାତ୍ ଶାସ୍ତ୍ରାନୁକୂଳ ଧାର୍ମିକ ଅନୁଷ୍ଠାନରୁ ହୋଇଥାଏ, ଯଜ୍ଞ ଅର୍ଥାତ୍ ଧାର୍ମିକ ଅନୁଷ୍ଠାନ ଶାସ୍ତ୍ରାନୁକୂଳ କର୍ମରୁ ହୋଇଥାଏ । (ଗୀତା ଅଧ୍ୟାୟ ୩ ଶ୍ଳୋକ ୧୪) ।

ଝ:-କର୍ମ, ବ୍ରହ୍ମ ଅର୍ଥାତ୍ କ୍ଷରପୁରୁଷଠାରୁ ଉତ୍ପନ୍ନ ହୋଇଛି, କାରଣ ସନାତନ ପରମଧାମ ଯେଉଁଠାରେ ସମସ୍ତ ପ୍ରାଣୀ ସର୍ବପ୍ରଥମେ ରହୁଥିଲେ । ସେଠାରେ ଆମ୍ଭମାନଙ୍କୁ ବିନା କର୍ମରେ ସମସ୍ତ ସୁଖ ଓ ପଦାର୍ଥ ଇତ୍ୟାଦି ପ୍ରାପ୍ତ ହେଉଥିଲା । ଏଠାକାର ସମସ୍ତ ପ୍ରାଣୀ ନିଜ ଭୂଲ୍ ପାଇଁ କ୍ଷରପୁରୁଷ ସହିତ ଏଠାକୁ ଆସିଛନ୍ତି । ଏବେ ସମସ୍ତଙ୍କୁ କର୍ମର ଫଳ ମିଳୁଛି । ଏଠାରେ କର୍ମ କରି ଜୀବନ ନର୍ବାହ କରିବାକୁ ପଡିଥାଏ । ଏହି କାରଣରୁ କୁହାଯାଇଛି ଯେ କର୍ମ, ବ୍ରହ୍ମ (କ୍ଷରପୁରୁଷ)ଙ୍କଠାରୁ ଓ ବ୍ରହ୍ମ ଅବିନାଶୀ ପରମାତ୍ମାଙ୍କଠାରୁ ଉତ୍ପନ୍ନ ହୋଇଛି ବୋଲି ଜାଣ । (ଅଧିକ ଜାଣିବା ପାଇଁ ପଢନ୍ତୁ 'ସୃଷ୍ଟି ରଚନା' ଏହି ପୁସ୍ତକର ପୃଷ୍ଠା ନଂ ୧୦୩ ରେ) ।

(ନୋଟ୍:- ଏହି ଶ୍ଳୋକରେ "ଅକ୍ଷର" ଶବ୍ଦର ଅର୍ଥ ଅବିନାଶୀ ପରମାତ୍ମା ଲେଖାଯାଇଛି ଏହା ଠିକ୍ ପରନ୍ତୁ ଯେଉଁଠି କ୍ଷରପୁରୁଷ, ଅକ୍ଷରପୁରୁଷ ଓ ପରମ ଅକ୍ଷର ପୁରୁଷଙ୍କ ବିଷୟରେ ବର୍ଣ୍ଣନା କରାଯାଇଛି ସେଠାରେ ଅକ୍ଷର ପୁରୁଷ ଓ କ୍ଷରପୁରୁଷ ଦୁହିଁଙ୍କୁ ନାଶବାନ କୁହାଯାଇଛି । ସେଠାରେ ଅକ୍ଷରର ଅର୍ଥ ସେହି ସ୍ଥାନ ପାଇଁ ଠିକ୍ । ଗୀତା ଅଧ୍ୟାୟ ୧୫ ଶ୍ଳୋକ ୧୬-୧୭ ରେ ବର୍ଣ୍ଣନା କରା ଯାଇଥିବା 'ଅକ୍ଷର' ଶବ୍ଦର ଅର୍ଥ ଅବିନାଶୀ ପରମାତ୍ମା ଅଟେ କାରଣ ସୃଷ୍ଟିରଚନାରୁ ଏହା ସ୍ପଷ୍ଟ ପ୍ରମାଣିତ ହୋଇଥାଏ ଯେ ବ୍ରହ୍ମର ଉତ୍ପତ୍ତି ସତ୍ୟପୁରୁଷ (ଅବିନାଶୀ ପରମାତ୍ମା) କରିଥିଲେ । ଏଥିରୁ ପ୍ରମାଣିତ ହେଲା ଯେ (ସର୍ବଗତମ୍ ବ୍ରହ୍ମ) ଅର୍ଥାତ୍ ଯେଉଁ ପରମାତ୍ମାଙ୍କର ଶକ୍ତି ସର୍ବ ବ୍ରହ୍ମାଣ୍ଡରେ ବିଦ୍ୟମାନ, ଯିଏ ସମସ୍ତଙ୍କର ମାଲିକ ଅଟନ୍ତି, ସେହି ପରମାତ୍ମା ସଦାସର୍ବଦା ଯଜ୍ଞ ଅର୍ଥାତ୍ ଧାର୍ମିକ ଅନୁଷ୍ଠାନରେ ପ୍ରତିଷ୍ଠିତ ଅଟନ୍ତି । ଭାବାର୍ଥ ଏହା ଯେ ପରମ ଅକ୍ଷର ବ୍ରହ୍ମଙ୍କୁ ଇଷ୍ଟଦେବ ରୂପେ ପ୍ରତିଷ୍ଠିତ କରି ଧାର୍ମିକ ଅନୁଷ୍ଠାନ ଅର୍ଥାତ୍ ଯଜ୍ଞ କରିବା ଓ ଶାସ୍ତ୍ରବିଧି ଅନୁସାରେ କର୍ମ କରିବା ଦ୍ୱାରା ସାଧକକୁ ଭକ୍ତି ଲାଭ ମିଳିଥାଏ । ଯଦ୍ୱାରା ମୋକ୍ଷ ପ୍ରାପ୍ତି ହୋଇଥାଏ । ଦେଖନ୍ତୁ ସଂସାର ରୂପୀ ବୃକ୍ଷର ଚିତ୍ର ଏହି ପୁସ୍ତକର ୯୦ ନଂ ପୃଷ୍ଠାରେ ।

ପୃଷ୍ଠା ୮୯ ରେ ଏହି ଚିତ୍ର ଦେଖନ୍ତୁ, ଏଥିରେ ଚାରାଟିର ଡ଼ାଳଗୁଡ଼ିକୁ କିପରି ମାଟିରେ ପୋତାଯାଇ ଦର୍ଶାଯାଇଛି ଯେ ଯିଏ ତିନିଜଣ ଦେବତା (ରଜଗୁଣ ବ୍ରହ୍ମା, ସତଗୁଣ ବିଷ୍ଣୁ, ତମଗୁଣ ଶିବ)ଙ୍କ ମଧ୍ୟରୁ ଯାହାର ବି ପୂଜା କରୁଛି, ସେ ଶାସ୍ତ୍ରବିଧି ତ୍ୟାଗ କରି ମନମୁଖୀ ଆଚରଣ କରୁଛି ଯାହାକୁ ଗୀତା ଅଧ୍ୟାୟ ୧୬ ଶ୍ଳୋକ ୨୩-୨୪ ରେ ଅନୁଚିତ୍ ଓ ବ୍ୟର୍ଥ କୁହାଯାଇଛି । ଯିଏ ସର୍ବଗତମ୍ ବ୍ରହ୍ମ ଅର୍ଥାତ୍ ପରମ ଅକ୍ଷର ବ୍ରହ୍ମଙ୍କର ପୂଜା ନ କରିଛନ୍ତି, ତାଙ୍କୁ ଇଷ୍ଟ ରୂପେ ପୂଜି ନାହାଁନ୍ତି, ଏହି କାରଣରୁ ସେହି ସାଧକର ସାଧନା ବ୍ୟର୍ଥ ଅଟେ । ଶାଖାଗୁଡିକର ସିଞ୍ଚନ ଦ୍ୱାରା ଚାରା ଗଛଟି ନଷ୍ଟ ହୋଇଯାଏ । ଗୀତା ଅଧ୍ୟାୟ ୭ ଶ୍ଳୋକ ୧୨ ରୁ ୧୫, ୨୦,

୨୩ ଓ ଗୀତା ଅଧ୍ୟାୟ ୯ ଶ୍ଳୋକ ୨୩-୨୪ ରେ ଅନ୍ୟ ଦେବତାମାନଙ୍କର ପୂଜା କରିବାକୁ ମନା କରାଯାଇଛି । (ପଢନ୍ତୁ ପ୍ରଶ୍ନ ୧୭ର ଉତ୍ତର)

"ଦେଖନ୍ତୁ ଏହି ଚିତ୍ରକୁ" ଏହି ପୁସ୍ତକର ପୃଷ୍ଠା ୯୦ ରେ ସିଧା ଲଗାଯାଇଥିବା ଚାରା ଯାହା ଶାସ୍ତ୍ରବିଧି ସମ୍ମତ ସାଧନା ଅଟେ, ଏହା ମୋକ୍ଷଦାୟକ ଅଟେ । ଏହି ପ୍ରମାଣ ଗୀତା ଗ୍ରନ୍ଥରେ ଅଛି ।

ଏଣୁ ହେ ଧର୍ମଦାସ ! ଶ୍ରୀ ବ୍ରହ୍ମା, ଶ୍ରୀ ବିଷ୍ଣୁ ଓ ଶ୍ରୀ ଶିବଙ୍କୁ ଆମ୍ଭେ ତ୍ୟାଗ କରିବା ନାହିଁ । ଏମାନଙ୍କୁ ଇଷ୍ଟ ରୂପେ ଯେଉଁଭଳି ପୂଜା କରୁଛ ତାହା ଛାଡିବାକୁ ପଡିବ । ତତ୍‌ପଶ୍ଚାତ୍ ଭକ୍ତର ପୂର୍ଣ୍ଣମୋକ୍ଷ ସମ୍ଭବ ହେବ ।

ପ୍ରଶ୍ନ ୪୬:- (ଧର୍ମଦାସଜୀଙ୍କର) :- ହେ ଜିନ୍ଦା ! ଆପଣ ତିନି ଦେବତା (ରଜଗୁଣ ବ୍ରହ୍ମା, ସତଗୁଣ ବିଷ୍ଣୁ ଓ ତମଗୁଣ ଶିବ)ଙ୍କ ଭକ୍ତି କରୁଥିବା ସାଧକଙ୍କ ଅବସ୍ଥା (ଦଶା) ଶ୍ରୀମଭଗବତ୍ ଗୀତା ଅଧ୍ୟାୟ ୭ ଶ୍ଳୋକ ୧୨ରୁ୧୫, ୨୦ ରୁ ୨୩ ଓ ଅଧ୍ୟାୟ ୯ ଶ୍ଳୋକ ୨୩-୨୪ରେ ପ୍ରତ୍ୟକ୍ଷ ପ୍ରମାଣିତ କରିଦେଲେ ଯେ ତିନିଗୁଣ (ରଜଗୁଣ ବ୍ରହ୍ମା, ସତଗୁଣ ବିଷ୍ଣୁ ଓ ତମଗୁଣ ଶିବ)ଙ୍କ ଭକ୍ତି କରୁଥିବା ବ୍ୟକ୍ତି ରାକ୍ଷସ ସ୍ୱଭାବକୁ ଧାରଣ କରିଥିବା, ମନୁଷ୍ୟମାନଙ୍କ ମଧ୍ୟରେ ନୀଚ, ଦୂଷିତ କର୍ମ କରୁଥିବା ମୂର୍ଖମାନେ ମୋତେ (ଗୀତା ଜ୍ଞାନଦାତା ବ୍ରହ୍ମକୁ) ମଧ୍ୟ ଭଜନ୍ତି ନାହିଁ । ଅନ୍ୟ ଦେବତାମାନଙ୍କର ଭକ୍ତି-ପୂଜା କରୁଥିବା ବ୍ୟକ୍ତିଙ୍କର ସୁଖ ସମୟ (ସ୍ୱର୍ଗରେ ବାସ କରିବା ସମୟ) କ୍ଷଣିକ ହୋଇଥାଏ । ସ୍ୱର୍ଗ ପ୍ରାପ୍ତି ପରେ ଶୀଘ୍ର ପୃଥିବୀ ପୃଷ୍ଠରେ ଜନ୍ମଗ୍ରହଣ କରିଥାନ୍ତି । ହେ ମହାତ୍ମା ! କୃପାକରି ସଂସାରରେ ଘଟିଥିବା ଏଭଳି କୌଣସି ଏକ ଘଟଣା ବିଷୟରେ ମୋତେ ଶୁଣାନ୍ତୁ ଯାହା ଦ୍ୱାରା ଆପଣଙ୍କ କଥାର ସତ୍ୟତାର ପ୍ରମାଣ ମିଳିଯିବ ଯେ ତିନି ଦେବତାଙ୍କ ପୂଜାରୀ ଏଭଳି ଆଚରଣ କରିଥାନ୍ତି ।

## ''ହିରଣ୍ୟକଶ୍ୟପ କଥା''


ଉତ୍ତର:-(ଜିନ୍ଦା ଜଗଦୀଶଙ୍କର):-


୧. ରଜଗୁଣ ବ୍ରହ୍ମାଙ୍କ ଉପାସକମାନଙ୍କର ଚରିତ୍ର :- ହିରଣ୍ୟକଶିପୁ ନାମରେ ଜଣେ ବ୍ରାହ୍ମଣ ରାଜା ଥିଲା । କୌଣସି କାରଣବଶତଃ ଭଗବାନ ବିଷ୍ଣୁ (ସତ୍‌ଗୁଣ)ଙ୍କ ପ୍ରତି ତା'ର ଈର୍ଷା ଜାତ ହେଲା । ସେହି ରାଜା ରଜଗୁଣ ବ୍ରହ୍ମା ଦେବତାଙ୍କୁ ଭକ୍ତି କରି ପ୍ରସନ୍ନ କଲା । ବ୍ରହ୍ମା କହିଲେ, ପୂଜାରୀ ! ମାଗ, କ'ଣ ମାଗିବାକୁ ଚାହୁଁଛ ? ହିରଣ୍ୟକଶିପୁ ମାଗିଲା ଯେ ନା ସକାଳେ ମରିବି ନା ସନ୍ଧ୍ୟାରେ, ନା ବାହାରେ ମରିବି ନା ଭିତରେ, ନା ଦିନରେ ମରିବି ନା ରାତିରେ, ନା ବାର ମାସରେ ମରିବି, ନା ଆକାଶରେ ମରିବି, ନା ଧରିତ୍ରୀ ଉପରେ ମରିବି, ନା ମାନବ ହାତରେ ମରିବି, ନା ପଶୁ-ପକ୍ଷୀଙ୍କ ଦ୍ୱାରା ମରିବି । ବ୍ରହ୍ମା କହିଲେ, ତଥାସ୍ତୁ, ଏହି ବର ପ୍ରାପ୍ତି ପରେ ହିରଣ୍ୟକଶିପୁ ନିଜକୁ ଅମର ଘୋଷଣା କରି ଅନ୍ୟମାନଙ୍କୁ ନିଜ ନାମ ଜପ କରିବା ପାଇଁ କହିଲା । ଯିଏ ବିଷ୍ଣୁଙ୍କ ନାମ ଜପ କରୁଥିଲା ତାକୁ ମାରି ଦେଉଥିଲା । ତା' ପୁତ୍ର ପ୍ରହଲ୍ଲାଦ, ବିଷ୍ଣୁଙ୍କର ଭକ୍ତି କରୁଥିଲା । ପ୍ରହଲ୍ଲାଦକୁ ସେ ବହୁତ କଷ୍ଟ ଦେଇଥିଲା । ହେ ଧର୍ମଦାସ ! ଏହି ଘଟଣା ସହିତ ଆପଣ ଭଲଭାବେ ପରିଚିତ ଅଟନ୍ତି । ଭାବାର୍ଥ ଏହା ଯେ ରଜଗୁଣ ବ୍ରହ୍ମାଙ୍କ ଭକ୍ତ ହରଣ୍ୟକଶିପୁ ରାକ୍ଷସ ଭାବେ ପରିଚିତ ହେଲା, କୁକୁର ଭଳି ମଲା ।

## ''ରାବଣ ଓ ଭସ୍ମାସୁର କଥା''

୨.ତମଗୁଣ ଶିବଙ୍କ ଉପାସକମାନଙ୍କ ଚରିତ୍ର :- ଲଙ୍କାର ରାଜା ରାବଣ ତମଗୁଣ ଶିବଙ୍କର ଭକ୍ତି କରିଥିଲା । ସେ ନିଜ ଶକ୍ତି ବଳରେ ୩୩ କୋଟି ଦେବତାଙ୍କୁ ବନ୍ଦୀ କରି ରଖିଥିଲା । ପୁଣି ଦେବୀ ସୀତାଙ୍କୁ ଅପହରଣ କରିନେଲା । ଏହାର କେଉଁ ଫଳ ମିଳିଲା, ଆପଣମାନେ ଜାଣିଛନ୍ତି । ତମଗୁଣ ଶିବଙ୍କ ଉପାସକ ରାବଣ, ରାକ୍ଷସ ଭାବେ କଥିତ ହେଲା ତା'ର ସର୍ବନାଶ ହେଲା । ନିନ୍ଦାର ପାତ୍ର ହେଲା ।

ଝଅନ୍ୟ ଉଦାହରଣ :- ଆପଣଙ୍କୁ ଭସ୍ମାସୁର କଥା ନିଶ୍ଚୟ ଜଣାଥିବ । ଭସ୍ମାଗିରୀ, ଭଗବାନ ଶିବ


ବ୍ରହ୍ମା (ରଜଗୁଣ)
ଗୀତା ଅଧ୍ୟାୟ ନଂ-୧୫
ଶ୍ଳୋକ ନଂ-୧ ରୁ ୪
ତଥା ଶ୍ଳୋକ ନଂ-୧୬
ଓ ୧୭ ର ପ୍ରମାଣ
ଶିବ (ତମଗୁଣ)
ବିଷ୍ଣୁ (ସତ୍ୱଗୁଣ)
ଡାଳ
[ କ୍ଷରବ୍ରହ୍ମ ଅର୍ଥାତ୍
କ୍ଷରପୁରୁଷ (କାଳବ୍ରହ୍ମ) ]
କବୀର - ଅକ୍ଷର ପୁରୁଷ ଏକ ପେଡ ହୈ,
ନିରଞ୍ଜନ ବାକୀ ଡାର ।
ତିନୋ ଦେବା ଶାଖା ହୈ,
ପାତ ରୂପ ସଂସାର ॥
କାଣ୍ଡ
[ ଅକ୍ଷର ବ୍ରହ୍ମ ଅର୍ଥାତ୍
ଅକ୍ଷର ପୁରୁଷ (ପରବ୍ରହ୍ମ) ]
କବୀର ସାହେବ
(ମୂଳ/ଚେର)
ଶାସ୍ତ୍ରାନୁକୂଳ
ସାଧନା
ଅର୍ଥାତ୍ ସିଧା ଭାବରେ ଲଗାଯାଇଥିବା ଭକ୍ତିରୂପୀ ଚାରା


ପୂର୍ଣ୍ଣ ବ୍ରହ୍ମ କବୀର ସାହେବ
ଗୀତା ଅଧ୍ୟାୟ ନଂ-୧୫
ଶ୍ଳୋକ ନଂ- ୧ ରୁ ୪
ତଥା ଶ୍ଳୋକ ନଂ- ୧୬
ଓ ୧୭ ର ପ୍ରମାଣ
କବୀର୍ - ଅକ୍ଷର୍ ପୁରୁଷ୍ ଏକ୍ ପେଡ୍ ହୈ,
ନିରଂଜନ୍ ବାକୀ ଡାର୍ ।
ତିନୋ ଦେବା ଶାଖା ହୈଂ,
ପାତ୍ ରୂପ୍ ସଂସାର୍ ।।
ଡାଳ ବ୍ରହ୍ମ
(କ୍ଷର ପୁରୁଷ)
ବିଷ୍ଣୁ (ଶାଖା)
ଶିବ
ବ୍ରହ୍ମା
ଶାସ୍ତ୍ର ବିରୁଦ୍ଧ
ସାଧନା
ଅର୍ଥାତ୍ ଓଲଟା ଭାବରେ ଲଗାଯାଇଥିବା ଭକ୍ତିରୂପୀ ଚାରା

(ତମଗୁଣ)ଙ୍କର ଭକ୍ତି କରୁଥିଲା । ସେ ବାରବର୍ଷ ପର୍ଯ୍ୟନ୍ତ ଭଗବାନ ଶିବଙ୍କ ଦ୍ୱାର ସମ୍ମୁଖରେ ମୁଣ୍ଡ ତଳକୁ ଗୋଡ଼ ଉପରକୁ (ଶୀର୍ଷାସନ) କରି ଭକ୍ତି ତପସ୍ୟା କଲା, ଦିନେ ପାର୍ବତୀ କହିଲେ, ହେ ମହାଦେବ ! ଆପଣ ସାମର୍ଥ୍ୟବାନ ଅଟନ୍ତି । ଆପଣଙ୍କ ଭକ୍ତ ଯାହା ମାଗୁଛି, ତାକୁ ତାହା ପ୍ରଦାନ କରନ୍ତୁ ପ୍ରଭୁ ! । ଭଗବାନ ଶିବ ଭସ୍ମାଗିରୀକୁ ପଚାରିଲେ, କୁହ ଭକ୍ତ ! କ'ଣ ମାଗିବାକୁ ଚାହୁଁଛୁ । ମୁଁ ତୋ ଉପରେ ଅତି ପ୍ରସନ୍ନ ହୋଇଛି । ଭସ୍ମାଗିରୀ କହିଲା, ପ୍ରଥମେ ବଚନବଦ୍ଧ ହୁଅନ୍ତୁ, ତା'ପରେ ଯାଇ ମାଗିବି । ଭଗବାନ ଶିବ ବଚନବଦ୍ଧ ହେଲେ । ତା'ପରେ ଭସ୍ମାଗିରୀ କହିଲା, ଆପଣଙ୍କ ପାଖରେ ଯେଉଁ ଭସ୍ମକଣ୍ଡା (ଭସ୍ମକଡ଼ା) ଅଛି । ତାହା ମୋତେ ପ୍ରଦାନ କରନ୍ତୁ । ଭଗବାନ ଶିବ, ଭସ୍ମାଗିରୀକୁ ସେହି ଭସ୍ମକଣ୍ଡା ଦେଇ ଦେଲେ । କଡ଼ା (ବଳା) ପ୍ରାପ୍ତି ପରେ ଭସ୍ମାଗିରୀ କହିଲା, ଶିବଜୀ ! ସାବଧାନ ହୋଇଯାଅ । ତୋତେ ଭସ୍ମ କରି ପାର୍ବତୀକୁ ପତ୍ନୀ କରିବି । ଏହା କହି ଅଭଦ୍ର ଭଙ୍ଗୀରେ ହସିଲା ଏବଂ ଶିବଙ୍କୁ ମାରିବା ପାଇଁ ଦୌଡ଼ିଲା । ଭଗବାନ ଶିବ ସେହି ଦୁଷ୍ଟର ଉଦ୍ଦେଶ୍ୟ ଜାଣି ଦୌଡ଼ିବାକୁ ଲାଗିଲେ । ପଛେ ପଛେ ପୂଜାରୀ ଆଗେ-ଆଗେ ଇଷ୍ଟଦେବ ଶିବ(ତମଗୁଣ) ଦୌଡୁ ଥିଲେ ।

ବିଚାର କରନ୍ତୁ ଧର୍ମଦାସ ! ଯଦି ଆପଣଙ୍କ ଦେବ ଶିବ ଅବିନାଶୀ ହୋଇଥାନ୍ତେ ତେବେ ମୃତ୍ୟୁକୁ ଭୟ କରି ନଥାନ୍ତେ । ଶିବଙ୍କୁ ଆପଣ ଅବିନାଶୀ ଓ ଅନ୍ତର୍ଯ୍ୟାମୀ କହୁଥିଲେ । ଯଦି ଭଗବାନ ଶିବ ଅନ୍ତର୍ଯ୍ୟାମୀ ହୋଇଥାନ୍ତେ ତେବେ ପ୍ରଥମରୁ ଭସ୍ମାଗିରୀ ମନରେ ଥିବା କୁତ୍ସିତ ବିଚାର ବିଷୟରେ ଜାଣି ପାରିଥାନ୍ତେ । ଏଥିରୁ ପ୍ରମାଣିତ ହେଲା ଯେ ଇଏ କଦାପି ଅନ୍ତର୍ଯ୍ୟାମୀ ନୁହଁନ୍ତି, ଅବିନାଶୀ ହେବା ତ ବହୁ ଦୂରର କଥା ।

ଯେତେବେଳେ ଭଗବାନ ଶିବ ଆଗେ ଆଗେ ଓ ଭସ୍ମାଗିରୀ ପଛେ ପଛେ ଦୌଡୁଥିଲା, ସେତେବେଳେ ଭଗବାନ ଶିବ ନିଜର ରକ୍ଷା ପାଇଁ ପରମେଶ୍ୱରଙ୍କୁ ଡ଼ାକିଲେ । "ପରମ ଅକ୍ଷର ବ୍ରହ୍ମ" ସେହି ସମୟରେ ପାର୍ବତୀଙ୍କ ରୂପ ଧାରଣ କରି ଦୁଷ୍ଟ ଭସ୍ମାଗିରୀ ସମ୍ମୁଖରେ ଛିଡ଼ା ହୋଇଗଲେ ତଥା କହିଲେ, ହେ ଭସ୍ମାଗିରୀ ! ଆ ମୋ ପାଖରେ ବସ୍ । ଭସ୍ମାଗିରୀକୁ ଜଣା ଥିଲା ଯେ ଏବେ ଶିବ ମୋ ପାଖକୁ ଆସିବେ ନାହିଁ । ଭସ୍ମାଗିରୀ କେବଳ ପାର୍ବତୀଙ୍କୁ ପାଇବା ଉଦ୍ଦେଶ୍ୟରେ ଏଭଳି ଉପଦ୍ରବ କରୁଥିଲା । ହେ ଧର୍ମଦାସ ! ଆପଣଙ୍କୁ ସମସ୍ତ କଥା ଜଣା ଅଛି । ପାର୍ବତୀ ରୂପୀ ପରମାତ୍ମା, ଭସ୍ମାଗିରୀକୁ ଗଣ୍ଡହଥ ନାଚ ନଚାଇ ଭସ୍ମ କରିଦେଲେ । ତମୋଗୁଣୀ ଶିବଙ୍କ ପୂଜାରୀ ଭସ୍ମାଗିରୀ ନିଜ କୁକର୍ମ ପାଇଁ ଭସ୍ମାସୁର ଅର୍ଥାତ୍ ଭସ୍ମା ରାକ୍ଷସ ରୂପରେ ପରିଚିତ ହେଲା ।

ଏଥିପାଇଁ ଏହି ତିନିଦେବଙ୍କ ପୂଜାରୀମାନଙ୍କୁ ରାକ୍ଷସ ସ୍ୱଭାବକୁ ଧାରଣ କରିଥିବା ମନୁଷ୍ୟମାନଙ୍କ ମଧ୍ୟରେ ନୀଚ, ଦୂଷିତ କର୍ମ କରୁଥିବା ମୂର୍ଖ କୁହାଯାଇଛି ।

### ''ହରିଦ୍ୱାରରେ ସାଧୁମାନଙ୍କ ମଧ୍ୟରେ ହଣାକଟା''

୩. ଏବେ ସତଗୁଣ ଶ୍ରୀ ବିଷ୍ଣୁଙ୍କ ପୂଜାରୀମାନଙ୍କ କଥା ଶୁଣାଉଛି ।

ଝ:-ଏକଦା ହରିଦ୍ୱାରର 'ହର କୀ ପେଡି'ରେ କୁମ୍ଭମେଳା ବସିଥିଲା । ଏହି ଅବସରରେ ତିନିଗୁଣର ଉପାସକ ନିଜ-ନିଜ ସମୁଦାୟକୁ ସାଥିରେ ନେଇ ବୁଡ଼ ପକାଇବା ସ୍ଥଳରେ ଏକତ୍ରିତ ହେଲେ । ଗିରୀ, ପୁରୀ, ନାଗା, ନାଥ ଏମାନେ ସମସ୍ତେ ତମଗୁଣ ଭଗବାନ ଶିବଙ୍କର ଓ ବୈଷ୍ଣବମାନେ ସତ୍ୱଗୁଣ ଭଗବାନ ବିଷ୍ଣୁଙ୍କର ଉପାସକ ଅଟନ୍ତି । ସ୍ନାନଘାଟରେ ସର୍ବ ପ୍ରଥମେ ସ୍ନାନ କରିବା ପାଇଁ ଦୁଇ ଗୋଷ୍ଠୀ "ନାଗା ଓ ବୈଷ୍ଣବ"ଙ୍କ ମଧ୍ୟରେ ଝଗଡ଼ା ଲାଗିଲା । ପ୍ରାୟ ୨୫ ହଜାର ତ୍ରୀଗୁଣ (ରଜଗୁଣ ବ୍ରହ୍ମା, ସତଗୁଣ ବିଷ୍ଣୁ, ତମଗୁଣ ଶିବ) ଙ୍କ ଉପାସକ ନିଜ ନିଜ ମଧ୍ୟରେ ହଣାକଟା ହୋଇ ମରିଗଲେ । ନର ସଂହାର କରିଦେଲେ । ଖଣ୍ଡା, ଛୁରୀ, କଟୁରୀ, ଫାର୍ସା, ଟାଙ୍ଗୀଆ ଆଦିରେ ହଣାକଟା ହୋଇ ଜଣେ ଅନ୍ୟଜଣଙ୍କର ଜୀବନ ନେଲା । ସୂକ୍ଷ୍ମବେଦରେ କୁହାଯାଇଛି ଯେ:-

*ତୀର ତୁପକ ତଲୱାର କଟାରୀ, ଜମଧଡ଼ ଜୋର ବଧାବେଁ ହେଁ ।।*

*ହର ପୈଡ଼ୀ ହର ହେତ ନହାଁ ଜାଣା, ୱହାଁ ଜା ତେଗ ଚାଲାୱେଁ ହେଁ ।।*
*କାଟେଁ ଶୀଶ ନହାଁ ଦିଲ କରୁଣା, ଜଗ ମେଁ ସାଧ କହାୱେଁ ହେଁ ।*
*ଜୋ ଜନ ଇନକେ ଦର୍ଶନ କୁଁ ଜାୱେଁ, ଉନକୋ ଭୀ ନରକ ପଠାବେଁ ହେଁ ।।*

ହେ ଧର୍ମଦାସ ! ଉପରୋକ୍ତ ସତ୍ୟ ଘଟଣାରୁ ଏହା ପ୍ରମାଣିତ ହେଲା ଯେ ରଜଗୁଣ ବ୍ରହ୍ମା, ସତଗୁଣ ବିଷ୍ଣୁ ଓ ତମଗୁଣ ଶିବଙ୍କ ପୂଜକଙ୍କୁ ଗୀତା ଅଧ୍ୟାୟ ୭ ଶ୍ଳୋକ ୧୨ ରୁ ୧୫ ରେ ରାକ୍ଷସ ସ୍ୱଭାବକୁ ଧାରଣ କରିଥିବା ମନୁଷ୍ୟମାନଙ୍କ ମଧ୍ୟରେ ନୀଚ ଦୂଷିତ କର୍ମ କରୁଥିବା ମୂର୍ଖ କୁହାଯାଇଛି ।

ଝ-ପରମେଶ୍ୱର ଜିନ୍ଦାଙ୍କ ମୁଖ କମଳରୁ ଉପରୋକ୍ତ କଥା ଶୁଣି ଧର୍ମଦାସଙ୍କ ମୁଣ୍ଡ ଫାଟିଯିବା ଭଳି ଲାଗିଲା, ମୁଣ୍ଡ ବୁଲେଇ ହୋଇଗଲା । ସାହସ କରି ଧର୍ମଦାସ କହିଲେ, ହେ ପ୍ରଭୁ ! ଆପଣ ମୋ ଭଳି ଜ୍ଞାନନେତ୍ର ହୀନ ଅନ୍ଧକୁ ଚକ୍ଷୁ ପ୍ରଦାନ କଲେ ଦାତା ! ଉପରୋକ୍ତ ସମସ୍ତ କଥା ଆମ୍ଭେ ପୂର୍ବରୁ ଶୁଣୁଥିଲୁ ତଥା ପଢୁଥିଲୁ କିନ୍ତୁ ମନକୁ କେବେ ଏହି ବିଚାର ଆସି ନଥିଲା ଯେ ଆମ୍ଭେ ଭୁଲ୍ ରାସ୍ତାରେ ଯାତ୍ରା କରୁଛୁ । ଆପଣଙ୍କୁ କୋଟି-କୋଟି ଧନ୍ୟବାଦ । ଆପଣ ମୋ ଭଳି ପାପୀକୁ ନର୍କରୁ ଉଦ୍ଧାର କଲେ ପ୍ରଭୁ !

ପ୍ରଶ୍ନ ୪୭:- (ଧର୍ମଦାସଙ୍କର) ହେ ଜିନ୍ଦା ମହାତ୍ମା ! ଆପଣ ମୋତେ କହିଲେ ଏବଂ ମୁଁ ମଧ୍ୟ ଗୀତା ଅଧ୍ୟାୟ ୭ ଶ୍ଳୋକ ୧୮ ରେ ପ୍ରମାଣ ଦେଖିଲି ଯେଉଁଥିରେ ଗୀତା ଜ୍ଞାନଦାତା ବ୍ରହ୍ମ ନିଜ ସାଧନା ଦ୍ୱାରା ହେଉଥିବା ଗତିକୁ ଅନୁତ୍ତମ ଅର୍ଥାତ୍ ନିକୃଷ୍ଟ କହିଛନ୍ତି । କୃପାକରି ଏହା ମଧ୍ୟ ସ୍ପଷ୍ଟ କରନ୍ତୁ ଯେପରି ଅନ୍ୟ ଶଙ୍କାଗୁଡ଼ିକର ସମାଧାନ କଲେ । କୌଣସି କଥା ପ୍ରସଙ୍ଗ ଶୁଣାନ୍ତୁ ।

ଉତ୍ତର:- (ଜିନ୍ଦା ବାବା ବେଶଧାରୀ ପରମେଶ୍ୱରଙ୍କର):-

ଝ-ଗୀତା ଅଧ୍ୟାୟ ୨ ଶ୍ଳୋକ ୧୨, ଗୀତା ଅଧ୍ୟାୟ ୪ ଶ୍ଳୋକ ୫ ଓ ୯, ଗୀତା ଅଧ୍ୟାୟ ୧୦ ଶ୍ଳୋକ ୨ରେ ଗୀତା ଜ୍ଞାନଦାତା ବ୍ରହ୍ମ କହିଛନ୍ତି ଯେ ହେ ଅର୍ଜୁନ ! ତୋର ଏବଂ ମୋର ଅନେକଥର ଜନ୍ମ ହୋଇସାରିଛି, ତୁ ଜାଣି ନାହୁଁ, ମୁଁ ଜାଣିଛି । ଶ୍ରୀମଦଭଗବତ୍ ଗୀତା ଅଧ୍ୟାୟ ୧୫ ଶ୍ଳୋକ ୪ରେ କହିଛନ୍ତି ଯେ ତତ୍ତ୍ୱଦର୍ଶୀ ସନ୍ଥଙ୍କଠାରୁ ତତ୍ତ୍ୱଜ୍ଞାନ ପ୍ରାପ୍ତ କରି ପରମେଶ୍ୱରଙ୍କର ସେହି ପରମପଦକୁ ଅନ୍ୱେଷଣ କରିବା ଉଚିତ୍ ଯେଉଁଠିକୁ ଯିବା ପରେ ସାଧକ ପୁନର୍ବାର ଏହି ସଂସାରକୁ ପ୍ରତ୍ୟାବର୍ତ୍ତନ କରେ ନାହିଁ । ଯେଉଁ ପରମେଶ୍ୱରଙ୍କଠାରୁ ଏହି ସଂସାର ରୂପୀ ଓଲଟା ବୃକ୍ଷର ପ୍ରବୃତ୍ତି ବିସ୍ତାର ଲାଭ କରିଛି ଅର୍ଥାତ୍ ଯେଉଁ ପରମେଶ୍ୱର ସର୍ବ ସଂସାରର ଉତ୍ପତ୍ତି କରିଛନ୍ତି, ସେହି ପରମେଶ୍ୱରଙ୍କର ଭକ୍ତି କର । ପୁଣି ଗୀତା ଅଧ୍ୟାୟ ୧୮ ଶ୍ଳୋକ ୬୨ ରେ ଗୀତା ଜ୍ଞାନଦାତା କହିଛନ୍ତି ଯେ ହେ ଅର୍ଜୁନ ! ତୁ ସର୍ବ ଭାବରେ ସେହି ପରମେଶ୍ୱରଙ୍କ ଶରଣକୁ ଯାଆ, ସେହି ପରମେଶ୍ୱରଙ୍କ କୃପାରୁ ତୁ ପରମଶାନ୍ତି ଓ ସନାତନ ପରମଧାମ ପ୍ରାପ୍ତ କରିବୁ । ହେ ଧର୍ମଦାସ ! ଯେପର୍ଯ୍ୟନ୍ତ ଜନ୍ମ-ମରଣ ରହିଥିବ, ସେପର୍ଯ୍ୟନ୍ତ ପରମଶାନ୍ତି ମିଳି ପାରିବ ନାହିଁ, ନା ସନାତନ ପରମଧାମ ପ୍ରାପ୍ତି ହେବ । ବାସ୍ତବରେ ପରମଗତି ତାକୁ କୁହାଯାଏ ଯେଉଁଥିରେ ଜନ୍ମ-ମରଣ ସଦାସର୍ବଦା ପାଇଁ ସମାପ୍ତ ହୋଇଯାଏ, ଯାହାକି ବ୍ରହ୍ମ ସାଧନାରେ କେବେ ହୋଇ ପାରି ନଥାଏ । ତେଣୁ ଗୀତା ଅଧ୍ୟାୟ ୭ ଶ୍ଳୋକ ୧୮ ରେ ଗୀତା ଜ୍ଞାନଦାତା କହିଛନ୍ତି ଯେ ଯେଉଁମାନେ ଜ୍ଞାନୀ ଆତ୍ମା ସେମାନେ ମୋ ବିଚାରରେ ସାଧୁ ଅଟନ୍ତି । କିନ୍ତୁ ସେମାନେ ସମସ୍ତେ ମୋର ଅନୁତ୍ତମ (ନିକୃଷ୍ଟ) ଗତିରେ ହିଁ ଲୀନ ଅଟନ୍ତି କାରଣ ସେମାନେ ମୋର (ବ୍ରହ୍ମର) ଭକ୍ତି କରୁଛନ୍ତି । ବ୍ରହ୍ମ ସାଧନାର ମନ୍ତ୍ର "ଓଁ" ଅଟେ । ଏହାଦ୍ୱାରା ବ୍ରହ୍ମଲୋକ ପ୍ରାପ୍ତି ହୋଇଥାଏ । ଗୀତା ଅଧ୍ୟାୟ ୮ ଶ୍ଳୋକ ୧୬ରେ ସ୍ପଷ୍ଟ କରାଯାଇଛି ଯେ ବ୍ରହ୍ମଲୋକକୁ ଯାଇଥିବା ସାଧକ ମଧ୍ୟ ପୁନର୍ବାର ଏହି ସଂସାରକୁ ପ୍ରତ୍ୟାବର୍ତ୍ତନ କରିଥାଏ । ତେଣୁ ସେମାନଙ୍କୁ କଦାପି ପରମଶାନ୍ତି ଓ ସନାତନ ପରମଧାମ ପ୍ରାପ୍ତ ହେବ ନାହିଁ । ବେଦ ବର୍ଣ୍ଣିତ ସାଧନା ଦ୍ୱାରା ପରମାତ୍ମା ପ୍ରାପ୍ତି ହେବ ନାହିଁ । କିନ୍ତୁ

ସାଧନାରୁ କିଛି ସିଦ୍ଧି ମିଳିଥାଏ ଯାହା ସାହାଯ୍ୟରେ ଋଷିମାନେ ଚମତ୍କାର କରିବାକୁ ଯାଇ କାହାର ଅନିଷ୍ଟ କରି ପ୍ରସିଦ୍ଧି ଲାଭ କରିଥାନ୍ତି । ଶେଷରେ କୁକର୍ମ ଜନିତ ପାପରେ ଭାଗୀ ହୋଇ ଚୌରାସୀ ଲକ୍ଷ ପ୍ରକାରର ପ୍ରାଣୀମାନଙ୍କ ଶରୀର ପ୍ରାପ୍ତ କରି କଷ୍ଟ ଭୋଗ କରିଥାନ୍ତି । ତେଣୁ ବ୍ରହ୍ମ ସାଧନାରୁ ହେଉଥିବା ଗତି ଅର୍ଥାତ୍ ଉପଲବ୍ଧିକୁ ଅନୁତ୍ତମ (ନିକୃଷ୍ଟ) କୁହାଯାଇଛି ।

## ''ଚୁଣକ ଋଷି ଓ ମାନ୍ଧାତା କଥା''

-ଃ-କଥା ପ୍ରସଙ୍ଗ: ଗୀତା ଜ୍ଞାନଦାତା (ବ୍ରହ୍ମ) ଗୀତା ଅଧ୍ୟାୟ ୭ ଶ୍ଳୋକ ୧୬-୧୭ ରେ କହିଛନ୍ତି ଯେ ମୋ ଭକ୍ତି ଚାରି ପ୍ରକାରର ଭକ୍ତ କରନ୍ତି - ୧ ଆର୍ତ୍ତ (ସଙ୍କଟ ନିବାରଣ ପାଇଁ) ୨. ଅର୍ଥାର୍ଥୀ (ଧନ ଲାଭ ପାଇଁ), ୩. ଜିଜ୍ଞାସୁ (ଯେଉଁମାନେ ଜ୍ଞାନ ପ୍ରାପ୍ତ କରି ବକ୍ତା ହୋଇଯାନ୍ତି) ଏବଂ ୪. ଜ୍ଞାନୀ (କେବଳ ମୋକ୍ଷ ପ୍ରାପ୍ତି ପାଇଁ ଭକ୍ତି କରୁଥିବା ବ୍ୟକ୍ତି) । ଗୀତା ଜ୍ଞାନଦାତା ଏମାନଙ୍କ ମଧ୍ୟରୁ ତିନି ଜଣଙ୍କୁ ଛାଡି ଚତୁର୍ଥ ଜ୍ଞାନୀ ଭକ୍ତକୁ ନିଜର ଦୃଢ ଭକ୍ତ କହିଛନ୍ତି ।

-ଃ-ଜ୍ଞାନୀ ଭକ୍ତର ବିଶେଷ ଗୁଣ :- ଜ୍ଞାନୀ ତାକୁ କୁହା ଯାଇଥାଏ ଯିଏ ଜାଣି ସାରିଥାଏ ଯେ ମନୁଷ୍ୟ ଜନ୍ମ କେବଳ ମୋକ୍ଷ ପ୍ରାପ୍ତି ପାଇଁ ମିଳିଛି । ତାକୁ ଏହା ମଧ୍ୟ ଜଣାଥାଏ ଯେ ପୂର୍ଣ୍ଣ ମୋକ୍ଷ ପ୍ରାପ୍ତି ପାଇଁ କେବଳ ସେହି ଏକ ପରମାତ୍ମାଙ୍କର ଭକ୍ତି କରିବା ଉଚିତ୍ । ଅନ୍ୟ ଦେବତା (ରଜଗୁଣ ବ୍ରହ୍ମା, ସତଗୁଣ ବିଷ୍ଣୁ, ତମଗୁଣ ଶିବ)ଙ୍କର ଭକ୍ତିରେ ପୂର୍ଣ୍ଣ ମୋକ୍ଷ ପ୍ରାପ୍ତି ହୋଇ ନଥାଏ । ସେହି ଜ୍ଞାନୀ ଆତ୍ମାଙ୍କୁ ଗୀତା ଅଧ୍ୟାୟ ୪ ଶ୍ଳୋକ ୩୪ ଓ ଯଜୁର୍ବେଦ ଅଧ୍ୟାୟ ୪୦ ମନ୍ତ୍ର ୧୦ ରେ ବର୍ଣ୍ଣିତ ତତ୍ତ୍ୱଦର୍ଶୀ ସନ୍ଥ ନ ମିଳିବା କାରଣରୁ ସେମାନେ ବେଦ ମଧ୍ୟରୁ ସ୍ୱୟଂ ନିଷ୍କର୍ଷ ବାହାର କଲେ ଯେ "ବ୍ରହ୍ମ" ହିଁ ସମର୍ଥ ପରମାତ୍ମା ଅଟନ୍ତି ଏବଂ ତାଙ୍କ ଭକ୍ତି ମନ୍ତ୍ର ଓମ୍ (ଓଁ) ଅଟେ । ଏହି ସାଧନା ଦ୍ୱାରା ବ୍ରହ୍ମଲୋକ ପ୍ରାପ୍ତି ହୋଇଥାଏ । ଏହା ହିଁ ମୋକ୍ଷ ଅଟେ ।

ଜ୍ଞାନୀ ଆତ୍ମାମାନେ ପରମାତ୍ମା ପ୍ରାପ୍ତି ପାଇଁ ହଠଯୋଗ(ବଳପୂର୍ବକ କରାଯାଉଥିବା କଠିନ ତପସ୍ୟା) କଲେ । ଗୋଟିଏ ସ୍ଥାନରେ ବସି ଘୋର ତପସ୍ୟା କରିବା ସହିତ ଓମ୍ (ଓଁ) ନାମର ଜପ କଲେ । କିନ୍ତୁ ବେଦ-ଗୀତାରେ ହଠଯୋଗ, ଘୋର ତପସ୍ୟ କରୁଥିବା ବ୍ୟକ୍ତିଙ୍କୁ ମୂର୍ଖ, ଅହଙ୍କାରୀ ଓ ରାକ୍ଷସ କୁହାଯାଇଛି (ଗୀତା ଅଧ୍ୟାୟ ୩ ଶ୍ଳୋକ ୪ ରୁ ୯, ଗୀତା ଅଧ୍ୟାୟ ୧୬ ଶ୍ଳୋକ ୧୭ ରୁ ୨୦ ଓ ଗୀତା ଅଧ୍ୟାୟ ୧୭ ଶ୍ଳୋକ ୧ ରୁ ୬) ଏମାନଙ୍କୁ ହଠଯୋଗ କରିବା ପାଇଁ ପ୍ରେରଣା କେଉଁଠାରୁ ମିଳିଲା ? ଶ୍ରୀ ଦେବୀପୁରାଣ (ଗୀତା ପ୍ରେସ୍ ଗୋରଖପୁରରୁ ପ୍ରକାଶିତ ସଚ୍ଚିତ୍ର ମୋଟା ଟାଇପ୍)ର ତୃତୀୟ ସ୍କନ୍ଦରେ ଲେଖାଅଛି ଯେ ବ୍ରହ୍ମା ନିଜ ପୁତ୍ର ନାରଦଙ୍କୁ କହିଲେ ଯେ ଯେତେବେଳେ ମୋର ଉତ୍ପତ୍ତି ହେଲା, ମୁଁ ପଦ୍ମ ଫୁଲ ଉପରେ ବସିଥିଲି । ଏହି ସମୟରେ ଆକାଶବାଣୀ ହେଲା ଯେ ତପସ୍ୟା କର, ତପସ୍ୟା କର । ମୁଁ ଏକ ହଜାର ବର୍ଷ ପର୍ଯ୍ୟନ୍ତ ତପସ୍ୟା କଲି ।

ହେ ଧର୍ମଦାସ ! ବ୍ରହ୍ମାଙ୍କୁ ବେଦ ତ ବହୁତ ପରେ ସାଗର ମନ୍ଥନରୁ ମିଳିଲା । ବ୍ରହ୍ମା ବେଦ ପଢିବାରୁ ଯଜୁର୍ବେଦ ଅଧ୍ୟାୟ ୪୦ର ମନ୍ତ୍ର ୧୫ ରେ "ଓମ୍" ନାମ ମିଳିଲା । ସେହି ନାମର ଜପ ତଥା ଆକାଶବାଣୀରୁ ଶୁଣିଥିବା ହଠଯୋଗ (ଘୋର ତପସ୍ୟା) ଉଭୟ ମିଶାଇ ବ୍ରହ୍ମାଜୀ ସ୍ୱୟଂ ଜପ କରିବାକୁ ଲାଗିଲେ ତଥା ନିଜ ସନ୍ତାନ (ଋଷି) ମାନଙ୍କୁ ଜଣାଇଲେ । (ଚାରି ବେଦ ଓ ଏହାର ନିଷ୍କର୍ଷ ଶ୍ରୀମଦ୍ଭଗବତ ଗୀତାରେ ହଠ କରି ତପସ୍ୟା କରିବା ବ୍ୟକ୍ତିଙ୍କୁ ରାକ୍ଷସ, କ୍ରୁରକର୍ମୀ, ନରାଧମ ଅର୍ଥାତ୍ ନୀଚ କୁହାଯାଇଛି । ପ୍ରମାଣ ଗୀତା ଅଧ୍ୟାୟ ୧୬ ଶ୍ଳୋକ ୧୭-୨୦ ଓ ଅଧ୍ୟାୟ ୧୭ ଶ୍ଳୋକ ୧-୬) । ଜ୍ଞାନୀ ଆତ୍ମା ଋଷଗଣ ସେହି ସାଧନା କରିବାକୁ ଲାଗିଲେ । ସେହି ଜ୍ଞାନୀ ଆତ୍ମାମାନଙ୍କ ମଧ୍ୟରୁ ଚୁଣକ ନାମଧାରୀ ଜଣେ ଋଷି ପ୍ରସଙ୍ଗ ଶୁଣାଉଛି ଯାହା ଦ୍ୱାରା ଆପଣଙ୍କ ପ୍ରଶ୍ନର ସଠିକ୍ ଉତ୍ତର ମିଳିଯିବ:- ଚୁଣକ ନାମକ ଜଣେ ଋଷି ଥିଲେ । ସେ ହଜାର ହଜାର ବର୍ଷ ପର୍ଯ୍ୟନ୍ତ ଘୋର ତପସ୍ୟା ଓ ଓମ୍ (ଓଁ) ମନ୍ତ୍ର ଜପ କଲେ । ଏହା ବ୍ରହ୍ମଙ୍କର ଭକ୍ତି ଅଟେ । ବ୍ରହ୍ମ ପ୍ରତିଜ୍ଞା କରି ସାରିଛନ୍ତି ଯେ ମୁଁ କୌଣସି ସାଧନା ଅର୍ଥାତ୍ ବେଦରେ ବର୍ଣ୍ଣିତ ଯଜ୍ଞ ବଳରେ,

ନା ଜପରେ, ନା ତପରେ, କାହାକୁ ମଧ୍ୟ ଦର୍ଶନ ଦେବି ନାହିଁ । ଗୀତା ଅଧ୍ୟାୟ ୧୧ ଶ୍ଲୋକ ୪୮ରେ କୁହାଯାଇଛି ଯେ ହେ ଅର୍ଜୁନ ! ତୁ ମୋର ଯେଉଁ ରୂପ ଦର୍ଶନ କଲୁ ଅର୍ଥାତ୍ ମୋର ଏହି କାଳ ରୂପକୁ ଦେଖିଲୁ, ଏହା ମୋର ସ୍ୱରୂପ ଅଟେ । ଏହି ରୂପକୁ ନା ବେଦରେ ବର୍ଣ୍ଣିତ ବିଧି ଦ୍ୱାରା ଦେଖାଯାଇ ପାରିବ, ନା କୌଣସି ଜପ ଦ୍ୱାରା, ନା ତପ ଦ୍ୱାରା, ନା ଯଜ୍ଞ ଦ୍ୱାରା, ନା ଅନ୍ୟ କୌଣସି କ୍ରିୟା ଦ୍ୱାରା ଦେଖାଯାଇ ପାରିବ । ଗୀତା ଜ୍ଞାନଦାତା ଗୀତା ଅଧ୍ୟାୟ ୭ ଶ୍ଲୋକ ୨୪-୨୫ ରେ ସ୍ପଷ୍ଟ କରିଛନ୍ତି ଯେ ଏହା ମୋର ଅବିନାଶୀ ବିଧାନ ଯେ ମୁଁ କାହାକୁ କେବେ ଦର୍ଶନ ଦେବି ନାହିଁ । ନିଜ ଯୋଗମାୟା ବଳରେ ମୁଁ ଲୁଚି ରହିଥାଏ । ଏହି ମୂର୍ଖ ଲୋକମାନେ ମୋତେ ମନୁଷ୍ୟ ରୂପରେ ଅର୍ଥାତ୍ ମୋତେ କୃଷ୍ଣ ଭାବୁଛନ୍ତି । ସମ୍ମୁଖରେ ଯେଉଁ ସେନାବାହିନୀ ଛିଡ଼ା ହୋଇଥିଲା ସେ ଆଡ଼କୁ ଇଙ୍ଗିତ କରି ଗୀତା ଜ୍ଞାନଦାତା ଏହି ନିୟମ ବିଷୟରେ ଅର୍ଜୁନକୁ ବୁଝାଉଥିଲେ । କହିବାର ତାତ୍ପର୍ଯ୍ୟ ଏହା ଯେ ମୁଁ କେବେ କାହାକୁ ଦର୍ଶନ ଦିଏ ନାହିଁ । ଏବେ କିନ୍ତୁ ତୋ ଉପରେ ଅନୁଗ୍ରହ କରି ଏହି ରୂପ ଦେଖାଉଛି ।

ଭାବାର୍ଥ:- ବେଦ ବର୍ଣ୍ଣିତ ବିଧି ତଥା ଅନ୍ୟାନ୍ୟ ପ୍ରଚଳିତ କ୍ରିୟା ଦ୍ୱାରା ବ୍ରହ୍ମ ପ୍ରାପ୍ତି ହେବ ନାହିଁ । ତେଣୁ ଚୁଣକ ଋଷିଙ୍କୁ ପରମାତ୍ମା ପ୍ରାପ୍ତି ହେଲେ ନାହିଁ, ଓଲଟା କିଛି ସିଦ୍ଧି ପ୍ରାପ୍ତି ହୋଇଗଲା । ଋଷିମାନେ ସେହି ସିଦ୍ଧିକୁ ଭକ୍ତିର ଚରମ ଉପଲବ୍ଧି ରୂପେ ସ୍ୱୀକାର କଲେ । ଯାହାକୁ ଅଧିକ ସିଦ୍ଧି ଶକ୍ତି ପ୍ରାପ୍ତି ହେଲା ସେ ଅନ୍ୟ ଋଷିମାନଙ୍କଠାରୁ ଶ୍ରେଷ୍ଠ ରୂପେ ପରିଗଣିତ ହେଲେ । ଏହି ଉପଲବ୍ଧି ଚୁଣକ ଋଷିଙ୍କୁ ପ୍ରାପ୍ତ ହୋଇଥିଲା ।

ମାନ୍ଧାତା ନାମକ ଜଣେ ଚକ୍ରବର୍ତ୍ତୀ ରାଜା ଥିଲେ ଯାହାଙ୍କ ରାଜୁତି ପୁରା ବିଶ୍ୱରେ ଥିଲା । ତାଙ୍କ ପାଖରେ ୭୨ କୋଟି ସେନା ଥିଲେ । ମାନ୍ଧାତା ରାଜା ନିଜ ଅଧୀନସ୍ଥ ସମସ୍ତ ରାଜାଙ୍କୁ କହିଲେ, ଯାହାଙ୍କୁ ମୋ ପରାଧୀନତା ସ୍ୱୀକାର୍ଯ୍ୟ ନୁହେଁ, ସେ ମୋ ସହିତ ଯୁଦ୍ଧ କରିବ । ଏକ ଘୋଡ଼ା ବେକରେ ଏକ ଆଦେଶ ପତ୍ର ବାନ୍ଧି ଘୋଷଣା କଲେ ଯେ ଯେଉଁ ରାଜାଙ୍କୁ ମାନ୍ଧାତା ରାଜାଙ୍କ ଅଧିନତା ସ୍ୱୀକାର୍ଯ୍ୟ ନୁହେଁ, ସେ ଏହି ଘୋଡ଼ାକୁ ଧରିବା ସହିତ ଯୁଦ୍ଧ ପାଇଁ ପ୍ରସ୍ତୁତ ହୋଇଯାଉ । ସମଗ୍ର ପୃଥିବୀରେ ଯେତେ ରାଜା ଥିଲେ କେହି ବି ଏହି ଘୋଡ଼ାକୁ ଧରିଲେ ନାହିଁ । ଘୋଡ଼ା ସାଥିରେ କେତେକ ସୈନିକ ମଧ୍ୟ ଥିଲେ । ଫେରିବା ସମୟରେ ଋଷି ଚୁଣକ ପଚାରିଲେ, ସୈନିକଗଣ ! ଏହି ଘୋଡ଼ାକୁ ନେଇ କୁଆଡ଼େ ଯାଇଥିଲେ ? ଉତ୍ତର ମିଳିଲା ଯେ ପୃଥିବୀ ସାରା ଘୁରି ଆସିଲୁ କିନ୍ତୁ କେହି ମଧ୍ୟ ଏହି ଘୋଡ଼ାକୁ ବାନ୍ଧି ପାରିଲେ ନାହିଁ । କୌଣସି ରାଜା ମାନ୍ଧାତା ରାଜାଙ୍କ ଯୁଦ୍ଧ ଆହ୍ୱାନକୁ ସ୍ୱୀକାର କଲେ ନାହିଁ । ଏକଥା ଶୁଣି ଚୁଣକ ଋଷି କହିଲେ, ମୁଁ ଏହି ଯୁଦ୍ଧ ସ୍ୱୀକାର କରୁଛି । ଋଷିଙ୍କ ମୁଖରୁ ଏକଥା ଶୁଣି ସୈନିକମାନେ କହିଲେ, ଆରେ କାଙ୍ଗାଳ ! ତୋ ପାଖରେ ଖାଇବାକୁ ମୁଠେ ଦାନା ନାହିଁ, ମହାରାଜା ମାନ୍ଧାତାଙ୍କ ସହିତ ତୁ ଯୁଦ୍ଧ କରିବାକୁ ଚାହୁଁଛୁ ? ଏକଥା ଶୁଣିବା ଚୁଣକ ଋଷି ଘୋଡ଼ାଟିକୁ ଧରିନେଇ ଗଛରେ ବାନ୍ଧି ଦେଲେ । ଏକଥା ମାନ୍ଧାତା ରାଜାଙ୍କୁ ଜଣାପଡ଼ିବା ପରେ ଯୁଦ୍ଧ ପାଇଁ ପ୍ରସ୍ତୁତି ଚାଲିଲା । ନିଜର ୭୨ କୋଟି ସେନାକୁ ଚାରୋଟି ଭାଗରେ ବିଭକ୍ତ କରି ଋଷିଙ୍କ ଉପରେ ଆକ୍ରମଣ କରିବା ପାଇଁ ଗୋଟିଏ ଭାଗରେ ୧୮ କୋଟି ସୈନ୍ୟଙ୍କୁ ପ୍ରେରଣ କଲେ । ଅନ୍ୟ ପଟୁ ଋଷି ନିଜ ସିଦ୍ଧି ସାହାଯ୍ୟରେ ଚାରୋଟି ପୁଉଳା(କଣ୍ଢେଇ) ତିଆରି କଲେ । ଗୋଟିଏ ପୁଉଳା ଛାଡ଼ିଲେ ଯାହା ରାଜାର୧୮କୋଟି ସୈନ୍ୟଙ୍କୁ ସଂହାର କରିଦେଲା । ରାଜା ଦ୍ୱିତୀୟ ସୈନ୍ୟ ଦଳ ଛାଡ଼ିଲେ, ଋଷି ମଧ୍ୟ ଦ୍ୱିତୀୟ ପିଉଳା ଛାଡ଼ିଲେ ଯାହା ଦ୍ୱିତୀୟ ଦଳର ୧୮ କୋଟି ସୈନ୍ୟଙ୍କୁ ମଧ୍ୟ ବିନାଶ କରି ଦେଲା । ଏହିଭଳି ଭାବରେ ଚୁଣକ ଋଷି, ମାନ୍ଧାତା ରାଜାଙ୍କର ଚାରି ସୈନ୍ୟ ଦଳକୁ ଚାରୋଟି ସିଦ୍ଧି ପୁତୁଳା ସାହାଯ୍ୟରେ ସଂହାର କରିଦେଲେ । ଯେଉଁ କାରଣରୁ ମହର୍ଷି ଚୁଣକଙ୍କ ମହିମା ସାରା ପୃଥିବୀରେ ପ୍ରସାରିତ ହୋଇଗଲା । ଏହି ଅନର୍ଥ କାରଣରୁ ସେ ସର୍ବଶ୍ରେଷ୍ଠ ଋଷି ରୂପେ ପରିଗଣିତ ହେଲେ ।

ହେ ଧର୍ମଦାସ ! (ଜିନ୍ଦା ରୂପଧାରୀ ପରମାତ୍ମା କହିଲେ) ଋଷି ଚୁଣକ ଯେତେ ସୈନ୍ୟଙ୍କୁ ମାରିଲା,

ଏହି ପାପକର୍ମ ଋଷିଙ୍କ ସଞ୍ଚିତ କର୍ମରେ ଜମା ହୋଇଗଲା । ଚୁଣକ ଋଷି ଯେଉଁ ଓଁ (ଓମ୍) ଏକ ଅକ୍ଷର ମନ୍ତ୍ର ଜପ କରିଥିଲେ ତାହାର ଫଳ ସ୍ୱରୂପ ସେ ବ୍ରହ୍ମଲୋକକୁ ଯିବେ । ପୁଣି ବ୍ରହ୍ମଲୋକରେ ସୁଖରେ ସମୟ ଅତିବାହିତ କରିବା ପରେ ପୃଥିବୀରେ ପୁନର୍ବାର ଜନ୍ମ ନେବେ । ସେ ଯେଉଁ ହଠଯୋଗ, ତପସ୍ୟା ଆଦି କରିଛନ୍ତି ତାହା ବଦଳରେ ପୃଥିବୀର ରାଜା ହେବେ । ପୁଣି ମୃତ୍ୟୁ ଉପରାନ୍ତ ତାଙ୍କୁ କୁକୁର ଜନ୍ମ ମିଳିବ । ଯେଉଁ ସିଦ୍ଧି ଶକ୍ତି ବଳରେ ସେ ୭୨ କୋଟି ସୈନିକଙ୍କୁ ମାରିଥିଲା, ସେମାନେ ତାହାର ପ୍ରତିଶୋଧ ନେବେ । ଚୁଣକ ଋଷିଙ୍କ ଆତ୍ମା କୁକୁର ଶରୀର ଧାରଣ କରିଥିବା ସମୟରେ ମୁଣ୍ଡରେ ଘା' ହେବ ଏବଂ ସେଥିରେ ପୋକ ହୋଇ ୭୨ କୋଟି ସୈନିକ ନିଜର ପ୍ରତିଶୋଧ ନେବେ । ଏଥିପାଇଁ ହେ ଧର୍ମଦାସ ! ଗୀତା ଜ୍ଞାନଦାତା (ବ୍ରହ୍ମ) ନିଜ ସାଧନାରୁ ମିଳିବାକୁ ଥିବା ଗତି ଅର୍ଥାତ୍ ମୁକ୍ତିକୁ ଅନୁତ୍ତମ (ଅଶ୍ରେଷ୍ଠ) କହିଛନ୍ତି ।

ପ୍ରଶ୍ନ ୪୫ (ଧର୍ମଦାସଜୀଙ୍କର) ହେ ଜିନ୍ଦା ! ମୁଁ ଜଣେ ମହାମଣ୍ଡଳେଶ୍ୱରଙ୍କୁ ପ୍ରଶ୍ନ କରିଥିଲି ଯେ ଗୀତା ଅଧ୍ୟାୟ ୧୮ ଶ୍ଳୋକ ୬୨ ରେ ଭଗବାନ କୃଷ୍ଣ କେଉଁ ପରମେଶ୍ୱରଙ୍କ ଶରଣକୁ ଯିବା ପାଇଁ କହୁଛନ୍ତି ? ସେହି ମଣ୍ଡଳେଶ୍ୱର ଉତ୍ତର ଦେଇଥିଲେ ଯେ ଭଗବାନ ଶ୍ରୀକୃଷ୍ଣଙ୍କ ବ୍ୟତୀତ ଅନ୍ୟ କୌଣସି ଭଗବାନ ନାହାଁନ୍ତି । କୃଷ୍ଣ ସ୍ୱୟଂ ପୂର୍ଣ୍ଣ ପରମାତ୍ମା ଅଟନ୍ତି । ନିଜ ଶରଣକୁ ଆସିବାକୁ ସେ କହୁଛନ୍ତି, ବାସ୍ କହିବାର ଢଙ୍ଗ ଅଲଗା ଅଟେ । ହେ ଜିନ୍ଦାଜୀ ! କୃପାକରି ମୋ ଭଳି ଅଜ୍ଞାନୀର ଭ୍ରମ ନିବାରଣ କରନ୍ତୁ ।

ଉତ୍ତର:-(ଜିନ୍ଦାବାବା ପରମେଶ୍ୱରଙ୍କର):-ହେ ଧର୍ମଦାସ !

*ଯେ ମାଳା ଡ଼ାଲ୍ ହୁଏ ହେଁ ମୁକ୍ତା । ଷଟଦଲ ଉଣ୍ଡ୍ୱା-ବାଈ ବକତା ।*

ଆପଣଙ୍କର ସର୍ବ ମଣ୍ଡଳେଶ୍ୱର ଓ ଶଙ୍କରାଚାର୍ଯ୍ୟମାନେ ଓଲଟ-ପାଲଟ କରି ନିରିହ ଜନତାଙ୍କୁ ଭ୍ରମିତ କରୁଛନ୍ତି । କହୁଛନ୍ତି ଯେ ଗୀତା ଜ୍ଞାନଦାତା ଗୀତା ଅଧ୍ୟାୟ ୧୮ ଶ୍ଳୋକ ୬୨ରେ ଅର୍ଜୁନଙ୍କୁ ନିଜ ଶରଣକୁ ଆସିବା ପାଇଁ କହୁଛନ୍ତି ଯାହା ସଂପୂର୍ଣ୍ଣ ଭୂଲ୍ ଅଟେ କାରଣ ଗୀତା ଅଧ୍ୟାୟ ୨ ଶ୍ଳୋକ ୭ ରେ ଅର୍ଜୁନ କହୁଛନ୍ତି, ହେ କୃଷ୍ଣ ! ବର୍ତ୍ତମାନ ମୋ ବୁଦ୍ଧି କାମ କରୁନାହିଁ । ମୁଁ ଆପଣଙ୍କର ଶିଷ୍ୟ ଅଟେ, ଆପଣଙ୍କ ଶରଣରେ ଅଛି । ଯାହା ମୋ ପାଇଁ ହିତକର ହେବ ସେହି ଜ୍ଞାନ ମୋତେ ଦିଅନ୍ତୁ । ହେ ଧର୍ମଦାସ ! ଅର୍ଜୁନ ତ ପ୍ରଥମରୁ ଶ୍ରୀକୃଷ୍ଣଙ୍କ ଶରଣରେ ଥିଲେ । ଏଥିପାଇଁ ଗୀତା ଅଧ୍ୟାୟ ୧୮ ଶ୍ଳୋକ ୬୨ରେ ଗୀତା ଜ୍ଞାନଦାତା ନିଜଠାରୁ ଭିନ୍ନ 'ପରମ ଅକ୍ଷର ବ୍ରହ୍ମଙ୍କ' ଶରଣକୁ ଯିବା ପାଇଁ କହୁଛନ୍ତି । ଗୀତା ଅଧ୍ୟାୟ ୪ ଶ୍ଳୋକ ୩ ରେ ଗୀତା ଜ୍ଞାନଦାତା କହୁଛନ୍ତି ଯେ ହେ ଅର୍ଜୁନ ! ତୁ ମୋର ଭକ୍ତ ଅଟୁ । ତେଣୁ ଏହି ଗୀତାଶାସ୍ତ୍ର ତୋତେ ଶୁଣାଉଛି ।

ଗୀତା ଜ୍ଞାନଦାତାଙ୍କଠାରୁ ଭିନ୍ନ ପୂର୍ଣ୍ଣପରମାତ୍ମାଙ୍କ ବିଷୟରେ ଅନ୍ୟ କିଛି ପ୍ରମାଣ ଗୀତା ଅଧ୍ୟାୟ ୧୩ ଶ୍ଳୋକ ୧୧ରୁ୨୮, ୩୦, ୩୧, ୩୪ରେ ମଧ୍ୟ ଅଛି ।

ଝ-ଶ୍ରୀ ମଦ୍‌ଭଗବତ ଗୀତା ଅଧ୍ୟାୟ ୧୩ ଶ୍ଳୋକ ୧ରେ ଗୀତା ଜ୍ଞାନଦାତା କହୁଛନ୍ତି ଯେ ଶରୀରକୁ କ୍ଷେତ୍ର କୁହାଯାଏ ଏବଂ ଯିଏ ଏହି କ୍ଷେତ୍ର ଅର୍ଥାତ୍ ଶରୀରକୁ ଜାଣିଥାଏ, ତାକୁ "କ୍ଷେତ୍ରଜ୍ଞ" କୁହାଯାଏ (ଗୀତା ଅଧ୍ୟାୟ ୧୩ ଶ୍ଳୋକ୧) ।

-ଝ-ଗୀତା ଅଧ୍ୟାୟ ୧୩ ଶ୍ଳୋକ ନଂ ୨ ରେ ଗୀତା ଜ୍ଞାନଦାତା କହିଛନ୍ତି ଯେ:- ମୁଁ କ୍ଷେତ୍ରଜ୍ଞ ଅଟେ । କ୍ଷେତ୍ର ଓ କ୍ଷେତ୍ରଜ୍ଞ ଉଭୟଙ୍କୁ ଜାଣିବାକୁ ତତ୍ତ୍ୱଜ୍ଞାନ କୁହାଯାଏ, ଏହା ମୋର ମତ ଅଟେ । ଗୀତା ଅଧ୍ୟାୟ ୧୩ ଶ୍ଳୋକ ୧୦ ରେ କୁହାଯାଇଛି ଯେ ମୋ ଭକ୍ତି ଅବ୍ୟଭିଚାରିଣୀ ହେବା ଉଚିତ୍ ଯେପରି ଅନ୍ୟ ଦେବତାମାନଙ୍କର ସାଧନାକୁ ଗୀତା ଅଧ୍ୟାୟ ୭ ଶ୍ଳୋକ ୧୨ ରୁ ୧୫ ଓ ୨୦ରେ, ଅଧ୍ୟାୟ ୯ ଶ୍ଳୋକ ୨୩-୨୪ରେ ବ୍ୟର୍ଥ କୁହାଯାଇଛି । କେବଳ ବ୍ରହ୍ମଙ୍କର ଭକ୍ତି କରିବା । ସେହି ବିଷୟରେ ଏଠାରେ କୁହାଯାଇଛି ଯେ କେବଳ ଅନ୍ୟ ଦେବତାମାନଙ୍କ ପ୍ରତି ଆସକ୍ତ ହୁଅ ନାହିଁ । ଭାବାର୍ଥ ଏହା ଯେ ବକ୍ତା ହେବା ପାଇଁ ନୁହେଁ ବରଂ ଭକ୍ତି ଓ ମୁକ୍ତି ପାଇଁ ଜ୍ଞାନ ଆହରଣ କର । ବକ୍ତା ହେବା ପାଇଁ ଇଚ୍ଛା ରଖି ଜ୍ଞାନ

ଶୁଣିବା ଅଜ୍ଞାନତା ଅଟେ । ପତିବ୍ରତା ସ୍ତ୍ରୀ ଭଳି କେବଳ ମୋଠାରେ ଆସ୍ଥା ରଖି ଭକ୍ତି କର । ଅନ୍ୟ ମନୁଷ୍ୟମାନଙ୍କ ମଧ୍ୟରେ ବସି ନିରର୍ଥକ କଥା ଗପିବାର ସ୍ୱଭାବ ନହେବା ଉଚିତ୍ । ଏକାନ୍ତ ସ୍ଥାନରେ ବସି ଭକ୍ତି କର ।

ଝ-ଗୀତା ଅଧ୍ୟାୟ ୧୩ ଶ୍ଲୋକ ୧୧ ରେ ଗୀତା ଜ୍ଞାନଦାତା କହିଛନ୍ତି ଯେ ଆଧ୍ୟାତ୍ମିକ ଜ୍ଞାନ ପ୍ରତି ରୁଚି ରଖି ତତ୍ତ୍ୱ ଜ୍ଞାନ ପ୍ରାପ୍ତି ପାଇଁ ସଦଗ୍ରନ୍ଥଗୁଡ଼ିକୁ ଅବଲୋକନ କରିବା ତତ୍ତ୍ୱଜ୍ଞାନ ଅଟେ, ତାହା ହିଁ ଜ୍ଞାନ ଅଟେ । ତତ୍ତ୍ୱଜ୍ଞାନ ବଦଳରେ ଅନ୍ୟ କଥା-କାହାଣୀ ଶୁଣାଇବା, ଶୁଣିବା ଓ ଶାସ୍ତ୍ରବିଧି ବିରୁଦ୍ଧ ଭକ୍ତି କରିବା ଅଜ୍ଞାନତା ଅଟେ । ତତ୍ତ୍ୱଜ୍ଞାନ ପାଇଁ ପରମାତ୍ମାଙ୍କୁ ଜାଣିବା ହିଁ ଜ୍ଞାନ ଅଟେ ।

ଝଗୀତା ଅଧ୍ୟାୟ ୧୩ ଶ୍ଲୋକ ୧୨ ରେ ଗୀତା ଜ୍ଞାନଦାତା ନିଜଠାରୁ ଭିନ୍ନ "ପରମବ୍ରହ୍ମ" ଅର୍ଥାତ୍ ଶ୍ରେଷ୍ଠ ପରମାତ୍ମାଙ୍କ ଜ୍ଞାନ ଦେଇଛନ୍ତି, ଯେଉଁ ପରମାତ୍ମା (ଜ୍ଞେୟମ୍) ଜାଣିବା ଯୋଗ୍ୟ ଅଟନ୍ତି, ଯାହାଙ୍କୁ ଜାଣିବା ଦ୍ୱାରା (ଅମୃତମ୍ ଅଶ୍ନୁତେ)ଅମରତ୍ୱ ପ୍ରାପ୍ତ ହୋଇଥାଏ ଅର୍ଥାତ୍ ପୂର୍ଣ୍ଣମୋକ୍ଷର ଅମୃତ ପରି ଆନନ୍ଦ ଭୋଗିବାକୁ ମିଳିଥାଏ । ତାହାକୁ ବିସ୍ତାର ଭାବରେ କହିବି । (ତତ୍) ସେହି ଅନ୍ୟ (ବ୍ରହ୍ମ) ପରମାତ୍ମାଙ୍କୁ ନା ସତ୍ କୁହାଯାଏ, ନା ଅସତ୍ ଅର୍ଥାତ୍ ଗୀତା ଜ୍ଞାନଦାତା ଅଧ୍ୟାୟ ୪ ଶ୍ଲୋକ ୩୨, ୩୪ରେ କହିଛନ୍ତି ଯେ ଯାହା ତତ୍ତ୍ୱଜ୍ଞାନ ସେଥିରେ ପରମାତ୍ମାଙ୍କର ସମ୍ପୂର୍ଣ୍ଣ ଜ୍ଞାନ ଅଛି, ସେହି ତତ୍ତ୍ୱଜ୍ଞାନକୁ ପରମାତ୍ମା ନିଜ ମୁଖ କମଳରେ ସ୍ୱୟଂ ଉଚ୍ଚାରଣ କରି ବୋଲିଥାନ୍ତି । ସେହି ତତ୍ତ୍ୱଜ୍ଞାନ ବିଷୟରେ କେବଳ ତତ୍ତ୍ୱଦର୍ଶୀ ସନ୍ଥ ଜାଣିଛନ୍ତି । ତାଙ୍କୁ ଦଣ୍ଡବତ୍ ପ୍ରମାଣ କରିବା ସହିତ ନମ୍ରତାପୂର୍ବକ ପ୍ରଶ୍ନ କଲେ ପରମାତ୍ମ ତତ୍ତ୍ୱକୁ ଭଲ ଭାବରେ ଜାଣିଥିବା ସେହି ତତ୍ତ୍ୱଦର୍ଶୀ ସନ୍ଥ ତୋତେ ତତ୍ତ୍ୱଜ୍ଞାନର ଉପଦେଶ ଦେବେ । ଏଥିରୁ ପ୍ରମାଣିତ ହେଲା ଯେ ଗୀତା ଜ୍ଞାନଦାତାଙ୍କୁ ପରମାତ୍ମାଙ୍କର ପୂର୍ଣ୍ଣ ଜ୍ଞାନ ନାହିଁ । ଏଥିପାଇଁ କୁହାଯାଇଛି ଯେ ସେହି ଅନ୍ୟ ପରମାତ୍ମା ଯିଏ ଗୀତା ଜ୍ଞାନଦାତାଙ୍କଠାରୁ ଭିନ୍ନ ଅଟନ୍ତି, ସେ ନା ସତ୍ ଅଟନ୍ତି, ନା ଅସତ୍ ଅଟନ୍ତି । ଏଠାରେ ପର+ବ୍ରହ୍ମର ଅର୍ଥ ସାତଶଙ୍ଖ ବ୍ରହ୍ମାଣ୍ଡର ମାଲିକ ପରବ୍ରହ୍ମ ଅର୍ଥାତ୍ ଗୀତା ଅଧ୍ୟାୟ ୧୫ ଶ୍ଲୋକ ୧୬ର ଅକ୍ଷର ପୁରୁଷ ନୁହେଁ, କାରଣ କାଳଲୋକ (୨୧ବ୍ରହ୍ମାଣ୍ଡର କ୍ଷେତ୍ର)ରେ ଅକ୍ଷରପୁରୁଷ ଯାହାଙ୍କୁ ପରବ୍ରହ୍ମ କୁହାଯାଇଛି, ତାଙ୍କର ବିଶେଷ ଭୂମିକା ନାହିଁ । କାଳଲୋକରେ ଏଠାରେ କାଳ ଓ ଦୟାଳୁଙ୍କ ଭୂମିକା ଅଛି । ଏଥିପାଇଁ ଏଠାରେ (ପର ଅର୍ଥ ଅନ୍ୟ ଓ ବ୍ରହ୍ମ ମାନେ ପରମାତ୍ମା) ବ୍ରହ୍ମଙ୍କଠାରୁ ଭିନ୍ନ ପରମାତ୍ମା ପୂର୍ଣ୍ଣ ବ୍ରହ୍ମଙ୍କ ବିଷୟରେ ବର୍ଣ୍ଣନା କରାଯାଇଛି ।

ଭାବାର୍ଥ :- ଗୀତା ଅଧ୍ୟାୟ ୧୩ ଶ୍ଲୋକ ୧୨ ରେ ଗୀତା ଜ୍ଞାନଦାତା କହୁଛନ୍ତି ଯେ ଯିଏ ମୋଠାରୁ ଭିନ୍ନ ବ୍ରହ୍ମ ଅର୍ଥାତ୍ ପ୍ରଭୁ ଅଟନ୍ତି ସେ ଅନାଦି ଅଟନ୍ତି । ଅନାଦିର ଅର୍ଥ ହେଲା ଯାହାର କେବେ ବି ଆଦି ଅର୍ଥାତ୍ ଆରମ୍ଭ ହୋଇନଥିବ, ଗୀତା ଜ୍ଞାନଦାତା କ୍ଷରପୁରୁଷ ଅଟେ, ଯାହାଙ୍କୁ "ବ୍ରହ୍ମ" ମଧ୍ୟ କୁହାଯାଏ । ଇଏ ଗୀତା ଅଧ୍ୟାୟ ୨ ଶ୍ଲୋକ୧୨, ଗୀତା ଅଧ୍ୟାୟ ୪ ଶ୍ଲୋକ ୫,୯, ଗୀତା ଅଧ୍ୟାୟ ୧୦ ଶ୍ଲୋକ୨ରେ ସ୍ୱୀକାର କରିଛନ୍ତି ଯେ ହେ ଅର୍ଜୁନ ! ତୋର ଏବଂ ମୋର ବହୁତ ଜନ୍ମ ହୋଇସାରିଛି, ତୁ ଜାଣି ନାହୁଁ, ମୁଁ ଜାଣିଛି । ଏଥିରୁ ପ୍ରମାଣିତ ହେଲା ଯେ ଗୀତା ଜ୍ଞାନଦାତା ଯାହାଙ୍କୁ ଅନାଦି କୁହାଯାଇଛି ସେ "ବ୍ରହ୍ମ" ଅର୍ଥାତ୍ ପ୍ରଭୁ ନୁହଁନ୍ତି । ଏଥିରୁ ଏହା ପ୍ରମାଣିତ ହେଲା ଯେ ଗୀତା ଜ୍ଞାନଦାତା ଅଧ୍ୟାୟ୧୩ ର ଶ୍ଲୋକ୧୨ରେ ନିଜଠାରୁ ଭିନ୍ନ ଅବିନାଶୀ ପରମାତ୍ମାଙ୍କ ମହିମା ବିଷୟରେ କହିଛନ୍ତି ।

ଝଗୀତା ଜ୍ଞାନଦାତା ବ୍ରହ୍ମ ଅଟନ୍ତି ଯାହାଙ୍କର ଏକ ହଜାର (ସହସ୍ର)ହାତ-ଗୋଡ ଅଛି । ଯାହାଙ୍କର ସହସ୍ର କମଳ ଅର୍ଥାତ୍ ଏକ ହଜାର ପାଖୁଡ଼ା ବିଶିଷ୍ଟ କମଳ ଅଟେ । ଗୀତା ଅଧ୍ୟାୟ ୧୧ଶ୍ଲୋକ ୪୬ରେ ଅର୍ଜ୍ଜୁନ କହିଲେ, ହେ ସହସ୍ରବାହୁ !(ହଜାରେ ହାତ ବିଶିଷ୍ଟ ପ୍ରଭୁ) ଆପଣ ଚତୁର୍ଭୂଜ ରୂପକୁ ଆସନ୍ତୁ । ଏଥିରୁ ପ୍ରମାଣିତ ହେଲା ଯେ ଗୀତା ଜ୍ଞାନଦାତା କେବଳ ହଜାରେ ହାତ ବିଶିଷ୍ଟ ଅଟନ୍ତି । ଏହି କାରଣରୁ ଗୀତା ଅଧ୍ୟାୟ ୧୩ ଶ୍ଲୋକ ୧୩ ରେ ଗୀତା ଜ୍ଞାନଦାତା ନିଜ ଠାରୁ ଭିନ୍ନ ସେହି ପରମାତ୍ମାଙ୍କର ମହିମା

ଗାନ କରୁଛନ୍ତି ଯାହାଙ୍କର ସବୁ ସ୍ଥାନରେ ହସ୍ତ ଓ ପଦ ରହିଛି, ସବୁ ସ୍ଥାନରେ ନେତ୍ର, ମସ୍ତକ ଓ ମୁଖ ରହିଛି, ସବୁ ସ୍ଥାନରେ କର୍ଣ୍ଣ ରହିଛି । କୁହାଯାଇଛି ଯେ ସେହି ପରମାତ୍ମା ସଂସାରରେ ସମସ୍ତଙ୍କୁ ବ୍ୟାପ୍ତ କରି ଅର୍ଥାତ୍ ନିଜ ଶକ୍ତି ଦ୍ୱାରା ସମସ୍ତଙ୍କୁ ରୋକିଛନ୍ତି ଏବଂ ସ୍ୱୟଂ ସତ୍ୟଲୋକ (ଶାଶ୍ୱତ ସ୍ଥାନମ୍ ତିଷ୍ଠତି)ରେ ବସିଛନ୍ତି ।

ଏହା ସ୍ପଷ୍ଟ ହେଲା ଯେ ଗୀତା ଜ୍ଞାନଦାତାଠାରୁ ଭିନ୍ନ ଜଣେ ସାମର୍ଥ ପରମାତ୍ମା ଅଛନ୍ତି, ସେ ସମସ୍ତ ସଂସାରର ସଞ୍ଚାଳନ ଓ ପାଳନ କରୁଛନ୍ତି । (ଗୀତା ଅଧ୍ୟାୟ ୧୩ଶ୍ଳୋକ ୧୩)

ଝଗୀତା ଅଧ୍ୟାୟ ୧୩ ଶ୍ଳୋକ ୧୪ରେ ମଧ ସ୍ପଷ୍ଟ କରାଯାଇଛି ଯେ ଗୀତା ଜ୍ଞାନଦାତା ନିଜଠାରୁ ଭିନ୍ନ ସେହି ପରମାତ୍ମାଙ୍କ ବିଷୟରେ ଜ୍ଞାନ ପ୍ରଦାନ କରିଛନ୍ତି । କହିଛନ୍ତି ଯେ:- ସେ ସମ୍ପୂର୍ଣ୍ଣ ଇନ୍ଦ୍ରିୟଗୁଡ଼ିକ ବିଷୟରେ ଜାଣିଥିବା ଅର୍ଥାତ୍ ଅନ୍ତର୍ଯ୍ୟାମୀ ଅଟନ୍ତି । ସେ ଇନ୍ଦ୍ରିୟ ରହିତ ଅଟନ୍ତି ଅର୍ଥାତ୍ ପରମାତ୍ମାଙ୍କ ଇନ୍ଦ୍ରିୟ ଆମ୍ଭ ପରି ମଣିଷ ତଥା ଅନ୍ୟ ପ୍ରାଣୀମାନଙ୍କ ଭଳି ବିକାରଗ୍ରସ୍ତ ନୁହେଁ । ସେହି ପରମାତ୍ମା ଆଶକ୍ତି ରହିତ ଅଟନ୍ତି ଅର୍ଥାତ୍ ସେ ଏହି କାଳଲୋକ (ଏକୋଇଶ ବ୍ରହ୍ମାଣ୍ଡ)ର କୌଣସି ବସ୍ତୁ-ପଦାର୍ଥ ପ୍ରତି ଆଶକ୍ତି ଭାବ ରଖନ୍ତି ନାହିଁ କାରଣ ସେହି ପରମେଶ୍ୱରଙ୍କ ସତ୍ୟଲୋକ ଏହି କାଳର କ୍ଷେତ୍ରଠାରୁ ଅସଂଖ୍ୟ ଗୁଣରେ ଉତ୍ତମ ଅଟେ । ଏହି କାରଣରୁ ସେହି ପରମାତ୍ମାଙ୍କୁ ଆଶକ୍ତି ରହିତ କୁହାଯାଇଛି । ସେ ହିଁ ସମସ୍ତଙ୍କର ଧାରଣ-ପୋଷଣ କରନ୍ତି । ଏହି ପ୍ରମାଣ ଗୀତା ଅଧ୍ୟାୟ ୧୫ ଶ୍ଳୋକ ୧୭ରେ ମଧ ଅଛି । ସେହି ପରମାତ୍ମା ନିର୍ଗୁଣ ଅଟନ୍ତି, କିନ୍ତୁ ସଗୁଣ ହୋଇ ନିଜର ମହତ୍ତ୍ୱ ଦେଖାଇଥାନ୍ତି । ଉଦାହରଣ ସ୍ୱରୂପ :- ଯେପରି ଆମ୍ବ ଗଛ ଆମ୍ବ ଟାକୁଆ (ବୀଜ) ଭିତରେ ନିର୍ଗୁଣ ଅବସ୍ଥାରେ ଥାଏ । ସେହି ବୀଜକୁ ମାଟିରେ ପୋତାଯିବା ପରେ ସେଥିରୁ ପ୍ରଥମେ କଅଁଳିଆ ଚାରା ବାହାରି ପୁଣି ଗଛ ରୂପରେ ସଗୁଣ ହୋଇ ନିଜର ମହତ୍ତ୍ୱକୁ ପ୍ରକଟ କରିଥାଏ । କିନ୍ତୁ ପରମାତ୍ମା ସତ୍ୟଲୋକରେ ସଗୁଣ ରୂପରେ ବସିଛନ୍ତି କାରଣ ପରମାତ୍ମା ନିଜ ବଚନ ଶକ୍ତି ବଳରେ ସମସ୍ତ ସୃଷ୍ଟି ରଚନା କରିବା ସହିତ ବିଧାନ ତିଆରି କରି ଛାଡ଼ି ଦେଲେ । ସେହି ପରମାତ୍ମାଙ୍କ ବିଧାନ ଅନୁସାରେ ସମସ୍ତ ପ୍ରାଣୀ ଓ ନକ୍ଷତ୍ର ତିଆରି ହୁଅନ୍ତି ଓ ନଷ୍ଟ ହୁଅନ୍ତି, ଜୀବମାନେ କର୍ମାନୁସାରେ ଜନ୍ମ ନିଅନ୍ତି ଓ ମୃତ୍ୟୁବରଣ କରନ୍ତି । ପରମାତ୍ମାଙ୍କର କୌଣସି ଟେନ୍‌ସନ୍ ନାହିଁ, କିନ୍ତୁ ପରମାତ୍ମା ଯେତେବେଳେ ପୃଥିବୀରେ ପ୍ରକଟ ହୁଅନ୍ତି ସେତେବେଳେ ସମସ୍ତ ଗୁଣ ଭୋଗ କରିଥାନ୍ତି ଯେପରି ଆମ୍ବ ଗଛକୁ ନିର୍ଗୁଣରୁ ସଗୁଣ ହେବାରେ ବହୁତ ସମୟ ଲାଗିଥାଏ । କିନ୍ତୁ ପରମାତ୍ମାଙ୍କ ପାଇଁ କୌଣସି ସମୟ ସୀମା ନଥାଏ । ସେ କ୍ଷଣକେ ନିର୍ଗୁଣ ଓ କ୍ଷଣକେ ସଗୁଣ ହୋଇ ପାରିବେ । ଯେପରି ଗୋଟିଏ କ୍ଷଣ ଭିତରେ ସତ୍ୟଲୋକକୁ ଚାଲିଯାଇ ଆମ୍ଭମାନଙ୍କ ପାଇଁ ନିର୍ଗୁଣ ହୋଇଗଲେ । ଆମ୍ଭେ ତାଙ୍କ ଗୁଣର ଲାଭ ପ୍ରାପ୍ତି କରି ପାରିବା ନାହିଁ । ପୁଣି ଗୋଟିଏ କ୍ଷଣରେ ପୃଥିବୀରେ ପ୍ରକଟ ହୋଇ ସଗୁଣ ହୋଇଗଲେ । ଆମ୍ଭମାନଙ୍କୁ ଆଶୀର୍ବାଦ ଦେଇ ନିଜ ଗୁଣର ଲାଭ ଦିଅନ୍ତି । ନିର୍ଗୁଣ-ସଗୁଣ ବିଷୟରେ ଏହିଭଳି କୁହାଯାଇଛି । ଏଥିରୁ ଏହା ମଧ ପ୍ରମାଣିତ ହେଲା ଯେ ଗୀତା ଜ୍ଞାନଦାତାଙ୍କଠାରୁ ଭିନ୍ନ କେହି ସମସ୍ତଙ୍କର ଧାରଣ-ପୋଷଣ କରୁଥିବା ପରମାତ୍ମା ଅଟନ୍ତି ।

=ଝ ଗୀତା ଅଧ୍ୟାୟ ୧୩ ଶ୍ଳୋକ ୧୫-୧୬ ରେ ମଧ ଏହି ପ୍ରମାଣ ଅଛି । ଗୀତା ଜ୍ଞାନଦାତା କହିଛନ୍ତି ଯେ ଯେପରି ସୂର୍ଯ୍ୟ ଦୂର ସ୍ଥାନରେ ଥାଇ ମଧ ପୃଥିବୀ ଉପରେ ନିଜର ପ୍ରଭାବ ବିସ୍ତାର କରିଛନ୍ତି । ସେହିପରି ପୂର୍ଣ୍ଣ ପରମାତ୍ମା ସତ୍ୟଲୋକରେ ଥାଇ ମଧ ନିଜ ଶକ୍ତି ଦ୍ୱାରା ସର୍ବ ବ୍ରହ୍ମାଣ୍ଡ ଉପରେ ପ୍ରଭାବ ବିସ୍ତାର କରିଛନ୍ତି । ସେ ସର୍ବ ଚରାଚର ପ୍ରାଣୀଙ୍କ ବାହାରେ ଓ ଭିତରେ ଅଛନ୍ତି । ଏହି ଭଳି ସୂକ୍ଷ୍ମ ହୋଇଥିବା କାରଣରୁ ଆମ୍ଭେ ତାଙ୍କୁ ଚର୍ମଦୃଷ୍ଟିରେ ଦେଖିପାରୁ ନାହୁଁ । ତେଣୁ ସେ ଅବିଜ୍ଞେୟ ଅର୍ଥାତ୍ ସେ ଆମ୍ଭ ଜ୍ଞାନର ଉର୍ଦ୍ଧରେ ଅଛନ୍ତି ତଥା ସେହି ପରମାତ୍ମା ଆମ୍ଭ ନିକଟରେ ଅଛନ୍ତି ଏବଂ ଦୂରରେ ମଧ ଅଛନ୍ତି । ପରମାତ୍ମା ତ ସୁଦୂର ସତ୍ୟଲୋକ (ଶାଶ୍ୱତ ସ୍ଥାନ) ରେ ଅଛନ୍ତି, ତାଙ୍କ ଶକ୍ତିର ପ୍ରଭାବ ପ୍ରତ୍ୟେକଙ୍କ ସହିତ ଅଛି । (ଗୀତା ଅଧ୍ୟାୟ୧୩ ଶ୍ଳୋକ ୧୫)

=ଝ=ଯେପରି ସୂର୍ଯ୍ୟ ଦୂରରେ ଅଛନ୍ତି କିନ୍ତୁ ପୃଥିବୀ ଉପରେ ବାସ କରୁଥିବା ପ୍ରତ୍ୟେକ ପ୍ରାଣୀଙ୍କୁ ନିଜ ସହିତ ଦୃଶ୍ୟମାନ ହୋଇଥାନ୍ତି । ଯେପରି ଗୋଟିଏ ସ୍ଥାନରେ ଥିବା ଏକାଧିକ ମାଠିଆକୁ ଯଦି ଜଳ ପୂର୍ଣ୍ଣ କରି ରଖାଯିବ ତେବେ ସୂର୍ଯ୍ୟ ସମସ୍ତ ମାଠିଆରେ ଦୃଶ୍ୟମାନ ହୁଅନ୍ତି, ଖଣ୍ଡ ବିଖଣ୍ଡିତ ହୋଇ ଦେଖାଯାନ୍ତି ନାହିଁ । ଏହିପରି ପରମାତ୍ମା ପ୍ରତ୍ୟେକ ବ୍ୟକ୍ତିଙ୍କୁ ଦୃଶ୍ୟମାନ ହୁଅନ୍ତି । ପରମାତ୍ମା ଏମିତି ତ ଗୋଟିଏ ସ୍ଥାନରେ ଅଛନ୍ତି । ସେହି ପରମାତ୍ମା ଜାଣି ହେବାର ଯୋଗ୍ୟ ଅଟନ୍ତି । ଭାବାର୍ଥ ଏହା ଯେ ଗୀତା ଜ୍ଞାନଦାତା କହିଛନ୍ତି ଯେ ମୋ ଠାରୁ ଭିନ୍ନ ସେହି ପରମାତ୍ମାଙ୍କ ବିଷୟରେ ଜ୍ଞାନ ହେବା ଉଚିତ୍, ସେ ଜାଣି ହେବା ଯୋଗ୍ୟ ଅଟନ୍ତି । ସେହି ପରମାତ୍ମା ନିଜ ବିଧାନ ଅନୁସାରେ ସମସ୍ତଙ୍କର ଧାରଣ-ପୋଷଣ, ଉତ୍ପତ୍ତି ଓ ମୃତ୍ୟୁ କରାଇଥାନ୍ତି । ବାସ୍ତବରେ "ବ୍ରହ୍ମା" (ସମସ୍ତଙ୍କର ଉତ୍ପତ୍ତିକର୍ତ୍ତା) ସେ ହିଁ ଅଟନ୍ତି । ବାସ୍ତବରେ ବିଷ୍ଣୁ (ସମସ୍ତଙ୍କର ପାଳନକର୍ତ୍ତା) ସେ ହିଁ ଅଟନ୍ତି, ବାସ୍ତବରେ ଶଙ୍କର (ସଂହାର କର୍ତ୍ତା) ସେ ହିଁ ଅଟନ୍ତି । ଅନ୍ୟ ବ୍ରହ୍ମା, ବିଷ୍ଣୁ ଓ ଶଙ୍କର କେବଳ ଗୋଟିଏ ବ୍ରହ୍ମାଣ୍ଡର କର୍ତା-ଧର୍ତା(ସଞ୍ଚାଳକ) ଅଟନ୍ତି । କିନ୍ତୁ ସେ ପରମାତ୍ମା ସର୍ବ ବ୍ରହ୍ମାଣ୍ଡର ବ୍ରହ୍ମା, ବିଷ୍ଣୁ ଓ ଶଙ୍କର ରୂପରେ ଏକା ହିଁ ଅଛନ୍ତି । ଯେପରି ଭାରତବର୍ଷର କେନ୍ଦ୍ରରେ ଗୃହମନ୍ତ୍ରୀ ଥାଆନ୍ତି ଓ ରାଜ୍ୟରେ ମଧ୍ୟ ଗୃହମନ୍ତ୍ରୀ ଥାଆନ୍ତି । ଦେଶର ପ୍ରଧାନମନ୍ତ୍ରୀ ନିଜ ପାଖରେ ଅନ୍ୟ ବିଭାଗ ମଧ୍ୟ ରଖିଥାନ୍ତି । ସେତେବେଳେ ପ୍ରଧାନମନ୍ତ୍ରୀ, ଗୃହମନ୍ତ୍ରୀ ଆଦି ପଦ ସମ୍ଭାଳିବା ସହିତ ପ୍ରଧାନମନ୍ତ୍ରୀ ପଦ ମଧ୍ୟ ସମ୍ଭାଳିଥାନ୍ତି ।

ଏଥିରୁ ପ୍ରମାଣିତ ହେଲା ଯେ ଗୀତା ଜ୍ଞାନଦାତା ନିଜଠାରୁ ଭିନ୍ନ ସମର୍ଥ ପରମାତ୍ମାଙ୍କର ମହିମା ଗାନ କରିଛନ୍ତି । ଗୀତା ଜ୍ଞାନଦାତାଙ୍କଠାରୁ ଭିନ୍ନ ଅନ୍ୟ କେଉଁ ପରମାତ୍ମା ଅଛନ୍ତି । (ଗୀତା ଅଧ୍ୟାୟ ୧୩ ଶ୍ଳୋକ ୧୬) ଗୀତା ଅଧ୍ୟାୟ ୧୩ ଶ୍ଳୋକ ୧୭ ରେ ଗୀତା ଜ୍ଞାନଦାତା ନିଜଠାରୁ ଭିନ୍ନ ଅନ୍ୟ ପରମାତ୍ମାଙ୍କର ମହିମା ଗାନ କରିଛନ୍ତି ଯାହା ଏହି ପ୍ରକାରେ ଅଟେ :-

ଝ=ସେହି ଅନ୍ୟ ପରମାତ୍ମା (ପରମବ୍ରହ୍ମ) ସମସ୍ତ ଜ୍ୟୋତିର ମଧ୍ୟ ଜ୍ୟୋତି ଅଟନ୍ତି ଅର୍ଥାତ୍ ସର୍ବ ପ୍ରକାଶସ୍ରୋତ ଅଟନ୍ତି, ସେହି ଅନ୍ୟ ପରମାତ୍ମାଙ୍କ ଶକ୍ତି ଦ୍ୱାରା ସବୁ କିଛି ଆଲୋକିତ ହେଉଛି, ଏବଂ ସେହି ପରମାତ୍ମାଙ୍କ ପ୍ରକାଶ ସମସ୍ତଙ୍କଠାରୁ ଅଧିକ ଅଟେ । ସେହି ପରମାତ୍ମା ମାୟାର ଉର୍ଦ୍ଧରେ ଅଛନ୍ତି ବୋଲି କୁହାଯାଏ । ବାସ୍ତବରେ ସେ ହିଁ ନିରଞ୍ଜନ ଅଟନ୍ତି । କିନ୍ତୁ ଯିଏ ଗୀତା ଜ୍ଞାନଦାତା, ସେ ମାୟା ସହିତ "ଜ୍ୟୋତି ନିରଞ୍ଜନ" ନାମରେ ପରିଚିତ । ସେହି ପରମାତ୍ମା ଜ୍ଞାନର ଭଣ୍ଡାର ଅଟନ୍ତି, ସେ ଆତ୍ମମାନଙ୍କ ପାଇଁ ଜାଣି ହେବାର ଯୋଗ୍ୟ ଅଟନ୍ତି, ସେ (ଜ୍ଞାନ ଗମ୍ୟମ୍) ତତ୍ତ୍ୱଜ୍ଞାନ ଦ୍ୱାରା ପ୍ରାପ୍ତ ହେବାର ଯୋଗ୍ୟ ଅଟନ୍ତି ।

ଏହି ଗୀତା ଅଧ୍ୟାୟ ୧୩ ଶ୍ଳୋକ ୧୭ ର ମୂଳ ପାଠରେ "ଜ୍ଞାନମ୍ ଜ୍ଞେୟମ୍ ଜ୍ଞାନ ଗମ୍ୟମ୍" ଲେଖାଅଛି ଯାହାର ଭାବାର୍ଥ ଏହା ଯେ (ଜ୍ଞାନମ୍) ଯେଉଁ ଜ୍ଞାନକୁ ପରମାତ୍ମା ସ୍ୱୟଂ ପୃଥିବୀ ପୃଷ୍ଠରେ ପ୍ରକଟ ହୋଇ ନିଜ ତତ୍ତ୍ୱଜ୍ଞାନ ମୁଖ କମଳରେ ବୋଲିଥାନ୍ତି । ତେଣୁ ସେ ଜ୍ଞାନ ରୂପ ଅର୍ଥାତ୍ ଜ୍ଞାନର ଭଣ୍ଡାର ଅଟନ୍ତି । ସେହି ପରମାତ୍ମା (ଜ୍ଞେୟମ୍ ଜ୍ଞାନଗମ୍ୟମ୍) ସେହି ତତ୍ତ୍ୱଜ୍ଞାନ ଦ୍ୱାରା ଜାଣି ହେବାର ଯୋଗ୍ୟ ଅଟନ୍ତି ଏବଂ ସେହି ତତ୍ତ୍ୱଜ୍ଞାନ ଦ୍ୱାରା ପ୍ରାପ୍ତ ହେବାର ଯୋଗ୍ୟ ଅଟନ୍ତି । ସେହି ପରମାତ୍ମା ସର୍ବ ପ୍ରାଣୀଙ୍କର ହୃଦୟରେ ଅବସ୍ଥାନ କରନ୍ତି । ଯେପରି ସୂର୍ଯ୍ୟ ଦୂର ସ୍ଥାନରେ ଥାଇ ମଧ୍ୟ ପ୍ରତ୍ୟେକ ମାଠିଆରେ ଥିବା ଜଳରେ ଦୃଶ୍ୟମାନ ହୋଇଥାନ୍ତି । ବାସ୍ତବରେ ସୂର୍ଯ୍ୟ କିନ୍ତୁ ସେହି ମାଠିଆ ଭିତରେ ନାହାଁନ୍ତି କିନ୍ତୁ ମାଠିଆ ଉପରେ ନିଜର ପ୍ରଭାବ ବିସ୍ତାର କରି ଉଷ୍ଣତା ଦେଇଥାନ୍ତି । ସୂକ୍ଷ୍ମ ବେଦରେ କୁହାଯାଇଛି ଯେ:-

ବ୍ରହ୍ମା ବିଷ୍ଣୁ ଶିବ ରାଇ ଝୁମକରା । ନହାଁ ସବ ବାଜୀ କେ ଖମ୍ବ-ସୁନୋଁ ରାଇ ଝୁମକରା ।

ଓ୍ୱହ ସର୍ବ ଠାମ ସବ ଠୌର ହୈ ରାଇ ଝୁମକରା । ସକଲ ଲୋକ ଭରପୁର ସୁନୋ ରାଇ ଝୁମକରା ।

ଏହି ପ୍ରମାଣ ଗୀତା ଅଧ୍ୟାୟ ୧୮ ଶ୍ଳୋକ ୬୧ ରେ ମଧ୍ୟ ଅଛି, କୁହାଯାଇଛି ଯେ ହେ ଅର୍ଜୁନ! ଶରୀର ରୂପୀ ଯନ୍ତ୍ରରେ ଆରୁଢ ହୋଇଥିବା ସମ୍ପୂର୍ଣ୍ଣ ପ୍ରାଣୀଙ୍କୁ ଅନ୍ତର୍ଯ୍ୟାମୀ ପରମେଶ୍ୱର ନିଜ ମାୟା ଅର୍ଥାତ୍

ନିଜ ଶକ୍ତି ବଳରେ ସେମାନଙ୍କ କର୍ମାନୁସାରେ ଭ୍ରମଣ କରାଇଥାନ୍ତି ଅର୍ଥାତ୍ ସଂସ୍କାର ଅନୁସାରେ ଭଲ-ଖରାପ ଯୋନିରେ ଜନ୍ମ ଦେଇଥାନ୍ତି । ସେହି ସର୍ବଶକ୍ତିମାନ ପରମାତ୍ମା ସର୍ବପ୍ରାଣୀଙ୍କ ହୃଦୟରେ ସ୍ଥିତ ଅର୍ଥାତ୍ ବିରାଜମାନ ଅଟନ୍ତି । ଏହିପରି ଗୀତା ଅଧ୍ୟାୟ ୧୩ ଶ୍ଳୋକ ୧୭ ରେ ପରମେଶ୍ୱରଙ୍କର ମହିମା ଗାନ କରାଯାଇଛି । ଏଥିରୁ ପ୍ରମାଣିତ ହେଲା ଯେ ଗୀତା ଜ୍ଞାନଦାତା ନିଜଠାରୁ ଭିନ୍ନ ପୂର୍ଣ୍ଣପରମାତ୍ମାଙ୍କର ମହିମା ଗାନ କରିଛନ୍ତି । (ଗୀତା ଅଧ୍ୟାୟ ୧୩ ଶ୍ଳୋକ ୧୭) ।

=ଝ=ଗୀତା ଅଧ୍ୟାୟ ୧୩ ଶ୍ଳୋକ ୧୮ ରେ ଗୀତା ଜ୍ଞାନଦାତା କହିଛନ୍ତି ଯେ ଏହିପରି କ୍ଷେତ୍ର ଅର୍ଥାତ୍ ଶରୀର ଜ୍ଞାନମ୍ ଅର୍ଥାତ୍ ତତ୍ତ୍ୱଜ୍ଞାନ ଓ ଜ୍ଞେୟମ୍ ଅର୍ଥାତ୍ ଜାଣି ହେବାର ଯୋଗ୍ୟ ପରମାତ୍ମାଙ୍କ ମହିମା ବିଷୟରେ ମୁଁ ସଂକ୍ଷେପରେ କହିଛି । ମୋ ଭକ୍ତ ପ୍ରଥମେ ମୋତେ ସର୍ବସ୍ୱ ଭାବି ମୋ ଉପରେ ଆଶ୍ରିତ ଥିଲେ । ସେ ଏହି (ବିଜ୍ଞାୟ) ତତ୍ତ୍ୱଜ୍ଞାନ ଆଧାରରେ ମୋ ଭାବ ଅର୍ଥାତ୍ ମୋ ଶକ୍ତି ସହିତ ପରିଚିତ ହୋଇ ତଥା ସେହି ସାମର୍ଥ୍ୟବାନଙ୍କ ଶକ୍ତି ସହିତ ପରିଚିତ ହୋଇ (ଉପ ପଦ୍ୟତେ) ତତ୍ପଶ୍ଚାତ୍ ଭକ୍ତି କରି ସେହି ଭାବ ପ୍ରାପ୍ତ ହୋଇଥାନ୍ତି । (ଗୀତା ଅଧ୍ୟାୟ ୧୩ ଶ୍ଳୋକ ୧୮) ।

ଝ=ଏହିପରି ଗୀତା ଅଧ୍ୟାୟ ୧୩ ଶ୍ଳୋକ ୧୯ରେ ଗୀତା ଜ୍ଞାନଦାତା ନିଜଠାରୁ ଭିନ୍ନ ପୁରୁଷ ଅର୍ଥାତ୍ ପରମାତ୍ମାଙ୍କର ମହିମା ଗାନ କରିଛନ୍ତି । କହିଛନ୍ତି ଯେ ପ୍ରକୃତି ଓ ପୁରୁଷ ଦୁହେଁ ଅନାଦି ଅଟନ୍ତି । ଏଠାରେ ପ୍ରକୃତିର ତାତ୍ପର୍ଯ୍ୟ ସତ୍ୟଲୋକର ପ୍ରକୃତି ଯାହାଙ୍କୁ ପରାଶକ୍ତି, ପରାନନ୍ଦନୀ, ମହାନ୍ ପ୍ରକୃତି କୁହାଯାଏ । ପୁରୁଷର ଅର୍ଥ ପୂର୍ଣ୍ଣ ପରମାତ୍ମା ଅଟେ, ଏହି ଦୁହେଁ ଅନାଦି ଅଟନ୍ତି । ଏହି ପ୍ରକୃତିର ଭାବାର୍ଥ ସ୍ତ୍ରୀ ରୂପ ଦୁର୍ଗା ପରି ସ୍ତ୍ରୀ ରୂପ ପ୍ରକୃତି ନୁହେଁ । ଯେପରି ସୂର୍ଯ୍ୟଙ୍କ ଉପସ୍ଥିତିରେ ଉଷ୍ଣତା ପ୍ରକୃତି ମଧ୍ୟ ତା ସହିତ ଅଛି । ଠିକ୍ ଏହିଭଳି ସତ୍ୟ ପୁରୁଷ ଓ ତାଙ୍କ ପ୍ରକୃତି ଅର୍ଥାତ୍ ଶକ୍ତି ଉଭୟେ ଅନାଦି ଅଟନ୍ତି ।

ଏହିପରି ବିକାର ଓ ତିନି ଗୁଣ ଯାହାଠାରୁ ଉତ୍ପନ୍ନ ହୋଇଛି ସେ ଅନ୍ୟ ପ୍ରକୃତି ଅଟେ, ତା'ଠାରୁ ଉତ୍ପନ୍ନ ହୋଇଛି, ଏହିଭଳି ଜାଣ । ଗୀତା ଅଧ୍ୟାୟ ୭ ଶ୍ଳୋକ ୪-୫ ରେ ଦୁଇ ପ୍ରକୃତି ବିଷୟରେ କୁହାଯାଇଛି, ଗୋଟିଏ ପ୍ରକୃତି ହେଲା ଜଡ଼ ଓ ଚେତନ ପ୍ରକୃତି ହେଲେ ଦୁର୍ଗା ଦେବୀ । ତେଣୁ ଏଠାରେ ଦ୍ୱିତୀୟ ପ୍ରକୃତି ଦୁର୍ଗା ଦେବୀଙ୍କ ବିଷୟରେ କୁହାଯାଇଛି । (ଗୀତା ଅଧ୍ୟାୟ ୧୩ ଶ୍ଳୋକ ୧୯)

=ଝ=ଗୀତା ଅଧ୍ୟାୟ ୧୩ ଶ୍ଳୋକ ୨୦ରେ ମଧ୍ୟ ଅନ୍ୟ (ପୁରୁଷଃ) ପରମାତ୍ମାଙ୍କର ବର୍ଣ୍ଣନା କରାଯାଇଛି । ଗୀତା ପ୍ରେସ ଗୋରଖପୁରରୁ ପ୍ରକାଶିତ ଗୀତାରେ ଏହି ଶ୍ଳୋକର ଅନୁବାଦରେ "ପୁରୁଷଃ"ର ଅର୍ଥ ଜୀବାତ୍ମା କରାଯାଇଛି । ବାସ୍ତବରେ ଏଠାରେ ପୁରୁଷର ଅର୍ଥ ପରମାତ୍ମା ଅଟେ । ଗୀତା ଅଧ୍ୟାୟ ୧୩ ଶ୍ଳୋକ୨୦ର ଯଥାର୍ଥ ଅନୁବାଦ ଦେଖନ୍ତୁ "ଗହରୀ ନଜର୍ ଗୀତା ମେଁ" ଯାହାକୁ ଆମ୍ଭ **Web Site**ରେ ଦେଖି ପାରିବେ ଏବଂ ଡ଼ାଉନ୍‌ଲୋଡ୍ କରି ପାରିବ ମଧ୍ୟ । **Web Site** ର ନାମ **"www.jagatgururampalji.org".**

ଝ=ଗୀତା ଅଧ୍ୟାୟ ୧୩ ଶ୍ଳୋକ ୨୧ ରେ ମଧ୍ୟ ଅନ୍ୟ (ପୁରୁଷଃ) ପରମାତ୍ମାଙ୍କର ବର୍ଣ୍ଣନା ଅଛି । ଏହାର ଅନୁବାଦରେ (ଗୀତା ପ୍ରେସ ଗୋରଖପୁରରୁ ପ୍ରକାଶିତ) ଅନୁବାଦକମାନେ ପୁରୁଷଃର ଅର୍ଥ ପୁରୁଷ କରିଛନ୍ତି ଯାହା ସଠିକ୍ ଅନୁବାଦ ଅଟେ । ପୁରୁଷର ଅର୍ଥ ପରମାତ୍ମା ହୋଇଥାଏ । ପ୍ରକରଣବଶତଃ ପୁରୁଷର ଅର୍ଥ ମନୁଷ୍ୟ ମଧ୍ୟ କରା ଯାଇଥାଏ କାରଣ ପରମାତ୍ମା ମନୁଷ୍ୟକୁ ନିଜ ରୂପ ଅନୁସାରେ ସୃଷ୍ଟି କରିଛନ୍ତି । ତେଣୁ କୁହାଯାଇଥାଏ ଯେ :-

*ନର ନାରାୟଣ ରୂପ ହୈ, ତୁ ନା ସମଝ ଦେହି ।*

''ଚୌରାସୀ ଲକ୍ଷ ପ୍ରକାର ଜୀବଠାରୁ ମାନବ ଦେହ ଉତ୍ତମ ଅଟେ''

ଗୀତା ଜ୍ଞାନଦାତା, ଗୀତା ଅଧ୍ୟାୟ ୧୩ ଶ୍ଳୋକ ୨୨ରେ ମଧ୍ୟ ନିଜଠାରୁ ଅନ୍ୟ ପରମାତ୍ମାଙ୍କର ପ୍ରତ୍ୟକ୍ଷ ପ୍ରମାଣ ଦେଇଛନ୍ତି । ଗୀତା ପ୍ରେସ ଗୋରଖପୁରରୁ ପ୍ରକାଶିତ ଗୀତାରେ ଏହି ଶ୍ଳୋକର ଅର୍ଥ

ସମ୍ପୂର୍ଣ୍ଣ ଭୁଲ୍ କରିଛନ୍ତି । (ଦେଖନ୍ତୁ ଏହି ପୁସ୍ତକର ପୃଷ୍ଠା ୨୧୬ ରୁ ୩୮୪ ପର୍ଯ୍ୟନ୍ତ) ।

ଝ:-ଯଥାର୍ଥ ଅନୁବାଦ:- ଯେପରି ପୂର୍ବ ଶ୍ଳୋକରେ ବର୍ଣ୍ଣନା କରାଯାଇଛି ଯେ ପରମାତ୍ମା ପ୍ରତ୍ୟେକ ଜୀବ ସହିତ ଏଭଳି ରୁହନ୍ତି ଯେପରି ସୂର୍ଯ୍ୟ ପ୍ରତ୍ୟେକ ମାଠିଆରେ ଥିବା ଜଳରେ ଦୃଶ୍ୟମାନ ହୋଇ ସେହି ଜଳକୁ ନିଜର ଉଷ୍ଣତା ପ୍ରଦାନ କରିଥାନ୍ତି । ଠିକ୍ ଏହିପରି ପରମାତ୍ମା ପ୍ରତ୍ୟେକ ଜୀବର ହୃଦୟ କମଳରେ ଏପରି ବିଦ୍ୟମାନ ଯେପରି ସୌରଯନ୍ତ୍ର ଯେଉଁଠାରେ ବି ଲଗାଯାଉନା କାହିଁକି ସୂର୍ଯ୍ୟଠାରୁ ଉଷ୍ଣତା ପ୍ରାପ୍ତ କରି ଶକ୍ତି ସଂଗ୍ରହ କରିଥାଏ । ଏହିଭଳି ପ୍ରତ୍ୟେକ ଜୀବ ସହିତ ପରମାତ୍ମା ରହିଥାନ୍ତି । ସେଥିପାଇଁ ଏହି ଶ୍ଳୋକ (ଗୀତା ଅଧ୍ୟାୟ ୧୩ ଶ୍ଳୋକ ୨୨) ରେ କୁହାଯାଇଛି ଯେ ସେହି ପରମାତ୍ମା ସମସ୍ତ ପ୍ରଭୁଙ୍କର ସ୍ୱାମୀ ହୋଇଥିବା କାରଣରୁ "ମହେଶ୍ୱର", ସମସ୍ତଙ୍କର ଧାରଣ-ପୋଷଣ କରୁଥିବା "କର୍ତା", ସତ୍ୟଲୋକରେ ବସି ପ୍ରତ୍ୟେକ ପ୍ରାଣୀର ପ୍ରତ୍ୟେକ ଗତିବିଧିକୁ ଦେଖୁଥିବା "ଉପଦୃଷ୍ଟା" ଅଟନ୍ତି, ଜୀବ ପରମାତ୍ମାଙ୍କ ଶକ୍ତି ଦ୍ୱାରା ସମସ୍ତ କାର୍ଯ୍ୟ କରିଥାଏ । ଜୀବ ପରମାତ୍ମାଙ୍କ ଅଂଶ ଅଟେ । (ରାମାୟଣରେ ମଧ୍ୟ କୁହାଯାଇଛି, ଈଶ୍ୱରଙ୍କ ଅଂଶ ଜୀବ ଅବିନାଶୀ ଅଟେ । ଯେଉଁ କାରଣରୁ ନିଜ କୃତକର୍ମର ଫଳସ୍ୱରୂପ ଜୀବ ଯାହା କିଛି ବି ସୁଖ-ଦୁଃଖ ଭୋଗୀଥାଏ, ନିଜ ଅଂଶର ସୁଖ-ଦୁଃଖ ହିସାବରେ ପରମାତ୍ମାଙ୍କୁ ମଧ୍ୟ ତାହା ଅନୁଭବ ହୋଇଥାଏ ।

ସୂକ୍ଷ୍ମ ବେଦରେ ଲେଖାଅଛି ଯେ "କବୀର କହ ମେରେ ଜୀବ କୋ ଦୁଃଖ ନା ଦିଜୋବାଣୀ କୋୟ ।
ଭକ୍ତ ଦୁଃଖାଏ ମେଁ ଦୁଃଖୀ ମେରା ଆପା ଭୀ ଦୁଃଖୀ ହୋୟ ।।"

ତେଣୁ ସେ "ଭୋକ୍ତା" ରୂପେ ପରିଚିତ । ସେ ଗୁପ୍ତ ରୂପେ ପ୍ରତ୍ୟେକ ପ୍ରାଣୀଙ୍କୁ ଉଚିତ୍ ରାୟ ଦେଇଥାନ୍ତି ଯେଉଁ କାରଣ ପାଇଁ ପରମାତ୍ମାଙ୍କୁ "ଅନୁମନ୍ତା" କୁହାଯାଇଥାଏ । (ପରମାତ୍ମା ଶବ୍ଦର ସନ୍ଧିବିଚ୍ଛେଦ = ପରମ + ଆତ୍ମା = ଶ୍ରେଷ୍ଠ ଆତ୍ମା = ପରମାତ୍ମା) । ଯଦି କେହି ଦୁଃଖ ଭୋଗ ବି ଦେଇଥାଏ, ସୁଖ ଭୋଗ ବି ଦେଇଥାଏ । ଯଦି ଜୀବ ଯେପରି କର୍ମ କରିବ ସେହିପରି ଫଳ ନିଶ୍ଚୟ ଭୋଗୀବ ତେବେ ତାଙ୍କୁ "ପରମାତ୍ମା" କୁହାଯିବ ନାହିଁ, ସେ ଶ୍ରେଷ୍ଠ ଅତ୍ମା ନୁହଁନ୍ତି । ଯେପରି ଏହି କାଳ(ବ୍ରହ୍ମ) ଲୋକର ନିୟମ ଅନୁସାରେ ଯେପରି କର୍ମ କରିବ ସେହିପରି ଫଳ ତୁମକୁ ଭଗବାନ ନିଶ୍ଚୟ ଦେବେ । ତେବେ ଇଏ ପ୍ରଭୁ (ସ୍ୱାମୀ) ହୋଇ ପାରନ୍ତି କିନ୍ତୁ "ପରମ ଆତ୍ମା" ନୁହଁନ୍ତି । ଏହି ମାନବ ଶରୀରରେ (ପରଃ)ଅନ୍ୟ (ପୁରୁଷଃ) ପରମାତ୍ମା ଯିଏ ଜୀବ ସହିତ ଅଭିନ୍ନ ରୂପରେ ରହିଥାନ୍ତି ଯେପରି ସୂର୍ଯ୍ୟ ପ୍ରତ୍ୟେକଙ୍କୁ ନିଜର ଶକ୍ତି ଦେଇଥାଏ, ସେହିପରି ଏହି ଅନ୍ୟ ପରମାତ୍ମା ଉପରୋକ୍ତ ମହିମାବାନ ଅଟନ୍ତି । ଯେପରି ସୌରଶକ୍ତିରୁ ଯେଉଁ ବଲବ୍ ଜଳିଥାଏ ସେଥିରେ ସୂର୍ଯ୍ୟ ଥାଆନ୍ତି ଅର୍ଥାତ୍ ସୂର୍ଯ୍ୟଙ୍କ ଶକ୍ତି କାର୍ଯ୍ୟ କରିଥାଏ । ପୂର୍ଣ୍ଣପରମାତ୍ମାଙ୍କ ଭୂମିକାକୁ ଏହିପରି ବୁଝନ୍ତୁ ।

ଝ:-ଗୀତା ଅଧ୍ୟାୟ ୧୩ ଶ୍ଳୋକ ୨୩ ରେ ମଧ୍ୟ ଅନ୍ୟ (ପୁରୁଷମ୍) ପରମାତ୍ମାଙ୍କ ବିଷୟରେ କୁହାଯାଇଛି । କୁହାଯାଇଛି ଯେ ଯେଉଁ ସନ୍ଥ ଉପରୋକ୍ତ ବିଧିରେ (ପୁରୁଷମ୍) ପରମାତ୍ମା, ପ୍ରକୃତି ଓ ଗୁଣ ସହିତ ଜାଣିଥାନ୍ତି, ସେହି ସନ୍ଥ-ସାଧକ ସର୍ବ ଭାବରେ ପରମାତ୍ମାଙ୍କଠାରେ ଲୀନ (ବର୍ତ୍ତମାନରେ) ରହିବା ସହିତ ପୂନର୍ଜନ୍ମ ପ୍ରାପ୍ତ କରନ୍ତି ନାହିଁ ଅର୍ଥାତ୍ ତା'ର ପୂର୍ଣ୍ଣମୋକ୍ଷ ହୋଇଯାଏ ।

ଝ:-ଗୀତା ଅଧ୍ୟାୟ ୧୩ ଶ୍ଳୋକ ୨୪ ରେ ମଧ୍ୟ ସେହି ଅନ୍ୟ ପରମାତ୍ମାଙ୍କ ବିଷୟରେ ବର୍ଣ୍ଣନା ଅଛି ଯିଏ ଗୀତା ଜ୍ଞାନଦାତାଙ୍କଠାରୁ ଭିନ୍ନ ଅଟନ୍ତି । କୁହାଯାଇଛି ଯେ ଯେଉଁ ପରମାତ୍ମା ସୂର୍ଯ୍ୟ ସଦୃଶ ଜୀବାତ୍ମା ସହିତ ଅଭେଦ ରୂପେ ରହିଥାନ୍ତି ତାଙ୍କୁ ସାଧକମାନେ ଧ୍ୟାନ ଦ୍ୱାରା ଦିବ୍ୟଦୃଷ୍ଟି ସାହାଯ୍ୟରେ ହୃଦୟରେ ଦେଖନ୍ତି ଯେପରି ବିଜୁଳିକୁ ଟେଷ୍ଟର୍ ଦ୍ୱାରା ଦେଖାଯାଏ । ଅନ୍ୟ ସାଧକମାନେ ଜ୍ଞାନ ଶୁଣି ବିଶ୍ୱାସ କରି ପରମାତ୍ମାଙ୍କ ସ୍ୱରୂପକୁ ସ୍ୱୀକାର କରନ୍ତି । ଅନ୍ୟ ଭକ୍ତଗଣ (କର୍ମ ଯୋଗେନ) ପରମାତ୍ମାଙ୍କ କର୍ମକୁ ଅର୍ଥାତ୍ ଲୀଳାକୁ ଦେଖି ପରମାତ୍ମାଙ୍କ ଅସ୍ତିତ୍ୱକୁ ଜାଣନ୍ତି । ଯେପରି ସଂସାରରେ ପ୍ରାୟ ୭ ଅର୍ବ ଜନସଂଖ୍ୟା ଅଛି ।

କାହା ଚେହେରା (**Face**) କାହା ସହିତ ମିଶୁ ନାହିଁ । (କବି କହିଛନ୍ତି:- କଇ ଅରବ ବନାଏ ବନ୍ଦେ ଆଁଖି, ନାକ୍, ହାଥ ଲଗାଏ, ଏକ୍-ଦୁସରେ କେ ନାଲ କୋଇ ଭୀ ରଲଦେ ନହୀଁ ରଲାଏ) ଏଥିରୁ ମଧ୍ୟ ପ୍ରମାଣିତ ହେଉଛି ଯେ କେହି ସର୍ବଜ୍ଞ ଶକ୍ତି ଅଛନ୍ତି ଯାହାଙ୍କୁ "ପରମାତ୍ମା" କୁହାଯାଏ । କିଛି ଭକ୍ତଜନ ପରମାତ୍ମାଙ୍କର ଏହି କାର୍ଯ୍ୟ ଦେଖି ପରମାତ୍ମାଙ୍କୁ ସ୍ୱୀକାର କରିଥାନ୍ତି ।

ଝ:-ଗୀତା ଅଧ୍ୟାୟ ୧୩ ଶ୍ଳୋକ୨୫ ରେ କୁହାଯାଇଛି ଯେ ଯେଉଁମାନେ ଶିକ୍ଷିତ ନୁହଁନ୍ତି ଏବଂ ଯେଉଁମାନେ ଧ୍ୟାନ କରନ୍ତି ନାହିଁ, ସେମାନେ ନା ଜ୍ଞାନ ବୁଝିପାରନ୍ତି, ନା ସେମାନେ ପରମାତ୍ମାଙ୍କ ସଂରଚନାରୁ ପରମାତ୍ମାଙ୍କୁ ବୁଝିପାରନ୍ତି । ସେମାନେ ଅନ୍ୟ ଶିକ୍ଷିତ ବିଦ୍ୱାନ ବ୍ୟକ୍ତିଙ୍କଠାରୁ ପରମାତ୍ମାଙ୍କ ମହିମା ବିଷୟରେ ଶୁଣି ସ୍ୱୀକାର କରନ୍ତି ଯେ ଯଦି ଏହି ଶିକ୍ଷିତ ଓ ଜ୍ଞାନୀ ବ୍ୟକ୍ତି କହୁଛନ୍ତି ତେବେ ପରମାତ୍ମା ନିଶ୍ଚୟ ଅଛନ୍ତି । ତା'ପରେ ସେମାନେ ଉପାସନା କରନ୍ତି । ସେମାନେ ତାହା ଶୁଣିଥିବା କାରଣରୁ ପରମାତ୍ମାଙ୍କ ଅସ୍ତିତ୍ୱକୁ ସ୍ୱୀକାର କରି ଉପାସନା କରିବା କାରଣରୁ ଏହି ମୃତ୍ୟୁ ଲୋକ (ମୃତ୍ୟୁ ସଂସାର)ରୁ ପାରି ହୋଇଯାଆନ୍ତି ।

ଝ:ଗୀତା ଅଧ୍ୟାୟ ୧୩ ଶ୍ଳୋକ ୨୬ ରେ ତ କେବଳ ଏହା କୁହାଯାଇଛି ଯେ ସମସ୍ତ ପ୍ରାଣୀ କ୍ଷେତ୍ର ଅର୍ଥାତ୍ ଦୁର୍ଗାଙ୍କ ଶରୀର ତଥା କ୍ଷେତ୍ରଜ୍ଞ ଅର୍ଥାତ୍ ଗୀତା ଜ୍ଞାନଦାତା କ୍ଷରବ୍ରହ୍ମଙ୍କ ମିଳନରୁ ଉତ୍ପନ୍ନ ହୁଅନ୍ତି । ଧ୍ୟାନ ରଖନ୍ତୁ, ଗୀତା ଜ୍ଞାନଦାତା ଗୀତା ଅଧ୍ୟାୟ ୧୩ ର ଶ୍ଳୋକ ୧ରେ କହିଛନ୍ତି ଯେ "କ୍ଷେତ୍ର" ତ ଶରୀରକୁ କୁହାଯାଏ ଏବଂ ଯିଏ ଶରୀର ବିଷୟରେ ଜାଣିଥାଏ ତାଙ୍କୁ "କ୍ଷେତ୍ରଜ୍ଞ" କୁହାଯାଏ । ଗୀତା ଅଧ୍ୟାୟ ୧୬ ଶ୍ଳୋକ୨ରେ କୁହାଯାଇଛି ଯେ:- ଏହି କାଳଲୋକ (ଏକୋଇଶ ବ୍ରହ୍ମାଣ୍ଡର କ୍ଷେତ୍ର)ରେ ଯେତେ ପ୍ରାଣୀ ଉତ୍ପନ୍ନ ହୁଅନ୍ତି, ସେମାନେ ଦୁର୍ଗାଜୀ ଓ କାଳ ଭଗବାନଙ୍କ ସଂଯୋଗରୁ ଉତ୍ପନ୍ନ ହୁଅନ୍ତି ଅର୍ଥାତ୍ ନର-ନାରୀଙ୍କ ଦ୍ୱାରା କାଳ ଭଗବାନଙ୍କ ପ୍ରେରଣାରୁ କାଳସୃଷ୍ଟି ଉତ୍ପନ୍ନ ହୋଇଥାଏ ।

ଝ:-ଗୀତା ଅଧ୍ୟାୟ ୧୩ ଶ୍ଳୋକ ୨୭ ରେ ଅନ୍ୟ ପରମେଶ୍ୱରଙ୍କ ବିଷୟରେ ସ୍ପଷ୍ଟ କରାଯାଇଛି ଯିଏ ଗୀତା ଜ୍ଞାନ ଦାତାଙ୍କଠାରୁ ଅନ୍ୟ (ଭିନ୍ନ) ଅଟନ୍ତି :- ଯେପରି ପୂର୍ବର ଶ୍ଳୋକଗୁଡ଼ିକରେ ପ୍ରମାଣ ସହିତ କୁହାଯାଇଛି ଯେ ପରମେଶ୍ୱର ପ୍ରତ୍ୟେକ ପ୍ରାଣୀଙ୍କ ଶରୀରର ହୃଦୟରେ ଏପରି ବାସ କରୁଥିବାର ଦେଖାଯାନ୍ତି ଯେପରି ଜଳପୂର୍ଣ୍ଣ ମାଠିଆରେ ସୂର୍ଯ୍ୟ ଦୃଶ୍ୟମାନ ହୁଅନ୍ତି । ଏହିପରି ଏହି ଶ୍ଳୋକ ୨୭ ରେ କୁହାଯାଇଛି ଯେ ପରମେଶ୍ୱର ହୃଦୟରେ ବସିଛନ୍ତି । ଯେତେବେଳେ ପ୍ରାଣୀର ଶରୀର ନଷ୍ଟ ହୋଇଯାଏ ସେତେବେଳେ ମଧ୍ୟ ପରମେଶ୍ୱର ନଷ୍ଟ ହୁଅନ୍ତି ନାହିଁ । ଯେପରି କୌଣସି ମାଠିଆ ଭାଙ୍ଗିଯାଇ, ମାଠିଆର ଜଳ ପୃଥିବୀ ଉପରେ ବିଚ୍ଛୁରିତ ହୋଇ ପୃଥିବୀରେ ମିଶିଗଲେ ବି ସୂର୍ଯ୍ୟ ଅପରିବର୍ତ୍ତିତ ରହିଥାନ୍ତି । ତେଣୁ ପରମେଶ୍ୱର ଅବିନାଶୀ ଅଟନ୍ତି, ଯେଉଁ ସନ୍ଥଙ୍କର ପରମାତ୍ମାଙ୍କ ପ୍ରତି ଏହି ଦୃଷ୍ଟିକୋଣ ଥାଏ, ସେ ଠିକ୍ ଜାଣିଛନ୍ତି, ସେ ତତ୍ତ୍ୱଜ୍ଞାନୀ ସନ୍ଥ ଅଟନ୍ତି ।

ଏହି ଶ୍ଳୋକ (ଗୀତା ଅଧ୍ୟାୟ ୧୩ ଶ୍ଳୋକ ୨୭)ରେ ପରମେଶ୍ୱର ଶବ୍ଦ ଲେଖାଅଛି । ଯେଉଁଥିରୁ ମଧ୍ୟ ଗୀତା ଜ୍ଞାନଦାତାଙ୍କଠାରୁ ଭିନ୍ନ ଅନ୍ୟ ପରମାତ୍ମାଙ୍କ ବିଷୟରେ ବୋଧଗମ୍ୟ ହୋଇଥାଏ । ଆସନ୍ତୁ ଜାଣିବା :-

"ପରମେଶ୍ୱର" ର ସନ୍ଧିଛେଦ=ପରମ+ଈଶ୍ୱର

ବ୍ୟାଖ୍ୟା:- "ଈଶ୍"ର ଅର୍ଥ ହେଉଛି ସ୍ୱାମୀ, ପ୍ରଭୁ, ମାଲିକ । "ବର"ର ଅର୍ଥ ଶ୍ରେଷ୍ଠ ପତି ।

୧. ଈଶ୍ ହେଉଛନ୍ତି ଗୀତା ଜ୍ଞାନଦାତା "କ୍ଷର ପୁରୁଷ" ଅର୍ଥାତ୍ କ୍ଷର ବ୍ରହ୍ମ ଯିଏ କେବଳ ଏକୋଇଶ ବ୍ରହ୍ମାଣ୍ଡର ପ୍ରଭୁ ଅଟନ୍ତି ।

୨. ଈଶ୍ୱର = ଈଶ୍ ଅର୍ଥାତ୍ କ୍ଷର ପୁରୁଷଙ୍କଠାରୁ ଶ୍ରେଷ୍ଠ ପ୍ରଭୁ । ସେ କେବଳ ୭ ଶଂଖ ବ୍ରହ୍ମାଣ୍ଡର ପ୍ରଭୁ ଅଟନ୍ତି । ତାଙ୍କୁ ଅକ୍ଷର ପୁରୁଷ ବା ପରବ୍ରହ୍ମ ମଧ୍ୟ କୁହାଯାଏ ।

୩. ପରମେଶ୍ୱର = ଈଶ୍ୱର ଅର୍ଥାତ୍ ଅକ୍ଷର ପୁରୁଷଙ୍କଠାରୁ ପରମ ଅର୍ଥାତ୍ ଶ୍ରେଷ୍ଠ ଅଟନ୍ତି, ଯିଏ

ଅସଂଖ୍ୟ ବ୍ରହ୍ମାଣ୍ଡର ପ୍ରଭୁ ଅଟନ୍ତି ଯାହାଙ୍କୁ ପରମଅକ୍ଷର ବ୍ରହ୍ମ ମଧ୍ୟ କୁହାଯାଏ + (ଗୀତା ଅଧ୍ୟାୟ ୮ ଶ୍ଳୋକ ୩ ରେ ପ୍ରମାଣ ଅଛି) । ଗୀତା ଅଧ୍ୟାୟ **୧୫** ଶ୍ଳୋକ **୧୬-୧୭** ରେ ତିନିଜଣ ପୁରୁଷଙ୍କ ବିଷୟରେ କୁହାଯାଇଛି । କ୍ଷରପୁରୁଷ:-ଇଏ ଗୀତା ଜ୍ଞାନଦାତା ଈଶ୍ ଅଟନ୍ତି, ଅକ୍ଷର ପୁରୁଷ:- ଇଏ ଈଶ୍ୱର ଅଟନ୍ତି, ଗୀତା ଅଧ୍ୟାୟ **୧୫** ଶ୍ଳୋକ**୧୭**ରେ କୁହାଯାଇଛି ଯେ (ଉତ୍ତମ ପୁରୁଷଃ) ପୁରୁଷୋତ୍ତମ ଅର୍ଥାତ୍ ବାସ୍ତବରେ ସର୍ବଶ୍ରେଷ୍ଠ ପ୍ରଭୁଙ୍କ ବିଷୟରେ ଉପରୋକ୍ତ ଶ୍ଳୋକ (ଗୀତା ଅଧ୍ୟାୟ **୧୫** ଶ୍ଳୋକ **୧୬**) ରେ କୁହାଯାଇଛି ଯିଏ କ୍ଷରପୁରୁଷ ଓ ଅକ୍ଷର ପୁରୁଷଙ୍କଠାରୁ ଭିନ୍ନ ଅଟନ୍ତି । ବାସ୍ତବରେ ତାଙ୍କୁ ହିଁ ପରମାତ୍ମା କୁହାଯାଏ । ସେହି ତିନିଲୋକ (କ୍ଷରପୁରୁଷଙ୍କ**୨୧**ବ୍ରହ୍ମାଣ୍ଡର କ୍ଷେତ୍ରକୁ କାଳଲୋକ କୁହାଯାଏ ଏବଂ ଉପରେ ଥିବା ଚାରିଲୋକ ଯଥା ସତ୍ୟଲୋକ, ଅଲଖ ଲୋକ, ଅଗମ ଲୋକ ଓ ଅକହ ଲୋକ) କ୍ଷେତ୍ରକୁ ଅମର ଲୋକ ବା ପରମେଶ୍ୱରଙ୍କ ଲୋକ କୁହାଯାଏ । ଏହି ପ୍ରକାରେ ଏଠାରେ ତିନିଲୋକ ବିଷୟରେ ବର୍ଣ୍ଣନା କରାଯାଇଛି । ଯିଏ ଏହି ତିନିଲୋକରେ ପ୍ରବେଶ କରି ସମସ୍ତଙ୍କର ଧାରଣ ପୋଷଣ କରିଥାନ୍ତି, ବାସ୍ତବରେ ସେ ହିଁ ଅବିନାଶୀ ପରମେଶ୍ୱର ଅଟନ୍ତି । ଗୀତା ଅଧ୍ୟାୟ **୧୩** ଶ୍ଳୋକ**୨୭** ରେ "ପରମେଶ୍ୱର" ଶବ୍ଦ ଅଛି ଯାହା ଗୀତା ଜ୍ଞାନଦାତାଙ୍କଠାରୁ ଭିନ୍ନ, ସର୍ବ ଶକ୍ତିମାନ, ସମସ୍ତଙ୍କର ପାଳନକର୍ତ୍ତା ବୋଧକ ଶବ୍ଦ ଅଟେ ।

ଝ-ଗୀତା ଅଧ୍ୟାୟ **୧୩** ଶ୍ଳୋକ **୨୮**ରେ ମଧ୍ୟ ଗୀତା ଜ୍ଞାନଦାତାଙ୍କଠାରୁ ଅନ୍ୟ ପ୍ରଭୁଙ୍କ ବିଷୟରେ ପ୍ରମାଣ ଅଛି । ଏହି ଶ୍ଳୋକରେ "ଈଶ୍ୱର" ଶବ୍ଦ ପରମେଶ୍ୱରଙ୍କ ବୋଧକ ଅଟେ ଯେପରି ଈଶ୍ୱର ଅର୍ଥ ସ୍ୱାମୀ, ବରର ଅର୍ଥ ଶ୍ରେଷ୍ଠ । ବାସ୍ତବରେ ସମସ୍ତଙ୍କର "ଈଶ୍" ସ୍ୱାମୀ ତ ପରମ ଅକ୍ଷର ବ୍ରହ୍ମ ଅଟନ୍ତି । ସେ ହିଁ ଶ୍ରେଷ୍ଠ ଈଶ୍ ଅଟନ୍ତି, ତେଣୁ "ଈଶ୍ୱର" ଶବ୍ଦଟି ପ୍ରକରଣବଶତଃ ପୂର୍ଣ୍ଣ ପରମାତ୍ମାଙ୍କ ବୋଧକ ଅଟେ । ଯଦି ଅନ୍ୟ "ଈଶ୍" ନକଲୀ ସ୍ୱାମୀ ହୋଇ ନଥାନ୍ତେ ତେବେ ଈଶ୍ୱର ଓ ପରମେଶ୍ୱର ଶବ୍ଦର ଆବଶ୍ୟକତା ପଡ଼ି ନଥାନ୍ତା । ଏଣୁ ଏହି ଶ୍ଳୋକରେ "ଈଶ୍ୱର" ଶବ୍ଦ ସତ୍ୟପୁରୁଷଙ୍କ ବୋଧକ ଶବ୍ଦ ବୋଲି ଜାଣନ୍ତୁ ।

ଗୀତା ଅଧ୍ୟାୟ **୧୩** ଶ୍ଳୋକ **୨୮** ର ଭାବାର୍ଥ ଏହା ଯେ ଗୀତା ଜ୍ଞାନଦାତା କହିଛନ୍ତି ଯେ ଯେଉଁ ସାଧକ ସର୍ବଭାବରେ ପରମେଶ୍ୱରଙ୍କୁ ସମଭାବରେ ଦେଖି (ଆତ୍ମାନମ୍) ନିଜ ଆତ୍ମାକୁ (ଆତ୍ମନା) ନିଜ ଅଜ୍ଞାନ ଆତ୍ମା ଦ୍ୱାରା ନଷ୍ଟ କରେ ନାହିଁ ଅର୍ଥାତ୍ ସେ ପରମାତ୍ମାଙ୍କୁ ଠିକ୍‌ରେ ବୁଝି, ତାଙ୍କ ସାଧନା କରି(ତତଃ) ତାଙ୍କଠାରୁ (ପରାମ୍=ପରା) ଅନ୍ୟ (ଗତିମ୍) ଗତି ଅର୍ଥାତ୍ ମୋକ୍ଷ (ଯାତି) ପ୍ରାପ୍ତ ହୋଇଥାଏ ଅର୍ଥାତ୍ ସେହି ସାଧକ ଗୀତା ଜ୍ଞାନଦାତାଙ୍କ ପରମଗତି (ଯେଉଁ ପରମଗତି ବିଷୟରେ ଗୀତା ଅଧ୍ୟାୟ ୮ ଶ୍ଳୋକ **୧୩** ରେ କୁହାଯାଇଛି) ଠାରୁ ଭିନ୍ନ ଗତି ପ୍ରାପ୍ତି କରିଥାଏ ।

ଝ-ଗୀତା ଅଧ୍ୟାୟ **୧୩** ଶ୍ଳୋକ ୩୦ ରେ ସ୍ପଷ୍ଟ କରାଯାଇଛି ଯେ ଗୀତା ଜ୍ଞାନଦାତା ନିଜ ଠାରୁ ଭିନ୍ନ ପରମାତ୍ମାଙ୍କ ମହିମା ଗାନ କରିଛନ୍ତି । ସେ କହିଛନ୍ତି ଯେ ଯେଉଁ ସନ୍ଥ ପ୍ରାଣୀମାନଙ୍କର ସ୍ଥିତି ଭିନ୍ନ-ଭିନ୍ନ ହୋଇଥିଲେ ମଧ୍ୟ ସେମାନଙ୍କୁ ଏକ ପରମାତ୍ମା ସର୍ବ ଶକ୍ତିମାନଙ୍କ ଅନ୍ତର୍ଗତ ଭାବିଥାନ୍ତି, ସେ "ସଚ୍ଚିଦାନନ୍ଦଘନ ବ୍ରହ୍ମ ଅର୍ଥାତ୍ ପରମଅକ୍ଷର ବ୍ରହ୍ମଙ୍କୁ ପ୍ରାପ୍ତ ହୋଇଗଲେ ବୋଲି ଜାଣନ୍ତୁ, ସେ ସତ୍ୟଭକ୍ତି କରି ସେହି ପରମେଶ୍ୱରଙ୍କୁ ପ୍ରାପ୍ତ ହୋଇଯାଏ ।

ଝ-ଗୀତା ଅଧ୍ୟାୟ **୧୩** ଶ୍ଳୋକ **୩୧**ରେ ମଧ୍ୟ ଗୀତା ଜ୍ଞାନଦାତା ନିଜଠାରୁ ଭିନ୍ନ "ପରମାତ୍ମା" ଙ୍କ ବିଷୟରେ କହିଛନ୍ତି । ଏହି ଶ୍ଳୋକରେ "ପରମାତ୍ମା" ଶବ୍ଦ ଅଛି ଯାହାର ସ୍ପଷ୍ଟ ପରିଭାଷା ଗୀତା ଅଧ୍ୟାୟ **୧୫** ଶ୍ଳୋକ **୧୭**ରେ ବର୍ଣ୍ଣିତ ଅଛି । କୁହାଯାଇଛି ଯେ ଯିଏ ଉତ୍ତମ ପୁରୁଷ ଅର୍ଥାତ୍ ସର୍ବଶ୍ରେଷ୍ଠ ପ୍ରଭୁ ଅଟନ୍ତି, ସେ ତିନିଲୋକରେ ପ୍ରବେଶ କରି ସମସ୍ତଙ୍କର ଧାରଣ-ପୋଷଣ କରନ୍ତି । ସେ ହିଁ ବାସ୍ତବରେ ଅବିନାଶୀ ପରମେଶ୍ୱର ଅଟନ୍ତି । ତାଙ୍କୁ ହିଁ "ପରମାତ୍ମା" କୁହାଯାଏ । ସେ କ୍ଷରପୁରୁଷ ଓ ଅକ୍ଷର ପୁରୁଷଙ୍କଠାରୁ ଭିନ୍ନ ଅଟନ୍ତି ।

ଏହି ଶ୍ଳୋକ (ଗୀତା ଅଧ୍ୟାୟ **୧୩** ଶ୍ଳୋକ **୩୧** )ରେ ମଧ୍ୟ ଏହି କଥା ସ୍ପଷ୍ଟ କରାଯାଇଛି ଯେ ସେହି

ପରମାତ୍ମା ଅନାଦି ହୋଇଥିବାରୁ, ନିର୍ଗୁଣ ହୋଇଥିବାରୁ ପ୍ରତ୍ୟେକ ପ୍ରାଣୀଙ୍କ ଶରୀରରେ (ଜଳପୂର୍ଣ୍ଣ ମାଠିଆରେ ସୂର୍ଯ୍ୟଙ୍କ ଭଳି) ସ୍ଥିତ ହେବା ପରେ ମଧ୍ୟ କିଛି କରି ନଥାନ୍ତି କାରଣ ସର୍ବ କାର୍ଯ୍ୟ ପରମାତ୍ମାଙ୍କ ଶକ୍ତି କରିଥାଏ, (ଯେପରି ମାଠିଆ ଜଳରେ ସୂର୍ଯ୍ୟ ଦୃଶ୍ୟମାନ ହୋଇଥାନ୍ତି, ଯାହାଦ୍ୱାରା ଜଳ ଗରମ ହୋଇଥାଏ । ତାହା ସୂର୍ଯ୍ୟ କରି ନଥାଏ, ସୂର୍ଯ୍ୟର ଉଷ୍ଣତା ସେହି କାର୍ଯ୍ୟ କରିଥାଏ । ସୂର୍ଯ୍ୟ କିଛି କରୁ ନଥିବାର ଦେଖାଯାଏ) ଏବଂ ନା ପରମାତ୍ମା ସେହି ଶରୀରରେ ଲିପ୍ତ ହୁଅନ୍ତି ଯେପରି ସୂର୍ଯ୍ୟ ମାଠିଆ ଜଳରେ ଲିପ୍ତ ହୋଇ ନଥାନ୍ତି ।

ଝ:-ଗୀତା ଅଧ୍ୟାୟ ୧୩ ଶ୍ଳୋକ ୩୨ ରେ ମଧ୍ୟ ଏହି ପ୍ରମାଣ ଅଛି ।

ଝ:-ଗୀତା ଅଧ୍ୟାୟ ୧୩ ଶ୍ଳୋକ ୩୩ ରେ ଆତ୍ମା ଓ ଶରୀରର ସ୍ଥିତି ବିଷୟରେ କୁହାଯାଇଛି ।

ଝ:-ଗୀତା ଅଧ୍ୟାୟ ୧୩ ଶ୍ଳୋକ ୩୪ରେ ଗୀତା ଜ୍ଞାନଦାତା ନିଜଠାରୁ ଭିନ୍ନ ପରମେଶ୍ୱରଙ୍କର ବିବରଣୀ ଦେଇଛନ୍ତି । କହିଛନ୍ତି ଯେ ଏହି ପ୍ରକାରର କ୍ଷେତ୍ର(ଶରୀର) ଓ କ୍ଷେତ୍ରଜ୍ଞ (ଗୀତା ଜ୍ଞାନଦାତା)ଙ୍କ ଭେଦ ଜାଣିପାରି ତଥା କର୍ମ କରିବା ସହିତ ଭକ୍ତି କରି କାଳର ପ୍ରକୃତି ଅର୍ଥାତ୍ କାଳଜାଳରୁ ମୁକ୍ତ ଯେଉଁ ସାଧକ ନିଜ ଜ୍ଞାନନେତ୍ର ଦ୍ୱାରା ବୁଝିପାରି ତତ୍ତ୍ୱଦର୍ଶୀ ସନ୍ଥଙ୍କର ଅନ୍ୱେଷଣ କରିବା ପରେ ତାଙ୍କ ଦ୍ୱାରା ନିର୍ଦ୍ଦେଶିତ ସତ୍ୟ ଶାସ୍ତ୍ରାନୁକୂଳ ସାଧନା କରି ତତ୍ତ୍ୱଜ୍ଞାନକୁ ବୁଝି ସେହି ପରମ୍ ଅର୍ଥାତ୍ ଅନ୍ୟ ପରମବ୍ରହ୍ମ ପରମାତ୍ମାଙ୍କୁ ପ୍ରାପ୍ତ ହୁଅନ୍ତି ।

ଉପରୋକ୍ତ ବିବରଣୀରୁ ସ୍ପଷ୍ଟ ହେଲା ଯେ ଗୀତା ଜ୍ଞାନଦାତାଙ୍କଠାରୁ ଭିନ୍ନ ପୂର୍ଣ୍ଣ ପରମାତ୍ମା ଅଛନ୍ତି ଯାହାଙ୍କର ଭକ୍ତି ସାଧନା କରି ସାଧକ ସେହି ପୂର୍ଣ୍ଣମୋକ୍ଷକୁ ପ୍ରାପ୍ତ କରିଥାଏ ଯାହା ଗୀତା ଅଧ୍ୟାୟ ୧୫ ଶ୍ଳୋକ ୪ ରେ ବର୍ଣ୍ଣିତ ଅଛି ଯେ ତତ୍ତ୍ୱଜ୍ଞାନ ପ୍ରାପ୍ତି ପରେ ପରମେଶ୍ୱରଙ୍କର ସେହି ପରମପଦକୁ ଖୋଜିବା ଉଚିତ୍ ଯେଉଁଠାକୁ ଯିବା ପରେ ସାଧକ ପୁନର୍ବାର ଏହି ସଂସାରକୁ ପ୍ରତ୍ୟାବର୍ତ୍ତନ କରି ନଥାଏ ।

ସାରାଂଶ :- ପୂର୍ବୋକ୍ତ ପ୍ରମାଣଗୁଡ଼ିକରୁ ତଥା ଏହି ଗୀତା ଅଧ୍ୟାୟ ୧୩ ର ଉପରୋକ୍ତ ପ୍ରମାଣରୁ ସ୍ପଷ୍ଟ ହେଲା ଯେ ଗୀତା ଜ୍ଞାନଦାତାଙ୍କଠାରୁ ଭିନ୍ନ ପରମ ଅକ୍ଷର ବ୍ରହ୍ମ ଅର୍ଥାତ୍ ପୂର୍ଣ୍ଣ ପରମାତ୍ମା ଅଛନ୍ତି ଯାହାଙ୍କ ଶରଣକୁ ଯିବା ପାଇଁ ଗୀତା ଜ୍ଞାନଦାତା ଗୀତା ଅଧ୍ୟାୟ ୧୮ ଶ୍ଳୋକ ୬୨, ୬୬ ରେ କହିଛନ୍ତି । ସେ ହିଁ ପୂର୍ଣ୍ଣ ମୋକ୍ଷଦାୟକ ଅଟନ୍ତି, ସେ ହିଁ ପୂଜାର ଯୋଗ୍ୟ ଅଟନ୍ତି, ସେ ହିଁ ସମସ୍ତଙ୍କ ରଚୟିତା ଅଟନ୍ତି, ସେ ହିଁ ସମସ୍ତଙ୍କର ପାଳନକର୍ତ୍ତା, ସମସ୍ତଙ୍କୁ ଧାରଣ କରିଥିବା ସର୍ବ ସୁଖଦାୟକ ଅଟନ୍ତି । ତାଙ୍କୁ "ପରମାତ୍ମା" କୁହାଯାଏ ।

ପ୍ରଶ୍ନ ୪୯ :- (ଧର୍ମଦାସଙ୍କର):- ଗୀତା ଅଧ୍ୟାୟ ୪ ଶ୍ଳୋକ ୬ ରେ ଗୀତା ଜ୍ଞାନଦାତା କହିଛନ୍ତି ଯେ ମୁଁ ଅଜନ୍ମା ଓ ଅବିନାଶୀ ସ୍ୱରୂପ ହୋଇ ମଧ୍ୟ ତଥା ସମସ୍ତ ପ୍ରାଣୀଙ୍କର ଈଶ୍ୱର ହୋଇଥିଲେ ମଧ୍ୟ ନିଜ ଯୋଗମାୟା ଦ୍ୱାରା ପ୍ରକଟ ହୁଏ । ଏଠାରେ ଶ୍ରୀକୃଷ୍ଣ ନିଜକୁ ସମସ୍ତ ପ୍ରାଣୀଙ୍କର ଅବିନାଶୀ ଈଶ୍ୱର କହିଛନ୍ତି, ନିଜକୁ ଅଜନ୍ମା ମଧ୍ୟ କହିଛନ୍ତି ।

ଉତ୍ତର :- (ଜିନ୍ଦା ପରମେଶ୍ୱରଙ୍କର): ହେ ଧର୍ମଦାସଜୀ ! କାଳବ୍ରହ୍ମ, ଶ୍ରୀକୃଷ୍ଣଙ୍କ ଶରୀରରେ ପ୍ରବେଶ କରି ଗୀତାଜ୍ଞାନ କହିଛନ୍ତି । ଶ୍ରୀକୃଷ୍ଣଙ୍କର କୌଣସି ଭୂମିକା ନାହିଁ । କାଳବ୍ରହ୍ମ ଗୀତା ଜ୍ଞାନଦାତା ଅଟନ୍ତି । ଗୀତା ଜ୍ଞାନଦାତା କହିଛନ୍ତି ଯେ ଯେତେ ପ୍ରାଣୀ ମୋ ୨୧ ବ୍ରହ୍ମାଣ୍ଡରେ ମୋ ଅନ୍ତର୍ଗତ ଅଛନ୍ତି, ମୁଁ ସେମାନଙ୍କର ଶ୍ରେଷ୍ଠ ପ୍ରଭୁ (ଈଶ୍ୱର) ଅଟେ । ଏହି ପ୍ରମାଣ ଗୀତା ଅଧ୍ୟାୟ ୧୫ ଶ୍ଳୋକ ୧୮ ରେ ମଧ୍ୟ ଅଛି । ଗୀତା ଜ୍ଞାନଦାତା କହିଛନ୍ତି ଯେ ମୁଁ ଲୋକବେଦ (ଲୋକକଥା/ଶୁଣିଥିବା କଥା)ଆଧାରରେ ନିଜ୨୧ବ୍ରହ୍ମାଣ୍ଡ ଲୋକରେ ପୁରୁଷୋତ୍ତମ ଭାବେ ପ୍ରସିଦ୍ଧ କାରଣ ମୁଁ ଶରୀରଧାରୀ ସେହି ପ୍ରାଣୀ ତଥା ଅବିନାଶୀ ଜୀବାତ୍ମାଠାରୁ ମଧ୍ୟ ଶ୍ରେଷ୍ଠ ଯେଉଁମାନେ ମୋ ଅନ୍ତର୍ଗତ ମୋ ଏକୋଇଶ ବ୍ରହ୍ମାଣ୍ଡରେ ଅଛନ୍ତି । ବାସ୍ତବରେ ପୁରୁଷୋତ୍ତମ କେହି ଅନ୍ୟ ଅଟନ୍ତି ଯାହାଙ୍କ ବିଷୟରେ ଗୀତା ଅଧ୍ୟାୟ ୧୫ ଶ୍ଳୋକ ୧୭ରେ ବର୍ଣ୍ଣନା କରାଯାଇଛି ।

ଝ-ଗୀତା ଅଧ୍ୟାୟ ୪ ଶ୍ଳୋକ ୬ ରେ ଏହା କୁହାଯାଇଛି ଯେ ମୁଁ (ଅଜଃ) ଅଜନ୍ମା ଅର୍ଥାତ୍ ତୁମ ଭଳି ମୁଁ ଜନ୍ମ ନିଏ ନାହିଁ, ମୁଁ ଲୀଳା ଦ୍ୱାରା ପ୍ରକଟ ହୁଏ । ଯେପରି ଗୀତା ଅଧ୍ୟାୟ ୧୦ରେ ବିରାଟ ରୂପ ଦେଖାଇ ଥିଲେ, ପୁଣି କହିଛନ୍ତି ଯେ (ଅବ୍ୟୟାତ୍ମା) ମୋ ଆତ୍ମା ଅମର ଅଟେ । ପୁଣି କହିଛନ୍ତି ଯେ (ଆତ୍ମମାୟୟା) ନିଜ ଲୀଳା ଦ୍ୱାରା (ସମ୍ଭବାମି) ଉତ୍ପନ୍ନ ହୋଇଥାଏ । ଏଠାରେ ଉତ୍ପନ୍ନ ହେବା ବିଷୟ କୁହାଯାଇଛି କାରଣ ଏହି କାଳବ୍ରହ୍ମ ଅକ୍ଷର ପୁରୁଷଙ୍କର ଗୋଟିଏ ଯୁଗ ଉପରାନ୍ତ ମୃତ୍ୟୁବରଣ କରିଥାଏ । ପୁଣି ସେତେବେଳେ ଗୋଟିଏ ବ୍ରହ୍ମାଣ୍ଡର ବିନାଶ ହୋଇଯାଏ (ଦେଖନ୍ତୁ ପ୍ରଶ୍ନ୯ର ଉତ୍ତର) । ତା'ପରେ ସମସ୍ତ ଜୀବାତ୍ମା ଅନ୍ୟ ଏକ ବ୍ରହ୍ମାଣ୍ଡକୁ ଚାଲିଯାଆନ୍ତି । କାଳବ୍ରହ୍ମର ଆତ୍ମା ମଧ୍ୟ ସେଠାକୁ ଚାଲିଯାଏ । ସେଠାରେ ଏହି କାଳକୁ ପୁଣି ଏକ ନୂତନ ଯୁବ ଶରୀର ମିଳେ । ଏହିପରି ଦେବୀ ଦୂର୍ଗାଙ୍କର ମଧ୍ୟ ମୃତ୍ୟୁ ହୋଇଥାଏ । ପୁଣି କାଳବ୍ରହ୍ମ ସହିତ ଦୁର୍ଗାଙ୍କୁ ମଧ୍ୟ ଯୁବତୀ ଶରୀର ମିଳିଥାଏ । ଏହା ପରମ ଅକ୍ଷର ବ୍ରହ୍ମ (ସତ୍ୟପୁରୁଷ)ଙ୍କର ବିଧାନ ଅଟେ । ପୁଣି ଦୁହେଁ ସେହି ନୂତନ ବ୍ରହ୍ମାଣ୍ଡରେ ପତି-ପତ୍ନୀ ରୂପେ ନୂଆ ରଜଗୁଣଯୁକ୍ତ ବ୍ରହ୍ମା, ସତଗୁଣଯୁକ୍ତ ବିଷ୍ଣୁ ଓ ତମଗୁଣଯୁକ୍ତ ଶିବଙ୍କୁ ଜନ୍ମ ଦିଅନ୍ତି । ତା'ପରେ ସେହି ନୂତନ ବ୍ରହ୍ମାଣ୍ଡରେ ସୃଷ୍ଟି କ୍ରମ ପ୍ରାରମ୍ଭ ହୁଏ । ଏହିପରି କାଳବ୍ରହ୍ମର ଜନ୍ମ-ମୃତ୍ୟୁ ପ୍ରକ୍ରିୟା ଲୀଳା ଦ୍ୱାରା ହୋଇଥାଏ । ଗୀତା ଅଧ୍ୟାୟ ୪ ଶ୍ଳୋକ ୯ ରେ ମଧ୍ୟ ସ୍ପଷ୍ଟ କରାଯାଇଛି ଯେଉଁଥିରେ ଗୀତା ଜ୍ଞାନଦାତା କହିଛନ୍ତି ଯେ ମୋର ଜନ୍ମ ଓ କର୍ମ ଅଲୌକିକ ଅଟେ । ବାସ୍ତବରେ ଗୀତା ଜ୍ଞାନଦାତା ନାଶବାନ ଅଟନ୍ତି । ପ୍ରାଣୀମାନଙ୍କର ଆତ୍ମା ଅମର ଅଟେ । ଆପଣଙ୍କର ମହା ମଣ୍ଡଳେଶ୍ୱର, ଆଚାର୍ଯ୍ୟ ଓ ଶଙ୍କରାଚାର୍ଯ୍ୟମାନଙ୍କୁ ବାସ୍ତବିକ ଆଧ୍ୟତ୍ମିକ ଜ୍ଞାନ ଆଦୌ ଜଣା ନାହିଁ । ତେଣୁ ଅମୂଲ୍ୟ ଗ୍ରନ୍ଥଗୁଡ଼ିକୁ ଠିକ୍‌ରେ ବୁଝି ନପାରି ଲୋକବେଦ (ଲୋକ କଥା) ଶୁଣାଇଥାନ୍ତି । ଆପଣ ଦେଖନ୍ତୁ ଏହି ଗୀତା ଅଧ୍ୟାୟ ୪ ଶ୍ଳୋକ ୫ରେ ବ୍ରହ୍ମ ସ୍ୱୟଂ କହୁଛନ୍ତି ଯେ ହେ ଅର୍ଜୁନ ! ତୋର ଏବଂ ମୋର ବହୁତ ଜନ୍ମ ହୋଇସାରିଛି । ସେ ସବୁକୁ ମୁଁ ଜାଣିଛି, ତୁ ଜାଣି ନାହୁଁ । ଏହାର ଅଭିପ୍ରାୟ ଉପରେ ସ୍ପଷ୍ଟ କରାଯାଇଛି । ସମ୍ଭବାତ୍‌ର ଅର୍ଥ ଉତ୍ପନ୍ନ ଅଟେ ।

ପ୍ରମାଣ:- ଯଜୁର୍ବେଦ ଅଧ୍ୟାୟ ୪୦ ମନ୍ତ୍ର ୧୦ ରେ ମଧ୍ୟ କହିଛନ୍ତି ଯେ କେହି କେହି ପରମାତ୍ମାଙ୍କୁ (ସମ୍ଭବାତ୍) ଜନ୍ମ ନେଉଥିବା ରାମ ଓ କୃଷ୍ଣଙ୍କ ଭଳି ମାନିଥାନ୍ତି, କେହି (ଅସମ୍ଭବାତ୍) ଉତ୍ପନ୍ନ ହେଉ ନଥିବା ନିରାକାର ମାନିଥାନ୍ତି ଅର୍ଥାତ୍ ତତ୍ତ୍ୱଦର୍ଶୀ ସନ୍ଥ ଯେଉଁ ସତ୍ୟଜ୍ଞାନ କହୁଛନ୍ତି, ତାହା ଶୁଣ । ପରମାତ୍ମା ଉତ୍ପନ୍ନ ହୁଅନ୍ତି ନା ହୁଅନ୍ତି ନାହିଁ ତାହା ସେ କହିବେ । ବାସ୍ତବରେ ପରମାତ୍ମା ସ୍ୱୟଂମ୍ଭୁ ଅଟନ୍ତି । ସେ କେବେ ବି ଜନ୍ମ ହୋଇ ନାହାଁନ୍ତି, ନା କେବେ ଜନ୍ମ ନେବେ, ମୃତ୍ୟୁର ତ ପ୍ରଶ୍ନ ଉଠୁନାହିଁ । ଅନ୍ୟ ପଟେ ଗୀତା ଜ୍ଞାନଦାତା ସ୍ୱୟଂ କହୁଛନ୍ତି ଯେ ମୁଁ ଜନ୍ମ ନିଏ ଓ ମୃତ୍ୟୁବରଣ ମଧ୍ୟ କରେ, ଅବିନାଶୀ ନୁହେଁ । "ପରମ ଅକ୍ଷର ବ୍ରହ୍ମ" ଅବିନାଶୀ ଅଟନ୍ତି ।

ପ୍ରଶ୍ନ ୫୦:- (ଜିନ୍ଦା ବାବା ପରମେଶ୍ୱରଙ୍କର):- ଆପଣ କହିଲେ ଯେ ଆମ୍ଭେ ଶୁଦ୍ର ବ୍ୟକ୍ତିଙ୍କୁ ନିକଟରେ ମଧ୍ୟ ବସିବାକୁ ଦେଉନାହୁଁ, ଶୁଦ୍ଧ ରହିଥାଉ । ଏହାଦ୍ୱାରା ଭକ୍ତିରେ କେଉଁ ହାନି ହୁଏ ?

ଉତ୍ତର:- (ଧର୍ମଦାସଜୀଙ୍କର):- ଶୁଦ୍ର ଛୁଇଁବା ଦ୍ୱାରା ଭକ୍ତ ଅପବିତ୍ର ହୋଇଯାଏ, ପରମାତ୍ମା ରୁଷ୍ଟ ହୋଇଯାନ୍ତି, ଆତ୍ମଗ୍ଲାନି ହୋଇଯାଏ । ମୁଁ ଉଚ୍ଚ ଜାତିର ବୈଶ୍ୟ ଅଟେ ।

## ଉଚ୍ଚାରଣ ଓ ଆଚରଣରେ ପାର୍ଥକ୍ୟ

ପ୍ରଶ୍ନ ୫୧( ଧର୍ମଦାସଜୀଙ୍କର) :- ହେ ଜୀନ୍ଦା ! ଏହା ହିଁ ସତ୍ୟ ଯେ ଶୁଦ୍ରଠାରୁ ଦୂରତା ରକ୍ଷା କରିବା ଦ୍ୱାରା ଭକ୍ତ ପବିତ୍ର ରହିଥାଏ । ଆପଣ ଏକଥା ସ୍ୱୀକାର କରନ୍ତି ନାହିଁ କି ?

ଉତ୍ତର (ବାବା ଜିନ୍ଦାଙ୍କର) :- ଏପରି ଶିକ୍ଷା କିଏ ଦେଲା ? ଧର୍ମଦାସ କହିଲେ, ଆମ୍ଭମାନଙ୍କ ଧର୍ମଗୁରୁ, ଆଚାର୍ଯ୍ୟ, ଶଙ୍କରାଚାର୍ଯ୍ୟ ଓ ବ୍ରାହ୍ମଣମାନେ କହିଥାନ୍ତି । ପରମେଶ୍ୱର କବୀରଜୀ, ଧର୍ମଦାସଙ୍କୁ କହିଲେ (ସେପର୍ଯ୍ୟନ୍ତ ଧର୍ମଦାସଙ୍କୁ ଜଣା ନଥିଲା ଯେ ଆପଣଙ୍କ ସହିତ କଥାବାର୍ତ୍ତା କରୁଥିବା ବ୍ୟକ୍ତି ହିଁ

କବୀର ବୁଣାକାର ଅଟନ୍ତି) ଯେ କବୀର ବୁଣାକାର ଏକଦା ସ୍ୱାମୀ ରାମାନନ୍ଦଜୀ ପଣ୍ଡିତଙ୍କ ସହିତ ତୋତାଦ୍ରିକ ନାମକ ସ୍ଥାନକୁ ସତସଙ୍ଗ-ଭଣ୍ଡାରା(ଭୋଜି) ପାଇଁ ଯାଇଥିଲେ । ସେ ସ୍ୱାମୀ ରାମାନନ୍ଦଙ୍କ ଶିଷ୍ୟ ଅଟନ୍ତି । ମୁଖ୍ୟ ପଣ୍ଡିତ ଓ ଆଚାର୍ଯ୍ୟମାନେ ସତସଙ୍ଗରେ କହିଲେ ଯେ ଭଗବାନ ରାମ ଶୁଦ୍ର ଭିଲନୀର ଅଇଁଠା ବରକୋଳି ଖାଇଛନ୍ତି । ଭଗବାନ ତ ସମଦୃଷ୍ଟି ସମ୍ପନ୍ନ ଥିଲେ । ସେ ପ୍ରେମରେ ପ୍ରସନ୍ନ ହୁଅନ୍ତି । ଭକ୍ତ ଉଚ୍ଚ-ନୀଚ ଅନ୍ତର ଦେଖିବା ଅନୁଚିତ, ଶ୍ରଦ୍ଧା ଦେଖାଯାଏ । ଲକ୍ଷ୍ମଣ, ଶବରୀକୁ ଶୁଦ୍ର ଭାବି ମନରେ ଗ୍ଲାନି ଭାବନା ଆଣି ଅଇଁଠା ବରକୋଳି ନଖାଇ ଫିଙ୍ଗି ଦେଲା, ପରେ କିନ୍ତୁ ସେହି ବରକୋଳି ସଞ୍ଜୀବନୀ ପାଲଟି ଗଲା । ରାବଣ ସହିତ ଯୁଦ୍ଧରେ ଲକ୍ଷ୍ମଣ ମୂର୍ଚ୍ଛିତ ହୋଇଗଲା । ସେତେବେଳେ ହନୁମାନଜୀ ଦ୍ରୋଣାଗିରୀ ପର୍ବତକୁ ଉଠାଇ ଆଣିଲେ ଯାହା ଉପରେ ସେହି ସବରୀର ଅଇଁଠା କୋଳି ସଞ୍ଜୀବନୀ ବନୌଷଧି ରୂପରେ ଜନ୍ମ ନେଇଥିଲା । ସେହି ବନୌଷଧିକୁ ଖାଇବା ପରେ ଲକ୍ଷ୍ମଣ ସଚେତ ହେଲା, ତାର ଜୀବନ ରକ୍ଷା ହେଲା । ଭଗବାନଙ୍କ ପ୍ରତି ଶବରୀର ଏହିଭଳି ଶ୍ରଦ୍ଧା ଥିଲା । କାହା ଶ୍ରଦ୍ଧା ପ୍ରତି ଆଘାତ ପହଞ୍ଚାଇବା ଅନୁଚିତ୍ । ସତସଙ୍ଗ ଉପରାନ୍ତ ଭୋଜନ-ଭଣ୍ଡାର ଆରମ୍ଭ ହେଲା । ପଣ୍ଡିତମାନେ ପ୍ରଥମରୁ ଯୋଜନା କରିଛନ୍ତି ଯେ ସ୍ୱାମୀ ରାମାନନ୍ଦ (ବ୍ରାହ୍ମଣ)ଙ୍କ ସହିତ ଶୁଦ୍ର (ତନ୍ତି) କବୀର ଆସିଛି, ସେ ସ୍ୱାମୀ ରାମାନନ୍ଦଙ୍କ ଶିଷ୍ୟ ଅଟେ । ରାମାନନ୍ଦଜୀଙ୍କ ସହିତ ଖାଦ୍ୟ ଖାଇବ ତେଣୁ ଆମ୍ଭ ବ୍ରାହ୍ମଣମାନଙ୍କର ସମ୍ମାନ ହାନି ହେବ । ତେଣୁ ଦୁଇଟି ସ୍ଥାନରେ ଭୋଜନାଳୟ ଆରମ୍ଭ କରାଗଲା । ଯେଉଁ ଲାଇନ୍‌ରେ ପଣ୍ଡିତମାନଙ୍କ ପାଇଁ ଭୋଜନ ବ୍ୟବସ୍ଥା ଥିଲା, ସେଥିରେ ଭୋଜନ ପାଇଁ ପଣ୍ଡିତମାନେ ଗୋଟିଏ ସର୍ତ୍ତ ରଖିଲେ ଯେ ଯିଏ ପଣ୍ଡିତମାନଙ୍କ ପାଇଁ ଉଦ୍ଦିଷ୍ଟ ଲାଇନ୍‌ରେ ଭୋଜନ କରିବ, ତାକୁ ଚାରୋଟି ବେଦମନ୍ତ୍ର ଶୁଣାଇବାକୁ ପଡିବ । ଯିଏ ମନ୍ତ୍ର ଉଚ୍ଚାରଣ କରି ପାରିବ ନାହିଁ, ସେ ସାଧାରଣ ପଂକ୍ତିରେ ଭୋଜନ କରିବ । ସେମାନଙ୍କୁ ଜଣାଥିଲା ଯେ କାଶୀ ବାସିନ୍ଦା କବୀର ବୁଣାକାର ଅଶିକ୍ଷିତ ଅଟେ । ତାର କେଉଁ ବେଦମନ୍ତ୍ର ମନେ ପଡିବ ? ସମସ୍ତ ପଣ୍ଡିତ ଚାରି-ଚାରୋଟି ବେଦମନ୍ତ୍ର ଶୁଣାଇ ପଣ୍ଡିତମାନଙ୍କ ପାଇଁ ଉଦ୍ଦିଷ୍ଟ ଭୋଜନ ସ୍ଥଳକୁ ପ୍ରବେଶ କରୁଥିଲେ । ଲମ୍ବା ଧାଡ଼ି ଲାଗିଥାଏ । ସେହି ଧାଡ଼ିରେ କବୀର ବୁଣାକାର (ତନ୍ତି) ମଧ ଛିଡ଼ା ହୋଇଥିଲେ । ବେଦମନ୍ତ୍ର ଶୁଣାଇବାକୁ କବୀରଙ୍କର ପାଳି ପଡ଼ିଲା । ଅଳ୍ପ କିଛି ଦୂରରେ ଗୋଟିଏ ମଇଁଷି ଘାସ ଚରୁଥିଲା । କବୀରଜୀ ମଇଁଷିକୁ ଡ଼ାକିଲେ । କହିଲେ, ହେ ମଇଁଷି ପଣ୍ଡିତ ! କୃପାକରି ଏଠାକୁ ଆସନ୍ତୁ । ମଇଁଷି ଦୌଡ଼ି ଆସିଲା । କବୀରଙ୍କ ନିକଟକୁ ଆସି ଛିଡ଼ା ହୋଇଗଲା । କବୀର, ମଇଁଷିର ପିଠି ଉପରେ ହାତ ରଖିଲେ ଏବଂ କହିଲେ, ହେ ବିଦ୍ୱାନ ମଇଁଷି ! ଚାରୋଟି ବେଦମନ୍ତ୍ର ଶୁଣାନ୍ତୁ । ମଇଁଷି (୧) ଯଜୁର୍ବେଦ ଅଧ୍ୟାୟ ୫ର ମନ୍ତ୍ର ୩୨ ଶୁଣାଇଲା ଯାହାର ଭାବାର୍ଥ ମଧ କହିଲା ଯେ ଯିଏ ପରମ ଶାନ୍ତିଦାୟକ (ଉସିଗ୍ ଅସି), ଯିଏ ପାପର ବିନାଶ କରିପାରନ୍ତି ସେ (ଅଙ୍ଘାରି) ଯିଏ ବନ୍ଧନର ଶତ୍ରୁ ଅର୍ଥାତ୍ ବନ୍ଦୀଛୋଡ଼୍ ଅଟନ୍ତି = ସେ ବମ୍ଭାରୀ, ସେ "କବିରସି" କବୀର ଅଟନ୍ତି । ସ୍ୱର୍ଜ୍ୟୋତି = ସ୍ୱୟଂ ପ୍ରକାଶିତ ଅର୍ଥାତ୍ ତେଜମୟ ଶରୀରଯୁକ୍ତ "ଋତ୍‌ଧାମା" = ସତ୍ୟଲୋକ ବାସୀ ଅର୍ଥାତ୍ ସେ ସତ୍ୟଲୋକରେ ନିବାସ କରନ୍ତି । "ସମ୍ରାଟସି" = ସମସ୍ତ ଭଗବାନଙ୍କର ମଧ ସେ ଭଗବାନ ଅର୍ଥାତ୍ ସର୍ବ ଶକ୍ତିମାନ ସମ୍ରାଟ୍ ବା ମହାରାଜ ଅଟନ୍ତି ।

୨. ମଇଁଷି ଋଗବେଦ ମଣ୍ଡଳ ୯ ସୂକ୍ତ ୮୬ର ମନ୍ତ୍ର ୨୬ ଶୁଣାଇଲା ଯାହାର ଭାବାର୍ଥ ଏହା ଯେ ପରମାତ୍ମା ଉପରସ୍ଥ ଲୋକରୁ ଗତି (ପ୍ରସ୍ଥାନ) କରି ଆସନ୍ତି, ପୁଣ୍ୟାତ୍ମାମାନଙ୍କୁ ଭେଟିଥାନ୍ତି । ଭକ୍ତମାନଙ୍କର ଶଙ୍କଟ ନିବାରଣ କରନ୍ତି । ସେ କବିର୍ଦେବ (କବୀର ପରମେଶ୍ୱର) ଅଟନ୍ତି ।

୩. ଋଗବେଦ ମଣ୍ଡଳ ୯ ସୂକ୍ତ ୯୬ ମନ୍ତ୍ର ୧୭ ଶୁଣାଇଲା ଯାହାର ଭାବାର୍ଥ ଏହା ଯେ ("କବିଃ"=କବିର) କବୀର୍ ପରମାତ୍ମା ସ୍ୱୟଂ ପୃଥିବୀ ଉପରେ ପ୍ରକଟ ହୋଇ ତତ୍ତ୍ୱଜ୍ଞାନ ପ୍ରଚାର କରନ୍ତି ଯାହାକୁ କବିର୍ବାଣୀ ବାଣୀ କୁହାଯାଏ । ସତ୍ୟ ଆଧାତ୍ମିକ ଜ୍ଞାନ (ତତ୍ତ୍ୱଜ୍ଞାନ)କୁ କବୀର ପରମାତ୍ମା ଲୋକୋକ୍ତି, ଦୋହା, ଶବ୍ଦାବଳୀ, ଚୌପଦି ଓ କବିତା ରୂପରେ ପଦରେ କବୀର ବାଣୀ ଦ୍ୱାରା ଗାନ କରି ଶୁଣାନ୍ତି ।

୪. ରଗବେଦ ମଣ୍ଡଳ ୯ ସୂକ୍ତ ୯୪ ମନ୍ତ୍ର ୧ ମଧ ଶୁଣାଇଲା ଯାହାର ଭାବାର୍ଥ ଏହା ଯେ ପରମାତ୍ମା କବିମାନଙ୍କ ଭଳି ଆଚରଣ କରିବା ସହିତ ପୃଥିବୀର ଗୋଟିଏ ସ୍ଥାନରୁ ଅନ୍ୟ ଏକ ସ୍ଥାନକୁ ଯାଆନ୍ତି । ମଈଁଷି ପୁଣି କହୁଛି, ଭୋଳା ପଣ୍ଡିତଗଣ ! ଯିଏ ମୋ ପାଖରେ ଏହି ପଂକ୍ତିରେ, ଯିଏ ମୋ ଉପରେ ହାତ ରଖି ଛିଡ଼ା ହୋଇଛନ୍ତି, ସେ ସେହି ପରମାତ୍ମା କବୀର ଅଟନ୍ତି ଯାହାଙ୍କୁ ଲୋକେ "କବି" କହି ସମ୍ବୋଧିତ କରିଥାନ୍ତି । ତାଙ୍କ କୃପାରେ ମୁଁ ଆଜି ମନୁଷ୍ୟ ଭଳି ବେଦମନ୍ତ୍ର ଶୁଣାଉଅଛି ।

କବୀର ପରମେଶ୍ୱରଜୀ କହିଲେ, ମଈଁଷି ପଣ୍ଡିତେ ! ଆପଣ ବେଦମନ୍ତ୍ର ଉଚ୍ଚାରଣ କରିଥିବା ହେତୁ ପଣ୍ଡିତମାନଙ୍କ ପାଇଁ ଉଦ୍ଦିଷ୍ଟ ଭୋଜନାଳୟକୁ ପ୍ରବେଶ କରି ଭୋଜନ ଗ୍ରହଣ କରନ୍ତୁ । ମୁଁ ଶୁଦ୍ର, ଅଶିକ୍ଷିତ ହୋଇଥିବା କାରଣରୁ ସାଧାରଣ ଜନତାଙ୍କ ପାଇଁ ଉଦ୍ଦିଷ୍ଟ ଭୋଜନାଳୟରେ ଭୋଜନ କରିବାକୁ ଯାଉଛି ।

ମଈଁଷିକୁ କଥା କହୁଥିବାର ଦେଖି ଏକତ୍ରିତ ହୋଇଥିବା ସମସ୍ତ ପଣ୍ଡିତ ସଙ୍ଗେ ସଙ୍ଗେ କବୀରଙ୍କ ଚରଣ ତଳେ ପଡ଼ିଯାଇ ନିଜ ଭୂଲ୍‌ର କ୍ଷମା ପ୍ରାର୍ଥନା କଲେ । ପରମେଶ୍ୱର କବୀର କହିଲେ :-

*କରନୀ ତଜ କଥନୀ କଥୈଁ, ଅଜ୍ଞାନୀ ଦିନରାତ ।*
*କୁକର ଜ୍ୟୌଁ ଭୌଁକତ ଫିରେ ସୁନୀ ସୁନାଈ ବାତ ॥*

ସେହି ପଣ୍ଡିତଗଣ ସତସଙ୍ଗରେ କହୁଥିଲେ ଯେ ଭଗବାନ ରାମଚନ୍ଦ୍ରଜୀ ଶୁଦ୍ର ଜାତିର ଶବରୀ (ଭୀଲନୀ)ର ଅଇଁଠା ବରକୋଳିକୁ ଅତି ଆନନ୍ଦର ସହିତ ଖାଇଲେ, କୌଣସି ଛୁଆଁ-ଅଛୁଆଁ ଭାବନା ରଖି ନଥିଲେ କିନ୍ତୁ ତୁମ୍ଭେମାନେ ନିଜକୁ ପରମାତ୍ମାଙ୍କଠାରୁ ମଧ ଉତ୍ତମ ଭାବୁଛ । କଥାରେ କହୁଛ କିନ୍ତୁ କାର୍ଯ୍ୟରେ କରୁ ନାହଁ । ଶୁଣାକଥା(ଲୋକକଥା) ଜଣେ ଅନ୍ୟ ଜଣକଠାରୁ ଶୁଣି କୁକୁର ଭଳି ଭୁକୁଛ । ସେଠାରେ ଉପସ୍ଥିତ ପଣ୍ଡିତଗଣ ଓ ହଜାର ହଜାର ସଂଖ୍ୟାରେ ସାଧାରଣ ବ୍ୟକ୍ତି କବୀର ବୁଣାକାରଙ୍କ ନିକଟରୁ ଦୀକ୍ଷା ନେଇ ତାଙ୍କ ଶିଷ୍ୟ ହେଲେ । ଶାସ୍ତ୍ରବିରୁଦ୍ଧ ଭକ୍ତି ତ୍ୟାଗ କରି, ଶାସ୍ତ୍ରବିଧି ଅନୁସାରେ ଭକ୍ତି ପ୍ରାରମ୍ଭ କରି ଆତ୍ମକଲ୍ୟାଣ କରାଇଲେ ।

ହେ ଧର୍ମଦାସ ! ଏହି କଥା ଆପଣ ମଧ କହୁଛନ୍ତି ଯେ ଆମ୍ଭେ ଶୁଦ୍ର ଜାତିର ଲୋକମାନଙ୍କୁ ପାଖରେ ମଧ ବସିବାକୁ ଦେଉ ନାହୁଁ । ଧର୍ମଦାସ ବହୁତ ଲଜ୍ଜିତ ହେଲେ । ପରନ୍ତୁ ପରମାତ୍ମାଙ୍କ ଶିକ୍ଷାକୁ ନିଜ ପ୍ରତି ବ୍ୟଙ୍ଗ ଭାବି ଉତ୍ତ୍ୟକ୍ତ ହୋଇଗଲେ ଏବଂ କହିଲେ, ହେ ଜିନ୍ଦା ! ଆପଣଙ୍କ କଡା କଥା ମୋତେ ଭଲ ଲାଗୁ ନାହିଁ । ଆପଣଙ୍କୁ କଥା କହିବାର ଶୈଳୀ ଜଣା ନାହିଁ । କହୁଛନ୍ତି କ'ଣ ନା କୁକୁର ଭଳି ଶୁଣା-ଶୁଣି କଥା ତୁମ୍ଭେ ଭୁକୁଛ । ଏହି କଥା କହି ଧର୍ମଦାସ ମୁହଁ ଫୁଲେଇ ନାରାଜ ହୋଇଗଲେ । ପରମାତ୍ମା ଜିନ୍ଦା ରୂପରେ ଅନ୍ତର୍ଧାନ ହୋଇଗଲେ । ଚତୁର୍ଥ ଥର ଅନ୍ତର୍ଧାନ ହୋଇଯିବାରୁ ଧର୍ମଦାସଙ୍କ ଅସ୍ତବ୍ୟସ୍ତ ହୋଇ ପଡିଲେ । ମୁଣ୍ଡପିଟି କାନ୍ଦିବାକୁ ଲାଗିଲେ । ସେହି ଦିନ ପୁଣି ଥରେ ବୃନ୍ଦାବନରେ ଧର୍ମଦାସ ସହିତ ପରମାତ୍ମାଙ୍କର ବାର୍ତ୍ତା ହୋଇଥିଲା । (ଏହିପରି ପରମେଶ୍ୱର କବୀରଜୀ ମୋଟ ଛଅଥର ଅନ୍ତର୍ଧାନ ହେବା ପରେ ଧର୍ମଦାସଙ୍କର ଚେତା ପଶିଥିଲା) । ଧର୍ମଦାସ କାନ୍ଦି କାନ୍ଦି ବୃନ୍ଦାବନ ମଥୁରାରୁ ଚାଲି ଚାଲି ନିଜ ଗ୍ରାମ ବାନ୍ଧବଗଡ଼ ଆଡ଼କୁ ଆଗେଇଲେ । ଧର୍ମଦାସ ତୀର୍ଥ ଭ୍ରମଣ ପାଇଁ ଛଅମାସର ଯୋଜନା କରିଥିଲେ । ଏଥର କିନ୍ତୁ ସେ ୧୫ ଦିନରେ ଘରକୁ ଫେରି ଆସିଲେ । ଗରୀବ ଦାସଜୀ ନିଜ ଅମୃତବାଣୀରେ କହିଛନ୍ତି :-

*ତହାଁ ୱହାଁ ରୋୱତ ହେ ଧର୍ମନୀ ନାଗର, କହାଁ ଗୟେ ମେରେ ସୁଖକେ ସାଗର ।*
*ଅତି ବିୟୋଗ ହୁଆ ହମ ସେତୀ, ଜୈସେ ନିର୍ଧନ କୀ ଲୁଟ ଜାୟ ଖେତୀ ।*
*ହମ ତୋ ଜାନେ ତୁମ ଦେହ ସ୍ୱରୂପା, ହମରି ବୁଦ୍ଧି ଅନ୍ଧ ଗହର କୂପା ।*
*କହ କରେ ୱୈର ମନ ମେଁ ରୋୱେ, ଦଶୌଁ ଦିଶା କୁଁ ୱୋ ମଘ ଜୋହେ*
*ବେଗ ମିଲୋ କରହୁଁ ଅପଘାତା, ମେଁ ନା ଜୀବୁଁ ସୁନୋ ବିଧାତା ।*

ଧର୍ମଦାସ ଯେତେବେଳେ ବାନ୍ଧବଗଡ଼ରେ ପହଞ୍ଚିଲେ ସେତେବେଳେ ବହୁତ ଜୋର୍‌ରେ କାନ୍ଦୁଥିଲେ । ଘରେ ପ୍ରବେଶ କରିବା ପରେ ତଳକୁ ମୁହଁକରି ଶୋଇ ଖୁବ୍ ଜୋର୍‌ରେ କାନ୍ଦିବାକୁ ଲାଗିଲେ । ତାଙ୍କ ପତ୍ନୀଙ୍କ ନାମ ଆମିନୀ ଦେବୀ ଥିଲା । ନିଜ ପତିଙ୍କ କାନ୍ଦିବା ଦେଖି ଏବଂ ସମୟ ପୂର୍ବରୁ ଫେରି ଆସିବା ଦେଖି ମନେ ମନେ ବିଚାର କଲେ ଯେ ବୋଧ ହୁଏ ଭକ୍ତ ମହାତ୍ମାଙ୍କୁ କେହି ଲୁଟି ନେଇଛି । ଅର୍ଥ ଅଭାବ କାରଣରୁ ଫେରି ଆସିଛନ୍ତି । ଅମିନୀ ଦେବୀ, ଧର୍ମଦାସଙ୍କ ପାଖରେ ବସିପଡ଼ି ନିଜ ହାତରେ ଲୁହ ପୋଛି କହିଲେ, କ'ଣ ପାଇଁ ମନ ଉଣା କରୁଛ ? କିଛି ଅସୁବିଧା ନାହିଁ, କେହି ଯଦି ଆପଣଙ୍କର ଧନ ଲୁଟି ନେଇଛି ନେଉ । ଆପଣଙ୍କ ପାଖାରେ କ'ଣ ଧନର ଅଭାବ ଅଛି, ଅଧିକ ଧନ ନେଇଯାଅ । ନିଜ ତୀର୍ଥଯାତ୍ରା ପୂର୍ଣ୍ଣ କରିସାରି ହିଁ ଆସିବ । ମୁଁ କ'ଣ ତୁମକୁ ମନା କରିବି । କିଛି ସମୟ ପରେ ଧର୍ମଦାସଜୀ ନିଜ ମନକୁ ଦୃଢ଼ କରି କହିଲେ, ଆମିନୀ ଦେବୀ ! ଯଦି ଟଙ୍କା ପଇସା ରୂପୀ ଧନ ଚୋରି ହୋଇ ଯାଇଥାନ୍ତା ତେବେ ମୁଁ ଅଧିକ ଧନ ସାଙ୍ଗରେ ନେଇ ଯାଇପାରିବି କିନ୍ତୁ ମୋର ଏଭଳି ଧନ ଚୋରି ହୋଇଯାଇଛି ଯାହା ଏବେ ଆଉ ମିଳିବ ନାହିଁ । ମୋ ମୂର୍ଖପଣିଆ ଯୋଗୁଁ ନିଜ ହାତରେ ତାହ ମୁଁ ହରାଇଛି । ଜିନ୍ଦା ମହାତ୍ମାଙ୍କ ସହିତ ହୋଇଥିବା ଜ୍ଞାନଚର୍ଚ୍ଚା ଓ ତାଙ୍କଠାରୁ ଶୁଣିଥିବା ସୃଷ୍ଟିରଚନା ବିଷୟ ଆମିନୀ ଦେବୀଙ୍କୁ ଶୁଣାଇଲେ । ପ୍ରମାଣ ସହିତ ସମସ୍ତ ଜ୍ଞାନକୁ ଦେଖି ଆମିନୀ ଦେବୀ କହିଲେ, ସେଠ୍‌ଜୀ ! ଆପଣ ତ ବେପାରରେ ଅତ୍ୟନ୍ତ ନିପୁଣ ଥିଲେ, କ୍ଷତି ହେବା ଭଳି ସଉଦା କେବେ କରୁନଥିଲେ । ଏତେ ପ୍ରମାଣିତ ଜ୍ଞାନ ଦେଖିବା ପରେ ମଧ୍ୟ ଆପଣ ମାନିଲେ ନାହିଁ, କୌଣସି ସାଧୁ ମହାତ୍ମା ଆପଣଙ୍କ ଉପରେ ନାରାଜ ହେବା ସ୍ୱାଭାବିକ । ଅନେକଥର ଆପଣଙ୍କୁ ଦର୍ଶନ ଦେଲେ, ପିଲାଙ୍କ ଭଳି ବୁଝାଇଲେ, ଆପଣ ସେହି ଦାତାଙ୍କୁ କାହିଁକି ଅଗ୍ରାହ୍ୟ କଲେ ? ଧର୍ମଦାସ କହିଲେ, ଆମିନୀ ! ଜୀବନରେ ପ୍ରଥମଥର ପାଇଁ ଏହି ସଉଦାରେ ମୁଁ କ୍ଷତି ସହିଛି । ଏହି କ୍ଷତି ଏବେ ଆଉ ପୂରଣ ହୋଇ ପାରିବ ନାହିଁ ଆମିନୀ ! ସେହି ଧନ ନ ମିଳିଲେ ମୁଁ ମଧ୍ୟ ଜୀବିତ ରହି ପାରିବି ନାହିଁ ।

## ଧର୍ମଦାସଜୀଙ୍କୁ ସତ୍‌ଲୋକ ନେଇଯିବା ବିଷୟ

ଛଅମାସ ପର୍ଯ୍ୟନ୍ତ ପରମେଶ୍ୱର(ଜୀନ୍ଦା ମହାତ୍ମା) ଆସିଲେ ନାହିଁ । ଧର୍ମଦାସ ଆକୁଳ ହୋଇ କାନ୍ଦିବାକୁ ଲାଗିଲେ, ଖାଦ୍ୟ ନାମକୁ ମାତ୍ର ଗ୍ରହଣ କରୁଥାନ୍ତି । ଦିନରେ ଘଣ୍ଟା-ଘଣ୍ଟା ଧରି କାନ୍ଦିବା ଦ୍ୱାରା ଶରୀର ସୁଖିଯାଇ କଣ୍ଟା ଭଳି ହୋଇଗଲା । ଦିନେ ଧର୍ମଦାସଙ୍କୁ ଆମିନୀ ଦେବୀ ପଚାରିଲେ, ହେ ସ୍ୱାମୀ ! ଆପଣଙ୍କର ଏଭଳି ଅବସ୍ଥା ଦେଖି ମୁଁ ସହି ପାରୁନାହିଁ । ଆପଣ ବିଶ୍ୱାସ ରଖନ୍ତୁ, ଆଗରୁ ଯଦି ବହୁତଥର ପରମେଶ୍ୱର (ଜିନ୍ଦା) ଆସିଛନ୍ତି ତେବେ ପୁନର୍ବାର ନିଶ୍ଚୟ ଆସିବେ । ଧର୍ମଦାସ କହିଲେ, ଆଗରୁ କେବେ ଏତେ ବିଳମ୍ବରେ ଆସି ନଥିଲେ । ଏମିତି ଲାଗୁଛି ମୋ ଭଳି ମହାପାପୀ ପ୍ରତି ପରମେଶ୍ୱର ବହୁତ ନାରାଜ ହୋଇ ଯାଇଛନ୍ତି । ପରିସ୍ଥିତି ମଧ୍ୟ ସେହିଭଳି ନାରାଜ ହେବା ଭଳି ହୋଇଯାଇଛି । ମୁଁ ମହାମୂର୍ଖ, ଆମିନୀ ଦେବୀ ! ଏବେ ତାଙ୍କ ମୂଲ୍ୟ ମୁଁ ବୁଝି ପାରିଛି । ସେ ଅତ୍ୟନ୍ତ ସରଳ ଓ ନିଃଷ୍କପଟ, ସେ, ପରମାତ୍ମାଙ୍କର ବିଶେଷ କୃପାପାତ୍ର ଅଟନ୍ତି । ଏତେ ଜ୍ଞାନ ପୂର୍ବରୁ ନା ମୁଁ କେବେ ଶୁଣିଛି ନା କେବେ ଦେଖିଛି । ଆମିନୀ ପଚାରିଲେ, ଆପଣଙ୍କୁ ସେ ନିଶ୍ଚୟ କହିଥିବେ ଯେ କେଉଁ ଉପାୟରେ ଦର୍ଶନ ଦିଅନ୍ତି, କେଉଁ ସ୍ଥାନକୁ ଯାଆନ୍ତି ? ଧର୍ମଦାସ କହିଲେ, ସେ କହୁଥିଲେ ମୁଁ ସେହି ସ୍ଥାନକୁ ନିଶ୍ଚୟ ଯାଏ ଯେଉଁଠାରେ ଧର୍ମ ଭଣ୍ଡାରା(ଭୋଜି) ହୁଏ । ସେଠାରେ ଲୋକଙ୍କୁ ମୁଁ ଜ୍ଞାନ ବୁଝାଏ । ଆମୀନୀ ଦେବି କହିଲେ, ଆପଣ ଭୋଜନ ଭଣ୍ଡାରାର ଆୟୋଜନ କରନ୍ତୁ । ହୁଏତ ଜିନ୍ଦା ବାବା ସେହି ଭଣ୍ଡାରାକୁ ଆସି ପାରନ୍ତି । ଧର୍ମଦାସ କହିଲେ, ମୁଁ ତିନିଦିନ ପାଇଁ ଭଣ୍ଡାରା କରିବି । ଅମିନୀ ଦେବୀ ପ୍ରଥମରୁ କୃପଣ ଥିଲେ । ଧର୍ମଦାସ ତିନିଦିନର ଭଣ୍ଡାରା କରିବା କଥା କହିଥିଲେ ସେ ନିଶ୍ଚୟ ଗୋଟିଏ ଦିନ ପାଇଁ ଜିଦ୍ କରିଥାନ୍ତେ କିନ୍ତୁ ସେଦିନ ଆମିନୀ ଦେବୀ ସଙ୍ଗେ-ସଙ୍ଗେ ସମ୍ମତି ପ୍ରକାଶ କରି କହିଲେ ଯେ କୌଣସି ଅସୁବିଧା

ନାହିଁ । ଆପଣ ତିନିଦିନ ପାଇଁ ଭଣ୍ଡାରା ଆୟୋଜନ କରନ୍ତୁ । ଧର୍ମଦାସ ତିନିଦିନର ଭୋଜନ-ଭଣ୍ଡାରା କାର୍ଯ୍ୟକ୍ରମର ସଂଦେଶ ଦୂର-ଦୂର ପର୍ଯ୍ୟନ୍ତ ପଠାଇ ଦେଲେ । ସାଧୁମାନଙ୍କ ନିକଟକୁ ନିମନ୍ତ୍ରଣ ପଠାଇଲେ । ନିର୍ଦ୍ଧାରିତ ଦିନରେ ଭଣ୍ଡାରା ଆରମ୍ଭ ହେଲା । ଦୁଇଦିନ ବିତି ଗଲା । ସାଧୁ-ମହାତ୍ମାମାନେ ଆସିଲେ, ଜ୍ଞାନଚର୍ଚ୍ଚା ଚାଲୁ ରହିଲା କିନ୍ତୁ ଯେଉଁ ଜ୍ଞାନ ଜିନ୍ଦାବାବା କହିଥିଲେ ତାହାର ଉତ୍ତର କାହା ପାଖରୁ ମିଳିଲା ନାହିଁ । ଧର୍ମଦାସ ଜାଣିଶୁଣି ସାଧୁମାନଙ୍କୁ ପ୍ରଶ୍ନ କରୁଥିଲେ ଯେ କ'ଣ ବ୍ରହ୍ମା, ବିଷ୍ଣୁ, ଶିବଙ୍କର ମଧ୍ୟ ଜନ୍ମ ହୋଇଥାଏ ? ଉତ୍ତରରେ ସେହି ପୁରୁଣା କଥା ମିଳୁଥିଲା ଯେ ସେମାନଙ୍କର କେହି ମାତା-ପିତା ନାହାଁନ୍ତି । ଏଥିରୁ ସ୍ପଷ୍ଟ ହୋଇ ଯାଇଥିଲା ଯେ ସେହି ଜିନ୍ଦା ମହାତ୍ମା ଭଣ୍ଡାରାକୁ ଆସିନାହାଁନ୍ତି । ରୂପ ବଦଳାଇ ଯଦି ଆସିଥାନ୍ତେ ତେବେ ସଠିକ୍ ଜ୍ଞାନ ନିଶ୍ଚୟ କହିଥାନ୍ତେ । ତୃତୀୟ ଦିନ ମଧ୍ୟ ଦ୍ୱିପ୍ରହର ପର୍ଯ୍ୟନ୍ତ ଜିନ୍ଦାବାବା ଆସିଲେ ନାହିଁ । ଧର୍ମଦାସ ଦୃଢ ନିଷ୍ଚୟ କରି କହିଲେ ଯେ ଯଦି ଆଜି ଜିନ୍ଦାବାବା ନ ଆସିବେ ତେବେ ମୁଁ ଆତ୍ମହତ୍ୟା କରିବି । ଏଭଳି ବଞ୍ଚିବା ଅପେକ୍ଷା ମରିଯିବା ଶ୍ରେୟସ୍କର । ପରମାତ୍ମା ଅନ୍ତର୍ଯ୍ୟାମୀ ଅଟନ୍ତି ତେଣୁ ଜାଣିଗଲେ ଯେ ଆଜି ଭକ୍ତ ନିଶ୍ଚୟ ମରିବ । ସେହି ସମୟରେ କିଛି ଦୂରରେ ଥିବା ଏକ କଦମ୍ବ ଗଛ ତଳେ ସେହି ଜିନ୍ଦା ମହାତ୍ମା ବେଶଭୂଷାରେ ବସି ଧର୍ମଦାସଙ୍କୁ ଦୃଶ୍ୟମାନ ହେଲେ । ସଙ୍ଗେ ସଙ୍ଗେ ଧର୍ମଦାସ ଦୌଡ଼ିଯାଇ ଧ୍ୟାନପୂର୍ବକ ଦେଖିଲେ ଏବଂ ଜିନ୍ଦା ମହାତ୍ମାଙ୍କୁ ଆଲିଙ୍ଗନ କଲେ । ନିଜ ଭୂଲ୍ ପାଇଁ କ୍ଷମା ମାଗିଲେ । ପୁନର୍ବାର ଏଭଳି ଭୂଲ୍ ନ କରିବା ପାଇଁ ବାରମ୍ବାର ଶପଥ ନେଲେ । ତତପଶ୍ଚାତ୍ ପରମାତ୍ମା, ଧର୍ମଦାସଙ୍କ ଘରକୁ ଗଲେ । ଆମିନୀ ଦେବୀ ଓ ଧର୍ମଦାସ ଦୁହେଁ ବହୁତ ସେବା କଲେ । ଦୁହେଁ ଦୀକ୍ଷା ନେଲେ । ପରମାତ୍ମା ଜିନ୍ଦା ରୂପରେ ସେମାନଙ୍କୁ ପ୍ରଥମ ମନ୍ତ୍ର ଦୀକ୍ଷା ଦେଲେ । କିଛିଦିନ ପର୍ଯ୍ୟନ୍ତ ପରମେଶ୍ୱର ସେମାନଙ୍କ ବଗିଚାରେ ରହିଲେ । ପୁଣି ଦିନେ ଧର୍ମଦାସ ଏଭଳି ଏକ ଭୂଲ୍ କରିଦେଲେ ଯେ ପରମାତ୍ମା ଅଚାନକ ଅନ୍ତର୍ଧାନ ହୋଇଗଲେ । ଧର୍ମଦାସ ନିଜର ଭୂଲ୍ ପାଇଁ ବହୁତ ଅନୁତାପ କଲେ । ଖାଦ୍ୟପେୟ ତ୍ୟାଗ କରିଦେଲେ । ପ୍ରତିଜ୍ଞା କଲେ ଯେ ଯେତେ ପର୍ଯ୍ୟନ୍ତ ଆପଣ ଦର୍ଶନ ଦେବେ ନାହିଁ ସେତେ ପର୍ଯ୍ୟନ୍ତ ଖାଇବା-ପିଇବା ବନ୍ଦ । ଏହି କାରଣରୁ ଧର୍ମଦାସଙ୍କ ଶରୀର ବହୁତ ଦୁର୍ବଳ ହୋଇଗଲା । ଉଠି-ବସି ପାରିଲେ ନାହିଁ । ଷଷ୍ଠଦିନରେ ପରମାତ୍ମା ଆସିଲେ । ଧର୍ମଦାସଙ୍କୁ ନିଜ ହାତରେ ଉଠାଇ ଆଲିଙ୍ଗନ କଲେ । ନିଜ ହାତରେ ଖାଦ୍ୟ ଖୁଆଇଲେ । ପ୍ରଥମେ ଧର୍ମଦାସ ଚରଣ ଧୋଇଦେଇ ଚରଣାମୃତ ପାନ କଲେ । ତା'ପରେ ଜ୍ଞାନ ଚର୍ଚ୍ଚା ଆରମ୍ଭ ହେଲା । ଧର୍ମଦାସ ପଚାରିଲେ, ପ୍ରଭୁ, ଆପଣଙ୍କୁ ଏତେ ଜ୍ଞାନ କିପରି ପ୍ରାପ୍ତି ହେଲା ?

ପରମେଶ୍ୱର କହିଲେ, ମୋତେ ସଦଗୁରୁ ମିଳିଛନ୍ତି । ସେ କାଶୀ ସହରରେ ରୁହନ୍ତି । ତାଙ୍କ ନାମ କବୀର ଅଟେ । ସେ ସ୍ୱୟଂ ପରମେଶ୍ୱର ଅଟନ୍ତି । ସେ ସଦଗୁରୁ ରୂପ ଧାରଣକରି ଲୀଳା କରୁଛନ୍ତି । ସେ ବୁଣାକାର କାର୍ଯ୍ୟ କରନ୍ତି, ସେ ମୋତେ ସତ୍ୟଲୋକ ଦେଖାଇଲେ, ସେହି ସତ୍ୟଲୋକ ସବୁଠାରୁ ସ୍ୱତନ୍ତ୍ର ଅଟେ । ସେଠାରେ ଯେଉଁ ସୁଖ ଅଛି ତାହା ସ୍ୱର୍ଗରେ ମଧ୍ୟ ନାହିଁ । ଚିରହରିତ ଫଳନ୍ତି ବୃକ୍ଷ, ସୁନ୍ଦର ବଗିଚା ଅଛି, ଦୁଗ୍ଧର ନଦୀ ପ୍ରବାହିତ ହେଉଛି । ସୁନ୍ଦର ନର-ନାରୀ ସେଠାରେ ରୁହନ୍ତି ଯେଉଁମାନେ କେବେ ବୃଦ୍ଧ-ବୃଦ୍ଧା ହୁଅନ୍ତି ନାହିଁ । ସେଠାରେ କେବେ ମୃତ୍ୟୁ ହୁଏ ନାହିଁ । ଯିଏ ସଦଗୁରୁଙ୍କଠାରୁ ତତ୍ୱଜ୍ଞାନ ଶୁଣି, ସତ୍ୟନାମ ପ୍ରାପ୍ତକରି ଭକ୍ତି କରେ ସେ ସେହି ପରମଧାମକୁ ପ୍ରାପ୍ତ କରିଥାଏ । ଏହାର ବର୍ଣ୍ଣନା ଗୀତା ଅଧ୍ୟାୟ ୧୫ ଶ୍ଲୋକ ୪ରେ ମଧ୍ୟ ଅଛି । ଧର୍ମଦାସ ଜିଦ୍ କରି କହିଲେ, ହେ ମହାରାଜ ! ମୋତେ ସେହି ଅମରଲୋକ ଦେଖାଇବାର କୃପା କରନ୍ତୁ ଯାହା ଦ୍ୱାରା ମୋର ବିଶ୍ୱାସ ଦୃଢ ହୋଇଯିବ । ପରମେଶ୍ୱରଜୀ କହିଲେ, ଆପଣ ଭକ୍ତି କରନ୍ତୁ । ଯେତେବେଳେ ଶରୀର ତ୍ୟାଗ କରିବେ ସେତେବେଳେ ସେହି ଅମରଲୋକକୁ ପ୍ରାପ୍ତ କରିବେ । ଧର୍ମଦାସ ଅଧିକ ଆଗ୍ରହ ପ୍ରକାଶ କରିବାରୁ ପରମେଶ୍ୱର (ଜିନ୍ଦା) କହିଲେ, ଠିକ୍ ଅଛି, ଚାଲନ୍ତୁ ଆପଣଙ୍କୁ ସତ୍ୟଲୋକକୁ ନେଇଯିବି । ଧର୍ମଦାସଙ୍କ ଆତ୍ମାକୁ ଶରୀରରୁ

ବାହାର କରି ଉପରେ ଥିବା ସତ୍ୟଲୋକକୁ ନେଇଗଲେ । ପରମେଶ୍ୱଙ୍କ ଦରବାରର ଦ୍ୱାର ନିକଟରେ ଜଣେ ଦ୍ୱାରପାଳ ଛିଡ଼ା ହୋଇଥିଲେ । ଜିନ୍ଦାବାବା ରୂପରେ ପରମେଶ୍ୱର ଛିଡ଼ା ହୋଇଥିବା ସେହି ଦ୍ୱାରପାଳଙ୍କୁ କହିଲେ ଯେ ଧର୍ମଦାସଙ୍କୁ ପରମେଶ୍ୱରଙ୍କ ଦର୍ଶନ କରାଇ ଆଣ । ଦ୍ୱାରପାଳ ଅନ୍ୟ ଜଣେ ହଂସ (ସତ୍ୟଲୋକରେ ଭକ୍ତମାନଙ୍କୁ ହଂସ କୁହାଯାଏ)ଙ୍କୁ କହିଲେ ଯେ ଧର୍ମଦାସଙ୍କୁ ସିଂହାସନ ପାଖକୁ ନେଇଯାଅ, ସତ୍ୟପୁରୁଷଙ୍କ ଦର୍ଶନ କରାଇ ଆଣ । ସେଠାରେ ଉପସ୍ଥିତ ଥିବା ବହୁତ ହଂସ (ଭକ୍ତ) ଓ ହଂସିନୀ (ନାରୀ-ଭକ୍ତମତି) ଏକତ୍ରିତ ହୋଇ, ନାଚ-ଗୀତ କରି ଧର୍ମଦାସଙ୍କୁ ସମ୍ମାନର ସହିତ ପାଛୋଟି ନେଲେ । ସମସ୍ତ ହଂସ ଓ ନାରୀ (ହଂସୀନୀ) ବେକରେ ସୁନ୍ଦର ମାଳ ପିନ୍ଧିଥିଲେ । ସେମାନଙ୍କ ଶରୀରର ପ୍ରକାଶ (ତେଜ) **୧**୬ଟି ସୂର୍ଯ୍ୟର ପ୍ରକାଶ ସହିତ ସମାନ ଥିଲା । ସିଂହାସନ ଉପରେ ବସିଥିବା ସତ୍ୟପୁରୁଷଙ୍କୁ ଧର୍ମଦାସ ଦେଖନ୍ତି ତ ସେହି ଜିନ୍ଦାବାବା ରୂପ ଦୃଶ୍ୟମାନ ହେଲା ଯେଉଁ ସ୍ୱରୂପ ଧରିତ୍ରୀ ଉପରେ ଥିଲା । କିନ୍ତୁ ସେଠାରେ ସତ୍ୟପୁରୁଷଙ୍କର ଗୋଟିଏ ଲୋମ (ଶରୀରର ବାଳ)ର ତେଜ କୋଟିଏ ସୂର୍ଯ୍ୟ ଓ କୋଟିଏ ଚନ୍ଦ୍ରମାର ପ୍ରକାଶଠାରୁ ମଧ୍ୟ ଅଧିକ ଥିଲା । ଜିନ୍ଦାରୂପରେ ତଳୁ ଯାଇଥିବା ପରମାତ୍ମା ତଖତ୍ (ସିଂହାସନ) ଉପରେ ବିରାଜମାନ ନିଜ ଦ୍ୱିତୀୟ ରୂପ ଉପରେ ଚଅଁର ବୁଲାଇବାକୁ ଲାଗିଲେ । ଧର୍ମଦାସ ଭାବିଲେ ଯେ ଜିନ୍ଦାବାବା ନିଶ୍ଚୟ ଏହି ପରମେଶ୍ୱରଙ୍କର ସେବକ ହୋଇଥିବ । ପରନ୍ତୁ ସ୍ୱରୂପ ଏକାପରି ଲାଗୁଛି । କିଛି ସମୟ ପରେ ସିଂହାସନରେ ବସିଥିବା ପରମେଶ୍ୱର ଛିଡ଼ା ହୋଇଗଲେ ଏବଂ ଜିନ୍ଦାବାବା ସିଂହାସନ ଉପରେ ବିରାଜମାନ ହେଲେ । ତେଜୋମୟ ଶରୀରରେ ଥିବା ପ୍ରଭୁ ଜିନ୍ଦାବାବାଙ୍କ ଶରୀରରେ ମିଶିଗଲେ । ଏହା ଦେଖି ଧର୍ମଦାସ ଲଜ୍ଜିତ ହୋଇଗଲେ । ନିଜକୁ ଧିକ୍କାର କରିବାକୁ ଲାଗିଲେ ଯେ ମୁଁ ଦୁଷ୍ଟ ପରମେଶ୍ୱରଙ୍କୁ କେତେ ଯେ ଦୁଃଖୀ କଲି, କେତେ ଯେ ଅପମାନିତ କଲି । ମୋତେ ସେଠାରେ ବିଶ୍ୱାସ ହେଲା ନାହିଁ । ପରମାତ୍ମାଙ୍କ ଦର୍ଶନ କରାଇ ଧର୍ମଦାସଙ୍କୁ ସତ୍ୟଲୋକର ଭକ୍ତମାନେ ଫେରାଇ ଆଣିଲେ, ତିନିଦିନ ଧରି ସତ୍ୟଲୋକରେ ରହିଲେ । ସେପଟେ ତିନିଦିନ ପର୍ଯ୍ୟନ୍ତ ଅଚେତ ଥିବା ଧର୍ମଦାସଙ୍କୁ ଦେଖିବା ପାଇଁ ଘର, ଗାଁ, ବନ୍ଧୁ-ସର୍ମ୍ପକୀୟମାନେ ସମସ୍ତେ ଧର୍ମଦାସଙ୍କ ବାନ୍ଧବଗଡ଼ ଘରେ ଏକତ୍ରିତ ହୋଇଗଲେ । କେହି ଫୁଙ୍କା-ଝଡ଼ା କରାଉଥିଲା ତ କେହି ବୈଦ୍ୟଙ୍କ ଦ୍ୱାରା ଉପଚାର କରାଉଥିଲା, କିନ୍ତୁ ସମସ୍ତ ପ୍ରୟାସ ବ୍ୟର୍ଥ ହୋଇସାରିଥିଲା । କାହାର ଆଶା ନଥିଲା ଯେ ଧର୍ମଦାସ ପୁଣି ଜୀବିତ ହେବେ । ତୃତୀୟ ଦିନରେ ପରମାତ୍ମା ଧର୍ମଦାସଙ୍କ ଆତ୍ମାକୁ ଶରୀର ଭିତରକୁ ପ୍ରବେଶ କରାଇଦେଲେ । ଧର୍ମଦାସଙ୍କୁ ସେହି ବଗିଚାରୁ ଉଠାଇ ଘରଭିତରକୁ ନେଇ ଯାଇଥିଲେ, ଯେଉଁଠାରୁ ପରମାତ୍ମା ତାଙ୍କୁ ସତ୍ୟଲୋକକୁ ନେଇ ଯାଇଥିଲେ । ଧର୍ମଦାସ ସଚେତ ହୋଇ ଯାଇଥିଲେ । ଧର୍ମଦାସ ସଚେତ ହେବା ମାତ୍ରେ ବଗିଚାର ଥିବା ସେହି ସ୍ଥାନକୁ ଯାଇ ଦେଖନ୍ତି ତ ସତ୍ୟଲୋକର ସେହି ପରମାତ୍ମା, ଜିନ୍ଦାବାବା ରୂପରେ ସେଠାରେ ବସିଥିଲେ । ଧର୍ମଦାସ ଚରଣ ତଳେ ପଡ଼ିଯାଇ କହିବାକୁ ଲାଗିଲେ, ହେ ପ୍ରଭୁ ! ମୁଁ ଅଜ୍ଞାନୀ, ମୋତେ କ୍ଷମା କରନ୍ତୁ ପ୍ରଭୁ ! :-

*"ଅବଗୁଣ ମେରେ ବାପ ଜୀ, ବକ୍ସୋ ଗରୀବ ନିୱାଜ" ।*
*ଜୋ ମୈଁ ପୁତ କୁପୁତ ହୁଁ, ବହୁର ପିତା କୋ ଲାଜ"*

ମୋତେ ବିଶ୍ୱାସ ହେଉ ନଥିଲା ଯେ ଆପଣ ପରମାତ୍ମା ଅଟନ୍ତି, ଆପଣ ପରମ ଅକ୍ଷରବ୍ରହ୍ମ ଅଟନ୍ତି । ବେଳେ-ବେଳେ ମୋ ଆତ୍ମା କହୁଥିଲା ଯେ ପୂର୍ଣ୍ଣବ୍ରହ୍ମଙ୍କ ବିନା ଏଭଳି ଜ୍ଞାନ ପୃଥିବୀ ଲୋକରେ କିଏ ଶୁଣାଇ ପାରିବ । କିନ୍ତୁ ମନ ତୁରନ୍ତ ବିପରୀତ ବିଚାର ସୃଷ୍ଟି କରୁଥିଲା । ହେ ସତ୍ୟପୁରୁଷ ! ଆପଣ ନିଜ ଶରୀରର ସେହି ଶୋଭା ଏଠାରେ କାହିଁକି ପ୍ରକଟ କରି ନାହାଁନ୍ତି ଯେଉଁ ଶୋଭା ସତ୍ୟଲୋକରେ ଅଛି ।

ପରମେଶ୍ୱର କହିଲେ, ଧର୍ମଦାସ ! ଯଦି ସେହି ତେଜଯୁକ୍ତ ଶରୀର ଧାରଣ କରି ଏହି ମହାକାଳ ଲୋକକୁ ମୁଁ ଆସିବି ତେବେ କ୍ଷରପୁରୁଷ (ଜ୍ୟୋତି ନିରଞ୍ଜନ ଅର୍ଥାତ୍ ବ୍ରହ୍ମ ଅର୍ଥାତ୍ କାଳପୁରୁଷ ମଧ୍ୟ

ଏହାକୁ କୁହାଯାଏ) ଆତଙ୍କିତ ହୋଇଯିବ । ମୋର ସମସ୍ତ କାର୍ଯ୍ୟ ମୁଁ ଗୁପ୍ତ ଭାବରେ କରିଥାଏ । ତେଣୁ ଏହି କାଳପୁରୁଷ ଅର୍ଥାତ୍ ଅଲେଖ ନିରଞ୍ଜନ ମୋତେ ଜଣେ ସିଦ୍ଧିଯୁକ୍ତ ସନ୍ଥ ବୋଲି ଭାବିଥାଏ । ପରନ୍ତୁ କାଳକୁ ଏକଥା ଜଣା ନାହିଁ ଯେ ମୁଁ କିଏ ଓ କେଉଁଠାରୁ ଆସିଛି ? । ପରମେଶ୍ୱର ଧର୍ମଦାସଙ୍କୁ ପ୍ରଶ୍ନ କଲେ, ହେ ଧର୍ମଦାସ ! ମୋ ଦେଶ ତୁମକୁ କେମିତି ଲାଗିଲା ? ଧର୍ମଦାସ କହିଲେ, ହେ ପରମେଶ୍ୱର ! ଏହି ସଂସାରରେ ଏବେ ମୋର ଆଉ ମନ ଲାଗୁ ନାହିଁ । ସେହି ପବିତ୍ର ସ୍ଥାନ ତୁଳନାରେ ଏହି କାଳପୁରୁଷର ସମ୍ପୂର୍ଣ୍ଣ ଲୋକ (୨୧ ବ୍ରହ୍ମାଣ୍ଡର) ନର୍କ ପରି ଲାଗୁଛି । ଜନ୍ମ-ମୃତ୍ୟୁ ଏଠାକାର ଅଟଳ ବିଧାନ ଅଟେ । ଏଠାରେ ଚୌରାସୀ ଲକ୍ଷ ପ୍ରକାରର ପ୍ରାଣୀଙ୍କ ଜୀବନ ଭୋଗ କରିବା ମଧ୍ୟ ବାଧ୍ୟତାମୂଳକ ଅଟେ । ଏଠାରେ ପ୍ରତ୍ୟେକ ପ୍ରାଣୀ ଏହି ଆଶାରେ ବଞ୍ଚିଥାଏ ଯେ ଏବେ ମୁଁ ମରିବି ନାହିଁ କିନ୍ତୁ ଅଚାନକ ଯେକୌଣସି ସମୟରେ ମୃତ୍ୟୁ ପ୍ରାପ୍ତ କରିଥାଏ । ଏଠାରେ ପ୍ରତ୍ୟେକ ପ୍ରାଣୀ ଅନ୍ୟ ପ୍ରାଣୀ ସହିତ ଛଳକପଟ ଭାବ ରଖି କଥାବାର୍ତ୍ତା କରିଥାଏ । କିନ୍ତୁ ଆପଣଙ୍କ ସତ୍ୟଲୋକରେ ସମସ୍ତ ବ୍ୟକ୍ତି ପ୍ରେମର ସହିତ କଥାବାର୍ତ୍ତା କରିବା ସହିତ ନିଃଷ୍କପଟ ବ୍ୟବହାର କରିଥାନ୍ତି । ମୁଁ ତିନିଦିନ ପର୍ଯ୍ୟନ୍ତ ଏହି କଥା ସେଠାରେ ଦେଖିଥିଲି । ଯଦି ଧର୍ମଦାସ ନିଜ ଘରେ ଉପସ୍ଥିତ ଥିବା ତାଙ୍କ ଅଚେତ ହେବାର ସାକ୍ଷୀ ସେହି ସ୍ୱଜନଙ୍କୁ ଦେଖି ନଥାନ୍ତେ ତେବେ ସେ ଏହା ଭାବିଥାନ୍ତେ ଯେ କୌଣସି ଏକ ସ୍ୱପ୍ନ ବୋଧେ ମୁଁ ଦେଖିଛି । ପରନ୍ତୁ ଏବେ ସେ ଦୃଢ ନିଶ୍ଚିତ ହୋଇ ଯାଇଥିଲେ ।

(ଉପରୋକ୍ତ ବର୍ଣ୍ଣନା, ପବିତ୍ର କବୀର ସାଗରର "ଜ୍ଞାନ ପ୍ରକାଶ"ଅଧ୍ୟାୟର ପୃଷ୍ଠା ୫୭-୫୮ରେ, "ମୋହମ୍ମଦ୍ ବୋଧ" ପୃଷ୍ଠା ୨୦-୨୧ରେ, ଦଶ ମୁକାମୀ ରେଖତା "ଜ୍ଞାନ ସ୍ଥିତି ବୋଧ" ପୃଷ୍ଠା ୮୩ ରେ, "ଅମର ମୂଳ" ପୃଷ୍ଠା୨୦୨ରେ ଅଛି) ।

## ''ଗୁରୁ ବଦଳାଇ ପାରିବା କି ?''

ଧର୍ମଦାସ ପ୍ରଶ୍ନ କଲେ :-

ପ୍ରଶ୍ନ ୫୨ (ଧର୍ମଦାସଜୀଙ୍କର):- ହେ ପ୍ରଭୁ ! ଆମ୍ଭେ ଗୁରୁ ବଦଳାଇ ପାରିବୁ କି ? ସନ୍ଥମାନଙ୍କଠାରୁ ଶୁଣିଛୁ ଯେ ଗୁରୁ ବଦଳିବା ଉଚିତ୍ ନୁହେଁ । ଗୁରୁ ଏକ, ଜ୍ଞାନ ଅନେକ ।

ଉତ୍ତର (ସତ୍ୟପୁରୁଷଙ୍କର) :- ଜବ ତକ ଗୁରୁ ମିଲେ ନହୀଁ ସାଚା, ତବ ତକ ଗୁରୁ କରୋ ଦସ ପାଞ୍ଚା ।

*କବୀର ଝୁଠେ ଗୁରୁ କେ ପକ୍ଷ କୋ, ତଜତ ନ ଲାଗେ ବାର । ଦ୍ୱାର ନ ପାବେ ମୋକ୍ଷ କା, ରହ ବାର କା ବାର ॥*

ଭାବାର୍ଥ:- ଯେପର୍ଯ୍ୟନ୍ତ ବାସ୍ତବିକ ଗୁରୁ (ସଦଗୁରୁ) ନ ମିଳିଛନ୍ତି ସେପର୍ଯ୍ୟନ୍ତ ଗୁରୁ ବଦଳାଇ ଚାଲିବା ଉଚିତ୍ । ଯେତେ ବି ଗୁରୁ କରିବାକୁ ପଡୁନା କହିଁକି, ଯେତେ ବି ଗୁରୁ ବଦଳିବାକୁ ପଡୁନା କାହିଁକି, ଭଣ୍ଡଗୁରୁଙ୍କୁ ଯଥାଶିଘ୍ର ତ୍ୟାଗ କରିଦେବା ଉଚିତ୍ ।

*କବୀର, ଡୁବେ ଥେ ପର ଉଭରେ, ଗୁରୁକେ ଜ୍ଞାନ ଚମକ । ବେଡ଼ା ଦେଖା ଜର ଜରା, ଉତର ଚଲେ ଫଡ଼କ ।*

ଜଣାପଡ଼ିଲା ଯେ ଆମ୍ଭମାନଙ୍କର ଜ୍ଞାନ ଓ ସମାଧାନ (ସାଧନା) ଭୂଲ୍ । ତେଣୁ ଏପରି ଗୁରୁ ବଦଳାଇଲି ଯେପରି କୌଣସି ପଶୁ ହଠାତ୍ ଚମକି ପଡ଼ି  ଭୟରେ କ୍ଷୀପ୍ରଗତିରେ ଦୌଡ଼ିଥାଏ ଏବଂ ଯେପରି ରାତ୍ର ସମୟରେ ଯାତ୍ରା କରୁଥିବା ଯାତ୍ରୀକୁ ସକାଳର ଆଲୋକରେ ଜଣା ପଡ଼ିଯାଏ ଯେ ଯେଉଁ ନୌକାରେ ଆମ୍ଭେ ବସିଛେ ସେଥିରେ ପାଣି ପ୍ରବେଶ କରୁଛି ଏବଂ ନିକଟରେ ସୁରକ୍ଷିତ ଓ ମଜଭୁତ ନୌକା ଯଦି ଅଛି ତେବେ ବୁଦ୍ଧିମାନ ଯାତ୍ରୀ ଯିଏ ନିଶାସେବାନ କରିନଥିବ, ସେ ଭଙ୍ଗା ନୌକାକୁ ତ୍ୟାଗ କରି ମଜଭୁତ (**Leak Proof**) ନୌକାରେ ବସି ପଡନ୍ତି । ମୁଁ ଯେତେବେଳେ କାଶୀରେ ସତ୍ୟଗୁରୁ କବୀରଜୀଙ୍କଠାରୁ ଏହି ଜ୍ଞାନ ଶୁଣିଲି ଯାହା ଆପଣଙ୍କୁ ଶୁଣାଉଛି ସେତେବେଳେ ମୁଁ ଜାତି-ଧର୍ମ ପ୍ରତି ଦୃଷ୍ଟି ଦେଲି ନାହିଁ । ସଙ୍ଗେ ସଙ୍ଗେ ସତ୍ୟଗୁରୁଙ୍କ ଶରଣାପନ୍ନ ହୋଇ ତାଙ୍କ ଠାରୁ ଦୀକ୍ଷା ମନ୍ତ୍ର ନେଇ ଭକ୍ତି କରୁଅଛି । ସଦଗୁରୁ ମୋତେ ଦୀକ୍ଷା ଦେବା ପାଇଁ ଆଦେଶ ଦେଇଛନ୍ତି । ହେ ଧର୍ମଦାସ ! ବିଚାର କରନ୍ତୁ,

ଯଦି ଜଣେ ବୈଦ୍ୟ ଦ୍ୱାରା ରୋଗୀ ସୁସ୍ଥ ନ ହେଉଛି ତେବେ ଅନ୍ୟ ଡ଼ାକ୍ତର ପାଖକୁ କ'ଣ ସେ ଯାଏନାହିଁ ?

ଧର୍ମଦାସ କହିଲେ, ଅନ୍ୟ ଡ଼ାକ୍ତର ପାଖକୁ ଯାଇଥାଏ, ଯିବା ମଧ୍ୟ ଉଚିତ୍, ଜୀବନ ରକ୍ଷା କରିବା ଉଚିତ୍ । ପରମେଶ୍ୱର କହିଲେ, ଏହିପରି ମନୁଷ୍ୟ ଜନ୍ମ ଜୀବ କଲ୍ୟାଣ ପାଇଁ ମିଳିଥାଏ । ଜୀବକୁ ଜନ୍ମ-ମରଣ ରୂପୀ ଦୀର୍ଘ ରୋଗ ଲାଗିଛି । ଏହା ସତ୍ୟନାମ ଓ ସାରନାମ ବିନା ସମାପ୍ତ ହେବ ନାହିଁ । ଏହି ଦୁଇମନ୍ତ୍ର ସଦଗୁରୁ କବୀର ଦେଇଛନ୍ତି ଯିଏ କାଶୀରେ ରୁହନ୍ତି, ଏହି ମନ୍ତ୍ର ପୃଥିବୀ ପୃଷ୍ଠରେ ଅନ୍ୟ କାହା ପାଖରେ ନାହିଁ । ଆପଣ କାଶୀକୁ ଯାଇ ଦୀକ୍ଷା ନିଅନ୍ତୁ, ଆପଣଙ୍କର କଲ୍ୟାଣ ହୋଇଯିବ କାରଣ ସତ୍ୟଗୁରୁଙ୍କ ବିନା ମୋର ସେହି ସତ୍ୟଲୋକ ଆପଣ ପ୍ରାପ୍ତ କରି ପାରିବେ ନାହିଁ ।

ଧର୍ମଦାସ କହିଲେ, ଆପଣ ସ୍ୱୟଂ ସତ୍ୟପୁରୁଷ ଅଟନ୍ତି । ଏବେ ମୁଁ ଆଉ ଭ୍ରମିତ ହେବି ନାହିଁ । ଆପଣ ନିଜକୁ ଲୁଚାଉଛନ୍ତି । ହେ ପ୍ରଭୁ ! ମୁଁ , ଗୁରୁ ରୂପଦାସଙ୍କଠାରୁ ଦୀକ୍ଷା ନେଇଛି । ପ୍ରଥମେ ମୁଁ ତାଙ୍କଠାରୁ ଗୁରୁ ବଦଳାଇବା ପାଇଁ ଆଦେଶ ନେବି ଯଦି ସେ ହଁ କହିବେ ତେବେ ମୁଁ ଗୁରୁ ବଦଳାଇବି । ପରନ୍ତୁ ଧର୍ମଦାସଙ୍କ ମୂର୍ଖ ଆଚରଣ ଦେଖି ପରମେଶ୍ୱର ଷଷ୍ଠଥର ପୁଣି ଅନ୍ତର୍ଧ୍ୟାନ ହୋଇଗଲେ । ଧର୍ମଦାସ ପୁଣି ବ୍ୟାକୁଳ ହେଲେ । ପ୍ରଥମେ ରୂପଦାସଙ୍କ ନିକଟକୁ ଗଲେ ଯିଏ ଶ୍ରୀ କୃଷ୍ଣ ଅର୍ଥାତ୍ ଶ୍ରୀବିଷ୍ଣୁଙ୍କ ପୂଜାରୀ ଥିଲେ । ଯିଏ ବୈଷ୍ଣବ ପନ୍ଥ ସହିତ ଜଡ଼ିତ ଥିଲେ । ଧର୍ମଦାସ, ସନ୍ଥ ରୂପଦାସଜୀଙ୍କୁ ସମସ୍ତ ଘଟଣା ବିଷୟରେ ଜଣାଇଲେ ଏବଂ ଗୁରୁ ବଦଳାଇବା ପାଇଁ ଆଜ୍ଞା ମାଗିଲେ । ସନ୍ଥ ରୂପଦାସ ଉତ୍ତମ ଆତ୍ମା ଥିଲେ, ସେ କହିଲେ, ବତ୍ସ ଧର୍ମଦାସ ! ଯେଉଁ ଜିନ୍ଦାବାବାଙ୍କଠାରୁ ତୁମେ ଜ୍ଞାନ ଶୁଣିଛ, ସେହି ଜ୍ଞାନ କେବଳ ଭଗବାନ ହିଁ କହି ପାରିବେ । ମୋର ବୟସ ଅଧିକ ହୋଇସାରିଛି । ମୁଁ ଏହି ମାର୍ଗ ତ୍ୟାଗ କରି ପାରିବି ନାହିଁ । ତୁମେ ଯଦି ଇଚ୍ଛୁକ ତେବେ ସେହି ମହାତ୍ମାଙ୍କଠାରୁ ଦୀକ୍ଷା ନେଇପାରିବ ।

ଏହାପରେ ଧର୍ମଦାସ କାଶୀକୁ ଯାଇ ବୁଣାକାର (ତନ୍ତି) କବୀରଙ୍କ କୁଟୀର ଖୋଜିଲେ । କବୀର ପରମେଶ୍ୱର ସେଠାରେ କପଡ଼ାବୁଣା କାର୍ଯ୍ୟ କରୁଥିବାର ଦେଖି ଆଶ୍ଚର୍ଯ୍ୟର ଠିକଣା ରହିଲା ନାହିଁ । ଖୁସୀ ମଧ୍ୟ ଅପାର ହେଲେ ଯେ ଇଏ ସଦଗୁରୁ ଓ ପରମେଶ୍ୱର ଅଟନ୍ତି । ଏହାପରେ ତାଙ୍କଠାରୁ ଦୀକ୍ଷା ନେଇ ନିଜ କଲ୍ୟାଣ କରାଇଲେ । କବୀର ପରମେଶ୍ୱର, ଧର୍ମଦାସଜୀଙ୍କୁ ପୁଣି ଦୁଇ ଅକ୍ଷର ବିଶିଷ୍ଟ (ଯେଉଁଥିରେ ଗୋଟିଏ ଓମ୍ (ଓଁ) ମନ୍ତ୍ର ଓ ଅନ୍ୟଟି ତତ୍ ଅଛି ଯାହା ସାଙ୍କେତିକ ଅଟେ) ସତ୍ୟନାମ ଦେଲେ । ଏହାପରେ ପୁଣି ସାରନାମ ଦେଇ ସତ୍ୟଲୋକର ବାସିନ୍ଦା କଲେ ।

ଝ କଳିଯୁଗରେ ପରମାତ୍ମା ନିମ୍ନଲିଖିତ ଅନ୍ୟ ଉତ୍ତମ ଆତ୍ମାମାନଙ୍କୁ (ଦୃଢ ଭକ୍ତମାନଙ୍କୁ)ଭେଟି ଥିଲେ :-

୨. ସନ୍ଥ ମଲୁକ ଦାସ (ଅରୋଡ଼ା)ଙ୍କୁ ମିଳିଥିଲେ ।

୩. ସନ୍ଥ ଦାଦୁ ଦାସ (ଅଜମେର, ରାଜସ୍ଥାନ ବାସିନ୍ଦା)ଙ୍କୁ ଭେଟି ଥିଲେ ।

୪. ସନ୍ଥ ନାନକ ଦେବଙ୍କୁ ସୁଲତାନପୁର ସହର ନିକଟରେ ପ୍ରବାହିତ ହେଉଥିବା ବେଇ ନଦୀ ତଟରେ ଦର୍ଶନ ଦେଲେ ଯେଉଁଠି ଗୁରୁ ଦ୍ୱାରା "ସଚ୍ଚଖଣ୍ଡ ସାହେବ" ସ୍ମାରକୀ ରୂପରେ ତିଆରି ହୋଇଛି ।

୫. ସନ୍ଥ ଗରୀବ ଦାସ (ଗ୍ରାମ. ଛୁଡ଼ାଣୀ, ଜିଲ୍ଲା. ଝଜ୍ଜର ହରିୟାଣା)ଙ୍କୁ ଭେଟିଲେ, ସେହି ସ୍ଥାନରେ ବର୍ତ୍ତମାନ ଏକ ସ୍ମାରକୀ ଅଛି । ସନ୍ଥ ଗରୀବ ଦାସ ୧୦ବର୍ଷର ବାଳକ ଥିଲେ । ଗୋରୁ ଚରାଇବା ପାଇଁ ଅନ୍ୟ ଗୋରୁ ଚରାଳୀମାନଙ୍କ ସହିତ ନିଜ ଜମିକୁ ଯାଉଥିଲେ, ପରମେଶ୍ୱର ଜିନ୍ଦା ବାବା ରୂପ ଧାରଣ କରି ସତ୍ୟଲୋକ (ସଚ୍ଚଖଣ୍ଡ)ରୁ ଅବତରଣ କଲେ । ଏହି ଲୋକ ସମସ୍ତ ଭବନ ଉପରେ ଅବସ୍ଥିତ ଯେଉଁଠାରେ ପରମାତ୍ମା ରୁହନ୍ତି । ପରମେଶ୍ୱର, ସନ୍ଥ ଗରୀବ ଦାସଙ୍କ ଆତ୍ମାକୁ ଉପରେ ଥିବା ନିଜ ଲୋକକୁ ନେଇଗଲେ । ଗରୀବ ଦାସଙ୍କ ମାତା-ପିତା ସନ୍ତାନକୁ ମୃତ ଭାବି ସନ୍ଧ୍ୟା ସମୟରେ ମର ଶରୀରକୁ ଚିତା ଉପରେ ରଖି ଅନ୍ତିମ ସଂସ୍କାର କରିବା ପାଇଁ ଯାଉଥିବା ସମୟରେ ପରମାତ୍ମା, ସନ୍ଥ

ଗରୀବ ଦାସଙ୍କ ଆତ୍ମାକୁ ଉପରିସ୍ଥ ବ୍ରହ୍ମାଣ୍ଡରେ ଭ୍ରମଣ କରାଇ, ସତ୍ୟଜ୍ଞାନ ପ୍ରଦାନ କରି ମର୍ତ୍ତ୍ୟଲୋକରେ ଥିବା ପାଞ୍ଚତତ୍ତ୍ୱର ଶରୀରରେ ପୁଣି ପ୍ରବେଶ କରାଇଦେଲେ । ବାଳକ ଜୀବିତ ହୋଇଗଲା । ଏହି ଘଟଣାଟି ଫାଲ୍‌ଗୁନ ଶୁକ୍ଳପକ୍ଷ ଦ୍ୱାଦଶୀ ସମ୍ବତ ୧୭୮୪ ସନ ୧୭୨୭ର ଅଟେ । ସନ୍ଥ ଗରୀବ ଦାସଙ୍କୁ ପରମାତ୍ମା ତତ୍ତ୍ୱଜ୍ଞାନ ପ୍ରଦାନ କଲେ । ତାଙ୍କ ଜ୍ଞାନ ଯୋଗ ଖୋଲି ଦେଲେ । ଯେଉଁ କାରଣରୁ ସନ୍ଥ ଗରୀବ ଦାସ୨୪ ହଜାର ବାଣୀ ବୋଲିଥିଲେ ଯାହା ସନ୍ଥ ଗୋପାଳ ଦାସଙ୍କ ଦ୍ୱାରା ଲେଖାଯାଇଛି । ସେହି ଅମୃତବାଣୀଗୁଡ଼ିକୁ ପ୍ରିଣ୍ଟିଂ କରାଇ ଗ୍ରନ୍ଥର ରୂପ ଦିଆଯାଇଛି । ଏହି ଦାସ (ସନ୍ଥ ରାମପାଲ ଦାସ) ସେହି ଗ୍ରନ୍ଥ ଆଧାରରେ ସତସଙ୍ଗ କରୁଅଛି ।

ସନ୍ଥ ଗରୀବ ଦାସ ନିଜ ଅମୃତ ବାଣୀରେ କହିଛନ୍ତି :-

*ଗରୀବ ହମ ସୁଲତାନୀ ନାନକ ତାରେ, ଦାଦୁ କୋ ଉପଦେଶ ଦିଆ ।*
*ଜାତି ଜୁଲାହା ଭେଦ ନା ପାୟା, କାଶୀ ମାହେ କବୀର ହୁଆ ॥*
*ଗରୀବ ଅନନ୍ତ କୋଟି ବ୍ରହ୍ମାଣ୍ଡ କା ଏକ ରତି ନହୀଁ ଭାର ।*
*ସତଗୁରୁ ପୁରୁଷ କବୀର ହେଁ, କୁଲକେ ସିରଜନହାର ॥*

ଭାବାର୍ଥ :- ସନ୍ଥ ଗରୀବ ଦାସଜୀ, ପରମାତ୍ମାଙ୍କଠାରୁ ପ୍ରାପ୍ତ ଦିବ୍ୟଦୃଷ୍ଟି ସାହାଯ୍ୟରେ ଭୂତ-ଭବିଷ୍ୟ ବିଷୟରେ ଜ୍ଞାନ ଦେଇ ଏହା କହିଛନ୍ତି ଯେ ଯିଏ କାଶୀ ନଗର (ଉତ୍ତର ପ୍ରଦେଶ)ରେ ବୁଣାକାର (ତନ୍ତି) କବୀର ଥିଲେ ସେ ସର୍ବ ବ୍ରହ୍ମାଣ୍ଡର ସୃଷ୍ଟିକର୍ତ୍ତା ଅଟନ୍ତି । ସେ ନିଜ ଶକ୍ତି ବଳରେ ସର୍ବ ବ୍ରହ୍ମାଣ୍ଡକୁ ସ୍ଥିର ରଖିଛନ୍ତି । କିନ୍ତୁ ପରମେଶ୍ୱର କବୀରଜୀଙ୍କ ଉପରେ ସେଗୁଡ଼ିକର କୌଣସି ଭାର ନାହିଁ । ଯେପରି ବୈଜ୍ଞାନିକମାନେ ଉଡ଼ାଜାହାଜ, ରକେଟ୍ ଆଦି ତିଆରି କରି ଉଡ଼ାଇବା ସହିତ ନିଜେ ମଧ୍ୟ ସେଥିରେ ବସି ଯାତ୍ରା କରିଥାନ୍ତି । ଠିକ୍ ସେହିପରି ସନ୍ଥ ଗରୀବ ଦାସଜୀ ପରମେଶ୍ୱରଜୀଙ୍କୁ ନିଜ ଆଖିରେ ଦେଖି ତାଙ୍କ ମହିମା ଗାନ କରିଛନ୍ତି ।

*୬.* ସନ୍ଥ ଘୀସାଦାସ ଜୀ - (ଗ୍ରାମ. ଖେଖଡ଼ା, ଜିଲ୍ଲା. ବାଗପତ, ଉତ୍ତର ପ୍ରଦେଶ)ଙ୍କୁ ଦର୍ଶନ ଦେଇଥିଲେ ।

ପୁସ୍ତକପ୍ରଚାରକୁ ଦୃଷ୍ଟିରେ ରଖି ଅଧିକ ବିସ୍ତୃତ ଭାବରେ ଲେଖୁନାହିଁ, ଅଧିକ ଜାଣିବା ପାଇଁ ଆମ୍ଭ ୱେବ୍‌ସାଇଟ୍ **www.jagatgururampalji.com** ଖୋଲି ଅଧିକ ଜ୍ଞାନ ଗ୍ରହଣ କରିପାରିବେ ।

## (ବେଦ ମନ୍ତ୍ରଗୁଡ଼ିକର ଫଟୋ କପି ଦେଖନ୍ତୁ)

(ପ୍ରମାଣ - ଋଗ୍‌ବେଦ ମଣ୍ଡଳ ନଂ.୯ସୂକ୍ତ ୮୬ ମନ୍ତ୍ର ୨୬ -୨୭)

इन्दुः पुनानो अति गाहते मृधो विश्वानि कृण्वन्त्सुपथानि यज्यवे ।
गाः कृण्वानो निर्णिजं हर्यतः कविरत्यो न क्रीळन्परि वारमर्षति ॥२६॥

**पदार्थः**—(यज्यवे) यज्ञ करने वाले यजमानों के लिये परमात्मा (**विश्वानि सुपथानि**) सब रास्तों को (**कृण्वन्**) सुगम करता हुआ (**मृधः**) उनके विघ्नों को (**अतिगाहते**) मर्दन करता है। और (**पुनानः**) उनको पवित्र करता हुआ और (**निर्निजं**) अपने रूप को (**गाः कृण्वानः**) सरल करता हुआ (**हर्य्यतः**) वह कान्तिमय परमात्मा (**कविः**) सर्वज्ञ (**अत्यो न**) विद्युत् के समान (**क्रीळन्**) क्रीड़ा करता हुआ (**वारं**)वरणीय पुरुष को (**पर्य्यर्षति**) प्राप्त होता है ॥२६॥

ବିବେଚନା :- ଏହି ଫଟୋ କପି ଋଗ୍‌ବେଦ ମଣ୍ଡଳ ୯ ସୂକ୍ତ ୮୬ ମନ୍ତ୍ର ୨୬ ର ଅଟେ ଯାହା ଆର୍ଯ୍ୟ ସମାଜର ଆଚାର୍ଯ୍ୟ ଓ ମହର୍ଷି ଦୟାନନ୍ଦଙ୍କ ଚେଲାମାନଙ୍କ ଦ୍ୱାରା ଅନୁବାଦିତ ହୋଇଛି ଯେଉଁଥିରେ ସ୍ପଷ୍ଟ ହୋଇଛି ଯେ ଯଜ୍ଞ କରିବା ବ୍ୟକ୍ତି ଅର୍ଥାତ୍ ଧାର୍ମିକ ଅନୁଷ୍ଠାନ କରୁଥିବା ଯଜମାନ ଅର୍ଥାତ୍ ଭକ୍ତମାନଙ୍କ ପାଇଁ ପରମାତ୍ମା, ସମସ୍ତ ରାସ୍ତା ସୁଗମ୍ୟ କରିବା

କରିଛନ୍ତି ଅର୍ଥାତ୍ ସେମାନଙ୍କ ଜୀବନ ରୂପକ ଚଲାବାଟକୁ ଦୁଃଖ ରହିତ କରି ସୁଗମ କରିଥାନ୍ତି । ସେମାନଙ୍କର ବିଘ୍ନ ଅର୍ଥାତ୍ ସଙ୍କଟକୁ ନାଶ ଅର୍ଥାତ୍ ସମାପ୍ତ କରିଥାନ୍ତି । ଭକ୍ତମାନଙ୍କୁ ପବିତ୍ର ଅର୍ଥାତ୍ ପାପ ରହିତ, ବିକାର ରହିତ କରିଥାନ୍ତି । ଯେପରି ଅନ୍ୟ ମନ୍ତ୍ର ୨୭ ରେ କହିଛନ୍ତି ଯେ "ଯେଉଁ ପରମାତ୍ମା ଧ୍ୟୁଲୋକ ଅର୍ଥାତ୍ ସତ୍ୟଲୋକର ତୃତୀୟ ଭାଗରେ ବିରାଜମାନ ଅଛନ୍ତି, ସେଠାରେ ପରମାତ୍ମାଙ୍କର ଶରୀରର ତେଜ ଅଧିକ ଅଟେ ।" ଉଦାହରଣ ସ୍ୱରୂପ ପରମାତ୍ମାଙ୍କ ଗୋଟିଏ ଲୋମ (ଶରୀର ବାଳ)ର ତେଜ କୋଟିଏ ସୂର୍ଯ୍ୟ ଓ କୋଟିଏ ଚନ୍ଦ୍ରମାର ମିଶ୍ରିତ ଆଲୋକଠାରୁ ମଧ ଅଧିକ ଅଟେ । ଯଦି ପରମାତ୍ମା ସତ୍ୟଲୋକର ସେହି ତେଜଯୁକ୍ତ ଶରୀର ଧାରଣ କରି ପୃଥିବୀ ପୃଷ୍ଠରେ ପ୍ରକଟ ହୋଇଯିବେ ତେବେ ଆମ୍ଭମାନଙ୍କର ଚର୍ମଦୃଷ୍ଟି ତାଙ୍କୁ ଦେଖି ପାରିବନାହିଁ । ଯେପରି ପେଚା ପକ୍ଷୀ ଦିନରେ ସୂର୍ଯ୍ୟଙ୍କ ପ୍ରକାଶ ଯୋଗୁଁ କିଛି ବି ଦେଖିପାରେ ନାହିଁ । ଏହିପରି ଦଶା ମଣିଷର ମଧ ହୋଇଯିବ । ତେଣୁ ସେହି ଅମର ପରମାତ୍ମା ନିଜର ବାସ୍ତବିକ ତେଜମୟ ରୂପ ଅର୍ଥାତ୍ ଶରୀରର ପ୍ରକାଶକୁ ସରଳ କରି ସେହି ସ୍ଥାନରୁ (ଯେଉଁଠାରେ ପରମାତ୍ମା ରୁହନ୍ତି) ଗତି କରି, ବିଜୁଳି ପରି କ୍ରୀଡ଼ା ଅର୍ଥାତ୍ ଲୀଳା କରି, ଅବତରଣ କରି ଶ୍ରେଷ୍ଠ ପୁରୁଷମାନଙ୍କୁ ଦର୍ଶନ ଦେଇଥାନ୍ତି । ଏହା ମଧ ସ୍ପଷ୍ଟ କରାଯାଇଛି ଯେ ଆପଣ କବିଃ ଅର୍ଥାତ୍ କବିର୍ଦେବ ଅଟନ୍ତି । ଆମ୍ଭେ ତାଙ୍କୁ କବିର ସାହେବ କହିଥାଉଁ ।

**असश्चतः शतधारा अभिश्रियो हरिं नवन्तेऽव ता उदन्युवः ।**
**क्षिपो मृजन्ति परि गोभिरावृतं तृतीये पृष्ठे अधि रोचने दिवः ॥२७॥**

**पदार्थः**—( **उदन्युवः** ) प्रेम की ( **ताः** ) वे ( **शतधाराः** ) सैंकड़ों धाराए ( **असश्चतः** ) जो नानारूपों में ( **अभिश्रियः** ) स्थिति को लाभ कर रही हैं । वे ( **हरिं** ) परमात्मा को ( **अवनवन्ते** ) प्राप्त होती हैं । ( **गोभिरावृतं** ) प्रकाशपुञ्ज परमात्मा को ( **क्षिपः** ) बुद्धिवृत्तियां ( **मृजन्ति** ) विषय करती हैं । जो परमात्मा ( **दिवस्तृतीये पृष्ठे** ) द्युलोक के तीसरे पृष्ठ पर विराजमान है और ( **रोचने** ) प्रकाशस्वरूप है उसको बुद्धिवृत्तियाँ प्रकाशित करती हैं ॥२७॥

ବିବେଚନା :- ଏହି ଫଟୋକପି ଋଗବେଦ ମଣ୍ଡଳ ୯ ସୂକ୍ତ ୮୬ ମନ୍ତ୍ର ୨୭ର ଅଟେ । ଏଥିରେ ସ୍ପଷ୍ଟ କରାଯାଇଛି ଯେ ପରମାତ୍ମା ଧ୍ୟୁଲୋକ ଅର୍ଥାତ୍ ଅମରଲୋକର ତୃତୀୟ ପୃଷ୍ଠ ଅର୍ଥାତ୍ ବିଭାଗରେ ବିରାଜମାନ ଅଟନ୍ତି । ସତ୍ୟଲୋକ ଅର୍ଥାତ୍ ଶାଶ୍ୱତ ସ୍ଥାନ (ଗୀତା ଅଧ୍ୟାୟ ୧୮ ଶ୍ଳୋକ ୬୨) ରେ ତିନୋଟି ବିଭାଗ ଅଛି । ଗୋଟିଏ ବିଭାଗରେ ବଣ - ପାହାଡ଼ - ଝରଣା ଓ ବଗିଚା ଇତ୍ୟାଦି ଅଛି ଏହା ବହିଃର୍ବିଭାଗ ଅର୍ଥାତ୍ ବାହାର ବିଭାଗ ଅଟେ । (ଯେପରି ଭାରତର ରାଜଧାନୀ ଦିଲ୍ଲୀ ମଧ ତିନୋଟି ବିଭାଗରେ ବିଭକ୍ତ ହୋଇଛି । ବାହାର ଦିଲ୍ଲୀ ଯେଉଁଥିରେ ଗାଁ-ଗଣ୍ଡା, ଜମି, କେନାଲ ଆଦି ଅଛି, ଦ୍ୱିତୀୟ ବିଭାଗରେ ବଜାର ଅଛି, ତୃତୀୟରେ ସଂସଦ ଭବନ ଓ ବିଭିନ୍ନ କାର୍ଯ୍ୟାଳୟ ଅଛି) ।

ତା'ପରେ ଧ୍ୟୁଲୋକରେ ବସ୍ତି ମଧ ଅଛି । ମୋକ୍ଷ ପ୍ରାପ୍ତ କରି ସେଠାକୁ ଯାଇଥିବା ହଂସାତ୍ମାମାନେ ପରିବାର ସହିତ ସେଠାରେ ରୁହନ୍ତି । (ପୃଥିବୀରେ ଯେପରି ଭକ୍ତମାନଙ୍କୁ ଭକ୍ତାତ୍ମା କୁହାଯାଏ, ସେହିପରି ସତ୍ୟଲୋକରେ ହଂସମାନଙ୍କୁ ହଂସାତ୍ମା କୁହାଯାଏ) । (୩) ତୃତୀୟ ଭାଗରେ ସବୁଠାରୁ ଉପରେ ପରମାତ୍ମାଙ୍କର ସିଂହାସନ ଅଛି । ଏହାର ଆଖପାଖରେ କେବଳ ନର ଆତ୍ମାମାନେ ରୁହନ୍ତି । ଏହି ତୃତୀୟ ଭାଗରେ ସ୍ତ୍ରୀ-ପୁରୁଷଙ୍କର ଯୋଡ଼ି ନାହିଁ । ସେମାନେ ଯଦି ପରିବାର ବଢାଇବାକୁ ଇଚ୍ଛା କରନ୍ତି ତେବେ ସେମାନେ ଶବ୍ଦ (ବଚନ) ଶକ୍ତି ବଳରେ କେବଳ ପୁତ୍ର ଉତ୍ପନ୍ନ କରିଥାନ୍ତି । ଶାଶ୍ୱତ ସ୍ଥାନ ଅର୍ଥାତ୍ ସତ୍ୟଲୋକକୁ ପରମାତ୍ମା ଏହିଭଳି ତିନୋଟି ବିଭାଗରେ ବାଣ୍ଟି ଦେଇଛନ୍ତି । ସେଠାରେ ଅର୍ଥାତ୍ ସତ୍ୟଲୋକର ପ୍ରତ୍ୟେକ ସ୍ଥାନରେ ରହୁଥିବା ହଂସାତ୍ମାମାନଙ୍କର ବୃଦ୍ଧାବସ୍ଥା ନଥାଏ କି ସେମାନଙ୍କର ମୃତ୍ୟୁ ହୁଏ ନାହିଁ । ଏଥିପାଇଁ

ଗୀତା ଅଧ୍ୟାୟ ୭ ଶ୍ଳୋକ୨୯ ରେ କହିଛନ୍ତି ଯେ ଯେଉଁମାନେ ଜରା ଅର୍ଥାତ୍ ବୃଦ୍ଧାବସ୍ଥା ଏବଂ ମରଣ ଅର୍ଥାତ୍ ମୃତ୍ୟୁରୁ ମୁକ୍ତ ପାଇବା ପାଇଁ ପ୍ରଯତ୍ନଶୀଳ ସେମାନେ ତତ୍‌ବ୍ରହ୍ମ ଅର୍ଥାତ୍ ପରମ ଅକ୍ଷର ବ୍ରହ୍ମଙ୍କୁ ଜାଣିଛନ୍ତି । ସତ୍ୟଲୋକରେ ସତ୍ୟପୁରୁଷ (ଅମର ଭଗବାନ) ରୁହନ୍ତି, ସେଠାରେ ଜରା ଓ ମରଣ ନାହିଁ, ପିଲାମାନେ ଯୁବକ ହୋଇ ସାରିବା ପରେ ସଦା ସର୍ବଦା ପାଇଁ ଯୁବକ ହୋଇ ରୁହନ୍ତି ।

(ପ୍ରମାଣ ଋଗବେଦ ମଣ୍ଡଳ ନଂ ୯, ସୂକ୍ତ ୮୨ ମନ୍ତ୍ର ୧-୨)

**असावि सोमो अरुषो वृषा हरी राजेव दस्मो अभि गा अचिक्रदत् ।**
**पुनानो वारं पर्येत्यव्ययं श्येनो न योनिं घृतवन्तमासदम् ॥१॥**

**पदार्थः**—(**सोमः**) जो सर्वोत्पादक प्रभु(**अरुषः**) प्रकाशस्वरूप (**वृषा**) सद्गुणों की वृष्टि करने वाला (**हरिः**) पापों के हरण करने वाला है, वह (**राजेव**) राजा के समान (**दस्मः**) दर्शनीय है । और वह (**गाः**) पृथिव्यादि लोक-लोकान्तरों के चारों ओर (**अभि अचिक्रदत्**) शब्दायमान हो रहा है । वह (**वारं**) वरणीय पुरुष को जो (**अव्ययं**) दृढ़भक्त है उसको (**पुनानः**) पवित्र करता हुआ (**पर्य्येति**) प्राप्त होता है । (**न**) जिस प्रकार (**श्येनः**) विद्युत् (**घृतवन्तं**) स्नेहवाले (**आसदं**) स्थानों को (**योनिं**) आधार बनाकर प्राप्त होता है । इसी प्रकार उक्त गुण वाले परमात्मा ने (**असावि**) इस ब्रह्माण्ड को उत्पन्न किया ॥१॥

**कविर्वेधस्या पर्येषि माहिनमत्यो न मृष्टो अभि वाजमर्षसि ।**
**अपसेधन्दुरिता सोम मृळय घृतं वसानः परि यासि निर्णिजम् ॥२॥**

**पदार्थः**—हे परमात्मन् ! (**वेधस्या**) उपदेश करने की इच्छा से आप (**माहिनं**) महापुरुषों को (**पर्येषि**) प्राप्त होते हो । और आप (**अत्यः**) अत्यन्त गतिशील पदार्थ के (**न**) समान (**अभिवाजं**) हमारे आध्यात्मिक यज्ञ को (**अभ्यर्षसि**) प्राप्त होते हैं । आप (**कविः**) सर्वज्ञ हैं (**मृष्टः**) शुद्ध स्वरूप हैं (**दुरिता**) हमारे पापों को (**अपसेधन्**) दूर करके (**सोम**) हे सोम ! (**मृळय**) आप हमको सुख दें । और (**घृतं वसानः**) प्रेम-भाव को उत्पन्न करते हुए (**निर्निजं**) पवित्रता को (**परियासि**) उत्पन्न करें ॥२॥

ବିବେଚନା:- ଉପରୋକ୍ତ ଫଟୋଟି ଋଗ୍‌ବେଦ ମଣ୍ଡଳ ୯ ସୂକ୍ତ ୮୨, ମନ୍ତ୍ର ୧-୨ର ଜେରକ୍ସ କପି ଅଟେ, ଏହି ଅନୁବାଦ ମହର୍ଷି ଦୟାନନ୍ଦଙ୍କ ମାର୍ଗଦର୍ଶନରେ ତାଙ୍କ ଚେଲାମାନେ କରିଛନ୍ତି ଏବଂ ସାର୍ବଦେଶିକ ଆର୍ଯ୍ୟ ପ୍ରତିନିଧି ସଭା ଦିଲ୍ଲୀରୁ ଏହା ପ୍ରକାଶିତ ।

ଏଥିରେ ସ୍ପଷ୍ଟ ହେଲା ଯେ:- ମନ୍ତ୍ର ୧ରେ କୁହାଯାଇଛି ଯେ "ସମସ୍ତଙ୍କୁ ଉତ୍ପତ୍ତି କରିଥିବା ପରମାତ୍ମା ତେଜମୟ ଶରୀର ଯୁକ୍ତ ଅଟନ୍ତି । ସେ ସମସ୍ତ ପାପକୁ ନାଶ କରୁଥିବା ଓ ସୁଖର ବର୍ଷା କରୁଥିବା ଅର୍ଥାତ୍ ସୁଖର ବାତ୍ୟା କରୁଥିବା, ସେହି ପରମାତ୍ମା ଉପରେ, ସତ୍ୟଲୋକରେ ସିଂହାସନରେ ବିରାଜମାନ ଯିଏ ଦେଖିବାକୁ ରାଜା ଭଳି ଅଟନ୍ତି ।

ଏହି ପ୍ରମାଣ ସୂକ୍ଷ୍ମ ବେଦରେ ଅଛି ଯେ:-

*ଅର୍ଶ କୁର୍ଶ ପର ସଫେଦ ଗୁମଟ ହେ, ଜହାଁ ପରମେଶ୍ୱର କା ଡ଼େରା ।*

*ଶ୍ୱେତ ଛତ୍ର ସିର ମୁକୁଟ ବିରାଜେ, ଦେଖତ ନା ଉସ ଚେହେରେ ନୂଁ ॥*

ଏହି ପ୍ରାମଣ ବାଇବେଲ ଗ୍ରନ୍ଥ ଓ କୁରାନ ଶରୀଫରେ ଅଛି ଯେ ପରମାତ୍ମା ଛଅ ଦିନରେ ସୃଷ୍ଟିରଚନା କଲେ ଓ ସପ୍ତମ ଦିନରେ ଉପର ଆକାଶରେ ତଖତ୍ ଅର୍ଥାତ୍ ସିଂହାସନରେ ଯାଇ ବିରାଜମାନ ହେଲେ । (ବାଇବେଲ ଉତ୍ପତ୍ତି ଗନ୍ଥ୨/୧୬-୩୦ ଓ କୁରାନ ଶରୀଫର ସୂରତ ଫୁର୍କାନୀ ୨୫ ଆୟତ ୫୨ ରୁ ୫୯ରେ ଅଛି) ।

ସେହି ପରମାତ୍ମା ନିଜ ଅମରଧାମରୁ ଗତି କରି ଆସି ପୃଥିବୀ ପୃଷ୍ଠରେ ଶବ୍ଦବାଣୀ ମାଧ୍ୟମରେ ଜ୍ଞାନ ଶୁଣାଇଆନ୍ତି । ସେ ବରଣୀୟ ଅର୍ଥାତ୍ ଶେଷ୍ଠ ବ୍ୟକ୍ତିମାନଙ୍କୁ ପ୍ରାପ୍ତ ହୁଅନ୍ତି, ସେମାନଙ୍କୁ ଦର୍ଶନ ଦିଅନ୍ତି । {ଯେପରି ୧. ସନ୍ଥ ଧର୍ମଦାସ ଜୀ (ବାନ୍ଧବଗଡ ମଧ୍ୟପ୍ରଦେଶଙ୍କୁ ଭେଟି ଥିଲେ ୨. ସନ୍ଥ ମଲୁକ ଦାସଙ୍କୁ ଭେଟି ଥିଲେ । ୩. ସନ୍ଥ ଦାଦୂ ଦାସଙ୍କୁ ଆମେର (ରାଜସ୍ଥାନ)ରେ ଭେଟି ଥିଲେ) । ୪. ସନ୍ଥ ନାନକ ଦେବଙ୍କୁ ଦର୍ଶନ ଦେଲେ । ୫. ସନ୍ଥ ଗରୀବ ଦାସ ଗ୍ରାମ. ଛୁଡ଼ାଣୀ, ଜିଲ୍ଲା. ଝଜ୍ଜର (ହରିୟାଣା)ଙ୍କୁ ମିଳିଥିଲେ । ୬. ସନ୍ଥ ଘୀସା ଦାସଜୀ ଗ୍ରାମ ଖେଖଡ଼ା, ଜିଲ୍ଲା - ବାଗପତ (ଉତ୍ତରପ୍ରଦେଶ)ଙ୍କୁ ଭେଟି ଥିଲେ । ୭. ସନ୍ଥ ଜମ୍ଭେଶ୍ୱରଜୀ (ବିଶ୍ନୋଇ ଧର୍ମର ପ୍ରବର୍ତ୍ତକ)ଙ୍କୁ ଗ୍ରାମ. ସମରାଥଳ(ରାଜସ୍ଥାନ)ଙ୍କୁ ଦର୍ଶନ ଦେଲେ} ।

ସେହି ପରମାତ୍ମା ଉତ୍ତମ ଆତ୍ମାମାନଙ୍କୁ ଦର୍ଶନ ଦିଅନ୍ତି ଯେଉଁମାନେ ପରମାତ୍ମାଙ୍କର ଦୃଢ ଭକ୍ତ ହୋଇଥାନ୍ତି । ସେମାନଙ୍କ ପ୍ରତି ପରମାତ୍ମାଙ୍କର ବିଶେଷ ଆକର୍ଷଣ ରହିଥାଏ । ଉଦାହରଣ ମାଧ୍ୟମରେ କୁହାଯାଇଛି ଯେ ଯେପରି ବିଦ୍ୟୁତ୍ ଅର୍ଥାତ୍ ଆକାଶର ବିଜୁଳି ଆକର୍ଷଣୀୟ ସ୍ଥାନ(ଧାତୁ ପ୍ରତି ଆକର୍ଷିତ ହୋଇଥାଏ) ଯେପରି କଂସା ଧାତୁ ଉପରେ ବଜ୍ରପାତ ହୋଇଥାଏ । ପୂର୍ବକାଳରେ କଂସା ଧାତୁରେ ନିର୍ମିତ ଗିନା, ଗ୍ଲାସ୍-ଥାଳି, ବେଲା ଇତ୍ୟାଦି ବ୍ୟବହୃତ ହେଉଥିଲା । ବର୍ଷା ଆସିବା ସମୟରେ ସେଗୁଡ଼ିକୁ ସଙ୍ଗେ ସଙ୍ଗେ ଘର ଭିତରକୁ ଉଠାଇ ନିଆଯାଏ । ବୟସ୍କ ବ୍ୟକ୍ତିମାନେ କହୁଥିଲେ ଯେ କଂସା ବାସନ ଉପରେ ନିଶ୍ଚିତ ଭାବରେ ବଜ୍ରପାତ ହୋଇଥାଏ । ଏହିପରି ପରମାତ୍ମା ନିଜ ପ୍ରିୟ ଭକ୍ତମାନଙ୍କ ପ୍ରତି ଆକର୍ଷିତ ହୋଇ ଦର୍ଶନ ଦେଇଥାନ୍ତି ।

ମନ୍ତ୍ର ନଂ୨ ରେ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ ପରମାତ୍ମା ସେହି ଶ୍ରେଷ୍ଠ ଆତ୍ମାମାନଙ୍କୁ ଉପଦେଶ ଦେବା ଉଦ୍ଦେଶ୍ୟରେ ମହାପୁରୁଷମାନଙ୍କୁ ସ୍ୱୟଂ ଦର୍ଶନ ଦେଇଥାନ୍ତି । ଉପଦେଶର ଭାବାର୍ଥ ହେଲା ପରମାତ୍ମା ତତ୍ତ୍ୱଜ୍ଞାନ ବତାଇ ସେମାନଙ୍କୁ ଦୀକ୍ଷା ମଧ୍ୟ ଦିଅନ୍ତି । ସେହି ମହାପୁରୁଷମାନଙ୍କର ସଦଗୁରୁ ମଧ୍ୟ ସ୍ୱୟଂ ପରମାତ୍ମା ହିଁ ହୋଇଥାନ୍ତି । ଏହା ମଧ୍ୟ ସ୍ପଷ୍ଟ କରାଯାଇଛି ଯେ ପରମାତ୍ମା ଆପଣ ଅତ୍ୟନ୍ତ ଗତିଶୀଳ ପଦାର୍ଥ ଅର୍ଥାତ୍ ବିଜୁଳି ଭଳି ତୀବ୍ରଗାମୀ ହୋଇ ଆସ୍ମମାନଙ୍କର ଧାର୍ମିକ ଅନୁଷ୍ଠାନରେ ପହଞ୍ଚି ଯାଇଥାନ୍ତି । ଆପଣ ପୂର୍ବେ ପଢ଼ିଛନ୍ତି ଯେ ସନ୍ଥ ଧର୍ମଦାସଙ୍କୁ ପରମାତ୍ମା ଏହିକଥା କହିଥିଲେ ଯେ ମୁଁ ସେହି ସ୍ଥାନକୁ ନିଶ୍ଚୟ ଯାଇଥାଏ ଯେଉଁଠାରେ ଧାର୍ମିକ ଅନୁଷ୍ଠାନ ହୋଇଥାଏ କାରଣ ମୋ ଅନୁପସ୍ଥିତିରେ କାଳ କିଛି ବି ଉପଦ୍ରବ କରି ଦେଇଥାଏ, ଯାହାଦ୍ୱାରା ସାଧକର ଆସ୍ଥା ପରମାତ୍ମାଙ୍କଠାରୁ ହଟି ଯାଇଥାଏ । ମୋ ଉପସ୍ଥିତିରେ ସେ ଏଭଳି ଉପଦ୍ରବ କରିପାରେ ନାହିଁ । ତେଣୁ ଗୀତା ଅଧ୍ୟାୟ ୩ ଶ୍ଳୋକ ୧୫ରେ କୁହାଯାଇଛି ଯେ ସେହି ଅବିନାଶୀ ପରମାତ୍ମା ଯିଏ ବ୍ରହ୍ମକୁ ମଧ୍ୟ ଉତ୍ପନ୍ନ କରିଛନ୍ତି, ସେ ସର୍ବଦା ଯଜ୍ଞରେ ପ୍ରତିଷ୍ଠିତ ଅଟନ୍ତି ଅର୍ଥାତ୍ ଧାର୍ମିକ ଅନୁଷ୍ଠାନରେ ଇଷ୍ଟ ରୂପରେ ତାଙ୍କର ଆରତୀ ସ୍ତୁତି ଆଦି କରିବା ଉଚିତ୍ ।

ଏହି ଋଗବେଦ ମଣ୍ଡଳ ୯ ସୂକ୍ତ ୮୨ ମନ୍ତ୍ର ୨ରେ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ ଆପଣ (କବିର୍ବେଧସ୍ୟ) କବିର୍ଦେବ ଅଟନ୍ତି ଯିଏ ସମସ୍ତଙ୍କୁ ଉପଦେଶ ଦେବା ଉଦ୍ଦେଶ୍ୟରେ ଆସିଥାନ୍ତି, ଆପଣ ପବିତ୍ର ଆତ୍ମା ଅଟନ୍ତି, ଆସ୍ମମାନଙ୍କର ପାପକୁ ହରଣ କରି ଅର୍ଥାତ୍ ବିନାଶ କରି ହେ, ଅମର ପରମାତ୍ମା !

ଆପଣ ଆମ୍ଭମାନଙ୍କୁ ସୁଖ ପ୍ରଦାନ କରନ୍ତୁ ଏବଂ (ଦ୍ୟୁତମ୍ ବସାନଃ ନିର୍ନିଜମ୍ ପରିୟସି) ଆମ୍ଭେ ଆପଣଙ୍କ ସନ୍ତାନ ଅଟୁଁ। ଆମ୍ଭମାନଙ୍କ ପ୍ରତି ସେହି ବାତ୍ସଲ୍ୟ ପ୍ରେମ ଭାବ ଉତ୍ପନ୍ନ କରି ସେହି (ନିର୍ନିଜମ୍) ସୁନ୍ଦର ରୂପକୁ (ପରିୟସି) ଉତ୍ପନ୍ନ କରନ୍ତୁ ଅର୍ଥାତ୍ ଆମ୍ଭମାନଙ୍କୁ ନିଜର ସନ୍ତାନ ଭାବି ଯେପରି ପୂର୍ବେ ଯେତେବେଳେ ଇଚ୍ଛା ସେତେବେଳେ ପ୍ରକଟ ହୋଇ ନିଜ ପ୍ରିୟ ଆତ୍ମାମାନଙ୍କୁ ଆପଣ ଦର୍ଶନ ଦେଉଥିଲେ, ସେହିଭଳି ଆମ୍ଭମାନଙ୍କୁ ମଧ୍ୟ ଦର୍ଶନ ଦିଅନ୍ତୁ।

(ପ୍ରମାଣ ଋଗବେଦ ମଣ୍ଡଳ ନଂ ୯ ସୂକ୍ତ ୯୬ ମନ୍ତ୍ର ୧୬ ରୁ ୨୦)

स्वायुधः सोतृभिः पूयमानोऽभ्यर्ष गुह्यं चारु नाम ।
अभि वाजं सप्तिरिव श्रवस्याभि वायुमभि गा देव सोम ॥१६॥

**पदार्थः**—हे परमात्मन् ! ( **गुह्यम्** ) सर्वोपरि रहस्य ( **चारु** ) श्रेष्ठ ( **नाम** ) जो तुम्हारी संज्ञा है । ( **अभ्यर्ष** ) उसका ज्ञान करायें । आप ( **सोतृभिः, पूयमानः** ) उपासक लोगों से स्तूयमान हैं । ( **स्वायुधः** ) स्वाभाविक शक्ति से युक्त हैं और ( **सप्तिरिव** ) विद्युत् के समान ( **श्रवस्याभि** ) ऐश्वर्य के सम्मुख प्राप्त कराइये और ( **वायुमभि** ) हमको प्राणों की विद्या का वेत्ता बनाइये । ( **देव** ) हे सर्वशक्ति-सम्पन्न परमेश्वर ! हमको ( **गाः** ) इन्द्रियों के ( **अभिगमय** ) नियमन का ज्ञाता बनाइये ॥१६॥

शिशुं जज्ञानं हर्यतं मृजन्ति शुम्भन्ति वह्निं मरुतो गणेन ।
कविर्गीर्भिः काव्येना कविः सन्त्सोमः पवित्रमत्येति रेभन् ॥१७॥

**पदार्थः**—( **शिशुम्** ) "श्यति सूक्ष्मं करोति प्रलयकाले जगदिति शिशुः परमात्मा" उस परमात्मा को ( **जज्ञानम्** ) जो सदा प्रकट है, ( **हर्यतः** ) जो अत्यन्त कमनीय है, उसको उपासक लोग ( **मृजन्ति** ) बुद्धिविषय करते हैं और ( **शुंभन्ति** ) उसकी स्तुति द्वारा उसके गुणों का वर्णन करते हैं और ( **मरुतः** ) विद्वान् लोग ( **वह्निम्** ) उस गतिशील परमात्मा का ( **गणेन** ) गुणों के गणों द्वारा वर्णन करते हैं और ( **कविः** ) कवि लोग ( **गीर्भिः** ) वाणी द्वारा और ( **काव्येन** ) कवित्व से उसकी स्तुति करते हैं । ( **सोमः** ) सोमस्वरूप ( **पवित्रम्** ) पवित्र वह परमात्मा कारणावस्था में अतिसूक्ष्म प्रकृति को ( **रेभन्, सन्** ) गर्जता हुआ ( **अत्येति** ) अतिक्रमण करता है ॥१७॥

ଋଗବେଦ ମଣ୍ଡଳ ୯ ସୂକ୍ତ ୯୬ର ମନ୍ତ୍ର ୧୬ରେ କୁହାଯାଇଛି ଯେ ହେ ପରମାତ୍ମନ୍! ଆପଣ ନିଜ ଶ୍ରେଷ୍ଠ ଗୁପ୍ତ ନାମ ବିଷୟରେ ଜ୍ଞାନ ଦିଅନ୍ତୁ। ସେହି ନାମ ବିଷୟରେ ମନ୍ତ୍ର ୧୭ ରେ କହିଛନ୍ତି ଯେ ସେ କବିଃ ଅର୍ଥାତ୍ କର୍ବିଦେବ ଅଟନ୍ତି।

ମନ୍ତ୍ର ୧୭ ର ଅନୁବାଦ :- (ଶିଶୁମ୍ ଜଜ୍ଞାନମ୍ ହର୍ଯ୍ୟନ୍ତମ୍) ପରମେଶ୍ୱର ତତ୍ତ୍ୱଜ୍ଞାନ ବୁଝାଇବା ଉଦ୍ଦେଶ୍ୟରେ ଜାଣିଶୁଣି ଶିଶୁ ରୂପରେ ପ୍ରକଟ ହୁଅନ୍ତି, ତାଙ୍କ ଜ୍ଞାନକୁ ଶୁଣି (ମରୁତୋ ଗଣେନ) ଭକ୍ତମାନଙ୍କର ବହୁତ ବଡ଼ ଗୋଷ୍ଠୀ ସେହି ପରମାତ୍ମାଙ୍କର ଅନୁଗାମୀ ହୋଇଯାନ୍ତି। (ମୃଜନ୍ତି ଶୁଭନ୍ତି ବହିନ୍)

ବୁଦ୍ଧିଜୀବି ଲୋକମାନେ ସେହି ଜ୍ଞାନକୁ ବୁଝି ପାରିଥାନ୍ତି, ସେମାନେ ତତ୍ତ୍ୱଜ୍ଞାନ ଆଧାରରେ ସେହି

ପରମେଶ୍ୱରଙ୍କର ସ୍ତୁତି-ଭକ୍ତି କରନ୍ତି, ସେହି ଭକ୍ତି (ବହିନ୍) ଶୀଘ୍ର ଲାଭଦାୟକ ହୋଇଥାଏ । ସେହି ପରମାତ୍ମା ନିଜ ତତ୍ତ୍ୱଜ୍ଞାନକୁ (କାବ୍ୟେନା) କବିତ୍ୱ ମାଧ୍ୟମରେ ଅର୍ଥାତ୍ କବିମାନଙ୍କ ଭଳି ଦୋହା, ଶବ୍ଦାବଳୀ, ଲୋକୋକ୍ତି, ଚୌପଦି ଦ୍ୱାରା (କବିର୍ ଗୀର୍ଭିଃ) କବୀର୍ ବାଣୀ ଦ୍ୱାରା (ପବିତ୍ରମ୍ ଅତିରେଭନ୍) ଶୁଦ୍ଧ ଜ୍ଞାନକୁ ଉଚ୍ଚସ୍ୱରରେ ଗର୍ଜନ କରି ଗାନ କରିଥାନ୍ତି । ସେ (କବିଃ) କବିମାନଙ୍କ ଭଳି ଆଚରଣ କରୁଥିବା କବିର୍ଦେବ (ସନ୍ତ) ସନ୍ଥ ରୂପରେ ପ୍ରକଟ (ସୋମ) ଅମର ପରମାତ୍ମା ଅଟନ୍ତି । (ଋଗବେଦ ମଣ୍ଡଳ ୧ ସୂକ୍ତ ୯୬ ମନ୍ତ୍ର ୧୭) ବିଶେଷ :- ଏହି ମନ୍ତ୍ରର ମୂଳ ପାଠରେ ଦୁଇଥର "କବିଃ" ଶବ୍ଦ ଅଛି, ଆର୍ଯ୍ୟସମାଜ ଅନୁବାଦକର୍ତ୍ତା ଗୋଟିଏ 'କବିଃ' ର ଅର୍ଥ ଲେଖି ହିଁ ନାହାଁନ୍ତି ।

ऋषिमना य ऋषिकृत्स्वर्षाः सहस्रणीथः पदवीः कवीनाम् ।
तृतीयं धाम महिषः सिषासन्त्सोमो विराजमनु राजति ष्टुप् ।।१८।।

**पदार्थः**—( **सोमः** ) सोमस्वरूप परमात्मा ( **सिसासन्** ) पालन की इच्छा करता हुआ ( **महिषः** ) जो महान् है वह परमात्मा ( **तृतीयं, धाम** ) देवयान और पितृयान इन दोनों से पृथक तीसरा जो मुक्तिधाम है । उसमें ( **विराजम्** ) विराजमान जो ज्ञानयोगी है उसको ( **अनुराजति** ) प्रकाश करने वाला है और ( **स्तुप** ) स्तूयमान है । ( **कवीनाम्, पदवीः** ) जो क्रान्तदर्शियों की पदवी अर्थात् मुख्य स्थान है और ( **सहस्रनीथः** ) अनन्त प्रकार से स्तवनीय है, ( **ऋषिमनाः** ) सर्वज्ञान के साधनरूप मनवाला वह परमात्मा ( **यः** ) जो ( **ऋषिकृत** ) सब ज्ञानों का प्रदाता ( **स्वर्षाः** ) सूर्यादिकों को प्रकाशक है । वह जिज्ञासु के लिए उपासनीय है ।।१८।।

ବିବେଚନା :- ଏହା ଋଗବେଦ ମଣ୍ଡଳ ୯ ସୂକ୍ତ ୯୬ ମନ୍ତ୍ର ୧୮ ର ଜେରକ୍ସ କପି ଅଟେ । ଯାହାର ଅନୁବାଦ ମହର୍ଷି ଦୟାନନ୍ଦଙ୍କ ଅନୁଯାୟୀମାନେ କରିଛନ୍ତି ତଥା ସାର୍ବଦେଶୀୟ ଆର୍ଯ୍ୟ ପ୍ରତିନିଧି ସଭା ଦିଲ୍ଲୀ ଦ୍ୱାରା ଏହା ଅନୁବାଦିତ ହୋଇଛି । ଏହି ଅନୁବାଦରେ ମଧ୍ୟ ବହୁତ ଭୂଲ ଅଛି ଯାହାକୁ ଆର୍ଯ୍ୟସମାଜର ଆଚାର୍ଯ୍ୟମାନେ କରିଛନ୍ତି । ଆମ୍ଭେ ମଧ୍ୟ ସଂସ୍କୃତ ବୁଝିପାରୁ, ବିବେଚନା କରି ଯଥାର୍ଥ ଅନୁବାଦ ଓ ଭାବାର୍ଥ ସ୍ପଷ୍ଟ କରୁଛି । ମନ୍ତ୍ର ୧୭ ରେ କହିଛନ୍ତି ଯେ ଋଷି କିମ୍ବା ସନ୍ଥ ରୂପରେ ପ୍ରକଟ ପରମାତ୍ମା ନିଜ ମୁଖ କମଳରେ ଅମୃତମୟୀ ବାଣୀ ବୋଲନ୍ତି ତଥା ସେହି ଜ୍ଞାନକୁ ବୁଝିପାରି ଅନେକ ଅନୁଯାୟୀମାନଙ୍କର ସମୁହ ଗଠିତ ହୋଇଯାଏ । (ୟ) ତତ୍ତ୍ୱଜ୍ଞାନ ଆଧାରିତ ଯେଉଁ ବାଣୀ ପରମାତ୍ମା ଶୁଣାଇଥାନ୍ତି, (ଋଷିକୃତ୍) ଋଷି ରୂପରେ ପ୍ରକଟ ସେହି ପରମାତ୍ମାଙ୍କ କୃତ (ସହଂସ୍ରଣୀୟଃ) ହଜାର-ହଜାର ବାଣୀ ଅର୍ଥାତ୍ କବୀର ବାଣୀ (ଋଷିମନା) ଋଷି ସ୍ୱଭାବ ଯୁକ୍ତ ଭକ୍ତମାନଙ୍କ ପାଇଁ (ସ୍ୱର୍ଷାଃ) ଆନନ୍ଦଦାୟକ ହୋଇଥାଏ । (କବିନାମ୍ ପଦବୀଃ) କବିତ୍ୱ ବଳରେ ଦୋହା, ଚୌପଦୀ ମାଧ୍ୟମରେ ବାଣୀ ବୋଲୁଥିବା କାରଣରୁ ସେହି ପରମାତ୍ମା ପ୍ରସିଦ୍ଧ କବିମାନଙ୍କ ମଧ୍ୟରୁ ଜଣେ ଶ୍ରେଷ୍ଠ କବି ପଦବୀ ମଧ୍ୟ ପ୍ରାପ୍ତ କରନ୍ତି । ସେହି (ସୋମ୍) ଅମର ପରମାତ୍ମା (ସିଷାସନ୍) ସମସ୍ତଙ୍କର ପାଳନ କରିବାର ଇଚ୍ଛା ରଖି ପ୍ରଥମ ସ୍ଥିତିରେ (ମହିଷଃ) ବଡ଼ ପୃଥିବୀ ଅର୍ଥାତ୍ ଉପରେ ଥିବା ଲୋକର(ତୃତୀୟମ୍ ଧାମ) ତୃତୀୟ ଧାମ ଅର୍ଥାତ୍ ସତ୍ୟଲୋକର ତୃତୀୟ ଭାଗରେ (ଅନୁରାଜତି) ତେଜମୟ ଶରୀର ଯୁକ୍ତ ଗମ୍ବୁଜ (ସ୍ତୁପ) ମଧ୍ୟରେ (ବିରାଜମ୍) ବିରାଜମାନ ଅଛନ୍ତି, ସେଠାରେ ବସିଛନ୍ତି । ଏହି ପ୍ରମାଣ ଋଗବେଦ ମଣ୍ଡଳ ୯ ସୂକ୍ତ ୫୪ ମନ୍ତ୍ର ୩ ରେ ଅଛି ଯେ ପରମାତ୍ମା ସମସ୍ତ ଲୋକର ଉପରେ ଥିବା ଲୋକରେ ବିରାଜମାନ ଅଟନ୍ତି, (ତିଷ୍ଠନ୍ତି) ବସିଛନ୍ତି ।

**चमूषच्छ्येनः शकुनो विभृत्वा गोविन्दुर्द्रप्स आयुधानि बिभ्रत् ।**
**अपामूर्मिं सचमानः समुद्रं तुरीयं धाम महिषो विवक्ति ।।१९।**

**पदार्थ**:—( **अपामूर्मिम्** ) प्रकृति की सूक्ष्म से सू म शक्तियों के साथ ( **सचमानः** ) जो संगत है और ( **समुद्रम्** ) "सम्यक् द्रवन्ति भूतानि यस्मात् स समुद्रः" जिससे सब भूतों की उत्पत्ति, स्थिति और प्रलय होता है। वह ( **तुरीयम्** ) चौथा ( **धाम** ) परमपद परमात्मा है। उसको ( **महिषः** ) मह्यते इति महिषः महिष इति महन्नामसु पठितम् नि० ३—१३। महापुरुष उक्त तुरीय परमात्मा का ( **विवक्ति** ) वर्णन करता है। वह परमात्मा ( **चमूसत्** ) जो प्रत्येक बल में स्थित है ( **श्येनः** ) सर्वोपरि प्रशंसनीय है और ( **शकुनः** ) सर्वशक्तिमान् है। ( **गोविन्दुः** ) यजमानों को तृप्त करके जो ( **द्रप्सः** ) शीघ्रगति वाला है ( **आयुधानि, बिभ्रत्** ) अनन्त शक्तियों को धारण करता हुआ इस सम्पूर्ण संसार का उत्पादक है ।।१९।।

ବିବେଚନା:- ଆର୍ଯ୍ୟ ସମାଜର ବିଦ୍ୱାନମାନେ ଋଗବେଦ ମଣ୍ଡଳ ୯ ସୂକ୍ତ ୯୬ ମନ୍ତ୍ର ୧୯ର ଅନୁବାଦ ମଧ୍ୟ କରିଛନ୍ତି । ଏଥିରେ ମଧ୍ୟ ଅନେକ ତୃଟି ଅଛି । ପୁସ୍ତକ ବିସ୍ତାର କାରଣରୁ କେବଳ ଆମ୍ଭ ପାଇଁ ଆବଶ୍ୟକ ତଥ୍ୟ ପ୍ରାପ୍ତ କରିବା ।

ଏହି ମନ୍ତ୍ରରେ ଚତୁର୍ଥ ଧାମର ବର୍ଣ୍ଣନା ଅଛି ଯାହା ଆପଣମାନେ ସୃଷ୍ଟିରଚନା ପ୍ରକରଣରେ ପଢିବେ, ସେଥିରୁ ସମ୍ପୂର୍ଣ୍ଣ ଜ୍ଞାନ ପ୍ରାପ୍ତି ହେବ, ଏହି ପୁସ୍ତକର ପୃଷ୍ଠା ନଂ ୧୪୩ ରେ ପଢନ୍ତୁ ।

ପରମାତ୍ମା ଉପରର ଚାରିଲୋକକୁ ଅଜର-ଅମର ରୂପେ ସୃଷ୍ଟି କରିଛନ୍ତି । ୧. ଅନାମୀ ଲୋକ ଯାହା ସବୁଠାରୁ ଉପରେ ଅଛି । ୨. ଅଗମ ଲୋକ, ୩. ଅଲଖ ଲୋକ, ୪. ସତ୍ୟଲୋକ ।

ଆମ୍ଭେ ପୃଥିବୀ ଲୋକରେ ଅବସ୍ଥାନ କରୁଅଛେ । ଏହି ପୃଥିବୀଠାରୁ ଉପରେ ଥିବା ଲୋକଗୁଡ଼ିକୁ କ୍ରମାନୁସାରେ ୧. ସତ୍ୟଲୋକ ୨. ଅଲଖଲୋକ ୩. ଅଗମଲୋକ ୪. ଅନାମୀ ଲୋକ ହିସାବରେ ଗଣା ଯାଇଥାଏ । ସେହି ଚତୁର୍ଥ ଧାମରେ ବସି ପରମାତ୍ମା ସର୍ବ ବ୍ରହ୍ମାଣ୍ଡ ଓ ଲୋକ ସୃଷ୍ଟି କଲେ । ଅବଶିଷ୍ଟ ସୃଷ୍ଟି ସତ୍ୟଲୋକରେ ବସି କରିଥିଲେ । ଆର୍ଯ୍ୟସମାଜର ଅନୁବାଦକମାନେ ତୁରିୟା ପରମାତ୍ମା ଅର୍ଥାତ୍ ଚତୁର୍ଥ ପରମାତ୍ମାଙ୍କ ବିଷୟରେ ବର୍ଣ୍ଣନା କରିଛନ୍ତି । ଏହା ଚତୁର୍ଥ ଧାମ ଅଟେ । ସେଥିରେ ଥିବା ମୂଳ ପାଠମନ୍ତ୍ର ୧୯ର ଭାବାର୍ଥ ଏହା ଯେ ତତ୍ତ୍ୱଦର୍ଶୀ ସନ୍ଥ ଚତୁର୍ଥ ଧାମ ଓ ଚତୁର୍ଥ ପରମାତ୍ମାଙ୍କ (ବିଭାଗ) ବିଷୟରେ ଭିନ୍ନ-ଭିନ୍ନ ଭାବରେ ବର୍ଣ୍ଣନା କରିଥାନ୍ତି । ପାଠକବୃନ୍ଦ କୃପାକରି ପଢନ୍ତୁ ସୃଷ୍ଟିରଚନା ପ୍ରକରଣ ଏହି ପୁସ୍ତକର ପୃଷ୍ଠା ୧୨୫ ରେ ଯେଉଁଥିରୁ ଆପଣଙ୍କୁ ଏହି ଜ୍ଞାନ ହୋଇଯିବ ଯେ ଲେଖକ (ସନ୍ଥ ରାମପାଲ ଦାସ) ହିଁ ସେହି ତତ୍ତ୍ୱଦର୍ଶୀ ସନ୍ଥ ଅଟନ୍ତି ଯିଏ ତତ୍ତ୍ୱଜ୍ଞାନ ସହିତ ପରିଚିତ ଅଟନ୍ତି ।

**मर्यो न शुभ्रस्तन्वं मृजानोऽत्यो न सृत्वा सनये धनानाम् ।**
**वृषेव यूथा परि कोशमर्षन्कनिक्रदच्चम्वोरा विवेश ।।२०।।**

**पदार्थ**:—वह परमात्मा ( **यूथा, वृषेव** ) जिस प्रकार एक संघ को उसका सेनापति प्राप्त होता है, इसी प्रकार ( **कोशम्** ) इस ब्रह्माण्डरूपी कोश को ( **अर्षन्** ) प्राप्त होकर ( **कनिक्रदत्** ) उच्च स्वर से गर्जता हुआ ( **चम्वोः** ) इस ब्रह्माण्ड रूपी विस्तृत प्रकृति-खण्ड में ( **पर्याविवेश** ) भली-भांति प्रविष्ट होता है और ( **न** ) जैसे कि ( **मर्यः** ) मनुष्य ( **शुभ्रस्तन्वं, मृजानः** ) शुभ्र शरीर को धारण करता हुआ ( **अत्योन** ) अत्यन्त गतिशील पदार्थों के समान ( **सनये** ) प्राप्ति के लिए ( **सृत्वा** ) गतिशील होता हुआ ( **धनानाम्** ) घनों के लिए कटिबद्ध होता है; इसी प्रकार प्रकृति-रूपी ऐश्वर्य को धारण करने के लिए परमात्मा सदैव उद्यत है ।।२०।।

ଏହି ମନ୍ତ୍ରର ଅନୁବାଦ ମହର୍ଷି ଦୟାନନ୍ଦଙ୍କ ଚେଲାମାନଙ୍କ ଦ୍ୱାରା କରାଯାଇଛି । ଏମାନଙ୍କର ଦୃଷ୍ଟିକୋଣ ଏହା ଯେ ପରମାତ୍ମା ନିରାକାର ଅଟନ୍ତି କାରଣ ମହର୍ଷି ଦୟାନନ୍ଦ ମଧ୍ୟ ଏହି କଥାକୁ ଦୃଢ଼ କରିଛନ୍ତି ଯେ ପରମାତ୍ମା ନିରାକାର ଅଟନ୍ତି । ତେଣୁ ଅନୁବାଦକମାନେ ସିଧା ମନ୍ତ୍ରକୁ ଓଲଟ-ପାଲଟ କରି ଭାବାର୍ଥ କରିଛନ୍ତି । ଯେପରି ମୂଳ ପାଠରେ ଲେଖା ଅଛି :-

*ମର୍ଯ୍ୟ ନ ଶୁଭ୍ରଃ ତନ୍ୱା ମୃଜାନଃ ଅତ୍ୟଃ ନ ସୃତ୍ୱା ସନୟେ ଧନାନାମ ।*
*ବୃଷେବ ଯୂଥା ପରି କୋଶମ ଅର୍ଷନ କନିକ୍ରଦତ ଚମ୍ୱୋଃ ଆବିବେଶ ॥*

ଅନୁବାଦ :- ଯେପରି (ମର୍ଯ୍ୟଃ ନ) ମନୁଷ୍ୟ ସୁନ୍ଦର ବସ୍ତ୍ର ଧାରଣ କରିଥାଏ, ଏହିପରି ପରମାତ୍ମା (ଶୁଭ୍ରଃ ତନ୍ୱ) ସୁନ୍ଦର ଶରୀର (ମୃଜାନଃ) ଧାରଣ କରି (ଅତ୍ୟଃ) ଅତ୍ୟନ୍ତ ବେଗରେ ଗତି କରି (ସନୟେ ଧନାନାମ୍) ଭକ୍ତି ଧନରେ ଧନୀ ଅର୍ଥାତ୍ ପୂଣ୍ୟାତ୍ମାମାନଙ୍କୁ (ସନୟେ) ପ୍ରାପ୍ତ ହେବା ପାଇଁ ଆସିଥାନ୍ତି (ଯୁଥା ବୃଷେବ) ଯେପରି ଏକ ସମୁଦାୟକୁ ସେମାନଙ୍କର ସେନାପତି ପ୍ରାପ୍ତ ହୋଇଥାନ୍ତି, ଏହିପରି ସେହି ପରମାତ୍ମା ସନ୍ଥ ଓ ଋଷି ରୂପ ଧାରଣ କରି ପ୍ରକଟ ହେବା ଦ୍ୱାରା ତାଙ୍କର ବହୁତ ସଂଖ୍ୟାରେ ଅନୁଯାୟୀ ହୋଇଯାଆନ୍ତି ଏବଂ ପରମାତ୍ମା, ଗୁରୁ ରୂପରେ ସେମାନଙ୍କର ମୁଖିଆ ହୋଇଥାନ୍ତି । ସେହି ପରମାତ୍ମା (ପରି କୋଶମ୍) ପ୍ରଥମ ବ୍ରହ୍ମାଣ୍ଡକୁ (ଅଷନ୍) ପ୍ରାପ୍ତ ହୋଇ ଅର୍ଥାତ୍ ଆଗମନ କରି (କନିକ୍ରଦତ୍) ଉଚ୍ଚ ସ୍ୱରରେ ସତ୍ୟଜ୍ଞାନ ଉଚ୍ଚାରଣ କରି (ଚମ୍ୱୋଃ) ପୃଥିବୀ ଖଣ୍ଡରେ (ଅବିବେଶ) ପ୍ରବିଷ୍ଟ ହୋଇଥାନ୍ତି ।

ଭାବାର୍ଥ :- ଯେପରି ପୂର୍ବର ବେଦ ମନ୍ତ୍ରରେ କୁହାଯାଇଛି ଯେ ପରମାତ୍ମା ଉପରେ ଥିବା ଲୋକରେ ରୁହନ୍ତି । ସେଠାରୁ ଗତି କରି, ନିଜ ରୂପ ଅର୍ଥାତ୍ ଶରୀରର ତେଜକୁ ସରଳ କରି ପୃଥିବୀ ପୃଷ୍ଠକୁ ଆସନ୍ତି । ଏହି ଋଗବେଦ ମଣ୍ଡଳ ୯ ସୂକ୍ତ ୯୬ ମନ୍ତ୍ର ୨୦ ରେ ତାହାର ପୁଷ୍ଟି କରାଯାଇଛି । କୁହାଯାଇଛି ଯେ ପରମାତ୍ମା ସେହିପରି ଅନ୍ୟ ଶରୀର ଧାରଣ କରି ପୃଥିବୀ ପୃଷ୍ଠକୁ ଆସିଥାନ୍ତି, ଯେପରି ମନୁଷ୍ୟ ବସ୍ତ୍ର ଧାରଣ କରିଥାଏ ଏବଂ (ଧନାନାମ୍) ଦୃଢ଼ ଭକ୍ତ (ଉତ୍ତମ ପୂଣ୍ୟାତ୍ମାମାନଙ୍କୁ) ପ୍ରାପ୍ତ ହୋଇଥାନ୍ତି, ବାଣୀ ଉଚ୍ଚାରଣ କରି ସେମାନଙ୍କୁ ତତ୍ତ୍ୱଜ୍ଞାନ ଶୁଣାଇଥାନ୍ତି ।

ବିବେଚନା :- ଏହା ଋଗବେଦ ମଣ୍ଡଳ ୯୬ ମନ୍ତ୍ର ୧୬ ରୁ ୨୦ ର ଜେରକ୍ସ କପି ଅଟେ ଯାହାର ହିନ୍ଦୀ ଅନୁବାଦ ଆର୍ଯ୍ୟସମାଜର ପ୍ରବର୍ତ୍ତକ ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ମାର୍ଗଦର୍ଶନରେ ତାଙ୍କ ଆର୍ଯ୍ୟସମାଜୀ ଚେଲାମାନେ କରିଛନ୍ତି । ଏହି ଅନୁବାଦ ଆଶିଂକ ଠିକ୍ ଅଛି, ଅନେକ ସ୍ଥାନରେ ଭୂଲ ଅଛି । ପ୍ରଥମେ ଅଧିକ ଠିକ୍ କିମ୍ବା ଆଶିଂକ ଭୁଲ୍ ଥିଲା ଯାହା ମୋ ଦ୍ୱାରା ଶୁଦ୍ଧ କରାଯାଇ ବିବେଚନାରେ ଲେଖିଯାଇଛି । ବର୍ତ୍ତମାନ ଅଧିକ ଭୁଲକୁ ଶୁଦ୍ଧ କରି ଲେଖୁଛି ।

ଋଗବେଦ ମଣ୍ଡଳ ୯ ସୂକ୍ତ ୯୬ ମନ୍ତ୍ର ୧୬ ରେ କହିଛନ୍ତି ଯେ:-

ହେ ପରମାତ୍ମା ! ଆପଣଙ୍କର ଯେଉଁ ଗୁପ୍ତ ବାସ୍ତବିକ (ଚାରୁ) ଶ୍ରେଷ୍ଠ (ନାମ) ନାମ ଅଛି, ସେହି ନାମ ବିଷୟରେ ଜ୍ଞାନ କରାନ୍ତୁ । ପ୍ରିୟ ପାଠକବୃନ୍ଦ ! ଯେପରି ଭାରତର ରାଜାଙ୍କୁ ପ୍ରଧାନମନ୍ତ୍ରୀ କୁହାଯାଏ ଯାହା ତାଙ୍କ ପଦବୀର ପ୍ରତୀକ ଅଟେ ଏବଂ ତାଙ୍କ ବାସ୍ତବିକ ନାମ ଅନ୍ୟ କିଛି ହୋଇଥାଏ । ଯେପରି ପ୍ରଥମେ ପଣ୍ଡିତ ଜବାହରଲାଲ ନେହେରୁ ପ୍ରଧାନମନ୍ତ୍ରୀ ଥିଲେ । "ଜବାହରଲାଲ" ତାଙ୍କର ପ୍ରକୃତ ନାମ । ଏହି ୧୬ ନଂ ମନ୍ତ୍ରରେ କୁହାଯାଇଛି ଯେ ହେ ପରମାତ୍ମା ! ଆପଣଙ୍କର ଯେଉଁ ବାସ୍ତବିକ ନାମ ଅଛି ତାହା (ସୋତୃମିଃ) ଉପାସନା କରିବା ପାଇଁ (ସ୍ୱ ଆୟୁଧଃ) ସ୍ୱୟଂଚାଳିତ ଶସ୍ତ୍ର ଭଳି (ପୂୟମାନଃ) ଅଜ୍ଞାନ ରୂପୀ ମଇଳାକୁ ବିନାଶ କରୁଥିବା ପାପନାଶକ ଅଟେ । ଆପଣ ନିଜର ସେହି ସତ୍ୟମନ୍ତ୍ରର ଜ୍ଞାନ ଆମ୍ଭକୁ ପ୍ରଦାନ କରନ୍ତୁ ! (ଦେବ ସୋମ୍) ହେ ଅମର ପରମେଶ୍ୱର ! ଆପଣ ନିଜର ସେହି ମନ୍ତ୍ର ନିଶ୍ୱାସ ଦ୍ୱାରା ନାକ ଆଦି (ଗାଃ) ଇନ୍ଦ୍ରିୟ ସାହାଯ୍ୟରେ (ବାସୁମ୍ ଅଭି) ନିଃଶ୍ୱାସ-ପ୍ରଶ୍ୱାସରେ ଜପିବା ଦ୍ୱାରା

(ସପ୍ତିରିବ୍=ସପ୍ତିଃ ଇବ୍) ବିଦ୍ୟୁତ୍ ଭଳି ବେଗରେ ଅର୍ଥାତ୍ କ୍ଷୀପ୍ରଗତିରେ (ଅଭିବାଜଂ) ଭକ୍ତି ଧନରେ ପରିପୂର୍ଣ୍ଣ କରି (ଶ୍ରବସ୍ୟାମୀ) ଐଶର୍ଯ୍ୟ ଓ ମୋକ୍ଷ ପ୍ରାପ୍ତ କରାନ୍ତୁ ।

ପ୍ରିୟ ପାଠକମାନଙ୍କୁ ଏହି ନିବେଦନ ଯେ ଏହି ରଗବେଦ ମଣ୍ଡଳ ୯ ସୂକ୍ତ ୯୬ ମନ୍ତ୍ର ୧୬ ର ଅନୁବାଦରେ ଅନେକ ତ୍ରୁଟି ଥିଲା ଯାହାକୁ ମୁଁ ଠିକ୍ କରିଦେଇଛି । ପ୍ରମାଣ ପାଇଁ ମୂଳ ପାଠରେ "ଅଭିବାଜଂ" ଶବ୍ଦ ଅଛି କିନ୍ତୁ ଏହି ଶବ୍ଦର ଅନୁବାଦ କରାଯାଇ ନାହିଁ । ଏହା ସ୍ଥାନରେ "ଅଭିଗମୟ" ଶବ୍ଦର ଅର୍ଥ ଯୋଡ଼ାଯାଇଛି ଯାହା ମୂଳ ପାଠରେ ନାହିଁ ।

ବିବେଚନା :- ରଗବେଦ ମଣ୍ଡଳ ୯ ସୂକ୍ତ ୯୬ ମନ୍ତ୍ର ୧୭ ର ଅନୁବାଦରେ ମଧ ଅରେକ ଭୁଲ୍ ଅଛି ଯାହା ଆର୍ଯ୍ୟସମାଜୀମାନଙ୍କ ଦ୍ୱାରା ଅନୂବାଦିତ ହୋଇଛି । ଏବେ ମୁଁ ଶୁଦ୍ଧ କରି ଲେଖୁଛି:-

ଯେପରି ପୁର୍ବୋକ୍ତ ରଗବେଦ ମଣ୍ଡଳ ୯ ସୂକ୍ତ ୮୬ ଓ ୮୨ ର ମନ୍ତ୍ରରେ ପ୍ରମାଣ ଅଛି ଯେ ପରମାତ୍ମା ନିଜ ଶାଶ୍ୱତ୍ ସ୍ଥାନ ଯାହା ଧ୍ୟୁଲୋକର ତୃତୀୟ ସ୍ଥାନରେ ବିରାଜମାନ ଅଟନ୍ତି, ସେଠାରୁ ଗତି କରି ଆସି ପୃଥିବୀ ପୃଷ୍ଠରେ ଜାଣି-ଶୁଣି କୌଣସି ବିଶେଷ ଉଦ୍ଦେଶ୍ୟରେ ପ୍ରକଟ ହୁଅନ୍ତି । ପରମାତ୍ମା, ସର୍ବ ବ୍ରହ୍ମାଣ୍ଡରେ ଅବସ୍ଥାନ କରୁଥିବା ପ୍ରାଣୀମାନଙ୍କର ପାଳନ-ପୋଷଣ ତିନୋଟି ସ୍ଥିତିରେ କରିଥାନ୍ତି । ୧.ପରମାତ୍ମା ଉପରେ ଥିବା ସତ୍ୟଲୋକ ଅର୍ଥାତ୍ ଅବିନାଶୀ ଧାମରେ ସିଂହାସନ(ତଖତ୍)ରେ ବିରାଜମାନ ହୋଇ ସର୍ବ ବ୍ରହ୍ମାଣ୍ଡର ସଞ୍ଚାଳନ କରନ୍ତି । ୨. ଯେତେବେଳେ ଇଚ୍ଛା ସାଧୁ-ସନ୍ଥ ରୂପ ଧାରଣ କରି, ନିଜ ଶରୀରର ତେଜକୁ ଲାଘବ କରି ଉତ୍ତମ ଆତ୍ମାମାନଙ୍କୁ ଭେଟିଥାନ୍ତି । ୩. ପ୍ରତ୍ୟେକ ଯୁଗରେ କୌଣସି ଏକ ଜଳାଶୟରେ ପ୍ରସ୍ଫୁଟିତ ପଦ୍ମଫୁଲ ଉପରେ ଏକ ନବଜାତ ଶିଶୁ ରୂପରେ ପ୍ରକଟ ହୁଅନ୍ତି, ସେଠାରୁ ତାଙ୍କୁ ନିଃସନ୍ତାନ ଦମ୍ପତି ନିଜ ଘରକୁ ନେଇଯାଆନ୍ତି । ବାଲ୍ୟ କାଳରୁ ସେହି ପରମାତ୍ମା ନିଜ ବାସ୍ତବିକ ଭକ୍ତି ଜ୍ଞାନ ଯାହାକୁ ତତ୍ତ୍ୱଜ୍ଞାନ ମଧ କୁହନ୍ତି, ତାକୁ ଚୌପଦି, ଦୋହା, ସୀକ୍ଷୀ ଓ କବିତା ମାଧମରେ ଶୁଣାଇଥାନ୍ତି । ଯେପରି ସନ ୧୩୯୮ ବିକ୍ରମି ସମ୍ବତ୍ ୧୪୫୫ ରେ ପରମାତ୍ମା ନିଜ ସ୍ଥାନରୁ ଅବତରଣ କରି ଭାରତ ବର୍ଷର କାଶୀ ସହର ବାହାରେ ଥିବା ଲହରତାରା ନାମକ ଏକ ଜଳାଶୟରେ ପଦ୍ମଫୁଲ ଉପରେ ଶିଶୁ ରୂପ ଧାରଣ କରି ପ୍ରକଟ ହୋଇଥିଲେ । ସେଠାରୁ ତାଙ୍କୁ ନୀରୁ-ନୀମା ନାମକ ବୁଣାକାର/ ତନ୍ତି ଦମ୍ପତ୍ତି ତାଙ୍କୁ ନିଜ ଘରକୁ ନେଇ ଯାଇଥିଲେ । ପରମାତ୍ମା ଧିରେ-ଧିରେ ବଡ଼ ହେଲେ । କବୀରବାଣୀ ଗାନ କରି ଜ୍ଞାନ ଶୁଣାଇଥିଲେ । ପ୍ରାମାଣ ରଗ୍‌ବେଦ ମଣ୍ଡଳ ୯ ସୂକ୍ତ ୧ ମନ୍ତ୍ର ୯ରେ ଅଛି ଯାହା ଆର୍ଯ୍ୟସମାଜର ଆଚାର୍ଯ୍ୟମାନଙ୍କ ଦ୍ୱାରା ଅନୁବାଦିତ ହୋଇଛି । ସେଥିରେ ମଧ କିଛି ଭୂଲ୍ ଅଛି, ଅଧିକ ନାହିଁ । କୃପାକରି ପଢନ୍ତୁ ଏହି ରଗବେଦ ମଣ୍ଡଳ ୯ ସୂକ୍ତ ୧ ମନ୍ତ୍ର ୯ର ଜେରକ୍ସ କପି :-

(ବେଦ ମନ୍ତ୍ର ଫଟୋ ନଂ -୯)

> **अभी३ममघ्न्या उत श्रीणन्ति धेनवः शिशुम् ।**
> **सोममिन्द्राय पातवे ॥९॥**
>
> **पदार्थः**—( **इमं** ) उस ( **सोमं** ) सौम्यस्वभाव वाले श्रद्धालु पुरुष को ( **शिशुं** ) कुमारावस्था में ही ( **अभि** ) सब प्रकार से ( **अघ्न्याः** ) अहिंसनीय ( **धेनवः** ) गौवें ( **श्रीणन्ति** ) तृप्त करती हैं ( **इन्द्राय** ) ऐश्वर्य्य की ( **पातवे** ) वृद्धि के लिये । ( **उत** ) अथवा उक्त श्रद्धालु पुरुष को अहिंसनीय वाणियें ऐश्वर्य्य की प्राप्ति के लिये संस्कृत करती हैं ॥६॥

ବିବେଚନା :- ଏହି ଫଟୋ କପିଟି ରଗବେଦ ମଣ୍ଡଳ ୯ ସୂକ୍ତ ୧ ମନ୍ତ୍ର ୯ର ଅଟେ, ଏଥିରେ ସ୍ପଷ୍ଟ କରାଯାଇଛି ଯେ (ସୋମ୍) ଅମର ପରମାତ୍ମା ଯେତେବେଳେ ଶିଶୁ ରୂପ ଧାରଣ କରି ପୃଥିବୀରେ ପ୍ରକଟ

ହୁଅନ୍ତି ସେତେବେଳେ ତାଙ୍କର ଲାଳନ-ପାଳନର ଲୀଳା କୁଆଁରୀ ଗାଈ (ଅଭିଅଧ୍ନ୍ୟା ଧେନବଃ) ଦ୍ୱାରା ହୋଇଥାଏ । ଏହି ପ୍ରମାଣ କବୀର ସାଗରର "ଜ୍ଞାନ ପ୍ରକାଶ" ଅଧ୍ୟାୟରେ ଅଛି ଯେ ଯେଉଁ ପରମେଶ୍ୱର କବୀରଜୀଙ୍କୁ ନୀରୁ ନୀମା ନିଜ ଘରକୁ ନେଇ ଗଲେ । ସେ ସମୟରେ ଶିଶୁ ରୂପଧାରୀ ପରମାତ୍ମା ନା ଅନ୍ନ ଭକ୍ଷଣ କଲେ, ନା ଦୁଗ୍ଧ ପାନକଲେ । ପୁଣି ସ୍ୱାମୀ ରାମାନନ୍ଦଙ୍କ ଆଦେଶାନୁସାରେ ନୀରୁ ଏକ କୁଆଁରୀ ଗାଈ ଅର୍ଥାତ୍ ଏକ ଛଡ଼ାକୁ ନେଇ ଆସିଲା । ସେହି ଛଡ଼ା ସଙ୍ଗେ ସଙ୍ଗେ ଦୁଗ୍ଧ ଦେଇଥିଲା । ସେହି କୁଆଁରୀ ଗାଈର ଦୁଗ୍ଧ ଦ୍ୱାରା ପରମେଶ୍ୱରଙ୍କର ପାଳନ-ପୋଷଣର ଲୀଳା ହୋଇଥିଲା । କବୀର ସାଗର ପ୍ରାୟ ୬୦୦ (ଛଅ ଶହ) ବର୍ଷ ପୂର୍ବେ ଲେଖାଯାଇଛି ।

ରଗବେଦ ମଣ୍ଡଳ ୯ ସୂକ୍ତ ୧ ମନ୍ତ୍ର ୯ ର ଅନୁବାଦରେ କିଛି ଭୂଲ କରିଛନ୍ତି । ଯେପରି କି (ଅଭିଅଧ୍ନ୍ୟା)ର ଅର୍ଥ ଅହିଂସନୀୟ କରିଛନ୍ତି ଯାହା ଭୂଲ୍ ଅଟେ । ଲେଖକଙ୍କର ଜନ୍ମ ହରିୟାଣା ରାଜ୍ୟର ଅବିଭକ୍ତ ରୋହତକ ଜିଲ୍ଲା ସ୍ଥିତ ଧନାନା ଗ୍ରାମରେ ହୋଇଥିଲା ଯାହା ବର୍ତ୍ତମାନ ସୋନୀପତ ଜିଲ୍ଲା ଅନ୍ତର୍ଗତ । ଯେଉଁ ଗାଈ ଗର୍ଭ ଧାରଣ କରି ନଥିବ ତାକୁ ଏହି ରାଜ୍ୟର ଲୋକେ କୁହନ୍ତି ଯେ ଇଏ ଧନାଇ ନୁହେଁ, ଇଏ ବିନା ଧାନାଇ ଅଟେ । ଏହା ଏକ ଅପଭ୍ରଂଶ ଶବ୍ଦ ଅଟେ । ଗୋଟିଏ ଗାଈ ପାଇଁ "ଅଧ୍ନି" ଶବ୍ଦ ବ୍ୟବହାର କରାଯିବ କିନ୍ତୁ ବହୁବଚନ ପାଇଁ "ଅଧ୍ନ୍ୟା" ଶବ୍ଦ ବ୍ୟବହାର କରାଯିବ । "ଅଧ୍ନ୍ୟା" ଶବ୍ଦର ଅର୍ଥ ବିନା ଧନାଇ ସମସ୍ତ ଗାଈ ତଥା ଅଭିଅଧ୍ନ୍ୟାର ଅର୍ଥ ସଂପୂର୍ଣ୍ଣ ରୂପେ ବିନା ଧନାଇ ଅର୍ଥାତ୍ ସମସ୍ତ କୁଆଁରୀ ଗାଈ ଅର୍ଥାତ୍ ଛଡ଼ା ।

ଏବେ ରଗବେଦ ମଣ୍ଡଳ ୯ ସୂକ୍ତ ୯୬ ମନ୍ତ୍ର ୧୭ର ଶୁଦ୍ଧ ଅନୁବାଦ କରୁଛି:-

କେବଳ ହିନ୍ଦୀ :- (ଶିଶୁମ୍ ଯଜ୍ଞାନମ୍ ହର୍ଯ୍ୟନ୍ତମ୍) ପରମେଶ୍ୱର ଜାଣିଶୁଣି ତତ୍ତ୍ୱଜ୍ଞାନ ପ୍ରଦାନ କରିବା ଉଦ୍ଦେଶ୍ୟରେ ପ୍ରକଟ ହୁଅନ୍ତି, ତାଙ୍କ ଜ୍ଞାନ ଶୁଣି (ମରୁତୋ ଗଣେନ) ଭକ୍ତମାନଙ୍କର ବହୁତ ବଡ଼ ସମୂହ ସେହି ପରମାତ୍ମାଙ୍କର ଅନୁଗାମୀ ହୋଇଯାଆନ୍ତି । (ମୃଜନ୍ତି ଶୁମ୍ଭ୍ୟନ୍ତି ବହିନ୍)

ସେହି ଜ୍ଞାନକୁ ବୁଦ୍ଧିଜୀବିମାନେ ବୁଝିପାରନ୍ତି । ସେମାନେ ତତ୍ତ୍ୱଜ୍ଞାନ ଆଧାରରେ ସେହି ପରମେଶ୍ୱରଙ୍କର ସ୍ତୁତି-ଭକ୍ତି କରନ୍ତି । ସେହି ଭକ୍ତି (ବହିନ୍)ଶୀଘ୍ର ଲାଭ ଦେଉଥିବା ଭକ୍ତି ଅଟେ । ସେହି ପରମାତ୍ମା ନିଜ ତତ୍ତ୍ୱଜ୍ଞାନକୁ (କାବ୍ୟେନା) କବିତ୍ୱ ମାଧ୍ୟମରେ ଅର୍ଥାତ୍ କବିମାନଙ୍କ ଭଳି ଦୋହା, ଶବ୍ଦାବଳୀ, ଲୋକୋକ୍ତି, ଚୌପଦି ଦ୍ୱାରା (କବିର୍ ଗୀର୍ଭିଃ) କବୀର ବାଣୀ ଦ୍ୱାରା ଅର୍ଥାତ୍ କବିର୍ ବାଣୀ ଦ୍ୱାରା (ପବିତ୍ରମ୍ ଅତିରେଭନ୍) ସୁଦ୍ଧ ଜ୍ଞାନକୁ ଉଚ୍ଚସ୍ୱରରେ ଗର୍ଜନ କରି ଗାନ କରିଥାନ୍ତି । ସେ (କବିଃ)କବିଙ୍କ ଭଳି ଆଚରଣ କରୁଥିବା କବିର୍ଦେବ (ସନ୍ତ୍) ସନ୍ଥ ରୂପରେ ପ୍ରକଟ ହୋଇଥିବା (ସୋମ୍) ଅମର ପରମାତ୍ମା ଅଟନ୍ତି (ରଗବେଦ, ମଣ୍ଡଳ ୯ ସୁକ୍ତ ୯୬ ମନ୍ତ୍ର ୧୭) ।

ବିଶେଷ :- ଏହି ମନ୍ତ୍ରର ମୂଳପାଠରେ ଦୁଇଥର "କବିଃ" ଶବ୍ଦ ଅଛି, ଆର୍ଯ୍ୟସମାଜର ଅନୁବାଦକର୍ତ୍ତାମାନେ ଗୋଟିଏ (କବିଃ)ର ଅର୍ଥ ସେଥିରେ ଲେଖି ନାହାଁନ୍ତି ।

ବିବେଚନା :- ରଗବେଦ ମଣ୍ଡଳ ୯ ସୁକ୍ତ ୯୬ ମନ୍ତ୍ର ୧୮ ଉପରେ ବିବେଚନା କରିବା । ଏହାର ଅନୁବାଦରେ ମଧ୍ୟ ବହୁତ ଭୂଲ୍ ଅଛି । ଆମ୍ଭେ ସଂସ୍କୃତ ବୁଝିପାରିବା । ବିବେଚନା କରି ଯଥାର୍ଥ ଅନୁବାଦ ଓ ଭାବାର୍ଥ ମଧ୍ୟ ସ୍ପଷ୍ଟ କରୁଛି । ମନ୍ତ୍ର ୧୭ ରେ କୁହାଯାଇଛି ଯେ ରଷି କିମ୍ବା ସନ୍ଥ ରୂପରେ ପ୍ରକଟ ହୋଇ ପରମାତ୍ମା ଅମୃତବାଣୀକୁ ନିଜ ମୁଖ କମଳରେ ଗାନ କରିଥାନ୍ତି ଏବଂ ସେହି ଜ୍ଞାନକୁ ବୁଝିପାରି ଅନେକ ଅନୁଗାମୀଙ୍କର ସମୂହ ଗଢି ଉଠିଥାଏ । (ୟ) ଯେଉଁ ବାଣୀ ପରମାତ୍ମା ତତ୍ତ୍ୱଜ୍ଞାନ ଆକାରରେ ଶୁଣାଇଥାନ୍ତି, (ରଷିକୃତ୍) ରଷି ରୂପରେ ପ୍ରକଟ ସେହି ପରମାତ୍ମା କୃତ (ସହସ୍ରଣୀଥଃ) ହଜାର-ହଜାର ବାଣୀ ଅର୍ଥାତ୍ କବୀର ବାଣୀ, (ରଷିମନା) ରଷି ସ୍ୱଭାବଯୁକ୍ତ ଭକ୍ତମାନଙ୍କ ପାଇଁ (ସ୍ୱର୍ଷଃ) ଆନନ୍ଦଦାୟକ ହୋଇଥାଏ । (କବିନାମ୍ ପଦବୀଃ) କବିତ୍ୱ ମାଧ୍ୟମରେ ଦୋହା, ଚୌପଦୀ ମାଧ୍ୟମରେ ବାଣୀ ଗାନ କରୁଥିବା କାରଣରୁ ସେହି ପରମାତ୍ମା କବିମାନଙ୍କ ମଧ୍ୟରେ ଜଣେ ପ୍ରସିଦ୍ଧ କବି ପଦବୀ ମଧ୍ୟ ପ୍ରାପ୍ତ କରିଥାନ୍ତି । ସେହି

(ସୋମ୍) ଅମର ପରମାତ୍ମା (ସିଷାସନ୍) ସମସ୍ତଙ୍କର ପାଳନ-ପୋଷଣ କରିବାର ଇଚ୍ଛା ରଖି ପ୍ରଥମ ସ୍ଥିତିରେ (ମହିଷଃ) ବଡ଼ ପୃଥିବୀ ଅର୍ଥାତ୍ ଉପରେ ଥିବା ଲୋକଗୁଡ଼ିକ ମଧ୍ୟରୁ (ତୃତୀୟ ଧାମ୍) ତୃତୀୟ ଧାମ ଅର୍ଥାତ୍ ସତ୍ୟଲୋକର ତୃତୀୟ ପୃଷ୍ଠରେ (ଅନୁରାଜତି) ତେଜମୟ ଶରୀର ଯୁକ୍ତ (ଷ୍ଟୁପ) ଗମ୍ବୁଜରେ (ବିରାଜମ୍) ବିରାଜମାନ ଅଛନ୍ତି , ସେଠାରେ ବସିଛନ୍ତି । ଏହି ପ୍ରମାଣ ରଗବେଦ ମଣ୍ଡଳ ୯ ସୂକ୍ତ ୫୪ ମନ୍ତ୍ର ୩ରେ ମଧ୍ୟ ଅଛି ଯେ ପରମାତ୍ମା ସମସ୍ତ ଲୋକ ଉପରେ ଥିବା ଲୋକରେ ବିରାଜମାନ ଅଛନ୍ତି, (ତିଷ୍ଠନ୍ତି) ବସିଛନ୍ତି ।

ବିବେଚନା :- ରଗବେଦ ମଣ୍ଡଳ ୯ ସୂକ୍ତ ୯୬ ମନ୍ତ୍ର ୧୯ ରେ ମଧ୍ୟ ଆର୍ଯ୍ୟସମାଜର ବିଦ୍ୱାନମାନେ ଅନୁବାଦ କରିଛନ୍ତି । ଏଥିରେ ମଧ୍ୟ ବହୁତ ଭୁଲ୍ ଅଛି । ପୁସ୍ତକ ବଡ଼ ହୋଇଯିବା କାରଣରୁ କେବଳ ନିଜ ଉଦ୍ଦେଶ୍ୟ ବିଷୟରେ ଜ୍ଞାନ ପ୍ରାପ୍ତ କରାଉଅଛି ।

ଏହି ମନ୍ତ୍ରରେ ଚତୁର୍ଥ ଧାମର ବର୍ଣ୍ଣନା ଅଛି । ଆପଣ ଅଧିକ ଜ୍ଞାନ ସୃଷ୍ଟିରଚନା ବିଷୟରେ ପଢି ପାରିବେ । ସେଥିରୁ ସମ୍ପୂର୍ଣ୍ଣ ଜ୍ଞାନ ମିଳିଯିବ, ପଢନ୍ତୁ ଏହି ପୁସ୍ତକର ୧୪୩ ନଂ ପୃଷ୍ଠାରେ ।

ପରମାତ୍ମା ଉପରର ଚାରୋଟି ଲୋକକୁ ଅଜର-ଅମର ରୂପେ ସୃଷ୍ଟି କରିଛନ୍ତି । ୧. ଅନାମୀ ଲୋକ ଯାହା ସବୁଠାରୁ ଉପରେ ଅଛି, ୨. ଅଗମ ଲୋକ ୩. ଅଲଖ ଲୋକ ୪. ସତ୍ୟଲୋକ ।

ଆମ୍ଭେ ପୃଥିବୀ ଲୋକରେ ଅବସ୍ଥାନ କରୁଅଛେ । ଏଠାରୁ କ୍ରମାନୁସାରେ ଉପରେ ଥିବା ଲୋକଗୁଡ଼ିକୁ ଗଣତି କଲେ ୧.ସତ୍ୟଲୋକ ୨. ଅଲଖଲୋକ ୩. ଅଗମଲୋକ ଏବଂ ଚତୁର୍ଥରେ ଅନାମୀ ଲୋକ, ସେହି ଚତୁର୍ଥ ଧାମରେ ବସି ପରମାତ୍ମା ସର୍ବ ବ୍ରହ୍ମାଣ୍ଡ ଓ ଲୋକର ରଚନା କଲେ । ଅବଶିଷ୍ଟ ରଚନା ସତ୍ୟଲୋକରେ ବସି କଲେ । ଆର୍ଯ୍ୟସମାଜର ଅନୁବାଦକମାନେ ତୁରିୟା ପରମାତ୍ମା ଅର୍ଥାତ୍ ଚତୁର୍ଥ ପରମାତ୍ମାଙ୍କର ବର୍ଣ୍ଣନା କରିଛନ୍ତି । ଏହା ଚତୁର୍ଥ ଧାମ ଅଟେ । ସେଥିରେ ମୂଳ ପାଠ ମନ୍ତ୍ର ୧୯ ର ଭାବାର୍ଥ ଏହା ଯେ ତତ୍ତ୍ୱଦର୍ଶୀ ସନ୍ଥ ଚତୁର୍ଥ ଧାମ ଓ ଚତୁର୍ଥ ପରମାତ୍ମାଙ୍କ ବିଷୟରେ (ବିବକ୍ତି) ଭିନ୍ନ-ଭିନ୍ନ ବର୍ଣ୍ଣନା କରନ୍ତି । ପାଠକବୃନ୍ଦ ! କୃପାକରି ପଢନ୍ତୁ 'ସୃଷ୍ଟି ରଚନା' ଏହି ପୁସ୍ତକର ୧୨୪ନଂ ପୃଷ୍ଠାରେ, ଯାହାଦ୍ୱାରା ଆପଣଙ୍କୁ ଜ୍ଞାନ ହୋଇଯିବ ଯେ ଲେଖକ (ସନ୍ଥ ରାମପାଲ ଦାସ)ହିଁ ସେହି ତତ୍ତ୍ୱଦର୍ଶୀ ସନ୍ଥ ଅଟନ୍ତି, ଯିଏ ତତ୍ତ୍ୱଜ୍ଞାନ ସହିତ ପରଚିତ ଅଟନ୍ତି ।

ବିବେଚନା :- ରଗବେଦ ମଣ୍ଡଳ ୯ ସୂକ୍ତ ୯୬ ମନ୍ତ୍ର ୨୦ ର ଯଥାର୍ଥ ଅର୍ଥ ବର୍ତ୍ତମାନ ଜାଣିବା :-

ଏହି ମନ୍ତ୍ରର ଅନୁବାଦ ମହର୍ଷି ଦୟାନନ୍ଦଙ୍କ ଚେଲାମାନେ କରିଛନ୍ତି । ଏମାନଙ୍କ ଦୃଷ୍ଟିକୋଣ ଏହା ଯେ ପରମାତ୍ମା ନିରାକାର ଅଟନ୍ତି କାରଣ ମହର୍ଷି ଦୟାନନ୍ଦ ଏହି କଥାକୁ ଦୃଢ କରିଛନ୍ତି ଯେ ପରମାତ୍ମା ନିରାକାର ଅଟନ୍ତି । ସେଥିପାଇଁ ଅନୁବାଦକମାନେ ସିଧା ମନ୍ତ୍ରକୁ ଓଲଟ-ପାଲଟ କରି ଅନୁବାଦ କରିଛନ୍ତି । ଯେପରି ମନ୍ତ୍ର ୨୦ର ମୂଳପାଠରେ ଲେଖା ଅଛି ଯେ :-

*ମର୍ଯ୍ୟ ନ ଶୁଭ୍ରଃ ତନ୍ୱା ମୃଜାନଃ ଅତ୍ୟଃ ନ ସୃତ୍ୱା ସନୟେ ଧନାନାମ୍ ।*
*ବୃଷେବ ଯୁଥା ପରି କୋଶମ୍ ଅର୍ଷନ୍ କନିକ୍ରଦତ୍ ଚମ୍ୱୋଃ ଆବିବେଶ ॥*

ଅନୁବାଦ :- (ମର୍ଯ୍ୟଃ ) ମନୁଷ୍ୟ (ନ)ଯେପରି ସୁନ୍ଦର ବସ୍ତ୍ର ଧାରଣ କରିଥାଏ, ପରମାତ୍ମା ସେହିପରି (ଶୁଭ୍ରଃ ତନ୍ୱ) ସୁନ୍ଦର ଶରୀର (ମୃଜାନଃ ) ଧାରଣ କରି (ଅତ୍ୟ) ଅତ୍ୟନ୍ତ ବେଗରେ (ସୃତ୍ୱା ) ଗତି କରି (ଧନାନାମ) ଭକ୍ତି ଧନରେ ଧନୀ ଅର୍ଥାତ୍ ପୂଣ୍ୟାତ୍ମାମାନଙ୍କୁ (ସନୟେ) ପ୍ରାପ୍ତ ହେବା ପାଇଁ ଆସିଥାନ୍ତି (ଯୁଥା ବୃଷେବ) ଯେପରି ଏକ ସମୁଦାୟକୁ ସେମାନଙ୍କର ସେନାପତି ପ୍ରାପ୍ତ ହୋଇଥାନ୍ତି, ଏହିପରି ସେହି ପରମାତ୍ମା ସନ୍ଥ ଓ ଋଷି ରୂପରେ ପ୍ରକଟ ହେବା ଦ୍ୱାରା ତାଙ୍କର ବହୁତ ସଂଖ୍ୟାରେ ଅନୁଯାୟୀ ହୋଇଯାଆନ୍ତି ଏବଂ ପରମାତ୍ମା ଗୁରୁ ରୂପରେ ସେମାନଙ୍କର ମୁଖିଆ ହୋଇଥାନ୍ତି । ସେହି ପରମାତ୍ମା (ପରି କୋଶମ୍) ପ୍ରଥମ ବ୍ରହ୍ମାଣ୍ଡକୁ (ଅର୍ଷନ୍) ପ୍ରାପ୍ତ ହୋଇ ଅର୍ଥାତ୍ ଆଗମନ କରି (କନିକ୍ରଦତ୍)

ଉଚ୍ଚ ସ୍ୱରରେ ସତ୍ୟଜ୍ଞାନ ଉଚ୍ଚାରଣ କରି (ଚୟୋ) ପୃଥିବୀ ଖଣ୍ଡରେ (ଅବିବେଶ) ପ୍ରବିଷ୍ଟ ହୋଇଥାନ୍ତି ।

ଭାବାର୍ଥ :- ଯେପରି ପୂର୍ବର ବେଦ ମନ୍ତ୍ରରେ କୁହାଯାଇଛି ଯେ ପରମାତ୍ମା ଉପରେ ଥିବା ଲୋକରେ ରୁହନ୍ତି, ସେଠାରୁ ଗତି କରି ନିଜ ରୂପକୁ ଅର୍ଥାତ୍ ଶରୀରର ତେଜକୁ ସରଳ କରି ପୃଥିବୀ ପୃଷ୍ଠକୁ ଆସନ୍ତି । ଏହି ଋଗବେଦ ମଣ୍ଡଳ ୯ ସୂକ୍ତ ୯୬ ମନ୍ତ୍ର ୨୦ରେ ତାହାର ପୁଷ୍ଟି କରାଯାଇଛି । କୁହାଯାଇଛି ଯେ ପରମାତ୍ମା ସେହିପରି ଅନ୍ୟ ଶରୀର ଧାରଣ କରି ପୃଥିବୀ ପୃଷ୍ଠକୁ ଆସିଥାନ୍ତି, ଯେପରି ମନୁଷ୍ୟ ବସ୍ତ୍ର ଧାରଣ କରିଥାଏ ଏବଂ (ଧନାନାମ୍) ଦୃଢ ଭକ୍ତ (ଉତ୍ତମ ପୂଣ୍ୟାତ୍ମାମାନଙ୍କୁ) ପ୍ରାପ୍ତ ହୋଇଥାନ୍ତି, ବାଣୀ ଉଚ୍ଚାରଣ କରି ସେମାନଙ୍କୁ ତତ୍ତ୍ୱଜ୍ଞାନ ଶୁଣାଇଥାନ୍ତି ।

(ପ୍ରମାଣ ଋଗ୍‌ବେଦ ମଣ୍ଡଳ ୯, ସୂକ୍ତ ୯୫ ମନ୍ତ୍ର ୨)

**हरिः सृजानः पथ्यामृतस्येयर्ति वाचमरितेव नावम् ।**
**देवो देवानां गुह्यानि नामाविष्कृणोति बर्हिषि प्रवाचे ॥२॥**

**पदार्थः**—( हरिः ) वह पूर्वोक्त परमात्मा ( सृजानः ) साक्षात्कार को प्राप्त हुआ ( **ऋतस्य पथ्यां** ) वाक् द्वारा मुक्ति मार्ग की ( **इयर्ति** ) प्रेरणा करता है । ( **अरितेव नावम्**) जैसा कि नौका के पार लगाने के समय में नाविक प्रेरणा करता है और ( **देवानां देवः** ) सब देवों का देव ( **गुह्यानि** ) गुप्त ( **नामाविष्कृणोति** ) संज्ञाओं को प्रकट करता है ( **बर्हिषि प्रवाचे** ) वाणीरूप यज्ञ के लिए ॥२॥

ଋଗବେଦ ମଣ୍ଡଳ ୯ ସୂକ୍ତ ୯୫ ମନ୍ତ୍ର ୨ର ଅନୁବାଦ ମହର୍ଷି ଦୟାନନ୍ଦଙ୍କ ଚେଲାମାନେ କରିଛନ୍ତି ଯାହା ବହୁତ ଠିକ୍ କରିଛନ୍ତି ।

ଏହାର ଭାବାର୍ଥ ହେଲା ଯେ ପୂର୍ବୋକ୍ତ ପରମାତ୍ମା ଅର୍ଥାତ୍ ଯେଉଁ ପରମାତ୍ମାଙ୍କ ବିଷୟରେ ପ୍ରଥମ ମନ୍ତ୍ରରେ ଉପରେ କୁହାଯାଇଛି, ସେ (ସୃଜାନଃ) ନିଜ ଶରୀର ଧାରଣ କରି (ଋତସ୍ୟ ପଥ୍ୟାଂ) ସତ୍ୟଭକ୍ତିର ମାର୍ଗ ଅର୍ଥାତ୍ ଯଥାର୍ଥ ଆଧାତ୍ମିକ ଜ୍ଞାନ ନିଜ ଅମୃତମୟୀ ବାକ୍ ଅର୍ଥାତ୍ ବାଣୀ ଦ୍ୱାରା ମୁକ୍ତି ମାର୍ଗ ପାଇଁ ପ୍ରେରଣା ଦେଇଥାନ୍ତି ।

ସେହି ମନ୍ତ୍ର ଏଭଳି ଅଟେ ଯେଭଳି (ଅତିରେବ ନାବମ୍) ନାଉରିଆ ନୌକାରେ ବସାଇ ପାରି କରିଦିଏ, ଠିକ୍ ଏହିଭଳି ପରମାତ୍ମା ସତ୍ୟଭକ୍ତି ମାର୍ଗ ରୂପୀ ନୌକା ଦ୍ୱାରା ସାଧକକୁ ସଂସାର ରୂପକ ନଦୀ ପାରି କରିଦିଅନ୍ତି । ସେ (ଦେବନାମ୍ ଦେବଃ) ସର୍ବ ଦେବତାଙ୍କର ଦେବ ଅର୍ଥାତ୍ ସର୍ବ ପ୍ରଭୁଙ୍କର ପ୍ରଭୁ ପରମେଶ୍ୱର (ବର୍ହିଷି ପ୍ରବାଚେ) ବାଣୀ ରୂପୀ ଜ୍ଞାନ ଯଜ୍ଞ ପାଇଁ (ଗୁହ୍ୟାନି) ଗୁପ୍ତ (ନାମା ଆବିଷ୍କୃଣୋତି)ମନ୍ତ୍ରର ଆବିଷ୍କାର କରନ୍ତି ଅର୍ଥାତ୍ ଯେପରି ଗୀତା ଅଧ୍ୟାୟ ୧୭ ଶ୍ଲୋକ ୨୩ ରେ "ଓଁ ତତ୍ ସତ୍" ରେ ତତ୍ ଓ ସତ୍ ଗୁପ୍ତ ମନ୍ତ୍ର ଅଟେ, ଯାହାକୁ ସେହି ପରମେଶ୍ୱର ମୋତେ (ସନ୍ଥ ରାମପାଲ ଦାସ) କହିଛନ୍ତି, ସେହି ମନ୍ତ୍ର ଦ୍ୱାରା ହିଁ ପୂର୍ଣ୍ଣ ମୋକ୍ଷ ସମ୍ଭବ ହେବ ।

ସୂକ୍ଷ୍ମ ବେଦରେ ପରମେଶ୍ୱର କହିଛନ୍ତି ଯେ:-

*"ସୋହଂ" ଶବ୍ଦ ହମ ଜଗ ମେ ଲାଏ, ସାରଶବ୍ଦ ହମ ଗୁପ୍ତ ଛିପାଏ ।*

ଭାବାର୍ଥ :- ପରମେଶ୍ୱର ସ୍ୱୟଂ "ସୋହଂ" ଶବ୍ଦ ଭକ୍ତି ପାଇଁ କହିଛନ୍ତି । ଏହି ସୋହଂ ମନ୍ତ୍ର କୌଣସି ପ୍ରାଚୀନ ଗ୍ରନ୍ଥ (ବେଦ, ଗୀତା, କୁରାନ୍, ପୁରାଣ ଓ ବାଇବେଲ) ରେ ନାହିଁ । ପୁଣି ସୂକ୍ଷ୍ମ ବେଦରେ କୁହାଯାଇଛି ଯେ :-

*ସୋହଂ ଉପର ଔର ହେ, ସତ୍ୟ ସୁକୃତ ଏକ ନାମ ।*
*ସବ ହଂସୋ କା ଜହାଁ ବାସ ହୈ, ବସ୍ତୀ ହେ ବିନ ଠାମ ॥*

ଭାବାର୍ଥ:- "ସୋହଂ" ମନ୍ତ୍ର ତ ପରମାତ୍ମା ପ୍ରକଟ କରିଦେଲେ, ଆବିଷ୍କାର କରିଦେଲେ, ପରନ୍ତୁ

ସାରଶବ୍ଦ ଗୁପ୍ତ ରଖିଥିଲେ । ବର୍ତ୍ତମାନ ମୋତେ (ଲେଖକ ସନ୍ଥ ରାମପାଲଙ୍କୁ) କହିଛନ୍ତି ଯାହା ସାଧକକୁ ଦୀକ୍ଷା ଦେବା ସମୟରେ କୁହା ଯାଇଥାଏ । ଗୀତା ଅଧ୍ୟାୟ ୧୭ ଶ୍ଳୋକ ନଂ ୩ ରେ କହିଥିବା "ଓଁ ତତ୍ ସତ୍" ସହିତ ଅଛି ଏହାର ସମ୍ବନ୍ଧ ।

अधि यदस्मिन्वाजिनीव शुभः स्पर्धन्ते धियः सूर्ये न विशः ।
अपो वृणानः पवते कवीयन्व्रजं न पशुवर्धनाय मन्म ॥१॥

पदार्थः—( सूर्य्ये ) सूर्य के विषय में ( न ) जैसे ( विशः ) रश्मियां प्रकाशित करती हैं । उसी प्रकार ( धियः ) मनुष्यों की बुद्धियां ( स्पर्धन्ते ) अपनी-अपनी उत्कट शक्ति से विषय करती हैं । (अस्मिन् अधि ) जिस परमात्मा में ( वाजिनीव) सर्वोपरि बलों के समान ( शुभः ) शुभ बल है वह परमात्मा ( अपोवृणानः ) कर्मों का अध्यक्ष होता हुआ ( पवते ) सबको पवित्र करता हैं । ( कवीयन् ) कवियों की तरह आचरण करता हुआ ( पशुवर्धनाय ) सर्वद्रष्टृत्व पद के लिए ( व्रजं, न ) इन्द्रियों के अधिकरण मन के समान 'व्रजन्ति इन्द्रियाणि यस्मिन् तद्व्रजम्' ( मन्म ) जो अधिकरणरूप है वही श्रेय का धाम है ॥१॥

ବିବେଚନା :- ରଗବେଦ ମଣ୍ଡଳ ୯ ସୂକ୍ତ ୯୪ ମନ୍ତ୍ର ୧ର ଅନୁବାଦ ମଧ୍ୟ ଆର୍ଯ୍ୟସମାଜର ବିଦ୍ୱାନମାନଙ୍କ ଦ୍ୱାରା କରାଯାଇଛି ।

ବିବେଚନା :- ପୁସ୍ତକ ବିସ୍ତାରକୁ ଧ୍ୟାନରେ ରଖି ସେମାନଙ୍କ ଅନୁବାଦରୁ ହିଁ ନିଜ ମତ ସିଦ୍ଧ କରିବା । ଯେପରି ପୂର୍ବରୁ ଲିଖିତ ବେଦମନ୍ତ୍ରରେ କୁହାଯାଇଛି ଯେ ପରମାତ୍ମା ନିଜ ମୁଖ କମଳରେ ବାଣୀ ଉଚ୍ଚାରଣ କରି ତତ୍ତ୍ୱଜ୍ଞାନ କହିଥାନ୍ତି, ଲୋକୋକ୍ତି ମାଧ୍ୟମରେ କବିତ୍ୱ ଦ୍ୱାରା ଦୋହା, ଶବ୍ଦାବଳୀ, ସାଖି ଓ ଚୌପଦୀ ଦ୍ୱାରା ବାଣୀ ଗାନ କରୁଥିବାରୁ ପ୍ରସିଦ୍ଧ କବିମାନଙ୍କ ପରି ଜଣେ ଶ୍ରେଷ୍ଠ କବି ଉପାଧି ମଧ୍ୟ ପ୍ରାପ୍ତ କରିଥାନ୍ତି । ତାଙ୍କ ନାମ କବିର୍ଦେବ ଅର୍ଥାତ୍ କବୀର ସାହେବ ଅଟେ ।

ଏହି ରଗବେଦ ମଣ୍ଡଳ୯ ସୂକ୍ତ ୯୪ ମନ୍ତ୍ର ୧ରେ ମଧ୍ୟ ଏହି କଥା କୁହାଯାଇଛି ଯେ ଯିଏ ସର୍ବ ଶକ୍ତିମାନ ପରମେଶ୍ୱର ଅଟନ୍ତି, ସେ (କବିୟନ୍ ବ୍ରଜମ୍ ନ) କବିମାନଙ୍କ ଭଳି ଆଚରଣ କରି ପୃଥିବୀ ପୃଷ୍ଠରେ ବିଚରଣ କରନ୍ତି ।

ପ୍ରମାଣ ରଗବେଦ ମଣ୍ଡଳ ନଂ. ୯ସୂକ୍ତ ୨୦ ମନ୍ତ୍ର ୧)

प्र कविर्देववीतयेऽव्यो वारेभिरर्षति ।
साह्वान्विश्वा अभि स्पृधः ॥१॥

पदार्थः—वह परमात्मा ( कविः ) मेधावी है और ( अव्यः ) सबका रक्षक है ( देववीतये ) विद्वानों की तृप्ति के लिये ( अर्षति ) ज्ञान देता है ( साह्वान् ) सहनशील है ( विश्वाः, स्पृधः ) सम्पूर्ण दुष्टों को संग्रामों में ( अभि ) तिरस्कृत करता है ॥१॥

ବିବେଚନା :- ରଗବେଦ ମଣ୍ଡଳ ୯ ସୂକ୍ତ ୨୦ମନ୍ତ୍ର ୧ର ଅନୁବାଦ ମଧ୍ୟ ଆର୍ଯ୍ୟସମାଜର ବିଦ୍ୱାନମାନେ କରିଛନ୍ତି । ଏହାର ଅନୁବାଦରେ ଠିକ୍ କମ୍ ଭୂଲ୍ ଅଧିକ ଅଛି । ଏଥିରେ ମୂଳପାଠରେ ଲେଖାଅଛି ଯେ :-

'ପ୍ର କବିର୍ଦେବ ବୀତୟେ ଅବ୍ୟଃ ବାରେଭିଃ ଅର୍ଷତି ସାହ୍ୱାନ୍ ବିଶ୍ୱାଃ ଅଭି ସ୍ପୃଧଃ

ସରଳାର୍ଥ :- (ପ୍ର) ବେଦ ଜ୍ଞାନଦାତାଠାରୁ ଯିଏ ଭିନ୍ନ (କବିର୍ଦେବ) କବିର୍ଦେବ କବୀର ପରମେଶ୍ୱର

ଅଟନ୍ତି, ସେ ବିଦ୍ୱାନ୍ ଅର୍ଥାତ୍ ଜିଜ୍ଞାସୁମାନଙ୍କୁ, (ବୀତୟେ) ଜ୍ଞାନ ଧନ ତୃପ୍ତି ପାଇଁ(ବାରେଭିଃ) ଶ୍ରେଷ୍ଠ ଆତ୍ମାମାନଙ୍କୁ (ଅର୍ଷତି) ଜ୍ଞାନ ଦିଅନ୍ତି । ସେ (ଅବ୍ୟଃ) ଅବିନାଶୀ ଅଟନ୍ତି, ରକ୍ଷକ ଅଟନ୍ତି, (ସାହ୍ୱାନ୍) ସହନଶୀଳ (ବିଶ୍ୱାଃ) ତତ୍ତ୍ୱଜ୍ଞାନ ହୀନ ସର୍ବ ଦୁଷ୍ଟମାନଙ୍କୁ (ସ୍ୱଧଃ) ଆଧ୍ୟାତ୍ମିକ ଜ୍ଞାନର କୃପା ସ୍ୱଧା ଅର୍ଥାତ୍ ଜ୍ଞାନ ଗୋଷ୍ଠୀ ରୂପକ ବାକ୍ ଯୁଦ୍ଧରେ (ଅଭି) ସମ୍ପୂର୍ଣ୍ଣ ରୂପେ ତିରସ୍କୃତ କରିଥାନ୍ତି, ସେମାନଙ୍କ ମୁହଁ ବନ୍ଦ କରିଦିଅନ୍ତି ।

ବିଶେଷ:- (କ) ଏହି ମନ୍ତ୍ରର ଅନୁବାଦରେ ଆପଣ ଫଟୋ କପି ଦେଖିଲେ ଜାଣିପାରିବେ ଯେ କେତେକ ଶବ୍ଦର ଅର୍ଥକୁ ଆର୍ଯ୍ୟ ସମାଜର ବିଦ୍ୱାନମାନେ ଅନୁବାଦରେ ସାମିଲ ନକରି ଛାଡ଼ି ଦେଇଛନ୍ତି । ଯେପରି = "ପ୍ର" , "ବାରେଭିଃ" ଯେଉଁ କାରଣରୁ ବେଦର ଯଥାର୍ଥ ଭାବ ପାଠକମାନଙ୍କ ପର୍ଯ୍ୟନ୍ତ ଆସି ପାରିଲା ନାହିଁ ।

(ଖ) ମୋର ଅନୁବାଦରୁ ସ୍ପଷ୍ଟ ହେଲା ଯେ ସେହି ପରମାତ୍ମା ଉତ୍ତମ ଆତ୍ମା(ଦୃଢ ଭକ୍ତମାନଙ୍କୁ) ଜ୍ଞାନ ଦିଅନ୍ତି, ତାଙ୍କ ନାମ ମଧ୍ୟ ଲେଖାଯାଇଛି:- "କବିର୍ଦେବ" । ଆମ୍ଭେ କବୀର ପରମେଶ୍ୱର କହିଥାଉ ।

(ପ୍ରମାଣ ରଗବେଦ ମଣ୍ଡଳ ନଂ ୯ ସୂକ୍ତ ୫୪ ମନ୍ତ୍ର ୩)

अयं विश्वानि तिष्ठति पुनानो भुवनोपरि ।
सोमो देवो न सूर्यः ॥३॥

पदार्थः—( सूर्यः, न ) सूर्य के समान जगत्प्रेरक ( अयम् ) यह परमात्मा ( सोमः, देवः ) सौम्य स्वभाव वाला और जगत्प्रकाशक है और (विश्वानि, पुनानः) सब लोकों को पवित्र करता हुआ ( भुवनोपरि, तिष्ठति ) सम्पूर्ण ब्रह्माण्डों के ऊर्ध्व भाग में भी वर्तमान है ॥३॥

ବିବେଚନା:- ରଗବେଦ ମଣ୍ଡଳ ୯ ସୂକ୍ତ ୫୪ ମନ୍ତ୍ର ୩ ର ଜେରକ୍ସ କପିରେ ଆପଣ ଦେଖନ୍ତୁ, ଏହାର ଅନୁବାଦ ଆର୍ଯ୍ୟସମାଜର ବିଦ୍ୱାନମାନେ କରିଛନ୍ତି । ସେମାନଙ୍କ ଅନୁବାଦରୁ ମଧ୍ୟ ଏହା ସ୍ପଷ୍ଟ ହେଉଛି ଯେ ସେହି ପରମାତ୍ମ (ଭୂବନୋପରି) ସର୍ବ ବ୍ରହ୍ମାଣ୍ଡର ଉର୍ଦ୍ଧ୍ୱରେ ଅର୍ଥାତ୍ ଉପରେ (ତିଷ୍ଠତି) ବିରାଜମାନ ଅଟନ୍ତି, ଉପରେ ବସିଛନ୍ତି :-

ଏହାର ଯଥାର୍ଥ ଅନୁବାଦ ଏହି ପ୍ରକାରେ ଅଟେ:-

(ଅୟଂ) ଏହି (ସୋମଃ ଦେବ) ଅମର ପରମେଶ୍ୱର (ସୂର୍ଯ୍ୟଃ) ସୂର୍ଯ୍ୟ (ନ) ସମ (ବିଶ୍ୱାନି) ସମସ୍ତଙ୍କୁ (ପୁନାନଃ) ପବିତ୍ର କରି (ଭୂବନୋପରି) ସର୍ବ ବ୍ରହ୍ମାଣ୍ଡର ଉର୍ଦ୍ଧ୍ୱରେ ଅର୍ଥାତ୍ ଉପରେ (ତିଷ୍ଠତି) ବସିଛନ୍ତି ।

ଭାବାର୍ଥ :- ଯେପରି ସୂର୍ଯ୍ୟ ଉପରେ ଥାଇ ନିଜ କିରଣ ଓ ଉଷ୍ଣତା ଦ୍ୱାରା ସମସ୍ତଙ୍କୁ ଲାଭ ଦେଉଅଛି । ସେହିପରି ଏହି ପରମେଶ୍ୱର ଯାହାଙ୍କ ବିଷୟରେ ଉପରୋକ୍ତ ମନ୍ତ୍ରରେ ବର୍ଣ୍ଣନା କରାଯାଇଛି । ସର୍ବ ବ୍ରହ୍ମାଣ୍ଡ ଉପରେ ବସି ନିଜ ନିରାକାର ଶକ୍ତି ଦ୍ୱାରା ସେ ସମସ୍ତ ପ୍ରାଣୀଙ୍କୁ ଲାଭ ଦେଉଛନ୍ତି ଏବଂ ସର୍ବ ବ୍ରହ୍ମାଣ୍ଡର ସଞ୍ଚାଳନ କରୁଛନ୍ତି ।

ତର୍କ:- ମହର୍ଷି ଦୟାନନ୍ଦ ଅର୍ଥାତ୍ ଆର୍ଯ୍ୟସମାଜୀମାନଙ୍କର ମତ ଏହା ଯେ ପରମାତ୍ମା କୌଣସି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ, କୌଣସି ଏକ ନିର୍ଦ୍ଦିଷ୍ଟ ଲୋକରେ ରୁହନ୍ତି ନାହିଁ ।

ପ୍ରମାଣ :- ସତ୍ୟାର୍ଥ ପ୍ରକାଶ ନାମକ ପୁସ୍ତକର ସମୁଲ୍ଲାସ (**Chapter**) ନଂ ୭ ପୃଷ୍ଠା ୧୪୮ ରେ (ଆର୍ଯ୍ୟ ସାହିତ୍ୟ ପ୍ରଚାର ଟ୍ରଷ୍ଟ ମନ୍ଦିର ଗଳି ନଂ ୪୨୭, ନୟା ବାଂସ, ଦିଲ୍ଲୀ - ୭୮ ତମ ସଂସ୍କରଣ)

କେହି ଜଣେ ପ୍ରଶ୍ନ କଲେ :- ଈଶ୍ୱର ବ୍ୟାପକ ଅଟନ୍ତି କି କୌଣସି ଏକ ନିର୍ଦ୍ଦିଷ୍ଟ ଦେଶ (ଲୋକ) ରେ ରହନ୍ତି କି?

ଉତ୍ତର (ମହର୍ଷି ଦୟାନନ୍ଦଜୀଙ୍କ) :- ବ୍ୟାପକ ଅଟନ୍ତି, କାରଣ ଯିଏ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଅବସ୍ଥାନ କରିବେ ସେ ସର୍ବ ଅନ୍ତର୍ଯ୍ୟାମୀ, ସର୍ବଜ୍ଞ, ସର୍ବନିୟନ୍ତା, ସମସ୍ତଙ୍କର ସ୍ରଷ୍ଟା, ସମସ୍ତଙ୍କର ଧର୍ତ୍ତା ଓ ପ୍ରଳୟକର୍ତ୍ତା କଦାପି ହୋଇ ପାରିବେ ନାହିଁ ।

ଅପ୍ରାପ୍ତ ଦେଶରେ କର୍ତ୍ତା କ୍ରୀୟଶୀଳ ହେବା କରିବା ଅସମ୍ଭବ । (ସତ୍ୟାର୍ଥ ପ୍ରକାଶରୁ ଲେଖା ସମାପ୍ତ)

ମହର୍ଷି ଦୟାନନ୍ଦ ଏହା ସ୍ୱୀକାର କରୁନଥିଲେ ଯେ ପରମାତ୍ମା କୌଣସି ଏକ ଦେଶ ଅର୍ଥାତ୍ ନିର୍ଦ୍ଦିଷ୍ଟ ସ୍ଥାନରେ ରୁହନ୍ତି । ମହର୍ଷି ଦୟାନନ୍ଦ ବେଦ ଜ୍ଞାନକୁ ସତ୍ୟ ଜ୍ଞାନ ରୂପେ ସ୍ୱୀକାର କରୁଥିଲେ ।

ଆପଣମାନେ ନିଜ ଆଖିରେ ଅନେକ ବେଦମନ୍ତ୍ର ପଢି ଜାଣି ପାରିଲେ ଯେ ପରମେଶ୍ୱର ଉପରେ ଏକ ସ୍ଥାନରେ ରୁହନ୍ତି । ସେଠାରୁ ଅବତରଣ କରି ଆସି ଏଠାରେ ମଧ୍ୟ ପ୍ରକଟ ହୁଅନ୍ତି । ମହର୍ଷି ଦୟାନନ୍ଦ ଓ ଆର୍ଯ୍ୟସମାଜୀ ପରମାତ୍ମାଙ୍କୁ ନିରାକାର ମାନନ୍ତି ।

ପ୍ରମାଣ:- ସତ୍ୟାର୍ଥ ପ୍ରକାଶର ସମୁଲ୍ଲାସ ନଂ ୯ ପୃଷ୍ଠା ୧୭୬, ସମୁଲ୍ଲାସ ୭ ପୃଷ୍ଠା ୧୪୯, ସମୁଲ୍ଲାସ ୧୧ପୃଷ୍ଠା୨୫୧ରେ କହିଛନ୍ତି ଯେ ପରମାତ୍ମା ନିରାକାର ଅଟନ୍ତି ।

ପ୍ରିୟ ପାଠକଗଣ ଅନେକ ବେଦ ମନ୍ତ୍ରରେ ଆପଣ ପଢିଛନ୍ତି ଯେ ପରମାତ୍ମା ସାକାର ଅଟନ୍ତି । ସେ ମନୁଷ୍ୟ ସଦୃଶ୍ୟ ଅଟନ୍ତି । ସେ ଉପରିସ୍ଥ ଲୋକରେ ରୁହନ୍ତି, ସେଠାରୁ ଗତି କରି ଆସି ଏଠାରେ ପ୍ରକଟ ହୁଅନ୍ତି । ଉତ୍ତମ ଆତ୍ମାମାନଙ୍କୁ (ଯେଉଁମାନେ ଦୃଢ ଭକ୍ତ, ସେମାନଙ୍କୁ) ଭେଟନ୍ତି । ନିଜ ମୁଖ କମଳରେ ତତ୍ତ୍ୱଜ୍ଞାନ ଗାନକରି ସେମାନଙ୍କୁ ଶୁଣାଇଥାନ୍ତି, କବି ଭଳି ଆଚରଣ କରିଥାନ୍ତି । ପରମାତ୍ମା ପୃଥିବୀ ପୃଷ୍ଠରେ ବିଚରଣ କରି ନିଜ ଆଧାତ୍ମ ଜ୍ଞାନକୁ ଉଚ୍ଚସ୍ୱରରେ ଉଚ୍ଚାରଣ (ଗାନ) କରି ଶୁଣାଇଥାନ୍ତି ।

ଗୀତା ଅଧ୍ୟାୟ ୪ ଶ୍ଳୋକ ୩୨ରେ ମଧ୍ୟ ଏହି ପ୍ରମାଣ ଅଛି ।

ପ୍ରିୟ ପାଠକବୃନ୍ଦ ! ଆପଣ ସ୍ୱୟଂ ନିର୍ଣ୍ଣୟ କରନ୍ତୁ କାହାକୁ କେତେ ଆଧାତ୍ମିକ ଜ୍ଞାନ ଜଣା ଥିଲା । ବିଶେଷ ଆଶ୍ଚର୍ଯ୍ୟର କଥା ଏହା ଯେ ବେଦମନ୍ତ୍ରର ଅନୁବାଦ ମଧ୍ୟ ମହର୍ଷି ଦୟାନନ୍ଦ ଓ ତାଙ୍କ ଚେଲାମାନେ (ଆର୍ଯ୍ୟସମାଜୀ) କରିଛନ୍ତି ।

ନିବେଦନ :- ବେଦମନ୍ତ୍ରର ବିଭିନ୍ନ ଫଟୋ କପି ଏହି ପୁସ୍ତକରେ ଛାପିବାର ଉଦ୍ଦେଶ୍ୟ ହେଲା ଯେ ଯଦି ମୁଁ (ଲେଖକ) କେବଳ ଅନୁବାଦ କରି ଲେଖି ଦେଇଥାନ୍ତି ଏବଂ ମନ୍ତ୍ରଗୁଡ଼ିକୁ ଏଠାରେ ସ୍ଥାନିତ କରି ନଥାନ୍ତି ତେବେ ଅନ୍ୟ ବ୍ୟକ୍ତିମାନେ ଏକଥା କହିଥାନ୍ତେ ଯେ ସନ୍ଥ ରାମପାଲର ସଂସ୍କୃତ ଭାଷା ଜ୍ଞାନ ନାହିଁ । ତେଣୁ ତାଙ୍କ ଅନୁବାଦ ଉପରେ ବିଶ୍ୱାସ କରାଯାଇ ପାରିବ ନାହିଁ । କିନ୍ତୁ ବର୍ତ୍ତମାନ କୌଣସି ସନ୍ଦେହ ଉତ୍ପନ୍ନ ହେବ ନାହିଁ । ଏବେ ଏହି ଦୃଢତା ଆସିଯିବ ଯେ ସନ୍ଥ ରାମପାଲଜୀ ମହାରାଜ ଯେଉଁ ବେଦ ମନ୍ତ୍ର ଅନୁବାଦ କରିଛନ୍ତି ତାହା ଯଥାର୍ଥ ଅନୁବାଦ ଅଟେ । ବର୍ତ୍ତମାନ ବିଶ୍ୱ ଉତ୍ପତ୍ତିର ଜ୍ଞାନ ବିଷୟରେ କହୁଛି ଯାହାକୁ ସ୍ୱୟଂ ପରମେଶ୍ୱର ନିଜ ଦ୍ୱାରା ରଚିତ ଜଗତର ଜ୍ଞାନ କହିଛନ୍ତି ।

## ସଂକ୍ଷିପ୍ତ ସୃଷ୍ଟି ରଚନା

ସର୍ବ ପ୍ରଥମେ ସତ୍ୟପୁରୁଷ ଏକୁଟିଆ ଥିଲେ, କୌଣସି ସୃଷ୍ଟି ନଥିଲା । ସର୍ବ ପ୍ରଥମେ ପରମେଶ୍ୱରଜୀ ନିଜ ବଚନ ଶକ୍ତି(ଶବ୍ଦ) ଦ୍ୱାରା ଚାରୋଟି ଅବିନାଶୀ ଲୋକ ସୃଷ୍ଟି କଲେ ।

୧. ଅନାମୀ ଲୋକ ଯାହାକୁ ଅକହ ଲୋକ ମଧ୍ୟ କୁହାଯାଏ ।

୨. ଅଗମ ଲୋକ, ୩. ଅଲଖ ଲୋକ ୪. ସତ୍ୟଲୋକ ।

ତା'ପରେ ପରମାତ୍ମା ଚାରିଲୋକରେ ଚାରୋଟି ରୂପ ଧାରଣ କରି ଚାରୋଟି ଉପମାତ୍ମକ ନାମରେ ପ୍ରତ୍ୟେକ ଲୋକରେ ପ୍ରସିଦ୍ଧ ହେଲେ ।

୧. ଅନାମୀ ଲୋକରେ ଅନାମୀ ପୁରୁଷ ବା ଅକହ ପୁରୁଷ ।

୨. ଅଗମ ଲୋକରେ ଅଗମ ପୁରୁଷ ।

୩. ଅଲଖ ଲୋକରେ ଅଲଖ ପୁରୁଷ ।

୪. ସତ୍ୟଲୋକରେ ଉପମାତ୍ମକ ନାମ ସତ୍ୟପୁରୁଷ ରଖିଲେ ।

ପରମାତ୍ମା ପୁଣି ନିଜ ବଚନ ଶକ୍ତି ବଳରେ ଚାରିଲୋକରେ ଗୋଟିଏ-ଗୋଟିଏ ସିଂହାସନ ତିଆରି କଲେ । ପ୍ରତ୍ୟେକ ସିଂହାସନରେ ସମ୍ରାଟ ଭଳି ମୁକୁଟ ଆଦି ଧାରଣ କରି ବିରାଜମାନ ହେଲେ । ତତ୍‌ପଶ୍ଚାତ୍ ପରମେଶ୍ୱର ସତ୍ୟଲୋକରେ ଅନ୍ୟ ସମସ୍ତ ରଚନା କଲେ । ଗୋଟିଏ ଶବ୍ଦ(ବଚନ) ରେ ୧୬ଟି ଦ୍ୱୀପ ଓ ମାନସରୋବର ରଚନା କରି ପୁଣି ୧୬ଟି ବଚନରେ ୧୬ଜଣ ପୁତ୍ରଙ୍କୁ ଉତ୍ପତ୍ତି କଲେ । ସେମାନଙ୍କ ମଧ୍ୟରେ ମୁଖ୍ୟ ଭୂମିକା ଅଚିନ୍ତ, ତେଜ, ସହଜ ଦାସ, ଯୋଗଜୀତ, କୂର୍ମ, ଇଚ୍ଛା, ଧୈର୍ଯ୍ୟ ଓ ଜ୍ଞାନୀଙ୍କର ରହିଛି ।

ନିଜ ପୁତ୍ରମାନଙ୍କୁ ଏହି ଉଚିତ୍ ଶିକ୍ଷା ଦେବା ପାଇଁ ଯେ ସମର୍ଥ ବିନା କୌଣସି କାର୍ଯ୍ୟ ସଫଳ ହୋଇପାରିବ ନାହିଁ । *ଜିସକା କାମ ଉସୀ କୋ ସାଜେ ଔର କରେ ତୋ ମୂର୍ଖ ବାଜେ ।*

ସତ୍ୟପୁରୁଷ, ନିଜ ପୁତ୍ର ଅଚିନ୍ତଙ୍କୁ କହିଲେ, ତୁମେ ସତ୍ୟଲୋକରେ ଅନ୍ୟ ରଚନା କର । ସେଥିପାଇଁ ମୁଁ ତୁମକୁ କିଛି ଶକ୍ତି ପ୍ରଦାନ କରିଛି । ପରମପିତାଙ୍କଠାରୁ ଆଦେଶ ଓ କିଛି ଶକ୍ତି ପ୍ରାପ୍ତ କରିବା ପରେ ଅଚିନ୍ତ ନିଜ ବଚନ ସାହାଯ୍ୟରେ ଅକ୍ଷର ପୁରୁଷଙ୍କୁ ଉତ୍ପତ୍ତି କଲେ । ଅକ୍ଷର ପୁରୁଷ ଯୁବକ ଅବସ୍ଥାରେ ଉତ୍ପନ୍ନ ହେଲେ । ସେ ମାନସରୋବରକୁ ସ୍ନାନ କରିବାକୁ ଗଲେ, ସେହି ଜଳରେ ପହଁରିବାକୁ ଲାଗିଲେ । କିଛି ସମୟ ପହଁରିବା ପରେ ତାଙ୍କୁ ସେଠାରେ ନିଦ୍ରା ଆସିଗଲା । ତା'ପରେ ସରୋବରର ଗଭୀରତମ ସ୍ଥାନକୁ ଶୋଇବା ପାଇଁ ଚାଲିଗଲେ । (ସତ୍ୟଲୋକରେ ଅମର ଶରୀର ଅଛି, ସେଠାକାର ଶରୀର ନିଶ୍ୱାସ-ପ୍ରଶ୍ୱାସ ଉପରେ ନିର୍ଭରଶୀଳ ନୁହେଁ) । ଅକ୍ଷର ପୁରୁଷ ବହୁତ ସମୟ ପର୍ଯ୍ୟନ୍ତ ଜଳରୁ ବାହାରକୁ ଆସିଲେ ନାହିଁ । ତେଣୁ ଅଚିନ୍ତ ପରବର୍ତ୍ତି ସୃଷ୍ଟି କରିପାରିଲେ ନାହିଁ । ତା'ପରେ ସତ୍ୟପୁରୁଷ (ପରମ ଅକ୍ଷରପୁରୁଷ) ମାନସରୋବର ନିକଟକୁ ଯାଇ ସେଥିରୁ କିଛି ଜଳକୁ ଆଞ୍ଜୁଳାରେ ନେଇ ଗୋଟିଏ ବିଶାଳ ଅଣ୍ଡା ତିଆରି କଲେ ଏବଂ ଗୋଟିଏ ଆତ୍ମାକୁ ବଚନ ଶକ୍ତି ଦ୍ୱାରା ଉତ୍ପନ୍ନ କରି ସେହି ଅଣ୍ଡା ଭିତରକୁ ପ୍ରବେଶ କରାଇଲେ ଏବଂ ଅଣ୍ଡାଟିକୁ ଜଳରେ ଛାଡ଼ିଦେଲେ । ଜଳରେ ଅଣ୍ଡାଟି ତଳ ଆଡ଼କୁ ଗତି କରିବାକୁ ଲାଗିବାରୁ ଗଡ଼-ଗଡ଼ ଶବ୍ଦରେ ଅକ୍ଷର ପୁରୁଷର ନିଦ୍ରା ଭଙ୍ଗ ହେଲା । ଅକ୍ଷର ପୁରୁଷ କ୍ରୋଧଦୃଷ୍ଟିରେ ଚାହିଁବାକୁ ଲାଗିଲା ଯେ କିଏ ମୋତେ ନିଦ୍ରାରୁ ଉଠାଇଲା । ତା'ର କ୍ରୋଧଦୃଷ୍ଟି ସେହି ଅଣ୍ଡା ଉପରେ ପଡ଼ିବାରୁ ଅଣ୍ଡାଟି ଫାଟିଗଲା । ତା' ଭିତରୁ ଜଣେ ତେଜମୟ ଯୁବକ ବାହାରିଲେ । ତାଙ୍କ ନାମ କ୍ଷରପୁରୁଷ ରଖାଗଲା (ପରବର୍ତ୍ତି ସମୟରେ ସେ କାଳ ନାମରେ ପରିଚିତ ହେଲେ) । ସତ୍ୟପୁରୁଷ ଏହି ଦୁଇଜଣଙ୍କୁ କହିଲେ ଯେ ତୁମେ ଦୁହେଁ ଜଳରୁ ବାହାରକୁ ଆସ । ଅକ୍ଷର ପୁରୁଷ ! ତୁ ଶୋଇ ଯାଇଥିଲୁ ତେଣୁ ତୋତେ ନିଦ୍ରାରୁ ଉଠାଇବା ପାଇଁ ଏସବୁ କାର୍ଯ୍ୟ କରାଗଲା । ସତ୍ୟ ପୁରୁଷ, ଅକ୍ଷର ପୁରୁଷ ଓ

କ୍ଷରପୁରୁଷଙ୍କୁ କହିଲେ ଯେ ତୁମ୍ଭେ ଦୁହେଁ ଅଚିନ୍ତ ଲୋକକୁ ଯାଇ ରୁହ । କିଛି ସମୟ ପରେ (କ୍ଷରପୁରୁଷ ଯାହାକୁ ଜ୍ୟୋତି ନିରଞ୍ଜନ - ଅଲେଖ ନିରଞ୍ଜନ - ମହାକାଳ ମଧ୍ୟ କୁହାଯାଏ) ମନରେ ବିଚାର କଲା ଯେ ଆମ୍ଭେ ତିନିଜଣ ଗୋଟିଏ ଲୋକରେ ରହୁଛୁ । ମୋର ଅନ୍ୟ ଭାଇମାନେ କିନ୍ତୁ ଗୋଟିଏ-ଗୋଟିଏ ଦ୍ୱୀପରେ ରହୁଛନ୍ତି । ଏହା ବିଚାର କରି ସେ ଅଲଗା ଦ୍ୱୀପ ପ୍ରାପ୍ତି ପାଇଁ ତପସ୍ୟା କରିବା ଆରମ୍ଭ କରିଦେଲା । ଏହା ପୂର୍ବରୁ ସତ୍ୟପୁରୁଷ, ନିଜ ପୁତ୍ର ଅଚିନ୍ତକୁ କହିଲେ, ତୁମେ ସୃଷ୍ଟି ରଚନା କରିପାରିବ ନାହିଁ, ମୁଁ ତୁମକୁ କେବଳ ଏହି ଶିକ୍ଷା ଦେବା ପାଇଁ କହିଥିଲି ଯେ ଅନ୍ୟ ରଚନା କର । କିନ୍ତୁ ହେ ଅଚିନ୍ତ ! ତୁମେ ଅକ୍ଷର ପୁରୁଷକୁ ମଧ୍ୟ ନିଦ୍ରାରୁ ଉଠାଇ ପାରିଲ ନାହିଁ । ଏବେ ଆଗକୁ ଆଉ କେହି ଏହିଭଳି କାର୍ଯ୍ୟ କରିବା ପାଇଁ ଚେଷ୍ଟା କରିବ ନାହିଁ । ନିଜ ଶବ୍ଦ ଶକ୍ତିରେ ମୁଁ ସମସ୍ତ ରଚନା କରିବି । ସତ୍ୟପୁରୁଷ, ସତ୍‌ଲୋକରେ ଅସଂଖ୍ୟ ଲୋକ ସୃଷ୍ଟି କଲେ ଏବଂ ନିଜ ବଚନ(ଶବ୍ଦ) ଶକ୍ତି ବଳରେ ପ୍ରତ୍ୟେକ ଲୋକରେ ଅନ୍ୟ ଆତ୍ମାମାନଙ୍କୁ ଉତ୍ପତ୍ତି କଲେ । ଏହି ସମସ୍ତ ଲୋକ ସତ୍ୟପୁରୁଷଙ୍କ ସିଂହାସନର ଚତୁଃପାର୍ଶ୍ୱରେ ଥିଲା । ଏହି ଲୋକରେ କେବଳ ନର ହଂସ (ସତ୍‌ଲୋକରେ ମନୁଷ୍ୟମାନଙ୍କୁ ହଂସ କୁହାଯାଏ) ରହିଥାନ୍ତି । ସେମାନଙ୍କୁ ପରମେଶ୍ୱର ଶକ୍ତି ଦେଇଛନ୍ତି ଯେ ସେମାନେ ବଚନ ଶକ୍ତି ବଳରେ ନିଜ ପରିବାର ଉତ୍ପନ୍ନ କରିପାରିବେ ଏବଂ କେବଳ ଦୁଇଟି ପୁତ୍ର ଉତ୍ପନ୍ନ କରିପାରିବେ ।

କ୍ଷରପୁରୁଷ (ଜ୍ୟୋତି ନିରଞ୍ଜନ) ତପସ୍ୟା ଆରମ୍ଭ କରିଦେଲା । ସେ ୭୦ ଯୁଗ ପର୍ଯ୍ୟନ୍ତ ତପସ୍ୟା କଲା । ସତ୍ୟପୁରୁଷ, କ୍ଷରପୁରୁଷକୁ ପଚାରିଲେ ଯେ ତୁମେ କ'ଣ ପାଇଁ ତପସ୍ୟା କରୁଛ ? କ୍ଷରପୁରୁଷ କହିଲେ, ଏହି ସ୍ଥାନ ମୋ ପାଇଁ କମ୍ ପଡୁଛି । ମୋର ଅଲଗା ସ୍ଥାନ ଆବଶ୍ୟକ । ୭୦ ଯୁଗ ତପସ୍ୟା କରିବା ପ୍ରତିଫଳ ସ୍ୱରୂପ ପରମେଶ୍ୱର (ସତ୍ୟପୁରୁଷ) ତାକୁ ୨୧ଟି ବ୍ରହ୍ମାଣ୍ଡ ପ୍ରଦାନ କଲେ ଯେଉଁଗୁଡ଼ିକ କି ସତ୍ୟଲୋକର ବାହ୍ୟ କ୍ଷେତ୍ରରେ ଥିଲା । ଜ୍ୟୋତି ନିରଞ୍ଜନକୁ ଯେପରି ୨୧ଟି ପ୍ଲଟ୍ ମିଳିଗଲା । କ୍ଷରପୁରୁଷ (ଜ୍ୟୋତି ନିରଞ୍ଜନ) ଚିନ୍ତାକଲା ଯେ ଏହି ବ୍ରହ୍ମାଣ୍ଡଗୁଡ଼ିକରେ କିଛି ରଚନା ମଧ୍ୟ ହେବା ଉଚିତ୍ । ସେଥିପାଇଁ ପୁଣି ୭୦ ଯୁଗ ପର୍ଯ୍ୟନ୍ତ ତପସ୍ୟା କଲା । ପୁଣି ସତ୍ୟପୁରୁଷ ପଚାରିଲେ, ଏବେ କଣ ଚାହୁଁଛ ? କ୍ଷରପୁରୁଷ କହିଲା, କୃପା କରି ମୋତେ ସୃଷ୍ଟି ରଚନା କରିବା ପାଇଁ କିଛି ସାମଗ୍ରୀ ଦିଅନ୍ତୁ । ସତ୍ୟପୁରୁଷ ତାଙ୍କୁ ପଞ୍ଚତତ୍ତ୍ୱ (ଜଳ, ପୃଥିବୀ, ଅଗ୍ନି, ବାୟୁ ଓ ଆକାଶ) ଓ ତିନି ଗୁଣ (ରଜଗୁଣ, ତମଗୁଣ, ସତ୍ତ୍ୱଗୁଣ) ଦେଇ କହିଲେ ଯେ ଏଥିରେ ନିଜର ରଚନା କର ।

କ୍ଷରପୁରୁଷ ତୃତୀୟଥର ପୁଣି ତପସ୍ୟା ଆରମ୍ଭ କଲା । ୬୪ (ଚଉଷଠି) ଯୁଗ ପର୍ଯ୍ୟନ୍ତ ତପସ୍ୟା କରିବା ପରେ ସତ୍ୟପୁରୁଷ ପଚାରିଲେ, ତୁମେ ପୁଣି କ'ଣ ଚାହୁଁଛ ? କ୍ଷରପୁରୁଷ (ଜ୍ୟୋତି ନିରଞ୍ଜନ) କହିଲେ, ମୋତେ କିଛି ଆତ୍ମା ଦିଅନ୍ତୁ । ଏଠାରେ ଏକୁଟିଆ ମୋର ମନ ଲାଗୁନାହିଁ । କ୍ଷରପୁରୁଷକୁ ଏହିଭଳି ଉପାୟରେ ଅସଂଖ୍ୟ ଆତ୍ମା ମିଳିଲା, ଆଗକୁ ପଢନ୍ତୁ :-

### ''ଆମ୍ଭେମାନେ କାଳଲୋକକୁ ଆସିଲେ କିପରି ?''

ଯେତେବେଳେ କ୍ଷରପୁରୁଷ (ଜ୍ୟୋତି ନିରଞ୍ଜନ ଗୋଟିଏ ଗୋଡ଼ରେ ଛିଡା ହୋଇ ତପସ୍ୟା କରୁଥିଲା ସେତେବେଳେ ଆମ୍ଭେ ସମସ୍ତେ ଏହି କ୍ଷରପୁରୁଷ ପ୍ରତି ଆକର୍ଷିତ ହୋଇଗଲେ । ଯେପରି ଯୁବବର୍ଗ ଅଭିନେତା ଓ ଅଭିନେତ୍ରୀମାନଙ୍କ ପ୍ରତି ଆସକ୍ତ ହୋଇଥାନ୍ତି । ନା କିଛି ଦେବାର ଅଛି ନା ନେବାର ଅଛି, ପାଗଳଙ୍କ ପରି ସେମାନଙ୍କ ପଛରେ ପଡିଥାନ୍ତି । ସେମାନେ ନିଜ ରୋଜଗାର ପାଇଁ ନାଚ-ଗୀତ କରିଥାନ୍ତି । ଯୁବଗୋଷ୍ଠୀ ସେମାନଙ୍କୁ ଦେଖିବା ପାଇଁ ନିଜର ଧନ ବ୍ୟୟ କରିଥାନ୍ତି । ଠିକ୍ ଏହିପ୍ରକାରେ ଆମ୍ଭେ ନିଜ ପିତା ସତ୍ୟପୁରୁଷଙ୍କୁ ଛାଡ଼ି କାଳପୁରୁଷ (କ୍ଷରପୁରୁଷ)କୁ ହୃଦୟ ସହକାରେ ପସନ୍ଦ କରିବାକୁ ଲାଗିଲେ । ଯେଉଁ ପରମେଶ୍ୱର ଆମ୍ଭଙ୍କୁ ସର୍ବସୁଖ ସୁବିଧା ଦେଉଥିଲେ ତାଙ୍କ ପ୍ରତି ବିମୁଖ ହୋଇ ଏହି ନକଲି ଡ୍ରାମା ନାଟ୍ୟକାର କାଳବ୍ରହ୍ମକୁ ଭଲ ପାଇବାକୁ ଲାଗିଲେ । ସତ୍ୟପୁରୁଷ ମଝିରେ-ମଝିରେ ଅନେକଥର

ଆକାଶବାଣୀ କରି କହିଥିଲେ ଯେ ପୁତ୍ରଗଣ ତୁମ୍ଭେମାନେ ଏହି କାଳର କ୍ରିୟାକଳାପ ପ୍ରତି ଧ୍ୟାନ ଦିଅ ନାହିଁ । ଖୁସିରେ ରୁହ । ଆମ୍ଭେମାନେ ପରମାତ୍ମାଙ୍କ କଥାଶୁଣି ବାହ୍ୟମନରେ ସାବଧାନ ହୋଇଗଲେ କିନ୍ତୁ ଅନ୍ତରର ସହିତ ତାକୁ ଭଲ ପାଉଥାଉ । ପରମେଶ୍ୱର ଅନ୍ତର୍ଯ୍ୟାମୀ, ତେଣୁ ସେ ଜାଣିପାରିଲେ ଯେ ଏମାନେ ଏଠାରେ ଆଉ ରହିବା ପାଇଁ ଯୋଗ୍ୟ ନୁହଁନ୍ତି । କାଳପୁରୁଷ (କ୍ଷରପୁରୁଷ = ଜ୍ୟୋତି ନିରଞ୍ଜନ ଯେତେବେଳେ ଦ୍ୱିତୀୟଥର ପାଇଁ ତପସ୍ୟା କରି ଫଳ ପ୍ରାପ୍ତି କଲା ସେତେବେଳ ସେ ଚିନ୍ତା କଲା ଯେ ଏବେ କିଛି ଜୀବାତ୍ମା ମୋ ସହିତ ରହିବା ଉଚିତ୍ । ଏକୁଟିଆ ରହିବାରେ ମନ ଲାଗିବ ନାହିଁ । ତେଣୁ କିଛି ଜୀବାତ୍ମାପ୍ରାପ୍ତି ଉଦ୍ଦେଶ୍ୟରେ ତପସ୍ୟା କରିବା ପ୍ରାରମ୍ଭ କଲା । ୬୪ ଯୁଗ ପର୍ଯ୍ୟନ୍ତ ତପସ୍ୟା କରିବା ପରେ ପରମେଶ୍ୱର ପଚାରିଲେ, ଜ୍ୟୋତି ନିରଞ୍ଜନ ବର୍ତ୍ତମାନ କାହିଁକି ତପସ୍ୟା କରୁଛୁ ? କ୍ଷରପୁରୁଷ କହିଲା, କିଛି ଆତ୍ମା ମୋତେ ପ୍ରଦାନ କରନ୍ତୁ, ଏକୁଟିଆ ମୋ ମନ ଲାଗୁନି । ସତ୍ୟପୁରୁଷ କହିଲେ, ତପସ୍ୟା ବଦଳରେ ତତେ ଆଉ କିଛି ବ୍ରହ୍ମାଣ୍ଡ ମୁଁ ଦେଇ ପାରିବି କିନ୍ତୁ ନିଜ ଆତ୍ମାମାନଙ୍କୁ ଦେଇ ପାରିବି ନାହିଁ । ଏମାନେ ମୋ ଶରୀରରୁ ଉତ୍ପନ୍ନ ହୋଇଛନ୍ତି । ହଁ ଯଦି ସେମାନେ ସ୍ୱଇଚ୍ଛାରେ ଯିବାକୁ ଚାହିଁବେ ତେବେ ଯାଇପାରିବେ । ଯୁବା କବିର୍ (ସମର୍ଥ କବୀର)ଙ୍କ ବଚନ ଶୁଣି ଜ୍ୟୋତି ନିରଞ୍ଜନ ଆମ୍ଭମାନଙ୍କ ନିକଟକୁ ଆସିଲା । ଆମ୍ଭେ ସମସ୍ତେ ପ୍ରଥମରୁ ତା ପ୍ରତି ଆସକ୍ତ ଥିଲୁ । ଆମ୍ଭେ ତାକୁ ଚାରିପଟୁ ଘେରି ଛିଡା ହୋଇଗଲୁ । ଜ୍ୟୋତି ନିରଞ୍ଜନ କହିଲା, ମୁଁ ପିତାଙ୍କଠାରୁ ଅଲଗା ୨୧ ବ୍ରହ୍ମାଣ୍ଡ ପ୍ରାପ୍ତ କରିଛି । ସେଠାରେ ନାନା ପ୍ରକାରର ରମଣୀୟ ସ୍ଥଳ ତିଆରି କରିଛି । ଆପଣମାନେ ମୋ ସହିତ ଯିବେ କି ? ଆମ୍ଭେ ସମସ୍ତେ ଯେଉଁମାନେ ଆଜି ୨୧ ବ୍ରହ୍ମାଣ୍ଡରେ କଷ୍ଟ ଭୋଗୁଛେ, କହିଲେ ଯେ ଯଦି ପିତାଜୀ ଆଜ୍ଞା ଦେବେ ତେବେ ଆମ୍ଭେ ପ୍ରସ୍ତୁତ ଅଛୁ । ଯେତେବେଳେ କ୍ଷରପୁରୁଷ (କାଳ), ପୂର୍ଣ୍ଣବ୍ରହ୍ମ ମହାନ୍ କବିର୍ (ସମର୍ଥ କବୀର ପ୍ରଭୁ)ଙ୍କ ପାଖକୁ ଯାଇ ସମସ୍ତ କଥା କହିଲା । ସେତେବେଳେ କବିରଗ୍ନି (କବୀର ପରମେଶ୍ୱର) କହିଲେ, ଯିଏ ମୋ ସମ୍ମୁଖରେ ସହମତି ପ୍ରକାଶ କରିବ ତାକୁ ଆଜ୍ଞା ଦେବି । କ୍ଷରପୁରୁଷ ଓ ପରମ ଅକ୍ଷର ପୁରୁଷ (କବିର୍‌ମିତୌଯା) ଉଭୟେ ଆମ୍ଭମାନଙ୍କ ପାଖକୁ ଆସିଲେ । ସତ୍ କବିରଦେବ କହିଲେ, ଯେଉଁ ହଂସ ଆତ୍ମା ବହ୍ମ ସହିତ ଯିବାକୁ ଚାହୁଁଛନ୍ତି, ସେମାନେ ଉପରକୁ ହାତ ଟେକି ସ୍ୱୀକୃତି ପ୍ରଦାନ କରନ୍ତୁ । ନିଜ ପିତାଙ୍କ ସମ୍ମୁଖରେ କାହାର ସାହସ ହୋଇ ନଥିଲା, କେହି ଜଣେ ବି ସହମତି ପ୍ରକାଶ କଲେ ନାହିଁ । ବହୁତ ସମୟ ପର୍ଯ୍ୟନ୍ତ ସମସ୍ତେ ନୀରବ ରହିଲେ ପୁଣି ଜଣେ ଅନ୍ୟଜଣଙ୍କୁ ଦେଖି {ଯେଉଁମାନେ ଆଜି (କାଳ)ର ୨୧ ବ୍ରହ୍ମାଣ୍ଡରେ ଫସିଛନ୍ତି}ସମସ୍ତ ଆତ୍ମା ସ୍ୱୀକୃତି ପ୍ରଦାନ କଲେ । ପରମେଶ୍ୱର କବୀରଜୀ ଜ୍ୟୋତି ନିରଞ୍ଜନଙ୍କୁ କହିଲେ କି ତୁମେ ନିଜ ସ୍ଥାନକୁ ଯାଅ । ଯେଉଁମାନେ ତୁମ ସହିତ ଯିବା ପାଇଁ ଇଚ୍ଛା ବ୍ୟକ୍ତ କରିବେ ମୁଁ ସେହି ହଂସାତ୍ମାମାନଙ୍କୁ ତୁମ ପାଖକୁ ପଠାଇ ଦେବି । ଜ୍ୟୋତି ନିରଞ୍ଜନ ନିଜ ୨୧ ବ୍ରହ୍ମାଣ୍ଡକୁ ଚାଲିଗଲା । ସେ ପର୍ଯ୍ୟନ୍ତ ଏହି ୨୧ ବ୍ରହ୍ମାଣ୍ଡ ସତ୍‌ଲୋକରେ ଥିଲା ।

ତତ୍‌ପଶ୍ଚାତ୍ ପୂର୍ଣ୍ଣବ୍ରହ୍ମ ସର୍ବପ୍ରଥମେ ସ୍ୱୀକୃତି ପ୍ରଦାନ କରିଥିବା ହଂସକୁ ଏକ କନ୍ୟା ରୂପ ଦେଲେ କିନ୍ତୁ ସ୍ତ୍ରୀ ଇନ୍ଦ୍ରିୟ ଦେଇନଥିଲେ । ସମସ୍ତ ଆତ୍ମାଙ୍କୁ {ଯେଉଁମାନେ ଜ୍ୟୋତି ନିରଞ୍ଜନ (ବ୍ରହ୍ମ)ସହିତ ଯିବା ପାଇଁ ସହମତ ଥିଲେ} ସେହି କନ୍ୟାର ଶରୀରରେ ପ୍ରବେଶ କରାଇଦେଲେ ଏବଂ ତା'ର ନାମ ଆଷ୍ଟା (ଆଦିମାୟା/ପ୍ରକୃତି ଦେବୀ/ଦୂର୍ଗା) ହେଲା । ସତ୍ୟପୁରୁଷ କହିଲେ, ପୁତ୍ରୀ ମୁଁ ତୋତେ ଶବ୍ଦଶକ୍ତି ପ୍ରଦାନ କରିଛି ଯେତେ ଜୀବ ଉତ୍ପନ୍ନ କରିବା ପାଇଁ ବ୍ରହ୍ମ କହିବ ତୁ ଉତ୍ପନ୍ନ କରିଦେବୁ । ପୂର୍ଣ୍ଣବ୍ରହ୍ମ କର୍ବିଦେବ (କବୀର ସାହେବ ନିଜପୁତ୍ର ସହଜ ଦାସଙ୍କ ଦ୍ୱାରା ପ୍ରକୃତିକୁ କ୍ଷରପୁରୁଷ ନିକଟକୁ ପଠାଇଦେଲେ । ସହଜ ଦାସ, ଜ୍ୟୋତି ନିରଞ୍ଜନକୁ କହିଲେ, ପିତାଜୀ ଏହି ଭଉଣୀଙ୍କ ଶରୀରରେ ସେହି ଆତ୍ମାମାନଙ୍କୁ ପ୍ରବେଶ କରାଇ ଦେଇଛନ୍ତି ଯେଉଁମାନେ ଆପଣଙ୍କ ସହିତ ଯିବା ପାଇଁ ସହମତ ହୋଇଥିଲେ । ଏହାକୁ ବଚନଶକ୍ତି ପ୍ରଦାନ କରିଛନ୍ତି । ଆପଣ ଯେତେ ଜୀବ ଚାହିଁବେ ପ୍ରକୃତି ନିଜ ଶବ୍ଦ ଶକ୍ତି ଦ୍ୱାରା ଉତ୍ପନ୍ନ କରିଦେବେ ।

ଏହା କହି ସହଜ ଦାସ ନିଜ ଦ୍ୱୀପକୁ ଫେରି ଆସିଲେ ।

ଯୁବତୀ ହୋଇଥିବା କାରଣରୁ କନ୍ୟାର ରଙ୍ଗରୂପ ସୁନ୍ଦର ହୋଇଥିଲା ଯାହା ଦେଖି ବ୍ରହ୍ମ ମନରେ ବିଷୟ ବାସନା ଉତ୍ପନ୍ନ ହେଲା ତଥା ପ୍ରକୃତି ଦେବୀ ସହିତ ଅଭଦ୍ର ବ୍ୟବହାର କରିବା ଆରମ୍ଭ କରିଦେଲା । ସେତେବେଳେ ଦୁର୍ଗା କହିଲା, ଜ୍ୟୋତି ନିରଞ୍ଜନ ମୋ ପାଖରେ ପିତାଜୀଙ୍କ ଦ୍ୱାରା ପ୍ରଦତ୍ତ ବଚନ ଶକ୍ତି ଅଛି । ଯେତେ ପ୍ରାଣୀ ଆପଣ ଚାହିଁବେ ବଚନ ଶକ୍ତି ଦ୍ୱାରା ମୁଁ ଉତ୍ପନ୍ନ କରିଦେବି । ତୁମେ ମୈଥୁନ ପରମ୍ପରା ଆରମ୍ଭ କର ନାହିଁ । ତୁମେ ସେହି ପିତାଙ୍କ ଶବ୍ଦରୁ ଅଣ୍ଡାରୁ ଉତ୍ପନ୍ନ ହୋଇଛ ଏବଂ ମୁଁ ମଧ୍ୟ ସେହି ପରମପିତାଙ୍କ ବଚନ ଶକ୍ତିରୁ ପରେ ଉତ୍ପନ୍ନ ହୋଇଛି । ତେଣୁ ଆପଣ ମୋର ବଡ଼ଭାଇ ହେଲେ । ଭାଇ-ଭଉଣୀଙ୍କର ଏହି ସଂଯୋଗ ମହାପାପର କାରଣ ହେବ । କିନ୍ତୁ ଜ୍ୟୋତି ନିରଞ୍ଜନ ପ୍ରକୃତି ଦେବୀର କୌଣସି ପ୍ରାର୍ଥନା ଶୁଣି ନଥିଲା ତଥା ନିଜ ଶବ୍ଦ ଶକ୍ତି ଦ୍ୱାରା ନଖ ସାହାଯ୍ୟରେ ସ୍ତ୍ରୀ ଇନ୍ଦ୍ରିୟ (ଯୋନି) ଲଗାଇ ବଳାତ୍କାର କରିବାକୁ ଚେଷ୍ଟା କଲା । ସେହି ସମୟରେ ଦୁର୍ଗା ନିଜ ଇଜ୍ଜତ୍ ରକ୍ଷା ପାଇଁ ଅନ୍ୟ କୌଣସି ଉପାୟ ନପାଇ ସୂକ୍ଷ୍ମ ରୂପ ଧାରଣ କରି ଜ୍ୟୋତି ନିରଞ୍ଜନର ମୁଖ ଦ୍ୱାର ଦେଇ ପେଟ ଭିତରକୁ ପ୍ରବେଶ କରିଗଲା ଏବଂ ପୂର୍ଣ୍ଣବ୍ରହ୍ମ କବିର୍ ଦେବଙ୍କୁ ନିଜର ରକ୍ଷା ପାଇଁ ପ୍ରାର୍ଥନା କଲା । ସେହି ସମୟରେ କର୍ବିଦେବ (କବିର ଦେବ) ନିଜପୁତ୍ର ଯୋଗସନ୍ତାୟନ ଅର୍ଥାତ୍ ଯୋଗଜୀତ୍ ରୂପ ଧାରଣ କରି ସେଠାରେ ପ୍ରକଟ ହେଲେ ତଥା କନ୍ୟାକୁ ବ୍ରହ୍ମ ପେଟରୁ ବାହାର କଲେ ଏବଂ କହିଲେ, ଜ୍ୟୋତି ନିରଞ୍ଜନ ଆଜିଠାରୁ ତୋର ନାମ 'କାଳ' ହେବ । ତୋର ଜନ୍ମ ମୃତ୍ୟୁ ହେବ । ତେଣୁ ତୋର ନାମ କ୍ଷରପୁରୁଷ ହେବ ଏବଂ ଏକଲକ୍ଷ ମାନବ ଶରୀରଧାରୀ ପ୍ରାଣୀ ପ୍ରତିଦିନ ତୁ ଖାଇବୁ ତଥା ଏକଲକ୍ଷ ପଚିଶି ହଜାର ପ୍ରାଣୀ ଉତ୍ପନ୍ନ କରିବୁ । ୨୧ ବ୍ରହ୍ମାଣ୍ଡ ସହିତ ତୁମ ଦୁହିଁଙ୍କୁ ନିଷ୍କାସିତ କରାଯାଉଛି । ଏତିକି କହିବା କ୍ଷଣି୨୧ ବ୍ରହ୍ମାଣ୍ଡ ବିମାନ ପରି ସେଠାରୁ ପ୍ରସ୍ଥାନ କଲା । ସହଜ ଦାସଙ୍କ ଦ୍ୱୀପ ନିକଟ ଦେଇ ସତ୍‌ଲୋକରୁ ଷୋଳ ଶଙ୍ଖ କୋଷ (ଏକ କୋଷ ପ୍ରାୟ ୩ କି.ମି ଅଟେ) ଦୂରକୁ ଆସି ଅଟକି ଗଲା ।

ବିଶେଷ ବିବରଣୀ :- ବର୍ତ୍ତମାନ ପର୍ଯ୍ୟନ୍ତ ତିନି ଶକ୍ତିଙ୍କର ବିବରଣୀ ଆସିଛି ।


୧. ପୂର୍ଣ୍ଣବ୍ରହ୍ମ ଯିଏ ଅନ୍ୟ ଉପମାତ୍ମକ ନାମରେ ମଧ୍ୟ ପରିଚିତ ଯେପରି ସତ୍ୟପୁରୁଷ, ଅକାଳ ପୁରୁଷ, ଶବ୍ଦ ସ୍ୱରୂପୀ ରାମ, ପରମ ଅକ୍ଷର ବ୍ରହ୍ମ/ପୁରୁଷ ଇତ୍ୟାଦି । ଏହି ପୂର୍ଣ୍ଣବ୍ରହ୍ମ ଅସଂଖ୍ୟ ବ୍ରହ୍ମାଣ୍ଡର ସ୍ୱାମୀ ତଥା ବାସ୍ତବରେ ଅବିନାଶୀ ଅଟନ୍ତି ।

୨. ପରବ୍ରହ୍ମ ଯାହାଙ୍କୁ ଅକ୍ଷର ପୁରୁଷ ମଧ୍ୟ କୁହାଯାଏ । ଇଏ ବାସ୍ତବରେ ଅବିନାଶୀ ନୁହଁନ୍ତି । ଇଏ ସାତଶଙ୍ଖ ବ୍ରହ୍ମାଣ୍ଡର ସ୍ୱାମୀ ଅଟନ୍ତି ।

୩. ବ୍ରହ୍ମ ଯିଏ ଜ୍ୟୋତି ନିରଞ୍ଜନ, କାଳ, କୈଲ୍, କ୍ଷରପୁରୁଷ ଓ ଧର୍ମରାୟ ନାମରେ ପରିଚିତ, ସେ କେବଳ ଏକୋଇଶ ବ୍ରହ୍ମାଣ୍ଡର ସ୍ୱାମୀ ଅଟେ । ଆଗକୁ ଏହି ବ୍ରହ୍ମ(କାଳ) ସୃଷ୍ଟିର ଗୋଟିଏ ବ୍ରହ୍ମାଣ୍ଡର ପରିଚୟ ଦିଆଯିବ ଯେଉଁଥିରେ ଆପଣକୁ ଆଗକୁ ଆଉ ତିନୋଟି ନାମ ପଢିବାକୁ ମିଳିବ :- ବ୍ରହ୍ମା, ବିଷ୍ଣୁ ଓ ଶିବ ।

ବ୍ରହ୍ମ ଓ ବ୍ରହ୍ମାଙ୍କ ମଧ୍ୟରେ ପ୍ରଭେଦ - ଏକ ବ୍ରହ୍ମାଣ୍ଡରେ ନିର୍ମିତ ସର୍ବୋପରି ସ୍ଥାନରେ ବ୍ରହ୍ମ(କ୍ଷରପୁରୁଷ) ସ୍ୱୟଂ ତିନୋଟି ଗୁପ୍ତ ସ୍ଥାନ ରଚନା କରି ବ୍ରହ୍ମା, ବିଷ୍ଣୁ ଓ ଶିବ ରୂପରେ ରହି ନିଜ ପତ୍ନୀ ପ୍ରକୃତିର ସହଯୋଗରେ ତିନି ପୁତ୍ରଙ୍କର ଉତ୍ପତ୍ତି କରି ସେମାନଙ୍କର ନାମ ବ୍ରହ୍ମା ବିଷ୍ଣୁ ଓ ଶିବ ରଖିଥାନ୍ତି । ବ୍ରହ୍ମଙ୍କ ପୁତ୍ର ବ୍ରହ୍ମା କେବଳ ଗୋଟିଏ ବ୍ରହ୍ମାଣ୍ଡର ତିନିଲୋକ(ପୃଥିବୀ ଲୋକ, ସ୍ୱର୍ଗ ଲୋକ ଓ ପାତାଳ ଲୋକ)ର ଏକ ରଜଗୁଣ ବିଭାଗର ମନ୍ତ୍ରୀ(ସ୍ୱାମୀ) ଅଟନ୍ତି ଯାହାଙ୍କୁ ତ୍ରିଲୋକୀୟ ବ୍ରହ୍ମା ମଧ୍ୟ କୁହାଯାଏ ଏବଂ ଯେଉଁ ବ୍ରହ୍ମା, ବ୍ରହ୍ମଲୋକରେ ବ୍ରହ୍ମ ରୂପରେ ରୁହନ୍ତି ତାଙ୍କୁ ମହାବ୍ରହ୍ମା ଓ ବ୍ରହ୍ମଲୋକୀୟ ବ୍ରହ୍ମା କୁହାଯାଏ । ଏହି ବ୍ରହ୍ମ (କାଳ)ଙ୍କୁ ସଦାଶିବ, ମହାଶିବ ଓ ମହାବିଷ୍ଣୁ ମଧ୍ୟ କୁହାଯାଏ ।

# ଗୋଟିଏ ବ୍ରହ୍ମାଣ୍ଡର ଲଘୁଚିତ୍ର



ଶ୍ରୀ ବିଷ୍ଣୁ ପୁରାଣରେ ପ୍ରମାଣ :- ଚତୁର୍ଥ ଅଂଶ ଅଧ୍ୟାୟ ୧ ପୃଷ୍ଠା ୨୩୦-୨୩୧ରେ ଶ୍ରୀ ବ୍ରହ୍ମାଜୀ କହିଲେ :- ଯେଉଁ ଅଜନ୍ମା ସର୍ବମୟ ବିଧାତା ପରମେଶ୍ୱରଙ୍କ ଆଦି, ମଧ୍ୟ, ଅନ୍ତ, ସ୍ୱରୂପ, ସ୍ୱଭାବ ଏବଂ ସାର ଆମ୍ଭେ ଜାଣି ପାରିନାହୁଁ ।(ଶ୍ଳୋକ ୮୩)

ଯିଏ ମୋ ରୂପ ଧାରଣ କରି ସଂସାରର ରଚନା କରିଥାନ୍ତି, ସ୍ଥିତି ସମୟରେ ଯିଏ ପୁରୁଷ ରୂପରେ ତଥା ଯିଏ ରୁଦ୍ର ରୂପରେ ବିଶ୍ୱକୁ ଗ୍ରାସ କରିଥାନ୍ତି, ଅନନ୍ତ ରୂପରେ ସମ୍ପୂର୍ଣ୍ଣ ଜଗତକୁ ଧାରଣ କରିଥାନ୍ତି । (ଶ୍ଳୋକ ୮୬)


## "ଶ୍ରୀ ବ୍ରହ୍ମା, ଶ୍ରୀ ବିଷ୍ଣୁ, ଓ ଶ୍ରୀ ଶିବଙ୍କର୍ ଉତ୍ପତ୍ତି"

କାଳ (ବ୍ରହ୍ମ), ପ୍ରକୃତି (ଦୁର୍ଗା)କୁ କହିଲା, ଏବେ ମୋର କିଏ କ'ଣ କରିବ ? ଏବେ ମୋ ଇଚ୍ଛା ମୁତାବକ ମୁଁ କାର୍ଯ୍ୟ କରିବି । ପ୍ରକୃତି ପୁଣି ପ୍ରାର୍ଥନା କରି କହିଲା, ଆପଣଙ୍କୁ ଲଜ୍ୟା ଲାଗିବା ଦରକାର । ପ୍ରଥମେ ତ ଆପଣ ମୋ ବଡଭାଇ କାରଣ ସେହି ପୂର୍ଣ୍ଣ ପରମାତ୍ମା (କବିର୍ଦେବ)ଙ୍କ ବଚନ ଶକ୍ତି ଦ୍ୱାରା ଅଣ୍ଡା ମଧ୍ୟରୁ ଆପଣ (ବ୍ରହ୍ମ)ଙ୍କର ଉତ୍ପତ୍ତି ହୋଇଛି ତଥା କିଛି ସମୟ ପରେ ସେହି ପରମେଶ୍ୱରଙ୍କ ବଚନ ଶକ୍ତରୁ ମୋର ମଧ୍ୟ ଉତ୍ପତ୍ତି ହୋଇଛି । ଦ୍ୱିତୀୟରେ ଆପଣଙ୍କ ପେଟରୁ ମୁଁ ବାହାରିଛି, ମୁଁ ଆପଣଙ୍କ କନ୍ୟା ହେଲି ତଥା ଆପଣ ମୋର ପିତା ହେଲେ । ଏହି ପବିତ୍ର ସମ୍ପର୍କକୁ ନଷ୍ଟ କରିବା ମହାପାପ ହେବ । ମୋ ନିକଟରେ ପିତାଙ୍କ ଦ୍ୱାରା ପ୍ରଦତ୍ତ ଶବ୍ଦଶକ୍ତି ଅଛି । ଯେତେ ପ୍ରାଣୀ ଆପଣ କହିବେ ମୁଁ ବଚନ ଶକ୍ତି ଦ୍ୱାରା ଉତ୍ପନ୍ନ କରିଦେବି । ଜ୍ୟୋତି ନିରଞ୍ଜନ, ଦୁର୍ଗାଙ୍କର କୌଣସି ଗୋଟିଏ ବି ପ୍ରାର୍ଥନା ଶୁଣିଲା ନାହିଁ ତଥା କହିଲା ଯେ ମୋତେ ଯେଉଁ ଦଣ୍ଡ ମିଳିବାର ଥିଲା ମିଳିଗଲା । ମୋତେ ସତ୍‌ଲୋକରୁ ନିଷ୍କାସିତ କରି ଦିଆଗଲା । ବର୍ତ୍ତମାନ ମୁଁ ମନଇଚ୍ଛା କାର୍ଯ୍ୟ କରିବି । ଏହା କହି କାଳ ପୁରୁଷ (କ୍ଷର ପୁରୁଷ) ପ୍ରକୃତିଙ୍କ ସହିତ ବଳପୂର୍ବକ ବିବାହ କଲା ତଥା ତିନି ପୁତ୍ର (ରଜଗୁଣ ଯୁକ୍ତ - ବ୍ରହ୍ମା ଜୀ, ସତଗୁଣ ଯୁକ୍ତ - ବିଷ୍ଣୁ ଜୀ ତଥା ତମଗୁଣ ଯୁକ୍ତ - ଶିବ ଜୀ)ଙ୍କର ଉତ୍ପତ୍ତି କଲା । ଯୁବକ ହେବା ପର୍ଯ୍ୟନ୍ତ ତିନିପୁତ୍ରଙ୍କୁ ଦୁର୍ଗାଙ୍କ ଦ୍ୱାରା ଅଚେତ କରାଇ ରଖିଥାଏ । ପୁଣି ଯୁବକ ହୋଇଯିବା ପରେ ଶ୍ରୀ ବ୍ରହ୍ମାଙ୍କୁ ପଦ୍ମ ଫୁଲ ଉପରେ, ଶ୍ରୀ ବିଷ୍ଣୁଙ୍କୁ ଶେଷନାଗ ଶଯ୍ୟା ଉପରେ ତଥା ଶ୍ରୀ ଶିବଙ୍କୁ କୈଳାସ ପର୍ବତ ଉପରେ ସଚେତ କରି ଏକତ୍ରିତ କରିଦେଇଥାଏ । ତତ୍‌ପଶ୍ଚାତ୍ ପ୍ରକୃତି (ଦୁର୍ଗା) ଦ୍ୱାରା ଏହି ତିନିଜଣଙ୍କର ବିବାହ କରି ଦିଆଯାଏ ତଥା ଗୋଟିଏ ବ୍ରହ୍ମାଣ୍ଡର ତିନି ଲୋକ (ସ୍ୱର୍ଗଲୋକ, ପୃଥିବୀଲୋକ, ପାତାଳ ଲୋକ)ରେ ଏମାନଙ୍କୁ ଗୋଟିଏ ଗୋଟିଏ ବିଭାଗର ମନ୍ତ୍ରୀ (ପ୍ରଭୁ) ରୂପେ ନିଯୁକ୍ତ କରିଦିଏ । ଯେପରି ଶ୍ରୀ ବ୍ରହ୍ମାଙ୍କୁ ରଜଗୁଣ ବିଭାଗର, ଶ୍ରୀବିଷ୍ଣୁଙ୍କୁ ସତଗୁଣ ବିଭାଗ ତଥା ଶ୍ରୀ ଶିବ ଶଙ୍କରଙ୍କୁ ତମଗୁଣ ବିଭାଗର ଦାୟିତ୍ୱ ତଥା ସ୍ୱୟଂ ଗୁପ୍ତ (ମହାବ୍ରହ୍ମା-ମହାବିଷ୍ଣୁ-ମହାଶିବ) ରୂପରେ ମୁଖ୍ୟମନ୍ତ୍ରୀ ପଦ ସମ୍ଭାଳିଥାଏ । ପ୍ରତ୍ୟେକ ବ୍ରହ୍ମାଣ୍ଡରେ ଗୋଟିଏ ବ୍ରହ୍ମଲୋକ ରଚନା କରିଛି । ସେଥିରେ ତିନୋଟି ଗୁପ୍ତସ୍ଥାନ ନିର୍ମାଣ କରିଛି । ସେଥିମଧ୍ୟରୁ ଗୋଟିଏ ରଜଗୁଣ ପ୍ରଧାନ ସ୍ଥାନ ଅଟେ । ଯେଉଁଠି ଏହି ବ୍ରହ୍ମ (କାଳ) ସ୍ୱୟଂ ମହାବ୍ରହ୍ମା (ମୁଖ୍ୟମନ୍ତ୍ରୀ) ରୂପରେ ରହିଥାଏ ତଥା ନିଜ ପତ୍ନୀ ଦୁର୍ଗାଙ୍କୁ ମହାସାବିତ୍ରୀ ରୂପରେ ରଖିଥାଏ । ଏହି ଦୁହିଁଙ୍କ ସଂଯୋଗରୁ ଯେଉଁ ପୁତ୍ର ଏହି ସ୍ଥାନରେ ଉତ୍ପନ୍ନ ହୁଏ ସ୍ୱତଃପ୍ରବୃତ୍ତ ଭାବେ ସେ ରଜୋଗୁଣୀ ହୋଇଯାଏ । ଦ୍ୱିତୀୟ ସ୍ଥାନଟିକୁ ସତଗୁଣ ପ୍ରଧାନ କରି ସେଠାରେ ଏହି କ୍ଷରପୁରୁଷ ସ୍ୱୟଂ ମହାବିଷ୍ଣୁ ରୂପରେ ରୁହେ ତଥା ନିଜ ପତ୍ନୀ ଦୁର୍ଗାଙ୍କୁ ମହାଲକ୍ଷ୍ମୀ ରୂପରେ ରଖି ଯେଉଁ ପୁତ୍ର ଉତ୍ପନ୍ନ କରେ ସେହି ପୁତ୍ରର ନାମ ବିଷ୍ଣୁ ରଖିଥାଏ । ସେହି ବାଳକ ସତଗୁଣ ଯୁକ୍ତ ହୋଇଥାଏ । ତୃତୀୟରେ ଏହି କାଳ ସେଠାରେ ଏକ ତମଗୁଣ ପ୍ରଧାନ କ୍ଷେତ୍ର ନିର୍ମାଣ କରିଛି । ସେଠାରେ ସେ ସଦାଶିବ ରୂପରେ ନିଜେ ରୁହେ ତଥା ନିଜ ପତ୍ନୀ ଦୁର୍ଗାଙ୍କୁ ମହାପାର୍ବତୀ ରୂପରେ ରଖିଥାଏ । ଦୁହିଁଙ୍କ ପତିପତ୍ନୀ ବ୍ୟବହାରରୁ ଯେଉଁ ପୁତ୍ର ଉତ୍ପନ୍ନ ହୁଏ ତାହାର ନାମ ଶିବ ରଖିଥାନ୍ତି ତଥା ସେହି ପୁତ୍ରକୁ ତମଗୁଣ ଯୁକ୍ତ କରିଦିଅନ୍ତି । (ପ୍ରମାଣ ପାଇଁ ଦେଖନ୍ତୁ ଗୀତା ପ୍ରେସ ଗୋରଖପୁରରୁ ପ୍ରକାଶିତ ପବିତ୍ର ଶ୍ରୀ ଶିବ ମହାପୁରାଣ, ବିଦ୍ୱେଶ୍ୱର ସଂହିତା ପୃଷ୍ଠା ୨୪-୨୬ ଯେଉଁଥିରେ


ବ୍ରହ୍ମା, ବିଷ୍ଣୁ, ରୁଦ୍ର ବା ମହେଶ୍ୱରଙ୍କଠାରୁ ଭିନ୍ନ ସଦାଶିବ ଅଟନ୍ତି ତଥା ରୁଦ୍ର ସଂହିତା ଅଧ୍ୟାୟ ୬ ତଥା ୭,୯ ପୃଷ୍ଠା ନଂ. ୧୦୦ରୁ ୧୦୫ ତଥା ୧୧୦ରେ ଅନୁବାଦ କର୍ତ୍ତା ଶ୍ରୀ ହନୁମାନ ପ୍ରସାଦ ପୋଦ୍ଦାର, ତଥା ପବିତ୍ର ଶ୍ରୀମଦ୍ ଦେବୀ ମହାପୁରାଣ ତୃତୀୟ ସ୍କନ୍ଧ ପୃଷ୍ଠା ନଂ ୧୧୪ରୁ ୧୨୩ ପର୍ଯ୍ୟନ୍ତ, ଗୀତା ପ୍ରେସ ଗୋରଖପୁରରୁ ପ୍ରକାଶିତ, ଯାହାର ଅନୁବାଦ କର୍ତ୍ତା ଶ୍ରୀହନୁମାନ ପ୍ରସାଦ ପୋଦ୍ଦାର ଚିମନ୍‌ଲାଲ ଗୋସ୍ୱାମୀ) । ପୁଣି ଏମାନଙ୍କ ସହିତ ଛଳନା କରି ନିଜ ଭୋଜନ ପାଇଁ ଶ୍ରୀ ବ୍ରହ୍ମାଙ୍କ ଦ୍ୱାରା ଜୀବମାନଙ୍କର ଉତ୍ପତ୍ତି କରିଥାଏ । ଶ୍ରୀ ବିଷ୍ଣୁଙ୍କ ଦ୍ୱାରା ପାଳନ (ପରସ୍ପରକୁ ମୋହ ମମତାରେ ବାନ୍ଧି କାଳ ଜାଲରେ ରଖିବା) ତଥା ଶ୍ରୀ ଶିବଙ୍କ ଦ୍ୱାରା ସଂହାର (କାରଣ ଅଭିଶାପବଶତଃ କାଳପୁରୁଷକୁ ଏକଲକ୍ଷ ମାନବ ଶରୀରଧାରୀ ପ୍ରାଣୀଙ୍କର ସୂକ୍ଷ୍ମ ଶରୀରରୁ ମଇଳା ବାହାର କରି ଖାଇବାକୁ ପଡିଥାଏ । ସେଥିପାଇଁ ଏକୋଇଶିତମ ବ୍ରହ୍ମାଣ୍ଡରେ ଏକ ତପ୍ତଶୀଳା ଅଛି ଯାହା ସ୍ୱତଃ ଉତ୍ତପ୍ତ ରହିଥାଏ । ସେହି ତପ୍ତଶୀଳା ଉପରେ ଜୀବାତ୍ମାକୁ ଗରମ କରି ସେଥରୁ ବାହାରୁଥିବା ମଇଳାକୁ ଖାଇଥାଏ । ଜୀବମାନେ ମରି ନ ଥାନ୍ତି କିନ୍ତୁ ଅସହନୀୟ କଷ୍ଟ ଭୋଗିଥାନ୍ତି । ତା'ପରେ ସେମାନଙ୍କୁ କର୍ମ ଆଧାରରେ ଅନ୍ୟ ଶରୀର ପ୍ରଦାନ କରିଥାଏ) । ଯେପରି କୌଣସି ଏକ ଗୃହରେ ତିନୋଟି ପ୍ରକୋଷ୍ଠ (କକ୍ଷ ) ଅଛି, ଗୋଟିଏ ପ୍ରକୋଷ୍ଠରେ ଅଶ୍ଳୀଳ ଚିତ୍ର ଲାଗିଅଛି । ସେହି ପ୍ରକୋଷ୍ଠକୁ ପ୍ରବେଶ କରିବା ମାତ୍ରେ ମନରେ ସେହିଭଳି ଖରାପ ଭାବନା ଉତ୍ପନ୍ନ ହୋଇଯାଏ । ଦ୍ୱିତୀୟ କକ୍ଷରେ ସାଧୁସନ୍ଥ ଓ ଭକ୍ତମାନଙ୍କର ଚିତ୍ର ଲାଗିଥିଲେ, ମନରେ ଉତ୍ତମ ଭାବନା ଓ ପ୍ରଭୁଚିନ୍ତନ ତଥା ଭକ୍ତିଭାବ ସୃଷ୍ଟି ହୁଏ । ତୃତୀୟ କକ୍ଷରେ ଦେଶଭକ୍ତ ଓ ସହିଦମାନଙ୍କର ଚିତ୍ର ଲାଗିଥିଲେ, ମନରେ ସେହିଭଳି ଉଗ୍ର ଭାବନା ଉତ୍ପନ୍ନ ହୋଇଯାଏ । ଠିକ୍ ଏହି ପ୍ରକାରେ ବ୍ରହ୍ମ (କାଳ) ନିଜ ବୁଦ୍ଧିରେ ଉପରୋକ୍ତ ତିନି ଗୁଣଯୁକ୍ତ ସ୍ଥାନର ରଚନା କରିଅଛି ।

(ଦେଖନ୍ତୁ ବ୍ରହ୍ମଲୋକର ଲଘୁ ଚିତ୍ର ଓ ଜ୍ୟୋତି ନିରଞ୍ଜନ (କାଳ) ବ୍ରହ୍ମଙ୍କର ୨୧ ବ୍ରହ୍ମାଣ୍ଡର ଲଘୁଚିତ୍ର ଏହି ପୁସ୍ତକର ପୃଷ୍ଠା ନଂ ୧୨୩ ଓ ୧୨୪ ରେ)

# ବ୍ରହ୍ମ ଲୋକର ଲଘୁଚିତ୍ର



# ଜ୍ୟୋତି ନିରଞ୍ଜନ (କାଳ) ବ୍ରହ୍ମାଙ୍କ ଲୋକ (୨୧ ବ୍ରହ୍ମାଣ୍ଡ)ର ଲଘୁଚିତ୍ର



## ସମ୍ପୂର୍ଣ୍ଣ ସୃଷ୍ଟି ରଚନା
## (ସୂକ୍ଷ୍ମ ବେଦର୍ ନିଷ୍କର୍ଶ ରୂପ ସୃଷ୍ଟି ରଚନାର୍ ବର୍ଣ୍ଣନ)

ପ୍ରଭୁପ୍ରେମୀ ଆତ୍ମାଗଣ ପ୍ରଥମ ଥର ପାଇଁ ନିମ୍ନୋକ୍ତ ସୃଷ୍ଟି ରଚନା ବିଷୟଟିକୁ ପଢିଲେ ଏପରି ଲାଗିବ ଯେପରି ଏକ ମନଗଢା କାହାଣୀ । ପରନ୍ତୁ ସର୍ବ ପବିତ୍ର ସଦ୍‌ଗ୍ରନ୍ଥରେ ଥିବା ପ୍ରମାଣଗୁଡିକୁ ପଢି ଆପଣ ଆର୍ଶ୍ଚର୍ଯ୍ୟାନ୍ୱିତ ହେବେ ଏବଂ ଚିନ୍ତା କରିବେ ଯେ ଏହି ବାସ୍ତବିକ ଅମୃତ ଜ୍ଞାନ କେଉଁଠି ଲୁଚି ରହିଥିଲା ? କୃପାକରି ଧୈର୍ଯ୍ୟର ସହିତ ଏହି ଅମୃତଜ୍ଞାନକୁ ପଢନ୍ତୁ ତଥା ସୁରକ୍ଷିତ ରଖନ୍ତୁ । ଆପଣଙ୍କ ଏକଶହ ଏକ ପିଢି ପର୍ଯ୍ୟନ୍ତ ଏହା କାମରେ ଆସିବ । ପବିତ୍ର ଆତ୍ମାଗଣ କୃପାକରି ସତ୍ୟନାରାୟଣ (ଅବିନାଶୀ ପ୍ରଭୁ/ ସତ୍ୟ ପୁରୁଷ)ଙ୍କ ଦ୍ୱାରା ରଚିତ ସୃଷ୍ଟି ରଚନାର ବାସ୍ତବିକ ଜ୍ଞାନ ପଢନ୍ତୁ ।

୧. ପୂର୍ଣ୍ଣବ୍ରହ୍ମ:- ଏହି ସୃଷ୍ଟି ରଚନାରେ ସତ୍ୟପୁରୁଷ - ସତ୍‌ଲୋକର ସ୍ୱାମୀ (ପ୍ରଭୁ), ଅଲଖ ପୁରୁଷ - ଅଲଖ ଲୋକର ସ୍ୱାମୀ (ପ୍ରଭୁ), ଅଗମ ପୁରୁଷ - ଅଗମ ଲୋକର ସ୍ୱାମୀ (ପ୍ରଭୁ) ତଥା ଅନାମୀ ପୁରୁଷ - ଅନାମୀ/ଅକହ ଲୋକର ସ୍ୱାମୀ (ପ୍ରଭୁ) ତ ସେହି ଏକ ପୂର୍ଣ୍ଣବ୍ରହ୍ମ ଅଟନ୍ତି, ଯିଏ ବାସ୍ତବରେ ଅବିନାଶୀ ପ୍ରଭୁ ଅଟନ୍ତି ଏବଂ ଭିନ୍ନ ଭିନ୍ନ ରୂପ ଧାରଣ କରି ସେ ନିଜର ଚାରି ଲୋକରେ ରୁହନ୍ତି । ଯାହା ଅନ୍ତର୍ଗତ ଅସଂଖ୍ୟ ବ୍ରହ୍ମାଣ୍ଡ ରହିଛି ।

୨. ପରବ୍ରହ୍ମ:- ଇଏ କେବଳ ସାତଶଙ୍ଖ ବ୍ରହ୍ମାଣ୍ଡର ସ୍ୱାମୀ (ପ୍ରଭୁ) ଅଟନ୍ତି । ପରବ୍ରହ୍ମଙ୍କୁ ଅକ୍ଷର ପୁରୁଷ ମଧ୍ୟ କୁହାଯାଏ । ପରନ୍ତୁ ଅକ୍ଷର ପୁରୁଷ ଓ ତାଙ୍କ ବ୍ରହ୍ମାଣ୍ଡଗୁଡିକ ବାସ୍ତବରେ ଅବିନାଶୀ ନୁହେଁ ।

୩. ବ୍ରହ୍ମ :- ଇଏ କେବଳ ଏକୋଇଶି ବ୍ରହ୍ମାଣ୍ଡର ସ୍ୱାମୀ (ପ୍ରଭୁ) ଅଟନ୍ତି । ଇଏ କ୍ଷର ପୁରୁଷ, ଜ୍ୟୋତି ନିରଞ୍ଜନ, କାଳ ଆଦି ଉପମାତ୍ମକ ନାମରେ ପରିଚିତ । ନିଜେ ବ୍ରହ୍ମ ଓ ତାଙ୍କର ସମସ୍ତ ବ୍ରହ୍ମାଣ୍ଡ ମଧ୍ୟ ନାଶବାନ (ବିନାଶଶୀଳ) ଅଟେ ।

(ଉପରୋକ୍ତ ତିନିପୁରୁଷ (ପ୍ରଭୂ)ଙ୍କର ପ୍ରମାଣ ପବିତ୍ର ଶ୍ରୀମଦ୍ ଭାଗବତ୍ ଗୀତା ଅଧ୍ୟାୟ ୧୫ ଶ୍ଳୋକ ୧୬-୧୭ରେ ମଧ୍ୟ ଅଛି ।)

୪. ବ୍ରହ୍ମା:- ବ୍ରହ୍ମା, ବ୍ରହ୍ମଙ୍କର ଜ୍ୟେଷ୍ଠପୁତ୍ର ଅଟନ୍ତି, ବିଷ୍ଣୁ ମଧ୍ୟମ ପୁତ୍ର ଏବଂ ଶିବ ତୃତୀୟ ପୁତ୍ର ଅଟନ୍ତି । ବ୍ରହ୍ମଙ୍କର ଏହି ତିନି ପୁତ୍ର କେବଳ ଗୋଟିଏ ବ୍ରହ୍ମାଣ୍ଡର ଗୋଟିଏ ବିଭାଗ(ଗୁଣ)ର ସ୍ୱାମୀ (ପ୍ରଭୂ) ଅଟନ୍ତି ତଥା ନାଶବାନ ଅଟନ୍ତି । ବିସ୍ତୃତ ବିବରଣୀ ପାଇଁ କୃପାକରି ପଢନ୍ତୁ ନିମ୍ନଲିଖିତ ସୃଷ୍ଟି ରଚନା ବିଷୟ :-

{କବିର୍ଦେବ (କବୀର ପରମେଶ୍ୱର) ସୂକ୍ଷ୍ମବେଦ ଅର୍ଥାତ୍ କର୍ବିବାଣୀରେ ନିଜ ଦ୍ୱାରା ରଚିତ ସୃଷ୍ଟିର ଜ୍ଞାନ ସ୍ୱୟଂ କହିଛନ୍ତି ଯାହା ନିମ୍ନରେ ପ୍ରଦାନ କରାଗଲା ।}

ସର୍ବ ପ୍ରଥମେ କେବଳ ଗୋଟିଏ ସ୍ଥାନ 'ଅନାମୀ (ଅନାମୟ) ଲୋକ' ଥିଲା । ଯାହାକୁ ଅକହ ଲୋକ ମଧ୍ୟ କୁହାଯାଏ । ପୂର୍ଣ୍ଣ ପରମାତ୍ମା ସେହି ଅନାମୀ ଲୋକରେ ଏକା ରହୁଥିଲେ । ସେହି ପରମାତ୍ମାଙ୍କ ବାସ୍ତବିକ ନାମ କବିର୍ଦେବ୍ ଅର୍ଥାତ୍ କବୀର ପରମେଶ୍ୱର ଅଟେ । ସମସ୍ତ ଆତ୍ମା ସେହି ପୂର୍ଣ୍ଣଧନୀଙ୍କ ଶରୀରରେ ସମାବିଷ୍ଟ ହୋଇ ରହିଥିଲେ । ଏହି କବିର୍ଦେବଙ୍କ ଉପମାତ୍ମକ (ପଦବୀର) ନାମ ଅନାମୀ ପୁରୁଷ ଅଟେ । (ପୁରୁଷର ଅର୍ଥ ପ୍ରଭୁ ଅଟେ । ପ୍ରଭୁ ମନୁଷ୍ୟକୁ ନିଜ ସ୍ୱରୂପ ଦେଇ ଗଢିଛନ୍ତି ଏଥିପାଇଁ ମନୁଷ୍ୟର ନାମ ପୁରୁଷ ହୋଇଛି ।) ଅନାମୀ ପୁରୁଷଙ୍କର ଏକ ଲୋମକୂପର ପ୍ରକାଶ (ତେଜ)ଏକ ଶଙ୍ଖ ସୂର୍ଯ୍ୟ କିରଣ ଠାରୁ ମଧ୍ୟ ଅଧିକ ।


ବିଶେଷ:- ଯେପରି କୌଣସି ଦେଶର ଆଦରଣୀୟ ପ୍ରଧାନମନ୍ତ୍ରୀଙ୍କର ନାମ ତ ଅନ୍ୟ କିଛି ଥାଏ କିନ୍ତୁ ପଦର ଉପମାତ୍ମକ (ପଦବୀର) ନାମ ପ୍ରଧାନମନ୍ତ୍ରୀ ହୋଇଥାଏ । ବେଳେ ବେଳେ ପ୍ରଧାନମନ୍ତ୍ରୀ ନିଜ ପାଖରେ ଏକାଧିକ ବିଭାଗ ମଧ୍ୟ ରଖିଥାନ୍ତି । ଯେତେବେଳେ ଯେଉଁ ବିଭାଗର ଫାଇଲ୍‌ରେ ଦସ୍ତଖତ

# ପରମେଶ୍ୱର କବୀର ସାହେବଙ୍କ ଅସଂଖ୍ୟ ବ୍ରହ୍ମାଣ୍ଡର ଲଘୁଚିତ୍ର

**ଅନାମୀ ଲୋକ:** ଏହି ଲୋକରେ କବୀର ସାହେବ ଅନାମୀ ପୁରୁଷ ରୂପରେ ରୁହନ୍ତି । ଏଠାରେ ଏକୁଟିଆ ରୁହନ୍ତି ।

**ଅଗମ ଲୋକ :** ଏହି ଲୋକରେ କବୀର ସାହେବ ଅଗମ ପୁରୁଷ ରୂପରେ ରୁହନ୍ତି ।

**ଅଲଖ ଲୋକ :** ଏହି ଲୋକରେ କବୀର ସାହେବ ଅଲଖ ପୁରୁଷ ରୂପରେ ରୁହନ୍ତି ।



କରନ୍ତି ସେତେବେଳେ ସେହି ପଦବୀର ନାମ ଉଲ୍ଲେଖ କରିଥାନ୍ତି । ଯେପରି ଗୃହ ମନ୍ତ୍ରାଳୟର ଫାଇଲ୍‌ରେ ଦସ୍ତଖତ କରିବା ସମୟରେ ନିଜକୁ ଗୃହମନ୍ତ୍ରୀ ବୋଲି ଲେଖିଥାନ୍ତି । ସେଠାରେ ପ୍ରଧାନମନ୍ତ୍ରୀଙ୍କର ଦସ୍ତଖତର ଶକ୍ତି ହ୍ରାସ ହୋଇ ଯାଇଥାଏ । ଏହି ପ୍ରକାରେ କବୀର ପରମେଶ୍ୱର (କବିର୍ଦେବ)ଙ୍କ ଶରୀରର ତେଜର ଅନ୍ତର ଭିନ୍ନ ଭିନ୍ନ ଲୋକରେ କମ ଅଧିକ ହୋଇ ଯାଇଥାଏ ।

ଠିକ୍ ଏହି ପ୍ରକାରେ ପୂର୍ଣ୍ଣ ପରମାତ୍ମା କବିର୍ଦେବ (କବୀର ପରମେଶ୍ୱର) ନିମ୍ନରେ ଅନ୍ୟ ତିନୋଟି ଲୋକ (ଅଗମ ଲୋକ, ଅଲଖ ଲୋକ, ସତ୍ୟଲୋକ) ର ରଚନା ନିଜ ଶବ୍ଦ (ବଚନ) ଶକ୍ତି ଦ୍ୱାରା କଲେ । ଏହି ପୂର୍ଣ୍ଣବ୍ରହ୍ମ ପରମାତ୍ମା କବିର୍ଦେବ (କବୀର ପରମେଶ୍ୱର) ଅଗମ ଲୋକରେ ପ୍ରକଟ ହେଲେ ତଥା କବିର୍ଦେବ (କବୀର ପରମେଶ୍ୱର) ଅଗମ ଲୋକର ମଧ୍ୟ ସ୍ୱାମୀ ଅଟନ୍ତି ତଥା ସେଠାରେ ତାଙ୍କର ଉପମାତ୍ମକ (ପଦବୀର) ନାମ ଅଗମ ପୁରୁଷ ଅର୍ଥାତ୍ ଅଗମ ପ୍ରଭୁ ଅଟେ । ଏହି ଅଗମ ପ୍ରଭୂଙ୍କ ମାନବ ସଦୃଶ ଶରୀର ବହୁତ ତେଜୋମୟ ଅଟେ । ଯାହାଙ୍କ ଗୋଟିଏ ଲୋମକୂପର ତେଜ (କିରଣ) ଅର୍ବ-ଖର୍ବ ସୂର୍ଯ୍ୟର କିରଣଠାରୁ ମଧ୍ୟ ଅଧିକ ।

ଏହି ପୂର୍ଣ୍ଣ ପରମାତ୍ମା କବିର୍ଦେବ (କବିର ଦେବ = କବୀର ପରମେଶ୍ୱର) ଅଲଖ ଲୋକରେ ପ୍ରକଟ ହେଲେ ତଥା ସ୍ୱୟଂ ଅଲଖ ଲୋକର ମଧ୍ୟ ସ୍ୱାମୀ ଅଟନ୍ତି ତଥା ଏହି ପରମେଶ୍ୱରଙ୍କର ଉପମାତ୍ମକ ନାମ ଅଲଖ ପୁରୁଷ ମଧ୍ୟ ଅଟେ ତଥା ଏହି ପୂର୍ଣ୍ଣପ୍ରଭୁଙ୍କ ମାନବ ସଦୃଶ ତେଜୋମୟ (ସ୍ୱର୍ଜ୍ୟୋତି) ଶରୀର ସ୍ୱୟଂ ପ୍ରକାଶିତ ଅଟେ । ଏକ ଲୋମକୂପର ରଶ୍ମି ଅର୍ବ-ଖର୍ବ ସୂର୍ଯ୍ୟର ପ୍ରକାଶ ଠାରୁ ମଧ୍ୟ ଅଧିକ ।

ଏହି ପୂର୍ଣ୍ଣପ୍ରଭୁ ସତ୍‌ଲୋକରେ ପ୍ରକଟ ହେଲେ ତଥା ଇଏ ସତ୍‌ଲୋକର ମଧ୍ୟ ପ୍ରଭୁ ଅଟନ୍ତି । ଏଥିପାଇଁ ତାଙ୍କ ଉପମାତ୍ମକ (ପଦବୀର) ନାମ ସତ୍ୟପୁରୁଷ (ଅବିନାଶୀ ପ୍ରଭୁ) ଅଟେ । ଏହି ଅବିନାଶୀ ପ୍ରଭୁଙ୍କ ନାମ ଅକାଳମୂର୍ତ୍ତୀ - ଶବ୍ଦ ସ୍ୱରୂପୀ ରାମ - ପୂର୍ଣ୍ଣବ୍ରହ୍ମ - ପରମ ଅକ୍ଷର ବ୍ରହ୍ମ ଇତ୍ୟାଦି ଅଟେ । ଏହି ସତ୍ୟପୁରୁଷ କବିର୍ଦେବ (କବୀର ପ୍ରଭୁ)ଙ୍କ ମାନବ ସଦୃଶ ଶରୀର ତେଜୋମୟ ଅଟେ । ଯାହାଙ୍କର ଏକ ଲୋମକୂପର ପ୍ରକାଶ(ଆଲୋକ) କୋଟିଏ ସୂର୍ଯ୍ୟ ଏବଂ କୋଟିଏ ଚନ୍ଦ୍ରମାର ପ୍ରକାଶଠାରୁ ମଧ୍ୟ ଅଧିକ ।

ଏହି କବିର୍ଦେବ (କବୀର ପ୍ରଭୁ) ସତ୍ୟପୁରୁଷ ରୂପରେ ପ୍ରକଟ ହେଲେ, ସତ୍‌ଲୋକରେ ବିରାଜମାନ ହୋଇ ପ୍ରଥମେ ସତ୍‌ଲୋକର ଅନ୍ୟ ରଚନା କଲେ ।

ଗୋଟିଏ ଶବ୍ଦ (ବଚନ) ଦ୍ୱାରା ଷୋହଳଟି ଦ୍ୱୀପର ରଚନା କଲେ । ପୁଣି ଷୋହଳଟି ଶବ୍ଦ ଦ୍ୱାରା ଷୋହଳ ପୁତ୍ରଙ୍କୁ ଉତ୍ପତ୍ତି କଲେ । ଗୋଟିଏ ମାନସରୋବର ରଚନା କରି ସେଥିରେ ଅମୃତ ଭରିଦେଲେ । ସେହି ଷୋହଳ ପୁତ୍ରଙ୍କର ନାମଗୁଡିକ ହେଲା - (୧) "କୂର୍ମ", (୨) "ଜ୍ଞାନୀ", (୩) "ବିବେକ", (୪) "ତେଜ", (୫) "ସହଜ", (୬) "ସନ୍ତୋଷ", (୭) "ସୁରତି", (୮) "ଆନନ୍ଦ", (୯) "କ୍ଷମା", (୧୦) "ନିଷ୍କାମ", (୧୧) "ଜଳରଙ୍ଗି", (୧୨) "ଅଚିନ୍ତ", (୧୩) "ପ୍ରେମ", (୧୪) "ଦୟାଳୁ", (୧୫) "ଧୈର୍ଯ୍ୟ", (୧୬) "ଯୋଗ ସନ୍ତାୟନ" ଅର୍ଥାତ୍ ଯୋଗଜିତ୍ ।

ସତ୍ୟପୁରୁଷ କବିର୍ଦେବ ନିଜ ପୁତ୍ର ଅଚିନ୍ତକୁ ସତ୍‌ଲୋକର ଅନ୍ୟ ରଚନା ଦାୟିତ୍ୱ ଅର୍ପଣ କରିବା ସହିତ ଶକ୍ତି ମଧ୍ୟ ପ୍ରଦାନ କଲେ । ଅଚିନ୍ତ, ଶବ୍ଦ ଶକ୍ତି ଦ୍ୱାରା ଅକ୍ଷର ପୁରୁଷ (ପରବ୍ରହ୍ମ)ଙ୍କର ଉତ୍ପତ୍ତି କଲେ ତଥା କହିଲେ ଯେ ମୋତେ ସାହାଯ୍ୟ କର । ଅକ୍ଷର ପୁରୁଷ ସ୍ନାନ କରିବା ପାଇଁ ମାନସରୋବରକୁ ଗଲା, ସେଠାରେ ତାକୁ ବହୁତ ଆନନ୍ଦ ଲାଗିଲା ଏବଂ ସେଠାରେ ସେ ଶୋଇପଡିଲା । ଅନେକ ସମୟ ପର୍ଯ୍ୟନ୍ତ ବାହାରକୁ ଆସିଲା ନାହିଁ । ଅଚିନ୍ତଙ୍କ ପ୍ରାର୍ଥନା କ୍ରମେ ଅକ୍ଷର ପୁରୁଷକୁ ନିଦ୍ରାରୁ ଜାଗ୍ରତ କରିବା ପାଇଁ କବିର୍ଦେବ (କବୀର ପରମେଶ୍ୱର) ସେହି ମାନସରୋବରରୁ କିଛି ଅମୃତ ଜଳ ନେଇ ଏକ ଅଣ୍ଡା ତିଆରି କଲେ ଏବଂ ସେହି ଅଣ୍ଡା ମଧ୍ୟରେ ଏକ ଆତ୍ମାକୁ ପ୍ରବେଶ କରାଇ ମାନସରୋବରର ଅମୃତ ଜଳ ମଧ୍ୟକୁ ଛାଡିଦେଲେ । ଅଣ୍ଡାର ଘଡ୍ ଘଡ୍ ଶବ୍ଦରେ ଅକ୍ଷର ପୁରୁଷର ନିଦ୍ରାଭଙ୍ଗ ହେଲା । ସେ ଅଣ୍ଡାଟିକୁ କ୍ରୋଧ

ଦୃଷ୍ଟିରେ ଚାହିଁବା କାରଣରୁ ଅଣ୍ଡାଟି ଦୁଇଫାଳ ହୋଇଗଲା ଏବଂ ତା' ଭିତରୁ ଜ୍ୟୋତି ନିରଞ୍ଜନ (କ୍ଷର ପୁରୁଷ) ବାହାରିଲା ଯିଏ ପରବର୍ତ୍ତୀ ସମୟରେ "କାଳ"ନାମରେ ପରିଚିତ ହେଲା । ଯାହାର ବାସ୍ତବିକ ନାମ "କୈଲ୍" ଅଟେ । ତା'ପରେ ସତ୍ୟପୁରୁଷ (କବିର୍ଦେବ) ଆକାଶବାଣୀ କଲେ ଯେ ତୁମ୍ଭେ ଦୁହେଁ ବାହାରକୁ ଆସ ତଥା ଅଚିନ୍ତଙ୍କ ଦ୍ୱୀପରେ ଅବସ୍ଥାନ କର । ଆଜ୍ଞା ପାଇ ଅକ୍ଷର ପୁରୁଷ ଓ କ୍ଷରପୁରୁଷ (କୈଲ) ଦୁହେଁ ଅଚିନ୍ତଙ୍କ ଦ୍ୱୀପରେ ଅବସ୍ଥାନ କରିବାକୁ ଲାଗିଲେ (ପିଲାମାନଙ୍କୁ ସେମାନଙ୍କ ଦାୟିତ୍ୱହୀନତା ବିଷୟରେ ସଚେତ କରାଇଲେ କାରଣ ପିଲାମାନଙ୍କର ପୁଣି ପ୍ରଭୁତାର ଗର୍ବ ହୋଇ ନ ଯାଉ, କାରଣ ସାମର୍ଥ୍ୟ ପ୍ରଭୁଙ୍କ ବିନା କାର୍ଯ୍ୟ ସଫଳ ହୁଏ ନାହିଁ) ପୁଣି ପୂର୍ଣ୍ଣଧନୀ କବିର୍ଦେବ ନିଜେ ସମସ୍ତ ରଚନା କଲେ । ନିଜ ଶବ୍ଦ ଶକ୍ତି ଦ୍ୱାରା ଏକ ରାଜେଶ୍ୱରୀ (ରାଷ୍ଟ୍ରୀ) ଶକ୍ତି ଉତ୍ପନ୍ନ କଲେ ଯାହାଙ୍କ ଦ୍ୱାରା ସର୍ବ ବ୍ରହ୍ମାଣ୍ଡର ସ୍ଥାପନ କଲେ । ଏହାଙ୍କୁ ପରାଶକ୍ତି, ପରାନନ୍ଦନୀ ମଧ୍ୟ କୁହାଯାଏ । ପୂର୍ଣ୍ଣବ୍ରହ୍ମ ନିଜ ବଚନ ଶକ୍ତି ଦ୍ୱାରା ସମସ୍ତ ଆତ୍ମାଙ୍କୁ ନିଜ ପରି ମାନବ ଶରୀରର ରୂପ ଦେଇ ନିଜ ଭିତରୁ ଉତ୍ପନ୍ନ କଲେ । ପ୍ରତ୍ୟେକ ହଂସ ଆତ୍ମାଙ୍କର ରଚନା ପରମାତ୍ମଙ୍କ ଶରୀର ସଦୃଶ୍ୟ କଲେ, ମାନବ ସଦୃଶ୍ୟ ଏହି ଶରୀରର ତେଜ ଷୋହଳ (୧୬) ସୂର୍ଯ୍ୟର ତେଜ ପରି ଅଟେ । ପରନ୍ତୁ ପରମେଶ୍ୱରଙ୍କ ଶରୀରର ଏକ ଲୋମକୂପର ପ୍ରକାଶ କୋଟିଏ ସୂର୍ଯ୍ୟର ତେଜ ଠାରୁ ମଧ୍ୟ ଅଧିକ । ଅନେକ ସମୟ ଉପରାନ୍ତ କ୍ଷରପୁରୁଷ (ଜ୍ୟୋତି ନିରଞ୍ଜନ) ଚିନ୍ତା କଲା ଯେ ଆମେ ତିନିଜଣ (ଅଚିନ୍ତ - ଅକ୍ଷର ପୁରୁଷ - କ୍ଷରପୁରୁଷ) ଗୋଟିଏ ଦ୍ୱୀପରେ ରହୁଅଛୁ ତଥା ଅନ୍ୟମାନେ ସମସ୍ତେ ଗୋଟିଏ ଗୋଟିଏ ଦ୍ୱୀପରେ ରହୁଛନ୍ତି । ମୁଁ ମଧ୍ୟ ସାଧନା କରି ଭିନ୍ନ ଦ୍ୱୀପ ପ୍ରାପ୍ତି କରିବି । ଏହି ବିଚାର କରି ସେ ଗୋଟିଏ ଗୋଡରେ ଛିଡାହୋଇ ସତୁରୀ (୭୦) ଯୁଗ ପର୍ଯ୍ୟନ୍ତ ତପସ୍ୟା କଲା ।

### "ସମସ୍ତ ଆତ୍ମା କାଳ ଜାଲରେ ଫଶିଲେ କିପରି ?"

ବିଶେଷ:- ବ୍ରହ୍ମ (ଜ୍ୟୋତି ନିରଞ୍ଜନ) ତପସ୍ୟା କରୁଥିବା ସମୟରେ ଜ୍ୟୋତି ନିରଞ୍ଜନର ଏକୋଇଶି (୨୧) ବ୍ରହ୍ମାଣ୍ଡରେ ଅବସ୍ଥାନ କରୁଥିବା ସମସ୍ତ ଆତ୍ମା (ଆମ୍ଭେ) ଏହାର ସାଧନା ପ୍ରତି ଆସକ୍ତ ହୋଇ ଅନ୍ତରରେ ତାକୁ ଭଲ ପାଇବାକୁ ଲାଗିଲୁ ତଥା ନିଜ ସୁଖଦାୟୀ ପ୍ରଭୁ ସତ୍ୟପୁରୁଷଙ୍କ ପ୍ରତି ବିମୁଖ ହୋଇଗଲୁ । ଯେଉଁ କାରଣରୁ ପତିବ୍ରତା ପଦରୁ ଦୂର ହୋଇଗଲୁ । ପୂର୍ଣ୍ଣପ୍ରଭୁ ବାରମ୍ବାର ସାବଧାନ କରିବା ସତ୍ତ୍ୱେ କ୍ଷରପୁରୁଷଙ୍କଠାରୁ ଆତ୍ମମାନଙ୍କର ଆସକ୍ତି ତୁଟିଲା ନାହିଁ । (ଏହି ପ୍ରଭାବ ଆଜି ମଧ୍ୟ କାଳ ସୃଷ୍ଟିରେ ବିଦ୍ୟମାନ । ଯେପରି ଆଜିର ଯୁବଗୋଷ୍ଠୀ ଚଳଚ୍ଚିତ୍ର ଅଭିନେତା/ଅଭିନେତ୍ରୀମାନଙ୍କର ନାଟକୀୟ ଭାବଭଙ୍ଗୀ ତଥା ନିଜ ରୋଜଗାର ଉଦ୍ଦେଶ୍ୟରେ ସେମାନେ କରୁଥିବା ଭୂମିକା ପ୍ରତି ଅତି ଆସକ୍ତ ହୋଇଯାଉଛନ୍ତି, ଯେତେ ବାରଣ କଲେ ମଧ୍ୟ ମାନୁନାହାଁନ୍ତି । କୌଣସି ଅଭିନେତା ବା ଅଭିନେତ୍ରୀ ନିକଟସ୍ଥ ସହରକୁ ଆସିବାର ଥିଲେ ନିର୍ବୋଧ ଯୁବଗୋଷ୍ଠୀ କେବଳ ତାଙ୍କୁ ଦେଖିବା ପାଇଁ ବହୁ ସଂଖ୍ୟାରେ ଏକତ୍ରିତ ହୋଇଯାଇଥାନ୍ତି । ଅଭିନେତା ନିଜ ରୋଜଗାର ବ୍ୟସ୍ତ, କିନ୍ତୁ ଖର୍ଚ୍ଚାନ୍ତ ହୁଅନ୍ତି ଯୁବଗୋଷ୍ଠୀ । ମାତା-ପିତା ଯେତେ ବୁଝାଇଲେ ମଧ୍ୟ ପିଲା ମାନନ୍ତି ନାହିଁ । ଯେ କୌଣସି ପ୍ରକାରେ ଲୁଚିଛପି ଚାଲି ଯାଇଥାନ୍ତି)

ପୂର୍ଣ୍ଣବ୍ରହ୍ମ କବିର୍ଦେବ(କବୀର ପ୍ରଭୁ) କ୍ଷର ପୁରୁଷକୁ ପଚାରିଲେ, କୁହ ତୁମେ କ'ଣ ଚାହୁଁଛ ? ସେ କହିଲା, ପିତାଜୀ ! ଏହି ସ୍ଥାନ ମୋ ପାଇଁ କମ ପଡୁଛି । ମୋତେ ଅଲଗା ଏକ ଦ୍ୱୀପ ପ୍ରଦାନ କରିବାର କୃପା କରନ୍ତୁ । ହକ୍କା କବୀର (ସତ୍ୟ କବୀର) କ୍ଷର ପୁରୁଷକୁ ଏକୋଇଶି (୨୧) ବ୍ରହ୍ମାଣ୍ଡ ପ୍ରଦାନ କରିଦେଲେ । କିଛି ସମୟ ଉପରାନ୍ତ ଜ୍ୟୋତି ନିରଞ୍ଜନ ଚିନ୍ତା କଲା ଯେ ଏଥିରେ କିଛି ରଚନା କରାଯିବା ଉଚିତ । କେବଳ ବ୍ରହ୍ମାଣ୍ଡ (ପ୍ଲଟ୍) କେଉଁ କାମରେ ଆସିବ । ଏହି ବିଚାର କରି, ପୂର୍ଣ୍ଣ ପରମାତ୍ମା କବିର୍ଦେବ (କବୀର ପ୍ରଭୁ)ଙ୍କ ଠାରୁ ରଚନା ସାମଗ୍ରୀ ପ୍ରାପ୍ତି ପାଇଁ ପୁଣି ସତୁରୀ (୭୦) ଯୁଗ ପର୍ଯ୍ୟନ୍ତ ତପସ୍ୟା କଲା । ସତ୍ୟପୁରୁଷ ତାକୁ ତିନି ଗୁଣ ଓ ପାଞ୍ଚତତ୍ତ୍ୱ ପ୍ରଦାନ କରିଦେଲେ । ଯାହା ସାହାଯ୍ୟରେ ବ୍ରହ୍ମ (ଜ୍ୟୋତି ନିରଞ୍ଜନ) ନିଜ ବ୍ରହ୍ମାଣ୍ଡରେ କିଛି ରଚନା କରି ପୁଣି ଚିନ୍ତାକଲା ଯେ ଏଥିରେ କିଛି ଜୀବ ମଧ୍ୟ

ରହିବା ଉଚିତ୍ । ଏକୁଟିଆ ମନ ଲାଗୁନାହିଁ । ଏହି ବିଚାର କରି ଚଉଷଠି (୬୪) ଯୁଗ ପର୍ଯ୍ୟନ୍ତ ପୁଣି ତପସ୍ୟା କଲା । ପୂର୍ଣ୍ଣ ପରମାତ୍ମା କବୀର୍ଦେବ ପଚାରିବାରୁ ସେ କହିଲା ଯେ ମୋତେ କିଛି ଆତ୍ମା ଦିଅନ୍ତୁ । ଏକୁଟିଆ ମନ ଲାଗୁନାହିଁ । ସେତେବେଳେ ସତ୍ୟପୁରୁଷ କବିରାଗ୍ନି (କବୀର ପରମେଶ୍ୱର) କହିଲେ ଯେ 'ବ୍ରହ୍ମ' ! ତୋ ତପସ୍ୟାର ଫଳ ସ୍ୱରୁପ ମୁଁ ତୋତେ ଆଉ କିଛି ବ୍ରହ୍ମାଣ୍ଡ ଦେଇ ପାରିବି କିନ୍ତୁ କୌଣସି ଜପ-ତପ ସାଧନାର ଫଳ ରୂପେ ତୋତେ ମୋ ଆତ୍ମାମାନଙ୍କୁ ଦେଇପାରିବି ନାହିଁ । ହଁ, ଯଦି କେହି ସ୍ୱଇଚ୍ଛାରେ ତୋ ସହିତ ଯିବା ପାଇଁ ଚାହାଁନ୍ତି ତେବେ ସେମାନେ ଯାଇପାରିବେ । ଯୁବା କବୀର (ସମର୍ଥ କବୀର)ଙ୍କ ବଚନ ଶୁଣି  ଜ୍ୟୋତି ନିରଞ୍ଜନ ଆମ୍ଭମାନଙ୍କ ନିକଟକୁ ଆସିଲା । ତା'ପରେ ଆମ୍ଭେ ସମସ୍ତେ(ସମସ୍ତ ହଂସାତ୍ମା) ତାକୁ ଘେରିଯାଇ ତା' ଚାରିପଟେ ଠିଆ ହୋଇଗଲୁ କାରଣ ଆମ୍ଭେମାନେ ପ୍ରଥମରୁ ତା' ପ୍ରତି ଆସକ୍ତ ଥିଲୁ । ଜ୍ୟୋତି ନିରଞ୍ଜନ କହିଲା, ମୁଁ ପିତାଙ୍କଠାରୁ ଅଲଗା ଏକୋଇଶିଟି(୨୧) ବ୍ରହ୍ମାଣ୍ଡ ପ୍ରାପ୍ତ କରିଛି । ସେଠାରେ ନାନା ପ୍ରକାରର ରମଣୀୟ ସ୍ଥଳ ତିଆରି କରିଛି । ଆପଣମାନେ ମୋ ସହିତ ଯିବେ କି ? ଏହା ଶୁଣି ସମସ୍ତେ କହିଲେ (ସମସ୍ତ ହଂସାତ୍ମା ଯେଉଁମାନେ ଆଜି ଏହି ଏକୋଇଶି (୨୧) ବ୍ରହ୍ମାଣ୍ଡରେ ଦୁଃଖମୟ ଜୀବନଯାପନ କରୁଛନ୍ତି) ଯେ ଯଦି ପିତାଜୀ ଆଜ୍ଞା ଦିଅନ୍ତି ତେବେ ଆମେ ପ୍ରସ୍ତୁତ ଅଛୁ । ଏହାଶୁଣି କ୍ଷରପୁରୁଷ, ପୂର୍ଣ୍ଣବ୍ରହ୍ମ ମହାନ କବୀର (ସମର୍ଥ କବୀର ପ୍ରଭୁ)ଙ୍କ ନିକଟକୁ ଯାଇ ସମସ୍ତ ବୃତ୍ତାନ୍ତ ଜଣାଇଲା । କବିରାଗ୍ନି (କବୀର ପରମେଶ୍ୱର) କହିଲେ ଯେ ମୋ ସମ୍ମୁଖରେ ସମ୍ମତି ପ୍ରଦାନ କରିବା ଆତ୍ମାମାନଙ୍କୁ କେବଳ ମୁଁ ଆଦେଶ ଦେଇପାରିବି । କ୍ଷରପୁରୁଷ ଓ ପରମ ଅକ୍ଷର ପୁରୁଷ (କବିରମିତୌଜା=କବିର ଅମିତ ଔଜା) ଅର୍ଥାତ୍ ଯାହାଙ୍କୁ ଶକ୍ତିର କୌଣସି ତୁଳନା ନାହିଁ, ସେ କବୀର) ଉଭୟେ ଆମ୍ଭ (ସମସ୍ତ ଆତ୍ମା) ନିକଟକୁ ଆସିଲେ । ସତ୍ କବିର ଦେବ କହିଲେ ଯେ ଯେଉଁ ହଂସ ଆତ୍ମାମାନେ ବ୍ରହ୍ମ ସହିତ ଯିବାପାଇଁ ଚାହୁଁଛନ୍ତି ସେମାନେ ହାତ ଉପରକୁ ଟେକି ସମ୍ମତି ପ୍ରଦାନ କରନ୍ତୁ । ନିଜ ପିତାଙ୍କ ସମ୍ମୁଖରେ କାହାର ସାହସ ହେଲାନାହିଁ । କେହି ରାଜି ହେଲେ ନାହିଁ । ବହୁତ ସମୟ ପର୍ଯ୍ୟନ୍ତ ନିରବତା ବ୍ୟାପି ରହିଲା । ତତ୍‌ପଶ୍ଚାତ୍ ଜଣେ ହଂସାତ୍ମା ସାହସ କଲେ ଏବଂ କହିଲେ ଯେ ପିତାଜୀ ! ମୁଁ ଯିବାପାଇଁ ପ୍ରସ୍ତୁତ ଅଛି । ପୁଣି ତାକୁ ଦେଖି ଆମ୍ଭେ ସମସ୍ତ ଆତ୍ମା (ଯେଉଁମାନେ ଆଜି କାଲ ବ୍ରହ୍ମର ୨୧ବ୍ରହ୍ମାଣ୍ଡରେ ପଡି ରହିଛନ୍ତି) ରାଜି ହୋଇଗଲେ । ପରମେଶ୍ୱର କବୀର ଜୀ, ଜ୍ୟୋତି ନିରଞ୍ଜନକୁ କହିଲେ ଯେ ତୁମେ ନିଜ ସ୍ଥାନକୁ ଯାଅ । ଯେଉଁମାନେ ତୁମ ସହିତ ଯିବାପାଇଁ ରାଜି ଅଛନ୍ତି ସେହି ହଂସ ଆତ୍ମାମାନଙ୍କୁ ମୁଁ ତୁମ ପାଖକୁ ପଠାଇଦେବି । ଜ୍ୟୋତି ନିରଞ୍ଜନ ନିଜ ୨୧ ବ୍ରହ୍ମାଣ୍ଡକୁ ଚାଲିଗଲା । ସେ ପର୍ଯ୍ୟନ୍ତ ଏହି ଏକୋଇଶ ବ୍ରହ୍ମାଣ୍ଡ ସତ୍‌ଲୋକରେ ହିଁ ଥିଲା ।

ତତ୍‌ପଶ୍ଚାତ୍ ପୂର୍ଣ୍ଣବ୍ରହ୍ମ ସର୍ବ ପ୍ରଥମେ ସହମତି ପ୍ରକାଶ କରିଥିବା ହଂସକୁ ଏକ କନ୍ୟା ରୂପ ଦେଲେ ପରନ୍ତୁ ସ୍ତ୍ରୀ ଇନ୍ଦ୍ରିୟ ଦେଇ ନ ଥିଲେ । ତା'ପରେ ସମସ୍ତ ଆତ୍ମାଙ୍କୁ (ଯେଉଁମାନେ ଜ୍ୟୋତି ନିରଞ୍ଜନ (ବ୍ରହ୍ମ) ସହ ଯିବାପାଇଁ ସହମତି ପ୍ରଦାନ କରିଥିଲେ) ସେହି କନ୍ୟା ଶରୀରରେ ପ୍ରବେଶ କରାଇ ଦେଲେ । ସେହି କନ୍ୟାର ନାମ ଆଷ୍ଟ୍ରା (ଆଦିମାୟା/ପ୍ରକୃତିଦେବୀ/ଦୁର୍ଗା) ହେଲା । ସତ୍ୟପୁରୁଷ କହିଲେ ହେ ପୁତ୍ରୀ ! ମୁଁ ତୋତେ ଶବ୍ଦଶକ୍ତି ପ୍ରଦାନ କରିଛି । ବ୍ରହ୍ମ, ଯେତେ ଜୀବ ଆବଶ୍ୟକ କରିବ, ତୁମେ ତାକୁ ଉତ୍ପନ୍ନ କରିଦେବ । ପୂର୍ଣ୍ଣବ୍ରହ୍ମ କବିର୍ଦେବ (କବୀର ସାହେବ)ପ୍ରକୃତିକୁ ନିଜ ପୁତ୍ର ସହଜ ଦାସଙ୍କ ସହିତ କ୍ଷରପୁରୁଷ ନିକଟକୁ ପଠାଇ ଦେଲେ । ସହଜ ଦାସ ଜୀ, ଜ୍ୟୋତି ନିରଞ୍ଜନକୁ କହିଲେ ଯେ, ପିତାଜୀ ଏହି ଭଉଣୀ ଶରୀରରେ ସେହି ସମସ୍ତ ଆତ୍ମାମାନଙ୍କୁ ପ୍ରବେଶ କରାଇ ଦେଇଛନ୍ତି ଯେଉଁମାନେ ଆପଣଙ୍କ ସହିତ ଯିବାପାଇଁ ସହମତି ପ୍ରଦାନ କରିଥିଲେ ତଥା ପିତାଜୀ ପ୍ରକୃତିକୁ ବଚନ ଶକ୍ତି ପ୍ରଦାନ କରିଛନ୍ତି । ଆପଣ ଯେତେ ଜୀବ ଚାହିଁବେ ପ୍ରକୃତି ନିଜ ଶବ୍ଦ ଶକ୍ତି ଦ୍ୱାରା ତାହା ଉତ୍ପନ୍ନ କରାଇବେ । ଏହା କହି ସହଜ ଦାସ ନିଜ ଦ୍ୱୀପକୁ ଫେରି ଆସିଲେ ।

ଯୁବା ହୋଇଥିବା କାରଣରୁ କନ୍ୟାର ରଙ୍ଗ-ରୂପ ସୁନ୍ଦର ଦେଖା ଯାଉଥିଲା । ବ୍ରହ୍ମ ମନରେ ବିଷୟ-ବାସନା ଉତ୍ପନ୍ନ ହେବାକୁ ଲାଗିଲା ତଥା ପ୍ରକୃତି ଦେବୀ ସହିତ ସେ ଅଶ୍ଳିଳ ଗତିବିଧି ଆରମ୍ଭ କରିଦେଲା । ଦୁର୍ଗା କହିଲେ, ଜ୍ୟୋତି ନିରଞ୍ଜନ ! ପିତାଙ୍କ ଦ୍ୱାରା ପ୍ରଦତ୍ତ ଶବ୍ଦଶକ୍ତି ମୋ ପାଖରେ ଅଛି । ଆପଣ ଯେତେ ପ୍ରାଣୀ କହିବେ ମୁଁ ବଚନ ଶକ୍ତି ଦ୍ୱାରା ଉତ୍ପନ୍ନ କରିଦେବି । ଆପଣ ମୈଥୁନ ପରମ୍ପରାର ଆରମ୍ଭ କରନ୍ତୁ ନାହିଁ । ଆପଣ ସେହି ପିତାଙ୍କ ଶବ୍ଦଶକ୍ତି ଦ୍ୱାରା ଅଣ୍ଡା ମଧ୍ୟରୁ ଉତ୍ପନ୍ନ ହୋଇଛନ୍ତି ତଥା କିଛି ମୁହର୍ତ୍ତ ପରେ ମୁଁ ମଧ୍ୟ ସେହି ପିତାଙ୍କ ଶବ୍ଦଶକ୍ତିରୁ ଉତ୍ପନ୍ନ ହେଲି ତେଣୁ ଆପଣ ମୋର ବଡଭାଇ ଅଟନ୍ତି । ଭଉଣୀ-ଭାଇର ଏହି ସଂଯୋଗ ମହାପାପର କାରଣ ହେବ । ପରନ୍ତୁ ପ୍ରକୃତି ଦେବୀଙ୍କର ଏହି ପ୍ରାର୍ଥନାକୁ ଜ୍ୟୋତି ନିରଞ୍ଜନ ଅଦୌ କର୍ଣ୍ଣପାତ କଲା ନାହିଁ ତଥା ନିଜ ଶବ୍ଦ ଶକ୍ତି ଦ୍ୱାରା ନଖ ସାହାଯ୍ୟରେ ପ୍ରକୃତି ଦେବୀ ଶରିରରେ ସ୍ତ୍ରୀ ଇନ୍ଦ୍ରିୟ (ଯୋନି) ଲଗାଇ ଦେଲା ତଥା ବଳାତ୍କାର କରିବା ପାଇଁ ଉଦ୍ୟମ କଲା । ସେହି ସମୟରେ ଦୁର୍ଗା ନିଜ ଇଜ୍ଜତ୍ ରକ୍ଷା କରିବା ପାଇଁ ଅନ୍ୟ କୌଣସି ଉପାୟ ନପାଇ ସୂକ୍ଷ୍ମ ରୂପ ଧାରଣ କରି ଜ୍ୟୋତି ନିରଞ୍ଜନର ମୁଖଦ୍ୱାରା ଦେଇ ପେଟ ମଧ୍ୟକୁ ପ୍ରବେଶ କରିଗଲା ତଥା ନିଜକୁ ରକ୍ଷା କରିବା ପାଇଁ ପୂର୍ଣ୍ଣବ୍ରହ୍ମ କବୀର୍ ଦେବଙ୍କୁ ପାର୍ଥନା କଲା । ସେହି ସମୟରେ କବିର୍ଦେବ (କବୀର ଦେବ) ନିଜ ପୁତ୍ର ଯୋଗସନ୍ତାୟନ ଅର୍ଥାତ୍ ଯୋଗଜୀତଙ୍କ ରୂପ ଧାରଣ କରି ସେଠାରେ ପ୍ରକଟ ହେଲେ ତଥା କନ୍ୟାକୁ ବ୍ରହ୍ମ ଉଦରରୁ ବାହାରକୁ କାଢ଼ିଲେ ତଥା କହିଲେ, ଜ୍ୟୋତି ନିରଞ୍ଜନ ! ଆଜିଠୁ ତୋର ନାମ "କାଳ" ହେବ । ଏଣିକି ତୋର ଜନ୍ମ-ମୃତ୍ୟୁ ହେବ । ଏଥିପାଇଁ ତୋର ନାମ କ୍ଷରପୁରୁଷ ହେବ ଏବଂ ଏକଲକ୍ଷ ମାନବ ଶରୀରଧାରୀ ପ୍ରାଣୀ ପ୍ରତିଦିନ ତୁ ଭକ୍ଷଣ କରିବୁ ତଥା ଏକଲକ୍ଷ ପଚିଶ ହଜାର ପ୍ରାଣୀ ଉତ୍ପନ୍ନ କରିବୁ । ଏକୋଇଶି ବ୍ରହ୍ମାଣ୍ଡ ସହିତ ତୁମ୍ଭ ଦୁହିଁଙ୍କୁ ଏଠାରୁ ନିଷ୍କାଶିତ କରାଗଲା । ଏତିକି କହିବା ପରେ ଏକୋଇଶି ବ୍ରହ୍ମାଣ୍ଡ ବିମାନ ଭଳି ଗତି କରିବାକୁ ଲାଗିଲା ତଥା ସହଜ ଦାସଙ୍କ ଦ୍ୱୀପ ନିକଟ ଦେଇ ସତ୍‌ଲୋକରୁ ଷୋହଳ (୧୬) ଶଙ୍ଖକୋଶ (ଏକକୋଶ ପାଖାପାଖି ତିନି (୩) କିଲୋମିଟର ହୋଇଥାଏ) ଦୂରରେ ଆସି ଅଟକିଗଲା ।

ବିଶେଷ ବିବରଣୀ:- ବର୍ତ୍ତମାନ ପର୍ଯ୍ୟନ୍ତ ତିନି ଶକ୍ତିଙ୍କର ବିବରଣୀ ଆସିଛି ।

୧. ପୂର୍ଣ୍ଣବ୍ରହ୍ମ ଯିଏ ସତ୍ୟପୁରୁଷ, ଅକାଳପୁରୁଷ, ଶବ୍ଦସ୍ୱରୂପୀ ରାମ, ପରମ ଅକ୍ଷରବ୍ରହ୍ମ /ପୁରୁଷ ଆଦି ନାମରେ ପରିଚିତ । ଏହି ପୂର୍ଣ୍ଣବ୍ରହ୍ମ ଅସଂଖ୍ୟ ବ୍ରହ୍ମାଣ୍ଡର ସ୍ୱାମୀ ଅଟନ୍ତି ତଥା ବାସ୍ତବରେ ସେ ଅବିନାଶୀ ଅଟନ୍ତି ।


୨. ପରବ୍ରହ୍ମ - ଯାହାଙ୍କୁ ଅକ୍ଷର ପୁରୁଷ ମଧ୍ୟ କୁହାଯାଏ । ବାସ୍ତବରେ ସେ ଅବିନାଶୀ ନୁହଁନ୍ତି । ସେ ସାତଶଙ୍ଖ ବ୍ରହ୍ମାଣ୍ଡର ସ୍ୱାମୀ ଅଟନ୍ତି ।

୩. ବ୍ରହ୍ମ - ଯିଏ ଜ୍ୟୋତି ନିରଞ୍ଜନ, କାଳ, କୈଳ, କ୍ଷରପୁରୁଷ ତଥା ଧର୍ମରାୟ ଆଦି ନାମରେ ପରିଚିତ, ସେ କେବଳ ଏକୋଇଶ ବ୍ରହ୍ମାଣ୍ଡର ସେ ସ୍ୱାମୀ ଅଟନ୍ତି । ଏବେ ଆଗକୁ ଏହି ବ୍ରହ୍ମ (କାଳ)ଙ୍କ ସୃଷ୍ଟିର ଗୋଟିଏ ବ୍ରହ୍ମାଣ୍ଡର ପରିଚୟ ଦିଆଯିବ, ଯେଉଁଥିରେ ଆଉ ତିନୋଟି ନାମ ଆପଣଙ୍କୁ ପଢିବାକୁ ମିଳିବ - ବ୍ରହ୍ମା, ବିଷ୍ଣୁ ଓ ଶିବ ।

ବ୍ରହ୍ମ ଓ ବ୍ରହ୍ମାଙ୍କ ମଧ୍ୟରେ ପାର୍ଥକ୍ୟ - ଗୋଟିଏ ବ୍ରହ୍ମାଣ୍ଡରେ ନିର୍ମିତ ସର୍ବ ଉପର ସ୍ଥାନରେ ବ୍ରହ୍ମ (କ୍ଷରପୁରୁଷ) ତିନୋଟି ଗୁପ୍ତ ସ୍ଥାନ ରଚନା କରି ସ୍ୱୟଂ ବ୍ରହ୍ମା, ବିଷ୍ଣୁ ଓ ଶିବ ରୂପରେ ରୁହନ୍ତି ତଥା ନିଜ ପତ୍ନୀ ପ୍ରକୃତି (ଦୁର୍ଗା)ଙ୍କ ସହଯୋଗରେ ତିନି ପୁତ୍ରଙ୍କର ଉତ୍ପତ୍ତି କରିଥାନ୍ତି ।

ସେମାନଙ୍କ ନାମ ମଧ୍ୟ ବ୍ରହ୍ମା, ବିଷ୍ଣୁ ଓ ଶିବ ରଖିଥାନ୍ତି । ବ୍ରହ୍ମଙ୍କ ପୁତ୍ର ବ୍ରହ୍ମା ଗୋଟିଏ ବ୍ରହ୍ମାଣ୍ଡର ତିନିଲୋକ (ପୃଥିବୀଲୋକ, ସ୍ୱର୍ଗଲୋକ, ପାତାଳଲୋକ)ର ଏକ ରଜଗୁଣ ବିଭାଗର ମନ୍ତ୍ରୀ (ସ୍ୱାମୀ) ଅଟନ୍ତି । ଏହାଙ୍କୁ ତ୍ରୈଲୋକୀୟ ବ୍ରହ୍ମା କୁହାଯାଏ ତଥା ବ୍ରହ୍ମ ଯିଏ ବ୍ରହ୍ମଲୋକରେ ବ୍ରହ୍ମାରୂପରେ ରୁହନ୍ତି

# ଗୋଟିଏ ବ୍ରହ୍ମାଣ୍ଡର ଲଘୁଚିତ୍ର



ତାଙ୍କୁ ମହାବ୍ରହ୍ମା ବା ବ୍ରହ୍ମଲୋକୀୟ ବ୍ରହ୍ମା କୁହାଯାଏ । ଏହି ବ୍ରହ୍ମ (କାଳ)ଙ୍କୁ ସଦାଶିବ, ମହାଶିବ ଓ ମହାବିଷ୍ଣୁ ମଧ କୁହାଯାଏ ।

ଶ୍ରୀ ବିଷ୍ଣୁ ପୁରାଣରେ ପ୍ରମାଣ:- ଚତୁର୍ଥ ଅଂଶ ଅଧ୍ୟାୟ ୧ ପୃଷ୍ଠା ୨୩୦-୨୩୧ରେ ଶ୍ରୀ ବ୍ରହ୍ମା କହୁଛନ୍ତି :- ଯେଉଁ ଅଜନ୍ମା, ସର୍ବମୟ ବିଧାତା ପରମେଶ୍ୱରଙ୍କ ଆଦି, ମଧ୍ୟ, ଅନ୍ତ, ସ୍ୱରୂପ, ସ୍ୱଭାବ ଓ ସାର ମୁଁ ଜାଣିପାରି ନାହିଁ (ଶ୍ଳୋକ-୮୩) ।

ଯିଏ ମୋ ରୂପ ଧାରଣ କରି ସଂସାରର ସୃଷ୍ଟି କରନ୍ତି, ସ୍ଥିତି (ସଂସାର ପାଳନ) ସମୟର ପୁରୁଷ ରୂପ ତଥା ରୁଦ୍ର ରୂପରେ ଯିଏ ବିଶ୍ୱକୁ ଗ୍ରାସ କରନ୍ତି, ଅନନ୍ତ ରୂପରେ ସମ୍ପୂର୍ଣ୍ଣ ଜଗତକୁ ଧାରଣ କରିଛନ୍ତି । (ଶ୍ଳୋକ ୮୬) ।

## "ଶ୍ରୀ ବ୍ରହ୍ମା, ଶ୍ରୀ ବିଷ୍ଣୁ, ଓ ଶ୍ରୀ ଶିବଙ୍କର ଉତ୍ପତ୍ତି"

କାଳ (ବ୍ରହ୍ମ), ପ୍ରକୃତି (ଦୁର୍ଗା)କୁ କହିଲା, ଏବେ ମୋର କିଏ କ'ଣ କରିବ ? ଏବେ ମୋ ଇଚ୍ଛା ମୁତାବକ ମୁଁ କାର୍ଯ୍ୟ କରିବି । ପ୍ରକୃତି ପୁଣି ପ୍ରାର୍ଥନା କରି କହିଲା, ଆପଣଙ୍କୁ ଲଜ୍ୟା ଲାଗିବା ଦରକାର । ପ୍ରଥମେ ତ ଆପଣ ମୋ ବଡଭାଇ କାରଣ ସେହି ପୂର୍ଣ୍ଣ ପରମାତ୍ମା (କବିର୍ଦେବ)ଙ୍କ ବଚନ ଶକ୍ତି ଦ୍ୱାରା ଅଣ୍ଡା ମଧରୁ ଆପଣ (ବ୍ରହ୍ମ)ଙ୍କର ଉତ୍ପତ୍ତି ହୋଇଛି ତଥା କିଛି ସମୟ ପରେ ସେହି ପରମେଶ୍ୱରଙ୍କ ବଚନ ଶକ୍ତିରୁ ମୋର ମଧ ଉତ୍ପତ୍ତି ହୋଇଛି । ଦ୍ୱିତୀୟରେ ଆପଣଙ୍କ ପେଟରୁ ମୁଁ ବାହାରିଛି, ମୁଁ ଆପଣଙ୍କ କନ୍ୟା ହେଲି ତଥା ଆପଣ ମୋର ପିତା ହେଲେ । ଏହି ପବିତ୍ର ସମ୍ପର୍କକୁ ନଷ୍ଟ କରିବା ମହାପାପ ହେବ । ମୋ ନିକଟରେ ପିତାଙ୍କ ଦ୍ୱାରା ପ୍ରଦତ୍ତ ଶବ୍ଦଶକ୍ତି ଅଛି । ଯେତେ ପ୍ରାଣୀ ଆପଣ କହିବେ ମୁଁ ବଚନ ଶକ୍ତି ଦ୍ୱାରା ଉତ୍ପନ୍ନ କରିଦେବି । ଜ୍ୟୋତି ନିରଞ୍ଜନ, ଦୁର୍ଗାଙ୍କର କୌଣସି ଗୋଟିଏ ବି ପ୍ରାର୍ଥନା ଶୁଣିଲା ନାହିଁ ତଥା କହିଲା ଯେ ମୋତେ ଯେଉଁ ଦଣ୍ଡ ମିଳିବାର ଥିଲା ମିଳିଗଲା । ମୋତେ ସତ୍‌ଲୋକରୁ ନିଷ୍କାସିତ କରି ଦିଆଗଲା । ବର୍ତ୍ତମାନ ମୁଁ ମନଇଚ୍ଛା କାର୍ଯ୍ୟ କରିବି । ଏହା କହି କାଳ ପୁରୁଷ (କ୍ଷର ପୁରୁଷ) ପ୍ରକୃତିଙ୍କ ସହିତ ବଳପୂର୍ବକ ବିବାହ କଲା ତଥା ତିନି ପୁତ୍ର (ରଜଗୁଣ ଯୁକ୍ତ - ବ୍ରହ୍ମାଜୀ, ସତଗୁଣ ଯୁକ୍ତ - ବିଷ୍ଣୁଜୀ ତଥା ତମଗୁଣ ଯୁକ୍ତ - ଶିବଜୀ) ଙ୍କର ଉତ୍ପତ୍ତି କଲା । ଯୁବକ ହେବା ପର୍ଯ୍ୟନ୍ତ ତିନିପୁତ୍ରଙ୍କୁ ଦୁର୍ଗାଙ୍କ ଦ୍ୱାରା ଅଚେତ କରାଇ ରଖିଥାଏ । ପୁଣି ଯୁବକ ହୋଇଯିବା ପରେ ଶ୍ରୀ ବ୍ରହ୍ମାଙ୍କୁ ପଦ୍ମ ଫୁଲ ଉପରେ, ଶ୍ରୀ ବିଷ୍ଣୁଙ୍କୁ ଶେଷନାଗ ଶଯ୍ୟା ଉପରେ ତଥା ଶ୍ରୀ ଶିବଙ୍କୁ କୈଳାସ ପର୍ବତ ଉପରେ ସଚେତ କରି ଏକତ୍ରିତ କରିଦେଇଥାଏ । ତତ୍‌ପଶ୍ଚାତ୍ ପ୍ରକୃତି (ଦୁର୍ଗା) ଦ୍ୱାରା ଏହି ତିନିଜଣଙ୍କର ବିବାହ କରି ଦିଆଯାଏ ତଥା ଗୋଟିଏ ବ୍ରହ୍ମାଣ୍ଡର ତିନି ଲୋକ (ସ୍ୱର୍ଗଲୋକ, ପୃଥିବୀଲୋକ, ପାତାଳ ଲୋକ)ରେ ଏମାନଙ୍କୁ ଗୋଟିଏ ଗୋଟିଏ ବିଭାଗର ମନ୍ତ୍ରୀ (ପ୍ରଭୁ) ରୂପେ ନିଯୁକ୍ତ କରିଦିଏ । ଯେପରି ଶ୍ରୀ ବ୍ରହ୍ମାଙ୍କୁ ରଜଗୁଣ ବିଭାଗର, ଶ୍ରୀବିଷ୍ଣୁଙ୍କୁ ସତଗୁଣ ବିଭାଗ ତଥା ଶ୍ରୀ ଶିବ ଶଙ୍କରଙ୍କୁ ତମଗୁଣ ବିଭାଗର ଦାୟିତ୍ୱ ତଥା ସ୍ୱୟଂ ଗୁପ୍ତ (ମହାବ୍ରହ୍ମା-ମହାବିଷ୍ଣୁ-ମହାଶିବ) ରୂପରେ ମୁଖ୍ୟମନ୍ତ୍ରୀ ପଦ ସମ୍ଭାଳିଥାଏ । ପ୍ରତ୍ୟେକ ବ୍ରହ୍ମାଣ୍ଡରେ ଗୋଟିଏ ବ୍ରହ୍ମଲୋକ ରଚନା କରିଛି । ସେଥିରେ ତିନୋଟି ଗୁପ୍ତସ୍ଥାନ ନିର୍ମାଣ କରିଛି । ସେଥିମଧ୍ୟରୁ ଗୋଟିଏ ରଜଗୁଣ ପ୍ରଧାନ ସ୍ଥାନ ଅଟେ । ଯେଉଁଠି ଏହି ବ୍ରହ୍ମ (କାଳ) ସ୍ୱୟଂ ମହାବ୍ରହ୍ମା (ମୁଖ୍ୟମନ୍ତ୍ରୀ) ରୂପରେ ରହିଥାଏ ତଥା ନିଜ ପତ୍ନୀ ଦୁର୍ଗାଙ୍କୁ ମହାସାବିତ୍ରୀ ରୂପରେ ରଖିଥାଏ । ଏହି ଦୁହିଁଙ୍କ ସଂଯୋଗରୁ ଯେଉଁ ପୁତ୍ର ଏହି ସ୍ଥାନରେ ଉତ୍ପନ୍ନ ହୁଏ ସ୍ୱତଃପ୍ରବୃତ୍ତ ଭାବେ ସେ ରଜୋଗୁଣୀ ହୋଇଯାଏ । ଦ୍ୱିତୀୟ ସ୍ଥାନଟିକୁ ସତଗୁଣ ପ୍ରଧାନ କରି ସେଠାରେ ଏହି କ୍ଷରପୁରୁଷ ସ୍ୱୟଂ ମହାବିଷ୍ଣୁ ରୂପରେ ରୁହେ ତଥା ନିଜ ପତ୍ନୀ ଦୁର୍ଗାଙ୍କୁ ମହାଲକ୍ଷ୍ମୀ ରୂପରେ ରଖି ଯେଉଁ ପୁତ୍ର ଉତ୍ପନ୍ନ କରେ ସେହି ପୁତ୍ରର ନାମ ବିଷ୍ଣୁ ରଖିଥାଏ । ସେହି ବାଳକ ସତଗୁଣ ଯୁକ୍ତ ହୋଇଥାଏ । ତୃତୀୟରେ ଏହି କାଳ ସେଠାରେ ଏକ ତମଗୁଣ ପ୍ରଧାନ କ୍ଷେତ୍ର ନିର୍ମାଣ କରିଛି । ସେଠାରେ ସେ ସଦାଶିବ ରୂପରେ ନିଜେ ରୁହେ ତଥା ନିଜ ପତ୍ନୀ ଦୁର୍ଗାଙ୍କୁ ମହାପାର୍ବତୀ ରୂପରେ

ରଖିଥାଏ । ଦୁହିଁଙ୍କ ପତିପତ୍ନୀ ବ୍ୟବହାରରୁ ଯେଉଁ ପୁତ୍ର ଉତ୍ପନ୍ନ ହୁଏ ତାହାର ନାମ ଶିବ ରଖିଥାନ୍ତି ତଥା ସେହି ପୁତ୍ରକୁ ତମଗୁଣ ଯୁକ୍ତ କରିଦିଅନ୍ତି । (ପ୍ରମାଣ ପାଇଁ ଦେଖନ୍ତୁ ଗୀତା ପ୍ରେସ ଗୋରଖପୁରରୁ ପ୍ରକାଶିତ ପବିତ୍ର ଶ୍ରୀ ଶିବ ମହାପୁରାଣ, ବିଦ୍ଧେଶ୍ୱର ସଂହିତା ପୃଷ୍ଠା ୨୪-୨୬ ଯେଉଁଥିରେ ବ୍ରହ୍ମା, ବିଷ୍ଣୁ, ରୁଦ୍ର ବା ମହେଶ୍ୱରଙ୍କଠାରୁ ଭିନ୍ନ ସଦାଶିବ ଅଟନ୍ତି ତଥା ରୁଦ୍ର ସଂହିତା ଅଧ୍ୟାୟ ୬ ତଥା ୭,୯ ପୃଷ୍ଠା ନଂ. ୧୦୦ରୁ ୧୦୫ ତଥା ୧୧୦ରେ ଅନୁବାଦ କର୍ତ୍ତା ଶ୍ରୀ ହନୁମାନ ପ୍ରସାଦ ପୋଦ୍ଦାର, ତଥା ପବିତ୍ର ଶ୍ରୀମଦ୍ ଦେବୀ ମହାପୁରାଣ ତୃତୀୟ ସ୍କନ୍ଧ ପୃଷ୍ଠା ନଂ ୧୧୪ରୁ ୧୨୩ ପର୍ଯ୍ୟନ୍ତ, ଗୀତା ପ୍ରେସ ଗୋରଖପୁରରୁ ପ୍ରକାଶିତ, ଯାହାର ଅନୁବାଦ କର୍ତ୍ତା ଶ୍ରୀହନୁମାନ ପ୍ରସାଦ ପୋଦ୍ଦାର ଚିମନ୍‌ଲାଲ ଗୋସ୍ୱାମୀ) । ପୁଣି ଏମାନଙ୍କ ସହିତ ଛଳନା କରି ନିଜ ଭୋଜନ ପାଇଁ ଶ୍ରୀ ବ୍ରହ୍ମାଙ୍କ ଦ୍ୱାରା ଜୀବମାନଙ୍କର ଉତ୍ପତ୍ତି କରିଥାଏ । ଶ୍ରୀ ବିଷ୍ଣୁଙ୍କ ଦ୍ୱାରା ପାଳନ (ପରସ୍ପରକୁ ମୋହ ମମତାରେ ବାନ୍ଧି କାଳ ଜାଲରେ ରଖିବା) ତଥା ଶ୍ରୀ ଶିବଙ୍କ ଦ୍ୱାରା ସଂହାର (କାରଣ ଅଭିଶାପବଶତଃ କାଳପୁରୁଷକୁ ଏକଲକ୍ଷ ମାନବ ଶରୀରଧାରୀ ପ୍ରାଣୀଙ୍କର ସୂକ୍ଷ୍ମ ଶରୀରରୁ ମଇଳା ବାହାର କରି ଖାଇବାକୁ ପଡିଥାଏ । ସେଥିପାଇଁ ଏକୋଇଶିତମ ବ୍ରହ୍ମାଣ୍ଡରେ ଏକ ତପ୍ତଶୀଳା ଅଛି ଯାହା ସ୍ୱତଃ ଉତ୍ତପ୍ତ ରହିଥାଏ । ସେହି ତପ୍ତଶୀଳା ଉପରେ ଜୀବାତ୍ମାକୁ ଗରମ କରି ସେଥିରୁ ବାହାରୁଥିବା ମଇଳାକୁ ଖାଇଥାଏ । ଜୀବମାନେ ମରି ନ ଥାନ୍ତି କିନ୍ତୁ ଅସହନୀୟ କଷ୍ଟ ଭୋଗିଥାନ୍ତି । ତା'ପରେ ସେମାନଙ୍କୁ କର୍ମ ଆଧାରରେ ଅନ୍ୟ ଶରୀର ପ୍ରଦାନ କରିଥାଏ) । ଯେପରି କୌଣସି ଏକ ଗୃହରେ ତିନୋଟି ପ୍ରକୋଷ୍ଠ (କକ୍ଷ ) ଅଛି, ଗୋଟିଏ ପ୍ରକୋଷ୍ଠରେ ଅଶ୍ଳୀଳ ଚିତ୍ର ଲାଗିଅଛି । ସେହି ପ୍ରକୋଷ୍ଠକୁ ପ୍ରବେଶ କରିବା ମାତ୍ରେ ମନରେ ସେହିଭଳି ଖରାପ ଭାବନା ଉତ୍ପନ୍ନ ହୋଇଯାଏ । ଦ୍ୱିତୀୟ କକ୍ଷରେ ସାଧୁସନ୍ଥ ଓ ଭକ୍ତମାନଙ୍କର ଚିତ୍ର ଲାଗିଥିଲେ, ମନରେ ଉତ୍ତମ ଭାବନା ଓ ପ୍ରଭୁଚିନ୍ତନ ତଥା ଭକ୍ତିଭାବ ସୃଷ୍ଟି ହୁଏ । ତୃତୀୟ କକ୍ଷରେ ଦେଶଭକ୍ତ ଓ ସହିଦମାନଙ୍କର ଚିତ୍ର ଲାଗିଥିଲେ, ମନରେ ସେହିଭଳି ଉଗ୍ର ଭାବନା ଉତ୍ପନ୍ନ ହୋଇଯାଏ । ଠିକ୍ ଏହି ପ୍ରକାରେ ବ୍ରହ୍ମ (କାଳ) ନିଜ ବୁଦ୍ଧିରେ ଉପରୋକ୍ତ ତିନି ଗୁଣଯୁକ୍ତ ସ୍ଥାନର ରଚନା କରିଅଛି ।

### "ତିନିଗୁଣ କ'ଣ? ପ୍ରମାଣ ସହିତ"

"ରଜଗୁଣ ବ୍ରହ୍ମା, ସତଗୁଣ ବିଷ୍ଣୁ ଓ ତମଗୁଣ ଶିବ ତିନିଗୁଣ ଅଟନ୍ତି । ଏମାନେ ବ୍ରହ୍ମ (କାଳ) ତଥା ପ୍ରକୃତି (ଦୁର୍ଗା)ଠାରୁ ଉତ୍ପନ୍ନ ହୋଇଛନ୍ତି ଏବଂ ଏମାନେ ନାଶବାନ ଅଟନ୍ତି ।"

ପ୍ରମାଣ:- ଗୀତାପ୍ରେସ ଗୋରଖପୁର ପ୍ରକାଶିତ ଶ୍ରୀ ଶିବ ମହାପୁରାଣ, ସଂପାଦକ ଶ୍ରୀ ହନୁମାନ ପ୍ରସାଦ ପୋଦ୍ଦାର, ବିଦ୍ଧେଶ୍ୱର ସଂହିତା ପୃଷ୍ଠା ନଂ ୨୪-୨୬ ତଥା ରଦ୍ର ସଂହିତା ପୃଷ୍ଠା ନଂ ୧୧୦ ଅଧ୍ୟାୟ ୯, "ଏହି ପ୍ରକାରେ ବ୍ରହ୍ମା, ବିଷ୍ଣୁ ଓ ଶିବ ତିନିଗୁଣ ଯୁକ୍ତ ଦେବତା ଅଟନ୍ତି, ପରନ୍ତୁ ସଦାଶିବ (ବ୍ରହ୍ମ-କାଳ)କୁ ଗୁଣାତୀତ ବୋଲି କୁହାଯାଇଛି ।"

ଦ୍ୱିତୀୟ ପ୍ରମାଣ:- ଗୀତାପ୍ରେସ ଗୋରଖପୁର ପ୍ରକାଶିତ ଶ୍ରୀମଦ ଦେବୀ ଭାଗବତ ପୁରାଣ, ସମ୍ପାଦକ ଶ୍ରୀ ହନୁମାନ ପ୍ରସାଦ ପୋଦ୍ଦାର, ଚିମନଲାଲ ଗୋସ୍ୱାମୀ, ତୃତୀୟ ସ୍କନ୍ଧ, ଅଧ୍ୟାୟ ୫ ପୃଷ୍ଠା ନଂ ୧୨୩ରେ ଭଗବାନ ବିଷ୍ଣୁ, ମାତା ଦୁର୍ଗାଙ୍କର ସ୍ତୁତି କରି କହିଲେ, ମୁଁ (ବିଷ୍ଣୁ), ବ୍ରହ୍ମା ଓ ଶଙ୍କର ତୁମ୍ଭ କୃପାରୁ ବିଦ୍ୟମାନ । ଆମ୍ଭମାନଙ୍କର ଆବିର୍ଭାବ (ଜନ୍ମ) ଏବଂ ତିରୋଭାବ (ମୃତ୍ୟୁ) ହୋଇଥାଏ । ଆମ୍ଭେ ନିତ୍ୟ (ଅବିନାଶୀ) ନୁହେଁ । ତୁମ୍ଭେ ନିତ୍ୟ, ଜଗତଜନନୀ, ପ୍ରକୃତି ଏବଂ ସନାତନୀ ଦେବୀ ଅଟ । ଭଗବାନ ଶଙ୍କର କହିଲେ, ଯଦି ଭଗବାନ ବ୍ରହ୍ମା ଓ ଭଗବାନ ବିଷ୍ଣୁ ତୁମ୍ଭଠାରୁ ଉତ୍ପନ୍ନ! ତେବେ ସେମାନଙ୍କ ପରେ ଉତ୍ପନ୍ନ ହୋଇ ତମଗୁଣୀ ଲୀଳା କରୁଥିବା ମୁଁ ଶଙ୍କର ତୁମ୍ଭ ସନ୍ତାନ ନୁହେଁ କି ? ଅର୍ଥାତ୍ ମୋର ଉତ୍ପତ୍ତିକର୍ତ୍ତା ତୁମ୍ଭେ ହିଁ ଅଟ । ଏହି ସଂସାରର ସୃଷ୍ଟି-ସ୍ଥିତି-ସଂହାରରେ ତୁମ୍ଭ ଗୁଣ ସଦା ସର୍ବଦା ରହିଛି । ଏହି ତିନିଗୁଣରୁ ଉତ୍ପନ୍ନ ଆମ୍ଭେ ବ୍ରହ୍ମା, ବିଷ୍ଣୁ ଓ ଶଙ୍କର ନିୟମାନୁସାରେ କାର୍ଯ୍ୟରେ ତତ୍ପର

ରହିଥାଉ ।

ଉପରୋକ୍ତ ଏହି ବିବରଣୀ କେବଳ ହିନ୍ଦୀ ଅନୁବାଦିତ ଶ୍ରୀ ଦେବୀ ମହାପୁରାଣରେ ରହିଛି, ଯେଉଁଥିରେ କିଛି ତଥ୍ୟକୁ ଲୁଚା ଯାଇଛି । ଏଥିପାଇଁ ଦେଖନ୍ତୁ ପ୍ରମାଣ- ଶ୍ରୀମଦ୍ ଦେବୀଭାଗବତ ମହାପୁରାଣ, ସଭାଷ୍ଟିକମ୍ ସମହାତ୍ୟମ୍, ଖେମରାଜ ଶ୍ରୀକୃଷ୍ଣ ଦାସ ପ୍ରକାଶନ, ମୁମ୍ବାଇ । ଏଥିରେ ସଂସ୍କୃତ ସହିତ ହିନ୍ଦୀ ଅନୁବାଦ ମଧ କରାଯାଇଛି । ତୃତୀୟ ସ୍କନ୍ଧ ଅଧ୍ୟାୟ ୪ ପୃଷ୍ଠା ନଂ ୧୦ ଶ୍ଳୋକ ୪୨ :-

ବ୍ରହ୍ମା- ଅହମ୍ ଈଶ୍ୱରଃ ଫିଲ୍ ତେ ପ୍ରଭାବାତ୍ସର୍ବେ ବୟଂ ଜନି ଯୁତା ନ ଯଦା ତୁ ନିତ୍ୟାଃ କେ ଅନ୍ୟେ ସୁରାଃ ଶତମଖ ପ୍ରମୁଖାଃ ଚ ନିତ୍ୟା ନିତ୍ୟା ତ୍ୱମେବ ଜନନୀ ପ୍ରକୃତିଃ ପୁରାଣା । (୪୨)

ହିନ୍ଦୀ ଅନୁବାଦ:- ହେ ମାତା ! ବ୍ରହ୍ମା, ମୁଁ ଓ ଶିବ ତୁମ୍ଭ ପ୍ରଭାବରୁ ହିଁ ଜନ୍ମବାନ ଅଟୁ, ନିତ୍ୟ ନୁହେଁ ଅର୍ଥାତ୍ ଆମ୍ଭେମାନେ ଅବିନାଶୀ ନୁହେଁ, ପୁଣି ଇନ୍ଦ୍ରାଦି ଅନ୍ୟ ଦେବତା କିପରି ନିତ୍ୟ ହୋଇପାରିବେ । କେବଳ ତୁମ୍ଭେ ହିଁ ଅବିନାଶୀ, ପ୍ରକୃତି ତଥା ସନାତନୀ ଦେବୀ ଅଟ ।

ପୃଷ୍ଠା ନଂ ୧୧-୧୨, ଅଧ୍ୟାୟ-୫, ଶ୍ଳୋକ-୮:- ଯଦି ଦୟାର୍ଦ୍ରମନା ନ ସଦାଂଽବିକେ କଥମହଂ ବିହିତଃ ଚ ତମୋଗୁଣଃ କମଳଜଶ୍ଚ ରଜୋଗୁଣସଂଭବଃ ସୁବିହିତଃ କିମୁ ସତ୍ୱଗୁଣୌ ହରିଃ । (୮)

ଅନୁବାଦ:- ଭଗବାନ ଶଙ୍କର କହିଲେ:- ହେ ମାତା ! ଯଦି ଆମ୍ଭମାନଙ୍କ ଉପରେ ଆପଣ ଦୟାଯୁକ୍ତ ତେବେ ମୋତେ ତମୋଗୁଣୀ କଲେ କାହିଁକି ? ପଦ୍ମଫୁଲରୁ ଉତ୍ପନ୍ନ ବ୍ରହ୍ମାଙ୍କୁ ରଜଗୁଣ ତଥା ବିଷ୍ଣୁଙ୍କୁ ସତଗୁଣ ଯୁକ୍ତ କଲେ କାହିଁକି ? ଅର୍ଥାତ୍ ଜୀବମାନଙ୍କର ଜନ୍ମ-ମୃତ୍ୟୁ ରୂପୀ ଦୁଃଷ୍କର୍ମରେ ଆମ୍ଭଙ୍କୁ କାହିଁକି ନିୟୋଜିତ କଲେ ?

ଶ୍ଳୋକ୧୨ :-ରମୟସେ ସ୍ୱପତିଂ ପୁରୁଷଂ ସଦା ତବ ଗତିଂ ନ ହି ବିହ ବିଦ୍ମ ଶିବେ (୧୨)

ହିନ୍ଦୀ:- ଆପଣ, ପତି ପୁରୁଷ ଅର୍ଥାତ୍ କାଳ ଭଗବାନଙ୍କ ସହିତ ସର୍ବଦା ଭୋଗ ବିଳାସରେ ଲିପ୍ତ ରହିଥାନ୍ତି । ଆପଣଙ୍କ ଗତି ବିଷୟରେ କେହି ଜାଣନ୍ତି ନାହିଁ ।

ନିଷ୍କର୍ଷ:- ଉପରୋକ୍ତ ପ୍ରମାଣଗୁଡିକରୁ ସିଦ୍ଧ ହେଲା ଯେ ରଜଗୁଣ ବ୍ରହ୍ମା, ସତଗୁଣ ବିଷ୍ଣୁ ତଥା ତମଗୁଣ ଶିବ ଅଟନ୍ତି । ଏହି ତିନି ଦେବତା ନାଶବାନ ଅଟନ୍ତି । ଦୁର୍ଗାଙ୍କ ପତି ବ୍ରହ୍ମ (କାଳ) ଅଟନ୍ତି ଯିଏ ତାଙ୍କ ସହିତ ଭୋଗ ବିଳାସ କରିଥାନ୍ତି ।

## "ବ୍ରହ୍ମ(କାଳ)ଙ୍କର୍ ଅବ୍ୟକ୍ତ ରହିବା ପାଇଁ ପ୍ରତିଜ୍ଞା"

ସୂକ୍ଷ୍ମ ବେଦର ଅବଶିଷ୍ଟାଂଶ ସୃଷ୍ଟି ରଚନା ବିଷୟ .......

ତିନି ପୁତ୍ରଙ୍କର ଉତ୍ପତ୍ତି ପରେ ବ୍ରହ୍ମ ନିଜ ପତ୍ନୀ ଦୁର୍ଗା (ପ୍ରକୃତି)ଙ୍କୁ କହିଲେ, ମୁଁ ପ୍ରତିଜ୍ଞା କରୁଛି ଯେ ଭବିଷ୍ୟତରେ କାହାକୁ ବି ନିଜ ବାସ୍ତବିକ ରୂପରେ ଦର୍ଶନ ଦେବି ନାହିଁ । ଯେଉଁ କାରଣରୁ ମୁଁ ଅବ୍ୟକ୍ତ ବୋଲି ସମସ୍ତେ ଜାଣିବେ । ଆପଣ ମୋ ଭେଦ (ରହସ୍ୟ) କାହାକୁ ଜଣାଇବେ ନାହିଁ, ମୁଁ ଗୁପ୍ତ ରହିବି । ଦୁର୍ଗା ପଚାରିଲେ, ଆପଣ କ'ଣ ନିଜ ପୁତ୍ରମାନଙ୍କୁ ମଧ ଦର୍ଶନ ଦେବେ ନାହିଁ ? ବ୍ରହ୍ମ ଉତ୍ତର ଦେଲେ ଯେ ମୋ ପୁତ୍ରମାନଙ୍କୁ ଏବଂ ଅନ୍ୟ କାହାକୁ ମଧ କୌଣସି ସାଧନା ଦ୍ୱାରା ମୁଁ ଦର୍ଶନ ଦେବିନାହିଁ । ଏହା ମୋର ଅଟଳ ନିୟମ ହେବ । ଦୁର୍ଗା କହିଲେ, ଆପଣ ନିଜ ସନ୍ତାନମାନଙ୍କଠାରୁ ଗୁପ୍ତ ରହିବେ ଯାହା ଆପଣଙ୍କର ଉତ୍ତମ ନିୟମ ନୁହେଁ । ତା'ପରେ କାଳ କହିଲେ ଦୁର୍ଗା ! ଏହା ମୋର ବିବଶତା । ପ୍ରତିଦିନ ଏକ ଲକ୍ଷ ମାନବ ଶରୀରଧାରୀ ପ୍ରାଣୀଙ୍କୁ ଆହାର କରିବାର ଅଭିଶାପ ମୋତେ ଲାଗିଛି । ଯଦି ମୋ ପୁତ୍ର (ବ୍ରହ୍ମା, ବିଷ୍ଣୁ, ଶିବ)ଙ୍କୁ ଏହା ଜଣା ପଡ଼ିଯିବ ତେବେ ସେମାନେ ଏହି ଉତ୍ପତ୍ତି, ପାଳନ ଓ ସଂହାର କାର୍ଯ୍ୟ କରିବେ ନାହିଁ । ଏଥିପାଇଁ ମୋର ଏହି ଅନୁତ୍ତମ ନିୟମ ସର୍ବଦା ଲାଗୁ ରହିବ । ଯେତେବେଳେ ଏହି ତିନି ପୁତ୍ର ବଡ଼ ହୋଇଯିବେ ସେତେବେଳେ ସେମାନଙ୍କୁ ଅଚେତ କରିଦେବ । ମୋ ବିଷୟରେ କିଛି ବି ଜଣାଇବ ନାହିଁ, ନଚେତ୍ ମୁଁ ତୁମକୁ ମଧ ଦଣ୍ଡ ଦେବି । ଏହି ଭୟରେ ଦୁର୍ଗା ବାସ୍ତବତାକୁ ଲୁଚାଇ

ରଖିଛନ୍ତି । ଏଥିପାଇଁ ଗୀତା ଅଧ୍ୟାୟ ୭ ଶ୍ଳୋକ ୨୪ରେ କୁହାଯାଇଛି ଯେ ବୁଦ୍ଧିହୀନ ଜନ ସମୁଦାୟ ମୋର ଏହି ଅନୁତ୍ତମ ନିୟମ ସହିତ ଅପରିଚିତ ଅଟନ୍ତି ଯେ ମୁଁ କେବେ ବି କାହା ସମ୍ମୁଖରେ ପ୍ରକଟ ହୁଏ ନାହିଁ, ନିଜ ଯୋଗମାୟା ଦ୍ୱାରା ଲୁଚି ରହିଥାଏ । ଏହି କାରଣରୁ ମୋତେ (ଅବ୍ୟକ୍ତକୁ) ମନୁଷ୍ୟ ରୂପଧାରୀ ଅର୍ଥାତ୍ କୃଷ୍ଣ ବୋଲି ମାନିଥାନ୍ତି ।

(ଅବୁଦ୍ଧୟଃ) ବୁଦ୍ଧିହୀନ(ମମ୍) ମୋର (ଅନୁତ୍ତମାମ୍) ଅନୁତ୍ତମ ଅର୍ଥାତ୍ ଅଶ୍ରେଷ୍ଠ (ଅବ୍ୟୟମ୍) ଅବିନାଶୀ (ପରମ୍ ଭାବମ୍) ବିଶେଷ ଭାବକୁ (ଅଜାନନ୍ତଃ) ନ ଜାଣିପାରି (ମାମ୍ ଅବ୍ୟକ୍ତମ୍) ମୁଁ ଅବ୍ୟକ୍ତକୁ (ବ୍ୟକ୍ତିମ୍) ମନୁଷ୍ୟ ରୂପରେ (ଆପନ୍ନମ) ଆସିଥିବା (ମନ୍ୟନ୍ତେ) ମାନିଥାନ୍ତି ଅର୍ଥାତ୍ ମୁଁ କୃଷ୍ଣ ନୁହେଁ । (ଗୀତା ଅଧ୍ୟାୟ ୭ ଶ୍ଳୋକ ୨୪)

ଗୀତା ଅଧ୍ୟାୟ **୧୧** ଶ୍ଳୋକ ୪୭ ଓ ୪୮ରେ କହିଛନ୍ତି ଯେ ଏହା ହେଉଛି ମୋର ବାସ୍ତବିକ କାଳ ରୂପ ଯାହାର ଦର୍ଶନ ଅର୍ଥାତ୍ ବ୍ରହ୍ମ ପ୍ରାପ୍ତି ନା ବେଦ ବର୍ଣ୍ଣିତ ବିଧି, ନା ଜପ, ନା ତପ, ନା କୌଣସି କ୍ରିୟା ଦ୍ୱାରା ହୋଇପାରିବ ।

ତିନି ସନ୍ତାନ ଯୁବକ ହୋଇଯିବା ପରେ ମାତା ଭବାନୀ (ପ୍ରକୃତି, ଅଷ୍ଟାଙ୍ଗୀ) କହିଲେ, ତୁମ୍ଭେମାନେ ସାଗର ମନ୍ଥନ କର । ପ୍ରଥମ ଥର ସାଗର ମନନ୍ଥରୁ (ଜ୍ୟୋତି ନିରଞ୍ଜନ ନିଜ ନିଶ୍ୱାସ ଦ୍ୱାରା ଚାରିବେଦର ଉତ୍ପନ୍ନ କରି ଗୁପ୍ତ ବାଣୀ ଦ୍ୱାରା ସାଗରରେ ନିବାସ କରିବା ପାଇଁ ଆଜ୍ଞା ଦେଲା) ବାହାରି ଥିବା ଚାରି ବେଦକୁ ବ୍ରହ୍ମା ନେଲେ । ସମୁଦ୍ର ମନ୍ଥନରୁ ବାହାରିଥିବା ବସ୍ତୁକୁ ସାଙ୍ଗରେ ଧରି ତିନି ପୁତ୍ର ଯେତେବେଳେ ମାତାଙ୍କ ନିକଟକୁ ଆସିଲେ ସେତେବେଳେ ମାତା କହିଲେ ଯେ ଚାରିବେଦକୁ ବ୍ରହ୍ମା ରଖନ୍ତୁ ଏବଂ ପଢନ୍ତୁ ।

ନୋଟ୍.- ବାସ୍ତବରେ ପୂର୍ଣ୍ଣବ୍ରହ୍ମ, ବ୍ରହ୍ମ ଅର୍ଥାତ୍ କାଳକୁ ପାଞ୍ଚୋଟି ବେଦ ପ୍ରଦାନ କରିଥିଲେ । କିନ୍ତୁ ବ୍ରହ୍ମ କେବଳ ଚାରିବେଦକୁ ପ୍ରକଟ କରି ପଞ୍ଚମ ବେଦକୁ ଲୁଚାଇ ଦେଲା । ଯାହାକୁ ପୂର୍ଣ୍ଣ ପରମାତ୍ମା ସ୍ୱୟଂ ପ୍ରକଟ ହୋଇ କବିର୍ଗିଭିଃ ଅର୍ଥାତ୍ କବିର୍ବାଣୀ (କବୀର ବାଣୀ) ଦ୍ୱାରା ଲୋକ ଉକ୍ତି ଓ ଦୋହା ମାଧ୍ୟମରେ ପ୍ରକାଶ କରିଛନ୍ତି ।

ଦ୍ୱିତୀୟ ଥର ସାଗର ମନ୍ଥନରୁ ତିନି କନ୍ୟା ବାହାରିଲେ । ମାତା ତିନି କନ୍ୟାଙ୍କୁ ତିନି ପୁତ୍ରଙ୍କ ମଧ୍ୟରେ ବାଣ୍ଟି ଦେଲେ । ପ୍ରକୃତି (ଦୁର୍ଗା) ନିଜର ଅନ୍ୟ ତିନି ରୂପ (ସାବିତ୍ରୀ, ଲକ୍ଷ୍ମୀ ଓ ପାର୍ବତୀ) ଧାରଣ କଲେ । ସେମାନଙ୍କୁ ସମୁଦ୍ର ମଧ୍ୟରେ ଲୁଚାଇ ଦେଲେ ତଥା ସାଗର ମନ୍ଥନ ସମୟରେ ବାହାରକୁ ବାହାର କରିଦେଲ । ସେହି ପ୍ରକୃତି ସ୍ୱୟଂ ତିନି ରୂପ ହେଲେ ଏବଂ ପତ୍ନୀ ରୂପରେ ଭଗବାନ ବ୍ରହ୍ମାଙ୍କୁ ସାବିତ୍ରୀ, ଭଗବାନ ବିଷ୍ଣୁଙ୍କୁ ଲକ୍ଷ୍ମୀ, ଭଗବାନ ଶଙ୍କରଙ୍କୁ ପାର୍ବତୀଙ୍କୁ ଦେଲେ । ତିନି ଦେବତା ଭୋଗ ବିଳାସ କଲେ, ସୁର ଓ ଅସୁର ଉଭୟେ ଜନ୍ମ ହେଲେ ।

{ତୃତୀୟ ଥର ସାଗର ମନ୍ଥନ ସମୟରେ ବ୍ରହ୍ମାଙ୍କୁ ଚଉଦ ରତ୍ନ, ବିଷ୍ଣୁ ଓ ଦେବତାମାନଙ୍କୁ ଅମୃତ, ଅସୁରମାନଙ୍କୁ ମଦ୍ୟ (ସୁରା) ମିଳିଲା ଏବଂ ପରମାର୍ଥ ଶିବ ନିଜ କଣ୍ଠରେ ବିଷକୁ ଧାରଣ କଲେ । ଏସବୁ ତ ବହୁତ ପଛର ଘଟଣା} ଯେତେବେଳେ ବ୍ରହ୍ମା ବେଦ ଅଧ୍ୟୟନ କରିବାକୁ ଲାଗିଲେ ସେତେବେଳେ ଜାଣିପାରିଲେ ଯେ ସର୍ବ ବ୍ରହ୍ମାଣ୍ଡର ରଚୟିତା, ସୃଷ୍ଟିର ମାଲିକ, ସତପୁରୁଷ (ପ୍ରଭୁ) ଅନ୍ୟ କେହି ଅଟନ୍ତି । ବିଷ୍ଣୁ ଓ ଶିବଙ୍କୁ ବ୍ରହ୍ମା କହିଲେ, ବେଦରେ ବର୍ଣ୍ଣିତ ଅଛି ଯେ ସୃଷ୍ଟିକର୍ତ୍ତା କେହି ଅନ୍ୟ ପ୍ରଭୂ ଅଟନ୍ତି । କିନ୍ତୁ ବେଦ କହୁଛି ଯେ ଏହାର ରହସ୍ୟ ବେଦ ମଧ୍ୟରେ ନାହିଁ । ଏହାର ରହସ୍ୟ କୌଣସି ତତ୍ତ୍ୱଦର୍ଶୀ ସନ୍ଥଙ୍କଠାରୁ ପଚାରି ବୁଝିବା ପାଇଁ ସଙ୍କେତ ଦିଆଯାଇଛି । ବ୍ରହ୍ମା, ମାତା ଦୁର୍ଗାଙ୍କ ନିକଟକୁ ଯାଇ ସମସ୍ତ ବୃତ୍ତାନ୍ତ ଜଣାଇଲେ । କିନ୍ତୁ ମାତା କୁହନ୍ତି ଯେ ମୋ ଉପରେ ଅନ୍ୟ କେହି ପ୍ରଭୂ ନାହାଁନ୍ତି, ମୁଁ ହିଁ କର୍ତ୍ତା, ମୁଁ ସର୍ବ ଶକ୍ତିମାନ । ପରନ୍ତୁ ବ୍ରହ୍ମା କହିଲେ, ବେଦ ତ ଇଶ୍ୱର କୃତ, ଏହା ମିଥ୍ୟା ହୋଇ ନ ପାରେ । ଦୁର୍ଗା

କହିଲେ, ତୋ ପିତା ପ୍ରତିଜ୍ଞା କରିଛନ୍ତି, ସେ ତୋତେ ଦର୍ଶନ ଦେବେ ନାହିଁ । ବ୍ରହ୍ମା କହିଲେ, ମାତା ! ଆପଣଙ୍କ କଥାରେ ମୋର ବିଶ୍ୱାସ ହେଉ ନାହିଁ, ମୁଁ, ସେହି ପୁରୁଷ(ପ୍ରଭୁ)ଙ୍କର ଠିକଣା ନିଶ୍ଚୟ ଖୋଜି ବାହାର କରିବି । ଦୁର୍ଗା କହିଲେ ଯଦି ସେ ତୁମକୁ ଦର୍ଶନ ନ ଦିଅନ୍ତି ତେବେ ତୁମେ କ'ଣ କରିବ ? ବ୍ରହ୍ମା କହିଲେ, ମୁଁ ଆପଣଙ୍କୁ ମୁହଁ ଦେଖାଇବି ନାହିଁ । କିନ୍ତୁ ଜ୍ୟୋତି ନିରଞ୍ଜନ ଶପଥ କରିଛନ୍ତି ଯେ ମୁଁ ଅବ୍ୟକ୍ତ ରହିବି, କାହାକୁ ଦର୍ଶନ ଦେବି ନାହିଁ । ଅର୍ଥାତ୍ ୨୧ ବ୍ରହ୍ମାଣ୍ଡରେ କେବେବି ନିଜ ବାସ୍ତବିକ କାଳ (ସାକାର) ରୂପରେ କାହା ସମ୍ମୁଖକୁ ଆସିବି ନାହିଁ ।

ଗୀତା ଅଧ୍ୟାୟ ୭ ଶ୍ଳୋକ ନଂ୨୪

ଅବ୍ୟକ୍ତମ୍, ବ୍ୟକ୍ତିମ୍, ଆପନ୍ନମ୍, ମନ୍ୟନ୍ତେ, ମାମ୍, ଅବୁଦ୍ଧୟଃ ।

ପରମ୍, ଭାବମ୍, ଅଜାନନ୍ତଃ, ମମ, ଅବ୍ୟୟମ୍, ଅନୁତ୍ତମମ୍ ।।୨୪।।

ଅନୁବାଦ:- (ଅବୁଦ୍ଧୟଃ) ବୁଦ୍ଧିହୀନ ମନୁଷ୍ୟ (ମମ୍) ମୋର (ଅନୁତ୍ତମମ୍) ଅଶ୍ରେଷ୍ଠ (ଅବ୍ୟୟମ୍) ଅଟଳ (ପରମ୍) ପରମ (ଭାବମ୍) ଭାବକୁ (ଅଜାନନ୍ତଃ)ନ ଜାଣିପାରି (ଅବ୍ୟକ୍ତମ୍) ଅଦୃଶ୍ୟମାନ (ମାମ୍) ମୁଁ କାଳକୁ (ବ୍ୟକ୍ତିମ୍) ନର ଆକାରରେ କୃଷ୍ଣ (ଆପନ୍ନମ୍) ପ୍ରାପ୍ତ ହେବା (ମନ୍ୟନ୍ତେ) ମନେ କରନ୍ତି ।

ଗୀତା ଅଧ୍ୟାୟ ୭ ଶ୍ଳୋକ ନଂ୨୫

ନ, ଅହମ୍, ପ୍ରକାଶଃ, ସର୍ବସ୍ୟ, ଯୋଗମାୟାସମାବୃତଃ ।

ମୂଢଃ, ଅୟମ୍, ନ, ଅଭିଜାନାତି, ଲୋକଃ, ମାମ୍, ଅଜମ୍, ଅବ୍ୟୟମ୍ ।।୨୫।।

ଅନୁବାଦ: (ଅହମ୍) ମୁଁ (ଯୋଗମାୟା ସମାବୃତଃ) ଯୋଗମାୟାରେ ଲୁଚି ରହି (ସର୍ବସ୍ୟ) ସମସ୍ତଙ୍କୁ (ପ୍ରକାଶଃ) ପ୍ରତ୍ୟକ୍ଷ (ନ) ହୁଏ ନାହିଁ ଅର୍ଥାତ୍ ଅଦୃଶ୍ୟ ଅର୍ଥାତ୍ ଅବ୍ୟକ୍ତ ରହିଥାଏ, ଏଥିପାଇଁ (ଅଜମ୍) ଜନ୍ମ ନ ନେଉଥିବା (ଅବ୍ୟୟମ୍) ଅବିନାଶୀ ଅଟଳ ଭାବକୁ (ଅୟମ୍) ଏହି (ମୁଢ) ଅଜ୍ଞାନୀ (ଲୋକଃ) ଜନ ସମୁଦାୟ, ସଂସାର (ମାମ୍) ମୋତେ (ନ) ନ (ଅଭିଜାନାତି) ଜାଣିଥାନ୍ତି ଅର୍ଥାତ୍ ମୋତେ ଅବତାର ରୂପରେ ଆସିଥିବା ମନେ କରନ୍ତି । କାରଣ ବ୍ରହ୍ମ ନିଜ ଶବ୍ଦଶକ୍ତି ବଳରେ ଭିନ୍ନ ଭିନ୍ନ ରୂପ ଧାରଣ କରି ପାରନ୍ତି । ସେ ଦୁର୍ଗାଙ୍କ ପତି ଅଟନ୍ତି, ତେଣୁ ସେ ଏହି ମନ୍ତ୍ରରେ କହିଛନ୍ତି ଯେ ମୁଁ ଶ୍ରୀକୃଷ୍ଣ ଆଦିଙ୍କ ଭଳି ଦୁର୍ଗାଙ୍କଠାରୁ ଜନ୍ମ ନିଏ ନାହିଁ ।

## "ନିଜ ପିତା (କାଳ/ବ୍ରହ୍ମ)ଙ୍କ ପ୍ରାପ୍ତି ପାଇଁ ବ୍ରହ୍ମାଙ୍କ ପ୍ରୟାସ"

ଯେତେବେଳେ ଦୁର୍ଗା କହିଲେ, ବ୍ରହ୍ମା ! ଅଲଖ ନିରଞ୍ଜନ ତୁମ ପିତା ଅଟନ୍ତି କିନ୍ତୁ ସେ ତୁମକୁ କଦାପି ଦର୍ଶନ ଦେବେ ନାହିଁ, ସେତେବେଳେ ବ୍ରହ୍ମା କହିଲେ, ମୁଁ ନିଶ୍ଚୟ ତାଙ୍କର ଦର୍ଶନ କରି ଫେରିବି । ମାତା ପଚାରିଲେ, ଯଦି ସେ ତୁମକୁ ଦର୍ଶନ ନ ଦେବେ ତେବେ ତୁମେ କ'ଣ କରିବ ? ବ୍ରହ୍ମା କହିଲେ ଯେ ମୁଁ ପ୍ରତିଜ୍ଞା କରୁଛି, ଯଦି ପିତାଙ୍କ ଦର୍ଶନ ନ ହୁଏ ତେବେ ମୁଁ ଆପଣଙ୍କ ସମ୍ମୁଖକୁ ଆସିବି ନାହିଁ । ଏହା କହି ବ୍ରହ୍ମା ବ୍ୟାକୁଳ ହୋଇ ଉତ୍ତର ଦିଗକୁ ଅଗ୍ରସର ହେଲେ ଯେଉଁଆଡେ କେବଳ ଅନ୍ଧକାର ହିଁ ଥିଲା । ସେଠାରେ ବ୍ରହ୍ମା ଚାରିଯୁଗ ପର୍ଯ୍ୟନ୍ତ ଧ୍ୟାନରେ ବସିଲେ ପରନ୍ତୁ ତାଙ୍କୁ କିଛି ବି ପ୍ରାପ୍ତି ହେଲାନାହିଁ । କାଳ ଶୂନ୍ୟବାଣୀ କଲେ ଯେ ଦୁର୍ଗା ! ଜୀବ ଉତ୍ପତ୍ତି କାହିଁକି କରୁନାହଁ ? ଭବାନୀ କହିଲେ, ଆପଣଙ୍କ ଜ୍ୟେଷ୍ଠପୁତ୍ର ବ୍ରହ୍ମା ଜିଦି କରି ଆପଣଙ୍କୁ ଖୋଜିବାକୁ ଯାଇଛି । ବ୍ରହ୍ମା ବିନା ଜୀବଙ୍କର ଉତ୍ପତ୍ତି ଅସମ୍ଭବ । ଏହା ଶୁଣି ବ୍ରହ୍ମ (କାଳ) କହିଲେ, ତାକୁ ଫେରି ଆସିବା ପାଇଁ କୁହ, ମୁଁ ତାକୁ ଦର୍ଶନ ଦେବି ନାହିଁ । ତା'ପରେ ଦୁର୍ଗା (ପ୍ରକୃତି) ନିଜ ଶବ୍ଦଶକ୍ତି ବଳରେ ଗାୟତ୍ରୀ ନାମ୍ନୀ ଏକ କନ୍ୟାକୁ ଉତ୍ପନ୍ନ କରି ବ୍ରହ୍ମାଙ୍କୁ ଫେରାଇ ଆଣିବା ପାଇଁ ଆଦେଶ ଦେଲେ । ଗାୟତ୍ରୀ ବ୍ରହ୍ମାଙ୍କ ନିକଟକୁ ଯାଇ ଦେଖିଲେ ଯେ ବ୍ରହ୍ମା ସମାଧିସ୍ଥ ଅଛନ୍ତି, ତାଙ୍କ ନିକଟକୁ କେହି ଆସିଥିବାର କୌଣସି ଆଭାସ ନ ଥିଲା । ସେତେବେଳେ ଆଦିକୁମାରୀ (ପ୍ରକୃତି)

ଧ୍ୟାନଦ୍ୱାରା ଗାୟତ୍ରୀକୁ କହିଲେ, ତାଙ୍କ ଚରଣ ସ୍ପର୍ଶକର । ଆଜ୍ଞା ପାଇ ଗାୟତ୍ରୀ ବ୍ରହ୍ମାଙ୍କର ଚରଣ ସ୍ପର୍ଶ କଲେ । ସ୍ପର୍ଶମାତ୍ରେ ବ୍ରହ୍ମାଙ୍କର ଧ୍ୟାନଭଗ୍ନ ହେଲା । ସେ କ୍ରୋଧିତ ହୋଇ କହିଲେ, କିଏ ତୁ ପାପିନୀ ମୋ ଧ୍ୟାନଭଙ୍ଗ କଲୁ, ମୁଁ ତୋତେ ଅଭିଶାପ ଦେବି । ଗାୟତ୍ରୀ କହିଲେ, ଏଥିରେ ମୋର କିଛି ଦୋଷ ନାହିଁ, ପ୍ରଥମେ ମୋ କଥା ଶୁଣନ୍ତୁ ପରେ ମୋତେ ଅଭିଶାପ ଦେବେ । ଆପଣଙ୍କୁ ଫେରାଇ ନେବା ପାଇଁ ମୋତେ ମାତା କହିଛନ୍ତି । କାରଣ ଆପଣଙ୍କ ବିନା ଜୀବ ଉତ୍ପତ୍ତି ଅସମ୍ଭବ । ବ୍ରହ୍ମା କହିଲେ, ପିତାଙ୍କ ଦର୍ଶନ ବିନା ମୁଁ କିପରି ଯିବି ? ଏପରି ସ୍ଥିତିରେ ଗଲେ ମୋର ଉପହାସ ହେବ । ଯଦି ଆପଣ ମାତାଙ୍କ ସମ୍ମୁଖରେ କହିବେ ଯେ ବ୍ରହ୍ମାଙ୍କୁ ପିତା(ଜ୍ୟୋତି ନିରଞ୍ଜନ)ଙ୍କର ଦର୍ଶନ ହୋଇଛି ଏବଂ ମୁଁ ସ୍ୱଚକ୍ଷୁରେ ଏହା ଦେଖିଛି ତେବେ ମୁଁ ଆପଣଙ୍କ ସାଥିରେ ଯିବି । ସେତେବେଳେ ଗାୟତ୍ରୀ କହିଲେ, ଯଦି ଆପଣ ମୋ ସହିତ ସମ୍ଭୋଗ(ସେକ୍ସ) କରିବେ ତେବେ ଆପଣଙ୍କ ସପକ୍ଷରେ ମୁଁ ମିଥ୍ୟା ସାକ୍ଷୀ ଦେବି । ବ୍ରହ୍ମା ଚିନ୍ତାକଲେ ଯେ ପିତାଙ୍କ ଦର୍ଶନ ବିନା ମାତାଙ୍କ ସମ୍ମୁଖକୁ ଗଲେ ଲାଜ ଲାଗିବ ଏବଂ ଅନ୍ୟ କୌଣସି ଉପାୟ ନାହିଁ, ଏହା ଭାବି ସେ ଗାୟତ୍ରୀ ସହିତ ରତିକ୍ରୀଡା (ସମ୍ଭୋଗ) କଲେ ।

ତା'ପରେ ଗାୟତ୍ରୀ କହିଲେ ଯେ ଆମ୍ଭେ ଆଉ ଜଣକୁ ସାକ୍ଷୀ ରଖିବା ଉଚିତ୍ । ବ୍ରହ୍ମା କହିଲେ, ଏହା ଏକ ଉତ୍ତମ ପ୍ରସ୍ତାବ ଅଟେ । ଏହାଶୁଣି ଗାୟତ୍ରୀ ନିଜ ଶବ୍ଦଶକ୍ତି ଦ୍ୱାରା ଏକ କନ୍ୟା (ପୁହପବତୀ ନାମକ) ଉତ୍ପନ୍ନ କଲେ । ସେହି କନ୍ୟାକୁ ଦୁହେଁ କହିଲେ, ଆପଣ ମାତାଙ୍କ ସମ୍ମୁଖରେ ସାକ୍ଷୀ ଦେବେ ଯେ ବ୍ରହ୍ମା, ପିତାଙ୍କର ଦର୍ଶନ କରିଛନ୍ତି । ଏହାଶୁଣି ପୁହପବତୀ କହିଲେ, ମୁଁ ମିଥ୍ୟା ସାକ୍ଷୀ କାହିଁକି ଦେବି ? ହଁ, ଯଦି ବ୍ରହ୍ମା ମୋ ସହିତ ରତିକ୍ରୀଡା (ସମ୍ଭୋଗ) କରିବେ ତେବେ ମୁଁ ସାକ୍ଷୀ ଦେବା ପାଇଁ ପ୍ରସ୍ତୁତ ଅଛି । ଗାୟତ୍ରୀ, ବ୍ରହ୍ମାଙ୍କୁ ବୁଝାଇ କହିଲେ (ଉସକାଇଲେ) ଏବେ ଅନ୍ୟ କୌଣସି ଉପାୟ ନାହିଁ । ଏହା ଶୁଣି ବ୍ରହ୍ମା ପୁହପବତୀ ସହିତ ସଂଭୋଗ କଲେ ଏବଂ ତିନିଜଣ ମିଶି ଆଦିମାୟା(ପ୍ରକୃତି)ଙ୍କ ନିକଟକୁ ଗଲେ । ଦୁଇ ଦେବୀ ଉପରୋକ୍ତ ସର୍ତ୍ତ ଏଥିପାଇଁ ରଖିଥିଲେ ଯେ ବ୍ରହ୍ମା ଯଦି ମାତାଙ୍କ ସମ୍ମୁଖରେ ମିଥ୍ୟା ସାକ୍ଷୀ ବିଷୟରେ କହିଦେବେ ତେବେ ମାତା ଆମ୍ଭଙ୍କୁ ଅଭିଶାପ ଦେବେ । ସେଥିପାଇଁ ସେମାନେ ବ୍ରହ୍ମାଙ୍କୁ ମଧ୍ୟ ଦୋଷୀ କରିଦେଲେ ।

(ଏଠାରେ ମହାରାଜ ଗରୀବ ଦାସଜୀ କହିଛନ୍ତି ଯେ -"ଦାସ ଗରୀବ ୟହ ଚୂକ୍ ଧୁରୋଁ ଧୁର")

## "ମାତା (ଦୁର୍ଗା) ବ୍ରହ୍ମାଙ୍କୁ ଅଭିଶାପ ଦେବା"

ମାତା, ବ୍ରହ୍ମାଙ୍କୁ ପ୍ରଶ୍ନ କଲେ ଯେ ତୁମକୁ ପିତାଙ୍କର ଦର୍ଶନ ମିଳିଲା କି ? ବ୍ରହ୍ମା କହିଲେ, ହଁ ମୋତେ ପିତାଙ୍କର ଦର୍ଶନ ମିଳିଲା । ଦୁର୍ଗା କହିଲେ, ସାକ୍ଷୀ ଦିଅ । ବ୍ରହ୍ମା କହିଲେ, ଏହି ଦୁହିଁଙ୍କ ସମ୍ମୁଖରେ ପିତାଙ୍କ ସହିତ ସାକ୍ଷାତକାର ହେଲା । ଦେବୀ ସେହି କନ୍ୟା ଦୁହିଁଙ୍କୁ ପଚାରିଲେ ଯେ, କ'ଣ ତୁମ୍ଭମାନଙ୍କ ସମ୍ମୁଖରେ ବ୍ରହ୍ମଙ୍କ ସହିତ ସାକ୍ଷାତକାର ହୋଇଛି ? ଉତ୍ତରରେ ସେମାନେ କହିଲେ, ହଁ ଆମ୍ଭେ ଦୁହେଁ ନିଜ ଆଖିରେ ଦେଖିଛୁ । ପୁଣି ଭବାନୀ(ପ୍ରକୃତି)ଙ୍କର ସନ୍ଦେହ ଜାତ ହେଲା । ବ୍ରହ୍ମଦେବ କାହାକୁ କେବେ ଦର୍ଶନ ଦେବେ ନାହିଁ ବୋଲି ମୋତେ କହିଥିଲେ । ଏହା ଚିନ୍ତାକରି ମାତା ଅଷ୍ଟାଙ୍ଗୀ ଧ୍ୟାନରେ ବସିଲେ ଏବଂ କାଳ/ଜ୍ୟୋତି ନିରଞ୍ଜନଙ୍କୁ ପ୍ରଶ୍ନ କଲେ ଯେ ଘଟଣା କ'ଣ ? ଜ୍ୟୋତି ନିରଞ୍ଜନ କହିଲେ, ଏମାନେ ମିଥ୍ୟା କହୁଛନ୍ତି । ମାତା କହିଲେ, ତୁମ୍ଭେମାନେ ମିଛ କହୁଛ । ଆକାଶବାଣୀ ହେଲା ଯେ ଏମାନଙ୍କୁ କୌଣସି ଦର୍ଶନ ହୋଇନାହିଁ । ଏହି କଥା ଶୁଣି ବ୍ରହ୍ମା କହିଲେ ଯେ ମାତା ! ମୁଁ ପିତାଙ୍କୁ ଖୋଜିବା ପାଇଁ ଶପଥ କରି ଯାଇଥିଲି । ପରନ୍ତୁ ପିତା(ବ୍ରହ୍ମ)ଙ୍କ ଦର୍ଶନ ହେଲା ନାହିଁ । ଆପଣଙ୍କ ସମ୍ମୁଖକୁ ଆସିବା ପାଇଁ ଲାଜ ଲାଗୁଥିଲା । ଏଥିପାଇଁ ଆମ୍ଭେ ସମସ୍ତେ ମିଥ୍ୟାର ଆଶ୍ରୟ ନେଲୁ । ତା'ପରେ ମାତା ଦୁର୍ଗା କହିଲେ, ଏବେ ମୁଁ ତୁମ୍ଭମାନଙ୍କୁ ଅଭିଶାପ ଦେଉଛି ।

ବ୍ରହ୍ମାଙ୍କୁ ଅଭିଶାପ:- ଜଗତରେ ତୋର ପୂଜା ହେବ ନାହିଁ । ଭବିଷ୍ୟତର ତୋର ବଂଶଧର ବହୁତ ଅଧର୍ମ କରିବେ । ମିଥ୍ୟା କଥା କହି ଜଗତକୁ ଠକିବେ । ବାହାରକୁ କର୍ମକାଣ୍ଡ କରିବା ପରି ଦେଖାଯିବେ

କିନ୍ତୁ ଅନ୍ତର ବିକାରଗ୍ରସ୍ତ ହେବ । ପୁରାଣ ଶାସ୍ତ୍ର ଆଦି ପଢି ଲୋକଙ୍କୁ ଧର୍ମକଥା ଶୁଣାଇବେ କିନ୍ତୁ ସଦ୍‌ଗ୍ରନ୍ଥରେ ଥିବା ବାସ୍ତବିକ ଜ୍ଞାନକୁ ନିଜେ ଗ୍ରହଣ କରିବେ ନାହିଁ । ପୁଣି ଯଶ ଓ ଧନ ପ୍ରାପ୍ତି ପାଇଁ ଗୁରୁପଦ ଧାରଣ କରି ଅନୁଗାମୀମାନଙ୍କୁ ଲୋକବେଦ (ଶାସ୍ତ୍ରବିରୋଧି ଲୋକକଥା) ଶୁଣାଇବେ । ଦେବୀ-ଦେବତାଙ୍କର ପୂଜା ନିଜେ କରିବା ସହିତ ଅନ୍ୟ ଦ୍ୱାରା ମଧ୍ୟ କରାଇବେ । ଅନ୍ୟର ନିନ୍ଦାକରି କଷ୍ଟ ପରେ କଷ୍ଟ ଭୋଗିବେ । ଯେଉଁମାନେ ତାଙ୍କର ଅନୁଗାମୀ ହେବେ ସେମାନଙ୍କୁ ପରମାର୍ଥୀ ହେବାକୁ ଦେବେ ନାହିଁ । ଦାନ-ଦକ୍ଷୀଣା ପାଇଁ ମାନବ ସମାଜକୁ ଠକିବେ । ନିଜକୁ ଶ୍ରେଷ୍ଠ ତଥା ଅନ୍ୟମାନଙ୍କୁ ନୀଚ ମନେକରିବେ । ମାତାଙ୍କ ମୁଖରୁ ଏହି କଥା ଶୁଣି ବ୍ରହ୍ମା ମୂର୍ଚ୍ଛିତ ହୋଇ ଭୂମି ଉପରେ ପଡିଗଲେ । ବହୁତ ସମୟ ପରେ ଚେତା ଫେରିଲେ ।

ଗାୟତ୍ରୀକୁ ଅଭିଶାପ:- ତୋର ବହୁତ ଷଣ୍ଡ ପତି ହେବେ । ମୃତ ଲୋକରେ ତୁ ଗାଇ ଜନ୍ମ ନେବୁ ।

ପୁହପବତୀକୁ ଅଭିଶାପ:- ତୋର ବାସ ଅପରିଷ୍କାର ସ୍ଥାନରେ ହେବ । ତୋ ଫୁଲକୁ କେହି ପୂଜାରେ ଲଗାଇବେ ନାହିଁ । ମିଥ୍ୟା ସାକ୍ଷୀ ଦେଇଥିବା କାରଣରୁ ତୋତେ ଏହି ନର୍କଭୋଗ କରିବାକୁ ପଡିବ । ତୋର ନାମ କେବଡା କେତକୀ ହେବ । (ହରିୟାଣାରେ ଏହାକୁ କୁସୋନ୍ଧୀ କୁହାଯାଏ ଯାହା ଅପରିଷ୍କାର ସ୍ଥାନରେ ଜନ୍ମିଥାଏ) ।

ଏହି ପ୍ରକାରେ ତିନିଜଣଙ୍କୁ ଅଭିଶାପ ଦେଇ ମାତା ଭବାନୀ ବହୁତ ପଶ୍ଚାତାପ ମଧ୍ୟ କଲେ । {ଜୀବ ଏହିଭଳି ଭାବେ ପ୍ରଥମେ କିଛି ବିଚାର ନ କରି ମନ (କାଳ ନିରଞ୍ଜନ) ପ୍ରଭାବରେ ଭୁଲ କାର୍ଯ୍ୟ କରିଦିଏ କିନ୍ତୁ ପରେ ଆତ୍ମା (ସତ୍ୟପୁରୁଷଙ୍କ ଅଂଶ) ପ୍ରଭାବରେ ଯେତେବେଳେ ତାର ଜ୍ଞାନ ହୋଇଯାଏ ସେତେବେଳେ ତାକୁ ପଶ୍ଚାତାପ କରିବାକୁ ପଡିଥାଏ ।) ଯେପରି ମାତା-ପିତା ଛୋଟ ଛୋଟ ଭୂଲ ପାଇଁ ନିଜ ପିଲାମାନଙ୍କୁ ଶାସ୍ତି ଦେଇଥାନ୍ତି(କ୍ରୋଧର ବଶବର୍ତ୍ତୀ ହୋଇ) କିନ୍ତୁ ପରେ ପଶ୍ଚାତାପ କରିଥାନ୍ତି । ମନ (କାଳ ନିରଞ୍ଜନ)ର ପ୍ରଭାବରେ ଏହି ପ୍ରକିୟା ସମସ୍ତ ଜୀବଙ୍କଠାରେ କ୍ରିୟାଶୀଳ ହୋଇଥାଏ} ହଁ, ଏକ ବିଶେଷ କଥା ଏହା ଯେ ନିରଞ୍ଜନ(କାଳ-ବ୍ରହ୍ମ) ମଧ୍ୟ ନିଜର ନିୟମ ତିଆରି କରିଛି, ଯଦି କୌଣସି ଜୀବ ଅନ୍ୟ ଦୁର୍ବଳ ଜୀବକୁ କଷ୍ଟ ଦିଏ ତେବେ ତା' ଉପରେ ପ୍ରତିଶୋଧ ନିଆଯିବ । ଭବାନୀ (ପ୍ରକୃତି, ଅଷ୍ଟାଙ୍ଗୀ) ଯେତେବେଳେ ବ୍ରହ୍ମା, ଗାୟତ୍ରୀ ଓ ପୁହପବତିକୁ ଅଭିଶାପ ଦେଲେ ସେତେବେଳେ ଅଲଖ ନିରଞ୍ଜନ (ବ୍ରହ୍ମ-କାଳ) କହିଲେ, ହେ ଭବାନୀ (ପ୍ରକୃତି/ଅଷ୍ଟାଙ୍ଗୀ) ତୁମେ ଆଦୌ ଠିକ୍ କାର୍ଯ୍ୟ କଲ ନାହିଁ । ଏବେ ମୁଁ (ନିରଞ୍ଜନ) ତୁମଙ୍କୁ ଅଭିଶାପ ଦେଉଛି, ଦ୍ୱାପର ଯୁଗରେ ତୁମର ମଧ୍ୟ ପାଞ୍ଚଜଣ ପତି ହେବେ । (ଦ୍ରୌପଦୀ ହିଁ ଆଦିମାୟାଙ୍କ ଅବତାର ଅଟନ୍ତି) ଏହି ଆକାଶବାଣୀ ଶୁଣି ଆଦିମାୟା କହିଲେ, ହେ ଜ୍ୟୋତି ନିରଞ୍ଜନ ! (କାଳ) ତୁମ ନିକଟରେ ମୁଁ ବନ୍ଧା ତେଣୁ ତୁମେ ଯାହା ଇଚ୍ଛା ତାହା କରିବ ।

{ସୃଷ୍ଟି ରଚନା ପ୍ରକରଣରେ ଦୁର୍ଗାଙ୍କର ଅନ୍ୟ ନାମଗୁଡିକୁ ବାରମ୍ବାର ଲେଖିବାର ଉଦ୍ଦେଶ୍ୟ ଏହା ଯେ ପୁରାଣ, ଗୀତା ଓ ବେଦ ଆଦିରେ ପ୍ରମାଣ ଦେଖିବା ସମୟରେ ଭ୍ରମ ଉତ୍ପନ୍ନ ହେବ ନାହିଁ । ଯେପରି ଗୀତା ଅଧ୍ୟାୟ ୧୪ ଶ୍ଳୋକ ୩-୪ରେ କାଳବ୍ରହ୍ମ କହିଛନ୍ତି ଯେ ପ୍ରକୃତି ସମସ୍ତ ଜୀବଙ୍କର ଗର୍ଭଧାରିଣୀ ମାତା ଅଟନ୍ତି । ମୁଁ, ତାଙ୍କ ଗର୍ଭରେ ବୀଜ ସ୍ଥାପନ କରିଛି । ଶ୍ଳୋକ ୧୫ ରେ କୁହାଯାଇଛି ଯେ ପ୍ରକୃତିରୁ ଉତ୍ପନ୍ନ ତିନି ଗୁଣ ଜୀବାତ୍ମାକୁ କର୍ମ ବନ୍ଧନରେ ବାନ୍ଧି ରଖନ୍ତି ।- (ଲେଖା ସମାପ୍ତ) ।

ଏହି ପ୍ରକରଣରେ ପ୍ରକୃତି ହିଁ ଦୁର୍ଗା ତଥା ତିନି ଗୁଣ ତିନି ଦେବତା ଅର୍ଥାତ୍ ରଜଗୁଣ ବ୍ରହ୍ମା, ସତଗୁଣ ବିଷ୍ଣୁ ଓ ତମଗୁଣ ଶିବଙ୍କର ସାଂକେତିକ ନାମ }

### "ନିଜ ପିତା କାଳ/ବ୍ରହ୍ମଙ୍କ ପ୍ରାପ୍ତିପାଇଁ ବିଷ୍ଣୁଙ୍କ ପ୍ରସ୍ଥାନ ଓ ମାତାଙ୍କ ଆଶୀର୍ବାଦ ପ୍ରାପ୍ତି କରିବା"

ଏହା ପରେ ପ୍ରକୃତି ଦେବୀ ବିଷ୍ଣୁଙ୍କୁ କହିଲେ ଯେ ପୁତ୍ର ! ତମେ ମଧ୍ୟ ନିଜ ପିତାଙ୍କୁ ଖୋଜିବା ଉଚିତ ।

ମାତାଙ୍କଠାରୁ ଆଜ୍ଞା ପାଇ ବିଷ୍ଣୁ ନିଜ ପିତା କାଳ(ବ୍ରହ୍ମ)ଙ୍କ ଅନ୍ୱେଷଣ କରିବାକୁ ଯାଇ ପାତାଳ ଲୋକରେ ପହଞ୍ଚିଗଲେ, ଯେଉଁଠାରେ ଶେଷନାଗ ଥିଲା । ନିଜ ସୀମାରେ ବିଷ୍ଣୁଙ୍କୁ ପ୍ରବେଶ କରୁଥିବା ଦେଖି ଶେଷନାଗ କ୍ରୋଧିତ ହୋଇ ତାଙ୍କ ଉପରକୁ ବିଷ ଛାଡିଲା । ବିଷ ପ୍ରଭାବରେ ବିଷ୍ଣୁଙ୍କ ଶରୀରର ରଙ୍ଗ ଶ୍ୟାମଳ ହୋଇଗଲା । ଯେପରି ରଙ୍ଗ ସ୍ପ୍ରେ କଲେ ହୋଇଯାଏ । ବିଷ୍ଣୁ ଚିନ୍ତାକଲେ ଯେ ଏହି ଶେଷନାଗକୁ ଉଚିତ ଶିକ୍ଷା ଦେବାକୁ ପଡିବ । ଜ୍ୟୋତି ନିରଞ୍ଜନ (କାଳ) ଦେଖିଲେ ଯେ ଏବେ ବିଷ୍ଣୁଙ୍କୁ ଶାନ୍ତ କରିବାକୁ ପଡିବ । ତା'ପରେ ଆକାଶବାଣୀ ହେଲା ଯେ ବିଷ୍ଣୁ ଏବେ ନିଜ ମାତାଙ୍କ ନିକଟକୁ ତୁମେ ଫେରିଯାଇ ସମସ୍ତ ସତ୍ୟ ବିବରଣୀ କହିଦିଅ ଏବଂ ଶେଷନାଗ ତୁମକୁ ଯେଉଁ କଷ୍ଟ ଦେଲା ତାର ପ୍ରତିଶୋଧ ଦ୍ୱାପର ଯୁଗରେ ନେବ । ଦ୍ୱାପର ଯୁଗରେ ତୁମେ (ବିଷ୍ଣୁ) କୃଷ୍ଣ ଅବତାର ଧାରଣ କରିବ ଏବଂ କାଳିଦହରେ କାଳିନ୍ଦ୍ରୀ ନାମକ ନାଗ 'ଶେଷନାଗ'ର ଅବତାର ନେବ ।


ଊଁଚ୍ ହୋଇକେ ନୀଚ୍ ସତାବୈ, ତାକର୍ ଓଏଲ୍ (ବଦଲା) ମୋହୀ ସୌଁ ପାୱୈ ।
ଜୋ ଜୀବ୍ ଦେଇ ପୀର ପୂନୀ କାହୁଁ, ହମ୍ ପୂନି ଓଏଲ୍ ଦିବାୱେଁ ତାହୁଁ ॥

ବିଷ୍ଣୁ, ମାତାଙ୍କ ନିକଟକୁ ଆସି ସତ୍ୟ-ସତ୍ୟ କହିଦେଲେ ଯେ ମୋତେ ପିତାଙ୍କର ଦର୍ଶନ ମିଳିଲା ନାହିଁ । ଏହିକଥା ଶୁଣି ମାତା (ପ୍ରକୃତି) ବହୁତ ପ୍ରସନ୍ନ ହେଲେ ଏବଂ କହିଲେ, ପୁତ୍ର ! ତୁମେ ସତ୍ୟବାଦୀ । ଏବେ ନିଜ ଶକ୍ତି ବଳରେ ମୁଁ, ତୁମ ପିତାଙ୍କୁ ଭେଟକରି ତୁମ ମନର ସଂଶୟ ଦୂର କରିବି ।


କବୀର, ଦେଖ ପୁତ୍ର ତୋହି ପିତା ଭୀଟାଊଁ, ତୌରେ ମନକା ଧୋଖା ମିଟାଊଁ ।
ମନ ସ୍ୱରୂପ କର୍ତ୍ତା କହ ଜାନୋଁ, ମନ ତେ ଦୂଜା ଔର ନ ମାନୋ ।
ସ୍ୱର୍ଗ ପାତାଳ ଦୌର ମନ କେରା, ମନ ଅସ୍ଥିର ମନ ଅହେ ଅନେରା ।
ନିରଂକାର ମନ ହୀ କୋ କହିଏ, ମନକୀ ଆସ ନୀଶ ଦିନ ରହିଏ ।
ଦେଖ ହୁଁ ପଲ୍‌ଟି ଶୂନ୍ୟ ମହ ଜ୍ୟୋତି, ଜହାଁ ପର ଝିଲମିଲ ଝାଲର ହୋତୀ ॥

ଏହି ପ୍ରକାରେ ମାତା (ଅଷ୍ଟାଙ୍ଗୀ, ପ୍ରକୃତି) ବିଷ୍ଣୁଙ୍କୁ କହିଲେ ଯେ ଏହି ମନ ହେଉଛି ଜଗତର କର୍ତ୍ତା । ମନ ସ୍ୱୟଂ ଜ୍ୟୋତି ନିରଞ୍ଜନ ଅଟେ । ଧ୍ୟାନ ସମୟରେ ଯେଉଁ ଏକ ହଜାର ଜ୍ୟୋତି ନଜର ଆସେ ତାହା ନିରଞ୍ଜନଙ୍କର ରୂପ ଅଟେ । ଯେଉଁ ଶଙ୍ଖ, ଘଣ୍ଟା ଶବ୍ଦ ଶୁଭୁଛି ତାହା ମହାସ୍ୱର୍ଗରେ ନିରଞ୍ଜନର ବାଜୁଛି । ମାତା (ଅଷ୍ଟାଙ୍ଗୀ /ପ୍ରକୃତି) କହିଲେ, ହେ ପୁତ୍ର ! ସର୍ବ ଦେବତାଙ୍କର ତୁମେ ମଉଡ଼ମଣୀ ଏବଂ ତୁମ୍ଭର ସମସ୍ତ ମନସ୍କାମନା ମୁଁ ପୂର୍ଣ୍ଣ କରିବି । ସାରା ଜଗତରେ ତୁମର ପୂଜା ହେବ । ତୁମେ ମୋତେ ସତ୍ୟ କହିଛ । ନିଜ ବ୍ୟର୍ଥ ମହିମା ଗାନ କରିବା ଏହି କାଳର ଏକୋଇଶ ବ୍ରହ୍ମାଣ୍ଡରେ ଥିବା ପ୍ରାଣୀମାନଙ୍କର ଏକ ବିଶେଷ ଅଭ୍ୟାସ ଅଟେ । ମାତା ଦୁର୍ଗା, ଶ୍ରୀ ବିଷ୍ଣୁଙ୍କୁ କହୁଛନ୍ତି ଯେ ତୁମ ପୂଜା ଏହି ଜଗତରେ ହେବ । ମୁଁ, ତୁମକୁ ପିତାଙ୍କର ଦର୍ଶନ କରାଇ ଦେଲି । ଦୁର୍ଗା ମାତା କେବଳ ପ୍ରକାଶ (ଆଲୋକ) ଦେଖାଇ ଶ୍ରୀ ବିଷ୍ଣୁଙ୍କୁ ଭଣ୍ଡାଇ ଦେଲେ । ପ୍ରଭୁଙ୍କର ଏହି ସ୍ଥିତି ବିଷୟରେ ଶ୍ରୀ ବିଷ୍ଣୁ ମଧ୍ୟ ନିଜ ଅନୁଗାମୀମାନଙ୍କୁ ବୁଝାଇଲେ ଯେ ପରମାତ୍ମାଙ୍କର କେବଳ ପ୍ରକାଶ ଦୃଶ୍ୟମାନ ହୁଏ । ପରମାତ୍ମା ନିରାକାର ଅଟନ୍ତି । ଏହାପରେ ଆଦି ଭବାନୀ ରୁଦ୍ର (ମହେଶ)ଙ୍କ ନିକଟକୁ ଗଲେ ତଥା କହିଲେ ଯେ, ମହେଶ ! ତୁମେ ମଧ୍ୟ ନିଜ ପିତାଙ୍କୁ ଖୋଜିବା ପାଇଁ ଚେଷ୍ଟା କର, ଅନ୍ୟ ଦୁଇଭାଇଙ୍କୁ ତ ପିତାଙ୍କର ଦର୍ଶନ ହେଲା ନାହିଁ । ସେମାନଙ୍କୁ ଯାହା ଦେବାର ଥିଲା ତାହା ପ୍ରଦାନ କରିଦେଲି ଏବେ ତୁମେ ଯାହା ମାଗିବା ପାଇଁ ଚାହୁଁଛ ତାହା ମାଗ । ଏହାଶୁଣି ମହେଶ କହିଲେ, ହେ ଜନନୀ ! ଦୁଇ ବଡଭାଇଙ୍କୁ ପିତାଙ୍କର ଦର୍ଶନ ମିଳିଲା ନାହିଁ, ମୁଁ ପୁନର୍ବାର ଚେଷ୍ଟା କରିବା ବ୍ୟର୍ଥ ହେବ । କୃପାକରି ମୋତେ ଏପରି ବର ପ୍ରଦାନ କରନ୍ତୁ ଯଦ୍ୱାରା ମୁଁ ଅମର (ମୃତ୍ୟୁଞ୍ଜୟ) ହୋଇଯିବି । ଏହା ଶୁଣି ମାତା କହିଲେ, ମୁଁ ଏହା କରିପାରିବି ନାହିଁ । ଏହା ମୋ କ୍ଷମତା ଅର୍ନ୍ତଭୁକ୍ତ ନୁହେଁ । ହଁ, ଅନ୍ୟ ଏକ ଉପାୟ ବିଷୟରେ କହିବି, ଯାହା ଦ୍ୱାରା ତୁମ ଆୟୁ

# ବ୍ରହ୍ମ ଲୋକର ଲଘୁଚିତ୍ର



# ଜ୍ୟୋତି ନିରଞ୍ଜନ (କାଳ) ବ୍ରହ୍ମାଙ୍କ ଲୋକ (୨୧ ବ୍ରହ୍ମାଣ୍ଡ)ର ଲଘୁଚିତ୍ର



ଅଧିକ ହୋଇଯିବ, ଏହା ଯୋଗ ସମାଧି ଅଟେ (ଏଥିପାଇଁ ମହାଦେବ ଅଧିକାଂଶ ସମୟ ସମାଧିସ୍ଥ ରୁହନ୍ତି)। ଏହି ପ୍ରକାରେ ମାତା (ଅଷ୍ଟାଙ୍ଗୀ-ପ୍ରକୃତି) ତିନି ପୁତ୍ରଙ୍କୁ ସେମାନଙ୍କ ବିଭାଗ ବଣ୍ଟନ କରିଦେଲେ।

ଭଗବାନ ବ୍ରହ୍ମାଙ୍କୁ କାଳ ଲୋକରେ ଚୌରାଷୀ ଲକ୍ଷ ଶରୀର ରଚନା (ଉତ୍ପତ୍ତି) କରିବା ଅର୍ଥାତ୍ ପ୍ରାଣୀମାନଙ୍କୁ ରଜଗୁଣରେ ପ୍ରଭାବିତ କରି ସନ୍ତାନ ଉତ୍ପତ୍ତି ପାଇଁ ବିବଶ କରି ଜୀବ ଉତ୍ପତ୍ତି କରାଇବା ବିଭାଗ ପ୍ରଦାନ କଲେ।

ଉକ୍ତ ଜୀବମାନଙ୍କୁ କର୍ମାନୁସାରେ ପାଳନ ପୋଷଣ କରିବା ତଥା ମୋହ-ମମତା ଉତ୍ପନ୍ନ କରାଇ ସ୍ଥିତି ସମ୍ଭାଳି ରଖିବାର ବିଭାଗ ଭଗବାନ ବିଷ୍ଣୁଙ୍କୁ ଦେଲେ।

ଭଗବାନ ଶିବ ଶଙ୍କର(ମହାଦେବ)ଙ୍କୁ ସଂହାର କରିବା ବିଭାଗ ପ୍ରଦାନ କଲେ। କାରଣ ଏମାନଙ୍କ ପିତା ଜ୍ୟୋତି ନିରଞ୍ଜନଙ୍କୁ ପ୍ରତିଦିନ ଏକଲକ୍ଷ ମାନବ ଶରୀରଧାରୀ ଜୀବଙ୍କୁ ଖାଇବାକୁ ପଡିଥାଏ।

ଏଠାରେ ମନକୁ ପ୍ରଶ୍ନ ଆସିପାରେ ଯେ ବ୍ରହ୍ମା, ବିଷ୍ଣୁ ଓ ଶଙ୍କରଙ୍କ ମାଧ୍ୟମରେ ସୃଷ୍ଟି, ପାଳନ ଓ ସଂହାର କିପରି ହୋଇଥାଏ। ଏମାନେ ନିଜ ନିଜ ଲୋକରେ ରହିଥାନ୍ତି। ବର୍ତ୍ତମାନ ଯେପରି ସଞ୍ଚାର ପ୍ରଣାଳୀକୁ ସଂଚାଳନ କରିବା ପାଇଁ ଆକାଶକୁ ଉପଗ୍ରହ ଛଡା ଯାଉଛି ଯାହା ପୃଥିବୀ ପୃଷ୍ଠରେ ସଞ୍ଚାର ପ୍ରଣାଳୀକୁ ନିୟନ୍ତ୍ରଣ କରିଥାଏ। ଠିକ୍ ଏହି ପ୍ରକାରେ ତିନି ଦେବତା ଯେଉଁଠାରେ ରୁହନ୍ତୁନା କାହିଁକି ଏମାନଙ୍କ ଶରୀରରୁ ବାହାରୁଥିବା ସୂକ୍ଷ୍ମ ଗୁଣର ତରଙ୍ଗ ତିନିଲୋକରେ ସ୍ୱତଃପ୍ରବୃତ୍ତ ଭାବେ ପ୍ରତ୍ୟେକ ପ୍ରାଣୀଙ୍କୁ ପ୍ରଭାବିତ କରିଥାଏ।

ଉପରୋକ୍ତ ବିବରଣୀ ବ୍ରହ୍ମ(କାଳ)ଙ୍କର ଗୋଟିଏ ବ୍ରହ୍ମାଣ୍ଡର ସୃଷ୍ଟି ରଚନା ଅଟେ। ଏହିପରି କ୍ଷରପୁରୁଷ(କାଳ)ଙ୍କର ଏକୋଇଶଟି ବ୍ରହ୍ମାଣ୍ଡ ରହିଛି।

ପରନ୍ତୁ କ୍ଷରପୁରୁଷ(କାଳ) ସ୍ୱୟଂ ବ୍ୟକ୍ତ ଅର୍ଥାତ୍ ବାସ୍ତବିକ ଶରୀର ଧାରଣ କରି କାହା ସମ୍ମୁଖକୁ ଆସନ୍ତି ନାହିଁ। ତାଙ୍କୁ ପ୍ରାପ୍ତ କରିବା ପାଇଁ ତିନିଦେବ (ବ୍ରହ୍ମା, ବିଷ୍ଣୁ, ଶିବ) ବେଦ ବର୍ଣ୍ଣିତ ବିଧି ଅନୁସାରେ ଯଥାସମ୍ଭବ ସାଧନା କରି ମଧ୍ୟ ବ୍ରହ୍ମ(କାଳ)ଙ୍କର ଦର୍ଶନ ପାଇଲେ ନାହିଁ। ତା'ପରେ ଋଷିଗଣ ବେଦକୁ ପଢିବାକୁ ଲାଗିଲେ। ସେଥିରେ ଲେଖାଅଛି ଯେ, ଅଗ୍ନେଃ ତନୁର୍ ଅସି, (ପବିତ୍ର ଯଜୁର୍ବେଦ ଅଧ୍ୟାୟ ୧ ମନ୍ତ୍ର ୧୫) ପରମେଶ୍ୱର ସଶରୀର ଅଟନ୍ତି ତଥା ପବିତ୍ର ଯଜୁର୍ବେଦ ଅଧ୍ୟାୟ ୫ ମନ୍ତ୍ର ୧ରେ ଲେଖାଅଛି ଯେ, ଅଗ୍ନେଃ ତନୁର୍ ଅସି ବିଷ୍ଣବେ ତ୍ୱା ସୋମସ୍ୟ ତନୁର୍ ଅସି। ଏହି ଦୁଇ ମନ୍ତ୍ରରେ ବେଦ ପ୍ରମାଣ ଦେଉଅଛି ଯେ ସର୍ବବ୍ୟାପକ, ସର୍ବପାଳନ କର୍ତ୍ତା ସତ୍ୟପୁରୁଷ ସଶରୀର ଅର୍ଥାତ ସାକାର ଅଟନ୍ତି। ପବିତ୍ର ଯଜୁର୍ବେଦ ଅଧ୍ୟାୟ ୪୦ ମନ୍ତ୍ର ୮ରେ ଲେଖାଅଛି ଯେ (କବିର ମନିଷୀ) ସମସ୍ତ ପ୍ରାଣୀ ଯେଉଁ ପରମେଶ୍ୱରଙ୍କୁ ଖୋଜୁଛନ୍ତି ସେ କବିର୍ ଅର୍ଥାତ୍ କବୀର ଅଟନ୍ତି। ତାଙ୍କ ଶରୀର ନାଡି ବିହୀନ (ଅସ୍ନାବିରମ୍) ଅଟେ। ସେ (ଶୁକ୍ରମ୍) ବୀର୍ଯ୍ୟରୁ ଜାତ ପଞ୍ଚତତ୍ତ୍ୱରେ ଗଠିତ ଭୌତିକ (ଅକାୟମ୍) କାୟା ରହିତ ଅଟନ୍ତି। ସେ ସମସ୍ତଙ୍କର ପ୍ରଭୂ ସର୍ବୋପରି ସତ୍‌ଲୋକରେ ବିରାଜମାନ ଅଟନ୍ତି। ସେହି ପରମେଶ୍ୱରଙ୍କର ତେଜମୟ (ସ୍ୱର୍ଜ୍ୟୋତି) ସ୍ୱପ୍ରକାଶିତ ଶରୀର ଯାହା ଶବ୍ଦରୂପୀ ଅର୍ଥାତ୍ ଅବିନାଶୀ ଅଟେ। ସେହି କବିର୍ଦେବ (କବୀର ପରମେଶ୍ୱର) ହେଉଛନ୍ତି ସର୍ବ ବ୍ରହ୍ମାଣ୍ଡର ସୃଷ୍ଟିକର୍ତ୍ତା (ବ୍ୟଦଧାତା) ସର୍ବ ବ୍ରହ୍ମାଣ୍ଡର ରଚୟିତା (ସ୍ୱୟମ୍ଭୁଃ) ସ୍ୱୟଂ ପ୍ରକଟ ହେଉଥିବା (ଯଥା ତଥ୍ୟ ଅର୍ଥାନ୍) ବାସ୍ତବରେ (ଶାଶ୍ୱତ୍) ଅବିନାଶୀ ଅଟନ୍ତି। (ଗୀତା ଅଧ୍ୟାୟ ୧୫ ଶ୍ଳୋକ ୧୭ରେ ମଧ୍ୟ ପ୍ରମାଣ ଅଛି)। ଭାବାର୍ଥ ହେଲା ଯେ ପୂର୍ଣ୍ଣବ୍ରହ୍ମଙ୍କ ଶରୀରର ନାମ କବୀର (କବିର ଦେବ) ଅଟେ। ସେହି ପରମେଶ୍ୱରଙ୍କର ଶରୀର ନୂରତତ୍ତ୍ୱରେ ଗଠିତ। ପରମାତ୍ମାଙ୍କ ଶରୀର ଅତି ସୂକ୍ଷ୍ମ ଅଟେ ଯାହା ସେହି ସାଧକକୁ ଦୃଶ୍ୟମାନ ହୁଏ ଯାହାର ଦିବ୍ୟଦୃଷ୍ଟି ଖୋଲି ଯାଇଥାଏ। ଏହି ପ୍ରକାରେ ଜୀବର ମଧ୍ୟ ସୂକ୍ଷ୍ମ ଶରୀର ଅଛି, ଯାହା ଉପରେ ପାଞ୍ଚତତ୍ତ୍ୱର ଖୋଳ (ଢାଙ୍କୁଣି) ଅର୍ଥାତ୍ ପାଞ୍ଚତତ୍ତ୍ୱର କାୟା ଢାଙ୍କି ହୋଇ ରହିଥାଏ, ଯାହା ମାତା ପିତାଙ୍କ ସଂଯୋଗରୁ (ଶୁକ୍ରମ୍) ବୀର୍ଯ୍ୟରେ

ଗଠିତ ହୋଇଥାଏ । ଏହି ଶରୀର ତ୍ୟାଗ ପରେ ମଧ୍ୟ ଜୀବର ସୂକ୍ଷ୍ମ ଶରୀର ତା ସହିତ ରହିଥାଏ । ତାହା ସେହି ସାଧକକୁ ଦେଖାଯାଏ ଯାହାର ଦିବ୍ୟଦୃଷ୍ଟି ଖୋଲି ଯାଇଥାଏ । ଏହି ପ୍ରକାରେ ପରମାତ୍ମା ଓ ଜୀବର ସ୍ଥିତିକୁ ଜାଣନ୍ତୁ । ବେଦରେ ପ୍ରମାଣ ଅଛି ଯେ ଓଁ ନାମ ସୁମିରଣ ହେଉଛି କେବଳ ବ୍ରହ୍ମଙ୍କର ସାଧନା ଅଟେ । ଏହିମତେ ଓଁ ନାମର ଜପକୁ ପୂର୍ଣ୍ଣବ୍ରହ୍ମଙ୍କ ଜପ ଭାବି ମୁନୀ-ଋଷିଗଣ ମଧ୍ୟ ହଜାର ହଜାର ବର୍ଷ ହଠଯୋଗ(କଠିନ ସମାଧି ଅଭ୍ୟାସ) କରି ପ୍ରଭୁ ପ୍ରାପ୍ତି ପାଇଁ ଚେଷ୍ଟା କରିଛନ୍ତି ପରନ୍ତୁ ପ୍ରଭୁଦର୍ଶନ ହୋଇପାରି ନାହିଁ, ମାତ୍ର ସିଦ୍ଧି ପ୍ରାପ୍ତ ହୋଇଗଲେ । ସେହି ସିଦ୍ଧି ରୂପୀ ଖେଳନାରେ ଖେଳି ଋଷିଗଣ ଜନ୍ମ-ମୃତ୍ୟୁ ଚକ୍ରରେ ହିଁ ରହିଗଲେ ଏବଂ ନିଜ ଅନୁଭବକୁ ଶାସ୍ତ୍ରରେ ଲେଖିଦେଲେ ଯେ ପରମାତ୍ମା ନିରାକାର ଅଟନ୍ତି । ବ୍ରହ୍ମ(କାଳ) ଶପଥ କରିଛନ୍ତି ଯେ ମୁଁ ନିଜ ବାସ୍ତବିକ ରୂପରେ କାହାକୁ ଦର୍ଶନ ଦେବି ନାହିଁ । ସମସ୍ତେ ମୋତେ ଅବ୍ୟକ୍ତ ବୋଲି ଜାଣିବେ । (ଅବ୍ୟକ୍ତର ଭାବାର୍ଥ ହେଲା, କେହି ଆକାରରେ ଥାଇ ମଧ୍ୟ ନିଜ ବ୍ୟକ୍ତିଗତ ସ୍ଥୁଳ ରୂପରେ ଦର୍ଶନ ନ ଦେବା । ଯେପରି ଆକାଶକୁ ବାଦଲ ଢାଙ୍କିଦେଲେ ଦିନବେଳେ ସୂର୍ଯ୍ୟ ଅଦୃଶ୍ୟ ହୋଇଯାଆନ୍ତି, ସେ ଦୃଶ୍ୟମାନ ହୁଅନ୍ତି ନାହିଁ ପରନ୍ତୁ ବାସ୍ତବରେ ବାଦଲ ପଛପଟେ ପୂର୍ବଭଳି ବିଦ୍ୟମାନ ଥାଆନ୍ତି । ଏହି ଅବସ୍ଥାକୁ ଅବ୍ୟକ୍ତ କୁହାଯାଏ । (ପ୍ରମାଣ ପାଇଁ ଗୀତା ଅଧ୍ୟାୟ ୭ ଶ୍ଳୋକ ୨୪-୨୫, ଅଧ୍ୟାୟ ୧୧ ଶ୍ଳୋକ ୪୮ ତଥା ୩୨)

ପବିତ୍ର ଗୀତା ଜ୍ଞାନଦାତା ବ୍ରହ୍ମ(କାଳ) ଶ୍ରୀକୃଷ୍ଣଙ୍କ ଶରୀରରେ ପ୍ରେତ ରୂପରେ ପ୍ରବେଶ କରି କହୁଛନ୍ତି ଯେ ହେ ଅର୍ଜୁନ ! ମୁଁ ମହାବଳି କାଳ ଅଟେ ଏବଂ ସମସ୍ତଙ୍କୁ ଖାଇବା ପାଇଁ ଆସିଛି । (ଗୀତା ଅଧ୍ୟାୟ ୧୧ ଶ୍ଳୋକ ନଂ ୩୨) ଏହା ମୋର ବାସ୍ତବିକ ରୂପ ଅଟେ । ଏହି ରୂପକୁ ତୁମ ବ୍ୟତୀତ ନା କେହି ଆଗରୁ ଦେଖିଛି ନା ପରେ ଦେଖିପାରିବ । ଅର୍ଥାତ୍ ବେଦରେ ବର୍ଣ୍ଣିତ ଯଜ୍ଞ-ଜପ-ତପ ତଥା ଓମ୍ ନାମ ଆଦି ବିଧି ଦ୍ୱାରା ମଧ୍ୟ ମୋର ଏହି ବାସ୍ତବିକ ସ୍ୱରୂପର ଦର୍ଶନ ହୋଇ ପାରିବ ନାହିଁ । (ଗୀତା ଅଧ୍ୟାୟ ୧୧ ଶ୍ଳୋକ ନଂ ୪୮) ମୁଁ କୃଷ୍ଣ ନୁହେଁ, ଏହି ମୁର୍ଖ ଲୋକମାନେ ମୁଁ ଅବ୍ୟକ୍ତକୁ କୃଷ୍ଣ ରୂପରେ ବ୍ୟକ୍ତ (ମନୁଷ୍ୟରୂପ) ବୋଲି ଭାବୁଛନ୍ତି । କାରଣ ମୋର ଏହି ଘୃଣ୍ୟ ନିୟମ ବିଷୟରେ ସମସ୍ତେ ଅପରିଚିତ ଯେ ମୁଁ କଦାପି ମୋର ବାସ୍ତବିକ କାଳ ରୂପରେ କାହା ସମ୍ମୁଖକୁ ଆସେ ନାହିଁ । ନିଜ ଯୋଗମାୟା ବଳରେ ଲୁଚି ରୁହେ (ଗୀତା ଅଧ୍ୟାୟ ୭ ଶ୍ଳୋକ ନଂ ୨୪-୨୫) । ବିଚାର କରନ୍ତୁ, ଗୀତା ଜ୍ଞାନଦାତା ନିଜର ଲୁଚି ରହିବା ନିୟମକୁ ସ୍ୱୟଂ ଅଶ୍ରେଷ୍ଠ (ଅନୁତ୍ତମ) କାହିଁକି କହୁଛନ୍ତି ?

ଯଦି ପିତା ନିଜ ସନ୍ତାନମାନଙ୍କୁ ଦର୍ଶନ ଦେଉ ନାହାଁନ୍ତି ତେବେ ତାଙ୍କର ନିଶ୍ଚୟ କୌଣସି ତୃଟି ରହିଛି ଯେଉଁ କାରଣରୁ ସେ ସମସ୍ତ ସୁବିଧା ପ୍ରଦାନ କରି ମଧ୍ୟ ଲୁଚି ରହିଛନ୍ତି । କାଳ(ବ୍ରହ୍ମ)ଙ୍କୁ ଅଭିଶାପବଶତଃ ଏକ ଲକ୍ଷ ମାନବ ଶରୀରଧାରୀ ପ୍ରାଣୀଙ୍କୁ ଆହାର କରିବାପାଇଁ ପଡୁଛି ତଥା ପ୍ରତିଦିନ ଯେଉଁ ୨୫ ପ୍ରତିଶତ ଅଧିକ ଜୀବ ଉତ୍ପନ୍ନ ହେଉଛନ୍ତି ସେମାନଙ୍କ ପାଇଁ ବ୍ୟବସ୍ଥା କରିବା ଏବଂ କର୍ମଦଣ୍ଡ ଭୋଗିବା ପାଇଁ ଚୌରାଶୀ ଲକ୍ଷ ଯୋନୀର ରଚନା କରାଯାଇଛି । ଯଦି ସର୍ବସମ୍ମୁଖରେ କାହାର ପୁତ୍ର, କାହାର ପୁତ୍ରୀ, କାହାର ପତ୍ନୀ ତଥା କାହାର ମାତା-ପିତାଙ୍କୁ ମାରି ଖାଇବେ ତେବେ 'ବ୍ରହ୍ମ' ପ୍ରତି ସମସ୍ତଙ୍କର ଘୃଣାଭାବ ଜାତ ହେବ । ପୂର୍ଣ୍ଣ ପରମାତ୍ମା କବିରଗ୍ନି (କବୀର ପରମେଶ୍ୱର) ଯେବେ ସ୍ୱୟଂ ଆସିବେ ଅଥବା ନିଜର କେହି ସନ୍ଦେଶବାହକ(ଦୂତ)ଙ୍କୁ ପ୍ରେରଣ କରିବେ, ସେତେବେଳେ ସମସ୍ତ ପ୍ରାଣୀ ସତଭକ୍ତି କରି କାଳର ଏହି ଜାଲରୁ ମୁକୁଳି ଯିବେ ।

ତେଣୁ ସେ ସମସ୍ତଙ୍କୁ ଭ୍ରମିତ କରି ବାସ୍ତବ ସତ୍ୟଠାରୁ ଦୂରେଇ ରଖିଛନ୍ତି ତଥା ପବିତ୍ର ଗୀତା ଅଧ୍ୟାୟ ୭ ଶ୍ଳୋକ ୧୮, ୨୪ ଓ ୨୫ରେ ନିଜ ସାଧନା ଦ୍ୱାରା ହେଉଥିବା ମୁକ୍ତି (ଗତି) କୁ ମଧ୍ୟ (ଅନୁତ୍ତମାମ୍) ନ୍ୟୁନ (ଅତି ଖରାପ) ତଥା ନିଜ ବିଧାନ (ନିୟମ)କୁ ମଧ୍ୟ (ଅନୁତ୍ତମ) ନ୍ୟୁନ ବୋଲି କହିଛନ୍ତି ।

ପ୍ରତ୍ୟେକ ବ୍ରହ୍ମାଣ୍ଡର ବ୍ରହ୍ମଲୋକରେ ଏକ ମହାସ୍ୱର୍ଗ ସୃଷ୍ଟି କରିଛନ୍ତି । ପ୍ରାଣୀମାନଙ୍କୁ ଧୋକା ଦେବା

ଉଦ୍ଦେଶ୍ୟରେ ପ୍ରକୃତି(ଦୁର୍ଗା/ଆଦି ମାୟା)ଙ୍କ ଦ୍ୱାରା ମହାସ୍ୱର୍ଗର ଏକ ସ୍ଥାନରେ ନକଲି ସତଲୋକ, ନକଲି ଅଲଖଲୋକ, ନକଲି ଅଗମ ଲୋକ ଓ ନକଲି ଅନାମୀ ଲୋକର ରଚନା କରାଯାଇଛି । କବୀର ସାହେବଙ୍କର ଏକ ଶବ୍ଦ, 'କର୍ ନୈନୋଁ ଦୀଦାର୍ ମହଲ୍ ମେଁ ପ୍ୟାରା ହୈ' ବାଣୀରେ ଅଛି ଯେ 'କାୟା ଭେଦ କିୟା ନିରବାରା, ୟହ ସବ ରଚନା ପିଣ୍ଡ ମଂଝାରା ହୈ । ମାୟା ଅବିଗତ ଜାଲ ପସାରା, ସୋ କାରୀଗର ଭାରା ହୈ । ଆଦିମାୟା କିନ୍ହି ଚତୁରାଇ, ଝୁଠୀ ବାଜୀ ପିଣ୍ଡ ଦିଖାଇ, ଅବିଗତ ରଚନା ରଚି ଅଣ୍ଡ ମାହି ବାକା ପ୍ରତିବିମ୍ବ ଡାରା ହୈ ।'

ଗୋଟିଏ ବ୍ରହ୍ମାଣ୍ଡରେ ଅନ୍ୟ ଲୋକଗୁଡିକର ମଧ୍ୟ ରଚନା ହୋଇଛି, ଯେପରି ଶ୍ରୀ ବ୍ରହ୍ମାଙ୍କ ଲୋକ, ଶ୍ରୀ ବିଷ୍ଣୁଙ୍କ ଲୋକ, ଶ୍ରୀ ଶିବଙ୍କ ଲୋକ ଆଦି । ସେଠାରେ ବସି ଏହି ତିନି ପ୍ରଭୂ ତଳେ ଥିବା ତିନି ଲୋକ (ସ୍ୱର୍ଗଲୋକ ଅର୍ଥାତ୍ ଇନ୍ଦ୍ରଙ୍କ ଲୋକ, ପୃଥିବୀ ଲୋକ ଓ ପାତାଳ ଲୋକ)ରେ ଗୋଟିଏ ଗୋଟିଏ ବିଭାଗର ମାଲିକ ହୋଇ ପ୍ରଭୂତା କରିଥାନ୍ତି ତଥା ନିଜ ପିତା 'କାଳ'ଙ୍କର ଭୋଜନ ପାଇଁ ପ୍ରାଣୀମାନଙ୍କର ସୃଷ୍ଟି, ସ୍ଥିତି ଓ ସଂହାର କାର୍ଯ୍ୟଭାର ସମ୍ଭାଳିଥାନ୍ତି । ଏହି ତିନି ପ୍ରଭୂଙ୍କର ଜନ୍ମ ମୃତ୍ୟୁ ମଧ୍ୟ ହୋଇଥାଏ । ସେତେବେଳେ କାଳ ଏମାନଙ୍କୁ ମଧ୍ୟ ଖାଇଥାଏ । ଏହି ବ୍ରହ୍ମାଣ୍ଡ [ଏହାକୁ ଅଣ୍ଡ ମଧ୍ୟ କୁହାଯାଏ, କାରଣ ବ୍ରହ୍ମାଣ୍ଡର ଆକାର ଅଣ୍ଡାକାର ଅଟେ । ଏହାକୁ ପିଣ୍ଡ ମଧ୍ୟ କୁହାଯାଏ, କାରଣ ଶରୀର(ପିଣ୍ଡ)ରେ ଥିବା କମଳ ଦ୍ୱାରା ଟେଲିଭିଜନ ଭଳି ବ୍ରହ୍ମାଣ୍ଡର ରଚନା ଦେଖିହୁଏ]ରେ ଗୋଟିଏ ମାନସରୋବର ଏବଂ ଧର୍ମରାୟ (ନ୍ୟାୟାଧିଶ) ଲୋକ ମଧ୍ୟ ରହିଛି । ଏକ ଗୁପ୍ତ ସ୍ଥାନରେ ପୂର୍ଣ୍ଣ ପରମାତ୍ମା ଅନ୍ୟ ରୂପ ଧାରଣ କରି ରହିଥାନ୍ତି ଯେପରି ପ୍ରତ୍ୟେକ ଦେଶର ରାଜଦୂତ ଭବନ ରହିଥାଏ । ସେଠାକୁ କେହି ଯାଇ ପାରନ୍ତି ନାହିଁ । ସେଠାରେ ସେହି ଆତ୍ମାମାନେ ରୁହନ୍ତି ଯେଉଁମାନଙ୍କର ସତଲୋକ ପ୍ରାପ୍ତିର ଭକ୍ତି ଅପୂର୍ଣ୍ଣ ରହିଥାଏ । ଯେତେବେଳେ ଭକ୍ତିଯୁଗ ଆସେ ସେତେବେଳେ ପରମେଶ୍ୱର କବୀରଜୀ ନିଜ ପ୍ରତିନିଧି ଭାବରେ ପୂର୍ଣ୍ଣସନ୍ଥ ସଦଗୁରୁଙ୍କୁ ପଠାଇଥାନ୍ତି । ସେହି ସମୟରେ ଏହି ପୁଣ୍ୟାତ୍ମାମାନଙ୍କୁ ପୃଥିବୀଲୋକରେ ମାନବ ଶରୀର ପ୍ରାପ୍ତ ହୋଇଥାଏ ଏବଂ ଏମାନେ ଅତିଶୀଘ୍ର ସତଭକ୍ତି ମାର୍ଗରେ ଲାଗିଯାଆନ୍ତି ତଥା ସଦ୍‌ଗୁରୁଙ୍କଠାରୁ ଦୀକ୍ଷା ଗ୍ରହଣ କରି ପୂର୍ଣ୍ଣମୋକ୍ଷ ପ୍ରାପ୍ତ କରିଥାନ୍ତି । ସେହି ସ୍ଥାନରେ ଅବସ୍ଥାନ କରୁଥିବା ହଂସାତ୍ମାମାନଙ୍କର ଭକ୍ତି ଉପାର୍ଜିତ ଧନ ଖର୍ଚ୍ଚ ହୋଇ ନ ଥାଏ । ପରମାତ୍ମାଙ୍କ ଭଣ୍ଡାରରୁ ସର୍ବ ସୁବିଧା ଉପଲବ୍ଧ ହୋଇଥାଏ । ବ୍ରହ୍ମ(କାଳ) ସାଧକଙ୍କର ଭକ୍ତି ଉପାର୍ଜିତ ଧନ ସ୍ୱର୍ଗ-ମହାସ୍ୱର୍ଗରେ ସମାପ୍ତ ହୋଇଯାଏ, କାରଣ ଏହି କାଳଲୋକ(ବ୍ରହ୍ମଲୋକ) ତଥା ପରବ୍ରହ୍ମଲୋକରେ ପ୍ରାଣୀମାନଙ୍କୁ କେବଳ ତାଙ୍କ କୃତ କର୍ମର ଫଳ ହିଁ ମିଳିଥାଏ ।

କ୍ଷରପୁରୁଷ (ବ୍ରହ୍ମ) ନିଜ ୨୦ଟି ବ୍ରହ୍ମାଣ୍ଡକୁ ଚାରୋଟି ମହାବ୍ରହ୍ମାଣ୍ଡରେ ବିଭାଜିତ କରିଛନ୍ତି । ୫ଟି ବ୍ରହ୍ମାଣ୍ଡର ସମୂହକୁ ଏକ ଅଣ୍ଡାକାର ଗୋଲେଇ(ପରିଧି) ମଧ୍ୟରେ ଆବଦ୍ଧ କରି ଏକ ମହାବ୍ରହ୍ମାଣ୍ଡ କରିଛନ୍ତି ଏବଂ ସେହିପରି ଚାରୋଟି ମହାବ୍ରହ୍ମାଣ୍ଡକୁ ମଧ୍ୟ ଆଉ ଏକ ଅଣ୍ଡାକାର ଗୋଲେଇ(ପରିଧି) ମଧ୍ୟରେ ଆବଦ୍ଧ କରି ରଖିଛନ୍ତି । ଏକୋଇଶତମ ବ୍ରହ୍ମାଣ୍ଡର ରଚନା ମଧ୍ୟ ଏକ ମହାବ୍ରହ୍ମାଣ୍ଡ ଭଳି ସମାନ ଆକାରରେ ହୋଇଅଛି । ଏକୋଇଶତମ ବ୍ରହ୍ମାଣ୍ଡର ପ୍ରବେଶ ଦ୍ୱାରକୁ ଲାଗି ତିନୋଟି ରାସ୍ତା ତିଆରି ହୋଇଛି । ଏକୋଇଶିତମ ବ୍ରହ୍ମାଣ୍ଡର ବାମପାର୍ଶ୍ୱକୁ ନକଲି ସତଲୋକ, ନକଲି ଅଲଖଲୋକ, ନକଲି ଅଗମଲୋକ ଓ ନକଲି ଅନାମୀଲୋକର ରଚନା, ପ୍ରାଣୀମାନଙ୍କୁ ଧୋକା ଦେବା ପାଇଁ ଆଦିମାୟା(ଦୁର୍ଗା)ଙ୍କ ଦ୍ୱାରା କରାଯାଇଛି ତଥା ଡାହାଣପାର୍ଶ୍ୱକୁ ବାରଜଣ ସର୍ବଶ୍ରେଷ୍ଠ ବ୍ରହ୍ମ ସାଧକ(ଭକ୍ତ)ଙ୍କୁ ରଖିଥାନ୍ତି । ସେମାନଙ୍କୁ ନିଜର ସନ୍ଦେଶ ବାହକ (ସନ୍ଥ-ସତଗୁରୁ) ରୂପେ ପ୍ରତ୍ୟେକ ଯୁଗରେ ପୃଥିବୀ ପୃଷ୍ଠକୁ ପ୍ରେରଣ କରିଥାନ୍ତି, ଯିଏକି ଶାସ୍ତ୍ର ବିରୁଦ୍ଧ ସାଧନା ଓ ଜ୍ଞାନ ପ୍ରଚାର କରି ସ୍ୱୟଂ ଭକ୍ତିହୀନ ହେବା ସହିତ ଅନୁଯାୟୀମାନଙ୍କୁ ମଧ୍ୟ କାଳ ଜାଲରେ ଫଶାଇ ଚାଲନ୍ତି । ତା'ପରେ ସେହି ଗୁରୁ ଓ ଅନୁଗାମୀ ଉଭୟେ ନର୍କଗାମୀ ହୋଇଥାନ୍ତି ।

ସାମ୍ନାପଟକୁ ଯାଇଥିବା ରାସ୍ତାକୁ ଏକ ତାଲା ଲଗାଇ ବନ୍ଦ କରାଯାଇଛି ଯାହା କାଳ(ବ୍ରହ୍ମ)ଙ୍କର ନିଜ ଲୋକକୁ ଯାଇଛି, ଯେଉଁଠାରେ ଏହି ବ୍ରହ୍ମ(କାଳ) ନିଜ ବାସ୍ତବିକ ମାନବ ସଦୃଶ କାଳ ରୂପରେ ବିରାଜମାନ ଅଛନ୍ତି । ସେହି ସ୍ଥାନରେ ତାଓ୍ୱା ଆକାରର ଏକ ବିରାଟ ପଥର ଖଣ୍ଡ (ରୁଟି ସେକା ଲୁହା ପ୍ଲେଟ ଭଳି) ରହିଛି ଯାହା ସ୍ୱତଃ ଗରମ ରହିଥାଏ । ତାହା ଉପରେ ଏକଲକ୍ଷ ମାନବ ଶରୀରଧାରୀ ପ୍ରାଣୀମାନଙ୍କର ସୂକ୍ଷ୍ମ ଶରୀରକୁ ଭାଜି ସେଥିରୁ ବାହାରୁଥିବା ମଇଳାକୁ ସେ ଖାଇଥାନ୍ତି । ସେହି ସମୟରେ ପ୍ରାଣୀକୁ ଭୀଷଣ ପୀଡା ଅନୁଭବ ହୋଇଥାଏ ତଥା ହାହାକାର ପଡିଯାଏ । ପୁଣି କିଛି ସମୟ ଉପରାନ୍ତ ସେମାନେ ବେହୋସ ହୋଇଯାଆନ୍ତି କିନ୍ତୁ ମରନ୍ତି ନାହିଁ । ତା'ପରେ ସେମାନଙ୍କୁ ଧର୍ମରାୟଙ୍କ ଲୋକକୁ ପଠାଯାଇ ସେଠାରେ କର୍ମ ଆଧାରରେ ଅନ୍ୟ ଜନ୍ମ ପ୍ରାପ୍ତ ହୋଇ ଜନ୍ମ-ମୃତ୍ୟୁର ଚକ୍ରରେ ଘୁରି ବୁଲନ୍ତି । ଉପରୋକ୍ତ ସାମ୍ନା ରାସ୍ତାରେ ଲାଗିଥିବା ତାଲାକୁ ବ୍ରହ୍ମ(କାଳ) କେବଳ ନିଜ ଆହାର ଉଦ୍ଦେଶ୍ୟରେ ପ୍ରାଣୀମାନଙ୍କୁ ଭିତରକୁ ଆଣିବା ପାଇଁ କିଛି ସମୟ ପାଇଁ ଖୋଲିଥାଏ । ପୂର୍ଣ୍ଣ ପରମାତ୍ମାଙ୍କ ସତନାମ ଓ ସାରନାମ ବଳରେ ସେହି ତାଲା ଆପେ ଆପେ ଖୋଲିଯାଏ । ଏହିପରି 'କାଳ'ର ଜାଲ ବିଷୟରେ ସ୍ୱୟଂ ପୂର୍ଣ୍ଣ ପରମାତ୍ମା କବିର୍ଦ୍ଦେବ (କବୀର ସାହେବ) ନିଜ ଭକ୍ତ ଧର୍ମଦାସଜୀଙ୍କୁ ବୁଝାଇଛନ୍ତି ।

### "ପରବ୍ରହ୍ମଙ୍କ ସାତଶଙ୍ଖ ବ୍ରହ୍ମାଣ୍ଡର୍ ସ୍ଥାପନା"

କବୀର ପରମେଶ୍ୱର (କବିର୍ଦ୍ଦେବ) ପୁଣି କହୁଛନ୍ତି ଯେ ପରବ୍ରହ୍ମ (ଅକ୍ଷର ପୁରୁଷ) ନିଜ କାର୍ଯ୍ୟରେ ଅବହେଳା କରି ଦୁଇଟି ଭୁଲ କରିଥିଲେ । ପ୍ରଥମେ ମାନସରୋବର ମଧ୍ୟରେ ଶୋଇପଡିଥିଲେ ଏବଂ ଦ୍ୱିତୀୟରେ ପରମେଶ୍ୱର (ମୁଁ ଅର୍ଥାତ୍ କବୀର ସାହେବ) ଯେତେବେଳେ ସେହି ସରୋବର ମଧ୍ୟକୁ ଅଣ୍ଡା ଛାଡିଲେ ସେତେବେଳେ ଅକ୍ଷର ପୁରୁଷ (ପରବ୍ରହ୍ମ) ସେହି ଅଣ୍ଡାକୁ କ୍ରୋଧ ଦୃଷ୍ଟିରେ ଚାହିଁଥିଲେ । ଏହି ଦୁଇଟି ଅପରାଧ ପାଇଁ ତାଙ୍କୁ ମଧ୍ୟ ସାତଶଙ୍ଖ ବ୍ରହ୍ମାଣ୍ଡ ସହିତ ସତଲୋକରୁ ନିଷ୍କାସିତ କରି ଦିଆଗଲା । ଅନ୍ୟ ଏକ କାରଣ ଥିଲା ଯେ ଅକ୍ଷର ପୁରୁଷ (ପରବ୍ରହ୍ମ) ନିଜ ସାଥି ବ୍ରହ୍ମ(କ୍ଷରପୁରୁଷ)ର ବିଛେଦରେ ବ୍ୟାକୁଳ ହୋଇ ପରମପିତା କବିର୍ଦ୍ଦେବ(କବୀର ପରମେଶ୍ୱର)ଙ୍କୁ ଭୁଲି ବ୍ରହ୍ମକୁ ମନେ ପକାଇ ଭାବୁଥିଲେ ଯେ କ୍ଷରପୁରୁଷ(ବ୍ରହ୍ମ) ବହୁତ ଖୁସି ପାଳନ କରୁଥିବ, ସେ ସ୍ୱତନ୍ତ୍ର ରାଜ୍ୟ ଭୋଗ କରିବ, ମୁଁ ପଛରେ ରହିଗଲି । ଅନ୍ୟ ଯେଉଁ ଆତ୍ମାମାନେ ପରବ୍ରହ୍ମଙ୍କ ସହିତ ସାତଶଙ୍ଖ ବ୍ରହ୍ମାଣ୍ଡରେ ଜନ୍ମ-ମୃତ୍ୟୁର କର୍ମଦଣ୍ଡ ଭୋଗୁଛନ୍ତି, ସେମାନେ ମଧ୍ୟ ପୂର୍ଣ୍ଣ ପରମାତ୍ମା, ସୁଖଦାୟୀ କବିର୍ଦ୍ଦେବଙ୍କୁ ଭୁଲିଯାଇ ସେହି ହଂସାତ୍ମାମାନଙ୍କ ବିଛେଦର ଦୁଃଖରେ ମଗ୍ନ ହୋଇଗଲେ ଯେଉଁମାନେ ବ୍ରହ୍ମ(କାଳ)ଙ୍କର ଏକୋଇଶ ବ୍ରହ୍ମାଣ୍ଡରେ ଫଶିଛନ୍ତି । ପରମେଶ୍ୱର କବୀର ଦେବ ବାରମ୍ବାର ବୁଝାଇବା ସତ୍ତ୍ୱେ ଆସ୍ଥା ହଟିଲା ନାହିଁ । ପରବ୍ରହ୍ମ (ଅକ୍ଷର ପୁରୁଷ) ଚିନ୍ତାକଲେ ଯେ ମୁଁ ମଧ୍ୟ ଏକ ସ୍ୱତନ୍ତ୍ର ସ୍ଥାନ ପ୍ରାପ୍ତ କଲେ ଠିକ୍ ହେବ । ଏହା ଚିନ୍ତାକରି ରାଜ୍ୟ ପ୍ରାପ୍ତିର ଇଚ୍ଛା ରଖି ସାରନାମର ଜପ ପ୍ରାରମ୍ଭ କରିଦେଲେ । ଏହି ପ୍ରକାରେ ଅନ୍ୟ ଆତ୍ମାମାନେ (ଯେଉଁମାନେ ପରବ୍ରହ୍ମଙ୍କ ସାତଶଙ୍ଖ ବ୍ରହ୍ମାଣ୍ଡରେ ଫଶିଛନ୍ତି) ଚିନ୍ତାକଲେ ଯେ ବ୍ରହ୍ମଙ୍କ ସହିତ ଯାଇଥିବା ଆତ୍ମାମାନେ ସେଠାରେ ମଉଜ-ମସ୍ତି କରୁଥିବେ, ଆମ୍ଭେ ପଛରେ ରହିଗଲୁ । ପରବ୍ରହ୍ମଙ୍କ ମନରେ ଏହି ଧାରଣା ଜାତ ହେଲା ଯେ କ୍ଷରପୁରୁଷ ଅଲଗା ହୋଇ ବହୁତ ସୁଖୀ ହୋଇଯିବ । ମନରେ ଏହି ବିଚାର ରଖି ଅନ୍ତରାତ୍ମାରେ ଭିନ୍ନ ସ୍ଥାନ ପ୍ରାପ୍ତି ପାଇଁ ନିଷ୍ପତ୍ତି ନେଲେ । ପରବ୍ରହ୍ମ (ଅକ୍ଷର ପୁରୁଷ) ଅଲଗା ରାଜ୍ୟ ପ୍ରାପ୍ତି ପାଇଁ ହଠଯୋଗ ନ କରି ବିଶେଷ ନିଷ୍ଠାର ସହିତ ସହଜ ଧ୍ୟାନ ଯୋଗ କରିବାକୁ ଲାଗିଲେ । ଅଲଗା ସ୍ଥାନ ପ୍ରାପ୍ତି କରିବା ପାଇଁ ପାଗଳଙ୍କ ପରି ବିଚରଣ କରିବାକୁ ଲାଗିଲେ, ଖାଇବା ପିଇବା ମଧ୍ୟ ତ୍ୟାଗ କରିଦେଲେ । ତାଙ୍କର ଏହି ବୈରାଗ୍ୟ ଭାବ ଦେଖି ଅନ୍ୟ କିଛି ଆତ୍ମା ତାଙ୍କ ପ୍ରତି ଆସକ୍ତ ହୋଇଗଲେ ଏବଂ ତାଙ୍କୁ ଭଲ ପାଇବାକୁ ଲାଗିଲେ । ପୂର୍ଣ୍ଣପ୍ରଭୁ ପଚାରିବାରୁ ପରବ୍ରହ୍ମ ନିଜ ପାଇଁ ଅଲଗା ସ୍ଥାନ ମାଗିଥିଲେ ଏବଂ କିଛି ହଂସ ଆତ୍ମାଙ୍କୁ ସାଥିରେ ନେବା ପାଇଁ ପ୍ରାର୍ଥନା ମଧ୍ୟ କରିଥିଲେ । ଏହାଶୁଣି

କବିର୍ଦେବ କହିଲେ, ଯେଉଁ ଆତ୍ମା ଆପଣଙ୍କ ସହିତ ନିଜ ଇଚ୍ଛାରେ ଯିବା ପାଇଁ ଚାହିଁବେ ସେମାନଙ୍କୁ ପଠାଇ ଦେବି । ପୂର୍ଣ୍ଣପ୍ରଭୁ ପଚାରିଲେ ଯେ ଯେଉଁ ହଂସ ଆତ୍ମାମାନେ ପରବ୍ରହ୍ମଙ୍କ ସହିତ ଯିବା ପାଇଁ ଇଚ୍ଛୁକ ସେମାନେ ମୋ ସମ୍ମୁଖରେ ସହମତି ବ୍ୟକ୍ତ କର । ବହୁ ସମୟ ପରେ ଜଣେ ହଂସାତ୍ମା ସମ୍ମତି ପ୍ରଦାନ କଲା ପୁଣି ତାକୁ ଦେଖି ଅନ୍ୟ ସମସ୍ତ ଆତ୍ମା ସମ୍ମତି ପ୍ରଦାନ କଲେ । ସର୍ବ ପ୍ରଥମେ ରାଜି ହୋଇଥିବା ହଂସକୁ ପ୍ରଭୁ, ସ୍ତ୍ରୀ ରୂପ ଦେଲେ, ତାଙ୍କ ନାମ ଇଶ୍ୱରୀମାୟା (ପ୍ରକୃତି ସୁରତି) ରଖିଲେ ଏବଂ ଅନ୍ୟ ଆତ୍ମାମାନଙ୍କୁ ସେହି ଇଶ୍ୱରୀମାୟା ମଧ୍ୟରେ ପ୍ରବେଶ କରାଇ ଅଚିନ୍ତଙ୍କ ଦ୍ୱାରା ଅକ୍ଷର ପୁରୁଷ (ପରବ୍ରହ୍ମ) ନିକଟକୁ ପଠାଇଦେଲେ । (ପତିବ୍ରତା ପଦରୁ ଓହରିବାର ଶାସ୍ତି ପାଇଲେ ।) ବହୁଯୁଗ ପର୍ଯ୍ୟନ୍ତ ଦୁହେଁ ସାତଶଙ୍ଖ ବ୍ରହ୍ମାଣ୍ଡରେ ରହିଲେ, ପରନ୍ତୁ ପରବ୍ରହ୍ମ ତାଙ୍କ ପ୍ରତି ଦୁର୍ବ୍ୟବହାର କଲେ ନାହିଁ । ଇଶ୍ୱରୀମାୟାଙ୍କ ଇଚ୍ଛାକୁ ପରବ୍ରହ୍ମ ଅଙ୍ଗୀକାର କଲେ ତଥା ନିଜ ଶବ୍ଦଶକ୍ତି ଦ୍ୱାରା ନଖାଘାତ କରି ସ୍ତ୍ରୀ ଇନ୍ଦ୍ରୀୟ (ଯୋନି) ତିଆରି କଲେ । ଇଶ୍ୱରୀ ଦେବୀଙ୍କ ସହମତି କ୍ରମେ ସନ୍ତାନ ଉତ୍ପତ୍ତି କଲେ । ସେହି କାରଣରୁ ପରବ୍ରହ୍ମଙ୍କ ଲୋକ (ସାତଶଙ୍ଖ ବ୍ରହ୍ମାଣ୍ଡ)ରେ ପ୍ରାଣୀମାନଙ୍କୁ ତପ୍ତଶିଳାର କଷ୍ଟ ଦିଆଯାଏ ନାହିଁ ତଥା ସେଠାକାର ପଶୁପକ୍ଷୀମାନେ ମଧ୍ୟ ବ୍ରହ୍ମଲୋକର ଦେବତାଙ୍କଠାରୁ ଉତ୍ତମ ଚରିତ୍ରଯୁକ୍ତ ଅଟନ୍ତି । ସେମାନଙ୍କର ଆୟୁ ମଧ୍ୟ ବହୁତ ଲମ୍ବା ଅଟେ । ପରନ୍ତୁ ସେମାନଙ୍କୁ ଜନ୍ମ-ମୃତ୍ୟୁ, କର୍ମ ଆଧାରରେ କର୍ମଦଣ୍ଡ ତଥା ପରିଶ୍ରମ କରି ଉଦରପୂର୍ତ୍ତି କରିବାକୁ ପଡିଥାଏ । ଏହି ଲୋକ ଭଳି ସ୍ୱର୍ଗ ଓ ନର୍କ ସେଠାରେ ମଧ୍ୟ ଅଛି । ପରବ୍ରହ୍ମ(ଅକ୍ଷରପୁରୁଷ)ଙ୍କୁ ସାତଶଙ୍ଖ ବ୍ରହ୍ମାଣ୍ଡ ତାଙ୍କ ଇଚ୍ଛାରୂପୀ ଭକ୍ତି ଧ୍ୟାନ ଅର୍ଥାତ୍ ସହଜ ସମାଧି ବିଧି ଦ୍ୱାରା କରିଥିବା ଉପାର୍ଜନର ପ୍ରତିଫଳ ସ୍ୱରୂପ ପ୍ରଦାନ କରାଗଲା ତଥା ଗୋଲାକାର ପରିଧି ମଧ୍ୟରେ ଆବଦ୍ଧ କରି ସାତଶଙ୍ଖ ବ୍ରହ୍ମାଣ୍ଡ ସହିତ ଅକ୍ଷରବ୍ରହ୍ମ ଓ ଇଶ୍ୱରୀମାୟାଙ୍କୁ ସତ୍‌ଲୋକରୁ ନିଷ୍କାସିତ କରାଗଲା ।

ପୂର୍ଣ୍ଣବ୍ରହ୍ମ (ସତ୍ୟପୁରୁଷ) ସତ୍‌ଲୋକର ସମସ୍ତ ବ୍ରହ୍ମାଣ୍ଡ, ବ୍ରହ୍ମର ଏକୋଇଶ ବ୍ରହ୍ମାଣ୍ଡ ଏବଂ ପରବ୍ରହ୍ମର ସାତଶଙ୍ଖ ବ୍ରହ୍ମାଣ୍ଡର ମଧ୍ୟ ପ୍ରଭୁ (ମାଲିକ) ଅଟନ୍ତି ଅର୍ଥାତ୍ ପରମେଶ୍ୱର କବିର୍ଦେବ ଅନନ୍ତକୋଟି ବ୍ରହ୍ମାଣ୍ଡର ମାଲିକ ଅଟନ୍ତି ।

ଶ୍ରୀ ବ୍ରହ୍ମା, ଶ୍ରୀ ବିଷ୍ଣୁ, ଓ ଶ୍ରୀ ଶିବ ଚାରି ଭୂଜା ଓ ୧୬ କଳା ବିଶିଷ୍ଟ ଅଟନ୍ତି । ପ୍ରକୃତି ଦେବୀ (ଦୁର୍ଗା) ଆଠ ଭୂଜା ଓ ୬୪ କଳାଯୁକ୍ତ ଅଟନ୍ତି । ବ୍ରହ୍ମ (କ୍ଷରପୁରୁଷ) ଏକ ହଜାର ଭୂଜା ଓ ଏକ ହଜାର କଳାଯୁକ୍ତ ଅଟନ୍ତି ଏବଂ ସେ ଏକୋଇଶ ବ୍ରହ୍ମାଣ୍ଡର ପ୍ରଭୁ ଅଟନ୍ତି । ପରବ୍ରହ୍ମ(ଅକ୍ଷର ପୁରୁଷ)ଙ୍କର ଦଶ ହଜାର ଭୁଜା ଓ ଦଶ ହଜାର କଳାଯୁକ୍ତ ଅଟନ୍ତି ଏବଂ ସେ ସାତ ଶଙ୍ଖ ବ୍ରହ୍ମାଣ୍ଡର ପ୍ରଭୁ ଅଟନ୍ତି । ପୂର୍ଣ୍ଣବ୍ରହ୍ମ (ପରମ ଅକ୍ଷରପୁରୁଷ ଅର୍ଥାତ୍ ସତ୍ୟପୁରୁଷ) ଅସଂଖ୍ୟ ଭୂଜା ଓ ଅସଂଖ୍ୟ କଳାଯୁକ୍ତ ଅଟନ୍ତି ତଥା ବ୍ରହ୍ମର ଏକୋଇଶ ବ୍ରହ୍ମାଣ୍ଡ, ପରବ୍ରହ୍ମର ସାତଶଙ୍ଖ ବ୍ରହ୍ମାଣ୍ଡ ସହିତ ଅସଂଖ୍ୟ ବ୍ରହ୍ମାଣ୍ଡର ସେ ପ୍ରଭୁ ଅଟନ୍ତି । ସମସ୍ତ ପ୍ରଭୁ ନିଜର ସମସ୍ତ ଭୂଜାକୁ ଲୁଚାଇ କେବଳ ଦୁଇଟି ହସ୍ତ ରଖିପାରନ୍ତି ଏବଂ ନିଜ ଇଚ୍ଛାନୁସାରେ ସମସ୍ତ ହସ୍ତକୁ ପ୍ରକଟ ମଧ୍ୟ କରିପାରନ୍ତି । ପୂର୍ଣ୍ଣ ପରମାତ୍ମା, ପରବ୍ରହ୍ମର ପ୍ରତ୍ୟେକ ବ୍ରହ୍ମାଣ୍ଡରେ ଭିନ୍ନ ସ୍ଥାନ ନିର୍ମାଣ କରି ଅନ୍ୟ ରୂପରେ ଗୁପ୍ତ ଭାବେ ରହିଥାନ୍ତି । ଯେପରି ବାହାରେ ଏକ ଘୂର୍ଣ୍ଣ୍ୟମାନ କ୍ୟାମେରା ଲଗାଯାଇ ଭିତରେ ଟି.ଭି. (ଟେଲିଭିଜନ) ଚାଲୁକରିବା ଦ୍ୱାରା ବାହାରର ସମସ୍ତ ଦୃଶ୍ୟ ଟି.ଭି.ରେ ଦୃଶ୍ୟମାନ ହୋଇଥାଏ ତଥା ଅନ୍ୟ ଏକ ଟି.ଭି. ବାହାରେ ରଖି ଭିତରେ ଏକ କ୍ୟାମେରା ସ୍ଥାୟୀ ରୂପେ ଲଗାଇବା ଦ୍ୱାରା ସେଥିରେ କେବଳ ଭିତରେ ବସିଥିବା ପ୍ରବନ୍ଧକଙ୍କ ଚିତ୍ର ଦୃଶ୍ୟମାନ ହୋଇଥାଏ, ଯାହାଦ୍ୱାରା ସମସ୍ତ କର୍ମଚାରୀ ସାବଧାନ ରହିଥାନ୍ତି ।

ଏହି ପ୍ରକାରେ ପୂର୍ଣ୍ଣ ପରମାତ୍ମା ନିଜ ସତ୍‌ଲୋକରେ ବସି ସମସ୍ତଙ୍କୁ ନିୟନ୍ତ୍ରିତ କରିଥାନ୍ତି ତଥା ପ୍ରତ୍ୟେକ ବ୍ରହ୍ମାଣ୍ଡରେ ମଧ୍ୟ ସଦଗୁରୁ କବିର୍ଦେବ ବିଦ୍ୟମାନ ରୁହନ୍ତି ଯେପରି ସୂର୍ଯ୍ୟ ଦୂରରେ ରହି ମଧ୍ୟ

ଅନ୍ୟ ଲୋକଗୁଡିକ ଉପରେ ନିଜର ପ୍ରଭାବ ବିସ୍ତାର କରିଥାନ୍ତି ।

## ''ପବିତ୍ର ଅଥର୍ବ ବେଦରେ୍ ସୃଷ୍ଟି ର୍‌ଚନାର୍ ପ୍ରମାଣ''

କାଣ୍ଡ ନଂ ୪ ଅନୁବାକ ନଂ ୧ ମନ୍ତ୍ର ନଂ ୧ :-

ବ୍ରହ୍ମ ଯଜ୍ଞାନଂ ପ୍ରଥମଂ ପୁରସ୍ତାଦ୍ ବି ସୀମତଃ ସୁରୁଚୋ ବେନ ଆବଃ ।

ସଃ ବୁଧ୍ନ୍ୟା ଉପମା ଅସ୍ୟ ବିଷ୍ଠାଃ ସତଶ୍ଚ ଯୋନିମସତଶ୍ଚ ବି ବଃ ॥ ୧ ॥

ବ୍ରହ୍ମ-ଜ-ଜ୍ଞାନମ୍-ପ୍ରଥମମ୍ - ପୁରସ୍ତାତ୍ -ବିସିମତଃ-ସୁରୁଚଃ-ବେନଃ-ଆବଃ-ସଃ-ବୁଧ୍ନ୍ୟାଃ-ଉପମା-ଅସ୍ୟ-ବିଷ୍ଠାଃ-ସତଃ-ଚ-ଯୋନିମ୍ -ଅସତଃ-ଚ-ବି ବଃ ।

ଅନୁବାଦ:- (ପ୍ରଥମମ୍) ପ୍ରାଚୀନ ଅର୍ଥାତ୍ ସନାତନ (ବ୍ରହ୍ମ) ପରମାତ୍ମା (ଜ) ପ୍ରକଟ ହୋଇ (ଜ୍ଞାନମ୍) ନିଜ ବିଚାର ବଳରେ(ପୁରସ୍ତାତ୍) ଶିଖରରେ ଅର୍ଥାତ୍ ସତ୍ୟଲୋକ ଆଦିକୁ (ସୁରୁଚଃ) ସ୍ୱଇଚ୍ଛାରେ ପ୍ରବଳ ଆଗ୍ରହର ସହିତ ସ୍ୱପ୍ରକାଶିତ (ବିସିମତଃ) ସୀମା ରହିତ ଅର୍ଥାତ୍ ବିଶାଳ ଆୟତନର ଭିନ୍ନ ଲୋକଗୁଡିକୁ ରଚନା କଲେ । ସେହି (ବେନଃ) ବୁଣାକାର ସିଲେଇ କରି ଅର୍ଥାତ୍ କପଡା ଭଳି ବୁଣି (ଆବଃ) ସୁରକ୍ଷିତ କଲେ (ଚ) ତଥା (ସଃ) ସେହି ପୂର୍ଣ୍ଣବ୍ରହ୍ମ ହିଁ ସମସ୍ତ ରଚନା କଲେ (ଅସ୍ୟ) ଏଥିପାଇଁ ସେହି (ବୁଧ୍ନ୍ୟାଃ) ମୂଳ ମାଲିକ (ଯୋନିମ୍) ମୂଳସ୍ଥାନ ସତ୍ୟଲୋକର ରଚନା କରିଛନ୍ତି (ଅସ୍ୟ) ଏହାର (ଉପମା) ସଦୃଶ ଅର୍ଥାତ୍ ସାମଞ୍ଜସ୍ୟ ଥିବା (ସତଃ) ଅକ୍ଷର ପୁରୁଷ ଅର୍ଥାତ୍ ପରବ୍ରହ୍ମଙ୍କ ଲୋକ ଯାହା କିଛି ସ୍ଥାୟୀ (ଚ) ତଥା (ଅସତଃ) କ୍ଷରପୁରୁଷଙ୍କ ଅସ୍ଥାୟୀ ଲୋକ ଆଦି (ବି ବଃ) ଭିନ୍ନ ବସତି (ବିଷ୍ଠାଃ) ସ୍ଥାପନା କଲେ ।

ଭାବାର୍ଥ :- ପବିତ୍ର ବେଦ ଜ୍ଞାନଦାତା ବ୍ରହ୍ମ(କାଳ) କହୁଛନ୍ତି ଯେ ସନାତନ ପରମେଶ୍ୱର ସ୍ୱୟଂ ଅନାମୟ(ଅନାମୀ) ଲୋକରୁ ଆସି ସତ୍ୟଲୋକରେ ପ୍ରକଟ ହୋଇ ନିଜ ବିଚାରରେ କପଡା ବୁଣିବା ପରି ସୃଷ୍ଟି ରଚନା କରି ଉପରେ ଥିବା ସତ୍ୟଲୋକ ଆଦିକୁ ସୀମାବିହୀନ, ସ୍ୱପ୍ରକାଶିତ, ଅଜର-ଅମର ଅର୍ଥାତ୍ ଅବିନାଶୀ କଲେ ଏବଂ ତଳେ ପରବ୍ରହ୍ମଙ୍କ ସାତଶଙ୍ଖ ବ୍ରହ୍ମାଣ୍ଡ ତଥା ବ୍ରହ୍ମଙ୍କ ଏକୋଇଶ ବ୍ରହ୍ମାଣ୍ଡ ଓ ଏଥିରେ ଥିବା କ୍ଷୁଦ୍ରରୁ ଅତିକ୍ଷୁଦ୍ର ରଚନା ମଧ୍ୟ ସେହି ପରମାତ୍ମା ଅସ୍ଥାୟୀ (ବିନାଶୀ) କଲେ ।

କାଣ୍ଡ ନଂ ୪ ଅନୁବାଦ ନଂ ୧ ମନ୍ତ୍ର ନଂ ୨ :-

ଇୟଂ ପିତ୍ର୍ୟା ରାଷ୍ଟ୍ର୍ୟେତ୍ୱଗ୍ରେ ପ୍ରଥମାୟ ଜନୁଷେ ଭୁବନେଷ୍ଠାଃ ।

ତସ୍ମା ଏତଂ ସୁରୁଚଂ ହ୍ୱାରମହ୍ୟଂ ଧର୍ମଂ ଶ୍ରୀଣନ୍ତୁ ପ୍ରଥମାୟ ଧାସ୍ୟୱେ ॥୨॥

ଇୟମ୍ - ପିତ୍ର୍ୟା - ରାଷ୍ଟ୍ରି-ଏତୁ - ଅଗ୍ରେ- ପ୍ରଥମାୟ - ଜନୁଷେ - ଭୁବନେଷ୍ଠାଃ-ତସ୍ମା - ଏତମ୍ - ସୁରୁଚମ୍ - ହୱାରମହ୍ୟମ୍ -ଧର୍ମମ୍ - ଶ୍ରୀଣାନ୍ତୁ - ପ୍ରଥମାୟ-ଧାସ୍ୟବେ ।

ଅନୁବାଦ:- (ଇୟମ୍) ଏହି (ପିତ୍ର୍ୟା) ଜଗତପିତା ପରମେଶ୍ୱର (ଏତୁ) ଏହି (ଅଗ୍ରେ) ସର୍ବୋତ୍ତମ (ପ୍ରଥମାୟ) ସର୍ବ ପ୍ରଥମ ମାୟା ପରାନନ୍ଦନୀ (ରାଷ୍ଟ୍ରି) ରାଜେଶ୍ୱରୀ ଶକ୍ତି ଅର୍ଥାତ୍ ପରାଶକ୍ତି ଯାହାଙ୍କୁ ଆକର୍ଷଣ ଶକ୍ତି ମଧ୍ୟ କୁହାଯାଏ, ଙ୍କୁ (ଜନୁଷେ) ଉତ୍ପନ୍ନ କରି (ଭୂବନେଷ୍ଠାଃ) ଲୋକ ସ୍ଥାପନା କଲେ (ତସ୍ମା) ସେହି ପରମେଶ୍ୱର (ସୁରୁଚମ୍) ପ୍ରବଳ ଆଗ୍ରହର ସହିତ ସ୍ୱଇଚ୍ଛାରେ (ଏତମ୍) ଏହି (ପ୍ରଥମାୟ) ପ୍ରଥମ ଉତ୍ପତ୍ତି ଶକ୍ତି ଅର୍ଥାତ୍ ପରାଶକ୍ତିଙ୍କ ଦ୍ୱାରା (ହ୍ୱାରମହ୍ୟମ୍) ପରସ୍ପର ବିୟୋଗକୁ ଅଟକାଇବା ଅର୍ଥାତ୍ ଆକର୍ଷଣ ଶକ୍ତିର (ଶ୍ରୀଣାନ୍ତୁ) ଗୁରୁତ୍ୱ ଆକର୍ଷଣକୁ ପରମାତ୍ମା ଆଦେଶ ଦେଲେ ଚିରକାଳ ରୁହ ସେହି କଦାପି ସମାପ୍ତ ହେଉ ନ ଥିବା (ଧର୍ମମ୍) ସ୍ୱଭାବରେ (ଧାସ୍ୟବେ) ଧାରଣ କରି ସିଲାଇ କଲେ ଅର୍ଥାତ୍ କପଡା ଭଳି ବୁଣି ଅଟକାଇ ରଖିଛନ୍ତି ।

ଭାବାର୍ଥ :- ଜଗତପିତା ପରମେଶ୍ୱର ନିଜ ଶବ୍ଦଶକ୍ତି ଦ୍ୱାରା ରାଷ୍ଟ୍ରୀ ଅର୍ଥାତ୍ ସର୍ବପ୍ରଥମ ମାୟା ରାଜେଶ୍ୱରୀଙ୍କୁ ଉତ୍ପନ୍ନ କଲେ ତଥା ସେହି ପରାଶକ୍ତି ଦ୍ୱାରା ଗୋଟିଏ ଅନ୍ୟଟିକୁ ଆକର୍ଷଣ ଶକ୍ତି ମାଧ୍ୟମରେ ଧରି ରଖିପାରୁଥିବା, କଦାପି ସମାପ୍ତ ହେଉନଥିବା ଗୁଣଦ୍ୱାରା ଉପରୋକ୍ତ ସମସ୍ତ ବ୍ରହ୍ମାଣ୍ଡକୁ ସ୍ଥାପନ

କରିଛନ୍ତି ।

କାଣ୍ଡ ନଂ ୪ ଅନୁବାଦ ନଂ ୧ ମନ୍ତ୍ର ନଂ ୩ :-

ପ୍ର ଯୋ ଜଜ୍ଞେ ବିଦ୍ୱାନସ୍ୟ ବନ୍ଧୁର୍ବିଶ୍ୱା ଦେବାନାଂ ଜନିମା ବିବକ୍ତି ।

ବ୍ରହ୍ମ ବ୍ରହ୍ମଣ ଉଜ୍ଜଭାର ମଧ୍ୟାନ୍ନୀଚୈରୁଚୈଃ ସ୍ୱଧା ଅଭି ପ୍ର ତସ୍ଥୌ ।।୩।।

ପ୍ର-ଯଃ-ଜଜ୍ଞେ-ବିଦ୍ୱାନସ୍ୟ-ବନ୍ଧୁଃ-ବିଶ୍ୱା-ଦେବାନାମ୍-ଜନିମା-ବିବକ୍ତି-ବ୍ରହ୍ମଃ-ବ୍ରହ୍ମଣଃ-ଉଜ୍ଜଭାର-ମଧ୍ୟାତ୍-ନିଚୈଃ-ଉଚୈଃ-ସ୍ୱଧା-ଅଭିଃ-ପ୍ରତସ୍ଥୌ ।

ଅନୁବାଦ:- (ପ୍ର) ସର୍ବପ୍ରଥମେ (ଦେବାନାମ୍) ଦେବତାମାନଙ୍କର ଓ ବ୍ରହ୍ମାଣ୍ଡଗୁଡିକର (ଜଜ୍ଞେ) ଉତ୍ପତ୍ତିର ଜ୍ଞାନକୁ (ବିଦ୍ୱାନସ୍ୟ) ଜିଜ୍ଞାସୁ ଭକ୍ତର (ଯଃ) ଯେଉଁ (ବନ୍ଧୁଃ) ବାସ୍ତବିକ ସାଥୀ ଅର୍ଥାତ୍ ପୂର୍ଣ୍ଣ ପରମାତ୍ମା ହିଁ ନିଜ ସେବକଙ୍କୁ (ଜନିମା) ନିଜଦ୍ୱାରା କରାଯାଇଥିବା ସୃଷ୍ଟିକୁ (ବିବକ୍ତି) ସ୍ୱୟଂ ଠିକ୍ ଠିକ୍ ବିସ୍ତାରପୂର୍ବକ କହିଥାନ୍ତି ଯେ (ବ୍ରହ୍ମଣଃ) ପୂର୍ଣ୍ଣ ପରମାତ୍ମା (ମଧ୍ୟାତ୍) ନିଜ ମଧ୍ୟରୁ ଅର୍ଥାତ୍ ଶବ୍ଦଶକ୍ତି ଦ୍ୱାରା (ବ୍ରହ୍ମଃ) ବ୍ରହ୍ମ-କ୍ଷରପୁରୁଷ ଅର୍ଥାତ୍ କାଳକୁ (ଉଜ୍ଜଭାର) ଉତ୍ପନ୍ନ କରି (ବିଶ୍ୱା) ସାରା ସଂସାରକୁ ଅର୍ଥାତ୍ ସମସ୍ତ ଲୋକକୁ (ଉଚୈଃ) ଉପରେ ଥିବା ସତ୍ୟଲୋକ ଆଦି (ନିଚୈଃ) ତଳେ ପରବ୍ରହ୍ମ ଓ ବ୍ରହ୍ମଙ୍କ ସର୍ବ ବ୍ରହ୍ମାଣ୍ଡ (ସ୍ୱଧା) ନିଜେ ଧାରଣ କରିଥିବା (ଅଭିଃ) ଆକର୍ଷଣ ଶକ୍ତିଦ୍ୱାରା (ପ୍ରତସ୍ଥୌ) ଦ୍ୱୟକୁ ଉତ୍ତମ ଭାବେ ସ୍ଥାପନ କଲେ ।

ଭାବାର୍ଥ:- ପୂର୍ଣ୍ଣ ପରମାତ୍ମା ନିଜେ ରଚିଥିବା ସୃଷ୍ଟିର ଜ୍ଞାନ ତଥା ସମସ୍ତ ଆତ୍ମାମାନଙ୍କର ଉତ୍ପତ୍ତିର ଜ୍ଞାନ ନିଜ ପ୍ରିୟ ଦାସଙ୍କୁ ସ୍ୱୟଂ ହିଁ ଠିକ୍ ଭାବରେ କହିଥାନ୍ତି ଯେ ପୂର୍ଣ୍ଣ ପରମାତ୍ମା ନିଜ ଶରୀର ମଧ୍ୟରୁ ଶବ୍ଦଶକ୍ତି ଦ୍ୱାରା ବ୍ରହ୍ମ (କ୍ଷର ପୁରୁଷ/କାଳ)ର ଉତ୍ପତ୍ତି ତଥା ସମସ୍ତ ବ୍ରହ୍ମାଣ୍ଡ ଉପରେ ଥିବା ସତ୍ୟଲୋକ, ଅଲଖଲୋକ, ଅଗମ ଲୋକ ଓ ଅନାମୀ ଲୋକ ଆଦି ତଥା ତଳେ ପରବ୍ରହ୍ମଙ୍କ ସାତଶଙ୍ଖ ବ୍ରହ୍ମାଣ୍ଡ ଓ ବ୍ରହ୍ମଙ୍କ ଏକୋଇଶ ବ୍ରହ୍ମାଣ୍ଡକୁ ନିଜେ ଧାରଣ କରିଥିବା ଆକର୍ଷଣ ଶକ୍ତି ଦ୍ୱାରା ସ୍ଥାପନା କରି ଅଟକାଇ ରଖିଛନ୍ତି ।

ଯେପରି ପୂର୍ଣ୍ଣ ପରମାତ୍ମା କବୀର ପରମେଶ୍ୱର (କବିର୍ଦେବ) ନିଜର ଅତି ପ୍ରିୟ ସେବକ ଅର୍ଥାତ୍ ସଖା ଶ୍ରୀ ଧର୍ମଦାସଜୀ ଓ ଆଦରଣୀୟ ଗରୀବ ଦାସଜୀ ଆଦିଙ୍କୁ ନିଜେ ରଚିଥିବା ସୃଷ୍ଟିର ଜ୍ଞାନ ସ୍ୱୟଂ କହିଛନ୍ତି । ଉପରୋକ୍ତ ବେଦମନ୍ତ୍ର ମଧ୍ୟ ଏହାର ସମର୍ଥନ କରୁଅଛି ।

କାଣ୍ଡ ନଂ ୪ ଅନୁବାକ ନଂ ୧ ମନ୍ତ୍ର ନଂ ୪:-

ସଃ ହି ଦିବଃ ସଃ ପୃଥିବ୍ୟା ଋତସ୍ଥା ମହୀ କ୍ଷେମଂ ରୋଦସୀ ଅସ୍କଭାୟତ୍ ।

ମହାନ୍ ମହୀ ଅସ୍କଭାୟଦ୍ ବି ଜାତୋ ଦ୍ୟାଂ ସଦ୍ମ ପାର୍ଥିବଂ ଚ ରଜଃ ।।୪।।

ସଃ-ହି-ଦିବଃ-ସଃ-ପୃଥିବ୍ୟା-ଋତସ୍ଥା-ମହୀ-କ୍ଷେମମ୍-ରୋଦସି-ଅସ୍କଭାୟତ୍-ମହାନ୍-ମହୀ-ଅସ୍କଭାୟତ୍-ବିଜାତଃ-ଧାମ୍-ସଦମ୍-ପାର୍ଥିବମ୍-ଚ-ରଜଃ

ଅନୁବାଦ:- (ସଃ) ସେହି ସର୍ବଶକ୍ତିମାନ ପରମାତ୍ମା (ହି) ନିଃସନ୍ଦେହ (ଦିବଃ) ଉପରେ ଥିବା ଚାରି ଦିବ୍ୟଲୋକ ଯେପରି ସତ୍ୟଲୋକ, ଅଲଖଲୋକ, ଅଗମଲୋକ ଓ ଅନାମୀଲୋକ ଅର୍ଥାତ୍ ଅକହଲୋକ ଅର୍ଥାତ୍ ଦିବ୍ୟ ଗୁଣଯୁକ୍ତ ଲୋକଗୁଡିକୁ (ଋତସ୍ଥା) ସତ୍ୟ ସ୍ଥିର ଅର୍ଥାତ୍ ଅଜର-ଅମର ରୂପେ ସ୍ଥିର କଲେ (ସ) ସେହିଭଳି (ପୃଥିବ୍ୟା) ତଳେ ଥିବା ପୃଥିବୀ ଭଳି ସମସ୍ତ ଲୋକ ଯେପରି ପରବ୍ରହ୍ମଙ୍କ ସାତଶଙ୍ଖ ତଥା ବ୍ରହ୍ମ/କାଳଙ୍କ ଏକୋଇଶ ବ୍ରହ୍ମାଣ୍ଡ (ମହୀ) ପୃଥ୍ୱୀ ତତ୍ତ୍ୱ ଦ୍ୱାରା (କ୍ଷେମମ୍) ସୁରକ୍ଷା ସହିତ (ଅସ୍କଭାୟତ୍) ସ୍ଥାପନ କଲେ (ରୋଦସୀ) ଆକାଶ ତତ୍ତ୍ୱ ଓ ପୃଥ୍ୱୀ ତତ୍ତ୍ୱ ଦ୍ୱୟର ତଳ ଓ ଉପର ବ୍ରହ୍ମାଣ୍ଡଗୁଡିକୁ {ଯେପରି ଆକାଶ ଏକ ସୂକ୍ଷ୍ମ ତତ୍ତ୍ୱ ଓ ଶବ୍ଦ ଆକାଶର ଗୁଣ ଅଟେ, ପୂର୍ଣ୍ଣ ପରମାତ୍ମା ଉପର ଲୋକଗୁଡିକୁ ଶବ୍ଦ ରୂପରେ ରଚିଲେ, ଯାହା ତେଜପୁଞ୍ଜରେ ତିଆରି ତଥା ତଳେ ଥିବା ପରବ୍ରହ୍ମ (ଅକ୍ଷର ପୁରୁଷ)ଙ୍କ ସାତଶଙ୍ଖ ବ୍ରହ୍ମାଣ୍ଡ ତଥା ବ୍ରହ୍ମ/କ୍ଷରପୁରୁଷଙ୍କ ଏକୋଇଶ ବ୍ରହ୍ମାଣ୍ଡଗୁଡିକୁ ପୃଥିବୀ ତତ୍ତ୍ୱରେ ଅସ୍ଥାୟୀ ରଚନା କଲେ}

(ମହାନ୍) ପୂର୍ଣ୍ଣ ପରମାତ୍ମା (ପାର୍ଥିବମ୍) ପୃଥ୍ଵୀ ଭଳି (ବି) ଭିନ୍ନ ଭିନ୍ନ (ଧାମ୍) ଲୋକ (ଚ) ଏବଂ (ସଦମ୍) ଆବାସ ସ୍ଥାନ (ମହୀ) ପୃଥ୍ଵୀ ତତ୍ତ୍ୱରେ (ରଜଃ) ପ୍ରତ୍ୟେକ ବ୍ରହ୍ମାଣ୍ଡରେ ଛୋଟ-ଛୋଟ ଲୋକଗୁଡ଼ିକର (ଜାତଃ) ରଚନା କରି (ଅସ୍କଭାୟତ୍) ସ୍ଥିର କଲେ ।

ଭାବାର୍ଥ:- ଉପରେ ଥିବା ଚାରିଲୋକ ସତ୍ୟଲୋକ, ଅଲଖ ଲୋକ, ଅଗମ ଲୋକ, ଅନାମୀ ଲୋକ ଆଦିକୁ ଅଜର-ଅମର ସ୍ଥାୟୀ ଅର୍ଥାତ୍ ଅବିନାଶୀ ରୂପେ ରଚନା କରିଛନ୍ତି ଏବଂ ତଳେ ଥିବା ବ୍ରହ୍ମ ଓ ପରବ୍ରହ୍ମଙ୍କ ଲୋକକୁ ଅସ୍ଥାୟୀ ରୂପେ ରଚନା କରିବା ସହିତ ଅନ୍ୟ ଛୋଟ-ଛୋଟ ଲୋକଗୁଡ଼ିକୁ ମଧ୍ୟ ସେହି ପରମେଶ୍ୱର ରଚନା କରି ସ୍ଥିର କରିଛନ୍ତି ।

କାଣ୍ଡ ନଂ ୪ ଅନୁବାକ ନଂ ୧ ମନ୍ତ୍ର ନଂ ୫

ସଃ ବୁଧ୍ନ୍ୟାଦାଷ୍ଟ୍ର ଜନୁଷୋଽଭ୍ୟଗ୍ରଂ ବୃହସ୍ପତିର୍ଦେବତା ତସ୍ୟ ସମ୍ରାଟ୍ ।
ଅହର୍ଯ୍ୟଚ୍ଛୁକ୍ରଂ ଜ୍ୟୋତିଷୋ ଜନିଷ୍ଟାଥ ଦ୍ୟୁମନ୍ତୋ ବି ବସନ୍ତୁ ବିପ୍ରାଃ ॥୫॥

ସ-ବୁଧ୍ନ୍ୟାତ୍-ଆଷ୍ଟ୍ର-ଜନୁଷେଃ-ଅଭି-ଅଗ୍ରମ୍-ବୃହସ୍ପତିଃ-ଦେବତା-ତସ୍ୟ-ସମ୍ରାଟ-ଅହଃ -ଯତ୍-ଶୁକ୍ରମ୍-ଜ୍ୟୋତିଷଃ-ଜନିଷ୍ଟ-ଅଥ-ଦ୍ୟୁମନ୍ତଃ-ବି-ବସନ୍ତୁ-ବିପ୍ରାଃ ।

ଅନୁବାଦ:-(ସଃ) ସେହି (ବୁଧ୍ନ୍ୟାତ୍) ମୂଳ ମାଲିକଙ୍କଠାରୁ (ଅଭି-ଅଗ୍ରମ୍) ସର୍ବ ପ୍ରଥମ ସ୍ଥାନରେ (ଆଷ୍ଟ୍ର) ଅଷ୍ଟଙ୍ଗୀ ମାୟା-ଦୁର୍ଗା ଅର୍ଥାତ୍ ପ୍ରକୃତି ଦେବୀ (ଜନୁଷେଃ) ଉତ୍ପନ୍ନ ହେଲେ କାରଣ ତଳେ ଥିବା ପରବ୍ରହ୍ମ ଓ ବ୍ରହ୍ମଙ୍କ ଲୋକର ପ୍ରଥମ ସ୍ଥାନ ସତ୍‌ଲୋକ ଅଟେ ଏହାକୁ ତୃତୀୟ ଧାମ ମଧ୍ୟ କୁହାଯାଏ (ତସ୍ୟ) ଏହି ଦୁର୍ଗାଙ୍କର ମଧ୍ୟ ମାଲିକ ଏହି (ସମ୍ରାଟ) ରାଜାଧିରାଜ (ବୃହସ୍ପତିଃ) ସବୁଠାରୁ ବଡ ପତି ଓ ଜଗତଗୁରୁ (ଦେବତା) ପରମେଶ୍ୱର ଅଟନ୍ତି । (ଯତ୍) ଯାହାଙ୍କଠାରୁ (ଅହଃ) ସମସ୍ତଙ୍କର ବିୟୋଗ ହୋଇଛି (ଅଥ) ଏହାପରେ (ଜ୍ୟୋତିଷଃ) ଜ୍ୟୋତି ରୂପ ନିରଞ୍ଜନ ଅର୍ଥାତ୍ କାଳଙ୍କ (ଶୁକ୍ରମ୍) ବୀର୍ଯ୍ୟ ଅର୍ଥାତ୍ ବୀଜ ଶକ୍ତିରୁ (ଜନିଷ୍ଟ) ଦୁର୍ଗାଙ୍କ ଉଦରରୁ ଉତ୍ପନ୍ନ ହୋଇ (ବିପ୍ରାଃ) ଭକ୍ତ ଆତ୍ମାମାନେ (ବି) ସ୍ୱତନ୍ତ୍ର ଭାବେ (ଦ୍ୟୁମନ୍ତଃ) ମନୁଷ୍ୟ ଲୋକ ତଥା ସ୍ୱର୍ଗ ଲୋକରେ ଜ୍ୟୋତି ନିରଞ୍ଜନର ଆଦେଶ ଅନୁସାର ଦୁର୍ଗା କହିଲେ (ବସନ୍ତୁ) ନିବାସ କର, ଅର୍ଥାତ୍ ସେମାନେ ନିବାସ କରିବାକୁ ଲାଗିଲେ ।

ଭାବାର୍ଥ:- ପୂର୍ଣ୍ଣ ପରମାତ୍ମା ଉପରିସ୍ଥ ଚାରିଲୋକ ମଧ୍ୟରୁ ଯାହା ତଳୁ ସର୍ବ ପ୍ରଥମ ଅର୍ଥାତ୍ ସତ୍ୟଲୋକରେ ଆଷ୍ଟ୍ରା ଅର୍ଥାତ୍ ଅଷ୍ଟାଙ୍ଗୀ (ପ୍ରକୃତୀ ଦେବୀ/ଦୁର୍ଗା)ଙ୍କୁ ଉତ୍ପତ୍ତି କଲେ । ଏହି ରାଜାଧିରାଜ, ଜଗତଗୁରୁ, ପୂର୍ଣ୍ଣ ପରମେଶ୍ୱର(ସତ୍ୟପୁରୁଷ) ଅଟନ୍ତି, ଯାହାଙ୍କ ଠାରୁ ସମସ୍ତଙ୍କର ବିୟୋଗ ହୋଇଛି । ପୁଣି ସମସ୍ତ ପ୍ରାଣୀ ଜ୍ୟୋତି ନିରଞ୍ଜନ(କାଳ) ଙ୍କ (ବୀର୍ଯ୍ୟ) ବୀଜ ଦ୍ୱାରା ଦୁର୍ଗା (ଆଷ୍ଟ୍ରା)ଙ୍କ ଗର୍ଭରେ ଉତ୍ପନ୍ନ ହୋଇ ସ୍ୱର୍ଗଲୋକ ଓ ପୃଥିବୀ ଲୋକରେ ନିବାସ କରିବାକୁ ଲାଗିଲେ ।

କାଣ୍ଡ ନଂ ୪ ଅନୁବାକ ନଂ ୧ ମନ୍ତ୍ର ନଂ ୬

ନୂନଂ ତଦସ୍ୟ କାବ୍ୟୋ ହିନୋତି ମହୋ ଦେବସ୍ୟ ପୂର୍ବସ୍ୟ ଧାମ ।
ଏଷ ଯଜ୍ଞେ ବହୁଭିଃ ସାକମିଥ୍ୟା ପୂର୍ବେ ଅର୍ଧେ ବିଷିତେ ସସନ୍ ନୁ ॥୬॥

ନୂନଂ-ତତ୍-ଅସ୍ୟ-କାବ୍ୟଃ-ମହଃ-ଦେବସ୍ୟ-ପୂର୍ବସ୍ୟ-ଧାମ-ହୋନୋତି-ପୂର୍ବେ-ବିଷିତେ-ଏଷ-ଯଜ୍ଞେ-ବହୁଭିଃ-ସାକମ୍-ଇଥ୍ୟା-ଅର୍ଧେ-ସସନ୍-ନୁ ।

ଅନୁବାଦ -(ନୂନମ୍)ନିଃସନ୍ଦେହ (ତତ୍) ସେହି ପୂର୍ଣ୍ଣ ପରମେଶ୍ୱର ଅର୍ଥାତ୍ ତତ୍‌ବ୍ରହ୍ମ ହିଁ (ଅସ୍ୟ) ଏହି (କାବ୍ୟ) ଭକ୍ତ ଆତ୍ମା ଯିଏ ପୂର୍ଣ୍ଣ ପରମେଶ୍ୱରଙ୍କର ଭକ୍ତି ବିଧିବତ କରିଥାଏ ତାକୁ ପୁନର୍ବାର (ମହଃ) ସର୍ବ ଶକ୍ତିମାନ (ଦେବସ୍ୟ) ପରମେଶ୍ୱରଙ୍କ (ପୂର୍ବସ୍ୟ) ପ୍ରଥମ (ଧାମ) ଲୋକ ଅର୍ଥାତ୍ ସତ୍ୟଲୋକକୁ (ହିନୋତି) ପ୍ରେରଣ କରିଥାନ୍ତି ।

(ପୂର୍ବେ) ପୂର୍ବର (ବିଷିତେ) ବିଶେଷ ପ୍ରେମୀ ଭକ୍ତ (ଏଷ) ଏହି ପରମେଶ୍ୱରଙ୍କୁ ଓ (ଯଜ୍ଞେ) ସୃଷ୍ଟି

ଉପସ୍ଥିର ଜ୍ଞାନକୁ ଜାଣି (ବହୁଭିଃ) ଅତ୍ୟନ୍ତ ଆନନ୍ଦ(ସାକମ୍)ର ସହିତ (ଅର୍ଦ୍ଧେ) ଅଧା (ସସନ୍) ଶୋଇ (ଇଚ୍ଛ୍ୟା) ବିଧିବତ୍ ଏହି ପ୍ରକାରେ (ନୁ) ଅନ୍ତର ଆତ୍ମାରେ/ହୃଦୟ ସହକାରେ ସ୍ତୁତି କରିଥାଏ ।

ଭାବାର୍ଥ:- ସେହି ପୂର୍ଣ୍ଣ ପରମେଶ୍ୱର ସତ୍ୟ ସାଧନା କରୁଥିବା ସାଧକଙ୍କୁ ସର୍ବପ୍ରଥମ ସ୍ଥାନ(ସତ୍ୟଲୋକ)କୁ ନେଇଯାନ୍ତି, ଯେଉଁଠାରୁ ସେ ଅଲଗା ହୋଇ ଆସିଥିଲେ । ସେଠାରେ ସେହି ବାସ୍ତବିକ ସୁଖଦାୟୀ ପ୍ରଭୁଙ୍କୁ ପ୍ରାପ୍ତ କରି ଖୁସିରେ ଆତ୍ମବିଭୋର ହୋଇ, ଆନନ୍ଦରେ ସ୍ତୁତି କରି କହିଥାଏ ଯେ ହେ ପରମାତ୍ମା ! ଅସଂଖ୍ୟ ଜନ୍ମର ପଥଭ୍ରଷ୍ଟ ଆତ୍ମାକୁ ବାସ୍ତବିକ ଠିକଣା ମିଳିଗଲା ଏହାର ପ୍ରମାଣ ପବିତ୍ର ଋଗ୍‌ବେଦ ମଣ୍ଡଳ ୧୦ ସୁକ୍ତ ୯୦ ମନ୍ତ୍ର ୧୬ ରେ ମଧ୍ୟ ଅଛି ।

ଏହି ପ୍ରକାରେ ସ୍ୱୟଂ ପୂର୍ଣ୍ଣ ପରମାତ୍ମା କବିର୍ଦ୍ଦେବ(କବୀର ପରମେଶ୍ୱର) ଆଦରଣୀୟ ଗରୀବ ଦାସଜୀଙ୍କୁ ସତ୍ୟଭକ୍ତି ପ୍ରଦାନ କରି ସତ୍ୟଲୋକକୁ ନେଇଯାଇଥିଲେ, ଆଦରଣୀୟ ଗରୀବ ଦାସଜୀ ମାହାରାଜ ସ୍ୱଚକ୍ଷୁରେ ଦେଖିଥିବା ଦୃଶ୍ୟ ବିଷୟରେ ଏହା କହୁଛନ୍ତି ଯେ :-

ଗରୀବ, ଅଜବ୍ ନଗର ମେଁ ଲେ ଗୟେ, ହମକୁଁ ସତଗୁରୁ ଆନ ।
ଝିଲ୍‌କେ ବିମ୍ୱ ଅଗାଧ ଗତି, ସୁତେ ଚାଦର ତାନ ॥

କାଣ୍ଡ ନଂ୪ ଅନୁବାକ ନଂ୧ ମନ୍ତ୍ର ନଂ ୭

ୟୋଽଥର୍ବାଣଂ ପିତ୍ତରଂ ଦେବବନ୍ଧୁଂ ବୃହସ୍ପତିଂ ନମସାବ ଚ ଗଚ୍ଛାତ୍ ।
ତ୍ୱଂ ବିଶ୍ୱେଷାଂ ଜନିତା ଯଥାସଃ କବିର୍ଦ୍ଦେବୋ ନ ଦଭାୟତ୍ ସ୍ୱଧାବାନ୍ ।।୭।।

ଯଃ -ଅଥର୍ବାଣମ୍ - ପିତ୍ତରମ୍ -ଦେବବନ୍ଧୁମ୍-ବୃହସ୍ପତିମ୍ - ନମସା-ଅବ-ଚ-ଗଚ୍ଛାତ୍-ତ୍ୱମ୍-ବିଶ୍ୱେଷାମ୍-ଜନିତା-ଯଥା-ସଃ-କବିର୍ଦ୍ଦେବଃ-ନ-ଦଭାୟତ୍-ସ୍ୱଧାବାନ୍ ।

ଅନୁବାଦ:- (ଯଃ) ଯିଏ (ଅଥର୍ବାଣମ୍) ଅଚଳ ଅର୍ଥାତ୍ ଅବିନାଶୀ (ପିତ୍ତରମ୍) ଜଗତପିତା (ଦେବବନ୍ଧୁମ୍) ଭକ୍ତମାନଙ୍କର ବାସ୍ତବିକ ସାଥି ଅର୍ଥାତ୍ ଆତ୍ମାର ଆଧାର (ବୃହସ୍ପତିମ୍) ଜଗତଗୁରୁ (ଚ) ତଥା (ନମସା) ବିନମ୍ର ପୂଜାରୀ ଅର୍ଥାତ୍ ବିଧିବତ ସାଧକଙ୍କୁ (ଅବ) ସୁରକ୍ଷାର ସହିତ (ଗଚ୍ଛାତ୍) ସତ୍ୟଲୋକକୁ ଯାଇଥିବା ଅର୍ଥାତ୍ ଯାହାର ପୂର୍ଣ୍ଣମୋକ୍ଷ ହୋଇସାରିଛି, ଯେଉଁମାନେ ସତଲୋକକୁ ଯାଇସାରିଛନ୍ତି, ସେମାନଙ୍କୁ ସତ୍ୟଲୋକ ନେଇ ଯାଉଥିବା (ବିଶ୍ୱେଷାମ୍) ସମସ୍ତ ବ୍ରହ୍ମାଣ୍ଡର (ଜନିତା) ରଚନା କରିଥିବା, ଜଗଦମ୍ବା ଅର୍ଥାତ୍ ମାତା ଗୁଣଯୁକ୍ତ (ନ ଦଭାୟତ୍) କାଳ ଭଳି ଧୋକା ଦେଉ ନ ଥିବା (ସ୍ୱଧାବାନ୍) ସ୍ୱଭାବ ଅର୍ଥାତ୍ ବହୁ ଗୁଣଯୁକ୍ତ (ଯଥା) ଯଥାବତ୍ ଅର୍ଥାତ୍ ସେହିଭଳି (ସଃ) ସେ ହେଉଛନ୍ତି (ତ୍ୱମ୍) ଆପଣ (କବିର୍ଦ୍ଦେବଃ/କବିର୍‌ଦେବଃ) କବିର୍ଦ୍ଦେବ ଅଟନ୍ତି ଅର୍ଥାତ୍ ଅନ୍ୟ ଭାଷାରେ ତାଙ୍କୁ କବୀର ପରମେଶ୍ୱର ମଧ୍ୟ କୁହାଯାଏ ।

ଭାବାର୍ଥ :- ଏହି ମନ୍ତ୍ରରେ ଏହା ମଧ୍ୟ ସ୍ପଷ୍ଟ ହେଲା ଯେ ସେହି ପରମେଶ୍ୱରଙ୍କର ନାମ କବିର୍ଦ୍ଦେବ୍ ଅର୍ଥାତ୍ କବୀର ପରମେଶ୍ୱର ଯିଏ ସମସ୍ତ ସୃଷ୍ଟିର ରଚନା କରିଛନ୍ତି ।

ଯେଉଁ ପରମେଶ୍ୱର ଅଚଳ ଅର୍ଥାତ୍ ବାସ୍ତବରେ ଅବିନାଶୀ (ଗୀତା ଅଧ୍ୟାୟ ୧୫ ଶ୍ଳୋକ ୧୬-୧୭ରେ ମଧ୍ୟ ପ୍ରମାଣ ଅଛି) ଜଗତଗୁରୁ, ଆତ୍ମାର ଆଧାର, ଯିଏ ପୂର୍ଣ୍ଣ ମୁକ୍ତ ହୋଇ ସତ୍ୟଲୋକ ଯାଇଛନ୍ତି, ସେମାନଙ୍କୁ ସତ୍ୟଲୋକ ନେଇ ଯାଉଥିବା, ସର୍ବ ବ୍ରହ୍ମାଣ୍ଡର ରଚୟିତା, କାଳ(ବ୍ରହ୍ମ)ଙ୍କ ଭଳି ଧୋକା ଦେଉ ନ ଥିବା, ଯଥାବତ ସେ ହିଁ ସ୍ୱୟଂ କବିର୍ଦ୍ଦେବ ଅର୍ଥାତ୍ କବୀର ପ୍ରଭୂ ଅଟନ୍ତି । ଏହି ପରମେଶ୍ୱର ସର୍ବ ବ୍ରହ୍ମାଣ୍ଡ ଓ ପ୍ରାଣୀମାନଙ୍କୁ ନିଜ ଶବ୍ଦ ଶକ୍ତିରେ ଉତ୍ପନ୍ନ କରିଥିବା କାରଣରୁ (ଜନିତା) ତାଙ୍କୁ ମାତା ବୋଲି ମଧ୍ୟ ସମ୍ବୋଧନ କରାଯାଏ ତଥା (ପିତ୍ତରମ୍) ପିତା ତଥା (ବନ୍ଧୁ) ଭାଇ ବାସ୍ତବରେ ସେ ହିଁ ଅଟନ୍ତି ତଥା (ଦେବ) ସେ ହିଁ ପରମେଶ୍ୱର ଅଟନ୍ତି । ଏଥିପାଇଁ କବିର୍ଦ୍ଦେବ (କବୀର ପରମେଶ୍ୱର)ଙ୍କର ସ୍ତୁତି ଏହିଭଳି କରାଯାଇଥାଏ "ତ୍ୱମେବ ମାତା ଚ ପିତା ତ୍ୱମେବ ତ୍ୱମେବ ବନ୍ଧୁ ଚ




ଉପରକୁ ମୂଳ ଏବଂ ତଳକୁ ଶାଖା ଓ ପତ୍ରଯୁକ୍ତ ଓଲଟା ଭାବରେ ଥିବା ସଂସାର ରୂପୀ ବୃକ୍ଷର ଚିତ୍ର

ସଖା ତ୍ୱମେବ, ତ୍ୱମେବ ବିଦ୍ୟା ଚ ଦ୍ରବିଣମ୍ ତ୍ୱମେବ, ତ୍ୱମେବ ସର୍ବଂ ମମ ଦେବ ଦେବ" । ଏହି ପରମେଶ୍ୱରଙ୍କ ମହିମାର ବିସ୍ତୃତ ବିବରଣୀ ପବିତ୍ର ଋଗ୍‌ବେଦ ମଣ୍ଡଳ ନଂ ୧ ସୁକ୍ତ ୨୪ରେ ଅଛି ।

## "ପବିତ୍ର ଋଗ୍‌ବେଦରେ ସୃଷ୍ଟି ରଚନାର ପ୍ରମାଣ"

ମଣ୍ଡଳ ନଂ୧୦ ସୂକ୍ତ୯୦ ମନ୍ତ୍ର ୧

ସହସ୍ରଶୀର୍ଷା ପୁରୁଷଃ ସହସ୍ରାକ୍ଷଃ ସହସ୍ରପାତ୍ ।
ସ ଭୂମିଂ ବିଶ୍ୱତୋଂ ବୃତ୍ୱାତ୍ୟତିଷ୍ଠଦ୍ଦଶାଙ୍ଗୁଳମ୍ ॥୧॥

ସହସ୍ରଶିର୍ଷା-ପୁରୁଷଃ-ସହସ୍ରାକ୍ଷଃ-ସହସ୍ରପାତ୍-ସ -ଭୂମିମ୍- ବିଶ୍ୱତଃ -ବୃତ୍ୱା- ଅତ୍ୟାତିଷ୍ଠତ୍ -ଦଶଂଗୁଳମ୍ ।

ଅନୁବାଦ :- (ପୁରୁଷଃ) ବିରାଟ ରୂପ କାଳ ଭଗବାନ ଅର୍ଥାତ୍ କ୍ଷରପୁରୁଷ (ସହସ୍ରଶିର୍ଷା) ଏକ ହଜାର ମସ୍ତକଯୁକ୍ତ (ସହସ୍ରାକ୍ଷଃ) ଏକ ହଜାର ଚକ୍ଷୁଯୁକ୍ତ (ସହସ୍ରାପାତ) ଏକ ହଜାର ଚରଣଯୁକ୍ତ (ସ) ସେହି କାଳ (ଭୂମିମ୍) ପୃଥ୍ୱୀ ଭଳି ଏକୋଇଶଟି ବ୍ରହ୍ମାଣ୍ଡକୁ (ବିଶ୍ୱତଃ) ଚତୁଃପାର୍ଶ୍ୱରୁ (ଦଶଂଗୁଳମ୍) ଦଶ ଆଙ୍ଗୁଠି ସାହାଯ୍ୟରେ ଅର୍ଥାତ୍ ପୂର୍ଣ୍ଣ ରୂପରେ କାବୁ କରି (ବୃତ୍ୱା) ଗୋଲାକାର ପରିଧି ମଧ୍ୟରେ ଆବଦ୍ଧ କରି (ଅତ୍ୟତିଷ୍ଠତ୍) ଏହାଠାରୁ ଶ୍ରେଷ୍ଠ ଅର୍ଥାତ୍ ନିଜ କାଳ ଲୋକରେ ସବୁଠାରୁ ଭିନ୍ନ ଏକୋଇଶ ବ୍ରହ୍ମାଣ୍ଡରେ ଅବସ୍ଥାନ କଲେ ଅର୍ଥାତ୍ ସେଠାରେ ରୁହନ୍ତି ।

ଭାବାର୍ଥ:-ଏହି ମନ୍ତ୍ରରେ ବିରାଟ (କାଳ/ବ୍ରହ୍ମ) ବିଷୟରେ ବର୍ଣ୍ଣନା କରାଯାଇଛି । (ଗୀତା ଅଧ୍ୟାୟ ୧୦-୧୧ରେ ମଧ୍ୟ କାଳ ବ୍ରହ୍ମଙ୍କର ଏହିପରି ବର୍ଣ୍ଣନ ଅଛି । ଅଧ୍ୟାୟ ୧୧ ମନ୍ତ୍ର ନଂ ୪୬ରେ ଅର୍ଜୁନ କହିଛନ୍ତି, ହେ ସହସ୍ରବାହୁ ଅର୍ଥାତ୍ ହଜାର ଭୁଜାଧାରୀ ଆପଣ ନିଜର ସେହି ଚତୁର୍ଭୁଜ ରୂପରେ ଦର୍ଶନ ଦିଅନ୍ତୁ ।)

ଯାହାଙ୍କର ଏକହଜାର ହାତ, ଗୋଡ ଓ ଏକହଜାର ଆଖି, କାନ ଆଦି ଅଛି ସେହି ବିରାଟ ରୂପଧାରୀ କାଳପ୍ରଭୁ ନିଜ ଅଧୀନରେ ସମସ୍ତ ପ୍ରାଣୀଙ୍କୁ ପୂର୍ଣ୍ଣ ରୂପେ କାବୁ କରି ଅର୍ଥାତ୍ ୨୦ଟି ବ୍ରହ୍ମାଣ୍ଡକୁ ଗୋଲାକାର ପରିଧି ମଧ୍ୟରେ ଆବଦ୍ଧ କରି ସ୍ୱୟଂ ଏସମସ୍ତ ଉର୍ଦ୍ଧରେ ଥିବା (ଅଲଗା) ଏକୋଇଶତମ ବ୍ରହ୍ମାଣ୍ଡରେ ବସିଛନ୍ତି ।

ଋଗ୍‌ବେଦ ମଣ୍ଡଳ ୧୦ ସୁକ୍ତ ୯୦ ମନ୍ତ୍ର ୨

ପୁରୁଷ ଏବେଦଂ ସର୍ବଂ ଯଦ୍‌ଭୂତଂ ଯଚ୍ଚ ଭାବ୍ୟମ୍ ।
ଉତାମୃତତ୍ୱସ୍ୟେଶାନୋ ଯଦନ୍ନେନାତିରୋହତି ॥୨॥

ପୁରୁଷ-ଏବ-ଇଦମ୍-ସର୍ବମ୍-ଯତ୍-ଭୂତମ୍-ଯତ୍-ଚ-ଭାବ୍ୟମ୍-ଉତ୍-ଅମୃତତ୍ୱସ୍ୟ-ଈଶାନଃ-ଯତ୍-ଅନ୍ନେନ-ଅତିରୋହତି ।

ଅନୁବାଦ :- (ଏବ) ଏହିପରି ଆଂଶିକରୂପେ ସତ୍ୟ (ପୁରୁଷ) ଭଗବାନ ହେଉଛନ୍ତି ଅକ୍ଷର ପୁରୁଷ ଅର୍ଥାତ୍ ପରବ୍ରହ୍ମ (ଚ) ଏବଂ (ଇଦମ୍) ଏହି (ଯତ୍) ଯିଏ (ଭୂତମ୍) ଉତ୍ପନ୍ନ ହୋଇଛନ୍ତି (ଯତ୍) ଯିଏ (ଭାବ୍ୟମ୍) ଭବିଷ୍ୟତରେ ହେବେ (ସର୍ବମ୍) ସମସ୍ତ (ଯତ୍) ପ୍ରୟାସ ଅର୍ଥାତ୍ ପରିଶ୍ରମ ଦ୍ୱାରା (ଅନ୍ନେନ) ଅନ୍ନରୁ (ଅତିରୋହତି) ବିକଶିତ ହୋଇଥାଏ । ଏହି ଅକ୍ଷର ପୁରୁଷ ମଧ୍ୟ (ଉତ) ସନ୍ଦେହଯୁକ୍ତ (ଅମୃତତ୍ୱସ୍ୟ) ମୋକ୍ଷର (ଇଶାନଃ) ସ୍ୱାମୀ ଅଟନ୍ତି ଅର୍ଥାତ୍ ଭଗବାନ ରୂପେ ଅକ୍ଷର ପୁରୁଷ ମଧ୍ୟ ଆଂଶିକ ଯୋଗ୍ୟ ଅଟନ୍ତି, ପରନ୍ତୁ ପୂର୍ଣ୍ଣ ମୋକ୍ଷଦାୟକ ନୁହଁନ୍ତି ।

ଭାବାର୍ଥ :- ଏହି ମନ୍ତ୍ରରେ ପରବ୍ରହ୍ମ (ଅକ୍ଷରପୁରୁଷ)ଙ୍କ ବିବରଣୀ ଦିଆଯାଇଛି ଯିଏ କିଛି ମାତ୍ରାରେ ଭଗବାନଙ୍କ ଭଳି ଲକ୍ଷଣଯୁକ୍ତ ଅଟନ୍ତି, ପରନ୍ତୁ ତାଙ୍କ ଭକ୍ତିରେ ମଧ୍ୟ ପୂର୍ଣ୍ଣମୋକ୍ଷ ହୁଏ ନାହିଁ । ଏଥିପାଇଁ ତାଙ୍କୁ ସନ୍ଦେହଯୁକ୍ତ ମୁକ୍ତିଦାତା ଓ ଆଂଶିକରୂପେ ପ୍ରଭୁ ଗୁଣଯୁକ୍ତ କୁହାଯାଇଛି । କାରଣ କାଳ ଭଗବାନଙ୍କ ଭଳି ପରବ୍ରହ୍ମ ଜୀବମାନଙ୍କୁ ତପ୍ତଶିଳାରେ ଭାଜି ଖାଆନ୍ତି ନାହିଁ । କିନ୍ତୁ ଏହି ପରବ୍ରହ୍ମ ଲୋକର ପ୍ରାଣୀମାନଙ୍କୁ

ପରିଶ୍ରମ କରି କର୍ମ ଆଧାରରେ ହିଁ ଫଳ ପ୍ରାପ୍ତି ହୋଇଥାଏ ତଥା ସମସ୍ତ ପ୍ରାଣୀଙ୍କର ଶରୀର ଅନ୍ନରୁ ହିଁ ବିକଶିତ ହୋଇଥାଏ । ଜନ୍ମ-ମୃତ୍ୟୁର ଅବଧି ଯଦିଓ କାଳ(କ୍ଷରପୁରୁଷ) ଲୋକଠାରୁ ଅଧିକ ପରନ୍ତୁ ଉତ୍ପତ୍ତି, ପ୍ରଳୟ ଓ ଚୌରାଶୀ ଲକ୍ଷ ଯୋନିର କଷ୍ଟଭୋଗ ସେଠାରେ ମଧ୍ୟ ଅଛି ।

ମଣ୍ଡଳ ୧୦ ସୁକ୍ତ ୯୦ ମନ୍ତ୍ର ୩

ଏତାବାନସ୍ୟ ମହିମାତୋ ଜ୍ୟାୟାଁଶ୍ଚ ପୁରୁଷଃ ।
ପାଦୋଽସ୍ୟ ବିଶ୍ୱା ଭୂତାନି ତ୍ରିପାଦସ୍ୟାମୃତଂ ଦିବି ।।୩।।

ଏତାବାନ୍-ଅସ୍ୟ-ମହିମାଂ-ଅତଃ-ଜ୍ୟାୟାନ୍-ଚ-ପୁରୁଷଃ-ପାଦଃ-ଅସ୍ୟ-ବିଶ୍ୱା-ଭୂତାନି-ତ୍ରି-ପାଦ୍-ଅସ୍ୟ -ଅମୃତମ୍-ଦିବି ।

ଅନୁବାଦ :- (ଅସ୍ୟ) ଏହି ଅକ୍ଷର ପୁରୁଷ ଅର୍ଥାତ୍ ପରବ୍ରହ୍ମଙ୍କର କେବଳ (ଏତାବାନ) ଏତିକି ମାତ୍ର (ମହିମା) ପ୍ରଭୂତା ଅଛି । (ଚ) ଏବଂ (ପୁରୁଷଃ) ସେହି ପରମ ଅକ୍ଷର ବ୍ରହ୍ମ ଅର୍ଥାତ ପୂର୍ଣ୍ଣବ୍ରହ୍ମ ପରମେଶ୍ୱର ତ (ଅତଃ) ଏହାଙ୍କଠାରୁ ମଧ (ବ୍ୟାୟାମ୍) ଶ୍ରେଷ୍ଠ ଅଟନ୍ତି (ବିଶ୍ୱା) ସମସ୍ତ (ଭୂତାନି) କ୍ଷରପୁରୁଷ, ଅକ୍ଷର ପୁରୁଷ ଓ ସତ୍ୟଲୋକ ତଥା ଏହି ଲୋକଗୁଡିକରେ ଥିବା ସମସ୍ତ ପ୍ରାଣୀ (ଅସ୍ୟ) ଏହି ପୂର୍ଣ୍ଣ ପରମାତ୍ମା ପରମ ଅକ୍ଷରପୁରୁଷଙ୍କ (ପାଦଃ) ଗୋଟିଏ ପାଦ ଅର୍ଥାତ୍ ଏକ ଅଂଶ ମାତ୍ର ଅଟେ । (ଅସ୍ୟ) ଏହି ପରମେଶ୍ୱରଙ୍କ (ତ୍ରି) ତିନି (ଦିବି) ଦିବ୍ୟଲୋକ ଯଥା ସତ୍ୟଲୋକ-ଅଲଖ ଲୋକ-ଅଗମ ଲୋକ (ଅମୃତମ୍) ଅବିନାଶୀ (ପାଦ୍) ଦ୍ୱିତୀୟ ପାଦ ଅଟେ ଅର୍ଥାତ୍ ସର୍ବ ବ୍ରହ୍ମାଣ୍ଡରେ ଯାହା ବି ଉତ୍ପନ୍ନ ହୋଇଛି, ତାହା ସେହି ସତ୍ୟପୁରୁଷ ପୂର୍ଣ୍ଣ ପରମାତ୍ମାଙ୍କର ଅଂଶ ବା ଅଙ୍ଗ ଅଟେ ।

ଭାବାର୍ଥ :- ଉପରୋକ୍ତ ମନ୍ତ୍ର ୨ରେ ବର୍ଣ୍ଣିତ ଅକ୍ଷର ପୁରୁଷ (ପରବ୍ରହ୍ମ)ଙ୍କର କେବଳ ଏତିକି ମାତ୍ର ମହିମା ରହିଛି । କିନ୍ତୁ ସେହି ପୂର୍ଣ୍ଣପୁରୁଷ କବିର୍ଦେବ ତାଙ୍କଠାରୁ ବି ବଡ ଅଟନ୍ତି ଅର୍ଥାତ୍ ସର୍ବଶକ୍ତିମାନ୍ ଅଟନ୍ତି ତଥା ସର୍ବବ୍ରହ୍ମାଣ୍ଡ ତାଙ୍କର କିଞ୍ଚିତ ଅଂଶ ଉପରେ ଅବସ୍ଥିତ । ଏହି ମନ୍ତ୍ରରେ କେବଳ ତିନିଲୋକର ବର୍ଣ୍ଣନା କରାଯାଇଛି କାରଣ ଚତୁର୍ଥ ଅନାମୀ (ଅନାମୟ) ଲୋକର ରଚନା ଅନ୍ୟ ଲୋକଗୁଡିକ ପୂର୍ବରୁ ହୋଇଛି । ଏହି ତିନିପ୍ରଭୁ (କ୍ଷରପୁରୁଷ-ଅକ୍ଷର ପୁରୁଷ ତଥା ଏହି ଦୁହିଁଙ୍କଠାରୁ ଭିନ୍ନ ପରମ ଅକ୍ଷର ପୁରୁଷ)ଙ୍କ ବିବରଣୀ ଶ୍ରୀମଦ ଭଗବତ ଗୀତା ଅଧ୍ୟାୟ ୧୫ ଶ୍ଳୋକ ନଂ ୧୬-୧୭ରେ ଅଛି (ଏହାର ପ୍ରମାଣ କରିବାକୁ ଯାଇ ଆଦରଣୀୟ ଗରୀବ ଦାସ ସାହେବଜୀ କହିଛନ୍ତି ଯେ :-

ଗରୀବ, ଜାକେ ଅର୍ଦ୍ଧ ରୂମ ପର ସକଲ ପସାରା, ଐସା ପୂର୍ଣ୍ଣବ୍ରହ୍ମ ହମାରା ।
ଗରୀବ, ଅନନ୍ତ କୋଟି ବ୍ରହ୍ମାଣ୍ଡ କା, ଏକ ରତି ନହୀଁ ଭାର ।
ସତଗୁରୁ ପୁରୁଷ କବୀର ହୈଁ, କୁଲକେ ସୃଜନହାର ।।

ଏହାର ପ୍ରମାଣ ଦେବାକୁ ଯାଇ ଆଦରଣୀୟ ଦାଦୁ ସାହେବଜୀ କହିଛନ୍ତି ଯେ :-

ଜିନ ମୋକୁଁ ନିଜ ନାମ ଦିୟା, ସୋଇ ସତଗୁରୁ ହମାର ।
ଦାଦୁ ଦୁସରା କୋଏ ନହୀଁ, କବୀର ସୃଜନହାର ।।

ଏହାର ପ୍ରମାଣ ଆଦରଣୀୟ ନାନକ ସାହେବଜୀ ଦେଇଛନ୍ତି ଯେ :-

ଯକ ଅର୍ଜ ଗୁଫତମ ପେଶ ତୋ ଦର କୁନ କରତାର ।
ହକକା କବୀର କରୀମ ତୁ, ବେଏବ ପରବରଦିଗାର ।।

(ଶ୍ରୀ ଗୁରୁଗ୍ରନ୍ଥ ସାହେବ, ପୃଷ୍ଠା ନଂ ୭୨୧, ମହଲା ୧, ରାଗ ତିଲଙ୍ଗ)

କୁନ କରତାରର ଅର୍ଥ ହେଲା ସମସ୍ତଙ୍କର ରଚୟିତା, ଅର୍ଥାତ୍ ଶବ୍ଦଶକ୍ତିରେ ରଚନା କରିଥିବା ଶବ୍ଦସ୍ୱରୂପୀ ପ୍ରଭୁ, ହକ୍‌କା କବୀରର ଅର୍ଥ ସତ କବୀର, କରୀମ୍‌ର ଅର୍ଥ ଦୟାଳୁ, ପରବରଦିଗାରର ଅର୍ଥ ହେଲା ପରମାତ୍ମା)

ମଣ୍ଡଳ ୧୦ ସୁକ୍ତ ୯୦ ମନ୍ତ୍ର ୪

ତ୍ରିପାଦୂର୍ଧ୍ୱ ଉଦୈତ୍ପୁରୂଷଃ ପାଦୋଽସ୍ୟେହାଭବତ୍ପୁନଃ ।

ତତୋ ବିଷ୍ୱ ଙ୍‌ବ୍ୟକ୍ରାମତ୍ସାଶନାନଶନେ ଅଭି ।।୪।।

ତ୍ରି-ପାଦ-ଉର୍ଦ୍ଧ୍ୱଃ-ଉଦୈତ୍-ପୁରୁଷଃ-ପାଦଃ-ଅସ୍ୟ-ଇହ-ଅଭବତ୍-ପୁନଃ-ତତଃ- ବିଶ୍ୱଙ୍-ବ୍ୟକ୍ରାମତ୍-ସଃ-ଅଶନାନଶନେ-ଅଭି ।

ଅନୁବାଦ :- (ପୁରୁଷଃ) ଏହି ପରମ ଅକ୍ଷର ବ୍ରହ୍ମ ଅର୍ଥାତ୍ ଅବିନାଶୀ ପରମାତ୍ମା (ଉର୍ଦ୍ଧ୍ୱଃ) ଉପରେ ଥିବା (ତ୍ରି) ତିନିଲୋକ ଯେପରି ସତ୍ୟଲୋକ-ଅଲଖଲୋକ-ଅଗମଲୋକ ରୂପୀ (ପାଦ) ଗୋଡ ଅର୍ଥାତ୍ ଉପର ଅଂଶରେ (ଉଦୈତ୍) ପ୍ରକଟ ହୁଅନ୍ତି ଅର୍ଥାତ୍ ବିରାଜମାନ ଅଟନ୍ତି (ଅସ୍ୟ) ଏହି ପରମେଶ୍ୱର ପୂର୍ଣ୍ଣବ୍ରହ୍ମଙ୍କର (ପାଦଃ) ଗୋଟିଏ ଗୋଡ ଅର୍ଥାତ୍ ଏକ ଅଂଶ ଜଗତ ରୂପ (ପୁନର୍) ପୁଣି (ଇହ) ଏଠାରେ (ଅଭବତ୍) ପ୍ରକଟ ହୋଇଥାନ୍ତି (ତତଃ) ଏଥିପାଇଁ (ସଃ) ସେହି ଅବିନାଶୀ ପୂର୍ଣ୍ଣ ପରମାତ୍ମା (ଅଶନାନଶନେ) ଖାଉଥିବା କାଳ ଅର୍ଥାତ୍ କ୍ଷରପୁରୁଷ ଓ ନ ଖାଉଥିବା ପରବ୍ରହ୍ମ ଅର୍ଥାତ୍ ଅକ୍ଷର ପୁରୁଷଙ୍କଠାରୁ ମଧ୍ୟ (ଅଭି) ଉପରେ (ବିଶ୍ୱଙ୍) ସର୍ବତ୍ର (ବ୍ୟକ୍ରାମତ୍) ବ୍ୟାପ୍ତ ଅର୍ଥାତ୍ ତାଙ୍କ ପ୍ରଭୁତା ସର୍ବ ବ୍ରହ୍ମାଣ୍ଡ ଓ ସର୍ବ ପ୍ରଭୁମାନଙ୍କ ଉପରେ ଅଛି ଏବଂ ସେ ସମସ୍ତଙ୍କର ମାଲିକ ଅଟନ୍ତି । ଯିଏ ନିଜ ଶକ୍ତିକୁ ସମସ୍ତଙ୍କ ଉପରେ ବିସ୍ତାରିତ କରିଛନ୍ତି ।

ଭାବାର୍ଥ:- ଏହି ସର୍ବ ସୃଷ୍ଟିର ରଚୟିତା ପ୍ରଭୁ ନିଜ ରଚନାର ଉପର ଅଂଶରେ ସତ୍ୟଲୋକ, ଅଲଖ ଲୋକ, ଅଗମ ଲୋକ ଆଦି  ତିନି ସ୍ଥାନରେ ତିନୋଟି ରୂପରେ ସ୍ୱୟଂ ପ୍ରକଟ ହୁଅନ୍ତି ଅର୍ଥାତ୍ ସ୍ୱୟଂ ବିରାଜମାନ ଅଟନ୍ତି । ଏଠାରେ ଅନାମୀ ଲୋକର ବର୍ଣ୍ଣନା କରା ନ ଯିବାର କାରଣ ଅନାମୀ ଲୋକରେ କୌଣସି ରଚନା କରାଯାଇ ନାହିଁ ଏବଂ ଅକହ (ଅନାମୟ) ଲୋକ ଶେଷ ରଚନାର ପୂର୍ବର ଅଟେ । ପୁଣି କୁହାଯାଇଛି ଯେ ସେହି ପରମାତ୍ମାଙ୍କ ସତଲୋକରୁ ବିଛିନ୍ନ ହୋଇ ତଳର ବ୍ରହ୍ମ ଓ ପରବ୍ରହ୍ମଙ୍କ ଲୋକର ଉତ୍ପନ୍ନ ହୋଇଛି ଏବଂ ସେହି ପୂର୍ଣ୍ଣ ପରମାତ୍ମା, ଖାଉଥିବା ବ୍ରହ୍ମ ଅର୍ଥାତ୍ କାଳ (ବ୍ରହ୍ମ/କାଳ ବହୁତ ବଡ ଅଭିଶାପ ପାଇଥିବା କାରଣରୁ ପ୍ରତିଦିନ ଏକଲକ୍ଷ ମାନବ ଶରୀରଧାରୀ ପ୍ରାଣୀଙ୍କୁ ଖାଇଥାନ୍ତି) ତଥା ଖାଉନଥିବା ପରବ୍ରହ୍ମ ଅର୍ଥାତ୍ ଅକ୍ଷର ପୁରୁଷଙ୍କଠାରୁ (ପରବ୍ରହ୍ମ, ପ୍ରାଣୀମାନଙ୍କୁ ଖାଆନ୍ତି ନାହିଁ, ପରନ୍ତୁ ଜନ୍ମ-ମୃତ୍ୟୁ ଓ କର୍ମଦଣ୍ଡ ଆଦିରେ ବାନ୍ଧି ରଖିଥାନ୍ତି) ଉର୍ଦ୍ଧରେ ସର୍ବବ୍ୟାପକ ଅଟନ୍ତି । ଅର୍ଥାତ୍ ଏହି ପୂର୍ଣ୍ଣ ପରମାତ୍ମାଙ୍କ ପ୍ରଭୁତା ସମସ୍ତଙ୍କ ଉପରେ ଅଛି ଅର୍ଥାତ୍ କବୀର ପରମେଶ୍ୱର ହିଁ ସମସ୍ତଙ୍କର ପ୍ରଭୁ ଅଟନ୍ତି । ଯିଏ ନିଜ ଶକ୍ତିକୁ ସମସ୍ତଙ୍କ ଉପରେ ବିସ୍ତାରିତ କରି ରଖିଛନ୍ତି । ଯେପରି ସୂର୍ଯ୍ୟ ନିଜ ପ୍ରକାଶକୁ ସମସ୍ତଙ୍କ ଉପରେ ବିକିରିତ କରି ପ୍ରଭାବିତ କରିଥାନ୍ତି । ଏହିପରି ପୂର୍ଣ୍ଣ ପରମାତ୍ମା ସମସ୍ତ ବ୍ରହ୍ମାଣ୍ଡର ନିୟନ୍ତ୍ରଣ ପାଇଁ ନିଜ ଶକ୍ତିରୂପୀ ରେଂଜ୍ (କ୍ଷମତା)କୁ ବିସ୍ତାରିତ କରିଛନ୍ତି ଯେପରି ମୋବାଇଲ ଫୋନ୍‌ର ଟାୱାର ଏକଦେଶୀୟ ହୋଇ ମଧ୍ୟ ସର୍ବଦା ନିଜ ଶକ୍ତି ଅର୍ଥାତ୍ ମୋବାଇଲ୍ ଫୋନର ରେଂଜ୍ (କ୍ଷମତା)କୁ ସର୍ବତ୍ର ବିସ୍ତାରିତ କରିଥାଏ । ଏହି ପ୍ରକାରେ ପୂର୍ଣ୍ଣ ପ୍ରଭୁ ନିଜର ନିରାକାର ଶକ୍ତିକୁ ସର୍ବବ୍ୟାପକ କରିଛନ୍ତି, ଯଦ୍ଦ୍ୱାରା ପୂର୍ଣ୍ଣ ପରମାତ୍ମା ସର୍ବ ବ୍ରହ୍ମାଣ୍ଡକୁ ଗୋଟିଏ ସ୍ଥାନରେ ବସି ନିୟନ୍ତ୍ରଣ କରିଥାନ୍ତି ।

ଆଦରଣୀୟ ଗରୀବ ଦାସଜୀ ମହାରାଜ ଏହାର ପ୍ରମାଣ ଦେଇ କହୁଛନ୍ତି ଯେ (ଅମୃତବାଣୀ ରାଗ କଲ୍ୟାଣ) ।

ତୀନ ଚରଣ ଚିନ୍ତାମଣୀ ସାହେବ, ଶେଷ ବଦନ ପର ଛାଏ ।
ମାତା, ପିତା, କୁଲ ନ ବନ୍ଧୁ, ନା କିନ୍ହେ ଜନନୀ ଜାଏ ।।

**ମଣ୍ଡଳ ୧୦ ସୁକ୍ତ ୯୦ ମନ୍ତ୍ର ୫**

ତସ୍ମାଦ୍ୱିରାଳଜାୟତ ବିରାଜୋ ଅଧି ପୂରୂଷଃ ।
ସ ଜାତୋ ଅତ୍ୟରିଚ୍ୟତ ପଶ୍ଚାଦ୍‌ଭୂମିମଥୋ ପୁରଃ ।। ୫ ।।

ତସ୍ମାତ୍ - ବିରାଟ୍ - ଅଜାୟତ-ବିରାଜଃ-ଅଧି-ପୁରୁଷଃ-ସ-ଜାତଃ-ଅତ୍ୟରିଚ୍ୟତ-ପଶ୍ଚାତ୍-ଭୂମିମ୍ -

ଅଥଃ-ପୁରଃ ।

ଅନୁବାଦ :- (ତସ୍ମାତ୍) ତତ୍‌ପଶ୍ଚାତ ସେହି ପରମେଶ୍ୱର ସତ୍ୟ ପୁରୁଷଙ୍କ ଶବ୍ଦଶକ୍ତିରୁ (ବିରାଟ୍) ବିରାଟ ଅର୍ଥାତ୍ ବ୍ରହ୍ମ, ଯାହାଙ୍କୁ କ୍ଷରପୁରୁଷ ବା କାଳ ମଧ୍ୟ କୁହାଯାଏ (ଅଜାୟତ) ଉତ୍ପନ୍ନ ହୋଇଛନ୍ତି (ପଶ୍ଚାତ୍) ଏହାପରେ (ବିରାଜଃ) ବିରାଟ ପୁରୁଷ ଅର୍ଥାତ୍ କାଳ ଭଗବାନଙ୍କଠାରୁ (ଅଧି) ବଡ଼ (ପୁରୁଷଃ) ପରମେଶ୍ୱର (ଭୂମିମ୍) ପୃଥିବୀ ଲୋକ, କାଳ ବ୍ରହ୍ମ ତଥା ପରବ୍ରହ୍ମଙ୍କ ଲୋକକୁ (ଅତ୍ୟରିଚ୍ୟତ) ଭଲ ଭାବରେ ରଚନା କଲେ (ଅଥଃ) ପୁଣି (ପୁରଃ) ଅନ୍ୟ ଛୋଟ ଛୋଟ ଲୋକ(ସ) ସେହି ପୂର୍ଣ୍ଣ ପରମେଶ୍ୱର ହିଁ (ଜାତଃ) ଉତ୍ପନ୍ନ କଲେ ଅର୍ଥାତ୍ ସ୍ଥାପିତ କଲେ ।

ଭାବାର୍ଥ :- ଉପରୋକ୍ତ ମନ୍ତ୍ର ୪ରେ ବର୍ଣ୍ଣିତ ତିନିଲୋକ(ଅଗମ ଲୋକ, ଅଲଖ ଲୋକ, ସତ୍ୟଲୋକ)ର ରଚନା କରିବା ପରେ ପୂର୍ଣ୍ଣ ପରମାତ୍ମା, ବ୍ରହ୍ମ (ଜ୍ୟୋତି ନିରଞ୍ଜନ)ଙ୍କୁ ଉତ୍ପତ୍ତି କଲେ ଅର୍ଥାତ୍ ସେହି ସର୍ବ ଶକ୍ତିମାନ ପରମାତ୍ମା ପୂର୍ଣ୍ଣବ୍ରହ୍ମ କବିର୍ଦେବ (କବୀର ପ୍ରଭୁ)ଙ୍କଠାରୁ ବିରାଟ ଅର୍ଥାତ୍ ବ୍ରହ୍ମ (କାଳ)ଙ୍କର ଉତ୍ପତ୍ତି ହେଲା । ଏହି ପ୍ରମାଣ ଗୀତା ଅଧ୍ୟାୟ ୩ ମନ୍ତ୍ର ୧୫ରେ ଅଛି ଯେ ଅକ୍ଷର ପୁରୁଷ ଅର୍ଥାତ୍ ଅବିନାଶୀ ପ୍ରଭୁଙ୍କ ନିକଟରୁ ବ୍ରହ୍ମ ଉତ୍ପନ୍ନ ହେଲେ, ଏହି ପ୍ରମାଣ ଅଥର୍ବ ବେଦ କାଣ୍ଡ ୪ ଅନୁବାକ ୧ ସୁକ୍ତ ୩ ରେ ଅଛି ଯେ ପୂର୍ଣ୍ଣବ୍ରହ୍ମଙ୍କ ନିକଟରୁ ବ୍ରହ୍ମଙ୍କ ଉତ୍ପତ୍ତି ହେଲା । ସେହି ପୂର୍ଣ୍ଣବ୍ରହ୍ମ (ଭୂମିମ୍) ଭୂମି ଆଦି ଛୋଟ ବଡ ସମସ୍ତ ଲୋକର ରଚନା କଲେ । ସେହି ପୂର୍ଣ୍ଣବ୍ରହ୍ମ ଏହି ବିରାଟ ଭଗବାନ ବ୍ରହ୍ମଙ୍କଠାରୁ ମଧ୍ୟ ବଡ ଅଟନ୍ତି ଅର୍ଥାତ୍ ସେ ବ୍ରହ୍ମଙ୍କର ମଧ୍ୟ ପ୍ରଭୁ ଅଟନ୍ତି ।

ମଣ୍ଡଳ ୧୦ ସୁକ୍ତ ୯୦ ମନ୍ତ୍ର ୧୫

ସପ୍ତାସ୍ୟାସନ୍ପରିଧୟସ୍ତ୍ରିଃ ସପ୍ତ ସମିଧଃ କୃତାଃ ।
ଦେବା ଯଦ୍ୟଜ୍ଞଂ ତନ୍ୱାନା ଅବଧ୍ନନ୍ପୁରୁଷଂ ପଶୁମ୍ ॥୧୫ ॥

ସପ୍ତ-ଅସ୍ୟ-ଆସନ୍-ପରିଧୟଃ-ତ୍ରିସପ୍ତ-ସମିଧଃ-କୃତାଃ-ଦେବା-ଯତ୍-ଯଜ୍ଞମ୍-ତନ୍ୱାନାଃ - ଅବଧ୍ନନ୍-ପୁରୁଷମ୍ - ପଶୁମ୍ ।

ଅନୁବାଦ:- (ସପ୍ତ)ସାତଶଙ୍ଖ ବ୍ରହ୍ମାଣ୍ଡ ପରବ୍ରହ୍ମଙ୍କର ଏବଂ (ତ୍ରିସପ୍ତ) ଏକୋଇଶ ବ୍ରହ୍ମାଣ୍ଡ କାଳ ବ୍ରହ୍ମଙ୍କର (ଶମିଧଃ) କର୍ମଦଣ୍ଡ ଦୁଃଖ ରୂପୀ ଅଗ୍ନିରେ ଦୁଃଖି (କୃତାଃ) କରୁଥିବା (ପରିଧୟଃ) ଗୋଲାକାର ପରିଧି ରୂପୀ ସୀମାରେ (ଆସନ୍) ବିଦ୍ୟମାନ ଅଟେ (ଯତ୍) ଯିଏ (ପୁରୁଷମ୍) ପୂର୍ଣ୍ଣ ପରମାତ୍ମାଙ୍କର (ଯଜ୍ଞମ୍) ବିଧିବତ ଧାର୍ମିକ କର୍ମ ଅର୍ଥାତ୍ ପୂଜା କରନ୍ତି (ପଶୁମ୍) ବଳି ପାଇଁ ଉଦ୍ଦିଷ୍ଟ ପଶୁ ଭଳି କାଳ ଜାଲରେ କର୍ମ ବନ୍ଧନରେ ବାନ୍ଧି ହୋଇଥିବା (ଦେବା) ଭକ୍ତ ଆତ୍ମାମାନଙ୍କୁ (ତନ୍ୱାନାଃ) କାଳ ଦ୍ୱାରା ରଚିତ ଅର୍ଥାତ୍ ବିଛାଯାଇଥିବା ପାପ କର୍ମବନ୍ଧନ ରୂପୀ ଜାଲରୁ (ଅବଧ୍ନନ୍) ବନ୍ଧନ ରହିତ କରନ୍ତି ଅର୍ଥାତ୍ ବନ୍ଦୀ ମୁକ୍ତିଦାତା 'ବନ୍ଦୀଛୋଡ୍' ଅଟନ୍ତି ।

ଭାବାର୍ଥ:- ପରବ୍ରହ୍ମଙ୍କ ସାତଶଙ୍ଖ ବ୍ରହ୍ମାଣ୍ଡ ଓ ବ୍ରହ୍ମଙ୍କ ଏକୋଇଶ ବ୍ରହ୍ମାଣ୍ଡରେ ଗୋଲାକାର ପରିଧି ମଧ୍ୟରେ ବନ୍ଦୀ ହୋଇ ପାପକର୍ମର ଅଗ୍ନୀରେ ଜଳୁଥିବା ପ୍ରାଣୀମାନଙ୍କୁ ବାସ୍ତବିକ ପୂଜାବିଧି ବତାଇ ସଠିକ୍ ଉପାସନା କରାଇଥାନ୍ତି ଯେଉଁ କାରଣରୁ ବଳି ଦେବା ପାଇଁ ଉଦ୍ଦିଷ୍ଟ ପଶୁମାନଙ୍କ ଭଳି ଜନ୍ମ-ମୃତ୍ୟୁ ଚକ୍ରରେ କାଳ (ବ୍ରହ୍ମ) ଭଗବାନଙ୍କ ଭୋଜନ ପାଇଁ ତପ୍ତଶୀଳା କଷ୍ଟରେ ପୀଡିତ ଭକ୍ତାତ୍ମାମାନଙ୍କୁ କାଳ ଦ୍ୱାରା ବିଛାଯାଇଥିବା କର୍ମ ବନ୍ଧନ ରୂପୀ ଜାଲକୁ ନଷ୍ଟକରି ବନ୍ଧନ ରହିତ କରାଇଥାନ୍ତି ଅର୍ଥାତ୍ ବନ୍ଦୀ ମୁକ୍ତଦାତା ବନ୍ଦୀଛୋଡ୍ ଅଟନ୍ତି । ଏହାର ପ୍ରମାଣ ପବିତ୍ର ଯଜୁର୍ବେଦ୍ ଅଧ୍ୟାୟ ୫ ମନ୍ତ୍ର ୩୨ରେ ଅଛି ଯେ କବୀରଂଘାରିସି (କବୀର) କବୀର ପରମେଶ୍ୱର (ଅଂଘ) ପାପର (ଅରି) ଶତ୍ରୁ (ଅସି) ଅଟନ୍ତି ଅର୍ଥାତ୍ କବୀର ପାପ ବିନାଶକ ଅଟନ୍ତି । ବମ୍ଭାରିସି (ବମ୍ଭାରି) ବନ୍ଧନର ଶତ୍ରୁ ଅର୍ଥାତ୍ ବନ୍ଦୀଛୋଡ୍ କବୀର ପରମେଶ୍ୱର (ଅସି) ଅଟନ୍ତି ।

ମଣ୍ଡଳ ୧୦ ସୁକ୍ତ ୯୦ ମନ୍ତ୍ର ୧୬

ଯଜ୍ଞେନ ଯଜ୍ଞମୟଜନ୍ତ ଦେବାସ୍ତାନି ଧର୍ମାଣି ପ୍ରଥମାନ୍ୟାସନ୍ ।

ତେ ହ ନାକଂ ମହିମାନଃ ସଚନ୍ତ ଯତ୍ର ପୂର୍ବେ ସାଧ୍ୟାଃ ସନ୍ତି ଦେବାଃ ।।୧୬।।

ଯଜ୍ଞେନ-ଯଜ୍ଞମ୍ -ଅ- ଯଜନ୍ତ - ଦେବାଃ - ତାନି-ଧର୍ମାଣି-ପ୍ରଥମାନି-ଆସନ୍-ତେ-ହ-ନାକମ୍-ମହିମାନଃ-ସଚନ୍ତ -ଯତ୍ର -ପୂର୍ବେ-ସାଧ୍ୟାଃ-ସନ୍ତିଦେବାଃ ।

ଅନୁବାଦ :- ଯେଉଁ (ଦେବା) ନିର୍ବିକାର ଦେବ ସ୍ୱରୂପ ଭକ୍ତାତ୍ମାଗଣ (ଅଯଜ୍ଞମ୍) ଅସମ୍ପୂର୍ଣ୍ଣ ଭୂଲ ଧାର୍ମିକ ପୂଜା ସ୍ଥାନରେ (ଯଜ୍ଞେନ) ଧାର୍ମିକ କର୍ମ ଆଧାରରେ ସତ୍ୟଭକ୍ତି (ଅଯଜନ୍ତ) ପୂଜା କରିଥାନ୍ତି (ତାନି) ସେମାନେ (ଧର୍ମାଣି) ଧାର୍ମିକ ଶକ୍ତି ସମ୍ପନ୍ନ (ପ୍ରଥମାନି) ମୁଖ୍ୟ ଅର୍ଥାତ୍ ଉତ୍ତମ (ଆସନ୍) ଅଟନ୍ତି (ତେ ହ) ସେହିମାନେ ହିଁ ବାସ୍ତବରେ (ମହିମାନଃ) ମହାନ୍ ଭକ୍ତି ଶକ୍ତିଯୁକ୍ତ ହୋଇ (ସାଧ୍ୟାଃ) ସଫଳ ଭକ୍ତଜନ (ନାକମ୍) ପୂର୍ଣ୍ଣ ସୁଖଦାୟକ ପରମେଶ୍ୱରଙ୍କୁ (ସଚନ୍ତ) ଭକ୍ତି ନିମିତ୍ତ କାରଣ ଅର୍ଥାତ୍ ସତ୍ୟଭକ୍ତିର ଉପାର୍ଜନ ଦ୍ୱାରା ପ୍ରାପ୍ତ ହୋଇଥାନ୍ତି, ସେମାନେ ସେହି ସ୍ଥାନକୁ ଚାଲିଯାନ୍ତି । (ଯତ୍ର) ଯେଉଁଠାରେ (ପୂର୍ବେ) ପ୍ରଥମେ ହୋଇଥିବା ସୃଷ୍ଟିର (ଦେବାଃ) ପାପ ରହିତ ଦେବ ସ୍ୱରୂପ ଭକ୍ତାତ୍ମାମାନେ (ସନ୍ତି) ରୁହନ୍ତି ।

ଭାବାର୍ଥ:- ଯିଏ ନିର୍ବିକାର(ଯେଉଁମାନେ ମାଂସ, ମଦ୍ୟ, ତମ୍ବାଖୁ ସେବନ ତ୍ୟାଗ କରିବା ସହିତ ଅନ୍ୟ କୁକର୍ମରୁ ନିଜକୁ ଦୂରେଇ ରଖିଛନ୍ତି) ସେହି ଦେବ ସ୍ୱରୂପ ଭକ୍ତାତ୍ମାଗଣ ଶାସ୍ତ୍ରବିଧି ରହିତ ପୂଜାକୁ ତ୍ୟାଗ କରି ଶାସ୍ତ୍ରାନୁକୂଳ ସାଧନା କରିଥାନ୍ତି । ସେମାନେ ଭକ୍ତି ପୁଞ୍ଜି ବଳରେ ଧନୀ ହୋଇ କାଳର ଋଣରୁ ମୁକ୍ତ ହୋଇ ନିଜ ସତ୍ୟଭକ୍ତିର ଉପାର୍ଜନ ସାହାଯ୍ୟରେ ସେହି ସର୍ବ ସୁଖଦାୟୀ ପରମାତ୍ମାଙ୍କୁ ପ୍ରାପ୍ତ କରିଥାନ୍ତି ଅର୍ଥାତ୍ ସତ୍ୟଲୋକକୁ ଚାଲି ଯାଇଥାନ୍ତି, ଯେଉଁଠାରେ ସର୍ବ ପ୍ରଥମେ ରଚିତ ସୃଷ୍ଟିର ଦେବ ସ୍ୱରୂପ ଅର୍ଥାତ୍ ପାପରହିତ ହଂସ ଆତ୍ମାମାନେ ରହୁଛନ୍ତି ।

ଯେପରି କିଛି ଆତ୍ମା କାଳ(ବ୍ରହ୍ମ) ଜାଲରେ ଫସି ଏହି ବ୍ରହ୍ମାଣ୍ଡକୁ ଆସିଗଲେ, କିଛି ଆତ୍ମା ପରବ୍ରହ୍ମଙ୍କ ସାତଶଙ୍ଖ ବ୍ରହ୍ମାଣ୍ଡକୁ ଆସିଗଲେ, ତଥାପି ଅନେକ ଆତ୍ମା ଯେଉଁମାନଙ୍କର ପୂର୍ଣ୍ଣ ପରମାତ୍ମାଙ୍କ ଉପରେ ଅଟଳ ବିଶ୍ୱାସ ଥିଲା, ଯେଉଁମାନେ ପତିବ୍ରତା ପଦରୁ ଓହରି ନଥିଲେ, ସେମାନେ ସେଠାରେ ରହିଗଲେ । ଏହାର ସତ୍ୟାସତ୍ୟ ପ୍ରକାଶ କରୁଥିବା ପବିତ୍ର ବେଦର ସେହି ବିବରଣୀ ଏଠାରେ ପ୍ରଦାନ କରାଗଲା । ଏହି ପ୍ରମାଣ ଗୀତା ଅଧ୍ୟାୟ ୮ର ଶ୍ଳୋକ ନଂ ୮-୧୦ରେ ଅଛି ଯେ ଯେଉଁ ସାଧକ ଶାସ୍ତ୍ରବିଧି ଅନୁସାରେ ପୂର୍ଣ୍ଣ ପରମାତ୍ମାଙ୍କର ସତ୍ୟ ସାଧନା କରନ୍ତି ସେହି ଭକ୍ତ ନିଜ ଭକ୍ତିର ପୁଞ୍ଜି ବଳରେ ସେହି ପୂର୍ଣ୍ଣ ପରମାତ୍ମାଙ୍କୁ ପ୍ରାପ୍ତ ହୋଇଥାନ୍ତି ଅର୍ଥାତ୍ ତାଙ୍କ ନିକଟକୁ ଚାଲିଯାଆନ୍ତି । ଏଥିରୁ ପ୍ରମାଣିତ ହେଲା ଯେ ତିନି ପ୍ରଭୁ ଅଛନ୍ତି, ବ୍ରହ୍ମ-ପରବ୍ରହ୍ମ-ପୂର୍ଣ୍ଣବ୍ରହ୍ମ । ଏମାନଙ୍କୁ ୧. ବ୍ରହ୍ମ-ଈଶ୍-କ୍ଷରପୁରୁଷ, ୨. ପରବ୍ରହ୍ମ-ଅକ୍ଷର ପୁରୁଷ/ଅକ୍ଷର ବ୍ରହ୍ମ-ଇଶ୍ୱର ୩. ପୂର୍ଣ୍ଣବ୍ରହ୍ମ-ପରମ ଅକ୍ଷର ବ୍ରହ୍ମ-ପରମେଶ୍ୱର-ସତ୍ୟପୁରୁଷ ଆଦି ପର୍ଯ୍ୟାୟବାଚୀ ଶବ୍ଦ ଦ୍ୱାରା ସମ୍ବୋଧନ କରାଯାଏ ।

ଏହି ପ୍ରମାଣ ଋଗ୍‌ବେଦ ମଣ୍ଡଳ ୯ ସୁକ୍ତ ୯୬ ମନ୍ତ୍ର ୧୭-୨୦ରେ ସ୍ପଷ୍ଟ ବର୍ଣ୍ଣିତ ଅଛି ଯେ ପୂର୍ଣ୍ଣ ପରମାତ୍ମା କବିର୍ଦେବ(କବୀର ପରମେଶ୍ୱର) ଶିଶୁରୂପ ଧାରଣ କରି ପ୍ରକଟ ହୁଅନ୍ତି ଏବଂ ନିଜ ନିର୍ମଳ ଅମୂଲ୍ୟ ଜ୍ଞାନ ଅର୍ଥାତ୍ ତତ୍ତ୍ୱଜ୍ଞାନ (କବିର୍ଗୀର୍ଭିଃ) କବୀର ବାଣୀ ଦ୍ୱାରା ନିଜ ଅନୁଯାୟୀମାନଙ୍କୁ କବିତା ମାଧ୍ୟମରେ ବର୍ଣ୍ଣନା କରିଥାନ୍ତି । ସେହି କବିର୍ଦେବ(କବୀର ପରମେଶ୍ୱର)ଙ୍କର ଧାମ, ବ୍ରହ୍ମ(କ୍ଷରପୁରୁଷ)ଙ୍କ ଧାମ ଓ ପରବ୍ରହ୍ମ(ଅକ୍ଷର ପୁରୁଷ)ଙ୍କ ଧାମଠାରୁ ଭିନ୍ନ ଅଟେ ଯାହା ପୂର୍ଣ୍ଣବ୍ରହ୍ମ (ପରମ ଅକ୍ଷର ପୁରୁଷ)ଙ୍କ ତୃତୀୟ ଋତଧାମ (ସତ୍ୟଲୋକ) ଅଟେ । ସେଠାରେ ସେ ସାକାର ରୂପରେ ବିରାଜମାନ ତଥା ସତ୍ୟଲୋକଠାରୁ ଚତୁର୍ଥରେ ଅନାମୀ ଲୋକ ଅଛି ଯେଉଁଠାରେ ଏହି କବିର୍ଦେବ(କବୀର ପରମେଶ୍ୱର)

ଅନାମୀ ପୁରୁଷ ରୂପରେ ମନୁଷ୍ୟ ସଦୃଶ୍ୟ ଆକାରରେ ବିରାଜମାନ ଅଟନ୍ତି ।

## "ପବିତ୍ର ଶ୍ରୀମଦ୍ ଦେବୀ ମହାପୁରାଣରେ ସୃଷ୍ଟି ରଚନାର ପ୍ରମାଣ"

"ବ୍ରହ୍ମା, ବିଷ୍ଣୁ ଓ ଶିବଙ୍କ ମାତା-ପିତା"

(ଦୁର୍ଗା ଏବଂ ବ୍ରହ୍ମଙ୍କ ସଂଯୋଗରୁ ବ୍ରହ୍ମା, ବିଷ୍ଣୁ ଓ ଶିବଙ୍କ ଜନ୍ମ)

ପବିତ୍ର ଶ୍ରୀମଦ୍‌ଦେବୀ ମହାପୁରାଣ ତୃତୀୟ ସ୍କନ୍ଦ, ଅଧ୍ୟାୟ ୧-୩(ଗୀତାପ୍ରେସ୍ ଗୋରଖପୁରରୁ ପ୍ରକାଶିତ, ଅନୁବାଦକର୍ତ୍ତା ଶ୍ରୀ ହନୁମାନ ପ୍ରସାଦ ପୋଦ୍ଦାର ତଥା ଚିମନ୍‌ଲାଲ ଗୋସ୍ୱାମୀଜୀ, ପୃଷ୍ଠା ନଂ ୧୧୪ରୁ) ।

ପୃଷ୍ଠା ନଂ ୧୧୪ରୁ ୧୧୮ରେ ଏହି ବର୍ଣ୍ଣନ ଅଛି ଯେ କେତେକ ଆଚାର୍ଯ୍ୟ ଭବାନୀଙ୍କୁ ସମ୍ପୂର୍ଣ୍ଣ ମନୋସ୍କାମନା ପୂର୍ଣ୍ଣକାରୀ ବୋଲି କହିଥାନ୍ତି । ତାଙ୍କୁ ପ୍ରକୃତି କୁହାଯାଏ ଏବଂ ବ୍ରହ୍ମଙ୍କ ସହିତ ତାଙ୍କର ଅବୈଧ ସମ୍ବନ୍ଧ ଅଛି । {ଯେପରି ପତ୍ନୀକୁ ଅର୍ଦ୍ଧାଙ୍ଗିନୀ ମଧ୍ୟ କୁହାଯାଏ ଅର୍ଥାତ୍ ଦୁର୍ଗା, ବ୍ରହ୍ମ(କାଳ)ଙ୍କର ପତ୍ନୀ ଅଟନ୍ତି ।} ଏକ ବ୍ରହ୍ମାଣ୍ଡର ସୃଷ୍ଟି ରଚନା ବିଷୟରେ ରାଜା ଶ୍ରୀ ପରିକ୍ଷିତଙ୍କ ପ୍ରଶ୍ନର ଉତ୍ତର ଦେଇ ଶ୍ରୀ ବ୍ୟାସଜୀ କହିଲେ, ମୁଁ ଏହାର ଉତ୍ତର ଶ୍ରୀ ନାରଦଜୀଙ୍କୁ ପଚାରିଥିଲି ଯେ ହେ ଦେବର୍ଷି ! ଏହି ବ୍ରହ୍ମାଣ୍ଡର ରଚନା କିପରି ହେଲା ? ମୋର ଏହି ପ୍ରଶ୍ନର ଉତ୍ତରରେ ଶ୍ରୀ ନାରଦଜୀ କହିଲେ, ମୁଁ ନିଜ ପିତା ଶ୍ରୀ ବ୍ରହ୍ମାଙ୍କୁ ଏହା ପଚାରିଥିଲି ଯେ ହେ ପିତାଶ୍ରୀ ! ଏହି ବ୍ରହ୍ମାଣ୍ଡର ରଚନା ଆପଣ କରିଛନ୍ତି ନା ଶ୍ରୀ ବିଷ୍ଣୁଜୀ ଏହାର ରଚୟିତା ଅଟନ୍ତି ନା ଶିବଜୀ ଏହାକୁ ରଚନା କରିଛନ୍ତି ? କୃପାକରି ସତ୍ୟ କୁହନ୍ତୁ । ସେତେବେଳେ ପୂଜ୍ୟ ପିତା ଶ୍ରୀ ବ୍ରହ୍ମାଜୀ କହିଲେ, ପୁତ୍ର ନାରଦ ! ମୁଁ ପ୍ରଥମେ ନିଜକୁ ପଦ୍ମଫୁଲ ଉପରେ ବସିଥିବାର ଦେଖିବାକୁ ପାଇଲି । ଏହି ଅଗାଧ ଜଳ ଉପରେ ମୁଁ କେମିତି ଉତ୍ପନ୍ନ ହେଲି ମୋତେ ଜଣା ନାହିଁ । ହଜାରେ ବର୍ଷ ପର୍ଯ୍ୟନ୍ତ ପୃଥିବୀକୁ ଅନ୍ୱେଷଣ କରିବାକୁ ଲାଗିଲି କିନ୍ତୁ ଏହାର ଆଦି ଓ ଅନ୍ତ କିଛି ଜାଣି ପାଇଲି ନାହିଁ । ପୁଣି ଶୂନ୍ୟବାଣୀ ହେଲା ଯେ ତପସ୍ୟା କର । ଏକ ହଜାର ବର୍ଷ ତପସ୍ୟା କଲି । ତା'ପରେ ସୃଷ୍ଟି କରିବା ପାଇଁ ଶୂନ୍ୟବାଣୀ ହେଲା । ଏହି ସମୟରେ ମଧୁ ଏବଂ କୈଟଭ ନାମକ ଦୁଇ ରାକ୍ଷସ ଆସିଲେ, ସେମାନଙ୍କ ଭୟରେ ମୁଁ ପଦ୍ମନାଡକୁ ଧରି ତଳକୁ ଓହ୍ଲାଇଲି । ସେଠାରେ ଭଗବାନ ବିଷ୍ଣୁ ଶେଷନାଗ ଶଯ୍ୟା ଉପରେ ଅଚେତ ଅବସ୍ଥାରେ ପଡିଥିଲେ । ତାଙ୍କ ଭିତରୁ ଜଣେ ସ୍ତ୍ରୀ (ପ୍ରେତରୂପରେ ପ୍ରବିଷ୍ଟ ଦୁର୍ଗା) ବାହାରିଲେ । ସେ ଆଭୂଷଣରେ ସୁସଜ୍ଜିତ ହୋଇ ଆକାଶରେ ଦୃଶ୍ୟମାନ ହେବାକୁ ଲାଗିଲେ । ସେହି ସମୟରେ ଭଗବାନ ବିଷ୍ଣୁଙ୍କ ଚେତା ଫେରିଲା । ସେତେବେଳେ ମୁଁ ଓ ବିଷ୍ଣୁ ଥିଲୁ । ଏହି ସମୟରେ ଭଗବାନ ଶଙ୍କର ମଧ୍ୟ ଆସିଲେ । ଦେବୀ ଆମ୍ଭମାନଙ୍କୁ ବିମାନରେ ବସାଇ ବ୍ରହ୍ମଲୋକକୁ ନେଇଗଲେ । ସେଠାରେ ଆଉ ଜଣେ ବ୍ରହ୍ମା, ଜଣେ ବିଷ୍ଣୁ ଓ ଜଣେ ଶିବଙ୍କୁ ଦେଖିଲୁ ତଥା ଜଣେ ଦେବୀଙ୍କୁ ଦେଖିଲୁ । ଏହା ଦେଖି ବିଷ୍ଣୁଜୀ ବିବେକ ପୂର୍ବକ ନିମ୍ନୋକ୍ତ ବର୍ଣ୍ଣନା କଲେ (ସେହି ସମୟରେ ବ୍ରହ୍ମ/କାଳ ଭଗବାନ ବିଷ୍ଣୁଙ୍କୁ ଚେତନା ପ୍ରଦାନ କରିଦେଲେ, ତାଙ୍କର ବାଲ୍ୟକାଳ ମନେ ପଡିଗଲା । ତା'ପରେ ସେ ନିଜ ପୂର୍ବ କାହାଣୀ ଶୁଣାଇବାକୁ ଲାଗିଲେ) ।

ପୃଷ୍ଠା ନଂ ୧୧୯-୧୨୦ରେ ଭଗବାନ ବିଷ୍ଣୁଜୀ, ଶ୍ରୀ ବ୍ରହ୍ମାଜୀ ଓ ଶ୍ରୀ ଶିବଜୀଙ୍କୁ କହିଲେ ଯେ ଏହି ଦେବୀ ଆମ୍ଭ ତିନିଜଣଙ୍କର ମାତା ଅଟନ୍ତି, ଜଗଜ୍ଜନନୀ ପ୍ରକୃତି ଦେବୀ ଅଟନ୍ତି । ମୁଁ ଏହି ଦେବୀଙ୍କୁ ସେତେବେଳେ ଦେଖିଥିଲି ଯେତେବେଳେ ମୁଁ ଛୋଟ ବାଳକ ଥିଲି, ମୋତେ ଦୋଳିରେ ଝୁଲାଉଥିଲେ ।

ତୃତୀୟ ସ୍କନ୍ଧ ପୃଷ୍ଠା ନଂ ୧୨୩ରେ ଶ୍ରୀ ବିଷ୍ଣୁଜୀ, ଶ୍ରୀ ଦୁର୍ଗାଜୀଙ୍କୁ ସ୍ତୁତି କରି କହିଲେ, ମାତା ତୁମ୍ଭେ ଶୁଦ୍ଧ ସ୍ୱରୂପା, ଏହି ସାରା ସଂସାର ତୁମ୍ଭଠାରୁ ଉଦ୍ଭାସିତ ହୋଉଅଛି । ମୁଁ (ବିଷ୍ଣୁ), ବ୍ରହ୍ମା ଏବଂ ଶଙ୍କର ତୁମ୍ଭ କୃପାରୁ ବିଦ୍ୟମାନ ଅଟୁ । ଆମ୍ଭମାନଙ୍କର ଆବିର୍ଭାବ (ଜନ୍ମ) ଏବଂ ତିରୋଭାବ (ମୃତ୍ୟୁ) ହୋଇଥାଏ । ଅର୍ଥାତ୍ ଆମ୍ଭେ ତିନିଜଣ ନାଶବାନ ଅଟୁ । କେବଳ ତୁମ୍ଭେ ହିଁ ନିତ୍ୟ (ଅବିନାଶୀ) ଓ ଜଗତ୍ ଜନନୀ,

ପ୍ରକୃତି ଦେବୀ ଅଟ ।

ଭଗବାନ ଶଙ୍କର କହିଲେ, ଦେବୀ ! ଯଦି ମହାଭାଗ ବିଷ୍ଣୁ ତୁମ୍ଭଠାରୁ ପ୍ରକଟ (ଉତ୍ପନ୍ନ) ହୋଇଛନ୍ତି ଓ ତାଙ୍କ ପରେ ଉତ୍ପନ୍ନ ହୋଇଥିବା ବ୍ରହ୍ମା ମଧ୍ୟ ତୁମ୍ଭର ବାଳକ ହେଲେ । ତେବେ ମୁଁ ତମଗୁଣୀ ଲୀଳା କରୁଥିବା ଶଙ୍କର କ'ଣ ତୁମ୍ଭର ସନ୍ତାନ ନୁହେଁ ? ଅର୍ଥାତ୍ ମୋତେ ମଧ୍ୟ ତୁମେ ଉତ୍ପନ୍ନ କରିଛ ।

ବିଚାର କରନ୍ତୁ :- ଉପରୋକ୍ତ ବିବରଣୀରୁ ସିଦ୍ଧ ହେଲା ଯେ ଶ୍ରୀ ବ୍ରହ୍ମାଜୀ, ଶ୍ରୀ ବିଷ୍ଣୁଜୀ ଓ ଶ୍ରୀ ଶିବଜୀ ନାଶବାନ ଅଟନ୍ତି । ମୃତ୍ୟୁଞ୍ଜୟ (ଅଜର-ଅମର) ଓ ସର୍ବେଶ୍ୱର ନୁହଁନ୍ତି ତଥା ଦୁର୍ଗା (ପ୍ରକୃତି)ଙ୍କ ପୁତ୍ର ଅଟନ୍ତି ତଥା ବ୍ରହ୍ମ (କାଳ-ସଦାଶିବ) ଏମାନଙ୍କର ପିତା ଅଟନ୍ତି ।

ତୃତୀୟ ସ୍କନ୍ଧ ପୃଷ୍ଠା ନଂ ୧୨୫ ରେ ବ୍ରହ୍ମା ପ୍ରଶ୍ନ କଲେ ଯେ ହେ ମାତା ! ବେଦରେ ଯେଉଁ ବ୍ରହ୍ମଙ୍କ ବିଷୟରେ କୁହାଯାଇଛି ସେ ଆପଣ ଅଟନ୍ତି ନା ଅନ୍ୟ କେହି ପ୍ରଭୁ ଅଟନ୍ତି ? ଏହାର ଉତ୍ତରରେ ଦୁର୍ଗା କହୁଛନ୍ତି, ମୁଁ ଓ ବ୍ରହ୍ମ ଏକ ଅଟୁ । ପୁଣି ଏହି ସ୍କନ୍ଧର ପୃଷ୍ଠା ନଂ ୧୨୯ରେ କହୁଛନ୍ତି ଯେ ଏବେ ମୋ କାର୍ଯ୍ୟସିଦ୍ଧି ପାଇଁ ବିମାନରେ ବସି ତୁମ୍ଭେମାନେ ଶୀଘ୍ର ପ୍ରସ୍ଥାନ କର । କୌଣସି କଠିନ ପରିସ୍ଥିତି ଉପସ୍ଥିତ ହେଲେ ତୁମ୍ଭେ ଯେତେବେଳେ ମୋତେ ସ୍ମରଣ କରିବ, ସେତେବେଳେ ମୁଁ ତୁମ୍ଭମାନଙ୍କ ସମ୍ମୁଖକୁ ଆସିବି । ହେ ଦେବଗଣ ! ତୁମ୍ଭେମାନେ ସର୍ବଦା ମୋର(ଦୁର୍ଗାଙ୍କ) ଏବଂ ବ୍ରହ୍ମଙ୍କର ଧ୍ୟାନ କରିବା ଉଚିତ । ଆମ୍ଭ ଦୁହିଁଙ୍କର ସୁମିରଣ କଲେ ତୁମ୍ଭମାନଙ୍କର ସମସ୍ତ କାର୍ଯ୍ୟ ସଫଳ ହେବ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ।

ଉପରୋକ୍ତ ବ୍ୟାଖ୍ୟାରୁ ଏହା ସ୍ୱସିଦ୍ଧ ହେଉଛି ଯେ ଦୁର୍ଗା(ପ୍ରକୃତି) ଓ ବ୍ରହ୍ମ (କାଳ) ହିଁ ଏହି ତିନି ଦେବତାଙ୍କର ମାତା-ପିତା ଅଟନ୍ତି ଏବଂ ବ୍ରହ୍ମା, ବିଷ୍ଣୁ ଓ ଶିବ ନାଶବାନ ଅଟନ୍ତି ଏବଂ ପୂର୍ଣ୍ଣ ଶକ୍ତିଯୁକ୍ତ ନୁହଁନ୍ତି ।

ତିନି ଦେବତା (ଶ୍ରୀ ବ୍ରହ୍ମା, ଶ୍ରୀ ବିଷ୍ଣୁ, ଶ୍ରୀ ଶିବ)ଙ୍କର ବିବାହ ଦୁର୍ଗା(ପ୍ରକୃତି ଦେବୀ) କରାଇଛନ୍ତି । ପୃଷ୍ଠା ନଂ ୧୨୮-୧୨୯ରେ, ତୃତୀୟ ସ୍କନ୍ଧ ।

ଗୀତା ଅଧ୍ୟାୟ ୭ର ଶ୍ଳୋକ ନଂ ୧୨

**ଯେ, ଚ, ଏବ, ସାତ୍ତ୍ୱିକାଃ, ଭାବାଃ, ରାଜସାଃ, ତାମସାଃ, ଚ, ଯେ,**
**ମତଃ, ଏବ, ଇତି, ତାନ୍, ବିଦ୍ଧି, ନ, ତୁ, ଅହମ୍, ତେଷୁ, ତେ, ମୟି ॥**

ଅନୁବାଦ:- (ଚ) ଆଉ (ଏବ) ମଧ୍ୟ (ଯେ) ଯେଉଁ (ସାତ୍ତ୍ୱିକାଃ) ସତ୍ତ୍ୱଗୁଣ ବିଷ୍ଣୁଙ୍କର ସ୍ଥିତି (ଭାବାଃ) ଭାବ ଅଟେ ଏବଂ (ଯେ) ଯେଉଁ (ରାଜସାଃ) ରଜୋଗୁଣ ବ୍ରହ୍ମାଙ୍କଠାରୁ ଉତ୍ପତ୍ତି(ଚ) ତଥା (ତାମସାଃ) ତମଗୁଣ ଶିବଙ୍କ ଦ୍ୱାରା ସଂହାର (ତାନ୍) ସେ ସବୁକୁ ତୁ (ମତଃ,ଏବ) ମୋ ଦ୍ୱାରା ସୁନିୟୋଜିତ ନିୟମାନୁସାରେ ହିଁ ହୋଇଥାଏ (ଇତି) ଏହିପରି (ବିଦ୍ଧି) ଜାଣ (ତୁ) ପରନ୍ତୁ ବାସ୍ତବରେ (ତେଷୁ) ସେମାନଙ୍କଠାରେ (ଅହମ୍) ମୁଁ ଏବଂ (ତେ) ସେମାନେ (ମୟି) ମୋଠାରେ (ନ) ନାହାଁନ୍ତି ।

## "ପବିତ୍ର ଶିବ ମହାପୁରାଣରେ ସୃଷ୍ଟି ରଚନାର ପ୍ରମାଣ"

(କାଳ ବ୍ରହ୍ମ ଓ ଦୁର୍ଗାଙ୍କ ଠାରୁ ବିଷ୍ଣୁ, ବ୍ରହ୍ମା ଓ ଶିବଙ୍କ ଉତ୍ପତ୍ତି)

ଏହାର ପ୍ରମାଣ ପବିତ୍ର ଶ୍ରୀ ଶିବ ପୁରାଣ ଗୀତା ପ୍ରେସ୍ ଗୋରଖପୁରରୁ ପ୍ରକାଶିତ, ଅନୁବାଦକର୍ତ୍ତା ଶ୍ରୀ ହନୁମାନ ପ୍ରସାଦ ପୋଦ୍ଦାର, ଏହାର ଅଧ୍ୟାୟ ୬ ରୁଦ୍ର ସଂହିତା, ପୃଷ୍ଠା ନଂ ୧୦୦ରେ କୁହାଯାଇଛି ଯେ ଯିଏ ମୂର୍ତ୍ତୀ ରହିତ ପରବ୍ରହ୍ମ ଅଟନ୍ତି, ଭଗବାନ ସଦାଶିବ ତାଙ୍କରି ମୂର୍ତ୍ତୀ ଅଟନ୍ତି । ତାଙ୍କ ଶରୀରରୁ ଏକ ଶକ୍ତି ବାହାରିଲା, ସେହି ଶକ୍ତିକୁ ଅମ୍ବିକା, ପ୍ରକୃତି (ଦୁର୍ଗା), ତ୍ରିଦେବ ଜନନୀ (ଶ୍ରୀ ବ୍ରହ୍ମା, ଶ୍ରୀ ବିଷ୍ଣୁ ଓ ଶ୍ରୀ ଶିବଙ୍କୁ ଉତ୍ପନ୍ନ କରିଥିବା ମାତା) କୁହାଗଲା । ଯାହାଙ୍କର ଆଠଟି ଭୂଜା ଅଛି । ଯିଏ ସଦାଶିବ ତାଙ୍କୁ ଶିବ, ଶମ୍ଭୁ ଓ ମହେଶ୍ୱର ମଧ୍ୟ କୁହାଯାଏ । (ପୃଷ୍ଠା ନଂ ୧୦୧ରେ) ସେ ନିଜର ସମସ୍ତ ଅଙ୍ଗରେ ଭସ୍ମ ଲଗାନ୍ତି ।

ସେହି କାଳ ରୂପୀ ବ୍ରହ୍ମ, ଶିବଲୋକ ନାମକ ଏକ ସ୍ଥାନ ନିର୍ମାଣ କଲେ । ପୁଣି ଦୁହେଁ ପତି-ପତ୍ନୀ ବ୍ୟବହାର କରି ଏକ ପୁତ୍ର ଉତ୍ପନ୍ନ କଲେ, ତାଙ୍କ ନାମ ବିଷ୍ଣୁ ରଖିଲେ (ପୃଷ୍ଠା ନଂ ୧୦୨) ।

ପୁଣି ରୁଦ୍ର ସଂହିତା ଅଧ୍ୟାୟ ନଂ ୭ ପୃଷ୍ଠା ନଂ ୧୦୩ରେ ବ୍ରହ୍ମା କହିଲେ, ମୋର ଉତ୍ପତ୍ତି ମଧ୍ୟ ଭଗବାନ ସଦାଶିବ(ବ୍ରହ୍ମ-କାଳ) ଓ ପ୍ରକୃତି(ଦୁର୍ଗା)ଙ୍କ ସଂଯୋଗରୁ ଅର୍ଥାତ୍ ପତି-ପତ୍ନୀ ବ୍ୟବହାରରୁ ହୋଇଅଛି । ପୁଣି ମୋତେ ଅଚେତ କରି ଦିଆଗଲା ।

ପୁଣି ରୁଦ୍ର ସଂହିତା ଅଧ୍ୟାୟ ନଂ ୯ ପୃଷ୍ଠା ନଂ ୧୧୦ରେ କୁହାଯାଇଛି ଯେ ଏହି ପ୍ରକାରେ ବ୍ରହ୍ମା, ବିଷ୍ଣୁ ଓ ରୁଦ୍ର ଏହି ତିନି ଦେବତା ଗୁଣ ଯୁକ୍ତ ଅଟନ୍ତି, ପରନ୍ତୁ ଶିବ (କାଳ-ବ୍ରହ୍ମ)ଙ୍କୁ ଗୁଣାତିତ କୁହାଯାଏ ।

ଏଠାରେ ଚାରୋଟି କଥା ପ୍ରମାଣିତ ହେଲା ଅର୍ଥାତ୍ ସଦାଶିବ(କାଳ-ବ୍ରହ୍ମ) ଓ ପ୍ରକୃତି (ଦୁର୍ଗା)ଙ୍କଠାରୁ ବ୍ରହ୍ମା, ବିଷ୍ଣୁ ଓ ଶିବ ଉତ୍ପନ୍ନ ହୋଇଛନ୍ତି । ତିନି ଭଗବାନ(ଶ୍ରୀ ବ୍ରହ୍ମା, ଶ୍ରୀ ବିଷ୍ଣୁ ତଥା ଶ୍ରୀ ଶିବ)ଙ୍କର ମାତା ଶ୍ରୀ ଦୁର୍ଗା ତଥା ପିତା ଶ୍ରୀ ଜ୍ୟୋତି ନିରଞ୍ଜନ(ବ୍ରହ୍ମ) ଅଟନ୍ତି । ଏହି ତିନି ପ୍ରଭୁ ରଜଗୁଣ-ବ୍ରହ୍ମା, ସତ୍ୱଗୁଣ-ବିଷ୍ଣୁ, ତମଗୁଣ-ଶିବ ଅଟନ୍ତି ।

## "ପବିତ୍ର ଶ୍ରୀମଦ୍ଭଗବତ୍ ଗୀତାରେ ସୃଷ୍ଟି ରଚନାର୍ ପ୍ରମାଣ"

ଏହାର ପ୍ରମାଣ ପବିତ୍ର ଗୀତା ଅଧ୍ୟାୟ ୧୪ ଶ୍ଳୋକ ନଂ ୩ ରୁ ୫ ରେ ଅଛି । ବ୍ରହ୍ମ (କାଳ) କହୁଛନ୍ତି ଯେ ପ୍ରକୃତି (ଦୁର୍ଗା) ତ ମୋ ପତ୍ନୀ ଅଟେ, ମୁଁ ବ୍ରହ୍ମ (କାଳ) ଏହାର ପତି ଅଟେ । ଆମ ଦୁହିଁଙ୍କ ସଂଯୋଗରୁ ସର୍ବ ପ୍ରାଣୀମାନଙ୍କ ସହ ତିନି ଗୁଣ(ରଜଗୁଣ ବ୍ରହ୍ମା, ସତଗୁଣ ବିଷ୍ଣୁ, ତମଗୁଣ ଶିବ)ର ଉତ୍ପତ୍ତି ହୋଇଅଛି । ମୁଁ ବ୍ରହ୍ମ ସମସ୍ତ ପ୍ରାଣୀଙ୍କର ପିତା ଅଟେ ତଥା ପ୍ରକୃତି(ଦୁର୍ଗା) ଏମାନଙ୍କର ମାତା ଅଟେ । ମୁଁ ଏହାର ଉଦରରେ ବୀଜ ସ୍ଥାପନା କରିଥାଏ ଯଦ୍ଦ୍ୱାରା ସମସ୍ତ ପ୍ରାଣୀଙ୍କର ଉତ୍ପତ୍ତି ହୋଇଥାଏ । ପ୍ରକୃତି (ଦୁର୍ଗା)ଠାରୁ ଉତ୍ପନ୍ନ ତିନି ଗୁଣ (ରଜଗୁଣ ବ୍ରହ୍ମା, ସତଗୁଣ ବିଷ୍ଣୁ, ତମଗୁଣ ଶିବ) ଜୀବମାନଙ୍କୁ କର୍ମ ଆଧାରରେ ଶରୀରରେ ବାନ୍ଧି ରଖିଥାନ୍ତି ।

ଏହାର ପ୍ରମାଣ ଅଧ୍ୟାୟ ୧୫ ଶ୍ଳୋକ ୧ ରୁ ୪ ତଥା ୧୬, ୧୭ରେ ମଧ୍ୟ ଅଛି ।

ଗୀତା ଅଧ୍ୟାୟ ନଂ୧୫ର ଶ୍ଳୋକ ନଂ୧

ଉର୍ଦ୍ଧ୍ୱମୂଳମ୍, ଅଧଃଶାଖମ୍, ଅଶ୍ୱତ୍ଥମ୍, ପ୍ରାହୁଃ, ଅବ୍ୟୟମ୍,
ଛନ୍ଦାଂସି, ଯସ୍ୟ, ପର୍ଣ୍ଣାନି, ଯଃ, ତମ୍, ବେଦ, ସଃ, ବେଦବିତ୍ ॥

ଅନୁବାଦ: (ଉର୍ଦ୍ଧ୍ୱମୂଳମ୍) ଉପରକୁ ପୂର୍ଣ୍ଣ ପରମାତ୍ମା ଆଦିପୁରୁଷ ପରମେଶ୍ୱର ରୂପୀ ମୂଳ (ଅଧଃଶାଖମ୍) ତଳକୁ ତିନି ଗୁଣ ଅର୍ଥାତ ରଜଗୁଣ ବ୍ରହ୍ମା, ସତଗୁଣ ବିଷ୍ଣୁ ଓ ତମଗୁଣ ଶିବ ରୂପୀ ଶାଖା ବାଲା(ଅବ୍ୟୟମ୍) ଅବିନାଶୀ (ଅଶ୍ୱତ୍ଥମ୍) ବିସ୍ତାରିତ ଅଶ୍ୱତଥ୍ ବୃକ୍ଷ ଅଟେ,(ଯସ୍ୟ) ଯାହାର (ଛନ୍ଦାଂସି) ଯେପରି ବେଦରେ ଛନ୍ଦ ଅଛି ଏହିଭଳି ସଂସାର ରୂପୀ ବୃକ୍ଷର ମଧ୍ୟ ବିଭାଗ ଛୋଟ-ଛୋଟ ଅଂଶକୁ ପ୍ରଶାଖା (ପର୍ଣ୍ଣାନି) ପତ୍ର (ପ୍ରାହୁଃ) କହିଛନ୍ତି (ତମ୍) ସେହି ସଂସାର ରୂପୀ ବୃକ୍ଷକୁ (ଯଃ) ଯିଏ (ବେଦ) ଏହାକୁ ବିସ୍ତାର ସହିତ ଜାଣିଥାଏ (ସଃ) ସେ (ବେଦବିତ୍) ପୂର୍ଣ୍ଣ ଜ୍ଞାନୀ ଅର୍ଥାତ୍ ତତ୍ୱଦର୍ଶୀ ଅଟନ୍ତି ।

ଗୀତା ଅଧ୍ୟାୟ ନଂ୧୫ ଶ୍ଳୋକ ନଂ ୨

ଅଧଃ, ଚ, ଉର୍ଦ୍ଧ୍ୱମ୍, ପ୍ରସୃତାଃ, ତସ୍ୟ, ଶାଖାଃ, ଗୁଣପ୍ରବୃଦ୍ଧାଃ,
ବିଷୟପ୍ରବାଳାଃ, ଅଧଃ, ଚ, ମୂଳାନି, ଅନୁସନ୍ତତାନି, କର୍ମାନୁବନ୍ଧିନୀ, ମନୁଷ୍ୟଲୋକେ ॥

ଅନୁବାଦ : (ତସ୍ୟ) ସେହି ବୃକ୍ଷର (ଅଧଃ) ତଳେ (ଚ) ଏବଂ (ଉର୍ଦ୍ଧ୍ୱମ୍) ଉପରେ (ଗୁଣପ୍ରବୃଦ୍ଧାଃ) ତିନି ଗୁଣ ବ୍ରହ୍ମା-ରଜଗୁଣ, ବିଷ୍ଣୁ-ସତଗୁଣ, ଶିବ-ତମଗୁଣ ରୂପେ(ପ୍ରସୃତାଃ) ବିସ୍ତାରିତ ହୋଇ (ବିଷୟପ୍ରବାଳାଃ) ବିକାର- କାମ କ୍ରୋଧ, ମୋହ, ଲୋଭ ଅହଙ୍କାର ରୂପୀ କଅଁଳିଆ(ଶାଖାଃ) ଡାଳ ବ୍ରହ୍ମା, ବିଷ୍ଣୁ, ଶିବ (କର୍ମାନୁବନ୍ଧିନୀ) ଜୀବକୁ କର୍ମ ବନ୍ଧନରେ ବାନ୍ଧିବାର (ମୂଳାନି) ମୁଖ୍ୟ କାରଣ

ଅଟନ୍ତି (ଚ) ତଥା (ମନୁଷ୍ୟଲୋକେ) ମନୁଷ୍ୟ ଲୋକ - ଅର୍ଥାତ୍ ପୃଥିବୀ ଲୋକରେ (ଅଧଃ) ତଳେ - ନର୍କ, ଚୌରାଶୀ ଲକ୍ଷ ଯୋନିରେ (ଉର୍ଦ୍ଧ୍ୱମ୍) ଉପରେ ସ୍ୱର୍ଗଲୋକ ଇତ୍ୟାଦିରେ(ଅନୁସନ୍ତତାନି) ବ୍ୟବସ୍ଥିତ କରିଛନ୍ତି ।

ଗୀତା ଅଧ୍ୟାୟ ୧୫ ଶ୍ଳୋକ ନଂ ୩

ନ, ରୂପମ୍, ଅସ୍ୟ, ଇହ, ତଥା, ଉପଲଭ୍ୟତେ, ନ, ଅନ୍ତଃ, ନ, ଚ, ଆଦିଃ, ନ, ଚ,
ସମ୍ପ୍ରତିଷ୍ଠା, ଅଶ୍ୱତ୍ଥମ୍, ଏନମ୍, ସୁବିରୂଢମୂଳମ୍, ଅସଂଗଶସ୍ତ୍ରେଣ, ଦୃଢେନ, ଛିତ୍ୱା ॥

ଅନୁବାଦ : (ଅସ୍ୟ) ଏହି ରଚନାର (ନ) ନା (ଆଦିଃ) ଆରମ୍ଭ (ଚ) ତଥା (ନ) ନା (ଅନ୍ତଃ) ଅନ୍ତ ଅଛି (ନ) ନା (ତଥା) ସେପରି (ରୂପମ୍) ସ୍ୱରୂପ (ଉପଲଭ୍ୟତେ) ମିଳିଥାଏ (ଚ) ତଥା (ଇହ) ଏହି ବିଚାର କାଳରେ ଅର୍ଥାତ୍ ମୋ ଦ୍ୱାରା ଦିଆଯାଉଥିବା ଗୀତା ଜ୍ଞାନର ପୂର୍ଣ୍ଣ ଜ୍ଞାନ ମୋତେ ମଧ୍ୟ (ନ) ଜଣା ନାହିଁ (ସମ୍ପ୍ରତିଷ୍ଠା) କାରଣ ସର୍ବବ୍ରହ୍ମାଣ୍ଡ ରଚନାର ସଠିକ୍ ସ୍ଥିତି ବିଷୟରେ ମୋର ଜ୍ଞାନ ନାହିଁ (ଏନମ୍) ଏହି (ସୁବିରୂଢମୂଳମ୍) ସୁଦୃଢ ସ୍ଥିତିଯୁକ୍ତ (ଅଶ୍ୱତ୍ଥମ୍) ମଜବୁତ ସ୍ୱରୂପଯୁକ୍ତ ସଂସାର ରୂପୀ ବୃକ୍ଷର ଜ୍ଞାନକୁ (ଅସଂଙ୍ଗଶସ୍ତ୍ରେଣ) ପୂର୍ଣ୍ଣ ଜ୍ଞାନ ରୂପୀ (ଦୃଢେନ୍) ଦୃଢ ସୂକ୍ଷ୍ମବେଦ ଅର୍ଥାତ୍ ତତ୍ତ୍ୱଜ୍ଞାନ ଦ୍ୱାରା ଜାଣି (ଛିତ୍ୱା) ଛେଦନ କରି ଅର୍ଥାତ୍ ନିରଞ୍ଜନର ଭକ୍ତିକୁ କ୍ଷଣିକ ଅର୍ଥାତ୍ କ୍ଷଣଭଙ୍ଗୁର ବୋଲି ଜାଣି ବ୍ରହ୍ମା, ବିଷ୍ଣୁ, ଶିବ, ବ୍ରହ୍ମ ଓ ପରବ୍ରହ୍ମଙ୍କ ଉର୍ଦ୍ଧରେ ପୂର୍ଣ୍ଣବ୍ରହ୍ମଙ୍କର ଅନ୍ୱେଷଣ କରିବା ଉଚିତ୍ ।

ଗୀତା ଅଧ୍ୟାୟ ୧୫ ଶ୍ଳୋକ ନଂ ୪

ତତଃ, ପଦମ୍, ତତ୍, ପରିମାର୍ଗିତବ୍ୟମ୍, ଯସ୍ମିନ୍, ଗତାଃ, ନ, ନିବର୍ତନ୍ତି, ଭୂୟଃ ।
ତମ୍, ଏବ, ଚ, ଆଦ୍ୟମ୍, ପୁରୁଷମ୍, ପ୍ରପଦ୍ୟେ, ଯତଃ, ପ୍ରବୃତିଃ, ପ୍ରସୃତା, ପୁରାଣୀ ॥

ଅନୁବାଦ :- ଯେତେବେଳେ ତତ୍ତ୍ୱଦର୍ଶୀ ସନ୍ଥ ମିଳିଯିବେ (ତତଃ) ତା'ପରେ (ତତ୍) ସେହି ପରମାତ୍ମାଙ୍କ (ପଦମ୍) ପଦ ସ୍ଥାନ ଅର୍ଥାତ୍ ସତ୍ୟଲୋକକୁ (ପରିମାର୍ଗିତବ୍ୟମ୍) ଭଲଭାବରେ ଖୋଜିବା ଉଚିତ (ଯସ୍ମିନ୍) ଯେଉଁଠିକୁ (ଗତାଃ) ଯାଇଥିବା ସାଧକ (ଭୂୟଃ) ପୁଣି (ନ, ନିବର୍ତନ୍ତି) ଲେଉଟି କରି ସଂସାରକୁ ଆସନ୍ତି ନାହିଁ (ଚ) ଏବଂ (ଯତଃ) ଯେଉଁ ପରମାତ୍ମା-ପରମ ଅକ୍ଷର ବ୍ରହ୍ମଙ୍କଠାରୁ (ପୁରାଣୀ) ଆଦି (ପ୍ରବୃତିଃ) ରଚନା-ସୃଷ୍ଟି (ପ୍ରସୃତା) ଉତ୍ପନ୍ନ ହୋଇଅଛି (ତମ୍) ଅଜ୍ଞାତ (ଆଦ୍ୟମ୍) ଆଦି ଯମ ଅର୍ଥାତ୍ ମୁଁ କାଳ ନିରଞ୍ଜନ (ପୁରୁଷମ୍) ପୂର୍ଣ୍ଣ ପରମାତ୍ମାଙ୍କର (ଏବ) ହିଁ (ପ୍ରପଦ୍ୟେ) ମୁଁ ଶରଣରେ ଅଛି ତଥା ତାଙ୍କ ପୂଜା କରୁଅଛି ।

ଗୀତା ଅଧ୍ୟାୟ ୧୫ ଶ୍ଳୋକ ନଂ ୧୬

ଦ୍ୱୌ, ଇମୌ, ପୁରୁଷୌ, ଲୋକେ, କ୍ଷରଃ, ଚ, ଅକ୍ଷରଃ, ଏବ, ଚ,
କ୍ଷରଃ, ସର୍ବାଣି, ଭୂତାନି, କୂଟସ୍ଥଃ , ଅକ୍ଷରଃ, ଉଚ୍ୟତେ ॥

ଅନୁବାଦ :- (ଲୋକେ) ଏହି ସଂସାରରେ (ଦ୍ୱୌ) ଦୁଇ ପ୍ରକାରର (କ୍ଷରଃ) ନାଶବାନ (ଚ) ଏବଂ (ଅକ୍ଷରଃ) ଅବିନାଶୀ (ପୁରୁଷୌ) ଭଗବାନ ଅଛନ୍ତି (ଏବ) ଏହି ପ୍ରକାର (ଇମୌ) ଏହି ଦୁଇ ପ୍ରଭୁଙ୍କ ଲୋକରେ (ସର୍ବାଣୀ) ସମ୍ପୂର୍ଣ୍ଣ (ଭୂତାନି) ପ୍ରାଣୀମାନଙ୍କର ଶରୀର (କ୍ଷରଃ) ନାଶବାନ (ଚ) ଏବଂ (କୂଟସ୍ଥଃ) ଜୀବାତ୍ମା (ଅକ୍ଷରଃ) ଅବିନାଶୀ (ଉଚ୍ୟତେ) କୁହାଯାଇଥାଏ ।

ଗୀତା ଅଧ୍ୟାୟ ୧୫ ଶ୍ଳୋକ ନଂ ୧୭

ଉତ୍ତମଃ, ପୁରୁଷଃ, ତୁ, ଅନ୍ୟଃ, ପରମାତ୍ମା, ଇତି, ଉଦାହୃତଃ,
ଯଃ, ଲୋକତ୍ରୟମ୍, ଆବିଶ୍ୟ, ବିଭର୍ତି, ଅବ୍ୟୟଃ, ଈଶ୍ୱରଃ ॥

ଅନୁବାଦ:- (ଉତ୍ତମଃ) ଉତ୍ତମ (ପୁରୁଷ) ପ୍ରଭୂ (ତୁ) ତ (ଅନ୍ୟଃ) ଉପରୋକ୍ତ ଦୁଇପ୍ରଭୂ "କ୍ଷର ପୁରୁଷ ଓ ଅକ୍ଷର ପୁରୁଷ"ଙ୍କଠାରୁ ମଧ୍ୟ ଭିନ୍ନ (ଅଲଗା) ଅଟନ୍ତି (ଇତି) ସେ ବାସ୍ତବରେ (ପରମାତ୍ମା)

ପରମାତ୍ମା (ଉଦାହୃତଃ) କୁହାଯାଇଛି । (ଯଃ) ଯିଏ (ଲୋକତ୍ରୟମ୍) ତିନି ଲୋକରେ (ଆବିଶ୍ୟ) ପ୍ରବେଶ କରି (ବିଭର୍ତି) ସମସ୍ତଙ୍କର ଧାରଣ ପୋଷଣ କରିଥାନ୍ତି ଏବଂ (ଅବ୍ୟୟଃ) ଅବିନାଶୀ (ଈଶ୍ୱରଃ) ଈଶ୍ୱର (ପ୍ରଭୁମାନଙ୍କ ମଧ୍ୟରେ ଶ୍ରେଷ୍ଠ ଅର୍ଥାତ୍ ସମର୍ଥ ପ୍ରଭୁ) ଅଟନ୍ତି ।

ଭାବାର୍ଥ :- ଗୀତା ଜ୍ଞାନଦାତା ପ୍ରଭୁ କେବଳ ଏତିକି କହିଛନ୍ତି ଯେ ଏହି ସଂସାର ଓଲଟା ଭାବେ ସ୍ଥିତ ଏକ ବୃକ୍ଷ ସଦୃଶ ଜାଣ । ଉପରେ ଚେର(ମୂଳ) ପୂର୍ଣ୍ଣ ପରମାତ୍ମା ଅଟନ୍ତି । ତଳକୁ ଶାଖା-ପ୍ରଶାଖା ଆଦିକୁ ଅନ୍ୟ ଅଂଶ ବୋଲି ଜାଣନ୍ତୁ । ଏହି ସଂସାର ରୂପୀ ବୃକ୍ଷର ପ୍ରତ୍ୟେକ ଭାଗର ଭିନ୍ନ ଭିନ୍ନ ବିବରଣୀ ଯେଉଁ ସନ୍ଥ ଜାଣନ୍ତି ସେ ତତ୍ତ୍ୱଦର୍ଶୀ ସନ୍ଥ ଅଟନ୍ତି ଯାହାଙ୍କ ବିଷୟରେ ଗୀତା ଅଧ୍ୟାୟ ୪ ଶ୍ଳୋକ ନଂ ୩୪ରେ କୁହାଯାଇଛି । ଗୀତା ଅଧ୍ୟାୟ **୧୫** ଶ୍ଳୋକ ନଂ**୨-୩**ରେ କେବଳ ଏତିକି କୁହାଯାଇଛି ଯେ ତିନିଗୁଣ ରୂପୀ ଶାଖା ଅଟେ । ଏହି ବିଚାର କାଳରେ ଅର୍ଥାତ୍ ଗୀତାରେ ଆପଣଙ୍କୁ ମୁଁ (ଗୀତା ଜ୍ଞାନଦାତା) ପୂର୍ଣ୍ଣ ବିବରଣୀ ଦେଇପାରିବି ନାହିଁ, କାରଣ ମୋତେ ଏହି ସୃଷ୍ଟି ରଚନାର ଆଦି ଓ ଅନ୍ତ ଜଣା ନାହିଁ । ସେଥିପାଇଁ ଗୀତା ଅଧ୍ୟାୟ ୪ ଶ୍ଳୋକ ନଂ ୩୪ରେ କୁହାଯାଇଛି ଯେ କୌଣସି ତତ୍ତ୍ୱଦର୍ଶୀ ସନ୍ଥଙ୍କଠାରୁ ସେହି ପୂର୍ଣ୍ଣ ପରମାତ୍ମାଙ୍କ ଜ୍ଞାନ ବିଷୟରେ ଜାଣ । ଗୀତା ଅଧ୍ୟାୟ **୧୫** ଶ୍ଳୋକ **୧**ରେ ସେହି ତତ୍ତ୍ୱଦର୍ଶୀ ସନ୍ଥଙ୍କ ପରିଚୟ ଦିଆଯାଇଛି ଯେ ସେ ସଂସାର ରୂପୀ ବୃକ୍ଷର ପ୍ରତ୍ୟେକ ଭାଗର ଜ୍ଞାନ ଦେବେ, ତାଙ୍କୁ ପଚାରି ବୁଝ । ଗୀତା ଅଧ୍ୟାୟ **୧୫**ର ଶ୍ଳୋକ ୪ରେ କୁହାଯାଇଛି ଯେ ସେହି ତତ୍ତ୍ୱଦର୍ଶୀ ସନ୍ଥ ମିଳିଯିବା ପରେ ସେହି ପରମପଦ ପରମେଶ୍ୱରଙ୍କୁ ଖୋଜିବା ଉଚିତ ଅର୍ଥାତ୍ ସେହି ତତ୍ତ୍ୱଦର୍ଶୀ ସନ୍ଥଙ୍କ ନିର୍ଦ୍ଦେଶ ଅନୁସାରେ ସାଧନା କରିବା ଉଚିତ ଯଦ୍ୱାରା ପୂର୍ଣ୍ଣମୋକ୍ଷ (ଅନାଦି ମୋକ୍ଷ) ପ୍ରାପ୍ତି ହୋଇଥାଏ । ଗୀତା ଅଧ୍ୟାୟ **୧୫** ଶ୍ଳୋକ **୧୬-୧୭**ରେ ତିନି ପ୍ରଭୁଙ୍କ ବିଷୟରେ ସ୍ପଷ୍ଟ କରାଯାଇଛି ଯେ ଜଣେ କ୍ଷର ପୁରୁଷ(ବ୍ରହ୍ମ) ଦ୍ୱିତୀୟରେ ଅକ୍ଷର ପୁରୁଷ (ପରବ୍ରହ୍ମ) ତୃତୀୟରେ ପରମ ଅକ୍ଷର ପୁରୁଷ(ପୂର୍ଣ୍ଣବ୍ରହ୍ମ) । କ୍ଷର ପୁରୁଷ ଓ ଅକ୍ଷର ପୁରୁଷ ବାସ୍ତବରେ ଅବିନାଶୀ ନୁହନ୍ତି । ସେହି ଅବିନାଶୀ ପରମାତ୍ମା ଏହି ଦୁହିଁଙ୍କଠାରୁ ଭିନ୍ନ ଅଟନ୍ତି । ସେ ହିଁ ତିନି ଲୋକରେ ପ୍ରବେଶ କରି ସମସ୍ତଙ୍କର ଧାରଣ ପୋଷଣ କରିଥାନ୍ତି ।

ଉପରୋକ୍ତ ଶ୍ରୀମଭଗବତ ଗୀତା ଅଧ୍ୟାୟ **୧୫** ଶ୍ଳୋକ **୧**-୪ ତଥା **୧୬-୧୭**ରେ ଏହା ପ୍ରମାଣିତ ହେଲା ଯେ ଓଲଟା ଲଟକି ଥିବା ସଂସାର ରୂପୀ ବୃକ୍ଷର ମୂଳ ଅର୍ଥାତ୍ ଚେର ପରମ ଅକ୍ଷରବ୍ରହ୍ମ ଅର୍ଥାତ୍ ପୂର୍ଣ୍ଣବ୍ରହ୍ମ ଅଟନ୍ତି ଯାହାଙ୍କ ଦ୍ୱାରା ସମ୍ପୂର୍ଣ୍ଣ ବୃକ୍ଷର ପାଳନ ହୋଇଥାଏ ତଥା ବୃକ୍ଷର ଯେଉଁ ଅଂଶ ଭୂପୃଷ୍ଠ ବାହାରେ ଅର୍ଥାତ୍ ମାଟି ଉପରକୁ ଦୃଶ୍ୟମାନ ହୁଏ ତାହା ଗଣ୍ଡି ଅଟେ ଯାହାକୁ ଅକ୍ଷର ପୁରୁଷ ଅର୍ଥାତ୍ ପରବ୍ରହ୍ମ ବୋଲି ଜାଣନ୍ତୁ । ସେହି ଗଣ୍ଡି ଉପରକୁ ଅନ୍ୟ ମୋଟା ଶାଖାମାନ ବାହାରିଥାଏ । ସେଥିମଧ୍ୟରୁ ଗୋଟିଏ ଶାଖାକୁ ବ୍ରହ୍ମ ଅର୍ଥାତ୍ କ୍ଷରପୁରୁଷ ବୋଲି ଜାଣ ତଥା ସେହି ଶାଖାରୁ ଯେଉଁ ଅନ୍ୟ ତିନୋଟି ପ୍ରଶାଖା ବାହାରିଥାଏ ସେମାନଙ୍କୁ ବ୍ରହ୍ମା, ବିଷ୍ଣୁ ଓ ଶିବ ବୋଲି ଜାଣନ୍ତୁ ତଥା ପ୍ରଶାଖାର ଅଗ୍ରଭାଗରେ ଥିବା ପତ୍ରଗୁଡ଼ିକୁ ସାଂସାରିକ ପ୍ରାଣୀ ବୋଲି ଜାଣନ୍ତୁ । ଉପରୋକ୍ତ ଗୀତା ଅଧ୍ୟାୟ **୧୫** ଶ୍ଳୋକ **୧୬-୧୭**ରେ ସ୍ପଷ୍ଟ ଅଛି ଯେ କ୍ଷରପୁରୁଷ(ବ୍ରହ୍ମ) ଅକ୍ଷର ପୁରୁଷ (ପରବ୍ରହ୍ମ) ତଥା ଏହି ଦୁହିଁଙ୍କ ଲୋକରେ ଯେତେ ପ୍ରାଣୀ ଅଛନ୍ତି, ସେମାନଙ୍କ ସ୍ଥୁଳ ଶରୀର ନାଶବାନ ଓ ଜୀବାତ୍ମା ଅବିନାଶୀ ଅଟେ ଅର୍ଥାତ୍ ଉପରୋକ୍ତ ଦୁଇ ପ୍ରଭୁ ଓ ଏମାନଙ୍କ ଅନ୍ତର୍ଗତ ସମସ୍ତ ପ୍ରାଣୀ ନାଶବାନ ଅଟନ୍ତି । ଯଦିବା ଅକ୍ଷର ପୁରୁଷ(ପରବ୍ରହ୍ମ)ଙ୍କୁ ଅବିନାଶୀ କୁହାଯାଇଛି ପରନ୍ତୁ ବାସ୍ତବରେ ଅବିନାଶୀ ପରମାତ୍ମା ଏହି ଦୁହିଁଙ୍କଠାରୁ ଭିନ୍ନ ଅଟନ୍ତି । ସେ ତିନି ଲୋକରେ ପ୍ରବେଶ କରି ସମସ୍ତଙ୍କର ପାଳନପୋଷଣ କରିଥାନ୍ତି । ଉପରୋକ୍ତ ବର୍ଣ୍ଣନାରେ ତିନି ପ୍ରଭୁଙ୍କର ଭିନ୍ନ ଭିନ୍ନ ବିବରଣୀ ଦିଆଯାଇଛି ।

### "ପବିତ୍ର ବାଇବେଲ୍ ଓ ପବିତ୍ର କୁରାନ୍ ଶରୀଫରେ ସୃଷ୍ଟି ରଚନାର ପ୍ରମାଣ"

ଏହାର ପ୍ରମାଣ ପବିତ୍ର ବାଇବେଲ୍‌ରେ ଓ ପବିତ୍ର କୁରାନ୍ ଶରୀଫ୍‌ରେ ମଧ୍ୟ ଅଛି । କୁରାନ୍ ଶରୀଫରେ

ପବିତ୍ର ବାଇବେଲର ଜ୍ଞାନ ମଧ୍ୟ ଅଛି, ଏଥିପାଇଁ ଏହି ଦୁଇ ସଦଗ୍ରନ୍ଥ ମିଳିତ ରୂପେ ପ୍ରମାଣ କରଥାନ୍ତି ଯେ ସୃଷ୍ଟିର ରଚିୟିତା କିଏ ଓ ତାଙ୍କ ସ୍ୱରୂପ କ'ଣ ତଥା ତାଙ୍କ ବାସ୍ତବିକ ନାମ କ'ଣ ।

ପବିତ୍ର ବାଇବେଲ (ଉତ୍ପତ୍ତି ଗ୍ରନ୍ଥ ପୃଷ୍ଠା ନଂ ୨ର ଅ. ୧:୨୦ - ୨:୫)

ଷଷ୍ଠଦିନ : ପ୍ରାଣୀ ଓ ମନୁଷ୍ୟ :

ଅନ୍ୟ ପ୍ରାଣୀମାନଙ୍କର ରଚନା କରି ୨୬. ପୁଣି ପରମେଶ୍ୱର କହିଲେ, ମୁଁ ମନୁଷ୍ୟକୁ ନିଜ ସ୍ୱରୂପ ଅନୁସାରେ, ନିଜ ସମାନତାରେ ତିଆରି କରିଛି, ଯିଏ ସମସ୍ତ ପ୍ରାଣୀଙ୍କୁ ନିଜ ନିୟନ୍ତ୍ରଣରେ ରଖିବ । ୨୭. ତା'ପରେ ପରମେଶ୍ୱର ମନୁଷ୍ୟକୁ ନିଜ ସ୍ୱରୂପ ଅନୁସାରେ ଉତ୍ପନ୍ନ କଲେ, ନିଜ ସ୍ୱରୂପ ଅନୁସାରେ ହିଁ ପରମେଶ୍ୱର ମନୁଷ୍ୟକୁ ଉତ୍ପନ୍ନ କଲେ, ନର ଓ ନାରୀ ରୂପରେ ମନୁଷ୍ୟମାନଙ୍କର ସୃଷ୍ଟି କଲେ ।

୨୯. ପ୍ରଭୁ ମନୁଷ୍ୟକୁ ଭୋଜନ ପାଇଁ ଯେତେ ମଞ୍ଜି ଯୁକ୍ତ ଛୋଟ ଛୋଟ ଗଛ ଅଛି ତଥା ଯେଉଁ ଗଛ ଫଳରେ ମଞ୍ଜି ଅଛି, ତାହା ପ୍ରଦାନ କଲେ,(ମାଂସ ଖାଇବାକୁ କହିନାହାଁନ୍ତି)

ସପ୍ତମଦିନ :- ବିଶ୍ରାମର ଦିନ :

ପରମେଶ୍ୱର ଛଅ ଦିନରେ ସର୍ବ ସୃଷ୍ଟିର ଉତ୍ପତ୍ତି କଲେ ତଥା ସପ୍ତମ ଦିନ ବିଶ୍ରାମ କଲେ ।

ପବିତ୍ର ବାଇବଲ ପ୍ରମାଣିତ କରୁଛି ଯେ ପରମାତ୍ମାଙ୍କର ମାନବ ସଦୃଶ ଶରୀର ଅଛି, ଯିଏ ଛଅ ଦିନରେ ସର୍ବ ସୃଷ୍ଟିର ରଚନା କଲେ ଏବଂ ସପ୍ତମ ଦିନରେ ବିଶ୍ରାମ କଲେ ।

ପବିତ୍ର କୁରାନ୍ ଶରୀଫ (ସୁରତ୍ ଫୁର୍କାନି ୨୫, ଆୟତ ନଂ ୫୨, ୫୮, ୫୯)

ଆୟତ୍ ୫୨:-ଫଲା ତୁଲିଅଲ୍-କାଫିରନ୍ ୱ ଜାହିଦ୍‌ହୁମ୍ ବିହୀ ଜିହାଦନ୍ କବୀରା (କବୀରନ୍) ।।୫୨।।

ଭାବାର୍ଥ ଏହା ଯେ ହଜରତ ମହମ୍ମଦଙ୍କ ଖୁଦା (ପ୍ରଭୁ) କହୁଛନ୍ତି ଯେ ହେ ପୈଗମ୍ବର ! ଆପଣ କାଫିର୍ (ଯେଉଁମାନେ ଏକ ପ୍ରଭୁଙ୍କ ଭକ୍ତି ତ୍ୟାଗ କରି ଅନ୍ୟ ଦେବୀ-ଦେବତାଙ୍କ ତଥା ମୂର୍ତ୍ତୀପୂଜା ଆଦି କରିଥାନ୍ତି)ମାନଙ୍କର କଥା ଆଦୌ ମାନ ନାହିଁ, କାରଣ ସେମାନେ କବୀରଙ୍କୁ ପୂର୍ଣ୍ଣ ପରମାତ୍ମା ରୂପେ ସ୍ୱୀକାର କରନ୍ତି ନାହିଁ । ଆପଣ ମୋ ଦ୍ୱାରା ପ୍ରଦତ୍ତ ଏହି କୁରାନ୍ ଜ୍ଞାନ ଆଧାରରେ ଦୃଢ଼ ରହିବେ ଯେ କବୀର ହିଁ ପୂର୍ଣ୍ଣପ୍ରଭୁ ଅଟନ୍ତି ତଥା କବୀର ଅଲ୍ଲାହଙ୍କ ପାଇଁ ସଂଘର୍ଷ କର (ଲଢ଼ିବା ନାହିଁ) ଅର୍ଥାତ୍ ଭକ୍ତିରେ ଅଟଳ ରୁହ ।

ଆୟତ୍ ୫୮:- ୱ ତୱକ୍କଲ ଅଲଲ - ହରିଲ୍ଲଜୀ ଲା ୟମୂତୁ ୱ ସବ୍ବିହ୍ ବିହମ୍‌ଦିହୀ ୱ କଫା ବିହୀ ବିଜୁନୂବି ଇବାଦିହୀ ଖବୀରା (କବୀରା) ।।୫୮।।

ଭାବାର୍ଥ ହେଲା ହଜରତ୍ ମହମ୍ମଦ ଯାହାଙ୍କୁ ନିଜର ଗୁରୁ ମାନୁଥିଲେ ସେହି ଆଲ୍ଲା (ପ୍ରଭୁ) କୌଣସି ଅନ୍ୟ ପୂର୍ଣ୍ଣପ୍ରଭୁଙ୍କ ଆଡ଼କୁ ସଙ୍କେତ କରି କହୁଛନ୍ତି ଯେ ଏ ପୈଗମ୍ବର ! ସେହି କବୀର୍ ପରମାତ୍ମା ଉପରେ ବିଶ୍ୱାସ ରଖ ଯିଏ ତୁମ୍ଭଙ୍କୁ ଜୀନ୍ଦା ମହାତ୍ମା (ଫକିର) ରୂପରେ ଆସି ଭେଟିଥିଲେ । ତାଙ୍କର କେବେ ମୃତ୍ୟୁ ହୁଏ ନାହିଁ ଅର୍ଥାତ୍ ବାସ୍ତବରେ ସେ ଅବିନାଶୀ ଅଟନ୍ତି । ପ୍ରଶଂସାର ସହିତ ତାଙ୍କ ପାକି (ପବିତ୍ର ମହିମା)ର ଗୁଣଗାନ କରାଯିବା ଉଚିତ୍, ସେହି କବୀର ଅଲ୍ଲାହ (କବିର୍ଦେବ) ପୂଜାର ଯୋଗ୍ୟ ଅଟନ୍ତି ତଥା ନିଜ ଉପାସକର ସମସ୍ତ ପାପକୁ ସେ ନାଶ କରିପାରନ୍ତି ।

ଆୟତ ୫୯:- ଅଲ୍ଲଜୀ ଖଲକସ୍‌ସମାବାତି ୱଲ୍‌ଅର୍ଜ ୱ ମା ବୈନ୍‌ହୁମା ଫି ସିତ୍ତତି ଅୟ୍ୟାମିନ୍ ସୁମ୍ମସ୍ତୱା ଅଲଲ୍‌ଅର୍ଶି ଅର୍ରହ୍‌ମାନୁ ଫସ୍‌ଅଲ୍ ବିହୀ ଖବୀରନ୍ (କବୀରନ୍) ।।୫୯।।

ଏହାର ଭାବାର୍ଥ ହେଲା ହଜରତ ମହମ୍ମଦଙ୍କୁ କୁରାନ ଶରୀଫ୍ ଜ୍ଞାନଦାତା ପ୍ରଭୁ (ଅଲ୍ଲାହ) କହୁଛନ୍ତି ଯେ ଏହି କବୀର ପ୍ରଭୁ ସେ ଅଟନ୍ତି ଯିଏ ଭୂମି ଓ ଆକାଶ ମଧ୍ୟରେ ଯାହା ବି ବିଦ୍ୟମାନ, ସର୍ବ ସୃଷ୍ଟିର ରଚନା ସେ ଛଅ ଦିନରେ କରିଛନ୍ତି ତଥା ସପ୍ତମ ଦିନରେ ଉପରେ ଥିବା ନିଜ ସତ୍‌ଲୋକକୁ ଯାଇ ସିଂହାସନ ଉପରେ ବିରାଜମାନ ହୋଇଗଲେ (ବସିଲେ) । ତାଙ୍କ ବିଷୟରେ ଜାଣିବା ପାଇଁ କୌଣସି (ବାଖବର) ତତ୍ତ୍ୱଦର୍ଶୀ ସନ୍ଥଙ୍କୁ ପଚାର ।

ସେହି ପୂର୍ଣ୍ଣ ପରମାତ୍ମାଙ୍କୁ କିପରି ପ୍ରାପ୍ତି କରିହେବ ତଥା ବାସ୍ତବିକ ଜ୍ଞାନ ବିଷୟରେ କୌଣସି ତତ୍ତ୍ୱଦର୍ଶୀ ସନ୍ଥ (ବାଖବର)ଙ୍କୁ ପଚାର, ମୁଁ ଜାଣିନାହିଁ ।

ଉପରୋକ୍ତ ଦୁଇ ପବିତ୍ର ଧର୍ମ(ଇସାଇ ଓ ମୁସଲମାନ)ର ପବିତ୍ର ଶାସ୍ତ୍ରଗୁଡିକ ମିଳିତ ଭାବେ ଏହା ପ୍ରମାଣିତ କଲେ ଯେ ସର୍ବ ସୃଷ୍ଟିର ରଚୟିତା, ସର୍ବପାପ ବିନାଶକ, ସର୍ବ ଶକ୍ତିମାନ, ଅବିନାଶୀ ପରମାତ୍ମା ମାନବ ସଦୃଶ ସଶରୀର ସାକାର ଅଟନ୍ତି ତଥା ସେ ସତ୍ୟଲୋକରେ ରୁହନ୍ତି । ତାଙ୍କ ନାମ କବୀର ଅଟେ, ତାଙ୍କୁ ଅଲ୍ଲାହୁ ଅକବିରୁ ମଧ୍ୟ କୁହାଯାଏ ।

ଆଦରଣୀୟ ଧର୍ମଦାସଜୀ ପୂଜ୍ୟ କବୀର ପ୍ରଭୁଙ୍କୁ ପଚାରିଲେ, ହେ ସର୍ବଶକ୍ତିମାନ୍ ! ଆଜି ପର୍ଯ୍ୟନ୍ତ ଏହି ତତ୍ତ୍ୱଜ୍ଞାନ ବିଷୟରେ କେହି କହିନଥିଲେ, ବେଦର ମର୍ମକୁ ଜାଣିଥିବା ଜ୍ଞାନୀ ବ୍ୟକ୍ତିମାନେ ମଧ୍ୟ କହି ପାରିନାହାନ୍ତି । ଏଥିରୁ ସିଦ୍ଧ ହେଲା ଯେ ପବିତ୍ର ଚାରି ବେଦ ଓ ପବିତ୍ର ଚାରି କତେବ୍ (କୁରାନ ଶରୀଫ୍ ଇତ୍ୟାଦି) ମିଥ୍ୟା ଅଟେ । ପୂର୍ଣ୍ଣ ପରମାତ୍ମା କହିଛନ୍ତି ଯେ:-

କବୀର, ବେଦ କତେବ୍ ଝୁଠେ ନହିଁ ଭାଇ, ଝୁଠେ ହୈଁ ଜୋ ସମଝେ ନାହିଁ ।

ଭାବାର୍ଥ ଏହା ଯେ ଚାରି ପବିତ୍ର ବେଦ (ଋଗବେଦ - ଅଥର୍ବବେଦ - ଯଜୁର୍ବେଦ - ସାମବେଦ) ତଥା ପବିତ୍ର ଚାରି କତେବ୍ (କୁରାନ ଶରୀଫ୍ - ଜବୁର୍ - ତୌରାତ୍ - ଇଂଜିଲ୍) ଭୁଲ୍ ନୁହେଁ । ପରନ୍ତୁ ଯେଉଁମାନେ ଏହାର ମର୍ମକୁ ବୁଝିପାରି ନାହାଁନ୍ତି ସେମାନେ ଅଜ୍ଞାନୀ ଅଟନ୍ତି ।

## "ପୂଜ୍ୟ କବୀର୍ ପରମେଶ୍ୱର(କବିର୍ ଦେବ)ଜୀଙ୍କ ଅମୃତବାଣୀରେ ସୃଷ୍ଟି ରଚନା"

ବିଶେଷ :- ନିମ୍ନ ଅମୃତବାଣୀ ସନ ୧୪୦୩ {ଯେତେବେଳେ ପୂଜ୍ୟ କବିର୍ଦେବ(କବୀର ପରମେଶ୍ୱର)ଲୀଳାମୟ ଶରୀରରେ ପାଞ୍ଚବର୍ଷର ହୋଇଥିଲେ} ସନ ୧୫୧୮ {ଯେତେବେଳେ କବିର୍ଦେବ (କବୀର ପରମେଶ୍ୱର) ମଗହର ଧାମରୁ ସଶରୀରେ ସତ୍ୟଲୋକ ପ୍ରସ୍ଥାନ କଲେ}ର ମଧ୍ୟବର୍ତ୍ତୀ କାଳ ପ୍ରାୟ ୬୦୦ ବର୍ଷ ପୂର୍ବେ ପରମପୂଜ୍ୟ କବୀର ପରମେଶ୍ୱର (କବିର୍ଦେବ) ନିଜ ପ୍ରିୟ ସେବକ(ଦାସ/ଭକ୍ତ) ଆଦରଣୀୟ ଧର୍ମଦାସ ସାହେବଜୀଙ୍କୁ ଶୁଣାଇଥିଲେ ତଥା ଧନୀ ଧର୍ମଦାସ ସାହେବଜୀ ଏହାକୁ ଲିପିବଦ୍ଧ କରିଥିଲେ । ପରନ୍ତୁ ସେ ସମୟରେ ପବିତ୍ର ହିନ୍ଦୁ ଓ ପବିତ୍ର ମୁସଲମାନ ଧର୍ମର ଅଜ୍ଞାନୀ ଗୁରୁମାନେ (ନୀମ-ହକିମ) କହିଥିଲେ ଯେ ଏହି ଧାଣକ (ବୁଣାକାର) କବୀର ମିଥ୍ୟାବାଦୀ ଅଟେ । କୌଣସି ସଦଗ୍ରନ୍ଥରେ ଶ୍ରୀ ବ୍ରହ୍ମା, ଶ୍ରୀ ବିଷ୍ଣୁ ଓ ଶ୍ରୀ ଶିବଙ୍କ ମାତା-ପିତାଙ୍କର ନାମ ଉଲ୍ଲେଖ ନାହିଁ । ଏହି ତିନି ପ୍ରଭୁ ଅବିନାଶୀ ଅଟନ୍ତି ତଥା ଏମାନଙ୍କର ଜନ୍ମ ଓ ମୃତ୍ୟୁ ହୁଏ ନାହିଁ । କବୀର ପରମେଶ୍ୱରଙ୍କ ପ୍ରମାଣ ନା ପବିତ୍ର ବେଦରେ ନା ପବିତ୍ର କୁରାନ ଶରୀଫ ଆଦି କୌଣସି ଗ୍ରନ୍ଥରେ ଅଛି । ପରମାତ୍ମା ନିରାକାର ବୋଲି ଶାସ୍ତ୍ରରେ ଲେଖାଅଛି, ପ୍ରତିଦିନ ଆମ୍ଭେ ପଠନ କରୁଛୁ । ନିରୀହ ଆତ୍ମାମାନେ ସେହି ବିଚକ୍ଷଣ (ଚତୁର ଗୁରୁ)ମାନଙ୍କ କଥାରେ ବିଶ୍ୱାସ କରିବାକୁ ଲାଗିଲେ ଏବଂ ଭାବିଲେ ଯେ ବାସ୍ତବରେ ଏହି କବୀର ତନ୍ତୀ(ବୁଣାକାର) ଅଶିକ୍ଷିତ, ଆମ୍ଭ ଗୁରୁଜୀ ଶିକ୍ଷିତ ତେଣୁ ନିଶ୍ଚୟ ସତ୍ୟ କହୁଥିବେ । ଆଜି ସେହି ସତ୍ୟର ପରିପ୍ରକାଶ ହେଉଛି ଏବଂ ସମସ୍ତ ପବିତ୍ର ଧର୍ମର ପବିତ୍ର ସଦଗ୍ରନ୍ଥ ମଧ୍ୟ ଏହାର ଜ୍ୱଳନ୍ତ ସାକ୍ଷୀ । ଏଥିରୁ ପ୍ରମାଣିତ ହେଲା ଯେ ପୂର୍ଣ୍ଣ ପରମେଶ୍ୱର, ସର୍ବ ସୃଷ୍ଟିର ରଚୟିତା, ସର୍ବ ବ୍ରହ୍ମାଣ୍ଡର ମାଲିକ ତଥା କବିର୍ଦେବ(କବୀର ପରମେଶ୍ୱର)ହିଁ ସର୍ବଜ୍ଞ ଅଟନ୍ତି । ଯିଏ କାଶୀ(ବନାରସ)ରେ ପଦ୍ମଫୁଲ ଉପରେ ପ୍ରକଟ ହୋଇ ନିଜ ବାସ୍ତବିକ ତେଜମୟ ଶରୀର ଉପରେ ମାନବ ସଦୃଶ ଏକ ହାଲୁକା ତେଜର ଶରୀର ଧାରଣ କରି ୧୨୦ ବର୍ଷ ପର୍ଯ୍ୟନ୍ତ ଲୀଳା କରି ନିଜ ଦ୍ୱାରା ରଚିତ ସୃଷ୍ଟିର ସଠିକ୍(ବାସ୍ତବିକ ତତ୍ତ୍ୱ) ଜ୍ଞାନ ଦେଇ ସଶରୀରେ ସତ୍ୟଲୋକ ଚାଲିଗଲେ । ପ୍ରଭୁପ୍ରେମୀ ପାଠକଗଣ କୃପାକରି ପଢନ୍ତୁ ପରମେଶ୍ୱର କବୀର ସାହେବଜୀଙ୍କ ଦ୍ୱାରା ଉଚ୍ଚାରିତ ନିମ୍ନ ଅମୃତବାଣୀ :-

ଧର୍ମଦାସ ୟହ ଜଗ ବୌରାନା । କୋଇ ନ ଜାନେ ପଦ ନିରବାନା ।।୧।।
ୟହି କାରଣ ମୈଁ କଥା ପସାରା । ଜଗସେ କହିୟୋ ରାମ ନିୟାରା ।।
ୟହି ଜ୍ଞାନ ଜଗ ଜୀବ ସୁନାଓ । ସବ ଜୀବୋଁକା ଭରମ ନଶାଓ ।।୨।।
ଭରମ ଗୟେ ଜଗ ବେଦ ପୁରାନା । ଆଦିରାମ କା ଭେଦ ନ ଜାନା ।।୩।।
ରାମ ରାମ ସବ ଜଗତ ବଖାନେ । ଆଦିରାମ କୋଇ ବିରଲା ଜାନେ ।।୪।।
ଜ୍ଞାନୀ ସୁନେ ସୋ ହିରଦୈ ଲଗାଇ । ମୂର୍ଖ ସୁନେ ସୋ ଗମ୍ୟ ନା ପାଇ ।।୫।।
ଅବ ମୈଁ ତୁମସେ କହୋଁ ଚିତାଇ । ତ୍ରୟଦେବନକୀ ଉପୃତ୍ତି ଭାଈ ।।୬।।
କୁଛ ସଂକ୍ଷେପ କହୋଁ ଗୁହରାଇ । ସବ ସଂଶୟ ତୁହ୍ମରେ ମିଟ ଜାଇ ।।୭।।
ମାଁ ଅଷ୍ଟଂଗୀ ପିତା ନିରଞ୍ଜନ । ୱେ ଜମ ଦାରୁଣ ବଂଶନ ଅଞ୍ଜନ ।।୮।।
ପହିଲେ କୀହ୍ନ ନିରଞ୍ଜନ ରାଈ । ପୀଛେସେ ମାୟା ଉପଜାଈ ।।୯।।
ମାୟା ରୂପ ଦେଖ ଅତି ଶୋଭା । ଦେବ ନିରଞ୍ଜନ ତନମନ ଲୋଭା ।।୧୦।।
କାମଦେବ ଧର୍ମରାୟ ସତାୟେ । ଦେବୀ କୋ ତୁରତହୀ ଧର ଖାୟେ ।।୧୧।।
ପେଟ ସେ ଦେବୀ କରି ପୁକାରା । ସାହବ ମେରା କରୋ ଉବାରା ।।୧୨।।
ଟେର ସୁନୀ ତବ ହମ ତହାଁ ଆୟେ । ଅଷ୍ଟଙ୍ଗୀ କୋ ବନ୍ଦ ଛୁଡ଼ାୟେ ।।୧୩ ।।
ସତଲୋକ ମେଁ କୀହ୍ନା ଦୁରାଚାରି । କାଳ ନିରଞ୍ଜନ ଦିହ୍ନା ନିକାରି ।।୧୪।।
ମାୟା ସମେତ ଦିୟା ଭଗାଈ । ସୋଲହ ସଙ୍ଖ କୋସ ଦୂରୀ ପର ଆଈ ।।୧୫।।
ଅଷ୍ଟଙ୍ଗୀ ଔର କାଲ ଅବ ଦୋଈ । ମନ୍ଦ କର୍ମ ସେ ଗଏ ବିଗୋଈ ।।୧୬।।
ଧର୍ମରାୟ କୋ ହିକମତ କୀହ୍ନା । ନଖ ରେଖା ସେ ଭଗକର ଲୀହ୍ନା ।।୧୭।।
ଧର୍ମରାୟ କୀହ୍ନାଁ ଭୋଗ୍ ବିଲାସା । ମାୟାକୋ ରହୀ ତବ ଆସା ।।୧୮।।
ତୀନ ପୁତ୍ର ଅଷ୍ଟଙ୍ଗୀ ଜାୟେ । ବ୍ରହ୍ମା ବିଷ୍ଣୁ ଶିବ ନାମ ଧରାୟେ ।।୧୯।।
ତୀନ ଦେବ ବିସ୍ତାର ଚଲାଏ । ଇନମେଁ ୟହ ଜଗ ଧୋଖା ଖାଏ ।।୨୦।।
ପୁରୁଷ ଗମ୍ୟ କୈସେ କୋ ପାୱେ । କାଲ ନିରଞ୍ଜନ ଜଗ ଭରମାୱେ ।।୨୧।।
ତୀନ ଲୋକ ଅପନେ ସୁତ ଦୀହ୍ନା । ସୁନ୍ନ ନିରଞ୍ଜନ ବାସା ଲିହ୍ନା ।।୨୨।।
ଅଲଖ ନିରଞ୍ଜନ ସୁନ୍ନ ଠିକାନା । ବ୍ରହ୍ମା ବିଷ୍ଣୁ ଶିବ ଭେଦ ନ ଜାନା ।।୨୩।।
ତୀନ ଦେବ ସୋ ଉନକୋ ଧାବେଁ । ନିରଞ୍ଜନ କା ୱେ ପାର ନା ପାବେଁ ।।୨୪।।
ଅଲଖ ନିରଞ୍ଜନ ବଡା ବଟପାରା । ତୀନ ଲୋକ ଜିବ କୀହ୍ନ ଅହାରା ।।୨୫।।
ବ୍ରହ୍ମା ବିଷ୍ଣୁ ଶିବ ନହୀଁ ବଚାୟେ । ସକଲ ଖାୟ ପୁନ ଧୂର ଉଡାୟେ ।।୨୬।।
ତିନକେ ସୁତ ହୈଁ ତୀନୋଁ ଦେବା । ଆନ୍ଧର ଜୀବ କରତ ହୈଁ ସେବା ।।୨୭।।
ଅକାଲ ପୁରୁଷ କାହୂ ନହିଁ ଚୀହ୍ନା । କାଲ ପାୟ ସବହୀ ଗହ ଲିହ୍ନାଁ ।।୨୮।।
ବ୍ରହ୍ମ କାଲ ସକଲ ଜଗ ଜାନେ । ଆଦି ବ୍ରହ୍ମକୋ ନା ପହିଚାନେ ।।୨୯।।
ତୀନୋଁ ଦେବ ଔର ଔତାରା । ତାକେ ଭଜେ ସକଲ ସଂସାରା ।।୩୦।।
ତୀନୋଁ ଗୁଣ କା ୟହ ବିସ୍ତାରା । ଧର୍ମଦାସ ମୈଁ କହୋଁ ପୁକାରା ।।୩୧।।
ଗୁଣ ତିନୋକୀ ଭକ୍ତି ମେଁ, ଭୂଲ ପରୋ ସଂସାରା ।।୩୨।।
କହୈ କବୀର ନିଜ ନାମ ବିନ, କୈସେ ଉତରୈଁ ପାର ।।୩୩।।

ଉପରୋକ୍ତ ଅମୃତବାଣୀରେ ପରମେଶ୍ୱର କବୀର ସାହେବଜୀ ନିଜ ପ୍ରିୟ ସେବକ ଶ୍ରୀ ଧର୍ମଦାସଜୀଙ୍କୁ କହୁଛନ୍ତି ଯେ ଧର୍ମଦାସ ! ଏହି ସାରା ସଂସାର ତତ୍ତ୍ୱଜ୍ଞାନ ଅଭାବରୁ ଆଜି ବିଚଳିତ । କାହାକୁ ପୂର୍ଣ୍ଣ ମୋକ୍ଷ

ମାର୍ଗ ତଥା ପୂର୍ଣ୍ଣ ସୃଷ୍ଟି ରଚନାର ଜ୍ଞାନ ନାହିଁ । ଏଥିପାଇଁ ମୁଁ ଆପଣଙ୍କୁ ମୋ ଦ୍ୱାରା ରଚିତ ସୃଷ୍ଟିର କଥା ଶୁଣାଉଛି । ବୁଦ୍ଧିମାନ ବ୍ୟକ୍ତି ତୁରନ୍ତ ବୁଝିଯିବେ, ପରନ୍ତୁ ଯେଉଁ ବ୍ୟକ୍ତି ସମସ୍ତ ପ୍ରମାଣ ସ୍ୱଚକ୍ଷୁରେ ଦେଖି ମଧ୍ୟ ନ ମାନିବେ ତେବେ ସେହି ଅଜ୍ଞାନୀ ପ୍ରାଣୀ କାଳ ପ୍ରଭାବରେ ପ୍ରଭାବିତ ବୋଲି ବୁଝିବାକୁ ପଡିବ । ସେମାନେ ଭକ୍ତି ଯୋଗ୍ୟ ନୁହଁନ୍ତି । ଏବେ ମୁଁ କହୁଛି ଶୁଣ, ତିନି ଭଗବାନ (ବ୍ରହ୍ମା, ବିଷ୍ଣୁ, ଶିବ)ର ଉତ୍ପତ୍ତି କିପରି ହେଲା ? ଏମାନଙ୍କର ମାତା ଅଷ୍ଟାଙ୍ଗୀ(ଦୁର୍ଗା) ତଥା ପିତା ଜ୍ୟୋତି ନିରଞ୍ଜନ(ବ୍ରହ୍ମ, କାଳ) ଅଟେ । ପ୍ରଥମେ ବ୍ରହ୍ମର ଉତ୍ପତ୍ତି ଅଣ୍ଡାରୁ ହେଲା, ତା'ପରେ ଦୁର୍ଗାର ଉତ୍ପତ୍ତି ହେଲା । ଦୁର୍ଗା ରୂପରେ ଆସକ୍ତ ହୋଇ କାଳ(ବ୍ରହ୍ମ) ଭୁଲ୍ (ଦୁର୍ବ୍ୟବହାର) କଲା, ସେତେବେଳେ ଦୁର୍ଗା(ପ୍ରକୃତି) ବ୍ରହ୍ମର ପେଟରେ ଶରଣ ନେଲା । ମୁଁ ସେଠାକୁ ଗଲି ଯେଉଁଠି ଜ୍ୟୋତି ନିରଞ୍ଜନ(କାଳ) ଥିଲା । ତା'ପରେ ଭବାନୀଙ୍କୁ ବ୍ରହ୍ମର ଉଦରରୁ ବାହାର କରି ଉଭୟଙ୍କୁ ଏକୋଇଶ ବ୍ରହ୍ମାଣ୍ଡ ସହିତ ୧୬ଶଙ୍ଖ କୋଶ ଦୂରକୁ ପଠାଇଦେଲି । ଜ୍ୟୋତି ନିରଞ୍ଜନ (ଧର୍ମରାୟ) ପ୍ରକୃତି ଦେବୀ(ଦୁର୍ଗା) ସହିତ ଭୋଗ-ବିଳାସ କଲା । ଏହି ଦୁହିଁଙ୍କ ସଂଯୋଗରୁ ତିନିଗୁଣ (ଶ୍ରୀ ବ୍ରହ୍ମା, ଶ୍ରୀ ବିଷ୍ଣୁ, ଶ୍ରୀ ଶିବ)ଙ୍କର ଉତ୍ପତ୍ତି ହେଲା । ଏହି ତିନି ଗୁଣ (ରଜଗୁଣ ବ୍ରହ୍ମା, ସତଗୁଣ ବିଷ୍ଣୁ, ତମଗୁଣ ଶିବ)ର ସାଧନା କରି ସମସ୍ତ ପ୍ରାଣୀ କାଳଜାଲରେ ଫସିଛନ୍ତି । ଯେ ପର୍ଯ୍ୟନ୍ତ ବାସ୍ତବିକ ମନ୍ତ୍ର ନ ମିଳିବ, ପୂର୍ଣ୍ଣମୋକ୍ଷ କିପରି ହେବ ?

ବିଶେଷ:- ପ୍ରିୟ ପାଠକଗଣ ବିଚାର କରନ୍ତୁ, ଶ୍ରୀ ବ୍ରହ୍ମା, ଶ୍ରୀ ବିଷ୍ଣୁ ତଥା ଶ୍ରୀ ଶିବଙ୍କ ସ୍ଥିତିକୁ ଅବିନାଶୀ କୁହାଯାଉଥିଲା । ସର୍ବ ହିନ୍ଦୁ ସମାଜ ବର୍ତ୍ତମାନ ପର୍ଯ୍ୟନ୍ତ ଏହି ତିନି ପରମାତ୍ମାଙ୍କୁ ଅଜର-ଅମର ଓ ଜନ୍ମ-ମୃତ୍ୟୁ ରହିତ ବୋଲି ମାନି ଆସୁଥିଲେ କିନ୍ତୁ ଏହି ତିନି ଦେବତା ନାଶବାନ ଅଟନ୍ତି । ଏମାନଙ୍କ ପିତା କାଳରୂପୀ ବ୍ରହ୍ମ ତଥା ମାତା ଦୁର୍ଗା(ପ୍ରକୃତି/ଅଷ୍ଟାଙ୍ଗୀ) ଅଟନ୍ତି ଯାହାର ପ୍ରମାଣଗୁଡିକୁ ଆପଣ ପୂର୍ବରୁ ପଢିଛନ୍ତି, ସେହି ସମସ୍ତ ଜ୍ଞାନ ଆମ୍ଭ ନିଜ ଶାସ୍ତ୍ରରେ ହିଁ ବିଦ୍ୟମାନ କିନ୍ତୁ ହିନ୍ଦୁ ସମାଜର କଳିଯୁଗୀ ଗୁରୁ, ଋଷି ଓ ସନ୍ଥମାନଙ୍କୁ ବର୍ତ୍ତମାନ ସୁଦ୍ଧା ଏହି ବହୁମୂଲ୍ୟ ଜ୍ଞାନ ବିଷୟରେ ଜଣାନାହିଁ । ଯେଉଁ ଅଧ୍ୟାପକ ପାଠ୍ୟକ୍ରମ (ସିଲାବସ) ସହିତ ଅପରିଚିତ ସେ ଉପଯୁକ୍ତ ଅଧ୍ୟାପକ (ବିଦ୍ୱାନ) ନୁହଁନ୍ତି, ସେହି ଶିକ୍ଷକ ବିଦ୍ୟାର୍ଥୀମାନଙ୍କର ଶତ୍ରୁ ଅଟନ୍ତି । ଏହି ପ୍ରକାରେ ଯେଉଁ ଗୁରୁମାନଙ୍କୁ ବର୍ତ୍ତମାନ ପର୍ଯ୍ୟନ୍ତ ଜଣାନାହିଁ ଯେ ଶ୍ରୀ ବ୍ରହ୍ମା, ଶ୍ରୀ ବିଷ୍ଣୁ ତଥା ଶ୍ରୀ ଶିବଙ୍କର ମାତା-ପିତା କିଏ ? ତେଣୁ ସେହି ଗୁରୁ, ଋଷି ଓ ସନ୍ଥ ସମସ୍ତେ ଜ୍ଞାନହୀନ ଅଟନ୍ତି, ଯେଉଁ କାରଣରୁ ସର୍ବ ଭକ୍ତ ସମାଜକୁ ଶାସ୍ତ୍ରବିରୁଦ୍ଧ ଜ୍ଞାନ (ଲୋକବେଦ ଅର୍ଥାତ୍ ମନଗଢା କଥା) ଶୁଣାଇ ଅଜ୍ଞାନରେ ପରିପୂର୍ଣ୍ଣ କରିଦେଲେ । ସେମାନେ ଶାସ୍ତ୍ରବିଧି ବିରୁଦ୍ଧ ଭକ୍ତିସାଧନା ବତାଇ ପରମାତ୍ମାଙ୍କ ବାସ୍ତବିକ ଲାଭ(ପୂର୍ଣ୍ଣମୋକ୍ଷ)ରୁ ବଞ୍ଚିତ କରି ସମସ୍ତ ଅମୂଲ୍ୟ ମାନବ ଜନ୍ମକୁ ନଷ୍ଟ କରିଦେଲେ କାରଣ ଶ୍ରୀମଦଭଗବତ ଗୀତା ଅଧ୍ୟାୟ ୧୬ ଶ୍ଳୋକ ୨୩-୨୪ରେ ଏହି ପ୍ରମାଣ ଅଛି ଯେ ଯେଉଁମାନେ ଶାସ୍ତ୍ରବିଧି ତ୍ୟାଗକରି ମନମୁଖୀ ଆଚରଣ ବା ପୂଜା କରିଥାନ୍ତି ସେମାନଙ୍କୁ କୌଣସି ଲାଭ ପ୍ରାପ୍ତି ହୁଏନାହିଁ । ପୂର୍ଣ୍ଣ ପରମାତ୍ମା କବୀରଜୀ ପାଞ୍ଚବର୍ଷୀୟ ଲୀଳାମୟ ଆୟୁରେ ସନ ୧୪୦୩ ରୁ ସର୍ବ ଶାସ୍ତ୍ର ଯୁକ୍ତ ଜ୍ଞାନକୁ ନିଜ ଅମୃତ ବାଣୀ(କବୀରବାଣୀ) ମାଧ୍ୟମରେ ପ୍ରକାଶ କରିବା ପ୍ରାରମ୍ଭ କରିଥିଲେ ପରନ୍ତୁ ସେହି ଅଜ୍ଞାନୀ ଗୁରୁମାନେ ଏହି ଜ୍ଞାନକୁ ଭକ୍ତ ସମାଜ ପର୍ଯ୍ୟନ୍ତ ପହଞ୍ଚିବାକୁ ଦେଲେ ନାହିଁ । ବର୍ତ୍ତମାନ ଏହା ସର୍ବ ସଦଗୁରୁରୁ ସ୍ପଷ୍ଟ ହେବାରେ ଲାଗିଛି । ଏଥିରୁ ପ୍ରମାଣିତ ହେଲା ଯେ କର୍ବିଦେବ(କବୀର ପ୍ରଭୁ) ତତ୍ତ୍ୱଦର୍ଶୀ ସନ୍ଥ ରୂପରେ ସ୍ୱୟଂ ପୂର୍ଣ୍ଣ ପରମାତ୍ମା ହିଁ ଆସିଥିଲେ ।

**"ଆଦରଣୀୟ ଗରୀବ ଦାସ ସାହେବଜୀଙ୍କ ଅମୃତବାଣୀରେ ସୃଷ୍ଟି ରଚନାର ପ୍ରମାଣ"**

ଆଦି ରମୈଣୀ (ସଦଗ୍ରନ୍ଥ ପୃଷ୍ଠା ନଂ ୬୯୦-୬୯୨ ପର୍ଯ୍ୟନ୍ତ)

ଆଦି ରମୈଣୀ ଅଦଲୀ ସାରା । ଜା ଦିନ ହୋତେ ଧୁଁଧୁଁକାରା ।।୧।।
ସତପୁରୁଷ କୀହ୍ନା ପ୍ରକାଶା । ହମ ହୋତେ ତଖତ କବୀର ଖୱାସା ।।୨।।

ମନ ମୋହିନୀ ସିରଜୀ ମାୟା । ସତପୁରୁଷ ଏକ ଖ୍ୟାଲ ବନାୟା ।।୩।।
ଧର୍ମରାୟ ସିରଜେ ଦରବାନୀ । ଚୌଷଠ ଜୁଗତପ ସେବା ଠାନୀଁ ।।୪।।
ପୁରୁଷ ପୃଥିବୀ ଜାକୁଁ ଦୀହ୍ନୀ । ରାଜ କରୋ ଦେବା ଆଧୀନୀ ।।୫।।
ବ୍ରହ୍ମାଣ୍ଡ ଇକୀସ ରାଜ ତୁମ ଦୀହ୍ନା । ମନ କୀ ଇଚ୍ଛା ସବ ଯୁଗ ଲୀହ୍ନା ।।୬।।
ମାୟା ମୂଲ ରୁପ ଏକ ଛାଜା । ମୋହି ଲିୟେ ଜିନହୁଁ ଧର୍ମରାଜା ।।୭।।
ଧର୍ମକା ମନ ଚଞ୍ଚଲ ଚିତ ଧାରୟା । ମନ ମାୟାକା ରୂପ ବିଚାରା ।।୮।।
ଚଞ୍ଚଲ ଚେରୀ ଚପଲ ଚିରାଗା । ୟା କେ ପରସେ ସରବସ ଜାଗା ।।୯।।
ଧର୍ମରାୟ କୀୟା ମନ କା ଭାଗୀ । ବିଷୟ ବାସନା ସଙ୍ଗ ସେ ଜାଗୀ ।।୧୦।।
ଆଦି ପୁରୁଷ ଅଦଲୀ ଅନରାଗୀ । ଧର୍ମରାୟ ଦିୟା ଦିଲ ସେଁ ତ୍ୟାଗୀ ।।୧୧।।
ପୁରୁଷ ଲୋକ ସେଁ ଦୀୟା ଡହାହୀ । ଅଗମ ଦୀପ ଚଲି ଆୟେ ଭାଇ ।।୧୨।।
ସହଜ ଦାସ ଜିସ ଦୀପ ରହତାଁ । କାରଣ କୌନ କୌନ କୁଲ ପନ୍ଥା ।।୧୩।।
ଧର୍ମରାୟ ବୋଲେ ଦରବାନୀ । ସୁନୋ ସହଜ ଦାସ ବ୍ରହ୍ମଜ୍ଞାନୀ ।।୧୪।।
ଚୌସଠ ଜୁଗ ହମ ସେବା କୀହ୍ନୀ । ପୁରୁଷ ପୃଥିବୀ ହମ କୁଁ ଦୀହ୍ନୀ ।।୧୫।।
ଚଞ୍ଚଲ ରୂପ ଭୟା ମନ ବୌରା । ମନମୋହିନୀ ଠଗିୟା ଭୌରାଁ ।।୧୬।।
ସତପୁରୁଷ କେ ନା ମନ ଭାୟେ । ପୁରୁଷ ଲୋକ ସେ ହମ ଚଲି ଆୟେ ।।୧୭।।
ଅଗର ଦୀପ ସୁନତ ବଡଭାଗୀ । ସହଜ ଦାସ ମେଟୋ ମନ ପାଗୀ ।।୧୮।।
ବୋଲେ ସହଜଦାସ ଦିଲ ଦାନୀ । ହମ ତୋ ଚାକର ସତ ସହଦାନୀ ।।୧୯।।
ସତପୁରୁଷ ସେଁ ଅରଜ ଗୁଜାରୂଁ । ଜବ ତୁହ୍ମାରା ବିବାଣ ଉତାରୂଁ ।।୨୦।।
ସହଜ ଦାସ କୋ କୀୟା ପୀୟାନା । ସତ୍ୟଲୋକ ଲୀୟା ପ୍ରବାନା ।।୨୧।।
ସତପୁରୁଷ ସାହିବ ସରବଙ୍ଗୀ । ଅବିଗତ ଅଦଲୀ ଅଚଲ ଅଭଙ୍ଗୀ ।।୨୨।।
ଧର୍ମରାୟ ତୁହ୍ମରା ଦରବାନୀ । ଅଗର ଦୀପ ଚଲି ଗୟେ ପ୍ରାନୀ ।।୨୩।।
କୌନଁ ହୁକମ କରୀ ଅରଜ ଅବାଜା । କହାଁ ପଠାବୌ ଉସ ଧର୍ମରାଜା ।।୨୪।।
ଭଈ ଅବାଜ ଅଦଲୀ ଏକ ସାଚା । ବିଷୟ ଲୋକ ଜା ତୀନୁଁ ବାଚା ।।୨୫।।
ସହଜ ବିମାଁନ ଚଲେ ଅଧିକାଈ । ଛିନ ମେଁ ଅଗର ଦୀପ ଚଲି ଆଈ ।।୨୬।।
ହମତୋ ଅରଜ କରୀ ଅନରାଗୀ । ତୁହ୍ମ ବିଷୟ ଲୋକ ଜାବୋ ବଡଭାଗୀ ।।୨୭।।
ଧର୍ମରାୟ କେ ଚଲେ ବିମାନା । ମାନସରୋବର ଆୟେ ପ୍ରାନା ।।୨୮।।
ମାନସରୋବର ରହନ ନ ପାୟେ । ଦରୈ କବୀରା ଥାନାଁ ଲାୟେ ।।୨୯।।
ବଙ୍କନାଲ କୀ ବିଷମୀ ବାଟୀ । ତହାଁ କବୀରା ରୋକୀ ଘାଟୀ ।।୩୦।।
ଇନ ପାଞ୍ଚୋ ମିଲି ଜଗତ ବନ୍ଧାନା । ଲକ୍ଷ ଚୌରାସୀ ଜୀବ ସନ୍ତାନା ।।୩୧।।
ବ୍ରହ୍ମା ବିଷ୍ଣୁ ମହେଶ୍ୱର ମାୟା । ଧର୍ମରାୟ କା ରାଜ ପଠାୟା ।।୩୨।।
ୟୋହ ଖୋଖା ପୁର ଝୂଠୀ ବାଜୀ । ଭିସତି ବୈକୁଣ୍ଠ ଦଗାସୀ ସାଜୀ ।।୩୩।।
କୃତିମ ଜୀବ ଭୁଲାନେଁ ଭାଇ । ନିଜ ଘର କୀ ତୋ ଖବରି ନ ପାଇ ।।୩୪।।
ସବା ଲାକ୍ଷ ଉପଜେଁ ନିତ ହଂସା । ଏକ ଲାକ୍ଷ ବିନଶେଁ ନିତ ଅସାଁ ।।୩୫।।
ଉପତି ଖପତି ପ୍ରଳୟ ଫେରୀ । ହର୍ଷ ଶୋକ ଜୌରାଁ ଜମଜେରୀ ।।୩୬।।
ପାଞ୍ଚୋ ତତ୍ତ୍ୱ ହେଁ ପ୍ରଳୟ ମାହୀଁ । ସତ୍ତ୍ୱଗୁଣ ରଜଗୁଣ ତମଗୁଣ ଝାଇଁ ।।୩୭।।
ଆଠୋ ଅଙ୍ଗ ମିଲୀ ହୈ ମାୟା । ପିଣ୍ଡ ବ୍ରହ୍ମାଣ୍ଡ ସକଲ ଭରମାୟା ।।୩୮।।

ୟା ମେଁ ସୁରତି ଶବ୍ଦକୀ ଡୋରୀ । ପିଣ୍ଡ ବ୍ରହ୍ମାଣ୍ଡ ଲଗୀହୈ ଖୋରୀ ।।୩୯।।
ଶ୍ୱାସାପାରସ ମନ ଗହ ରାଖୋ । ଖୋଲହି କପାଟ ଅମୀରସ ଚାଖୋ ।।୪୦।।
ସୁନାଉଁ ହଂସ ଶବ୍ଦ ସୁନ ଦାସା । ଅଗମ ଦୀପ ହୈ ଅଗ ହୈ ବାସା ।।୪୧।।
ଭବସାଗର ଜମ ଦଣ୍ଡ ଜମାନା । ଧର୍ମରାୟ କା ହୈ ତଲବାନାଁ ।।୪୨।।
ପାଞ୍ଚୋ ଉପର ପଦ କୀ ନଗରୀ । ବାଟ ବିହଙ୍ଗମ ବଙ୍କୀ ଡଗରୀ ।।୪୩।।
ହମରା ଧର୍ମରାୟ ସୌଁ ଦାବା । ଭବସାଗର ମେଁ ଜୀବ ଭରମାବା ।।୪୪।।
ହମ ତୋ କହେଁ ଅଗମ କୀ ବାନୀ । ଜହାଁ ଅବିଗତ ଅଦଲୀ ଆପ ବିନାନୀ ।।୪୫।।
ବନ୍ଦୀଛୋଡ ହମାରା ନାମଁ । ଅଜର ଅମର ହୈ ଅସ୍ଥିର ଠାମଁ ।।୪୬।।
ଜୁଗନ ଜୁଗନ ହମ କହତେ ଆୟେ । ଜମ ଜୌରାଁ ସେଁ ହଂସ ଛୁଟାୟେ ।।୪୭।।
ଜୋ କୋଇ ମାନେ ଶବ୍ଦ ହମାରା । ଭବସାଗର ନହୀଁ ଭରମେଁ ଧାରା ।।୪୮।।
ୟା ମେଁ ସୁରତି ଶବ୍ଦ କା ଲେଖା । ତନ ଅନ୍ଦର ମନ କହୋ କୀହ୍ନୀ ଦେଖା ।।୪୯।।
ଦାସ ଗରୀବ ଅଗମ କୀ ବାଣୀ । ଖୋଜା ହଂସା ଶବ୍ଦ ସହଦାନୀ ।।୫୦।।

ଉପରୋକ୍ତ ଅମୃତବାଣୀର ଭାବାର୍ଥ ହେଲା ଆଦରଣୀୟ ଗରୀବଦାସ ସାହେବଜୀ କହୁଛନ୍ତି ଯେ ଏଠାରେ ପ୍ରଥମେ କେବଳ ଅନ୍ଧକାର ଥିଲା ଏବଂ ପୂର୍ଣ୍ଣ ପରମାତ୍ମା କବୀର ସାହେବଜୀ ସତ୍ୟଲୋକରେ ସିଂହାସନରେ ବିରାଜମାନ ଥିଲେ । ଆମ୍ଭେମାନେ ସେଠାରେ ଚାକର ହୋଇ ରହିଥିଲେ । ପରମାତ୍ମା ଜ୍ୟୋତି ନିରଞ୍ଜନଙ୍କୁ ଉତ୍ପନ୍ନ କଲେ । ପୁଣି ତପସ୍ୟାର ପ୍ରତିଫଳ ସ୍ୱରୂପ ତାଙ୍କୁ ଏକୋଇଶ ବ୍ରହ୍ମାଣ୍ଡ ପ୍ରଦାନ କଲେ । ପୁଣି ମାୟା(ପ୍ରକୃତି)ଙ୍କୁ ଉତ୍ପନ୍ନ କଲେ । ଯୁବତୀ ଦୁର୍ଗାଙ୍କ ରୂପରେ ମୋହିତ ହୋଇ ଜ୍ୟୋତି ନିରଞ୍ଜନ(ବ୍ରହ୍ମ), ଦୁର୍ଗା(ପ୍ରକୃତି)ଙ୍କୁ ବଳାତ୍କାର କରିବା ପାଇଁ ଚେଷ୍ଟା କଲେ । ତେଣୁ ବ୍ରହ୍ମଙ୍କୁ ଏହି କର୍ମର ଦଣ୍ଡ ମିଳିଲା । ତାଙ୍କୁ ସତଲୋକରୁ ବହିଷ୍କାର କରି ଦିଆଗଲା ତଥା ଅଭିଶାପ ମିଳିଲା ଯେ ଏକଲକ୍ଷ ମାନବ ଶରୀରଧାରୀ ପ୍ରାଣୀମାନଙ୍କୁ ସେ ପ୍ରତିଦିନ ଆହାର କରିବେ ଏବଂ ଲକ୍ଷେ ପଚିଶ ହଜାର ଉତ୍ପନ୍ନ କରିବେ । ଏଠାରେ ସମସ୍ତ ପ୍ରାଣୀ ଜନ୍ମ-ମୃତ୍ୟୁର କଷ୍ଟ ଭୋଗୁଛନ୍ତି । ପୂର୍ଣ୍ଣ ପରମାତ୍ମାଙ୍କ ବାସ୍ତବିକ ଶବ୍ଦ(ସତନାମ ଜପ ମନ୍ତ୍ର) ଯଦି କେହି ଆମ୍ଭଠାରୁ ପ୍ରାପ୍ତ କରିବେ, ତାଙ୍କୁ କାଳବନ୍ଧନରୁ ମୁକ୍ତ କରିଦେବୁ । ଆମ୍ଭର ନାମ ବନ୍ଦୀଛୋଡ ଅଟେ । ଆଦରଣୀୟ ଗରୀବ ଦାସଜୀ ନିଜ ଗୁରୁ ଓ ପ୍ରଭୁ କବୀର ପରମାତ୍ମାଙ୍କ ଜ୍ଞାନ ଆଧାରରେ କହୁଛନ୍ତି ଯେ ସେହି ବାସ୍ତବିକ ମନ୍ତ୍ର ଅର୍ଥାତ ସତନାମ ଓ ସାରଶବ୍ଦ ପ୍ରାପ୍ତି କଲେ ପୂର୍ଣ୍ଣମୋକ୍ଷ ନିଶ୍ଚୟ ହେବ । ନଚେତ ନକଲି ନାମମନ୍ତ୍ର ଦାତା ସନ୍ଥ-ମହନ୍ତମାନଙ୍କର ମିଠା କଥାରେ ଭ୍ରମିତ ହୋଇ ଶାସ୍ତ୍ରବିଧି ରହିତ ସାଧନା କରି କାଳଜାଲରେ ରହିଯିବ । ପୁଣି କଷ୍ଟ ପରେ କଷ୍ଟ ଭୋଗ କରିବ ।

ଗରୀବ ଦାସଜୀ ମହାରାଜଙ୍କ ଅମର ଗ୍ରନ୍ଥ ଅଧ୍ୟାୟ ''ହଂସ ପରମହଂସ କଥାର ବାଣୀ ନଂ ୩୭-୪୩ ରେ କୁହାଯାଇଛି ଯେ :-

ମାୟା ଆଦି ନିରଞ୍ଜନ ଭାଇ, ଅପନେ ଜାଏ ଆପୈ ଖାଇ ।
ବ୍ରହ୍ମା ବିଷ୍ଣୁ ମହେଶ୍ୱର ଚେଲା, ଓଁ ସୋହଂ କା ହୈ ଖେଲା ।।୩୭।।
ସିଖର ସୁନ୍ନ ମେଁ ଧର୍ମ ଅନ୍ୟାୟୀ, ଜିନ ଶକ୍ତି ଡାୟନ ମହଲ ପଠାଇ ।
ଲାଖ ଗ୍ରାସ ନିତ ଉଠ ଦୂତୀ, ମାୟା ଆଦି ତଖତ କୀ କୁତୀ ।।୩୮।।
ସବା ଲାଖ ଘଡିୟେ ନିତ ଭାଣ୍ଡେ, ହଂସା ଉତ୍ପତ୍ତି ପରଲୟ ଡାଣ୍ଡେ ।
ୟେ ତିନୋଁ ଚେଲା ବଟ ପାରୀ, ସିରଜେ ପୁରୁଷା ସିରଜୀ ନାରୀ ।।୩୯।।
ଖୋଖାପୁର ମେଁ ଜୀବ ଭୁଲାୟେ, ସ୍ୱପନା ବହିସ୍ତ ବୈକୁଣ୍ଠ ବନାୟେ ।

ୟୋ ହରହଟ କା କୁଆ ଲୋଇ, ୟା ଗଲ ବନ୍ଧ୍ୟା ହୈ ସବ କୋଇ ।।୪୦।।
କୀଡୀ କୁଞ୍ଜର ଔର ଅବତାରା, ହରହଟ ଡୋରୀ ବନ୍ଧେ କଇ ବାରା ।
ଅରବ ଅଲୀଲ ଇନ୍ଦ୍ର ହୈଁ ଭାଇ, ହରହଟ ଡୋରୀ ବନ୍ଧେ ସବ ଆଇ ।।୪୧।।
ଶେଷ ମହେଶ ଗଣେଶ୍ୱର ତାହିଁ, ହରହଟ ଡୋରୀ ବନ୍ଧେ ସବ ଆଈଁ ।।
ଶୁକ୍ରାଦିକ ବ୍ରହ୍ମାଦିକ ଦେବା, ହରହଟ ଡୋରୀ ବନ୍ଧେ ସବ ଖେବା ।।
କୋଟିକ କର୍ତ୍ତା ଫିରତା ଦେଖ୍ୟା, ହରହଟ ଡୋରୀ କହୁଁ ସୁନ ଲେଖା ।।୪୨।।
ଚତୁର୍ଭୁଜୀ ଭଗବାନ କହାବୈଁ, ହରହଟ ଡୋରୀ ବନ୍ଧେ ସବ ଆବୈଁ ।।
ୟୋ ହୈ ଖୋଖାପୁର କା କୁଆ, ୟାମେଁ ପଡା ସୋ ନିଶ୍ଚୟ ମୁଵା ।।୪୩।।

ଜ୍ୟୋତି ନିରଞ୍ଜନ(କାଳବଳୀ)ଙ୍କ ମାୟାରେ ବିବଶଃ ହୋଇ ଏହି ତିନି ଦେବତା (ରଜଗୁଣ-ବ୍ରହ୍ମା, ସତଗୁଣ-ବିଷ୍ଣୁ, ତମଗୁଣ-ଶିବ) ନିଜର ମହିମା ଦେଖାଇ ଜୀବମାନଙ୍କୁ ସ୍ୱର୍ଗ-ନର୍କ ଓ ଭବସାଗରରେ (ଚୌରାଶୀ ଲକ୍ଷ ଯୋନିରେ) ଭ୍ରମିତ କରିଥାନ୍ତି । ଯେପରି ନାଗୁଣୀ ନିଜ ଛୁଆମାନଙ୍କୁ ଜନ୍ମ ଦେଇ ପୁଣି ମାରି ଖାଇଥାଏ ଠିକ୍ ସେହିପରି ଜ୍ୟୋତି ନିରଞ୍ଜନ ନିଜ ମାୟା ଦ୍ୱାରା ଜୀବମାନଙ୍କୁ ଜନ୍ମ ଦେଇ ପୁଣି ସେମାନଙ୍କୁ ମାରି ଖାଇଥାନ୍ତି । ନାଗୁଣୀ ନିଜ ଲାଞ୍ଜ ସାହାଯ୍ୟରେ ଅଣ୍ଡା ଚତୁଃପାର୍ଶ୍ୱରେ କୁଣ୍ଡଳୀ ତିଆରି କରି ସେହି ଅଣ୍ଡାକୁ ଫଣାରେ ଚୋଟ ମାରିଥାଏ । ଚୋଟ ମାରିବା ସମୟରେ କିଛି ଅଣ୍ଡା ଫୁଟି ଯାଇଥାଏ, କାରଣ ନାଗୁଣୀ ବହୁତ ଅଣ୍ଡା ଦେଇଥାଏ । ଯେଉଁ ଅଣ୍ଡାଗୁଡିକ ଫୁଟିଥାଏ ସେଥିରୁ ନାଗଛୁଆ ବାହାରିଥାନ୍ତି । ଯେଉଁ ନାଗଛୁଆ କୁଣ୍ଡଳୀରୁ ବାହାରକୁ ବାହାରିଯାଏ ସେହି ଛୁଆ ବଞ୍ଚି ଯାଇଥାଏ କିନ୍ତୁ ଯେଉଁ ଛୁଆ କୁଣ୍ଡଳୀ ଭିତରେ ରହିଯାନ୍ତି ସେମାନଙ୍କୁ ନାଗୁଣୀ ଖାଇଯାଏ ।

ମାୟା କାଳୀ ନାଗିନୀ, ଅପନେ ଜାୟେ ଖାତ । କୁଣ୍ଡଳୀ ମେଁ ଛୋଡେ ନହିଁ, ସୌ ବାତୋଁ କୀ ବାତ ।।

ଏହି ପ୍ରକାରେ ଏହା କାଳବଳୀର ମହା ଭୟଙ୍କର ଜାଲ ଅଟେ । ଯଦି ପୂର୍ଣ୍ଣସନ୍ଥଙ୍କଠାରୁ ନାମଦୀକ୍ଷା ନେଇ ନିରଞ୍ଜନ(ବ୍ରହ୍ମ) ପର୍ଯ୍ୟନ୍ତ ଭକ୍ତି କରିବେ ତଥାପି ନିରଞ୍ଜନଙ୍କ କୁଣ୍ଡଳୀ(ଏକୋଇଶ ବ୍ରହ୍ମାଣ୍ଡ)ମଧ୍ୟରୁ ବାହାରକୁ ବାହାରି ପାରିବେ ନାହିଁ । ସ୍ୱୟଂ ବ୍ରହ୍ମା, ବିଷ୍ଣୁ, ମହେଶ ଓ ଆଦିମାୟା ସିଂହବାହିନୀ ମଧ୍ୟ ନିରଞ୍ଜନଙ୍କ କୁଣ୍ଡଳୀ ମଧ୍ୟରେ ଅଛନ୍ତି । ଏମାନେ ବିଚରା ଅବତାର ଧାରଣ କରି ଆସନ୍ତି ଏବଂ ଜନ୍ମ-ମୃତ୍ୟୁ ଚକ୍ରରେ ଚକ୍କର କାଟିଥାନ୍ତି । ବିଚାର କରନ୍ତୁ, ଏହି କାରଣରୁ ଧ୍ରୁବ, ପ୍ରହଲ୍ଲାଦ ଓ ଶୁକଦେବ ଋଷି ସୋହଂ ମନ୍ତ୍ର ଜପ କରି ମଧ୍ୟ ନିରଞ୍ଜନର କୁଣ୍ଡଳୀରୁ ପାରି ହୋଇପାରି ନ ଥିଲେ । କାରଣ ଶ୍ରୀ ବିଷ୍ଣୁପୁରାଣର ପ୍ରଥମ ଅଂଶ ଅଧ୍ୟାୟ ୧୨ର ଶ୍ଲୋକ ୯୩ ପୃଷ୍ଠା ୫୧ରେ ଲେଖାଅଛି ଯେ ଧ୍ରୁବ କେବଳ ଏକ କଳ୍ପ ଅର୍ଥାତ୍ ଏକ ହଜାର ଚତୁର୍ଯୁଗ ପର୍ଯ୍ୟନ୍ତ ହିଁ ମୁକ୍ତ ହୋଇଛନ୍ତି । ଏଥିପାଇଁ ସେ କାଳଲୋକରେ ହିଁ ରହିଗଲେ ତଥା 'ଓଁ ନମଃ ଭଗବତେ ବାସୁଦେବାୟ' ମନ୍ତ୍ର ଜପ କରୁଥିବା ଭକ୍ତ ମଧ୍ୟ ଶ୍ରୀକୃଷ୍ଣ ଭଗବାନଙ୍କ ପର୍ଯ୍ୟନ୍ତ ହିଁ ଭକ୍ତି କରିଥାନ୍ତି, ସେମାନେ ମଧ୍ୟ ଚୌରାଶୀ ଲକ୍ଷ ଯୋନି ଚକ୍ରରୁ ବର୍ତ୍ତି ପାରିବେ ନାହିଁ । ଏହାର ପ୍ରତ୍ୟକ୍ଷ ପ୍ରମାଣ ଦେଇ ପରମପୂଜ୍ୟ କବୀର ସାହେବଜୀ ଓ ଆଦରଣୀୟ ଗରୀବଦାସ ସାହେବଜୀ ମହାରାଜ କୁହନ୍ତି ଯେ :-

ଅନନ୍ତ କୋଟି ଅବତାର ହୈଁ, ମାୟା କେ ଗୋବିନ୍ଦ ।
କର୍ତ୍ତା ହୋ ହୋ ଅବତରେ, ବହୁର ପଡେ ଜଗ ଫନ୍ଧ ।।୨୪।।


ସତ୍ୟପୁରୁଷ କବୀର ସାହେବଜୀଙ୍କ ଭକ୍ତି ଦ୍ୱାରା ଜୀବ ମୁକ୍ତ ହୋଇପାରିବ । ଜୀବ ଯେପର୍ଯ୍ୟନ୍ତ ସତ୍ୟଲୋକକୁ ନ ଫେରିଛି ସେପର୍ଯ୍ୟନ୍ତ କାଳଲୋକରେ ଏହି ପ୍ରକାରର କର୍ମ କରିବ, ନାମ ଓ ଦାନଧର୍ମରୁ କରିଥିବା ଉପାର୍ଜନକୁ ସ୍ୱର୍ଗ ରୂପୀ ହୋଟେଲରେ ସମାପ୍ତ କରି ପୁନର୍ବାର କର୍ମ ଆଧାରରେ ଏହି କାଳଲୋକରେ ଭ୍ରମଣ କରିବ ଯାହା ଚୌରାସୀ ଲକ୍ଷ ପ୍ରକାର ପ୍ରାଣୀଙ୍କ ଶରୀର କଷ୍ଟ ଭୋଗର ସ୍ଥାନ ଅଟେ । ମାୟା(ଦୁର୍ଗା)ଠାରୁ ଉତ୍ପନ୍ନ ଏକ କୋଟିରୁ ଉର୍ଦ୍ଧ ଗୋବିନ୍ଦ (ବ୍ରହ୍ମା-ବିଷ୍ଣୁ-ଶିବ) ମୃତ୍ୟୁବରଣ କରିସାରିଛନ୍ତି ।

ଭଗବାନଙ୍କ ଅବତାର ହୋଇ ଆସିଥିଲେ ।

ପୁଣି କର୍ମବନ୍ଧନରେ ବାନ୍ଧି ହୋଇ କର୍ମଦଣ୍ଡ ଭୋଗ କରି ଚୌରାସୀ ଲକ୍ଷ ଯୋନିକୁ ଚାଲିଗଲେ । ଯେପରି ଭଗବାନ ବିଷ୍ଣୁଙ୍କୁ ଦେବର୍ଷି ନାରଦଙ୍କ ଅଭିଶାପ ଲାଗିଥିଲା, ସେ ଶ୍ରୀ ରାମଚନ୍ଦ୍ର ରୂପରେ ଅଯୋଧ୍ୟାକୁ ଆସିଲେ, ତା'ପରେ ଶ୍ରୀରାମ ରୂପରେ ବାଳୀର ବଧ କରିଥିଲେ । ସେହି କର୍ମର ଦଣ୍ଡ ଭୋଗିବା ପାଇଁ ଶ୍ରୀକୃଷ୍ଣଙ୍କ ଜନ୍ମ ହେଲା । ପୁଣି ବାଳିର ଆତ୍ମା ଶିକାରୀ ହୋଇ ପ୍ରତିଶୋଧ ନେଲା, ଶ୍ରୀକୃଷ୍ଣଙ୍କ ପାଦରେ ବିଷାକ୍ତ ତୀର ମାରି ବଧ କଲା । ମହାରାଜ ଗରୀବ ଦାସଜୀ ନିଜ ବାଣୀରେ କୁହନ୍ତି ଯେ :-

ବ୍ରହ୍ମା ବିଷ୍ଣୁ ମହେଶ୍ୱର ମାୟା, ଔର ଧର୍ମରାୟ କହିୟେ ।
ଇନ୍ ପାଞ୍ଚୋଁ ମିଲ୍ ପର୍ପଂଚ୍ ବନାୟା, ବାଣୀ ହମ୍ରୀ ଲହିୟେ ।।
ଇନ ପାଞ୍ଚୋଁ ମିଲ ଜୀବ ଅଟକାୟେ, ଜୁଗନ-ଜୁଗନ ହମ ଆନ ଛୁଟାୟେ ।
ବନ୍ଦୀଛୋଡ୍ ହମାରା ନାମଂ, ଅଜର ଅମର ହୈ ଅସ୍ଥିର ଠାମଂ ।।
ପୀର ପୈଗୟର କୁତୁବ୍ ଔଲିୟା, ସୁର ନର ମୁନିଜନ ଜ୍ଞାନୀ ।
ୟେତା କୋ ତୋ ରାହ ନପାୟା, ଜମକେ ବନ୍ଧେ ପ୍ରାଣୀ ।।
ଧର୍ମରାୟ କୀ ଧୂମା-ଧାମୀ, ଜମ୍‌ପର୍ ଜଙ୍ଗ ଚଲାଊଁ ।
ଜୋରା କୋ ତୋ ଜାନ ନ ଦୁଙ୍ଗା, ବାନ୍ଧ ଅଦଲ ଘର ଲ୍ୟାଊଁ ।।
କାଲ ଅକାଲ ଦୋହୂଁ କୋ ମୋସୂଁ, ମହାକାଲ ସିର ମୂଣ୍ଡୂ ।
ମୈଁ ତୋ ତଖତ ହଜୂରୀ ହୁକମୀ, ଚୋର ଖୋଜ୍ କୂଁ ଢୁଁଢୂଁ ।।
ମୂଳାମାୟା ମଗ ମେଁ ବୈଠୀ, ହଂସା ଚୁନ-ଚୁନ ଖାଈ ।
ଜ୍ୟୋତି ସ୍ୱରୂପୀ ଭୟା ନିରଞ୍ଜନ, ମୈଁ ହୀ କର୍ତ୍ତା ଭାଈ ।।
ସହଂସ ଅଠାସୀ ଦୀପ ମୁନୀଶ୍ୱର, ବନ୍ଧେ ମୁଲା ଡୋରୀ ।
ଐତ୍ୟାଂ ମେଁ ଜମ କା ତଲବାନା, ଚଲିଏ ପୁରୁଷ କୀଶୋରୀ ।।
ମୂଲା କା ତୋ ମାଥା ଦାଗୂଁ, ସତକୀ ମୋହର କରୁଙ୍ଗା ।
ପୁରୁଷ ଦୀପ କୂଁ ହଂସ ଚଲାଊଁ, ଦରାନ ରୋକନ ଦୂଙ୍ଗା ।।
ହମ ତୋ ବନ୍ଦୀ ଛୋଡ କହାବାଁ, ଧର୍ମରାୟ ହୈ ଚକବୈ ।
ସତଲୋକ କୀ ସକଲ ସୁନାବାଂ, ବାଣୀ ହମରୀ ଅଖବୈ ।।
ନୌ ଲଖ ପଟଟ୍ନ ଉପର ଖେଲୂଁ, ସାହଦରେ କୂଁ ରୋକୂଁ ।
ଦ୍ୱାଦସ କୋଟି କଟକ ସବ କାଣ୍ଟୁଁ, ହଂସ ପଠାଊଁ ମୋଖୂଁ ।।
ଚୌଦହ ଭୁବନ ଗମନ ହୈ ମେରା, ଜଲ ଥଲ ମେଁ ସରବଙ୍ଗୀ ।
ଖାଲିକ ଖଲକ ଖଲକ ମେଁ ଖାଲିକ, ଅବିଗତ ଅଚଲ ଅଭଙ୍ଗୀ ।।
ଅଗର ଅଲୀଲ ଚକ୍ର ହୈ ମେରା, ଜିତ ସେ ହମ ଚଲ ଆଏ ।
ପାଁଞ୍ଚୋ ପର ପ୍ରବାନା ମେରା, ବନ୍ଧି ଛୁଟାବନ ଧାୟେ ।।
ଜହାଁ ଓଁକାର ନିରଞ୍ଜନ ନାହାଁ, ବ୍ରହ୍ମା ବିଷ୍ଣୁ ବେଦ ନହାଁ ଜାହାଁ ।
ଜହାଁ କରତା ନହାଁ ଜାନ ଭଗବାନା, କାୟା ମାୟା ପିଣ୍ଡ ନ ପ୍ରାଣା ।
ପାଞ୍ଚ ତତ୍ତ୍ୱ ତୀନୋଁ ଗୁଣ ନାହୀ, ଜୋରା କାଲ ଦୀପ ନହାଁ ଜାହାଁ ।
ଅମର କରୂଁ ସତଲୋକ ପଠାଊଁ, ତାତୈଁ ବନ୍ଦୀଛୋଡ କହାଊଁ ।।

କବୀର ପରମେଶ୍ୱର (କବିର୍ଦେବ)ଙ୍କ ମହିମା ଗାନ କରି ଆଦରଣୀୟ ଗରୀବଦାସ ସାହେବଜୀ କହୁଛନ୍ତି ଯେ ଆମ୍ଭମାନଙ୍କର ପ୍ରଭୁ କବୀର(କବିର୍ଦେବ) ବନ୍ଦୀଛୋଡ୍ ଅଟନ୍ତି । ବନ୍ଦୀଛୋଡ୍‌ର ଭାବାର୍ଥ ହେଲା,




ୟହ ହରହଟ କା କୁଆଁ ଲୋଇ, ୟା ଗଲ ବନ୍ଧ୍ୟା ହେ ସବ କୋଇ ।
କୀଡୀ କୁଞ୍ଜର ଔର ଅବତାରା, ହରହଟ ଡୋରୀ ବନ୍ଧେ କଈ ବାରା ॥

**କାଳଲୋକରେ ଜନ୍ମ-ମରଣ ରୂପୀ ହରହଟ (ଚକ୍ର)**

କାଳର କାରାଗାରରୁ ମୁକ୍ତି ଦେଉଥିବା ପ୍ରଭୁ । କାଳବ୍ରହ୍ମର ଏକୋଇଶ ବ୍ରହ୍ମାଣ୍ଡରେ ସମସ୍ତ ପ୍ରାଣୀ ପାପକର୍ମ କାରଣରୁ କାଳ ଦ୍ୱାରା ବନ୍ଦୀ ଅଟନ୍ତି । ପୂର୍ଣ୍ଣ ପରମାତ୍ମା (କବିର୍ଦେବ) କବୀର ସାହେବ ପାପର ବିନାଶ କରି ଦେଇଥାନ୍ତି । ପାପର ବିନାଶ ନା ବ୍ରହ୍ମ, ନା ପରବ୍ରହ୍ମ, ନା ବ୍ରହ୍ମା, ବିଷ୍ଣୁ ଓ ଶିବ କରିପାରିବେ । ସେମାନେ କେବଳ ଯେପରି କର୍ମ ସେହିପରି ଫଳ ଦେଇଥାନ୍ତି । ତେଣୁ ଯଦୁର୍ବେଦ ଅଧ୍ୟାୟ ୫ର ମନ୍ତ୍ର ନଂ ୩୨ରେ ଲେଖାଅଛି ଯେ 'କବିରଂଘାରିରସି' ଅର୍ଥାତ୍ କବିର୍ଦେବ(କବୀର ପରମେଶ୍ୱର) ପାପର ଶତ୍ରୁ ଅଟନ୍ତି, 'ବମ୍ଭାରିରସି' ଅର୍ଥାତ୍ ବନ୍ଧନର ଶତ୍ରୁ ଅର୍ଥାତ୍ ବନ୍ଦୀଛୋଡ୍ ଅଟନ୍ତି ।

ଏହି ପାଞ୍ଚ ଜଣ (ବ୍ରହ୍ମା-ବିଷ୍ଣୁ-ଶିବ-ମାୟା ଓ ଧର୍ମରାୟ)ଙ୍କ ଉର୍ଦ୍ଧରେ ସତ୍ୟପୁରୁଷ ପରମାତ୍ମା (କବିର୍ଦେବ) ଅଛନ୍ତି ଯିଏ ସତ୍ୟଲୋକର ମାଲିକ ଅଟନ୍ତି । ଅନ୍ୟ ସମସ୍ତ ପ୍ରଭୁ ପରବ୍ରହ୍ମ-ବ୍ରହ୍ମ ତଥା ବ୍ରହ୍ମା-ବିଷ୍ଣୁ-ଶିବ ଓ ଆଦିମାୟା ନାଶବାନ ପରମାତ୍ମା ଅଟନ୍ତି । ମହାପ୍ରଳୟରେ ଏମାନଙ୍କର ସମସ୍ତ ଲୋକ ତଥା ଏମାନେ ସମସ୍ତେ ସମାପ୍ତ ହୋଇଯିବେ । କିନ୍ତୁ ଏମାନଙ୍କର ଆୟୁଷ ସାଧାରଣ ଜୀବଙ୍କଠାରୁ ବହୁ ହଜାର ଗୁଣ ଅଧିକ ଅଟେ । ପରନ୍ତୁ ନିର୍ଦ୍ଧାରିତ ସମୟ ଦିନେ ଅବଶ୍ୟ ପୂର୍ଣ୍ଣ ହେବ । ଆଦରଣୀୟ ଗରୀବ ଦାସଜୀ ମହାରାଜ କୁହନ୍ତି :-

ଶିବ ବ୍ରହ୍ମା କା ରାଜ, ଇନ୍ଦ୍ର ଗିନ୍‌ତୀ କହାଁ । ଚାର ମୁକ୍ତି ବୈକୁଣ୍ଠ ସମଝ, ଯେତା ଲହ୍ୟା ॥
ଶଙ୍ଖ ଜୁଗନ କୀ ଜୁନୀ, ଉମ୍ର ବଡ ଘାରିୟା । ଜା ଜନନୀ କୁର୍ବାନ, ସୁ କାଗଜ ପାରିୟା ॥
ଯେତୀ ଉମ୍ର ବୁଲନ୍ଦ ମେରୈଗା ଅନ୍ତ ରେ । ସତଗୁରୁ ଲଗେ ନା କାନ, ନ ଭେଁଟେ ସନ୍ତରେ ॥

ଏକ ଶଙ୍ଖଯୁଗର ଲମ୍ବା ଆୟୁ ହୋଇଥିଲେ ମଧ୍ୟ ଦିନେ ତାହା ନିଶ୍ଚୟ ସମାପ୍ତ ହେବ । ଯଦି ସତପୁରୁଷ ପରମାତ୍ମା (କବିର୍ଦେବ) କବୀର ସାହେବଙ୍କ ପ୍ରତିନିଧି ପୂର୍ଣ୍ଣସନ୍ଥ (ଗୁରୁ) ଯିଏ ତିନିନାମର ମନ୍ତ୍ରଦୀକ୍ଷା(ଯେଉଁଥିରେ ଏକ ଓଁ + ତତ୍ + ସତ୍ ସାଙ୍କେତିକ ଅଟେ) ଦିଅନ୍ତି ତଥା ତାଙ୍କୁ ମଧ୍ୟ ପୂର୍ଣ୍ଣସନ୍ଥଙ୍କ ଦ୍ୱାରା ନାମଦାନ କରିବାର ଆଦେଶ ଅଛି । ତାଙ୍କ ନିକଟରୁ ଉପଦେଶ ନେଇ ଯେତେବେଳେ ଆମ୍ଭେ ନାମର ଉପାର୍ଜନ କରିବା ସେତେବେଳେ ଯାଇ ଆମ୍ଭେ ସତ୍ୟଲୋକର ଅଧିକାରୀ ହଂସ ହୋଇପାରିବା । ସତ୍ୟସାଧନା ବିନା ଲମ୍ବା ଆୟୁ କୌଣସି କାର୍ଯ୍ୟରେ ଆସେ ନାହିଁ କାରଣ ଏହି ନିରଞ୍ଜନର ଲୋକରେ କେବଳ ଦୁଃଖ ହିଁ ଦୁଃଖ ମିଳିଥାଏ ।

କବୀର, ଜୀବନା ତୋ ଥୋଡା ହୀ ଭଲା, ଜୈ ସତ ସୁମରନ ହୋୟ ।
ଲାଖ ବର୍ଷ କା ଜୀବନା, ଲେଖୈ ଧରୈ ନା କୋୟ ॥

- ଯଦି ସତ୍ୟସାଧନା କରୁଛନ୍ତି ତେବେ ଅଳ୍ପ ଆୟୁ ଭଲ । ଯଦି ସତ୍ୟପୁରୁଷଙ୍କର ସତ୍ୟସାଧନା ନ କରି କାଳବ୍ରହ୍ମ ଓ ଦେବୀ-ଦେବତାଙ୍କ ପୂଜା ତଥା ପ୍ରାଣାୟାମ ଆଦି କରି ଦୀର୍ଘ ଆୟୁ ବଞ୍ଚୁଥିବା ବ୍ୟକ୍ତିର କୌଣସି ଲେଖା (**Account**) ମୋକ୍ଷ ମାର୍ଗରେ ଗଣତି କରାଯିବ ନାହିଁ । ଯେତେ ଲମ୍ବା ଆୟୁ(ଶଙ୍କର ଭଗବାନଙ୍କ ପରି) ମିଳିଲେ ମଧ୍ୟ ଦିନେ ନା ଦିନେ ମୃତ୍ୟୁ ଅବଶ୍ୟ ହେବ । ଭକ୍ତି ଭୁଲ୍ କାରଣ ଜନ୍ମ-ମୃତ୍ୟୁ ଚକ୍ର ସଦାସର୍ବଦା ପାଇଁ ଲଗି ରହିବ । ଏହିଭଳି ଆୟୁରୁ କିଛି ଲାଭ ମିଳିବ ନାହିଁ ।

କବୀର ସାହେବ ନିଜ(ପୂର୍ଣ୍ଣବ୍ରହ୍ମ) ବିଷୟରେ ସ୍ୱୟଂ ବିବରଣୀ ଦେଇ କହୁଛନ୍ତି ଯେ ଏହି ସମସ୍ତ ପରମାତ୍ମାମାନଙ୍କ ଉର୍ଦ୍ଧରେ ଅସଙ୍ଖ୍ୟ ଭୂଜା ବିଶିଷ୍ଟ ପରମାତ୍ମା ସତ୍ୟପୁରୁଷ ଅଛନ୍ତି ଯିଏ ସତ୍ୟଲୋକ(ସଚ୍ଚଖଣ୍ଡ, ସତ୍‌ଧାମ)ରେ ରୁହନ୍ତି । ତାଙ୍କ ଅନ୍ତର୍ଗତ ଏହି ସମସ୍ତ ଲୋକ {ବ୍ରହ୍ମ(କାଳ)ଙ୍କ ୨୧ ବ୍ରହ୍ମାଣ୍ଡ, ବ୍ରହ୍ମା, ବିଷ୍ଣୁ, ଶିବ ଶକ୍ତିଙ୍କ ଲୋକ ତଥା ପରବ୍ରହ୍ମଙ୍କ ସାତଶଙ୍ଖ ବ୍ରହ୍ମାଣ୍ଡ ଓ ଅନ୍ୟ ସମସ୍ତ ବ୍ରହ୍ମାଣ୍ଡ} ଥାଏ ଏବଂ କେବଳ ସତ୍ୟନାମ-ସାରନାମର ଜପ ଦ୍ୱାରା ସେଠାରେ ପହଞ୍ଚିହେବ ଯାହା ପୂର୍ଣ୍ଣ ଗୁରୁଙ୍କଠାରୁ ହିଁ ପ୍ରାପ୍ତ ହୋଇଥାଏ । ଯେଉଁ ଆତ୍ମା ସଚ୍ଚଖଣ୍ଡ (ସତ୍ୟଲୋକ)କୁ ଚାଲିଯାଏ ତା'ର ଆଉ ପୂନର୍ଜନ୍ମ ହୋଇ ନଥାଏ । ସତ୍ୟପୁରୁଷ

(ପୂର୍ଣ୍ଣବ୍ରହ୍ମ) କବୀର ସାହେବ(କବିର୍ଦେବ) ସ୍ୱୟଂ ଅନ୍ୟ ସମସ୍ତ ଲୋକରେ ଭିନ୍ନ-ଭିନ୍ନ ନାମ ଧାରଣକରି ବିରାଜମାନ ଅଛନ୍ତି । ଯେପରି ଅଲଖ ଲୋକରେ ଅଲଖ ପୁରୁଷ, ଅଗମ ଲୋକରେ ଅଗମ ପୁରୁଷ ତଥା ଅକହ ଲୋକରେ ଅନାମୀ ପୁରୁଷ ରୂପରେ ବିରାଜମାନ ଅଛନ୍ତି । ଏହା ତାଙ୍କ ଉପମାତ୍ମକ ନାମ ଅଟେ, ପରନ୍ତୁ ସେହି ପୂର୍ଣ୍ଣ ପୁରୁଷଙ୍କର ବାସ୍ତବିକ ନାମ କବିର୍ଦେବ(ଭାଷା ଭିନ୍ନ ହୋଇ କବୀର ସାହେବ) ହୋଇଛି ? ।

**"ଆଦରଣୀୟ ନାନକ ସାହେବଜୀଙ୍କ ବାଣୀରେ ସୃଷ୍ଟି ରଚନାର ସଙ୍କେତ"**

ଶ୍ରୀ ନାନକ ସାହେବଜୀଙ୍କ ଅମୃତବାଣୀ, ମହାଲା ୧, ରାଗ ବିଲାବଲୁ, ଅଂଶ ୧ (ଗୁ.ଗ୍ର.ପୃ.୮୩୯)

ଆପେ ସଚୁ କୀଆ କର ଜୋଡି । ଅଣ୍ଡଜ୍ ଫୋଡି ଯୋଡି ବିଛୋଡ୍ ॥
ଧରତୀ ଆକାଶ କୀଏ ବୈସଣ କଉ ଥାଉ । ରାତି ଦିନନ୍ତୁ କୀଏ ଭଉ-ଭାଉ ॥
ଜିନ କୀଏ କରି ବେଖଣହାରା (୩)
ତ୍ରିତୀଆ ବ୍ରହ୍ମା - ବିସନୁ - ମହେସା । ଦେବୀ ଦେବ ଉପାଏ ୱେସା ॥୪॥
ପଉଣ ପାଣୀ ଅଗନୀ ବିସରାଉ । ତାହୀ ନିରଞ୍ଜନ ସାଚୋ ନାଉ ॥
ତିସୁ ମହି ମନୁଆ ରହିଆ ଲିବ ଲାଇ । ପ୍ରଣବତି ନାନକୁ କାଲୁ ନଖାଇ ॥୧୦॥

ଉକ୍ତ ଅମୃତବାଣୀର ଭାବାର୍ଥ ଏହା ଯେ ସତ୍ୟ ପରମାତ୍ମା (ସତ୍ୟପୁରୁଷ) ସ୍ୱୟଂ ନିଜ ହାତରେ ସମସ୍ତ ସୃଷ୍ଟିର ରଚନା କରିଛନ୍ତି । ସେ ହିଁ ଅଣ୍ଡା ତିଆରି କଲେ, ପୁଣି ଫଟାଇଲେ ତଥା ସେଥିମଧ୍ୟରୁ ଜ୍ୟୋତି ନିରଞ୍ଜନ ବାହାରିଲା । ସେହି ପୂର୍ଣ୍ଣ ପରମାତ୍ମା ସର୍ବ ପ୍ରାଣୀଙ୍କର ରହିବା ପାଇଁ ଧରିତ୍ରୀ, ଆକାଶ, ପବନ, ପାଣି ଆଦି ପାଞ୍ଚତତ୍ତ୍ୱର ରଚନା କଲେ । ନିଜେ ରଚନା କରିଥିବା ସୃଷ୍ଟିର ସେ ସ୍ୱୟଂ ସାକ୍ଷୀ ଅଟନ୍ତି । ଅନ୍ୟ କେହି ସଠିକ୍ ବିବରଣୀ ଦେଇପାରିବ ନାହିଁ । ପୁଣି ଅଣ୍ଡା ଫୁଟି ସେଥିରୁ ନିରଞ୍ଜନ ବାହାରିବା ପରେ ତିନି ଦେବତା ଶ୍ରୀ ବ୍ରହ୍ମା, ଶ୍ରୀବିଷ୍ଣୁ, ଶ୍ରୀ ଶିବଙ୍କର ଉତ୍ପତ୍ତି ହେଲା ତଥା ଅନ୍ୟ ଦେବୀ-ଦେବତା ଉତ୍ପନ୍ନ ହେଲେ ତଥା ଅଗଣିତ ଜୀବମାନଙ୍କର ଉତ୍ପତ୍ତି ହେଲା । ଏହାପରେ ଅନ୍ୟ ଦେବତାମାନଙ୍କର ଜୀବନ ଚରିତ୍ର ତଥା ଅନ୍ୟ ଋଷିମାନଙ୍କ ଅନୁଭବରୁ ଛଅ ଶାସ୍ତ୍ର ତଥା ଅଠର ପୁରାଣର ରଚନା ହେଲା । ଶ୍ରୀ ନାନକଜୀ କହୁଛନ୍ତି ଯେ ପୂର୍ଣ୍ଣ ପରମାତ୍ମାଙ୍କର ବାସ୍ତବିକ ନାମ (ସତ୍ୟନାମ)ର ସାଧନା ଅନନ୍ୟ ମନରେ କରିବା ଦ୍ୱାରା ତଥା ଗୁରୁ ମର୍ଯ୍ୟାଦାରେ ରହିବା ବ୍ୟକ୍ତି(ପ୍ରଣବତୀ)କୁ କାଳ ଗ୍ରାସ କରେ ନାହିଁ ।

ରାଗ ମାରୁ(ଅଂଶ) ଅମୃତବାଣୀ ମହଲା ୧ (ଗୁ.ଗ୍ର.ପୃ. ୧୦୩୭)

ସୁନହୁ ବ୍ରହ୍ମା, ବିସନୁ, ମହେସୁ ଉପାଏ । ସୁନେ ବରତେ ଯୁଗ୍ ସବାଏ ॥
ଇସୁ ପଦ୍ ବିଚାରେ ସୋ ଜନୁ ପୁରା । ତିସ ମିଲିଏ ଭରମୁ ଚୁକାଇଦା ॥ ୩ ॥
ସାମ ବେଦୁ, ରୁଗୁ ଜୁଜରୁ ଅଥରବଣୁ । ବ୍ରହମେଁ ମୁଖ ମାଇଆ ହୈ ତ୍ରୈଗୁଣ ॥
ତା କୀ କୀମତ୍ କହି ନ ସକୈ । କୋ ତିଉ ବୋଲେ ଜିଉ ବୁଲାଇଦା ॥୯॥

ଉପରୋକ୍ତ ଅମୃତ ବାଣୀର ସାରାଂଶ ଏହା ଯେ ଯେଉଁ ସନ୍ଥ ପୂର୍ଣ୍ଣ ସୃଷ୍ଟି ରଚନା ବିଷୟ ଶୁଣାଇ ପାରିବେ ତଥା କହିଦେବେ ଯେ ଅଣ୍ଡା ଦୁଇ ଭାଗ ହୋଇ କିଏ ବାହାରିଲା, ଯିଏ ପୁଣି ବ୍ରହ୍ମଲୋକର ଶୂନ୍ୟରେ ଅର୍ଥାତ୍ ଗୁପ୍ତସ୍ଥାନରେ ବ୍ରହ୍ମା-ବିଷ୍ଣୁ-ଶିବଜୀଙ୍କର ଉତ୍ପତ୍ତି କଲେ ତଥା ସେହି ପରମାତ୍ମା କିଏ ଅଟନ୍ତି ଯିଏ ବ୍ରହ୍ମ(କାଳ) ମୁଖରେ ଚାରି ବେଦ (ପବିତ୍ର ଋଗବେଦ, ଯଜୁର୍ବେଦ, ସାମ୍‌ବେଦ, ଅଥର୍ବବେଦ) ଉଚ୍ଚାରଣ କରାଇଲେ, ସେହି ପୂର୍ଣ୍ଣ ପରମାତ୍ମା ଯେପରି ଚାହିଁବେ ସେହିପରି ପ୍ରତ୍ୟେକ ପ୍ରାଣୀକୁ ଡାକିଥାନ୍ତି । ଏହି ସମସ୍ତ ଜ୍ଞାନକୁ ସଂପୂର୍ଣ୍ଣ ରୂପେ ବତାଇ ପାରୁଥିବା ସନ୍ଥ ଯଦି ମିଳିଯିବେ ତେବେ ତାଙ୍କ ପାଖକୁ ଯାଆନ୍ତୁ ଯିଏ ସମସ୍ତ ଶଙ୍କାର ପୂର୍ଣ୍ଣ ନିବାରଣ କରିଥାନ୍ତି, ସେ ହିଁ ପୂର୍ଣ୍ଣସନ୍ଥ ଅର୍ଥାତ୍ ତତ୍ୱଦର୍ଶୀ ଅଟନ୍ତି ।

ଶ୍ରୀ ଗୁରୁଗ୍ରନ୍ଥ ସାହେବ ପୃଷ୍ଠା ୯୨୯ *ଅମୃତ ବାଣୀ ଶ୍ରୀ ନାନକ ସାହେବଜୀଙ୍କ 'ରାଗ ରାମକଲୀ' ମହଲା ୧ ଦଖଣୀ ଓଅଙ୍କାର ।*

ଓଅଙ୍କାରି ବ୍ରହ୍ମା ଉତପତ୍ତୀ । ଓଅଙ୍କାରୁ କୀଆ ଜିନି ଚିତ୍ । ଓଅଙ୍କାରି ସୈଲ୍ ଜୁଗ ଭଏ । ଓଅଙ୍କାରି ବେଦ ନିରମୟେ । ଓଅଙ୍କାରି ସବଦି ଉଧରେ । ଓଅଙ୍କାରି ଗୁରୁମୁଖି ତରେ । ଓନମ ଅଖର ସୁଣହୁ ବୀଚାରୁ । ଓନମ ଅଖରୁ ତ୍ରିଭବଣ ସାରୁ ।

ଉପରୋକ୍ତ ଅମୃତବାଣୀରେ ଶ୍ରୀ ନାନକ ସାହେବଜୀ କହୁଛନ୍ତି ଯେ ଓଁକାର ଅର୍ଥାତ୍ ଜ୍ୟୋତି ନିରଞ୍ଜନ(କାଳ)ଠାରୁ ବ୍ରହ୍ମାଙ୍କ ଉତ୍ପତ୍ତି ହେଲା । ବହୁ ଯୁଗ ପର୍ଯ୍ୟନ୍ତ ମଉଜ କରି ଓଁକାର (ବ୍ରହ୍ମ) ବେଦର ଉତ୍ପତ୍ତି କଲେ ଯାହା ବ୍ରହ୍ମାଙ୍କୁ ପ୍ରାପ୍ତ ହେଲା । ତିନି ଲୋକର ଭକ୍ତିର କେବଳ ଗୋଟିଏ 'ଓମ୍' ମନ୍ତ୍ର ହିଁ ବାସ୍ତବରେ ଜପ କରିବା ଉଚିତ୍ । ପୂର୍ଣ୍ଣସନ୍ଥଙ୍କଠାରୁ ଉପଦେଶ ନେଇ ଅର୍ଥାତ୍ ଗୁରୁ ଧାରଣ କରି ଜପ କରିବା ଦ୍ୱାରା ଉଦ୍ଧାର ହୋଇଥାଏ ।

ବିଶେଷ:- ଶ୍ରୀ ନାନକ ସାହେବଜୀ ଅନେକ ସ୍ଥାନରେ ଏହି ତିନିମନ୍ତ୍ର (ଓମ୍ +ତତ୍ + ସତ୍)ର ରହସ୍ୟାତ୍ମକ ବିବରଣୀ ଦେଇଛନ୍ତି । ଏହାକୁ କେବଳ ପୂର୍ଣ୍ଣସନ୍ଥ (ତତ୍ତ୍ୱଦର୍ଶୀ ସନ୍ଥ) ହିଁ ବୁଝି ପାରିବେ ଏବଂ ତିନି ମନ୍ତ୍ରର ଜପ ବିଷୟରେ କେବଳ ଉପଦେଶୀଙ୍କୁ ବୁଝାଇ କୁହାଯାଇଥାଏ ।

(ପୃଷ୍ଠା-୧୦୩୮)ଉତ୍ତମ ସତିଗୁରୁ ପୁରୁଷ ନିରାଲେ, ସବଦି ରତେ ହରି ରସ ମତବାଲେ ।
ରିଧି, ବୁଧି, ସିଧି, ଗିଆନ ଗୁରୁତେ ପାଇଏ, ପୂରେ ଭାଗ ମିଲାଇଦା ॥ ୧୫॥
ସତିଗୁରୁ ତେ ପାଏ ବୀଚାରା, ଶୁନ୍ ସମାଧି ସଚେ ଘରବାରା ।
ନାନକ ନିରମଲ ନାଦୁ ସବଦ ଧୁନି, ସଚୁ ରାମୈ ନାମି ସମାଇଦା (୧୭)

ଉପରୋକ୍ତ ଅମୃତବାଣୀର ଭାବାର୍ଥ ଏହା ଯେ ବାସ୍ତବିକ ଜ୍ଞାନଦାତା ସଦଗୁରୁ ବିରଳ ଅଟନ୍ତି, ସେ କେବଳ ନାମ ମନ୍ତ୍ର ଜପିବାକୁ କହିଥାନ୍ତି, ଅନ୍ୟ ହଠଯୋଗ(କଠିନ ତପସ୍ୟା) ସାଧନା ବତାନ୍ତି ନାହିଁ । ଯଦି ଆପଣଙ୍କୁ ଧନ ଦୌଲତ, ପଦ-ପଦବୀ, ବୁଦ୍ଧି ବା ଭକ୍ତି-ଶକ୍ତି ମଧ୍ୟ ଆବଶ୍ୟକ ଅଛି ତେବେ ସେହି ଭକ୍ତି ମାର୍ଗର ଜ୍ଞାନକୁ ପୂର୍ଣ୍ଣସନ୍ଥ ହିଁ ପୂର୍ଣ୍ଣ ରୂପେ ପ୍ରଦାନ କରିବେ, ଏହିଭଳି ପୂର୍ଣ୍ଣସନ୍ଥ ଭାଗ୍ୟରେ ଥିଲେ ମିଳନ୍ତି । ସେହି ପୂର୍ଣ୍ଣସନ୍ଥଙ୍କ ବିବରଣୀ କହେ ଯେ ଉପରେ ଶୂନ୍ୟ (ଆକାଶ)ରେ ଆମ୍ଭ ବାସ୍ତବିକ ଘର(ସତ୍ୟଲୋକ)ର ରଚନା ପରମେଶ୍ୱର କରି ରଖିଛନ୍ତି ।

ସେଠାରେ ଏକ ବାସ୍ତବିକ ସାରନାମର ଧ୍ୱନୀ(ଶବ୍ଦ) ପ୍ରତିଧ୍ୱନିତ ହେଉଛି । ସେହି ଆନନ୍ଦରେ ଅବିନାଶୀ ପରମେଶ୍ୱରଙ୍କ ସାରଶବ୍ଦ ମିଶାଇ ଦିଆଯିବ ଅର୍ଥାତ୍ ସେହି ବାସ୍ତବିକ ସୁଖଦାୟୀ ସ୍ଥାନରେ ଆମ୍ଭର ନିବାସ ହୋଇପାରିବ, ଅନ୍ୟ ନାମ ଜପ ବା ଅଜ୍ଞାନୀ ଗୁରୁମାନଙ୍କ ଦ୍ୱାରା ଏହା ସମ୍ଭବ ହୋଇପାରିବ ନାହିଁ ।

ଆଂଶିକ ଅମୃତବାଣୀ ମହଲା ପହଲା (ଶ୍ରୀ ଗୁ.ଗ୍ର.ପୃ.୩୫୯- ୩୬୦)
ସିବ ନଗରୀ ମାହୀ ଆସଣି ବୈସଉ କଲପ ତ୍ୟାଗୀ ବାଦ ॥୧॥
ସିଂଙୀ ସବଦ ସଦା ଧୁନି ସୋହୈ ଅହିନିସି ପୂରୈ ନାଦ ॥୨॥
ହରି କିରତୀ ରହ ରାସି ହମାରୀ ଗୁରୁ ମୁଖ ପନ୍ଥ ଅତୀତଂ ॥୩॥
ସଗଲୀ ଜୋତି ହମାରୀ ସମିଆଁ ନାନା ବରଣ ଅନେକଂ ।
କହ ନାନକ ଶୁଣି ଭରଥରୀ ଯୋଗୀ ପାରବ୍ରହ୍ମ ଲିବ ଏକଂ ॥୪॥

ଉପରୋକ୍ତ ଅମୃତବାଣୀର ଭାବାର୍ଥ ଏହା ଯେ ଶ୍ରୀ ନାନକ ସାହେବଜୀ କହୁଛନ୍ତି ଯେ ! ହେ ଭରଥରୀ ଯୋଗୀ ଆପଣଙ୍କ ସାଧନା ଭଗବାନ ଶିବଙ୍କ ପର୍ଯ୍ୟନ୍ତ ସୀମିତ, ଏହି ସାଧନା ଦ୍ୱାରା ଆପଣଙ୍କୁ

ଶିବ ନଗରୀ(ଲୋକ)ରେ ସ୍ଥାନ ମିଳିଛି ଏବଂ ଶରୀରରେ ଯେଉଁ ସିଂଗୀ ଶବ୍ଦ ଶୁଭୁଛି ତାହା ସେହି କମଳଗୁଡିକର ଅଟେ ଏବଂ ଟେଲିଭିଜନ ଭଳି ଏହା ପ୍ରତ୍ୟେକ ଦେବତାଙ୍କ ଲୋକରୁ ଶରୀର ମଧ୍ୟରେ ଶୁଣାଯାଉଛି ।

ଆମ୍ଭେ ତ ଏକ ପରମାତ୍ମା ପାରବ୍ରହ୍ମ ଅର୍ଥାତ୍ ସବୁଠାରୁ ଉର୍ଦ୍ଧ୍ୱରେ ଯେଉଁ ପୂର୍ଣ୍ଣ ପରମାତ୍ମା ଅଛନ୍ତି ସେହି ଏକ ପରମାତ୍ମାଙ୍କଠାରେ ଲୟ (ଅନନ୍ୟ ମନରେ ଧ୍ୟାନ) କରିଥାଉ ।

ଆମ୍ଭେ ଉପର ଦେଖାଣିଆ (ଭସ୍ମ ଲଗାଇବା, ହାତରେ ଆଶା ବାଡି ଧରିବା) ଆଦି କର୍ମ କରି ନ ଥାଉ । ମୁଁ ସମସ୍ତ ପ୍ରାଣୀଙ୍କୁ ଏକ ପୂର୍ଣ୍ଣ ପରମାତ୍ମା(ସତ୍ୟପୁରୁଷ)ଙ୍କର ସନ୍ତାନ ବୋଲି ଭାବିଥାଏ । ସମସ୍ତେ ସେହି ଶକ୍ତିଙ୍କ ଦ୍ୱାରା କାର୍ଯ୍ୟକ୍ଷମ । ଆମ୍ଭ ମୁଦ୍ରା ତ ସତ୍ୟ ନାମ ଯାହା ଗୁରୁଙ୍କ ଠାରୁ ପ୍ରାପ୍ତ କରି ଜପ କରିବାର ଅଛି ତଥା କ୍ଷମା କରିବା ଆମର ବାଣା (ବେଶଭୂଷା) ଅଟେ । ମୁଁ ତ ପୂର୍ଣ୍ଣ ପରମାତ୍ମାଙ୍କ ଉପାସକ ଅଟେ ତଥା ପୂର୍ଣ୍ଣ ସଦଗୁରୁଙ୍କ ଭକ୍ତି ମାର୍ଗ ଏହା ଅପେକ୍ଷା ଭିନ୍ନ ଅଟେ ।

*ଅମୃତ ବାଣୀ ରାଗ ଆସା ମହଲା ୧ (ଶ୍ରୀ.ଗୁ.ଗ୍ର. ପୃ. ୪୨୦)*

॥ ଆସା ମହଲା ॥ ଜିନୀ ନାମୁ ବିସାରିଆ ଦୂଜୈ ଭରମି ଭୁଲାଇ । ମୂଲୁ ଛୋଡି ଡାଲୀ ଲଗେ କିଆ ପାବହି ଛାଇ ॥ ୧॥ ସାହିବୁ ମେରା ଏକୁ ହେ ଅବରୁ ନହିଁ ଭାଇ । କିରପା ତେ ସୁଖୁ ପାଇଆ ସାଚେ ପରଥାଇ ॥୩॥ ଗୁରୁ କୀ ସେବା ସୋ କରେ ଜିସୁ ଆପି କରାଏ । ନାନକ ସିରୁ ଦେ ଛୁଟୀ ଏ ଦରଗହ ପତି ପାଏ ॥୮॥ ॥୧୮॥

ଉପରୋକ୍ତ ବାଣୀର ଭାବାର୍ଥ ଏହା ଯେ ଶ୍ରୀ ନାନକ ସାହେବଜୀ କହୁଛନ୍ତି ଯେ ପୂର୍ଣ୍ଣ ପରମାତ୍ମାଙ୍କ ବାସ୍ତବିକ ନାମ ଭୁଲିଯାଇ ଯେଉଁମାନେ ଅନ୍ୟ ଭଗବାନଙ୍କ ନାମ ଜପରେ ଭ୍ରମିତ ହେଉଛନ୍ତି ସେମାନେ ଏପରି କରୁଛନ୍ତି ଯେପରି ମୂଳ(ପୂର୍ଣ୍ଣ ପରମାତ୍ମା)କୁ ଛାଡି (ତିନିଗୁଣ ରୂପୀ ରଜଗୁଣ-ବ୍ରହ୍ମା, ସତଗୁଣ-ବିଷ୍ଣୁ, ତମଗୁଣ-ଶିବଜୀ)ଡାଳଙ୍କର ସିଞ୍ଚନ(ପୂଜା) କରୁଛନ୍ତି । ସେହି ସାଧନା ଦ୍ୱାରା କୌଣସି ସୁଖ ମିଳି ନଥାଏ ଅର୍ଥାତ୍ ଗଛ ଶୁଖିଗଲେ ଆଉ ଛାଇରେ ବସି ପାରିବେ ନାହିଁ । ଭାବାର୍ଥ ଏହା ଯେ ଶାସ୍ତ୍ରବିଧି ରହିତ ସାଧନା କରିବା ବ୍ୟର୍ଥ ପ୍ରୟାସ ଅଟେ । ଏହାଦ୍ୱାରା କୌଣସି ଲାଭ ମିଳେ ନାହିଁ । ଏହାର ପ୍ରମାଣ ପବିତ୍ର ଗୀତା ଅଧ୍ୟାୟ ୧୬ ଶ୍ଳୋକ ୨୩-୨୪ରେ ମଧ୍ୟ ଅଛି । ସେହି ପୂର୍ଣ୍ଣ ପରମାତ୍ମାଙ୍କୁ ପ୍ରାପ୍ତ କରିବା ପାଇଁ ମନମୁଖୀ (ମନଇଚ୍ଛା) ସାଧନା ତ୍ୟାଗ କରି ପୂର୍ଣ୍ଣ ଗୁରୁଦେବଙ୍କୁ ସମର୍ପଣ କରିବା ଦ୍ୱାରା ତଥା ବାସ୍ତବିକ ନାମ ଜପ ଦ୍ୱାରା ହିଁ ମୋକ୍ଷ ସମ୍ଭବ ହେବ, ନଚେତ୍ ମୃତ୍ୟୁ ଉପରାନ୍ତ ନର୍କକୁ ଯିବ ।

(ଶ୍ରୀ ଗୁରୁଗ୍ରନ୍ଥ ସାହେବ ପୃଷ୍ଠା ନଂ ୮୪୩-୮୪୪)

॥ ବିଲାବଲୁ ମହଲା ୧ ॥ ମୈଁ ମନ୍‌ଚାହୁ ଘଣା ସାଚି ବିଗାସୀ ରାମ । ମୋହୀ ପ୍ରେମ ପିରେ ପ୍ରଭୁ ଅବିନାସୀ ରାମ ॥ ଅବିଗତୋ ହରି ନାଥୁ ନାଥହ ତିସୈ ଭାବୈ ସୋ ଥୀଏ । କିରପାଲୁ ସଦା ଦଇଆଲୁ ଦାତା ଜୀଆ ଅଂଦରି ତୂଁ ଜୀଏ । ମୈଂ ଆଧାରୁ ତେରା ତୂ ଖସମୁ ମେରା ମୈ ତାଣୁ ତକୀଆ ତେରଓ । ସାଚି ସୂଚା ସଦା ନାନକ ଗୁରସବଦି ଝଗରୁ ନିବେରଓ ॥୪॥୨॥

ଉପରୋକ୍ତ ଅମୃତ ବାଣୀରେ ଶ୍ରୀ ନାନକ ସାହେବଜୀ କହୁଛନ୍ତି ଯେ ଅବିନାଶୀ ପୂର୍ଣ୍ଣ ପରମାତ୍ମା ନାଥମାନଙ୍କର ମଧ୍ୟ ନାଥ ଅଟନ୍ତି, ଅର୍ଥାତ୍ ଦେବଙ୍କର ଦେବ ଅଟନ୍ତି (ସର୍ବପ୍ରଭୂ ଶ୍ରୀ ବ୍ରହ୍ମା, ଶ୍ରୀ ବିଷ୍ଣୁ, ଶ୍ରୀ ଶିବ ତଥା ବ୍ରହ୍ମ ଓ ପରବ୍ରହ୍ମଙ୍କର ମଧ୍ୟ ନାଥ ଅଟନ୍ତି ଅର୍ଥାତ୍ ସ୍ୱାମୀ ଅଟନ୍ତି) ମୁଁ ତ ବାସ୍ତବିକ ନାମକୁ ହୃଦୟରେ ଧାରଣ କରିସାରିଛି । ହେ ପରମାତ୍ମା ! ସର୍ବ ପ୍ରାଣୀଙ୍କର ଜୀବନ ଆଧାର ଆପଣ ହିଁ ଅଟନ୍ତି । ମୁଁ ଆପଣଙ୍କ ଚରଣରେ ଆଶ୍ରିତ, ଆପଣ ମୋର ମାଲିକ ଅଟନ୍ତି । ଆପଣ ହିଁ ଗୁରୁ ରୂପରେ ଆସି ସତ୍ୟଭକ୍ତିର ନିର୍ଣ୍ଣାୟକ ଜ୍ଞାନ ଦେଇ ସମସ୍ତ ଝଗଡା ସମାପ୍ତ କରିଦେଲେ ଅର୍ଥାତ୍ ସମସ୍ତ ଶଙ୍କାର ସମାଧାନ କରିଦେଲେ ।

(ଶ୍ରୀ ଗୁରୁଗ୍ରନ୍ଥ ସାହେବ ପୃଷ୍ଠା ନଂ ୭୨୧, ରାଗ ତିଲଙ୍ଗ ମହଲା ୧)

ୟକ ଅର୍ଜ ଗୁଫତମ ପେଶ ତୋ ଦର କୂନ କରତାର ।

ହକକା କବୀର କରୀମ ତୁ ବେଅବ ପରବରଦିଗାର ।

ନାନକ ବୁଗୋୟଦ ଜନ ତୁରା ତେରେ ଚାକରାଂ ପାଖାକ ।

ଉପରୋକ୍ତ ଆମୃତବାଣୀ ଏହା ସ୍ପଷ୍ଟ କରିଦେଲା ଯେ ହେ (ହକ୍କା କବୀର) ଆପଣ ସତ୍ କବୀର (କୂନ୍ କରତାର) ଶବ୍ଦ ଶକ୍ତିରେ ରଚନା କରୁଥିବା ଶବ୍ଦ ସ୍ୱରୂପୀ ପ୍ରଭୁ ଅର୍ଥାତ୍ ସର୍ବ ସୃଷ୍ଟିର ରଚୟିତା ଅଟନ୍ତି, ଆପଣ ହିଁ ବେଏବ୍ ନିର୍ବିକାର (ପରବରଦିଗାର) ସମସ୍ତଙ୍କର ପାଳନକର୍ତ୍ତା ଦୟାଳୁ ପ୍ରଭୁ ଅଟନ୍ତି । ମୁଁ ଆପଣଙ୍କ ଦାସଙ୍କର ଦାସ ଅଟେ ।

(ଶ୍ରୀ ଗୁରୁଗ୍ରନ୍ଥ ସାହେବ ପୃଷ୍ଠା ନଂ୨୪, ରାଗ ସୀରୀ ମହଲା ୧)

ତେରା ଏକ ନାମ ତାରେ ସଂସାର, ମୈଁ ଏହା ଆସ ଏହୋ ଆଧାର ।

ନାନକ ନୀଚ କହୈ ବିଚାର, ଧାଣକ ରୂପ ରହା କର୍ତାର ॥

ଉପରୋକ୍ତ ଅମୃତବାଣୀରେ ଏହା ପ୍ରମାଣ କରିଛନ୍ତି ଯେ ଯିଏ କାଶୀର ଧାଣକ(ବୁଣାକାର) ସେ ହିଁ(କରତାର) ସୃଷ୍ଟିର ସ୍ରଷ୍ଟା ଅଟନ୍ତି । ଅତି ଅଧିନ ହୋଇ ଶ୍ରୀ ନାନକ ସାହେବଜୀ କହୁଛନ୍ତି ଯେ ମୁଁ ସତ୍ୟ କହୁଛି, ଏହି ଧାଣକ(ବୁଣାକାର) ଅର୍ଥାତ୍ କବୀର ତନ୍ତି ହିଁ ପୂର୍ଣ୍ଣବ୍ରହ୍ମ (ସତ୍ୟପୁରୁଷ) ଅଟନ୍ତି ।

ବିଶେଷ:- ଉପରୋକ୍ତ ପ୍ରମାଣଗୁଡିକର ସାଙ୍କେତିକ ଜ୍ଞାନରୁ ପ୍ରମାଣିତ ହେଲା ଯେ ଏହି ସୃଷ୍ଟିର ରଚନା କିପରି ହୋଇଥିଲା ? ପୂର୍ଣ୍ଣ ପରମାତ୍ମାଙ୍କୁ ପ୍ରାପ୍ତ କରିବା ଉଚିତ୍ ଯାହା ପୂର୍ଣ୍ଣସନ୍ଥଙ୍କଠାରୁ ନାମ ନେଲା ପରେ ହିଁ ସମ୍ଭବ ହେବ ।

## "ଅନ୍ୟ ସନ୍ଥମାନଙ୍କ ଦ୍ୱାରା ସୃଷ୍ଟି ରଚନାର ମନଗଢା କାହାଣୀ"

ଅନ୍ୟ ସନ୍ଥମାନଙ୍କ ଦ୍ୱାରା ସୃଷ୍ଟି ରଚନାର ଯେଉଁ ଜ୍ଞାନ କୁହାଯାଇଛି ତାହା କ'ଣ ? କୃପାକରି ନିମ୍ନରେ ପଢନ୍ତୁ :- ସୃଷ୍ଟି ରଚନା ବିଷୟରେ ରାଧାସ୍ୱାମୀ ପନ୍ଥ ଓ ଧନ-ଧନ ସତଗୁରୁ ପନ୍ଥର ସନ୍ଥମାନଙ୍କର ବିଚାର :-

ପବିତ୍ର ପୁସ୍ତକ ଜୀବନ ଚରିତ୍ର ପରମ ସନ୍ଥ ବାବା ଜୟମଲ ସିଂହଜୀ ମହାରାଜ "ପୃଷ୍ଠା ନଂ ୧୦୨-୧୦୩ ରେ "ସୃଷ୍ଟି କୀ ରଚନା" (ସାୱନ କୃପାଳ ପବ୍ଲିକେସନ, ଦିଲ୍ଲୀ)

"ପହଲେ ସତ୍ୟପୁରୁଷ ନିରାକାର ଥା, ଫିର ଇଜହାର(ଆକାର) ମେଁ ଆୟା ତୋ ଉପର କେ ତିନି ନିର୍ମଳ ମଣ୍ଡଳ (ସତ୍‌ଲୋକ, ଅଲଖଲୋକ, ଅଗମଲୋକ) ବନ ଗୟା ତଥା ପ୍ରକାଶ ତଥା ମଣ୍ଡଲୋଁ କା ନାଦ (ଧ୍ୱନୀ) ବନ ଗୟା ।"

ପବିତ୍ର ପୁସ୍ତକ ସାରବଚନ (ନସର) ପ୍ରକାଶକ - ରାଧାସ୍ୱାମୀ ସତସଙ୍ଗ ସଭା, ଦୟାଲବାଗ ଆଗ୍ରା, "ସୃଷ୍ଟି କୀ ରଚନା" ପୃଷ୍ଠା ୮୧ ।

"ପ୍ରଥମ ଧୃଂଧୃଂକାର ଥା । ଉସମେଁ ପୁରୁଷ ସୁନ୍ନ ସମାଧ ମେଁ ଥେ, ଯବ କୁଛ ରଚନା ନେହିଁ ହୁଇ ଥି । ଫିର ଯବ ମୌଜ ହୁଇ ତବ ପ୍ରକଟ ହୁଆ ଔର ଉସ୍‌ସେ ସବ୍ ରଚନା ହୁଇ, ଔର ଫିର୍ ସତ୍‌ପୁରୁଷ କେ କଲା ସେ ତିନ ଲୋକ ଔର ସବ ବିସ୍ତାର ହୁଆ ।"

ଏହି ଜ୍ଞାନ ଏପରି ଯେପରି କୌଣସି ପିଲା ଏକଦା ଚାକିରି ପାଇଁ ସାକ୍ଷାତକାର (ଇଣ୍ଟରଭ୍ୟୁ)

ଦେବାକୁ ଯାଇଛି । ଅଧିକାରୀ ପଚାରିଲେ ଆପଣ ମହାଭାରତ ପଢିଛନ୍ତି କି ? ପିଲା ଉତ୍ତର ଦେଲା; ପାଣି ଭଳି ସବୁ ମୁଖସ୍ଥ କରିରଖିଛି । ଅଧିକାରୀ ପ୍ରଶ୍ନ କଲେ ପଞ୍ଚପାଣ୍ଡବଙ୍କ ନାମ କୁହ ? ପିଲା ଉତ୍ତର ଦେଲା, ଜଣେ ଭୀମ, ଜଣେ ତାଙ୍କ ବଡ ଭାଇ ଥିଲେ, ଜଣେ ତାଙ୍କ ଛୋଟ ଭାଇ ଥିଲା, ଆଉ ଜଣେ ମଧ ଥିଲେ, ଜଣଙ୍କର ନାମ ମୁଁ ଭୁଲିଗଲି ଇତ୍ୟାଦି । ଉପରୋକ୍ତ ସୃଷ୍ଟି ରଚନାର ଜ୍ଞାନ ଏହି ଭଳି ଅଟେ ।

ସତ୍‌ପୁରୁଷ ଓ ସତ୍‌ଲୋକର ମହିମା ଗାନ କରୁଥିବା ସନ୍ଥ, ପାଞ୍ଚନାମ (ଓଁକାର-ଜ୍ୟୋତି ନିରଞ୍ଜନ - ରରଂକାର-ସୋହଂ-ସତ୍ୟନାମ) ତଥା ତିନିନାମ (ଅକାଳମୂର୍ତ୍ତୀ-ସତ୍ୟପୁରୁଷ-ଶବ୍ଦ ସ୍ୱରୂପୀ ରାମ) ଦେଉଥିବା ସନ୍ଥମାନଙ୍କ ଦ୍ୱାରା ରଚିତ କିଛି ପୁସ୍ତକର ନିଷ୍କର୍ଷ :-

ସନ୍ତମତ ପ୍ରକାଶ ଭାଗ ୩ ପୃଷ୍ଠା ୭୬ରେ ଲେଖାଅଛି ଯେ "ସଚ୍ଚଖଣ୍ଡ ବା ସତ୍‌ନାମ ଚତୁର୍ଥ ଲୋକ ଅଟେ", ଏଠାରେ "ସତନାମ"କୁ ସ୍ଥାନ ବୋଲି କୁହାଯାଇଛି । ପୁଣି ଏହି ପବିତ୍ର ପୁସ୍ତକର ପୃଷ୍ଠା ନଂ ୭୬ରେ ଲେଖାଅଛି ଯେ "ଏକ ରାମ ଦଶରଥ କା ବେଟା, ଦ୍ୱିତୀୟ ରାମ "ମନ", ତୃତୀୟ ରାମ "ବ୍ରହ୍ମ", ଚତୁର୍ଥ ରାମ "ସତ୍‌ନାମ", ଏହା ଅସଲି ରାମ ଅଟେ । ପୁଣି ପବିତ୍ର ପୁସ୍ତକ ସନ୍ତମତ ପ୍ରକାଶ ପ୍ରଥମ ଭାଗ ପୃଷ୍ଠା ନଂ ୧୭ରେ ଲେଖାଅଛି ଯେ ଏହା "ସତ୍‌ଲୋକ" ଅଟେ, ଏହାକୁ ହିଁ ସତନାମ କୁହାଯାଏ । "ପବିତ୍ର ପୁସ୍ତକ" 'ସାରବଚନ ନସର ଅର୍ଥାତ ବାର୍ତ୍ତୀକ' ପୃଷ୍ଠା ନଂ ୩ରେ ଲେଖାଅଛି ଯେ "ଏବେ ଏହା ବୁଝିବା ଉଚିତ୍ ଯେ ରାଧା ସ୍ୱାମୀ ପଦ ସବୁଠାରୁ ଉଚ୍ଚ ସ୍ଥାନ ଅଟେ ଯାହାକୁ ସନ୍ଥମାନେ ସତ୍‌ଲୋକ ଏବଂ ସଚ୍ଚଖଣ୍ଡ ଏବଂ ସାରଶବ୍ଦ ଏବଂ ସତ୍‌ଶବ୍ଦ, ଏବଂ ସତ୍‌ନାମ ଏବଂ ସତ୍ୟପୁରୁଷ ରୂପେ ବର୍ଣ୍ଣନା କରିଛନ୍ତି । ପବିତ୍ର ପୁସ୍ତକ ସାର ବଚନ(ନସର) ଆଗ୍ରାରୁ ପ୍ରକାଶିତ ପୃଷ୍ଠା ନଂ ୪ରେ ମଧ ଏହି ବର୍ଣ୍ଣନ ଅଛି । ପବିତ୍ର ପୁସ୍ତକ "ସଚ୍ଚଖଣ୍ଡ କୀ ସଡକ'' ପୃଷ୍ଠା ନଂ ୨୨୬ ସନ୍ଥମାନଙ୍କର ଦେଶ ସଚ୍ଖଣ୍ଡ ବା ସତ୍‌ଲୋକ ଅଟେ, ଏହାକୁ ସତ୍‌ନାମ-ସତ୍‌ଶବ୍ଦ-ସାରଶବ୍ଦ କୁହାଯାଏ ।

ବିଶେଷ:- ଉପରୋକ୍ତ ବ୍ୟାଖ୍ୟା ଏପରି ଲାଗିଲା ଯେପରି କେହି ଜୀବନରେ ନା କେବେ ସହର ଦେଖିଛି, ନା କାର୍ ଦେଖିଛି, ନା ପେଟ୍ରୋଲ ଦେଖିଛି, ନା ଡ୍ରାଇଭିଙ୍ଗ ଜ୍ଞାନ ତା'ର ଅଛି, ନା ଡ୍ରାଇଭର କାହାକୁ କୁହାଯାଏ ବୋଲି ସେ ଜାଣିଛି ? ଏବଂ ସେହି ବ୍ୟକ୍ତି ଯଦି ଅନ୍ୟ ସାଥିମାନଙ୍କୁ କହିବ ଯେ ମୁଁ କାର୍‌ରେ ବସି ସହରକୁ ଯାଏ, କାର୍‌ରେ ବସି ଆନନ୍ଦିତ ହୁଏ, ପୁଣି ସାଥିମାନେ ପଚାରିଲେ, କାର୍ ଦେଖିବାକୁ କିପରି ? ପେଟ୍ରୋଲ କ'ଣ ? ଡ୍ରାଇଭର କିପରି ଅଟନ୍ତି ? ସହର ଦେଖିବାକୁ କିପରି ? ସେହି ଗୁରୁ ଉତ୍ତର ଦେଲେ ଯେ ସହର କୁହନ୍ତୁ କି କାର୍ କୁହନ୍ତୁ ଏକା କଥା, ସହର ବି କାର୍, ପେଟ୍ରୋଲକୁ ବି କାର୍ କୁହାଯାଏ, କାର୍‌କୁ ମଧ ଡ୍ରାଇଭର କୁହାଯାଏ, ସଡକକୁ ମଧ କାର୍ କୁହାଯାଏ ।

ଆସନ୍ତୁ ବିଚାର କରିବା - ସତ୍‌ପୁରୁଷ ତ ପୂର୍ଣ୍ଣ ପରମାତ୍ମା ଅଟନ୍ତି । ସତ୍‌ନାମ ସେହି ଦୁଇ ମନ୍ତ୍ରର ନାମ ଅଟେ ଯେଉଁଥିରେ ଗୋଟିଏ ଓମ୍ + ତତ୍ ଯାହା ସାଙ୍କେତିକ ଅଟେ ତଥା ଏହା ପରେ ସାଧକକୁ ପୂର୍ଣ୍ଣଗୁରୁଙ୍କ ଦ୍ୱାରା ସାରନାମ ଦିଆଯାଇଥାଏ । ସତ୍‌ନାମ ଓ ସାର୍‌ନାମ ଏହି ଦୁଇଟି "ସୁମିରଣ" କରିବାର ନାମ ଅଟେ । ସତ୍‌ଲୋକ ସେହି ସ୍ଥାନ ଯେଉଁଠି ସତ୍‌ପୁରୁଷ ରୁହନ୍ତି । ପୁଣ୍ୟାତ୍ମାଗଣ ସ୍ୱୟଂ ନିର୍ଣ୍ଣୟ କରନ୍ତୁ କେଉଁଟି ସତ୍ୟ ଓ କେଉଁଟି ଅସତ୍ୟ ।

## ଶାସ୍ତ୍ରରେ ପରମାତ୍ମା

ପ୍ରଶ୍ନ :- ସଂସାରର ସମସ୍ତ ଶାସ୍ତ୍ର ଓ ସନ୍ଥଗଣ ପରମାତ୍ମାଙ୍କ ବିଷୟରେ କେଉଁ ବିବରଣୀ ଦିଅନ୍ତି ?

ଉତ୍ତର:- ବିଶ୍ୱର ସମସ୍ତ ମୁଖ୍ୟ ଶାସ୍ତ୍ର ଓ ସଦ୍‌ଗ୍ରନ୍ଥ ପରମାତ୍ମାଙ୍କୁ ବହୁତ ଭଲ ଭାବରେ ପରିଭାଷିତ କରିଛନ୍ତି । ପ୍ରଥମେ ଏହା ଜାଣିବା ଯେ ବିଶ୍ୱର ମୁଖ୍ୟ ଶାସ୍ତ୍ର ଓ ସଦଗ୍ରନ୍ଥ କେଉଁଗୁଡ଼ିକ ଅଟେ ?

୧. ବେଦ

ବେଦ ଦୁଇପ୍ରକାର ଅଟେ :- ୧. ସୂକ୍ଷ୍ମବେଦ, ୨. ସାଧାରଣ ବେଦ ।

୧. ସୂକ୍ଷ୍ମବେଦ:- ଏହା ସେହି ଜ୍ଞାନ ଯାହାକୁ ପରମାତ୍ମା ସ୍ୱୟଂ ପୃଥିବୀ ପୃଷ୍ଠରେ ପ୍ରକଟ ହୋଇ ନିଜ ମୁଖମଣ୍ଡଳରେ ଉଚ୍ଚାରଣ କରି କହିଥାନ୍ତି, ଏହା ସମ୍ପୂର୍ଣ୍ଣ ଜ୍ଞାନଯୁକ୍ତ ଅଟେ ।

ପ୍ରମାଣ :- ଋଗ୍‌ବେଦ ମଣ୍ଡଳ ୯ ସୂକ୍ତ ୮୬ ମନ୍ତ୍ର ୨୬ - ୨୭
ଋଗ୍‌ବେଦ ମଣ୍ଡଳ ୯ ସୂକ୍ତ ୮୨ ମନ୍ତ୍ର ୧-୨,୩
ଋଗ୍‌ବେଦ ମଣ୍ଡଳ ୯ ସୂକ୍ତ ୯୪ ମନ୍ତ୍ର ୧
ଋଗ୍‌ବେଦ ମଣ୍ଡଳ ୯ ସୂକ୍ତ ୯୫ ମନ୍ତ୍ର ୨
ଋଗ୍‌ବେଦ ମଣ୍ଡଳ ୯ ସୂକ୍ତ ୨୦ ମନ୍ତ୍ର ୧
ଋଗ୍‌ବେଦ ମଣ୍ଡଳ ୯ ସୂକ୍ତ ୯୬ ମନ୍ତ୍ର ୧୬ ରୁ ୨୦
ଋଗ୍ ବେଦ ମଣ୍ଡଳ ୯ ସୂକ୍ତ ୫୪ ମନ୍ତ୍ର ୩
ଯଜୁର୍ବେଦ ଅଧ୍ୟାୟ ୯ ମନ୍ତ୍ର ୧ ଓ ୩୨
ଯଜୁର୍ବେଦ ଅଧ୍ୟାୟ ୨୯ ମନ୍ତ୍ର ୨୫
ଅର୍ଥବେଦ କାଣ୍ଡ ୪ ଅନୁବାକ ୧ ମନ୍ତ୍ର ୭
(ସାମବେଦ ମନ୍ତ୍ର ସଂଖ୍ୟା ୮୨୨)

ଅନ୍ୟ ପ୍ରମାଣ :- ଶ୍ରୀ ମଦ୍‌ଭଗବତ ଗୀତା ଅଧ୍ୟାୟ ୪ ମନ୍ତ୍ର ୩୨ରେ କୁହାଯାଇଛି ଯେ ସଚ୍ଚିଦାନନ୍ଦ ଘନବ୍ରହ୍ମ ଅର୍ଥାତ୍ ସତ୍ୟପୁରୁଷ ନିଜ ମୁଖ କମଳରେ ବାଣୀ ଉଚ୍ଚାରଣ କରି ବିସ୍ତୃତ ଭାବରେ ତତ୍ତ୍ୱଜ୍ଞାନ କହିଥାନ୍ତି । କାରଣ ପରମାତ୍ମା ସୃଷ୍ଟି ପ୍ରାରମ୍ଭରେ ସମ୍ପୂର୍ଣ୍ଣ ଜ୍ଞାନକୁ ବ୍ରହ୍ମ (ଜ୍ୟୋତିନିରଞ୍ଜନ ଅର୍ଥାତ୍ କାଳ)ର ଅନ୍ତରାତ୍ମାରେ ପ୍ରବେଶ (**Fax**) କରିଦେଇଥିଲେ । ପରମାତ୍ମାଙ୍କ ଦ୍ୱାରା ନିର୍ଦ୍ଧାରିତ ସମୟରେ କାଳପୁରୁଷ ସ୍ୱୟଂ ଏହି ଜ୍ଞାନକୁ ନିଜ ନିଃଶ୍ୱାସ ଦ୍ୱାରା ସମୁଦ୍ରରେ ପ୍ରକଟ କରିଥିଲେ । କାଳପୁରୁଷ ଏହାମଧ୍ୟରୁ ସମସ୍ତ ମହତ୍ୱପୂର୍ଣ୍ଣ ବିବରଣୀ (ଜ୍ଞାନ) କାଢିନେଇ ଅବଶିଷ୍ଟ ଅସଂପୂର୍ଣ୍ଣ ଜ୍ଞାନକୁ ସଂସାରରେ ପ୍ରଘଟ କରିଦେଲେ । ତାହା ଚାରି ଭାଗରେ ଚାରିବେଦ ରୂପରେ ପରିଚିତ ହେଲା ।

୨. ସାଧାରଣ ବେଦ :- ଏହା ସେହି ଆଂଶିକ ଜ୍ଞାନ ଯାହାକୁ ବ୍ରହ୍ମ (ଜ୍ୟୋତି ନିରଞ୍ଜନ ଅର୍ଥାତ୍ କାଳ) ନିଜ ଜ୍ୟେଷ୍ଠ ପୁତ୍ର ବ୍ରହ୍ମାକୁ ଦେଇଥିଲେ । ତାହା ଅସମ୍ପୂର୍ଣ୍ଣ ଜ୍ଞାନ ଅଟେ । ଏଥିମଧ୍ୟରୁ ମୁଖ୍ୟ ବିବରଣୀ(ଜ୍ଞାନ)କୁ ଅଲଗା କରି ଦିଆଯାଇଛି । ବ୍ରହ୍ମ ଅର୍ଥାତ୍ କାଳପୁରୁଷ ଜାଣିଶୁଣି ଏହାକୁ ଅଲଗା କରିଦେଇଛନ୍ତି । କାରଣ "କାଳପୁରୁଷ"କୁ ଭୟ ଥାଏ ଯେ କାହାକୁ ଯେପରି ପୂର୍ଣ୍ଣ ପରମାତ୍ମାଙ୍କ ବିଷୟରେ ଜ୍ଞାନ ନହେଉ । ଯଦି ପ୍ରାଣୀକୁ ପୂର୍ଣ୍ଣ ପରମାତ୍ମାଙ୍କୁ ପ୍ରାପ୍ତି କରିବାର ବିଧି ବିଷୟରେ ଜ୍ଞାନ ହୋଇଯିବ ତେବେ ସମସ୍ତେ ଏହି କାଳଲୋକକୁ ପରିତ୍ୟାଗ କରି ପୂର୍ଣ୍ଣ ପରମାତ୍ମାଙ୍କ ଲୋକ (ସତ୍ୟଲୋକ = ଶାସ୍ୱତ ସ୍ଥାନ)କୁ ଚାଲିଯିବେ, ଯେଉଁଠିକୁ ଯିବା ପରେ ଜନ୍ମ-ମୃତ୍ୟୁ ସମାପ୍ତ ହୋଇଯାଏ । ଏଥିପାଇଁ ବ୍ରହ୍ମ (କାଳପୁରୁଷ) ପୂର୍ଣ୍ଣ ପରମାତ୍ମାଙ୍କ ପରମପଦକୁ ପ୍ରାପ୍ତି କରିବାର ଜ୍ଞାନ ବିଷୟରେ ନ କହି ଏହାକୁ ନଷ୍ଟ କରିଦେଇଥିଲେ । ତାହାର ପୂର୍ତ୍ତି ପାଇଁ ପୂର୍ଣ୍ଣ ପରମାତ୍ମା ସ୍ୱୟଂ ସଶରୀରରେ ପ୍ରକଟ ହୋଇ ସମ୍ପୂର୍ଣ୍ଣ ଜ୍ଞାନ କହିଛନ୍ତି । ନିଜକୁ ପ୍ରାପ୍ତି କରିବାର ବାସ୍ତବିକ ସତ୍ୟମନ୍ତ୍ର ମଧ କହିଥାନ୍ତି ଯାହାକୁ କାଳପୁରୁଷ (ଭଗବାନ) ସମାପ୍ତ କରି ଅବଶିଷ୍ଟ ଅସମ୍ପୂର୍ଣ୍ଣ ଜ୍ଞାନକୁ ପ୍ରଦାନ କରିଥାନ୍ତି । ସେହି ଜ୍ଞାନକୁ ଋଷିଗଣ ବେଦ କହିଥାନ୍ତି । ଋଷି ବ୍ୟାସଦେବ ଏହି ବେଦକୁ ଲେଖି ଚାରି ଭାଗରେ ବିଭକ୍ତ କଲେ ।

୧. ଋଗ୍‌ବେଦ ୨. ଯଜୁର୍ବେଦ ୩. ସାମବେଦ ୪. ଅଥର୍ବ ବେଦ ଯାହା ବର୍ତ୍ତମାନ ସମୟରେ ପ୍ରଚଳିତ । ଏହି ଚାରିବେଦର ସାରାଂଶକୁ କାଳପୁରୁଷ(ବ୍ରହ୍ମ) ମହାଭାରତ ଯୁଦ୍ଧ ଆରମ୍ଭ ହେବା ପୂର୍ବରୁ ଶ୍ରୀମଦ୍ ଭାଗବତ ଗୀତା ରୂପରେ ଶ୍ରୀକୃଷ୍ଣଙ୍କ ଶରୀରରେ ପ୍ରେତ ଭଳି ପ୍ରବେଶ କରି କହିଥିଲେ ଏବଂ ଏହାକୁ ପରେ ମହର୍ଷି ବେଦବ୍ୟାସ କାଗଜରେ ଲେଖିଲେ ଯାହା ବର୍ତ୍ତମାନ ଆମ୍ଭଙ୍କୁ ଉପଲବ୍ଧ । ସଦଗ୍ରନ୍ଥଗୁଡ଼ିକ ମଧ୍ୟରେ ପବିତ୍ର ବାଇବେଲର ନାମ ମଧ୍ୟ ଅଛି । ବାଇବେଲ :- ଏହାର ତିନୋଟି ପୁସ୍ତକର ସଂଗ୍ରହ ଅଟେ ।

୧. ତୌରାତ୍ ୨. ଜବୂର ୩. ଇଞ୍ଜିଲ ।

ବାଇବେଲରେ ସର୍ବପ୍ରଥମେ ସୃଷ୍ଟି ଉତ୍ପତ୍ତି ବିଷୟର ଜ୍ଞାନ ଅଛି, ଯେଉଁଥିରେ ଲେଖାଅଛି ଯେ ପରମାତ୍ମା ସର୍ବପ୍ରଥମେ ସୃଷ୍ଟି ରଚନା କଲେ । ପରମାତ୍ମା ପୃଥିବୀ, ସୂର୍ଯ୍ୟ, ଦିନ-ରାତି, ପଶୁ-ପକ୍ଷୀ, ମନୁଷ୍ୟ (ନର-ନାରୀ)ଙ୍କୁ ଛଅ ଦିନରେ ସୃଷ୍ଟି କଲେ ଏବଂ ସପ୍ତମ ଦିନରେ ସିଂହାସନରେ ବିରାଜମାନ ହେଲେ । ସୃଷ୍ଟି ରଚନାର ଅଧ୍ୟାୟ୧ର ଶ୍ଳୋକ୨୬,୨୭-୨୮ ରେ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ ପରମାତ୍ମା ମଣିଷକୁ ନିଜ ରୂପରେ ଉତ୍ପନ୍ନ କଲେ । ଏଥିରୁ ପ୍ରମାଣିତ ହେଲା ଯେ ପରମାତ୍ମା ମଧ୍ୟ ମଣିଷ ଭଳି (ନରାକାର) ଅଟନ୍ତି ।

**ଝ ବାଇବେଲରେ ମାଂସ ଭକ୍ଷଣ ନିଷେଧ ଅଛି :-**

ଏହି ଉତ୍ପତ୍ତି ଗ୍ରନ୍ଥ ବାଇବେଲରେ ଲେଖାଅଛି ଯେ(ଶ୍ଳୋକ ୨୭-୨୮ରେ)ମନୁଷ୍ୟକୁ ଖାଇବା ପାଇଁ ମଞ୍ଜିଯୁକ୍ତ ଛୋଟ ଛୋଟ ଗଛ (ଗହମ, ଚଣା, ବାଜରା ଇତ୍ୟାଦି) ଏବଂ ଫଳଯୁକ୍ତ ବୃକ୍ଷ ଦିଆଯାଇଛି ଏହା ତୁମ୍ଭମାନଙ୍କର ଭୋଜନ ପାଇଁ । ପଶୁ-ପକ୍ଷୀମାନଙ୍କ ପାଇଁ ଘାସ, ଡ଼ାଳ-ପତ୍ରଯୁକ୍ତ ବୁଦା ଓ ଲତା ଆଦି ଦେଇଛନ୍ତି । ତତ୍‌ପଶ୍ଚାତ୍ ପରମାତ୍ମା ସ୍ୱଧାମରେ (ସତ୍ୟଲୋକ) ସିଂହାସନ ଉପରେ ବିରାଜମାନ ହେଲେ । ତେଣୁ ବାଇବେଲରେ ପ୍ରଥମେ ଯେଉଁ ଜ୍ଞାନ ଅଛି ତାହା କାଳ ଭଗବାନ ତଥା ତାଙ୍କ ପୁତ୍ରମାନଙ୍କର ଜ୍ଞାନ ଅଟେ । ଯଦି ବାଇବେଲରେ ଆଗକୁ ମାଂସ ଖାଇବା ପାଇଁ ଲେଖାଥିବ ତେବେ ତାହା ପୂର୍ଣ୍ଣ ପରମାତ୍ମାଙ୍କର ଆଦେଶ ନୁହେଁ । ତାହା କୌଣସି ଅନ୍ୟ ପ୍ରଭୁଙ୍କର ଆଦେଶ ଯିଏ ପୂର୍ଣ୍ଣ ନୁହଁନ୍ତି । ତେଣୁ ପୂର୍ଣ୍ଣ ପରମାତ୍ମା (**Complete God**)ଙ୍କ ଆଦେଶର ଅବମାନନା ଦ୍ୱାରା ପାପରେ ଭାଗୀ ହେବାକୁ ପଡ଼ିବ ।

ଝ କୁରାନ ଶରୀଫ (ମଜୀଦ୍) :- ସଦଗ୍ରନ୍ଥ ହିସାବରେ ବାଇବେଲ ପଶ୍ଚାତ୍ କୁରାନ ଶରୀଫର ନାମକୁ ଶ୍ରଦ୍ଧାର ସହିତ ନିଆଯାଏ । କୁରାନ ଜ୍ଞାନଦାତା ମଧ୍ୟ ସେ ହିଁ ଅଟନ୍ତି ଯିଏ ବାଇବେଲ ଜ୍ଞାନ ଦେଇଛନ୍ତି ତଥା ଚାରିବେଦ ଓ ଶ୍ରୀମଦ୍‌ଭାଗବତ ଗୀତା ଜ୍ଞାନ ଦେଇଛନ୍ତି । ତେଣୁ ସେହି ପ୍ରକରଣଗୁଡ଼ିକୁ ବାଇବେଲ ଓ କୁରାନରେ ପୁନରାବୃତ୍ତି କରିନାହାଁନ୍ତି ଯେଉଁ ପ୍ରକରଣଗୁଡ଼ିକର ଜ୍ଞାନ ଚାରିବେଦ ଓ ଶ୍ରୀମଦ୍ ଭାଗବତ ଗୀତାରେ ଅଛି ।

ଝ ଉପନିଷଦ :- ଏହା ସଂଖ୍ୟାରେ ୧୧ଟି ଥିବାର ଗଣନା କରାଯାଏ । ଉପନିଷଦ ଜ୍ଞାନ କୌଣସି ଏକ ଋଷିଙ୍କ ନିଜ ଅନୁଭୂତି ଅଟେ । ଯଦି ତାହା ଗୀତା ଓ ବେଦ ସହିତ ମେଳ ଖାଉନାହିଁ ତେବେ ତାହା ବ୍ୟର୍ଥ ଅଟେ ଯାହାକୁ ଗ୍ରହଣ କରିବା ଅନୁଚିତ୍ ।

ଝ-ପୁରାଣ :- ଏହା ସଂଖ୍ୟାରେ ୧୮ଟି ଥିବାର ଗଣନା କରାଯାଏ । ଏହି ପୁରାଣଗୁଡ଼ିକର ଜ୍ଞାନ ଗୋଟିଏ ପ୍ରକାରର ବୋଲି କୁହାଯାଏ । ଏହି ଜ୍ଞାନକୁ ସର୍ବପ୍ରଥମେ ବ୍ରହ୍ମା ନିଜ ପୁତ୍ର (ଦକ୍ଷ ଆଦି ଋଷି)ଙ୍କୁ ଦେଇଥିଲେ । ପରବର୍ତ୍ତୀ ସମୟରେ ରାଜା ଦକ୍ଷ, ମନୁ ଓ ପରାସର ଆଦି ଋଷିଗଣ ଏହି ଜ୍ଞାନକୁ ପ୍ରଚାର କରିବାକୁ ଯାଇ ଏଥିରେ ନିଜ ଅନୁଭବକୁ ମଧ୍ୟ ମିଶାଇଲେ । ଏହିପରି ଭାବରେ ପୁରାଣଗୁଡିକର

ଜ୍ଞାନକୁ ୧୮ଟି ଭାଗରେ ଭାଗ କରାଯାଇଛି । ୧୮ ପୁରାଣରେ ଥିବା ଜ୍ଞାନର ଯେଉଁ ଅଂଶ ବେଦ ଓ ଗୀତା ସହିତ ମେଳ ଖାଉ ନାହିଁ ତାକୁ ତ୍ୟାଗ କରିଦେବା ଉଚିତ୍ ।

ଗୀତା ଅଧ୍ୟାୟ ୧୮ ଶ୍ଳୋକ ୬୨ ରେ ଗୀତା ଜ୍ଞାନଦାତା ଅର୍ଜୁନକୁ କହୁଛନ୍ତି ଯେ ତୁ ସର୍ବଭାବରେ ସେହି ପରମେଶ୍ୱର (ଯିଏ ଗୀତା ଜ୍ଞାନଦାତାଙ୍କଠାରୁ ଭିନ୍ନ ଅଟନ୍ତି)ଙ୍କ ଶରଣକୁ ଯାଅ, ସେହି ପରମେଶ୍ୱରଙ୍କ କୃପାରୁ ତୁ ପରମ ଶାନ୍ତି ଓ ସନାତନ ପରମଧାମ (ସତ୍ୟଲୋକ) ପ୍ରାପ୍ତ ହେବୁ । ଗୀତା ଅଧ୍ୟାୟ ୪ ଶ୍ଳୋକ ୩୨ ରେ କହିଛନ୍ତି ଯେ ଯେଉଁ ଜ୍ଞାନ(ସୂକ୍ଷ୍ମବେଦ)କୁ ସ୍ୱୟଂ ପରମାତ୍ମା ନିଜ ମୁଖକମଳରେ ଉଚ୍ଚାରଣ କରି କହିଥାନ୍ତି, ତାହାକୁ ସଚ୍ଚିଦାନନ୍ଦ ଘନବ୍ରହ୍ମଙ୍କ ବାଣୀ କୁହାଯାଏ, ତାହାକୁ ତତ୍ତ୍ୱଜ୍ଞାନ ମଧ୍ୟ କହନ୍ତି ଯେଉଁଥିରେ ପରମାତ୍ମା ପୂର୍ଣ୍ଣ ମୋକ୍ଷ ମାର୍ଗର ଜ୍ଞାନ ଦେଇଛନ୍ତି । ଗୀତା ଅଧ୍ୟାୟ ୪ ଶ୍ଳୋକ ୩୪ରେ କହିଛନ୍ତି ଯେ ତୁ ତତ୍ତ୍ୱଦର୍ଶୀ ସନ୍ଥଙ୍କ ପାଖକୁ ଯାଇ ସେହି ତତ୍ତ୍ୱଜ୍ଞାନ ବୁଝ । ତାଙ୍କୁ ଦଣ୍ଡବତ ପ୍ରଣାମ କରି ପ୍ରଶ୍ନ କଲେ ସେହି ତତ୍ତ୍ୱଦର୍ଶୀ ସନ୍ଥ ତୋତେ ତତ୍ତ୍ୱଜ୍ଞାନ ବିଷୟରେ ଉପଦେଶ ଦେବେ । ଗୀତା ଅଧ୍ୟାୟ ୧୫ ଶ୍ଳୋକ ନଂ୧ ରେ ତତ୍ତ୍ୱଦର୍ଶୀ ସନ୍ଥଙ୍କ ପରିଚୟ ବିଷୟରେ କୁହାଯାଇଛି ଯେ ଯେଉଁ ସନ୍ଥ ସଂସାର ରୂପୀ ଓଲଟ ବୃକ୍ଷର ସର୍ବାଙ୍ଗକୁ ସଠିକ୍ ଭାବରେ ଜାଣିଥାନ୍ତି ସେ ବେଦଜ୍ଞ ଅଟନ୍ତି । ଅର୍ଥାତ୍ ସେ ବେଦର ତାତ୍ପର୍ଯ୍ୟକୁ ଜାଣିଥାନ୍ତି, ସେ ହିଁ ତତ୍ତ୍ୱଦର୍ଶୀ ସନ୍ଥ ଅଟନ୍ତି । ସୂକ୍ଷ୍ମବେଦ ଅର୍ଥାତ୍ ସଚ୍ଚିଦାନନ୍ଦ ଘନବ୍ରହ୍ମଙ୍କ ବାଣୀରେ କୁହାଯାଇଛି ଯେ :-

*କବୀର, ଅକ୍ଷର ପୁରୁଷ ଏକ ପେଡ଼ ହେ, କ୍ଷରପୁରୁଷ ବାକୀ ଡ଼ାର ।*

*ତିନୋ ଦେବା ଶାଖା ହେଁ, ପାତ୍ ରୂପ ସଂସାର ॥*

ଏହି ସଚ୍ଚିଦାନନ୍ଦ ଘନବ୍ରହ୍ମଙ୍କ ବାଣୀକୁ ତତ୍ତ୍ୱଜ୍ଞାନ ମଧ୍ୟ କୁହାଯାଏ ।

ଗୀତା ଅଧ୍ୟାୟ ୧୫ ଶ୍ଳୋକ ୪ ରେ କୁହାଯାଇଛି ଯେ ତତ୍ତ୍ୱଜ୍ଞାନ ପ୍ରାପ୍ତି ପଶ୍ଚାତ୍ ପରମେଶ୍ୱରଙ୍କର ସେହି ପରମପଦକୁ ଖୋଜିବା ଉଚିତ୍ ଯେଉଁଠିକୁ ଯିବା ପରେ ସାଧକ କେବେ ଏହି ସଂସାରକୁ ଲେଉଟି ଆସି ନ ଥାଏ ଅର୍ଥାତ୍ ସେହି ଆତ୍ମାର ପୂର୍ଣ୍ଣମୋକ୍ଷ ହୋଇଯାଏ । ସେହି ପରମାତ୍ମା ସଂସାର ରୂପୀ ବୃକ୍ଷର ରଚନା କରିଛନ୍ତି, କେବଳ ତାଙ୍କ ଭକ୍ତି କର । ଗୀତା ଜ୍ଞାନଦାତା ନିଜ ସାଧନାଠାରୁ ସେହି ପରମାତ୍ମାଙ୍କ ଭକ୍ତିକୁ ଶ୍ରେଷ୍ଠ ମାନିଥାନ୍ତି, ତାଙ୍କ କୃପାରୁ ପରମେଶ୍ୱରଙ୍କର ସେହି ପରମପଦ ପ୍ରାପ୍ତ ହୋଇଥାଏ ।

ଝ:-ଶ୍ରୀ ଗୁରୁଗ୍ରନ୍ଥ ସାହେବ :- ଏହା ଶିଖ୍ ଧର୍ମର ଗ୍ରନ୍ଥ ରୂପେ ପରିଚିତ । ବାସ୍ତବରେ ଏହା କିଛି ମାହାତ୍ମାମାନଙ୍କର ଅମୃତ ବାଣୀର ସଂଗ୍ରହ ଅଟେ ଯେଉଁଥିରେ ଶ୍ରୀ ନାନକ ଦେବଙ୍କ ବାଣୀ ଅର୍ଥାତ୍ ମହଲା-ପହଲାର ବାଣୀ ତତ୍ତ୍ୱଜ୍ଞାନ ଅର୍ଥାତ୍ ସୂକ୍ଷ୍ମବେଦ ସହିତ ମେଳଖାଏ । କାରଣ ଶ୍ରୀ ନାନକ ଦେବଙ୍କୁ ପରମାତ୍ମା ସେତେବେଳ ଦର୍ଶନ ଦେଇଥିଲେ ଯେତେବେଳେ ନାନକ ଦେବ ସୁଲତାନପୁର ସହରର ନବାବଙ୍କ କୋଷାଗାରରେ ଚାକିରୀ କରୁଥିଲେ । ସୁଲତାନପୁର ସହରଠାରୁ ଅଧ କି:ମି: ଦୂରରେ ବେଈ ନଦୀ ପ୍ରବାହିତ ହେଉଛି ଯେଉଁ ନଦୀକୁ ଶ୍ରୀ ନାନକ ଦେବ ପ୍ରତିଦିନ ଗାଧୋଇବାକୁ ଯାଉଥିଲେ । ଦିନେ ପରମାତ୍ମା ଜିନ୍ଦା ମହାତ୍ମା (ସାଧୁ ଫକୀର) ରୂପରେ ସେହି ବେଈ ନଦୀ ନିକଟରେ ପ୍ରକଟ ହେଲେ । ସେଠାରେ ଶ୍ରୀ ନାନକ ଦେବଙ୍କ ସହିତ ଜ୍ଞାନଚର୍ଚ୍ଚା କଲେ । ଏହାପରେ ନାନକ ଦେବ ବେଈ ନଦୀରେ ବୁଡ଼ ପକାଇଲେ ମାତ୍ର ବାହାରକୁ ଆସିଲେ ନାହିଁ । ସେଠାରେ ଉପସ୍ଥିତ ବ୍ୟକ୍ତିମାନେ ଭାବିଲେ ଯେ ନାନକଜୀ ନଦୀରେ ବୁଡ଼ିଗଲେ । ସହର ଲୋକେ ନଦୀରେ ଜାଲ ପକାଇ ଖୋଜିଲେ ମାତ୍ର ନିରାଶ ହେଲେ । କାରଣ ଶ୍ରୀ ନାନକ ଦେବ ଜିନ୍ଦା ମହାତ୍ମା ରୂପରେ ପ୍ରକଟ ପରମାତ୍ମାଙ୍କ ସହିତ ସଚଖଣ୍ଡ (ସତ୍ୟଲୋକ)କୁ ଚାଲିଯାଇଥିଲେ । ତିନିଦିନ ପରେ ଶ୍ରୀ ନାନକ ଦେବ ପୁଣି ପୃଥିବୀକୁ ଫେରି ଆସିଲେ । ଶ୍ରୀ ନାନକ ଦେବଙ୍କୁ ଜୀବିତ ଦେଖି ସୁଲତାନପୁର ବାସିନ୍ଦାଙ୍କର ଖୁସିର ଠିକଣା ରହିଲା ନାହିଁ । ଶ୍ରୀ ନାନକ

ଦେବଙ୍କ ଭଉଣୀ ନାନକୀଙ୍କର ମଧ୍ୟ ସୁଲତାନପୁର ସହରରେ ବିବାହ ହୋଇଥିଲା । ଶ୍ରୀ ନାନକ ଦେବ ନିଜ ଭଉଣୀ ପାଖରେ ରହିଥିଲେ । ନିଜ ଭାଇର ମୃତ୍ୟୁରେ ଦୁଃଖୀ ହୋଇ ଯାଇଥିବା ଭଉଣୀ ନାନକୀ ବଡ଼ ଆଶ୍ଚର୍ଯ୍ୟ ହେଲେ ଏବଂ ଶୋକ, ଖୁସିରେ ବଦଳି ଗଲା । ଶ୍ରୀ ନାନକଙ୍କୁ ପରମାତ୍ମା ମିଳିଲେ ସଚ୍ଚାଜ୍ଞାନ ପ୍ରାପ୍ତ ହେଲା, ସଚ୍ଚାନାମ (ସତ୍ୟନାମ) ମିଳିଲା, 'ଭାଇବାଲେ ବାଲୀ' ପୁସ୍ତକର "ଜନ୍ମ ସାଖୀ ଗୁରୁ ନାନକ ଦେବଜୀ" ପ୍ରକରଣ ଏବଂ ହିନ୍ଦୀ ସଂସ୍କରଣର 'ପ୍ରାଣ ସଂଗଲୀ' ଯାହାର ସମ୍ପାଦକ ସନ୍ଥ ସମ୍ପୂର୍ଣ୍ଣ ସିଂହ ଅଟନ୍ତି । ଏହି ଦୁଇ ପୁସ୍ତକରେ ପ୍ରମାଣ ଅଛି ଯେ ଶ୍ରୀ ଗୁରୁ ନାନକ ଦେବ ସ୍ୱୟଂ ମର୍ଦାନାଙ୍କୁ କହିଛନ୍ତି ଯେ ମୋତେ ପରମାତ୍ମା, ଜିନ୍ଦା ମହାତ୍ମା ରୂପରେ ବେଈ ନଦୀ ତଟରେ ଦର୍ଶନ ଦେଲେ ଯେତେବେଳେ ମୁଁ ଗାଧୋଇବାକୁ ଯାଇଥିଲି । ମୁଁ ତିନିଦିନ ପର୍ଯ୍ୟନ୍ତ ତାଙ୍କ ସାଥିରେ ରହିଥିଲି, ସେହି ବାବା ଜିନ୍ଦା ମହାତ୍ମା ମୋର ସଦଗୁରୁ ମଧ୍ୟ ଅଟନ୍ତି ତଥା ସର୍ବ ସୃଷ୍ଟିର ରଚୟିତା ମଧ୍ୟ ଅଟନ୍ତି । ତେଣୁ ସେ ହିଁ "ବାବା" ପଦବାଚ୍ୟ ଅଟନ୍ତି, ଅନ୍ୟକୁ "ବାବା" କହିବା ଅନୁଚିତ୍, ତାଙ୍କ ନାମ କବୀର ଅଟେ ।

*କାୟମ ଦାୟକା କୁଦରତୀ ସବ ପୀରନ ସିର ପୀର ଆଲମ ବଡ଼ା କବୀର ॥*

ଏଥିପାଇଁ ଶ୍ରୀ ନାନକଜୀଙ୍କ ବାଣୀ (ମହଲା ୧) ସୂକ୍ଷ୍ମ ବେଦ ସହିତ ମେଳ ଖାଉଛି, ତେଣୁ ତାହା ସଠିକ୍ ଅଟେ । ଅନ୍ୟ ସନ୍ଥମାନଙ୍କର ବାଣୀ ଏତେ ସଠିକ୍ ନୁହେଁ । କାରଣ କେବଳ ଶ୍ରୀ ନାନକ ଦେବଜୀଙ୍କୁ ହିଁ ପରମାତ୍ମା କବୀରଜୀ ଦର୍ଶନ ଦେଇଥିଲେ ।

ପ୍ରମାଣ :- ଶ୍ରୀ ଗୁରୁଗ୍ରନ୍ଥ ସାହେବର ୨୪ ପୃଷ୍ଠାରେ ଲେଖା ଥିବା ବାଣୀ :-

*ଏକ ସୁଆନ ଦୁଇ ସୁଆନୀ ନାଲ ଭଲକେ ଭୌଁକହୀ ସଦା ବିୟାଲ,*
*କୁଡ଼ ଛୁରା ମୁଠା ମୁରଦାର ଧାଣକ ରୂପ ରହା କରତାର ।*
*ତେରା ଏକ ନାମ ତାରେ ସଂସାର ମୈଁ ଏହୋ ଆଶ ଏହୋ ଆଧାର,*
*ଧାଣକ ରୂପ ରହା କରତାର ।*
*ଫାହୀ ସୁରତ ମଲୂକୀ ବେଶ, ଏହ ଠଗ୍‌ୱାଡ଼ା ଠଗୀ ଦେଶ ।*
*ଖରା ସିଆଣା ବହୁତା ଭାର, ଧାଣକ ରୂପ ରହା କରତାର ॥*

ଶ୍ରୀ ଗୁରୁଗ୍ରନ୍ଥ ସାହେବର ୭୩୧ ନଂ ପୃଷ୍ଠାରେ ନିମ୍ନସ୍ଥ ବାଣୀ ଅଛି :-

*ନୀଚ ଜାତି ପରଦେଶୀ ମେରା, କ୍ଷଣ ଆବୈ କ୍ଷଣ ଜାବୈ ।*
*ଜାକି ସଙ୍ଗତ ନାନକ ରହନ୍ଦା, କ୍ୟୁଁକର ମୁଣ୍ଡା ପାବୈ ॥*

ପୃଷ୍ଠା ୭୨୧ ରେ ନିମ୍ନସ୍ଥ ବାଣୀ ଲେଖାଯାଇଛି :-

*ୟକ ଅର୍ଜ ଗୁଫତମ ପେଶ ତୋଦର, କୂନ କରତାର ।*
*ହକ୍କା କବୀର କରୀମ ତୁ, ବେଏବ ପରବରଦିଗାର ॥*

ଉପରୋକ୍ତ ଅମୃତ ବାଣୀ ଶ୍ରୀ ଗୁରୁଗ୍ରନ୍ଥ ସାହେବର ଅଟେ ଯେଉଁଥିରୁ ପ୍ରମାଣିତ ହେଲା ଯେ ଶ୍ରୀନାନକଜୀଙ୍କୁ ପରମାତ୍ମା ଦର୍ଶନ ଦେଇଥଲେ । ସେ "କବୀର କରତାର" ଯିଏ କାଶୀକୁ ବୁଣାକାର ରୂପରେ ଲୀଳା କରିବାକୁ ଆସିଥିଲେ ।

ସନ୍ଥ ଗରୀବ ଦାସ (ଗ୍ରାମ-ଛୁଡ଼ାଣୀ, ଜିଲା-ଝଜ୍ଜର, ହରିୟାଣା)ଙ୍କୁ ମଧ୍ୟ ସେହିଭଳି ଜିନ୍ଦା ମହାତ୍ମା ରୂପରେ କବୀର ପରମାତ୍ମା ଦର୍ଶନ ଦେଇଥିଲେ । ସେହିଭଳି ସଚ୍ଚଖଣ୍ଡ (ସତ୍ୟଲୋକ)କୁ ନେଇ ପରେ

ପୁନର୍ବାର ଛାଡ଼ିଥିଲେ । ସନ୍ଥ ଗରୀବ ଦାସଜୀ କହିଛନ୍ତି :-

*ଗରୀବ, ହମ ସୁଲତାନୀ ନାନକ ତାରେ, ଦାଦୂ କୁଁ ଉପଦେଶ ଦିଆ ॥*
*ଜାତି ଜୁଲାହା ଭେଦ ନହୀଁ ପାୟା, କାଶୀ ମାହେଁ କବୀର ହୁଆ ॥*
*ଅନନ୍ତ କୋଟି ବ୍ରହ୍ମାଣ୍ଡ କା, ଏକ ରତି ନହୀଁ ଭାର ।*
*ସତଗୁରୁ ପୁରୁଷ କବୀର ହୈଁ, କୁଲ କେ ସିରଜନ ହାର ॥*

ସନ୍ଥ ଦାଦୂ ଦାସ ମହାରାଜଙ୍କୁ ମଧ୍ୟ ପରମାତ୍ମା, ଜିନ୍ଦା ମହାତ୍ମା ରୂପରେ ଦର୍ଶନ ଦେଇଥିଲେ ଯେତେବେଳେ ଶ୍ରୀ ଦାଦୁଜୀ ୭ ବର୍ଷ ବୟସର ହୋଇଥିଲେ । ଗାଁ ବାହାରେ ଅନ୍ୟ ପିଲାମାନଙ୍କ ସହିତ ଖେଳୁଥିବା ସମୟରେ ପରମାତ୍ମା ତାଙ୍କୁ ମଧ୍ୟ ଜିନ୍ଦା ବାବା ରୂପରେ ଦର୍ଶନ ଦେଇଥିଲେ । ସତ୍ୟଲୋକକୁ ନେଇ ଯାଇଥିଲେ । ଦାଦୁଜୀ ମଧ୍ୟ ତିନିଦିନ ପର୍ଯ୍ୟନ୍ତ ଅଚେତ ରହିଲେ । ସଚେତ ହେବା ପରେ ପରମାତ୍ମା କବୀରଜୀଙ୍କର ମହିମା ଗାନ କରିବାକୁ ଲାଗିଲେ ।

*ଜିନ ମୋକୁଁ ନିଜ ନାମ (ବାସ୍ତବିକ ନାମ) ଦିୟା, ସୋଇ ସତଗୁରୁ ହମାର ।*
*ଦାଦୁ ଦୁସରା କୋଇ ନହୀଁ, କବୀର ସିରଜନ୍ ହାର ॥*
*ଦାଦୁ ନାମ କବୀର କୀ, ଜୈ କୋଇ ଲେବେ ଓଟ ।*
*ଉନକୋ କବହୁ ଲାଗେ ନହୀଁ, କାଲ ବଜ୍ର କୀ ଚୋଟ ॥*

ସନ୍ଥ ଗରୀବ ଦାସଜୀ କହିଛନ୍ତି ଯେ :-

ଦାଦୂ କୁଁ ସତଗୁରୁ ମିଲେ, ଦେଇ ପାନ କୀ ପୀଖ ।
ବୁଢାବାବା ଜିସେ କହେଁ, ୟହ ଦାଦୁ କୀ ନହୀଁ ସୀଖ ॥
ପହଲୀ ଚୋଟ ଦାଦୂ କୋ, ମିଲେ ପୁରୁଷ କବୀର ।
ଟକ୍କର ମାରୀ ଜଦ ମିଲେ, ଫିର ସାମ୍ଭର କେ ତୀର ॥

ଝ:-ବାନ୍ଧବଗଢ଼ ବାସିନ୍ଦା ସନ୍ଥ ଧର୍ମଦାସଜୀଙ୍କୁ ଦର୍ଶନ ଦେଲେ :- ତୀର୍ଥ ଭ୍ରମଣ କରୁଥିବା ସମୟରେ ଧର୍ମଦାସଜୀ ଯେତେବେଳେ ମଥୁରାରେ ପହଞ୍ଚିଲେ ସେତେବେଳେ ସେହି ପରମାତ୍ମା ଜିନ୍ଦା ରୂପରେ ଦର୍ଶନ ଦେଇଥିଲେ । ଧର୍ମଦାସଙ୍କୁ ମଧ୍ୟ ପରମାତ୍ମା ସତ୍ୟଲୋକକୁ ନେଇ ଯାଇଥିଲେ । ତିନିଦିନ ତିନିରାତି ପର୍ଯ୍ୟନ୍ତ ଧର୍ମଦାସ, ଶ୍ରୀ ନାନକ ଦେବଙ୍କ ଭଳି ପରମାତ୍ମାଙ୍କ ସହିତ ଆକାଶ ମଣ୍ଡଳରେ (ସତ୍ୟଲୋକରେ) ରହିଲେ । ସେପର୍ଯ୍ୟନ୍ତ ଧର୍ମଦାସଙ୍କ ଶରୀର ଅଚେତ ରହିଲା । ତୃତୀୟ ଦିନ ତାଙ୍କର ଚେତା ଆସିବା ପରେ କହିଲେ ଯେ ମୁଁ ସତ୍ୟଲୋକକୁ ପରମାତ୍ମାଙ୍କ ସହିତ ଯାଇଥିଲି । ସେହି ପରମାତ୍ମା କାଶୀ ସହରକୁ ଲୀଳା କରିବାକୁ ଆସିଛନ୍ତି, ତାଙ୍କୁ ଭେଟିବି । ଏହାପରେ ଧର୍ମଦାସ ବନାରସ (କାଶୀ)କୁ ଗଲେ । ସେଠାକୁ ଯାଇ ବୁଣାକାର ରୂପରେ ପରମାତ୍ମାଙ୍କୁ କାର୍ଯ୍ୟ କରିବା ଦେଖି ଆଶ୍ଚର୍ଯ୍ୟ ଚକିତ ହୋଇଗଲେ । ତାଙ୍କ ଚରଣ ତଳେ ପଡ଼ିଗଲେ ଏବଂ ବାସ୍ତବିକ ଭକ୍ତି ମାର୍ଗ ପ୍ରାପ୍ତ କରି ନିଜ କଲ୍ୟାଣ କରାଇଲେ । ଅଧିକ ଜାଣିବା ପାଇଁ ପଢନ୍ତୁ ଏହି ପୁସ୍ତକର ପୃଷ୍ଠା ୬୦ ରେ । (କାହା - କାହାକୁ ପରମାତ୍ମା ଦର୍ଶନ ଦେଇଛନ୍ତି)

ଝହଜରତ୍ ମହମ୍ମଦଙ୍କୁ ମଧ୍ୟ ପରମାତ୍ମା ମକ୍କା (କାବା)ରେ ଜିନ୍ଦା ମହାତ୍ମା ରୂପରେ ଦର୍ଶନ ଦେଇଥିଲେ ଏବଂ ତାଙ୍କୁ ନିଜ ଲୋକକୁ ସାଥିରେ ନେଇଗଲେ ଯାହା ଗୋଟିଏ ବ୍ରହ୍ମାଣ୍ଡର ରାଜଦୂତ ଭବନ ରୂପେ ତିଆରି ହୋଇଛି । ପରମାତ୍ମା ହଜ୍‌ରତ ମହମ୍ମଦଙ୍କୁ ନିଜ ଜ୍ଞାନ ଶୁଣାଇ ବୁଝାଇଲେ କିନ୍ତୁ ମହମ୍ମଦଜୀ

ପରମାତ୍ମାଙ୍କ ଜ୍ଞାନକୁ ନା ଗ୍ରହଣ କଲେ, ନା ସତ୍ୟଲୋକରେ ରହିବାକୁ ଇଚ୍ଛା ବ୍ୟକ୍ତ କଲେ । ତେଣୁ ପରମାତ୍ମା, ହଜରତ୍ ମୁହମ୍ମଦଙ୍କୁ ପୁଣି ଶରୀର ମଧ୍ୟକୁ ପଠାଇଲେ । ସେହି ସମୟରେ ହଜରତ ମହମ୍ମଦଙ୍କର ହଜାର ହଜାର ସଂଖ୍ୟାରେ ମୁସଲମାନ ଅନୁଗାମୀ ହୋଇ ସାରିଥିଲେ । ସଂସାରରେ ଖୁବ୍ କ୍ଷୀପ୍ରଗତିରେ ତାଙ୍କ ମହିମା ଗାନ କରାଯାଉଥିଲା ଏବଂ ସେମାନେ କୁରାନର ଜ୍ଞାନକୁ ସର୍ବୋତ୍ତମ ବୋଲି ମାନୁଥିଲେ ।

ସନ୍ଥ ଗରୀବ ଦାସ କହିଛନ୍ତି ଯେ କବୀର ପରମେଶ୍ୱର, ମୁହମ୍ମଦ ସାହେବଙ୍କୁ ଉପରଲୋକକୁ ନେଇଗଲେ କିନ୍ତୁ ସେଠାରେ ସେ ରହିଲେ ନାହିଁ । ଗରୀବ ଦାସଜୀ କହୁଛନ୍ତି ଯେ

କବୀର ପରମେଶ୍ୱର କହିଛନ୍ତି :-

*ହମ ମୁହମ୍ମଦ କୋ ୱହାଁ ଲେ ଗୟୋ, ଇଛା ରୂପୀ ୱହାଁ ନହୀଁ ରହୟୋ ।*

*ଉଲ୍ଟ ମୁହମ୍ମଦ ମହଲ ପଠାୟା, ଗୁଝ ବିରଜ ଏକ କଲମା ଲ୍ୟାୟା ।*

*ରୋଜା, ବଙ୍ଗ, ନିମାଜ ଦୟୀରେ, ବିସ୍ମିଲ କୀ ନହୀଁ ବାତ କହିଁ ରେ ।*

*ମାରି ଗଊ ଶବ୍ଦ କେ ତୀରଁ, ଐସେ ହୋତେ ମୁହମ୍ମଦ୍ ପୀରଁ ।*

*ଶବ୍ଦୈ ଫେର ଜିବାଈ, ଜୀବ ରାଖ୍ୟା ମାଂସ ନହୀଁ ଭଖ୍ୟା, ଐସେ ପୀର ମୁହମ୍ମଦ ଭାଈ ।*

*ମାରି ଗଊଲେ ଶବ୍ଦ ତଲୱାର, ଜୀବତ ହୁଈ ନହୀଁ-ଅଲ୍ଲାହ ସେ କରୀ ପୁକାର ।*

*ତବ ହମୌଁ (ମୁଝକୋ) ମୁହମ୍ମଦ ନେ ୟାଦ୍ କିୟାରେ । ଶବ୍ଦ ସ୍ୱରୂପ୍ ହମ ବେଗ ଗୟାରେ ।*

*ମୁଈ ଗଊ ହମନେ ତୁରନ୍ତ ଜୀବାଈ । ତବ ମୁହମ୍ମଦ କେ ନିଶ୍ଚୟ ଆଈ ॥*

*ତୁମ କବୀର ଅଲ୍ଲାହ ଦର୍ବେଶା । ମୋମିନ ମୁହମ୍ମଦ କା ଗୟା ଅନ୍ଦେଶା ॥*

*କହା ମୁହମ୍ମଦ ସୁନ୍ ଜିନ୍ଦା ସାହେବ୍ । ତୁମ୍ ଅଲ୍ଲାହ କବୀର୍ ଔର୍ ସବ୍ ନାୟବ୍ ॥*

ଏହାର ପ୍ରମାଣ "କୁରାନ୍ ଶରିଫ୍"ର ସୁରତ୍ ଫୁର୍କାନି ୨୫ ଆୟତ ୫୨ରୁ ୫୯ରେ ମଧ୍ୟ ଅଛି । କୁରାନ ଶରିଫର ଜ୍ଞାନଦାତାଙ୍କୁ ହଜରତ ମୁହମ୍ମଦ ଓ ମୁସଲମାନ ଧର୍ମର ଶ୍ରଦ୍ଧାଳୁମାନେ ନିଜର ଖୁଦା ତଥା ତାଙ୍କୁ ପୂର୍ଣ୍ଣ ପରମାତ୍ମା ରୂପେ ମାନିଥାନ୍ତି । ଏହି ୫୨ରୁ ୫୯ ଆୟତରେ କୁରାନ ଶରିଫର ଜ୍ଞାନଦାତା କହିଛି ଯେ ହେ, ପୈଗମ୍ବର, ହଜ୍ରତ୍ ମୁହମ୍ମଦ ! କୁରାନର ଆୟତଗୁଡ଼ିକରେ ତୁମକୁ ଯେଉଁ ଜ୍ଞାନ ମୁଁ ଦେଲି, ତୁମେ ସେହି ଜ୍ଞାନ ଉପରେ ଅଟଳ ରହିବ । କବୀର ହିଁ ଆଲ୍ଲାହ ଅଟନ୍ତି ଏବଂ କାଫିରମାନେ ସେହି ଅଲ୍ଲାହଙ୍କ ଉପରେ ବିଶ୍ୱାସ କରନ୍ତି ନାହିଁ । ତୁମେ ସେମାନଙ୍କ କଥାରେ ଆଦୌ ବିଶ୍ୱାସ କରିବ ନାହିଁ । ସେମାନଙ୍କ ସହିତ ସଂଘର୍ଷ କରିବ କିନ୍ତୁ ଲଢେଇ ଝଗଡ଼ା କରିବ ନାହିଁ ।

ହେ ପୈଗମ୍ବର ! ଇଏ କବୀର ନାମକ ପରମାତ୍ମା ଅଟନ୍ତି ଯିଏ କାହାକୁ ପୁଅ, ବହୂ, ଶାଶୁ, ଶଶୁର ଓ ନାତି କରିଛନ୍ତି, ତୁମେ ସେହି ଜିନ୍ଦା ଉପରେ ଭରସା ରଖିବ । (ଯିଏ ତୋତେ କାବାରେ ଭେଟିଥିଲେ) ସେ ବାସ୍ତବରେ ଅବିନାଶୀ ପରମାତ୍ମା ଅଟନ୍ତି । ନିଜ ଭକ୍ତମାନଙ୍କର ଅପରାଧ(ପାପ)କୁ କ୍ଷମା କରିଦିଅନ୍ତି । ସେ କବୀର ଅଲ୍ଲାହ ଅଟନ୍ତି । ଇଏ ସେହି କବୀର ଅଲ୍ଲାହ ଅଟନ୍ତି ଯାହାଙ୍କ ବିଷୟରେ ବାଇବେଲ ଗ୍ରନ୍ଥର ଉତ୍ପତ୍ତି ଗ୍ରନ୍ଥରେ ବର୍ଣ୍ଣନା ଅଛି ଯେ ସେହି ପରମାତ୍ମା ଛଅ ଦିନରେ ଆକାଶ ଓ ଧରିତ୍ରୀ ତଥା ଏହା ମଝିରେ ଥିବା ସମସ୍ତ ନକ୍ଷତ୍ର ତିଆରି କରିଛନ୍ତି ଅର୍ଥାତ୍ ସମସ୍ତ ସୃଷ୍ଟିର ରଚନା କରି ସପ୍ତମ ଦିନରେ ତଖତ୍ (ସିଂହାସନ) ଉପରେ ବିରାଜମାନ ହେଲେ । ତାଙ୍କ ଖବର କେଉଁ ବାଖବର ଅର୍ଥାତ୍ ତତ୍ତ୍ୱଦର୍ଶୀ ସନ୍ଥଙ୍କଠାରୁ ପଚାରି ବୁଝ ।

### ଝ-ହଜରତ ମହମ୍ମଦଜୀ ମାଂସ ଭକ୍ଷଣ କରୁନଥିଲେ :-

ସନ୍ଥ ଗରୀବ ଦାସଜୀ ମହାରାଜ (ଗ୍ରାମ - ଛୁଡ଼ାଣୀ, ଜିଲ୍ଲା - ଝଜ୍ଜର) ନିଜର ଅମୃତ ବାଣୀରେ ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ ହଜରତ ମହମ୍ମଦ ଏବଂ ତାଙ୍କର ଯେଉଁ ଏକଲକ୍ଷ ଅଶୀ ହଜାର ମୁସଲମାନ ଅନୁଗାମୀ ଥିଲେ ସେମାନେ କେବେ ମାଂସ ଖାଇ ନାହାଁନ୍ତି କିମ୍ବା ଗାଈକୁ ବିସ୍ମିଲ(ହତ୍ୟା) କରିନାହାଁନ୍ତି ।

*ଗରୀବ, ନବୀ ମୁହମ୍ମଦ ନମସ୍କାର ହେ, ରାମ ରସୁଲ କହାୟା ।*

*ଏକ ଲାଖ ଅସୀ କୁଁ ସୌଗନ୍ଧ, ଜିନ୍ ନହୀଁ କରଦ ଚଲାୟା ॥*

*ଅସ-କୁର୍ସ ପର ଅଲ୍ଲହ ତଖତ ହେ, ଖାଲିକ ବିନ ନହୀଁ ଖାଲୀ ।*

*ୱେ ପୈଗମ୍ବର ପାକ ପୁରୁଷ ଥେ, ସାହେବ କେ ଅବଦାଲୀ ॥*

ଭାବାର୍ଥ :- ଗରୀବ ଦାସଜୀ କହିଛନ୍ତି ଯେ ନବୀ ମୁହମ୍ମଦ୍‌ଙ୍କୁ ମୁଁ ପ୍ରଣାମ କରୁଛି । ସେ ପରମାତ୍ମାଙ୍କର ରସୁଲ(ବାର୍ତ୍ତାବାହକ) ଥିଲେ । ତାଙ୍କର ଏକଲକ୍ଷ ଅଶୀ ହଜାର ମୁଲମାନ ଅନୁଗାମୀ ଥିଲେ । ମୁଁ (ଗରୀବ ଦାସ) ଶପଥ କରି କହୁଛି ଯେ ସେମାନେ (ଏକ ଲକ୍ଷ ଅଶୀ ହଜାର ଅନୁଗାମୀ) ତଥା ହଜରତ୍ ମୁହମ୍ମଦଜୀ ସ୍ୱୟଂ କେବେ କୌଣସି ଜୀବ ଉପରେ କରଦ(ଛୁରୀ) ଚଲାଇ ନାହାଁନ୍ତି ଅର୍ଥାତ୍ କେବେ ଜୀବ ହିଂସା କରି ନାହାଁନ୍ତି, କେବେ ମାଂସ ମଧ୍ୟ ଖାଇ ନାହାଁନ୍ତି ।

ପରମାତ୍ମା ଆକାଶର ଅନ୍ତିମ ସ୍ଥାନ (ସମସ୍ତ ବ୍ରହ୍ମାଣ୍ଡ ଉପରେ ଥିବା ସ୍ଥାନ)ରେ ବିରାଜମାନ ଅଛନ୍ତି କିନ୍ତୁ ତାଙ୍କ ନଜରରୁ କୌଣସି ଜୀବ ବର୍ତ୍ତୀ ପାରିବେ ନାହିଁ, ସେ ସମସ୍ତ ଜୀବଙ୍କୁ ଦେଖନ୍ତି । ସେହି ପୈଗମ୍ବର (ହଜରତ ମହମ୍ମଦ ଓ ଅନ୍ୟ ଆତ୍ମାଗଣ) ପବିତ୍ର ଆତ୍ମା ଥିଲେ । ସେମାନେ ପରମାତ୍ମାଙ୍କର କୃପାପାତ୍ର ଥିଲେ ।

## ଝ ସନ୍ଥ ଜମ୍ଭେଶ୍ୱର ମହାରାଜଙ୍କ ବିଚାର

ଏହାର ପ୍ରମାଣ ବିଶ୍ନୋଇ ଧର୍ମର ପ୍ରବର୍ତ୍ତକ ସନ୍ଥ ଜମ୍ଭେଶ୍ୱରଜୀ ମହାରାଜ ଦେଇଛନ୍ତି । ଶବ୍ଦ ସଂଖ୍ୟା ୧୨ ରେ :-

*ମହମଦ -ମହମଦ ନ କର କାଜୀ, ମହମଦ କା ତୋ ବିଷମ ବିଚାରୁ ।*

*ମହମଦ ହାଥ କରଦ ନ ହୋତୀ, ଲୋହେ ଘଡ଼ୀ ନ ସାରୂ ।*

*ମହମଦ ସାର୍ଥ ପୟମ୍ବର ସିଧା, ଏକ ଲାଖ ଅସୀ ହଜାରୂଁ ।*

*ମହମଦ ମରଦ ହଲାଲୀ ହୋତା, ତୁମ୍ ହୀ ଭୟେ ମୁର୍ଦାରୂଁ ।*

ଭାବାର୍ଥ:- ସନ୍ଥ ଜମ୍ଭେଶ୍ୱରଜୀ କହିଛନ୍ତି ଯେ ହେ, କାଜୀ ! ଆପଣ ସେହି ପବିତ୍ର ଆତ୍ମା ମହମ୍ମଦଙ୍କ ନାମ ନେଇ ଯେଉଁ ଗାଈ ବା ଅନ୍ୟ ଜୀବମାନଙ୍କୁ ହତ୍ୟା କରୁଛନ୍ତି, ସେହି ମହାପୁରୁଷଙ୍କୁ ତୁମ୍ଭେମାନେ ବଦନାମ କରୁଛ । ହଜରତ ମହମ୍ମଦଙ୍କ ବିଚାରଧାରା ବହୁତ କଠିନ ଥିଲା । ଆପଣମାନେ ତାଙ୍କ ନିର୍ଦ୍ଦେଶିତ ମାର୍ଗରୁ ଦୁରେଇ ଯାଇଛନ୍ତି । ମହମ୍ମଦଙ୍କ ହାତରେ କରଦ (ଜୀବ କାଟିବା ପାଇଁ ଛୁରୀ) ନଥିଲା ଯାହା ଲୁହାଶାଳରେ ହାତୁଡି ପ୍ରହାରରେ ପ୍ରସ୍ତୁତ ହୋଇଥାଏ । ହଜରତ ମହମ୍ମଦଙ୍କ ସହିତ ଏକଲକ୍ଷ ଅଶୀ ହଜାର ପବିତ୍ର ଆତ୍ମା (ମୁସଲମାନ ଅନୁଗାମୀ) ଥିଲେ । ସେ ଅତି ସରଳ ଅର୍ଥାତ୍ ଉତ୍ତମ ପୈଗମ୍ବର(ଧର୍ମ ପ୍ରଚାରକ) ଥିଲେ । ହଜରତ ମୁହମ୍ମଦ ତ ଶୂରବୀର ହଲାଲ ଆର୍ଥତ୍ ବାସ୍ତବିକ ଉପାୟରେ ଉର୍ପାଜନ କରି ଖାଇବା ବ୍ୟକ୍ତି ଥିଲେ । ତୁମ୍ଭେମାନେ ହିଁ ମୁରଦାରୂ (ଜୀବ ହିଂସାକାରୀ) ଅଟ । ଆପଣମାନେ

ସେହି ମହାପୁରୁଷଙ୍କ ଅନୁସାରେ ନିଜର ଜୀବନକୁ ନିଷ୍ପାପ(ପାପା ରହିତ) କର । ଆଦୌ ଜୀବ ହିଂସା କର ନାହିଁ ।

ସନ୍ଥ ଜମ୍ଭେଶ୍ୱରଙ୍କୁ, ପରମାତ୍ମା ଜିନ୍ଦା ମହାତ୍ମା ରୂପରେ ସମରାଥଳରେ ଦର୍ଶନ ଦେଇଥିଲେ :-

ଯେପରି ବେଦରେ ପ୍ରମାଣ ଅଛି ଯେ ପରମାତ୍ମା ସତ୍ୟଲୋକରେ ରୁହନ୍ତି, ସେଠାରୁ କ୍ଷୀପ୍ର ଗତିରେ ଆସି ପୃଥିବୀ ପୃଷ୍ଠରେ ପ୍ରକଟ ହୁଅନ୍ତି । ଉତ୍ତମ ଆତ୍ମାମାନଙ୍କୁ ଦର୍ଶନ ଦିଅନ୍ତି । ସେମାନଙ୍କୁ ବାସ୍ତବିକ ଆଧାତ୍ମିକ ଜ୍ଞାନ ପ୍ରଦାନ କରି, କବି ଭଳି ଆଚରଣ କରିବା ସହିତ ପୃଥିବୀରେ ବିଚରଣ କରନ୍ତି ଯେଉଁ କାରଣରୁ ପ୍ରସିଦ୍ଧ କବିମାନଙ୍କ ମଧ୍ୟରୁ ଜଣେ କବି ହୋଇଥାନ୍ତି । ସେ କବି ଉପାଧି ପ୍ରାପ୍ତ କରିଥାନ୍ତି । ପରମାତ୍ମା ସେହି ଗୁପ୍ତ ଭକ୍ତିମନ୍ତ୍ର ପ୍ରକାଶ କରିଥାନ୍ତି ଯେଉଁ ଗୁପ୍ତମନ୍ତ୍ର ବେଦ ଓ କତେବ୍ ଇତ୍ୟାଦି ଗ୍ରନ୍ଥରେ ନାହିଁ । କୃପାକରି ଏହି ପୁସ୍ତକର ୧୦୮ ପୃଷ୍ଠାରେ ଥିବା ଜେରକ୍ସ କପିର ଅନୁବାଦ ଦେଖନ୍ତୁ ।

*ପ୍ରମାଣ :- ଋଗବେଦ ମଣ୍ଡଳ ୯ ସୂକ୍ତ ୨୦ ମନ୍ତ୍ର ୧*

*ଋଗବେଦ ମଣ୍ଡଳ ୯ ସୂକ୍ତ ୮୬ ମନ୍ତ୍ର ୨୬ -୨୭*

*ଋଗବେଦ ମଣ୍ଡଳ ୯ ସୂକ୍ତ ୮୨ ମନ୍ତ୍ର ୧,୨*

*ଋଗବେଦ ମଣ୍ଡଳ ୯ ସୁକ୍ତ ୫୪ ମନ୍ତ୍ର ୩*

*ଋଗବେଦ ମଣ୍ଡଳ ୯ ସୂକ୍ତ ୯୪ ମନ୍ତ୍ର ୧*

*ଋଗବେଦ ମଣ୍ଡଳ ୯ ସୂକ୍ତ ୯୫ ମନ୍ତ୍ର ୨*

*ଋଗବେଦ ମଣ୍ଡଳ ୯ ସୂକ୍ତ ୯୬ ମନ୍ତ୍ର ୧୬ ରୁ ୨୦*

ଯେପରି ପୂର୍ବରୁ ଲେଖାଯାଇଛି ଯେ ହଜରତ ମହମ୍ମଦ ଓ ଅନ୍ୟ କିଛି ମହାତ୍ମାଙ୍କୁ ପରମାତ୍ମା ଜିନ୍ଦା ମହାତ୍ମା ରୂପରେ ଦର୍ଶନ ଦେଇଥିଲେ, ଠିକ୍ ସେହିଭଳି ମହାତ୍ମା ଜମ୍ଭେଶ୍ୱର ମହାରାଜଙ୍କୁ ସମରାଥଳରେ ଜିନ୍ଦା ସନ୍ଥ ରୂପରେ ଦର୍ଶନ ଦେଇଥିଲେ ।

ପ୍ରମାଣ :- ଶ୍ରୀ ଜମ୍ଭେଶ୍ୱରଜୀଙ୍କ ବାଣୀ ଶବ୍ଦ ସଂଖ୍ୟା =୫୦ ର କିଛି ଅଂଶ :-

*ଦିଲ-ଦିଲ ଆପ ଖୁଦାୟ ବନ୍ଦ ଜାଗେ୍ୟା, ସବ ଦିଲ ଜାଗେ୍ୟା ସୋଈ ॥*

*ଜୋ ଜିନ୍ଦୋ ହଜ କାବୈ ଜାଗେ୍ୟା, ଥଳ ସିର ଜାଗେ୍ୟା ସୋଈ ॥*

*ନାମ ବିଷ୍ଣୁ କୈ ମୁସକଲ ଧାତେ, ତେ କାଫର ସୈତାନୀ ।*

*ହିନ୍ଦୁ ହୋୟ କା ତୀର୍ଥ ନାହାବୈ, ପିଣ୍ଡ ଭରାବୈ, ତେପଣ ରହା ଇବାଣୀ ।*

*ତୁରକ ହୋୟ ହଜ କାମ୍ୟୋ ଧୋକେ, ଭୂଲା ମୁସଲମାଣୀ ।*

*କେ କେ ପୁରୁଷ ଅବର ଜାଗୈଲା, ଥଳ ଜାଗେ୍ୟା ନିଜ ବାଣୀ ।*

ଭାବାର୍ଥ :- ଶ୍ରୀ ଜମ୍ଭେଶ୍ୱର ମହାରାଜ କହିଛନ୍ତି ଯେ ଯେଉଁ ପରମାତ୍ମା ଜିନ୍ଦା ମହାତ୍ମା ରୂପରେ ହଜରତ୍ ମହମ୍ମଦଙ୍କୁ କାବା (ମକ୍କା)ରେ ସେହି ସମୟରେ ଦର୍ଶନ ଦେଇଥିଲେ ଯେତେବେଳେ ମହମ୍ମଦ ହଜ୍(ତୀର୍ଥଯାତ୍ରା) ପାଇଁ ମକ୍କାକୁ ଯାଇଥିଲେ ଏବଂ ତାଙ୍କୁ ଜାଗ୍ରତ କରାଇଥିଲେ ଯେ ମନ୍ଦିର-ମକ୍କା ଆଦି ତୀର୍ଥ ଭ୍ରମଣ କଲେ ପରମାତ୍ମା ମିଳନ୍ତି ନାହିଁ । ପରମାତ୍ମା ପ୍ରାପ୍ତି ପାଇଁ ମନ୍ତ୍ର ଜପର ଆବଶ୍ୟକତା ଅଛି । ଶ୍ରୀ ଜମ୍ଭେଶ୍ୱର ମହାରାଜ ପୁଣି କହିଛନ୍ତି ଯେ ସେହି ପରମାତ୍ମା ଥଳ ସିର (ସମରାଥଳ) ସ୍ଥାନ (ରାଜସ୍ଥାନ ରାଜ୍ୟ)କୁ ଆସି ମୋତେ ଜାଗ୍ରତ କରାଇଲେ । ଆଉ କେତେ ବ୍ୟକ୍ତି ଜାଗ୍ରତ ହେବେ ଏବଂ ମୋ

ସମରାଥଲ ପରି ପ୍ରସିଦ୍ଧ ଅନ୍ୟ ସ୍ଥାନ ମଧ୍ଯ ପ୍ରସିଦ୍ଧ ହେବା ତାହା ଜଣା ନାହିଁ । ଏହା ମୋ ନିଜ ବାଣୀ ଅର୍ଥାତ୍ ବିଶେଷ ବଚନ ଅଟେ । ମୁଁ ନିଜ ଅନୁଭବର ଯଥାର୍ଥ ବାଣୀ ଗାନକରି ସମରାଥଲ ବାସିନ୍ଦାଙ୍କ ମଧ୍ୟରେ ପରମାତ୍ମାଙ୍କ ଭକ୍ତି ପ୍ରତି ଜାଗୃତି ଆଣିଛି । ସତ୍ୟଠାରୁ ଦୂରେଇ ମୁସଲମାନ ଏବେ ମଧ୍ୟ କାବାକୁ ହଜ୍(ତୀର୍ଥଯାତ୍ରା) କରିବାକୁ ଯାଉଛନ୍ତି । ସେଠାରେ ନମସ୍କାର କରନ୍ତି, ପଥରକୁ ସିଜ୍‌ଦା(ନତମସ୍ତକ ହୋଇ ପ୍ରଣାମ) କରନ୍ତି ଯାହା ବ୍ୟର୍ଥ ଅଟେ । ଏହିପରି ହିନ୍ଦୁମାନେ ମଧ୍ୟ ତୀର୍ଥଯାତ୍ରା, ଭୂତପୂଜା, ପିଣ୍ଡଦାନ ଆଦି କରନ୍ତି ଯାହା ବ୍ୟର୍ଥ ସାଧନା ଅଟେ ।

ସନ୍ଥ ଶ୍ରୀ ଜମ୍ଭେଶ୍ୱରଜୀ ମହାରାଜ ୨୯ଟି ନିୟମ ତିଆରି କରି ସ୍ୱଚ୍ଛ ସାଧକ ସମାଜ ପ୍ରସ୍ତୁତ କରିଥିଲେ ଯେଉଁମାନେ୨୯ଟି (ବୀସ ନୌ =୨୯) ନିୟମର ପାଳନ କରୁଥିଲେ ତଥା ଜମ୍ଭେଶ୍ୱରଜୀ ବତାଇଥିବା ନାମ(ମନ୍ତ୍ର) ଜପ କରୁଥିଲେ । ସେମାନଙ୍କୁ ବିଶ୍ନୋଇ (୨୯ଟି ନିୟମ ପାଳନ କରୁଥିବା ବ୍ୟକ୍ତି) କୁହାଯାଉଥିଲ ।

ବର୍ତ୍ତମାନ ସମୟରେ ହୁଏତ ବହୁତ କମ୍ "ବିଶ୍ନୋଇ" ଥିବେ ? କାରଣ ସମୟ ଓ ପରିସ୍ଥିତି ବଦଳି ଥାଏ । ସେହି ଅନୁସାରେ ମନୁଷ୍ୟର ଆଚାର-ବିଚାର ବ୍ୟବହାର ମଧ୍ୟ ବଦଳି ଯାଏ । ଏହାର ମୁଖ୍ୟ କାରଣ ସମାଜରେ ସନ୍ଥଙ୍କର ଅଭାବ । ଶ୍ରୀ ଜମ୍ଭେଶ୍ୱରଜୀ ମହାରଜଙ୍କ ସ୍ୱର୍ଗଧାମ ଗମନ ପରେ ତାଙ୍କ ଭଳି ଭକ୍ତି କରୁଥିବା ସିଦ୍ଧି ଶକ୍ତିଯୁକ୍ତ ମହାପୁରୁଷଙ୍କର ଘୋର ଅଭାବ ହୋଇଛି ଯେଉଁଥିପାଇଁ ମର୍ଯ୍ୟାଦା ପାଳନ ହୋଇପାରୁ ନାହିଁ । ବର୍ତ୍ତମାନ ସମୟରେ "ବିଶ୍ନୋଇ" ଧର୍ମର ଅନୁଗାମୀମାନେ କେବଳ ତୀର୍ଥ ଭ୍ରମଣକୁ ଅଧିକ ମହତ୍ତ୍ୱ ଦିଅନ୍ତି ତଥା ସେହି ତୀର୍ଥ ସ୍ଥାନରେ ହୋମ ଆଦି କରି ନିଜକୁ ଧନ୍ୟ ମନେ କରନ୍ତି । ତୀର୍ଥ ସେହି ସ୍ଥାନକୁ କୁହାଯାଏ ଯେଉଁଠାରେ କୌଣସି ସନ୍ଥ ନିଜ ଜୀବନ କାଳରେ ସାଧନା କରିଥାନ୍ତି ତଥା କିଛି ଚମତ୍କାର ଦେଖାଇଥାନ୍ତି । ଜନ୍ମସ୍ଥାନ ଓ ନିର୍ବାଣ ସ୍ଥାନକୁ ମଧ୍ୟ ତୀର୍ଥ ସ୍ଥାନ ଓ ସ୍ମାରକୀ କୁହାଯାଏ । ମୁକାମ(ସାଧକର ସାଧନା ସ୍ଥଳ) ଧାମ ଏହା ସ୍ମାରକୀ ଅଟେ । ଏଗୁଡ଼ିକର ଆବଶ୍ୟକତା ମଧ୍ୟ ଅଛି, କାରଣ ଯେଉଁ ସନ୍ଥଙ୍କର ଏହା ଘଟଣାସ୍ଥଳ, ସେହି ସନ୍ଥଙ୍କୁ ଆମ୍ଭେ ମନେ ପକାଇଥାଉ ତଥା ସେହି ଘଟଣା ସ୍ଥଳଗୁଡ଼ିକ ସତ୍ୟତାର ପ୍ରତୀକ ହୋଇଥାଏ । କିନ୍ତୁ ସାଧନା ଓ ଭକ୍ତି ବିନା ଜୀବନର ସାର୍ଥକତା ନାହିଁ । ପୂର୍ଣ୍ଣ ଗୁରୁଙ୍କର ଅନ୍ୱେଷଣ କରି ତାଙ୍କ ଦ୍ୱାରା ନିର୍ଦ୍ଦେଶିତ ମାର୍ଗରେ ପରିଚାଳିତ ହୋଇ ଜୀବନକୁ ସଫଳ କରନ୍ତୁ କାରଣ ପ୍ରତ୍ୟେକ ମହାପୁରୁଷ ଗୁରୁ କରିଛନ୍ତି । ଗୁରୁ ମଧ୍ୟ ସମୟ ଗୁରୁ ହୋଇଥିବା ଆବଶ୍ୟକ ଯିଏ ନିଜ ମୁଖ କମଳରେ ଭକ୍ତି କରିବାର ବିଧି ବିଷୟରେ କହୁଥିବେ । କିଛି ସମୟ ବିତିଯିବା ପରେ ପ୍ରତ୍ୟେକ ଧର୍ମର ଗତିବିଧି ପରିବର୍ତ୍ତନ କରି ଦିଆଯାଇଥାଏ ଯାହା ହାନିକାରକ ହୋଇଥାଏ । ଉଦାହରଣ ସ୍ୱରୂପ :-

ସନ୍ଥ ଶ୍ରୀ ଜମ୍ଭେଶ୍ୱର ମହାରାଜାଙ୍କର ୧୨୦ଟି ଶବ୍ଦ (ଗୀତ) ଅଛି ଯାହା ତାଙ୍କ ଶ୍ରୀ ମୁଖ କମଳରୁ ଉଚ୍ଚାରିତ ହୋଇଥିବା ଅମୃତବାଣୀ ଅଟେ । ବର୍ତ୍ତମାନ ସମୟରେ ଅନ୍ୟମାନେ ପ୍ରତ୍ୟେକ ଶବ୍ଦର ପ୍ରାରମ୍ଭରେ "ଓମ୍" ଅକ୍ଷର ଯୋଡି ଦେଲେ ଯାହା ଭୂଲ୍ ତଥା ସନ୍ଥ ମହାତ୍ମାଙ୍କ ପ୍ରତି ଅପମାନ ଅଟେ । ଯଦି "ଓମ୍" ଶବ୍ଦ ବିନା ଏହି ଶବ୍ଦ ବାଣୀ ନିରର୍ଥକ ତେବେ ଶ୍ରୀ ଜମ୍ଭେଶ୍ୱରଜୀ ଯୋଡି ଦେଇଥାନ୍ତେ । ଯେପରି କମ୍ପାନୀ ମୋଟର ସାଇକଲ ପିଷ୍ଟନ୍ ତିଆରି କରିଥାଏ ଯାହା ସମ୍ପୂର୍ଣ୍ଣ ରୂପେ ଉପଯୋଗୀ ହୋଇଥାଏ । ଯଦି ଅନ୍ୟ କୌଣସି ବ୍ୟକ୍ତି ନିଜ ଇଚ୍ଛାରେ ସେହି ପିଷ୍ଟନ୍ ସହିତ କୌଣସି ନଟ୍ ବୋଲ୍ଟ ଲଗାଇ ଚୁତୁରତା ଦେଖାଇବ ତେବେ ତାହ କେତେ ଦୂର ଠିକ୍ ? ତାହା ବ୍ୟର୍ଥ ଅଟେ । ଏହିପରି ସନ୍ଥ ଜମ୍ଭେଶ୍ୱରଙ୍କ ବାଣୀ ସହିତ "ଓମ୍" ଲଗାଇ ପଢିବା ମଧ୍ୟ ଲାଭ ସ୍ଥାନରେ ହାନିକାରାକ ହୋଇଥାଏ ।

ଝ:ଠିକ୍ ଏହିପରି ଗାୟତ୍ରୀ ମନ୍ତ୍ର ରହିଛି ଯାହାକୁ ହିନ୍ଦୁ ଧର୍ମର ଅନୁଯାୟୀମାନେ ଶ୍ରଦ୍ଧାର ସହିତ ଜପ କରନ୍ତି । ମନ୍ତ୍ରଟି ଏହିପରି ବିକୃତ ହୋଇଛି = "ଓମ୍ ଭୂର୍ଭବ ସ୍ୱଃ ତତ୍ସବିତୁର୍ ବରେଣିୟମ୍ ଭର୍ଗୋଦେବସ୍ୟ

ଧୀମହି ଧୀୟୋ ୟୋ ନ ପ୍ରଚୋଦୟାତ୍" । ବାସ୍ତବରେ ଏହା ଯଜୁର୍ବେଦ ଅଧ୍ୟାୟ ୩୬ ର ମନ୍ତ୍ର ୩ ଅଟେ, ଏହା ପୂର୍ବରୁ "ଓମ୍" ଅକ୍ଷର ନାହିଁ । ବେଦବାଣୀ ଭଗବାନଙ୍କ ଦ୍ୱାରା ପ୍ରଦତ୍ତ ତେଣୁ ଏହି ମନ୍ତ୍ର ଆଗରେ "ଓମ୍" ଅକ୍ଷର ଲଗାଇବା ଭଗବାନଙ୍କ ଅପମାନ କରିବା ସହିତ ସମାନ ଅଟେ । ପିଷ୍ଟନ୍‌ରେ ନଟ୍ ବୋଲ୍ଟ ଲଗାଇବା ଭଳି ଏହା ବ୍ୟର୍ଥ ପ୍ରୟାସ ଅଟେ ।

ସନ୍ଥ ଶ୍ରୀ ଜମ୍ଭେଶ୍ୱରଜୀ ତାଙ୍କ ଶବ୍ଦ ସଂଖ୍ୟା = ୬୯ରେ କହିଛନ୍ତି ଯେ ବେଦ ଓ ପୁରାଣରେ ସେହି ଯଥାର୍ଥ ଭକ୍ତି ମାର୍ଗ ନାହିଁ । ଏଗୁଡ଼ିକୁ ଠିକ୍‌ରେ ବୁଝି ନ ପାରି ଭୂତ ପୂଜା ଆରମ୍ଭ କରାଯାଇଛି । ସେହି ଅନନ୍ତ ପରମାତ୍ମାଙ୍କର ଜପ କାହିଁକି କରୁ ନାହଁ ଯିଏ ସଂସାର ରୂପୀ ବୃକ୍ଷର ମୂଳ (ଚେର) ଅଟନ୍ତି । ମୂଳର ପୂଜା ନ କରି ଡ଼ାଳ ଓ ପତ୍ରର ପୂଜା କରିବା ବ୍ୟର୍ଥ ଯାହା ଯମ ଓ କାଳଠାରୁ ରକ୍ଷା କରିପାରିବ ନାହିଁ ।

ଝକୌଣସି ସାଧୁ ପୁରୁଷ ଯଦି ତଂତ ଅର୍ଥାତ୍ ତତ୍ୱଜ୍ଞାନ ବିଷୟରେ ପଚାରୁଛନ୍ତି । ସେ ଜୀବନର ବିଧି ବିଷୟରେ ଜାଣି ପାରନ୍ତି ଯେଉଁ କାରଣରୁ ଜୀବିତ ତ (ଲାହୋ ) = ଲାଭଦାୟକ ହୋଇଥାଏ ଏବଂ ମୃତ୍ୟୁ ଉପରାନ୍ତ କୌଣସି ପ୍ରକାର ହାନି ହୁଏ ନାହିଁ, ସେମାନେ ମୋକ୍ଷ ପ୍ରାପ୍ତ କରିଥାନ୍ତି ।

ଶବ୍ଦ ନଂ ୭୨ର କିଛି ବାଣୀ :-

*ବେଦ କୁରାଣ କୁମାୟା ଜାଁଲୁ ଭୂଲା ଜୀବ କୁଜୀବ କୁଜାଣୀ ।*

*କେବଳ ଜ୍ଞାନୀ ଥଳ ସିର ଆୟୋ ପର୍ଗଟ ଖେଲ ପସାରୀ ।*

*କୋଡ୍ ତେତୀସାଁ ପୋହ ରଚାବଣ ହାରୀ, ଜ୍ୟୁଁ ଛକ ଆଇସାରି ।*

ଶବ୍ଦ ନଂ ୭୨ରେ ଶ୍ରୀ ଜମ୍ଭେଶ୍ୱରଜୀ କହିଛନ୍ତି ଯେ ତତ୍ତ୍ୱ ଜ୍ଞାନଦାତା ସମରାଥଳକୁ ଆସିଲେ । ସେ କେବଳ ଜ୍ଞାନୀ ଅର୍ଥାତ୍ ସମ୍ପୂର୍ଣ୍ଣ ଜ୍ଞାନକୁ ଜାଣିଥିବା ତଥା ସର୍ବ ସୃଷ୍ଟିର ରଚୟିତା ଅଟନ୍ତି । ତାଙ୍କ ତତ୍ତ୍ୱଜ୍ଞାନ ଦ୍ୱାରା ପୂର୍ଣ୍ଣ ତୃପ୍ତି ମିଳିପାରିଛି, ସେ ପୂର୍ଣ୍ଣ ଗୁରୁ ଅଟନ୍ତି ।

ଶବ୍ଦ ସଖ୍ୟା ୬୯ର କିଛି ବାଣୀ :-

*ସୋ ଅପରମ୍ପାର କାଂୟ ନ ଜପୋ, ତତ ଖିଣ ଲହୋ ଇମାଣୋ ।*

*ଭଲ ମୂଲ ସୀଞ୍ଚୋ ରେ ପ୍ରାଣୀ, ଜ୍ୟୁ ତରବର ମେଲତ ଡ଼ାଲୁ ।*

*ଜଇୟା ମୂଲ ନ ସୀଚୋ ତୋ ଜାମଣ-ମରଣ ବିଗୋବୋ ।*

*ଅହନିଶ କରଣୀ ଥୀର ନ ରହିବା ନ ବଞ୍ଚ୍ୟା ଜମ କାଳୁଁ ।*

*କୋଇ କୋଇ ଭଲ ମୂଲ ସିଞ୍ଚୀଲୋ,*

*ଭଲତନ୍ତ୍ ବୁଝୀଲୋ ଜା ଜୀବନ କୀ ବିଧି ଜାଣୀ,*

*ଜୀବତଡ଼ା କଛୁ ଲାହୋ ହୋସୀ ମୂବା ନ ଆବତ ହାଁଣୀ ।*

ଝ ଶ୍ରୀ ଜମ୍ଭେଶ୍ୱରଜୀଙ୍କର ଗୁରୁ କିଏ ଥିଲେ ?

ସର୍ବ ରଚୟିତା ପୂର୍ଣ୍ଣ ପରମାତ୍ମା ଜିନ୍ଦା ମହାତ୍ମା ରୂପରେ ଶ୍ରୀ ଜମ୍ଭେଶ୍ୱରଜୀଙ୍କୁ ଦର୍ଶନ ଦେଇଥିଲେ ଯାହାଙ୍କୁ ଜମ୍ଭେଶ୍ୱରଜୀ ନିଜର ଗୁରୁ ରୂପେ ସ୍ୱୀକାର କରିଛନ୍ତି । ପରମାତ୍ମା ସ୍ୱୟଂ ଜମ୍ଭେଶ୍ୱରଜୀଙ୍କର ଗୁରୁଥିଲେ :-

ପ୍ରମାଣ :- ଶବ୍ଦ ନଂ ୯୦ ର ଅନ୍ତିମ ଭାଗର ବାଣୀ :-

*ଜାଁ ଜାଁ ପବନ ଆସଣ, ପାଣୀ ଆସଣ, ଚନ୍ଦ ଆସଣ ।*

*ସୂର(ସୂର୍ଯ୍ୟ) ଆସଣ ଗୁରୁ ଆସଣ ସଂମରା ଥଳେ ।*

*କହୈ ସତଗୁରୁ ଭୂଲ ମତ ଜାଇୟୋ ପଡ଼ୋଲା ଅଭୈ ଦୋଜଖେ ।*

ଶବ୍ଦ ନଂ ୯୧ର କିଛି ବାଣୀ :-

*ଛନ୍ଦେ-ମନ୍ଦେ ବାଳକ ବୁଦ୍ଧେ, କୂଡ଼େ କପଟେ ରଧ ନ ସିଦ୍ଧେ ।*

*ମେରେ ଗୁରୁ ଜୋ ଦୀହ୍ନୀ ଶିକ୍ଷା ସର୍ବ ଆଲିଗଂଣ ଫୋରୀ ଦୀକ୍ଷା ।*

*ସତ-ସତ ଭାଖତ ଗୁରୁ ରାୟୌଁ ଜରା ମରଣ ଭୌ ଭାଗୁଁ ।*

ଶବ୍ଦ ନଂ ୯୨ର କିଛି ବାଣୀ :-

*ପଢ ବେଦ କୁରାଣ କୁମାୟା ଜାଳୌଁ ଦନ୍ତ କଥା କୁଗ ଛାୟୋ ।*

*ସିଦ୍ଧ ସାଧକ କୋ ଏକ ମତୋ, ଜିନ ଜୀବତ ମୁକ୍ତ ଦୃଢାୟୋ ।*

*ଜୁଗାଁ-ଜୁଗାଁ କା ଯୋଗୀ ଆୟୋ, ସତଗୁରୁ ସିଦ୍ଧ ବତାଓ ।*

*ସହଜ ସ୍ନାନୀ କେବଳ ଜ୍ଞାନୀ ବ୍ରହ୍ମ ଜ୍ଞାନୀ ସୁକୃତ ଅହଲ୍ୟୋ ନା ଜାଇ ।*

ଉପରୋକ୍ତ ଅମୃତ ବାଣୀଗୁଡ଼ିକର ଭାବାର୍ଥ :- ଶବ୍ଦ ନଂ ୯୦ ର ବାଣୀରେ ସନ୍ଥ ଶ୍ରୀ ଜମ୍ଭେଶ୍ୱର ମହାରାଜ କହିଛନ୍ତି ଯେପରି ପବନର ଆସଣ (ସ୍ଥାନ = ଡ଼େରା = ଆଶ୍ରମ) ଅଛି ଅର୍ଥାତ୍ ବାୟୁ କିଛି କି.ମି. ଉପର ପର୍ଯ୍ୟନ୍ତ ଅଛି । ବାୟୁର ମଧ୍ୟ ସ୍ଥାନ ଅଛି ଯଦିବା ସେ ନିଜ ସ୍ଥାନ(ଆସଣ)ରୁ ଏପଟ-ସେପଟ ଚଳାୟମାନ ହୋଇଥାଏ । ଏହିଭଳି ପାଣି = ଜଳର ମଧ୍ୟ ନର୍ଦ୍ଦିଷ୍ଟ ସ୍ଥାନ ଅଛି, ଚନ୍ଦ୍ର ଓ ସୂର୍ଯ୍ୟର ମଧ୍ୟ ସ୍ଥାନ ଅଛି । ସେହିଭଳି ସଦଗୁରୁ ମିଳିବା ପରେ ମୁଁ ସମରାଥଳରେ ନିଜର ଆସନ(ଆସ୍ଥାନ) ସ୍ଥାପନ କରିଛି । ମୋ ଗୁରୁଜୀ କହିଛନ୍ତି ଯେ ପରମାତ୍ମାକୁ ଆଦୌ ଭୂଲ ନାହିଁ, ନଚେତ୍ ଦୋଜଖ୍ ଅର୍ଥାତ୍ ନର୍କରେ ପଡ଼ିବୁ । ତେଣୁ ସନ୍ଥ ଜମ୍ଭେଶ୍ୱରଜୀ ମାନବ ସମାଜକୁ ସର୍ତକ କରିଛନ୍ତି ଯେ ଗୁରୁ କରି ପରମାତ୍ମାଙ୍କର ଭକ୍ତି କର ।

ପୁଷ୍ଟି:- ଯେଉଁଭଳି ସନ୍ଥ ଜମ୍ଭେଶ୍ୱରଙ୍କୁ ପରମାତ୍ମା ଜିନ୍ଦା ମହାତ୍ମା ରୂପରେ ଦର୍ଶନ ଦେଇଥିଲେ ସେହିଭଳି ସନ୍ଥ ଗରୀବ ଦାସଜୀ ମହାରାଜଙ୍କୁ ଗ୍ରାମ-ଛୁଡ଼ାଣୀ, ଜିଲ୍ଲା-ଝଜ୍ଜର ହରିୟାଣାରେ ମଧ୍ୟ ଦର୍ଶନ ଦେଇଥିଲେ । ସେ ନିଜ ଅମୃତ ବାଣୀରେ କହିଛନ୍ତି ଯେ :-

*ଗରୀବ, ଐସା ସତଗୁରୁ ହମ ମିଲ୍ୟା, ହେ ଜିନ୍ଦା ଜଗଦୀଶ ।*

*ସୁନ୍ନ ବିଦେଶୀ ମିଲ ଗୟା, ଛତ୍ର ମୁକୁଟ ହେ ଶୀଶ ॥*

*ଗରୀବ, ଜୀନ୍ଦା ଯୋଗୀ ଜଗତଗୁରୁ, ମାଲିକ ମୁରସିଦ ପୀର ।*

*ଦୋହୁଁ ଦୀନ ଝଗଡ଼ା ମଣ୍ଡ୍ୟା, ପାୟା ନହୀଁ ଶରୀର ॥*

*ଗୁରୁ ଜ୍ଞାନ ଅମାନ ଅଡ଼ୋଲ ଅବୋଲ ହୈ, ସତଗୁରୁ ଶବ୍ଦ ସେରୀ ପିଛାନୀ ।*

*ଦାସ ଗରୀବ କବୀର ସତଗୁରୁ ମିଲ୍ୟା, ଆନ ଅସ୍ଥାନ ରୋପ୍ୟା ଛୁଡ଼ାନୀ ॥*

ଏହିଭଳି ସନ୍ଥ ଜମ୍ଭେଶ୍ୱରଜୀ ଶବ୍ଦ ସଂଖ୍ୟା ୯୧ର ଅମୃତ ବାଣୀରେ କହିଛନ୍ତି ଯେ ମୋ ଗୁରୁଜୀଙ୍କର ଜ୍ଞାନ କୂଡ଼େ = ମିଥ୍ୟା, କପଟେ = କପଟଯୁକ୍ତ ଏବଂ ବାଳକ ବୁଦ୍ଧି ଅର୍ଥାତ୍ ଅସମ୍ପୂର୍ଣ୍ଣ ଓ ନିକୃଷ୍ଟ ଜ୍ଞାନ କିମ୍ବା ରଦ୍ଧି-ସିଦ୍ଧିଯୁକ୍ତ ନୁହେଁ । ଏହାତ ପୂର୍ଣ୍ଣ ମୋକ୍ଷର ମାର୍ଗ ଅଟେ । ମୋ ଗୁରୁଜୀ ସମସ୍ତ ସତ୍ୟଜ୍ଞାନ ବିଷୟରେ ମୋତେ ଶିକ୍ଷା ଦେଇଛନ୍ତି । ସେହି ଦୀକ୍ଷା ଆଧାରରେ ମୁଁ ଆଗକୁ କହିଛି ଯାହାଦ୍ୱାରା "ଜରା" ବୃଦ୍ଧ ଅବସ୍ଥାରେ ହେଉଥିବା କଷ୍ଟ, ମରଣ (ମୃତ୍ୟୁ)ର ଭୟ ସମାପ୍ତ ହୋଇଗଲା ।

ପୁଷ୍ଟି: ଶ୍ରୀମଦ୍‌ଭଗବତ୍ ଗୀତା ଅଧ୍ୟାୟ ୭ ଶ୍ଳୋକ ୨୯ରେ ମଧ୍ୟ ଏହି ପ୍ରମାଣ ଅଛି । କୁହାଯାଇଛି ଯେ ଯେଉଁ ସାଧକ ତତ୍ତ୍ୱଦର୍ଶୀ ସନ୍ଥଙ୍କୁ ଖୋଜନ୍ତି ସେମାନେ ବୃଦ୍ଧାବସ୍ଥା-ମରଣରୁ ମୁକ୍ତି ପାଇବା ପାଇଁ ପ୍ରଚେଷ୍ଟା କରନ୍ତି କାରଣ ସେମାନେ ତତ୍‌ବ୍ରହ୍ମଙ୍କ ସହିତ ପରିଚିତ ହୋଇଯାନ୍ତି, ସମସ୍ତ ପ୍ରକାରର କର୍ମ ସହିତ ମଧ୍ୟ ପରିଚିତ ହୋଇଥାନ୍ତି ।

ଶବ୍ଦ ନଂ୯୨ର ଅମୃତ ବାଣୀର ଭାବାର୍ଥ :- ସନ୍ଥ ଜମ୍ଭେଶ୍ୱରଜୀ କହିଛନ୍ତି ଯେ ବେଦ ଓ କୁରାନକୁ ଠିକ୍‌ରେ ବୁଝି ନପାରି ମାନବ ସମାଜକୁ ନିଜ ଅନୁମାନରେ ଲୋକକଥା ଶୁଣାଇଥାନ୍ତି, ସିଦ୍ଧ ଓ ସାଧକର ଗୋଟିଏ ମତ ଅଟେ । ସେମାନେ ଜୀବିତ ଅବସ୍ଥାରେ ମୃତକ ଭଳି ସଂସାରରେ ରହନ୍ତି, ସଂସାର ମଧ୍ୟରେ ରହି ସଂସାରକୁ ଅସାର ବୋଲି ମାନନ୍ତି । ପରମାତ୍ମା ପ୍ରତ୍ୟେକ ଯୁଗରେ ପ୍ରକଟ ହୋଇ ବାସ୍ତବିକ ଭକ୍ତି ଜ୍ଞାନ ପ୍ରଦାନ କରିଥାନ୍ତି, ସେ ସଦଗୁରୁ ହୋଇଥାନ୍ତି । ସେ ସମ୍ପୂର୍ଣ୍ଣ ରୂପେ ସିଦ୍ଧ ଅର୍ଥାତ୍ ସାମର୍ଥ୍ୟବାନ ହୋଇଥାନ୍ତି । ସନ୍ଥ ରୂପରେ ପ୍ରକଟ ସେହି ସଦଗୁରୁ ପରମାତ୍ମା ହିଁ କେବଳ ଜ୍ଞାନୀ ଅର୍ଥାତ୍ ଏକାକୀ ସତ୍ୟଜ୍ଞାନ ଜ୍ଞାତା ହୋଇଥାନ୍ତି । ସେହି ସଦଗୁରୁଙ୍କଠାରୁ ଯିଏ ଦୀକ୍ଷା (ମନ୍ତ୍ର) ନେଇଥାଏ, ସେହି ବ୍ରହ୍ମଜ୍ଞାନୀ ଅର୍ଥାତ୍ ସତ୍ୟସାଧକଙ୍କ ସାଧନା ଅହଲ୍ୟା ଅର୍ଥାତ୍ ଭକ୍ତି ବ୍ୟର୍ଥ ହୁଏ ନାହିଁ, ସେ ପୂର୍ଣ୍ଣମୋକ୍ଷ ପ୍ରାପ୍ତ କରିଥାଏ ।

ଝ-ବିଶ୍ଳେଷଣ :- ବିଶ୍ନୋଇ ଧର୍ମର ଅନୁବାଦକର୍ତ୍ତା ଶବ୍ଦ ନଂ ୫୦ର ଅମୃତବାଣୀ, ଏହି ପଂକ୍ତିର ଭାବାର୍ଥ କିପରି କରିଛନ୍ତି :-

*ଦିଲ ଦିଲ ଆପ ଖୁଦାବନ୍ଦ ଜାଗ୍ୟୋ, ସବ ଦିଲ ଜାଗ୍ୟୋ ସୋଈ ॥*

*ଜୋ ଜିନ୍ଦୋ ହଜ କାବୋ ଜାଗ୍ୟୋ, ଥଲସିର ଜାଗ୍ୟୋ ସୋଈ ॥*

ଭୂଲ୍ ଭାବାର୍ଥ କରିଛନ୍ତି ଯେ ଯେଉଁ ପରମାତ୍ମା ମହମ୍ମଦଙ୍କୁ କାବାରେ ଦର୍ଶନ ଦେଇଥିଲେ, ସେହି ଶ୍ରୀ ସନ୍ଥ ଜମ୍ଭେଶ୍ୱରଜୀ ସମରାଥଳକୁ ଆସିଥିଲେ । ଯଦି ଏହାର ଭାବାର୍ଥ ଠିକ୍ ତେବେ ସନ୍ଥ ଜମ୍ଭେଶ୍ୱରଜୀଙ୍କର ଜନ୍ମ ତ ପବିତ୍ର ପୀପାସର ଗ୍ରାମରେ ହୋଇଥିଲା, ସେ ତ ସେଠାକୁ ପୂର୍ବରୁ ଆସି ସାରିଥିଲେ । ସମରାଥଳକୁ ତ ପରେ ଗଲେ, ପୁଣି ଲାଲାସରରେ ତାଙ୍କର ନିର୍ବାଣ ହେଲା । ବାସ୍ତବିକ ଅର୍ଥ ପୂର୍ବରୁ ଲିଖିତ ଅଛି ଯାହା ସଠିକ୍ ଅଟେ । ତଥାପି ଯେଉଁ ମହାନ ଆତ୍ମାମାନଙ୍କୁ ପରମାତ୍ମା ଦର୍ଶନ ଦେଇଛନ୍ତି ସେମାନେ ପୂର୍ଣ୍ଣସନ୍ଥ ଅଟନ୍ତି । ପରନ୍ତୁ ଅଧିକାରୀ ବିନା ସମୟ ନ ଆସିବା ପର୍ଯ୍ୟନ୍ତ ସତ୍ୟ ଭକ୍ତି ବିଷୟରେ ଅନ୍ୟମାନଙ୍କୁ କୁହନ୍ତି ନାହିଁ । ସନ୍ଥ ଜମ୍ଭେଶ୍ୱରଜୀ ସ୍ୱୟଂ ଯେଉଁ ନାମ ଜପ କରୁଥିଲେ, ତାହା ବିଶ୍ନୋଇ ଧର୍ମରେ କରାଯାଉଥିବା ଆରତୀର ସଂଖ୍ୟା ୮ରେ ପ୍ରଥମ ପଂକ୍ତିରେ ଲେଖାହୋଇଛି ଯାହା ଏହି ଭଳି ଅଟେ । ଆରତୀ - ୮ :-

*"ଓମ୍ ଶବ୍ଦ ସୋହଂଗ ଧ୍ୟାବେ । ପ୍ରଭୁ ଶବ୍ଦ ସୋହଂଗ ଧାବେ"*

କିନ୍ତୁ ଏହି ମନ୍ତ୍ରର ଜପ କିପରି କରାଯିବ, ଗୁରୁ ବିନା ଏହାକୁ ଜାଣି ହୁଏ ନାହିଁ । ଶ୍ରୀ ସନ୍ଥ ଜମ୍ଭେଶ୍ୱରଜୀ ସ୍ୱୟଂ ଉପରୋକ୍ତ ମନ୍ତ୍ର ଜପ କରୁଥିଲେ, ଅନ୍ୟମାନଙ୍କୁ କହୁଥିଲେ "ବିଷ୍ଣୁ-ବିଷ୍ଣୁ ଭଣ୍ ରେ ପ୍ରାଣୀ" ଅର୍ଥାତ୍ ବିଷ୍ଣୁ-ବିଷ୍ଣୁ ଜପ କର । କାରଣ ଏହା ଥିଲା ଯେ ଯେପର୍ଯ୍ୟନ୍ତ ଅଧିକାରୀ ଶିଷ୍ୟ ନ ମିଳିଛନ୍ତି, ସେପର୍ଯ୍ୟନ୍ତ ଏହି ମନ୍ତ୍ର ଦିଆଯାଏ ନାହିଁ । ଦ୍ୱିତୀୟ ବିଶେଷ କଥା ଏହା ଯେ ପରମାତ୍ମା ଯେଉଁ ସନ୍ଥ ମହାତ୍ମାମାନଙ୍କୁ ଭେଟିଛନ୍ତି, ସେମାନଙ୍କୁ ସେପର୍ଯ୍ୟନ୍ତ ଏହି ମନ୍ତ୍ରକୁ ଗୁପ୍ତ ରଖିବା ପାଇଁ କହିଥିଲେ ଯେପର୍ଯ୍ୟନ୍ତ କଳିଯୁଗ ୫୫୦୫ ବର୍ଷ ଅତିକ୍ରମ ନ କରିଛି । ସନ ୧୯୯୭କୁ କଳିଯୁଗ ୫୫୦୫ ବର୍ଷ ବିତିସାରିଛି, ବର୍ତ୍ତମାନ ଏହି ମନ୍ତ୍ର ପ୍ରଦାନ କରାଯିବ । ଏହି ମନ୍ତ୍ର ପ୍ରଦାନକାରୀ ମଧ୍ୟ ପୂର୍ଣ୍ଣ ସନ୍ଥ ହୋଇଥିବା ଆବଶ୍ୟକ । ଏହିଭଳି ଶ୍ରୀ ନାନକ ଦେବଜୀ ସ୍ୱୟଂ ସେହି ନାମକୁ ଜପ କରୁଥିଲେ ଯାହା ବିଶ୍ନୋଇ ଧର୍ମର ଆରତୀ ସଂଖ୍ୟା ୮ର ପ୍ରଥମ ପଂକ୍ତିରେ ଅଛି । କିନ୍ତୁ ଅନ୍ୟ ଶିଖ୍‌ମାନଙ୍କୁ ୱାହେଗୁରୁ ୱାହେଗୁରୁ ଜପ କରିବାକୁ କହୁଥିଲେ । କାରଣ ଏହି ମନ୍ତ୍ରକୁ କଳିଯୁଗର ୫୫୦୫

ବର୍ଷ ନ ବିତିବା ପର୍ଯ୍ୟନ୍ତ ଗୁପ୍ତ ରଖିବାର ଥିଲା । ଏବେ ଏହି ମନ୍ତ୍ରର ଜପ ପ୍ରତ୍ୟେକ ଘରେ ହେବ, ଏହି ଦୁଇ ଅକ୍ଷର ବିଶିଷ୍ଟ ମନ୍ତ୍ରକୁ ସତ୍‌ନାମ ମଧ୍ୟ କୁହାଯାଏ । ଏହି ଦୁଇ ଅକ୍ଷର ବିଶିଷ୍ଟ ନାମ (ମନ୍ତ୍ର)କୁ ପରମାତ୍ମା ଜୀନ୍ଦା ମହାତ୍ମା ରୂପରେ ପ୍ରକଟ ହୋଇ ସନ୍ଥ ଘୀସା ଦାସ (ଗ୍ରାମ-ଖେଖଡ଼ା, ଜିଲ୍ଲା-ବାଘପତ୍, ରାଜ୍ୟ- ଉତ୍ତର ପ୍ରଦେଶ)ଙ୍କୁ କହିଥିଲେ ।

ସେ ନିଜ ବାଣୀରେ କହିଛନ୍ତି ଯେ :-

*ଓହଂଗ ସୋହଂଗ ଜପଲେ ଭାଈ । ରାମ ନାମ କୀ ଯହୀ କମାଈ ॥*

ସନ୍ଥ ଗରୀବ ଦାସ ଗ୍ରାମ-ଛୁଡ଼ାଣୀ, ଜିଲ୍ଲା-ଝଜ୍‌ଜର (ହରିୟାଣା)ଙ୍କୁ ମଧ୍ୟ ପରମାତ୍ମା ଜିନ୍ଦା ମହାତ୍ମା ବେଶ ଧାରଣ କରି ଦର୍ଶନ ଦେଇଥିଲେ, ତାଙ୍କୁ ମଧ୍ୟ ଏହି ମନ୍ତ୍ର ଜପ କରିବାକୁ ଦେଇଥିଲେ ଯାହା ସନ୍ଥ ଗରୀବ ଦାସଙ୍କ ଅମୃତ ବାଣୀରେ ଲେଖା ଅଛି :- "ରାମ ନାମ ଜପ କର ସ୍ଥିର ହୋଇ, ଓଁ ସୋହଂ ମନ୍ତ୍ର ଦୋଇ" କିନ୍ତୁ ଗରୀବ ଦାସଜୀ ଅନ୍ୟମାନଙ୍କୁ ଏହି ମନ୍ତ୍ର ଜପ କରିବାକୁ ଦେଇ ନାହାଁନ୍ତି । କେବଳ ଜଣେ ସନ୍ଥଙ୍କୁ ଦୃଢ଼ ଆଦେଶ ଦେଇ କହିଥିଲେ ଯେ ତୁମେ କେବଳ ନିଜର ଜଣେ ବିଶ୍ୱାସପାତ୍ର ଶିଷ୍ୟକୁ ଦେବ । ଏହିଭଳି ସେ ଆଗକୁ ଅନ୍ୟ ଜଣେ ଶିଷ୍ୟକୁ ଦେବ । ଏହି ପରମ୍ପରା କ୍ରମେ ଏହି ମନ୍ତ୍ର କେବଳ ମୋ ପୂଜ୍ୟ ଗୁରୁଦେବ ସନ୍ଥ ରାମଦେବାନନ୍ଦ ମହାରାଜଙ୍କ ପର୍ଯ୍ୟନ୍ତ ଆସିଛି । ତା'ପରେ ଆଗକୁ ନାମ (ମନ୍ତ୍ର) ଦାନ କରିବାର ଆଦେଶ ସେ ୧୯୯୪ରେ ମୋତେ ଦେଲେ । ୧୯୯୭ରେ ପରମାତ୍ମା ମୋତେ(ସନ୍ଥ ରାମପାଲ ଦାସଙ୍କୁ)ଦର୍ଶନ ଦେଲେ । ଏହି ନାମ ଓ ସାରନାମ ଦେବାକୁ ଆଜ୍ଞା ଦେଲେ । ବର୍ତ୍ତମାନର ସମୟ ମୋକ୍ଷ ପ୍ରାପ୍ତି ପାଇଁ ସର୍ବୋତ୍ତମ ସମୟ ଅଟେ ।

ପ୍ରଶ୍ନ ଏହା ଯେ ସଂସାର ସମସ୍ତ ଗ୍ରନ୍ଥରେ ପରମାତ୍ମାଙ୍କ ସ୍ୱରୂପ ବିଷୟରେ କ'ଣ କୁହାଯାଇଛି ?

ଉତ୍ତର : ବର୍ତ୍ତମାନ ପର୍ଯ୍ୟନ୍ତ ପରମାତ୍ମାଙ୍କୁ ପ୍ରାପ୍ତି କରିଥିବା କିଛି ମହାପୁରୁଷ ଓ ସଦଗୁରୁ ବିଷୟରେ ସଂକ୍ଷିପ୍ତ ବିବରଣୀ ଲେଖୁଛି ।

## ''ପରମାତ୍ମା ସାକାର ଅଟନ୍ତି'' ସମସ୍ତ ସଦଗୁରୁ ଓ ପରମାତ୍ମା ପ୍ରାପ୍ତ ସନ୍ଥମାନଙ୍କର ଏହା ସିଦ୍ଧାନ୍ତ ଅଟେ ।

ଯେତେ ସନ୍ଥ ମହାତ୍ମା ଆସିଛନ୍ତି, ଯେଉଁମାନଙ୍କୁ ପରମାତ୍ମା ମିଳିଛନ୍ତି ସେମାନେ କୌଣସି ସ୍ୱତନ୍ତ୍ର ଧର୍ମର ସ୍ଥାପନା କରି ନାହାନ୍ତି । ହଁ, ସେମାନେ ଧାର୍ମିକତାର ପୁନରୁତ୍ଥାନ ପାଇଁ ପ୍ରୟାସ କରିଛନ୍ତି ତଥା ଯଥାର୍ଥ ଭକ୍ତି ମାର୍ଗର ଉଜାଗର କରିଛନ୍ତି । ପରନ୍ତୁ ସମୟକ୍ରମେ ତାହା ଏକ ଧର୍ମ ଅର୍ଥାତ୍ ସମ୍ପ୍ରଦାୟର ରୂପ ନେଲା । ଯେପରି ଶିଖ୍ ଧର୍ମ ସୃଷ୍ଟି ହୋଇଛି, ସେହିପରି ବିଶ୍ନୋଇ ଧର୍ମର ପ୍ରାରମ୍ଭ ହେଲା । ପ୍ରଥମେ ଏମାନେ ସମସ୍ତେ ହିନ୍ଦୁ ଧର୍ମକୁ ମାନୁଥିଲେ, ପରନ୍ତୁ ହିନ୍ଦୁ ଧର୍ମରେ ସତ୍ୟସାଧନା ଲୋପ ପାଇ ଯାଇଥିବାରୁ ପରମାତ୍ମାଙ୍କଠାରୁ ପ୍ରାପ୍ତ ବାସ୍ତବିକ ଜ୍ଞାନ ଆଧାରରେ ଏହି ମହାତ୍ମାମାନେ ଭକ୍ତି ଓ ଧାର୍ମିକତାକୁ ଜନସାଧାରଣଙ୍କ ପର୍ଯ୍ୟନ୍ତ ପହଞ୍ଚାଇଲେ ଯାହା ଦ୍ୱାରା ସେମାନଙ୍କ ଅନୁଗାମୀମାନଙ୍କୁ ଲାଭ ମିଳିବାକୁ ଲାଗିଲା, ସେମାନେ ସେହି ମାର୍ଗ ସହିତ ଯୋଡ଼ି ହେବାକୁ ଲାଗିଲେ । ଏହିଭଳି କିଛି ଶହ ବର୍ଷ ବିତିଗଲା । ଶିଖ ଧର୍ମର ପ୍ରବର୍ତ୍ତକ ଗୁରୁ ନାନକ ଦେବଜୀ ଓ ବିଶ୍ନୋଇ ଧର୍ମର ସଂସ୍ଥାପକ ସନ୍ଥ ଶ୍ରୀ ଜମ୍ଭେଶ୍ୱରଜୀ ସମକାଳୀନ ଥିଲେ । ବର୍ତ୍ତମାନ ସମୟରେ ଉଭୟ ଧର୍ମରେ ପୂର୍ବର ସେହି ଭକ୍ତି ଓ ମର୍ଯ୍ୟାଦା ନାହିଁ । ଏହାର ପୁନରୁତ୍ଥାନ ମୋ (ସନ୍ଥ ରାମପାଲଜୀ) ଦ୍ୱାରା କରାଯାଉଛି । ସେହି ବାସ୍ତବିକ ଭକ୍ତି ଓ ମର୍ଯ୍ୟାଦା (ନିୟମ) ପାଳନ କରାଯାଉଛି ଯାହା ଉପରୋକ୍ତ ମହାପୁରୁଷମାନେ ସ୍ୱୟଂ କରୁଥିଲେ ଓ କରାଉଥିଲେ । ଉପରୋକ୍ତ ମହାତ୍ମାମାନଙ୍କୁ ସେ ସମୟରେ ବହୁତ ବ୍ୟକ୍ତି ବିରୋଧ କଲେ । ସେମାନଙ୍କୁ ସମାଲୋଚନା କଲେ । କିନ୍ତୁ ସନ୍ଥ ନିଜ ଉଦ୍ଦେଶ୍ୟରେ ଅଟଳ ରହିଥାନ୍ତି କାରଣ ସେମାନେ ମାନବ

କଲ୍ୟାଣ ପାଇଁ ଜନ୍ମ ନେଇଥାନ୍ତି । ବର୍ତ୍ତମାନ ସମୟରେ ମୋ (ସନ୍ଥ ରାମପାଲଜୀଙ୍କ) ସହିତ କିପରି ଅତ୍ୟାଚାର ଓ ଅନ୍ୟାୟ କରାଯାଉଛି, ମୋତେ ବଦନାମ୍ କରାଯାଉଛି । ପରନ୍ତୁ ସତ୍ୟକୁ ସମାପ୍ତ କରାଯାଇପାରିବ ନାହିଁ । ବର୍ତ୍ତମାନ ଏହି ସତ୍ୟ ଆଧାତ୍ମିକ ଜ୍ଞାନର ବିସ୍ଫୋରଣ ହୋଇସାରିଛି ।

## æ ବିଶ୍ନୋଇ ଧର୍ମର ଭକ୍ତି

ପ୍ରଶ୍ନ :- ବିଶ୍ନୋଇ ଧର୍ମରେ କିପରି ଭକ୍ତି କରାଯାଏ ? କେଉଁ ମହାପୁରୁଷ ଏହାର ପ୍ରବର୍ତ୍ତକ ଥିଲେ ?

ଉତ୍ତର :- ବିଶ୍ନୋଇ ଧର୍ମର ପ୍ରବର୍ତ୍ତକ ଶ୍ରୀ ଜମ୍ଭେଶ୍ୱରଜୀ ମହାରାଜ ଅଟନ୍ତି । ତାଙ୍କର ଜନ୍ମ ଭାରତ ବର୍ଷର ରାଜସ୍ଥାନ ରାଜ୍ୟରେ ପୀପାସର ଗ୍ରାମରେ ହୋଇଥିଲା । ତାଙ୍କ ଭକ୍ତି ସ୍ଥଳ (ଗ୍ରାମ) = ସମରାଥଳ (ରାଜସ୍ଥାନ) ଓ ନିର୍ବାଣ ପ୍ରାପ୍ତିର ସ୍ଥାନ ଲାଲାସର ଗ୍ରାମ(ରାଜସ୍ଥାନ)ରେ ଅବସ୍ଥିତ ଯାହାକୁ ମୁକାମ କୁହାଯାଏ । (ମୁକାମର ଅର୍ଥ ସ୍ଥାନ ଅଟେ) ।

ବିଶ୍ନୋଇ ଧର୍ମର ଭକ୍ତି :- ଶ୍ରୀ ଜମ୍ଭେଶ୍ୱରଜୀଙ୍କୁ, ଶ୍ରୀ ବିଷ୍ଣୁ (ସତଗୁଣ ବିଷ୍ଣୁ)ଙ୍କ ଅବତାର ରୂପେ ପରିଗଣନା କରାଯାଏ ଯାହା ସ୍ୱୟଂ ଶ୍ରୀ ଜମ୍ଭେଶ୍ୱରଜୀ ନିଜ ଅମୃତ ବାଣୀରେ ଲେଖିଛନ୍ତି ।

ପ୍ରମାଣ :- ଶବ୍ଦ ବାଣୀ ଶ୍ରୀ ଜମ୍ଭେଶ୍ୱରଜୀଙ୍କ ଶବ୍ଦ ସଂଖ୍ୟା ୯୪, ୫୪, ୬୭, ୧୧୬ ।

ବିଶ୍ନୋଇ ଧର୍ମରେ ଶ୍ରୀ ଜମ୍ଭେଶ୍ୱରଜୀ, ଶ୍ରୀ ବିଷ୍ଣୁ ଓ ଶ୍ରୀ କୃଷ୍ଣ (ଶ୍ରୀ ବିଷ୍ଣୁ ସତଗୁଣଙ୍କ ଅବତାର ଥିଲେ)ଙ୍କ ଭକ୍ତି କରିବା ପାଇଁ ନିଜ ମୁଖ କମଳରେ ଆଦେଶ ପ୍ରଦାନ କରିଛନ୍ତି । ବିଶ୍ନୋଇ ଧର୍ମର ଭକ୍ତିରେ ସ୍ୱର୍ଗ ପ୍ରାପ୍ତି (ବୈକୁଣ୍ଠ ବାସ କରିବା) ହିଁ ଅନ୍ତିମ ଲାଭ ଅଟେ, ଏହି ପ୍ରମାଣ ଅମୃତ ବାଣୀରେ ମଧ୍ୟ ଅଛି ।

ପ୍ରମାଣ :- ଶବ୍ଦ ବାଣୀ ସଂଖ୍ୟା ୧୩, ୧୪, ୧୫, ୨୩, ୨୫, ୩୧, ୩୩, ୩୪, ୬୪, ୬୭, ୭୮, ୯୭, ୯୮, ୧୦୨, ୧୧୯, ୧୨୦

ଶ୍ରୀ ବିଷ୍ଣୁଜୀଙ୍କୁ ସଂସାରର ମୂଳ(ଚେର) ଅର୍ଥାତ୍ ପାଳନକର୍ତ୍ତା କୁହାଯାଇଛି ।

## æ ''ସଦଗୁରୁଙ୍କଠାରୁ ନାମଦୀକ୍ଷା ନେଇ ଭକ୍ତି କରନ୍ତୁ''

ବାଣୀ ଶବ୍ଦ ସଂଖ୍ୟା = ୩୦

ଶ୍ରୀ ଜମ୍ଭେଶ୍ୱର ମହାରାଜଙ୍କ ଆଦେଶ ଏହା ଯେ ଗୁରୁଙ୍କଠାରୁ ନାମ ନେଇ ଭକ୍ତି କରିବା ଦ୍ୱାରା ଲାଭ ମିଳିଥାଏ । ପ୍ରଥମେ ଗୁରୁଙ୍କୁ ଅନୁଧ୍ୟାନ କର । ଗୁରୁ ବିନା ଦାନ କରିବା ଅନୁଚିତ୍, ଗୁରୁ ହିଁ ଦାନ ପାଇଁ ସୁପାତ୍ର ଅଟନ୍ତି, କୁପାତ୍ରକୁ ଦାନ ଦେବା ନାହିଁ ।

ପ୍ରମାଣ : - ଶବ୍ଦ ବାଣୀ ସଂଖ୍ୟା :- ୧, ୨୩ , ୨୬, ୨୯, ୩୦, ୩୫, ୩୬, ୩୭, ୪୦, ୪୧, ୪୫, ୭୭, ୮୫, ୮୬, ୯୦, ୧୦୧, ୧୦୭, ୧୦୮, ୧୨୦, ୫୬

କୁପାତ୍ରକୁ ଦାନ ଦେବା ବ୍ୟର୍ଥ ଅଟେ :- ବିଶେଷ ବିବରଣୀ = ଶବ୍ଦ ବାଣୀ ସଂଖ୍ୟା ୫୬ ରେ ଅଛି । ଯେଉଁଥିରେ କୁହାଯାଇଛି ଯେ କୁପାତ୍ରକୁ ଦାନ ଦେବା ଏପରି, ଯେପରି ଅନ୍ଧାର ରାତ୍ରିରେ ଚୋର ଚୋରି କରି ନେଇଯାଏ । ସୁପାତ୍ରକୁ ଦାନ ଦେବା ଏପରି, ଯେପରି ଉର୍ବର ଜମିରେ ବୀଜବପନ କରିବା । ବିଶ୍ନୋଇ ଧର୍ମରେ ତୀର୍ଥ ସ୍ଥାନ ଭ୍ରମଣ ଓ ସ୍ନାନାର୍ଥେ ଯିବା, ପିଣ୍ଡଦାନ(ପିଣ୍ଡୋଦାକ କ୍ରିୟା) ଆଦି ପୂଜା ନିଷେଧ ଅଟେ ।

ପ୍ରମାଣ :- ଶବ୍ଦ ବାଣୀ ସଂଖ୍ୟା =୫୦

æ ଶ୍ରୀ ଜମ୍ଭେଶ୍ୱରଜୀ ମହାରାଜଙ୍କୁ ପରମାତ୍ମା ଜିନ୍ଦା ମହାତ୍ମା ରୂପରେ ସମରାଥଳ ଗାଁରେ ଦର୍ଶନ ଦେଇଥିଲେ । ପ୍ରମାଣ :- ଶବ୍ଦ ବାଣୀ ସଂଖ୍ୟା ୫୦, ୭୨, ୯୦

ଝ ବେଦ ଶାସ୍ତ୍ରରେ ପୂର୍ଣ୍ଣ ମୋକ୍ଷ ମାର୍ଗର ଜ୍ଞାନ ନାହିଁ :- ପ୍ରମାଣ - ଶବ୍ଦ ବାଣୀ ସଂଖ୍ୟା ୫୯,୯୨

ଝ ଭକ୍ତି ବିନା ରାଜ ସିଂହାସନ ଓ ସମସ୍ତ ପ୍ରସିଦ୍ଧି ବ୍ୟର୍ଥ ଅଟେ :- ପ୍ରମାଣ ବାଣୀ ସଂଖ୍ୟା ୬୦

ଝ ଶ୍ରୀ ରାମଚନ୍ଦ୍ର କିଛି ଭୂଲ୍ କାର୍ଯ୍ୟ କରିଥିଲେ :- ପ୍ରମାଣ - ଶବ୍ଦ ବାଣୀ ସଂଖ୍ୟା ୬୨

ଝ ଗୁରୁଙ୍କୁ ଛାଡ଼ି ଶିଷ୍ୟର ସମ୍ମାନ(ମହିମା) କରିବା ଭୂଲ୍ ଅଟେ :-

ପ୍ରମାଣ :- ଶବ୍ଦ ବାଣୀ ସଂଖ୍ୟା ୭୧

କବୀର ପରମେଶ୍ୱର ମଧ୍ୟ କହିଛନ୍ତି :-

*ଗୁରୁ କୋ ତଜୈ ଭଜୈ ଜୋ ଆନା (ଅନ୍ୟ) । ତା ପଶୁଆ କୋ ଫୋକଟ ଜ୍ଞାନା ॥*

ଝ ବିଶ୍ନୋଇ ଧର୍ମରେ ସ୍ୱର୍ଗ (ବୈକୁଣ୍ଠ)କୁ ଉତ୍ତମ (ଶ୍ରେଷ୍ଠ) ଲୋକ କୁହାଯାଇଛି :- ପ୍ରମାଣ - ଶବ୍ଦ ବାଣୀ ସଂଖ୍ୟା ୭୩, ୧୧୯, ୯୪

## ''ହରି ଆସିବେ ହରିୟାଣାକୁ''

ଶ୍ରୀ ଜମ୍ଭେଶ୍ୱରଜୀଙ୍କ ଶବ୍ଦ ବାଣୀ ସଂ.୧୦୨ରେ ଲେଖାଅଛି :-

*ବିଷ୍ଣୁ-ବିଷ୍ଣୁ ଭଣ ଅଜର ଜରୀ ଜୈ, ଧର୍ମ ହୁୱେ ପାପାଂ ଛୁଟିଜୈ ।*

*ହରି ପର ହରି କୋ ନାମ ଜପିଜୈ, ହିରୟାଲୋ ହରି ଆଣ ହରୁଁ,*

*ହରି ନାରାୟଣ ଦେବ ନରୁଁ ।*

*ଆଶା ସାସ ନିରାସ ଭଇଲୋ, ପାଇଲୋ ମୋକ୍ଷ ଦବାର ଖିଣୁ । ।*

ଭାବାର୍ଥ:- ଏଥିରେ କୁହାଯାଇଛି ଯେ " ହିରୟାଲୋ ହରି ଆଣ ହରୁଂ" ଏଥିରେ ହରିୟାଲୋ" ଶବ୍ଦର ଅର୍ଥ ହରିୟାଣା ଅଟେ । ସେସମୟରେ ହରିୟାଣା ନାମରେ ରାଜ୍ୟ ନଥିଲା । ତେଣୁ "ହରିୟାଲୋ" ଲେଖାଯାଇଛି । ଏହି ପଂକ୍ତିର ଅର୍ଥ ହେଲା "ହରି ଅର୍ଥାତ୍ ପରମାତ୍ମା ହରିୟାଲୋ ଅର୍ଥାତ୍ ହରିୟାଣା ରାଜ୍ୟକୁ ଆସିବେ" ପରମାତ୍ମା ଯାହାଙ୍କୁ ନାରାୟଣ ମଧ୍ୟ କୁହାଯାଏ । ସେ ନର ଅର୍ଥାତ୍ ସାଧାରଣ ମନୁଷ୍ୟର ରୂପ ଧାରଣ କରି ଆସିବେ । ନାରାୟଣର ଅର୍ଥ ହେଲା ଜଳ ଉପରେ ପ୍ରକଟ ହେଉଥିବା ପ୍ରଭୁ, ସେ କେବଳ ପରମେଶ୍ୱର ହିଁ ଅଟନ୍ତି । ତେଣୁ ପରମାତ୍ମାଙ୍କୁ ନାରାୟଣ କୁହାଯାଏ । ତାଙ୍କ ଦ୍ୱାରା ପ୍ରଦତ୍ତ ଜ୍ଞାନ ଦ୍ୱାରା ହତୋତ୍ସାହିତ ଭକ୍ତମାନଙ୍କ ମନରେ ଆଶାର କିରଣ ଜାଗ୍ରତ ହେବ ଏବଂ ମୋକ୍ଷ ମାର୍ଗ ପ୍ରାପ୍ତି ହେବ । ଭାବାର୍ଥ ଏହା ଯେ ଶାସ୍ତ୍ରବିରୁଦ୍ଧ ସାଧନା ଯୋଗୁଁ ସାଧକକୁ ଭକ୍ତି କରି ମଧ୍ୟ କୌଣସି ଲାଭ ପ୍ରାପ୍ତି ହେଉ ନଥିଲା । ପରମାତ୍ମା ହରିୟାଣାକୁ ଆସିବେ, ତାଙ୍କ ଦ୍ୱାରା ବତାଯାଇଥିବା ଶାସ୍ତ୍ରୋକ୍ତ ଭକ୍ତି ସାଧନା ଦ୍ୱାରା ମୋକ୍ଷର ଦ୍ୱାର ପ୍ରାପ୍ତି ହେବ ତଥା ହତୋତ୍ସାହିତ ଭକ୍ତମାନଙ୍କ ମନରେ ଆଶାର ସଞ୍ଚାର ହେବ ଯେ ଏଠାରେ ସୁଖ ପ୍ରାପ୍ତି ହେବ ସହିତ ପରଲୋକରେ ମଧ୍ୟ ସୁଖ ମିଳିବ ତଥା ମୋକ୍ଷ ପ୍ରାପ୍ତି ନିଶ୍ଚୟ ହେବ । ବାଣୀ :- *ହରି ପର ହୀରେ କୋ ନାମ ଜପୀଜୈ ।*

ଏହି ବାଣୀକୁ ଏହିଭଳି ପଢ଼ନ୍ତୁ :- *ହର ପଲ ହରି କୋ ନାମ ଜପୀଜୈ ।*

"ଶ୍ରୀ ଜମ୍ଭେଶ୍ୱରଜୀଙ୍କର ମଧ୍ୟ କେହି ଗୁରୁ ଥିଲେ" (ପ୍ରଥମେ ଲେଖାଯାଇଛି) ।

ପ୍ରମାଣ :- ଶବ୍ଦ ବାଣୀ ସଂଖ୍ୟା ୯୦, ୯୧, ୯୨

ଶବ୍ଦ ସଂ.୯୦ର ଗୁରୁ ସମ୍ବନ୍ଧୀୟ ବାଣୀ ଗୁରୁ ଆସଣ ସମରାଥଳେ ।

କହୈ ସତଗୁରୁ ଭୂଲ ମତ ଜାଇଯୌଁ ପଡ଼ୋଲ ଅମୈ ଦୋଜଖେ ।

ଶବ୍ଦ ସଂ.୯୧ର କିଛି ଅଂଶ :-

*ମୋରେ ଗୁରୁ ଜୋ ଦୀହ୍ନୀ ଶିକ୍ଷା, ସର୍ବ ଆଲିଙ୍ଗଣ ଫେରୀ ଦୀକ୍ଷା ।*

*ସତ ସତ ଭାଖତ ଗୁରୁ ରାୟୌଁ ଜରା ମରଣ ଭୟ ଭାଗୁ ॥*

ପ୍ରମାଣ ପାଇଁ ପଢନ୍ତୁ "ଗୀତା ତୋ'ର ଜ୍ଞାନ ଅମୃତ"ପୁସ୍ତକ ସମ୍ବନ୍ଧିତ ଶ୍ରୀ ମଦ୍‌ଭଗବତ୍ ଗୀତାର କିଛି ଅଧ୍ୟାୟ ତଥା କିଛି ଶ୍ଳୋକ ଯାହାର ହିନ୍ଦୀ ଅନୁବାଦ ''ଗୀତା ପ୍ରେସ୍ ଗୋରଖପୁର''(ଉତ୍ତର ପ୍ରଦେଶ) ଦ୍ୱାରା ପ୍ରକାଶିତ ।

(ଶ୍ରୀମଦ୍‌ଭଗବତ୍ ଗୀତା ଅଧ୍ୟାୟ ୧ର କୌଣସି ଶ୍ଳୋକ ଗୀତା ଜ୍ଞାନଦାତାଙ୍କ ଦ୍ୱାରା କୁହାଯାଇ ନାହିଁ ତେଣୁ ଏହି ଅଧ୍ୟାୟଟିକୁ ଛାଡ଼ି ଦିଆଯାଇଛି ।)

ଶ୍ରୀମଦ୍‌ଭଗବତ୍ ଗୀତା ଅଧ୍ୟାୟ ୨ର କିଛି ଶ୍ଳୋକର ଫଟୋ କପି :-

ଅଧ୍ୟାୟ ୨ ୩୫

କଥମ୍, ଭୀଷ୍ମମ୍, ଅହମ୍, ସଂଖ୍ୟେ, ଦ୍ରୋଣମ୍, ଚ, ମଧୁସୂଦନ ।
ଇଷୁଭିଃ, ପ୍ରତି, ୟୋତ୍ସ୍ୟାମି, ପୂଜାର୍ହୌ, ଅରିସୂଦନ ॥ ୪ ॥

ସେତେବେଳେ ଅର୍ଜୁନ କହିଲେ ଯେ -

| | | | | | |
|---|---|---|---|---|---|
| ମଧୁସୂଦନ | = ହେ ମଧୁସୂଦନ | ଦ୍ରୋଣମ୍ | = | ଦ୍ରୋଣାଚାର୍ଯ୍ୟଙ୍କ |
| ଅହମ୍ | = ମୁଁ | ପ୍ରତି ଯୋତ୍ସ୍ୟାମି | = | ବିରୁଦ୍ଧରେ ଲଢ଼ିବି |
| ସଂଖ୍ୟେ | = ରଣଭୂମିରେ | (ଯତଃ) | = | କାରଣ |
| କଥମ୍ | = କେଉଁ ପ୍ରକାର | ଅରିସୂଦନ | = | ହେ ଅରିସୂଦନ ! |
| ଇଷୁଭିଃ | = ବାଣରେ | (ତୌ) | = | ସେ ଦୁହେଁ |
| ଭୀଷ୍ମମ୍ | = ଭୀଷ୍ମ ପିତାମହ | ପୂଜାର୍ହୌ | = | ପୂଜନୀୟ ଅଟନ୍ତି |
| ଚ | = ଏବଂ | | | |

ଗୁରୁନ୍, ଅହତ୍ୱା, ହି, ମହାନୁଭାବାନ୍, ଶ୍ରେୟଃ, ଭୋକ୍ତୁମ୍,
ଭୈକ୍ଷ୍ୟମ୍, ଅପି, ଇହ, ଲୋକେ, ହତ୍ୱା, ଅର୍ଥକାମାନ୍, ତୁ,
ଗୁରୁନ୍, ଇହ, ଏବ, ଭୁଞ୍ଜୀୟ, ଭୋଗାନ୍, ରୁଧିରପ୍ରଦିଗ୍ଧାନ୍ ॥ ୫ ॥

**ତେଣୁ ଏହି-**

| | | | |
|---|---|---|---|
| **ମହାନୁଭାବାନ୍** | = ମହାନୁଭବ | **ହି** | = କାରଣ |
| **ଗୁରୁନ୍** | = ଗୁରୁଜନମାନଙ୍କୁ | **ଗୁରୁନ୍** | = ଗୁରୁଜନମାନଙ୍କୁ |
| **ଅହତ୍ୱା** | = ନ ମାରି (ମୁଁ) | **ହତ୍ୱା** | = ମାରି |
| **ଇହ** | = ଏହି | **(ଅପି)** | = ମଧ୍ୟ |
| **ଲୋକେ** | = ଲୋକରେ | **ଇହ** | = ଏହିଲୋକରେ |
| **ଭୈକ୍ଷ୍ୟମ୍** | = ଭିକ୍ଷା ଅନ୍ନ | **ରୁଧିରପ୍ରଦିଗ୍ଧାନ୍** | = ରକ୍ତରେ ଭିଜିଥିବା |
| **ଅପି** | = ମଧ୍ୟ | **ଅର୍ଥକାମାମ୍** | = ଅର୍ଥ ଓ କାମରୂପକ |
| **ଭୋକ୍ତୁମ୍** | = ଖାଇବା | **ଭେଗାନ୍, ଏବ** | = ଭୋଗ ସାମଗ୍ରୀ ହିଁ |
| **ଶ୍ରେୟଃ** | = କଲ୍ୟାଣକାରକ (ମନେ କରୁଛି) | **ତୁ** | = ତ |
| | | **ଭୁଞ୍ଜୀୟ** | = ଭୋଗ କରିବି । |

ନ, ଚ, ଏତତ୍, ବିଦ୍ମଃ, କତରତ୍, ନଃ, ଗରୀୟଃ, ଯତ୍,
ବା, ଜୟେମ୍, ଯଦି, ବା, ନଃ, ଜୟେୟୁଃ, ଯାନ୍, ଏବ, ହତ୍ୱା, ନ,
ଜିଜୀବିଷାମଃ, ତେ, ଅବସ୍ଥିତାଃ, ପ୍ରମୁଖେ, ଧାର୍ତରାଷ୍ଟ୍ରାଃ ॥ ୬ ॥

| | | | |
|---|---|---|---|
| **ଏତତ୍** | = ଏହା | **ଯତ୍, ବା** | = ଅଥବା (ଏହା ମଧ୍ୟ ଜାଣିନାହୁଁ (ଯେ) |
| **ଚ** | = ମଧ୍ୟ | **ଜୟେମ** | = ଆମ୍ଭେ ସେମାନଙ୍କୁ ଜିତିବୁ |
| **ବିଦ୍ମଃ, ନ** | = ଜାଣିନାହୁଁ (ଯେ ) | **ଯଦି, ବା** | = **ଅଥବା** |
| **ନଃ** | = ଯୁଦ୍ଧ କରିବା ଓ ନକରିବା ଆମ୍ଭ ପାଇଁ ଏହି | | |
| **କତରତ୍** | = ଦୁଇଟି ମଧ୍ୟରୁ କେଉଁଟି | | |
| **ଗରୀୟଃ** | = ଶ୍ରେଷ୍ଠ ଅଟେ, | | |

**ନଃ** = ଆମ୍ଭକୁ(ସେମାନେ)
**ଜୟେୟୁଃ** = ଜିତିବେ । (ଏବଂ)
**ଯାନ୍** = ଯେଉଁମାନଙ୍କୁ
**ହତ୍ୱା** = ମାରି(ଆମ୍ଭେ)
**ନ,ଜିଜୀବିଷାମଃ** = ବଞ୍ଚିବାକୁ ବି ଚାହୁଁନାହୁଁ
**ତେ** = ସେମାନେ
**ଏବ** = ହିଁ ଆମର ଆତ୍ମୀୟ
ଧାର୍ତ୍ତରାଷ୍ଟ୍ରାଃ = ଧୃତରାଷ୍ଟ୍ରଙ୍କ ପୁତ୍ରମାନେ
ପ୍ରମୁଖେ = ଆମ ସମ୍ମୁଖରେ ଯୁଦ୍ଧ କରିବାକୁ
**ଅବସ୍ଥିତାଃ** = ଠିଆ ହୋଇଛନ୍ତି

କାର୍ପଣ୍ୟଦୋଷୋପହତସ୍ୱଭାବଃ, ପୃଚ୍ଛାମି, ତ୍ୱାମ୍, ଧର୍ମସମ୍ମୁଢଚେତାଃ, ଯତ୍,
ଶ୍ରେୟଃ, ସ୍ୟାତ୍, ନିଶ୍ଚିତମ୍, ବ୍ରୂହି, ତତ୍, ମେ, ଶିଷ୍ୟଃ,
ତେ, ଅହମ୍, ଶାଧି, ମାମ୍, ତ୍ୱାମ୍, ପ୍ରପନ୍ନମ୍ ॥ ୭ ॥

**କାର୍ପଣ୍ୟ-ଦୋଷୋପହତ-ସ୍ୱଭାବଃ** = କାପୁରୁଷତା ରୂପକ ଦୋଷ ହେତୁ ନଷ୍ଟ ସ୍ୱଭାବଯୁକ୍ତ ତଥା
**ଧର୍ମସମ୍ମୁଢଚେତାଃ** = ଧର୍ମ ବିଷୟରେ ମୋହିତ ଚିତ୍ତ ହୋଇଥିବା (ମୁଁ)
**ତ୍ୱାମ୍** = ଆପଣଙ୍କୁ
**ପୃଚ୍ଛାମି** = ପଚାରୁଛି (ଯେ)
**ଯତ୍** = ଯେଉଁ (ସାଧନା)
**ନିଶ୍ଚିତମ୍** = ନିଶ୍ଚିତ
**ଶ୍ରେୟଃ** = କଲ୍ୟାଣକାରକ
**ସ୍ୟାତ୍** = ହେବ,
**ତତ୍** = ତାହା
**ମେ** = ମୋ ପାଇଁ
**ବ୍ରୂହି** = କୁହନ୍ତୁ ; (କାରଣ)
**ଅହମ୍** = ମୁଁ
**ତେ** = ଆପଣଙ୍କ
**ଶିଷ୍ୟଃ** = ଶିଷ୍ୟ ଅଟେ (ତେଣୁ)
**ତ୍ୱାମ୍** = ଆପଣଙ୍କ
**ପ୍ରପନ୍ନମ୍** = ଶରଣାଗତ ହୋଇଥିବା
**ମାମ୍** = ମୋତେ
**ଶାଧି** = ଶିକ୍ଷା ଦିଅନ୍ତୁ

ନ, ତୁ, ଏବ, ଅହମ୍, ଜାତୁ, ନ, ଆସମ୍, ନ, ତ୍ୱମ୍, ନ, ଇମେ, ଜନାଧିପାଃ,
ନ, ଚ, ଏବ, ନ, ଭବିଷ୍ୟାମଃ, ସର୍ବେ, ବୟମ୍, ଅତଃ, ପରମ୍, ॥୧୨॥

**ନ** = ନା
**ତୁ** = ତ
**(ଏବମ୍)** = ଏପରି
**ଏବ** = ହିଁ(ଯେ)
**ଅହମ୍** = ମୁଁ
**ଜାତୁ** = କୌଣସି କାଳରେ
**ନ** = ନ
ଆସମ୍ = ଥିଲି (ଅଥବା)

| | | | |
|---|---|---|---|
| **ତ୍ୱମ୍** | = ତୁ | **ଏବମ୍** | = ଏପରି |
| **ନ** | = ନ | **ଏବ** | = ହିଁ (ଅଟେ ଯେ) |
| **(ଆସୀଃ)** | = ଥିଲୁ (ଅଥବା) | **ଅତଃ** | = ଏହା |
| **ଇମେ** | = ଏହି | **ପରମ୍** | = ଆଗକୁ |
| **ଜନାଧିପାଃ** | = ରାଜାମାନେ | **ବୟମ୍** | = ଆମ୍ଭେ |
| **ନ** | = ନ | **ସର୍ବେ** | = ସମସ୍ତେ |
| **(ଆସନ୍)** | = ଥିଲେ | **ଭବିଷ୍ୟାମଃ** | = ରହିବା |
| **ଚ** | = ଏବଂ | **ନ** | = ନାହିଁ । |
| **ନ** | = ନା | | |

ଅବିନାଶୀ, ତୁ, ତତ୍, ବିଦ୍ଧି, ଯେନ୍, ସର୍ବମ୍, ଇଦମ୍, ତତମ୍,
ବିନାଶମ୍, ଅବ୍ୟୟସ୍ୟ, ଅସ୍ୟ, ନ, କଶ୍ଚିତ୍, କର୍ତ୍ତୁମ୍, ଅର୍ହତି ॥୧୭ ॥

**ଏହି ନ୍ୟାୟ ଅନୁସାରେ-**

| | | | |
|---|---|---|---|
| **ଅବିନାଶୀ** | = ଅବିନାଶୀ | **ତତମ୍** | = ବ୍ୟାପ୍ତ ହୋଇଛି |
| **ତୁ** | = ତ (ତୁ) | **ଅସ୍ୟ** | = ଏହି |
| **ତତ୍** | = ତାଙ୍କୁ | **ଅବ୍ୟୟସ୍ୟ** | = ଅବିନାଶୀଙ୍କୁ |
| **ବିଦ୍ଧି** | = ଜାଣ | **ବିନାଶମ୍** | = ବିନାଶ |
| **ଯେନ** | = ଯାହାଙ୍କଠାରୁ | **କର୍ତ୍ତୁମ୍** | = କରିବାକୁ |
| **ଇଦମ୍** | = ଏହି | **କଶ୍ଚିତ୍** | = କେହି ବି |
| **ସର୍ବମ୍** | = { ସମ୍ପୂର୍ଣ୍ଣଜଗତ (ଦୃଶ୍ୟବାନ) | **ନ, ଅର୍ହତି** | = ସମର୍ଥ ନୁହେଁ । |

ବାସାଂସି, ଜୀର୍ଣ୍ଣାନି, ଯଥା, ବିହାୟ, ନବାନି, ଗୃହ୍ଣାତି,
ନରଃ, ଅପରାଣି, ତଥା, ଶରୀରାଣି, ବିହାୟ, ଜୀର୍ଣ୍ଣାନୀ,
ଅନ୍ୟାନି, ସଂୟାତି, ନବାନି, ଦେହୀ ॥୨୨॥

| | | | |
|---|---|---|---|
| ଯଥା | = ଯେପରି | **ବାସାଂସି** | = ବସ୍ତ୍ରଗୁଡିକୁ |
| **ନରଃ** | = ମଣିଷ | **ବିହାୟ** | = ତ୍ୟାଗ କରି |
| **ଜୀର୍ଣ୍ଣାନି** | = ପୁରୁଣା | **ଅପରାଣି** | = ଅନ୍ୟ |

**ନବାନି** = ନୂତନ(ବସ୍ତ୍ର)
**ଗୃହ୍ଣାତି** = ଗ୍ରହଣ କରେ
**ତଥା** = ସେହିପରି
**ଦେହୀ** = ଜୀବାତ୍ମା
**ଜୀର୍ଣ୍ଣାନି** = ପୁରୁଣା
**ଶରୀରାଣି** = ଶରୀର
**ବିହାୟ** = ତ୍ୟାଗ କରି
**ଅନ୍ୟାନି** = ଅନ୍ୟ
**ନବାନି** = ନୂତନ(ଶରୀର ମାନ)
**ସଂୟାତି** = ପ୍ରାପ୍ତ କରିଥାଏ ।

ଜାତସ୍ୟ, ହି, ଧ୍ରୁବଃ, ମୃତ୍ୟୁଃ, ଧ୍ରୁବମ୍, ଜନ୍ମ, ମୃତସ୍ୟ, ଚ, ତସ୍ମାତ୍, ଅପରିହାର୍ଯ୍ୟେ, ଅର୍ଥେ, ନ, ତ୍ୱମ୍, ଶୋଚିତୁମ୍, ଅର୍ହସି ॥୨୭ ॥

**ହି** = କାରଣ (ଏହି ମାନ୍ୟତା ଅନୁସାରେ)
**ଜାତସ୍ୟ** = ଜନ୍ମ ହୋଇଥିବା (ଲୋକର)
**ମୃତ୍ୟୁ** = ମୃତ୍ୟୁ
**ଧ୍ରୁବଃ** = ନିଶ୍ଚିତ
**ଚ** = ଏବଂ
**ମୃତସ୍ୟ** = ମରିଥିବା(ଲୋକର)
**ଜନ୍ମ** = ଜନ୍ମ
**ଧ୍ରୁବମ୍** = ନିଶ୍ଚିତ ଅଟେ
**ତସ୍ମାତ୍** = ତେଣୁ (ମଧ୍ୟ ଏହି)
**ଅପରିହାର୍ଯ୍ୟେ** = ଉପାୟ ବିହୀନ
**ଅର୍ଥେ** = ବିଷୟରେ
**ତ୍ୱାମ୍** = ତୁ
**ଶୋଚିତୁମ୍** = ଶୋକ କରିବାକୁ
**ନ,ଅର୍ହସି** = ଯୋଗ୍ୟ ନୁହଁ ।

ହତଃ, ବା, ପ୍ରାପ୍ସ୍ୟସି, ସ୍ୱର୍ଗମ୍, ଜିତ୍ୱା, ବା, ଭୋକ୍ଷସେ, ମହୀମ୍, ତସ୍ମାତ୍, ଉତ୍ତିଷ୍ଠ, କୌନ୍ତେୟ, ଯୁଦ୍ଧାୟ, କୃତନିଶ୍ଚୟଃ ॥ ୩୭ ॥

**ବା** = କିମ୍ବା (ତୁ ତ ଯୁଦ୍ଧରେ)
**ହତଃ** = ନିହତ ହୋଇ
**ସ୍ୱର୍ଗମ୍** = ସ୍ୱର୍ଗକୁ
**ପ୍ରାପ୍ସ୍ୟସି** = ପ୍ରାପ୍ତ ହେବୁ
**ବା** = ବା ଯୁଦ୍ଧରେ
**ଜିତ୍ୱା** = ବିଜୟୀ ହୋଇ
**ମହୀମ୍** = ପୃଥିବୀର ରାଜ୍ୟ
**ଭୋକ୍ଷ୍ୟସେ** = ଭୋଗ କରିବୁ
**ତସ୍ମାତ୍** = ତେଣୁ
**କୌନ୍ତେୟ** = ହେ ଅର୍ଜୁନ !
**(ତୁ) ଯୁଦ୍ଧାୟ** = ଯୁଦ୍ଧ କରିବାକୁ
**କୃତନିଶ୍ଚୟଃ** = ସଂକଳ୍ପ ବଦ୍ଧ ହୋଇ
**ଉତିଷ୍ଠ** = ଛିଡ଼ା ହୋଇଯାଅ

ସୁଖଦୁଃଖେ, ସମେ, କୃତ୍ୱା, ଲାଭାଲାଭୌ, ଜୟାଜୟୌ, ତତଃ, ଯୁଦ୍ଧାୟ, ଯୁଜ୍ୟସ୍ୱ, ନ, ଏବମ୍, ପାପମ୍, ଅବାପ୍ସ୍ୟସି ॥ ୩୮ ॥

**ଯଦି ତୋତେ ସ୍ୱର୍ଗ ଓ ରାଜ୍ୟ ଭୋଗର ଇଚ୍ଛା ନ ହେଉଛି ତେବେ ବି -**

**ଜୟାଜୟୌ** = ଜୟ-ପରାଜୟ
**ଲାଭାଲାଭୌ** = ଲାଭ କ୍ଷତି (ଏବଂ)
**ସୁଖଦୁଃଖେ** = ସୁଖ-ଦୁଃଖକୁ
**ସମେ** = ସମାନ
**କୃତ୍ୱା** = ମନେ କରି
**ତତଃ** = ତାହା ପରେ
**ଯୁଦ୍ଧାୟ** = ଯୁଦ୍ଧ କରିବା ପାଇଁ
**ଯୁଜ୍ୟସ୍ୱ** = ପ୍ରସ୍ତୁତ ହୋଇଯାଅ
**ଏବମ୍** = ଏହିପରି ଯୁଦ୍ଧ କଲେ ତୁ
**ପାପମ୍** = ପାପକୁ
**ନ ଅବାପ୍ସ୍ୟସି** = ପ୍ରାପ୍ତ ହେବୁନାହିଁ

ଯାବାନ୍, ଅର୍ଥଃ, ଉଦପାନେ, ସର୍ବତଃ, ସଂପ୍ଳୁତୋଦକେ, ତାବାନ୍, ସର୍ବେଷୁ, ବେଦେଷୁ, ବ୍ରାହ୍ମଣସ୍ୟ, ବିଜାନତଃ ॥ ୪୬ ॥

**କାରଣ -**

**ସର୍ବତଃ** = ସବୁଦିଗରୁ
**ସଂପ୍ଳୁତୋଦକେ** = ପରିପୂର୍ଣ୍ଣ ଜଳାଶୟଟିଏ
**(ପ୍ରାପ୍ତେ ସତି)** = ପ୍ରାପ୍ତି ହୋଇଯିବା ପରେ
**ଉଦପାନେ** = ଛୋଟ ଜଳାଶୟ ପ୍ରତି (ମନୁଷ୍ୟର)
**ଯାବାନ୍** = ଯେତିକି
**ଅର୍ଥ** = ପ୍ରୟୋଜନ
**(ଅସ୍ତି)** = ରହେ
**ବିଜାନତଃ** = (ବ୍ରହ୍ମକୁ) ତତ୍ତ୍ୱତ ଜାଣିଥିବା
**ବ୍ରାହ୍ମଣସ୍ୟ** = ବ୍ରାହ୍ମଣର
**ସର୍ବେଷୁ** = ସମସ୍ତ
**ବେଦେଷୁ** = ବେଦରେ
**ତାବାନ୍** = ସେତିକି (ହିଁ ପ୍ରୟୋଜନ ରହିଯାଏ)

କର୍ମଜମ୍, ବୁଦ୍ଧିଯୁକ୍ତାଃ, ହି, ଫଳମ୍, ତ୍ୟକ୍ତ୍ୱା, ମନୀଷିଣଃ,
ଜନ୍ମବନ୍ଧବିନିର୍ମୁକ୍ତାଃ, ପଦମ୍, ଗଚ୍ଛନ୍ତି, ଅନାମୟମ୍ ॥ ୫୧ ॥

**ହିଁ** = କାରଣ
**ବୁଦ୍ଧିଯୁକ୍ତାଃ** = ସମବୁଦ୍ଧିରେ ଯୁକ୍ତ
**ମନୀଷିଣଃ** = ଜ୍ଞାନୀଜନମାନେ
**କର୍ମଜମ୍** = କର୍ମଦ୍ୱାରା ଉତ୍ପନ୍ନ ହୋଉଥିବା
ଫଳମ୍ = ଫଳକୁ
ତ୍ୟକ୍ତ୍ୱା = ତ୍ୟାଗ କରି
**ଜନ୍ମବନ୍ଧ ବିନିର୍ମୁକ୍ତାଃ** = ଜନ୍ମରୂପକ ବନ୍ଧନରୁ ମୁକ୍ତ ହୋଇ
**ଅନାମୟମ୍** = ନିର୍ବିକାର
**ପଦମ୍** = ପରମ ପଦକୁ
**ଗଚ୍ଛନ୍ତି** = ପ୍ରାପ୍ତ ହୋଇଯାଆନ୍ତି

ଶ୍ରୁତିବିପ୍ରତିପନ୍ନା, ତେ, ଯଦା, ସ୍ଥାସ୍ୟତି, ନିଶ୍ଚଳା, ସମାଧୌ, ଅଚଳା, ବୁଦ୍ଧିଃ, ତଦା, ଏବଂ-

**ଶ୍ରୁତି ବିପ୍ରତିପନ୍ନା** = ବିଭିନ୍ନ ପ୍ରକାରର କଥା ଶୁଣିଶୁଣି ବିଚଳିତ ହୋଇଯାଇଥିବା
**ତେ** = ତୋର
**ବୁଦ୍ଧି** = ବୁଦ୍ଧି
**ଯଦା** = ଯେତେବେଳେ
**ସମାଧୌ** = ପରମାତ୍ମାଙ୍କଠାରେ
**ନିଶ୍ଚଳା** = ଅଚଳ(ଏବଂ)
**ଅଚଳା** = ସ୍ଥିର
**ସ୍ଥାସ୍ୟତି** = ହୋଇଯିବ
**ତଦା** = ସେତେବେଳେ(ତୁ)
**ଯୋଗମ୍** = ଯୋଗକୁ
**ଅବାପ୍ସ୍ୟସି** = ପ୍ରାପ୍ତ ହୋଇଯିବୁ ଅର୍ଥାତ୍ ପରମାତ୍ମାଙ୍କ ସହିତ ତୋର ସତ୍ୟସଂଯୋଗ ହୋଇଯିବ

ବିଷୟାଃ, ବିନିବର୍ତ୍ତନ୍ତେ, ନିରାହାରସ୍ୟ, ଦେହିନଃ, ରସବର୍ଜମ୍, ରସଃ, ଅପି, ଅସ୍ୟ, ପରମ୍, ଦୃଷ୍ଟ୍ୱା, ନିବର୍ତ୍ତତେ ॥ ୫୯ ॥

**ନିରାହାରସ୍ୟ** = (ଇନ୍ଦ୍ରିୟମାନଙ୍କ ଦ୍ୱାରା) ବିଷୟମାନଙ୍କୁ **ଗ୍ରହଣ କରୁନଥିବା**
**ଦେହିନଃ** = ପୁରୁଷର (ମଧ୍ୟ କେବଳ)
**ବିଷୟାଃ** = ବିଷୟଗୁଡ଼ିକ(ତ)
**ବିନିବର୍ତନ୍ତେ** = ନିବୃତ୍ତ ହୋଇଯାଆନ୍ତି (ପରନ୍ତୁ ସେଥିପ୍ରତି ରହିଥିବା)
**ରସବର୍ଜମ୍** = ଆସକ୍ତି,ନିବୃତ୍ତ ହୁଏ ନାହିଁ
**ଅସ୍ୟ** = ଏହି ସ୍ଥିତପ୍ରଜ୍ଞ ପୁରୁଷର (ତ)
**ରସଃ** = ଆସକ୍ତି
**ଅପି** = ମଧ୍ୟ
**ପରମ୍** = ପରମାତ୍ମାଙ୍କ
**ଦୃଷ୍ଟ୍ୱା** = ସାକ୍ଷତ୍କାର କରି
**ନିବର୍ତତେ** = ନିବୃତ୍ତ ହୋଇଯାଇଥାଏ

ଶ୍ରୀମଭଗବତ୍ ଗୀତା ଅଧ୍ୟାୟ ୩ର କିଛି ଶ୍ଳୋକର ଫଟୋକପି:-

# ଅଥ ତୃତୀୟୋଽଧ୍ୟାୟଃ

*ଅର୍ଜୁନ ଉବାଚ -*

ଜ୍ୟାୟସୀ, ଚେତ୍, କର୍ମଣଃ, ତେ, ମତା, ବୁଦ୍ଧିଃ, ଜନାର୍ଦନ, ତତ୍, କିମ୍, କର୍ମଣି, ଘୋରେ, ମାମ୍, ନିୟୋଜୟସି, କେଶବ ॥୧ ॥

**ଏବିଷୟରେ ଅର୍ଜୁନ ପଚାରିଲା ଯେ-**

| | | | |
|---|---|---|---|
| **ଜନାର୍ଦନ** | = ହେ ଜନାର୍ଦ୍ଦନ ! | **ତତ୍** | = ତେବେ |
| **ଚେତ୍** | = ଯଦି | **କେଶବ** | = ହେ କେଶବ ! |
| **ତେ** | = ଆପଣଙ୍କ | **ମାମ୍** | = ମୋତେ |
| **ମତା** | = ମତରେ | **ଘୋରେ** | = ଭୟଙ୍କର |
| **କର୍ମଣଃ** | = କର୍ମ ଅପେକ୍ଷା | **କର୍ମଣି** | = କର୍ମରେ |
| **ବୁଦ୍ଧିଃ** | = ଜ୍ଞାନ | **କିମ୍** | = କାହିଁକି |
| **ଜ୍ୟାୟସୀ** | = ଶ୍ରେଷ୍ଠ ଅଟେ | **ନିୟୋଜୟସି** | = ଲଗାଉଛନ୍ତି ? |

ବ୍ୟାମିଶ୍ରେଣ, ଇବ, ବାକ୍ୟେନ, ବୁଦ୍ଧିମ୍, ମୋହୟସି, ଇବ, ମେ, ତତ୍,
ଏକମ୍, ବଦ, ନିଶ୍ଚିତ୍ୟ, ଯେନ, ଶ୍ରେୟଃ, ଅହମ୍, ଆପ୍ନୁୟାମ୍ ॥୨॥

| | | | |
|---|---|---|---|
| **ବ୍ୟାମିଶ୍ରେଣ ଇବ** | = { ଗୋଳିଆମିଶା ପରି (ଲାଗୁଥିବା) | **ତତ୍** | = ସେହି |
| | | **ଏକମ୍** | = ଗୋଟିଏ କଥାକୁ |
| **ବାକ୍ୟେନ** | = କଥା ଦ୍ୱାରା | **ନିଶ୍ଚିତ୍ୟ** | = ନିଶ୍ଚିତ କରି |
| **ମେ** | = ମୋର | **ବଦ** | = କୁହନ୍ତୁ |
| **ବୁଦ୍ଧିମ୍** | = ବୁଦ୍ଧିକୁ | **ଯେନ** | = ଯାହା ଦ୍ୱାରା |
| **ମୋୟୟସି, ଇବ** | = { ମୋହିତ ପ୍ରାୟ କରିଦେଉଛନ୍ତି; (ତେଣୁ) | **ଅହମ୍** | = ମୁଁ |
| | | **ଶ୍ରେୟ** | = କଲ୍ୟାଣକୁ |
| | | **ଆପ୍ନୁୟାମ୍** | = ପ୍ରାପ୍ତ ହୋଇଯିବି |

ଲୋକେ, ଅସ୍ମିନ୍, ଦ୍ୱିବିଧା, ନିଷ୍ଠା, ପୁରା, ପ୍ରୋକ୍ତା, ମୟା, ଅନଘ,
ଜ୍ଞାନଯୋଗେନ, ସାଙ୍ଖ୍ୟାନାମ୍, କର୍ମଯୋଗେନ, ଯୋଗିନାମ୍ ॥ ୩ ॥

**ଅର୍ଜୁନ ଏଭଳି ପଚାରିବାରୁ ଭଗବାନ ଶ୍ରୀକୃଷ୍ଣ ମହାରାଜ କହିଲେ -**

| | |
|---|---|
| **ଅନଘ** | = ହେ ନିଷ୍ପାପ ! |
| ଲୋକ | = ଏହି ଲୋକରେ |
| **ଦ୍ୱିବିଧା** | = ଦୁଇପ୍ରକାରର |
| **ନିଷ୍ଠା** | = ନିଷ୍ଠା*(ହୁଏ ବୋଲି) |
| **ମୟା** | = ମୋ ଦ୍ୱାରା |
| **ପୁରା** | = ପୂର୍ବରୁ, |
| **ପ୍ରୋକ୍ତା** | = କୁହାଯାଇଛି(ତନ୍ମଧ୍ୟରୁ) |
| **ଅସ୍ମିନ୍** | = ଏହି |
| **ସାଙ୍ଖ୍ୟାନାମ୍** | = ସାଂଖ୍ୟଯୋଗୀ ମାନଙ୍କର(ନିଷ୍ଠା ତ) |
| **ଜ୍ଞାନଯୋଗେନ** | = ଜ୍ଞାନଯୋଗଦ୍ୱାରା (ଏବଂ) |
| **ଯୋଗୀନାମ୍** | = ଯୋଗୀମାନଙ୍କର (ନିଷ୍ଠା) |
| **କର୍ମଯୋଗେନ** | = କର୍ମଯୋଗଦ୍ୱାରା (ହୋଇଥାଏ) । |

ନ, କର୍ମଣାମ୍, ଅନାରମ୍ଭାତ୍, ନୈଷ୍କର୍ମ୍ୟମ୍, ପୁରୁଷଃ, ଅଶ୍ନୁତେ,
ନ, ଚ, ସନ୍ନ୍ୟସନାତ୍, ଏବ, ସିଦ୍ଧିମ୍, ସମଧିଗଚ୍ଛତି ॥ ୪ ॥

**ପରନ୍ତୁ କୌଣସି ମାର୍ଗ ଅନୁସାରେ କର୍ମଗୁଡ଼ିକୁ ସ୍ୱରୂପଠାରୁ ତ୍ୟାଗ କରିବାର ଆବଶ୍ୟକତା ନାହିଁ; କାରଣ -**

| | |
|---|---|
| **ପୁରୁଷଃ** | = ମଣିଷ |
| **ନ** | = ନା(ତ) |
| **କର୍ମଣାମ୍** | = କର୍ମଗୁଡ଼ିକ |
| **ଅନାରମ୍ଭାତ୍** | = ଆରମ୍ଭ ନକରି |
| **ନୈଷ୍କର୍ମ୍ୟମ୍** | = ନିଷ୍କର୍ମତାକୁ ୩ (ଅର୍ଥାତ୍ ଯୋଗ ନିଷ୍ଠାକୁ) |
| **ଅଶ୍ନୁତେ** | = ପ୍ରାପ୍ତ ହୋଇଥାଏ |
| **ଚ** | = ଏବଂ |
| **ନ** | = ନା |
| **ସନ୍ନ୍ୟସନାତ୍, ଏବ** | = (କେବଳ କର୍ମ) ତ୍ୟାଗ ମାତ୍ରେ |
| **ସିଦ୍ଧିମ୍** | = ସିଦ୍ଧି ଅର୍ଥାତ୍ (ସାଂଖ୍ୟନିଷ୍ଠାକୁ) |
| **ସମଧିଗଚ୍ଛତି** | = ପ୍ରାପ୍ତ ହୋଇଯାଏ । |

ନ, ହି, କଶ୍ଚିତ୍, କ୍ଷଣମ୍, ଅପି, ଜାତୁ, ତିଷ୍ଠତି, ଅକର୍ମକୃତ୍,
କାର୍ଯ୍ୟତେ, ହି, ଅବଶଃ, କର୍ମ, ସର୍ବଃ, ପ୍ରକୃତିଜୈଃ, ଗୁଣୈଃ ॥ ୫ ॥

**ତଥା ସର୍ବଥା କର୍ମର ସ୍ୱରୂପଠାରୁ କର୍ମଗୁଡିକ ତ୍ୟାଗ ହୋଇ ପାରିବ ନାହିଁ -**

| | | | |
|---|---|---|---|
| **ହି** | = ନିଃ ସନ୍ଦେହ (ଯେ) | **ନ** | = ନାହିଁ |
| **କଶ୍ଚିତ୍** | = କୌଣସି ବି (ମନୁଷ୍ୟ) | **ହି** | = କାରଣ |
| **ଜାତୁ** | = କୌଣସି ସମୟରେ ବି | **ସର୍ବଃ** | = ସାରା ମନୁଷ୍ୟ ସମୁଦାୟ |
| **କ୍ଷଣମ୍** | = କ୍ଷଣେମାତ୍ରେ | **ପ୍ରକୃତିଜୈଃ** | = ପ୍ରକୃତି ଜନିତ |
| **ଅପି** | = ବି | **ଗୁଣୈଃ** | = ଗୁଣମାନଙ୍କଦ୍ୱାରା |
| **ଅକର୍ମକୃତ୍** | = କର୍ମ ନ କରି | **ଅବଶଃ** | = ପରବଶ ହୋଇ |
| **ତିଷ୍ଠତି** | =ରହିପାରିବ | **କର୍ମ** | = କରିବା ପାଇଁ |
| | | **କାର୍ଯ୍ୟତେ** | = ବାଧ୍ୟ କରାଯାଏ । |

କର୍ମେନ୍ଦ୍ରିୟାଣି, ସଂୟମ୍ୟ, ଯଃ, ଆସ୍ତେ, ମନସା, ସ୍ମରନ୍,
ଇନ୍ଦ୍ରିୟାର୍ଥାନ୍, ବିମୂଢାତ୍ମା, ମିଥ୍ୟାଚାରଃ, ସଃ, ଉଚ୍ୟତେ ॥ ୬ ॥

**ତେଣୁ-**

| | | | |
|---|---|---|---|
| **ଯଃ** | = ଯେଉଁ | **ଇନ୍ଦ୍ରିୟାର୍ଥାନ୍** | = ଇନ୍ଦ୍ରିୟମାନଙ୍କର ବିଷୟକୁ |
| **ବିମୂଢାତ୍ମା** | = ମୂଢବୁଦ୍ଧି ମନୁଷ୍ୟ | **ସ୍ମରନ୍** | = ଚିନ୍ତନ କରି |
| **କର୍ମେନ୍ଦ୍ରିୟାଣି** | = ସମସ୍ତ ଇନ୍ଦ୍ରିୟଙ୍କୁ (ବଳପୂର୍ବକ ଉପରୁ) | **ଆସ୍ତେ** | = ଚାଲିଥାଏ |
| | | **ସଃ** | = ସେ |
| **ସଂଯମ୍ୟ** | = ରୋକି | **ମିଥ୍ୟାଚାରଃ** | = ମିଥ୍ୟାଚାରୀ ଅର୍ଥାତ୍ ଦମ୍ଭୀ (ରୂପେ) |
| **ମନସା** | = ମନ ଦ୍ୱାରା (ସେହି) | **ଉଚ୍ୟତେ** | = କଥିତ ହୁଏ । |

ଯଃ, ତୁ, ଇନ୍ଦ୍ରିୟାଣି, ମନସା, ନିୟମ୍ୟ, ଆରଭତେ, ଅର୍ଜୁନ,
କର୍ମେନ୍ଦ୍ରିୟେଃ, କର୍ମଯୋଗମ୍, ଅସକ୍ତଃ, ସଃ, ବିଶିଷ୍ୟତେ ॥ ୭ ॥

| | | | |
|---|---|---|---|
| **ତ୍ୱ** | = କିନ୍ତୁ | **ଅସକ୍ତଃ** | = ଅନାସକ୍ତ ହୋଇ |
| **ଅର୍ଜୁନ** | = ହେ ଅର୍ଜୁନ ! | **କର୍ମେନ୍ଦ୍ରିୟୈଃ** | = ସମସ୍ତ ଇନ୍ଦ୍ରିୟ ଦ୍ୱାରା |
| **ଯଃ** | = ଯେଉଁ(ପୁରୁଷ) | **କର୍ମଯୋଗମ୍** | = କର୍ମଯୋଗକୁ |
| **ମନସା** | = ମନ ଦ୍ୱାରା | **ଆରଭତେ** | = ଆଚରଣ କରିଥାଏ |
| **ଇନ୍ଦ୍ରିୟାଣି** | = ଇନ୍ଦ୍ରିୟମାନଙ୍କୁ | **ସଃ** | = ସେ |
| **ନିୟମ୍ୟ** | = ବଶକରି | **ବିଶିଷ୍ୟତେ** | = ଶ୍ରେଷ୍ଠ ଅଟେ । |

ନିୟତମ୍, କୁରୁ, କର୍ମ, ତ୍ୱମ୍, କର୍ମ, ଜ୍ୟାୟଃ, ହି, ଅକର୍ମଣଃ,
ଶରୀରଯାତ୍ରା, ଅପି, ଚ, ତେ, ନ, ପ୍ରସିଦ୍‌ଧ୍ୟେତ୍, ଅକର୍ମଣଃ ॥ ୮ ॥

**ତେଣୁ-**

| | | | |
|---|---|---|---|
| **ତ୍ୱମ୍** | = ତୁ | **ଜ୍ୟାୟଃ** | = ଶ୍ରେଷ୍ଠ ଅଟେ |
| **ନିୟତମ୍** | = ଶାସ୍ତ୍ରବିହିତ | **ଚ** | = ତଥା |
| **କର୍ମ** | = କର୍ତ୍ତବ୍ୟକର୍ମ | **ଅକର୍ମଣଃ** | = କର୍ମ ନ କରିବା ଦ୍ୱାରା |
| **କୁରୁ** | = କର | **ତେ** | = ତୋର |
| **ହି** | = କାରଣ | **ଶରୀରଯାତ୍ରା** | = ଶରୀର-ନିର୍ବାହ |
| **ଅକର୍ମଣଃ** | = { କର୍ମ ନକରିବା ଅପେକ୍ଷା } | **ଅପି** | = ମଧ୍ୟ, |
| **କର୍ମ** | = କର୍ମ କରିବା | **ନ ପ୍ରସିଦ୍‌ଧ୍ୟେତ୍** | = ସିଦ୍ଧ ହେବ ନାହିଁ । |

ଯଜ୍ଞାର୍ଥାତ୍, କର୍ମଣଃ, ଅନ୍ୟତ୍ର, ଲୋକଃ, ଅୟମ୍, କର୍ମବନ୍ଧନଃ,
ତଦର୍ଥମ୍, କର୍ମ, କୌନ୍ତେୟ, ମୁକ୍ତସଙ୍ଗଃ, ସମାଚର ॥୯॥

(ତେଣୁ)

| | | | |
|---|---|---|---|
| **ଯଜ୍ଞାର୍ଥାତ୍** | = ଯଜ୍ଞ ପାଇଁ କରାଯାଉଥିବା | **କୌନ୍ତେୟ** | = ହେଅର୍ଜୁନ !(ତୁ) |
| **କର୍ମଣଃ** | = କର୍ମ ବ୍ୟତୀତ | **ମୁକ୍ତସଙ୍ଗ** | = ଆସକ୍ତି ରହିତ ହୋଇ |
| **ଅନ୍ୟତ୍ର** | = { ଅନ୍ୟକର୍ମରେ (ଲାଗିଥିବା) } | **ତଦର୍ଥମ୍** | = { ସେହି ଯଜ୍ଞ ନିମନ୍ତେ (ଭଲ ଭାବରେ) } |
| **ଅୟମ୍** | = ଏହି | **କର୍ମ** | = କର୍ତ୍ତବ୍ୟକର୍ମ |
| **ଲୋକଃ** | = ମନୁଷ୍ୟ-ସମୁଦାୟ | **ସମାଚର** | = କର । |
| **କର୍ମବନ୍ଧନଃ** | = କର୍ମଦ୍ୱାରା ବାନ୍ଧି ହୁଅନ୍ତି | | |

ସହଯଜ୍ଞାଃ, ପ୍ରଜାଃ, ସୃଷ୍ଟ୍ୱା, ପୁରା, ଉବାଚ, ପ୍ରଜାପତିଃ
ଅନେନ, ପ୍ରସବିଷ୍ୟଧ୍ୱମ୍, ଏଷଃ, ବଃ, ଅସ୍ତୁ, ଇଷ୍ଟକାମଧୁକ୍ ॥୧୦ ॥

**ପ୍ରଜାପତିଃ** = ପ୍ରଜାପତି ବ୍ରହ୍ମା
**ପୁରା** = କଳ୍ପର ପ୍ରାରମ୍ଭରେ
**ସହଯଜ୍ଞାଃ** = ଯଜ୍ଞସହିତ
**ପ୍ରଜାଃ** = ପ୍ରଜାମାନଙ୍କୁ
**ସୃଷ୍ଟ୍ୱା** = ରଚନା କରି(ସେମାନଙ୍କୁ)
**ଉବାଚ** = କହିଲେ(ଯେ)
**(ଯୂୟମ୍)** = ତୁମ୍ଭେମାନେ
**ଅନେନ** = ଏହି ଯଜ୍ଞଦ୍ୱାରା
**ପ୍ରସବିଷ୍ୟଧ୍ୱମ୍** = ବୃଦ୍ଧିପ୍ରାପ୍ତ ହୁଅ (ଏବଂ)
**ଏଷଃ** = ଏହି ଯଜ୍ଞ
**ବଃ** = ତୁମ୍ଭମାନଙ୍କୁ
**ଇଷ୍ଟକାମଧୁକ୍** = ଇଚ୍ଛିତ ଭୋଗ-ପ୍ରଦାନକାରୀ
**ଅସ୍ତୁ** = ହେଉ ।

ଦେବାନ୍, ଭାବୟତ, ଅନେନ, ତେ, ଦେବାଃ, ଭାବୟନ୍ତୁ, ବଃ, ପରସ୍ପରମ୍, ଭାବୟନ୍ତଃ,
ଶ୍ରେୟଃ, ପରମ୍, ଅବାପ୍ସ୍ୟଥ ॥୧୧॥

**ଅନେନ** = ଏହି ଯଜ୍ଞ ଦ୍ୱାରା
**ଦେବାନ୍** = ଦେବତାମାନଙ୍କୁ
**ଭାବୟତ** = ଉନ୍ନତ କର (ଏବଂ)
**ତେ** = ସେହି
**ଦେବାଃ** = ଦେବତାମାନେ
**ବଃ** = ତୁମ୍ଭମାନଙ୍କୁ
**ଭାବୟନ୍ତୁ** = ଉନ୍ନତ କରନ୍ତୁ
**(ଏବମ୍)** = ଏହିଭଳି (ନିଃସ୍ୱାର୍ଥଭାବରେ)
**ପରସ୍ପରମ୍** = ଜଣେ-ଅନ୍ୟଜଣଙ୍କୁ
**ଭବତନ୍ତଃ** = ଉନ୍ନତ କରି
**(ଯୂୟମ୍)** = ତୁମ୍ଭେମାନେ
**ପରମ୍** = ପରମ
**ଶ୍ରେୟଃ** = କଲ୍ୟାଣକୁ
**ଅବାପ୍ସ୍ୟଥ** = ପ୍ରାପ୍ତ ହୋଇଯିବ ।

ଇଷ୍ଟାନ୍, ଭୋଗାନ୍, ହି, ବଃ, ଦେବାଃ, ଦାସ୍ୟନ୍ତେ, ଯଜ୍ଞଭାବିତାଃ, ତୈଃ, ଦତ୍ତାନ୍, ଅପ୍ରଦାୟ,
ଏଭ୍ୟଃ, ଯଃ, ଭୂଙ୍କ୍ତେ, ସ୍ତେନଃ, ଏବ, ସଃ ॥୧୨॥

**ଯଜ୍ଞଭାବିତାଃ** = ଯଜ୍ଞଦ୍ୱାରା ବର୍ଦ୍ଧିତ ହୋଇଥିବା
**ଦେବାଃ** = ଦେବତାମାନେ
**ବଃ** = ତୁମ୍ଭମାନଙ୍କୁ (ବିନା ପ୍ରାର୍ଥନାରେ ହିଁ)
**ଇଷ୍ଟାନ୍** = ଇଚ୍ଛିତ
**ଭୋଗାନ୍** = ଭୋଗ

| | | | | |
|---|---|---|---|---|
| **ହି** | = | ନିଶ୍ଚୟ ହିଁ | ଏଭ୍ୟଃ | = ଏମାନଙ୍କୁ |
| **ଦାସ୍ୟନ୍ତେ** | = | ଦେବେ (ଏହିପରି) | ଅପ୍ରଦାୟ | = ସମର୍ପଣ ନ କରି (ସ୍ୱୟଂ) |
| **ତୈଃ** | = | ସେହି ଦେବତା ମାନଙ୍କ ଦ୍ୱାରା | ଭୁଙ୍କ୍ତେ | = ଭୋଗ କରେ |
| **ଦତ୍ତାନ୍** | = | ପ୍ରଦତ୍ତ ଭୋଗ ପଦାର୍ଥ | ସଃ | = ସେ |
| **ଯଃ** | = | ଯେଉଁ ପୁରୁଷ | ସ୍ତେନଃ | = ଚୋର |
| | | | ଏବ | = ଅଟେ । |

ଯଜ୍ଞଶିଷ୍ଟାଶିନଃ, ସନ୍ତଃ, ମୁଚ୍ୟନ୍ତେ, ସର୍ବକିଲବିଷୈଃ,ଭୁଞ୍ଜତେ, ତେ, ତୁ, ଅଘମ୍, ପାପାଃ,
ଯେ, ପଚନ୍ତି, ଆତ୍ମକାରଣାତ୍ ॥୧୩॥

| | | | | |
|---|---|---|---|---|
| **ଯଜ୍ଞ ଶିଷ୍ଟାଶିନଃ** | = | ଯଜ୍ଞର ଅବଶିଷ୍ଟ ଅନ୍ନକୁ ଭୋଜନ କରୁଥିବା | **ଆତ୍ମକାରାଣାତ୍** | = ନିଜର ଶରୀର ପୋଷଣ ପାଇଁ |
| **ସନ୍ତଃ** | = | ଶ୍ରେଷ୍ଠ ପୁରୁଷମାନେ | **ପଚନ୍ତି** | = (ଅନ୍ନ) ରାନ୍ଧିଥାନ୍ତି |
| **ସର୍ବକିଲ୍ବିଷୈଃ** | = | ସମସ୍ତ ପାପରୁ | **ତେ** | = ସେମାନେ |
| **ମୁଚ୍ୟନ୍ତେ** | = | ମୁକ୍ତ ହୋଇଯାଆନ୍ତି (ଏବଂ) | **ତୁ** | = ତ |
| **ଯେ** | = | ଯେଉଁ | **ଅଘମ୍** | = ପାପକୁ (ହିଁ) |
| **ପାପାଃ** | = | ପାପୀମାନେ | **ଭୁଞ୍ଜତେ** | = ଖାଇଥାଆନ୍ତି । |

ଅନ୍ନାତ୍, ଭବନ୍ତି, ଭୂତାନି, ପର୍ଜନ୍ୟାତ୍, ଅନ୍ନସମ୍ଭବଃ,
ଯଜ୍ଞାତ୍, ଭବତି, ପର୍ଜନ୍ୟଃ, ଯଜ୍ଞଃ, କର୍ମସମୁଦ୍ଭବଃ ॥୧୪॥
କର୍ମ, ବ୍ରହ୍ମୋଦ୍ଭବମ୍, ବିଦ୍ଧି, ବ୍ରହ୍ମ, ଅକ୍ଷର ସମୁଦ୍ଭବମ୍,
ତସ୍ମାତ୍, ସର୍ବଗତମ୍, ବ୍ରହ୍ମ, ନିତ୍ୟମ୍, ଯଜ୍ଞେ, ପ୍ରତିଷ୍ଠିତମ୍ ॥୧୫॥

କାରଣ –

| | | | |
|---|---|---|---|
| **ଭୂତାନି** | = ସମସ୍ତ ପ୍ରାଣୀ | **ଭବନ୍ତି** | = ଉତ୍ପନ୍ନ ହୁଅନ୍ତି |
| **ଅନ୍ନାତ୍** | = ଅନ୍ନରୁ | **ଅନ୍ନ ସମ୍ଭଭଃ** | = ଅନ୍ନର ଉତ୍ପତ୍ତି |

**ପର୍ଜନ୍ୟାତ୍** = ବୃଷ୍ଟିରୁ (ହୁଏ)
**ପର୍ଜନ୍ୟଃ** = ବୃଷ୍ଟି
**ଯଜ୍ଞାତ୍** = ଯଜ୍ଞରୁ
**ଭବତି** = ହୁଏ (ଏବଂ)
**ଯଜ୍ଞଃ** = ଯଜ୍ଞଃ
**କର୍ମସମୁଭବଃ** = ବିହିତକର୍ମରୁ ଉତ୍ପନ୍ନ ହୋଇଥାଏ
**କର୍ମ** = କର୍ମ ସମୁଦାୟକୁ (ତୁ)
**ବ୍ରହ୍ମୋଭବମ୍** = ବେଦରୁ ଉତ୍ପନ୍ନ(ଏବଂ)
**ବ୍ରହ୍ମ** = ବେଦକୁ
**ଅକ୍ଷରସମୁଭବମ୍** = ଅବିନାଶୀ ପରମାତ୍ମାଙ୍କ ଠାରୁ ଉତ୍ପନ୍ନ ହୋଇଛି (ବୋଲି)
**ବିଦ୍ଧି** = ଜାଣ
**ତସ୍ମାତ୍** = ଏଥିରୁ (ପ୍ରମାଣିତ ହେଲା ଯେ)
**ସର୍ବଗତମ୍** = ସର୍ବବ୍ୟାପୀ
**ବ୍ରହ୍ମ** = ପରମ ଅକ୍ଷର ପରମାତ୍ମା
**ନିତ୍ୟମ୍** = ସର୍ବଦା
**ଯଜ୍ଞେ** = ଯଜ୍ଞରେ
**ପ୍ରତିଷ୍ଠିତମ୍** = ପ୍ରତିଷ୍ଠିତ ଅଟନ୍ତି ।

ଏବମ୍, ପ୍ରବର୍ତ୍ତିତମ୍, ଚକ୍ରମ୍, ନ, ଅନୁବର୍ତ୍ତୟତି, ଇହ,
ଯଃ, ଅଘାୟୁଃ, ଇନ୍ଦ୍ରିୟାରାମଃ, ମୋଘମ୍, ପାର୍ଥ, ସଃ, ଜୀବତି ॥୧୬॥

**ପାର୍ଥ** = ହେ ପାର୍ଥ !
**ଯଃ** = ଯେଉଁ ପୁରୁଷ
**ଇହ** = ଏହି ଲୋକରେ
**ଏବମ୍** = ଏହି ଭଳି (ପରମ୍ପରାକ୍ରମେ)
**ପ୍ରବର୍ତ୍ତିତମ୍** = ପ୍ରଚଳିତ
**ଚକ୍ରମ୍** = ସୃଷ୍ଟିଚକ୍ରର
**ନ ଅନୁବର୍ତ୍ତୟତି** = ଅନୁକୂଳ ହୋଇ ଚଳେ ନାହିଁ ଅର୍ଥାତ୍ କର୍ତ୍ତବ୍ୟ ପାଳନ କରେ ନାହିଁ
**ସଃ** = ସେହି
**ଇନ୍ଦ୍ରିୟାରାମଃ** = ଇନ୍ଦ୍ରିୟମାନଙ୍କ ଦ୍ୱାରା ଭୋଗରେ ରମଣ କରୁଥିବା
**ଅଘାୟୁଃ** = ପାପାୟୁ(ପୁରୁଷ
**ମୋଘମ୍** = ବୃଥାରେ (ହିଁ)
**ଜୀବତି** = ବଞ୍ଚିଥାଏ ।

ତସ୍ମାତ୍, ଅସକ୍ତଃ, ସତତମ୍, କାର୍ଯ୍ୟମ୍, କର୍ମ ସମାଚାର,
ଅସକ୍ତଃ, ହି, ଆଚରନ୍, କର୍ମ, ପରମ୍, ଆପ୍ନୋତି, ପୁରୁଷଃ ॥୧୯॥

**ତସ୍ମାତ୍** = ତେଣୁ(ତୁ)
**ସତତମ୍** = ନିରନ୍ତର
**ଅସକ୍ତଃ** = ଆସକ୍ତି ରହିତ ହୋଇ (ସଦା)
**କାର୍ଯ୍ୟମ୍, କର୍ମ** = କର୍ତ୍ତବ୍ୟକର୍ମଗୁଡ଼ିକୁ
**ସମାଚର** = ଭଲ ଭାବରେ କର ।
**ହିଁ** = କାରଣ
**ଆସକ୍ତ** = ଆସକ୍ତି ରହିତ ହୋଇ
**କର୍ମ** = କର୍ମ,
**ଆଚରନ୍** = କରୁଥିବା,
**ପୁରୁଷଃ** = ମଣିଷ,
**ପରମ୍** = ପରମାତ୍ମାଙ୍କୁ ,
**ଆପ୍ନୋତି** = ପ୍ରାପ୍ତ ହୋଇଯାଏ ।

ଯଦି, ହି, ଅହମ୍, ନ, ବର୍ତ୍ତେୟମ୍, ଜାତୁ, କର୍ମଣି, ଅତନ୍ଦ୍ରିତଃ,
ମମ, ବର୍ତ୍ମ, ଅନୁବର୍ତ୍ତନ୍ତେ, ମନୁଷ୍ୟାଃ, ପାର୍ଥ, ସର୍ବଶଃ ॥୨୩ ॥

**ହିଁ** = କାରଣ
**ପାର୍ଥ** = ହେ ପାର୍ଥ !
**ଯଦି** = ଯଦି
**ଜାତୁ** = କଦାଚିତ୍
**ଅହମ୍** = ମୁଁ
**ଅତନ୍ଦ୍ରିତଃ** = ସାବଧାନ ହୋଇ
**କର୍ମଣ** = କର୍ମରେ
**ନ** = ନ
**ବର୍ତ୍ତେୟମ୍** = ଲାଗି ରହିବି (ତେବେ ବହୁତ କ୍ଷତି ହୋଇଯିବ;କାରଣ)
**ମନୁଷ୍ୟାଃ** = ମନୁଷ୍ୟମାନେ
**ସର୍ବଶଃ** = ସବୁଦିଗରୁ
**ମମ** = ମୋର ହିଁ
**ବର୍ତ୍ମ** = ମାର୍ଗର
**ଅନୁବର୍ତ୍ତନ୍ତେ**= ଅନୁସରଣ କରନ୍ତି ।

ନ, ବୁଦ୍ଧିଭେଦମ୍, ଜନୟେତ୍, ଅଜ୍ଞାନାମ୍, କର୍ମସଙ୍ଗିନାମ୍, ଜୋଷୟେତ୍,
ସର୍ବକର୍ମାଣି, ବିଦ୍ୱାନ୍, ଯୁକ୍ତଃ, ସମାଚରନ୍ ॥୨୬ ॥

**ତଥା-**

**ଯୁକ୍ତଃ** = ପରମାତ୍ମାଙ୍କ ସ୍ୱରୂପରେ ଅଟଳ ଭାବେ ସ୍ଥିତ
**ବିଦ୍ୱାନ୍** = ଜ୍ଞାନୀ ପୁରୁଷ ପାଇଁ (ଏହା ଉଚିତ୍ ଯେ)ସେ
**କର୍ମସଙ୍ଗିନାମ୍** = ଶାସ୍ତ୍ର ବିହିତ କର୍ମରେ ଆସକ୍ତି ଯୁକ୍ତ
**ଅଜ୍ଞାନାମ୍** = ଅଜ୍ଞାନୀମାନଙ୍କ
**ବୁଦ୍ଧିଭେଦମ୍** = ବୁଦ୍ଧିରେ ଭ୍ରମ ଅର୍ଥାତ୍ କର୍ମରେ ଅଶ୍ରଦ୍ଧା

| | | | |
|---|---|---|---|
| **ନ,ଜନୟେତ୍** | = ଉତ୍ପନ୍ନ କରାଇବା ଉଚିତ୍ ନୁହେଁ (ବରଂ ସ୍ୱୟଂ) | **ସମାଚରନ୍** | = ଭଲଭାବରେ ଆଚରଣ କରି (ସେମାନଙ୍କ ଦ୍ୱାରା ମଧ୍ୟ ସେହିପରି ) |
| **ସର୍ବକର୍ମାଣି** | = ଶାସ୍ତ୍ର ବିହିତ ସମସ୍ତ କର୍ମ | **ଜୋଷୟେତ୍** | = ଆଚରଣ କରାଇବା ଉଚିତ୍ । |

ଯେ, ମେ, ମତମ୍, ଇଦମ୍, ନିତ୍ୟମ୍, ଅନୁତିଷ୍ଠନ୍ତି, ମାନବାଃ,
ଶ୍ରଦ୍ଧାବନ୍ତଃ, ଅନସୂୟନ୍ତଃ, ମୂଚ୍ୟନ୍ତେ, ତେ, ଅପି, କର୍ମଭିଃ ॥ ୩୧॥

**ଏବଂ ହେ ଅର୍ଜୁନ !-**

| | | | |
|---|---|---|---|
| **ଯେ** | = ଯେଉଁ | **ମତମ୍** | = ମତକୁ |
| **ମାନବାଃ** | = ମନୁଷ୍ୟମାନେ | **ନିତ୍ୟମ୍** | = ସଦା ସର୍ବଦା |
| **ଅନସୂୟନ୍ତଃ** | = ଦୋଷ ଦୃଷ୍ଟିରୁ ରହିତ ହୋଇ (ଏବଂ) | **ଅନୁତିଷ୍ଠନ୍ତି** | = ଅନୁସରଣ କରନ୍ତି |
| | | **ତେ** | = ସେମାନେ |
| **ଶ୍ରଦ୍ଧାବନ୍ତଃ** | = ଶ୍ରଦ୍ଧାଯୁକ୍ତ ହୋଇ | **ଅପି** | = ମଧ୍ୟ |
| **ମେ** | = ମୋର | **କର୍ମଭିଃ** | = ସମସ୍ତ କର୍ମରୁ |
| **ଇଦମ୍** | = ଏହି | **ମୂଚ୍ୟନ୍ତେ** | = ମୁକ୍ତ ହୋଇଯାଆନ୍ତି । |

ଶ୍ରେୟାନ୍, ସ୍ୱଧର୍ମଃ, ବିଗୁଣଃ, ପରଧର୍ମାତ୍, ସ୍ୱନୁଷ୍ଠିତାତ୍, ସ୍ୱଧର୍ମେ,
ନିଧନମ୍, ଶ୍ରେୟଃ, ପରଧର୍ମଃ, ଭୟାବହଃ ॥ ୩୫ ॥

**ତେଣୁ ଏହି ଦୁଇଟିକୁ ଜୟ କରି ସାବଧାନ ହୋଇ ସ୍ୱଧର୍ମର ଆଚରଣ କର;**

**କାରଣ -**

| | | | |
|---|---|---|---|
| **ସ୍ୱନୁଷ୍ଠିତାତ୍** | = ଉତ୍ତମ ଆଚରଣ ସହିତ ପାଳିତ ହେଉଥିବା | **ସ୍ୱଧର୍ମେ** | = ନିଜ ଧର୍ମରେ (ତ) |
| | | **ନିଧନମ୍** | = ମରିବା (ବରଂ) |
| **ପରଧର୍ମାତ୍** | = ଅନ୍ୟର ଧର୍ମଠାରୁ | **ଶ୍ରେୟ** | = କଲ୍ୟାଣକାରକ ଅଟେ (କିନ୍ତୁ) |
| **ବିଗୁଣଃ** | = ଗୁଣ ରହିତ(ହେଲେ ମଧ୍ୟ) | | |
| **ସ୍ୱଧର୍ମଃ** | = ନିଜରଧର୍ମ | **ପରଧର୍ମ** | = ଅନ୍ୟର ଧର୍ମ |
| **ଶ୍ରେୟାନ୍** | = ଅତି ଉତ୍ତମ ଅଟେ | **ଭୟାବହଃ** | = ଭୟାବହ ଅଟେ । |

ଇନ୍ଦ୍ରିୟାଣି, ପରାଣି, ଆହୁଃ, ଇନ୍ଦ୍ରିୟେଭ୍ୟଃ, ପରମ୍, ମନଃ,
ମନସଃ, ତୁ, ପରା, ବୁଦ୍ଧିଃ, ଯଃ, ବୁଦ୍ଧେଃ, ପରତଃ, ତୁ, ସଃ, ॥ ୪୨ ॥

**ଏବଂ ଯଦି ତୁ ଭାବୁଥିବୁ ଯେ ଇନ୍ଦ୍ରିୟମାନଙ୍କୁ ଅଟକାଇ କାମ ରୂପକ ଶତ୍ରୁକୁ ମାରିବା ପାଇଁ ମୋର ଶକ୍ତି ନାହିଁ ତେବେ ଏହା ତୋର ଭ୍ରମ ଧାରଣା ଅଟେ;**

**କାରଣ -**

**ଇନ୍ଦ୍ରିୟାଣି** = ଇନ୍ଦ୍ରିୟମାନଙ୍କୁ (ସ୍ଥୁଳ ଶରୀରଠାରୁ)
**ପରାଣି** = ପର ଅର୍ଥାତ୍ ଶ୍ରେଷ୍ଠ, ବଳବାନ୍ ଓ ସୂକ୍ଷ୍ମ (ବୋଲି)
**ଆହୁଃ** = କହନ୍ତି
**ଇନ୍ଦ୍ରିୟେଭ୍ୟଃ** = ଏହି ଇନ୍ଦ୍ରିୟ ମାନଙ୍କଠାରୁ
**ପରମ୍** = ଶ୍ରେଷ୍ଠ
**ମନଃ** = ମନ(ଅଟେ)
**ମନସଃ** = ମନଠାରୁ
**ତୁ** = ମଧ୍
**ବୁଦ୍ଧିଃ** = ବୁଦ୍ଧି
**ପରା** = ଶ୍ରେଷ୍ଠ(ଅଟେ)
**ତୁ** = ଏବଂ
**ଯଃ** = ଯାହା
**ବୁଦ୍ଧେଃ** = ବୁଦ୍ଧିଠାରୁ (ମଧ୍)
**ପରତଃ** = ଅତ୍ୟନ୍ତ ଶ୍ରେଷ୍ଠ ଅଟେ
**ସଃ** = ତାହା ହେଉଛି ଆତ୍ମା ।

ଏବମ୍, ବୁଦ୍ଧେଃ, ପରମ୍, ବୁଦଧ୍ୱା, ସଂସ୍ତଭ୍ୟ, ଆତ୍ମାନମ୍, ଆତ୍ମାନା,
ଜହି, ଶତ୍ରୁମ୍, ମହାବାହୋ, କାମରୂପମ୍, ଦୁରାସଦମ୍ ॥୪୩ ॥

**ଏବମ୍** = ଏହି ପରି ଭାବରେ
**ବୁଦ୍ଧେଃ** = ବୁଦ୍ଧିଠାରୁ
**ପରମ୍** = ମହତ୍ ଅର୍ଥାତ୍ ସୂକ୍ଷ୍ମ ବଳବାନ୍ ଏବଂ ଅତ୍ୟନ୍ତ ଶ୍ରେଷ୍ଠ ବୋଲି ଆତ୍ମାକୁ
**ବୁଦ୍ଧ୍ୱା** = ଜାଣି (ଏବଂ)
**ଆତ୍ମନା** = ବୁଦ୍ଧି ଦ୍ୱାରା
**ଆତ୍ମାନମ୍** = ମନକୁ
**ସଂସ୍ତଭ୍ୟ** = ବଶ କରି
**ମହାବାହୋ** = ହେ ମହାବାହୋ ! (ତୁ ଏହି)
**କାମରୂପମ୍** = କାମ ରୂପୀ
**ଦୁରାସଦମ୍** = ଦୁର୍ଜୟ
**ଶତ୍ରୁମ୍** = ଶତ୍ରୁକୁ
**ଜହି** = ମାରି ଦିଅ ।

ଶ୍ରୀମଭଗବତ୍ ଗୀତା ଅଧ୍ୟାୟ ୪ ର ଶ୍ଳୋକର ଫଟୋକପୀ:-

## ଅଥ ଚତୁର୍ଥୋଽଧ୍ୟାୟଃ

ଇମମ୍, ବିବସ୍ୱତେ, ଯୋଗମ୍, ପ୍ରୋକ୍ତବାନ୍, ଅହମ୍, ଅବ୍ୟୟମ୍,
ବିବସ୍ୱାନ୍, ମନବେ, ପାହ, ମନୁଃ, ଇକ୍ଷ୍ୱକବେ, ଅବ୍ରବୀତ୍ ॥୧॥

ଏହା ପରେ ଶ୍ରୀ ଭଗବାନ୍ କହିଲେ, ହେ ଅର୍ଜୁନ !-

**ଅହମ୍** = ମୁଁ
**ଇମମ୍** = ଏହି
**ଅବ୍ୟୟମ୍** = ଅବିନାଶୀ
**ଯୋଗମ୍** = ଯୋଗକୁ
**ବିବସ୍ୱତେ** = ସୂର୍ଯ୍ୟଙ୍କୁ
**ପ୍ରୋକ୍ତବାନ୍** = କହିଥିଲି
**ବିବସ୍ୱାନ୍** = ସୂର୍ଯ୍ୟ (ନିଜ ପୁତ୍ର (ବୈବସ୍ୱତ)
**ମନବେ** = ମନୁଙ୍କୁ
**ପ୍ରାହ** = କହିଲେ (ଏବଂ)
**ମନୁଃ** = ମନୁ (ନିଜପୁତ୍ର)
**ଇକ୍ଷାକବେ** = ରାଜା ଇକ୍ଷ୍ୱାକୁଙ୍କୁ
**ଅବ୍ରବୀତ୍** = କହିଲେ ।

ଏବମ୍, ପରମ୍ପରାପ୍ରାପ୍ତମ୍, ଇମମ୍, ରାଜର୍ଷୟଃ, ବିଦୁଃ,
ସଃ, କାଳେନ, ଇହ, ମହତା, ଯୋଗଃ, ନଷ୍ଟଃ, ପରନ୍ତପ ॥୨॥

**ପରନ୍ତପ** = ହେ ପରନ୍ତପ ଅର୍ଜୁନ
**ଏବମ୍** = ଏହି ପ୍ରକାରେ
**ପରମ୍ପରାପ୍ରାପ୍ତମ୍** = ପରମ୍ପରାରୁ ପ୍ରାପ୍ତ
**ଇମମ୍** = ଏହି ଯୋଗକୁ
**ରାଜର୍ଷୟଃ** = ରାଜର୍ଷିମାନେ
**ବିଦୁଃ** = { ଜାଣିଲେ, କିନ୍ତୁ ତା'ପରେ)
**ସଃ** = ସେହି
**ଯୋଗଃ** = ଯୋଗ
**ମହତା** = ବହୁ
**କାଳେନ** = କାଳରୁ
**ଇହ** = ଏହି ପୃଥିବୀଲୋକରେ
**ନଷ୍ଟ** = ଲୁପ୍ତ ହୋଇଥିଲା

ସଃ,ଏବ, ଅୟମ୍, ମୟା, ତେ, ଅଦ୍ୟ, ଯୋଗଃ,ପ୍ରୋକ୍ତଃ, ପୁରାତନଃ,
ଭକ୍ତଃ, ଅସି, ମେ, ସଖା, ଚ, ଇତି,ରହସ୍ୟମ୍, ହି,ଏତତ୍,ଉତ୍ତମମ୍ ॥ ୩ ॥

| | | | |
|---|---|---|---|
| **(ତ୍ୱମ୍)** | = ତୁ | **ଯୋଗଃ** | = ଯୋଗ |
| **ମେ** | = ମୋର | **ଅଦ୍ୟ** | = ଆଜି |
| **ଭକ୍ତଃ** | = ଭକ୍ତ | **ମୟା** | = ମୁଁ |
| **ଚ** | = ଏବଂ | **ତେ** | = ତୋତେ |
| **ସଖା** | = ପ୍ରିୟ ସଖା | ପ୍ରୋକ୍ତଃ | = କହିଲି |
| **ଅସି** | = ଅଟୁ, | ହି | = କାରଣ |
| **ଇତି** | = ତେଣୁ | ଏତତ୍ | = ଏହା |
| ସଃ,ଏବ | = ସେହି | ଉତ୍ତମମ୍ | = ଅତି ଉତ୍ତମ |
| **ଅୟମ୍ ପୁରାତନଃ** | = ଏହି ପୁରାତନ | ରହସ୍ୟମ୍ | = ରହସ୍ୟ ଅଟେ ଅର୍ଥାତ୍ ଗୁପ୍ତ ରଖିବା ଯୋଗ୍ୟ ବିଷୟ ଅଟେ । |

ଅପରମ୍, ଭବତଃ, ଜନ୍ମ, ପରମ୍, ଜନ୍ମ, ବିବସ୍ୱତଃ, କଥମ୍,
ଏତତ୍, ବିଜାନୀୟାମ୍, ତ୍ୱମ୍, ଆଦୌ, ପ୍ରୋକ୍ତବାନ୍ ଇତି ॥୪॥

**ଭଗବାନଙ୍କଠାରୁ ଏଭଳି ବଚନ ଶୁଣି ଅର୍ଜୁନ କହିଲେ, ହେ ଭଗବାନ !**

| | | | |
|---|---|---|---|
| **ଭବତଃ** | = ଆପଣଙ୍କ | **ଇତି** | = ଏହି କଥାକୁ |
| **ଜନ୍ମ** | = ଜନ୍ମ(ତ) | **କଥମ୍** | = କିପରି |
| **ଅପରମ୍** | = ଅର୍ବାଚୀନ-ଏବେ ହୋଇଛି(ଏବଂ) | **ବିଜାନୀୟାମ୍** | = ବୁଝିବି (ଯେ) |
| | | **ତ୍ୱମ୍** | = ଆପଣ ହିଁ |
| **ବିବସ୍ୱତଃ** | = ସୂର୍ଯ୍ୟଙ୍କ | **ଆଦୌ** | = କଳ୍ପର ଆରମ୍ଭରେ |
| **ଜନ୍ମ** | = ଜନ୍ମ | | |
| **ପରମ୍** | = ବହୁତ ପୁରାତନ ଅଟେ ଅର୍ଥାତ୍ କଳ୍ପର ଆରମ୍ଭରେ ହୋଇ ସାରିଥିଲା(ତେଣୁ ମୁଁ) | **ଏତତ୍** | = ଏହିଯୋଗ |
| | | **ପ୍ରୋକ୍ତବାନ୍** | = କହିଥିଲେ ? |

ବହୂନି, ମେ, ବ୍ୟତୀତାନି, ଜନ୍ମାନି, ତବ,ଚ, ଅର୍ଜୁନ, ତାନି, ଅହମ୍,
ବେଦ, ସର୍ବାଣି, ନ, ତ୍ୱମ୍, ବେତ୍ଥ, ପରନ୍ତପ ॥୫॥

**ଏହି ପରିପ୍ରେକ୍ଷୀରେ ଶ୍ରୀଭଗବାନ କହିଲେ -**

**ପରନ୍ତପ** = ହେ ପରନ୍ତପ

**ଅର୍ଜୁନ** = ଅର୍ଜୁନ !

**ମେ** = ମୋର

**ଚ** = ଏବଂ

**ତବ** = ତୋର

**ବହୂନି** = ବହୁତ

**ଜନ୍ମାନି** = ଜନ୍ମ

**ବ୍ୟତୀତାନି** = ହୋଇସାରିଛି

**ତାନି** = ସେ

**ସର୍ବାଣି** = ସବୁକୁ

**ତ୍ୱମ୍** = ତୁ

**ବେତ୍ଥ** = ଜାଣି

**ନ** = ନାହୁଁ,

**ଅହମ୍** = ମୁଁ

**ବେଦ** = ଜାଣିଛି

ଅଜଃ, ଅପି, ସନ୍, ଅବ୍ୟୟାତ୍ମା, ଭୂତାନାମ୍, ଈଶ୍ୱରଃ, ଅପି, ସନ୍,
ପ୍ରକୃତିମ୍, ସ୍ୱାମ୍, ଅଧିଷ୍ଠାୟ, ସମ୍ଭବାମି, ଆତ୍ମମାୟୟା ॥ ୬ ॥

**ଏବଂ ମୋର ଜନ୍ମ ପ୍ରକୃତ ମଣିଷମାନଙ୍କ ଭଳି ନୁହେଁ-**

**(ଅହମ୍)** = ମୁଁ

**ଅଜଃ** = ଅଜନ୍ମା (ଏବଂ)

**ଅବ୍ୟୟାତ୍ମା** = ଅବିନାଶୀ ସ୍ୱରୂପ

**ସନ୍** = ହୋଇଥିଲେ

**ଅପି** = ମଧ୍ୟ (ତଥା)

**ଭୂତାନାମ୍** = ସମସ୍ତ ପ୍ରାଣୀଙ୍କର

**ଈଶ୍ୱରଃ** = ଈଶ୍ୱର

**ସନ୍** = ହୋଇ

**ଅପି** = ମଧ୍ୟ

**ସ୍ୱାମ୍** = ନିଜ

**ପ୍ରକୃତିମ୍** = ପ୍ରକୃତିକୁ

**ଅଧିଷ୍ଠାୟ** = ଅଧୀନ କରି

**ଆତ୍ମମାୟୟା** = ନିଜ ଯୋଗମାୟା ବଳରେ

**ସମ୍ଭବାମି** = ପ୍ରକଟ ହୋଇଥାଏ

ଯଦା, ଯଦା, ହି, ଧର୍ମସ୍ୟ, ଗ୍ଲାନିଃ, ଭବତି, ଭାରତ,
ଅଭ୍ୟୁତ୍ଥାନମ୍,ଅଧର୍ମସ୍ୟ, ତଦା, ଆତ୍ମାନମ୍, ସୃଜାମି, ଅହମ୍ ॥୭॥

**ଭାରତ** = ହେ ଭାରତ !

**ଯଦା, ଯଦା** = ଯେବେ ଯେବେ

**ଧର୍ମସ୍ୟ** = ଧର୍ମର

**ଗ୍ଲାନି** = ଅବକ୍ଷୟ (ଏବଂ)

ଅଧର୍ମସ୍ୟ = ଅଧର୍ମର

**ଅଭ୍ୟୁତ୍ଥାନମ୍** = ବୃଦ୍ଧି

**ଭବତି** = ହୋଇଥାଏ,

**ତଦା** = ସେତେବେଳେ
ହି = ହିଁ
ଅହମ୍ = ମୁଁ
**ଆତ୍ମାନମ୍** = ନିଜ ରୂପକୁ
**ସୃଜାମି** = ରଚିଥାଏ ଅର୍ଥାତ୍ ସାକାର ରୂପେ ଲୋକମାନଙ୍କ ସମ୍ମୁଖରେ ପ୍ରକଟ ହୁଏ

ପରିତ୍ରାଣାୟ, ସାଧୂନାମ୍, ବିନାଶାୟ, ଚ, ଦୁଷ୍କୃତାମ୍,
ଧର୍ମସଂସ୍ଥାପନାର୍ଥାୟ, ସମ୍ଭବାମି, ଯୁଗେ, ଯୁଗେ ॥ ୮ ॥

**କାରଣ -**

**ସାଧୂନାମ୍** = ସାଧୁ ପୁରୁଷମାନଙ୍କୁ
**ପରିତ୍ରାଣାୟ** = ଉଦ୍ଧାର କରିବା ପାଇଁ
**ଦୁଷ୍କୃତାମ୍** = ପାପୀମାନଙ୍କୁ
**ବିନାଶାୟ** = ବିନାଶ କରିବା ପାଇଁ
**ଚ** = ଏବଂ
ଧର୍ମ ସଂସ୍ଥାପନାର୍ଥାୟ = ଉତ୍ତମ ରୂପେ ଧର୍ମର ସ୍ଥାପନ କରିବା ପାଇଁ (ମୁଁ)
ଯୁଗେ ଯୁଗେ = ଯୁଗେ ଯୁଗେ
ସମ୍ଭବାମି = ପ୍ରକଟ ହୋଇଥାଏ ।

ଜନ୍ମ, କର୍ମ, ଚ, ମେ, ଦିବ୍ୟମ୍,ଏବମ୍, ଯଃ, ବେତ୍ତି, ତତ୍ତ୍ୱତଃ,ତ୍ୟକ୍ତ୍ୱା,
ଦେହମ୍, ପୁନଃ, ଜନ୍ମ, ନ, ଏତି, ମାମ୍, ଏତି, ସଃ, ଅର୍ଜୁନ ॥୯॥

**ତେଣୁ -**

**ଅର୍ଜୁନ** = ହେ ଅର୍ଜୁନ !
**ମେ** = ମୋର
**ଜନ୍ମ** = ଜନ୍ମ
**ଚ** = ଏବଂ
**କର୍ମ** = କର୍ମ
**ଦିବ୍ୟମ୍** = ଦିବ୍ୟ ଅର୍ଥାତ୍ ନିର୍ମଳ ଏବଂ ଅଲୌକିକ ଅଟେ --
ଏବମ୍ = ଏହିଭଳି
**ଯଃ** = ଯେଉଁ ମଣିଷ
**ବେତି** = ଜାଣିପାରେ,
**ସଃ** = ସେ
**ଦେହମ୍** = ଶରୀରକୁ
**ତ୍ୱକ୍ତ୍ୱା** = ତ୍ୟାଗକରି
**ପୁନଃ** = ପୁଣି
**ନ, ଏତି** = ପ୍ରାପ୍ତ ହୁଏ ନାହିଁ (କିନ୍ତୁ)
**ମାମ୍** = ମୋତେ (ହିଁ)
**ଏତି** = ପ୍ରାପ୍ତ ହୁଏ

ବୀତରାଗଭୟକ୍ରୋଧାଃ, ମନ୍ମୟାଃ, ମାମ୍, ଉପାଶ୍ରିତାଃ,
ବହବଃ, ଜ୍ଞାନତପସା, ପୂତାଃ, ମଭାବମ୍, ଆଗତାଃ ॥୧୦॥

**ଏବଂ ହେ ଅର୍ଜୁନ ! ପୂର୍ବରୁ ମଧ -**

| | | | | | |
|---|---|---|---|---|---|
| ବୀତରାଗ - ଭୟକ୍ରୋଧା | = | ଯେଉଁମାନଙ୍କର ରାଗ, ଭୟ ଏବଂ କ୍ରୋଧ ସର୍ବଥା ନଷ୍ଟ ହୋଇଯାଇଥିଲା (ଏବଂ) | ବହବଃ | = | ବହୁତ ଭକ୍ତ (ଉପରୋକ୍ତ) |
| | | ଯେଉଁମାନେ ମୋ ଠାରେ | ଜ୍ଞାନତପସ୍ୟା | = | ଜ୍ଞାନ ରୂପକ ତପଦ୍ୱାରା |
| ମନ୍ମୟାଃ | = | ଅନନ୍ୟ ପ୍ରେମପୂର୍ବକ ସ୍ଥିର ରହିଥିଲେ, (ଏହିପରି) | ପୂତାଃ | = | ପବିତ୍ର ହୋଇ |
| ମାମ୍ | = | ମୋଠାରେ | ମଭାବମ୍ | = | ମୋ ସ୍ୱରୂପକୁ |
| ଉପାଶ୍ରିତାଃ | = | ଆଶ୍ରିତ ହୋଇ ରହିଥିବା | ଆଗତାଃ | = | ପ୍ରାପ୍ତ ହୋଇ ସାରିଛନ୍ତି |

ଯେ, ଯଥା, ମାମ୍, ପ୍ରପଦ୍ୟନ୍ତେ, ତାନ୍, ତଥା,ଏବ, ଭଜାମି, ଅହମ୍,
ମମ୍, ବର୍ତ୍ମ, ଅନୁବର୍ତ୍ତନ୍ତେ, ମନୁଷ୍ୟାଃ, ପାର୍ଥ, ସର୍ବଶଃ ॥୧୧॥

**କାରଣ**

| | | | | | |
|---|---|---|---|---|---|
| ପାର୍ଥ | = | ହେ ଅର୍ଜୁନ ! | ତଥା,ଏବ | = | ସେହିଭଳି |
| ଯେ | = | ଯେଉଁ ଭକ୍ତମାନେ | ଭଜାମି | = | ଭଜନ କରେ;(କାରଣ) |
| ମାମ୍ | = | ମୋତେ | ମନୁଷ୍ୟାଃ | = | ସମସ୍ତ ମନୁଷ୍ୟ |
| ଯଥା | = | ଯେଉଁଭଳି | ସର୍ବଶଃ | = | ସବୁପ୍ରକାରେ |
| ପ୍ରପଦ୍ୟନ୍ତେ | = | ଭଜନ କରନ୍ତି | ମମ | = | ମୋର (ହିଁ) |
| ଅହମ୍ | = | ମୁଁ (ମଧ) | ବର୍ତ୍ମ | = | ମାର୍ଗର |
| ତାନ୍ | = | ସେମାନଙ୍କୁ | ଅନୁବର୍ତ୍ତନ୍ତେ | = | ଅନୁକରଣ କରନ୍ତି |

କାଙ୍କ୍ଷନ୍ତଃ, କର୍ମଣାମ୍, ସିଦ୍ଧିମ୍, ଯଜନ୍ତେ, ଇହ, ଦେବତାଃ
କ୍ଷିପ୍ରମ୍, ହି, ମାନୁଷେ, ଲୋକେ, ସିଦ୍ଧିଃ, ଭବତି, କର୍ମଜା ॥୧୨॥

**ଯେଉଁମାନେ ମୋତେ ତତ୍ତ୍ୱତଃ ଜାଣି ନାହାଁନ୍ତି, ସେମାନେ-**

**ଇହ** = ଏହି
**ମାନୁଷେ** = ମନୁଷ୍ୟ
**ଲୋକେ** = ଲୋକରେ
**କର୍ମଣାମ୍** = କର୍ମ
**ସିଦ୍ଧିମ୍** = ଫଳରେ
**କାଙ୍କ୍ଷତଃ** = ଆଶା ରଖୁଥିବା ଲୋକେ
**ଦେବତା** = ଦେବତାମାନଙ୍କର
**ଯଜନ୍ତେ** = ପୂଜା କରିଥାଆନ୍ତି
**ହି** = କାରଣ (ସେମାନଙ୍କୁ)
**କର୍ମଜା** = କର୍ମରୁ ଉତ୍ପନ୍ନ ହେଉଥିବା
**ସିଦ୍ଧିଃ** = ସିଦ୍ଧି
**କ୍ଷିପ୍ରମ୍** = ଶୀଘ୍ର
**ଭବତି** = ମିଳିଯାଏ

ଚାତୁର୍ବର୍ଣ୍ୟମ୍, ମୟା, ସୃଷ୍ଟମ୍, ଗୁଣକର୍ମବିଭାଗଶଃ,ତସ୍ୟ,
କର୍ତ୍ତାରମ୍, ଅପି, ମାମ୍, ବିଦ୍ଧି, ଅକର୍ତ୍ତାରମ୍, ଅବ୍ୟୟମ୍ ॥୧୩ ॥

**ତଥା ହେ ଅର୍ଜୁନ !-**

**ଚାତୁର୍ବର୍ଣ୍ୟମ୍** = ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ଶୁଦ୍ର,ଏହି ଚାରି ବର୍ଣ୍ଣ ସମୂହ,
**ଗୁଣକର୍ମ-ବିଭାଗଶଃ** = ଗୁଣ ଓ କର୍ମଗୁଡ଼ିକର ବିଭାଗ ପୂର୍ବକ
**ମୟା** = ମୋ ଦ୍ୱାରା
**ସୃଷ୍ଟମ୍** = ରଚିତ ହୋଇଛି (ଏହିପରି ଭାବରେ)
**ତସ୍ୟ** = ସେହି (ସୃଷ୍ଟି ରଚନାଦି କର୍ମର)
**କର୍ତାରମ୍** = କର୍ତ୍ତା ହୋଇ
**ଅପି** = ମଧ୍ୟ
**ମାମ୍** = ମୋତେ
**ଅବ୍ୟୟମ୍** = ଅବିନାଶୀ ପରମେଶ୍ୱରଙ୍କୁ (ତୁ ବାସ୍ତବରେ)
**ଅକର୍ତାରମ୍** = ଅକର୍ତ୍ତା ବୋଲି (ହିଁ)
**ବିଦ୍ଧି** = ଜାଣ

ନ, ମାମ୍, କର୍ମାଣି, ଲିମ୍ପନ୍ତି, ନ, ମେ, କର୍ମଫଳେ, ସ୍ପୃହା,ଇତି,
ମାମ୍, ଯଃ ଅଭିଜାନାତି, କର୍ମଭିଃ,ନ, ସଃ, ବଧ୍ୟତେ ॥୧୪ ॥

**କାରଣ -**

**କର୍ମଫଳେ** = କର୍ମଫଳଗୁଡ଼ିକରେ
**ମେ** = ମୋର
**ସ୍ପୃହା** = ସ୍ପୃହା
**ନ** = ନାହିଁ,(ତେଣୁ)
**ମାମ୍** = ମୋତେ
**କର୍ମାଣି** = କର୍ମମାନେ
**ନ,ଲିମ୍ପନ୍ତି** = ଲିପ୍ତ କରନ୍ତି ନାହିଁ
**ଇତି** = ଏହି ପ୍ରକାରେ

**ଯଃ** = ଯିଏ
**ମାମ୍** = ମୋତେ
**ଅଭିଜାନାତି** = {ତତ୍ତ୍ୱତଃ ଜାଣି / ଜାଣ ପାରିଥାଏ
**ସଃ** = ସେ (ମଧ୍ୟ)
**କର୍ମଭିଃ** = କର୍ମମାନଙ୍କ ଦ୍ୱାରା
**ନ ବଧତେ** = ବାନ୍ଧି(ହୁଏ)ନାହିଁ

ଏବମ୍, ଜ୍ଞାତ୍ୱା, କୃତମ୍, କର୍ମ, ପୂର୍ବୈଃ, ଅପି, ମୁମୁକ୍ଷୁଭିଃ, କୁରୁ,
କର୍ମ, ଏବ, ତସ୍ମାତ୍, ତ୍ୱମ୍, ପୂର୍ବୈଃ, ପୂର୍ବତରମ୍, କୃତମ୍ ॥ ୧୫ ॥

**ତଥା-**

**ପୂର୍ବୈଃ** = ପୂର୍ବକାଳର
**ମୁମୁକ୍ଷୁଭିଃ** = ମୁମୁକ୍ଷୁମାନେ
**ଅପି** = ମଧ୍ୟ
**ଏବମ୍** = ଏହିଭଳି
**ଜ୍ଞାତ୍ୱା** = ଜାଣି (ହିଁ)
**କର୍ମ** = କର୍ମ
**କୃତମ୍** = କରିଛନ୍ତି

**ତସ୍ମାତ୍** = ତେଣୁ
**ତ୍ୱମ୍** = ତୁ(ମଧ୍ୟ)
**ପୂର୍ବୈଃ** = ପୂର୍ବଜ ମାନଙ୍କଦ୍ୱାରା
**ପୂର୍ବତରମ୍, କୃତମ୍** = {ଆଦିକାଳରୁ / କରାଯାଇଥିବା
**କର୍ମ** = କର୍ମ ଗୁଡ଼ିକୁ
**ଏବ** = ହିଁ
**କୁରୁ** = କର

କିମ୍, କର୍ମ, କିମ୍, ଅକର୍ମ, ଇତି, କବୟଃ, ଅପି, ଅତ୍ର, ମୋହିତାଃ,
ତତ୍,ତେ, କର୍ମ,ପ୍ରବକ୍ଷ୍ୟାମି, ଯତ୍, ଜ୍ଞାତ୍ୱା,ମୋକ୍ଷସେ, ଅଶୁଭାତ୍ ॥୧୬॥

**କିନ୍ତୁ -**

**କର୍ମ** = କର୍ମ
**କିମ୍** = କଣ ? (ଏବଂ)
**ଅକର୍ମ** = ଅକର୍ମ
**କିମ୍** = କଣ ?-
**ଇତି** = ଏହିଭଳି (ଏହାର)
**ଅତ୍ର** = ନିର୍ଣ୍ଣୟ କରିବାରେ
**କବୟଃ** = ବୁଦ୍ଧିମାନ୍ ପୁରୁଷ
**ଅପି** = ମଧ୍ୟ
**ମୋହିତାଃ** = { ଭ୍ରମିତ ହୋଇଯାଆନ୍ତି (ତେଣୁ)

**ତତ୍** = ସେହି
**କର୍ମ** = କର୍ମ- ତ(ମୁଁ)
**ତେ** = ତୋତେ
**ପ୍ରବକ୍ଷ୍ୟାମି** = { ଭଲଭାବରେ ବୁଝାଇ କହିବି,
**ଯତ୍** = ଯାହାକୁ
**ଜ୍ଞାତ୍ୱା** = ଜାଣି (ତୁ)
**ଅଶୁଭାତ୍** = { ଅଶୁଭରୁ ଅର୍ଥାତ୍ କର୍ମ ବନ୍ଧନରୁ
**ମୋକ୍ଷସେ** = ମୁକ୍ତ ହୋଇଯିବୁ

କର୍ମଣଃ, ହି, ଅପି, ବୋଦ୍ଧବ୍ୟମ୍, ବୋଦ୍ଧବ୍ୟମ୍, ଚ, ବିକର୍ମଣଃ, ଅକର୍ମଣଃ, ଚ, ବୋଦ୍ଧବ୍ୟମ୍, ଗହନା, କର୍ମଣଃ, ଗତିଃ ॥୧୭ ॥

**କର୍ମଣଃ** = କର୍ମର (ସ୍ୱରୂପ)
**ଅପି** = ମଧ୍ୟ
**ବୋଦ୍ଧବ୍ୟମ୍** = ଜାଣିବା ଉଚିତ୍
**ଚ** = ତଥା
**ଅକର୍ମଣ** = ଅକର୍ମର (ସ୍ୱରୂପ ମଧ୍ୟ)
**ବୋଦ୍ଧବ୍ୟମ୍** = ଜାଣିବା ଉଚିତ୍ ;
**ଚ** = ତଥା

**ବିକର୍ମଣ** = ବିକର୍ମର(ସ୍ୱରୂପ ମଧ୍ୟ)
ବୋଧବ୍ୟମ୍ = ଜାଣିବା ଉଚିତ୍
**ହି** = କାରଣ
**କର୍ମଣଃ** = କର୍ମର
**ଗତିଃ** = ଗତି (ବଡ଼)
**ଗହନା** = ଗହନ ଅଟେ

କର୍ମଣି, ଅକର୍ମ, ଯଃ, ପଶ୍ୟେତ୍, ଅକର୍ମଣି, ଚ, କର୍ମ, ଯଃ, ସଃ, ବୁଦ୍ଧିମାନ୍, ମନୁଷ୍ୟେଷୁ, ସଃ, ଯୁକ୍ତଃ, କୃତ୍ସ୍ନକର୍ମକୃତ୍ ॥୧୮॥

**ଯଃ** = ଯେଉଁ ମଣିଷ
**କର୍ମଣି** = କର୍ମରେ
**ଅକର୍ମ** = ଅକର୍ମ

**ପଶ୍ୟେତ୍** = ଦେଖିଥାଏ
**ଚ** = ଏବଂ
**ଯଃ** = ଯିଏ

| | | | | | |
|---|---|---|---|---|---|
| **ଅକର୍ମଣି** | = | ଅକର୍ମରେ | **ସଃ** | = | **ସେହି** |
| **କର୍ମ** | = | କର୍ମ (ଦେଖିଥାଏ), | **ଯୁକ୍ତଃ** | = | **ଯୋଗୀ** |
| **ସଃ** | = | ସେ | **କୃତ୍ସ୍ନକର୍ମକୃତ୍** | = | **ସମସ୍ତ କର୍ମର କର୍ତ୍ତା ଅଟନ୍ତି** |
| **ମନୁଷ୍ୟେଷୁ** | = | ମଣିଷମାନଙ୍କ ମଧ୍ୟରେ | | | |
| **ବୁଦ୍ଧିମାନ୍** | = | ବୁଦ୍ଧିମାନ ଅଟେ | | | |

ଯସ୍ୟ, ସର୍ବେ, ସମାରମ୍ଭାଃ, କାମସଙ୍କଳ୍ପବର୍ଜିତାଃ
ଜ୍ଞାନାଗ୍ନିଦଗ୍ଧକର୍ମାଣମ୍, ତମ୍, ଆହୁଃ, ପଣ୍ଡିତମ୍, ବୁଧାଃ ॥୧୯ ॥

**ଏବଂ ହେ ଅର୍ଜ୍ଜୁନ !-**

| | | | | | |
|---|---|---|---|---|---|
| **ଯସ୍ୟ** | = | ଯାହାର | **ଜ୍ଞାନାଗ୍ନିଦଗ୍ଧ-କର୍ମଣାମ୍** | = | ଯାହାର ସମସ୍ତ କର୍ମ ଜ୍ଞାନ ରୂପୀ ଅଗ୍ନି ଦ୍ୱାରା ଭସ୍ମ ହୋଇଯାଇଛି |
| **ସର୍ବେ** | = | ସମସ୍ତ (ଶାସ୍ତ୍ରସମ୍ମତ) | **ତମ୍** | = | ସେହି ମହାପୁରୁଷଙ୍କୁ |
| **ସମାରମ୍ଭାଃ** | = | କର୍ମ | **ବୁଧାଃ** | = | ଜ୍ଞାନୀଜନ(ମଧ୍ୟ) |
| **କାମସଙ୍କଳ୍ପ ବର୍ଜିତାଃ** | = | କାମନା ବିହୀନ ଓ ସଂକଳ୍ପଶୂନ୍ୟ ହୋଇଥାଏ (ତଥା) | **ପଣ୍ଡିତମ୍** | = | ପଣ୍ଡିତ (ବୋଲି) |
| | | | **ଆହୁଃ** | = | କହନ୍ତି |

ତ୍ୟକ୍ତ୍ୱା, କର୍ମଫଳାସଙ୍ଗମ୍, ନିତ୍ୟତୃପ୍ତଃ, ନିରାଶ୍ରୟଃ,କର୍ମଣି,
ଅଭିପ୍ରବୃତଃ, ଅପି, ନ,ଏବ, କିଞ୍ଚିତ୍, କରୋତି, ସଃ ॥୨୦ ॥

| | | | | | |
|---|---|---|---|---|---|
| କର୍ମଫଳାସଙ୍ଗମ୍ | = | ସମସ୍ତ କର୍ମରେ ଏବଂ ତାହାର ଫଳରେ (ସର୍ବଥା ଆସକ୍ତି) | ନିରାଶ୍ରୟଃ | = | ସଂସାରର ଆଶ୍ରୟରୁ ରହିତ ହୋଇଯାଇଛି (ଏବଂ) |
| ତ୍ୟକ୍ତ୍ୱା | = | ତ୍ୟାଗ କରି | ନିତ୍ୟତୃପ୍ତଃ | = | ପରମାତ୍ମାଙ୍କ ଠାରେ ନିତ୍ୟତୃପ୍ତ ରହିଛନ୍ତି |

ସଃ =ସେ
କର୍ମଣି =କର୍ମରେ
ଅଭିପ୍ରବୃତ = ଭଲଭାବରେ ପ୍ରବୃତ୍ତ ହୋଇ
ଅପି =ମଧ୍ୟ(ପ୍ରକୃତରେ)

କିଞ୍ଚିତ୍=କିଛି
ଏବ=ବି
କରୋତି =କରେ
ନ=ନାହିଁ

ନିରାଶୀଃ, ଯତ୍‌ଚିତାତ୍ମା, ତ୍ୟକ୍ତସର୍ବପରିଗ୍ରହଃ, ଶାରୀରମ୍,
କେବଳମ୍, କର୍ମ, କୁର୍ବନ୍, ନ, ଆପ୍ନୋତି, କିଲ୍‌ବିଷମ୍ ॥୨୧॥

**ଏବଂ -**

**ଯତଚିତାତ୍ମା** = ଯିଏ ଅନ୍ତଃକରଣ ଓ ଇନ୍ଦ୍ରିୟଗୁଡ଼ିକ ସହିତ ଶରୀରକୁ ମଧ୍ୟ ଜୟ କରିପାରିଛି(ଏବଂ)

**ତ୍ୟକ୍ତସର୍ବପରିଗ୍ରହ**= ଯିଏ ସମସ୍ତ ଭୋଗ ସାମଗ୍ରୀ ପରିତ୍ୟାଗ କରି ଦେଇଛି,(ଏଭଳି)

**ନିରାଶୀଃ** = ଆଶାରହିତ ପୁରୁଷ
**କେବଳମ୍** = କେବଳ
**ଶାରୀରମ୍** = ଶରୀର ସମ୍ବନ୍ଧୀୟ
**କର୍ମ** = କର୍ମ
**କୁର୍ବନ୍** = କରୁଥିଲେ(ମଧ୍ୟ)
**କିଲ୍ବିଷମ୍** = ପାପକୁ
**ନ ଆପ୍ନୋତି** = ପ୍ରାପ୍ତ ହୁଏ ନାହିଁ

ଯଦୃଚ୍ଛାଲାଭସନ୍ତୁଷ୍ଟଃ, ଦ୍ୱନ୍ଦ୍ୱାତୀତଃ, ବିମତ୍ସରଃ, ସମଃ, ସିଦ୍ଧୌ,
ଅସିଦ୍ଧୌ, ଚ, କୃତ୍ୱା, ଅପି, ନ, ନିବଧ୍ୟତେ ॥୨୨ ॥

**ଏବଂ**

ଯଦୃଚ୍ଛାଲାଭସନ୍ତୁଷ୍ଟଃ = ଯିଏ ବିନା ଇଚ୍ଛାରେ ଆପେ ଆପେ ମିଳୁଥିବା ପଦାର୍ଥରେ ସଦା ସନ୍ତୁଷ୍ଟ ରହିଥାଏ ,

ବିମତ୍ସରଃ = ଯାହାଠାରେ ସର୍ବଥା ଈର୍ଷାର ଅଭାବ ହୋଇଯାଇଛି

ଦ୍ୱନ୍ଦ୍ୱାତୀତଃ = ଯିଏ ହର୍ଷ - ଶୋକ ଆଦି ଦ୍ୱନ୍ଦଗୁଡିକରୁ ସର୍ବଥା ଅତୀତ ହୋଇଯାଇଛି (ଏଭଳି)

**ସିଦ୍ଧୌ** = ସିଦ୍ଧି
**ଚ** = ଏବଂ
**ଅସିଦ୍ଧୌ** = ଅସିଦ୍ଧିରେ
ସମଃ = ସମରହୁଥିବା କର୍ମଯୋଗୀ (କର୍ମ)

**କୃତ୍ୱା** = କରି
**ଅପି** = ମଧ୍ୟ (ସେଥିରେ)
**ନ ନିବଧ୍ୟତେ** = ବାନ୍ଧି ହୁଏ ନାହିଁ

ଗତସଙ୍ଗସ୍ୟ, ମୁକ୍ତସ୍ୟ, ଜ୍ଞାନାବସ୍ଥିତଚେତସଃ, ଯଜ୍ଞାୟ,
ଆଚରତଃ, କର୍ମ, ସମଗ୍ରମ୍, ପ୍ରବିଲୀୟତେ ॥୨୩ ॥

**କାରଣ -**

**ଗତସଙ୍ଗସ୍ୟ** = ଯାହାର ଆଶକ୍ତି ସର୍ବଥା ନଷ୍ଟ ହୋଇଯାଇଛି,
**ମୁକ୍ତସ୍ୟ** = ଯିଏ ଦେହାଭିମାନ ଓ ମମତ୍ୱରୁ ରହିତ ହୋଇଯାଇଛି,
**ଜ୍ଞାନାବସ୍ଥିତ** = ଯାହାର ଚିତ୍ତ ନିରନ୍ତର
**ଚେତସଃ** = ପରମାତ୍ମାଙ୍କ ଜ୍ଞାନରେ ଲାଗି ରହିଥାଏ- (କେବଳ ଏହିଭଳି)

**ଯଜ୍ଞାୟ** = ଯଜ୍ଞ ସମ୍ପାଦନ ପାଇଁ (କର୍ମ)
**ଆଚରତଃ** = କରୁଥିବା ମନୁଷ୍ୟର
**ସମଗ୍ରମ୍** = ସକଳ
**କର୍ମ** = କର୍ମ
**ପ୍ରବିଲୀୟତେ** = ଭଲ ଭାବରେ ବିଲୀନ ହୋଇଯାଏ ।

ବ୍ରହ୍ମ, ଅର୍ପଣମ୍, ବ୍ରହ୍ମ, ହବିଃ, ବ୍ରହ୍ମାଗ୍ନୌ, ବ୍ରହ୍ମଣା, ହୁତମ୍,
ବ୍ରହ୍ମ, ଏବ, ତେନ, ଗନ୍ତବ୍ୟମ୍, ବ୍ରହ୍ମକର୍ମସମାଧିନା ॥୨୪ ॥

**ଯଜ୍ଞ ପାଇଁ ଆଚରଣ କରୁଥିବା ସେହି ପୁରୁଷମାନଙ୍କ ମଧ୍ୟରୁ**
**କେହିତ ଏହି ମନୋଭାବନାରେ ଯଜ୍ଞ କରିଥାଆନ୍ତି ଯେ -**

**ଅର୍ପଣମ୍** = (ଯେଉଁ ଯଜ୍ଞରେ) ଅର୍ପଣ ଅର୍ଥାତ୍ ସ୍ରୁବ ଆଦି ଉପକରଣ (ମଧ୍ୟ)
**ବ୍ରହ୍ମ** = ବ୍ରହ୍ମ (ଅଟେ)ଏବଂ

**ହବିଃ** = ହୋମ କରିବା ଯୋଗ୍ୟ ଦ୍ରବ୍ୟ (ମଧ୍ୟ)
**ବ୍ରହ୍ମ** = ବ୍ରହ୍ମ ଅଟେ (ତଥା)
**ବ୍ରହ୍ମଣା** = ବ୍ରହ୍ମ ରୂପକ କର୍ତ୍ତାଙ୍କ ଦ୍ୱାରା

| | | | | | |
|---|---|---|---|---|---|
| **ବ୍ରହ୍ମାଗ୍ନୌ** | = | ବ୍ରହ୍ମ ରୂପକ ଅଗ୍ନିରେ | **ଗନ୍ତବ୍ୟମ୍** | = | ପ୍ରାପ୍ତ ଯୋଗ୍ୟ(ଫଳ ମଧ୍ଯ) |
| **ହୁତମ୍** | = | ଆହୁତି ଦେବାରୂପକ କ୍ରିୟା (ମଧ୍ଯ ବ୍ରହ୍ମ ଅଟେ)- | ବ୍ରହ୍ମ | = | ବ୍ରହ୍ମ |
| **ତେନ** | = | ସେହି | **ଏବ** | = | ହିଁ ଅଟେ । |
| **ବ୍ରହ୍ମକର୍ମ-ସମାଧିନା** | = | ବ୍ରହ୍ମ କର୍ମରେ ସ୍ଥିତ ରହୁଥିବା ଯୋଗୀ ଦ୍ୱାରା | | | |

ଦୈବମ୍, ଏବ, ଅପରେ, ଯଜ୍ଞମ୍, ଯୋଗିନଃ, ପର୍ଯ୍ୟୁପାସତେ,
ବ୍ରହ୍ମାଗ୍ନୌ, ଅପରେ ଯଜ୍ଞମ୍, ଯଜ୍ଞେନ, ଏବ, ଉପଜୁହ୍ୱତି ॥୨୫ ॥

| | | | | | |
|---|---|---|---|---|---|
| **ଅପରେ** | = | ଅନ୍ୟ | **ବ୍ରହ୍ମାଗ୍ନୌ** | = | ପରବ୍ରହ୍ମ ପରମାତ୍ମା ରୂପକ ଅଗ୍ନିରେ (ଅଭେଦ ଦର୍ଶନ ରୂପକ) |
| **ଯୋଗିନଃ** | = | ଯୋଗୀଗଣ | **ଯଜ୍ଞେନ** | = | ଯଜ୍ଞ ଦ୍ୱାରା |
| **ଦୈବମ୍** | = | ଦେବତାମାନଙ୍କ ପୂଜନ ରୂପକ | ଏବ | = | ହିଁ |
| **ଯଜ୍ଞମ୍** | = | ଯଜ୍ଞର | **ଯଜ୍ଞମ୍** | = | ଆତ୍ମରୂପକ ଯଜ୍ଞର |
| **ଏବ** | = | ହିଁ | **ଉପଜୁହ୍ୱତି** | = | ହୋମ* କରିଥାଆନ୍ତି |
| **ପର୍ଯ୍ୟୁପାସତେ** | = | ଭଲ ଭାବରେ ଅନୁଷ୍ଠାନ କରନ୍ତି ଏବଂ | | | |
| **ଅପରେ** | = | ଅନ୍ୟ କେତେକ(ଯୋଗୀ) | | | |

ଶ୍ରୋତାଦୀନି, ଇନ୍ଦ୍ରିୟାଣି, ଅନ୍ୟେ, ସଂଯମାଗ୍ନିଷୁ, ଜୁହ୍ୱତି,
ଶବ୍ଦାଦୀନ୍, ବିଷୟାନ୍, ଅନ୍ୟେ, ଇନ୍ଦ୍ରିୟାଗ୍ନିଷୁ, ଜୁହ୍ୱତି ॥୨୬ ॥

| | | | | | |
|---|---|---|---|---|---|
| **ଅନ୍ୟେ** | = | (ଯୋଗୀ) | **ଶବ୍ଦାଦୀନ୍** | = | ଶବ୍ଦାଦି |
| **ଶ୍ରୋତାଦୀନି** | = | ଶ୍ରୋତ୍ର ଆଦି | **ବିଷୟାନ୍** | = | ସମସ୍ତ ବିଷୟକୁ |
| **ଇନ୍ଦ୍ରିୟାଣି** | = | ଇନ୍ଦ୍ରିୟମାନଙ୍କୁ | **ଇନ୍ଦ୍ରିୟାଗ୍ନିଷୁ** | = | ଇନ୍ଦ୍ରିୟ ରୂପକ ଅଗ୍ନିରେ |
| **ସଂଯମାଗ୍ନିଷୁ** | = | ସଂଯମ ରୂପକ ଅଗ୍ନିରେ | **ଜୁହ୍ୱତି** | = | ହୋମ* କରନ୍ତି |
| **ଜୁହ୍ୱତି** | = | ହୋମ କରନ୍ତି (ଏବଂ) | | | |
| **ଅନ୍ୟେ** | = | ଆଉ କେତେକ(ଯୋଗୀ) | | | |

ସର୍ବାଣି, ଇନ୍ଦ୍ରିୟକର୍ମାଣୀ, ପ୍ରାଣକର୍ମାଣି, ଚ, ଅପରେ,
ଆତ୍ମ ସଂଯମଯୋଗାଗ୍ନୌ, ଜୁହ୍ୱତି, ଜ୍ଞାନଦୀପିତେ ॥୨୭॥

**ଅପରେ** = ଅନ୍ୟ (ଯୋଗୀମାନେ)
**ସର୍ବାଣି, ଇନ୍ଦ୍ରିୟ କର୍ମାଣି** = ଇନ୍ଦ୍ରିୟମାନଙ୍କର ସମ୍ପୂର୍ଣ୍ଣ କ୍ରିୟାଗୁଡ଼ିକୁ
**ଚ** = ଏବଂ
**ପ୍ରାଣ କର୍ମାଣି** = ପ୍ରାଣମାନଙ୍କର କ୍ରିୟାଗୁଡ଼ିକୁ
**ଜ୍ଞାନଦୀପିତେ** = ଜ୍ଞାନ ଦ୍ୱାରା ପ୍ରକାଶିତ
**ଆତ୍ମ ସଂଯମ-ଯୋଗାଗ୍ନୌ** = ଆତ୍ମସଂଯମ ଯୋଗ ରୂପକ ଅଗ୍ନିରେ
**ଜୁହ୍ୱତି** = ହୋମ କରିଦିଅନ୍ତି*

ଦ୍ରବ୍ୟଯଜ୍ଞାଃ, ତପୋଯଜ୍ଞାଃ, ଯୋଗଯଜ୍ଞାଃ, ତଥା, ଅପରେ,
ସ୍ୱାଧ୍ୟାୟଜ୍ଞାନଯଜ୍ଞାଃ, ଚ, ଯତୟଃ, ସଂଶିତବ୍ରତାଃ ॥ ୨୮ ॥

**ଅପରେ** = କେତେକ ପୁରଷ
**ଦ୍ରବ୍ୟଯଜ୍ଞାଃ** = ଦ୍ରବ୍ୟ ସମ୍ବନ୍ଧୀୟ ଯଜ୍ଞ କରିଥାନ୍ତି ଅଟନ୍ତି,(ଆଉ କେତେକ)
**ତପୋଯଜ୍ଞାଃ** = ତପସ୍ୟା ରୂପକ ଯଜ୍ଞ କରିଥାନ୍ତି
**ତଥା** = ତଥା (ଆଉ କେତେକ)
**ଯୋଗଯଜ୍ଞାଃ** = ଯୋଗ ରୂପକ ଯଜ୍ଞ କରିଥାନ୍ତି
**ଚ** = ଆଉ କେତେକ
**ସଂଶିତବ୍ରତାଃ** = ଅହିଂସାଦି ତୀକ୍ଷ୍ଣ ବ୍ରତରେ ଯୁକ୍ତ
**ଯତୟଃ** = ଯତ୍ନଶୀଳ ପୁରୁଷ
**ସ୍ୱାଧ୍ୟାୟ-ଜ୍ଞାନଯଜ୍ଞାଃ** = ସ୍ୱାଧ୍ୟାୟ ରୂପକ ଜ୍ଞାନଯଜ୍ଞ କର୍ତ୍ତା ଅଟନ୍ତି

ଅପାନେ, ଜୁହ୍ୱତି, ପ୍ରାଣମ୍, ପ୍ରାଣେ, ଅପାନମ୍, ତଥା,
ଅପରେ, ପ୍ରାଣାପାନଗତୀ, ରୁଦ୍ଧ୍ୱା, ପ୍ରାଣାୟାମପରାୟଣାଃ ॥ ୨୯ ॥
ଅପରେ, ନିୟତାହାରାଃ, ପ୍ରାଣାନ୍, ପ୍ରାଣେଷୁ, ଜୁହ୍ୱତି,
ସର୍ବେ, ଅପି, ଏତେ, ଯଜ୍ଞ ବିଦଃ, ଯଜ୍ଞକ୍ଷପିତକଲ୍ମଷାଃ ॥ ୩୦ ॥

**ଅପରେ** = ଅନ୍ୟ (କେତେକ ଯୋଗୀ)
ଆପାନେ = ଅପାନ ବାୟୁରେ
**ପ୍ରାଣମ୍** = ପ୍ରାଣବାୟୁକୁ
**ଜୁହ୍ୱତି** = ହୋମ କରନ୍ତି

**ତଥା** = { ଏହିପରି ହିଁ / **ଅନ୍ୟ ଯୋଗୀମାନେ**

**ପ୍ରାଣେ** = ପ୍ରାଣ ବାୟୁରେ

**ଅପାନମ୍** = { ଅପାନ ବାୟୁକୁ / (ହୋମ କରନ୍ତି ତଥା)

**ଅପରେ** = ଅନ୍ୟ କେତେକ

**ନିୟତାହାରାଃ** = { ନିୟମିତ ଆହାର / କରୁଥିବା

**ପ୍ରାଣାୟାମ ପରାୟଣାଃ** = { ପ୍ରାଣାୟାମ ପରାୟଣ / ପୁରୁଷ

**ପ୍ରାଣାପାନଗତୀ** = { ପ୍ରାଣ ଓ ଅପାନର / ଗତିକୁ

**ରୁଦ୍ଧ୍ୱା** = ରୋଧ କରି

**ପ୍ରାଣାନ୍** = ପ୍ରାଣମାନଙ୍କୁ

**ପ୍ରାଣେଷୁ** = ପ୍ରାଣମାନଙ୍କରେ (ହିଁ)

**ଜୁହ୍ୱତି** = ହୋମ କରନ୍ତି

**ଏତେ** = ଏହି

**ସର୍ବେ,ଅପି** = ସମସ୍ତ (ସାଧକ)

**ଯଜ୍ଞକ୍ଷପିତ-କଲ୍ମଷାଃ** = { ଯଜ୍ଞ ଦ୍ୱାରା / ପାପ ନାଶ / କରୁଥିବା / (ଏବଂ)

**ଯଜ୍ଞବିଦଃ** = ଯଜ୍ଞର ଜ୍ଞାତା ଅଟନ୍ତି

ଯଜ୍ଞଶିଷ୍ଟାମୃତଭୁଜଃ, ଯାନ୍ତି, ବ୍ରହ୍ମ, ସନାତନମ୍, ନ, ଅୟମ୍,
ଲୋକଃ, ଅସ୍ତି, ଅଯଜ୍ଞସ୍ୟ, କୁତଃ, ଅନ୍ୟଃ, କୁରୁସତ୍ତମ ॥ ୩୧॥

**କୁରୁସତ୍ତମ** = { ହେ କୁରୁଶ୍ରେଷ୍ଠ / ଅର୍ଜୁନ !

**ଯଜ୍ଞଶିଷ୍ଟାମୃତଭୁଜଃ** = { ଯଜ୍ଞରୁ ବଳିଥିବା / ଅମୃତକୁ (ସେବନ / କରୁଥିବା ଯୋଗୀ)

**ସନାତନମ୍** = ସନାତନ

**ବ୍ରହ୍ମ** = ପରବ୍ରହ୍ମ ପରମାତ୍ମାଙ୍କୁ

**ଯାନ୍ତି** = ପ୍ରାପ୍ତ ହୁଅନ୍ତି (ଏବଂ)

**ଅଯଜ୍ଞସ୍ୟ** = { ଯଜ୍ଞ କରୁନଥିବା / ପୁରୁଷ ପାଇଁ (ତ)

**ଅୟମ୍** = ଏହି

**ଲୋକଃ** = { ମନୁଷ୍ୟ ଲୋକ / ମଧ୍ୟ ସୁଖ ଦାୟକ

**ନ, ଅସ୍ତି** = ନୁହେଁ (ପୁଣି)

**ଅନ୍ୟଃ** = ପରଲୋକ

**କୁତଃ** = { କିପରି(ସୁଖଦାୟକ / ହୋଇପାରିବ) ?

ଏବମ୍, ବହୁବିଧାଃ, ଯଜ୍ଞାଃ, ବିତତାଃ, ବ୍ରହ୍ମଣଃ, ମୁଖେ, କର୍ମଜାନ୍,
ବିଦ୍ଧି, ତାନ୍, ସର୍ବାନ୍, ଏବମ୍, ଜ୍ଞାତ୍ୱା, ବିମୋକ୍ଷ୍ୟସେ ॥ ୩୨॥

**ଏବମ୍** = ଏହିଭଳି (ଆହୁରି ମଧ୍ୟ)
**ବହୁବିଧାଃ** = ବହୁତ ପ୍ରକାରର
**ଯଜ୍ଞାଃ** = ଯଜ୍ଞ
**ବ୍ରହ୍ମଣଃ** = ବେଦ
**ମୁଖେ** = ବାଣୀରେ
**ବିତତାଃ** = ବିସ୍ତୃତ ଭାବେ କୁହାଯାଇଛି
**ତାନ୍** = **ସେହି**
**ସର୍ବାନ୍** = **ସବୁକୁ (ତୁ)**

କର୍ମଜାନ୍ = ମନ,ଇନ୍ଦ୍ରିୟ ଓ ଶରୀରର କ୍ରିୟା ଦ୍ୱାରା ସମ୍ପନ୍ନ ହୁଏ ବୋଲି
**ବିଦ୍ଧି** = ଜାଣ,
**ଏବମ୍** = ଏହିପରି(ତତ୍ତ୍ୱତଃ)
**ଜ୍ଞାତ୍ୱା** = ଜାଣି (ତାଙ୍କ ଅନୁଷ୍ଠାନଦ୍ୱାରା ତୁ କର୍ମ ବନ୍ଧନରୁ ସର୍ବଥା)
ବିମୋକ୍ଷ୍ୟସେ = ମୁକ୍ତ ହୋଇ ଯିବୁ

ଶ୍ରେୟାନ୍, ଦ୍ରବ୍ୟମୟାତ୍, ଯଜ୍ଞାତ୍, ଜ୍ଞାନଯଜ୍ଞଃ, ପରନ୍ତପ,
ସର୍ବମ୍, କର୍ମ, ଅଖିଳମ୍, ପାର୍ଥ, ଜ୍ଞାନେ, ପରିସମାପ୍ୟତେ ॥ ୩୩ ॥

ଏବଂ

**ପରନ୍ତପ, ପାର୍ଥ** = ହେ ପରଂତପ ଅର୍ଜୁନ !
**ଦ୍ରବ୍ୟମୟାତ୍** = ଦ୍ରବ୍ୟମୟ
**ଯଜ୍ଞାତ୍** = ଯଜ୍ଞ ଅପେକ୍ଷା
**ଜ୍ଞାନ ଯଜ୍ଞଃ** = ଜ୍ଞାନ ଯଜ୍ଞ
**ଶ୍ରେୟାନ୍** = ଅତ୍ୟନ୍ତ ଶ୍ରେଷ୍ଠ ଅଟେ (ତଥା)

**ଅଖିଳମ୍** = ଯେତେପ୍ରକାରର କର୍ମ ହେଉନା କାହିଁକି
**ସର୍ବମ୍** = ସକଳ
**କର୍ମ** = କର୍ମ
**ଜ୍ଞାନେ** = ଜ୍ଞାନରେ
**ପରିସମାପ୍ୟତେ** = ସମାପ୍ତ ହୋଇଯାଇଥାଏ

ତତ୍, ବିଦ୍ଧି, ପ୍ରଣିପାତେନ, ପରିପ୍ରଶ୍ନେନ, ସେବୟା,
ଉପଦେକ୍ଷ୍ୟନ୍ତି, ତେ,ଜ୍ଞାନମ୍, ଜ୍ଞାନିନଃ, ତତ୍ତ୍ୱଦର୍ଶିନଃ ॥ ୩୪ ॥

**ତତ୍** = { ସେହି ଜ୍ଞାନକୁ (ତୁ ତତ୍ତ୍ୱଦର୍ଶୀ ଜ୍ଞାନୀ ମାନଙ୍କନିକଟକୁ ଯାଇ)

**ବିଦ୍ଧି** = ବୁଝ, (ତାଙ୍କୁ)

**ପ୍ରଣିପାତେନ** = { ଭଲ ଭାବରେ ଦଣ୍ଡବତ୍ ପ୍ରଣାମ କରିବା ଦ୍ୱାରା (ତାଙ୍କର)

ସେବୟା = { ସେବା କରିବା ଦ୍ୱାରା ଏବଂ କପଟ ତ୍ୟାଗକରି

**ପରିପ୍ରଶ୍ନେନ** = { ସରଳତା ପୂର୍ବକ ପ୍ରଶ୍ନ କରିବା ଦ୍ୱାରା

ତତ୍ତ୍ୱଦର୍ଶିନଃ = { ଭଲଭାବରେ ପରମାତ୍ମ ତତ୍ତ୍ୱକୁ ଜାଣିଥିବା ।

**ତେ** = ସେହି

**ଜ୍ଞାନିନଃ** = { ଜ୍ଞାନୀ ମହାତ୍ମା (ତୋତେ ସେହି)

**ଜ୍ଞାନମ୍** = ତତ୍ତ୍ୱଜ୍ଞାନ

ଉପଦେକ୍ଷ୍ୟନ୍ତି = ଉପଦେଶ ଦେବେ

ଯତ୍, ଜ୍ଞାତ୍ୱା, ନ, ପୁନଃ, ମୋହମ୍, ଏବମ୍, ଯାସ୍ୟସି,ପାଣ୍ଡବ,ଯେନ,
ଭୂତାନି, ଅଶେଷେଣ, ଦ୍ରକ୍ଷ୍ୟସି, ଆତ୍ମନି, ଅଥୋ, ମୟି ॥ ୩୫ ॥

ଯେ -

**ଯତ୍** = ଯାହାକୁ

**ଜ୍ଞାତ୍ୱା** = ଜାଣି

**ପୁନଃ** = ପୁଣି (ତୁ)

**ଏବମ୍** = ଏହିଭଳି

**ମୋହମ୍** = ମୋହକୁ

**ଯାସ୍ୟସି** = ପ୍ରାପ୍ତ ହେବୁ(ଏବଂ)

ନ = ନାହିଁ

**ପାଣ୍ଡବ** = ହେ ଅର୍ଜୁନ !

**ଯେନ** = ଯେଉଁ ଜ୍ଞାନ ଦ୍ୱାରା (ତୁ)

**ଭୂତାନି** = ସକଳ ଭୂତଙ୍କୁ

**ଅଶେଷଣ** = { ସମ୍ପୂର୍ଣ୍ଣ ଭାବରେ ପ୍ରଥମେ

**ଆତ୍ମନି** = ନିଜଠାରେ (ଏବଂ)

**ଅଥୋ** = ପରେ

**ମୟି** = { ମୋ ଠାରେ ଅର୍ଥାତ୍ ସଚ୍ଚିଦାନନ୍ଦଘନ ପରମାତ୍ମାଙ୍କ

**ଦ୍ରକ୍ଷ୍ୟସି** = ଦେଖିବୁ

ଅପି, ଚେତ୍, ଅସି, ପାପେଭ୍ୟଃ, ସର୍ବେଭ୍ୟଃ, ପାପକୃତ୍ତମଃ,
ସର୍ବମ୍, ଜ୍ଞାନପ୍ଲବେନ, ଏବ, ବୃଜିନମ୍, ସନ୍ତରିଷ୍ୟସି ॥ ୩୬ ॥

| | |
|---|---|
| **ଚେତ୍** = ଯଦି (ତୁ ଅନ୍ୟ) | **ଜ୍ଞାନପ୍ଲବେନ**= ଜ୍ଞାନରୂପକ ନୌକା ଦ୍ୱାରା |
| **ସର୍ବେଭ୍ୟଃ** = ସମସ୍ତ | **ଏବ** = ନିଃ ସନ୍ଦେହ |
| **ପାପେଭ୍ୟଃ** = ପାପୀମାନଙ୍କଠାରୁ | **ସର୍ବମ୍** = ସମ୍ପୂର୍ଣ୍ଣ |
| **ଅପି** = ମଧ୍ୟ | **ବୃଜିନମ୍** = ପାପ ସମୁଦ୍ରକୁ |
| **ପାପକୃତମ୍** = ଅଧିକ ପାପୀ | **ସନ୍ତରିଷ୍ୟସି** = { ଭଲ ଭାବରେ ପହଁରି ଯାଇପାରିବୁ |
| **ଅସି** = ଅଟୁ, (ତେବେ ମଧ୍ୟ ତୁ) | |

ଯଥା, ଏଧାଂସି, ସମିଦ୍ଧଃ, ଅଗ୍ନିଃ, ଭସ୍ମସାତ୍, କୁରୁତେ, ଅର୍ଜୁନ,
ଜ୍ଞାନାଗ୍ନିଃ, ସର୍ବକର୍ମାଣି, ଭସ୍ମସାତ୍, କୁରୁତେ, ତଥା ॥ ୩୭ ॥

**କାରଣ -**

| | |
|---|---|
| **ଅର୍ଜୁନ** = ହେ ଅର୍ଜୁନ ! | **କୁରୁତେ** = କରିଦିଏ |
| **ସମିଦ୍ଧଃ** = ପ୍ରଜ୍ୱଳିତ | **ତଥା** = ସେହିପରି |
| **ଅଗ୍ନିଃ** = ଅଗ୍ନି | **ଜ୍ଞାନାଗ୍ନିଃ** = ଜ୍ଞାନ ରୂପକ ଅଗ୍ନି |
| **ଯଥା** = ଯେପରି | **ସର୍ବକର୍ମାଣି** = ସମ୍ପୂର୍ଣ୍ଣ କର୍ମକୁ |
| **ଏଧାଂସି** = ଇନ୍ଧନକୁ | **ଭସ୍ମସାତ୍** = ଭସ୍ମୀଭୂତ |
| **ଭସ୍ମସାତ୍** = ଭସ୍ମୀଭୂତ | **କୁରୁତେ** = କରି ଦେଇଥାଏ । |

ନ, ହି, ଜ୍ଞାନେନ, ସଦୃଶମ୍, ପବିତ୍ରମ୍, ଇହ, ବିଦ୍ୟତେ,
ତତ୍, ସ୍ୱୟମ୍, ଯୋଗସଂସିଦ୍ଧଃ, କାଳେନ, ଆତ୍ମନି, ବିନ୍ଦତି ॥ ୩୮ ॥

**ତେଣୁ**

| | |
|---|---|
| **ଇହ** = ଏହି ସଂସାରରେ | **ପବିତ୍ରମ୍** = ପବିତ୍ର କାରକ |
| **ଜ୍ଞାନେନ** = ଜ୍ଞାନ | **ହି** = ନିଃ ସନ୍ଦେହ (ଆଉ କିଛି ବି) |
| **ସଦୃଶମ୍** = ସମାନ | **ନ, ବିଦ୍ୟତେ** = ନାହିଁ |

**ତତ୍** = ସେହି ଜ୍ଞାନକୁ
**କାଳେନ** = ଦୀର୍ଘକାଳ ଧରି
ଯୋଗସଂସିଦ୍ଧଃ = { କର୍ମଯୋଗ ଦ୍ୱାରା ଶୁଦ୍ଧାନ୍ତଃ କରଣ ହୋଇଥିବା ମନୁଷ୍ୟ
**ସ୍ୱୟମ୍** = ଆପେ ହିଁ
**ଆତ୍ମାନି** = ଆତ୍ମାରେ
ବନ୍ଦତି = ପ୍ରାପ୍ତ କରନ୍ତି

ଶ୍ରଦ୍ଧାବାନ୍, ଲଭତେ, ଜ୍ଞାନମ୍, ତତ୍ପରଃ, ସଂୟତେନ୍ଦ୍ରିୟଃ,
ଜ୍ଞାନମ୍, ଲବ୍ଧ୍ୱା, ପରାମ୍, ଶାନ୍ତିମ୍, ଅଚିରେଣ, ଅଧିଗଚ୍ଛତି ॥ ୩୯॥

**ଏବଂ ହେ ଅର୍ଜୁନ ! -**

**ସଂୟତେନ୍ଦ୍ରିୟଃ** = ଜିତେନ୍ଦ୍ରିୟ,
**ତତ୍ପରଃ** = { ସାଧନାପରାୟଣ (ଏବଂ)
**ଶ୍ରଦ୍ଧାବାନ୍** = ଶ୍ରଦ୍ଧାବାନ ମନୁଷ୍ୟ
**ଜ୍ଞାନମ୍** = ଜ୍ଞାନକୁ
**ଲଭତେ** = { ପ୍ରାପ୍ତ ହୋଇଥାଏ (ତଥା)
**ଜ୍ଞାନମ୍** = ଜ୍ଞାନକୁ
**ଲବ୍ଧ୍ୱା** = ପ୍ରାପ୍ତ ହୋଇ (ସେ)
**ଅଚିରେଣ** = { ଅବିଳମ୍ବେ ତତ୍କାଳ ହିଁ (ଭଗବତ୍ ପ୍ରାପ୍ତି ରୂପକ)
**ପରାମ୍** = ପରମ
**ଶାନ୍ତିମ୍** = ଶାନ୍ତିକୁ
**ଅଧିଗଚ୍ଛତି** = ପ୍ରାପ୍ତ ହୋଇଯାଏ ।

ଅଜ୍ଞଃ, ଚ, ଅଶ୍ରଦ୍ଦଧାନଃ, ଚ, ସଂଶୟାତ୍ମା, ବିନଶ୍ୟତି,ନ, ଅୟମ୍,
ଲୋକଃ, ଅସ୍ତି, ନ, ପରଃ, ନ, ସୁଖମ୍, ସଂଶୟାତ୍ମନଃ ॥ ୪୦ ॥

**ଏବଂ ହେ ଅର୍ଜୁନ ! -**

**ଅଜ୍ଞଃ** = ବିବେକହୀନ
**ଚ** = ଏବଂ
**ଅଶ୍ରଦ୍ଦଧାନଃ** = ଶ୍ରଦ୍ଧାରହିତ
**ସଂଶୟାତ୍ମା** = ସଂଶୟଯୁକ୍ତ ମନୁଷ୍ୟ
**ବିନଶ୍ୟତି** = { ପରମାର୍ଥରୁ ଅବଶ୍ୟ ଭ୍ରଷ୍ଟ ହୋଇଯାଏ (ଏଭଳି)
**ସଂଶୟାତ୍ମନଃ** = { ସଂଶୟଯୁକ୍ତ ମନୁଷ୍ୟ ପାଇଁ

**ନ** = ନା
**ଅୟମ୍** = ଏହି
**ଲୋକଃ** = ଲୋକ
**ଅସ୍ତି** = ଅଛି,
**ନ** = ନା
**ପରଃ** = ପରଲୋକ ଅଛି
**ଚ** = ଏବଂ
**ନ** = ନା
**ସୁଖମ୍** = ସୁଖ (ଅଛି)

ଯୋଗସନ୍ନ୍ୟସ୍ତକର୍ମାଣମ୍, ଜ୍ଞାନସଂଛିନ୍ନସଂଶୟମ୍,
ଆତ୍ମବନ୍ତମ୍, ନ, କର୍ମାଣି, ନିବଧ୍ନନ୍ତି, ଧନଞ୍ଜୟ ॥ ୪୧॥

**ଧନଞ୍ଜୟ** = ହେ ଧନଞ୍ଜୟ !
**ଯୋଗସନ୍ନ୍ୟସ୍ତ କର୍ମାଣମ୍** = ଯିଏ କର୍ମଯୋଗ ବିଧିରେ ସମସ୍ତ କର୍ମକୁ ପରମାତ୍ମାଙ୍କଠାରେ ଅର୍ପଣ କରିଦେଇଛି (ଏବଂ)
**ଜ୍ଞାନ ସଂଛିନ୍ନ ସଂଶୟମ୍** = ଯିଏ ବିବେକ ଦ୍ୱାରା ସମସ୍ତ ସଂଶୟକୁ ନାଶ କରି ଦେଇଛି,(ଏଭଳି)
**ଆତ୍ମବନ୍ତମ୍** = ଅନ୍ତକରଣକୁ ବଶୀକୃତ କରିଥିବା ପୁରୁଷକୁ
**କର୍ମାଣି** = କର୍ମଗୁଡ଼ିକ
**ନିବଧ୍ନନ୍ତି** = ବାନ୍ଧି(ପାରି)
**ନ** = ନଥାଏ

ତସ୍ମାତ୍, ଅଜ୍ଞାନସମ୍ଭୂତମ୍, ହୃତ୍ସ୍ଥମ୍, ଜ୍ଞାନାସିନା, ଆତ୍ମନଃ, ଛିତ୍ତ୍ୱା,
ଏନମ୍, ସଂଶୟମ୍, ଯୋଗମ୍, ଆତିଷ୍ଠ, ଉତ୍ତିଷ୍ଠ, ଭାରତ ॥ ୪୨॥

**ତସ୍ମାତ୍** = ତେଣୁ
**ଭାରତ** = ହେ ଭରତବଂଶୀ ଅର୍ଜୁନ ! (ତୁ)
**ହୃତ୍ସ୍ଥମ୍** = ହୃଦୟରେ ସ୍ଥିତ
**ଏନମ୍** = ଏହି
**ଅଜ୍ଞାନସମ୍ଭୂତମ** = ଅଜ୍ଞାନଜନିତ
**ଆତ୍ମନଃ** = ନିଜର
**ସଂଶୟମ୍** = ସଂଶୟକୁ
**ଜ୍ଞାନାସିନା** = ବିବେକ ଜ୍ଞାନ ରୂପକ ଖଣ୍ଡାଦ୍ୱାରା
**ଛିତ୍ତ୍ୱା** = ଛେଦନ କରି
**ଯୋଗମ୍** = ସମତ୍ୱରୂପକ କର୍ମଯୋଗରେ
**ଆତିଷ୍ଠ** = ସ୍ଥିତ ହୋଇଯାଅ (ଏବଂ ଯୁଦ୍ଧ ପାଇଁ)
**ଉତ୍ତିଷ୍ଠ** = ଠିଆ ହୋଇଯାଅ ।

ଶ୍ରୀମଭଗବତ୍ ଗୀତା ଅଧ୍ୟାୟ ୫ର କିଛି ଶ୍ଲୋକର ଫଟୋ କପି ।

## ଅଥ ପଞ୍ଚମୋଽଧ୍ୟାୟଃ

*ଅର୍ଜୁନ ଉବାଚ -*

ସନ୍ନ୍ୟାସମ୍, କର୍ମଣାମ୍, କୃଷ୍ଣ, ପୁନଃ, ଯୋଗମ୍, ଚ, ଶଂସସି, ଯତ୍,
ଶ୍ରେୟଃ, ଏତୟୋଃ,ଏକମ୍, ତତ୍, ମେ, ବ୍ରୂହି, ସୁନିଶ୍ଚିତମ୍, ॥୧॥

**ତା' ପରେ ଅର୍ଜୁନ କହିଲେ -**

| | | | |
|---|---|---|---|
| **କୃଷ୍ଣ** | = ହେ କୃଷ୍ଣ ! (ଆପଣ) | **ଯତ୍** | = ଯେଉଁ |
| **କର୍ମଣାମ୍** | = କର୍ମମାନଙ୍କର | **ଏକମ୍** | = ଗୋଟିଏ |
| **ସନ୍ନ୍ୟାସମ୍** | = ସନ୍ୟାସକୁ | **ମେ** | = ମୋ ପାଇଁ |
| **ଚ** | = ଏବଂ | **ସୁନିଶ୍ଚିତମ୍** | = ଭଲ ଭାବରେ ନିଶ୍ଚୟ |
| **ପୁନଃ** | = ପୁଣି | **ଶ୍ରେୟଃ** | = କଲ୍ୟାଣକାରକ ସାଧନା(ହୋଇଥିବ) |
| **ଯୋଗମ୍** | = କର୍ମଯୋଗକୁ (ମଧ୍ୟ) | | |
| **ଶଂସସି** | = ପ୍ରଶଂସା କରୁଛନ୍ତି । (ତେଣୁ) | **ତତ୍** | = ତାହା |
| **ଏତୟୋଃ** | = ଏହି ଦୁଇଟି ମଧ୍ୟରୁ | **ବ୍ରୂହି** | = କୁହନ୍ତୁ |

*ଶ୍ରୀ ଭଗବାନ କହିଲେ -*

ସନ୍ନ୍ୟାସଃ, କର୍ମଯୋଗଃ, ଚ, ନିଃଶ୍ରେୟସକରୌ, ଉଭୌ,
ତୟୋଃ, ତୁ, କର୍ମସନ୍ନ୍ୟାସାତ୍, କର୍ମଯୋଗଃ, ବିଶିଷ୍ୟତେ ॥୨॥

**ଅର୍ଜୁନ ଏହିଭଳି ପ୍ରଶ୍ନ ପଚାରିବାରୁ ଶ୍ରୀ ଭଗବାନ କହିଲେ, ହେ ଅର୍ଜୁନ !-**

| | | | |
|---|---|---|---|
| **ସନ୍ନ୍ୟାସଃ** | = କର୍ମ ସନ୍ୟାସ[୧] | **ତୁ** | = କିନ୍ତୁ |
| **ଚ** | = ଏବଂ | **ତୟୋଃ** | = ସେ ଦୁଇଟି ମଧ୍ୟରୁ (ବି) |
| **କର୍ମଯୋଗଃ** | = କର୍ମଯୋଗ[୨] (ଏହି) | **କର୍ମସନ୍ନ୍ୟାସାତ୍** | = କର୍ମ ସନ୍ନ୍ୟାସଠାରୁ |
| **ଉଭୌ** | = ଦୁଇଟି ଯାକ (ହିଁ) | **କର୍ମଯୋଗଃ** | = କର୍ମଯୋଗ(ସାଧନା ପାଇଁ ସୁଗମ ହୋଇଥିବାରୁ) |
| **ନିଃଶ୍ରେୟସକରୌ** | = ପରମ କଲ୍ୟାଣ କାରକ ଅଟେ, | ବିଶିଷ୍ୟତେ | = ଶ୍ରେଷ୍ଠ ଅଟେ |

ଜ୍ଞେୟଃ, ସଃ, ନିତ୍ୟସନ୍ନ୍ୟାସୀ, ଯଃ, ନ, ଦ୍ୱେଷ୍ଟି, ନ, କାଙ୍କ୍ଷତି,
ନିର୍ଦ୍ୱନ୍ଦଃ, ହି, ମହାବାହୋ, ସୁଖମ୍, ବନ୍ଧାତ୍, ପ୍ରମୁଚ୍ୟତେ ॥ ୩ ॥

**ତେଣୁ-**

**ମହାବାହୋ** = ହେ ଅର୍ଜୁନ !
**ଯଃ** = ଯେଉଁ ପୁରୁଷ
**ନ** = ନା (କାହାରି ସହିତ)
**ଦ୍ୱେଷ୍ଟି** = ଦ୍ୱେଷ କରିଥାଏ
**ନ** = ନା (କୌଣସି)
**କାଙ୍କ୍ଷତି** = ଆକାଂକ୍ଷା କରିଥାଏ,
**ସଃ** = ସେହି କର୍ମଯୋଗୀ

**ନିତ୍ୟସନ୍ନ୍ୟାସୀ** = ସଦା ସନ୍ନ୍ୟାସୀ(ହିଁ)
**ଜ୍ଞେୟଃ** = ବୁଝିପାରିବା ଯୋଗ୍ୟ
**ହି** = କାହିଁକିନା
**ନିର୍ଦ୍ୱନ୍ଦଃ** = ରାଗଦ୍ୱେଷାଦି ଦ୍ୱନ୍ଦରୁ ରହିତ(ପୁରୁଷ)
**ସୁଖମ୍** = ସୁଖପୂର୍ବକ
**ବନ୍ଧାତ୍** = ସଂସାର ବନ୍ଧନରୁ
**ପ୍ରମୁଚ୍ୟତେ** = ମୁକ୍ତ ହୋଇଯାଇଥାଏ ।

ସାଂଖ୍ୟଯୋଗୌ, ପୃଥକ୍, ବାଲାଃ, ପ୍ରବଦନ୍ତି, ନ, ପଣ୍ଡିତାଃ,ଏକମ୍,
ଅପି, ଆସ୍ଥିତଃ, ସମ୍ୟକ୍, ଉଭୟୋଃ, ବିନ୍ଦତେ, ଫଳମ୍ ॥ ୪ ॥

**ଏବଂ ହେ ଅର୍ଜୁନ ! ଉପରୋକ୍ତ -**

**ସାଂଖ୍ୟ** = ସନ୍ନ୍ୟାସ ଓ
**ଯୋଗୌ** କର୍ମଯୋଗକୁ
**ବାଲାଃ** = ମୂର୍ଖ ଲୋକେ
**ପୃଥକ୍** = ଅଲଗା ଅଲଗା ଫଳଦାତା ବୋଲି
**ପ୍ରବଦନ୍ତି** = କହିଥାଆନ୍ତି (କିନ୍ତୁ)
**ନ ପଣ୍ଡିତାଃ** = ପଣ୍ଡିତଗଣ କୁହନ୍ତି ନାହିଁ
**(ହି)** = କାରଣ (ଦୁଇଟିମଧ୍ୟରୁ)

**ଏକମ୍** = ଗୋଟିକରେ
**ଅପି** = ମଧ୍ୟ
**ସମ୍ୟକ୍ ଆସ୍ଥିତଃ** = ସମ୍ୟକ୍ ଭାବରେ ସ୍ଥିତ ହୋଇଥିବା(ପୁରୁଷ)
**ଉଭୟୋଃ** = ଉଭୟର
**ଫଳମ୍** = ଫଳରୂପକ(ପରମାତ୍ମାଙ୍କୁ)
**ବିନ୍ଦତେ** = ପାଇଯାଆନ୍ତି ।

ଯତ୍, ସାଂଖ୍ୟୈଃ, ପ୍ରାପ୍ୟତେ, ସ୍ଥାନମ୍, ତତ୍, ଯୋଗୈଃ,ଅପି, ଗମ୍ୟତେ,
ଏକମ୍, ସାଙ୍ଖ୍ୟମ୍, ଚ, ଯୋଗମ୍, ଚ, ଯଃ, ପଶ୍ୟତି, ସଃ, ପଶ୍ୟତି ॥୫॥

**ସାଂଖ୍ୟୈଃ** = ଜ୍ଞାନ ଯୋଗୀମାନଙ୍କ ଦ୍ୱାରା
**ଯତ** = ଯେଉଁ
**ସ୍ଥାନମ୍** = ପରମଧାମ ପ୍ରାପ୍ତ କରାଯାଇଥାଏ
**ଯୋଗୈଃ** = କର୍ମ ଯୋଗୀମାନଙ୍କ ଦ୍ୱାରା
**ଅପି** = ମଧ୍ୟ
**ତତ୍** = ତାହା
**ଗମ୍ୟତେ** = ପ୍ରାପ୍ତ କରାଯାଇଥାଏ । (ତେଣୁ)

**ଯଃ** = ଯେଉଁ ପୁରୁଷ
**ସାଙ୍ଖ୍ୟମ୍** = ଜ୍ଞାନଯୋଗ
**ଚ** = ଏବଂ
**ଯୋଗମ୍** = କର୍ମଯୋଗକୁ ଫଳରୂପରେ
**ଏକମ୍** = ଏକ୍ ବୋଲି
**ପଶ୍ୟତି** = ଦେଖିଥାଏ;
**ସଃ, ଚ** = ସେ ହିଁ (ଯଥାର୍ଥ)
**ପଶ୍ୟତି** = ଦେଖିଥାଏ ।

ସନ୍ନ୍ୟାସଃ, ତୁ, ମହାବାହୋ, ଦୁଃଖମ୍, ଆପ୍ତୁମ୍, ଅଯୋଗତଃ,
ଯୋଗଯୁକ୍ତଃ, ମୁନିଃ, ବ୍ରହ୍ମ, ନଚିରେଣ, ଅଧିଗଚ୍ଛତି ॥ ୬ ॥

**ତୁ** = କିନ୍ତୁ
**ମହାବାହୋ** = ହେ ଅର୍ଜୁନ !
**ଅଯୋଗତଃ** = କର୍ମଯୋଗ ବିନା
**ସନ୍ନ୍ୟାସ** = ସନ୍ନ୍ୟାସ ଅର୍ଥାତ୍ ମନ,ଇନ୍ଦ୍ରିୟ ଓ ଶରୀର ଦ୍ୱାରା ହେଉଥିବା ସକଳ କର୍ମରେ କର୍ତ୍ତାପଣ ତ୍ୟାଗ

**ଆପ୍ତୁମ୍** = କରିହେବା
**ଦୁଃଖମ୍** = କଠିନ ଅଟେ (ଏବଂ)
**ମୁନିଃ** = ଭଗବତ୍ ସ୍ୱରୂପକୁ ମନନ କରୁଥିବା
**ଯୋଗଯୁକ୍ତଃ** = କର୍ମଯୋଗୀ
**ବ୍ରହ୍ମ** = ପରବ୍ରହ୍ମ ପରମାତ୍ମାଙ୍କୁ
**ନଚିରେଣ** = ଶୀଘ୍ର ହିଁ
**ଅଧିଗଚ୍ଛତି** = ପ୍ରାପ୍ତ ହୋଇଯାଏ ।

ଯୋଗଯୁକ୍ତଃ, ବିଶୁଦ୍ଧାତ୍ମା, ବିଜିତାତ୍ମା, ଜିତେନ୍ଦ୍ରିୟଃ,
ସର୍ବଭୂତାତ୍ମଭୂତାତ୍ମା, କୁର୍ବନ୍, ଅପି, ନ, ଲିପ୍ୟତେ ॥ ୭ ॥

**ତଥା-**

**ବିଜିତାତ୍ମା** = ଯାହାର ମନ ନିଜ ବଶରେ ଥାଏ,
**ଜିତେନ୍ଦ୍ରିୟଃ** = ଯିଏ ଜିତେନ୍ଦ୍ରିୟ ଏବଂ

ବିଶୁଦ୍ଧାତ୍ମା = ଯାହାର ଅନ୍ତକରଣ ବିଶୁଦ୍ଧ ଅଟେ (ଏବଂ)

| | | | |
|---|---|---|---|
| ସର୍ବଭୂତାତ୍ମ ଭୂତାତ୍ମା | = **ସକଳପ୍ରାଣୀଙ୍କର** ଆତ୍ମରୂପ ପରମାତ୍ମା ଯାହାର ଆତ୍ମା ଅଟେ (ସେଭଳି) | ଯୋଗଯୁକ୍ତଃ | = କର୍ମଯୋଗୀ (କର୍ମ) |
| | | କୁର୍ବନ୍ | = କରୁଥିଲେ |
| | | ଅପି | = ମଧ୍ୟ |
| | | ନ.ଲିପ୍ୟତେ | = କର୍ମରେ ଲିପ୍ତ ହୁଏ ନାହିଁ । |

ନ, ଏବ, କିଞ୍ଚିତ୍, କରୋମି, ଇତି, ଯୁକ୍ତଃ, ମନ୍ୟେତ, ତତ୍ତ୍ୱବିତ୍, ପଶ୍ୟନ୍, ଶୃଣ୍ୱନ୍, ସ୍ପୃଶନ୍, ଜିଘ୍ରନ୍, ଅଶ୍ନନ୍, ଗଚ୍ଛନ୍, ସ୍ୱପନ୍, ଶ୍ୱସନ୍, ପ୍ରଲପନ୍, ବିସୃଜନ୍, ଗୃହ୍ଣନ୍, ଉନ୍ମିଷନ୍, ନିମିଷନ୍, ଅପି, ଇନ୍ଦ୍ରିୟାଣି, ଇନ୍ଦ୍ରିୟାର୍ଥେଷୁ, ବର୍ତ୍ତନ୍ତେ, ଇତି, ଧାରୟନ୍ ॥ ୮-୯ ॥

**ଏବଂ ହେ ଅର୍ଜୁନ ! -**

| | | | |
|---|---|---|---|
| **ତତ୍ତ୍ୱବିତ୍** | = ତତ୍ତ୍ୱଜ୍ଞ | **ଉନ୍ମିଷନ୍** | = ଆଖି ଖୋଲୁଥିଲେ (ଏବଂ) |
| **ଯୁକ୍ତଃ** | = ସାଂଖ୍ୟଯୋଗୀ(ତ) | **ନିମିଷନ୍** | = ବନ୍ଦ କରୁଥିଲେ |
| **ପଶ୍ୟନ୍** | = ଦେଖୁଥିଲେ, | **ଅପି** | = ମଧ୍ୟ, |
| **ଶୃଣ୍ୱନ୍** | = ଶୁଣୁଥିଲେ, | **ଇନ୍ଦ୍ରିୟାଣି** | = ସମସ୍ତ ଇନ୍ଦ୍ରିୟମାନେ |
| **ସ୍ପୃଶନ୍** | = ଛୁଉଁଥିଲେ, | **ଇନ୍ଦ୍ରିୟାର୍ଥେଷୁ** | = ନିଜ ନିଜ ଅର୍ଥରେ |
| **ଜିଘ୍ରନ୍** | = ଶୁଙ୍ଘୁଁଥିଲେ | **ବର୍ତନ୍ତେ** | = ପ୍ରବୃତ୍ତ ହେଉଛନ୍ତି, |
| **ଅଶ୍ନନ୍** | = ଭୋଜନ କରଥିଲେ, | **ଇତି** | = ଏହିଭଳି |
| **ଗଚ୍ଛନ୍** | = ଗମନ କରୁଥିଲେ, | **ଧାରୟାନ୍** | = ବୁଝି |
| **ସ୍ୱପନ୍** | = ଶୋଉଥିଲେ, | **ଏବ** | = ନିଃସନ୍ଦେହ |
| **ଶ୍ୱସନ୍** | = ନିଶ୍ୱାସ ନେଉଥିଲେ. | **ଇତି** | = ଏଭଳି |
| | | **ମନ୍ୟେତ୍** | = ମାନିଥାଆନ୍ତି(ଯେ ମୁଁ) |
| **ପ୍ରଲପନ୍** | = କଥା କହୁଥିଲେ, | **କିଞ୍ଚିତ୍** | = କିଛି ମଧ୍ୟ |
| **ବିସୃଜନ୍** | = ତ୍ୟାଗ କରୁଥିଲେ, | **କରୋମି** | = କରୁ |
| **ଗୃହ୍ଣନ୍** | = ଗ୍ରହଣ କରୁଥିଲେ(ତଥା) | **ନ** | = ନାହିଁ |

ବ୍ରହ୍ମଣି, ଆଧାୟ, କର୍ମାଣି, ସଙ୍ଗମ୍, ତ୍ୟକ୍ତ୍ୱା, କରୋତି, ଯଃ,
ଲିପ୍ୟତେ, ନ, ସଃ, ପାପେନ, ପଦ୍ମପତ୍ରମ୍, ଇବ, ଅମ୍ଭସା ॥୧୦ ॥

| | |
|---|---|
| **ଯଃ** = ଯେଉଁ ପୁରୁଷ | |
| **କର୍ମାଣି** = ସମସ୍ତ କର୍ମକୁ | **ସଃ** = ସେହି ପୁରୁଷ |
| **ବ୍ରହ୍ମଣି** = ପରମାତ୍ମାଙ୍କଠାରେ | **ଅମ୍ଭସା** = ଜଳରେ |
| **ଆଧାୟ** = ଅର୍ପଣ କରି (ଏବଂ) | **ପଦ୍ମପତ୍ରମ୍** = ପଦ୍ମ ପତ୍ର |
| **ସଙ୍ଗମ୍** = ଆସକ୍ତିକୁ | **ଇବ** = ଭଳି |
| **ତ୍ୟକ୍ତ୍ୱା** = ତ୍ୟାଗ କରି (କର୍ମ) | **ପାପେନ** = ପାପରେ |
| **କରୋତି** = କରିଥାଏ , | **ନ,ଲିପ୍ୟତେ** = ଲିପ୍ତ ହୋଇନଥାଏ । |

କାୟେନ, ମନସା, ବୁଦ୍ଧ୍ୟା, କେବଳୈଃ, ଇନ୍ଦ୍ରିୟୈଃ, ଅପି,
ଯୋଗିନଃ, କର୍ମ, କୁର୍ବନ୍ତି, ସଙ୍ଗମ୍, ତ୍ୟକ୍ତ୍ୱା, ଆତ୍ମଶୁଦ୍ଧୟେ ॥୧୧॥

**ତେଣୁ -**

| | |
|---|---|
| **ଯୋଗିନଃ** = କର୍ମଯୋଗୀମାନେ (ମମତ୍ୱବୁଦ୍ଧିରହିତ) ହୋଇ | **ଅପି** = ମଧ୍ୟ |
| | **ସଙ୍ଗମ୍** = ସକଳ ଆସକ୍ତିକୁ |
| | **ତ୍ୟକ୍ତ୍ୱା** = ତ୍ୟାଗକରି |
| **କେବଳୈଃ** = କେବଳ | **ଆତ୍ମଶୁଦ୍ଧୟେ** = ଅନ୍ତଃକରଣର ଶୁଦ୍ଧିପାଇଁ |
| **ଇନ୍ଦ୍ରିୟୈଃ** = ଇନ୍ଦ୍ରିୟ, | |
| **ମନସା** = ମନ | **କର୍ମ** = କର୍ମ |
| **ବୁଦ୍ଧ୍ୟା** = ବୁଦ୍ଧି ଏବଂ | **କୁର୍ବନ୍ତି** = କରନ୍ତି |
| **କାୟେନ** = ଶରୀର ଦ୍ୱାରା | |

**(କର୍ମଫଳ ତ୍ୟାଗ କଲେ ଶାନ୍ତି ଓ କର୍ମଫଳ କାମନାରୁ ବନ୍ଧନ)**

ଯୁକ୍ତଃ, କର୍ମଫଳମ୍, ତ୍ୟକ୍ତ୍ୱା, ଶାନ୍ତିମ୍, ଆପ୍ନୋତି, ନୈଷ୍ଠିକୀମ୍,
ଅଯୁକ୍ତଃ, କାମକାରେଣ, ଫଳେ, ସକ୍ତଃ, ନିବଧ୍ୟତେ ॥ ୧୨॥

**ଏହି କାରଣରୁ**

| | |
|---|---|
| **ଯୁକ୍ତଃ** = କର୍ମଯୋଗୀ | **ତ୍ୟକ୍ତ୍ୱା** = ତ୍ୟାଗ କରି |
| **କର୍ମଫଳମ୍** = କର୍ମଫଳ | **ନୈଷ୍ଠିକୀମ୍** = ଭଗବତ୍ ପ୍ରାପ୍ତି ରୂପକ |

**ଶାନ୍ତିମ୍** = ଶାନ୍ତି
**ଆପ୍ନୋତି** = ପ୍ରାପ୍ତ ହୁଏ (ଏବଂ)
**ଅଯୁକ୍ତଃ** = ସକାମପୁରୁଷ
**କାମକାରେଣ** = କାମନାର ପ୍ରେରଣାରୁ
**ଫଳେ** = ଫଳ ପ୍ରତି
**ସକ୍ତଃ** = ଆସକ୍ତ ହୋଇ
**ନିବଧ୍ୟତେ** = ବନ୍ଧନରେ ପଡ଼େ

ସର୍ବକର୍ମାଣି, ମନସା, ସନ୍ନ୍ୟସ୍ୟ, ଆସ୍ତେ, ସୁଖମ୍, ବଶୀ,ନବଦ୍ୱାରେ,
ପୁରେ, ଦେହୀ, ନ, ଏବ, କୁର୍ବନ୍, ନ, କାରୟନ୍ ॥୧୩ ॥

**ଏବଂ, ହେ ଅର୍ଜୁନ ! -**

**ବଶୀ** = ଅନ୍ତଃକରଣକୁ ବଶୀଭୂତକରି ସାଂଖ୍ୟଯୋଗ ଆଚରଣ କରୁଥିବା ।
**ଦେହୀ** = ପୁରୁଷ
**ନ** = ନା(କିଛି)
**କୁର୍ବନ୍** = କରି (ଏବଂ)
**ନ** = ନା
**କାରୟନ୍** = କରାଇ
**ଏବ** = ହିଁ
**ନବଦ୍ୱାରେ** = ନବଦ୍ୱାର ବିଶିଷ୍ଟ ଶରୀର ରୂପକ
**ପୁରେ** = ଘରେ
**ସର୍ବ କର୍ମାଣି** = ସକଳ କର୍ମକୁ
**ମନସା** = ମନରୁ
**ସନ୍ନ୍ୟାସ୍ୟ** = ତ୍ୟାଗକରି
**ସୁଖମ୍** = ଆନନ୍ଦପୂର୍ବକ (ସଚ୍ଚିଦାନନ୍ଦ ଘନପରମାତ୍ମାଙ୍କ ସ୍ୱରୂପରେ)
**ଆସ୍ତେ** = ସ୍ଥିତ ରହିଥାଏ ।

**(ପରମାତ୍ମାଙ୍କଠାରେ କର୍ତ୍ତାପଣର ଅଭାବ ବିଷୟରେ କଥନ.)**

ନ, କର୍ତ୍ତୃତ୍ୱମ୍, ନ, କର୍ମାଣି, ଲୋକସ୍ୟ, ସୃଜତି, ପ୍ରଭୁଃ,
ନ, କର୍ମଫଳସଂଯୋଗମ୍, ସ୍ୱଭାବଃ, ତୁ, ପ୍ରବର୍ତ୍ତତେ ॥୧୪ ॥

**ଏବଂ -**

**ପ୍ରଭୁଃ** = ପରମେଶ୍ୱର
**ଲୋକସ୍ୟ** = ମନୁଷ୍ୟମାନଙ୍କର
**ନ** = ନାଁ (ତ)
**କର୍ତ୍ତୃତ୍ୱମ୍** = କର୍ତ୍ତାପଣକୁ,
**ନ** = ନା
**କର୍ମାଣି** = କର୍ମଗୁଡ଼ିକକୁ (ଏବଂ)
**ନ** = ନାଁ

କର୍ମଫଳସଂଯୋଗମ୍= କର୍ମଫଳସଂଯୋଜକୁ(ହିଁ)
ସୃଜତି = ରଚନା କରିଥାନ୍ତି
ତୁ = କିନ୍ତୁ
**ସ୍ୱଭାବଃ** = ସ୍ୱଭାବ (ହିଁ)
**ପ୍ରବର୍ତ୍ତତେ** = ପ୍ରବୃତ୍ତ ହୋଇଥାଏ

ନ, ଆଦତେ, କସ୍ୟଚିତ୍, ପାପମ୍, ନ, ଚ, ଏବ, ସୁକୃତମ୍, ବିଭୁଃ,
ଅଜ୍ଞାନେନ, ଆବୃତମ୍, ଜ୍ଞାନମ୍, ତେନ, ମୁହ୍ୟନ୍ତି, ଜନ୍ତବଃ ॥୧୫ ॥

**ବିଭୁଃ** = { ସର୍ବବ୍ୟାପୀ ପରମେଶ୍ୱର (ମଧ୍ୟ) }
**ନ** = ନା
**କସ୍ୟଚିତ୍** = କାହାରି
**ପାପମ୍** = ପାପକର୍ମକୁ
**ଚ** = ଏବଂ
**ନ** = ନା (କାହାରି)
**ସୁକୃତମ୍** = ଶୁଭକର୍ମକୁ
**ଏବ** = ହିଁ
**ଆଦତେ** = ଗ୍ରହଣ କରନ୍ତି; (କିନ୍ତୁ)
**ଅଜ୍ଞାନେନ** = ଅଜ୍ଞାନ ଦ୍ୱାରା
**ଜ୍ଞାନମ୍** = ଜ୍ଞାନ
**ଆବୃତମ୍** = ଢାଙ୍କି ହୋଇଛି,
**ତେନ** = ତେଣୁ
**ଜନ୍ତବଃ** = { ସବୁ ଅଜ୍ଞାନୀ ମନୁଷ୍ୟମାନେ }
**ମୁହ୍ୟନ୍ତି** = ମୋହିତ ହେଉଛନ୍ତି

ଜ୍ଞାନେନ, ତୁ, ତତ୍, ଅଜ୍ଞାନମ୍, ଯେଷାମ୍, ନାଶିତମ୍, ଆତ୍ମନଃ,
ତେଷାମ୍, ଆଦିତ୍ୟବତ୍, ଜ୍ଞାନମ୍, ପ୍ରକାଶୟତି, ତତ୍ପରମ୍, ॥୧୬ ॥

**ତୁ** = କିନ୍ତୁ
**ଯେଷାମ୍** = ଯେଉଁମାନଙ୍କର
**ତତ୍** = ସେହି,
**ଅଜ୍ଞାନମ୍** = ଅଜ୍ଞାନ,
**ଆତ୍ମନଃ** = ପରମାତ୍ମାଙ୍କର
**ଜ୍ଞାନେନ** = ତତ୍ତ୍ୱଜ୍ଞାନ ଦ୍ୱାରା
**ନାଶିତମ୍** = ନଷ୍ଟ କରି ଦିଆଯାଇଛି,
**ତେଷାମ୍** =ସେମାନଙ୍କର (ସେହି)
**ଜ୍ଞାନମ୍** = ଜ୍ଞାନ
**ଆଦିତ୍ୟବତ୍** = ସୂର୍ଯ୍ୟସଦୃଶ
**ତତ୍ପରମ୍** = { ସେହି ସଚ୍ଚିଦାନନ୍ଦଘନ ପରମାତ୍ମାଙ୍କୁ }
**ପ୍ରକାଶୟତି** = ପ୍ରକାଶିତ କରିଦିଏ*

ତଦ୍‌ବୁଦ୍ଧୟଃ, ତଦାତ୍ମାନଃ, ତନ୍ନିଷ୍ଠାଃ,ତତ୍ପରାୟଣାଃ,
ଗଚ୍ଛନ୍ତି, ଅପୁନରାବୃତ୍ତିମ୍, ଜ୍ଞାନନିର୍ଧୂତକଲ୍ମଷାଃ ॥୧୭ ॥

| | | | |
|---|---|---|---|
| **ତଦାତ୍ମାନଃ** | = ଯେଉଁମାନଙ୍କର ମନ ତଦ୍ରୂପ ହେଉଅଛି, | ତତ୍ପରାୟଣାଃ | = ତତ୍ପରାୟଣ ପୁରୁଷ |
| ତଦ୍‌ବୁଦ୍ଧୟଃ | = ଯେଉଁମାନଙ୍କର ବୁଦ୍ଧି ତଦ୍ରୂପ ହେଉଅଛି । ଏବଂ | ଜ୍ଞାନନିର୍ଧୂତ | = ଜ୍ଞାନଦ୍ୱାରା |
| ତନିଷ୍ଠାଃ | = ସଚ୍ଚିଦାନନ୍ଦଘନ ପରମାତ୍ମାଙ୍କଠାରେ ଯେଉଁମାନେ ନିରନ୍ତର ଏକୀ ଭାବରେ ସ୍ଥିତିଅଟନ୍ତି (ଏତାଦୃଶ) | କଲ୍ମଷାଃ | = ପାପରହିତ ହୋଇ |
| | | ଅପୁନରାବୃତ୍ତିମ୍ | = ଅପୁନରାବୃତ୍ତିକୁ ଅର୍ଥାତ୍ ପରମ୍‌ଗତିକୁ |
| | | ଗଚ୍ଛନ୍ତି | = ପ୍ରାପ୍ତ ହୁଅନ୍ତି । |

ବିଦ୍ୟାବିନୟସମ୍ପନ୍ନେ, ବ୍ରାହ୍ମଣେ, ଗବି, ହସ୍ତିନି,
ଶୁନି, ଚ, ଏବ, ଶ୍ୱପାକେ, ଚ, ପଣ୍ଡିତାଃ, ସମଦର୍ଶିନଃ ॥୧୮॥

| | | | |
|---|---|---|---|
| **ପଣ୍ଡିତାଃ** | = ଜ୍ଞାନୀଜନେ | **ହସ୍ତିନି** | = ହାତୀ |
| **ବିଦ୍ୟାବିନୟ ସମ୍ପନ୍ନେ** | = ବିଦ୍ୟା ଏବଂ ବିନୟଯୁକ୍ତ | **ଶୁନି** | = କୁକୁର |
| **ବ୍ରାହ୍ମଣେ** | = ବ୍ରାହ୍ମଣ | **ଚ** | = ଏବଂ |
| **ଚ** | = ତଥା | **ଶ୍ୱପାକେ** | = ଚାଣ୍ଡାଳଠାରେ(ମଧ୍ୟ) |
| **ଗବି** | = ଗାଈ, | **ସମଦର୍ଶିନଃ** | = ସମଦର୍ଶୀ |
| | | **ଏବ** | = ହିଁ (ହେଇଥାଆନ୍ତି) |

ଇହ, ଏବ, ତୈଃ, ଜିତଃ, ସର୍ଗଃ, ଯେଷାମ୍, ସାମ୍ୟେ, ସ୍ଥିତମ୍, ମନଃ,
ନିର୍ଦୋଷମ୍, ହି, ସମମ୍, ବ୍ରହ୍ମ, ତସ୍ମାତ୍, ବ୍ରହ୍ମାଣି, ତେ, ସ୍ଥିତାଃ ॥୧୯ ॥

| | | | |
|---|---|---|---|
| **ଯେଷାମ୍** | = ଯେଉଁମାନଙ୍କର | **ଇହ** | = ଏହି ଜୀବିତ ଅବସ୍ଥାରେ |
| **ମନଃ** | = ମନ | | |
| **ସାମ୍ୟେ** | = ସମଭାବରେ | **ଏବ** | = ହିଁ |
| **ସ୍ଥିତମ୍** | = ସ୍ଥିତ ଅଟେ, | **ସର୍ଗଃ** | = ସମ୍ପୂର୍ଣ୍ଣ ସଂସାର |
| **ତୈଃ** | = ସେମାନଙ୍କଦ୍ୱାରା | **ଜିତଃ** | = ବିଜିତହୋଇଥାଏ; |

| | | | |
|---|---|---|---|
| **ହିଁ** | = କାରଣ | **ତେ** | = ସେମାନେ |
| **ବ୍ରହ୍ମ** | = ସଚ୍ଚିଦାନନ୍ଦଘନ ପରମାତ୍ମା | **ବ୍ରହ୍ମଣି** | = ସଚ୍ଚିଦାନନ୍ଦଘନ ପାରମାତ୍ମାଙ୍କଠାରେ (ହିଁ) |
| **ନିର୍ଦୋଷମ୍** | = ନିର୍ଦୋଷ (ଏବଂ) | | |
| **ସମମ୍** | = ସମ ଅଟନ୍ତି, | **ସ୍ଥିତାଃ** | = ଅବସ୍ଥିତ |
| **ତସ୍ମାତ୍** | = ତେଣୁ | | |

ନ, ପ୍ରହୃଷ୍ୟେତ୍, ପ୍ରିୟମ୍, ପ୍ରାପ୍ୟ, ନ, ଉଦ୍ୱିଜେତ୍, ପ୍ରାପ୍ୟ, ଚ,
ଅପ୍ରିୟମ୍, ସ୍ଥିରବୁଦ୍ଧିଃ, ଅସମ୍ମୂଢଃ, ବ୍ରହ୍ମବିତ୍, ବ୍ରହ୍ମଣି, ସ୍ଥିତଃ ॥୨୦ ॥

| | | | |
|---|---|---|---|
| **ପ୍ରିୟମ୍** | = ପ୍ରିୟକୁ | **ସ୍ଥିରବୁଦ୍ଧିଃ** | = ସ୍ଥିରବୁଦ୍ଧି |
| **ପ୍ରାପ୍ୟ** | = ପ୍ରାପ୍ତ ହୋଇ | **ଅସମ୍ମୂଢଃ** | = ସଂଶୟ ରହିତ |
| **ନପ୍ରହୃଷ୍ୟେତ** | = ହର୍ଷିତ ହୁଅନ୍ତି ନାହିଁ | **ବ୍ରହ୍ମବିତ** | = ବ୍ରହ୍ମବେତ୍ତା ପୁରୁଷ |
| **ଚ** | = ଏବଂ | **ବ୍ରହ୍ମଣି** | = ସଚ୍ଚିଦାନନ୍ଦଘନ ପରବ୍ରହ୍ମ ପରମାତ୍ମାଙ୍କଠାରେ (ଏକୀଭାବରେ) |
| **ଅପ୍ରିୟମ୍** | = ଅପ୍ରିୟକୁ | | |
| **ପ୍ରାପ୍ୟ** | = ପ୍ରାପ୍ତ ହୋଇ | | |
| **ନ ଉଦ୍ୱିଜେତ୍** | = ଉଦ୍‌ବିଗ୍ନ ହୁଅନ୍ତି ନାହିଁ, ସେହି | **ସ୍ଥିତଃ** | = ନିତ୍ୟ ସ୍ଥିତ ଅଟନ୍ତି |

ବାହ୍ୟସ୍ପର୍ଶେଷ୍ୱ, ଅସକ୍ତାତ୍ମା, ବିନ୍ଦତି, ଆତ୍ମନି, ଯତ୍, ସୁଖମ୍,
ସଃ, ବ୍ରହ୍ମଯୋଗଯୁକ୍ତାତ୍ମା, ସୁଖମ୍, ଅକ୍ଷୟମ୍, ଅଶ୍ନୁତେ ॥ ୨୧ ॥

**ଏବଂ -**

| | | | |
|---|---|---|---|
| ବାହ୍ୟସ୍ପର୍ଶେଷ୍ୱ | = ବାହ୍ୟ ବିଷୟରେ | **ସୁଖମ୍** | **= ଆନନ୍ଦ ଅଛି;** |
| ଅସକ୍ତାତ୍ମା | = ଆସକ୍ତି ରହିତ ଅନ୍ତଃ କରଣବିଶିଷ୍ଟ (ସାଧକ), | **ତତ୍** | **= ତାହାକୁ** |
| | | **ବିନ୍ଦତି** | **= ପ୍ରାପ୍ତ ହୁଏ;(ତାହାପରେ)** |
| | | ସଃ | = ସେହି (ପୁରୁଷ) |
| ଆତ୍ମନି | = ଆତ୍ମାରେ (ସ୍ଥିତ) | | |
| ଯତ୍ | = ଯେଉଁ(ଧ୍ୟାନଜନିତସାତ୍ତ୍ୱିକ) | | |

ବ୍ରହ୍ମଯୋଗଯୁକ୍ତାତ୍ମା = { ସଚ୍ଚିଦାନନ୍ଦଘନ ପରଂବ୍ରହ୍ମ ପରମାତ୍ମାଙ୍କର ଧ୍ୟାନରୂପକଯୋଗରେ ଅଭିନ୍ନ ଭାବରେ ସ୍ଥିରଥିବା ପୁରୁଷ

**ଅକ୍ଷୟମ୍** = ଅକ୍ଷୟ

**ସୁଖମ୍** = ଆନନ୍ଦର

**ଅଶ୍ନୁତେ** = ଅନୁଭବ କରିଥାଏ ।

ଯେ, ହି, ସଂସ୍ପର୍ଶଜାଃ, ଭୋଗାଃ, ଦୁଃଖଯୋନୟଃ,ଏବ, ତେ,
ଆଦ୍ୟନ୍ତବନ୍ତଃ, କୌନ୍ତେୟ, ନ, ତେଷୁ, ରମତେ, ବୁଧଃ ॥୨୨ ॥

**ଯେ** = ଯେଉଁ ଇନ୍ଦ୍ରିୟ ତଥା

**ସଂସ୍ପର୍ଶଜାଃ** = { ବିଷୟମାନଙ୍କସଂଯୋଗରୁ ଉତ୍ପନ୍ନ ହେଉଥିବା

**ଭୋଗାଃ** = ଭୋଗ ସବୁ ଅଛି,

**ତେ** = { ସେ ଗୁଡ଼ିକ (ଯଦିବା ବିଷୟୀ ପୁରୁଷଙ୍କୁ ସୁଖରୂପ ପ୍ରତୀତ ହେଉଥିଲେ ବି)

**ହି** = ନିଃସନ୍ଦେହ

**ଦୁଃଖଯୋନୟଃ ଏବ** = { ଦୁଃଖର ହିଁ କାରଣ ଅଟନ୍ତି (ଏବଂ)

**ଆଦ୍ୟନ୍ତବନ୍ତଃ** = { ଆଦି ଅନ୍ତ ବିଶିଷ୍ଟ ଅର୍ଥାତ୍ ଅନିତ୍ୟ ଅଟନ୍ତି(ତେଣୁ)

**କୌନ୍ତେୟ** = ହେ ଅର୍ଜୁନ !

**ବୁଧଃ** = { ବୁଦ୍ଧିମାନ୍ ବିବେକୀ ପୁରୁଷ

**ତେଷୁ** = ସେଥିରେ

**ରମ୍ତେ** = ରମନ୍ତି

**ନ** = ନାହିଁ

ଶକ୍ନୋତି, ଇହ, ଏବ, ଯଃ, ସୋଢୁମ୍, ପ୍ରାକ୍, ଶରୀରବିମୋକ୍ଷଣାତ୍,
କାମକ୍ରୋଧୋଭବମ୍, ବେଗମ୍, ସଃ, ଯୁକ୍ତଃ, ସଃ ସୁଖୀ, ନରଃ ॥୨୩ ॥

**ଯଃ** = ଯେଉଁ ସାଧକ

**ଇହ** = ଏହି ମଣିଷ ଶରୀରରେ,

**ଶରୀରବିମୋକ୍ଷଣାତ୍** = ଶରୀର ନାଶ ହେବା

**ପ୍ରାକ୍** = ପୂର୍ବରୁ

**ଏବ** = ହିଁ

**କାମକ୍ରୋଧୋଭବମ୍** = { କାମ-କ୍ରୋଧରୁ ଉତ୍ପନ୍ନ ହେଉଥିବା

**ବେଗମ୍** = ବେଗକୁ

**ସୋଢୁମ୍** = ସହିବାକୁ

**ଶକ୍ନୋତି** = ସମର୍ଥ ହୋଇଯାଇଥାଏ

**ସଃ** = ସେହି

**ନରଃ** = ପୁରୁଷ ହିଁ

**ଯୁକ୍ତଃ** = ଯୋଗୀ ଅଟେ (ଏବଂ)

**ସଃ** = ସେ ହିଁ

**ସୁଖୀ** = ସୁଖୀ ଅଟେ ।

ଯଃ, ଅନ୍ତଃସୁଖଃ, ଅନ୍ତରାରାମଃ, ତଥା, ଅନ୍ତର୍ଜ୍ୟୋତିଃ,ଏବ, ଯଃ,
ସଃ, ଯୋଗୀ, ବ୍ରହ୍ମନିର୍ବାଣମ୍, ବ୍ରହ୍ମଭୂତଃ, ଅଧିଗଚ୍ଛତି ॥୨୪ ॥

**ଯଃ** = ଯେଉଁ ପୁରୁଷ

**ଏବ** = ନିଶ୍ଚୟ କରି

**ଅନ୍ତଃସୁଖଃ** = ଅନ୍ତରାତ୍ମାରେ ହିଁ ସୁଖଯୁକ୍ତ,

ଅନ୍ତରାରାମଃ = ଆତ୍ମାରେ ରମଣକାରୀ

**ତଥା** = **ତଥା**

**ଯଃ** = **ଯିଏ**

ଅନ୍ତର୍ଜ୍ୟୋତିଃ = ଅତ୍ମାରେ ହିଁ ଜ୍ଞାନଯୁକ୍ତ ଅଛନ୍ତି

ବ୍ରହ୍ମଭୂତଃ = ସଚ୍ଚିଦାନନ୍ଦଘନ **ପରବ୍ରହ୍ମ ପରମାତ୍ମାଙ୍କ ସହିତ ଏକୀଭାବ ପ୍ରାପ୍ତ**

**ସଃ** = ସେହି

**ଯୋଗୀ** = ସାଂଖ୍ୟଯୋଗୀ

**ବ୍ରହ୍ମନିର୍ବାଣମ୍** = ଶାନ୍ତବ୍ରହ୍ମଙ୍କୁ

ଅଧିଗଚ୍ଛତି = ପ୍ରାପ୍ତ ହୋଇଥାନ୍ତି ।

ଲଭନ୍ତେ, ବ୍ରହ୍ମନିର୍ବାଣମ୍, ଋଷୟଃ, କ୍ଷୀଣକଲ୍ମଷାଃ,
ଛିନ୍ନଦ୍ୱୈଧାଃ, ଯତାତ୍ମାନଃ, ସର୍ବଭୂତହିତେ, ରତାଃ, ॥ ୨୫ ॥

**କ୍ଷୀଣକଲ୍ମଷାଃ** = ଯେଉଁମାନଙ୍କର ସକଳ ପାପ ନଷ୍ଟ ହୋଇଯାଇଛି,

**ଛିନ୍ନଦ୍ୱୈଧାଃ** = ଯେଉଁମାନଙ୍କର ସକଳ ସଂଶୟ ଜ୍ଞାନଦ୍ୱାରା ନିବୃତ୍ତ ହୋଇଯାଇଛି,

**ସର୍ବଭୂତହିତେ** = ଯେଉଁମାନେ ସକଳ ପ୍ରାଣୀମାନଙ୍କ ହିତରେ

**ରତାଃ** = ରତ (ଏବଂ)

**ଯତାତ୍ମାନଃ** = ଯେଉଁମାନଙ୍କର ଜିତିଥିବା ମନ ନିଶ୍ଚଳ ଭାବରେ ପରମାତ୍ମାଙ୍କ ଠାରେ ସ୍ଥିର ଅଛି,(ସେହି)

**ଋଷୟଃ** = ବ୍ରହ୍ମବେତା ପୁରୁଷ

**ବ୍ରହ୍ମନିର୍ବାଣମ୍** = ଶାନ୍ତ ବ୍ରହ୍ମଙ୍କୁ

**ଲଭନ୍ତେ** = ପ୍ରାପ୍ତ ହୁଅନ୍ତି

କାମକ୍ରୋଧବିଯୁକ୍ତାନାମ୍, ଯତୀନାମ୍, ଯତଚେତସାମ୍,
ଅଭିତଃ, ବ୍ରହ୍ମନିର୍ବାଣମ୍, ବର୍ତ୍ତତେ, ବିଦିତାତ୍ମନାମ୍, ॥୨୬ ॥

**ଏବଂ -**

**କାମକ୍ରୋଧ-ବିଯୁକ୍ତାନାମ** = କାମକ୍ରୋଧରୁ ରହିତ

**ଯତଚେତସାମ୍** = ଚିତ୍ତକୁ ବିଜିତ

ବିଦିତାତ୍ମନାମ୍ = ପରବ୍ରହ୍ମ ପରମାତ୍ମାଙ୍କର ସାକ୍ଷାତକାର କରିଥିବା

**ଯତୀନାମ୍** = ଜ୍ଞାନୀ ପୁରୁଷ ମାନଙ୍କ ପାଇଁ

**ଅଭିତଃ** = ସବୁଦିଗରୁ

**ବ୍ରହ୍ମନିର୍ବାଣମ୍** = ଶାନ୍ତିପରବ୍ରହ୍ମ ପରମାତ୍ମା(ହିଁ)

**ବର୍ତ୍ତତେ** = ପରିପୂର୍ଣ୍ଣ ହୋଇରହିଥାନ୍ତି

ସ୍ପର୍ଶାନ୍, କୃତ୍ୱା, ବହିଃ, ବାହ୍ୟାନ୍, ଚକ୍ଷୁଃ, ଚ, ଏବ, ଅନ୍ତରେ, ଭ୍ରୁବୋଃ,
ପ୍ରାଣାପାନୌ, ସମୌ, କୃତ୍ୱା, ନାସାଭ୍ୟନ୍ତରଚାରିଣୌ ॥୨୭॥
ଯତେନ୍ଦ୍ରିୟମନୋବୁଦ୍ଧିଃ, ମୁନିଃ, ମୋକ୍ଷପରାୟଣଃ,
ବିଗତେଚ୍ଛାଭୟକ୍ରୋଧଃ, ଯଃ, ସଦା, ମୁକ୍ତଃ, ଏବ, ସଃ, ॥୨୮ ॥

**ବାହ୍ୟାନ୍** = ବାହ୍ୟ

**ସ୍ପର୍ଶାନ୍** = ବିଷୟ ଭୋଗମାନଙ୍କୁ (ଚିନ୍ତନ ନ କରି)

**ବହିଃ** = ବାହାରେ

**ଏବ** = ହିଁ (ସେ ସବୁକୁ)

**କୃତ୍ୱା** = ତ୍ୟାଗ କରି

**ଚ** = ଏବଂ

**ଚକ୍ଷୁ** = ନେତ୍ରର ଦୃଷ୍ଟିକୁ

**ଭ୍ରୁବୋଃ** = ଭ୍ରୁକୁଟିର

**ଅନ୍ତରେ** = ମଝିରେ(ସ୍ଥିରକରିତଥା)

**ନାସାଭ୍ୟନ୍ତରଚାରଣୌ** = ନାସିକା ଭିତରେ ବିଚରଣକରୁଥିବା

**ପ୍ରାଣାପାନୌ** = ପ୍ରାଣ ଓ ଆପାନ ବାୟୁକୁ

**ସମୌ** = ସମଗତି

**କୃତ୍ୱା** = କରି

**ଯତେନ୍ଦ୍ରିୟ ମନୋବୁଦ୍ଧି** = ଯିଏ ଇନ୍ଦ୍ରିୟ ସବୁକୁ ମନ ଏବଂ ବୁଦ୍ଧିକୁ ଜିତିପାରିଛି (ଏଭଳି)

**ଯଃ** = ଯିଏ

**ମୋକ୍ଷପରାୟଣଃ** = ମୋକ୍ଷପରାୟଣ

**ମୁନିଃ** = ମୁନି

**ବିଗତେଚ୍ଛା-ଭୟକ୍ରୋଧଃ** = ଇଚ୍ଛା, ଭୟ, ଓ କ୍ରୋଧରୁ ରହିତ ହୋଇଯାଇଛି,

| | | | |
|---|---|---|---|
| **ସଃ** | = ସେ | **ମୁକ୍ତଃ** | = ମୁକ୍ତ |
| ସଦା | = ସଦା | **ଏବ** | = ହିଁ ଅଟେ |

ଭୋକ୍ତାରମ୍, ଯଜ୍ଞତପସାମ୍, ସର୍ବଲୋକମହେଶ୍ୱରମ୍,
ସୁହୃଦମ୍, ସର୍ବଭୂତାନାମ୍, ଜ୍ଞାତ୍ୱା, ମାମ୍, ଶାନ୍ତିମ୍, ଋଚ୍ଛତି ॥୨୯॥

| | | | |
|---|---|---|---|
| **ମାମ୍** | = ମୋର ଭକ୍ତ ମତେ | **ସର୍ବଭୂତାନାମ୍** | = ସକଳ ଭୁତ ମାନଙ୍କର |
| **ଯଜ୍ଞତପସାମ୍** | = ସକଳ ଯଜ୍ଞ ଓ ତପର | **ସୁହୃଦମ୍** | = ସୁହୃଦ ଅର୍ଥାତ୍ ସ୍ୱାର୍ଥ ରହିତ ଦୟାଳୁ ଓ ପ୍ରେମୀ(ଏହିଭଳି) |
| **ଭୋକ୍ତାରମ** | = ଭୋକ୍ତା | **ଜ୍ଞାତ୍ୱା** | = ତତ୍ତ୍ୱତ ଜାଣି |
| **ସର୍ବଲୋକମହେଶ୍ୱରମ** | = ସମସ୍ତ ଲୋକର ଈଶ୍ୱରମାନଙ୍କର ବି ଈଶ୍ୱର (ତଥା) | **ଶାନ୍ତିମ୍** | = ଶାନ୍ତିକୁ |
| | | **ଋଚ୍ଛତି** | = ପ୍ରାପ୍ତ ହୁଅନ୍ତି |

ଶ୍ରୀମଭଗବତ ଗୀତା ଅଧ୍ୟାୟ ୬ ର କିଛି ଶ୍ଲୋକର ଫୋଟକପୀ

**ଅଥ ଷଷ୍ଠୋଽଧ୍ୟାୟଃ**

*ଶ୍ରୀ ଭଗବାନୁବାଚ*

ଅନାଶ୍ରିତଃ, କର୍ମଫଳମ୍, କାର୍ଯ୍ୟମ୍, କର୍ମ, କରୋତି, ଯଃ, ସଃ,
ସନ୍ନ୍ୟାସୀ, ଚ, ଯୋଗୀ, ଚ, ନ, ନିରଗ୍ନିଃ, ନ, ଚ, ଅକ୍ରିୟଃ ॥୧॥

**ତା'ପରେ ଶ୍ରୀ ଭଗବାନ କହିଲେ, ହେ ଅର୍ଜୁନ! -**

| | | | |
|---|---|---|---|
| **ଯଃ** | = ଯେଉଁ ପୁରୁଷ | **ଚ** | = ଏବଂ (କେବଳ) |
| **କର୍ମଫଳମ୍** | = କର୍ମଫଳର | **ନିରଗ୍ନିଃ** | = ଅଗ୍ନିକୁ ତ୍ୟାଗ କରିଥିବାମନୁଷ୍ୟ(ସନ୍ନ୍ୟାସୀ) |
| **ଅନାଶ୍ରିତଃ** | = ଆଶ୍ରୟ ନନେଇ | | |
| **କାର୍ଯ୍ୟମ୍** | = କରିବା ଯୋଗ୍ୟ | **ନ** | = ନୁହେଁ |
| **କର୍ମ** | = କର୍ମ | **ଚ** | = ତଥା (କେବଳ) |
| **କରୋତି** | = କରିଥାଏ | **ଅକ୍ରିୟଃ** | = କ୍ରିୟାଗୁଡ଼ିକୁ ତ୍ୟାଗ କରିଥିବା ମନୁଷ୍ୟ(ଯୋଗୀ) |
| **ସଃ** | = ସେ | | |
| **ସନ୍ନ୍ୟାସୀ** | = ସନ୍ନ୍ୟାସୀ | | |
| **ଚ** | = ତଥା | **ନ** | = ନୁହେଁ |
| **ଯୋଗୀ** | = ଯୋଗୀ ଅଟେ; | | |

ଯମ୍, ସନ୍ନ୍ୟାସମ୍, ଇତି, ପ୍ରାହୁଃ, ଯୋଗମ୍, ତମ୍, ବିଦ୍ଧି, ପାଣ୍ଡବ, ନ, ହି, ଅସନ୍ନ୍ୟସ୍ତସଙ୍କଳ୍ପଃ, ଯୋଗୀ, ଭବତି, କଶ୍ଚନ ॥୨॥ସ

**ତେଣୁ-**

| | | | |
|---|---|---|---|
| **ପାଣ୍ଡବ** | = ହେ ଅର୍ଜୁନ ! | **ହି** | = କାରଣ |
| **ଇତି** | = ଏହିପରି | **ଅସନ୍ନ୍ୟସ୍ତ - ସଙ୍କଳ୍ପଃ** | = ସଂକଳ୍ପଗୁଡ଼ିକୁ ତ୍ୟାଗ କରି ନଥିବା |
| **ଯମ୍** | = ଯାହାକୁ | | |
| **ସନ୍ନ୍ୟାସମ୍** | = ସନ୍ନ୍ୟାସ (ବୋଲି) | **କଶ୍ଚନ** | = କୌଣସି ବି ପୁରୁଷ |
| **ଇତି ପ୍ରାହୁଃ** | = ବୋଲି କହନ୍ତି | **ଯୋଗୀ** | = ଯୋଗୀ |
| **ତମ** | = ତାହାକୁ(ତୁ) | **ଭବତି** | = ହୁଏ |
| **ଯୋଗମ୍** | = ଯୋଗ(ବୋଲି) | **ନ** | = ନାହିଁ |
| **ବିଦ୍ଧି** | = ଜାଣ | | |

ଆରୁରୁକ୍ଷୋଃ, ମୁନେଃ, ଯୋଗମ୍, କର୍ମ, କାରଣମ୍, ଉଚ୍ୟତେ, ଯୋଗାରୂଢ଼ସ୍ୟ, ତସ୍ୟ, ଏବ, ଶମଃ, କାରଣମ୍, ଉଚ୍ୟତେ ॥ ୩ ॥

| | | | |
|---|---|---|---|
| **ଯୋଗମ୍** | = ଯୋଗରେ | **ଉଚ୍ୟତେ** | = କୁହାଯାଏ (ଏବଂ ଯୋଗାରୂଢ ହୋଇଯିବାପରେ) |
| **ଆରୁରୁକ୍ଷୋଃ** | = ଆରୂଢ଼ ହେବାକୁ ଇଚ୍ଛୁକ | | |
| **ମୁନେଃ** | = ମନନଶୀଳ ପୁରୁଷ ନିମନ୍ତେ (ଯୋଗ ପ୍ରାପ୍ତି ପାଇଁ) | **ତସ୍ୟ** | = ସେହି |
| **କର୍ମ** | = ନିଷ୍କାମ ଭାବରେ କର୍ମ କରିବା | **ଯୋଗାରୂଢ଼ସ୍ୟ** | = ଯୋଗୀ ପୁରୁଷର |
| | | **ଶମଃ** | = ଯେଉଁ ସର୍ବସଂକଳ୍ପ ଶୂନ୍ୟତା ଅଛି |
| **କାରଣମ୍** | = (ଯୋଗପ୍ରାପ୍ତି)ହେତୁ | **ସଃ,ଏବ** | = ତାହାହିଁ(କଲ୍ୟାଣର) |
| | | **କାରଣମ୍** | = କାରଣ ବୋଲି |
| | | **ଉଚ୍ୟତେ** | = କୁହାଯାଏ |

ଯଦା, ହି, ନ, ଇନ୍ଦ୍ରିୟାର୍ଥେଷୁ, ନ, କର୍ମସୁ, ଅନୁଷଜ୍ଜତେ, ସର୍ବସଙ୍କଳ୍ପସନ୍ନ୍ୟାସୀ, ଯୋଗାରୂଢ଼ଃ, ତଦା, ଉଚ୍ୟତେ ॥ ୪ ॥

**ଯଦା** = ଯେତେବଳେ

**ନ** = ନା(ତ)

**ଇନ୍ଦ୍ରିୟାର୍ଥେଷୁ** = { ଇନ୍ଦ୍ରିୟମାନଙ୍କର ଭୋଗରେ (ଏବଂ)

**ନ** = ନା

**କର୍ମସୁ** = କର୍ମରେ

**ହି** = ମଧ୍ୟ

**ଅନୁଷଜ୍ଜତେ** = ଆସକ୍ତ ହୋଇଥାଏ

**ତଦା** = ସେତେବେଳେ(ସେହି)

**ସର୍ବସଙ୍କଳ୍ପ-ସନ୍ନ୍ୟାସୀ** = { ସର୍ବ ସକଳ୍ପ ତ୍ୟାଗୀ ପୁରୁଷ

**ଯୋଗାରୂଢ଼.** = ଯୋଗାରୂଢ଼

**ଉଚ୍ୟତେ** = ବୋଲି କଥିତ ହୁଏ

ଉଦ୍ଧରେତ୍, ଆତ୍ମନା, ଆତ୍ମାନମ୍, ନ, ଆତ୍ମାନମ୍, ଅବସାଦୟେତ୍, ଆତ୍ମା,
ଏବ, ହି, ଆତ୍ମନଃ, ବନ୍ଧୁଃ, ଆତ୍ମା, ଏବ, ରିପୁଃ, ଆତ୍ମନଃ ॥ ୫ ॥

**ଆତ୍ମନା** = ନିଜ ଦ୍ୱାରା

**ଆତ୍ମାନମ୍** = ନିଜକୁ(ସଂସାର ସାଗରରୁ)

**ଉଦ୍ଧରେତ୍** = ଉଦ୍ଧାର କର (ଏବଂ)

**ଆତ୍ମାନମ୍** = ନିଜକୁ (ଅଧୋଗତି)

ନ, ଅବସାଦୟେତ୍ = ପଥରେ ନିଅନ୍ତୁ ନାହିଁ

**ହି** = କାହିଁକିନା (ଏହିମଣିଷ)

**ଆତ୍ମା** = ନିଜେ

**ଏବ** = ହିଁ ତ

**ଆତ୍ମନଃ** = ନିଜର

**ବନ୍ଧୁଃ** = **ମିତ୍ର (ଏବଂ)**

**ଆତ୍ମା** = ନିଜେ

**ଏବ** = ହିଁ

**ଆତ୍ମନଃ** = ନିଜର

**ରିପୁଃ** = ଶତ୍ରୁ ଅଟେ

ବନ୍ଧୁଃ, ଆତ୍ମା, ଆତ୍ମନଃ, ତସ୍ୟ, ଯେନ, ଆତ୍ମା,ଏବ, ଆତ୍ମନା, ଜିତଃ,
ଅନାତ୍ମନଃ, ତୁ, ଶତ୍ରୁତ୍ୱେ, ବର୍ତ୍ତେତ, ଆତ୍ମା,ଏବ, ଶତ୍ରୁବତ୍ ॥ ୬ ॥

**ଯେନ** = ଯେଉଁ

**ଆତ୍ମନା** = ଜୀବାତ୍ମା ଦ୍ୱାରା

ଆତ୍ମା = { ମନ ଓ ଇନ୍ଦ୍ରିୟ ସହିତ ଶରୀର

**ଜିତଃ** = ଜୟ କରାଯାଇଛି,

ତସ୍ୟ = ସେହି

**ଆତ୍ମନଃ** = ଜୀବାତ୍ମାର (ସେ)

**ଆତ୍ମା** = ନିଜେ

**ଏବ** = ହିଁ

**ବନ୍ଧୁଃ** = ମିତ୍ର ଅଟେ;

**ତୁ** = ଏବଂ

ଅନାତ୍ମନଃ = ଯାହାଦ୍ୱାରା ମନ,ଇନ୍ଦ୍ରିୟ ସହିତ ଶରୀରକୁ ଜୟକରାଯାଇ ନାହିଁ, ତାହାପାଇଁ (ସେ)

**ଆତ୍ମା** = ନିଜେ

**ଏବ** = ହିଁ

**ଶତ୍ରୁବତ୍** = ଶତ୍ରୁ ପରି

**ଶତ୍ରୁତ୍ୱେ** = ଶତ୍ରୁତା

**ବର୍ତ୍ତେତ** = ଆଚରଣ କରିଥାଏ

ଜିତାତ୍ମନଃ, ପ୍ରଶାନ୍ତସ୍ୟ, ପରମାତ୍ମା, ସମାହିତଃ,
ଶୀତୋଷ୍ଣସୁଖଦୁଃଖେଷୁ, ତଥା, ମାନାପମାନୟୋଃ ॥୭॥

**ଏବଂ ହେ ଅର୍ଜୁନ! -**

**ଶୀତୋଷ୍ଣ-ସୁଖଦୁଃଖେଷୁ** = ଶୀତ-ଉଷ୍ଣ ଓ ସୁଖ-ଦୁଃଖ ଆଦିରେ

**ତଥା** = ତଥା

**ମାନାପମାନୟୋଃ** = ମାନ ଓ ଅପମାନରେ

**ପ୍ରଶାନ୍ତସ୍ୟ** = ଯାହାର ଅନ୍ତକରଣର ବୃତ୍ତିସବୁ ଭଲଭାବେ ଶାନ୍ତ ଅଟେ,(ଏଭଳି)

**-ଜିତାତ୍ମନଃ** = ସ୍ୱାଧୀନ ଆତ୍ମାବିଶିଷ୍ଟ ପୁରୁଷଙ୍କ (ଜ୍ଞାନରେ)

**ପରମାତ୍ମା** = ସଚ୍ଚିଦାନନ୍ଦ ଘନ ପରମାତ୍ମା

**ସମାହିତଃ** = ସମ୍ୟକ୍ ଭାବରେ ସ୍ଥିତ ଅଟନ୍ତି ଅର୍ଥାତ୍ ତାଙ୍କ ଜ୍ଞାନରେ ପରମାତ୍ମାଙ୍କ ବ୍ୟତୀତ ଅନ୍ୟ କିଛି ହିଁ ନାହିଁ

ଜ୍ଞାନବିଜ୍ଞାନତୃପ୍ତାତ୍ମା, କୂଟସ୍ଥଃ, ବିଜିତେନ୍ଦ୍ରିୟଃ,
ଯୁକ୍ତଃ, ଇତି, ଉଚ୍ୟତେ, ଯୋଗୀ, ସମଲୋଷ୍ଟାଶ୍ମକାଞ୍ଚନଃ ॥ ୮ ॥

**ଜ୍ଞାନବିଜ୍ଞାନ-ତୃପ୍ତାତ୍ମା** = ଯାହାର ଅନ୍ତକରଣ ଜ୍ଞାନ ବିଜ୍ଞାନରେ ତୃପ୍ତ ଅଟେ,

**କୂଟସ୍ଥଃ** = ଯାହାର ସ୍ଥିତି ବିକାର ଶୂନ୍ୟ ଅଟେ,

**ବିଜିତେନ୍ଦ୍ରିୟଃ** = ଯାହାର ଇନ୍ଦ୍ରିୟମାନେ ଭଲଭାବରେ ବଶୀଭୂତ ହୋଇଛନ୍ତି (ଏବଂ)

**ସମଲୋଷ୍ଟାଶ୍ମ-କାଞ୍ଚନଃ** = ଯାହାପାଇଁ ମାଟି, ପଥର, ଓ ସ୍ୱର୍ଣ୍ଣ ସମାନ ଅଟେ(ସେ)

**ଯୋଗୀ** = ଯୋଗୀ

**ଯୁକ୍ତ** = ଯୁକ୍ତ ଅର୍ଥାତ୍ ଭଗବତ୍‌ପ୍ରାପ୍ତଅଟେ

**ଇତି** = ଏହି ଭଳି

**ଉଚ୍ୟତେ** = କୁହାଯାଇଛି ।

ସୁହୃନ୍ମିତ୍ରାର୍ଯୁଦାସୀନମଧ୍ୟସ୍ଥଦ୍ୱେଷ୍ୟବନ୍ଧୁଷୁ,
ସାଧୁଷୁ, ଅପି, ଚ, ପାପେଷୁ, ସମବୁଦ୍ଧିଃ, ବିଶିଷ୍ୟତେ ॥ ୯ ॥

**ସୁହୃନ୍ମିତ୍ରାର୍ଯୁଦାସୀନ-ମଧ୍ୟସ୍ଥ-ଦ୍ୱେଷ୍ୟବନ୍ଧୁଷୁ** = ସୁହୃଦ୍[୧] ମିତ୍ର,ବୈରୀ, ଉଦାସୀନ[୨],ମଧ୍ୟସ୍ଥ[୩], ଦ୍ୱେଷ ଓ ବନ୍ଧୁଗଣଙ୍କଠାରେ
**ସାଧୁଷୁ** = ଧର୍ମାତ୍ମାମାନଙ୍କଠାରେ
**ଚ** = ଏବଂ
**ପାପେଷୁ** = ପାପୀମାନଙ୍କଠାରେ
**ଅପି** = ମଧ୍ୟ
**ସମବୃଦ୍ଧିଃ** =ସମଭାବରଖୁଥିବାପୁରୁଷ
**ବିଶିଷ୍ୟତେ** = ଅତ୍ୟନ୍ତ ଶ୍ରେଷ୍ଠ ଅଟେ

ଯୋଗୀ, ଯୁଞ୍ଜୀତ, ସତତମ୍, ଆତ୍ମାନମ୍, ରହସି, ସ୍ଥିତଃ,
ଏକାକୀ, ଯତଚିତ୍ତାତ୍ମା, ନିରାଶୀଃ, ଅପରିଗ୍ରହଃ ॥୧୦ ॥

**ତେଣୁ ଏହା ଉଚିତ୍ ଯେ -**

**ଯତଚିତ୍ତାତ୍ମା** = ମନ ଓ ଇନ୍ଦ୍ରିୟମାନଙ୍କ ସହିତ ଶରୀରକୁ ବଶ କରି ରଖୁଥିବା,
**ନିରାଶୀଃ** = ଆଶାରହିତ (ଓ)
**ଅପରିଗ୍ରହଃ** = ସଂଗ୍ରହରହିତ
**ଯୋଗୀ** = ଯୋଗୀ
**ଏକାକୀ** = ଏକାକୀ ହିଁ
**ରହସି** = ଏକାନ୍ତ ସ୍ଥାନରେ
**ସ୍ଥିତଃ** = ଅବସ୍ଥିତ ହୋଇ
**ଆତ୍ମାନମ୍** = ଆତ୍ମାକୁ
**ସତତ୍ମ** = ନିରନ୍ତର (ପରମାତ୍ମାଙ୍କଠାରେ)
**ଯୁଞ୍ଜୀତ** = ଲଗାଇବା ଉଚିତ୍ ।

ଶୁଚୌ, ଦେଶେ, ପ୍ରତିଷ୍ଠାପ୍ୟ, ସ୍ଥିରମ୍, ଆସନମ୍, ଆତ୍ମନଃ,ନ,
ଅତ୍ୟୁଚ୍ଛ୍ରିତମ୍, ନ, ଅତିନୀଚମ୍, ଚୈଲାଜିନକୁଶୋତ୍ତରମ୍ ॥୧୧॥

**ଏହିପରି -**

**ଶୁଚୌ** = ଶୁଦ୍ଧ
**ଦେଶେ** = ଭୂମିରେ,(ଯାହା) ଉପରେ କ୍ରମଶଃ)
ଚୈଲାଜିନ୍ - କୁଶୋତରମ୍ = କୁଶ, ମୃଗଛାଲ, ଏବଂ (ତା'ଉପରେ) ବସ୍ତ୍ର ବିଛାଇ, (ଯାହା)
ନା = ନା
ଅତ୍ୟୁଚ୍ଛ୍ରିତମ୍ = ବହୁତ ଉଚ୍ଚ ହୋଇଥିବ(ଏବଂ)
**ନ** = ନା
ଅତିନୀଚମ୍ = ବହୁତନୀଚା ନ କରି ଏଭଳି

| | |
|---|---|
| **ଆତ୍ମନଃ** = ନିଜର | **ସ୍ଥିରମ୍** = ସ୍ଥିର ଭାବେ |
| **ଆସନମ୍** = ଆସନକୁ | **ପ୍ରତିଷ୍ଠାପ୍ୟ** = ସ୍ଥାପନ କରି |

ତତ୍ର, ଏକାଗ୍ରମ୍, ମନଃ, କୃତ୍ୱା, ଯତଚିତ୍ତେନ୍ଦ୍ରିୟକ୍ରିୟଃ,
ଉପବିଶ୍ୟ, ଆସନେ, ଯୁଞ୍ଜ୍ୟାଦ୍, ଯୋଗମ୍, ଆତ୍ମବିଶୁଦ୍ଧୟେ ॥୧୨ ॥

**ତା'ପରେ -**

| | |
|---|---|
| **ତତ୍ର** = ସେହି | **ମନଃ** = ମନକୁ |
| **ଆସନେ** = ଆସନ ଉପରେ | **ଏକାଗ୍ରମ୍** = ଏକାଗ୍ର |
| **ଉପବିଶ୍ୟ** = ବସି | **କୃତ୍ୱା** = କରି |
| **ଯତଚିତ୍ତେନ୍ଦ୍ରିୟକ୍ରିୟଃ** = ଚିତ୍ତ ଓ ଇନ୍ଦ୍ରିୟମାନଙ୍କର କ୍ରିୟାକୁ ବଶିଭୁତ କରି | **ଆତ୍ମବିଶୁଦ୍ଧୟେ** = ଅନ୍ତକରଣର ଶୁଦ୍ଧିପାଇଁ |
| | **ଯୋଗମ୍** = ଯୋଗର |
| | **ଯୁଞ୍ଜ୍ୟାତ୍** = ଅଭ୍ୟାସ କର । |

ସମମ୍, କାୟଶିରୋଗ୍ରୀବମ୍, ଧାରୟନ୍, ଅଚଳମ୍, ସ୍ଥିରଃ,
ସଂପ୍ରେକ୍ଷ୍ୟ, ନାସିକାଗ୍ରମ୍, ସ୍ୱମ୍, ଦିଶଃ, ଚ, ଅନବଲୋକୟନ୍ ॥୧୩ ॥

**ତାହାର ବିଧି ଏହି ପ୍ରକାର ଅଟେ ଯେ -**

| | |
|---|---|
| **କାୟଶିରୋଗ୍ରୀବମ୍** = ଦେହ, ମୁଣ୍ଡ ଓ ବେକ | **ସ୍ୱମ୍** = ନିଜର |
| | **ନାସିକାଗ୍ରମ୍** = ନାକର ଅଗରେ |
| **ସମମ୍** = ସଳଖ (ଏବଂ) | ସଂପ୍ରେକ୍ଷ୍ୟ = ଦୃଷ୍ଟି ନିବଦ୍ଧ କରି (ଅନ୍ୟ) |
| **ଅଚଳମ୍** = ଅଚଳ | |
| **ଧାରୟନ୍** = ରଖି | **ଦିଶଃ** = ଦିଗ ଆଡ଼କୁ |
| **ଚ** = ଏବଂ | **ଅନବଲୋକୟନ୍** = ଚାହିଁ ନାହିଁ |
| **ସ୍ଥିରଃ** = ସ୍ଥିର ହୋଇ | |

ପ୍ରଶାନ୍ତାତ୍ମା, ବିଗତଭୀଃ, ବ୍ରହ୍ମଚାରୀବ୍ରତେ, ସ୍ଥିତଃ,
ମନଃ, ସଂଯମ୍ୟ, ମଚ୍ଚିତ୍ତଃ, ଯୁକ୍ତଃ, ଆସୀତ, ମତ୍ପରଃ ॥୧୪ ॥

| | |
|---|---|
| **ବ୍ରହ୍ମଚାରୀବ୍ରତେ** = ବହ୍ମଚର୍ଯ୍ୟ ବ୍ରତରେ | ବିଗତଭୀଃ = ଭୟଶୂନ୍ୟ ତଥା |
| **ସ୍ଥିତଃ** = ସ୍ଥିତ | ପ୍ରଶାନ୍ତାତ୍ମା = ଭଲଭାବେ ଶାନ୍ତି ଅନ୍ତଃକରଣବିଶିଷ୍ଟ |

**ଯୁକ୍ତଃ** = ସାବଧାନ ଯୋଗୀ
ମନଃ = ମନକୁ
ସଂଯମ୍ୟ = ସଂଯତ କରି
**ମଚ୍ଚିତ୍ତଃ** = ମୋଠାରେ ଚିତ୍ତଯୁକ୍ତ (ଏବଂ)
**ମତ୍ପରଃ** = ମୋର ପରାୟଣ ହୋଇ
**ଆସୀତ** = ବସିବା ଉଚିତ୍

ଯୁଞ୍ଜନ୍, ଏବମ୍, ସଦା, ଆତ୍ମାନମ୍, ଯୋଗୀ, ନିୟତମାନସଃ,
ଶାନ୍ତିମ୍, ନିର୍ବାଣପରମାମ୍, ମତ୍ସଂସ୍ଥାମ୍, ଅଧିଗଚ୍ଛତି ॥୧୫ ॥

**ନିୟତମାନସଃ** = ମନକୁ ବଶ କରିପାରିଥିବା
**ଯୋଗୀ** = ଯୋଗୀ
**ଏବମ୍** = ଏହିପରି ଭାବରେ
**ଆତ୍ମାନମ୍** = ଆତ୍ମାକୁ
**ସଦା** = ନିରନ୍ତର(ମୋର ଅର୍ଥାତ୍ ପରମେଶ୍ୱରଙ୍କ ସ୍ୱରୂପରେ)
**ଯୁଞ୍ଜନ୍** = ଲଗାଇ
**ମତ୍ସଂସ୍ଥାମ୍** = ମୋଠାରେ ଥିବା
**ନିର୍ବାଣପରମାମ୍** = ପରମାନନ୍ଦର ପରାକାଷ୍ଠା ରୂପକ
**ଶାନ୍ତିମ୍** = ଶାନ୍ତିକୁ
**ଅଧିଗଚ୍ଛତି** = ପ୍ରାପ୍ତ ହୋଇଥାଏ

ନ, ଅତି, ଅଶ୍ନତଃ, ତୁ, ଯୋଗଃ, ଅସ୍ତି, ନ, ଚ,ଏକାନ୍ତମ୍, ଅନଶ୍ନତଃ,
ନ, ଚ, ଅତି, ସ୍ୱପ୍ନଶୀଳସ୍ୟ, ଜାଗ୍ରତଃ, ନ, ଏବ, ଚ, ଅର୍ଜୁନ ॥୧୬ ॥

**ଅର୍ଜୁନ** = ହେ ଅର୍ଜୁନ ! (ଏହି)
**ଯୋଗଃ** = ଯୋଗ
**ନ** = ନା
**ତୁ** = ତ
**ଅତି** = ବହୁତ
**ଅଶ୍ନତଃ** = ଖାଇବା ଲୋକର
**ଚ** = ଏବଂ
**ନ** = ନା
**ଏକାନ୍ତମ୍** = ଆଦୌ
**ଅନଶ୍ନତଃ** = ନ ଖାଇବା ଲୋକର
**ଚ** = ତଥା
**ନ** = ନା
**ଅତି** = ବହୁତ
**ସ୍ୱପ୍ନଶୀଳସ୍ୟ** = ଶୋଇବାଲୋକର
**ଚ** = ଏବଂ
**ନ** = ନା (ସବୁବେଳେ)
**ଜାଗ୍ରତଃ** = ଚାହିଁ ରହୁଥିବା ଅର୍ଥାତ୍ ନଶୋଇବାଲୋକର
**ଏବ** = ହିଁ
**ଅସ୍ତି** = ସିଦ୍ଧ ହୋଇଥାଏ ।

ଯୁକ୍ତାହାରବିହାରସ୍ୟ, ଯୁକ୍ତଚେଷ୍ଟସ୍ୟ, କର୍ମସୁ,
ଯୁକ୍ତସ୍ୱପ୍ନାବବୋଧସ୍ୟ, ଯୋଗଃ, ଭବତି, ଦୁଃଖହା ॥୧୭ ॥

**ଦୁଃଖହା** = ଦୁଃଖଗୁଡ଼ିକର ନାଶକାରୀ

**ଯୋଗଃ** = ଯୋଗ (ତ)

**ଯୁକ୍ତାହାର-ବିହାରସ୍ୟ** = ଯଥାଯୋଗ୍ୟ ଆହାର-ବିହାର କରୁଥିବା ବ୍ୟକ୍ତିର

**କର୍ମସୁ** = କର୍ମ କରିବାକୁ

**ଯୁକ୍ତଚେଷ୍ଟସ୍ୟ** = ଯଥାଯୋଗ୍ୟ ଚେଷ୍ଟା କରୁଥିବା (ଏବଂ)

**ଯୁକ୍ତସ୍ୱପ୍ନାବ ବୋଧସ୍ୟ** = ଯଥାଯୋଗ୍ୟ ଶୋଉଥିବା ତଥା ଚେଉଁଥିବା ବ୍ୟକ୍ତିର(ହିଁ ସିଦ୍ଧ)

**ଭବତି** = ହୋଇଥାଏ

ତମ୍, ବିଦ୍ୟାତ୍, ଦୁଃଖସଂଯୋଗବିୟୋଗମ୍, ଯୋଗସଜ୍ଞିତମ୍, ସଃ,
ନିଶ୍ଚୟେନ୍, ଯୋକ୍ତବ୍ୟଃ, ଯୋଗଃ, ଅନିର୍ବିଣ୍ଣଚେତସା ॥୨୩ ॥

**ଦୁଃଖସଂଯୋଗ-ବିୟୋଗମ୍** = ଯାହା ଦୁଃଖରୂପକ ସଂସାରର ସଂଯୋଗରୁ ରହିତ ଅଟେ (ତଥା)

**ଯୋଂଗସଜ୍ଞିତମ୍** = ଯାହାର ନାମ ଯୋଗ ଅଟେ,

**ତମ୍** = ତାହାକୁ

**ବିଦ୍ୟାତ୍** = ଜାଣିବା ଉଚିତ୍

**ସଃ** = ସେହି

**ଯୋଗଃ** = ଯୋଗ

**ଅନିର୍ବିଣ୍ଣଚେତସା** = କ୍ଷୁର୍ଣ୍ଣନହୋଇଥିବା ଅର୍ଥାତ୍ ଧୈର୍ଯ୍ୟ ଓ ଉତ୍ସାହଯୁକ୍ତଚିତ୍ତରେ

**ନିଶ୍ଚୟେନ୍** = ନିଶ୍ଚୟ ପୂର୍ବକ

**ଯୋକ୍ତବ୍ୟଃ** = କରିବା କର୍ତ୍ତବ୍ୟ ଅଟେ ।

ସର୍ବଭୂତସ୍ଥିତମ୍, ଯଃ, ମାମ୍, ଭଜତି,ଏକତ୍ୱମ୍, ଆସ୍ଥିତଃ,
ସର୍ବଥା, ବର୍ତ୍ତମାନଃ,ଅପି, ସଃ, ଯୋଗୀ, ମୟି, ବର୍ତ୍ତତେ ॥ ୩୧॥

**ଏହିପରି**

**ଯଃ** = ଯେଉଁ ପୁରୁଷ

**ଏକତ୍ୱମ୍** = ଏକୀଭାବରେ

**ଆସ୍ଥିତଃ** = ସ୍ଥିତ ହୋଇ

**ସର୍ବଭୂତସ୍ଥିତମ୍** = ସମସ୍ତ ପ୍ରାଣୀଙ୍କଠାରେ ଆତ୍ମ ରୂପରେସ୍ଥିତ

**ମାମ୍** = ମୋତେ(ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ)

**ଭଜନ୍ତି** = ଭଜିଥାଏ

**ସଃ** = ସେହି

**ଯୋଗୀ** = ଯୋଗୀ

**ସର୍ବଥା** = ସକଳ ପ୍ରକାରେ
ବର୍ତ୍ତମାନ = କ୍ରିୟାକଳାପ କରୁଥିଲେ
**ଅପି** = ମଧ୍ୟ
**ମୟି** = ମୋ ସହିତ(ହିଁ)
**ବର୍ତ୍ତତେ** = ସକଳ କ୍ରିୟାକରୁଥାଏ

ଆତ୍ମୌପମ୍ୟେନ, ସର୍ବତ୍ର ,ସମମ୍, ପଶ୍ୟତି, ଯଃ, ଅର୍ଜୁନ, ସୁଖମ୍,
ବା, ଯଦି, ବା, ଦୁଃଖମ୍, ସଃ, ଯୋଗୀ, ପରମଃ, ମତଃ, ॥ ୩୨ ॥

**ଅର୍ଜୁନ** = ହେ ଅର୍ଜୁନ !
**ଯଃ** = ଯେଉଁ ଯୋଗୀ
**ଆତ୍ମୌପମ୍ୟେନ** = ନିଜପରି*
**ସର୍ବତ୍ର** = ସକଳ ଭୂତମାନଙ୍କଠାରେ
**ସମମ୍** = ସମାନ୍ ଭାବେ
**ପଶ୍ୟତି** = ଦେଖିଥାଏ
**ବା** = ଏବଂ
**ସୁଖମ୍** = ସୁଖ
**ଯଦି,ବା** = ଅଥବା
**ଦୁଃଖମ୍** = ଦୁଃଖକୁ (ମଧ୍ୟ ସମସ୍ତଙ୍କଠାରେ ସମ ଭାବେ ଦେଖିଥାଏ)
**ସଃ** = ସେହି
**ଯୋଗୀ** = ଯୋଗୀ
**ପରମଃ** = ପରମଶ୍ରେଷ୍ଠ ବୋଲି
**ମତଃ** = ସ୍ୱୀକାରକରାଯାଇଛି ।

ଅସଂଶୟମ୍, ମହାବାହୋ, ମନଃ, ଦୁର୍ନିଗ୍ରହମ୍, ଚଳମ୍,
ଅଭ୍ୟାସେନ୍, ତୁ, କୌନ୍ତେୟ, ବୈରାଗ୍ୟେଣ,ଚ, ଗୃହ୍ୟତେ ॥ ୩୫॥

**ମହାବାହୋ** = ହେ ମହାବାହୁ !
**ଅସଂଶୟମ୍** = ତାହା ନିଃସନ୍ଦେହ
**ମନଃ** = ମନ (ଯେ)
**ଚଳମ୍** = ଚଞ୍ଚଳ(ଏବଂ)
**ଦୁର୍ନିଗ୍ରହମ** = ବଡ଼ କଷ୍ଟରେ ବଶୀଭୂତ ହୁଏ
ଅସଂଶୟମ = ତାହା ନିଃସନ୍ଦେହ
**ତୁ** = କିନ୍ତୁ
**କୌନ୍ତେୟ** =ହେ କୁନ୍ତୀପୁତ୍ର ଅର୍ଜୁନ !(ଏହା)
**ଅଭ୍ୟାସେନ** = ଅଭ୍ୟାସ*
**ଚ** = ଏବଂ
**ବୈରାଗ୍ୟେଣ** = ବୈରାଗ୍ୟ ଦ୍ୱାରା
**ଗୃହ୍ୟତେ** = ବଶୀଭୂତ

ଅସଂଯତାତ୍ମନା, ଯୋଗଃ, ଦୁଷ୍ପ୍ରାପଃ, ଇତି, ମେ, ମତିଃ,
ବଶ୍ୟାତ୍ମନା, ତୁ, ଯତତା, ଶକ୍ୟଃ, ଅବାପ୍ତୁମ୍, ଉପାୟତଃ ॥ ୩୬ ॥

**ଅସଂଯତାତ୍ମନା** = ଯାହାରମନ ବଶୀଭୂତ ହୋଇ ନାହିଁ,ଏଭଳି ପୁରୁଷ ଦ୍ୱାରା
**ଯୋଗଃ** = ଯୋଗ
**ଦୁଷ୍ପ୍ରାପଃ** = ଦୁଷ୍ପ୍ରାପ୍ୟ ଅଟେ
**ତୁ** = ଏବଂ
**ବଶ୍ୟାତ୍ମନା** = ମନକୁ ବଶ କରିଥିବା

ଯତତା = ପ୍ରଯତ୍ନଶୀଳ ପୁରୁଷଦ୍ୱାରା

ଉପାୟତଃ = ସାଧନାବଳରେ (ତାହା)

ଅବାପ୍ତୁନ୍ = ପ୍ରାପ୍ତ ହେବା

ଶକ୍ୟଃ = ସହଜ ଅଟେ

ଇତି = ଏହା

ମେ = ମୋର

ମତିଃ = ମତ ଅଟେ ।

ଅଯତିଃ, ଶ୍ରଦ୍ଧୟା, ଉପେତଃ, ଯୋଗାତ୍, ଚଳିତମାନସଃ,
ଅପ୍ରାପ୍ୟ, ଯୋଗସଂସିଦ୍ଧିମ୍, କାମ୍, ଗତିମ୍, କୃଷ୍ଣ, ଗଚ୍ଛତି ॥ ୩୭ ॥

**ଏହାପରେ ଅର୍ଜୁନ କହିଲେ -**

**କୃଷ୍ଣ** = ହେ କୃଷ୍ଣ !

**ଶ୍ରଦ୍ଧୟା, ଉପେତ** = ଯିଏ ଯୋଗରେ ଶ୍ରଦ୍ଧା ରଖିଥାଏ; କିନ୍ତୁ

**ଅଯତିଃ** = ସଂଯମୀ ନୁହେଁ, (ଏହିକାରଣରୁ ଅନ୍ତକାଳରେ)

**ଯୋଗାତ୍-ଚଳିତମାନସଃ** = ଯାହାର ମନ;ଯୋଗରୁ ବିଚଳିତ ହୋଇ ଯାଇଥାଏ (ଏଭଳି ସାଧକ ଯୋଗୀ )

**ଯୋଗସଂସିଦ୍ଧିମ୍** = ଯୋଗର ସିଦ୍ଧିକୁ ଅର୍ଥାତ୍ ଭଗବତ୍ ସାକ୍ଷାତକାରକ

**ଅପ୍ରାପ୍ୟ** = ପ୍ରାପ୍ତ ନ ହୋଇ

**କାମ** = କେଉଁ

**ଗତିମ୍** = ଗତିକୁ

**ଗଚ୍ଛିତ** = ପ୍ରାପ୍ତ ହୁଏ ?

କଚ୍ଚିତ୍, ନ, ଉଭୟବିଭ୍ରଷ୍ଟଃ, ଛିନ୍ନାଭ୍ରମ୍, ଇବ ନଶ୍ୟତି ,
ଅପ୍ରତିଷ୍ଠଃ, ମହାବାହୋ, ବିମୂଢ଼ଃ, ବ୍ରହ୍ମଣଃ, ପଥି ॥ ୩୮ ॥

**ଏବଂ**

**ମହାବାହୋ** = ହେ ମହାବାହୁ !

**କଚ୍ଛିତ୍** = କ'ଣ (ସେହି)

**ବ୍ରହ୍ମଣଃ** = ଭଗବତ୍ ପ୍ରାପ୍ତିର

**ପଥି** = ମାର୍ଗରେ

**ବିମୂଢ଼ଃ** = ମୋହିତ (ଏବଂ)

**ଅପ୍ରତିଷ୍ଠଃ** = ଆଶ୍ରୟରହିତ ପୁରୁଷ

**ଛିନ୍ନାଭ୍ରମ** = ଛିନ୍ନ-ଭିନ୍ନ ମେଘ

**ଇବ** = ଭଳି

**ଉଭୟବିଭ୍ରଷ୍ଟଃ** = ଉଭୟ ଦିଗରୁ ଭ୍ରଷ୍ଟ ହୋଇ

**ନ, ନଶ୍ୟନ୍ତି** = ନଷ୍ଟ ହୋଇଯାଏ ନାହିଁ ତ ?

ଏତତ୍, ମେ, ସଂଶୟମ୍, କୃଷ୍ଣ, ଛେତ୍ତୁମ୍, ଅର୍ହସି, ଅଶେଷତଃ
ତ୍ୱଦନ୍ୟଃ, ସଂଶୟସ୍ୟ, ଅସ୍ୟ, ଛେତ୍ତା, ନ, ହି, ଉପପଦ୍ୟତେ ॥ ୩୯॥

**କୃଷ୍ଣ** = ହେ ଶ୍ରୀକୃଷ୍ଣ !
**ମେ** = ମୋର
**ଏତତ୍** = ଏହି
**ସଂଶୟମ୍** = ସଂଶୟକୁ
**ଅଶେଷତଃ** = ସମ୍ପୂର୍ଣ୍ଣ ରୂପେ
**ଛେତ୍ତୁମ** = ଛେଦନ କରିବା ପାଇଁ (ଆପଣ ହିଁ)
**ଅର୍ହସି** = ଯୋଗ୍ୟ ଅଟନ୍ତି;
**ହି** = କାହିଁକିନା
**ତ୍ୱଦନ୍ୟଃ** = ଆପଣଙ୍କ ବ୍ୟତୀତ ଅନ୍ୟ କେହି
**ଅସ୍ୟ** = ଏହି
**ସଂଶୟସ୍ୟ** = ସଂଶୟର
**ଛେତ୍ତା** = ଛେଦନକାରୀ
**ନ, ଉପପଦ୍ୟତେ** = ମିଳିବା ସମ୍ଭବ ନୁହେଁ

ପାର୍ଥ, ନ, ଏବ, ଇହ, ନ, ଅମୁତ୍ର, ବିନାଶଃ, ତସ୍ୟ, ବିଦ୍ୟତେ,
ନ, ହି, କଲ୍ୟାଣକୃତ୍, କଶ୍ଚିତ୍, ଦୁର୍ଗତିମ୍, ତାତ, ଗଚ୍ଛତି ॥ ୪୦ ॥

**ଅର୍ଜୁନ ଏଭଳି ପଚାରିବାରୁ ଶ୍ରୀ ଭଗବାନ କହିଲେ-**

**ପାର୍ଥ** = ହେ ପାର୍ଥ !
**ତସ୍ୟ** = ସେହି ପୁରୁଷଙ୍କର
**ନ** = ନା(ତ)
**ଇହ** = ଏହି ଲୋକରେ
**ବିନାଶଃ** = ବିନାଶ
**ବିଦ୍ୟତେ** = ହୋଇଥାଏ
**ନ** = ନା
**ଅମୁତ୍ର** = ପରଲୋକରେ
**ଏବ** = ହିଁ ;
**ହି** = କାରଣ
**ତାତ୍** = ହେ ପ୍ରିୟ !
**କଲ୍ୟାଣକୃତ୍** = ଆତ୍ମଉଦ୍ଧାର ପାଇଁ ଅର୍ଥାତ୍ ଭଗବତ୍ ପ୍ରାପ୍ତି ପାଇଁ କର୍ମ କରୁଥିବା
**କଶ୍ଚିତ୍** = କୌଣସି ବି ମଣିଷ
**ଦୁର୍ଗତିମ୍** = ଦୁର୍ଗତିକୁ
**ନ, ଗଚ୍ଛତି** = ପ୍ରାପ୍ତ ହୁଏ ନାହିଁ ।

ପ୍ରାପ୍ୟ, ପୁନ୍ୟକୃତାମ୍, ଲୋକାନ୍, ଉଷିତ୍ୱା, ଶାଶ୍ୱତୀଃ, ସମାଃ,
ଶୁଚୀନାମ୍, ଶ୍ରୀମତାମ୍, ଗେହେ, ଯୋଗଭ୍ରଷ୍ଟଃ, ଅଭିଜାୟତେ ॥୪୧॥

**କିନ୍ତୁ ସେହି -**

**ଯୋଗଭ୍ରଷ୍ଟ** = ଯୋଗଭ୍ରଷ୍ଟ ପୁରୁଷ
**ପୁନ୍ୟକୃତାମ୍** = ପୂଣ୍ୟବାନମାନଙ୍କର

**ଲୋକାନ୍** = { ଲୋକ ଅର୍ଥାତ୍ ସ୍ୱର୍ଗାଦି ଉତ୍ତମ ଲୋକଗୁଡ଼ିକୁ

**ପ୍ରାପ୍ୟ** = ପ୍ରାପ୍ତ ହୋଇ (ସେଠାରେ)

**ଶାଶ୍ୱତୀ** = ବହୁତ

**ସମାଃ** = ବର୍ଷ ପର୍ଯ୍ୟନ୍ତ

**ଉଷିତ୍ୱା** = ନିବାସକରି (ପୁଣି)

**ଶୁଚୀନାମ୍** =ଶୁଦ୍ଧ ଆଚାରଣକାରୀ

**ଶ୍ରୀମତାମ୍** =ଶ୍ରୀମାନ୍‌ପୁରୁଷମାନଙ୍କ

**ଗେହେ** = ଘରେ

**ଅଭିଜାୟତେ**= ଜନ୍ମ ନେଇଥାଏ ।

ଅଥବା, ଯୋଗିନାମ୍, ଏବ, କୁଳେ, ଭବତି, ଧୀମତାମ୍,
ଏତତ୍, ହି, ଦୁର୍ଲଭତରମ୍, ଲୋକେ, ଜନ୍ମ, ଯତ୍, ଈଦୃଶମ୍ ॥୪୨॥

**ଅଥବା** ={ ଅଥବା (ବୈରାଗ୍ୟବାନ୍ ପୁରୁଷ ସେହି ଲୋକକୁ ନଯାଇ)

**ଧୀମତାମ୍** = ଜ୍ଞାନବାନ୍

**ଯୋଗିନାମ୍** = ଯୋଗୀମାନଙ୍କର

**କୁଳେ** = କୂଳରେ

**ଏବ** = ହିଁ

**ଭବତି** = ଜନ୍ମ ନିଏ (କିନ୍ତୁ)

**ଈଦୃଶମ୍** = ଏ ପ୍ରକାରେ

**ଏତତ୍** = ଏହି

**ଯତ୍** = ଯେଉଁ

**ଜନ୍ମ** = ଜନ୍ମ ଅଟେ,(ତାହା)

**ଲୋକେ** = ସଂସାରରେ

**ହି** = ନିଃସନ୍ଦେହ

**ଦୁର୍ଲଭତରମ୍** = ଅତ୍ୟନ୍ତ ଦୁର୍ଲଭ ।

ତତ୍ର, ତମ୍, ବୁଦ୍ଧିସଂଯୋଗମ୍, ଲଭତେ, ପୌର୍ବଦେହିକମ୍,
ଯତତେ, ଚ, ତତଃ, ଭୂୟଃ, ସଂସିଦ୍ଧୌ, କୁରୁନନ୍ଦନ ॥ ୪୩ ॥

**ଏବଂ ସେହି ପୁରୁଷ -**

**ତତ୍ର** = ସେଠାରେ

**ତମ୍** = ସେହି

**ପୌର୍ବଦେହିକମ୍** = { ପୂର୍ବ ଶରୀରରେ ସଂଗ୍ରହ କରିଥିବା

**ବୁଦ୍ଧିସଂଯୋଗମ୍** = { ବୁଦ୍ଧିର ସଂଯୋଗକୁ ଅର୍ଥାତ୍ ସମବୁଦ୍ଧି ରୂପକ ଯୋଗସଂସ୍କାର କୁ(ସହଜରେ)

**ଲଭତେ** = ପ୍ରାପ୍ତ ହୋଇଯାଇଥାଏ

ଚ = ଏବଂ

କୁରୁନନ୍ଦନ = ହେ କୁରୁ ନନ୍ଦନ।

**ତତଃ** ={ ତାହାର ପ୍ରଭାବରେ(ସେ)

**ଭୂୟଃ** = ପୁଣି

**ସଂସିଦ୍ଧୌ** = { ପରମାତ୍ମା ପ୍ରାପ୍ତି ରୂପକ ସିଦ୍ଧି ପାଇଁ (ପୂର୍ବ ଅପେକ୍ଷା ଅଧିକ)

**ଯତତେ** = ପ୍ରଯତ୍ନ କର

ପୂର୍ବାଭ୍ୟାସେନ, ତେନ, ଏବ, ହ୍ରିୟତେ, ହି,ଅବଶଃ, ଅପି, ସଃ,
ଜିଜ୍ଞାସୁଃ, ଅପି, ଯୋଗସ୍ୟ, ଶବ୍ଦବ୍ରହ୍ମ, ଅତିବର୍ତ୍ତତେ ॥ ୪୪ ॥

ଏବଂ -

**ସଃ** = { ସେହି (ଲକ୍ଷ୍ମୀବାନ୍ ଲୋକଙ୍କ ଘରେ ଜନ୍ମ ହୋଇଥିବା ଯୋଗଭ୍ରଷ୍ଟ ପୁରୁଷଙ୍କୁ)

**ଅବଶଃ** = ପରାଧୀନ ହୋଇ

**ଅପି** = ମଧ୍ୟ

**ତେନ** = ସେହି

**ପୂର୍ବାଭ୍ୟାସେନ** = { ପୂର୍ବ ଅଭ୍ୟାସ (ପ୍ରଭାବରେ)

**ଏବ** = ହିଁ

**ହି** = { ନିଃସନ୍ଦେହ (ଭଗବାନଙ୍କ ଆଡ଼କୁ)

**ହ୍ରିୟତେ** = { ଆକର୍ଷିତ ହୁଏ ।(ତଥା)

**ଯୋଗସ୍ୟ** = { ସମବୁଦ୍ଧି ରୂପକ ଯୋଗର

**ଜିଜ୍ଞାସୁଃ** = ଜିଜ୍ଞାସୁ

**ଅପି** = ମଧ୍ୟ

**ଶବ୍ଦବ୍ରହ୍ମ** = { ବେଦ କଥିତ ସକାମ କର୍ମଗୁଡ଼ିକର ଫଳକୁ

**ଅତିବର୍ତତେ** = { ଉଲଂଘନ କରିଥାଏ ।

ପ୍ରଯତ୍ନାତ୍, ଯତମାନଃ, ତୁ, ଯୋଗୀ, ସଂଶୁଦ୍ଧକିଲ୍‌ବିଷଃ,
ଅନେକଜନ୍ମସଂସିଦ୍ଧଃ, ତତଃ, ଯାତି, ପରାମ୍, ଗତିମ୍ ॥ ୪୫ ॥

**ତୁ** = ପରନ୍ତୁ

**ପ୍ରଯତ୍ନାତ୍** = ପ୍ରଯତ୍ନପୂର୍ବକ

**ଯତମାନଃ** = ଅଭ୍ୟାସ କରୁଥିବା

**ଯୋଗୀ** = ଯୋଗୀ (ତ)

**ଅନେକଜନ୍ମ ସଂସିଦ୍ଧ** = { ଅନେକପୂର୍ବ ଜନ୍ମର ସଂସ୍କାର ବଳରେ ଏହି ଜନ୍ମରେ ସଂସିଦ୍ଧ ହୋଇ

**ସଂଶୁଦ୍ଧକିଲ୍‌ବିଷଃ** = { ସମ୍ପୂର୍ଣ୍ଣ ପାପରୁ ରହିତ ହୋଇ,

**ତତଃ** = { ତା'ପରେ ତତ୍କାଳ ହିଁ

**ପରାମ୍, ଗତିମ୍** = ପରମଗତିକୁ

**ଯାତି** = ପ୍ରାପ୍ତ ହୋଇଯାଏ

ତପସ୍ୱିଭ୍ୟଃ, ଅଧିକଃ, ଯୋଗୀ, ଜ୍ଞାନିଭ୍ୟଃ, ଅପି, ମତଃ, ଅଧିକଃ,
କର୍ମିଭ୍ୟଃ,ଚ, ଅଧିକଃ, ଯୋଗୀ, ତସ୍ମାତ୍,ଯୋଗୀ, ଭବ, ଅର୍ଜୁନ ॥ ୪୬ ॥

**କାରଣ -**

| | | | |
|---|---|---|---|
| **ଯୋଗୀ** | = ଯୋଗୀ | **ଯୋଗୀ** | = ଯୋଗୀ |
| **ତପସ୍ୱିଭ୍ୟଃ** | = ତପସ୍ୱିମାନଙ୍କଠାରୁ | **ଅଧିକଃ** | = ଶ୍ରେଷ୍ଠ ଅଟେ; |
| **ଅଧିକଃ** | = ଶ୍ରେଷ୍ଠ ଅଟନ୍ତି | **ତସ୍ମାତ୍** | = ତେଣୁ |
| **ଜ୍ଞାନିଭ୍ୟଃ** | = ଶାସ୍ତ୍ରଜ୍ଞାନୀ ମାନଙ୍କଠାରୁ | **ଅର୍ଜୁନ** | = ହେ ଅର୍ଜୁନ !ତୁ |
| **ଅପି** | = ମଧ୍ୟ | | |
| **ଅଧିକଃ** | = ଶ୍ରେଷ୍ଠ ରୂପେ | **ଯୋଗୀ** | = ଯୋଗୀ |
| **ମତଃ** | = ଗଣ୍ୟ | | |
| **ଚ** | = ଏବଂ | **ଭବ** | = ହୋଇଯାଅ । |
| **କର୍ମିଭ୍ୟଃ** | = ସକାମ କର୍ମ କରିବା ଲୋକଙ୍କଠାରୁ ମଧ୍ୟ | | |

ଯୋଗୀନାମ୍, ଅପି, ସର୍ବେଷାମ୍, ମଦ୍ଗତେନ, ଅନ୍ତରାତ୍ମନା,
ଶ୍ରଦ୍ଧାବାନ୍, ଭଜତେ, ଯଃ, ମାମ୍, ସଃ, ମେ, ଯୁକ୍ତତମଃ, ମତଃ ॥ ୪୭ ॥

**ଏବଂ ହେ ପ୍ରିୟ ! -**

| | | | |
|---|---|---|---|
| **ସର୍ବେଷାମ୍** | = ସମ୍ପୂର୍ଣ୍ଣ | **ମାମ୍** | = ମୋତେ (ନିରନ୍ତର) |
| **ଯୋଗୀନାମ୍** | = ଯୋଗୀମାନଙ୍କ ମଧ୍ୟରେ | **ଭଜତେ** | = ଭଜୁଥାଏ |
| **ଅପି** | = ବି | **ସଃ** | = ସେହି ଯୋଗୀ |
| **ଯଃ** | = ଯେଉଁ | **ମେ** | = ମୋତେ |
| **ଶ୍ରଦ୍ଧାବାନ୍** | = ଶ୍ରଦ୍ଧାବାନ୍ ଯୋଗୀ | | |
| **ମଦ୍ଗତେନ** | = ମୋ ଠାରେ ଲାଗିରହିଥିବା | **ଯୁକ୍ତତମଃ** | = ପରମଶ୍ରେଷ୍ଠ(ବୋଲି) |
| **ଅନ୍ତରାତ୍ମନା** | = ଅନ୍ତରାତ୍ମା ଦ୍ୱାରା | **ମତଃ** | = ମାନ୍ୟ ଅଟେ । |

ଶ୍ରୀମଦ୍ଭଗବତ୍ ଗୀତା ଅଧ୍ୟାୟ ୭ର ଶ୍ଳୋକର ଫଟୋକପି:-

## ଅଥ ସପ୍ତମୋଽଧ୍ୟାୟଃ

ମୟି, ଆସକ୍ତମନାଃ, ପାର୍ଥ, ଯୋଗମ୍, ଯୁଞ୍ଜନ୍, ମଦାଶ୍ରୟଃ,
ଅସଂଶୟମ୍, ସମଗ୍ରମ୍, ମାମ୍, ଯଥା, ଜ୍ଞାସ୍ୟସି, ତତ୍, ଶୃଣୁ ॥୧॥

**ପାର୍ଥ** = ହେ ପାର୍ଥ !
**ମୟି, ଆସକ୍ତମନାଃ** = ଅନନ୍ୟ ପ୍ରେମରେ ମୋଠାରେ ଆଶକ୍ତଚିତ୍ତ (ତଥା ଅନନ୍ୟ ଭାବରେ)
**ମଦାଶ୍ରୟଃ** : = ମୋର ପରାୟଣ ହୋଇ
**ଯୋଗମ୍** = ଯୋଗରେ
**ଯୁଞ୍ଜନ୍** = ଲାଗିରହି (ତୁ)
**ଯଥା** = ଯେପରି ଭାବରେ
**ସମଗ୍ରମ୍** = ସକଳ ବିଭୂତି, ବଳ, ଐଶ୍ୱର୍ଯ୍ୟାଦି ଗୁଣ ଯୁକ୍ତ, ସମସ୍ତଙ୍କର ଆତ୍ମରୂପ
**ମାମ୍** = ମୋତେ
**ଅସଂଶୟମ୍** = ନିଃସଂଶୟ ଭାବରେ
**ଜ୍ଞାସ୍ୟସି** = ଜାଣିପାରିବୁ

ଜ୍ଞାନମ୍, ତେ, ଅହମ୍, ସବିଜ୍ଞାନମ୍, ଇଦମ୍, ବକ୍ଷାମି, ଅଶେଷତଃ,
ଯତ୍, ଜ୍ଞାତ୍ୱା, ନ, ଇହ, ଭୂୟଃ, ଅନ୍ୟତ୍, ଜ୍ଞାତବ୍ୟମ୍, ଅବଶିଷ୍ୟତେ ॥୨ ॥

**ଅହମ୍** = ମୁଁ
**ତେ** = ତୋ ପାଇଁ
**ଇଦମ୍** = ଏହି
**ସବିଜ୍ଞାନମ୍** = ବିଜ୍ଞାନ ସହିତ
**ଜ୍ଞାନମ୍** = ତତ୍ତ୍ୱଜ୍ଞାନକୁ
**ଅଶେଷତଃ** = ସମ୍ପୂର୍ଣ୍ଣ ଭାବରେ
**ବକ୍ଷାମି** = କହିଦେବି,
**ଯତ୍** = ଯାହାକୁ
**ଜ୍ଞାତ୍ୱା** = ଜାଣିଗଲେ
**ଇହ** = ସଂସାରରେ
**ଭୂୟଃ** = ପୁଣି
**ଅନ୍ୟତ୍** = ଆଉ କିଛି ବି
**ଜ୍ଞାତବ୍ୟମ୍** = ଜାଣିବା ଯୋଗ୍ୟ
**ନ, ଅବଶିଷ୍ୟତେ** = ବାକି ରହିଯାଏ ନାହିଁ

ମନୁଷ୍ୟାଣାମ୍, ସହସ୍ରେଷୁ, କଶ୍ଚିତ୍, ଯତତି, ସିଦ୍ଧୟେ,
ଯତତାମ୍, ଅପି, ସିଦ୍ଧାନାମ୍, କଶ୍ଚିତ୍, ମାମ୍, ବେତ୍ତି, ତତ୍ତ୍ୱତଃ ॥ ୩ ॥

| | | | |
|---|---|---|---|
| **ସହସ୍ରେଷୁ** | = ସହସ୍ର ସହସ୍ର | ସିଦ୍ଧାନାମ୍ | = ଯୋଗୀମାନଙ୍କ ମଧ୍ୟରୁ |
| **ମନୁଷ୍ୟାଣାତ୍** | = ମନୁଷ୍ୟଙ୍କ ମଧ୍ୟରୁ | ଅପ | = ବି |
| **କଶ୍ଚିତ୍** | = କ୍ୱଚିତ କେହି ଜଣେ | କଶ୍ଚିତ୍ | = କ୍ୱଚିତ୍ କେହି ଜଣେ (ମୋର ପରାୟଣ ହୋଇ) |
| **ସିଦ୍ଧୟେ** | = ମୋତେ ପାଇବା ପାଇଁ | | |
| **ଯତତି** | = ଯତ୍ନକରିଥାଏ (ଏବଂ ସେହି) | ମାମ୍ | = ମୋତେ |
| **ଯତନାମ୍** | = ଯତ୍ନ କରୁଥିବା | ତତ୍ତ୍ୱତଃ | = ତତ୍ତ୍ୱତଃ ଅର୍ଥାତ୍ ଯଥାର୍ଥ ରୂପେ |
| | | ବେତ୍ତି | = ଜାଣେ । |

ଭୂମିଃ, ଆପଃ, ଅନଳଃ, ବାୟୁଃ, ଖମ୍, ମନଃ, ବୁଦ୍ଧିଃ, ଏବ, ଚ,
ଅହଙ୍କାରଃ, ଇତି, ଇୟମ୍, ମେ, ଭିନ୍ନା, ପ୍ରକୃତିଃ, ଅଷ୍ଟଧା ॥ ୪ ॥
ଅପରା, ଇୟମ୍, ଇତଃ, ତୁ, ଅନ୍ୟାମ୍, ପ୍ରକୃତିମ୍, ବିଦ୍ଧି, ମେ, ପରାମ୍,
ଜୀବଭୂତାମ୍, ମହାବାହୋ, ଯୟା, ଇଦମ୍, ଧାର୍ଯ୍ୟତେ, ଜଗତ୍ ॥୫॥

**କିନ୍ତୁ ହେ ଅର୍ଜୁନ !-**

| | | | |
|---|---|---|---|
| **ଭୂମିଃ** | = ଭୂମି | **ଭିନ୍ନା** | = ବିଭକ୍ତ |
| **ଆପଃ** | = ଜଳ | **ମେ** | = ମୋର |
| **ଅନଳଃ** | = ଅଗ୍ନି | **ପ୍ରକୃତିଃ** | = ପ୍ରକୃତି ଅଟେ |
| **ବାୟୁଃ** | = ବାୟୁ | **ଇୟମ୍** | = ଏହି ଆଠ ପ୍ରକାରର ଭେଦଯୁକ୍ତ |
| **ଖମ୍** | = ଆକାଶ | **ତୁ** | = ତ |
| **ମନଃ** | = ମନ | **ଅପରା** | = ଅପରା ଅର୍ଥାତ୍ ମୋର ଜଡ଼ ପ୍ରକୃତି ଅଟେ (ଏବଂ) |
| **ବୁଦ୍ଧିଃ** | = ବୁଦ୍ଧି | **ମହାବାହୋ** | = ହେ ମହାବାହୋ ! |
| **ଚ** | = ଏବଂ | **ଇତଃ** | = ଏହାଠାରୁ |
| **ଅହଙ୍କାରଃ** | = ଅହଙ୍କାର | **ଅନ୍ୟାମ୍** | = ଅନ୍ୟ,(ଭିନ୍ନ ପ୍ରକୃତି) |
| **ଏବ** | = ମଧ୍ୟ | **ଯୟା** | = ଯାହା ଦ୍ୱାରା |
| **ଇତି** | = ଏପରି | **ଇଦମ୍** | = ଏହି (ସମ୍ପୂର୍ଣ୍ଣ) |
| **ଇୟମ୍** | = ଏହି | | |
| **ଅଷ୍ଟଧା** | = ଆଠ ପ୍ରକାରରେ | | |

| | |
|---|---|
| **ଜଗତ୍** = ଜଗତକୁ | **ପରାମ୍** = ପରା ଅର୍ଥାତ୍ ଚେତନ |
| **ଧାର୍ୟ୍ୟତେ** = ଧାରଣ କରାଯାଇଛି(ତାହାକୁ) | **ପ୍ରକୃତିମ୍** = ପ୍ରକୃତି (ବୋଲି) |
| **ମେ** = ମୋର | **ବିଦ୍ଧି** = ଜାଣ |
| **ଜୀବ ଭୂତାମ୍** = ଜୀବରୂପା | |

ଏତଦ୍ଯୋନୀନି, ଭୂତାନି, ସର୍ବାଣି, ଇତି, ଉପଧାରୟ,
ଅହମ୍, କୃତ୍ସ୍ନସ୍ୟ, ଜଗତଃ, ପ୍ରଭବଃ, ପ୍ରଳୟଃ, ତଥା ॥ ୬ ॥ସ

**ଏବଂ ହେ ଅର୍ଜୁନ !ତୁ-**

| | |
|---|---|
| **ଇତି** = ଏପରି | **କୃତ୍ସ୍ନସ୍ୟ** = ସମଗ୍ର |
| **ଉପଧାରୟ**= ଜାଣ(ଯେ) | **ଜଗତଃ** = ଜଗତର |
| **ସର୍ବାଣି** = ସକଳ | **ପ୍ରଭବଃ** = ଉତ୍ପତ୍ତି |
| **ଭୂତାନି** = ଭୂତ | **ତଥା** = ତଥା |
| **ଏତଦ୍ଯୋନୀନି** = ଏହି ଦୁଇ ପ୍ରକୃତିରୁ ହିଁ ଉତ୍ପନ୍ନ ହୋଇଛନ୍ତି (ଏବଂ) | **ପ୍ରଳୟଃ** = ପ୍ରଳୟ ଅଟେ (ଅର୍ଥାତ୍ ସମ୍ପୂର୍ଣ୍ଣ ଜଗତର ମୂଳ କାରଣ ଅଟେ) |
| **ଅହମ୍** = ମୁଁ | |

ମତ୍ତଃ, ପରତରମ୍, ନ, ଅନ୍ୟତ୍, କିଞ୍ଚିତ୍, ଅସ୍ତି, ଧନଞ୍ଜୟ,
ମୟି, ସର୍ବମ୍, ଇଦମ୍, ପ୍ରୋତମ୍, ସୂତ୍ରେ, ମଣିଗଣାଃ, ଇବ ॥ ୭ ॥

**ତେଣୁ-**

| | |
|---|---|
| ଧନଞ୍ଜୟ = ହେ ଧନଞ୍ଜୟ ! | ନ, ଅସ୍ତି = ନାହିଁ |
| ମତଃ = ମୋଠାରୁ | ଇଦମ୍ =ଏହି |
| ଅନ୍ୟତ୍ = ଭିନ୍ନ ଅନ୍ୟ | ସର୍ବମ୍ =ସମ୍ପୂର୍ଣ୍ଣ(ଜଗତ) |
| କିନ୍‌ଚିତ୍ = କୌଣସି ବି | ସୂତ୍ରେ = ସୂତାରେ(ସୂତାର) |
| ପରତରମ୍ = ପରମ(କାରଣ) | |

ମଣିଗଣାଃ = ମଣି ଗୁନ୍ଥି ହୋଇଥିବା
ଇବ = ଭଳି

**ମୟି** = ମୋଠାରେ
**ପ୍ରୋତମ୍** = ଗୁନ୍ଥା ହୋଇଅଛି ।

ରସଃ, ଅହମ୍, ଅପ୍ସୁ, କୌନ୍ତେୟ, ପ୍ରଭା, ଅସ୍ମି, ଶଶିସୂର୍ଯ୍ୟୟୋଃ,
ପ୍ରଣବଃ, ସର୍ବବେଦେଷୁ, ଶବ୍ଦଃ, ଖେ, ପୌରୁଷମ୍, ନୃଷୁ ॥ ୮ ॥

**ଯେମିତି କି-**

**କୌନ୍ତେୟ** = ହେ ଅର୍ଜୁନ !
**ଅହମ୍** = ମୁଁ
**ଅପ୍ସୁ** = ଜଳରେ
**ରସଃ** = ରସ (ଅଟେ),
**ଶଶିସୂର୍ଯ୍ୟୟୋଃ** = ଚନ୍ଦ୍ର ଓ ସୂର୍ଯ୍ୟରେ
**ପ୍ରଭା** = ପ୍ରକାଶ

**ଅସ୍ମି** = ଅଟେ ,
**ସର୍ବବେଦେଷୁ** = ସମ୍ପୂର୍ଣ୍ଣ ବେଦରେ
**ପ୍ରଣବଃ** = ଓଁ କାର (ଅଟେ),
**ଖେ** = ଆକାଶରେ
**ଶବ୍ଦଃ** = ଶବ୍ଦ (ଏବଂ)
**ନୃଷୁ** = ପୁରୁଷ ମାନଙ୍କଠାରେ
**ପୌରୁଷମ୍** = ପୁରୁଷତ୍ୱ (ଅଟେ)

ପୁଣ୍ୟଃ, ଗନ୍ଧଃ, ପୃଥିବ୍ୟାମ୍, ଚ, ତେଜଃ, ଚ, ଅସ୍ମି, ବିଭାବସୌ,
ଜୀବନମ୍, ସର୍ବଭୂତେଷୁ, ତପଃ, ଚ, ଅସ୍ମି, ତପସ୍ୱିଷୁ ॥୯॥

**ତଥା ମୁଁ-**

**ପୃଥିବ୍ୟାମ୍** = ପୃଥିବୀରେ
**ପୁଣ୍ୟଃ** = ପବିତ୍ର
**ଗନ୍ଧଃ** = ଗନ୍ଧ
**ଚ** = ଏବଂ
**ବିଭାବସୌ**= ଅଗ୍ନିରେ
**ତେଜଃ** = ତେଜ
**ଅସ୍ମି** = ଅଟେ
**ଚ** = ତଥା

**ସର୍ବଭୂତେଷୁ** = ସକଳ ଜୀବଙ୍କଠାରେ (ସେମାନଙ୍କର)
**ଜୀବନମ୍** = ଜୀବନ (ଅଟେ)
**ଚ** = ଏବଂ
**ତପସ୍ୱିଷୁ** = ତପସ୍ୱୀମାନଙ୍କଠାରେ
**ତପଃ** = ତପ
**ଅସ୍ମି** = ଅଟେ ।

ବୀଜମ୍, ମାମ୍, ସର୍ବଭୂତାନାମ୍, ବିଦ୍ଧି, ପାର୍ଥ, ସନାତନମ୍,
ବୁଦ୍ଧିଃ, ବୁଦ୍ଧିମତାମ୍, ଅସ୍ମି, ତେଜଃ, ତେଜସ୍ୱିନାମ୍, ଅହମ୍ ॥୧୦॥

ତଥା

ପାର୍ଥ = ହେ ଅର୍ଜୁନ ! ତୁ
ସର୍ବଭୂତାନମ୍ = ସକଳ ଭୂତଙ୍କର
ସନାତନମ୍ = ସନାତନ
ବୀଜମ୍ = ବୀଜ (ବୋଲି)
ମାମ୍ = ମୋତେ (ହିଁ)
ବିଦ୍ଧି = ଜାଣ
ଅହମ୍ = ମୁଁ
ବୁଦ୍ଧିମତାମ୍ = ବୁଦ୍ଧିମାନମାନଙ୍କର
ବୁଦ୍ଧିଃ = ବୁଦ୍ଧି(ଏବଂ
ତେଜସ୍ୱିନାମ୍ = ତେଜସ୍ୱୀମାନଙ୍କର
ତେଜଃ = ତେଜ ଅଟେ

**ବଳମ୍, ବଳବତାମ୍, ଚ, ଅହମ୍, କାମରାଗବିବର୍ଜିତମ୍,**
**ଧର୍ମବିରୂଦ୍ଧଃ, ଭୂତେଷୁ, କାମଃ, ଅସ୍ମି, ଭରତର୍ଷଭ ।।୧୧।।**

**ଭରତର୍ଷଭ** = ହେ ଭରତଶ୍ରେଷ୍ଠ !
**ଅହମ୍** = ମୁଁ
**ବଳବତାମ୍** = ବଳବାନ୍‌ମାନଙ୍କର
**କାମରାଗ - ବିବର୍ଜିତମ୍** = **ଆସକ୍ତି ଏବଂ କାମନା ରହିତ**
**ବଳମ୍** = ବଳ ଅର୍ଥାତ୍ ସାମର୍ଥ୍ୟ ଅଟେ
**ଚ** = ଏବଂ
**ଭୂତେଷୁ** = ସକଳ ଭୂତମାନଙ୍କ ମଧ୍ୟରେ
**ଧର୍ମବିରୁଦ୍ଧଃ** = ଧର୍ମର ଅନୁକୂଳ ଅର୍ଥାତ୍ ଶାସ୍ତ୍ର ଅନୁକୂଳ
**କାମଃ** = କାମ
**ଅସ୍ମି** = ଅଟେ ।

ଯେ, ଚ, ଏବ, ସାତ୍ତ୍ୱିକାଃ, ଭାବାଃ, ରାଜସାଃ, ତାମସାଃ, ଚ, ଯେ, ମତ୍ତଃ, ଏବ,
ଇତି, ତାନ, ବିଦ୍ଧି, ନ, ତୁ, ଅହମ୍, ତେସୁ, ତେ, ମୟି, ॥୧୨॥

**ତଥା-**

**ଚ** = ତଥା
**ଏବ** = ମଧ୍
**ସାତିକାଃ** = ସତ୍ତ୍ୱଗୁଣରୁ ଜାତ ହୋଇଥିବା
**ଯେ** = ଯେଉଁସବୁ
**ଭାବାଃ** = ଭାବ ରହିଛି (ଏବଂ)
**ରାଜସାଃ** = ରଜୋଗୁଣରୁ
**ଚ** = ତଥା
**ତାମସାଃ** = ତମୋଗୁଣରୁ ଜାତ ହୋଉଥିବା ଯେଉଁସବୁ ଭାବ ଅଛି
**ତାନ୍** = ସେ ସବୁକୁ (ତୁ)
**ମତଃ,ଏବ** = ମୋ ଠାରୁ ହିଁ (ଉତ୍ପନ୍ନ ହୋଇଛି)ବୋଲି
**ଇତି** = ଏହା
**ବିଦ୍ଧି** = ଜାଣ
**ତୁ** = କିନ୍ତୁ(ପ୍ରକୃତରେ)
**ତେଷୁ** = ସେସବୁରେ
**ଅହମ୍** = ମୁଁ (ଏବଂ)
**ତେ** = ସେସବୁ
**ମୟି** = ମୋଠାରେ
**ନ** = ନାହାଁନ୍ତି ।

ତ୍ରିଭିଃ, ଗୁଣମୟୈଃ, ଭାବୈଃ, ଏଭିଃ,ସର୍ବମ୍, ଇଦମ୍, ଜଗତ୍,
ମୋହିତମ୍, ନ, ଅଭିଜାନାତି, ମାମ୍,ଏଭ୍ୟଃ, ପରମ୍, ଅବ୍ୟୟମ୍, ॥୧୩ ॥

**କିନ୍ତୁ-**

**ଗୁଣମୟୈଃ** = ଗୁଣମାନଙ୍କର କାର୍ଯ୍ୟରୂପ ସାତ୍ତ୍ୱିକ, ରାଜସ, ତାମସ,
**ଏଭିଃ** = ଏହି
**ତ୍ରିଭିଃ** = ତିନିପ୍ରକାର
ଭାବୈଃ = ଭାବଦ୍ୱାରା
**ଇଦମ୍** = ଏହି
**ସର୍ବମ୍** = ସାରା
**ଜଗତ୍** = ସଂସାର ଅର୍ଥାତ୍ ପ୍ରାଣୀ ସମୁଦାୟ
**ମୋହିତମ୍** = ମୋହିତ ହେଉଅଛି,(ତେଣୁ)
**ଏଭ୍ୟଃ** = ଏହି ତିନି ଗୁଣରୁ
**ପରମ୍** = ଉର୍ଦ୍ଧରେ ଥିବା
**ମାମ୍** = ମୋତେ
**ଅବ୍ୟୟମ୍** = ଅବିନାଶୀକୁ
ନ, ଅଭିଜାନାତି = ଜାଣେ ନାହିଁ

ଦୈବୀ, ହି, ଏଷା, ଗୁଣମୟୀ, ମମ, ମାୟା, ଦୁରତ୍ୟୟା, ମାମ୍,
ଏବ, ଯେ, ପ୍ରପଦ୍ୟନ୍ତେ, ମାୟାମ୍, ଏତାମ୍, ତରନ୍ତି, ତେ ॥୧୪ ॥

**ହି** = କାରଣ
**ମମ** = ମୋର
**ଏଷା** = ଏହି
**ଦୈବୀ** = ଅଲୌକିକ ଅର୍ଥାତ୍ ଅତି ଅଦ୍ଭୁତ
**ଗୁଣମୟୀ** = ତ୍ରିଗୁଣମୟୀ
**ମାୟା** = ମାୟା
**ଦୁରତ୍ୟୟା** = ବଡ଼ ଦୁସ୍ତର ଅଟେ;(ପରନ୍ତୁ)
**ଯେ** = ଯେଉଁ ପୁରୁଷ (କେବଳ)
**ମାମ୍** = ମୋତେ
**ଏବ** = ହିଁ (ନିରନ୍ତର)
**ପ୍ରପଦ୍ୟନ୍ତେ**= ଭଜନ କରନ୍ତି,
**ତେ** = ସେମାନେ
**ଏତାମ୍** = ଏହି
**ମାୟାମ୍** = ମାୟାକୁ
**ତରନ୍ତି** = ଉଲଘଂନ କରି ଯାଆନ୍ତି ଅର୍ଥାତ୍ ସଂସାରରୁ ତରିଯାଆନ୍ତି

ନ, ମାମ୍, ଦୁଷ୍କୃତିନଃ, ମୂଢାଃ, ପ୍ରପଦ୍ୟନ୍ତେ, ନରାଧମାଃ, ମାୟୟା,
ଅପହୃତଜ୍ଞାନାଃ, ଆସୁରମ୍, ଭାବମ୍, ଆଶ୍ରିତାଃ ॥୧୫ ॥

**ଏଭଳି ସୁଗମ୍ୟ ଉପାୟ ଥାଇ ମଧ୍ୟ-**

| | |
|---|---|
| **ମାୟୟା** = ମାୟାଦ୍ୱାରା | **ନରାଧମାଃ** = ମନୁଷ୍ୟମାନଙ୍କ ମଧ୍ୟରେ ନୀଚ, |
| **ଅପହୃତଜ୍ଞାନାଃ** = ଯେଉଁ ମାନଙ୍କର ଜ୍ଞାନ ଅପହୃତ ହୋଇ ସାରିଛି,(ସେପରି) | **ଦୁଷ୍କୃତିନଃ** = ଦୂଷିତ କର୍ମ କରୁଥିବା |
| | **ମୂଢାଃ** = ମୂଢମାନେ |
| **ଆସୁରମ୍, ଭାବମ୍** = ଅସୁର ସ୍ୱଭାବକୁ | **ମାମ୍** = ମୋତେ |
| | **ପ୍ରପଦ୍ୟନ୍ତେ** = ଭଜନ୍ତି |
| ଆଶ୍ରିତାଃ = ଧାରଣ କରିଥିବା, | **ନ** = ନାହିଁ |

ଚତୁର୍ବିଧାଃ, ଭଜନ୍ତେ, ମାମ୍, ଜନାଃ, ସୁକୃତିନଃ, ଅର୍ଜୁନ, ଆର୍ତ୍ତଃ,
ଜିଜ୍ଞାସୁଃ, ଅର୍ଥାର୍ଥୀ, ଜ୍ଞାନୀ, ଚ, ଭରତର୍ଷଭ ॥୧୬ ॥

**ଏବଂ-**

| | |
|---|---|
| **ଭରତର୍ଷଭ ଅର୍ଜୁନ** = ହେ ଭରତବଂଶୀଙ୍କ ମଧ୍ୟରେ ଶ୍ରେଷ୍ଠ ଅର୍ଜୁନ ! | **ଚ** = ଏବଂ |
| | **ଜ୍ଞାନୀ** = ଜ୍ଞାନୀ-(ଏପରି) |
| **ସୁକୃତିନଃ** = ଉତ୍ତମ କର୍ମ କରୁଥିବା | **ଚତୁର୍ବିଧାଃ** = ଚାରି ପ୍ରକାରର |
| **ଅର୍ଥାର୍ଥୀ** = ଅର୍ଥାର୍ଥୀ,[୧] | **ଜନାଃ** = ଭକ୍ତଗଣ |
| **ଆର୍ତଃ** = ଆର୍ତ୍ତ,[୨] | **ମାମ୍** = ମୋତେ |
| **ଜିଜ୍ଞାସୁଃ** = ଜିଜ୍ଞାସୁ[୩] | **ଭଜନ୍ତେ** = ଭଜନ୍ତି । |

ତେଷାମ୍, ଜ୍ଞାନୀ, ନିତ୍ୟଯୁକ୍ତଃ, ଏକଭକ୍ତିଃ, ବିଶିଷ୍ୟତେ,
ପ୍ରିୟଃ, ହି, ଜ୍ଞାନୀନଃ, ଅତ୍ୟର୍ଥମ୍, ଅହମ୍, ସଃ, ଚ, ମମ, ପ୍ରିୟଃ ॥୧୭ ॥

**ତେଷାମ୍** = ସେମାନଙ୍କ ମଧ୍ୟରୁ
**ନିତ୍ୟଯୁକ୍ତଃ** = ମୋଠାରେ ନିତ୍ୟ ଏକୀଭାବରେ ସ୍ଥିତ ଏବଂ
**ଏକଭକ୍ତି** = ଅନନ୍ୟ ପ୍ରେମ ଭକ୍ତି ରଖିଥିବା
**ଜ୍ଞାନୀ** = ଜ୍ଞାନୀ ଭକ୍ତ
**ବିଶିଷ୍ୟତେ** = ଅତି ଉତ୍ତମ ଅଟନ୍ତି;
**ହି** = କାରଣ(ମୋତେ ତତ୍ତ୍ୱତ ଜାଣିଥିବା)
**ଜ୍ଞାନୀନଃ** = ଜ୍ଞାନୀଙ୍କର
**ଅହମ୍** = ମୁଁ
**ଅତ୍ୟର୍ଥମ୍** = ଅତ୍ୟନ୍ତ
**ପ୍ରିୟଃ** = ପ୍ରିୟ ଅଟେ
**ଚ** = ଏବଂ
**ସଃ** = ସେହି ଜ୍ଞାନୀ
**ମମ** = ମୋର(ଅତ୍ୟନ୍ତ)
**ପ୍ରିୟଃ** = ପ୍ରିୟ ଅଟନ୍ତି ।

ଉଦାରାଃ, ସର୍ବେ, ଏବ, ଏତେ, ଜ୍ଞାନୀ, ତୁ, ଆତ୍ମା, ଏବ, ମେ, ମତମ୍,
ଆସ୍ଥିତଃ, ସଃ, ହି, ଯୁକ୍ତାତ୍ମା, ମାମ୍, ଏବ, ଅନୁତ୍ତମାମ୍, ଗତିମ୍ ॥୧୮ ॥

**ଯଦିବା-**

**ଏତେ** = ଏମାନେ
**ସର୍ବେ,ଏବ**= ସମସ୍ତେ ହିଁ
**ଉଦାରାଃ** = ଉଦାର ଅଟନ୍ତି,
**ତୁ** = କିନ୍ତୁ
**ଜ୍ଞାନୀ** = ଜ୍ଞାନୀ (ତ ସାକ୍ଷାତ୍)
**ଆତ୍ମା** = ମୋର ସ୍ୱରୂପ
**ଏବ** = ହିଁ ଅଟେ-(ଏପରି)
**ମେ** = ମୋର
**ମତମ୍** = ମତ ଅଟେ
**ହି** = କାରଣ
**ସଃ** = ସେହି
**ଯୁକ୍ତାତ୍ମା** = ମଦ୍‌ଗତ ମନ-ବୁଦ୍ଧି ସମ୍ପନ୍ନ (ଜ୍ଞାନୀ ଭକ୍ତ)
**ଅନୁତମାମ୍**= ଅତି ଉତ୍ତମ
**ଗତିମ୍** = ଗତି ସ୍ୱରୂପ
**ମାମ୍** = ମୋଠାରେ
**ଏବ** = ହିଁ
**ଆସ୍ଥିତଃ** = ଭଲ ଭାବରେ ଅବସ୍ଥିତ ଅଟେ ।

ବହୁନାମ୍, ଜନ୍ମାନାମ୍, ଅନ୍ତେ, ଜ୍ଞାନବାନ୍, ମାମ୍, ପ୍ରପଦ୍ୟତେ,
ବାସୁଦେବଃ, ସର୍ବମ୍, ଇତି, ସଃ, ମହାତ୍ମା, ସୁଦୁର୍ଲଭଃ ॥୧୯ ॥

**ଏବଂ ଯୋଉଁମାନେ-**

**ବହୂନାମ୍** = ବହୁତ
**ଜନ୍ମନାମ୍** = ଜନ୍ମର
**ଅନ୍ତେ** = ଶେଷ ଜନ୍ମରେ
**ଜ୍ଞାନବାନ୍** = ତତ୍ତ୍ୱଜ୍ଞାନ ପ୍ରାପ୍ତ ପୁରୁଷ,
**ସର୍ବମ୍** = ସବୁକିଛି;
**ବାସୁଦେବଃ** = { ବାସୁଦେବ ହିଁ ଅଟନ୍ତି

**ଇତି** = ଏହିପରି (ଭାବ ରଖି)
**ମାମ୍** = ମୋତେ
**ପ୍ରପଦ୍ୟତେ**= ଭଜନ୍ତି
**ସଃ** = ସେହିପରି
**ମହାତ୍ମା** = ମହାତ୍ମା
**ସୁଦୁର୍ଲଭ** = { ଅତ୍ୟନ୍ତ ଦୁର୍ଲଭ ଅଟନ୍ତି

କାମୈଃ, ତୈଃ, ତୈଃ, ହୃତଜ୍ଞାନାଃ, ପ୍ରପଦ୍ୟନ୍ତେ, ଅନ୍ୟଦେବତାଃ, ତମ୍,
ତମ୍, ନିୟମମ୍, ଆସ୍ଥାୟ, ପ୍ରକୃତ୍ୟା, ନିୟତାଃ, ସ୍ୱୟା ॥୨୦ ॥

**ଏବଂ ହେ ଅର୍ଜୁନ !-**

**ତୈଃ,ତୈଃ**= ସେହି-ସେହି
**କାମୈଃ** = ଭୋଗ କାମନା ଦ୍ୱାରା
**ହୃତଜ୍ଞାନା** = { ଯେଉଁମାନଙ୍କର ଜ୍ଞାନ ଅପହୃତ ହୋଇ ସାରିଛି, (ସେମାନେ)
**ସ୍ୱୟା** = ନିଜ
**ପ୍ରକୃତ୍ୟା** = ସ୍ୱଭାବ ଦ୍ୱାରା

**ନିୟତାଃ** = ପ୍ରେରିତ ହୋଇ
**ତମ୍,ତମ୍** = ସେହି-ସେହି
**ନିୟମମ୍** = ନିୟମଗୁଡ଼ିକୁ
**ଆସ୍ଥାୟ** = ଧାରଣକରି
**ଅନ୍ୟଦେବତାଃ** = ଅନ୍ୟଦେବତାମାନଙ୍କୁ
**ପ୍ରପଦ୍ୟନ୍ତେ** = { ଭଜନ୍ତି ଅର୍ଥାତ୍ ପୂଜା କରନ୍ତି

ଯଃ, ଯଃ, ଯାମ୍, ଯାମ୍, ତନୁମ୍, ଭକ୍ତଃ, ଶ୍ରଦ୍ଧୟା, ଅର୍ଚିତୁମ୍, ଇଚ୍ଛତି, ତସ୍ୟ,
ତସ୍ୟ, ଅଚଳାମ୍, ଶ୍ରଦ୍ଧାମ୍, ତାମ୍, ଏବ, ବିଦଧାମି, ଅହମ୍, ॥୨୧ ॥

**ଯଃ, ଯଃ** = ଯେଉଁଯେଉଁ
**ଭକ୍ତଃ** = ସକାମ ଭକ୍ତ
**ଯାମ୍, ଯାମ୍** = ଯେଉଁଯେଉଁ
**ତନୁମ୍** = ଦେବତାଙ୍କ ସ୍ୱରୂପକୁ
**ଶ୍ରଦ୍ଧୟା** = ଶ୍ରଦ୍ଧାରେ
**ଅର୍ଚିତୁମ୍** = ପୂଜା କରିବାକୁ
**ଇଚ୍ଛତି** = ଇଚ୍ଛା କରିଥାଆନ୍ତି

**ତସ୍ୟ** = ସେହି
**ତସ୍ୟ** = ସେହି ଭକ୍ତର
**ଶ୍ରଦ୍ଧାମ୍** = ଶ୍ରଦ୍ଧାକୁ
**ଅହମ୍** = ମୁଁ
**ତାମ୍,ଏବ** = ସେହି ଦେବତାଙ୍କଠାରେ
**ଅଚଳାମ୍** = ସ୍ଥିର
**ବିଦଧାମି** = କରେ

ସଃ, ତୟା, ଶ୍ରଦ୍ଧୟା, ଯୁକ୍ତଃ, ତସ୍ୟ, ଆରାଧନମ୍, ଇହତେ, ଲଭତେ, ଚ, ତତଃ, କାମାନ୍, ମୟା, ଏବ, ବିହିତାନ୍, ହି, ତାନ୍, ॥୨୨ ॥

**ତଥା-**

**ସଃ** = ସେହି ପୁରୁଷ
**ତୟା** = ସେହି
**ଶ୍ରଦ୍ଧୟା** = ଶ୍ରଦ୍ଧାରେ
**ଯୁକ୍ତଃ** = ଯୁକ୍ତ ହୋଇ
**ତସ୍ୟ** = ସେହି ଦେବତାଙ୍କର
**ଆରାଧନମ୍** = ପୂଜା
**ଇହତେ** = କରିଥାଏ
**ଚ** = ଏବଂ
**ତତଃ** = ସେହି ଦେବତାଙ୍କଠାରୁ
**ମୟା** = ମୋ ଦ୍ୱାରା
**ଏବ** = ହିଁ
**ବିହିତାନ୍** = ବିଧାନ କରାଯାଇଥିବା
**ତାନ୍** = ସେହି
**କାମାନ୍** = ଇଚ୍ଛିତ ଭୋଗଗୁଡ଼ିକୁ
**ହି** = ନିଃସନ୍ଦେହ
**ଲଭତେ** = ପ୍ରାପ୍ତ କରିଥାଏ

ଅନ୍ତବତ୍, ତୁ , ଫଳମ୍, ତେଷାମ୍, ତତ୍, ଭବତି, ଅଳ୍ପମେଧସାମ୍, ଦେବାନ୍, ଦେବୟଜଃ, ଯାନ୍ତି, ମଭକ୍ତାଃ, ଯାନ୍ତି, ମାମ୍, ଅପି, ॥୨୩॥

**ତୁ** = ପରନ୍ତୁ
**ତେଷାମ୍** = ସେହି
**ଅଳ୍ପମେଧସାମ୍** = ଅଳ୍ପବୁଦ୍ଧିମାନଙ୍କର
**ତତ୍** = ସେହି
**ଫଳମ୍** = ଫଳ
**ଅନ୍ତବତ୍** = ନାଶବାନ
**ଭବତି** = ହୁଏ; (ତଥା ସେହି )
**ଦେବୟଜଃ** = ଦେବ ଉପାସକ
ଦେବାନ୍ = ଦେବତାମାନଙ୍କୁ
ଯାନ୍ତି = ପ୍ରାପ୍ତ ହୁଅନ୍ତି (ଏବଂ)
ମଭକ୍ତାଃ = ମୋର ଭକ୍ତ ଯେକୌଣସି ଉପାୟରେ ଭଜନ କରି ଶେଷରେ ସେମାନେ)
ମାମ୍ = ମୋତେ
ଅପି = ହିଁ
ଯାନ୍ତି = ପ୍ରାପ୍ତ କରନ୍ତି

ଅବ୍ୟକ୍ତମ୍, ବ୍ୟକ୍ତମ୍, ଆପନ୍ନମ୍, ମନ୍ୟନ୍ତେ, ମାମ୍, ଅବୁଦ୍ଧୟଃ ପରମ୍, ଭାବମ୍, ଅଜାନନ୍ତଃ, ମମ୍, ଅବ୍ୟୟମ୍, ଅନୁତ୍ତମମ୍, ॥୨୪॥

**ଏଭଳି ବ୍ୟବସ୍ଥା ଥାଇ ମଧ୍ୟ ସର୍ବ ମନୁଷ୍ୟ ମୋତେ ଭଜନ୍ତି ନାହିଁ, ଏହାର କାରଣ ହେଉଛି -**

**ଅବୁଦ୍ଧୟଃ** = ବୁଦ୍ଧିହୀନ ମନୁଷ୍ୟମାନେ
**ମମ** = ମୋର
**ଅନୁତ୍ତମମ୍** = ଅନୁତ୍ତମ୍
**ଅବ୍ୟୟମ୍** = ଅବିନାଶୀ
**ପରମ୍** = ପରମ
**ଭାବମ୍** = ଭାବକୁ
**ଅଜାନନ୍ତଃ** = ନ ଜାଣି
**ଅବ୍ୟକ୍ତମ୍** = ମନ-ଇନ୍ଦ୍ରିୟ ଠାରୁ ଉର୍ଦ୍ଧରେ ଥିବା
**ମାମ୍** = ମୋତେ-ଅର୍ଥାତ୍ ସଚ୍ଚିଦାନନ୍ଦ ଘନ ପରମାତ୍ମାଙ୍କୁ
(ମନୁଷ୍ୟ ଭଳି ଜନ୍ମ ହୋଇ )
**ବ୍ୟକ୍ତମ୍** = ବ୍ୟକ୍ତି ଭାବକୁ
**ଆପନ୍ନମ୍** = ପ୍ରାପ୍ତ ହୋଇଛି ବୋଲି
**ମନ୍ୟନ୍ତେ** = ମନେ କରିଥାନ୍ତି

ନ, ଅହମ୍, ପ୍ରକାଶଃ, ସର୍ବସ୍ୟ, ଯୋଗମାୟାସମାବୃତଃ, ମୂଢ଼ଃ,
ଅୟମ୍, ନ, ଅଭିଜାନାତି, ଲୋକଃ, ମାମ୍, ଅଜମ୍, ଅବ୍ୟୟମ୍, ॥୨୫॥

**ତଥା-**

**ଯୋଗମାୟା** = ନିଜ ଯୋଗାମାୟାରେ ଲୁଚି ରହିଥିବାରୁ
**ଅହମ୍** = ମୁଁ
**ସର୍ବସ୍ୟ** = ସମସ୍ତଙ୍କର
**ପ୍ରକାଶଃ** = ପ୍ରତ୍ୟକ୍ଷ
**ନ** = ହୁଏ ନାହିଁ (ତେଣୁ)
**ଅୟମ୍** = ଏହି
**ମୂଢ଼ଃ** = ଅଜ୍ଞାନୀ
**ଲୋକଃ** = ଲୋକମାନେ
**ମାମ୍** = ମୋତେ
**ଅଜମ୍** = ଅଜନ୍ମା
**ଅବ୍ୟୟମ୍** = ଅବିନାଶୀ ପରମେଶ୍ୱରଙ୍କୁ
ନ,ଅଭିଜାନାତି = ଜାଣି ନାହାଁନ୍ତି ଅର୍ଥାତ୍ ମୋତେ ଜନ୍ମି-ମରଣଶୀଳ ଭାବନ୍ତି ।

ବେଦ, ଅହମ୍, ସମତୀତାନି, ବର୍ତ୍ତମାନାନି, ଚ, ଅର୍ଜୁନ, ଭବିଷ୍ୟାଣି,
ଚ, ଭୂତନି, ମାମ୍, ତୁ, ବେଦ, ନ, କଶ୍ଚନ ॥୨୬ ॥

**ଏବଂ-**

**ଅର୍ଜୁନ** = ହେ ଅର୍ଜୁନ !
**ସମତୀତାନି** = ପୂର୍ବରୁ ଯେଉଁମାନେ ଥିଲେ
**ଚ** = ଏବଂ
**ବର୍ତ୍ତମାନାନି** = ବର୍ତ୍ତମାନ ଯେଉଁମାନେ ଅଛନ୍ତି
**ଚ** = ତଥା
**ଭବିଷ୍ୟାଣି** = ଆଗକୁ ଜାତ ହେବାକୁଥିବା
**ଭୂତାନି** = ସେହି ସକଳ ପ୍ରାଣୀଙ୍କୁ
**ଅହମ୍** = ମୁଁ
**ବେଦ** = ଜାଣିଛି,
**ତୁ** = କିନ୍ତୁ
**ମାମ୍** = ମୋତେ
**କଶ୍ଚନ** = କେହି ବି (ଶ୍ରଦ୍ଧା ଭକ୍ତି ହୀନ ବ୍ୟକ୍ତି)
**ନ,ବେଦ** = ଜାଣେ ନାହିଁ

ଇଚ୍ଛାଦ୍ୱେଷସମୁତ୍ଥେନ, ଦ୍ୱନ୍ଦ୍ୱମୋହେନ, ଭାରତ,
ସର୍ବଭୂତାନି, ସମ୍ମୋହମ୍, ସର୍ଗେ, ଯାନ୍ତି, ପରନ୍ତପ ॥୨୭ ॥

**କାରଣ -**

**ଭାରତ** = ହେ ଭାରତବଂଶୀ
**ପରନ୍ତପ** = ଅର୍ଜୁନ !
**ସର୍ଗେ** = ସଂସାରରେ
**ଇଚ୍ଛାଦ୍ୱେତା ସମୁତ୍ଥେନ** = ଇଚ୍ଛା ଓ ଦ୍ୱେଷରୁ ଉତ୍ପନ୍ନ
**ଦ୍ୱନ୍ଦ ମୋହେନ** = ସୁଖ -ଦୁଃଖାଦି ଦ୍ୱନ୍ଦ ରୂପକ ମୋହ ଯୋଗୁଁ
**ସର୍ବଭୂତାନି** = ସମସ୍ତ ପ୍ରାଣୀ
**ସମ୍ମୋହମ୍** = ଅତ୍ୟନ୍ତ ଅଜ୍ଞତାକୁ
**ଯାନ୍ତି** = ପ୍ରାପ୍ତ ହେଉଛନ୍ତି ।

ଯେଷାମ୍, ତୁ, ଅନ୍ତଗତମ୍, ପାପମ୍, ଜନାନାମ୍, ପୂଣ୍ୟକର୍ମଣାମ୍, ତେ,
ଦ୍ୱନ୍ଦ୍ୱମୋହନିର୍ମୁକ୍ତାଃ, ଭଜନ୍ତେ, ମାମ୍, ଦୃଢବ୍ରତାଃ ॥୨୮ ॥

**ତୁ** = କିନ୍ତୁ (ନିଷ୍କାମ ଭାବରେ)
**ପୂଣ୍ୟକର୍ମଣାମ୍** = ଶ୍ରେଷ୍ଠ କର୍ମ କରୁଥିବା
**ଯେଷାମ୍** = ଯେଉଁ
**ଜନାନାମ୍** = ପୁରୁଷମାନଙ୍କର
**ପାପମ୍** = ପାପ
**ଅନ୍ତଗତମ୍** = ନଷ୍ଟ ହୋଇଯାଇଛି,
**ତେ** = ସେହି
**ଦ୍ୱନ୍ଦ୍ୱମୋହନିର୍ମୁକ୍ତା** = ରାଗ-ଦ୍ୱେଷ ଜନିତ ଦ୍ୱନ୍ଦ ରୂପକ ମୋହରୁ ମୁକ୍ତ
**ଦୃଢବ୍ରତାଃ** = ଦୃଢନିଶ୍ଚୟୀ ଭକ୍ତମାନେ
**ମାମ୍** = ମୋତେ(ସବୁ ପ୍ରକାରେ)
**ଭଜନ୍ତେ** = ଭଜନ୍ତି ।

ଜରାମରଣମୋକ୍ଷାୟ, ମାମ୍, ଆଶ୍ରିତ୍ୟ, ଯତନ୍ତି, ଯେ, ତେ, ବ୍ରହ୍ମ, ତତ୍,
ବିଦୁଃ, କୃତ୍ସ୍ନମ୍, ଅଧ୍ୟାତ୍ମମ୍, କର୍ମ, ଚ, ଅଖିଳମ୍ ॥୨୯ ॥

**ଏବଂ-**

**ଯେ** = ଯେଉଁମାନେ
**ମାମା** = ମୋର
**ଆଶ୍ରିତ୍ୟ** = ଶରଣ ଗ୍ରହଣ କରି
**ଜରାମରଣ୍ମୋକ୍ଷାୟ** = {ଜରା ଓ ମରଣରୁ ମୁକ୍ତି ପାଇବା ପାଇଁ
**ଯତନ୍ତି** = ଯତ୍ନ କରନ୍ତି,
**ତେ** = ସେମାନେ
**ତତ୍** = ସେହି

**ବ୍ରହ୍ମ** = ବ୍ରହ୍ମକୁ ,
**କୃସ୍ନନମ୍** = ସମ୍ପୂର୍ଣ୍ଣ
**ଅଧ୍ୟାତ୍ମମ୍**= ଅଧ୍ୟାତ୍ମକୁ
**ଚ** = ଏବଂ
**ଅଖିଳମ୍** = ସମସ୍ତ
**କର୍ମ** = କର୍ମଗୁଡ଼ିକୁ
**ବିଦୁଃ** = ଜାଣନ୍ତି ।

ସାଧିଭୂତାଧିଦୈବମ୍, ମାମ୍, ସାଧିଯଜ୍ଞମ୍, ଚ, ଯେ, ବିଦୁଃ,
ପ୍ରୟାଣକାଳେ, ଅପି, ଚ, ମାମ୍, ତେ, ବିଦୁଃ, ଯୁକ୍ତଚେତସଃ ॥ ୩୦ ॥

**ଏବଂ-**

**ଯେ** = ଯେଉଁମାନେ
**ସାଧି-ଭୁତାଧିଦୈବମ୍** = {ଅଧିଭୂତ ଏବଂ ଅଧିଦୈବ ସହିତ
**ଚ** = ତଥା
**ସାଧିଯଜ୍ଞମ୍** = {(ଅଧିଯଜ୍ଞ ସହିତ ସମସ୍ତଙ୍କର ଆତ୍ମ ରୂପ)
**ମାମ୍** = ମୋତେ
**ପ୍ରୟାଣକାଳେ** = ଅନ୍ତକାଳରେ (ହେଲେ)

**ଅପି** = ମଧ୍ୟ
**ବିଦୁଃ** = ଜାଣିଛନ୍ତି,
ତେ = ସେହି
ଯୁକ୍ତଚେତସଃ = ଯୁକ୍ତଚିତ୍ତ ମନୁଷ୍ୟ
ମାମ୍ = ମୋତେ
ଚ = ହିଁ
ବିଦୁଃ = {ଜାଣନ୍ତି ଅର୍ଥାତ୍ ମୋତେ ପ୍ରାପ୍ତ ହୋଇ ଥାଆନ୍ତି

ଶ୍ରୀମଭଗତ୍ ଗୀତା ଅଧ୍ୟାୟ ୮ର କିଛି ଶ୍ଳୋକର ଫୋଟୋ କପି -

# ଅଥ ଅଷ୍ଟମଅଧ୍ୟାୟଃ

## *ଅର୍ଜୁନ ଉବାଚ*

କିମ୍, ତତ୍, ବ୍ରହ୍ମ, କିମ୍, ଅଧ୍ୟାତ୍ମମ୍, କିମ୍, କର୍ମ, ପୁରୁଷୋତ୍ତମ୍,
ଅଧିଭୂତମ୍, ଚ, କିମ୍, ପ୍ରୋକ୍ତମ୍, ଅଧିଦୈବମ୍, କିମ୍, ଉଚ୍ୟତେ ॥୧॥

**ଭଗବାନଙ୍କର ଏଭଳି ବଚନକୁ ନ ବୁଝିପାରି ଅର୍ଜୁନ ପଚାରିଲେ :-**

**ପୁରୁଷୋତ୍ତମ୍** = ହେ ପୁରୁଷୋତ୍ତମ !
**ତତ୍** = ସେହି
**ବ୍ରହ୍ମ** = ବ୍ରହ୍ମ
**କିମ୍** = କ'ଣ ?
**ଆଧ୍ୟାତ୍ମମ** = ଅଧ୍ୟାତ୍ମ
**କିମ୍** = କ'ଣ ?
**କର୍ମ** = କର୍ମ
କିମ୍ = କ'ଣ ?
**ଅଧିଭୂତମ୍** = ଅଧିଭୂତ (ନାମରେ)
**କିମ୍** = କ'ଣ
**ପ୍ରୋକ୍ତମ୍** = କୁହାଯାଇଛି
**ଚ** =ଏବଂ
**ଅଧିଦୈବମ୍** = ଅଧିଦୈବ
**କିମ୍** = କାହାକୁ
**ଉଚ୍ୟତେ** = କହନ୍ତି ?

ଅଧିଯଜ୍ଞଃ, କଥମ୍, କଃ, ଅତ୍ର, ଦେହେ, ଅସ୍ମିନ୍, ମଧୁସୂଦନ,
ପ୍ରୟାଣକାଳେ, ଚ, କଥମ୍, ଜ୍ଞେୟଃ, ଅସି, ନିୟତାତ୍ମଭିଃ ॥୨॥

**ଏବଂ -**

**ମଧୁସୂଦନ** = ହେ ମଧୁସୂଦନ !
**ଅତ୍ର** = ଏଠାରେ
**ଅଧିଯଜ୍ଞଃ** = ଅଧିଯଜ୍ଞ
**କଃ** = କିଏ ଅଟେ(ଏବଂ ସେ )
**ଅସ୍ମିନ୍** = ଏହି
**ଦେହେ** = ଶରୀରରେ
**କଥମ୍** = କିପରି ଅଛନ୍ତି ?
**ଚ** = ତଥା
**ନିୟତାତ୍ମଭି** = ଯୁକ୍ତଚିତ୍ତ ପୁରୁଷମାନଙ୍କ ଦ୍ୱାରା
**ପ୍ରୟାଣକାଳେ** = ମରଣ କାଳେ (ଆପଣ)
**କଥମ୍** = କିପରି
ଜ୍ଞେୟଃ,ଅସି = ଜାଣି ହୁଅନ୍ତି ?

ଅକ୍ଷରମ୍, ବ୍ରହ୍ମ, ପରମମ୍, ସ୍ୱଭାବଃ, ଅଧ୍ୟାତ୍ମମ୍, ଉଚ୍ୟତେ,
ଭୂତଭାବୋଭବକରଃ, ବିସର୍ଗଃ, କର୍ମସଞ୍ଜିତଃ ॥ ୩ ॥

**ଅର୍ଜୁନ ଏଭଳି ପ୍ରଶ୍ନ ପଚାରିବାରୁ ଶ୍ରୀ ଭଗବାନ କହିଲେ, ଅର୍ଜୁନ !-**

**ପରମମ୍** = ପରମ
**ଅକ୍ଷରମ୍** = ଅକ୍ଷର
**'ବ୍ରହ୍ମ'** = ବ୍ରହ୍ମ ଅଟେ,
**ସ୍ୱଭାବଃ** = ନିଜ ସ୍ୱରୂପ ଅର୍ଥାତ୍ ଜୀବାତ୍ମା
**ଅଧ୍ୟାତ୍ମମ୍** = ଅଧ୍ୟାତ୍ମ(ନାମରେ)
**ଉଚ୍ୟତେ** = କଥିତ ହୁଏ (ତଥା)
**ଭୂତଭାବୋଭବକରଃ** = ପ୍ରାଣୀମାନଙ୍କର ଭାବକୁ ଉତ୍ପନ୍ନ କରୁଥିବା (ଯେଉଁ)
**ବିସର୍ଗଃ** = ତ୍ୟାଗ ଅଟେ,(ତାହା)
**କର୍ମସଞ୍ଜିତଃ** = କର୍ମ ନାମରେ କଥିତ ହୁଏ

ଅଧିଭୂତମ୍, କ୍ଷରଃ, ଭାବଃ, ପୁରୁଷଃ, ଚ, ଅଧିଦୈବତମ୍,
ଅଧିଯଜ୍ଞଃ, ଅହମ୍, ଏବ, ଅତ୍ର, ଦେହେ, ଦେହଭୃତାମ୍, ବର ॥୪॥

**ତଥା-**

**କ୍ଷରଃ, ଭାବଃ** = ଉତ୍ପତ୍ତି-ବିନାଶଶୀଳ ସମସ୍ତ ପଦାର୍ଥ
**ଅଧିଭୂତମ୍** = ଅଧିଭୂତ ଅଟେ,
**ପୁରୁଷ** = ହିରଣ୍ୟମୟ ପୁରୁଷ*
**ଅଧିଦୈବତମ୍** = ଅଧିଦୈବ ଅଟେ
**ଚ** = ଏବଂ
**ଦେହଭୃତାମ୍,ବର** = ହେ ଦେହଧାରୀମାନଙ୍କ ମଧ୍ୟରେ ଶ୍ରେଷ୍ଠ ଅର୍ଜୁନ !
**ଅତ୍ର** = ଏହି
**ଦେହେ** = ଶରୀରରେ
**ଅହମ୍** = ମୁଁ ବାସୁଦେବ
**ଏବ** = ହିଁ (ଅନ୍ତର୍ଯ୍ୟାମୀ ରୂପରେ)
**ଅଧିଯଜ୍ଞଃ** = ଅଧିଯଜ୍ଞ ଅଟେ ।

ଅନ୍ତକାଳେ, ଚ, ମାମ୍, ଏବ, ସ୍ମରନ୍, ମୁକ୍ତ୍ୱା, କଳେବରମ୍,
ଯଃ, ପ୍ରୟାତି, ସଃ, ମଭାବମ୍, ଯାତି, ନ, ଅସ୍ତି, ଅତ୍ର, ସଂଶୟଃ ॥ ୫ ॥

**ଏବଂ-**

**ଯଃ** = ଯେଉଁ ପୁରୁଷ
**ଅନ୍ତକାଳେ,ଚ** = ଅନ୍ତକାଳରେ ବି
**ମାମ୍** = ମୋତେ
**ଏବ** = ହିଁ
**ସ୍ମରନ୍** = ସ୍ମରଣ କରି କରି
**କଳେବରମ୍** = ଶରୀରକୁ
**ମୁକ୍ତ୍ୱା** = ତ୍ୟାଗ କରି
**ପ୍ରୟାତି** = ଯାଇଥାଏ,
**ସଃ** = ସେ
**ମଦ୍ଭାବମ୍** = ମୋର ସାକ୍ଷାତ୍ ସ୍ୱରୂପକୁ
**ଯାତି** = ପ୍ରାପ୍ତ ହୁଏ-
**ଅତ୍ର** = ଏଥିରେ (ତିଳେ ମାତ୍ର)
**ସଂଶୟଃ** = ସନ୍ଦେହ
**ନ, ଅସ୍ତି** = ନାହିଁ

ଯମ୍, ଯମ୍, ବା, ଅପି, ସ୍ମରନ୍, ଭାବମ୍, ତ୍ୟଜତି, ଅନ୍ତେ, କଳେବରମ୍,
ତମ୍, ତମ୍, ଏବ, ଏତି, କୌନ୍ତେୟ, ସଦା, ତଦ୍ଭାବଭାବିତଃ ॥ ୬ ॥

କାରଣ ହେଲା-

**କୌନ୍ତେୟ** = ହେ କୁନ୍ତିପୁତ୍ର ଅର୍ଜୁନ ! (ଏହି ମନୁଷ୍ୟ)
**ଅନ୍ତେ** = ଅନ୍ତ କାଳରେ
**ଯମ୍, ଯମ୍** = ଯେଉଁ ଯେଉଁ
**ବା, ଅପି** = ବି
**ଭାବମ୍** = ଭାବକୁ
**ସ୍ମରନ୍** = ସ୍ମରଣ କରି କରି
**କଳେବରମ୍** = ଶରୀର
**ତ୍ୟଜତି** = ତ୍ୟାଗ କରେ,
**ତମ୍,ତମ୍** = ତାହା ତାହାକୁ
**ଏବ** = ହିଁ
**ଏତି** = ପ୍ରାପ୍ତ ହୋଇଥାଏ; (କାରଣ ସେ)
**ସଦା** = ସବୁବେଳେ
**ତଦ୍ଭାବଭାବିତଃ** = ସେହି ଭାବରେ ଭାବିତ ହୋଇ ରହିଥାଏ ।

(ନିରନ୍ତର ଭଗବତ୍‌ଚିନ୍ତନ କରିବା ସହିତ ଯୁଦ୍ଧ କରିବାକୁ ଆଦେଶ ଏବଂ ତାହାର ଫଳ)

ତସ୍ମାତ୍, ସର୍ବେଷୁ, କାଳେଷୁ, ମାମ୍, ଅନୁସ୍ମର, ଯୁଦ୍ଧ, ଚ,
ମୟି, ଅର୍ପିତମନୋବୁଦ୍ଧିଃ, ମାମ୍, ଏବ, ଏଷ୍ୟସି, ଅସଂଶୟମ୍ ॥ ୭ ॥

**ତସ୍ମାତ୍** = ତେଣୁ (ହେ ଅର୍ଜୁନ !ତୁ)
**ସର୍ବେଷୁ** = ସବୁ
**କାଳେଷୁ** = ସମୟରେ (ନିରନ୍ତର)
**ମାମ୍** = ମୋତେ
**ଅନୁସ୍ମର** = ସ୍ମରଣ କର
**ଚ** = ଏବଂ

**ଯୁଦ୍ଧ** = ଯୁଦ୍ଧ ମଧ୍ୟ କର (ଏହି ପ୍ରକାରେ)
**ମୟି** = ମୋଠାରେ
**ଅର୍ପିତମନୋବୁଦ୍ଧିଃ** = ଅର୍ପଣ କରାଯାଇଥିବା ମନ-ବୁଦ୍ଧିରେ ଯୁକ୍ତ ହୋଇ (ତୁ)
**ଅସଂଶୟମ୍** = ନିଃ ସନ୍ଦେହ
**ମାମ୍** = ମୋତେ
**ଏବ** = ହିଁ
**ଏଷ୍ୟସି** = ପ୍ରାପ୍ତ ହେବୁ ।

ଅଭ୍ୟାସଯୋଗଯୁକ୍ତେନ, ଚେତସା, ନାନ୍ୟଗାମିନା, ପରମମ୍,
ପୁରୁଷମ୍, ଦିବ୍ୟମ୍, ଯାତି, ପାର୍ଥ, ଅନୁଚିନ୍ତୟନ୍ ॥ ୮ ॥

**ପାର୍ଥ** = ହେ ପାର୍ଥ !(ଏହା ନିୟମ ଅଟେ ଯେ)
ଅଭ୍ୟାସଯୋଗ ଯୁକ୍ତେନ = ପରମେଶ୍ୱରଙ୍କ ଧ୍ୟାନର ଅଭ୍ୟାସ ରୂପକ ଯୋଗରେ ଯୁକ୍ତ ହୋଇ
ନାନ୍ୟଗାମିନା = ଅନ୍ୟ ଆଡ଼େ ଯାଉ ନଥିବା
**ଚେତସା** = ଚିତ୍ତଦ୍ୱାରା
**ଅନୁଚିନ୍ତୟନ୍** = ନିରନ୍ତର ଚିନ୍ତନ କରୁଥିବା (ମନୁଷ୍ୟ)
**ପରମମ୍** = ପରମ (ପ୍ରକାଶ ସ୍ୱରୂପ)
**ଦିବ୍ୟମ୍** = ଦିବ୍ୟ
**ପୁରୁଷମ୍** = ପୁରୁଷଙ୍କୁ ଅର୍ଥାତ୍ ପରମେଶ୍ୱରଙ୍କୁ(ହିଁ)
**ଯାତି** = ପ୍ରାପ୍ତ ହୋଇଥାଏ ।

କବିମ୍, ପୁରାଣମ୍, ଅନୁଶାସିତାରମ୍, ଅଣୋଃ, ଅଣୀୟାଂସମ୍,
ଅନୁସ୍ମରେତ୍, ଯଃ, ସର୍ବସ୍ୟ, ଧାତାରମ୍, ଅଚିନ୍ତ୍ୟରୂପମ୍,
ଆଦିତ୍ୟବର୍ଣ୍ଣମ୍, ତମସଃ, ପରସ୍ତାତ୍ ॥ ୯ ॥

**ଯଃ** = ଯେଉଁ ପୁରୁଷ
**କବିମ୍** = ସର୍ବଜ୍ଞ,
**ପୁରାଣମ୍** = ଅନାଦି,
**ଅନୁଶାସିତାରମ୍** = ସର୍ବ ନିୟନ୍ତା,*
**ଅଣୋଃ,ଅଣୀୟାଂସମ୍** = ସୂକ୍ଷ୍ମଠାରୁ ବି ଅତି ସୂକ୍ଷ୍ମ,
ସର୍ବସ୍ୟ = ସମସ୍ତଙ୍କର
ଧାତାରମ୍ = ଧାରଣ-ପୋଷଣ କରୁଥିବା,
**ଅଚିନ୍ତ୍ୟସ୍ୱରୂପମ୍** = ଅଚିନ୍ତ୍ୟସ୍ୱରୂପ

**ଆଦିତ୍ୟବର୍ଣ୍ଣମ୍** = { ସୂର୍ଯ୍ୟ ସଦୃଶ ନିତ୍ୟ ଚେତନ, ପ୍ରକାଶରୂପ(ଏବଂ)

**ପରସ୍ତାତ୍** = { ସମ୍ପୂର୍ଣ୍ଣ ସ୍ୱତନ୍ତ୍ର ଶୁଦ୍ଧ ସଚ୍ଚିଦାନନ୍ଦଘନ ପରମେଶ୍ୱରଙ୍କୁ

**ଅନୁସ୍ମରେତ୍** = ସ୍ମରଣ କରିଥାଏ-

**ତମସଃ** = ଅବିଦ୍ୟାଠାରୁ

ପ୍ରୟାଣକାଳେ, ମନସା, ଅଚଳେନ, ଭକ୍ତ୍ୟା, ଯୁକ୍ତଃ, ଯୋଗବଳେନ,
ଚ, ଏବ, ଭ୍ରୁବୋଃ, ମଧ୍ୟେ, ପ୍ରାଣମ୍, ଆବେଶ୍ୟ, ସମ୍ୟକ୍, ସଃ,
ତମ୍, ପରମ୍, ପୁରୁଷମ୍, ଉପୈତି, ଦିବ୍ୟମ୍ ॥୧୦ ॥

**ସଃ** = ସେହି

**ଭକ୍ତ୍ୟା, ଯୁକ୍ତଃ** = ଭକ୍ତିଯୁକ୍ତ ପୁରୁଷ

**ପ୍ରୟାଣକାଳେ** = ଅନ୍ତକାଳରେ (ମଧ୍ୟ)

**ଯୋଗବଳେନ** = ଯୋଗବଳରେ

**ଭ୍ରୁବୋଃ** = ଭୃଲତାର

**ମଧ୍ୟେ** = ମଝିରେ

**ପ୍ରାଣମ୍** = ପ୍ରାଣକୁ

**ସମ୍ୟକ୍** = ଭଲରୂପେ

**ଆବେଶ୍ୟ** = ସ୍ଥାପନକରି

**ଚ** = ଏବଂ

**ଅଚଳେନ** = ନିଶ୍ଚଳ

**ମନସା** = ମନ ଦ୍ୱାରା

**(ସ୍ମରନ୍)** = ସ୍ମରଣ କରି କରି

**ତମ୍** = ସେହି

**ଦିବ୍ୟମ୍** = ଦିବ୍ୟରୂପ

**ପରମ୍** = ପରମ

**ପୁରୁଷମ୍** = ପୁରୁଷ ପରମାତ୍ମାଙ୍କୁ

**ଏବ** = ହିଁ

**ଉପୈତି** = ପ୍ରାପ୍ତ ହୁଏ-

ଯତ୍, ଅକ୍ଷରମ୍, ବେଦବିଦଃ, ବଦନ୍ତି, ବିଶନ୍ତି, ଯତ୍, ଯତୟଃ,
ବୀତରାଗାଃ, ଯତ୍, ଇଚ୍ଛନ୍ତଃ, ବ୍ରହ୍ମଚର୍ଯ୍ୟମ୍, ଚରନ୍ତି, ତତ୍,
ତେ, ପଦମ୍, ସଙ୍ଗ୍ରହେଣ, ପ୍ରବକ୍ଷ୍ୟେ ॥ ୧୧ ॥

**ଏବଂ ହେ ଅର୍ଜୁନ !-**

ବେଦବିଦଃ = ବେଦଜ୍ଞ

ଯତ୍ = { ଯେଉଁ ସଚ୍ଚିଦାନନ୍ଦଘନ ରୂପକ ପରମ ପଦକୁ

**ଅକ୍ଷରମ୍** = ଅବିନାଶୀ

**ବଦନ୍ତି** = କହନ୍ତି,

**ବୀତରାଗାଃ** = ଆସକ୍ତି ରହିତ

**ଯତୟଃ** = ଯତ୍ନଶୀଳ ସନ୍ୟାସୀ ମହାତ୍ମାମାନେ
**ଯତ୍** = ଯେଉଁଥିରେ
**ବିଶନ୍ତି** = ପ୍ରବେଶ କରନ୍ତି (ଏବଂ)
ଯତ୍ = ଯେଉଁ ପରମପଦକୁ
ଇଚ୍ଛନ୍ତଃ = ଇଚ୍ଛା କରୁଥିବା (ବ୍ରହ୍ମଚାରୀମାନେ)
**ଚରନ୍ତି** = ଆଚରଣ କରନ୍ତି,
**ତତ୍** = ସେହି
**ପଦମ୍** = ପରମପଦ (ବିଷୟରେ ମୁଁ)
**ତେ** = ତୋ ପାଇଁ
**ସଙ୍ଗ୍ରହେଣ** = ସଂକ୍ଷେପରେ
**ପ୍ରବକ୍ଷେ** = କହିବି ।
ବ୍ରହ୍ମଚର୍ଯ୍ୟମ୍= ବ୍ରହ୍ମଚର୍ଯ୍ୟ

ସର୍ବଦ୍ୱାରାଣି, ସଂଯମ୍ୟ, ମନଃ, ହୃଦି, ନିରୁଧ୍ୟ, ଚ, ମୂର୍ଦ୍ଧ୍ନି
ଆଧାୟ, ଆତ୍ମନଃ, ପ୍ରାଣମ୍, ଆସ୍ଥିତଃ, ଯୋଗଧାରଣାମ୍, ॥୧୨॥
ଓମ୍, ଇତି, ଏକାକ୍ଷରମ୍, ବ୍ରହ୍ମ, ବ୍ୟାହରନ୍, ମାମ୍, ଅନୁସ୍ମରନ୍,
ଯଃ, ପ୍ରୟାତି, ତ୍ୟଜନ୍, ଦେହମ୍, ସଃ, ଯାତି, ପରମାମ୍, ଗତିମ୍ ॥୧୩॥

ହେ ଅର୍ଜୁନ !-

**ସର୍ବଦ୍ୱାରାଣି** = ସମସ୍ତ ଇନ୍ଦ୍ରିୟର ଦ୍ୱାର ଗୁଡ଼ିକୁ
**ସଂଯମ୍ୟ** = ବନ୍ଦକରି
**ଚ** = ତଥା
**ମନଃ** = ମନକୁ
**ହୃଦ** = ହୃଦୟରେ
**ନିରୁଧ** = (ସ୍ଥିର କରି, ପୁଣି ଜିତି ଥିବା ସେହି ମନ ଦ୍ୱାରା)
**ପ୍ରାଣମ୍** = ପ୍ରାଣକୁ
ମୂର୍ଦ୍ଧ୍ନି = ମସ୍ତକରେ
**ଆଧାୟ** = ସ୍ଥାପିତ କରି
**ଆତ୍ମନଃ** = ପରମାତ୍ମ ସମ୍ବନ୍ଧୀ
**ଯୋଗାଧାରଣାମ୍** =ଯୋଗ ଧାରଣାରେ
**ଆସ୍ଥିତଃ** = ସ୍ଥିତ ହୋଇ
**ଯଃ** = ଯେଉଁ ପୁରୁଷ
**ଓମ୍** = 'ଓଁ'
**ଇତି** = ଏହି
**ଏକାକ୍ଷର** = ଏକ ଅକ୍ଷର ରୂପକ
**ବ୍ରହ୍ମ** = ବ୍ରହ୍ମକୁ
**ବ୍ୟାହରନ୍** = ଉଚ୍ଚାରଣ କରି କରି (ଏବଂ ତାହାର ଅର୍ଥ ସ୍ୱରୂପ)
**ମାମ୍** = ମୋତେ ଅର୍ଥାତ୍ ନିର୍ଗୁଣ ବହ୍ମକୁ
**ଅନୁସ୍ମରନ୍** = ଚିନ୍ତନ କରିକରି
**ଦେହମ୍** = ଶରୀରକୁ
**ତ୍ୟଜନ୍** = ତ୍ୟାଗ କରି
**ପ୍ରାୟତି** = ଯାଇଥାଏ
**ସଃ** = ସେହି ପୁରୁଷ
**ପରମାମ୍, ଗତିମ୍** = ପରମ ଗତିକୁ
**ଯାତି** = ପ୍ରାପ୍ତ ହୋଇଥାଏ ।

ଅନନ୍ୟଚେତାଃ, ସତତମ୍ , ଯଃ, ମାମ୍, ସ୍ମରତି, ନିତ୍ୟଶଃ, ତସ୍ୟ,
ଅହମ୍, ସୁଲଭଃ, ପାର୍ଥ, ନିତ୍ୟଯୁକ୍ତସ୍ୟ, ଯୋଗିନଃ ॥୧୪॥

**ଏବଂ-**

**ପାର୍ଥ** = ହେ ଅର୍ଜୁନ !
**ଯଃ ଯୋଉ** = ଯେଉଁ ପୁରୁଷ
**(ମୟି)** = ମୋଠାରେ
**ଅନନ୍ୟଚେତାଃ** = ଅନନ୍ୟଚିତ୍ତ ହୋଇ
**ନିତ୍ୟଶଃ** = ସବୁବେଳେ
**ସତତମ୍** = ନିରନ୍ତର
**ମାମ୍** = ମୋତେ ଅର୍ଥାତ୍ ପୁରୁଷୋତ୍ତମଙ୍କୁ
**ସ୍ମରତି** = ସ୍ମରଣ କରିଥାଏ,
**ତସ୍ୟ** = ସେହି
**ନିତ୍ୟଯୁକ୍ତସ୍ୟ** = ନିତ୍ୟ- ନିରନ୍ତର ମୋଠାରେ ଯୁକ୍ତ ହୋଇଥିବା
ଯୋଗିନଃ = ଯୋଗୀ ପାଇଁ
ଅହମ୍ = ମୁଁ
ସୁଲଭଃ = ସୁଲଭ ଅଟେ ଅର୍ଥାତ୍ ତାକୁ ମୁଁ ଅତି ସହଜରେ ପ୍ରାପ୍ତ ହୋଇ ଯାଇଥାଏ ।

ମାମ୍, ଉପେତ୍ୟ, ପୁନର୍ଜନ୍ମ, ଦୁଃଖାଳୟମ୍, ଅଶାଶ୍ୱତମ୍, ନ,
ଆପ୍ନୁବନ୍ତି, ମହାତ୍ମାନଃ, ସଂସିଦ୍ଧିମ୍, ପରମାମ୍, ଗତାଃ ॥୧୫॥

**ଏବଂ ସେହି -**

**ପରମାମ୍** = ପରମ
**ସଂସିଦ୍ଧିମ୍** = ସିଦ୍ଧିକୁ
**ଗତାଃ** = ପ୍ରାପ୍ତ କରିଥିବା
**ମହାମାନଃ** = ମହାତ୍ମାମାନେ
**ମାମ୍** = ମୋତେ
**ଉପେତ୍ୟ** = ପ୍ରାପ୍ତ ହୋଇ ।
**ଦୁଃଖାଳୟମ୍** = ଦୁଃଖର ଘର (ଏବଂ)
**ଅଶାଶ୍ୱତମ୍** = କ୍ଷଣଭଙ୍ଗୁର
**ପୁନର୍ଜନ** = ପୁନର୍ଜନ୍ମକୁ
**ଆପ୍ନୁବନ୍ତି** = ପ୍ରାପ୍ତ ହୁଅନ୍ତି
**ନ** = ନାହିଁ

ଆବ୍ରହ୍ମଭୂବନାତ୍, ଲୋକାଃ, ପୁନରାବର୍ତିନଃ, ଅର୍ଜୁନ, ମାମ୍,
ଉପେତ୍ୟ, ତୁ, କୌନ୍ତେୟ, ପୁନର୍ଜନ୍ମ, ନ, ବିଦ୍ୟତେ ॥୧୬ ॥

**କାରଣ -**

**ଅର୍ଜୁନ** = ହେ ଅର୍ଜୁନ !
**ଆବ୍ରହ୍ମଭୂବନାତ** = ବ୍ରହ୍ମଲୋକ ପର୍ଯ୍ୟନ୍ତ
**ଲୋକାଃ** = ସମସ୍ତ ଲୋକ
**ପୁନରାବର୍ତିନଃ** = ପୁନରାବର୍ତ୍ତି*ଅଟେ,
**ତୁ** = କିନ୍ତୁ
**କୌନ୍ତେୟ** = ହେ କୁନ୍ତୀପୁତ୍ର !
**ମାମ୍** = ମୋତେ
**ଉପ୍ୟତେ** = ପ୍ରାପ୍ତ ହେଲେ
**ପୁନର୍ଜନ୍ମ** = ପୁନର୍ଜନ୍ମ
**ବିଦ୍ୟତେ** = ହୁଏ;
**ନ** = ନାହିଁ

ସହସ୍ରଯୁଗ ପର୍ଯ୍ୟନ୍ତମ୍, ଅହଃ, ଯତ୍, ବ୍ରହ୍ମଣଃ, ବିଦୁଃ, ରାତ୍ରିମ୍,
ଯୁଗସହସ୍ରାନ୍ତାମ୍, ତେ, ଅହୋରାତ୍ରବିଦଃ, ଜନାଃ ॥୧୭॥

**ହେ ଅର୍ଜୁନ !:-**

**ବ୍ରହ୍ମଣଃ** = ବ୍ରହ୍ମାଙ୍କର
**ଯତ୍** = ଯେଉଁ
**ଅହଃ** = ଗୋଟିଏ ଦିନ ଅଟେ,(ତାହାକୁ)
**ସହସ୍ରାଯୁଗପର୍ଯ୍ୟନ୍ତମ୍** = ଏକ ହଜାର ଚତୁର୍ଯୁଗୀ ଅବିଧିବିଶିଷ୍ଟ
(ଏବଂ ଗୋଟିଏ ରାତି ମଧ୍ୟ)
**ଯୁଗସହସ୍ରାନ୍ତାମ୍** = ଏକ ହଜାର ଚତୁର୍ଯୁଗୀ ଅବଧି ବିଶିଷ୍ଟ (ବୋଲି)
**ଯେ** = ଯେଉଁ ପୁରୁଷମାନେ
**ବିଦୁଃ** = ତତ୍ତ୍ୱତ ଜାଣିଛନ୍ତି,
**ତେ** = ସେହି
**ଜନାଃ** = ଯୋଗୀଗଣ
**ଅହୋରାତ୍ରବିଦଃ** = କାଳର ତତ୍ତ୍ୱକୁ ଜାଣିଛନ୍ତି ।

ଅବ୍ୟକ୍ତାତ୍, ବ୍ୟକ୍ତୟଃ, ସର୍ବାଃ, ପ୍ରଭବନ୍ତି, ଅହରାଗମେ,
ରାତ୍ର୍ୟଗମେ, ପ୍ରଲୀୟନ୍ତେ, ତତ୍ର, ଏବ, ଅବ୍ୟକ୍ତସଞ୍ଜ୍ଞକେ ॥୧୮॥

**ତେଣୁ ସେମାନେ ଏହା ମଧ ଜାଣିଛନ୍ତି ଯେ -**

ସର୍ବାଃ = ସକଳ
**ବ୍ୟକ୍ତୟଃ** = ଚରାଚର ଜୀବମାନେ ବ୍ରହ୍ମାଙ୍କର
**ଅହରାଗମେ** = ଦିନର ଆରମ୍ଭରେ
**ଅବ୍ୟକ୍ତାତ୍** = ଅବ୍ୟକ୍ତରୁ ଅର୍ଥାତ୍ ବ୍ରହ୍ମାଙ୍କ ସୂକ୍ଷ୍ମ ଶରୀରରୁ
ପ୍ରଭବନ୍ତ = ଉତ୍ପନ୍ନ ହୁଅନ୍ତି,(ଏବଂ)
**ରାତ୍ରାଗମେ** = ବ୍ରହ୍ମାଙ୍କ ରାତ୍ରିର ଆରମ୍ଭରେ
**ତତ୍ର** = ସେହି
**ଅବ୍ୟକ୍ତ ସଂଜ୍ଞକେ** = ଅବ୍ୟକ୍ତ ନାମକ ବ୍ରହ୍ମାଙ୍କ ସୂକ୍ଷ୍ମଶରୀରରେ
**ଏବ** = ହିଁ
**ପ୍ରଲୀୟନ୍ତେ** = ଲୀନ ହୋଇଯାଆନ୍ତି ।

ଭୂତଗ୍ରାମଃ, ସଃ, ଏବ, ଅୟମ, ଭୂତ୍ୱା, ଭୂତ୍ୱା, ପ୍ରଲୀୟତେ,
ରାତ୍ର୍ୟାଗମେ, ଅବଶଃ, ପାର୍ଥ, ପ୍ରଭବତି, ଅହରାଗମେ ॥୧୯॥

**ଏବଂ –**

**ପାର୍ଥ** = ହେ ପାର୍ଥ !
**ସଃ, ଏବ, ଅୟମ୍**= ସେହି
**ଭୂତଗ୍ରାମଃ** = ଭୂତସମୁଦାୟ (ବାରମ୍ବାର)
**ଭୂତ୍ୱା, ଭୂତ୍ୱା** = ଉତ୍ପନ୍ନ ହୋଇ ହୋଇ
**ଅବଶଃ** = ପ୍ରକୃତିର ବଶ ହୋଇ
**ରାତ୍ର୍ୟାଗମେ** = ରାତ୍ରିର ପ୍ରବେଶକାଳରେ
**ପ୍ରଲୀୟତେ** = ଲୀନ ହୋଇଥାଏ (ଏବଂ)
**ଅହରାଗମେ** = ଦିନର ପ୍ରବେଶ କାଳରେ (ପୁଣି )
**ପ୍ରଭବତି** = ଉତ୍ପନ୍ନ ହୁଏ

ପରଃ, ତସ୍ମାତ୍, ତୁ ,ଭାବଃ, ଅନ୍ୟଃ, ଅବ୍ୟକ୍ତଃ, ଅବ୍ୟକ୍ତାତ୍, ସନାତନଃ
ଯଃ, ସଃ, ସର୍ବେଷୁ, ଭୂତେଷୁ, ନଶ୍ୟତ୍ସୁ ନ, ବିନଶ୍ୟତି ॥୨୦॥

**ତୁ** = କିନ୍ତୁ
**ତସ୍ମାତ୍** = ସେହି
**ଅବ୍ୟକ୍ତାତ୍** = ଅବ୍ୟକ୍ତଠାରୁ (ବି ଅତି)
**ପରଃ** = ଶ୍ରେଷ୍ଠ
**ଅନ୍ୟଃ** = ଅନ୍ୟ ଅର୍ଥାତ୍ ବିଲକ୍ଷଣ
**ଯଃ** = ଯେଉଁ
**ସନାତନଃ** = ସନାତନ
**ଅବ୍ୟକ୍ତଃ** = ଅବ୍ୟକ୍ତ
**ଭାବଃ** = ଭାବ;
**ସଃ** = ସେହି ପରମ ଦିବ୍ୟ ପୁରୁଷ
**ସର୍ବେଷୁ** = ସମସ୍ତ
**ଭୂତେଷୁ** = ଚରାଚର ପ୍ରାଣୀ
**ନଶ୍ୟତ୍ସୁ** = ନଷ୍ଟ ହୋଇଗଲେ (ମଧ୍ୟ)
**ନ,ବିନଶ୍ୟତି** = ବିନାଶ ହୁଅନ୍ତି ନାହିଁ ।

ଅବ୍ୟକ୍ତଃ, ଅକ୍ଷରଃ, ଇତି, ଉକ୍ତଃ, ତମ୍, ଆହୁଃ, ପରମାମ୍, ଗତିମ୍
ଯମ୍, ପ୍ରାପ୍ୟ, ନ, ବିବର୍ତ୍ତନ୍ତେ, ତତ୍, ଧାମ, ପରମମ୍, ମମ ॥୨୧॥

**ଏବଂ ଯେଉଁ –**

**ଅବ୍ୟକ୍ତଃ** = ଅବ୍ୟକ୍ତ
**ଅକ୍ଷରଃ** = 'ଅକ୍ଷର'
**ଇତି** = ଏହି (ନାମରେ)
**ଉକ୍ତଃ** = କୁହାଯାଇଛି ।
**ତମ୍** = { ସେହି ଅକ୍ଷର ନାମକ ଅବ୍ୟକ୍ତ ଭାବକୁ
**ପରମାମ୍ ଗତିମ**= ପରମଗତି
**ଆହୁଃ** = କହନ୍ତି ,(ତଥା)
**ଯମ୍** = { ଯେଉଁ ସନାତନ ଅବ୍ୟକ୍ତ ଭାବକୁ
**ପ୍ରାପ୍ୟ** = ପ୍ରାପ୍ତହୋଇ(ମନୁଷ୍ୟମାନେ)
**ନ, ନିବର୍ତ୍ତନ୍ତେ** = ଆଉ ଫେରି ଆସନ୍ତି ନାହିଁ
**ତତ୍** = ତାହା
**ମମ୍** = ମୋର
**ପରମମ୍** = ପରମ
**ଧାମ** = ଧାମ ଅଟେ ।

ପୁରୁଷଃ, ସଃ, ପରଃ, ପାର୍ଥ, ଭକ୍ତ୍ୟା, ଲଭ୍ୟଃ, ତୁ, ଅନନ୍ୟୟା,
ଯସ୍ୟ, ଅନ୍ତଃସ୍ଥାନି, ଭୂତାନି, ଯେନ, ସର୍ବମ୍, ଇଦମ୍, ତତମ୍ ॥୨୨॥

**ପାର୍ଥ** = ହେ ପାର୍ଥ !
**ଯସ୍ୟ** = ଯେଉଁ ପରମାତ୍ମାଙ୍କ
**ଅନ୍ତଃସ୍ଥାନି** = ଅନ୍ତର୍ଗତ
**ଭୁତାନି** = ସକଳ ପ୍ରାଣୀ ଅଛନ୍ତି (ଏବଂ)
**ଯେନ** = { ଯେଉଁ ସଚ୍ଚିଦାନନ୍ଦ ଘନ ପରମାତ୍ମଙ୍କଠାରୁ
**ଇଦମ୍** = ଏହି
**ସର୍ବମ୍** = ସମସ୍ତ ଜଗତ
**ତତମ୍** = ପରିପୂର୍ଣ୍ଣ ଅଟେ ।
**ସଃ** = ସେହି ସନାତନ ଅବ୍ୟକ୍ତ
**ପରଃ** = ପରମ
**ପୁରୁଷଃ** = ପୁରୁଷ
**ତୁ** = ତ
**ଅନନ୍ୟୟା** = ଅନନ୍ୟ
**ଭକ୍ତ୍ୟା** = ଭକ୍ତିଦ୍ୱାରା (ହିଁ)
**ଲଭ୍ୟଃ** = ପ୍ରାପ୍ତ ହେବା ଯୋଗ୍ୟ ଅଟନ୍ତି ।

ବେଦେଷୁ, ଯଜ୍ଞେଷୁ, ତପଃସୁ, ଚ, ଏବ, ଦାନେଷୁ, ଯତ୍,
ପୂନ୍ୟଫଳମ୍, ପ୍ରଦିଷ୍ଟମ୍, ଅତ୍ୟେତି, ତତ୍, ସର୍ବମ୍, ଇଦମ୍, ବିଦିତ୍ୱା,
ଯୋଗୀ, ପରମ୍, ସ୍ଥାନମ୍, ଉପୈତି, ଚ, ଆଦ୍ୟମ୍ ॥୨୮॥

**କାରଣ -**

**ଯୋଗୀ** = ଯୋଗୀ ପୁରୁଷ
**ଇଦମ୍** = ଏହି ରହସ୍ୟକୁ
**ବିଦିତ୍ୱା** = ତତ୍ତ୍ୱତଃ ଜାଣି
**ବେଦେଷୁ** = ବେଦଗୁଡ଼ିକୁ ପଢ଼ିବାରେ
**ଚ** = ତଥା
**ଯଜ୍ଞେଷୁ** = ଯଜ୍ଞ,

| | |
|---|---|
| **ତପଃସୁ** = ତପ (ଏବଂ) | **ଏବ** = ନିଃସନ୍ଦେହ |
| **ଦାନେଷୁ** = ଦାନ ଆଦି କରିବାରେ | **ଅତ୍ୟେତି** = ଉଲଘଂନ କରିଯାଏ । |
| **ଯତ୍** = ଯେଉଁ | **ଚ** = ଏବଂ |
| **ପୂନ୍ୟ ଫଳମ୍** = ପୂଣ୍ୟଫଳ (ମିଳେବୋଲି) | **ଆଦ୍ୟମ୍** = ସନାତନ |
| **ପ୍ରଦିଷ୍ଟମ୍** = କୁହାଯାଇଛି, | **ପରମ୍, ସ୍ଥାନମ୍** = ପରମପଦକୁ |
| **ତମ୍** = ସେ | **ଉପୈତି** =ପ୍ରାପ୍ତ ହୋଇଥାଏ |
| **ସର୍ବମ୍** = ସବୁକୁ | |

**ଶ୍ରୀମଭଗବତ ଗୀତା ଅଧ୍ୟାୟ ୯ର କିଛି ଶ୍ଳୋକର ଫଟୋକପି:-**

## ଅଥ ନବମୋଽଧ୍ୟାୟଃ

ଇଦମ୍, ତୁ, ତେ, ଗୁହ୍ୟତମମ୍, ପ୍ରବକ୍ଷ୍ୟାମି, ଅନସୂୟବେ,
ଜ୍ଞାନମ୍, ବିଜ୍ଞାନସହିତମ୍, ଯତ୍, ଜ୍ଞାତ୍ୱା, ମୋକ୍ଷ୍ୟସେ, ଅଶୁଭାତ୍ ॥୧॥

**ତା'ପରେ ଶ୍ରୀକୃଷ୍ଣ ଭଗବାନ କହିଲେ, ହେ ଅର୍ଜୁନ !-**

| | |
|---|---|
| **ତେ** = ତୋ ପରି | ପ୍ରବକ୍ଷ୍ୟାମି = ଭଲ ଭାବରେ ବୁଝାଇ କହିଦେବି । |
| **ଅନସୂୟବେ** = ଦୋଷ ଦୃଷ୍ଟି ରହିତ ଭକ୍ତ ପାଇଁ | ତୁ = ଯେ, |
| **ଇଦମ୍** = ଏହି | ଯତ୍ = ଯାହାକୁ |
| **ଗୁହ୍ୟତମମ୍** = ପରମ ଗୋପନୀୟ | ଜ୍ଞାତ୍ୱା = ଜାଣି (ତୁ) |
| **ବିଜ୍ଞାନସହିତମ୍** = ବିଜ୍ଞାନ ସହିତ | ଅଶୁଭାତ୍ = ଦୁଃଖରୂପୀ ସଂସାରରୁ |
| **ଜ୍ଞାନମ୍** = ଜ୍ଞାନକୁ (ମୁଁ ପୁଣି) | ମୋକ୍ଷ୍ୟସେ = ମୁକ୍ତ ହୋଇ ଯିବୁ |

ରାଜବିଦ୍ୟା, ରାଜଗୁହ୍ୟମ୍, ପବିତ୍ରମ୍, ଇଦମ୍, ଉତ୍ତମମ୍,
ପ୍ରତ୍ୟକ୍ଷାବଗମମ୍, ଧର୍ମ୍ୟମ୍, ସୁସୁଖମ୍, କର୍ତ୍ତୁମ୍, ଅବ୍ୟୟମ୍ ॥୨॥

| | |
|---|---|
| **ଇଦମ୍** = ଏହି ବିଜ୍ଞାନ ସହିତ ଜ୍ଞାନ(ହେଉଛି) | **ରାଜଗୁହ୍ୟମ୍** = ସବୁ ଗୋପନୀୟ ରହସ୍ୟମାନଙ୍କର ରାଜା, |
| **ରାଜବିଦ୍ୟା**= ସକଳ ବିଦ୍ୟାର ରାଜା | **ପବିତ୍ରମ୍** = ଅତି ପବିତ୍ର, |

ଉତ୍ତରମ୍ = ଅତି ଉତ୍ତମ
**ପ୍ରାବକ୍ଷାବଗମମ୍** = ପ୍ରତ୍ୟକ୍ଷ ଫଳଦାୟୀ,
**ଧର୍ମ୍ୟମ୍** = ଧର୍ମଯୁକ୍ତ,
**କର୍ତ୍ତୁମ୍** = ସାଧନା କରିବାରେ
**ସୁସୁଖମ୍**= ଅତ୍ୟନ୍ତ ସୁଗମ(ଏବଂ)
**ଅବ୍ୟୟମ୍** = ଅବିନାଶୀ ଅଟେ ।

ଅଶ୍ରଦ୍ଧାଧାନାଃ, ପୁରୁଷାଃ, ଧର୍ମସ୍ୟ, ଅସ୍ୟ, ପରନ୍ତପ,
ଅପ୍ରାପ୍ୟ, ମାମ୍, ନିବର୍ତ୍ତନ୍ତେ, ମୃତ୍ୟୁସଂସାରବର୍ତ୍ମନି ॥୩॥

**ପରନ୍ତପ** = ହେ ପରନ୍ତପ !
**ଅସ୍ୟ** = ଏହି (ଉପରୋକ୍ତ)
**ଧର୍ମସ୍ୟ** = ଧର୍ମପ୍ରତି
**ଅଶ୍ରଦ୍ଧାନାଃ** = ଶ୍ରଦ୍ଧା ବିହୀନ
**ପୁରୁଷାଃ** = ପୁରୁଷମାନେ
**ମାମ୍** =ମୋତେ
**ଅପ୍ରାପ୍ୟ** = ପ୍ରାପ୍ତ ନ ହୋଇ
**ମୃତ୍ୟୁସଂସାର** = ମୃତ୍ୟୁରୂପକ
**ବର୍ତ୍ମନ** = ସଂସାର ଚକ୍ରରେ
**ନିବର୍ତ୍ତନ୍ତେ** = ଘୂରି ଚାଲିଥାଆନ୍ତି ।

ମୟା, ତତମ୍, ଇଦମ୍ , ସର୍ବମ୍, ଜଗତ, ଅବ୍ୟକ୍ତମୂର୍ତ୍ତିନା,
ମତସ୍ଥାନି, ସର୍ବଭୂତାନି, ନ, ଚ, ଅହମ୍, ତେଷୁ, ଅବସ୍ଥିତଃ ॥୪॥

**ଏବଂ ହେ ଅର୍ଜୁନ !-**

**ମୟା** = ମୋ ଦ୍ୱାରା ଅର୍ଥାତ୍
**ଅବ୍ୟକ୍ତ ମୂର୍ତିନା** = {ନିରାକାର ପରମାତ୍ମାଙ୍କରେ
**ଇଦମ୍** = ଏହି
**ସର୍ବମ୍** = ସମସ୍ତ
**ଜଗତ୍** = {ଜଗତ (ଜଳ ଦ୍ୱାରା ବରଫ ପରି)
**ତତଦ୍** = ପରିପୂର୍ଣ୍ଣ ।
**ଚ** = ଏବଂ
**ସର୍ବଭୂତାନି** = ସକଳ ଭୂତ
**ମତ୍ସ୍ଥାନ**= {ମୋ ଅନ୍ତର୍ଗତ ସଂଙ୍କଳ୍ପର ଆଧାରରେ ଅବସ୍ଥିତ, କିନ୍ତୁ ପ୍ରକୃତରେ)
**ଅହମ** =ମୁଁ
**ତେଷୁ** = ସେମାନଙ୍କ ମଧ୍ୟରେ
**ନ,ଅବସ୍ଥିତଃ** = ଅବସ୍ଥିତ ନୁହେଁ ।

ନ, ଚ, ମସ୍ଥାନି, ଭୂତାନି, ପଶ୍ୟ, ମେ, ଯୋଗମ୍,ଏଶ୍ୱରମ୍,
ଭୂତଭୃତ୍, ନ, ଚ, ଭୂତସ୍ଥଃ, ମମ, ଆତ୍ମା, ଭୂତଭାବନଃ ॥୫॥

| | |
|---|---|
| **ଭୂତାନି** = ସେହି ସମସ୍ତ ଭୂତ | **ଚ** = ଏବଂ |
| **ମତ୍ସ୍ଥାନି** = ମୋ ଭିତରେ ଅବସ୍ଥିତ | **ଭୂତଭାବନଃ** = ପ୍ରାଣୀମାନଙ୍କର ଉତ୍ପନ୍ନ କର୍ତ୍ତା ହୋଇ |
| **ନ** = ନାହାଁନ୍ତି; କିନ୍ତୁ | **ଚ** = ମଧ୍ୟ |
| **ମେ** = ମୋର | **ମମ** = ମୋର |
| **ଐଶ୍ୱରମ୍** = ଈଶ୍ୱରୀୟ | **ଆତ୍ମା** = ଆତ୍ମା (ପ୍ରକୃତରେ) |
| **ଯୋଗେମ୍** = ଯୋଗଶକ୍ତିକୁ | **ଭୂତସ୍ଥଃ** = ପ୍ରାଣୀମାନଙ୍କ ଭିତରେ ଅବସ୍ଥିତ |
| **ପଶ୍ୟ** = ଦେଖ (ଯେ) | **ନ** = ନୁହେଁ |
| **ଭୁତଭୃତ** = ପ୍ରାଣୀମାନଙ୍କର ଧାରଣ ପୋଷଣକାରୀ | |

ଯଥା, ଆକାଶସ୍ଥିତଃ, ନିତ୍ୟମ୍, ବାୟୁଃ, ସର୍ବତ୍ରଗଃ, ମହାନ୍,
ତଥା, ସର୍ବାଣି, ଭୂତାନି, ମତ୍ସ୍ଥାନି, ଇତି , ଉପଧାରୟ ॥୬॥

**କାରଣ -**

| | |
|---|---|
| **ଯଥା** = ଯେପରି (ଆକାଶରୁ ଉତ୍ପନ୍ନ ହୋଇଥିବା) | **ତଥା** = ସେହିପରି ହିଁ (ମୋର ସଙ୍କଳ୍ପ ଦ୍ୱାରା ଉତ୍ପନ୍ନ ହୋଇଥିବାରୁ) |
| **ସର୍ବତ୍ରଗଃ** = ସର୍ବତ୍ର ବିଚରଣ କରୁଥିବା | |
| **ମହାନ୍** = ମହାନ୍ | **ସର୍ବାଣି** = ସମ୍ପୂର୍ଣ୍ଣ |
| **ବାୟୁଃ** = ବାୟୁ | **ଭୁତାନି** = ଭୂତ |
| **ନିତ୍ୟମ୍** = ସବୁବେଳେ | **ମତସ୍ଥାନି** = ମୋ ମଧ୍ୟରେ ଅବସ୍ଥିତ |
| **ଆକାଶସ୍ଥିତଃ** = ଆକାଶରେ ହିଁ ଅବସ୍ଥିତ ରହିଥାଏ । | **ଇତ** = (ବୋଲି) ଏହା |
| | **ଉପାଧାରୟ** = ଜାଣ |

ସର୍ବଭୂତାନି, କୌନ୍ତେୟ, ପ୍ରକୃତିମ୍, ଯାନ୍ତି, ମାମିକାମ୍,
କଳ୍ପକ୍ଷୟେ, ପୁନଃ, ତାନି, କଳ୍ପାଦୌ, ବିସୃଜାମି, ଅହମ୍ ॥୭॥

| | |
|---|---|
| **କୌନ୍ତେୟ** = ହେ ଅର୍ଜୁନ ! | **ପ୍ରକୃତମ୍** = ପ୍ରକୃତିକୁ |
| **କଳ୍ପକ୍ଷୟେ** = କଳ୍ପଗୁଡ଼ିକର ଶେଷରେ | **ଯାନ୍ତି** = ପ୍ରାପ୍ତ ହୁଅନ୍ତି ଅର୍ଥାତ୍ ପ୍ରକୃତିରେ ଲୀନ ହୁଅନ୍ତି |
| **ସର୍ବଭୂତାନି**= ସମସ୍ତ ଭୂତ | |
| **ମାମିକାମ୍** = ମୋର | |

| | | | |
|---|---|---|---|
| **କଳ୍ପାଦୌ** | = କଳ୍ପର ଆରମ୍ଭରେ | **ପୁନଃ** | = ପୁଣି ଥରେ |
| ତାନି | = ସେମାନଙ୍କୁ | **ବିସୃଜାନ** | = ସଂରଚନା କରେ |
| ଅହମ୍ | = ମୁଁ | | |

**(ସକଳ ଭୂତଙ୍କର ବାରମ୍ବାର ଉତ୍ପତ୍ତି ବିଷୟକ କଥନ)**

ପ୍ରକୃତିମ୍, ସ୍ୱାମ୍, ଅବଷ୍ଟଭ୍ୟ, ବିସୃଜାମି, ପୁନଃ, ପୁନଃ,
ଭୂତଗ୍ରାମ୍‌ମ୍, ଇମମ୍, କୃସ୍ନମ୍, ଅବଶମ୍, ପ୍ରକୃତେଃ, ବଶାତ୍ ॥୮॥

**ଯେପରି କି -**

| | | | |
|---|---|---|---|
| **ସ୍ୱାମ୍** | = ମୁଁ ମୋ ନିଜ | **ଇମମ୍** | = ଏହି |
| **ପ୍ରକୃତିମ୍** | = ପ୍ରକୃତିକୁ | **କୃସ୍ନନ୍** | =ସମ୍ପୂର୍ଣ୍ଣ |
| **ଅବିଷ୍ଟଭ୍ୟ** | = ଗ୍ରହଣ କରି | **ଭୁତଗ୍ରାମମ୍** | = ଭୂତସମୁଦାୟକୁ |
| **ପ୍ରକୃତେଃ** | = ସ୍ୱଭାବ | **ପୁନଃ, ପୁନଃ** | = ବାରମ୍ବାର (ସେମାନଙ୍କ କର୍ମାନୁସାରେ) |
| **ବଶାତ୍** | = ବଶତଃ | | |
| **ଅବଶମ୍** | = ପରତନ୍ତ୍ର ହୋଇଥିବା | **ବିସୃଜାମି** | = ସୃଷ୍ଟିକରେ । |

ଅବଜାନନ୍ତି, ମାମ୍, ମୂଢ଼ାଃ, ମାନୁଷୀମ୍, ତନୁମ୍, ଆଶ୍ରିତମ୍,
ପରମ୍, ଭାବମ୍, ଅଜାନନ୍ତଃ, ମମ, ଭୂତମହେଶ୍ୱରମ୍ ॥୧୧॥

**ଏପରି ହେଲା ପରେ ବି -**

| | | | |
|---|---|---|---|
| **ମମ** | = ମୋର | **ଭୂତମହେଶ୍ୱରମ୍** | = ସକଳ ଭୂତଙ୍କ ମହାନ୍ ଇଶ୍ୱରକୁ |
| **ପରମ୍** | = ପରମ | | |
| **ଭାବମ୍** | = ଭାବକୁ | **ଅବଜାନାନ୍ତି** | = ତୁଚ୍ଛ ବୋଲି ମାନିଥାନ୍ତି ଅର୍ଥାତ୍ ନିଜ ଯୋଗମାୟା ଦ୍ୱାରା ସଂସାର ଉଦ୍ଧାର ପାଇଁ ମଣିଷ ରୂପରେ ବିଚରଣ କରୁଥିବା ମୋତେ ଅର୍ଥାତ୍ ପରମେଶ୍ୱରଙ୍କୁ ସାଧାରଣ ମଣିଷ ବୋଲି ଭାବନ୍ତି । |
| **ଅଜାନନ୍ତଃ** | = ଜାଣିନଥିବା | | |
| **ମୂଢ଼ାଃ** | = ମୂଢ଼ଲୋକମାନେ | | |
| **ମାନୁଷୀମ୍** | = ମଣିଷ | | |
| **ତନୁମ** | = ଶରୀର | | |
| **ଆଶ୍ରିତମ** | = ଧାରଣ କରିଥିବା | | |
| **ମାମ୍** | = ମୋତେ(ଅର୍ଥାତ୍) | | |

ସତତମ୍, କୀର୍ତ୍ତୟନ୍ତଃ, ମାମ୍, ଯତନ୍ତଃ, ଚ, ଦୃଢ଼ବ୍ରତାଃ
ନମସ୍ୟନ୍ତଃ, ଚ, ମାମ୍, ଭକ୍ତ୍ୟା, ନିତ୍ୟଯୁକ୍ତାଃ, ଉପସତେ ॥୧୪॥

**ଦୃଢ଼ବ୍ରତାଃ** = ଦୃଢ଼ନିଶ୍ଚୟୀ ଭକ୍ତମାନେ
**ସତତମ୍** = ନିରନ୍ତର
**କୀତୟନ୍ତଃ** = ମୋର ନାମ ଏବଂ ଗୁଣ କୀର୍ତନ କରିକରି,
**ଚ** = ତଥା (ମୋର ପ୍ରାପ୍ତି ପାଇଁ)
**ଯତନ୍ତଃ** = ଯତ୍ନ କରିକରି

**ଏବଂ ସେହି -**

**ଚ** = ଏବଂ
**ମାମ୍** = ମୋତେ (ବାରମ୍ବାର)
**ନମସ୍ୟନ୍ତଃ** = ପ୍ରଣାମ କରିବା ସହିତ
**ନିତ୍ୟ ଯୁକ୍ତ୍ୟା** = ସବୁବେଳେ ମୋର ଧ୍ୟାନରେ ଯୁକ୍ତ ହୋଇ
**ଭକ୍ତ୍ୟା** = ଅନନ୍ୟ ପ୍ରେମରେ
**ମାମ୍** = ମୋର
**ଉପାସତେ** = ଉପାସନା କରନ୍ତି ।

ଜ୍ଞାନ ଯଜ୍ଞେନ, ଚ, ଅପି, ଅନ୍ୟେ, ଯଜନ୍ତଃ, ମାମ୍, ଉପାସତେ,
ଏକତ୍ୱେନ, ପୃଥକ୍ତ୍ୱେନ, ବହୁଧା, ବିଶ୍ୱତୋମୁଖମ୍ ॥୧୫॥

**ଅନ୍ୟେ = ଅନ୍ୟ କେତେକ ଜ୍ଞାନଯୋଗୀ**
ମାମ୍ = ମୋତେ (ନିର୍ଗୁଣ ନିରାକାର ବ୍ରହ୍ମଙ୍କୁ)
ଜ୍ଞାନଯଜ୍ଞେନ = ଜ୍ଞାନ ଯଜ୍ଞ ଦ୍ୱାରା
ଏକତ୍ୱେନ = ଅଭିନ୍ନ ଭାବରେ
ଯଜନ୍ତଃ = ପୂଜା କରି
ଅପି = ମଧ୍ୟ (ମୋର ଉପାସନା କରନ୍ତି)

ଚ = ଏବଂ (ଅନ୍ୟ କେତେକ ମନୁଷ୍ୟ)
ବହୁଧା = ବହୁପ୍ରକାରରେ ସ୍ଥିତ
ବିଶ୍ୱୋତମୁଖମ = ମୋତେ ଅର୍ଥାତ୍ ବିରାଟ ସ୍ୱରୂପ ପରମେଶ୍ୱରଙ୍କୁ
ପୃଥକ୍ତ୍ୱେନ = ପୃଥକ୍ ଭାବରେ
ଉପାସତେ = ଉପାସନା କରନ୍ତି

ଗତିଃ, ଭର୍ତ୍ତା, ପ୍ରଭୁଃ, ସାକ୍ଷୀ, ନିବାସଃ, ଶରଣମ୍, ସୁହୃତ୍,
ପ୍ରଭବଃ, ପ୍ରଳୟଃ, ସ୍ଥାନମ୍, ନିଧାନମ୍, ବୀଜମ୍, ଅବ୍ୟୟମ୍ ॥୧୮॥

**ଏବଂ ହେ ଅର୍ଜୁନ :-**

**ଗତିଃ** = ପ୍ରାପ୍ତି ହେବା ଯୋଗ୍ୟ ପରମଧାମ,
**ଭର୍ତ୍ତା** = ଭରଣ ପୋଷଣକାରୀ
**ପ୍ରଭୁଃ** = ସମସ୍ତଙ୍କର ସ୍ୱାମୀ,
**ସାକ୍ଷୀ** = ଶୁଭାଶୁଭ ଦ୍ରଷ୍ଟା
**ନିବାସଃ** = ସମସ୍ତଙ୍କର ବାସସ୍ଥାନ,
**ଶରଣମ୍** = ଶରଣ ନେବାର ଯୋଗ୍ୟ,

**ସୁହୃତ୍** = ପ୍ରତ୍ୟୁପକାର ହିତକାରୀ,
**ପ୍ରଭବ,ପ୍ରଳୟ** = ସମସ୍ତଙ୍କର ଉତ୍ପତ୍ତି ଓ ପ୍ରଳୟହେତୁ
**ସ୍ଥାନମ୍** = ସ୍ଥିତିର ଆଧାର
**ନିଧାନମ୍** = ନିଧାନ*(ଏବଂ)
**ଅବ୍ୟୟମ୍** = ଅବିନାଶୀ
**ବୀଜମ୍** = କାରଣ(ମଧ୍ୟ)
**(ଅହମ୍)** = ମୁଁ
**(ଏବ)** = ହିଁ ଅଟେ ।

ତପାମି, ଅହମ୍, ଅହମ୍, ବର୍ଷମ୍, ନିଗୃହ୍ଣାମି, ଉତ୍ସୃଜାମି, ଚ, ଅମୃତମ୍, ଚ, ଏବ, ମୃତ୍ୟୁ, ଚ, ସତ୍, ଅସତ୍, ଚ, ଅହମ୍, ଅର୍ଜୁନ ॥୧୯॥

ଅହମ୍ = ମୁଁ (ହିଁ)
ତପାମି = {ସୂର୍ଯ୍ୟ ରୂପରେ ଉତ୍ତାପ ପ୍ରଦାନକରେ,
ବର୍ଷମ୍ = ବର୍ଷାକୁ
ନିଗୃହ୍ଣାମି = ଆକର୍ଷଣ କରେ
ଚ = ଏବଂ(ତାହାକୁ)
ଉତ୍ସୃଜାମି = ବର୍ଷା କରାଇଥାଏ
ଅର୍ଜୁନ = ହେ ଅର୍ଜୁନ !
ଅହମ୍ = ମୁଁ

**ଏବ** = ହିଁ
**ଅମୃତମ୍** = ଅମୃତ
**ଚ** = ଏବଂ
**ମୃତ୍ୟୁ** = ମୃତ୍ୟୁ (ଅଟେ)
**ଚ** = ଏବଂ
**ସତ୍,ଅସତ୍** = ସତ୍ -ଅସତ୍
**ଚ** = ମଧ୍ୟ
**ଅହମ୍** = ମୁଁ ହିଁ (ଅଟେ)

ତ୍ରୈବିଦ୍ୟାଃ, ମାମ୍, ସୋମପାଃ, ପୂତପାପଃ, ଯଜ୍ଞୈଃ, ଇଷ୍ଟ୍ୱା, ସ୍ୱର୍ଗତିମ୍, ପ୍ରାର୍ଥୟନ୍ତେ, ତେ, ପୂଣ୍ୟମ୍, ଆସାଦ୍ୟ, ସୁରେନ୍ଦ୍ରଲୋକମ୍, ଅଶ୍ନନ୍ତି, ଦିବ୍ୟାନ୍, ଦିବି, ଦେବଭୋଗାନ୍ ॥୨୦॥

**କିନ୍ତୁ ଯେଉଁ –**

**ତ୍ରୈବିଦ୍ୟାଃ** = {ତିନି ବେଦରେ ବିଧାନ କରାଯାଇଥିବା କର୍ମ ସକାମ କର୍ମକାରୀ,)
**ସୋମପାଃ** = {ସୋମରସ ପାନ କରୁଥିବା
ପୂତପାପା = ନିଷ୍ପାପ ପୁରୁଷମାନେ
ମାମ୍ = ମୋତେ
ଯଜ୍ଞୈଃ = ଯଜ୍ଞମାନଙ୍କ ଦ୍ୱାରା
ଇଷ୍ଟ୍ୱା = ପୂଜାକରି
ସ୍ୱର୍ଗତମ୍ = ସ୍ୱର୍ଗ ପ୍ରାପ୍ତି

**ପ୍ରାର୍ଥୟନ୍ତେ** = ଚାହାଁନ୍ତି;
**ତେ** = ସେହି ପୁରୁଷ
**ପୂଣ୍ୟମ୍** = {ନିଜର ପୂଣ୍ୟଗୁଡ଼ିକର ଫଳ ସ୍ୱରୂପ
**ସୁରେନ୍ଦ୍ରଲୋକମ୍** = ସ୍ୱର୍ଗଲୋକକୁ
ଆସାଦ୍ୟ = ପ୍ରାପ୍ତ କରି
ଦିବି = ସ୍ୱର୍ଗରେ
ଦିବ୍ୟାନ୍ = ଦିବ୍ୟଦେବ
ଭୋଗାନ୍ = {ଦେବତାମାନଙ୍କର ସୁଖ ଭୋଗମାନ
ଅଶ୍ନନ୍ତି = ଭୋଗ କରନ୍ତି ।

ତେ, ତମ୍, ଭୁକ୍ତ୍ୱା, ସ୍ୱର୍ଗଲୋକମ୍, ବିଶାଳମ୍, କ୍ଷୀଣେ, ପୁଣ୍ୟେ, ମର୍ତ୍ତ୍ୟଲୋକମ୍,
ବିଶନ୍ତି, ଏବମ୍, ତ୍ରୟୀଧର୍ମମ୍, ଅନୁପ୍ରପନ୍ନାଃ, ଗତାଗତମ୍, କାମକାମାଃ, ଲଭନ୍ତେ ॥୨୧॥

**ତେ** = ସେମାନେ
**ତମ୍** = ସେହି
**ବିଶାଳମ୍** = ବିଶାଳ
**ସ୍ୱର୍ଗଲୋକମ୍** = ସ୍ୱର୍ଗଲୋକକୁ
**ଭୁକ୍ତ୍ୱା** = ଭୋଗିସାରି
**ପୁନ୍ୟେ** = ପୁଣ୍ୟ
**କ୍ଷୀଣେ** = କ୍ଷୀଣ ହେବାପରେ
**ମର୍ତ୍ତ୍ୟଲୋକମ୍** = ମୃତ୍ୟୁଲୋକକୁ
**ବିଶନ୍ତି** = ପ୍ରାପ୍ତ ହୁଅନ୍ତି ।
**ଏବମ୍** = ଏହି ପରି (ସ୍ୱର୍ଗପ୍ରାପ୍ତିର ସାଧନା ରୂପକ)
**ତ୍ରୟୀଧର୍ମମ୍** = ତିନି ବେଦରେ କୁହାଯାଇଥିବା ସକାମ କର୍ମର

**ଏବଂ** -
**ଅନୁପ୍ରପନ୍ନାଃ** = ଆଶ୍ରୟ ନେବା ନେଇଥିବା (ଏବଂ)
କାମକାମାଃ = ନାନା ଭୋଗ କାମନା କରୁଥିବା ପୁରୁଷ
**ଗତଗତମ୍** = ବାରମ୍ବାର ଗମନାଗମନକୁ
**ଲଭନ୍ତେ** = ପ୍ରାପ୍ତ ହୁଅନ୍ତି ଅର୍ଥାତ୍ ପୂଣ୍ୟ ବଳରେ ସ୍ୱର୍ଗକୁ ଯାଆନ୍ତି ଏବଂ ପୂଣ୍ୟ କ୍ଷୀଣ ହେବା ପରେ ମୃତ୍ୟୁ ଲୋକକୁ ଫେରି ଆସନ୍ତି

ଅନନ୍ୟାଃ, ଚିନ୍ତୟନ୍ତଃ, ମାମ୍, ଯେ, ଜନାଃ, ପର୍ଯ୍ୟୁପାସତେ
ତେଷାମ୍, ନିତ୍ୟାଭିୟୁକ୍ତାନାମ୍, ଯୋଗକ୍ଷେମମ୍,ବହାମି,ଅହମ୍ ॥୨୨॥

**ଯେ** = ଯେଉଁ
**ଅନନ୍ୟାଃ** = ଅନନ୍ୟ ପ୍ରେମୀ
**ଜନାଃ** = ଭକ୍ତଜନମାନେ
**ମାମ୍** = ମୋତେ ଅର୍ଥାତ୍ ପରମେଶ୍ୱରଙ୍କୁ
**ଚିନ୍ତୟନ୍ତଃ** = ନିରନ୍ତର ଚିନ୍ତନ କରିବା ସହିତ
**ପର୍ଯ୍ୟପାସତେ** = ନିଷ୍କାମ ଭାବରେ ଭଜନ କରନ୍ତି,

**ଏବଂ**
ତେଷାମ୍ = ସେହି
**ନିତ୍ୟାଭିଯୁକ୍ତାନାମ୍** = ନିତ୍ୟ-ନିରନ୍ତର ମୋର ଚିନ୍ତନ କରୁଥିବା ପୁରୁଷମାନଙ୍କର
**ଯୋଗକ୍ଷେମମ୍** = ଯୋଗକ୍ଷେମ*
**ଅହମ୍** = ମୁଁ ସ୍ୱୟଂ
**ବହାମି** = ପ୍ରାପ୍ତ କରାଇ ଦିଏ ।

ଯେ, ଅପି, ଅନ୍ୟଦେବତାଃ, ଭକ୍ତାଃ, ଯଜନ୍ତେ, ଶ୍ରଦ୍ଧୟା, ଅନ୍ୱିତାଃ,
ତେ, ଅପି, ମାମ୍, ଏବ, କୌନ୍ତେୟ, ଯଜନ୍ତି, ଅବିଧିପୂର୍ବକମ୍ ॥୨୩॥

ଏବଂ

**କୌନ୍ତେୟ** = ହେ ଅର୍ଜୁନ !
**ଅପି** = ଯଦିବା
**ଶ୍ରଦ୍ଧୟା** = ଶ୍ରଦ୍ଧାରେ
**ଅନ୍ୱିତାଃ** = ଯୁକ୍ତ
**ଯେ** = ଯେଉଁ ସକାମ
**ଭକ୍ତାଃ** = ଭକ୍ତମାନେ
**ଅନ୍ୟଦେବତାଃ** = ଅନ୍ୟଦେବତାମାନଙ୍କୁ
**ଯଜନ୍ତେ** = ପୂଜା କରନ୍ତି
**ତେ** = ସେମାନେ
**ଅପି** = ମଧ୍ୟ
**ମାମ୍** = ମୋତେ
**ଏବ** = ହିଁ
**ଯଜନ୍ତି** = ପୂଜାକରିଥାନ୍ତି, (କିନ୍ତୁ ସେମାନଙ୍କର ସେହି ପୂଜା)
**ଅବିଧିପୂର୍ବକମ୍** = ଅବିଧିପୂର୍ବକ ଅର୍ଥାତ୍ ଅଜ୍ଞାନ ପୂର୍ବକ ଅଟେ ।

ଅହମ୍, ହି, ସର୍ବଯଜ୍ଞାନାମ୍, ଭୋକ୍ତା, ଚ, ପ୍ରଭୁଃ, ଏବ, ଚ,
ନ, ତୁ, ମାମ୍, ଅଭିଜାନନ୍ତି, ତତ୍ତ୍ୱେନ, ଅତଃ, ଚ୍ୟବନ୍ତି, ତେ ॥୨୪॥

**ହ** = କାରଣ
**ସର୍ବଯଜ୍ଞାନାମ୍** = ସକଳ ଯଜ୍ଞର
**ଭୋକ୍ତା** = ଭୋକ୍ତା
**ଚ** = ଓ
**ପ୍ରଭୁଃ** = ସ୍ୱାମୀ
**ଚ** = ମଧ୍ୟ
**ଅହମ୍** = ମୁଁ
**ଏବ** = ହିଁ ଅଟେ;
**ତୁ** = କିନ୍ତୁ
**ତେ** = ସେମାନେ
**ମାମ୍** = ମୋତେ ଅର୍ଥାତ୍ ପରମେଶ୍ୱରଙ୍କୁ
**ତତ୍ତ୍ୱେନ** = ତତ୍ତ୍ୱତଃ
**ନ ଅଭିଗାନାନ୍ତି** = ଜାଣନ୍ତି ନାହିଁ
**ଅତଃ** = ତେଣୁ
**ଚ୍ୟବନ୍ତି** = ସେମାନଙ୍କର ପତନ ହୁଏ ଅର୍ଥାତ୍ ପୁନର୍ଜନ୍ମ ହୁଏ ।

ଯାନ୍ତି, ଦେବବ୍ରତାଃ, ଦେବାନ୍, ପିତୃନ୍, ଯାନ୍ତି, ପିତୃବ୍ରତାଃ, ଭୂତାନି ,
ଯାନ୍ତି, ଭୂତେଜ୍ୟାଃ, ଯାନ୍ତି, ମଦ୍ଯାଜିନଃ, ଅପି, ମାମ୍ ॥୨୫॥

**କାରଣ ଏହା ନିୟମ ଅଛି ଯେ -**

| | | | |
|---|---|---|---|
| **ଦେବବ୍ରତାଃ =** | ଦେବତାମାନଙ୍କୁ ପୂଜୁଥିବା ମନୁଷ୍ୟ | **ଯାନ୍ତି =** | ପ୍ରାପ୍ତ ହୁଅନ୍ତି ଏବଂ |
| **ଦେବାନ୍ =** | ଦେବାତାମାନଙ୍କୁ | **ମଦ୍ୟାଜିନଃ =** | ମୋର ପୂଜା କରୁଥିବା ଭକ୍ତମାନେ |
| **ଯାନ୍ତ =** | ପ୍ରାପ୍ତ ହୁଅନ୍ତି | **ମାମ୍ =** | ମୋତେ |
| **ପିତୃବ୍ରତାଃ =** | ପିତରମାନଙ୍କୁ ପୂଜୁଥିବା ମନୁଷ୍ୟ | **ଅପି =** | ହିଁ |
| **ପିତୃନ୍ =** | ପିତରମାନଙ୍କୁ | **ଯାନ୍ତି =** | ପ୍ରାପ୍ତ ହୁଅନ୍ତି । ତେଣୁ ମୋ ଭକ୍ତ ମାନଙ୍କର ପୂର୍ନଜନ୍ମ ହୁଏନାହିଁ । |
| **ଯାନ୍ତି =** | ପ୍ରାପ୍ତ ହୁଅନ୍ତି, | | |
| **ଭୂତେଜ୍ୟାଃ =** | ଭୂତମାନଙ୍କୁ ପୂଜୁଥିବା ମନୁଷ୍ୟ | | |
| **ଭୂତାନି =** | ଭୂତମାନଙ୍କୁ | | |

ଅପି, ଚେତ୍, ସୁଦୁରାଚାରଃ, ଭଜତେ, ମାମ୍, ଅନନ୍ୟଭାକ୍, ସାଧୁଃ,
ଏବ, ସଃ, ମନ୍ତବ୍ୟ, ସମ୍ୟକ୍, ବ୍ୟବସିତଃ, ହି, ସଃ ॥ ୩୦ ॥

**ଏବଂ ପୁଣି ମୋ ଭକ୍ତିର ପ୍ରଭାବ ବିଷୟରେ ଶୁଣ -**

| | | | |
|---|---|---|---|
| **ଚତ୍ =** | ଯଦି (କୌଣସି) | **ଏବ =** | ହିଁ |
| **ସୁଦୁରାଚାରଃ =** | ଅତିଶୟ ଦୁରାଚାରୀ | **ମନ୍ତବ୍ୟ =** | ଗଣାଯିବ |
| **ଅପି =** | ମଧ୍ଧ | **ହି =** | କାରଣ |
| **ଅନନ୍ୟଭାକ୍ =** | ଅନନ୍ୟ ଭାବରେ ମୋର ଭକ୍ତ ହୋଇ | **ସଃ =** | ସେ |
| **ମାମ୍ =** | ମୋତେ | ସମ୍ୟକ = | ଯଥାର୍ଥ ନିଶ୍ଚୟ କରିଥାଏ ଯେ |
| **ଭଜତେ =** | ଭଜିଥାଏ (ତ) | **ବ୍ୟବସିତଃ =** | ପରମେଶ୍ୱରଙ୍କ ଭକ୍ତି ସମାନ କିଛି ବି ନାହିଁ ଅର୍ଥାତ ସେ ଭଲ |
| **ସଃ=** | ସେ (ମଧ୍ଧ) | | |
| **ସାଧୁଃ =** | ସାଧୁ (ବୋଲି) | | |

କ୍ଷିପ୍ରମ୍, ଭବତି, ଧର୍ମାତ୍ମା, ଶାଶ୍ୱତ୍, ଶାନ୍ତିମ୍, ନିଗଚ୍ଛତି,
କୌନ୍ତେୟ, ପ୍ରତି, ଜାନୀହି, ନ, ମେ, ଭକ୍ତଃ, ପ୍ରଣଶ୍ୟତି ॥ ୩୧॥

**ଏହି କାରଣରୁ ସେ -**

| | | | | | |
|---|---|---|---|---|---|
| **କ୍ଷିପ୍ରମ୍** | = | ଶୀଘ୍ର ହିଁ | **କୌନ୍ତେୟ** | = | ହେ ଅର୍ଜୁନ !(ତୁ) |
| **ଧର୍ମାତ୍ମା** | = | ଧର୍ମାତ୍ମା | **ପ୍ରତି** | = | ନିଶ୍ଚିତସତ୍ୟ (ବୋଲି) |
| **ଭବତି** | = | ହୋଇଯାଏ(ଏବଂ) | **ଜାନାହି** | = | ଜାଣ (ଯେ) |
| **ଶଶ୍ୱତ** | = | ଚିରନ୍ତନ | **ମେ** | = | ମୋର |
| **ଶାନ୍ତିମ୍** | = | ପରମ ଶାନ୍ତିକୁ | **ଭକ୍ତିଃ** | = | ଭକ୍ତ |
| **ନିଗଚ୍ଛତି** | = | ପ୍ରାପ୍ତ ହୋଇଥାଏ | **ନ,ପ୍ରଣଶ୍ୟତି** | = | ନଷ୍ଟ ହୁଏ ନାହିଁ |

ମାମ୍, ହି,ପାର୍ଥ,ବ୍ୟପାଶ୍ରିତ୍ୟ,ଯେ,ଅପି,ସ୍ୟୁଃ,ପାପଯୋନୟଃ,ସ୍ତ୍ରୀୟଃ,
ବୈଶ୍ୟାଃ,ତଥା, ଶୂଦ୍ରାଃ, ତେ,ଅପି, ଯାନ୍ତି, ପରାମ୍,ଗତିମ୍ ॥ ୩୨॥

| | | | | | |
|---|---|---|---|---|---|
| **ହି** | = | କାରଣ | **ଅପି** | = | ବି |
| **ପାର୍ଥ** | = | ହେ ଅର୍ଜୁନ ! | **ସ୍ୟୁଃ** | = | ହୋଇ ଥାଉ , |
| **ସ୍ତ୍ରୀୟଃ** | = | ସ୍ତ୍ରୀ, | **ତେ** | = | ସେମାନେ |
| **ବେଶ୍ୟାଃ** | = | ବୈଶ୍ୟ, | **ଅପି:** | = | ମଧ୍ୟ |
| **ଶୁଦ୍ରାଃ** | = | ଶୁଦ୍ର | **ମାମ୍** | = | ମୋର |
| **ତଥା** | = | ତଥା | **ବ୍ୟପାଶ୍ରିତ୍ୟ** | = | ଶରଣାପନ୍ନ |
| **ପାପଯୋନୟଃ** | = | ପାପଯୋନି / ଚାଣ୍ଡାଳ ଆଦି | **ପରାମ୍** | = | ପରମ |
| | | | **ଗତିମ୍** | = | ଗତିକୁ (ହିଁ) |
| **ଯେ** | = | ଯେ (କେହି) | **ଯାନ୍ତି** | = | ପ୍ରାପ୍ତ ହୁଅନ୍ତି । |

କିମ୍, ପୁନଃ,ବ୍ରାହ୍ମଣାଃ,ପୂଣ୍ୟାଃ,ଭକ୍ତାଃ,ରାଜର୍ଷୟଃ,ତଥା,ଅନିତ୍ୟମ୍,
ଅସୁଖମ୍, ଲୋକମ୍, ଇମମ୍, ପ୍ରାପ୍ୟ, ଭଜସ୍ୱ, ମାମ୍ ॥ ୩୩ ॥

**ପୁନଃ** = { ପୁଣି (ଏଥିରେ କହିବାର ହିଁ)
**କିମ** = କ'ଣ ଅଛି,(ଯେ)
**ପୂଣ୍ୟାଃ** = ପୂଣ୍ୟଶୀଳ
**ବ୍ରାହ୍ମଣଃ** = ବ୍ରାହ୍ମଣ
**ତଥା** = ତଥା
**ରାଜର୍ଷୟଃ** = ରାଜର୍ଷି
**ଭକ୍ତାଃ** = { ଭକ୍ତଜନ ମୋର ଶରଣାପନ୍ନ ହୋଇ ପରମଗତିକୁ ପ୍ରାପ୍ତ ହୁଅନ୍ତି ତେଣୁ ତୁ)

**ଅସୁଖମ୍** = ସୁଖରହିତ (ଏବଂ)
**ଅନିତ୍ୟମ୍** = କ୍ଷଣଭଙ୍ଗୁର
**ଇମମ୍** = ଏହି
**ଲୋକମ୍** = { ମଣିଷ ଶରୀର ପ୍ରାପ୍ତ କରି
**ପ୍ରାପ୍ୟ** = ନିରନ୍ତର
**ମାମ୍** = ମୋର (ହିଁ)
**ଭଜସ୍ୱ** = ଭଜନ କର

**(ନିଜ ଶରଣାପନ୍ନ ହେବାପାଇଁ ଅର୍ଜୁନକୁ କହି ଅଙ୍ଗ ସହିତ ଶରଣାଗତିର ସ୍ୱରୂପର ନିରୂପଣ ।)**

ମନ୍ମନାଃ, ଭବ, ମଭକ୍ତଃ, ମଦ୍ୟାଜୀ, ମାମ୍, ନମସ୍କୁରୁ, ମାମ୍,
ଏବ, ଏଷ୍ୟସି, ଯୁକ୍ତ୍ୱା, ଏବମ୍, ଆତ୍ମାନମ୍, ମତ୍ପରାୟଣଃ ॥୩୪॥

ମନ୍ମନାଃ = { ମୋଠାରେ ମନ ନିବେଶକାରୀ
ଭବ = ହୋଇ ଯାଅ,
ମଭକ୍ତଃ = ମୋର ଭକ୍ତ
(ଭବ) = ହୋଇ ଯାଅ,
ମଦ୍ୟାଜୀ = ମୋର ପୂଜକ
(ଭବ) = ହୋଇ ଯାଅ,
ମାମ୍ = ମୋତେ
ନମସ୍କୁରୁ = ପ୍ରଣାମ କର

**ଏବମ୍** = ଏପରି ଭାବରେ
**ଆତ୍ମାନମ୍** = ଆତ୍ମାକୁ(ମୋଠାରେ)
**ଯୁକ୍ତ୍ୱା** = ଲଗାଇ
**ମତ୍ପରାୟଣଃ** = { ମୋର ପରାୟଣ ହୋଇ (ତୁ)
**ମାମ୍** = ମୋତେ
**ଏବ** = ହିଁ
**ଏଷ୍ୟସି** = ପ୍ରାପ୍ତ ହେବୁ ।

ଶ୍ରୀମଦ୍ ଭଗବତଗୀତା ଅଧ୍ୟାୟ ୧୦ର କିଛି ଶ୍ଲୋକର ଫୋଟୋକପୀ:-

## ଅଥ ଦଶମୋଽଧ୍ୟାୟଃ

ଭୂୟଃ, ଏବ, ମହାବାହୋ, ଶୃଣୁ, ମେ, ପରମମ୍, ବଚଃ,
ଯତ୍, ତେ, ଅହମ୍, ପ୍ରୀୟମାଣାୟ, ବକ୍ଷ୍ୟାମି, ହିତକାମ୍ୟୟା ॥୧॥

**ଶ୍ରୀ ଭଗବାନ କହିଲେ-**

**ମହାବାହୋ** = ହେ ମହାବାହୋ !
**ଭୂୟଃ** = ପୁଣି
**ଏବ** = ଥରେ
**ମେ** = ମୋର
**ପରମମ** = (ପରମ ରହସ୍ୟ ଓ ପ୍ରଭାବଯୁକ୍ତ)
**ବଚଃ** = ବଚନ
**ଶୃଣୁ** = ଶୁଣ,
**ଯତ୍** = ଯାହା
**ଅହମ୍** = ମୁଁ
**ତେ** = ତୁମ(ପରି)
**ପ୍ରୀୟମାଣାୟ** = ଅତିଶୟପ୍ରେମୀପୁରୁଷଙ୍କୁ
**ହିତକାମ୍ୟୟା** = ହିତକାମନା କରି
**ବକ୍ଷ୍ୟାମି** = କହିବି ।

**('ଯୋଗ'ଶବ୍ଦ ବାଚ୍ୟ, ନିଜ ପ୍ରଭାବ ବିଷୟରେ ବର୍ଣ୍ଣନା କରି ତାହାକୁ ଜାଣିବାର ଫଳ ବିଷୟରେ କହିବା)**

ନ, ମେ, ବିଦୁଃ, ସୁରଗଣାଃ, ପ୍ରଭବମ୍, ନ, ମହର୍ଷୟଃ,
ଅହମ୍, ଆଦିଃ, ହି, ଦେବାନାମ୍, ମହର୍ଷୀଣାମ୍, ଚ, ସର୍ବଶଃ ॥୨॥

**ହେ ଅର୍ଜୁନ !-**

**ମେ** = ମୋର
**ପ୍ରଭବମ୍** = ଉତ୍ପତ୍ତିକୁ ଅର୍ଥାତ୍ ଲୀଳାରେ ପ୍ରକଟ ହେଉଥିବା ରହସ୍ୟକୁ
**ନ** = ନା
**ସୁରଗଣାଃ** = ଦେବତାମାନେ ଜାଣିଛନ୍ତି
**ନ** = ନା
**ମହର୍ଷୟ** = ମହର୍ଷି ମାନେ
ବିଦୁଃ = ଜାଣିଛନ୍ତି;
ହି = କାରଣ
ଅହମ୍ = ମୁଁ
ସର୍ବଶଃ = ସବୁ ପ୍ରକାରେ
ଦେବାନାମ୍ = ଦେବତାମାନଙ୍କର
ଚ = ଓ
ମହର୍ଷିଣାମ୍ = ମହର୍ଷିମାନଙ୍କର(ମଧ୍ଯ)
ଆଦିଃ = ଆଦି କାରଣ ଅଟେ ।

## ଶ୍ରୀମଦ୍ ଭଗବତଗୀତା ଅଧ୍ୟାୟ ୧୧ର କିଛି ଶ୍ଲୋକର ଫୋଟୋକପୀ:-

# ଅଥୈକାଦଶୋଽଧ୍ୟାୟଃ

ଦ୍ୟାବାପୃଥିବ୍ୟୋଃ, ଇଦମ୍, ଅନ୍ତରମ୍, ହି, ବ୍ୟାପ୍ତମ୍, ତ୍ୱୟା,ଏକେନ,
ଦିଶଃ, ଚ, ସର୍ବାଃ, ଦୃଷ୍ଟ୍ୱା, ଅଦ୍ଭୁତମ୍, ରୂପମ୍, ଉଗ୍ରମ୍, ତବ, ଇଦମ୍,
ଲୋକତ୍ରୟମ୍, ପ୍ରବ୍ୟଥିତମ୍, ମହାତ୍ମନ୍ ॥୨୦॥

**ଏବଂ-**

**ମହାତ୍ମନ୍** = ହେ ମହାତ୍ମନ୍ !
**ଇଦମ୍** = ଏହି
**ଦ୍ୟାବାପୃଥିବ୍ୟୋଃ, ଅନ୍ତରମ୍** = ସ୍ୱର୍ଗ ଓ ପୃଥିବୀ ମଧ୍ୟରେ ଥିବା ସମ୍ପୂର୍ଣ୍ଣ ଆକାଶ
**ଚ** = ତଥା
**ସର୍ବାଃ** = ସମସ୍ତ
**ଦିଗଃ** = ଦିଗ
**ଏକେନ** = ଏକମାତ୍ର
**ତ୍ୱୟା** = ଆପଣଙ୍କ ଦ୍ୱାରା
**ହି** = ହିଁ
ବ୍ୟାପ୍ତମ୍ = ପରିପୂର୍ଣ୍ଣ ହୋଇଛି;(ତଥା)
ତବ = ଆପଣଙ୍କର
ଇଦମ୍ = ଏହି
ଅଦ୍ଭୁତମ୍ = ଅଲୌକିକ ଓ
ଉଗ୍ରମ୍ = ଭୟଙ୍କର
ରୂପମ୍ = ରୂପକୁ
ଦୃଷ୍ଟ୍ୱା = ଦେଖି
ଲୋକତ୍ରୟମ୍ =ତିନିଲୋକ
ପ୍ରବ୍ୟଥିତମ୍ = ଅତ୍ୟନ୍ତ ଭୟରେ ଥର ହର ହେଉଛି ।

ଅମୀ, ହି, ତ୍ୱାମ୍, ସୁରସଂଘାଃ, ବିଶନ୍ତି, କେଚିତ୍, ଭୀତାଃ,
ପ୍ରାଞ୍ଜଳୟଃ, ଗୃଣନ୍ତି, ସ୍ୱସ୍ତି, ଇତି, ଉକ୍ତ୍ୱା, ମହର୍ଷିସିଦ୍ଧସଂଘାଃ, ସ୍ତୁବନ୍ତି,
ତ୍ୱାମ୍, ସ୍ତୁତିଭିଃ, ପୁଷ୍କଳାଭିଃ ॥୨୧॥

**ଏବଂ ହେ ଗୋବିନ୍ଦ !-**

ଅମି = ସେହି
ସୁରସଂଘାଃ,ହି = ଦେବ ସମୁଦାୟ
ତ୍ୱାମ୍ = ଆପଣଙ୍କ ଭିତରକୁ
ବିଗନ୍ତି = ପ୍ରବେଶ କରୁଛନ୍ତି ଏବଂ
କେଚିତ୍ = କେତେକ
ଭୀତାଃ = ଭୟଭୀତ ହୋଇ
ପ୍ରାଞ୍ଜଳୟଃ = ହାତ ଯୋଡ଼ି (ଆପଣଙ୍କ ନାମ ଓ ଗୁଣ)

**ଗୃଣନ୍ତି** = {ଉଚ୍ଚାରଣ କରୁଛନ୍ତି (ତଥା)

**ମହର୍ଷିସିଦ୍ଧସଂଘାଃ** = {ମହର୍ଷି ଓ ସିଦ୍ଧ ସମୂହ

**ସ୍ୱସ୍ତି** = 'କଲ୍ୟାଣ ହେଉ'

**ଇତି** = ଏହା

**ଉକ୍ତ୍ୱା** = କହି

**ପୁଷ୍କଳାଭିଃ** = ଉତ୍ତମ-ଉତ୍ତମ

**ସ୍ତୁତିଭିଃ** = ସ୍ତୁତିମାନଙ୍କ ଦ୍ୱାରା

**ତ୍ୱାମ୍** = ଆପଣଙ୍କର

**ସ୍ତୁବନ୍ତି** = ସ୍ତୁତି କରୁଛନ୍ତି ।

ଲେଲିହ୍ୟସେ, ଗ୍ରସମାନଃ, ସମନ୍ତାତ୍, ଲୋକାନ୍, ସମଗ୍ରାନ୍,
ବଦନୈଃ, ଜ୍ୱଳଭିଃ, ତେଜୋଭିଃ, ଆପୂର୍ଯ୍ୟ, ଜଗତ୍, ସମଗ୍ରମ୍,
ଭାସଃ, ତବ, ଉଗ୍ରାଃ, ପ୍ରତପନ୍ତି, ବିଷ୍ଣୋ ॥ ୩୦॥

**ଏବଂ ଆପଣ ସେହି-**

**ସମଗ୍ରାମ୍** = ସମସ୍ତ

**ଲୋକାନ୍** = ଲୋକକୁ

**ଜ୍ୱଳଭିଃ** = ପ୍ରଜ୍ୱଳିତ

**ବଦନୈଃ** = ମୁଖମାନଙ୍କ ଦ୍ୱାରା

**ଗ୍ରାସମାନଃ** = ଗ୍ରାସ କରୁଥିବା ସାଙ୍ଗକୁ

**ସମନ୍ତାତ୍** = ସକଳ ଦିଗରୁ

**ଲେଲିହ୍ୟସେ** = ବାରମ୍ବାର ଚାଟୁଛନ୍ତି,

**ବିଷ୍ଣୋ** = ହେ ବିଷ୍ଣୋ !

**ତବ** = ଆପଣଙ୍କ

**ଉଗ୍ରାଃ** = ଉଗ୍ର

**ଭାସଃ** = ଆଲୋକ

**ସମଗ୍ରମ୍** = ସମଗ୍ର

**ଜଗତ୍** = ଜଗତକୁ

**ତେଜୋଭିଃ** = ତେଜ ଦ୍ୱାରା

**ଆପୂର୍ଯ୍ୟ** = ପରିପୂର୍ଣ୍ଣ କରି

**ପ୍ରତପନ୍ତି** = ଉତ୍ତପ୍ତ କରୁଛି ।

ଆଖ୍ୟାହି, ମେ, କଃ, ଭବାନ୍, ଉଗ୍ରରୂପଃ, ନମଃ, ଅସ୍ତୁ, ତେ,
ଦେବବର, ପ୍ରସୀଦ, ବିଜ୍ଞାତୁମ୍, ଇଚ୍ଛାମି, ଭବନ୍ତମ୍, ଆଦ୍ୟମ୍,
ନ, ହି, ପ୍ରଜାନାମି, ତବ, ପ୍ରବୃତ୍ତିମ୍ ॥ ୩୧॥

**ହେ ଭଗବାନ ! କୃପା କରି-**

**ମେ** = ମୋତେ

**ଆଖ୍ୟାହି** = କୁହନ୍ତୁ(ଯେ)

**ଉଗ୍ରରୂପଃ** = ଉଗ୍ରରୂପଧାରୀ

**ଭବାନ୍** = ଆପଣ

**କଃ** = କିଏ ଅଟନ୍ତି ?

**ଦେବବର** = ହେ ଦେବଶ୍ରେଷ୍ଠ !

**ତେ** = ଆପଣଙ୍କୁ

**ନମଃ** = ନମସ୍କାର

**ଅସ୍ତୁ** = ଅଟେ ।(ଆପଣ)
**ପ୍ରସୀଦ** = ପ୍ରସନ୍ନ ହୁଅନ୍ତୁ ।
**ଆଦ୍ୟମ୍** = ଆଦିପୁରୁଷ
**ଭବନ୍ତମ୍** = ଆପଣଙ୍କୁ (ମୁଁ)
**ବିଜ୍ଞାତୁମ୍** = ବିଶେଷ ଭାବରେ ଜାଣିବାକୁ
**ଉଚ୍ଛାମି** = ଚାହୁଁଛି;
**ହି** = କାହିଁକିନା(ମୁଁ)
**ତବ** = ଆପଣଙ୍କ
**ପ୍ରବୃତିମ୍** = ପ୍ରବୃିତ୍ତକୁ
**ନ, ପ୍ରଜାନାମି** = ଜାଣି ନାହିଁ ।

କାଳଃ, ଅସ୍ମି, ଲୋକକ୍ଷୟକୃତ୍, ପ୍ରବୃଦ୍ଧଃ, ଲୋକାନ୍, ସମାହର୍ତୁମ୍,
ଇହ, ପ୍ରବୃତ୍ତଃ, ଋତେ, ଅପି, ତ୍ୱାମ୍, ନ, ଭବିଷ୍ୟନ୍ତି, ସର୍ବେ,
ଯେ, ଅବସ୍ଥିତାଃ, ପ୍ରତ୍ୟନିକେଷୁ, ଯୋଦ୍ଧାଃ ॥ ୩୨॥

**ଅର୍ଜୁନ ଏହିଭଳି ପଚାରିବାରୁ ଶ୍ରୀଭଗବାନ କହିଲେ, ହେ ଅର୍ଜୁନ !ମୁଁ-**

**ଲୋକକ୍ଷୟକୃତ୍** = ଲୋକମାନଙ୍କର ବିନାଶକାରୀ
**ପ୍ରବୃଦ୍ଧଃ** = ବର୍ଦ୍ଧିତ
**କାଳଃ** = ମହାକାଳ
**ଅସ୍ମି** = ଅଟେ ।
**ଇହ** = ଏହିସମୟରେ
**ଲୋକାନ୍** = ଏହି ଲୋକମାନଙ୍କୁ
**ସମାହର୍ତୁମ୍** = ନଷ୍ଟ କରିବା ପାଇଁ
**ପ୍ରବୃତଃ** = ପ୍ରବୃତ୍ତ ହୋଇଛି (ତେଣୁ)
**ପ୍ରତ୍ୟନିକେଷୁ** = ଶତ୍ରୁପକ୍ଷର ସେନାରେ
**ଅବସ୍ଥିତାଃ** = ସ୍ଥିତ
**ଯେ** = ଯେଉଁ
**ଯୋଦ୍ଧାଃ** = ଯୋଦ୍ଧାମାନେ ଅଛନ୍ତି,
**(ତେ)** = ସେମାନେ
**ସର୍ବେ** = ସମସ୍ତେ
**ତ୍ୱାମ୍** = ତୋ
**ଋତେ** = ବିନା
**ଅପି** = ବି
**ନ, ଭବିଷ୍ୟନ୍ତି** = ରହିବେ ନାହିଁ ଅର୍ଥାତ୍ ତୁ ଯୁଦ୍ଧ ନକଲେ ମଧ୍ୟ ଏ ସମସ୍ତଙ୍କର ବିନାଶ ହୋଇଯିବ ।

ତସ୍ମାତ୍, ତ୍ୱମ୍, ଉତ୍ତିଷ୍ଠ, ଯଶଃ, ଲଭସ୍ୱ, ଜିତ୍ୱା, ଶତ୍ରୁନ୍,
ଭୁଙ୍କ୍ଷ୍ୱ, ରାଜ୍ୟମ୍, ସମୃଦ୍ଧମ୍, ମୟା, ଏବ, ଏତେ, ନିହତାଃ,
ପୂର୍ବମ୍, ଏବ, ନିମିତ୍ତମାତ୍ରମ୍, ଭବ, ସବ୍ୟସାଚିନ୍ ॥ ୩୩ ॥

**ତସ୍ମାତ୍** = ଅତଏବ
**ତ୍ୱମ୍** = ତୁ
**ଉତ୍ତିଷ୍ଠ** = ଉଠ୍ !
**ଯଶଃ** = ଯଶ
**ଲଭସ୍ୱ** = ଲାଭକର(ଏବଂ)
**ଶତ୍ରୁନ୍** = ଶତ୍ରୁମାନଙ୍କୁ
**ଜିତ୍ୱା** = ଜୟକରି
**ସମୃଦ୍ଧମ୍** = ଧନ ଧାନ୍ୟରେ ସମ୍ପନ୍ନ
**ରାଜ୍ୟମ୍** = ରାଜ୍ୟକୁ
**ଭୁଙ୍କ୍ଷ୍ୱ** = ଭୋଗ କର ।
**ଏତେ** = ଏମାନେ ସବୁ (ଶୂରବୀର ମାନେ)
**ପୂର୍ବମ୍, ଏବ** = ପୂର୍ବରୁ ହିଁ
**ମୟା** = ମୋ ଦ୍ୱାରା ହିଁ
**ନିହତାଃ** = ନିହତ ହୋଇ ସାରିଛନ୍ତି ।
**ସବ୍ୟସାଚିନ୍** = ହେ ସବ୍ୟସାଚୀ !
**ନିମିତ୍ତମାତ୍ରମ୍ ଏବ** = ତୁ କେବଳ ନିମିତ୍ତମାତ୍ର
**ଭବ** = ହୋଇଯାଆ ।

କସ୍ମାତ୍, ଚ, ତେ, ନ, ନମେରନ୍, ମହାତ୍ମନ୍, ଗରୀୟସେ, ବ୍ରହ୍ମଣଃ, ଅପି, ଆଦିକର୍ତ୍ତ୍ରେ, ଅନନ୍ତ, ଦେବେଶ, ଜଗନ୍ନିବାସ, ତ୍ୱମ୍, ଅକ୍ଷରମ୍, ସତ୍, ଅସତ୍, ତତ୍ପରମ୍, ଯତ୍, ॥ ୩୭ ॥

ମହାତ୍ମନ = ହେ ମହାତ୍ମନ !
ବ୍ରହ୍ମଣଃ = (ଆପଣ)ବ୍ରହ୍ମାଙ୍କର
ଅପି = ମଧ୍ୟ
ଆଦିକର୍ତ୍ତ୍ରେ = ଆଦିକର୍ତ୍ତା
ଚ = ଓ
ଗରୀୟସେ = ସମସ୍ତଙ୍କଠାରୁ ଶ୍ରେଷ୍ଠ;
ତେ = ଆପଣଙ୍କୁ (ଏମାନେ)
କସ୍ମାତ୍ = କେମିତି
ନ,ନମେରନ୍ = ନମସ୍କାର ନ କରିବେ (କାରଣ)
ଅନନ୍ତ = ହେ ଅନନ୍ତ !
ଦେବେଶ = ହେ ଦେବେଶ !
ଜଗନ୍ନିବାସ = ହେ ଜଗନ୍ନିବାସ !
ଯତ୍ = ଯେଉଁ
ସତ୍ = ସତ୍
ଅସତ୍ = ଅସତ୍ (ଏବଂ)
ତତ୍ପରମ୍ = ତାଠୁଁ ଊର୍ଦ୍ଧ୍ୱରେ ସ୍ଥିତ
ଅକ୍ଷରମ୍ = ଅକ୍ଷର ଅର୍ଥାତ୍ ସଚ୍ଚିଦାନନ୍ଦଘନ ବ୍ରହ୍ମ ଅଛନ୍ତି,
(ତତ୍) = ସେ
ତ୍ୱମ୍ = ଆପଣ (ହିଁ ଅଟନ୍ତି)

କିରୀଟିନମ୍, ଗଦିନମ୍, ଚକ୍ରହସ୍ତମ୍, ଇଚ୍ଛାମି, ତ୍ୱାମ୍,
ଦ୍ରଷ୍ଟୁମ୍, ଅହମ୍, ତଥା, ଏବ, ତେନ, ଏବ, ରୂପେଣ,
ଚତୁର୍ଭୁଜେନ, ସହସ୍ରବାହୋ, ଭବ, ବିଶ୍ୱମୂର୍ତ୍ତେ ॥୪୬॥

**ଏବଂ ହେ ବିଷ୍ଣୋ !-**

**ଅହମ୍** = ମୁଁ
**ତଥା** = ସେହିପରି
**ଏବ** = ହିଁ
**ତ୍ୱାମ୍** = ଆପଣଙ୍କୁ
**କିରୀଟିନମ୍** = ମୁକୁଟ ଧାରଣ କରିଥିବା(ତଥା)
**ଗଦିନମ୍, ଚକ୍ରହସ୍ତମ୍** = ଗଦା ଓ ଚକ୍ରକୁ ହାତରେ ଧରିଥିବାର
**ଦ୍ରଷ୍ଟୁମ୍** = ଦେଖିବାକୁ
**ଇଚ୍ଛାମି** = ଚାହୁଁଛି,
**(ଅତଃ)** = ତେଣୁ
**ବିଶ୍ୱମୂର୍ତ୍ତେ** = ହେ ବିଶ୍ୱସ୍ୱରୂପ !
**ସହସ୍ରବାହୋ** = ହେ ସହସ୍ରବାହୋ ! (ଆପଣ)
**ତେନ, ଏବ** = ସେହି
**ଚତୁର୍ଭୁଜେନ ରୂପେଣ** = **ଚତୁର୍ଭୁଜ ରୂପରେ** (ପ୍ରକଟ)
**ଭବ** = ହୁଅନ୍ତୁ

ମୟା, ପ୍ରସନ୍ନେନ, ତବ, ଅର୍ଜୁନ, ଇଦମ୍, ରୂପମ୍, ପରମ୍, ଦର୍ଶିତମ୍,
ଆତ୍ମଯୋଗାତ୍, ତେଜୋମୟମ୍, ବିଶ୍ୱମ୍, ଅନନ୍ତମ୍, ଆଦ୍ୟମ୍,
ଯତ୍, ମେ, ତ୍ୱଦନ୍ୟେନ, ନ, ଦୃଷ୍ଟପୂର୍ବମ୍ ॥୪୭ ॥

**ଅର୍ଜୁନର ଏହିଭଳି ପ୍ରାର୍ଥନା ଶୁଣି ଶ୍ରୀ ଭଗବାନ କହିଲେ -**

**ଅର୍ଜୁନ** = ହେ ଅର୍ଜୁନ !
**ପ୍ରସନ୍ନେନ** = ଅନୁଗ୍ରହ ପୂର୍ବକ
**ମୟା** = ମୁଁ
**ଆତ୍ମଯୋଗାତ୍** = ନିଜ ଯୋଗ ଶକ୍ତିର ପ୍ରଭାବରେ
**ଇଦମ୍** = ଏହି
**ମେ** = ମୋର
**ପରମ୍** = ପରମ,
**ତେଜୋମୟମ୍** = ତେଜୋମୟ
**ଆଦ୍ୟମ୍** = ସମସ୍ତଙ୍କର ଆଦି, (ଏବଂ)
**ଅନନ୍ତମ୍** = ସୀମାରହିତ,
**ବିଶ୍ୱମ୍** = ବିରାଟ
ରୂପମ୍ = ରୂପକୁ

**ତବ** = ତୋତେ
**ଦର୍ଶିତମ୍** = ଦେଖାଇଲି,
ଯତ୍ = ଯାହାକୁ କି
**ତ୍ୱଦନ୍ୟେନ**= ତୋ ବ୍ୟତୀତ ଅନ୍ୟ କେହି
**ନ,ଦୃଷ୍ଟପୂର୍ବମ୍** = ପୂର୍ବରୁ ଦେଖି ନ ଥିଲେ

ନ, ବେଦଯଜ୍ଞାଧ୍ୟୟନୈଃ, ନ, ଦାନୈଃ, ନ, ଚ, କ୍ରିୟାଭିଃ, ନ, ତପୋଭିଃ, ଉଗ୍ରୈଃ, ଏବଂରୂପଃ, ଶକ୍ୟଃ, ଅହମ୍, ନୃଲୋକେ, ଦ୍ରଷ୍ଟୁମ୍, ତ୍ୱଦନ୍ୟେନ, କୁରୁପ୍ରବୀର ॥୪୮॥

**କୁରୁପ୍ରବୀର** = ହେ ଅର୍ଜୁନ !
**ନୃଲୋକେ** = ମନୁଷ୍ୟ ଲୋକରେ
**ଏବଂରୂପଃ** = ଏଭଳି ବିଶ୍ୱରୂପରେ
**ଅହମ୍** = ମୁଁ
**ନ** = ନା
**ବେଦଯଜ୍ଞାଧ୍ୟୟନୈଃ** = ବେଦ ଓ ଯଜ୍ଞମାନଙ୍କର ଅଧ୍ୟୟନରେ,
**ନ** = ନା
**ଦାନୈଃ** = ଦାନରେ,
**ନ** = ନା
**କ୍ରିୟାଭିଃ** = କ୍ରିୟାମାନଙ୍କ ଦ୍ୱାରା
**ଚ** = ଏବଂ
**ନ** = ନା
**ଉଗ୍ରୈଃ** = ଉଗ୍ର
**ତପୋଭିଃ** = ତପମାନଙ୍କ ଦ୍ୱାରା
**ତ୍ୱଦନ୍ୟେନ**= ତୋ ବ୍ୟତୀତ ଅନ୍ୟ କାହାକୁ
**ଦ୍ରଷ୍ଟୁମ୍** = ଦେଖାଯାଇ
**ଶକ୍ୟଃ** = ପାରିବି ।

ମା, ତେ, ବ୍ୟଥା, ମା, ଚ, ବିମୂଢଭାବଃ, ଦୃଷ୍ଟ୍ୱା, ରୂପମ୍, ଘୋରମ୍, ଈଦୃକ୍, ମମ, ଇଦମ୍, ବ୍ୟପେତଭୀଃ, ପ୍ରୀତମନାଃ, ପୁନଃ, ତ୍ୱମ୍, ତତ୍, ଏବ, ମେ, ରୂପମ୍, ଇଦମ୍, ପ୍ରପଶ୍ୟ ॥୪୯॥

**ମମ** = ମୋର
**ଈଦୃକ୍** = ଏହିପରି
**ଇଦମ୍** = ଏହି
**ଘୋରମ୍** = ବିକଟାଳ
**ରୂପମ୍** = ରୂପକୁ
**ଦୃଷ୍ଟ୍ୱା** = ଦେଖି
**ତେ** = ତୁ
**ବ୍ୟଥା** = ବ୍ୟାକୁଳ
**ମା** = ହେବା ଅନୁଚିତ୍
**ଚ** = ଏବଂ

| | |
|---|---|
| **ବିମୂଢଭାବଃ** = ମୂଢଭାବ ମଧ୍ୟ | **ଇଦମ୍** = ଏହି (ସଙ୍ଖ, ଚକ୍ର, ଗଦା, ପଦ୍ମ, ଯୁକ୍ତ ଚତୁର୍ଭୁଜ ) |
| **ମା** = ଉଚିତ୍ ନୁହଁ । | **ରୂପମ୍** = ରୂପକୁ |
| **ତ୍ୱମ୍** = ତୁ | **ପୁନଃ** = ପୁଣି |
| **ବ୍ୟପେତଭୀଃ** = ନିର୍ଭୀକ (ଏବଂ) | **ପ୍ରପଶ୍ୟ** = ଦେଖ । |
| **ପ୍ରୀତମନାଃ**= ପ୍ରସନ୍ନଚିତ୍ତ ହୋଇ | |
| **ତତ୍, ଏବ** = ସେହି | |
| **ମେ** = ମୋର | |

ଇତି, ଅର୍ଜୁନମ୍, ବାସୁଦେବଃ, ତଥା, ଉକ୍ତ୍ୱା, ସ୍ୱକମ୍, ରୂପମ୍,
ଦର୍ଶୟାମାସ, ଭୂୟଃ, ଆଶ୍ୱାସୟାମାସ, ଚ, ଭୀତମ୍, ଏନମ୍,
ଭୂତ୍ୱା, ପୁନଃ, ସୌମ୍ୟବପୁଃ, ମହାତ୍ମା ॥୫୦॥

**ତା' ପରେ ସଞ୍ଜୟ କହିଲେ, ହେ ରାଜନ୍, !-**

| | |
|---|---|
| **ବାସୁଦେବଃ** = ବାସୁଦେବ ଭଗବାନ୍ | **ଚ** = ଏବଂ |
| **ଅର୍ଜୁନମ୍** = ଅର୍ଜୁନକୁ | **ପୁନଃ** = ପୁଣି |
| **ଇତି** = ଏପରି | **ମହାତ୍ମା** = ମହାତ୍ମା ଶ୍ରୀ କୃଷ୍ଣ |
| **ଉକ୍ତ୍ୱା** = କହି | **ସୌମ୍ୟବପୁଃ** = ସୌମ୍ୟ ମୂର୍ତ୍ତି |
| **ଭୂୟଃ** = ପୁନର୍ବାର | **ଭୂତ୍ୱା** = ହୋଇ |
| **ସ୍ୱକମ୍** = ନିଜର | **ଏନମ୍** = ଏହି |
| **ତଥା** = ସେହିଭଳି | **ଭୀତମ୍** = ଭୟଭୀତ ହୋଇ ଯାଇଥିବା ଅର୍ଜୁନକୁ |
| **ରୂପମ୍** = ଚତୁର୍ଭୂଜ ରୂପକୁ | |
| **ଦର୍ଶୟାମାସ** = ଦେଖାଇଲେ | **ଆଶ୍ୱାସୟାମାସ** = ଆଶ୍ୱାସନା ଦେଲେ |

ଦୃଷ୍ଟ୍ୱା, ଇଦମ୍, ମାନୁଷମ୍, ରୂପମ୍, ତବ, ସୌମ୍ୟମ୍, ଜନାର୍ଦ୍ଦନ୍,
ଇଦାନୀମ୍, ଅସ୍ମି, ସଂବୃତ୍ତଃ, ସଚେତାଃ, ପ୍ରକୃତିମ୍, ଗତଃ, ॥୫୧॥

**ତା'ପରେ ଅର୍ଜୁନ କହିଲେ-**

**ଜନାର୍ଦ୍ଦନ** = ହେ ଜନାର୍ଦ୍ଦନ !
**ତବ** = ଆପଣଙ୍କର
**ଇଦମ୍** = ଏହି
**ସୌମ୍ୟମ୍** = ଅତିଶାନ୍ତ
**ମାନୁଷମ୍, ରୂପମ୍** = ମନୁଷ୍ୟ ରୂପକୁ
**ଦୃଷ୍ଟ** = ଦେଖି
**ଇଦାନୀମ୍** = ଏବେ ମୁଁ
**ସଚେତାଃ** = ସ୍ଥିରଚିତ
**ସଂବୃତଃ** = ହୋଇ ଯାଇ
**ଅସ୍ମି** = ଅଛି (ଏବଂ)
**ପ୍ରକୃତିମ୍** = ନିଜର ସ୍ୱାଭାବିକ ସ୍ଥିତିକୁ
**ଗତଃ** = ପ୍ରାପ୍ତ ହୋଇଗଲି ।

ସୁଦୁର୍ଦ୍ଦର୍ଶମ୍, ଇଦମ୍, ରୂପମ୍, ଦୃଷ୍ଟବାନ୍, ଅସି, ଯତ୍, ମମ୍, ଦେବାଃ, ଅପି, ଅସ୍ୟ, ରୂପସ୍ୟ, ନିତ୍ୟମ୍, ଦର୍ଶନକାଙ୍କ୍ଷିଣଃ ॥୫୨॥

**ଅର୍ଜ୍ଜୁନ ମୁଖରୁ ଏଭଳି ବଚନ ଶୁଣି ଶ୍ରୀ ଭଗବାନ କହିଲେ, ହେ ଅର୍ଜ୍ଜୁନ !-**

**ମମ** = ମୋର
**ଯତ୍** = ଯେଉଁ
**ରୂପମ୍** = ଚତୁର୍ଭୁଜରୂପ (ତୁମେ)
**ଦୃଷ୍ଟବାନ୍ ଅସି** = ଦେଖିଲ
**ଇଦମ୍** = ଏହା
**ସୁଦୁର୍ଦ୍ଦର୍ଶମ୍** = ସୁଦୁର୍ଦ୍ଦର୍ଶ ଅଟେ ଅର୍ଥାତ୍ ଏହି ରୂପର ଦର୍ଶନ ବଡ଼ଦୁର୍ଲଭ ଅଟେ ।
**ଦେବାଃ** = ଦେବତାମାନେ
**ଅପି** = ମଧ୍ୟ
**ନିତ୍ୟମ୍** = ସଦା
**ଅସ୍ୟ** = ଏହି
**ରୂପସ୍ୟ** = ରୂପର
**ଦର୍ଶନକାଙ୍କ୍ଷିଣଃ** = ଦର୍ଶନକାଙ୍କ୍ଷୀ ହୋଇଯାନ୍ତି ।

ନ, ଅହମ୍, ବେଦୈଃ, ନ, ତପସା, ନ, ଦାନେନ, ନ,ଚ, ଇଜ୍ୟୟା, ଶକ୍ୟଃ, ଏବଂବିଧଃ, ଦ୍ରଷ୍ଟୁମ୍, ଦୃଷ୍ଟବାନ୍,ଅସି, ମାମ୍, ଯଥା, ॥୫୩ ॥

**ଏବଂ ହେ ଅର୍ଜ୍ଜୁନ !-**

**ଯଥା** = ଯେପରି (ତୁମେ)
**ମାମ୍** = ମୋତେ
**ଦୃଷ୍ଟବାନ୍, ଅସି** = ଦେଖିବାକୁ ପାଇଲ
**ଏବଂବିଧଃ** = ସେହିପରି ଚତୁର୍ଭୁଜ ରୂପରେ
**ଅହମ୍** = ମୁଁ ;
**ନ** = ନା
**ବେଦଃ** = ବେଦମାନଙ୍କଦ୍ୱାରା,
**ନ** = ନା
**ତପସା** = ତପ ଦ୍ୱାରା

**ନା** = ନା
**ଦାନେନ** = ଦାନ ଦ୍ୱାରା
**ଚ** = ଏବଂ
**ନ** = ନା
**ଇଜ୍ୟୟା** = ଯଜ୍ଞଦ୍ୱାରା
**ଦ୍ରଷ୍ଟୁମ୍** = ଦେଖା
**ଶକ୍ୟ** = ଯାଇପାରିବି ।

ଭକ୍ତ୍ୟା, ତୁ, ଅନନ୍ୟୟା, ଶକ୍ୟଃ, ଅହମ୍, ଏବଂବିଧଃ, ଅର୍ଜୁନ,
ଜ୍ଞାତୁମ୍, ଦ୍ରଷ୍ଟୁମ୍, ଚ, ତତ୍ତ୍ୱେନ, ପ୍ରବେଷ୍ଟୁମ୍, ଚ, ପରନ୍ତପ ॥୫୪॥

**ତୁ** = ପରନ୍ତୁ
**ପରନ୍ତପ** = ହେ ପରନ୍ତପ
**ଅର୍ଜୁନ** = ଅର୍ଜୁନ !
**ଅନନ୍ୟୟା, ଭକ୍ତ୍ୟା** = ଅନନ୍ୟ ଭକ୍ତିଦ୍ୱାରା
**ଅହମ୍** = ମୁଁ
**ଏବଂବିଧଃ** = ଏହିପରି ଚତୁର୍ଭୁଜ ରୂପରେ
**ଦ୍ରଷ୍ଟୁମ୍** = ପ୍ରତ୍ୟକ୍ଷୀଭୂତ ହେବା
**ତତ୍ତ୍ୱେନ** = ତତ୍ତ୍ୱତ
**ଜ୍ଞାତୁମ୍** = ଜାଣି ହେବା
**ଚ** = ତଥା
**ପ୍ରବେଶଷ୍ଟୁମ୍** = ପ୍ରବେଶ ହେବା ପାଇଁ ଅର୍ଥାତ୍ ଏକୀଭାବରେ ପ୍ରାପ୍ତ ହେବା ପାଇଁ
**ଚ** = ମଧ୍ୟ
**ଶକ୍ୟଃ** = ସମ୍ଭବ ଅଟେ ।

ମତ୍କର୍ମକୃତ୍, ମତ୍ପରମଃ, ମଦ୍ଭକ୍ତଃ, ସଙ୍ଗବର୍ଜିତଃ, ନିର୍ବୈରଃ,
ସର୍ବଭୂତେଷୁ, ଯଃ, ସଃ, ମାମ୍, ଏତି, ପାଣ୍ଡବ ॥୫୫॥

**ପାଣ୍ଡବ** = ହେ ଅର୍ଜୁନ !
**ଯଃ** = ଯେଉଁ ପୁରୁଷ କେବଳ
**ମତ୍କର୍ମକୃତ୍** = ମୋ ପାଇଁ ହିଁ ସକଳ କର୍ତ୍ତବ୍ୟ କର୍ମ କରନ୍ତି,
**ମତ୍ପରମଃ** = ମୋର ପରାୟଣ ଅଟନ୍ତି,
**ମଦ୍ଭକ୍ତଃ** = ମୋର ଭକ୍ତ ଅଟନ୍ତି,
**ସଙ୍ଗବର୍ଜିତଃ** = ଆସକ୍ତି ରହିତ ଅଟନ୍ତି
(ଏବଂ)
**ସର୍ବଭୂତେଷୁ** = ସକଳ ପ୍ରାଣୀଙ୍କଠାରେ
**ନିର୍ବୈରଃ** = ବୈରଭାବ ଶୂନ୍ୟ ଅଟନ୍ତି,
**ସଃ** = ସେହି ଅନନ୍ୟ ଭକ୍ତିଯୁକ୍ତ ପୁରୁଷ
**ମାମ୍** = ମୋତେ(ହିଁ)
**ଏତି** = ପ୍ରାପ୍ତ ହୁଅନ୍ତି ।

ଶ୍ରୀମଭଗବତ୍ ଗୀତା ଅଧ୍ୟାୟ ୧୨ର କିଛି ଶ୍ଳୋକର ଫୋଟୋକପୀ:-

## ଅଥ ଦ୍ୱାଦଶୋଽଧ୍ୟାୟଃ

### ଅର୍ଜୁନ ଉବାଚ

ଏବମ୍, ସତତଯୁକ୍ତାଃ, ଯେ, ଭକ୍ତାଃ, ତ୍ୱାମ୍, ପର୍ଯ୍ୟୁପାସତେ, ଯେ,
ଚ, ଅପି, ଅକ୍ଷରମ୍, ଅବ୍ୟକ୍ତମ୍, ତେଷାମ୍, କେ, ଯୋଗବିତ୍ତମାଃ ॥୧॥

**ଭଗବାନଙ୍କର ଏଭଳି ବଚନ ଶୁଣି ଅର୍ଜୁନ କହିଲେ, ହେ ମନମୋହନ !-**

**ଯେ** = ଯେଉଁ
**ଭକ୍ତାଃ** = ଅନନ୍ୟପ୍ରେମୀ ଭକ୍ତମାନେ
**ଏବମ୍** = ପୂର୍ବୋକ୍ତ ପ୍ରକାରେ
**ସତତଯୁକ୍ତାଃ** = ନିରନ୍ତର ଆପଣଙ୍କ ଭଜନ-ଧ୍ୟାନରେ ଲାଗିରହି
**ତ୍ୱାମ୍** = ଆପଣଙ୍କୁ ଅର୍ଥାତ୍ ସଗୁଣରୂପ ପରମେଶ୍ୱରଙ୍କୁ
**ଚ** = ଓ
**ଯେ** = ଅନ୍ୟ ଯେଉଁମାନେ (କେବଳ)
**ଅକ୍ଷରମ୍** = ଅବିନାଶୀ ସଚ୍ଚିଦାନନ୍ଦଘନ
**ଅବ୍ୟକ୍ତମ୍** = ନିରାକାର ବ୍ରହ୍ମଙ୍କୁ
**ଅପି** = ହିଁ
**ପର୍ଯ୍ୟୁପାସତେ** = ଅତିଶ୍ରେଷ୍ଠ ଭାବରେ ଭଜି ଥାଆନ୍ତି
**ତେଷାମ୍** = ସେହି ଦୁଇପ୍ରକାରର ଉପାସକ ମାନଙ୍କ ମଧ୍ୟରେ
**ଯୋଗବିତ୍ତମାଃ** = ଅତି ଉତ୍ତମ ଯୋଗବେତ୍ତା
**କେ** = କେଉଁମାନେ
**ସନ୍ତି** = ଅଟନ୍ତି ?

### *ଶ୍ରୀ ଭଗବାନୁବାଚ*

ମୟି, ଆବେଶ୍ୟ, ମନଃ, ଯେ, ମାମ୍, ନିତ୍ୟଯୁକ୍ତାଃ, ଉପାସତେ,
ଶ୍ରଦ୍ଧୟା, ପରୟା, ଉପେତାଃ, ତେ, ମେ, ଯୁକ୍ତତମାଃ, ମତାଃ, ॥୨॥

**ଅର୍ଜୁନ ଏଭଳି ପଚାରିବାରୁ ଶ୍ରୀ ଭଗବାନ କହିଲେ, ହେ ଅର୍ଜୁନ !-**

**ମୟି** = ମୋଠାରେ
**ମନଃ** = ମନକୁ
**ଆବେଶ୍ୟ** = ଏକାଗ୍ରକରି
**ନିତ୍ୟଯୁକ୍ତାଃ** = ନିରନ୍ତର ମୋ ଭଜନ ଧ୍ୟାନରେ ସଂଲଗ୍ନ ହୋଇଥିବା*
**ଯେ** = ଯେଉଁ ଭକ୍ତମାନେ
**ପରୟା** = ଅତିଶୟ ଶ୍ରେଷ୍ଠ
**ଶ୍ରଦ୍ଧୟା** = ଶ୍ରଦ୍ଧାରେ

**ଉପେତାଃ** = ଯୁକ୍ତ ହୋଇ
**ମାମ୍** = ମୋତେ ଅର୍ଥାତ୍ ସଗୁଣ ରୂପ ପରମେଶ୍ୱରଙ୍କୁ
**ଉପାସତେ** = ଭଜନ୍ତି;
**ତେ** = ସେମାନେ
**ମେ** = ମୋତେ
**ଯୁକ୍ତତମାଃ** = ଯୋଗୀମାନଙ୍କ ମଧ୍ୟରେ ଉତ୍ତମ ଯୋଗୀ ରୂପେ
**ମତାଃ** = ମାନ୍ୟ ଅଟନ୍ତି

ଯେ, ତୁ, ଅକ୍ଷରମ୍, ଅନିର୍ଦେଶ୍ୟମ୍, ଅବ୍ୟକ୍ତମ୍, ପର୍ଯ୍ୟୁପାସତେ,
ସର୍ବତ୍ରଗମ୍, ଅଚିନ୍ତ୍ୟମ୍, ଚ, କୂଟସ୍ଥମ୍, ଅଚଳମ୍, ଧ୍ରୁବମ୍ ॥ ୩ ॥
ସନ୍ନିୟମ୍ୟ, ଇନ୍ଦ୍ରିୟଗ୍ରାମମ୍, ସର୍ବତ୍ର, ସମବୁଦ୍ଧୟଃ, ତେ, ପ୍ରାପ୍ନୁବନ୍ତି,
ମାମ୍, ଏବ, ସର୍ବଭୂତହିତେ, ରତାଃ ॥୪॥

**ତୁ** = ପରନ୍ତୁ
**ଯେ** = ଯେଉଁ ପୁରୁଷମାନେ
**ଇନ୍ଦ୍ରିୟଗ୍ରାମମ୍** = ଇନ୍ଦ୍ରିୟ ସମୁଦାୟକୁ
**ସନ୍ନିୟମ୍ୟ** = ଭଲ ଭାବରେ ବଶ କରି
**ଅଚିନ୍ତ୍ୟମ୍** = ମନ-ବୁଦ୍ଧିର ଅତୀତ
**ସର୍ବତ୍ରଗମ୍** = ସର୍ବବ୍ୟାପୀ
**ଅନିର୍ଦେଶ୍ୟମ୍** = ଅନିର୍ବଚନୀୟ ସ୍ୱରୂପ
**ଚ** = ଏବଂ
**କୂଟସ୍ଥମ୍** = ସଦା ଏକରସ ହୋଇ ରହୁଥିବା,
**ଧ୍ରୁବମ୍** = ନିତ୍ୟ,
**ଅଚଳମ୍** = ଅଚଳ,
**ଅବ୍ୟକ୍ତମ୍** = ନିରାକାର,
**ଅକ୍ଷରମ୍** = ଅବିନାଶୀ ସଚ୍ଚିଦାନନ୍ଦଘନ ବ୍ରହ୍ମଙ୍କୁ
**ପର୍ଯ୍ୟୁପାସତେ** = ନିରନ୍ତର ଏକୀଭାବରେ ଧ୍ୟାନ କରିବା ସହିତ ଭଜନ କରିଥାଆନ୍ତି
**ତେ** = ସେହି
**ସର୍ବଭୂତହିତେ** = ସକଳ ପ୍ରାଣୀଙ୍କ ହିତରେ
**ରତାଃ** = ରତ (ଏବଂ)
**ସର୍ବତ୍ର** = ସମସ୍ତଙ୍କଠାରେ
**ସମବୁଦ୍ଧୟଃ** = ସମାନ ଭାବ ରଖୁଥିବା ଯୋଗୀ
**ମାମ୍** = ମୋତେ
**ଏବ** = ହିଁ
**ପ୍ରାପ୍ନୁବନ୍ତି** = ପ୍ରାପ୍ତ ହୁଅନ୍ତି ।

କ୍ଳେଶଃ, ଅଧିକତରଃ, ତେଷାମ୍, ଅବ୍ୟକ୍ତାସକ୍ତଚେତସାମ୍,
ଅବ୍ୟକ୍ତା, ହି, ଗତିଃ, ଦୁଃଖମ୍, ଦେହବଦ୍ଭିଃ, ଅବାପ୍ୟତେ ॥୫॥

**କିନ୍ତୁ-**

**ତେଷାମ୍** = ସେହି

**ଅବ୍ୟକ୍ତାସକ୍ତ-ଚେତସାମ୍** = ସଚ୍ଚିଦାନନ୍ଦଘନ ନିରାକାର ବ୍ରହ୍ମରେ ଆସକ୍ତ ଚିତ୍ତରତ ପୁରୁଷ ମାନଙ୍କର (ସାଧନାରେ)

**ଅଧିକତରଃ** = ବିଶେଷ

**କ୍ଳେଶଃ** = ପରିଶ୍ରମ ହୁଏ;

**ହି** = କାରଣ

**ଦେହବଦ୍ଭିଃ** = ଦେହାଭିମାନୀ ମାନଙ୍କ ଦ୍ୱାରା

**ଅବ୍ୟକ୍ତା** = ଅବ୍ୟକ୍ତ ବିଷୟକ

**ଗତିଃ** = ଗତି

**ଦୁଃଖମ୍** = ଦୁଃଖ ପୂର୍ବକ

**ଅବାପ୍ୟତେ** = ପ୍ରାପ୍ତ କରାଯାଏ ।

ଯେ, ତୁ, ସର୍ବାଣି, କର୍ମାଣି, ମୟି, ସନ୍ନ୍ୟସ୍ୟ, ମତ୍ପରାଃ,
ଅନନ୍ୟେନ, ଏବ, ଯୋଗେନ, ମାମ୍, ଧ୍ୟାୟନ୍ତଃ, ଉପାସତେ ॥୬ ॥

**ତୁ** = ପରନ୍ତୁ

**ଯେ** = ଯେଉଁ (ଭକ୍ତମାନେ)

**ମତ୍ପରାଃ** = ମୋର ପରାୟଣ ହୋଇଥିବା

**ସର୍ବାଣି** = ସମସ୍ତ

**କର୍ମାଣି** = କର୍ମ,

**ମୟି** = ମୋ ଠାରେ

**ସନ୍ନ୍ୟସ୍ୟ** = ଅର୍ପଣ କରିଦେଇ

**ମାମ୍** = ମୋତେ ଅର୍ଥାତ୍ ସଗୁଣରୂପ ପରମେଶ୍ୱରଙ୍କୁ

**ଏବ** = ହିଁ

**ଅନନ୍ୟେନ** = ଅନନ୍ୟ

**ଯୋଗେନ** = ଭକ୍ତି ଯୋଗରେ

**ଧ୍ୟାୟନ୍ତଃ** = ନିରନ୍ତର ଚିନ୍ତନ କରି କରି

**ଉପାସତେ** = ଭଜନ୍ତି*

ତେଷାମ୍, ଅହମ୍, ସମୁଦ୍ଧର୍ତା, ମୃତ୍ୟୁସଂସାରସାଗରାତ୍, ଭବାମି,
ନଚିରାତ୍, ପାର୍ଥ, ମୟି, ଆବେଶିତଚେତସାମ୍ ॥ ୭ ॥

**ପାର୍ଥ** = ହେ ଅର୍ଜୁନ !

**ତେଷାମ୍** = ସେହି

**ମୟି** = ମୋଠାରେ

**ଆବେଶିତ ଚେତସାମ୍** = ଚିତ୍ତ ନିବେଶ କରିଥିବା (ପ୍ରେମୀ ଭକ୍ତମାନଙ୍କୁ)

**ଅହମ୍** = ମୁଁ

**ନଚିରାତ୍** = ଶୀଘ୍ର ହିଁ

**ମୃତ୍ୟୁସଂସାର ସାଗରାତ୍** = ମୃତ୍ୟୁ ରୂପକ ସଂସାର ସାଗରରୁ

**ସମୁଦ୍ଧର୍ତା** = ଉଦ୍ଧାର କର୍ତ୍ତା

**ଭବାମି** = ହୋଇଥାଏ ।

ମୟି, ଏବ, ମନଃ, ଆଧତ୍ସ୍ୱ, ମୟି, ବୁଦ୍ଧିମ୍, ନିବେଶୟ,
ନିବସିଷ୍ୟସି, ମୟି, ଏବ, ଅତଃ, ଊର୍ଦ୍ଧ୍ୱମ୍, ନ, ସଂଶୟଃ ॥ ୮ ॥

**ତେଣୁ ହେ ଅର୍ଜୁନ ! ତୁ -**

**ମୟି** = ମୋ ଠାରେ
**ମନଃ** = ମନ
**ଆଧତ୍ସ୍ୱ** = ଲଗା (ଏବଂ)
**ମୟି** = ମୋଠାରେ
**ଏବ** = ହିଁ
**ବୁଦ୍ଧିମ୍** = ବୁଦ୍ଧିକୁ
**ନିବେଶୟ** = ଲଗା;
**ଅତଃ** = ଏହା
**ଊର୍ଦ୍ଧ୍ୱମ୍** = ପରେ ତୁ
**ମୟି** = ମୋଠାରେ
**ଏବ** = ହିଁ
**ନିବସିଷ୍ୟସି** = ନିବାସ କରିବୁ, (ଏଥିରେ କୌଣସି)
**ସଂଶୟ** = ସନ୍ଦେହ
**ନ** = ନାହିଁ

ଅଥ, ଚିତ୍ତମ୍, ସମାଧାତୁମ୍, ନ, ଶକ୍ନୋଷି, ମୟି, ସ୍ଥିରମ୍,
ଅଭ୍ୟାସଯୋଗେନ, ତତଃ, ମାମ୍, ଇଚ୍ଛ, ଆପ୍ତୁମ୍, ଧନଞ୍ଜୟ ॥୯ ॥

**ଏବଂ -**

**ଅଥ** = ଯଦି(ତୁ)
**ଚିତ୍ତମ୍** = ମନକୁ
**ମୟି** = ମୋଠାରେ
**ସ୍ଥିରମ୍** = ସ୍ଥିର ଭାବେ
**ସମାଧାତୁମ୍** = ସ୍ଥାପନ କରିବାକୁ
**ନ,ଶକ୍ନୋଷି** = ସମର୍ଥ ନୁହଁ,
**ତତଃ** = ତେବେ
**ଧନଞ୍ଜୟ** = ହେ ଅର୍ଜୁନ !
**ଅଭ୍ୟାସଯୋଗେନ** = ଅଭ୍ୟାସ ରୂପକ ଯୋଗଦ୍ୱାରା
**ମାମ୍** = ମୋତେ
**ଆପ୍ତୁମ୍** = ପାଇବା ପାଇଁ
**ଇଚ୍ଛ** = ଇଚ୍ଛା କର ।

ଅଭ୍ୟାସେ, ଅପି, ଅସମର୍ଥଃ, ଅସି, ମତ୍କର୍ମପରମଃ, ଭବ, ମଦର୍ଥମ୍,
ଅପି, କର୍ମାଣି, କୁର୍ବନ୍, ସିଦ୍ଧିମ୍, ଅବାପ୍ସ୍ୟସି ॥୧୦ ॥

**ଏବଂ ଯଦି ତୁ ଉପରୋକ୍ତ -**

| | | | |
|---|---|---|---|
| **ଅଭ୍ୟାସେ** | = ଅଭ୍ୟାସରେ | **ମଦର୍ଥମ୍** | = ମୋ ପାଇଁ(ଏପରି) |
| **ଅପି** | = ମଧ୍ୟ | **କର୍ମାଣି** | = କର୍ମଗୁଡ଼ିକୁ |
| **ଅସମର୍ଥଃ** | = ଅସମର୍ଥ | **କୁର୍ବନ୍** | = କରୁ କରୁ |
| **ଅସି** | = ଅଟୁଁ ;ତେବେ(ତୁ କେବଳ) | **ଅପି** | = ମଧ୍ୟ (ତୁ) |
| **ମତ୍କର୍ମପରମଃ** | = ମୋ ପାଇଁ କର୍ମ କରିବାରେ ହିଁ ପରାୟଣ * | **ସିଦ୍ଧିମ୍** | = ମୋତେ ପାଇବା ରୂପକ ସିଦ୍ଧିକୁ |
| **ଭବ** | = ହୋଇଯାଅ । | **ଅବାପ୍ସ୍ୟସି** | = ଲାଭକରିପାରିବୁ |

ଅଥ, ଏତତ୍, ଅପି, ଅଶକ୍ତଃ, ଅସି, କର୍ତୁମ୍, ମଦ୍ୟୋଗମ୍, ଆଶ୍ରିତଃ, ସର୍ବକର୍ମଫଳତ୍ୟାଗମ୍, ତତଃ, କୁରୁ, ଯତାତ୍ମବାନ୍ ॥୧୧॥

**ଏବଂ -**

| | | | |
|---|---|---|---|
| **ଅଥ** | = ଯଦି | **ଅସି** | = ଅଟୁଁ, |
| **ମଦ୍ୟୋଗମ୍** | = ମୋର ପ୍ରାପ୍ତିରୂପକ ଯୋଗର | **ତତଃ** | = ତେବେ |
| **ଆଶ୍ରିତଃ** | = ଆଶ୍ରିତ ହୋଇ | **ଯତାତ୍ମବାନ୍** | = ମନ, ବୁଦ୍ଧି ଆଦି ଉପରେ ବିଜୟ ଲାଭ କରି |
| **ଏତତ୍** | = ଉପରୋକ୍ତ ସାଧନାକୁ | | |
| **କର୍ତୁମ୍** | = କରିବାରେ | **ସର୍ବକର୍ମଫଳ ତ୍ୟାଗମ୍** | = ସମସ୍ତ କର୍ମର ଫଳକୁ ତ୍ୟାଗ |
| **ଅପି** | = ମଧ୍ୟ (ତୁ) | | |
| **ଆଶକ୍ତଃ** | = ଅସମର୍ଥ | **କୁରୁ** | = କର । |

ଶ୍ରେୟଃ, ହି, ଜ୍ଞାନମ୍, ଅଭ୍ୟାସାତ୍, ଜ୍ଞାନାତ୍, ଧ୍ୟାନମ୍, ବିଶିଷ୍ୟତେ, ଧ୍ୟାନାତ୍, କର୍ମଫଳତ୍ୟାଗଃ, ତ୍ୟାଗାତ୍, ଶାନ୍ତିଃ, ଅନନ୍ତରମ୍ ॥୧୨॥

| | | | |
|---|---|---|---|
| **ଅଭ୍ୟାସାତ୍** | = ମର୍ମ ନଜାଣି କରାଯାଉଥିବା ଅଭ୍ୟାସ ଠାରୁ | **ଜ୍ଞାନାତ୍** | = ଜ୍ଞାନଠାରୁ |
| | | **ଧ୍ୟାନମ୍** | = ମୋର ଅର୍ଥାତ୍ ପରମେଶ୍ୱରଙ୍କ ସ୍ୱରୂପର ଧ୍ୟାନ |
| **ଜ୍ଞାନମ୍** | = ଜ୍ଞାନ | **ବିଶିଷ୍ୟତେ** | = ଶ୍ରେଷ୍ଠ ଅଟେ (ଏବଂ) |
| **ଶ୍ରେୟଃ** | = ଶ୍ରେଷ୍ଠ ଅଟେ, | | |

**ଧ୍ୟାନାତ୍** = ଧ୍ୟାନ ଠାରୁ (ମଧ୍ୟ)

**କର୍ମଫଳତ୍ୟାଗଃ** = କର୍ମଗୁଡ଼ିକର ଫଳ ତ୍ୟାଗ (ଶ୍ରେଷ୍ଠ ଅଟେ);

**ହିଁ** = କାରଣ

**ତ୍ୟାଗାତ୍** = ତ୍ୟାଗ ଦ୍ୱାରା

**ଅନନ୍ତରମ୍** = ତତ୍କାଳ ହିଁ

**ଶାନ୍ତିଃ** = ପରମ ଶାନ୍ତି ପ୍ରାପ୍ତ ହୋଇଥାଏ ।

ଅଦ୍ୱେଷ୍ଟା, ସର୍ବଭୂତାନାମ୍, ମୈତ୍ରଃ, କରୁଣଃ, ଏବ, ଚ, ନିର୍ମମଃ,
ନିରହଂକାରଃ, ସମଦୁଃଖସୁଖଃ, କ୍ଷମୀ ॥୧୩ ॥

ସନ୍ତୁଷ୍ଟଃ, ସତତମ୍, ଯୋଗୀ, ଯତାତ୍ମା, ଦୃଢନିଶ୍ଚୟଃ, ମୟି,
ଅର୍ପିତମନୋବୁଦ୍ଧିଃ, ଯଃ, ମଦ୍ଭକ୍ତଃ, ସଃ, ମେ, ପ୍ରିୟଃ ॥୧୪॥

ଏହିଭଳି ଶାନ୍ତି ପ୍ରାପ୍ତି କରିଥିବା-

**ଯଃ** = ଯେଉଁ ପୁରୁଷ

**ସର୍ବଭୂତାନାମ୍** = ସକଳ ଭୂତଙ୍କ ପ୍ରତି

**ଅଦ୍ୱେଷ୍ଟା** = ଦ୍ୱେଷ-ଭାବନାରୁ ରହିତ,

**ମୈତ୍ରଃ** = ନିଃସ୍ୱାର୍ଥ ଭାବରେ ସମସ୍ତଙ୍କର ପ୍ରେମୀ

**ଚ** = ଏବଂ

**କରୁଣଃ** = ଅହେତୁକ ଦୟାଳୁ ଅଟେ

**ଏବ** = ତଥା*

**ନିର୍ମମଃ** = ମମତା ରହିତ,

**ନିରହଂକାରଃ** = ଅହଂକାର ରହିତ,

**ସମଦୁଃଖସୁଖଃ** = ସୁଖ-ଦୁଃଖର ପ୍ରାପ୍ତିରେ ସମ (ଏବଂ)

**କ୍ଷମୀ** = କ୍ଷମାଶୀଳ ଅଟେ ଅର୍ଥାତ୍ ଅପରାଧି ମଧ୍ୟ ଅଭୟ ପ୍ରଦାନ କରିଥାଏ ;(ପୁଣି ଯେଉଁ)

**ଯୋଗୀ** = ଯୋଗୀ

**ସତତମ୍** = ନିରନ୍ତର

**ସନ୍ତୁଷ୍ଟଃ** = ସନ୍ତୁଷ୍ଟ ରହିଥାଏ,

**ଯତାତ୍ମା** = ମନ-ଇନ୍ଦ୍ରିୟ ମାନଙ୍କ ସହିତ ଶରୀରକୁ ବଶ କରି ରଖିଥାଏ (ଏବଂ)

**ଦୃଢନିଶ୍ଚୟଃ** = ମୋଠାରେ ଦୃଢ ନିଶ୍ଚୟ ରହିଥାଏ-

**ମୟି** = ମୋଠାରେ

**ଅର୍ପିତମନୋବୁଦ୍ଧିଃ** = ମନ-ବୁଦ୍ଧି ଅର୍ପଣ କରିଦେଇ ଥିବା

**ସଃ** = ସେହି

**ମଦ୍ଭକ୍ତଃ** = ମୋର ଭକ୍ତ

**ମେ** = ମୋତେ

**ପ୍ରିୟଃ** = ପ୍ରିୟ ଅଟେ ।

ଯସ୍ମାତ୍, ନ, ଉଦ୍ୱିଜତେ, ଲୋକଃ, ଲୋକାତ୍, ନ, ଉଦ୍ୱିଜତେ, ଚ, ଯଃ,
ହର୍ଷମର୍ଷଭୟୋଦ୍ୱେଗୈଃ, ମୁକ୍ତଃ, ଯଃ, ସଃ, ଚ, ମେ, ପ୍ରିୟଃ ॥୧୫ ॥

ତଥା-

**ଯସ୍ମାତ୍** = ଯାହାଙ୍କ ଦ୍ୱାରା
**ଲୋକଃ** = କୌଣସି ବି ଜୀବ
**ନ, ଉଦ୍ୱିଜତେ** = ଉଦବିଗ୍ନ ହୁଏ ନାହିଁ
**ଚ** = ଏବଂ
**ଯଃ** = ଯିଏ (ନିଜେ ମଧ୍ୟ)
**ଲୋକାତ୍** = କୌଣସି ଜୀବ ଦ୍ୱାରା
**ନ,ଉଦ୍ୱିଜତେ** = ଉଦବିଗ୍ନ ହୁଅନ୍ତି ନାହିଁ
**ଚ** = ତଥା
**ଯଃ** = ଯିଏ
**ହର୍ଷମର୍ଷଭ ୟୋଦ୍ୱେଗୈଃ** = ହର୍ଷ, ଅମର୍ଷ୍ୟ ଭୟ ଓ ଉଦ୍‌ବେଗ ଆଦିରୁ
**ମୁକ୍ତଃ** = ରହିତ ଅଟନ୍ତି
**ସଃ** = ସେହି ଭକ୍ତ
**ମେ** = ମୋର
**ପ୍ରିୟଃ** = ପ୍ରିୟ ଅଟେ ।

ଅନପେକ୍ଷଃ, ଶୁଚିଃ, ଦକ୍ଷଃ, ଉଦାସୀନଃ, ଗତବ୍ୟଥଃ,
ସର୍ବାରମ୍ଭପରିତ୍ୟାଗୀ, ଯଃ, ମଭକ୍ତଃ, ସଃ, ମେ, ପ୍ରିୟଃ ॥୧୬ ॥

ଏବଂ-

**ଯଃ** = ଯେଉଁ ପୁରୁଷ
**ଅନପେକ୍ଷଃ** = ଆକାଙ୍କ୍ଷା ରହିତ,
**ଶୁଚିଃ** = ବାହାରେ-ଭିତରେ ଶୁଦ୍ଧ,
**ଦକ୍ଷଃ** = ଚତୁର,
**ଉଦାସୀନଃ** = ପକ୍ଷପାତ ରହିତ (ଏବଂ)
**ଗତବ୍ୟଥଃ** = ଦୁଃଖରୁ ମୁକ୍ତ ଅଟେ-
**ସଃ** = ସେହି
**ସର୍ବାରମ୍ଭ-ପରିତ୍ୟାଗୀ** = ସର୍ବାରମ୍ଭ ତ୍ୟାଗୀ*
**ମଭକ୍ତଃ** = ମୋର ଭକ୍ତ
**ମେ** = ମୋତେ
**ପ୍ରିୟଃ** = ପ୍ରିୟ ଅଟେ ।

ଯଃ, ନ, ହୃଷ୍ୟତି, ନ, ଦ୍ୱେଷ୍ଟି, ନ, ଶୋଚତି, ନ, କାଙ୍କ୍ଷତି,
ଶୁଭାଶୁଭପରିତ୍ୟାଗୀ, ଭକ୍ତିମାନ୍, ଯଃ, ସଃ, ମେ, ପ୍ରିୟଃ ॥୧୭ ॥

ଏବଂ -

**ଯଃ** = ଯିଏ
**ନ** = ନା କେବେ
**ହୃଷ୍ୟତି** = ଆନନ୍ଦିତ ହୋଇଥାଏ ।
**ନ** = ନା
**ଦ୍ୱେଷ୍ଟି** = ଦ୍ୱେଷ କରିଥାଏ,
**ନ** = ନା
**ଶୋଚତି** = ଶୋକ କରିଥାଏ,
**ନ** = ନା
**କାଙ୍କ୍ଷତି** = କାମନା କରିଥାଏ(ତଥା)
**ଯଃ** = ଯିଏ
**ଶୁଭାଶୁଭ-ପରିତ୍ୟାଗୀ** = ଶୁଭ-ଅଶୁଭ, ସକଳ କର୍ମର ତ୍ୟାଗୀ ଅଟନ୍ତି-
**ସଃ** = ସେହି
**ଭକ୍ତିମାନ୍** = ଭକ୍ତିମାନ୍ ପୁରୁଷ
**ମେ** = ମୋର
**ପ୍ରିୟଃ** = ପ୍ରିୟ ।

ସମଃ, ଶତ୍ରୌ, ଚ, ମିତ୍ରେ, ଚ, ତଥା, ମାନାପମାନୟୋଃ,
ଶୀତୋଷ୍ଣସୁଖଦୁଃଖେଷୁ, ସମଃ, ସଙ୍ଗବିବର୍ଜିତଃ ॥୧୮॥

**ଏବଂ ଯିଏ -**

**ଶତ୍ରୌ,ମିତ୍ରେ** = ଶତ୍ରୁ-ମିତ୍ର ଠାରେ
**ଚ** = ଏବଂ
**ମାନାପମାନାୟୋଃ** = ମାନ-ଅପମାନରେ
**ସମଃ** = ସମ ଅଟେ
**ତଥା** = ତଥା
**ଶୀତୋଷ୍ଣ ସୁଖଦୁଃଖେଷୁ** = ଶୀତ, ଗରମ ଏବଂ ସୁଖ-ଦୁଃଖ ଆଦି ଦ୍ୱନ୍ଦରେ
**ସମଃ** = ସମ
**ଚ** = ତଥା
**ସଙ୍ଗବିବର୍ଜିତଃ** = ଆସକ୍ତି ରହିତ ଅଟେ-

ତୁଲ୍ୟନିନ୍ଦାସ୍ତୁତିଃ, ମୌନୀ, ସନ୍ତୁଷ୍ଟଃ, ଯେନ, କେନଚିତ୍,
ଅନିକେତଃ, ସ୍ଥିରମତିଃ, ଭକ୍ତିମାନ୍, ମେ, ପ୍ରିୟଃ, ନରଃ ॥୧୯॥

**ତଥା ଯିଏ-**

**ତୁଲ୍ୟନିନ୍ଦାସ୍ତୁତିଃ** = ନିନ୍ଦା-ସ୍ତୁତିକୁ ସମାନ ଦେଖନ୍ତି
ମୌନୀ = ଯିଏ ମନନଶୀଳ *(ଏବଂ)
**ଯେନ, କେନଚିତ୍** = ଯେ କୌଣସି ପ୍ରକାରେ ବି ଶରୀର ନିର୍ବାହ ହେବାରେ

**ସନ୍ତୁଷ୍ଟ** = ସର୍ବଦା ହିଁ ସନ୍ତୁଷ୍ଟ ରହିଥାନ୍ତି (ଏବଂ)

**ଆନିକେତଃ** = ବାସସ୍ଥାନ ପ୍ରତି ମମତ୍ୱ ଓ ଆଶକ୍ତିରୁ ରହିତ - (ସେହି)

**ସ୍ଥିରମତିଃ** = ସ୍ଥିରବୁଦ୍ଧି

**ଭକ୍ତିମାନ୍** = ଭକ୍ତିମାନ୍

**ନରଃ** = ପୁରୁଷ

**ମେ** = ମୋତେ

**ପ୍ରିୟଃ** = ପ୍ରିୟ ଅଟେ ।

ଯେ, ତୁ, ଧର୍ମ୍ୟାମୃତମ୍, ଇଦମ୍, ଯଥା, ଉକ୍ତମ୍, ପର୍ଯ୍ୟୁପାସତେ,
ଶ୍ରଦ୍ଦଧାନାଃ, ମତ୍ପରମାଃ, ଭକ୍ତାଃ, ତେ, ଅତୀବ, ମେ, ପ୍ରିୟାଃ ॥୨୦॥

**ତୁ** = ପରନ୍ତୁ

**ଯେ** = ଯେଉଁ

**ଶ୍ରଦ୍ଦଧାନାଃ** = ଶ୍ରଦ୍ଧାଯୁକ୍ତ ପୁରୁଷମାନେ[1]

**ମତ୍ପରମାଃ** = ମୋର ପରାୟଣ ହୋଇ[2]

**ଇଦମ୍** = ଏହି

**ଯଥା, ଉକ୍ତମ୍** = ଉପରେ କଥିତ

**ଧର୍ମ୍ୟାମୃତମ୍** = ଧର୍ମମୟ ଅମୃତକୁ

**ପର୍ଯ୍ୟୁପାସତେ** = ନିଷ୍କାମ ପ୍ରେମ ଭାବରେ ସେବନ କରନ୍ତି,

**ତେ** = ସେହି

**ଭକ୍ତାଃ** = ଭକ୍ତମାନେ

**ମେ** = ମୋତେ

**ଅତୀବ** = ଅତ୍ୟଧିକ

**ପ୍ରିୟାଃ** = ପ୍ରିୟ ଅଟନ୍ତି ।

## ଅଥ ତ୍ରୟୋଦଶୋଽଧ୍ୟାୟଃ

***ଶ୍ରୀ ଭଗବାନୁବାଚ***

ଇଦମ୍, ଶରୀରମ୍, କୌନ୍ତେୟ, କ୍ଷେତ୍ରମ୍, ଇତି, ଅଭିଧୀୟତେ,
ଏତତ୍, ଯଃ, ବେତ୍ତି, ତମ୍, ପ୍ରାହୁଃ, କ୍ଷେତ୍ରଜ୍ଞଃ, ଇତି, ତଦ୍ବିଦଃ ॥୧॥

**ତା'ପରେ ଭଗବାନ ଶ୍ରୀକୃଷ୍ଣ କହିଲେ ।**

**କୌନ୍ତେୟ** = ହେ ଅର୍ଜୁନ !

**ଇଦମ୍** = ଏହି

**ଶରୀରମ୍** = ଶରୀର

**କ୍ଷେତ୍ରମ୍** = 'କ୍ଷେତ୍ର'*

**ଇତି** = ଏହି (ନାମରେ)

**ଅଭିଧୀୟତେ** = କଥିତ ହୁଏ;(ଏବଂ)

**ଏତତ୍** = ଏହାକୁ

**ଯଃ** = ଯିଏ

**ବେତ୍ତି** = ଜାଣିଥାନ୍ତି

**ତମ୍** = ତାଙ୍କୁ
**କ୍ଷେତ୍ରଜ୍ଞଃ** = କ୍ଷେତ୍ରଜ୍ଞ
**ଇତି** = ଏହି (ନାମରେ)
**ତଦ୍ବିଦଃ** = ତାଙ୍କ ତତ୍ତ୍ୱକୁ ଜାଣିଥିବା ଜ୍ଞାନୀ
**ପ୍ରାହୁଃ** = କହନ୍ତି

**କ୍ଷେତ୍ରଜ୍ଞମ୍, ଚ, ଅପି, ମାମ୍, ବିଦ୍ଧି, ସର୍ବକ୍ଷେତ୍ରେଷୁ, ଭାରତ, ।**
**କ୍ଷେତ୍ରକ୍ଷେତ୍ରଜ୍ଞୟୋଃ, ଜ୍ଞାନମ୍, ଯତ୍, ତତ୍, ଜ୍ଞାନମ୍, ମତମ୍, ମମ ॥୨॥**

**ଭାରତ** = ହେ ଅର୍ଜୁନ !(ତୁ)
**ମାମ୍** = ମୋତେ ହିଁ
**ସର୍ବକ୍ଷେତ୍ରେଷୁ** = ସବୁକ୍ଷେତ୍ର (ଶରୀର) ରେ
**କ୍ଷେତ୍ରଜ୍ଞମ୍** = {କ୍ଷେତ୍ରଜ୍ଞ ଅର୍ଥାତ୍ ଜୀବାତ୍ମା (ବୋଲି)}
**ଅପି** = ମଧ୍ୟ
**ବିଦ୍ଧି** = ଜାଣ
**ଚ** = ଏବଂ
**କ୍ଷେତ୍ର-କ୍ଷେତ୍ରଜ୍ଞୟୋଃ** = {କ୍ଷେତ୍ର-କ୍ଷେତ୍ରଜ୍ଞ ଅର୍ଥାତ୍ ବିକାର ସହିତ ପ୍ରକୃତି ଓ ପୁରୁଷ ଉଭୟଙ୍କ(ବିଷୟରେ)}
**ଯତ୍** = ଯିଏ
**ଜ୍ଞାନମ୍** = ତତ୍ତ୍ୱତଃ ଜାଣିଥାଏ
**ତତ୍** = ତାହା
**ଜ୍ଞାନମ୍** = ଜ୍ଞାନ ଅଟେ
**ମମ** = ମୋର
(ଇତି) = ଏହିଭଳି
ମତମ୍ = ମତ ଅଟେ ।

**ତତ୍, କ୍ଷେତ୍ରମ୍, ଯତ୍, ଚ, ଯାଦୃକ୍, ଚ, ଯଦ୍ବିକାରି, ଯତଃ, ଚ, ଯତ୍,**
**ସଃ, ଚ, ଯଃ, ଯତ୍ପ୍ରଭାବଃ,ଚ, ତତ୍, ସମାସେନ, ମେ, ଶୃଣୁ ॥ ୩ ॥**

**ତେଣୁ-**

**ତତ୍** = ସେହି
**କ୍ଷେତ୍ରମ୍** = କ୍ଷେତ୍ର
**ଯତ୍** = ଯାହା
**ଚ** = ଏବଂ
**ଯାଦୃକ୍** = ଯେପରି ଅଟେ
**ଚ** = ତଥା
**ଯଦ୍ବିକାରି** = ଯେଉଁ ବିକାର ଯୁକ୍ତ ଅଟେ
**ଚ** = ଏବଂ
**ଯତଃ** = ଯେଉଁ କାରଣରୁ
**ଯତ୍** = ଯାହା (ହୋଇଛି)
**ଚ** = ଏବଂ
ସଃ = {ସେହି (କ୍ଷେତ୍ରଜ୍ଞ ମଧ୍ୟ)}

**ଯଃ** = ଯିଏ
**ଚ** = ଏବଂ
ଯତ୍ପ୍ରଭାବଃ = ଯେଉଁ ପ୍ରଭାବଯୁକ୍ତ
ତତ୍ = **ସେ ସବୁ**
ମେ = ମୋଠାରୁ
**ସମାସେନ** = ସଂକ୍ଷେପରେ
**ଶୃଣୁ** = ଶୁଣ ।

ଋଷିଭିଃ, ବହୁଧା, ଗୀତମ୍, ଛନ୍ଦୋଭିଃ, ବିବିଧୈଃ, ପୃଥକ୍,
ବ୍ରହ୍ମସୂତ୍ରପଦୈଃ, ଚ, ଏବ, ହେତୁମଭିଃ, ବିନିଶ୍ଚିତୈଃ ॥୪॥

**ଏହି କ୍ଷେତ୍ର ଓ କ୍ଷେତ୍ରଜ୍ଞ ତତ୍ତ୍ୱ-**

**ଋଷିଭିଃ** = ଋଷିମାନଙ୍କ ଦ୍ୱାରା
**ବହୁଧା** = ବହୁପ୍ରକାରେ
**ଗୀତମ୍** = କୁହାଯାଇଛି (ଏବଂ)
**ବିବିଧୈଃ** = ବିବିଧ
**ଛନ୍ଦୋଭିଃ** = ବେଦମନ୍ତ୍ର ଦ୍ୱାରା ମଧ୍ୟ
**ପୃଥକ୍** = ବିଭାଗ ପୂର୍ବକ
**(ଗୀତମ)** = କୁହାଯାଇଛି
**ଚ** = ତଥା
**ବିନିଶ୍ଚିତୈଃ**= ଭଲ ଭାବରେ ନିଶ୍ଚୟ କରାଯାଇଥିବା
**ହେତୁମଭିଃ**= ଯୁକ୍ତି ଯୁକ୍ତ
**ବ୍ରହ୍ମସୂତ୍ରପଦୈଃ** = ବ୍ରହ୍ମସୂତ୍ରର ପଦମାନଙ୍କ ଦ୍ୱାରା
**ଏବ** = ମଧ୍ୟ
**(ଗୀତମ୍)**=କୁହାଯାଇଛି ।

ମହାଭୂତାନି, ଅହଂକାରଃ, ବୁଦ୍ଧିଃ, ଅବ୍ୟକ୍ତମ୍, ଏବ, ଚ,
ଇନ୍ଦ୍ରିୟାଣି, ଦଶ, ଏକମ୍, ଚ, ପଞ୍ଚ, ଚ, ଇନ୍ଦ୍ରିୟଗୋଚରାଃ ॥୫॥

**ମହାଭୂତାନି** = ପଞ୍ଚମହାଭୂତ[୧]
**ଅହଂକାରଃ** = ଅହଂକାର,
**ବୁଦ୍ଧିଃ** = ବୁଦ୍ଧିଃ
**ଚ** = ଏବଂ
**ଅବ୍ୟକ୍ତମ୍** = ମୂଳ ପ୍ରକୃତି
**ଏବ** = ମଧ୍ୟ,
ଚ = ତଥା
ଦଶ = ଦଶ
**ଇନ୍ଦ୍ରିୟାଣି** = ଇନ୍ଦ୍ରିୟ[୨]
**ଏକମ୍** = ଏକମନ
**ଚ** = ଏବଂ
**ପଞ୍ଚ** = ପାଞ୍ଚ
**ଇନ୍ଦ୍ରିୟଗୋଚରାଃ** = ଇନ୍ଦ୍ରିୟମାନଙ୍କ ବିଷୟ ଅର୍ଥାତ୍ ଶବ୍ଦ, ସ୍ପର୍ଶ, ରୂପ, ରସ, ଏବଂ, ଗନ୍ଧ-

ଇଚ୍ଛା, ଦ୍ୱେଷଃ, ସୁଖମ୍, ଦୁଃଖମ୍, ସଂଘାତଃ, ଚେତନା, ଧୃତିଃ,
ଏତତ୍, କ୍ଷେତ୍ରମ୍, ସମାସେନ, ସବିକାରମ୍, ଉଦାହୃତମ୍ ॥୬ ॥

**ତଥା-**

**ଇଚ୍ଛା** = ଇଚ୍ଛା
**ଦ୍ୱେଷଃ** = ଦ୍ୱେଷ,
**ସୁଖମ୍** = ସୁଖ ,
**ଦୁଃଖମ୍** = ଦୁଃଖ ,
**ସଂଘାତ** = ସ୍ଥୁଳ ଦେହର ପିଣ୍ଡ,
**ଚେତନା** = ଚେତନା (ଏବଂ)

**ଧୃତିଃ** = ଧୃତି[୪] (ଏହି ପରି)
**ସବିକାରମ୍**= ବିକାର ସହିତ[୫]
**ଏତତ୍** = ଏହି
**କ୍ଷେତ୍ରମ୍** = କ୍ଷେତ୍ର(କଥା)
**ସମାସେନ** = ସଂକ୍ଷେପରେ
**ଉଦାହୃତମ୍**= କୁହାଗଲା ।

ଅମାନିତ୍ୱମ୍, ଅଦମ୍ଭିତ୍ୱମ୍, ଅହିଂସା, କ୍ଷାନ୍ତିଃ, ଆର୍ଜବମ୍,
ଆଚାର୍ଯ୍ୟୋପାସନମ୍, ଶୌଚମ୍, ସ୍ଥୈର୍ଯ୍ୟମ୍, ଆତ୍ମବିନିଗ୍ରହଃ ॥ ୭ ॥

**ଏବଂ ହେ ଅର୍ଜୁନ !-**
**ନିଜଠାରେ**

**ଅମାନିତ୍ୱମ୍**= { ଶ୍ରେଷ୍ଠତା ଅଭିମାନର ଅଭାବ,
**ଅଦମ୍ଭିତ୍ୱମ୍** = ଅଦାମ୍ଭିକତା,
**ଅହିଂସା** = { କୌଣସି ପ୍ରକାରର ପ୍ରାଣୀକୁ ବି କୌଣସି ପ୍ରକାରର ଦୁଃଖ ନଦେବା,
**କ୍ଷାନ୍ତିଃ** = କ୍ଷମାଶୀଳତା

**ଆର୍ଜବମ୍** = { ମନ ବଚନ ଆଦିରେ ସରଳତା,
**ଆଚାର୍ଯ୍ୟୋପାସନମ୍** = { ଶ୍ରଦ୍ଧା-ଭକ୍ତି ସହିତ ଗୁରୁଙ୍କର ସେବା
**ଶୌଚମ୍** = ବାହାର-ଭିତରର ଶୁଦ୍ଧି*,
**ସ୍ଥୈର୍ଯ୍ୟମ୍** = { ଅନ୍ତଃକରଣର ସ୍ଥିରତା (ଏବଂ)
**ଆତ୍ମବିନିଗ୍ରହଃ** = { ମନ-ଇନ୍ଦ୍ରିୟ ସହିତ ଶରୀରର ନିଗ୍ରହ-

ଇନ୍ଦ୍ରିୟାର୍ଥେଷୁ, ବୈରାଗ୍ୟମ୍, ଅନହଙ୍କାରଃ, ଏବ, ଚ,
ଜନ୍ମମୃତ୍ୟୁଜରାବ୍ୟାଧିଦୁଃଖଦୋଷାନୁଦର୍ଶନମ୍ ॥୮॥

**ତଥା-**

**ଇନ୍ଦ୍ରିୟାର୍ଥେଷୁ** = ଏହି ଲୋକ ଓ ପରଲୋକର ସକଳ ପ୍ରକାରର ଭୋଗଗୁଡ଼ିକ ପ୍ରତି

**ବୈରାଗ୍ୟମ୍** = ଆସକ୍ତିର ଅଭାବ

**ଚ** = ଏବଂ

**ଅନହଙ୍କାରଃ, ଏବ** = ଅହଂକାର ଶୂନ୍ୟତା

ଜନ୍ମମୃତ୍ୟୁଜରା = ବ୍ୟାଧିଦୁଃଖ = ଦୋଷାନୁଦର୍ଶନମ୍ = ଜନ୍ମ, ମୃତ୍ୟୁ ବାର୍ଦ୍ଧକ୍ୟ ଏବଂ ରୋଗ ଆଦିରେ ଦୁଃଖ ଓ ଦୋଷ ଗୁଡ଼ିକୁ ବାରମ୍ବାର ବିବେଚନା କରିବା-

ଅସକ୍ତିଃ, ଅନଭିଷ୍ୱଙ୍ଗଃ, ପୁତ୍ରଦାରଗୃହାଦିଷୁ,
ନିତ୍ୟମ୍, ଚ, ସମଚିତ୍ତତ୍ୱମ୍, ଇଷ୍ଟାନିଷ୍ଟୋପପତ୍ତିଷୁ ॥୯ ॥

**ତଥା-**

**ପୁତ୍ରଦାରଗୃହାଦିଷୁ** = ପୁତ୍ର-ସ୍ତ୍ରୀ-ଘର ଏବଂ ଧନ ଆଦିରେ

**ଆସକ୍ତିଃ** = ଆସକ୍ତିର ଅଭାବ

**ଅନଭିଷ୍ୱଙ୍ଗଃ** = ମମତ୍ୱର ଅଭାବ

**ଚ** = ତଥା

**ଇଷ୍ଟାନିଷ୍ଟୋପପତ୍ତିଷୁ** = ପ୍ରିୟ ଓ ଅପ୍ରିୟ ପ୍ରାପ୍ତିରେ

**ନିତ୍ୟମ୍** = ସବୁବେଳେ

**ସମଚିତ୍ତତ୍ୱମ୍** = ସମଚିତ୍ତ ହୋଇ ରହିବା-

ମୟି, ଚ, ଅନନ୍ୟଯୋଗେନ, ଭକ୍ତିଃ, ଅବ୍ୟଭିଚାରିଣୀ,
ବିବିକ୍ତଦେଶସେବିତ୍ୱମ୍, ଅରତିଃ, ଜନସଂସଦି ॥୧୦ ॥

**ଏବଂ-**

**ମୟି** = ମୋଠାରେ ଅର୍ଥାତ୍ ପରମେଶ୍ୱରଙ୍କଠାରେ

**ଅନନ୍ୟଯୋଗେନ** = ଅନନ୍ୟଯୋଗଦ୍ୱାରା

**ଅବ୍ୟଭିଚାରିଣୀ** = ଅବ୍ୟଭିଚାରିଣୀ

**ଭକ୍ତିଃ** = ଭକ୍ତି

**ଚ** = ତଥା

**ବିବିକ୍ତଦେଶ-ସେବିତ୍ୱମ୍** = ଏକାନ୍ତ ଓ ଶୁଦ୍ଧ ସ୍ଥାନରେ ରହିବାର ସ୍ୱଭାବ (ଏବଂ)

**ଜନସଂସଦି** = ବିଷୟାସକ୍ତ ଲୋକମାନଙ୍କ ସମୁଦାୟ ପ୍ରତି

**ଅରତିଃ** = ବିରାଗ-----

ଅଧ୍ୟାତ୍ମଜ୍ଞାନନିତ୍ୟତ୍ୱମ୍, ତତ୍ତ୍ୱଜ୍ଞାନାର୍ଥଦର୍ଶନମ୍,
ଏତତ୍, ଜ୍ଞାନମ୍, ଇତି, ପ୍ରୋକ୍ତମ୍, ଅଜ୍ଞାନମ୍, ଯତ୍, ଅତଃ, ଅନ୍ୟଥା ॥୧୧॥

**ତଥା-**

**ଅଧ୍ୟାତ୍ମଜ୍ଞାନ ନିତ୍ୟତ୍ୱମ୍** = ଅଧ୍ୟାତ୍ମଜ୍ଞାନରେ[୨] ନିତ୍ୟସ୍ଥିତି (ଏବଂ)

**ତତ୍ତ୍ୱଜ୍ଞାନାର୍ଥ ଦର୍ଶନମ୍** = ତତ୍ତ୍ୱଜ୍ଞାନର ଅର୍ଥରୂପ ପରମାତ୍ମାଙ୍କୁ ହିଁ ଦେଖିବା-

**ଏତତ୍** = ଏସବୁ

**ଜ୍ଞାନମ୍** = ଜ୍ଞାନ[୩] ଅଟେ(ଏବଂ)

**ଯତ୍** = ଯାହା

**ଅତଃ** = ଏହାର

**ଅନ୍ୟଥା** = ବିପରୀତ ଅଟେ,

**ଅଜ୍ଞାନମ୍** = ତାହା ଅଜ୍ଞାନ ଅଟେ,* (ବୋଲି)

**ଇତି** = ଏହା

**ପ୍ରୋକ୍ତମ୍** = କୁହାଯାଇଛି ।

ଜ୍ଞେୟମ୍, ଯତ୍, ତତ୍, ପ୍ରବକ୍ଷ୍ୟାମି, ଯତ୍, ଜ୍ଞାତ୍ୱା, ଅମୃତମ୍, ଅଶ୍ନୁତେ,
ଅନାଦିମତ୍, ପରମ୍, ବ୍ରହ୍ମ, ନ, ସତ୍, ତତ୍, ନ, ଅସତ୍, ଉଚ୍ୟତେ ॥୧୨॥

**ଏବଂ ହେ ଅର୍ଜୁନ !-**

**ଯତ୍** = ଯାହା

**ଜ୍ଞେୟମ୍** = ଜାଣିବାଯୋଗ୍ୟ ଅଟେ (ତଥା)

**ଯତ୍** = ଯାହା

**ଜ୍ଞାତ୍ୱା** = ଜାଣି (ମନୁଷ୍ୟ)

**ଅମୃତମ୍** = ପରମଆନନ୍ଦକୁ

**ଅଶ୍ନୁତେ** = ପ୍ରାପ୍ତ ହୁଏ,

**ତତ୍** = ତାହାକୁ

**ପ୍ରବକ୍ଷ୍ୟାମି** = ଭଲଭାବରେ ବୁଝାଇ କହିବି ।

**ତତ୍** = ସେହି

**ଅନାଦିମତ୍** = ଅନାଦି

**ପରମ୍** = ପରମ

**ବ୍ରହ୍ମ** = ବ୍ରହ୍ମଙ୍କୁ

**ନ** = ନା

**ସତ୍** = ସତ୍
**ଉଚ୍ୟତେ** = କୁହାଯାଇଥାଏ
**ନ** = ନା (ହିଁ)
**ଅସତ୍** = ଅସତ୍ ।

ସର୍ବତଃପାଣିପାଦମ୍, ତତ୍, ସର୍ବତୋଽକ୍ଷିଶିରୋମୁଖମ୍,
ସର୍ବତଃଶ୍ରୁତିମତ୍, ଲୋକେ, ସର୍ବମ୍, ଆବୃତ୍ୟ, ତିଷ୍ଠତି ॥୧୩॥

**ପରନ୍ତୁ-**

**ତତ୍** = ସେ
**ସର୍ବତଃପାଣିପାଦମ୍** = ସବୁଆଡ଼କୁ ହାତ-ଗୋଡ଼ ବିଶିଷ୍ଟ
**ସର୍ବତୋଽକ୍ଷି ଶିରୋମୁଖମ୍** = ସବୁଆଡ଼କୁ ଆଖି,ମୁଣ୍ଡ ଓ ମୁଖ ବିଶିଷ୍ଟ (ତଥା)
**ସର୍ବତଃଶ୍ରୁତିମତ୍** = ସବୁଆଡ଼କୁ କାନ ବିଶିଷ୍ଟ ଅଟନ୍ତି
**ଯତଃ** = କାରଣ (ସେ)
**ଲୋକେ** = ସଂସାରରେ
**ସର୍ବମ୍** = ସମସ୍ତଙ୍କୁ
**ଆବୃତ୍ୟ** = ବ୍ୟାପ୍ତ କରି
**ତିଷ୍ଠତି** = ସ୍ଥିତ ଅଟନ୍ତି ।*

ସର୍ବେନ୍ଦ୍ରିୟଗୁଣାଭାସମ୍, ସର୍ବେନ୍ଦ୍ରିୟବିବର୍ଜିତମ୍,
ଅସକ୍ତମ୍, ସର୍ବଭୃତ୍, ଚ, ଏବ, ନିର୍ଗୁଣମ୍, ଗୁଣଭୋକ୍ତୃ, ଚ, ॥୧୪॥

**ଏବଂ ସେହି-**

**ସର୍ବେନ୍ଦ୍ରିୟ ଗୁଣାଭାସମ୍** = ସକଳ ଇନ୍ଦ୍ରିୟ ବିଷୟରେ ଜ୍ଞାତା ଅଟନ୍ତି, (କିନ୍ତୁ ବାସ୍ତବରେ)
**ସର୍ବେନ୍ଦ୍ରିୟବିବର୍ଜିତମ୍** = ସକଳଇନ୍ଦ୍ରୀୟରୁ ରହିତଅଟନ୍ତି
**ଚ** = ତଥା
**ଅସକ୍ତମ୍** = ଆସକ୍ତି ରହିତ (ହୋଇ)
**ଏବ** = ମଧ୍ୟ
**ସର୍ବଭୃତ୍** = ସମସ୍ତଙ୍କର ଧାରଣ-ପୋଷଣକାରୀ
**ଚ** = ଏବଂ
**ନିର୍ଗୁଣମ୍** = ନିର୍ଗୁଣ ହୋଇ (ମଧ୍ୟ)
**ଗୁଣଭୋକ୍ତୃ** = ଗୁଣମାନଙ୍କର ଭୋକ୍ତା ଅଟନ୍ତି ।

ବହିଃ, ଅନ୍ତଃ, ଚ, ଭୂତାନାମ୍, ଅଚରମ୍, ଚରମ୍, ଏବ, ଚ,
ସୂକ୍ଷ୍ମତ୍ୱାତ୍, ତତ୍, ଅବିଜ୍ଞେୟମ୍, ଦୂରସ୍ଥମ୍, ଚ, ଅନ୍ତିକେ, ଚ, ତତ୍ ॥୧୫॥

**ତଥା ସେ-**

**ଭୂତାନାମ୍** = ଚରାଚର ସକଳ ଭୂତଙ୍କ
**ବହିଃ,ଅନ୍ତଃ** = ବାହାରେ ଭିତରେ ପରିପୂର୍ଣ୍ଣ ହୋଇ ରହିଛନ୍ତି
**ଚ** = ଏବଂ
**ଚରମ୍,ଅଚରମ୍** = ଚର-ଅଚରରୂପ
**ଏବ** = ମଧ୍ୟ (ସେ ହିଁ ଅଟନ୍ତି)
**ଚ** = ଏବଂ
**ତତ୍** = ସେ

**ସୂକ୍ଷ୍ମତ୍ୱାତ୍** = ସୂକ୍ଷ୍ମହୋଇଥିବାରୁ
**ଅବିଜ୍ଞେୟମ୍** = ଅବିଜ୍ଞେୟ ଅଟନ୍ତିଂ
**ଚ** = ତଥା
**ଅନ୍ତିକେ** = ଅତି ନିକଟରେ
**ଚ** = ଏବଂ
**ଦୂରସ୍ଥମ୍** = ଦୂରରେ ମଧ୍ୟ ସ୍ଥିତ
**ତତ୍** = ସେ ହିଁ ଅଟନ୍ତି ।

ଅବିଭକ୍ତମ୍, ଚ, ଭୂତେଷୁ, ବିଭକ୍ତମ୍, ଇବ, ଚ, ସ୍ଥିତମ୍,
ଭୂତଭର୍ତ୍ତୃ, ଚ, ତତ୍, ଜ୍ଞେୟମ୍, ଗ୍ରସିଷ୍ଣୁ, ପ୍ରଭବିଷ୍ଣୁ, ଚ, ॥୧୬॥

**ତଥା ସେହି ପରମାତ୍ମା-**

**ଅବିଭକ୍ତମ୍** = ଅବିଭକ୍ତରୂପରେ ଆକାଶ ସଦୃଶ ପରିପୂର୍ଣ୍ଣ ହୋଇଥିଲେ
**ଚ** = ମଧ୍ୟ
**ଭୂତେଷୁ** = ଚରାଚର ସମସ୍ତ ଭୂତମାନଙ୍କ ଭିତରେ
**ବିଭକ୍ତମ୍, ଇବ** = ବିଭକ୍ତ ଭଳି (ହୋଇ)
**ସ୍ଥିତମ୍** = ରହିଥିବାରଂ (ପ୍ରତୀତ ହୁଅନ୍ତି)
**ଚ** = ତଥା
**ତତ୍** = ସେହି

**ଜ୍ଞେୟମ୍** = ଜାଣିବା ଯୋଗ୍ୟ ପରମାତ୍ମା
**ଭୂତଭର୍ତ୍ତୃ** = ବିଷ୍ଣୁରୂପରେ ଭୂତମାନଙ୍କର ଧାରଣ-ପୋଷଣକାରୀ
**ଚ** = ଏବଂ
**ଗ୍ରସିଷ୍ଣୁ** = ରୂଦ୍ର ରୂପରେ ସଂହାରକାରୀ
**ଚ** = ତଥା
**ପ୍ରଭବିଷ୍ଣୁ** = ବ୍ରହ୍ମାରୂପରେ ସମସ୍ତଙ୍କ ଉତ୍ପନ୍ନର ସୃଷ୍ଟିକର୍ତ୍ତା ଅଟନ୍ତି ।

ଜ୍ୟୋତିଷାମ୍, ଅପି, ତତ୍, ଜ୍ୟୋତିଃ, ତମସଃ, ପରମ୍, ଉଚ୍ୟତେ,
ଜ୍ଞାନମ୍, ଜ୍ଞେୟମ୍, ଜ୍ଞାନଗମ୍ୟମ୍, ହୃଦି, ସର୍ବସ୍ୟ, ବିଷ୍ଠିତମ୍ ॥୧୭ ॥

**ଏବଂ -**

| | | | |
|---|---|---|---|
| **ତତ୍** | = ସେହି ପରଂବ୍ରହ୍ମଙ୍କୁ | **ଜ୍ଞାନମ୍** | = ବୋଧ ସ୍ୱରୂପ, |
| **ଜ୍ୟୋତିଷାମ୍** | = ଜ୍ୟୋତିମାନଙ୍କର | **ଜ୍ଞେୟମ୍** | = ଜାଣିବା ଯୋଗ୍ୟ (ଏବଂ) |
| **ଅପି** | = ବି | **ଜ୍ଞାନଗମ୍ୟମ୍** | = ତତ୍ତ୍ୱଜ୍ଞାନ ଦ୍ୱାରା ପ୍ରାପ୍ତ୍ୟ ଅଟନ୍ତି (ଏବଂ) |
| **ଜ୍ୟୋତିଃ** | = ଜ୍ୟୋତି[୨] (ଏବଂ) | | |
| **ତମସଃ** | = ମାୟାଠାରୁ | **ସର୍ବସ୍ୟ** | = ସମସ୍ତଙ୍କ |
| **ପରମ୍** | = ଅତ୍ୟନ୍ତ ଉର୍ଦ୍ଧରେ ବୋଲି | **ହୃଦି** | = ହୃଦୟରେ |
| **ଉଚ୍ୟତେ** | = କୁହାଯାଏ (ସେହି ପରମାତ୍ମା) | **ବିଷ୍ଠିତମ୍** | = ବିଶେଷ ରୂପେ ଅବସ୍ଥିତ |

ଇତି, କ୍ଷେତ୍ରମ୍, ତଥା, ଜ୍ଞାନମ୍, ଜ୍ଞେୟମ୍, ଚ, ଉକ୍ତମ୍, ସମାସତଃ,
ମଭକ୍ତଃ, ଏତତ୍, ବିଜ୍ଞାୟ, ମଭାବାୟ, ଉପପଦ୍ୟତେ ॥୧୮ ॥

**ହେ ଅର୍ଜୁନ !-**

| | | | |
|---|---|---|---|
| **ଇତି** | = ଏହିପରି ଭାବରେ | **ସମାସତଃ** | = ସଂକ୍ଷେପରେ |
| **କ୍ଷେତ୍ରମ୍** | = କ୍ଷେତ୍ର[୧] | **ଉକ୍ତମ୍** | = କୁହାଗଲା |
| **ତଥା** | = ତଥା | **ମଭକ୍ତ** | = ମୋର ଭକ୍ତ |
| **ଜ୍ଞାନମ୍** | = ଜ୍ଞାନ[୨] | **ଏତତ୍** | = ଏହାକୁ |
| **ଚ** | = ଏବଂ | **ବିଜ୍ଞାୟ** | = ତତ୍ତ୍ୱତ ଜାଣି |
| **ଜ୍ଞେୟମ୍** | = ଜାଣିବା ଯୋଗ୍ୟ ପରମାତ୍ମାଙ୍କର ସ୍ୱରୂପ[୩] | **ମଭାବାୟ** | = ମୋର ସ୍ୱରୂପକୁ |
| | | **ଉପପଦ୍ୟତେ** | = ପାପ୍ତ ହୁଅନ୍ତି । |

ପ୍ରକୃତିମ୍, ପୁରୁଷମ୍, ଚ, ଏବ, ବିଦ୍ଧି, ଅନାଦୀ, ଉଭୌ, ଅପି,
ବିକାରାନ୍, ଚ, ଗୁଣାନ୍, ଚ, ଏବ, ବିଦ୍ଧି, ପ୍ରକୃତିସମ୍ଭବାନ୍ ॥୧୯ ॥

**ଏବଂ ହେ ଅର୍ଜୁନ !-**

**ପ୍ରକୃତିମ୍** = ପ୍ରକୃତି
**ଚ** = ଓ
**ପୁରୁଷମ୍** = ପୁରୁଷ
**ଉଭୌ** = ଏହି ଦୁହିଁଙ୍କୁ
**ଏବ** = ହିଁ (ତୁ)
**ଅନାଦୀ** = ଅନାଦି (ବୋଲି)
**ବିଦ୍ଧି** = ଜାଣ
**ଚ** = ଏବଂ

**ବିକାରାନ୍** = ରାଗ-ଦ୍ୱେଷାଦି ବିକାରଗୁଡ଼ିକୁ
**ଚ** = ତଥା
**ଗୁଣାନ୍** = ତ୍ରିଗୁଣାତ୍ମକ ସମସ୍ତ ପଦାର୍ଥ
**ଅପି** = ମଧ୍ୟ
**ପ୍ରକୃତିସମ୍ଭବାନ୍** = ପ୍ରକୃତିଠାରୁ ହିଁ ଉତ୍ପନ୍ନ (ବୋଲି)
**ବିଦ୍ଧି** = ଜାଣ ।

କାର୍ଯ୍ୟକରଣକର୍ତ୍ତୃତ୍ୱେ, ହେତୁଃ, ପ୍ରକୃତିଃ, ଉଚ୍ୟତେ,
ପୁରୁଷଃ, ସୁଖଦୁଃଖାନାମ୍, ଭୋକ୍ତୃତ୍ୱେ, ହେତୁଃ, ଉଚ୍ୟତେ ॥୨୦ ॥

**କାରଣ -**

**କାର୍ଯ୍ୟକରଣକର୍ତ୍ତୃତ୍ୱେ** = କାର୍ଯ୍ୟ ଓ କରଣକୁ*ଉତ୍ପନ୍ନ କରିବାରେ
**ପ୍ରକୃତିଃ** = ପ୍ରକୃତିକୁ
**ହେତୁଃ** = ହେତୁ (ବୋଲି)
**ଉଚ୍ୟତେ** = କୁହାଯାଏ (ଏବଂ)

**ପୁରୁଷଃ** = ଜୀବାତ୍ମାକୁ
**ସୁଖଦୁଃଖାନାମ୍** = ସୁଖ-ଦୁଃଖର
**ଭୋକ୍ତୃତ୍ୱେ** = ଭୋକ୍ତାପଣରେ ଅର୍ଥାତ୍ ଭୋଗୀବାରେ
**ହେତୁଃ** = ହେତୁ (ବୋଲି)
**ଉଚ୍ୟତେ** = କୁହାଯାଏ

ପୁରୁଷଃ, ପ୍ରକୃତିସ୍ଥଃ, ହି, ଭୁଙ୍କ୍ତେ, ପ୍ରକୃତିଜାନ୍, ଗୁଣାନ୍,
କାରଣମ୍, ଗୁଣସଙ୍ଗଃ, ଅସ୍ୟ, ସଦସଦ୍ୟୋନିଜନ୍ମସୁ ॥୨୧॥

**ପରନ୍ତୁ-**

**ପ୍ରକୃତିସ୍ଥଃ** = ପ୍ରକୃତିରେ ସ୍ଥିତ
**ପୁରୁଷଃ** = ପୁରୁଷ
**ହି** = ହିଁ
**ପ୍ରକୃତିଜାନ୍**= ପ୍ରକୃତିରୁ ଉତ୍ପନ୍ନ

**ଗୁଣାନ୍** = ତ୍ରିଗୁଣାତ୍ମକ ପଦାର୍ଥଗୁଡ଼ିକୁ
**ଭୁଙ୍କ୍ତେ** = ଭୋଗ କରେ (ଏବଂ ଏହି ସବୁ)

**ଗୁଣସଙ୍ଗଃ** = ଗୁଣମାନଙ୍କର ସଙ୍ଗ (ହିଁ)
**ଅସ୍ୟ** = ଏହି ଜୀବାତ୍ମାର
**ସଦସଦ୍ୟୋନିଜନ୍ମସୁ** = ଭଲ -ମନ୍ଦ ଯୋନୀମାନଙ୍କରେ ଜନ୍ମ ନେବାର
**କାରଣମ୍** = କାରଣ ଅଟେ ।

ଉପଦ୍ରଷ୍ଟା, ଅନୁମନ୍ତା, ଚ, ଭର୍ତ୍ତା, ଭୋକ୍ତା, ମହେଶ୍ୱରଃ,
ପରମାତ୍ମା, ଇତି, ଚ, ଅପି, ଉକ୍ତଃ, ଦେହେ, ଅସ୍ମିନ୍, ପୁରୁଷଃ, ପରଃ ॥୨୨॥

**ଅସ୍ମିନ୍** = ଏହି
**ଦେହେ(ସ୍ଥିତଃ) ଅପି** = ଦେହରେ ଅବସ୍ଥିତ
**ପୁରୁଷଃ** = ଏହି ଆତ୍ମା(ପ୍ରକୃତରେ)
**ପରଃ(ଏବ)** = ପରମାତ୍ମା[୩] ହିଁ ଅଟନ୍ତି (ସେ ହିଁ)
**ଉପଦ୍ରଷ୍ଟା** = ସାକ୍ଷୀ ହୋଇଥିବାରୁ ଉପଦ୍ରଷ୍ଟା,
**ଚ** = ଏବଂ
**ଅନୁମନ୍ତା** = ଯଥାର୍ଥ ସମ୍ମତି ଦାତା ହୋଇଥିବାରୁ ଅନୁମନ୍ତା,
**ଭର୍ତା** = ସମସ୍ତଙ୍କର ଧାରଣ-ପୋଷଣକାରୀ ହୋଇ ଥିବାରୁ ଭର୍ତ୍ତା,
**ଭୋକ୍ତା** = ଜୀବ ରୂପରେ ଭୋକ୍ତା,
**ମହେଶ୍ୱରଃ** = ବ୍ରହ୍ମା ପ୍ରଭୃତିଙ୍କ ମଧ୍ୟ ସ୍ୱାମୀ ହୋଇଥିବାରୁ ମହେଶ୍ୱର
**ଚ** = ଏବଂ
**ପରମାତ୍ମା** = ଶୁଦ୍ଧ ସଚ୍ଚିଦାନନ୍ଦଘନ ହୋଇଥିବାରୁ ପରମାତ୍ମା-(ବୋଲି)
**ଇତି** = ଏହିଭଳି
**ଉକ୍ତଃ** = କୁହାଯାଇଛି ।

ଯଃ, ଏବମ୍, ବେତ୍ତି, ପୁରୁଷମ୍, ପ୍ରକୃତିମ୍, ଚ, ଗୁଣୈଃ, ସହ,
ସର୍ବଥା, ବର୍ତ୍ତମାନଃ, ଅପି, ନ, ସଃ, ଭୂୟଃ, ଅଭିଜାୟତେ ॥୨୩ ॥

**ଏବମ୍** = ଏହିପରି ଭାବରେ
**ପୁରୁଷମ୍** = ପୁରୁଷକୁ
**ଚ** = ଏବଂ
**ଗୁଣୈଃ** = ଗୁଣମାନଙ୍କ
**ସହ** = ସହିତ
**ପ୍ରକୃତିମ୍** = ପ୍ରକୃତିକୁ
**ଯଃ** = ଯେଉଁ ମଣିଷ

**ସଃ** = ସେ
**ସର୍ବଥା** = ସକଳ ପ୍ରକାରରେ
**ବର୍ତମାନଃ** = କର୍ତ୍ତବ୍ୟ କର୍ମ କରୁଥିଲେ

**ଅପି** = ବି
**ଭୂୟଃ** = ପୁଣି
**ଅଭିଜାୟତେ** = ଜନ୍ମେ
**ନ** = ନାହିଁ

ଧ୍ୟାନେନ, ଆତ୍ମନି, ପଶ୍ୟନ୍ତି, କେଚିତ୍, ଆତ୍ମାନମ୍, ଆତ୍ମନା,
ଅନ୍ୟେ, ସାଙ୍ଖ୍ୟେନ, ଯୋଗେନ, କର୍ମଯୋଗେନ, ଚ, ଅପରେ ॥୨୪॥

**ହେ ଅର୍ଜୁନ ! ସେହି ପରମପୁରୁଷ-**

**ଆତ୍ମାନମ୍** = ପରମାତ୍ମାଙ୍କୁ
**କେଚିତ୍** = କେତେକ ମନୁଷ୍ୟତ
**ଆତ୍ମନା** = ଶୁଦ୍ଧ ସୂକ୍ଷ୍ମ ବୁଦ୍ଧିବଳରେ
**ଧ୍ୟାନେନ** = ଧ୍ୟାନଦ୍ୱାରା[୧]
**ଆତ୍ମନି** = ହୃଦୟରେ
**ପଶ୍ୟନ୍ତି** = ଦର୍ଶନ କରନ୍ତି,

**ଅନ୍ୟେ** = ଅନ୍ୟ କେତେକ
**ସାଙ୍ଖ୍ୟେନ ଯୋଗେନ**[୨] = ଜ୍ଞାନଯୋଗ ଦ୍ୱାରା
**ଚ** = ଏବଂ
**ଅପରେ** = ଆଉ(କେତେକ)
**କର୍ମଯୋଗେନ** = କର୍ମଯୋଗଦ୍ୱାରା[୩]
**ପଶ୍ୟନ୍ତି** = ଦେଖି ଥାଆନ୍ତି ଅର୍ଥାତ୍ ପ୍ରାପ୍ତ କରନ୍ତି ।

ଅନ୍ୟେ, ତୁ, ଏବମ୍, ଅଜାନନ୍ତଃ, ଶ୍ରୁତ୍ୱା, ଅନ୍ୟେଭ୍ୟଃ, ଉପାସତେ, ତେ,
ଅପି, ଚ, ଅତିତରନ୍ତି, ଏବ, ମୃତ୍ୟୁମ୍, ଶ୍ରୁତିପରାୟଣାଃ ॥୨୫॥

**ତୁ** = ପରନ୍ତୁ
**ଅନ୍ୟେ** = ଏମାନଙ୍କଠାରୁ ଭିନ୍ନ ଅର୍ଥାତ୍ ଯେଉଁ ଅଳ୍ପ ବୁଦ୍ଧିଯୁକ୍ତ ପୁରୁଷ ଅଛନ୍ତି, ସେମାନେ
**ଏବମ୍** = ଏହିପରି
**ଅଜାନନ୍ତଃ** = ଜାଣି ନଥିବାରୁ

**ଅନ୍ୟେଭ୍ୟଃ** = ଅନ୍ୟମାନଙ୍କ ଠାରୁ ଅର୍ଥାତ୍ ତତ୍ତ୍ୱକୁ ଜାଣିଥିବା ପୁରୁଷମାନଙ୍କ ଠାରୁ
**ଶ୍ରୁତ୍ୱା** = ଶୁଣି ହିଁ (ସେହି ଅନୁସାରେ)
**ଉପାସତେ** = ଉପାସନା କରନ୍ତି
**ଚ** = ଏବଂ

**ତେ** = ସେହି

**ଶ୍ରୁତିପରାୟଣାଃ** = ଶ୍ରବଣ ପରାୟଣ ପୁରୁଷ ମାନେ

**ଅପି** = ମଧ୍ୟ

**ମୃତ୍ୟୁମ୍** = ମୃତ୍ୟୁରୂପକ ସଂସାର ସାଗରକୁ

**ଅତିତରନ୍ତି, ଏବ** = ନିଃସନ୍ଦେହରେ ତରି ଯାଆନ୍ତି

ଯାବତ୍, ସଂଜାୟତେ, କିଞ୍ଚିତ୍, ସତ୍ତ୍ୱମ୍, ସ୍ଥାବରଜଙ୍ଗମମ୍,
କ୍ଷେତ୍ରକ୍ଷେତ୍ରଜ୍ଞସଂଯୋଗାତ୍, ତତ୍, ବିଦ୍ଧି, ଭରତର୍ଷଭ ॥୨୬ ॥

**ଭରତର୍ଷଭ** = ହେ ଅର୍ଜୁନ !

**ଯାବତ୍** = ଯେତେ

**କିଞ୍ଚିତ୍** = କିଛି ବି

**ସ୍ଥାବରଜଙ୍ଗମମ୍** = ସ୍ଥାବରଜଙ୍ଗମ

**ସତ୍ତ୍ୱମ୍** = ପ୍ରାଣୀ

**ସଂଜାୟତେ** = ଉତ୍ପନ୍ନ ହୁଅନ୍ତି,

**ତତ୍** = ସେ ସମସ୍ତଙ୍କୁ (ତୁ)

**କ୍ଷେତ୍ରକ୍ଷେତ୍ରଜ୍ଞ ସଂଯୋଗାତ୍** = କ୍ଷେତ୍ର ଓ କ୍ଷେତ୍ରଜ୍ଞର ମିଳନରୁ ହିଁ ଉତ୍ପନ୍ନ ହୁଅନ୍ତି ବୋଲି

**ବିଦ୍ଧି** = ଜାଣ

ସମମ୍, ସର୍ବେଷୁ, ଭୂତେଷୁ, ତିଷ୍ଠନ୍ତମ୍, ପରମେଶ୍ୱରମ୍,
ବିନଶ୍ୟତ୍ସୁ ଅବିନଶ୍ୟନ୍ତମ୍, ଯଃ, ପଶ୍ୟତି, ସଃ, ପଶ୍ୟତି ॥୨୭॥

**ଏପରି ଜାଣି -**

**ଯଃ** = ଯେଉଁ ପୁରୁଷ

**ବିନଶ୍ୟତ୍ସୁ** = ନଷ୍ଟ ହେଉଥିବା

**ସର୍ବେଷୁ** = ସକଳ

**ଭୂତେଷୁ** = ଚରାଚର ଭୂତମାନଙ୍କଠାରେ

**ପରମେଶ୍ୱରମ୍** = ପରମେଶ୍ୱରଙ୍କୁ

**ଅବିନଶ୍ୟନ୍ତମ୍** = ନାଶ ରହିତ ଏବଂ

**ସମମ୍** = ସମ ଭାବରେ

**ତିଷ୍ଠନ୍ତମ୍** = ଅବସ୍ଥିତ (ଥିବାର)

**ପଶ୍ୟତି** = ଦେଖିଥାଏ,

**ସଃ** = ସେ ହିଁ (ଯଥାର୍ଥ)

**ପଶ୍ୟତି** = ଦେଖିଥାଏ ।

ସମମ୍, ପଶ୍ୟନ୍, ହି, ସର୍ବତ୍ର, ସମବସ୍ଥିତମ୍, ଈଶ୍ୱରମ୍, ନ,
ହିନସ୍ତି, ଆତ୍ମନା, ଆତ୍ମାନମ୍, ତତଃ, ଯାତି, ପରାମ୍, ଗତିମ୍ ॥୨୮ ॥

**ହି** = କାରଣ (ଯେଉଁ ପୁରୁଷ )
**ସର୍ବତ୍ର** = ସମସ୍ତଙ୍କଠାରେ
**ସମବସ୍ଥିତମ୍** = ସମାନ୍‌ଭାବେ ଅବସ୍ଥିତ
**ଈଶ୍ୱରମ୍** = ପରମେଶ୍ୱରଙ୍କୁ
**ସମମ୍** = ସମାନ ରୂପେ
**ପଶ୍ୟନ୍** = ଦେଖି
**ଆତ୍ମନା** = ନିଜଦ୍ୱାରା
**ଆତ୍ମାନମ୍** = ନିଜକୁ
**ନ,ହିନସ୍ତି** = ନଷ୍ଟ କରେ ନାହିଁ
**ତତଃ** = ଏହା ଦ୍ୱାରା (ସେ)
**ପରାମ୍** = ପରମ
**ଗତିମ୍** = ଗତିକୁ
**ଯାତି** = ପ୍ରାପ୍ତ ହୋଇଥାଏ ।

ପ୍ରକୃତ୍ୟା, ଏବ, ଚ, କର୍ମାଣି, କ୍ରିୟମାଣାନି, ସର୍ବଶଃ,
ଯଃ, ପଶ୍ୟତି, ତଥା, ଆତ୍ମାନମ୍, ଅକର୍ତାରମ୍, ସଃ, ପଶ୍ୟତି ॥୨୯ ॥

**ଚ** = ଏବଂ
**ଯଃ** = ଯେଉଁ ପୁରୁଷ
**କର୍ମାଣି** = ସମସ୍ତ କର୍ମକୁ
**ସର୍ବଶଃ** = ସବୁ ପ୍ରକାରେ
**ପ୍ରକୃତ୍ୟା** = ପ୍ରକୃତି ଦ୍ୱାରା
**ଏବ** = ହିଁ
**କ୍ରିୟମାଣାନି** = କରାଯାଉଛି ବୋଲି
**ପଶ୍ୟତି** = ଦେଖନ୍ତି
**ତଥା** = ଓ
**ଆତ୍ମାନମ୍** = ଆତ୍ମାକୁ
**ଅକର୍ତାରମ୍**= ଅକର୍ତା (ବୋଲି)
**ପଶ୍ୟତି** = ଦେଖନ୍ତି,
**ସଃ** = ସେ ହିଁ (ଯଥାର୍ଥ)
**ପଶ୍ୟତି** = ଦେଖନ୍ତି ।

ଯଦା, ଭୂତପୃଥଗ୍‌ଭାବମ୍, ଏକସ୍ଥମ୍, ଅନୁପଶ୍ୟତି,
ତତଃ, ଏବ, ଚ, ବିସ୍ତାରମ୍, ବ୍ରହ୍ମ, ସମ୍ପଦ୍ୟତେ ତଦା ॥ ୩୦ ॥

**ଏବଂ-**

**ଯଦା** = ଯେଉଁ କ୍ଷଣି (ଏହି ପୁରୁଷ )
**ଭୂତପୃଥଗ୍‌ଭାବମ୍** = ଭୂତମାନଙ୍କ ପୃଥକ୍ ପୃଥକ୍ ଭାବକୁ
**ଏକସ୍ଥମ୍** = ଏକ ପରମାତ୍ମାଠାରେ ଅବସ୍ଥିତ ଥିବା
**ଚ** = ତଥା
**ତତଃ** = ସେହି ପରମାତ୍ମାଙ୍କଠାରୁ
**ଏବ** = ହିଁ
**ବିସ୍ତାରମ୍** = ସମସ୍ତ ଭୂତମାନଙ୍କର ବିସ୍ତାର(ହୋଇଛି ବୋଲି)
**ଅନୁପଶ୍ୟତି** = ଦେଖିଥାଏ,
**ତଦା** = ସେହିକ୍ଷଣି ସେ
**ବ୍ରହ୍ମ** = ସଚ୍ଚିଦାନନ୍ଦଘନ ବ୍ରହ୍ମଙ୍କୁ
**ସମ୍ପଦ୍ୟତେ** = ପ୍ରାପ୍ତ ହୋଇଯାଏ ।

ଅନାଦିତ୍ୱାତ୍, ନିର୍ଗୁଣତ୍ୱାତ୍, ପରମାତ୍ମା, ଅୟମ୍, ଅବ୍ୟୟଃ,
ଶରୀରସ୍ଥଃ, ଅପି, କୌନ୍ତେୟ, ନ, କରୋତି, ନ, ଲିପ୍ୟତେ ॥ ୩୧॥

**କୌନ୍ତେୟ** = ହେ ଅର୍ଜୁନ !
**ଅନାଦିତ୍ୱାତ୍** = ଅନାଦି ହୋଇଥିବାରୁ (ଏବଂ)
**ନିର୍ଗୁଣତ୍ୱାତ୍**= ନିର୍ଗୁଣ ହୋଇଥିବାରୁ
**ଅୟମ୍** = ଏହି
**ଅବ୍ୟୟଃ** = ଅବିନାଶୀ
**ପରମାତ୍ମା** = ପରମାତ୍ମା
**ଶରୀରସ୍ଥଃ** = ଶରୀରରେ ରହିଥିଲେ
**ଅପି** = ବି (ବାସ୍ତବରେ)
**ନ** = ନା
**କରୋତି** = କିଛି କରନ୍ତି
**ନ** = ନା (କୌଣସିଥିରେ)
**ଲିପ୍ୟତେ** = ଲିପ୍ତ ହୋଇଥାଆନ୍ତି ।

ଯଥା, ସର୍ବଗତମ୍, ସୌକ୍ଷ୍ମ୍ୟାତ୍, ଆକାଶମ୍, ନ, ଉପଲିପ୍ୟତେ,
ସର୍ବତ୍ର, ଅବସ୍ଥିତଃ, ଦେହେ, ତଥା, ଆତ୍ମା, ନ, ଉପଲିପ୍ୟତେ ॥ ୩୨॥

**ଯଥା** = ଯେପରି
**ସର୍ବଗତମ୍** = ସର୍ବତ୍ର ପରିବ୍ୟାପ୍ତ
**ଆକାଶମ୍** = ଆକାଶ
**ସୌକ୍ଷ୍ମ୍ୟାତ୍** = ସୂକ୍ଷ୍ମ ହୋଇଥିବାରୁ
**ନ,ଉପଲିପ୍ୟତେ** = ଲିପ୍ତ ହୁଏ ନାହିଁ ,
**ତଥା** = ସେହିପରି
**ଦେହେ** = ଦେହରେ
**ସର୍ବତ୍ର** = ସର୍ବତ୍ର
**ଅବସ୍ଥିତଃ** = ଅବସ୍ଥିତ
**ଆତ୍ମା** = { ଆତ୍ମା (ନିର୍ଗୁଣ ହୋଇଥିବାରୁ, ଦେହର ଗୁଣ ମାନଙ୍କ ଦ୍ୱାରା)
**ନ,ଉପଲିପ୍ୟତେ** = ଲିପ୍ତ ହୁଏ ନାହିଁ ।

ଯଥା, ପ୍ରକାଶୟତି, ଏକଃ, କୃତ୍ସ୍ନମ୍, ଲୋକମ୍, ଇମମ୍, ରବିଃ,
କ୍ଷେତ୍ରମ୍, କ୍ଷେତ୍ରୀ, ତଥା, କୃତ୍ସ୍ନମ୍, ପ୍ରକାଶୟତି, ଭାରତ ॥ ୩୩ ॥

**ଭାରତ** = ହେ ଅର୍ଜୁନ
**ଯଥା** = ଯେପରି
**ଏକଃ** = ଗୋଟିଏ
**ରବିଃ** = ସୂର୍ଯ୍ୟ
**ଇମମ୍** = ଏହି
**କୃତ୍ସ୍ନମ୍** = ସମ୍ପୂର୍ଣ୍ଣ
**ଲୋକମ୍** = ବ୍ରହ୍ମାଣ୍ଡକୁ
**ପ୍ରକାଶୟତି** = ଆଲୋକିତ କରିଥାଏ,
**ତଥା** = ସେହିପରି
**କ୍ଷେତ୍ରୀ** = ଏକ ହିଁ ଆତ୍ମା
**କୃତ୍ସ୍ନମ୍** = ସମ୍ପୂର୍ଣ୍ଣ
**କ୍ଷେତ୍ରମ୍** = କ୍ଷେତ୍ରକୁ
**ପ୍ରକାଶୟତି** = ଆଲୋକିତ କରିଥାଏ ।

କ୍ଷେତ୍ରକ୍ଷେତ୍ରଜ୍ଞୟୋଃ, ଏବମ୍, ଅନ୍ତରମ୍, ଜ୍ଞାନଚକ୍ଷୁଷା,
ଭୂତପ୍ରକୃତିମୋକ୍ଷମ୍, ଚ, ଯେ, ବିଦୁଃ, ଯାନ୍ତି, ତେ, ପରମ୍ ॥ ୩୪॥

**ଏବମ୍** = ଏହିପରି ଭାବରେ
**କ୍ଷେତ୍ରକ୍ଷେତ୍ରଜ୍ଞୟୋଃ** = କ୍ଷେତ୍ର ଓ କ୍ଷେତ୍ରଜ୍ଞର
ଅନ୍ତରମ୍ = ପ୍ରଭେଦକୁ*
ଚ = ତଥା
**ଭୂତପ୍ରକୃତିମୋକ୍ଷମ୍** = କାର୍ଯ୍ୟସମେତ ପ୍ରକୃତିରୁ ମୁକ୍ତ ହେବାର (ପ୍ରଣାଳୀକୁ)

**ଯେ** = ଯୋଉ ପୁରୁଷ
**ଜ୍ଞାନଚକ୍ଷୁଷ** = ଜ୍ଞାନନେତ୍ର ଦ୍ୱାରା
**ବିଦୁଃ** = ତତ୍ତ୍ୱତଃ ଜାଣି ପାରନ୍ତି,
**ତେ** = ସେହି ମହାତ୍ମାଗଣ
**ପରମ୍** = ପରମବ୍ରହ୍ମ ପରମାତ୍ମାଙ୍କୁ
**ଯାନ୍ତି** = ପ୍ରାପ୍ତ ହୁଅନ୍ତି ।

ଶ୍ରୀମଭଗବତ୍‌ଗୀତା ଅଧ୍ୟାୟ ୧୪ର କିଛି ଶ୍ଳୋକର ଫୋଟୋକପୀ:-

# ଅଥ ଚତୁର୍ଦଶୋଽଧ୍ୟାୟଃ

*ଶ୍ରୀଭଗବାନୁବାଚ*

ପରମ୍, ଭୂୟଃ, ପ୍ରବକ୍ଷ୍ୟାମି, ଜ୍ଞାନାନାମ୍, ଜ୍ଞାନମ୍, ଉତ୍ତମମ୍,
ଯତ୍, ଜ୍ଞାତ୍ୱା, ମୁନୟଃ, ସର୍ବେ, ପରାମ୍, ସିଦ୍ଧିମ୍, ଇତଃ, ଗତାଃ ॥୧॥

**ତା'ପରେ ଶ୍ରୀ ଭଗବାନ କହିଲେ, ଅର୍ଜୁନ !-**

**ଜ୍ଞାନାନାମ୍** = ଜ୍ଞାନମାନଙ୍କ ମଧ୍ୟରେ ବି
**ଉତ୍ତମମ୍(ତତ୍)** = ଅତି ଉତ୍ତମ ସେହି
**ପରମ୍** = ଶ୍ରେଷ୍ଠ
**ଜ୍ଞାନମ୍** = ଜ୍ଞାନକୁ (ମୁଁ ତୋତେ)
**ଭୂୟଃ** = ପୁନର୍ବାର
**ପ୍ରବକ୍ଷ୍ୟାମି** = କହିବି,
**ଯତ୍** = ଯାହା
**ଜ୍ଞାତ୍ୱା** = ଜାଣି

**ସର୍ବେ** = ସମସ୍ତ
**ମୁନୟଃ** = ମୁନି ଜନ
**ଇତଃ** = ଏହି ସଂସାରରୁ (ମୁକ୍ତ ହୋଇ)
**ପରାମ୍** = ପରମ
**ସିଦ୍ଧିମ୍** = ସିଦ୍ଧିକୁ
**ଗତାଃ** = ପ୍ରାପ୍ତ ହୋଇ ଯାଇଛନ୍ତି ।

ଇଦମ୍, ଜ୍ଞାନମ୍, ଉପାଶ୍ରିତ୍ୟ, ମମ, ସାଧର୍ମ୍ୟମ୍, ଆଗତାଃ,
ସର୍ଗେ, ଅପି, ନ, ଉପଜାୟନ୍ତେ, ପ୍ରଳୟେ, ନ, ବ୍ୟଥନ୍ତି, ଚ ॥୨॥

**ହେ ଅର୍ଜ୍ଜୁନ !-**

**ଇଦମ୍** = ଏହି
**ଜ୍ଞାନମ୍** = ଜ୍ଞାନକୁ
**ଉପାଶ୍ରିତ୍ୟ** = ଆଶ୍ରୟ କରି ଅର୍ଥାତ୍ ଧାରଣ କରି
**ମମ** = ମୋର
**ସାଧର୍ମ୍ୟମ୍** = ସ୍ୱରୂପକୁ
ଆଗତାଃ = ପ୍ରାପ୍ତ ହୋଇଥିବା ପୁରୁଷ ମାନେ
ସର୍ଗେ = ସୃଷ୍ଟିର ଆରମ୍ଭରେ ପୁନର୍ବାର
ନଉପଜାୟନ୍ତେ = ଉତ୍ପନ୍ନ ହୁଅନ୍ତି ନାହିଁ
ଚ = ତଥା
ପ୍ରଳୟେ = ପ୍ରଳୟକାଳରେ
ଅପି = ମଧ୍ଯ
ନ,ବ୍ୟଥନ୍ତି = ବ୍ୟାକୁଳ ହୁଅନ୍ତି ନାହିଁ ।

ମମ, ଯୋନିଃ, ମହତ୍, ବ୍ରହ୍ମ, ତସ୍ମିନ୍, ଗର୍ଭମ୍, ଦଧାମି,
ଅହମ୍, ସମ୍ଭବଃ, ସର୍ବଭୂତାନାମ୍, ତତଃ, ଭବତି, ଭାରତ ॥ ୩ ॥

**ଭାରତ** = ହେ ଅର୍ଜୁନ !
**ମମ** = ମୋର
**ମହତ୍, ବ୍ରହ୍ମ** = ମହତ୍-ବ୍ରହ୍ମରୂପକ ମୂଳ ପ୍ରକୃତି (ସକଳ ଭୂତମାନଙ୍କର)
**ଯୋନିଃ** = ଯୋନି ଅଟେ ଅର୍ଥାତ୍ ଗର୍ଭଧାରଣର ସ୍ଥାନ ଅଟେ ଏବଂ
**ଅହମ୍** = ମୁଁ
**ତସ୍ମିନ୍** = ସେହି ଯୋନିରେ
**ଗର୍ଭମ୍** = ଚେତନ ସମୁଦାୟ ରୂପକ ଗର୍ଭକୁ
**ଦଧାମି** = ସ୍ଥାପନ କରିଥାଏ ।
**ତତଃ** = ସେହି ଜଡ଼-ଚେତନର ସଂଯୋଗରୁ
**ସର୍ବଭୂତାନାମ୍** = ସମସ୍ତ ଭୂତମାନଙ୍କର
**ସମ୍ଭବଃ** = ଉତ୍ପତ୍ତି
**ଭବତି** = ହୋଇଥାଏ ।

ସର୍ବଯୋନିଷୁ, କୌନ୍ତେୟ, ମୂର୍ତ୍ତୟଃ, ସମ୍ଭବନ୍ତି, ଯାଃ,
ତାସାମ୍, ବ୍ରହ୍ମ, ମହତ୍, ଯୋନିଃ, ଅହମ୍, ବୀଜପ୍ରଦଃ, ପିତା ॥୪॥

**ତଥା-**

**କୌନ୍ତେୟ** = ହେ ଅର୍ଜୁନ !

**ସର୍ବଯୋନିଷୁ** = { ନାନା ପ୍ରକାରର ଯୋନିରେ

**ଯାଃ** = ଯେତେସବୁ

**ମୂର୍ତୟଃ** = { ମୂର୍ତ୍ତିଗୁଡ଼ିକ ଅର୍ଥାତ୍ ଶରୀର ଧାରୀ ପ୍ରାଣୀ

**ସମ୍ଭବନ୍ତି** = ଉତ୍ପନ୍ନ ହୁଅନ୍ତି,

**ମହତ୍, ବ୍ରହ୍ମ**= ପ୍ରକୃତି (ତ)

**ତାସାତ୍** = ସେ ସମସ୍ତଙ୍କର

**ଯୋନିଃ** = { ଗର୍ଭଧାରଣୀ ମାତା ଅଟେ(ଏବଂ)

**ଅହମ୍** = ମୁଁ

**ବୀଜପ୍ରଦଃ** = { ବୀଜ ସ୍ଥାପନ କରୁଥିବା

**ପିତା** = ପିତା ଅଟେ ।

ସତ୍ତ୍ୱମ୍, ରଜଃ, ତମଃ, ଇତି, ଗୁଣାଃ, ପ୍ରକୃତିସମ୍ଭବାଃ, ନିବଧ୍ନନ୍ତି, ମହାବାହୋ, ଦେହେ, ଦେହିନମ୍, ଅବ୍ୟୟମ୍ ॥୫॥

**ତଥା-**

**ମହାବାହୋ** = ହେ ଅର୍ଜୁନ !

**ସତ୍ତ୍ୱମ୍** = ସତ୍ତ୍ୱଗୁଣ,

**ରଜଃ** = ରଜୋଗୁଣ ଏବଂ

**ତମଃ** = ତମୋଗୁଣ -

**ଇତି** = ଏହି

**ପ୍ରକୃତିସମ୍ଭବାଃ** = ପ୍ରକୃତିରୁ ଉତ୍ପନ୍ନ

**ଗୁଣାଃ** = ତିନି ଗୁଣ

**ଅବ୍ୟୟମ୍** = ଅବିନାଶୀ

**ଦେହିନମ୍** = ଜୀବାତ୍ମାକୁ

**ଦେହେ** = ଶରୀରରେ

**ନିବଧ୍ନନ୍ତି** = ବାନ୍ଧିରଖନ୍ତି ।

ନ, ଅନ୍ୟମ୍, ଗୁଣେଭ୍ୟଃ, କର୍ତ୍ତାରମ୍, ଯଦା, ଦ୍ରଷ୍ଟା, ଅନୁପଶ୍ୟତି, ଗୁଣେଭ୍ୟଃ, ଚ, ପରମ୍, ବେତ୍ତି, ମଭାବମ୍, ସଃ, ଅଧିଗଚ୍ଛତି ॥୧୯॥

**ଏବଂ ହେ ଅର୍ଜୁନ !-**

**ଯଦା** = ଯେତେବେଳେ ୨

**ଦ୍ରଷ୍ଟା** = ଦ୍ରଷ୍ଟା*

**ଗୁଣେଭ୍ୟଃ** = ତିନିଗୁଣ ବ୍ୟତୀତ

**ଅନ୍ୟମ୍** = ଅନ୍ୟ କାହାକୁ

**କର୍ତାରମ୍** = କର୍ତ୍ତା ବୋଲି

**ନ** = ନ

**ଅନୁପଶ୍ୟତି** = ଦେଖେ

**ଚ** = ଏବଂ

**ଗୁଣେଭ୍ୟଃ** = ତିନିଗୁଣଠାରୁ

**ପରମ୍** = ସର୍ବଥା ସ୍ୱତନ୍ତ୍ର ହୋଇ ରହିଥିବା ସଚ୍ଚିଦାନନ୍ଦଘନ ସ୍ୱରୂପ ମୋତେ ଅର୍ଥାତ୍ ପରମାତ୍ମାଙ୍କୁ

**ବେତ୍ତି** = ତତ୍ତ୍ୱତ ଜାଣିଥାଏ, (ସେତେବେଳେ)

**ସଃ** = ସେ

**ମଦ୍ଭାବମ୍** = ମୋର ସ୍ୱରୂପକୁ

ଅଧିଗଚ୍ଛତି = ପ୍ରାପ୍ତ ହୁଅନ୍ତି

ଗୁଣାନ୍, ଏତାନ୍, ଅତୀତ୍ୟ, ତ୍ରୀନ୍, ଦେହୀ, ଦେହସମୁଦ୍ଭବାନ୍,
ଜନ୍ମମୃତ୍ୟୁଜରାଦୁଃଖୈଃ, ବିମୁକ୍ତଃ, ଅମୃତମ୍, ଅଶ୍ନୁତେ ॥୨୦॥

**ତଥା ଏହି -**

**ଦେହି** = ପୁରୁଷ

**ଦେହସମୁଦ୍ଭବାନ୍** = ଶରୀର* ଉତ୍ପତ୍ତିର କାରଣ ରୂପ

**ଏତାନ୍** = ଏହି

**ତ୍ରୀନ୍** = ତିନି

**ଗୁଣାନ୍** = ଗୁଣକୁ

**ଅତୀତ୍ୟ** = ଅତିକ୍ରମ କରି

**ଜନ୍ମମୃତ୍ୟୁଜରା ଦୁଃଖୈଃ** = ଜନ୍ମ, ମୃତ୍ୟୁ, ବୃଦ୍ଧାବସ୍ଥା ଏବଂ ସବୁ ପ୍ରକାରର ଦୁଃଖରୁ

**ବିମୁକ୍ତଃ** = ମୁକ୍ତ ହୋଇ

**ଅମୃତମ୍** = ପରମାନନ୍ଦକୁ

**ଅଶ୍ନୁତେ** = ପ୍ରାପ୍ତ ହୋଇଥାଏ ।

ସମଦୁଃଖସୁଖଃ, ସ୍ୱସ୍ଥଃ, ସମଲୋଷ୍ଟାଶ୍ମକାଞ୍ଚନଃ,
ତୁଲ୍ୟପ୍ରିୟାପ୍ରିୟଃ, ଧୀରଃ, ତୁଲ୍ୟନିନ୍ଦାତ୍ମସଂସ୍ତୁତିଃ //୨୪//

**ଏବଂ-**

**ସ୍ୱସ୍ଥଃ** = ଯିଏ ନିରନ୍ତର ଆତ୍ମ ଭାବରେ ସ୍ଥିତ,

**ସମଦୁଃଖସୁଖଃ** = ଦୁଃଖ-ସୁଖକୁ ସମାନ ବୋଲି ବୁଝିଥାଏ,

**ସମଲୋଷ୍ଟା ଶ୍ମକାଞ୍ଚନଃ** = ମାଟି,ପଥର ଓ ସୁନା ପ୍ରତି ସମାନ ଭାବ ରଖିଥିବା,(ସେହି)

**ଧୀରଃ** = ଜ୍ଞାନୀ;

**ତୁଲ୍ୟପ୍ରିୟାପ୍ରିୟଃ** = ପ୍ରିୟ ଏବଂ ଅପ୍ରିୟକୁ ଏକା ଭଳି ମଣେ ଏବଂ

**ତୁଲ୍ୟନିନ୍ଦାତ୍ମସଂସ୍ତୁତିଃ** = ନିଜର ନିନ୍ଦା ଓ ସ୍ତୁତିରେ ମଧ୍ୟ ସମାନ ବୋଲି ବୁଝେ

ମାମ୍, ଚ, ଯଃ, ଅବ୍ୟଭିଚାରେଣ, ଭକ୍ତିଯୋଗେନ, ସେବତେ,
ସଃ, ଗୁଣାନ୍, ସମତୀତ୍ୟ, ଏତାନ୍, ବ୍ରହ୍ମଭୂୟାୟ, କଳ୍ପତେ ॥୨୬ ॥

**ଚ** = ଏବଂ
**ଯଃ** = ଯୋଉ ପୁରୁଷ
**ଅବ୍ୟଭିଚାରେଣ** = ଅବ୍ୟଭିଚାରୀ
**ଭକ୍ତିଯୋଗେନ** = ଭକ୍ତିଯୋଗଦ୍ୱାରା
**ମାମ୍** = ମୋତେ (ନିରନ୍ତର)
**ସେବତେ** = ଭଜନ କରେ
**ସଃ** = ସେ (ମଧ୍ଯ)
**ଏତାନ୍** = ଏହି
**ଗୁଣାନ୍** = ତିନି ଗୁଣକୁ
**ସମତୀତ୍ୟ** = ଭଲ ଭାବେ ଲଙ୍ଘନ କରି
**ବ୍ରହ୍ମଭୂୟାୟ** = { ସଚ୍ଚିଦାନନ୍ଦଘନ ବ୍ରହ୍ମଙ୍କୁ ପାଇବା ପାଇଁ
**କଳ୍ପତେ** = ଯୋଗ୍ୟ ହୋଇଯାଏ ।

ବ୍ରହ୍ମଣଃ, ହି, ପ୍ରତିଷ୍ଠା, ଅହମ୍, ଅମୃତସ୍ୟ, ଅବ୍ୟୟସ୍ୟ, ଚ,
ଶାଶ୍ୱତସ୍ୟ, ଚ, ଧର୍ମସ୍ୟ, ସୁଖସ୍ୟ, ଏକାନ୍ତିକସ୍ୟ, ଚ, ॥୨୭॥

**ହେ ଅର୍ଜୁନ- !**

**ହି** = କାରଣ (ସେହି)
**ଅବ୍ୟୟସ୍ୟ** = ଅବିନାଶୀ
**ବ୍ରହ୍ମଣଃ** = ପରବ୍ରହ୍ମଙ୍କର
**ଚ** = ଏବଂ
**ଅମୃତସ୍ୟ** = ଅମୃତର
**ଚ** = ତଥା
**ଶାଶ୍ୱତସ୍ୟ** = ନିତ୍ୟ
**ଧର୍ମସ୍ୟ** = ଧର୍ମର
**ଚ** = ଏବଂ
**ଏକାନ୍ତିକସ୍ୟ** = ଅଖଣ୍ଡ ଏକରସ
**ସୁଖସ୍ୟ** = ଆନନ୍ଦର
**ପ୍ରତିଷ୍ଠା** = ଆଶ୍ରୟ
**ଅହମ୍** = ମୁଁ (ଅଟେ)

**ଶ୍ରୀମଭଗବତ୍‌ଗୀତା ଅଧ୍ୟାୟ ୧୫ର କିଛି ଶ୍ଳୋକର ଫୋଟୋକପୀ:-**

# ଅଥ ପଞ୍ଚଦଶୋଽଧ୍ୟାୟଃ

***ଶ୍ରୀଭଗବାନୁବାଚ***

ଉର୍ଦ୍ଧ୍ୱମୂଳମ୍, ଅଧଃଶାଖମ୍, ଅଶ୍ୱତ୍ଥମ୍, ପ୍ରାହୁଃ, ଅବ୍ୟୟମ୍, ଛନ୍ଦାଂସି,
ଯସ୍ୟ, ପର୍ଣ୍ଣାନି, ଯଃ, ତମ୍, ବେଦ, ସଃ, ବେଦବିତ୍ ॥୧॥

**ତା'ପରେ ଶ୍ରୀଭଗବାନ୍ ପୁଣି କହିଲେ, ହେ ଅର୍ଜୁନ !-**

**ଉର୍ଦ୍ଧ୍ୱମୂଳମୟ** = ଆଦି ପୁରୁଷ ପରମେଶ୍ୱର ଯାହାର ମୂଳ (ଏବଂ)
**ଅଧଃଶାଖମ୍** = ବ୍ରହ୍ମା ଯାହାର ମୁଖ୍ୟ ଶାଖା[୨] (ଯେଉଁ)
**ଅଶ୍ୱତଥମ୍** = ସଂସାର ରୂପୀ ଅଶ୍ୱତ୍ଥ ବୃକ୍ଷକୁ
**ଅବ୍ୟୟମ୍** = ଅବିନାଶୀ[୧]
**ପ୍ରାହୁଃ** = କହନ୍ତି; (ତଥା)
**ଛନ୍ଦାଂସି** = ବେଦକୁ[୨]

**ଯସ୍ୟ** = ଯାହାର
**ପର୍ଣ୍ଣାନି** = ପତ୍ର(ବୋଲି କୁହାଯାଇଛି-)
**ତମ୍** = ସେହି ସଂସାର ରୂପୀ ବୃକ୍ଷକୁ
**ଯଃ** = ଯେଉଁପୁରୁଷ(ମୂଳସହିତ)
**ବେଦ** = ତତ୍ତ୍ୱତ ଜାଣିଥାନ୍ତି,
**ସଃ** = ସେ
**ବେଦବିତ୍** = ବେଦର ତାତ୍ପର୍ଯ୍ୟକୁ ଜାଣନ୍ତି ।

ଅଧଃ, ଚ, ଊର୍ଦ୍ଧ୍ୱମ୍, ପ୍ରସୃତାଃ, ତସ୍ୟ, ଶାଖାଃ, ଗୁଣପ୍ରବୃଦ୍ଧାଃ, ବିଷୟପ୍ରବାଳାଃ,
ଅଧଃ, ଚ, ମୂଳାନି, ଅନୁସନ୍ତତାନି, କର୍ମାନୁବନ୍ଧୀନି, ମନୁଷ୍ୟଲୋକେ ॥୨॥

**ଏବଂ ହେ ଅର୍ଜୁନ !-**

**ତସ୍ୟ** = ସେହି ସଂସାର ବୃକ୍ଷର ତିନିଗୁଣ ରୂପି ଜଳ ଦ୍ୱାରା
**ଗୁଣପ୍ରବୃଦ୍ଧାଃ** = ବୃଦ୍ଧିପ୍ରାପ୍ତ ହୋଇଥିବା (ଏବଂ)
**ବିଷୟପ୍ରବାଳାଃ** = ବିଷୟ ଭୋଗରୂପୀ କୋମଳ ପତ୍ରଥିବା
**ଶାଖାଃ** = ଦେବ, ମନୁଷ୍ୟ ଓ ତିର୍ଯ୍ୟକ୍ ଆଦି ଯୋନିରୂପୀ ଶାଖାମାନ

**ଅଧଃ** = ତଳ
**ଚ** = ଏବଂ
**ଉର୍ଦ୍ଧ୍ୱମ୍** = ଉପରେ ସବୁଆଡ଼େ
**ପ୍ରସୃତାଃ** = ପ୍ରସାରିତହୋଇଛି(ତଥା)
**ମନୁଷ୍ୟଲୋକେ** = ମନୁଷ୍ୟଲୋକରେ
**କର୍ମାନୁବନ୍ଧୀନି** = କର୍ମ ଅନୁସାରେ ବାନ୍ଧୁଥିବା
**ମୂଳାନି** = ଅହଂତ୍ୱ,ମମତ୍ୱଏବଂ ବାସନା ରୂପୀ ମୂଳ ଗୁଡ଼ିକ

| | | |
|---|---|---|
| **(ଅପି)** | = | ମଧ୍ୟ |
| **ଅଧଃ** | = | ତଳ |
| **ଚ** | = | ଏବଂ |
| **(ଊର୍ଦ୍ଧ୍ୱମ୍)** | = | ଉପର (ଆଦି) |
| **ଅନୁସନ୍ତତାନି** | = | ସର୍ବଲୋକରେ ବ୍ୟାପ୍ତ ହୋଇଛନ୍ତି । |

ନ, ରୂପମ୍, ଅସ୍ୟ, ଇହ, ତଥା, ଉପଲଭ୍ୟତେ, ନ, ଅନ୍ତଃ, ନ, ଚ, ଆଦିଃ, ନ, ଚ, ସମ୍ପ୍ରତିଷ୍ଠା, ଅଶ୍ୱତ୍ଥମ୍, ଏନମ୍, ସୁବିରଢମୂଳମ୍, ଅସଙ୍ଗଶସ୍ତ୍ରେଣ, ଦୃଢେନ, ଛିତ୍ତ୍ୱା ॥ ୩ ॥

**ପରନ୍ତୁ-**

| | | |
|---|---|---|
| **ଅସ୍ୟ** | = | ଏହି ସଂସାର ବୃକ୍ଷର |
| **ରୂପମ** | = | ସ୍ୱରୂପ ଯେପରି କୁହାଯାଇଛି |
| **ଇହ** | = | ଏଠାରେ (ବିଚାର କାଳରେ) |
| **ତଥା** | = | ସେପରି |
| **ଉପଲଭ୍ୟତେ** | = | ଦେଖିବାକୁ ମିଳେ |
| **ନ** | = | ନାହିଁ |
| **(ଯତଃ)** | = | କାରଣ - |
| **ନ** | = | ନା (ଏହାର) |
| **ଆଦିଃ** | = | ଆଦି ଅଛି |
| **ଚ** | = | ଏବଂ |
| **ନ** | = | ନା |
| **ନ** | = | ନା (ଏହାର) |
| **ସମ୍ପ୍ରତିଷ୍ଠା** | = | ଭଲରୂପେ ସ୍ଥିତି ହିଁ ନାହିଁ |
| **ଅତଃ** | = | ତେଣୁ |
| **ଏନମ୍** | = | ଏହି |
| **ସୁବିରଢମୂଳମ** | = | ଅହଂତ୍ୱ,ମମତ୍ୱ ଏବଂ ବାସନାରୂପୀ ଅତିଦୃଢମୂଳ ବିଶିଷ୍ଟ |
| **ଅଶ୍ୱତଥମ** | = | ସଂସାରରୂପୀ ଅଶ୍ୱତଥ୍‌ବୃକ୍ଷକୁ |
| **ଦୃଢେନ** | = | ଦୃଢ |
| **ଅସଙ୍ଗଶ୍ରସ୍ତ୍ରେଣ** | = | ବୈରାଗରୂପକ ଶସ୍ତ୍ର ଦ୍ୱାରା |
| **ଛିତ୍ତ୍ୱା** | = | ଛେଦନ କରି |

ତତଃ, ପଦମ୍, ତତ୍, ପରିମାର୍ଗିତବ୍ୟମ୍, ଯସ୍ମିନ୍, ଗତାଃ, ନ, ନିବର୍ତ୍ତନ୍ତି, ଭୂୟଃ, ତମ୍, ଏବ୍, ଚ, ଆଦ୍ୟମ୍, ପୁରୁଷମ୍, ପ୍ରପଦ୍ୟେ, ଯତଃ, ପ୍ରବୃତ୍ତିଃ, ପ୍ରସୃତା, ପୁରାଣୀ ॥୪॥

| | | |
|---|---|---|
| **ତତଃ** | = | ତା'ପରେ |
| **ତତ୍** | = | ସେହି |
| **ପଦମ୍** | = | ପରମପଦ ରୂପକ ପରମେଶ୍ୱରଙ୍କୁ |
| **ପରିମାର୍ଗିତବ୍ୟମ୍** | = | ଭଲ ଭାବରେ ଖୋଜିବା ଉଚିତ୍, |
| **ଯସ୍ମିନ୍** | = | ଯେଉଁଠିକୁ |
| **ଗତାଃ** | = | ଯାଇଥିବା ପୁରୁଷ |

**ଭୂୟଃ** = ପୁଣି
**ନ,ନିବର୍ତନ୍ତି** = ସଂସାରକୁ ଫେରି ଆସନ୍ତି ନାହିଁ
**ଚ** = ଏବଂ
**ଯତଃ** = ଯେଉଁ ପରମେଶ୍ୱରଙ୍କ ଠାରୁ (ଏହି)
**ପୁରାଣୀ** = ପୁରାତନ
**ପ୍ରବୃତ୍ତଃ** = ସଂସାର ବୃକ୍ଷର ପ୍ରବୃତ୍ତିଃ
**ପ୍ରସୃତା** = ବିସ୍ତାରିତ ହୋଇଛି (ମୁଁ)
**ତମ୍,ଏବ** = ସେହି
**ଆଦ୍ୟମ୍, ପୁରୁଷମ୍** = ଆଦିପୁରୁଷ ନାରାୟଣଙ୍କ
**ପ୍ରପଦ୍ୟେ** = ଶରଣ ନେଉଛି-ବୋଲି (ଏହା ଦୃଢନିଶ୍ଚୟ କରି ସେହି ପରମେଶ୍ୱରଙ୍କ ମନନ ଓ ନିଦିଧ୍ୟାସନ କରିବା ଉଚିତ୍) ।

ନିର୍ମାନମୋହାଃ, ଜିତସଙ୍ଗଦୋଷାଃ, ଅଧ୍ୟାତ୍ମନିତ୍ୟାଃ,
ବିନିବୃତ୍ତକାମାଃ, ଦ୍ୱନ୍ଦ୍ୱୈଃ, ବିମୁକ୍ତାଃ, ସୁଖଦୁଃଖସଞ୍ଜ୍ଞୈଃ, ଗଚ୍ଛନ୍ତି,
ଅମୂଢାଃ, ପଦମ୍, ଅବ୍ୟୟମ୍, ତତ୍ ॥୫॥

**ନିର୍ମାନମୋହାଃ** = **ଯେଉଁମାନଙ୍କର ମାନ ଓ ମୋହ ନଷ୍ଟ ହୋଇଯାଇଛି**
ଜିତସଙ୍ଗଦୋଷାଃ = **ଯୋଉଁମାନେ ଆସକ୍ତି ରୂପକ ଦୋଷକୁ ଜିତି ନେଇଛନ୍ତି,**
ଅଧ୍ୟାତ୍ମନିତ୍ୟାଃ = **ଯେଉଁମାନେ ପରମାତ୍ମାଙ୍କସ୍ୱରୂପରେ ନିତ୍ୟ ସ୍ଥିତ(ଓ)**
ବିନିବୃତ୍ତକାମାଃ = **ଯେଉଁମାନଙ୍କର କାମନା ସମ୍ପର୍ଣ୍ଣ ରୂପେ ନଷ୍ଟ ହୋଇଯାଇଛି;**
**ସୁଖଦୁଃଖସଞ୍ଜ୍ଞୈଃ** = ସୁଖ-ଦୁଃଖ ନାମକ
**ଦ୍ୱନ୍ଦ୍ୱୈଃ** = ଦ୍ୱନ୍ଦମାନଙ୍କରୁ
**ବିମୁକ୍ତାଃ** = ବିମୁକ୍ତ (ସେହି)
**ଅମୂଢାଃ** = ଜ୍ଞାନୀମାନେ
**ତତ୍** = ସେହି
**ଅବ୍ୟୟମ୍** = ଅବିନାଶୀ
**ପଦମ୍** = ପରମ ପଦକୁ
**ଗଚ୍ଛନ୍ତି** = ପ୍ରାପ୍ତ ହୁଅନ୍ତି ।

ନ, ତତ୍, ଭାସୟତେ, ସୂର୍ଯ୍ୟଃ, ନ, ଶଶାଙ୍କଃ, ନ, ପାବକଃ,
ଯତ୍, ଗତ୍ୱା, ନ, ନିବର୍ତ୍ତନ୍ତେ, ତତ୍, ଧାମ, ପରମମ୍, ମମ ॥ ୬ ॥

**ଏବଂ**

| | | | |
|---|---|---|---|
| **ଯତ୍** | = ଯେଉଁ ପରମପଦକୁ | **ଭାସୟତେ** | = ପ୍ରକାଶିତକରିପାରେ |
| **ଗତ୍ୱା** | = ପ୍ରାପ୍ତ ହୋଇ (ମଣିଷ) | **ନା** | = ନା |
| | | **ଶଶାଙ୍କଃ** | = ଚନ୍ଦ୍ର |
| **ନ, ନିବର୍ତନ୍ତେ** | = ସଂସାରକୁ ଫେରି ଆସନ୍ତି ନାହିଁ | **ନ** | = ନା |
| | | **ପାବକଃ** | = ଅଗ୍ନି;(କେହିପ୍ରକାଶିତ କରିପାରେ ନାହିଁ) |
| **ତତ୍** | = ସେହି (ସ୍ୱୟଂ ପ୍ରକାଶ ପରମ ପଦକୁ) | **ତତ୍** | = ତାହା |
| **ନ** | = ନା | **ମମ** | = ମୋର |
| **ସୂର୍ଯ୍ୟଃ** | = ସୂର୍ଯ୍ୟ | **ପରମମ୍, ଧାମ** | = ପରମଧାମ ଅଟେ । |

ସର୍ବସ୍ୟ, ଚ, ଅହମ୍, ହୃଦି, ସନ୍ନିବିଷ୍ଟଃ, ମତ୍ତଃ, ସ୍ମୃତିଃ, ଜ୍ଞାନମ୍,
ଅପୋହନମ୍, ଚ, ବେଦୈଃ, ଚ, ସର୍ବୈଃ, ଅହମ୍, ଏବ, ବେଦ୍ୟଃ,
ବେଦାନ୍ତକୃତ୍, ବେଦବିତ୍, ଏବ, ଚ, ଅହମ୍ ॥୧୫॥

| | | | |
|---|---|---|---|
| **ଅହମ୍** | = ମୁଁ (ହିଁ) | **ସର୍ବୈଃ** | = ସବୁ |
| **ସର୍ବସ୍ୟ** | = ସବୁ ପ୍ରାଣୀଙ୍କ | **ବେଦୈଃ** | = ବେଦ ଦ୍ୱାରା (ଏକମାତ୍ର) |
| **ହୃଦି** | = ହୃଦୟରେ | | |
| **ସନ୍ନିବିଷ୍ଟଃ** | = ଅନ୍ତର୍ଯ୍ୟାମୀ ରୂପେ ରହିଛି, | **ଅହମ୍** | = ମୁଁ |
| | | **ଏବ** | = ହିଁ |
| **ଚ** | = ତଥା | **ବେଦ୍ୟଃ** | = ଜାଣିବା ଯୋଗ୍ୟ[୩] ଅଟେ (ତଥା) |
| **ମତଃ** | = ମୋଠାରୁ (ହିଁ) | | |
| **ସ୍ମୃତିଃ** | = ସ୍ମୃତି, | **ବେଦାନ୍ତକୃତ୍** | = ବେଦାନ୍ତ କର୍ତ୍ତା |
| **ଜ୍ଞାନମ୍** | = ଜ୍ଞାନ | **ଚ** | = ଓ |
| **ଚ** | = ଏବଂ | **ବେଦବିତ୍** | = ବେଦଜ୍ଞ (ମଧ୍ୟ) |
| **ଅପୋହନମ୍** | = ଅପୋହନ[୨] (ଜାତ) | | |
| **ଭବତି** | = ହୁଏ | **ଅହମ୍** | = ମୁଁ |
| **ଚ** | = ଏବଂ | **ଏବ** | = ହିଁ (ଅଟେ) |

ଦ୍ୱୌ, ଇମୌ, ପୁରୁଷୌ, ଲୋକେ, କ୍ଷରଃ, ଚ, ଅକ୍ଷରଃ, ଏବ,
ଚ, କ୍ଷରଃ, ସର୍ବାଣି, ଭୂତାନି, କୂଟସ୍ଥଃ, ଅକ୍ଷରଃ, ଉଚ୍ୟତେ ॥୧୬ ॥

**ତଥା ହେ ଅର୍ଜୁନ !-**

| | | | |
|---|---|---|---|
| **ଲୋକେ** | = ଏହି ସଂସାରରେ | **ସର୍ବାଣି** | = ସକଳ |
| **କ୍ଷର** | = ନାଶବାନ୍ | **ଭୂତାନି** | = ଭୂତପ୍ରାଣୀମାନଙ୍କର ଶରୀର (ତ) |
| **ଚ** | = ଏବଂ | **କ୍ଷରଃ** | = ନାଶବାନ୍ |
| **ଅକ୍ଷରଃ** | = ଅବିନାଶୀ | **ଚ** | = ଏବଂ |
| **ଇମୌ** | = ଏପରି | **କୂଟସ୍ଥଃ** | = ଜୀବାତ୍ମା |
| **ଏବ** | = ମଧ୍ୟ | **ଅକ୍ଷରଃ** | = ଅବିନାଶୀ (ବୋଲି) |
| **ଦ୍ୱୌ** | = ଦୁଇ ପ୍ରକାରର* | **ଉଚ୍ୟତେ** | = କୁହାଯାଏ । |
| **ପୁରୁଷୌ** | = ପୁରୁଷ ଅଛନ୍ତି । (ଏମାନଙ୍କ ମଧ୍ୟରୁ ) | | |

ଉତ୍ତମଃ, ପୁରୁଷଃ, ତୁ, ଅନ୍ୟଃ, ପରମାତ୍ମା, ଇତି, ଉଦାହୃତଃ,
ଯଃ,ଲୋକତ୍ରୟମ୍, ଆବିଶ୍ୟ, ବିଭର୍ତ୍ତି, ଅବ୍ୟୟଃ, ଈଶ୍ୱରଃ ॥୧୭ ॥

**ତଥା ଏ ଦୁହିଁଙ୍କ ଠାରୁ -**

| | | | |
|---|---|---|---|
| **ଉତ୍ତମଃ** | = ଉତ୍ତମ | **ବିଭର୍ତି** | = ସମସ୍ତଙ୍କର ଧାରଣ ପୋଷଣ କରନ୍ତି (ଏବଂ) |
| **ପୁରୁଷଃ** | = ପୁରୁଷ | | |
| **ତୁ** | = ତ | **ଅବ୍ୟୟଃ** | = ଅବିନାଶୀ |
| **ଅନ୍ୟଃ** | = ଅନ୍ୟଜଣେ ଅଟନ୍ତି | **ଈଶ୍ୱରଃ** | = ପରମେଶ୍ୱର (ଏବଂ) |
| **ଯଃ** | = ଯିଏ କି | **ପରମାତ୍ମା** | = ପରମାତ୍ମା (ବୋଲି) |
| **ଲୋକତ୍ରୟମ୍** | = ତିନିଲୋକରେ | **ଇତି** | = ଏହିଭଳି |
| **ଆବିଶ୍ୟ** | = ପ୍ରବେଶ କରି | **ଉଦାହୃତ** | = କଥିତ ହୁଅନ୍ତି । |

ଯସ୍ମାତ୍, କ୍ଷରମ୍, ଅତୀତଃ, ଅହମ୍, ଅକ୍ଷରାତ୍, ଅପି, ଚ, ଉତ୍ତମଃ,
ଅତଃ, ଅସ୍ମି, ଲୋକେ, ବେଦେ, ଚ, ପ୍ରଥିତଃ, ପୁରୁଷୋତ୍ତମଃ ॥୧୮ ॥

| | | | |
|---|---|---|---|
| **ଯସ୍ମାତ** | = କାରଣ | **କ୍ଷରମ୍** | = ନାଶବାନ ଜଡ଼ ବର୍ଗ କ୍ଷେତ୍ରଠାରୁ (ତ ସର୍ବଥା) |
| **ଅହମ୍** | = ମୁଁ | | |

| | | | |
|---|---|---|---|
| **ଅତୀତଃ** | = ଅତୀତ ଅଟେ | **ଲୋକେ** | = ଲୋକରେ |
| **ଚ** | = ଏବଂ | **ଚ** | = ଏବଂ |
| **ଅକ୍ଷରାତ୍** | = ଅବିନାଶୀ ଜୀବାତ୍ମାଠାରୁ | **ବେଦେ** | = ବେଦରେ (ମଧ୍ୟ ମୁଁ) |
| **ଅପି** | = ମଧ୍ୟ | **ପୁରୁଷୋତ୍ତମ** | = ପୁରୁଷୋତ୍ତମ ନାମରେ |
| **ଉତ୍ତମଃ** | = ଶ୍ରେଷ୍ଠ ଅଟେ | **ପ୍ରଥିତଃ** | = ପ୍ରସିଦ୍ଧ |
| **ଅତଃ** | = ତେଣୁ | **ଅସ୍ମି** | = ଅଟେ । |

ଯଃ, ମାମ୍, ଏବମ୍, ଅସମ୍ମୂଢଃ, ଜାନାତି, ପୁରୁଷୋତ୍ତମମ୍, ସଃ,
ସର୍ବବିତ୍, ଭଜତି, ମାମ୍, ସର୍ବଭାବେନ, ଭାରତ ॥୧୯॥

| | | | |
|---|---|---|---|
| **ଭାରତ** | = ହେ ଭାରତ ! | **ସଃ** | = ସେହି |
| **ଯଃ** | = ଯେଉଁ | **ସର୍ବବିତ୍** | = ସର୍ବଜ୍ଞ ପୁରୁଷ |
| **ଅସମ୍ମୂଢଃ** | = ଜ୍ଞାନୀପୁରୁଷ | **ସର୍ବଭାବେନ** | = { ସକଳ ଭାବରେ ନିରନ୍ତର |
| **ମାମ୍** | = ମୋତେ | | |
| **ଏବମ୍** | = ଏହିପରି (ତତ୍ତ୍ୱତଃ) | **ମାମ୍** | = { ମୋତେ ଅର୍ଥାତ୍ ବାସୁଦେବ ପରମେଶ୍ୱରଙ୍କୁ ହିଁ |
| **ପୁରୁଷୋତ୍ତମମ୍** | = { ପୁରୁଷୋତ୍ତମ (ବୋଲି) | | |
| **ଜାନାତି** | = ଜାଣିଥାଏ , | **ଭଜତି** | = ଭଜିଥାଏ । |

**ଉପରୋକ୍ତ ରହସ୍ୟଯୁକ୍ତ ବିଷୟକ ଜ୍ଞାନର ମହିମା ।**

ଇତି, ଗୁହ୍ୟତମମ୍, ଶାସ୍ତ୍ରମ୍, ଇଦମ୍, ଉକ୍ତମ୍, ମୟା, ଅନଘ, ଏତତ୍,
ବୁଦ୍ଧ୍ୱା, ବୁଦ୍ଧିମାନ୍, ସ୍ୟାତ୍, କୃତକୃତ୍ୟଃ, ଚ, ଭାରତ ॥ ୨୦ ॥

| | | | |
|---|---|---|---|
| **ଅନଘ** | = ହେ ନିଷ୍ପାପ | **ଉକ୍ତମ୍** | = କୁହାଗଲା |
| **ଭାରତ** | = ଅର୍ଜୁନ ! | **ଏତତ୍** | = ଏହାକୁ |
| **ଇତି** | = ଏହିପରି ଭାବରେ | **ବୁଦ୍ଧ୍ୱା** | = ତତ୍ତ୍ୱତ ଜାଣି ମଣିଷ |
| **ଇଦମ୍** | = ଏହି | **ବୁଦ୍ଧିମାନ୍** | = ଜ୍ଞାନବାନ୍ |
| **ଗୁହ୍ୟତମମ** | = { ଅତି ରହସ୍ୟଯୁକ୍ତ ଗୋପନୀୟ | **ଚ** | = ଏବଂ |
| **ଶାସ୍ତ୍ରମ୍** | = ଶାସ୍ତ୍ର | **କୃତକୃତ୍ୟଃ** | = କୃତାର୍ଥ |
| **ମୟା** | = ମୋଦ୍ୱାରା | **ସ୍ୟାତ୍** | = ହୋଇଯାଏ । |

**ଶ୍ରୀମଭଗବତ୍‌ଗୀତା ଅଧ୍ୟାୟ ୧୬ର ଭିଭିନ୍ନ ଶ୍ଳୋକର ଫୋଟୋକପୀ:-**

## ଅଥ ଷୋଡ଼ଶୋଽଧ୍ୟାୟଃ

ଅଭୟମ୍, ସତ୍ତ୍ୱସଂଶୁଦ୍ଧିଃ, ଜ୍ଞାନଯୋଗବ୍ୟବସ୍ଥିତିଃ, ଦାନମ୍, ଦମଃ, ଚ,
ଯଜ୍ଞଃ, ଚ, ସ୍ୱାଧ୍ୟାୟଃ, ତପଃ, ଆର୍ଜବମ୍ ॥୧॥

**ତା'ପରେ ଶ୍ରୀକୃଷ୍ଣ ଭଗବାନ ପୁଣି କହିଲେ, ହେ ଅର୍ଜୁନ ! ଦୈବୀ ସମ୍ପଦା ଯେଉଁ ପୁରୁଷମାନଙ୍କୁ ପ୍ରାପ୍ତ ଅଟେ ତଥା ଯେଉଁମାନଙ୍କୁ ଆସୁରୀକସମ୍ପଦ ପ୍ରାପ୍ତ ଅଟେ, ସେମାନଙ୍କର ଲକ୍ଷଣ ପୃଥକ-ପୃଥକ କହୁଛି, ସେଥିମଧ୍ୟରୁ -**

**ଅଭୟମ୍** = ଭୟର ସର୍ବଥା ଅଭାବ,

**ସତ୍ତ୍ୱସଂଶୁଦ୍ଧିଃ** = ଅନ୍ତଃକରଣରପୂର୍ଣ୍ଣ ନିର୍ମଳତା,

**ଜ୍ଞାନଯୋଗବ୍ୟବସ୍ଥିତିଃ** = ତତ୍ତ୍ୱଜ୍ଞାନପାଇଁ ଧ୍ୟାନଯୋଗରେ ନିରନ୍ତର ଦୃଢ଼ସ୍ଥିତି[୧]

**ଚ** = ଏବଂ

**ଦାନମ୍** = ସାତ୍ତ୍ୱିକଦାନ,[୨]

**ଦମଃ** = ଇନ୍ଦ୍ରିୟ ମାନଙ୍କରଦମନ,

**ଯଜ୍ଞ** = ଭଗବାନ,ଦେବତା ଓ ଗୁରୁଜନମାନଙ୍କର ପୂଜା ତଥା ତଥା ଅଗ୍ନିହୋତ୍ର ଆଦି ଉତ୍ତମ କର୍ମଗୁଡ଼ିକର ଆଚରଣ (ଏବଂ)

**ସ୍ୱାଧ୍ୟାୟଃ** = ବେଦ-ଶାସ୍ତ୍ରାଦି ପଠନ-ପାଠନ (ତଥା) ଭଗବାନଙ୍କର ନାମ ଓ ଗୁଣଗୁଡ଼ିକର କୀର୍ତ୍ତନ,

**ତପଃ** = ସ୍ୱଧର୍ମ ପାଳନ ପାଇଁ କଷ୍ଟସହନ କରିବା

**ଚ** = ଏବଂ

**ଆର୍ଜବମ୍** = ଶରୀର ତଥା ଇନ୍ଦ୍ରିୟମାନଙ୍କ ସହିତ ଅନ୍ତଃକରଣର ସରଳତା

ଅହିଂସା, ସତ୍ୟମ୍, ଅକ୍ରୋଧଃ, ତ୍ୟାଗଃ, ଶାନ୍ତିଃ, ଅପୈଶୁନମ୍, ଦୟା,
ଭୂତେଷ୍ୱ, ଅଲୋଲୁପ୍ତ୍ୱମ୍, ମାର୍ଦବମ୍, ହ୍ରୀଃ, ଅଚାପଳମ୍ ॥୨॥

**ତଥା-**

ଅହିଂସା = { କାୟମନୋ ବାକ୍ୟରେ କାହାରିକୁ କୌଣସି ପ୍ରକାରର କଷ୍ଟ ନ ଦେବା

ସତ୍ୟମ୍ = { ଯଥାର୍ଥ ଏବଂ ପ୍ରିୟ ବଚନ *,

ଅକ୍ରୋଧଃ = { ନିଜର ଅପକାର କରୁଥିବା ଲୋକ ପ୍ରତି ମଧ କ୍ରୋଧ ନକରିବା

ତ୍ୟାଗଃ = { କର୍ମରେ କର୍ତ୍ତାପଣିଆର ଅଭିମାନ ତ୍ୟାଗ ,

ଶାନ୍ତିଃ = { ଅନ୍ତଃକରଣର ଉପରତି ଅର୍ଥାତ୍ ଚିତ୍ତ ଚଞ୍ଚଳତାର ଅଭାବ,

ଅପୈଶୁନମ୍ = { କାହାରି ମଧ ନିନ୍ଦା ଆଦି ନକରିବା

ଭୂତେଷୁ = ସବୁ ପ୍ରାଣୀଙ୍କ ପ୍ରତି

ଦୟା = ଅହେତୁକ ଦୟା,

ଅଲୋଲୁପ୍ତମ୍ = { ଇନ୍ଦ୍ରିୟ ମାନଙ୍କର ବିଷୟ ମାନଙ୍କ ସହିତ ସଂଯୋଗ ହେଲେ ମଧ ସେଥିପ୍ରତି ଆସକ୍ତି ନହେବା,

ମାର୍ଦବମ୍ = { କୋମଳତା,ଲୋକାଚାର ଓ ଶାସ୍ତ୍ର ବିରୁଦ୍ଧ ଆଚରଣ ପ୍ରତି ଲଜ୍ଜା(ଏବଂ)

ଅଚାପଳମ୍ = ବ୍ୟର୍ଥ ଚେଷ୍ଟାର ଅଭାବ

ତେଜଃ, କ୍ଷମା, ଧୃତିଃ, ଶୌଚମ୍, ଅଦ୍ରୋହଃ, ନାତିମାନିତା,
ଭବନ୍ତି, ସମ୍ପଦମ୍, ଦୈବୀମ୍, ଅଭିଜାତସ୍ୟ, ଭାରତ ॥ ୩ ॥

**ତେଜଃ** = ତେଜ[१]

**କ୍ଷମା** = କ୍ଷମା

**ଧୃତିଃ** = ଧୈର୍ଯ୍ୟ

**ଶୌଚମ୍** = { ବାହ୍ୟଶୁଦ୍ଧି[२] (ଏବଂ) କାହାରି ପ୍ରତି ବି

**ଅଦ୍ରୋହଃ** = ଶତ୍ରୁଭାବ ନରହିବା (ଏବଂ)

**ନୀତିମାନିତା** = { ନିଜଠାରେ ପୂଜ୍ୟତା ଅଭିମାନର ଅଭାବ

**ଭାରତ** = ହେ ଅର୍ଜୁନ !(ଏ ସବୁତ)

**ଦୈବୀମ୍,ସମ୍ପଦମ୍** = ଦୈବୀ ସମ୍ପଦ

**ଅଭିଜାତସ୍ୟ** = { ନେଇ ଜନ୍ମ ହୋଇଥିବା ପୁରୁଷର (ଲକ୍ଷଣ)

**ଭବନ୍ତି** = ଅଟେ ।

ଦମ୍ଭଃ, ଦର୍ପଃ, ଅଭିମାନଃ, ଚ, କ୍ରୋଧଃ, ପାରୁଷ୍ୟମ୍, ଏବ, ଚ,
ଅଜ୍ଞାନମ୍, ଚ, ଅଭିଜାତସ୍ୟ, ପାର୍ଥ, ସମ୍ପଦମ୍,ଆସୁରୀମ୍ ॥୪॥

**ପାର୍ଥ** = ହେ ପାର୍ଥ !

**ଦମ୍ଭଃ** = ଦମ୍ଭ,

ଏବଂ-

**ଦର୍ପ = ଗର୍ବ**

**ଚ = ଏବଂ**

| | | | |
|---|---|---|---|
| **ଅଭିମାନଃ** | = ଅଭିମାନ | **ଅଜ୍ଞାନମ୍** | = ଅଜ୍ଞାନତା |
| **ଚ** | = ଏବଂ | **ଏବ** | = ମଧ୍ୟ (ଏ ସବୁ) |
| **କ୍ରୋଧଃ** | = କ୍ରୋଧ, | **ଆସୁରୀମ୍** | = ଆସୁରୀ |
| **ପାରୁଷ୍ୟମ୍** | = କଠୋରତା | **ସମ୍ପଦମ୍** | = ସମ୍ପଦକୁ |
| **ଚ** | = ଏବଂ | **ଅଭିଜାତସ୍ୟ** | = { ନେଇ ଜନ୍ମ ହୋଇଥିବା ପୁରୁଷର(ଲକ୍ଷଣ ଅଟେ) |

ଦୈବୀ, ସମ୍ପତ୍, ବିମୋକ୍ଷାୟ, ନିବନ୍ଧାୟ, ଆସୁରୀ, ମତା, ମା,
ଶୁଚଃ, ସମ୍ପଦମ୍, ଦୈବୀମ୍, ଅଭିଜାତଃ, ଅସି, ପାଣ୍ଡବ ॥ ୫॥

**ସେହି ଦୁଇ ପ୍ରକାରର ସମ୍ପଦ ମଧ୍ୟରୁ-**

| | | | |
|---|---|---|---|
| **ଦୈବୀ, ସମ୍ପତ୍** | = ଦୈବୀ ସମ୍ପଦ | **ପାଣ୍ଡବ** | = ହେ ଅର୍ଜୁନ !(ତୁ) |
| **ବିମୋକ୍ଷାୟ** | = ମୁକ୍ତିପାଇଁ(ଏବଂ) | **ମା, ଶୁଚଃ** | = ଆଦୌ ଦୁଃଖକରନା |
| **ଆସୁରୀ** | = ଆସୁରୀ ସମ୍ପଦ | **ଯତଃ** | = କାହିଁକିନା (ତୁ) |
| **ନିବନ୍ଧାୟ** | = { ବନ୍ଧନ କାରକ (ବୋଲି) | **ଦୈବୀମ୍, ସମ୍ପଦମ୍** | = ଦୈବୀ ସମ୍ପଦକୁ |
| **ମତା** | = ସ୍ୱୀକାର କରାଯାଇଛି | **ଅଭିଜାତଃ** | = ନେଇ ଜନ୍ମହୋଇ |
| **(ଅତଃ)** | = ଏଣୁ | **ଅସି** | = ଅଛୁ |

ଦ୍ୱୌ, ଭୂତସର୍ଗୌ, ଲୋକେ, ଅସ୍ମିନ୍, ଦୈବଃ, ଆସୁରଃ, ଏବ, ଚ,
ଦୈବଃ, ବିସ୍ତରଶଃ, ପ୍ରୋକ୍ତଃ, ଆସୁରମ୍, ପାର୍ଥ, ମେ, ଶୃଣୁ ॥ ୬ ॥

**ଏବଂ -**

| | | | |
|---|---|---|---|
| **ପାର୍ଥ** | = ହେ ଅର୍ଜୁନ ! | | |
| **ଅସ୍ମିନ୍** | = ଏହି | **ଦୈବଃ** | = ଦୈବୀ ପ୍ରକୃତିର |
| **ଲୋକେ** | = ଲୋକରେ | **ଚ** | = ଏବଂ (ଅନ୍ୟଟି) |
| **ଭୂତସର୍ଗୌ** | = { ଭୂତମାନଙ୍କର ସୃଷ୍ଟି ଅର୍ଥାତ୍ ମନୁଷ୍ୟ ସମୁଦାୟ | **ଆସୁରଃ** | = { ଆସୁରୀ-ପ୍ରକୃତିର (ସେ ଦୁହିଁଙ୍କ ମଧ୍ୟରୁ) |
| **ଦ୍ୱୌ ଏବ** | = { ଦୁଇ ପ୍ରକାରର ହିଁ ଅଟେ (ଗୋଟିଏ ତ) | **ଦୈବଃ** | = { ଦୈବୀ-ପ୍ରକୃତି ବିଷୟରେ ତ |

**ବିସ୍ତରଶଃ** = ବିସ୍ତୃତ ଭାବରେ
**ପ୍ରୋକ୍ତଃ** = କୁହାଗଲା,ଏବେ ତୁ
**ଆସୁରମ୍** = ଆସୁରୀ ପ୍ରକୃତିର ମନୁଷ୍ୟ ସମୁଦାୟ ବିଷୟରେ ମଧ୍ୟ ବିସ୍ତୃତ ଭାବରେ
**ମେ** = ମୋଠାରୁ
**ଶୃଣୁ** = ଶୁଣ ।

ପ୍ରବୃତ୍ତିମ୍, ଚ, ନିବୃତ୍ତିମ୍, ଚ, ଜନାଃ, ନ, ବିଦୁଃ, ଆସୁରାଃ, ନ, ଶୌଚମ୍,
ନ, ଅପି, ଚ, ଆଚାରଃ, ନ, ସତ୍ୟମ୍, ତେଷୁ, ବିଦ୍ୟତେ ॥ ୭ ସା॥

**ଆସୁରାଃ** = ଅସୁର ସ୍ୱଭାବର
**ଜନାଃ** = ମନୁଷ୍ୟମାନେ
**ପ୍ରବୃତ୍ତିମ୍** = ପ୍ରବୃତ୍ତି
**ଚ** = ଏବଂ
**ନିବୃତ୍ତିମ୍** = ନିବୃତ୍ତି- (ଏହି ଦୁଇଟିକୁ)
**ଚ** = ମଧ୍ୟ
**ନ,ବିଦୁଃ** = ଜାଣି ନାହାଁନ୍ତି(ତେଣୁ)
**ତେଷୁ** = ସେମାନଙ୍କଠାରେ
**ନ** = ନା
**ଶୌଚମ** = ବାହ୍ୟ-ଅନ୍ତ ଶୁଦ୍ଧି ଅଛି
**ନ** = ନା
**ଆଚାରଃ** = ଶ୍ରେଷ୍ଠ ଆଚରଣ ଅଛି
**ଚ** = ଏବଂ
**ନ** = ନା
**ସତ୍ୟମ୍** = ସତ୍ୟଭାଷଣ
**ଅପି** = ହିଁ
**ବିଦ୍ୟତେ** = ଅଛି ।

ଅସତ୍ୟମ୍, ଅପ୍ରତିଷ୍ଠମ୍, ତେ, ଜଗତ୍, ଆହୁଃ, ଅନୀଶ୍ୱରମ୍,
ଅପରସ୍ପରସମ୍ଭୂତମ୍, କିମ୍, ଅନ୍ୟତ୍, କାମହୈତୁକମ୍ ॥ ୮ ॥

**ତେ** = ସେହି ଆସୁରୀ ପ୍ରକୃତିର ମଣିଷ ମାନେ
**ଆହୁଃ** = କହନ୍ତି ଯେ ,
**ଜଗତ୍** = ଜଗତ
**ଅପ୍ରତିଷ୍ଠମ୍** = ଆଶ୍ରୟ ରହିତ,
**ଅସତ୍ୟମ୍** = ସର୍ବଥା ଅସତ୍ୟ ଓ
**ଅନୀଶ୍ୱରମ୍** = ଈଶ୍ୱର ରହିତ,
ଅପରସ୍ପରସମ୍ଭୂତମ୍ = ଏହା କେବଳ ସ୍ତ୍ରୀ-ପୁରୁଷଙ୍କ ସଂଯୋଗରୁ ଆପେ-ଆପେ ଉତ୍ପନ୍ନ ହୋଇଛି,(ଅତଏବ)
କାମହେତୁମ୍ (ଏବ) = କେବଳ କାମହିଁ ଏହାର କାରଣ ଅଟେ ।
ଅନ୍ୟତ୍ = ଏହା ଛଡ଼ା (ଆଉ)
କିମ୍ = କ'ଣ ଅଛି ?

ଏତାମ୍, ଦୃଷ୍ଟିମ୍, ଅବଷ୍ଟଭ୍ୟ, ନଷ୍ଟାତ୍ମାନଃ, ଅଳ୍ପବୁଦ୍ଧୟଃ,
ପ୍ରଭବନ୍ତି, ଉଗ୍ରକର୍ମାଣଃ, କ୍ଷୟାୟ, ଜଗତଃ, ଅହିତାଃ ॥୯ ॥

**ଏତାମ୍** = ଏହି
**ଦୃଷ୍ଟିମ୍** = ମିଥ୍ୟା ଜ୍ଞାନକୁ
**ଅବଷ୍ଟଭ୍ୟ** = ଅବଲମ୍ବନ କରି-
**ନଷ୍ଟାତ୍ମାନଃ** = { ଯେଉଁମାନଙ୍କର ସ୍ୱଭାବ ନଷ୍ଟ ହୋଇଯାଇଛି(ତଥା)
**ଅଳ୍ପବୁଦ୍ଧୟଃ** = { ଯେଉଁମାନଙ୍କର ବୁଦ୍ଧି ମନ୍ଦ ଅଟେ

**ଅହିତାଃ** = { ସମସ୍ତଙ୍କ ଅପକାରୀ (ସେହି)
**ଉଗ୍ରକର୍ମାଣଃ** = { କ୍ରୁରକର୍ମୀ ମଣିଷ ମାନେ କେବଳ
**ଜଗତଃ** = ଜଗତର
**କ୍ଷୟାୟ** = ବିନାଶ ପାଇଁ ହିଁ
**ପ୍ରଭବନ୍ତି** = ସମର୍ଥ ହୁଅନ୍ତି

କାମମ୍, ଆଶ୍ରିତ୍ୟ, ଦୁଷ୍ପୂରମ୍, ଦମ୍ଭମାନମଦାନ୍ୱିତାଃ, ମୋହାତ୍,
ଗୃହୀତ୍ୱା, ଅସଦ୍‌ଗ୍ରାହାନ୍, ପ୍ରବର୍ତ୍ତନ୍ତେ, ଅଶୁଚିବ୍ରତାଃ ॥୧୦॥

**ଦମ୍ଭମାନ** = ଦମ୍ଭ,ମାନ ଓ
**ମଦାନ୍ୱିତାଃ** = ମଦଯୁକ୍ତ ମଣିଷମାନେ
**ଦୁଷ୍ପୂରମ୍** = { କୌଣସି ପ୍ରକାରେ ବି ପୂର୍ଣ୍ଣ ହେଉନଥିବା
**କାମମ୍** = କାମନା ମାନଙ୍କର
**ଆଶ୍ରିତ୍ୟ** = ଆଶ୍ରୟ ନେଇ
**ମୋହାତ୍** = ଅଜ୍ଞାନବଶତଃ

**ଅସଦ୍‌ଗ୍ରାହାନ୍** = ମିଥ୍ୟାସିଦ୍ଧାନ୍ତ ଗୁଡ଼ିକୁ
**ଗୃହୀତ୍ୱା** = ଗ୍ରହଣ କରି ଏବଂ
**ଅଶୁଚିବ୍ରତାଃ** = { ଭ୍ରଷ୍ଟ ଆଚରଣ ସବୁକୁ ଧାରଣକରି (ସଂସାରରେ)
**ପ୍ରବର୍ତ୍ତନ୍ତେ** = ବିଚରଣ କରନ୍ତି ।

ଚିନ୍ତାମ୍, ଅପରିମେୟାମ୍, ଚ, ପ୍ରଳୟାନ୍ତାମ୍, ଉପାଶ୍ରିତାଃ,
କାମୋପଭୋଗପରମାଃ, ଏତାବତ୍, ଇତି, ନିଶ୍ଚିତାଃ ॥୧୧॥

**ତଥା ସେମାନେ-**

**ପ୍ରଳୟାନ୍ତାମ୍** = { ମୃତ୍ୟୁ ପର୍ଯ୍ୟନ୍ତ ରହୁଥିବା
**ଅପରିମେୟାମ୍** = ଅସଂଖ୍ୟ
**ଚିନ୍ତାମ୍** = ଚିନ୍ତାକୁ
**ଉପାଶ୍ରିତାଃ** = { ଆଶ୍ରୟ କରିଥିବା ଲୋକମାନେ

**ପରମାଃ** = **କାମୋପଭୋଗ ପରାୟଣ**
ଚ = ଏବଂ
ଏତାବତ୍ = 'ଏତିକି ହିଁ ସୁଖଅଛି'
ଇତି = ବୋଲି
ନିଶ୍ଚିତାଃ = ମନେକରନ୍ତି ।

ଆଶାପାଶଶତୈଃ, ବଦ୍ଧାଃ, କାମକ୍ରୋଧପରାୟଣାଃ, ଇହନ୍ତେ,
କାମଭୋଗାର୍ଥମ୍, ଅନ୍ୟାୟେନ, ଅର୍ଥସଞ୍ଚୟାନ୍ ॥୧୨॥

**ଆଶାପାଶଶତୈଃ** = ଶହ ଶହ ଆଶାର ଫାସରେ
**ବଦ୍ଧାଃ** = ବାନ୍ଧି ହୋଇଥିବା ମଣିଷ
**କାମକ୍ରୋଧପରାୟଣାଃ** = କାମକ୍ରୋଧ ପରାୟଣ ହୋଇ
**କାମଭୋଗାର୍ଥମ୍** = ବିଷୟ ଭୋଗପାଇଁ
**ଅନ୍ୟାୟେନ** = ଅନ୍ୟାୟ ପୂର୍ବକ
**ଅର୍ଥସଜଞ୍ଚୟାନ୍** = ଧନାଦିପଦାର୍ଥ ସଂଗ୍ରହ କରିବାପାଇଁ
**ଇହନ୍ତେ** = ଚେଷ୍ଟା କରିଥାନ୍ତି ।

ଇଦମ୍, ଅଦ୍ୟ, ମୟା, ଲବ୍ଧମ୍, ଇମମ୍, ପ୍ରାପ୍ସ୍ୟେ, ମନୋରଥମ୍, ଇଦମ୍,
ଅସ୍ତି, ଇଦମ୍, ଅପି, ମେ, ଭବିଷ୍ୟତି, ପୁନଃ, ଧନମ୍ ॥୧୩ ॥

**ଏବଂ ସେମାନେ ଭାବିଥାନ୍ତି ଯେ-**

**ମୟା** = ମୁଁ
**ଅଦ୍ୟ** = ଆଜି
**ଇଦମ୍** = ଏହା
**ଲବ୍ଧମ୍** = ପ୍ରାପ୍ତ ହୋଇଗଲି (ଏବଂ ଏଥର)
**ଇମମ୍** = ଏହି
**ମନୋରଥମ୍** = ମନୋରଥକୁ
**ପ୍ରାପ୍ସ୍ୟେ** = ପ୍ରାପ୍ତ କରିବି ।
**ମେ** = ମୋ ପାଖରେ
**ଇଦମ୍** = ଏହି (ଏତିକି)
**ଧନମ୍** = ଧନ
**ଅସ୍ତି** = ଅଛି (ଏବଂ)
**ପୁନଃ** = ପୁଣି
**ଇଦମ୍** = ଏହା
**ଅପି** = ମଧ୍ୟ
**ଭବିଷ୍ୟତି** = ହୋଇଯିବ ।

ଅସୌ, ମୟା, ହତଃ, ଶତ୍ରୁଃ, ହନିଷ୍ୟେ, ଚ, ଅପରାନ୍, ଅପି, ଈଶ୍ୱରଃ,
ଅହମ୍, ଅହମ୍, ଭୋଗୀ, ସିଦ୍ଧଃ, ଅହମ୍, ବଳବାନ୍, ସୁଖୀ ॥୧୪॥

**ତଥା-**

**ଅସୌ** = ସେହି
**ଶତ୍ରୁଃ** = ଶତ୍ରୁ
**ମୟା** = ମୋଦ୍ୱାରା
**ହତଃ** = ନିହତ ହୋଇଗଲା
**ଚ** = ଏବଂ (ସେହି)
**ଅପରାନ୍** = ଅନ୍ୟ ଶତ୍ରୁମାନଙ୍କୁ
**ଅପି** = ମଧ୍ୟ
**ଅହମ୍** = ମୁଁ
**ହନିଷ୍ୟେ** = ମାରିଦେବି ।

| | |
|---|---|
| **ଅହମ୍** = ମୁଁ | **ସିଦ୍ଧଃ** = ସମସ୍ତ ସିଦ୍ଧିଯୁକ୍ତ ଅଟେ (ଏବଂ) |
| **ଈଶ୍ୱରଃ** = ଈଶ୍ୱର ଅଟେ, | **ବଳବାନ୍** = ବଳବାନ୍ (ତଥା) |
| **ଭୋଗୀ** = ଐଶ୍ୱର୍ଯ୍ୟ ଭୋଗୀ | **ସୁଖୀ** = ସୁଖୀ ଅଟେ । |
| **ଅହମ୍** = ମୁଁ | |

ଆଢ୍ୟଃ, ଅଭିଜନବାନ୍, ଅସ୍ମି, କଃ, ଅନ୍ୟଃ, ଅସ୍ତି, ସଦୃଶଃ, ମୟା
ଯକ୍ଷ୍ୟେ, ଦାସ୍ୟାମି, ମୋଦିଷ୍ୟେ, ଇତି, ଅଜ୍ଞାନବିମୋହିତାଃ ॥୧୫॥
ଅନେକଚିତ୍ତବିଭ୍ରାନ୍ତାଃ, ମୋହଜାଲସମାବୃତାଃ, ପ୍ରସକ୍ତାଃ,
କାମଭୋଗେଷୁ, ପତନ୍ତି, ନରକେ, ଅଶୁଚୌ ॥୧୬॥

**ତଥା ମୁଁ -**

| | |
|---|---|
| **ଆଢ୍ୟଃ** =ବିରାଟଧନୀ (ଏବଂ) | **ଅଜ୍ଞାନବିମୋହିତାଃ** = ଅଜ୍ଞାନରେବିମୋହିତ |
| **ଅଭିଜନବାନ୍** =ବିଶାଳ କୁଟୁମ୍ବୀ | **ଅନେକଚିତ୍ତଃବିଭ୍ରାନ୍ତାଃ** = ଅନେକପ୍ରକାରର ଭ୍ରମିତଚିତ୍ତ |
| **ଅସ୍ମି** = ଅଟେ । | **ମୋହଜାଲସମାହୃତାଃ**= ମୋହରୂପୀଜାଲରେ ଆବଦ୍ଧ(ଏବଂ) |
| **ମୟା** = ମୋ | **କାମଭୋଗେଷୁ** = ବିଷୟ ଭୋଗରେ |
| **ସଦୃଶଃ** = ସମାନ | **ପ୍ରସକ୍ତାଃ** = ଅତ୍ୟନ୍ତ ଆସକ୍ତ (ଅସୁର ସ୍ୱଭାବର ଲୋକେ) |
| **ଅନ୍ୟଃ** = ଅନ୍ୟସ | **ଅଶୁଚୌ** = ଅତ୍ୟନ୍ତ ଅପବିତ୍ର |
| **କଃ** = କିଏ | **ନରକେ** = ନର୍କରେ |
| **ଅସ୍ତି** = ଅଛି ?(ମୁଁ) | **ପତନ୍ତି** = ପଡ଼ନ୍ତି । |
| **ଯକ୍ଷ୍ୟେ** = ଯଜ୍ଞ କରିବି, | |
| **ଦାସ୍ୟାମି** = ଦାନଦେବି (ଏବଂ) | |
| **ମୋଦିଷ୍ୟେ** = ଆମୋଦ-ପ୍ରମୋଦ କରିବି । | |
| **ଇତି** = ଏହିପରି ଭାବରେ | |

ଆତ୍ମସମ୍ଭାବିତାଃ, ସ୍ତବ୍ଧାଃ, ଧନମାନମଦାନ୍ୱିତାଃ,
ଯଜନ୍ତେ, ନାମଯଜ୍ଞୈଃ, ତେ, ଦମ୍ଭେନ, ଅବିଧିପୂର୍ବକମ୍ ॥୧୭॥

| | | | |
|---|---|---|---|
| **ଆତ୍ମସମ୍ଭାବିତାଃ** | = ନିଜେ-ନିଜକୁ ହିଁ ଶ୍ରେଷ୍ଠ ମନେକରୁଥିବା | **ନାମଯଜ୍ଞୈଃ** | = କେବଳ ନାମମାତ୍ର ଯଜ୍ଞମାନଙ୍କ ଦ୍ୱାରା |
| **ସ୍ତବ୍ଧାଃ** | = ଗର୍ବୀ ପୁରୁଷ | **ଦମ୍ଭେନ** | = ଆଡ଼ମ୍ବର ପୂର୍ବକ |
| **ତେ** | = ସେହି | **ଅବିଧିପୂର୍ବକମ୍** | = ଶାସ୍ତ୍ର ବିଧିରହିତ |
| **ଧନମାନମଦାନ୍ୱିତାଃ** | = ଧନ ଓ ମାନର ମଦରେ ଯୁକ୍ତ ହୋଇ | **ଯଜନ୍ତେ** | = ଯଜନ କରନ୍ତି |

ଅହଂକାରମ୍, ବଳମ୍, ଦର୍ପମ୍, କାମମ୍, କ୍ରୋଧମ୍, ଚ, ସଂଶ୍ରିତାଃ,
ମାମ୍, ଆତ୍ମପରଦେହେଷୁ, ପ୍ରଦ୍ୱିଷନ୍ତଃ, ଅଭ୍ୟସୂୟକାଃ ॥୧୮॥

**ତଥା ସେହି-**

| | | | |
|---|---|---|---|
| **ଅହଂକାରମ୍** | = ଅହଂକାର, | **ଅଭ୍ୟସୂୟକାଃ** | = ଅନ୍ୟମାନଙ୍କ ନିନ୍ଦା କରୁଥିବା ପୁରୁଷ |
| **ବଳମ୍** | = ବଳ, | **ଆତ୍ମପରଦେହେଷୁ** | = ନିଜର ଓ ଅନ୍ୟ ମାନଙ୍କଶରୀରରେ ଅଧିଷ୍ଠିତ |
| **ଦର୍ପମ୍** | = ଗର୍ବ, | **ମାମ୍** | = ଅନ୍ତର୍ଯ୍ୟାମୀ ରୂପୀ- ମୋ ସହିତ |
| **କାମମ୍** | = କାମନା (ଏବଂ) | **ପ୍ରଦ୍ୱିଷନ୍ତଃ** | = ଦ୍ୱେଷ କରିଥାଆନ୍ତି |
| **କ୍ରୋଧମ୍** | = କ୍ରୋଧାଦିର | | |
| **ସଂଶ୍ରିତା** | = ପରାୟଣ ହୋଇ | | |
| **ଚ** | = ଏବଂ | | |

ତାନ୍, ଅହମ୍, ଦ୍ୱିଷତଃ, କ୍ରୂରାନ୍, ସଂସାରେଷୁ, ନରାଧମାନ୍,
କ୍ଷିପାମି, ଅଜସ୍ରମ୍, ଅଶୁଭାନ୍, ଆସୁରୀଷୁ, ଏବ, ଯୋନିଷୁ ॥୧୯॥

**ଏହିପରି-**

| | | | |
|---|---|---|---|
| **ତାନ୍** | = ସେହି | **ସଂସାରେଷୁ** | = ସଂସାରରେ |
| **ଦ୍ୱିଷତଃ** | = ଦ୍ୱେଷ କରୁଥିବା | **ଅଜସ୍ରମ୍** | = ବାରମ୍ବାର |
| **ଅଶୁଭାନ୍** | = ପାପାଚାରୀ ଏବଂ | **ଆସୁରୀଷୁ** | = ଆସୁରୀ |
| **କ୍ରୂରାନ୍** | = କ୍ରୂରକର୍ମୀ | **ଯୋନିଷୁ** | = ଯୋନିରେ |
| **ନରାଧମାନ୍** | = ନରାଧମ ମାନଙ୍କୁ | **ଏବ** | = ହିଁ |
| **ଅହମ୍** | = ମୁଁ | **କ୍ଷିପାମି** | = ପକାଇଥାଏ । |

ଆସୁରୀମ, ଯୋନିମ୍, ଆପନ୍ନାଃ, ମୂଢ଼ାଃ, ଜନ୍ମନି, ଜନ୍ମନି, ମାମ୍,
ଅପ୍ରାପ୍ୟ, ଏବ, କୌନ୍ତେୟ, ତତଃ, ଯାନ୍ତି, ଅଧମାମ୍,ଗତିମ୍ ॥୨୦॥

**ତେଣୁ –**

| | | | |
|---|---|---|---|
| **କୌନ୍ତେୟ** | = ହେ ଅର୍ଜୁନ! | **ଯୋନିମ୍** | = ଯୋନି |
| **ମୂଢ଼ାଃ** | = ସେହି ମୂଢ଼ ଲୋକେ | **ଏବ** | = ହିଁ |
| **ମାମ୍** | = ମୋତେ | **ଆପନ୍ନାଃ** | = ପାଇଥାଆନ୍ତି;(ପୁଣି) |
| **ଅପ୍ରାପ୍ୟ** | = ନ ପାଇ | **ତତଃ** | = ତା'ଠାରୁ ବି |
| **ଜନ୍ମନି** | = ଜନ୍ମ | **ଅଧମାମ୍** | = ଅତି ନୀଚ |
| **ଜନ୍ମନି** | = ଜନ୍ମଧରି | **ଗତିମ୍** | = ଗତି |
| **ଆସୁରୀମ୍** | = ଆସୁରୀ | **ଯାନ୍ତି** | = ପ୍ରାପ୍ତକରନ୍ତିଅର୍ଥାତ୍ ଘୋର ନର୍କରେପଡ଼ନ୍ତି |

ତ୍ରିବିଧମ୍, ନରକସ୍ୟ, ଇଦମ୍, ଦ୍ୱାରମ୍, ନାଶନମ୍, ଆତ୍ମନଃ, କାମଃ,
କ୍ରୋଧ, ତଥା, ଲୋଭଃ, ତସ୍ମାତ୍, ଏତତ୍, ତ୍ରୟମ୍, ତ୍ୟଜେତ୍, ॥୨୧॥

**ଏବଂ ହେ ଅର୍ଜୁନ!-**

| | | | |
|---|---|---|---|
| **କାମଃ** | = କାମ | **ଆତ୍ମନଃ** | = ଆତ୍ମାର |
| **କ୍ରୋଧଃ** | = କ୍ରୋଧ | **ନାଶନମ୍** | = ବିନାଶ କରନ୍ତି ଅର୍ଥାତ୍ ତାହାକୁ ଅଧୋଗତିକୁ ନେଇଯାଇ ଥାଆନ୍ତି । |
| **ତଥା** | = ତଥା | | |
| **ଲୋଭ** | = ଲୋଭ- | | |
| **ନରକସ୍ୟ** | = ନର୍କର | **ତସ୍ମାତ୍** | = ଅତଏବ |
| **ଇଦମ୍** | = ଏହି | **ଏତତ୍** | = ଏହି |
| **ତ୍ରିବିଧମ୍** | = ତିନି ପ୍ରକାରର | **ତ୍ରୟମ୍** | = ତିନୋଟି |
| **ଦ୍ୱାରମ୍** | = ଦ୍ୱାରଂ | **ତ୍ୟଜେତ୍** | = ତ୍ୟାଗକରିଦେବା ଉଚିତ୍ |

ଏତୈଃ, ବିମୁକ୍ତଃ, କୌନ୍ତେୟ , ତମୋଦ୍ୱାରୈଃ, ତ୍ରିଭିଃ, ନରଃ,
ଆଚରତି,ଆତ୍ମନଃ, ଶ୍ରେୟଃ, ତତଃ, ଯାତି,ପରାମ୍, ଗତିମ୍, ॥୨୨॥

| | | | |
|---|---|---|---|
| **କୌନ୍ତେୟ** | = ହେ ଅର୍ଜୁନ! | **ତ୍ରିଭିଃ** | = ତିନୋଟି |
| **ଏତୈଃ** | = ଏହି | **ତମୋଦ୍ୱାରୈଃ** | = ନର୍କ ଦ୍ୱାରରୁ |

| | | | |
|---|---|---|---|
| **ବିମୁକ୍ତଃ** | = ମୁକ୍ତ | **ପରାମ୍** | = ପରମ |
| **ନରଃ** | = ପୁରୁଷ | **ଗତିମ୍** | = ଗତିକୁ |
| **ଆତ୍ମନଃ** | = ନିଜର | | |
| **ଶ୍ରେୟଃ** | = କଲ୍ୟାଣ | **ଯାତି** | = ଯାଇଥାଏ ଅର୍ଥାତ୍ ମୋତେପ୍ରାପ୍ତକରେ |
| **ଆଚରତି** | = ଆଚରଣ କରିଥାଏ । | | |
| **ତତଃ** | = ଏହାଦ୍ୱାରା (ସେ) | | |

ଯଃ, ଶାସ୍ତ୍ରବିଧିମ୍, ଉତ୍ସୃଜ୍ୟ, ବର୍ତ୍ତତେ, କାମକାରତଃ, ନ, ସଃ,
ସିଦ୍ଧିମ୍, ଅବାପ୍ନୋତି, ନ, ସୁଖମ୍, ନ, ପରାମ୍, ଗତିମ୍, ॥୨୩॥

| | | | |
|---|---|---|---|
| **ଯଃ** | = ଯେଉଁ ପୁରୁଷ | **ନ** | = ନା |
| **ଶସ୍ତ୍ରବିଧିମ୍** | = ଶାସ୍ତ୍ରବିଧିକୁ | **ସିଦ୍ଧିମ୍** | = ସିଦ୍ଧି |
| **ଉତ୍ସୃଜ୍ୟ** | = ତ୍ୟାଗ କରି | **ଅବାପ୍ନୋତି** | = ପ୍ରାପ୍ତ କରିଥାଏ |
| **କାମକାରତଃ** | = ନିଜ ଇଚ୍ଛାରେ ମନମୁଖୀ | **ନ** | = ନା |
| | | **ପରାମ୍** | = ପରମ |
| **ବର୍ତ୍ତତେ** | = ଆଚରଣ କରିଥାଏ, | **ଗତିମ୍** | = ଗତିକୁ ପାଇଥାଏ |
| | | **ନ** | = ନା |
| **ସଃ** | = ସେ | **ସୁଖମ୍** | = ସୁଖ ପ୍ରାପ୍ତ କରିଥାଏ |

ତସ୍ମାତ୍, ଶାସ୍ତ୍ରମ୍, ପ୍ରମାଣମ୍, ତେ, କାର୍ଯ୍ୟ, କାର୍ଯ୍ୟବ୍ୟବସ୍ଥିତୌ,
ଜ୍ଞାତ୍ୱା, ଶାସ୍ତ୍ରବିଧାନୋକ୍ତମ୍, କର୍ମ, କର୍ତ୍ତୁମ୍, ଇହ, ଅର୍ହସି ॥୨୪॥

| | | | |
|---|---|---|---|
| **ତସ୍ମାତ୍** | = ଏଥିରୁ | **ପ୍ରମାଣମ୍** | = ପ୍ରମାଣ ଅଟେ । (ଏବମ୍)ଏପରି |
| **ତେ** | = ତୋ ପାଇଁ | | |
| **ଇହ** | = ଏହି | **ଜ୍ଞାତ୍ୱା** | = ଜାଣି (ତୁ) |
| **କାର୍ଯ୍ୟାକାର୍ଯ୍ୟବ୍ୟବସ୍ଥିତୌ** | = କର୍ତ୍ତବ୍ୟ ଓ ଅକର୍ତ୍ତବ୍ୟର ବ୍ୟବସ୍ଥାରେ | **ଶାସ୍ତ୍ରବିଧାନୋକ୍ତମ୍** | = ଶାସ୍ତ୍ରବିଧି ଦ୍ୱାରା ନିୟତ |
| | | **କର୍ମ** | = କର୍ମ (ହିଁ) |
| | | **କର୍ତ୍ତୁମ୍** | = କରିବା |
| **ଶାସ୍ତ୍ରମ୍** | = ଶାସ୍ତ୍ର(ହିଁ) | **ଅର୍ହସି** | = ଉଚିତ୍ । |

ଶ୍ରୀମଦ୍ଭଗବତ ଗୀତା ଅଧ୍ୟାୟ ୧୭ର ଶ୍ଲୋକର ଫଟୋକପୀ :-

## ଅଥ ସପ୍ତଦଶୋଽଧ୍ୟାୟଃ

ଯେ, ଶାସ୍ତ୍ରବିଧିମ୍, ଉତ୍ସୃଜ୍ୟ, ଯଜନ୍ତେ, ଶ୍ରଦ୍ଧୟା, ଅନ୍ୱିତାଃ, ତେଷାମ୍,
ନିଷ୍ଠା, ତୁ, କା, କୃଷ୍ଣ, ସତ୍ତ୍ୱମ୍, ଆହୋ, ରଜଃ, ତମଃ ॥୧॥

**ଏହି ପ୍ରକାରେ ଭଗବାନଙ୍କ ବଚନ ଶୁଣି ଅର୍ଜୁନ କହିଲେ -**

| | | | |
|---|---|---|---|
| **କୃଷ୍ଣ** | = ହେ କୃଷ୍ଣ ! | **ତେଷାମ୍** | = ସେମାନଙ୍କର |
| **ଯେ** | = ଯେଉଁ ମନୁଷ୍ୟ | **ନିଷ୍ଠା** | = ସ୍ଥିତି |
| **ଶାସ୍ତ୍ରବିଧିମ୍** | = ଶାସ୍ତ୍ରବିଧିକୁ | **ତୁ** | = ପୁଣି |
| **ଉତ୍ସୃଜ୍ୟ** | = ତ୍ୟାଗ କରି | **କା** | = କ'ଣ ହୁଏ ? |
| **ଶ୍ରଦ୍ଧୟା** | = ଶ୍ରଦ୍ଧା | **ସତ୍ତ୍ୱମ୍** | = ସାତ୍ତ୍ୱିକୀ ଅଟେ । |
| **ଆନ୍ୱିତାଃ** | = ଯୁକ୍ତ ହୋଇ | **ଆହୋ** | = ଅଥବା |
| **ଯଜନ୍ତେ** | = { ଦେବାଦିଙ୍କର ପୂଜା କରନ୍ତି | **ଇଜଃ** | = ରାଜସୀ ?(କିମ୍ବା) |
| | | **ତମଃ** | = ତାମସୀ ? |

ତ୍ରିବିଧା, ଭବତି, ଶ୍ରଦ୍ଧା, ଦେହିନାମ୍, ସା, ସ୍ୱଭାବଜା, ସାତ୍ତ୍ୱିକୀ .
ରାଜସୀ, ଚ, ଏବ, ତାମସୀ, ଚ, ଇତି, ତାମ୍, ଶୃଣୁ, ॥୨॥

**ଅର୍ଜୁନ ଏହା ପଋରିବାରୁ କୃଷ୍ଣ ଭଗବାନ କହିଲେ - ହେ ଅର୍ଜୁନ ! -**

| | | | |
|---|---|---|---|
| **ଦେହିନାମ୍** | = ମଣିଷ ମାନଙ୍କର | **ଚ** | = ତଥା |
| **ସା** | = { ସେହି (ଶାସ୍ତ୍ରୀୟ ସଂସ୍କାରରୁ ରହିତ କେବଳ) | **ତାମସୀ** | = ତାମସୀ - |
| | | **ଇତି** | = ଏପରି |
| | | **ତ୍ରିବିଧା** | = ତିନି ପ୍ରକାରର |
| **ସ୍ୱଭାବଜା** | = ସ୍ୱଭାବ ରୁ ଉତ୍ପନ୍ନ* | **ଏବ** | = ହିଁ |
| **ଶ୍ରଦ୍ଧା** | = ଶ୍ରଦ୍ଧା | **ଭବତ** | = ହୋଇଥାଏ । |
| **ସାତ୍ତ୍ୱିକ** | = ସାତ୍ତ୍ୱିକୀ | **ତାମ୍** | = ତାହା(ତୁ) |
| **ଚ** | = ଏବଂ | **(ମତ୍ତଃ)** | = ମୋଠାରୁ |
| **ରାଜସୀ** | = ରାଜସୀ | **ଶୃଣୁ** | = ଶୁଣ |

ସତ୍ତ୍ୱାନୁରୂପା, ସର୍ବସ୍ୟ, ଶ୍ରଦ୍ଧା, ଭବତି, ଭାରତ, ଶ୍ରଦ୍ଧାମୟଃ,
ଅୟମ, ପୁରୁଷଃ, ଯଃ, ଯଚ୍ଛ୍ରଦ୍ଧଃ, ସଃ ,ଏବ, ସଃ ।।୩।।

| | | | |
|---|---|---|---|
| **ଭାରତ** | = ହେ ଭାରତ ! | **ଶ୍ରଦ୍ଧାମୟଃ** | = ଶ୍ରଦ୍ଧାମୟ ଅଟେ । |
| **ସବସ୍ୟ** | = ସବୁ ମନୁଷ୍ୟଙ୍କର | **(ଅତଃ)** | = ଏଣୁ |
| **ଶ୍ରଦ୍ଧା** | = ଶ୍ରଦ୍ଧା | **ଯଃ** | = ଯେଉଁ ପୁରୁଷ |
| **ସତ୍ତ୍ୱାନୁରୂପା** | = ସେମାନଙ୍କ ଅନ୍ତଃକରଣର ଅନୁରୂପ | **ଯଚ୍ଛ୍ରଦ୍ଧଃ** | = ଯେପରି ଶ୍ରଦ୍ଧାବାନ୍ ଅଟେ, |
| **ଭବତି** | = ହୁଏ | **ସଃ** | = ସେ ସ୍ୱୟଂ |
| **ଅୟମ୍** | = ଏହି | **ଏବ** | = ମଧ୍ୟ |
| **ପୁରୁଷଃ** | = ପୁରୁଷ | **ସଃ** | = ସେହିପରି ଅଟେ । |

ଯଜନ୍ତେ, ସାତ୍ତ୍ୱିକାଃ, ଦେବାନ୍, ଯକ୍ଷରକ୍ଷାଂସି, ରାଜସାଃ, ପ୍ରେତାନ୍,
ଭୂତଗଣାନ୍, ଚ, ଅନ୍ୟେ, ଯଜନ୍ତେ, ତାମସାଃ, ଜନାଃ ।।୪।।

**ସେମାନଙ୍କ ମଧ୍ୟରେ**

| | | | |
|---|---|---|---|
| **ସାତ୍ତ୍ୱିକାଃ** | = ସାତ୍ତ୍ୱିକ ପୁରୁଷ | **ଅନ୍ୟେ** | = ଅନ୍ୟ (ଯେଉଁ) |
| **ଦେବାନ୍** | = ଦେବତାମାନଙ୍କୁ | **ତାମସାଃ** | = ତାମସ |
| **ଯଜନ୍ତେ** | = ପୂଜା କରନ୍ତି | **ଜନାଃ** | = ମନୁଷ୍ୟ ଅଛନ୍ତି(ସେମାନେ) |
| **ରାଜସାଃ** | = ରାଜସ ପୁରୁଷ | **ପ୍ରେତତାନ୍** | = ପ୍ରେତ |
| | | **ଚ** | = ଓ |
| **ଯକ୍ଷରକ୍ଷାଂସି** | = ଯକ୍ଷ ଓ ରାକ୍ଷସମାନଙ୍କୁ(ତଥା) | **ଭୂତ ଗଣାନ୍** | = ଭୂତମାନଙ୍କୁ |
| | | **ଯଜନ୍ତେ** | = ପୂଜାକରନ୍ତି । |

ଅଶାସ୍ତ୍ରବିହିତମ୍, ଘୋରମ୍, ତପ୍ୟନ୍ତେ, ଯେ, ତପଃ, ଜନାଃ,
ଦମ୍ଭାହଙ୍କାରସଂଯୁକ୍ତାଃ, କାମରାଗବଳାନ୍ୱିତାଃ ।।୫।।

**ଏବଂ ହେ ଅର୍ଜୁନ !-**

| | | | |
|---|---|---|---|
| **ଯେ** | = ଯେଉଁ | **ଅଶାସ୍ତ୍ରବିହତମ୍** | = ଶାସ୍ତ୍ରବିଧି ରହିତ (କେବଳ ମନଃ କଳ୍ପିତ ) |
| **ଜନାଃ** | = ମନୁଷ୍ୟମାନେ | | |

**ଘୋରମ୍** = ଘୋର
**ତପଃ** = ତପ
**ତପ୍ୟନ୍ତେ** = ଆଚରଣ କରନ୍ତି (ତଥା)
**ଦମ୍ଭାହଙ୍କାରସଂଯୁକ୍ତାଃ** = ଦମ୍ଭ ଓ ଅହଙ୍କାରରେ ଯୁକ୍ତ(ଏବଂ)
**କାମରାଗବଳାନ୍ୱିତାଃ** = କାମନା,ଆସକ୍ତି ଓ ବଳର ଅଭିମାନରେ ମଧ୍ୟ ଜଡ଼ିତ ରହନ୍ତି,

କର୍ଶୟନ୍ତଃ, ଶରୀରସ୍ଥମ୍, ଭୂତଗ୍ରାମମ୍, ଅଚେତସଃ, ମାମ୍,
ଚ, ଏବ, ଅନ୍ତଃଶରୀରସ୍ଥମ୍, ତାନ୍, ବିଦ୍ଧି, ଆସୁରନିଶ୍ଚୟାନ୍ ॥୬॥

**ତଥା ଯେଉଁମାନେ -**

**ଶରୀରସ୍ଥମ୍** = ଶରୀର ରୂପରେ ଥିବା
**ଭୂତଗ୍ରାମମ୍** = ଭୂତ ସମୁଦାୟକୁ
**ଚ** = ଏବଂ
**ଅନ୍ତଃଶରୀରସ୍ଥମ୍**= ଅନ୍ତଃକରଣରେ ସ୍ଥିତ
**ମାମ୍** = ମୋତେ(ପରମାତ୍ମାଙ୍କୁ)
**ଏବ** = ମଧ୍ୟ
**କର୍ଶୟନ୍ତଃ** = କୃଶ କରାଉଥିବା ଅଟନ୍ତି,
**ତାନ୍** = ସେହି
**ଅଚେତସଃ** = ଅଜ୍ଞାନୀ ମାନଙ୍କୁ(ତୁ)
**ଆସୁରନିଶ୍ଚୟାନ୍** = ଆସୁର ସ୍ୱଭାବଯୁକ୍ତ(ବୋଲି)
**ବିଦ୍ଧି** = ଜାଣ

ଆହାରଃ, ତୁ, ଅପି, ସର୍ବସ୍ୟ, ତ୍ରିବିଧଃ, ଭବତି, ପ୍ରିୟଃ, ଯଜ୍ଞଃ,
ତପଃ, ତଥା, ଦାନମ୍, ତେଷାମ୍, ଭେଦମ୍, ଇମମ୍, ଶୃଣୁ ॥୭॥

**ଏବଂ ହେ ଅର୍ଜୁନ ! ଯେପରି ତିନି ପ୍ରକାରର ଶ୍ରଦ୍ଧା ଅଛି, ସେହିପରି ହିଁ -**

**ଆହାରଃ** = ଭୋଜନ
**ଅପି** = ମଧ୍ୟ
**ସର୍ବସ୍ୟ** = ସମସ୍ତଙ୍କର(ନିଜ ପ୍ରକୃତି ଅନୁସାରେ)
**ତ୍ରିବିଧଃ** = ତିନି ପ୍ରକାରର
**ପ୍ରିୟଃ** = ପ୍ରିୟ
**ଭବତି** = ହୋଇଥାଏ
**ତୁ** = ଏବଂ
**ତଥା** = ଏହିପରି
**ଯଜ୍ଞଃ** = ଯଜ୍ଞ
**ତପ** = ତପ (ଏବଂ)
**ଦାନମ୍** = ଦାନ (ମଧ୍ୟ ତିନି ପ୍ରକାରର ହୋଇଥାଏ)
**ତେଷାମ୍** = ସେଗୁଡ଼ିକର
**ଇମମ୍** = ଏହି (ପୃଥକ-ପୃଥକ)
**ଭେଦମ୍** = ବିଭାଗକୁ(ତୁ ମୋଠାରୁ)
**ଶୃଣୁ** = ଶୁଣ

ଆୟୁଃସତ୍ତ୍ୱବଳାରୋଗ୍ୟସୁଖପ୍ରିତିବିବର୍ଧନାଃ,
ରସ୍ୟାଃ, ସ୍ନିଗ୍ଧାଃ, ସ୍ଥିରା, ହୃଦ୍ୟାଃ, ଆହାରାଃ, ସାତ୍ତ୍ୱିକପ୍ରିୟାଃ ॥୮॥

**ଆୟୁଃସତ୍ତ୍ୱ- ବଳାରୋଗ୍ୟ ସୁଖପ୍ରୀତି- ବିବର୍ଧନାଃ-** = ଆୟୁ, ବୁଦ୍ଧି, ବଳ ଆରୋଗ୍ୟ, ସୁଖ ଓ ପ୍ରୀତି ବର୍ଦ୍ଧନକାରୀ ବଢ଼ାଇବାବାଲା

**ରସ୍ୟାଃ** = ସ୍ନିଗ୍ଧ (ଏବଂ)

**ସ୍ଥିରାଃ** = ସ୍ଥିର ରହୁଥିବା*

(ତଥା)

**ହୃଦ୍ୟାଃ** = ସ୍ୱଭାବତଃ ମନକୁ ପ୍ରିୟ ଲାଗେ(ଏହିପରି)

**ଆହାରଃ** = ଆହାର ଅର୍ଥାତ୍ ଭୋଜନ କରିବା ପଦାର୍ଥ

**ସାତ୍ତ୍ୱିକପ୍ରିୟାଃ**= ସାତ୍ତ୍ୱିକ ପୁରୁଷମାନଙ୍କର ପ୍ରିୟ ହୋଇଥାଏ ।

କଟ୍ୱମ୍ଳଲବଣାତ୍ୟୁଷ୍ଣତୀକ୍ଷ୍ଣରୂକ୍ଷବିଦାହିନଃ
ଆହାରାଃ, ରାଜସସ୍ୟ, ଇଷ୍ଟାଃ, ଦୁଃଖଶୋକାମୟପ୍ରଦାଃ ॥୯॥

**କଟ୍ୱମ୍ଳ- ଲବଣାତ୍ୟୁଷ୍ଣ- ତୀକ୍ଷ୍ଣ- ରୁକ୍ଷବିଦାହିନଃ-** = ପିତା,ଖଟା, ଲୁଣିଆ,ବହୁତ ଗରମ,ରାଗୁଆ, ରୁକ୍ଷ,ଦାହକାରକ

(ଏବଂ)

**ଦୁଃଖଶୋକ- ଆମୟପ୍ରଦାଃ** = ଦୁଃଖ, ଚିନ୍ତା ତଥା ରୋଗ ଉତ୍ପନ୍ନକାରୀ

**ଆଉ-**

**ଆହାରାଃ** = ଆହାର ଅର୍ଥାତ୍ ଭୋଜନକରିବା ପଦାର୍ଥ

**ରାଜସସ୍ୟ** = ରାଜସ ପୁରୁଷମାନଙ୍କର

**ଇଷ୍ଟାଃ** = ପ୍ରିୟ ହୋଇଥାଏ ।

ଯାତଯାମମ୍, ଗତରସମ୍, ପୂତି, ପର୍ଯ୍ୟୁଷିତମ୍, ଚ, ଯତ୍, ଉଚ୍ଛିଷ୍ଟମ୍,
ଅପି, ଚ, ଅମେଧମ, ଭୋଜନମ୍, ତାମସପ୍ରିୟମ୍, ॥୧୦॥

**ତଥା-**

**ଯତ୍** = ଯେଉଁ

**ଭୋଜନ** = ଖାଦ୍ୟ

**ଯାତଯାମମ୍** = ଅଧା ସିଝା

**ଗତରସମ୍** = ରସରହିତ

**ପୂତି** = ଦୁର୍ଗନ୍ଧଯୁକ୍ତ

**ପର୍ଯ୍ୟୁଷିତମ୍** = ବାସି

**ଚ** = ଓ

**ଉଚ୍ଛିଷ୍ଟମ୍** = ଅଇଁଠା
**ଚ** = ତଥା
**ଅମେଧ୍ୟମ୍** = ଅପବିତ୍ର
**ଅପି** = ମଧ୍ୟ ଅଟେ ।
**(ତତ୍)** = ସେହି ଭୋଜନ
**ତାମସପ୍ରିୟମ୍** = ତାମସ ପୁରୁଷଙ୍କର ପ୍ରିୟ ହୋଇଥାଏ ।

ଅଫଳାକାଙ୍କ୍ଷିଭିଃ, ଯଜ୍ଞଃ, ବିଧିଦୃଷ୍ଟଃ, ଯଃ, ଇଜ୍ୟତେ,
ଯଷ୍ଟବ୍ୟମ୍, ଏବ, ଇତି, ମନଃ, ସମାଧାୟ, ସଃ, ସାତ୍ତ୍ୱିକଃ ॥୧୧॥

**ଏବଂ ହେ ଅର୍ଜୁନ !-**

**ଯଃ** = ଯେଉଁ
**ବିଧିଦୃଷ୍ଟଃ** = ଶାସ୍ତ୍ରବିଧିରେ ନିୟତ,
**ଯଜ୍ଞ** = ଯଜ୍ଞ (ତାହା)
**ଯଷ୍ଟବ୍ୟମ୍,ଏବ** = କରିବା ହିଁ ଉଚିତ୍
**ମନଃ** = ମନକୁ
**ଇତି** = ଏହିପରି
**ସମାଧାନ** = ଦୃଢ଼ ନିଶ୍ଚୟ କରି
**ଅଫଳାକାଙ୍କ୍ଷିଭିଃ** = ଫଳ ଇଚ୍ଛା କରୁ ନଥିବା ପୁରୁଷ ମାନଙ୍କ ଦ୍ୱାରା
**ଇଜ୍ୟତେ** = କରାଯାଏ,
**ସଃ** = ତାହା
**ସ୍ୱାତ୍ତ୍ୱିକଃ** = ସାତ୍ତ୍ୱିକ ଅଟେ ।

ଅଭିସନ୍ଧାୟ, ତୁ, ଫଳମ୍, ଦମ୍ଭାର୍ଥମ୍, ଅପି, ଚ, ଏବ, ଯତ୍,
ଇଜ୍ୟତେ, ଭରତଶ୍ରେଷ୍ଠ, ତମ୍, ଯଜ୍ଞମ୍, ବିଦ୍ଧି, ରାଜସମ୍, ॥୧୨॥

**ତୁ** = କିନ୍ତୁ
**ଭରତ ଶ୍ରେଷ୍ଠ** = ହେ ଅର୍ଜୁନ !
**ଦମ୍ଭାର୍ଥମ୍,ଏବ** = କେବଳ ଦମ୍ଭାଚରଣ ପାଇଁ ହିଁ
**ଚ** = ଅଥବା
**ଫଳମ୍** = ଫଳକୁ
**ଅପି** = ମଧ୍ୟ
**ଅଭିସନ୍ଧାୟ** = ଦୃଷ୍ଟିରେ ରଖି
**ଯତ୍** = ଯେଉଁ ଯଜ୍ଞ
**ଇଜ୍ୟତେ** = କରାଯାଏ,
**ତମ୍** = ସେହି
**ଯଜ୍ଞମ୍** = ଯଜ୍ଞକୁ(ତୁ)
**ରାଜସମ୍** = ରାଜସ ବୋଲି
**ବିଦ୍ଧି** = ଜାଣ ।

ବିଧିହୀନମ୍, ଅସୃଷ୍ଟାନ୍ନମ୍, ମନ୍ତ୍ରହୀନମ୍, ଅଦକ୍ଷିଣମ୍,
ଶ୍ରଦ୍ଧାବିରହିତମ୍, ଯଜ୍ଞମ୍, ତାମସମ୍, ପରିଚକ୍ଷ୍ୟତେ ॥୧୩॥

**ବିଧିହୀନମ୍** = ଶାସ୍ତ୍ରବିଧି ରହିତ
**ଅସୃଷ୍ଟାନମ୍** = ଅନ୍ନଦାନ ରହିତ
**ମନ୍ତ୍ରହୀନମ୍** = ବିନା ମନ୍ତ୍ରରେ
**ଅଦକ୍ଷିଣମ୍** = { ବିନା ଦକ୍ଷିଣାରେ (ଏବଂ)

**ଶ୍ରଦ୍ଧାବିରତମ** = { ବିନା ଶ୍ରଦ୍ଧାରେ କରାଯାଉଥିବା
**ଯଜ୍ଞମ୍** = ଯଜ୍ଞକୁ
**ତାମସମ୍** = ତାମସଯଜ୍ଞ
**ପରିଚକ୍ଷତେ** = କହନ୍ତି

ଦେବଦ୍ୱିଜଗୁରୁପ୍ରାଜ୍ଞପୂଜନମ୍, ଶୌଚମ୍, ଆର୍ଜବମ୍,
ବ୍ରହ୍ମଚର୍ଯ୍ୟମ୍, ଅହିଂସା, ଚ, ଶାରୀରମ୍, ତପଃ, ଉଚ୍ୟତେ ॥୧୪॥

**ଦେବଦ୍ୱିଜ-ଗୁରୁପ୍ରାଜ୍ଞପୂଜନମ୍** = { ଦେବତା, ବ୍ରାହ୍ମଣ, ଗୁରୁ ଓ ଜ୍ଞାନୀ ଜନଙ୍କର ପୂଜନ,
**ଶୌଚମ୍** = ପବିତ୍ରତା,
**ଆର୍ଜବମ୍** = ସରଳତା,

**ବ୍ରହ୍ମଚର୍ଯ୍ୟମ୍** = ବ୍ରହ୍ମଚର୍ଯ୍ୟ
**ଚ** = ଏବଂ
**ଅହିଂସା** = ଅହିଂସା-(ଏହାକୁ)
**ଶାରୀରମ୍** = ଶରୀର ସମ୍ବନ୍ଧୀ
**ତପଃ** = ତପ
**ଉଚ୍ୟତେ** = କୁହାଯାଏ ।

ଅନୁଦ୍ୱେଗକରମ୍, ବାକ୍ୟମ୍, ସତ୍ୟମ୍, ପ୍ରିୟହିତମ, ଚ, ଯତ୍,
ସ୍ୱାଧ୍ୟାୟାଭ୍ୟସନମ୍, ଚ,ଏବ, ବାଙ୍ମୟମ୍, ତପଃ, ଉଚ୍ୟତେ, ॥୧୫॥

**ଯତ୍** = ଯାହା
**ଅନୁଦ୍ୱେଗକରମ** = ଉଦ୍‌ବେଗକାରକ ନୁହେଁ
**ପ୍ରିୟହିତମ୍** = ପ୍ରିୟ ଓ ହିତକର
**ଚ** = ଏବଂ
**ସତ୍ୟମ୍** = ଯଥାର୍ଥ
**ବାକ୍ୟମ୍** = ବଚନ ଅଟେ
**ଚ** = ତଥା(ଯାହା)

**ସ୍ୱାଧ୍ୟାୟ-ଅଭ୍ୟସନମ୍** = { ବେଦଶାସ୍ତ୍ର ପଠନର ଏବଂ ପରମେଶ୍ୱରଙ୍କ ନାମ ଜପର ଅଭ୍ୟାସ
**(ତତ୍)ଏବ** = ତାକୁ ହିଁ
**ବାଙ୍ମୟମ୍** = ବାଣୀ ସମ୍ବନ୍ଧୀ
**ତପଃ** = ତପ(ବୋଲି)
**ଉଚ୍ୟତେ** = କୁହାଯାଇଥାଏ ।

**(ମାନସିକ ତପର ଲକ୍ଷଣ ।)**

ମନଃପ୍ରସାଦଃ, ସୌମ୍ୟତ୍ୱମ୍, ମୌନମ୍, ଆତ୍ମବିନିଗ୍ରହଃ,
ଭାବସଂଶୁଦ୍ଧିଃ, ଇତି, ଏତତ୍, ତପଃ, ମାନସମ୍, ଉଚ୍ୟତେ ॥୧୬॥

**ତଥା**

**ମନଃପ୍ରସାଦଃ** = ମନର ପ୍ରସନ୍ନତା,
**ସୌମ୍ୟତ୍ୱମ୍** = ଶାନ୍ତଭାବ,
**ମୌନମ୍** = ଭଗବତ୍-ଚିନ୍ତନ କରିବାର ସ୍ୱଭାବ,
**ଆତ୍ମବିନିଗ୍ରହଃ** = ମନର ନିଗ୍ରହ (ଏବଂ)
**ଭାବସଂଶୁଦ୍ଧିଃ** = ଅନ୍ତକରଣରେ ଥିବା ଭାବମାନଙ୍କର ଭଲ ଭାବରେ ପବିତ୍ରତା-
**ଇତି** = ଏହିପରି ଭାବରେ
**ଏତତ୍** = ଏହାକୁ
**ମାନସମ୍** = ମନସମ୍ବନ୍ଧୀ
**ତପଃ** = ତପ (ବୋଲି)
**ଉଚ୍ୟତେ** = କୁହାଯାଏ ।

**(ସାତ୍ତ୍ୱିକ ତପର ଲକ୍ଷଣ)**

ଶ୍ରଦ୍ଧୟା,ପରୟା, ତପ୍ତମ୍, ତପଃ, ତତ୍, ତ୍ରିବିଧମ, ନରୈଃ
ଅଫଳାକାଙ୍କ୍ଷିଭିଃ, ଯୁକ୍ତୈଃ, ସାତ୍ତ୍ୱିକମ୍, ପରିଚକ୍ଷତେ ॥୧୭॥

**କିନ୍ତୁ ହେ ଅର୍ଜୁନ ! -**

**ଅଫଳାକାଙ୍କ୍ଷିଭିଃ** = (ଫଳ ଇଚ୍ଛା କରୁ ନ ଥିବା)
**ଯୁକ୍ତୈଃ** = ଯୋଗୀ
**ନରୈଃ** = ପୁରୁଷମାନଙ୍କଦ୍ୱାରା
**ପରୟା** = ପରମ
**ଶ୍ରଦ୍ଧୟା** = ଶ୍ରଦ୍ଧାର ସହିତ
**ତପ୍ତମ୍** = କରାଯାଉଥିବା
**ତତ୍** = ସେହି (ପୂର୍ବୋକ୍ତ)
**ତ୍ରିବିଧମ୍** = ତିନି ପ୍ରକାରର
**ତପଃ** = ତପକୁ
**ସାତ୍ତିକମ୍** = ସାତ୍ତ୍ୱିକ ତପ
**ପରିଚକ୍ଷତେ** = କହନ୍ତି ।

ସତ୍କାରମାନପୂଜାର୍ଥମ୍, ତପଃ, ଦମ୍ଭେନ, ଚ, ଏବ, ଯତ୍, କ୍ରିୟତେ,
ତତ୍, ଇହ, ପ୍ରୋକ୍ତମ୍, ରାଜସମ୍, ଚଳମ୍, ଅଧ୍ରୁବମ୍ ॥୧୮॥

**ଯତ୍** = ଯେଉଁ
**ତପଃ** = ତପ
**ସତ୍କରାମାନ ପୂଜାର୍ଥମ୍** = ସତ୍କାର,ମାନ ଓ ପୂଜାପାଇବା ପାଇଁ (ତଥା)
**ଚ,ଏବ** = ଅନ୍ୟ କୌଣସି ସ୍ୱାର୍ଥ ପାଇଁ ମଧ୍ୟ ସ୍ୱଭାବତଃ
**ବା** = ଅବା
**ଦମ୍ଭେନ** = ଲୋକ ଦେଖାଣିଆ ଭାବରେ

| | | | |
|---|---|---|---|
| **କ୍ରିୟତେ** | = କରାଯାଏ, | **ଇହ** | = ଏଠାରେ |
| **ତତ୍** | = ସେହି | | |
| **ଅଧ୍ରୁବମ୍** | = ଅନିଶ୍ଚିତ* (ଏବଂ) | **ରାଜସମ୍** | = ରାଜସ (ତପ) |
| **ଚଳମ୍** | = କ୍ଷଣିକ ଫଳଦାୟୀ ତପକୁ | **ପ୍ରୋକ୍ତମ୍** | = କୁହାଯାଇଛି । |

ମୂଢ଼ଗ୍ରାହେଣ, ଆତ୍ମନଃ, ଯତ୍, ପୀଡ଼ୟା, କ୍ରିୟତେ, ତପଃ,
ପରସ୍ୟ, ଉତ୍ସାଦନାର୍ଥମ୍, ବା, ତତ୍, ତାମସମ୍, ଉଦାହୃତମ୍ ॥୧୯॥

| | | | |
|---|---|---|---|
| **ଯତ୍** | = ଯେଉଁ | **ପରସ୍ୟ** | = ଅନ୍ୟର |
| **ତପଃ** | = ତପ | **ଉତ୍ସାଦନାର୍ଥମ୍** | = ଅନିଷ୍ଟ କରିବା ପାଇଁ |
| **ମୂଢ଼ଗ୍ରାହେଣ** | = ମୂଢ଼ତା ପୂର୍ବକ ଜିଦ୍‌ଧରି | **କ୍ରିୟତେ** | = କରାଯାଏ |
| **ଆତ୍ମନଃ** | = ମନ,ବାଣୀ ଓ ଶରୀରର | **ତତ୍** | = ସେହି ତପକୁ |
| **ପୀଡ଼ୟା** | = ପୀଡ଼ା ସହିତ | **ତାମସମ୍** | = ତାମସ |
| **ବା** | = ଅବା | **ଉଦାହୃତମ୍** | = କୁହାଯାଇଛି । |

ଦାତବ୍ୟମ୍, ଇତି, ଯତ୍, ଦାନମ୍, ଦୀୟତେ, ଅନୁପକାରିଣେ, ଦେଶେ,
କାଳେ, ଚ, ପାତ୍ରେ, ଚ, ତତ୍, ଦାନମ୍, ସ୍ୱାତ୍ତ୍ୱିକମ୍, ସ୍ମୃତମ୍ ॥୨୦॥

| | | | |
|---|---|---|---|
| ଦାତବ୍ୟମ୍ | = ଦାନ ଦେବା ହିଁ କର୍ତ୍ତବ୍ୟ ଅଟେ । | **ଚ** | = ତଥା |
| ଇତି | = ଏପରି ଭାବ ରଖି | **ପାତ୍ରେ** | = ପାତ୍ର ପ୍ରାପ୍ତହେଲେ (ପ୍ରତ୍ୟୁପକାର ଆଶା ନରଖି) |
| | | **ଅନୁପକାରିଣେ** | = ଅନୁପକାରୀକୁ(ନିଃସ୍ୱାର୍ଥଭାବରେ) |
| ଯତ୍ | = ଯେଉଁ | **ଦୀୟତେ** | = ଦିଆଯାଇଥାଏ, |
| ଦାନମ୍ | = ଦାନ | **ତତ୍** | = ସେହି |
| ଦେଶେ | = ଦେଶ | **ଦାନମ୍** | = ଦାନକୁ |
| ଚ | = ତଥା | **ସ୍ୱାତ୍ତ୍ୱିକମ୍** | = ସାତ୍ତ୍ୱିକ(ବୋଲି) |
| କାଳେ | = କାଳ | **ସ୍ମୃତମ୍** | = କୁହାଯାଇଛି । |

ଯତ୍, ତୁ, ପ୍ରତ୍ୟୁପକାରାର୍ଥମ୍, ଫଳମ୍, ଉଦ୍ଦେଶ୍ୟ, ବା, ପୁନଃ,
ଦୀୟତେ, ଚ, ପରିକ୍ଲିଷ୍ଟମ୍, ତତ୍,ଦାନମ୍, ରାଜସମ୍,ସ୍ମୃତମ୍,॥୨୧॥

| | | | |
|---|---|---|---|
| **ତୁ** | = କିନ୍ତୁ | **ଉଦ୍ଦିଶ୍ୟ** | = ଉଦ୍ଦେଶ୍ୟରେ[୩] |
| **ଯତ୍** | = ଯେଉଁ (ଦାନ) | **ପୁନଃ** | = ପୁଣି |
| **ପରିକ୍ଲିଷ୍ଟମ୍** | = କ୍ଳେଶପୂର୍ବକ[୧] | **ଦୀୟତେ** | = ଦିଆଯାଏ |
| **ଚ** | = ତଥା | **ତତ୍** | = ସେହି |
| **ପ୍ରତ୍ୟୁପକାରାର୍ଥମ** | = ପ୍ରତ୍ୟୁପକାର ପାଇବା ନିମନ୍ତେ[୨] | **ଦାନମ୍** | = ଦାନକୁ |
| **ବା** | = ଅଥବା | **ରାଜସମ୍** | = ରାଜସ |
| **ଫଳମ୍** | = ଫଳପ୍ରାପ୍ତି | **ସ୍ମୃତମ୍** | = କୁହାଯାଇଛି । |

ଅଦେଶକାଳେ, ଯତ୍, ଦାନମ୍, ଅପାତ୍ରେଭ୍ୟଃ, ଚ, ଦୀୟତେ ,
ଅସତ୍କୃତମ୍, ଅବଜ୍ଞାତମ୍, ତତ୍, ତାମସମ୍, ଉଦାହୃତମ୍, ॥୨୨॥

| | | | |
|---|---|---|---|
| **ଯତ୍** | = ଯେଉଁ | **ଚ** | = ଏବଂ |
| **ଦାନମ୍** | = ଦାନ | **ଅପାତ୍ରେଭ୍ୟଃ** | = ଅପାତ୍ରମାନଙ୍କୁ |
| **ଅସତ୍କୃତମ୍** | = ବିନାସତ୍କାରରେ | **ଦୀୟତେ** | = ଦିଆଯାଏ |
| **(ବା)** | = ଅଥବା | **ତତ୍** | = ସେହି ଦାନକୁ |
| **ଅବଜ୍ଞାତମ୍** | = ତିରସ୍କାର ପୂର୍ବକ | **ତାମସମ୍** | = ତାମସ |
| **ଅଦେଶକାଳେ** | = ଅଯୋଗ୍ୟ ଦେଶ କାଳରେ | **ଉଦାହୃତମ୍** | = କୁହାଯାଇଛି । |

ଓଁ, ତତ୍, ସତ୍, ଇତି, ନିର୍ଦ୍ଦେଶଃ, ବ୍ରହ୍ମଣଃ, ତ୍ରିବିଧଃ, ସ୍ମୃତଃ,
ବ୍ରାହ୍ମଣାଃ, ତେନ, ବେଦାଃ, ଚ, ଯଜ୍ଞାଃ, ଚ, ବିହିତାଃ, ପୁରା ॥୨୩॥

**ଆହୁରି ହେ ଅର୍ଜୁନ !-**

| | | | |
|---|---|---|---|
| **ଓଁ** | = ଓଁ | **ବ୍ରାହ୍ମଣଃ** | = ସଚ୍ଚିଦାନନ୍ଦ ଘନ ବ୍ରହ୍ମଙ୍କ |
| **ତତ୍** | = ତତ୍ | **ନିର୍ଦ୍ଦେଶଃ** | = ନାମ |
| **ସତ୍** | = ସତ୍- | **ସ୍ମୃତଃ** | = କୁହାଯାଇଛି; |
| **ଇତି** | = ଏହିପରି (ଏହି) | **ତେନ** | = ସେହିଥିରୁ |
| **ତ୍ରିବିଧଃ** | = ତିନିପ୍ରକାରର | **ପୁରା** | = ସୃଷ୍ଟିର ଆଦିକାଳରେ |

**ବ୍ରାହ୍ମଣାଃ** = ବ୍ରାହ୍ମଣ
**ଚ** = ଏବଂ
**ବେଦାଃ** = ବେଦ
**ଚ** = ତଥା
**ଯଜ୍ଞାଃ** = ଯଜ୍ଞାଦି
**ବିହିତାଃ** = ରଚାଯାଇଛି ।

ତସ୍ମାତ୍, ଓମ୍, ଇତି, ଉଦାହୃତ୍ୟ, ଯଜ୍ଞଦାନତପଃକ୍ରିୟାଃ,
ପ୍ରବର୍ତ୍ତନ୍ତେ, ବିଧାନୋକ୍ତାଃ, ସତତମ୍, ବ୍ରହ୍ମବାଦିନାମ୍, ॥୨୪॥

**ତସ୍ମାତ୍** = ତେଣୁ
**ବ୍ରହ୍ମବାଦିନାମ୍** = ବେଦମନ୍ତ୍ର ଉଚ୍ଚାରଣ କରୁଥିବା ଶ୍ରେଷ୍ଠ ପୁରୁଷମାନଙ୍କର
**ବିଧାନୋକ୍ତୋଃ** = ଶାସ୍ତ୍ରବିଧି ଦ୍ୱାରା ନିୟତ
**ଯଜ୍ଞଦାନ ତପଃକ୍ରିୟାଃ** = ଯଜ୍ଞ,ଦାନ ଏବଂ ତପରୂପକ କ୍ରିୟାଗୁଡ଼ିକ
**ସତତମ୍** = ସର୍ବଦା
**ଓମ୍** = ଓଁ
**ଇତି** = ଏହି ପରମାତ୍ମାଙ୍କ(ନାମକୁ)
**ଉଦାହୃତ୍ୟ** = ଉଚ୍ଚାରଣ କରି (ହିଁ)
**ପ୍ରବର୍ତ୍ତନ୍ତେ** = ଆରମ୍ଭ ହୁଏ ।

ତତ୍, ଇତି, ଅନଭିସନ୍ଧାୟ, ଫଳମ୍, ଯଜ୍ଞତପଃକ୍ରିୟାଃ,
ଦାନକ୍ରିୟାଃ, ଚ, ବିବିଧାଃ, କ୍ରିୟନ୍ତେ, ମୋକ୍ଷକାଙ୍କ୍ଷିଭିଃ ॥୨୫॥

**ଏବଂ-**

**ତତ୍** = ତତ୍ ଅର୍ଥାତ୍ ଏସବୁ 'ତତ୍'ନାମରେ କୁହାଯାଉଥିବା ପରମାତ୍ମାଙ୍କର ହିଁ ଅଟେ ।
**ଇତି** = ଏହି (ଭାବ ରଖି)
**ଫଳମ୍** = ଫଳକୁ
**ଅନିଭିଜ୍ଞସନ୍ଧାୟ** = ଆଶା ନ ରଖି
**ବିବିଧାଃ** = ନାନା ପ୍ରକାରର
**ଯଜ୍ଞତପଃକ୍ରିୟାଃ** = ଯଜ୍ଞ, ତପ ରୂପକ କ୍ରିୟା
**ଚ** = ତଥା
**ଦାନ କ୍ରିୟାଃ** = ଦାନରୂପୀ କ୍ରିୟା
**ମୋକ୍ଷକାଙକ୍ଷିଭିଃ** = କଲ୍ୟାଣର ଇଚ୍ଛା ରଖିଥିବା ପୁରୁଷମାନଙ୍କ ଦ୍ୱାରା
**କ୍ରିୟନ୍ତେ** = କରାଯାଏ ।

ସଦ୍ଭାବେ, ସାଧୁଭାବେ, ଚ, ସତ୍, ଇତି, ଏତତ୍, ପ୍ରଯୁଜ୍ୟତେ,
ପ୍ରଶସ୍ତେ, କର୍ମଣି, ତଥା, ସତ୍, ଶବ୍ଦଃ, ପାର୍ଥ, ଯୁଜ୍ୟତେ ॥୨୬॥

ଏବଂ-

**ସତ୍** = ସତ୍ -
**ଇତି** = ଏହିପରି
**ଏତତ୍** = ଏହି (ପରମାତ୍ମାଙ୍କର ନାମ)
**ସଦ୍ଭାବେ** = ସତ୍ୟ ଭାବରେ
**ଚ** = ଏବଂ
**ସାଧୁଭାବେ** = ଶ୍ରେଷ୍ଠଭାବରେ
**ପ୍ରଯୁଜ୍ୟତେ** = ପ୍ରୟୋଗ କରାଯାଏ
**ତଥା** = ତଥା
**ପାର୍ଥ** = ହେ ପାର୍ଥ !
**ପ୍ରଶସ୍ତେ** = ଉତ୍ତମ
**କର୍ମଣି** = କର୍ମରେ (ମଧ୍ୟ)
**ସତ୍** = 'ସତ୍'
**ଶବ୍ଦଃ** = ଶବ୍ଦର
**ଯୁଜ୍ୟତେ** = ପ୍ରଯୋଗ କରାଯାଇଥାଏ ।

ଯଜ୍ଞେ, ତପସି, ଦାନେ, ଚ, ସ୍ଥିତିଃ, ସତ୍, ଇତି, ଚ, ଉଚ୍ୟତେ, କର୍ମ,
ଚ, ଏବ, ତଦର୍ଥୀୟମ୍, ସତ୍, ଇତି, ଏବ, ଅଭିଧୀୟତେ ॥୨୭॥

**ଚ** = ତଥା
**ଯଜ୍ଞେ** = ଯଜ୍ଞ,
**ତପସି** = ତପ
**ଚ** = ଓ
**ଦାନେ** = ଦାନରେ
**(ଯା)** = ଯେଉଁ
**ସ୍ଥିତିଃ** = ସ୍ଥିତି (ଥାଏ)
**(ସା)** = ତାହା
**ଏବ** = ମଧ୍ୟ
**ସତ୍** = 'ସତ୍'
**ଇତି** = ଏହିପରି
**ଉଚ୍ୟତେ** = କୁହାଯାଏ
**ଚ** = ଏବଂ
**ତଦର୍ଥୀୟମ୍** = { ସେହି ପରମାତ୍ମାଙ୍କ ପାଇଁ କରାଯାଉଥିବା
**କର୍ମ** = କର୍ମକୁ
**ଏବ** = ନିଶ୍ଚିତ ରୂପେ
**ସତ୍** = ସତ୍(ବୋଲି)
**ଇତି** = ଏହିପରି
**ଅଭିଧୀୟତେ** = କୁହାଯାଏ ।

ଅଶ୍ରଦ୍ଧୟା, ହୁତମ୍, ଦତ୍ତମ୍, ତପଃ, ତପ୍ତମ୍, କୃତମ୍, ଚ, ଯତ୍, ଅସତ୍,
ଇତି, ଉଚ୍ୟତେ, ପାର୍ଥ, ନ, ଚ, ତତ୍, ପ୍ରେତ୍ୟ, ନୋ, ଇହ ॥୨୮॥

ଏବଂ

| | |
|---|---|
| **ପାର୍ଥ** = ହେ ଅର୍ଜୁନ ! | **(ତତ୍)** = ସେ ସବୁ |
| **ଅଶ୍ରଦ୍ଧୟା** = { ବିନାଶ୍ରଦ୍ଧାରେ କରାଯାଉଥିବା) | **ଅସତ୍** = 'ଅସତ୍' |
| | **ଇତି** = ବୋଲି |
| **ହୁତମ୍** = ହୋମ | **ଉଚ୍ୟତେ** = କୁହାଯାଏ (ତେଣୁ) |
| **ଦତ୍ତମ୍** = { ଦିଆଯାଉଥିବା ଦାନ (ଏବଂ) | **ତତ୍** = ତାହା |
| | **ନୋ** = ନା (ତ) |
| **ତପ୍ତମ୍ ତପଃ** = କରାଯାଉଥିବା ତପ | **ଇହ** = { ଏହି ଲୋକରେ ଲାଭ ଦାୟକ ଅଟେ । |
| **ଚ** = ଏବଂ | |
| **ଯତ୍** = ଯାହା (କିଛି ମଧ୍ୟ) | **ଚ** = ଏବଂ |
| **କୃତମ୍** = କରାଯାଉଥିବା ଶୁଭକର୍ମ | **ନ** = ନା |
| | **ପ୍ରେତ୍ୟ** = ମରିବା ପରେ ମଧ୍ୟ |

**ଶ୍ରୀମଭଗବତ୍ ଗୀତାର ଶେଷ ଅଧ୍ୟାୟ ୧୮ର କିଛି ଶ୍ଳୋକର ଫୋଟୋ କପି :-**

## ଅଥାଷ୍ଟାଦଶୋଧ୍ୟାୟଃ

ସନ୍ନ୍ୟାସସ୍ୟ, ମହାବହୋ, ତତ୍ତ୍ୱମ୍, ଇଚ୍ଛାମି ବେଦିତୁମ୍,
ତ୍ୟାଗସ୍ୟ, ଚ, ହୃଷୀକେଶ, ପୃଥକ, କେଶିନିଷୂଦନ୍ ॥୧॥

**ଏହା ପରେ ଅର୍ଜୁନ କହିଲେ:-**

| | |
|---|---|
| **ମହାବାହୋ** = ହେ ମହାବାହୁ ! | **ତ୍ୟାଗସ୍ୟ** = ତ୍ୟାଗର |
| **ହୃଷୀକେଶ** = ହେ ଅନ୍ତର୍ଯ୍ୟାମୀ ! | **ତତ୍ତ୍ୱମ୍** = ତତ୍ତ୍ୱକୁ |
| **କେଶିନିଷୁଦନ** = ହେ ବାସୁଦେବ !(ମୁଁ) | **ପୃଥକ୍** = ପୃଥକ୍ -ପୃଥକ୍ (ଭାବରେ) |
| **ସନ୍ନ୍ୟାସସ୍ୟ** = ସନ୍ନ୍ୟାସ | **ବେଦିତୁମ୍** = ଜାଣିବାକୁ |
| **ଚ** = ଏବଂ | **ଇଚ୍ଛାମି** = ଚାହୁଁଛି । |

କାମ୍ୟାନାମ୍, କର୍ମଣାମ୍, ନ୍ୟାସମ୍, ସନ୍ନ୍ୟାସମ୍, କବୟଃ, ବିଦୁଃ,
ସର୍ବକର୍ମଫଳତ୍ୟାଗମ୍, ପ୍ରାହୁଃ, ତ୍ୟାଗମ୍, ବିଚକ୍ଷଣାଃ॥୨॥

**ଅର୍ଜୁନ ଏଭଳି ପଚାରିବାରୁ ଶ୍ରୀଭଗବାନ କହିଲେ, ହେ ଅର୍ଜୁନ ! କେତେକ -**

**କବୟଃ** = ପଣ୍ଡିତଗଣ(ତ)
**କାମ୍ୟାନାମ** = କାମ୍ୟ[୧]
**କର୍ମଣାମ୍** = କର୍ମମାନଙ୍କର
**ନ୍ୟାସମ୍** = ତ୍ୟାଗକୁ
**ସନ୍ନ୍ୟାସମ୍** = ସନ୍ନ୍ୟାସ (ବୋଲି)
**ବିଦୁଃ** = ବୁଝନ୍ତି
(ତଥା ଅନ୍ୟ)
**ବିଚକ୍ଷଣାଃ** = { ବିଚାରକୁଶଳ ପୁରୁଷମାନେ
**ସର୍ବକର୍ମଫଳତ୍ୟାଗମ୍** = { ସକଳ କର୍ମଫଳର ତ୍ୟାଗକୁ[୨]
**ତ୍ୟାଗମ୍** = ତ୍ୟାଗ (ବୋଲି)
**ପ୍ରାହୁଃ** = କହନ୍ତି

ତ୍ୟାଜ୍ୟମ୍, ଦୋଷବତ୍, ଇତି, ଏକେ, କର୍ମ, ପ୍ରାହୁଃ, ମନୀଷିଣଃ
ଯଜ୍ଞଦାନତପଃକର୍ମ, ନ, ତ୍ୟାଜ୍ୟମ୍, ଇତି, ଚ, ଅପରେ ॥୩॥

**ଏକେ** = କେହି ଜଣେ
**ମନୀକ୍ଷିଣଃ** = ବିଦ୍ୱାନ୍
**ଇତି** = ଏଭଳି
**ପ୍ରାହୁଃ** = କହନ୍ତି(ଯେ)
**କର୍ମ** = କର୍ମମାତ୍ର
**ଦୋଷବତ୍** = { (ଦୋଷଯୁକ୍ତ ଅଟେ, ତେଣୁ ତାହା)
**ତ୍ୟାଜ୍ୟମ୍** = ତ୍ୟାଗ କରିବା ଯୋଗ୍ୟ
**ଚ** = ଏବଂ
**ଅପରେ** = ଅନ୍ୟବିଦ୍ୱାନ୍ ମାନେ
**ଇତି** = ଏହା
**(ଆହୁଃ)** = କହନ୍ତି (ଯେ)
**ଯଜ୍ଞଦାନତପଃକର୍ମ** = { ଯଜ୍ଞ, ଦାନ ଏବଂ ତପ ରୂପକ କର୍ମ
**ନ, ତ୍ୟ୍ୟମ୍** = { ତ୍ୟାଗ କରିବା ଉଚିତ୍ ନୁହେଁ ।

ନିଶ୍ଚୟମ୍, ଶୃଣୁ, ମେ, ତତ୍ର, ତ୍ୟାଗେ , ଭରତସତ୍ତମ,
ତ୍ୟାଗଃ, ହି, ପୁରୁଷବ୍ୟାଘ୍ର, ତ୍ରିବିଧଃ, ସମ୍ପ୍ରକୀର୍ତ୍ତିତଃ ॥୪॥

**ପୁରୁଷବ୍ୟାଘ୍ର** = ହେ ପୁରୁଷଶ୍ରେଷ୍ଠ
**ଭରତସତ୍ତମ** = ଅର୍ଜୁନ !
**ତତ୍ର** = { ସନ୍ୟାସ ଓ ତ୍ୟାଗ-ଏଦୁଇଟି ମଧ୍ୟରୁ ପ୍ରଥମେ
**ତ୍ୟାଗେ** = ତ୍ୟାଗ ବିଷୟରେ (ତୁ)
**ମେ** = ମୋର
**ନିଶ୍ଚିୟମ୍** = ନିଶ୍ଚିତ
**ଶୃଣୁ** = ଶୁଣ ।
**ହି** = କାରଣ
**ତ୍ୟାଗଃ** = { ତ୍ୟାଗ (ସାତ୍ତ୍ୱିକ ରାଜସ, ଓ ତାମସ -ଭେଦରେ)
**ତ୍ରିବିଧଃ** = ତିନି ପ୍ରକାରର (ବୋଲି)
**ସମ୍ପ୍ରକୀର୍ତିତଃ** = କୁହାଯାଇଛି ।

ଯଜ୍ଞଦାନତପଃକର୍ମ, ନ, ତ୍ୟାଜ୍ୟମ୍, କାର୍ଯ୍ୟମ୍, ଏବ, ତତ୍,
ଯଜ୍ଞଃ, ଦାନମ୍, ତପଃ, ଚ, ଏବ, ପାବନାନି, ମନୀଷିଣାମ୍ ॥୫॥

| | |
|---|---|
| **ଯଜ୍ଞଦାନତପଃକର୍ମ** = { ଯଜ୍ଞ, ଦାନ ଓ ତପରୂପକ କର୍ମ | **ଯଜ୍ଞଃ** = ଯଜ୍ଞ |
| | **ଦାନମ୍** = ଦାନ |
| **ନ, ତ୍ୟାଜ୍ୟମ୍** = { ତ୍ୟାଗ କରିବା ଉଚିତ୍ ନୁହେଁ; (ବରଂ) | **ଚ** = ଓ |
| | **ତପଃ** = ତପ (ଏହି ତିନୋଟି ) |
| **ତତ୍** = ତାହା (ତ) | **ଏବ** = ହିଁ (କର୍ମ) |
| **ଏବ** = ଅବଶ୍ୟ | **ମନୀଷିଣାମ୍** = { ବୁଦ୍ଧିମାନ* ପୁରୁଷମାନଙ୍କୁ |
| **କାର୍ଯ୍ୟମ୍** = କରଣୀୟ; କାରଣ | |
| | **ପାବନାନି** = ପବିତ୍ର କରିଥାଏ । |

ଏତାନି, ଅପି, ତୁ, କର୍ମାଣି, ସଙ୍ଗମ୍, ତ୍ୟକ୍ତ୍ୱା, ଫଳାନି, ଚ,
କର୍ତ୍ତବ୍ୟାନି, ଇତି, ମେ, ପାର୍ଥ, ନିଶ୍ଚିତମ୍, ମତମ୍, ଉତ୍ତମମ୍ ॥୬॥

**ତେଣୁ**

| | |
|---|---|
| **ପାର୍ଥ** = ହେ ପାର୍ଥ ! | **ଫଳାନି** = ଫଳ |
| **ଏତାନି** = { ଏହି ଯଜ୍ଞ, ଦାନ ଓ ତପରୂପକ କର୍ମଗୁଡ଼ିକୁ | **ତ୍ୟକ୍ତ୍ୱ** = ତ୍ୟାଗ କରି |
| | **କର୍ତବ୍ୟାନି** = କରିବା ଉଚିତ୍; |
| **ତୁ** = ତଥା | **ଇତି** = ଏହା ହେଉଛି |
| **(ଅନ୍ୟାନି)** = ଆଉ | |
| **ଅପି** = ମଧ୍ୟ | **ମେ** = ମୋର |
| **କର୍ମାଣି** = { ସକଳ କର୍ତ୍ତବ୍ୟ କର୍ମଗୁଡ଼ିକୁ ଅବଶ୍ୟ | **ନିଶ୍ଚିତମ୍** = ନିଶ୍ଚୟକୃତ |
| **ସଙ୍ଗମ** = ଆସକ୍ତି | **ଉତ୍ତମମ୍** = ଉତ୍ତମ |
| **ଚ** = ଓ | **ମତମ୍** = ମତ ଅଟେ । |

ନିୟତସ୍ୟ, ତୁ, ସନ୍ନ୍ୟାସଃ, କର୍ମଣଃ, ନ, ଉପପଦ୍ୟତେ,
ମୋହାତ୍, ତସ୍ୟ, ପରିତ୍ୟାଗଃ, ତାମସଃ, ପରିକୀର୍ତ୍ତିତଃ ॥୭॥

| | | | |
|---|---|---|---|
| **ତୁଃ** | = ପରନ୍ତୁ | **ମୋହାତ୍** | = ମୋହବଶତଃ |
| **ନିୟତସ୍ୟ** | = ନିୟତ* | **ତସ୍ୟ** | = ତାହା |
| **କର୍ମଣଃ** | = କର୍ମର | **ପରିତ୍ୟାଗ** | = ତ୍ୟାଗ କରି ଦେବାକୁ |
| **ସନ୍ନ୍ୟାସଃ** | = ସ୍ୱରୂପତଃ ତ୍ୟାଗ | **ତାମସଃ** | = ତାମସ |
| **ନ,ଉପପଦ୍ୟତେ** | = ଉଚିତ୍ ନୁହେଁ ତେଣୁ | **ପରିକୀର୍ତିତଃ** | = ତ୍ୟାଗ କୁହାଯାଇଛି । |

ଦୁଃଖମ୍, ଇତି, ଏବ, ଯତ୍, କର୍ମ, କାୟକ୍ଲେଶଭୟାତ୍, ତ୍ୟଜେତ୍,
ସଃ, କୃତ୍ୱା, ରାଜସମ୍, ତ୍ୟାଗମ୍, ନ,ଏବ, ତ୍ୟାଗଫଳମ୍, ଲଭେତ୍॥୮॥

| | | | |
|---|---|---|---|
| **ଯତ୍** | = ଯାହା(କିଛି ) | **ତ୍ୟଜେତ୍** | = ତ୍ୟାଗ କରିଦେବ (ତ) |
| **କର୍ମ** | = କର୍ମ ଅଛି । | **ସଃ** | = ସେ (ଏପରି ) |
| **(ତତ୍)** | = ସେସୁବୁ | **ରାଜସମ୍** | = ରାଜସ |
| | | **ତ୍ୟାଗମ୍** | = ତ୍ୟାଗ |
| **ଦୁଃଖମ୍,ଏବ** | = ଦୁଃଖରୂପ ହିଁ ଅଟେ- | **କୃତ୍ୱା** | = କରି |
| **ଇତି** | = ଏଭଳି (ବୁଝି ଯଦି କେହି ) | **ତ୍ୟାଗ ଫଳମ୍** | = ତ୍ୟାଗର ଫଳକୁ |
| **କାୟକ୍ଲେଶଭୟାତ୍** | = { ଶାରୀରିକ କଷ୍ଟ | **ଏବ** | = କୌଣସି ପ୍ରକାରେ ବି |
| | ଭୟରେ (କର୍ତ୍ତବ୍ୟ କର୍ମ) | **ନ, ଲଭେତ୍** | = ପାଏ ନାହିଁ । |

କାର୍ଯ୍ୟମ୍, ଇତି, ଏବ, ଯତ୍, କର୍ମ, ନିୟତମ୍, କ୍ରିୟତେ, ଅର୍ଜୁନ,
ସଙ୍ଗମ୍, ତ୍ୟକ୍ତ୍ୱା, ଫଳମ୍, ଚ,ଏବ, ସଃ, ତ୍ୟାଗଃ, ସାତ୍ତ୍ୱିକଃ, ମତଃ ॥୯॥

| | | | |
|---|---|---|---|
| **ଅର୍ଜୁନ** | = ହେ ଅର୍ଜୁନ ! | **ଫଳମ୍** | = ଫଳକୁ |
| **ଯତ୍** | = ଯେଉଁ | **ତ୍ୟକ୍ତ୍ୱା** | = ତ୍ୟାଗ କରି |
| **ନିୟତମ** | = ଶାସ୍ତ୍ର ବିହିତ | **କ୍ରିୟତେ** | = କରାଯାଇଥାଏ । |
| **କର୍ମ** | = କର୍ମ | **ସଃ,ଏବ** | = ତାହା ହିଁ |
| **କାର୍ଯ୍ୟମ୍** | = କରିବା ହିଁ କର୍ତ୍ତବ୍ୟ ଅଟେ । | **ସାତ୍ତ୍ୱକଃ** | = ସାତ୍ତ୍ୱିକ |
| **ଇତି,ଏବ** | =ଏହି ଭାବନା ରଖି | **ତ୍ୟାଗଃ** | = ତ୍ୟାଗଃ(ବୋଲି) |
| **ସଙ୍ଗମ୍** | = ଆସକ୍ତିକୁ | **ମତଃ** | = ମାନି ନିଆଯାଇଛି । |
| **ଚ** | = ଓ | | |

ନ, ଦ୍ୱେଷ୍ଟି, ଅକୁଶଳମ, କର୍ମ, କୁଶଳେ, ନ, ଅନୁଷଜ୍ଜତେ,
ତ୍ୟାଗୀ, ସତ୍ତ୍ୱସମାବିଷ୍ଟଃ, ମେଧାବୀ, ଛିନ୍ନସଂଶୟଃ ॥୧୦॥

**ଅନୁଶଳମ୍** = ଅକୁଶଳ
**କର୍ମ** = କର୍ମପ୍ରତି(ତ)
**ନ,ଦ୍ୱେଷ୍ଟି** = ଦ୍ୱେଷ କରେ ନାହିଁ (ଏବଂ)
**କୁଶଳେ** = କୁଶଳ କର୍ମପ୍ରତି
**ନ, ଅନୁଷଜ୍ଜତେ** = ଆସକ୍ତ ହୁଏ ନାହିଁ (ସେହି)

**ସତ୍ତ୍ୱସମାବିଷ୍ଟଃ** = ଶୁଦ୍ଧ ସତ୍ୱଗୁଣଯୁକ୍ତ ପୁରୁଷ
**ଛିନ୍ନ ସଂଶୟ** = ସଂଶୟ ରହିତ
**ମେଧାବୀ** = ବୁଦ୍ଧିମାନ (ଏବଂ)
**ତ୍ୟାଗୀ** = ପ୍ରକୃତ ତ୍ୟାଗୀ ଅଟେ ।

ନ, ହି, ଦେହଭୃତା, ଶକ୍ୟମ୍, ତ୍ୟକ୍ତୁମ, କର୍ମାଣି, ଅଶେଷତଃ,
ଯଃ, ତୁ, କର୍ମଫଳତ୍ୟାଗୀ, ସଃ, ତ୍ୟାଗୀ, ଇତି, ଅଭିଧୀୟତେ ॥୧୧॥

**ହି** = କାରଣ
**ଦେହଭୃତା** = ଶରୀରଧାରୀ କୌଣସି ବି ମଣିଷ
**ଅଶେଷତଃ** = ସମ୍ପୂର୍ଣ୍ଣ ରୂପେ
**କର୍ମାଣି** = ସକଳ କର୍ମକୁ
**ତ୍ୟକ୍ତୁମ୍** = ତ୍ୟାଗ କରିଦେବାକୁ
**ନ, ଶକ୍ୟମ୍** = ସକ୍ଷମ ନୁହେଁ ;
**(ତସ୍ମାତ୍)** = ତେଣୁ
**ଯଃ** = ଯିଏ

**କର୍ମ ଫଳ ତ୍ୟାଗୀ** = କର୍ମଫଳ ତ୍ୟାଗୀ ଅଟେ ।
**ସଃ, ତୁ** = ସେଇ ହିଁ
**ତ୍ୟାଗୀ** = ତ୍ୟାଗୀ । (ବୋଲି)
**ଇତି** = ଏହା
**ଅଭିଧୀୟତେ** = କୁହାଯାଏ ।

ସୁଖମ୍, ତୁ, ଇଦାନୀମ୍, ତ୍ରିବିଧମ, ଶୃଣୁ, ମେ, ଭରତର୍ଷଭ,
ଅଭ୍ୟାସାତ୍, ରମତେ, ଯତ୍ର, ଦୁଃଖାନ୍ତମ୍, ଚ, ନିଗଚ୍ଛତି ॥୩୬॥
ଯତ୍, ତତ୍, ଅଗ୍ରେ, ବିଷମ, ଇବ, ପରିଣାମେ, ଅମୃତୋପମମ୍,
ତତ୍, ସୁଖମ୍, ସାତ୍ତ୍ୱିକମ୍, ପ୍ରୋକ୍ତମ୍, ଆତ୍ମବୁଦ୍ଧିପ୍ରସାଦଜମ୍ ॥୩୭॥

**ଭରତର୍ଷଭ** =ହେ ଭରତ ଶ୍ରେଷ୍ଠ !
**ଇଦାନୀମ୍** = ବର୍ତ୍ତମାନ
**ତ୍ରିବିଧମ୍,** = ତିନି ପ୍ରକାର

**ସୁଖମ୍** = ସୁଖ(ବିଷୟରେ)
**ତୁ** = ମଧ୍ୟ(ତୁ)
**ମେ** = ମୋଠାରୁ

**ଶୃଣୁ** = ଶୁଣ
**ଯତ୍ର** = ଯେଉଁ ସୁଖରେ(ସାଧକ)
ଅଭ୍ୟାସାତ = ଭଜନ, ଧ୍ୟାନ ଓ ସେବାଦି ଅଭ୍ୟାସ ଦ୍ୱାରା
**ରମତେ** = ରମଣ କରନ୍ତି
**ଚ** = ଏବଂ(ଯାହାଦ୍ୱାରା)
**ଦୁଃଖାନ୍ତମ୍** = ଦୁଃଖର ଅନ୍ତକୁ
**ନିଗଚ୍ଛତି** = ପ୍ରାପ୍ତ ହୋଇଯାଆନ୍ତି
**ଯତ୍** = ଯାହା (ଏହା ଏଭଳି ସୁଖ ଅଟେ ।)
**ତତ୍** = ତାହା
**ଅଗ୍ରେ** = ଆରମ୍ଭ କାଳରେ(ଯଦିଓ)
**ବିଷମ୍** = ବିଷ
**ଇବ** = ପରି ଲାଗେ (କିନ୍ତୁ)
**ପରିଣାମେ** = ପରିଣାମରେ
**ଅମୃତୋପମମ୍** = ଅମୃତ ତୁଲ୍ୟ (ହୋଇଯାଏ),
**(ଅତଃ)** = ତେଣୁ
**ତତ୍** = ତାହା
**ଆତ୍ମବୁଦ୍ଧି** = ପରମାତ୍ମ ବିଷୟକ
**ପ୍ରସାଦଜମ୍** = ବୁଦ୍ଧିର ପ୍ରସାଦରୁ ଉତ୍ପନ୍ନ ହେଉଥିବା
**ସୁଖମ୍** = ସୁଖକୁ
**ସାତ୍ତ୍ୱିକମ୍** = ସାତ୍ତ୍ୱିକ (ସୁଖ)
**ପ୍ରୋକ୍ତମ୍** = କୁହାଯାଇଛି ।

ବିଷୟେନ୍ଦ୍ରିୟସଂଯୋଗାତ୍, ଯତ୍, ତତ୍, ଅଗ୍ରେ, ଅମୃତୋପମମ୍,
ପରିଣାମେ, ବିଷମ୍, ଇବ, ତତ୍, ସୁଖମ୍, ରାଜସମ୍, ସ୍ମୃତମ୍ ।।୩୮।।

**ଯତ୍** = ଯେଉଁ
**ସୁଖମ୍** = ସୁଖ,
**ବିଷୟେନ୍ଦ୍ରିୟ** = ବିଷୟ ଓ ଇନ୍ଦ୍ରିୟର
**ସଂଯୋଗାତ୍** = ସଂଯୋଗରୁ
**(ଭବତି)** = ହୁଏ,
**ତତ୍** = ତାହା
**ଅଗ୍ରେ** = ପ୍ରଥମେ-ଭୋଗକାଳରେ
**ଅମୃତୋପମ୍** = ଅମୃତତୁଲ୍ୟ ପ୍ରତୀତ ହେଲେ ମଧ୍ୟ
**ପରିଣାମେ** = ପରିଣାମରେ
**ବିଷମ୍** = ବିଷ[୨]
**ଇବ** = ତୁଲ୍ୟ ଅଟେ ।
**(ଅତଃ)** = ତେଣୁ
**ତତ୍** = ସେହି ସୁଖକୁ
**ରାଜସମ୍** = ରାଜସ
**ସ୍ମୃତମ୍** = କୁହାଯାଇଛି ।

ବ୍ରାହ୍ମଣକ୍ଷତ୍ରିୟବିଶାମ୍, ଶୁଦ୍ରାଣାମ, ଚ, ପରନ୍ତପ,
କର୍ମାଣି, ପ୍ରବିଭକ୍ତାନି, ସ୍ୱଭାବପ୍ରଭବୈଃ, ଗୁଣୈଃ ॥୪୧॥

**ପରନ୍ତପ** = ହେ ପରନ୍ତପ !
**ବ୍ରାହ୍ମଣକ୍ଷତ୍ରିୟ - ବିଶାମ୍** = ବ୍ରାହ୍ମଣ, କ୍ଷତ୍ରିୟ ଓ ବୈଶ୍ୟମାନଙ୍କର
**ଚ** = ତଥା
**ଶୁଦ୍ରାଣାମ** = ଶୁଦ୍ରମାନଙ୍କର
**କର୍ମାଣି** = କର୍ମଗୁଡ଼ିକ
**ସ୍ୱଭାବପ୍ରଭବୈଃ** = ସ୍ୱଭାବରୁ ଉତ୍ପନ୍ନ
**ଗୁଣୈଃ** = ଗୁଣ ଦ୍ୱାରା
**ପ୍ରବି ଭକ୍ତାନି** = ବିଭକ୍ତ କରାଯାଇଛି ।

ଶମଃ, ଦମଃ, ତପଃ, ଶୌଚମ୍, କ୍ଷାନ୍ତିଃ, ଆର୍ଜବମ୍, ଏବ, ଚ,
ଜ୍ଞାନମ୍, ବିଜ୍ଞାନମ୍, ଆସ୍ତିକ୍ୟମ୍, ବ୍ରହ୍ମକର୍ମ, ସ୍ୱଭାବଜମ୍ ॥୪୨॥

**ଶମଃ** = ଅନ୍ତ କରଣକୁ ନିଗ୍ରହ କରିବା ;
**ଦମଃ** = ଇନ୍ଦ୍ରିୟମାନଙ୍କୁ ଦମନ କରିବା ;
**ତପଃ** = ଧର୍ମ ପାଳନ ପାଇଁ କଷ୍ଟ ସହିବା
**ଶୌଚମ୍** = ଶୁଦ୍ଧ ରହିବା; ଅନ୍ୟର ଅପରାଧକୁ କ୍ଷମା କରିବା
**ଆର୍ଜବମ**= ମନ, ଇନ୍ଦ୍ରିୟ ଓ ଶରୀରକୁ ସରଳ ରଖିବା;
**ଆସ୍ତିକ୍ୟମ୍** = ବେଦ,ଶାସ୍ତ୍ର,ଈଶ୍ୱର ଏବଂ ପର ଲୋକ ଆଦିରେ ଶ୍ରଦ୍ଧାରଖିବା;
**ଜ୍ଞାନମ୍** = ବେଦ- ଶାସ୍ତ୍ରମାନଙ୍କର
**ଚ** = ଏବଂ
**ବିଜ୍ଞାନମ୍** = ପରମାତ୍ମଙ୍କର ତତ୍ତ୍ୱକୁ ଅନୁଭବ କରିବା (ଏ ସବୁ)
**ଏବ** = ହିଁ
**ବ୍ରହ୍ମକର୍ମ - ସ୍ୱାଭାବଜମ୍** = ବ୍ରାହ୍ମଣର ସ୍ୱାଭାବିକ କର୍ମ ଅଟେ ।

ଶୌର୍ଯ୍ୟମ୍, ତେଜଃ, ଧୃତିଃ, ଦାକ୍ଷ୍ୟମ୍, ଯୁଦ୍ଧେ, ଚ, ଅପି, ଅପଳାୟନମ୍,
ଦାନମ୍, ଈଶ୍ୱରଭାବଃ, ଚ, କ୍ଷାତ୍ରମ୍, କର୍ମ, ସ୍ୱଭାବଜମ୍ ॥୪୩॥

**ଶୌର୍ଯ୍ୟମ୍** = ଶୂରବୀରତା,
**ତେଜଃ** = ତେଜ,
**ଧୃତିଃ** = ଧୈର୍ଯ୍ୟ,
**ଦାକ୍ଷ୍ୟମ୍** = ଚତୁରତା

**ଚ** = ଏବଂ
**ଯୁଦ୍ଧେ** = ଯୁଦ୍ଧରେ
**ଅପି** = ମଧ୍ୟ
**ଅପଳାୟନମ୍** = ପଳାଇ ନ ଯିବା
**ଦାନମ୍** = ଦାନଦେବା
**ଚ** = ଏବଂ
**ଈଶ୍ୱରଭାବଃ** = ସ୍ୱାମୀତ୍ୱ - (ଏସବୁ)
**କ୍ଷାତମ୍** = କ୍ଷତ୍ରିୟମାନଙ୍କର
**ସ୍ୱଭାବଜମ୍** = ସ୍ୱାଭାବିକ
**କର୍ମ** = କର୍ମ ଅଟେ ।

କୃଷିଗୌରକ୍ଷ୍ୟବାଣିଜ୍ୟମ୍, ବୈଶ୍ୟକର୍ମ, ସ୍ୱଭାବଜମ୍,
ପରିଚର୍ଯ୍ୟାତ୍ମକମ୍, କର୍ମ, ଶୂଦ୍ରସ୍ୟ, ଅପି, ସ୍ୱଭାବଜମ୍, ॥୪୪॥

**କୃଷିଗୌରାକ୍ଷ୍ୟ-ବାଣିଜ୍ୟମ୍** = କୃଷି, ଗୋପାଳନ ଓ କ୍ରୟ-ବିକ୍ରୟ ରୂପକ ସତ୍ୟ ବ୍ୟବହାର*(ଏସବୁ)
**ବୈଶ୍ୟକର୍ମ-** ବୈଶ୍ୟଙ୍କର ସ୍ୱାଭାବିକ
**ସ୍ୱଭାବଜମ୍** = କର୍ମ ଅଟେ(ତଥା)
**ପରିଚର୍ଯ୍ୟାତ୍ମକମ୍** = ସବୁ ବର୍ଣ୍ଣର ସେବା କରିବା
**ଶୁଦ୍ରସ୍ୟ** = ଶୁଦ୍ରର
**ଅପି** = ମଧ୍ୟ
**ସ୍ୱଭାବଜମ୍** = ସ୍ୱାଭାବିକ
**କର୍ମ** = କର୍ମ ଅଟେ ।

ସ୍ୱେ, ସ୍ୱେ, କର୍ମଣି, ଅଭିରତଃ, ସଂସିଦ୍ଧିମ୍, ଲଭତେ, ନରଃ,
ସ୍ୱକର୍ମନିରତଃ, ସିଦ୍ଧିମ୍, ଯଥା, ବିନ୍ଦତି, ତତ୍, ଶୃଣୁ ॥୪୫॥

**ସ୍ୱେ, ସ୍ୱେ** = ନିଜ - ନିଜର (ସ୍ୱାଭାବିକ)
**କର୍ମଣି** = କର୍ମଗୁଡ଼ିକରେ
**ଅଭିରତଃ** = ତତ୍ପରତାର ସହିତ ଲାଗି ରହିଥିବା
**ନରଃ** = ମଣିଷ
**ସଂସିଦ୍ଧିମ୍** = ଭଗବତ୍ ପ୍ରାପ୍ତି ରୂପକ ପରମ ସିଦ୍ଧିକୁ
**ଲଭତେ** = ପ୍ରାପ୍ତ ହୋଇଯାଏ ।
**ସ୍ୱକର୍ମନିରତଃ** = ନିଜର ସ୍ୱାଭାବିକ କର୍ମରେ ଲାଗି ରହିଥିବା ମଣିଷ
**ଯଥା** = ଯେଉଁଭଳି କର୍ମ କରି
**ସିଦ୍ଧିମ୍** = ପରମ ସିଦ୍ଧକୁ
**ବିନ୍ଦତି** = ପାଇଥାଏ,
**ତତ୍** = ସେହି ବିଧିକୁ (ତୁ)
**ଶୃଣୁ** = ଶୁଣ

ଯତଃ, ପ୍ରବୃତ୍ତିଃ, ଭୂତାନାମ୍, ଯେନ୍, ସର୍ବମ୍, ଇଦମ୍, ତତମ୍,
ସ୍ୱକର୍ମଣା, ତମ୍, ଅଭ୍ୟର୍ଚ୍ୟ, ସିଦ୍ଧିମ୍, ବିନ୍ଦତି, ମାନବଃ ॥୪୬॥

**ଯତଃ** = ଯେଉଁ ପରମେଶ୍ୱରଙ୍କଠାରୁ
**ଭୁତାନାମ୍** = ସମସ୍ତ ପ୍ରାଣୀଙ୍କର
**ପ୍ରବୃତ୍ତିଃ** = ଉତ୍ପତ୍ତି ହୋଇଛି (ଏବଂ)
**ଯେନ** = ଯାହାଙ୍କ ଦ୍ୱାରା
**ଇଦମ୍** = ଏହି
**ସର୍ବମ୍** = ସମସ୍ତ (ଜଗତ)
**ତତମ୍** = ପରିବ୍ୟାପ୍ତ ହୋଇଛି ।

**ତମ୍** = ସେହି ପରମେଶ୍ୱରଙ୍କୁ
**ସର୍ବକର୍ମଣା** = ନିଜର ସ୍ୱାଭାବିକ କର୍ମମାନଙ୍କ ଦ୍ୱାରା
**ଅଭ୍ୟର୍ଚ୍ୟ** = ପୂଜା କରି
**ମାନବଃ** = ମଣିଷ
**ସିଦ୍ଧମ୍** = ଶ୍ରେଷ୍ଠ ସିଦ୍ଧକୁ
**ବିନ୍ଦତି** = ପାଇଯାଇଥାଏ ।

ଶ୍ରେୟାନ୍, ସ୍ୱଧର୍ମଃ, ବିଗୁଣଃ, ପରଧର୍ମାତ୍, ସ୍ୱନୁଷ୍ଠିତାତ୍,
ସ୍ୱଭାବନିୟତମ୍, କର୍ମ, କୁର୍ବନ୍ତି, ନ, ଆପ୍ନୋତି, କିଲ୍ବିଷମ୍ ॥୪୭॥

**ସ୍ୱନୁଷ୍ଠିତାତ** = ଭଲଭାବରେ ଆଚରଣ କରାଯାଇଥିବା
**ପରଧର୍ମାତ୍** = ଅନ୍ୟରଧର୍ମଠାରୁ
**ସ୍ୱଧର୍ମଃ** = ନିଜଧର୍ମ
**ବିଗୁଣଃ** = ଗୁଣରହିତ (ହେଲେ)
**(ଅପି)** = ମଧ୍ୟ
**ଶ୍ରେୟାନ** = ଶ୍ରେଷ୍ଠ ଅଟେ ।
**(ଯସ୍ମାତ୍)** = କାରଣ

**ସ୍ୱଭାବନିୟତମ୍** = ସ୍ୱଭାବ ଦ୍ୱାରା ନିୟତ କରାଯାଇଥିବା
**କର୍ମ** = ସ୍ୱଧର୍ମରୂପକ କର୍ମ ଗୁଡ଼ିକ
**କୁର୍ବନ୍** = କରୁଥିବା(ମନୁଷ୍ୟ)
**କିଲ୍ବିଷମ୍** = ପାପକୁ
**ନ,ଆପ୍ନୋତି** = ପ୍ରାପ୍ତ ହୁଏ ନାହିଁ

ସହଜମ୍, କର୍ମ, କୌନ୍ତେୟ, ସଦୋଷମ୍, ଅପି, ନ, ତ୍ୟଜେତ୍ ,
ସର୍ବାରମ୍ଭାଃ, ହି, ଦୋଷେଣ, ଧୂମେନ, ଅଗ୍ନିଃ, ଇବ, ଆବୃତାଃ, ॥୪୮॥

**ଅତଏବ-**

**କୌନ୍ତେୟ** = ହେ କୁନ୍ତୀପୁତ୍ର !
**ସଦୋଷମ୍** = ଦୋଷଯୁକ୍ତ ହେଲେ
**ଅପି** = ମଧ୍ୟ

**ସହଜମ୍** = ସହଜ*
**କର୍ମ** = କର୍ମକୁ
**ନ ତ୍ୟଜେତ୍** = ତ୍ୟାଗ କରିବା ଉଚିତ୍ ନୁହେଁ

**ହି** = କାରଣ
**ଧୂମେନ** = ଧୂଆଁ ଦ୍ୱାରା
**ଅଗ୍ନିଃ** = ଅଗ୍ନି (ଆବୃତ୍ତହେଲା)
**ଇବ** = ପରି

**ସର୍ବାରମ୍ଭାଃ** = ସମସ୍ତ କର୍ମ (କୌଣସି-ନା-କୌଣସି)
**ଦୋଷେଣ** = ଦୋଷରେ
**ଆବୃତାଃ** = ଯୁକ୍ତ ହୋଇଥାଏ ।

ଅସକ୍ତବୁଦ୍ଧିଃ,ସର୍ବତ୍ର,ଜିତାତ୍ମା, ବିଗତସ୍ପୃହଃ,
ନୈଷ୍କର୍ମ୍ୟସିଦ୍ଧିମ୍, ପରମାମ୍, ସନ୍ନ୍ୟାସେନ, ଅଧିଗଚ୍ଛତି॥୪୯॥

**ସର୍ବତ୍ର** = ସର୍ବତ୍ର
**ଅସକ୍ତିବୁଦ୍ଧିଃ** = ଆସକ୍ତି ରହିତ ବୁଦ୍ଧିସମ୍ପନ୍ନ,
**ବିଗତସ୍ପୃହଃ** = ନିସ୍ପୃହ (ଏବଂ)
**ଜିତାତ୍ମା** = ଅନ୍ତଃକରଣକୁ ଜୟ କରିଥିବା ପୁରୁଷ

**ପରମାମ୍** = ସେହି ପରମ
**ନୈଷ୍କର୍ମ୍ୟସିଦ୍ଧମ୍** = ନୈଷ୍କର୍ମ୍ୟ ସିଦ୍ଧିକୁ
**ଅଧିଗଚ୍ଛତି** = ପ୍ରାପ୍ତହୋଇଥାଏ ।

ସିଦ୍ଧିମ୍, ପ୍ରାପ୍ତଃ, ଯଥା, ବ୍ରହ୍ମ, ତଥା, ଆପ୍ନୋତି, ନିବୋଧ,ମେ,
ସମାସେନ ଏବ, କୌନ୍ତେୟ , ନିଷ୍ଠା , ଜ୍ଞାନସ୍ୟ, ଯା, ପରା ॥୫୦॥

**ଯା** = ଯାହା
**ଜ୍ଞାନସ୍ୟ** = ଜ୍ଞାନଯୋଗର
**ପରା** = ପରା
**ନିଷ୍ଠା** = ନିଷ୍ଠା ଅଟେ ।
**ସିଦ୍ଧମ୍** =ସେହି ନୈଷ୍କର୍ମ୍ୟ ସିଦ୍ଧିକୁ
**ଯଥା** = ଯେଉଁ ପ୍ରକାରେ
**ପ୍ରାପ୍ତଃ** = ଲାଭ କରି ମନୁଷ୍ୟ

**ବ୍ରହ୍ମ** = ବ୍ରହ୍ମଙ୍କୁ
**ଆପ୍ନୋତି** = ପ୍ରାପ୍ତହୁଏ,
**କୌନ୍ତେୟ** = ହେ କୁନ୍ତୀପୁତ୍ର !(ତୁ)
**ତଥା** = ସେହି ପ୍ରଣାଳୀକୁ
**ମେ** = ମୋଠାରୁ
**ସମାସେନ** = ସଂକ୍ଷେପରେ
**ଏବ** = ହିଁ
**ନିବୋଧ** = ବୁଝ

ବୁଦ୍ଧ୍ୟା, ବିଶୁଦ୍ଧୟା, ଯୁକ୍ତଃ,ଧୃତ୍ୟା, ଆତ୍ମାନମ୍, ନିୟମ୍ୟ, ଚ,
ଶବ୍ଦାଦୀନ, ବିଷୟାନ୍, ତ୍ୟକ୍ତ୍ୱା, ରାଗଦ୍ୱେଷୌ, ବ୍ୟୁଦସ୍ୟ, ଚ, ॥୫୧॥

ବିବିକ୍ତସେବୀ, ଲଘ୍ୱାଶୀ, ଯତବାକ୍କାୟମାନସଃ,
ଧ୍ୟାନଯୋଗପରଃ, ନିତ୍ୟମ୍, ବୈରାଗ୍ୟମ୍, ସମୁପାଶ୍ରିତଃ ॥୫୨॥

ଅହଙ୍କାରମ୍, ବଳମ୍, ଦର୍ପମ୍, କାମମ୍, କ୍ରୋଧମ୍, ପରିଗ୍ରହମ୍,
ବିମୁଚ୍ୟ, ନିର୍ମମଃ, ଶାନ୍ତଃ, ବ୍ରହ୍ମଭୂୟାୟ, କଳ୍ପତେ ॥୫୩॥

**ହେ ଅର୍ଜୁନ !**

**ବିଶୁଦ୍ଧୟା** = ବିଶୁଦ୍ଧ
**ବୁଦ୍ଧ୍ୟା** = ବୁଦ୍ଧିରେ
**ଯୁକ୍ତଃ** = ଯୁକ୍ତ(ତଥା)
**ଲଘ୍ୱାଶୀ** = ହାଲୁକା,ସାତ୍ତ୍ୱିକଏବଂ ନିୟମିତ,ଆହାରକରୁଥିବା
**ଶବ୍ଦାଦୀନ୍** = ଶବ୍ଦାଦି
**ବିଷୟାନ୍** = ବିଷୟଗୁଡ଼ିକୁ
**ତ୍ୟକ୍ତ୍ୱା** = ତ୍ୟାଗକରି
**ବିବିକ୍ତସେବୀ** = ଏକାନ୍ତ ଓ ପବିତ୍ର ସ୍ଥାନରେ ନିବାସ କରୁଥିବା,
**ଧୃତ୍ୟା** = ସାତ୍ତ୍ୱିକ ଧାରଣଶକ୍ତି ଦ୍ୱାରା*
**ଆତ୍ମାନମ୍** = ଅନ୍ତକରଣ ଓ ଇନ୍ଦ୍ରିୟମାନଙ୍କୁ
**ନିୟମ୍ୟ** = ସଂଯମ କରି
ଯତବାକ୍କାୟମାନସଃ = ମନ, ବାଣୀ ଓ ଶରୀରକୁ ବଶ କରିନେଇଥିବା,
**ରାଗଦ୍ୱେଷୌ** = ରାଗ-ଦ୍ୱେଷକୁ
**ବ୍ୟୁଦସ୍ୟ** = ସର୍ବଥା ତ୍ୟାଗ କରି

**ବୈରାଗ୍ୟମ୍** = ଭଲ ଭାବରେ ଦୃଢ଼ ବୈରାଗ୍ୟର
**ସମୁପାଶ୍ରିତଃ** = ଆଶ୍ରୟ ନେଇଥିବା
**ଚ** = ତଥା
**ଅହଙ୍କାରମ୍** = ଅହଙ୍କାର,
**ବଳମ୍** = ବଳ,
**ଦର୍ପମ୍** = ଗର୍ବ,
**କାମମ୍** = କାମ,
**କ୍ରୋଧମ୍** = କ୍ରୋଧ,
**ଚ** = ଏବଂ
**ପରିଗ୍ରହମ୍** = ପରିଗ୍ରହ
**ବିମୁଚ୍ୟ** = ତ୍ୟାଗପୂର୍ବକ
**ନିତ୍ୟମ୍** = ନିରନ୍ତର
**ଧ୍ୟାନଯୋଗପରଃ** = ଧ୍ୟାନ ଯୋଗରେ ପରାୟଣ ହୋଇ ରହୁଥିବା,
**ନିର୍ମମଃ** = ମମତ୍ୱରହିତ (ଏବଂ)
**ଶାନ୍ତଃ** = ପ୍ରାଶାନ୍ତଚିତ୍ତ ପୁରୁଷ
**ବ୍ରହ୍ମଭୂୟାୟ** = ସଚ୍ଚିଦାନନ୍ଦ ଘନ ବ୍ରହ୍ମରେ ଅଭିନ୍ନ ଭାବରେ ଅବସ୍ଥିତ ହେବାର
**କଳ୍ପତେ** = ପାତ୍ର ହୋଇଥାଏ ।

ବ୍ରହ୍ମଭୂତଃ, ପ୍ରସନ୍ନାତ୍ମା, ନ, ଶୋଚତି,ନ, କାଙ୍‌କ୍ଷତି ,
ସମଃ, ସର୍ବେଷୁ, ଭୁତେଷୁ, ମଦ୍ଭକ୍ତିମ୍, ଲଭତେ, ପରାମ୍ ॥୫୪॥

ପୁଣି ସେହି

**ବ୍ରହ୍ମଭୂତଃ** = { ସଚ୍ଚିଦାନନ୍ଦଘନ ବ୍ରହ୍ମରେ ଏକୀଭାବରେ ସ୍ଥିତ,

**ପ୍ରସନ୍ନାତ୍ମା** = ପ୍ରସନ୍ନଚିତ୍ତ ଯୋଗୀ

**ନ** = ନା କାହାରି ପାଇଁ

**ଶୋଚତି** = ଶୋକ କରିଥାଏ(ଏବଂ)

**ନ** = ନା(କିଛି ବି)

**କାଙ୍‌କ୍ଷତି** = ଆକାଂକ୍ଷା କରିଥାଏ(ଏଭଳି)

**ସର୍ବେଷୁ** = ସମସ୍ତ

**ଭୂତେଷୁ** = ପ୍ରାଣୀଙ୍କଠାରେ

**ସମଃ** = ସମଭାବ ସମ୍ପନ୍ନ ଯୋଗୀ

**ପରାମ୍, ମଦ୍ଭକ୍ତିମ୍**=ମୋର ପରାଭକ୍ତିକୁ

**ଲଭତେ** = ପ୍ରାପ୍ତ ହୋଇଯାଇଥାଏ ।

ଭକ୍ତ୍ୟା, ମାମ୍, ଅଭିଜାନାତି, ଯାବାନ୍, ଯଃ, ଚ, ଅସ୍ମି, ତତ୍ତ୍ୱତଃ,
ତତଃ, ମାମ୍, ତତ୍ତ୍ୱତଃ, ଜ୍ଞାତ୍ୱା, ବିଶତେ, ତଦନନ୍ତରମ୍ ॥୫୫॥

**ଏବଂ ସେହି**

**ଭକ୍ତ୍ୟା** = ପରାଭକ୍ତି ଦ୍ୱାରା (ସେ)

**ମାମ୍** = { ମୋତେ ଅର୍ଥାତ୍ ପରମାତ୍ମାଙ୍କୁ

**(ଅହମ୍)** = ମୁଁ

**ଯଃ** = ଯିଏ ଅଟେ

**ଚ** = ଏବଂ

**ଯାବାନ୍** = ଯେତିକି

**ଅସ୍ମି** = ଅଟେ

**ତତ୍ତ୍ୱତଃ** = { ଠିକ୍ ସେହି ପରି-ସେହିପରି ତତ୍ତ୍ୱତଃ ଜାଣି ନେଇ ଥାଏ ।(ତଥା)

**ତତଃ** = ସେହି ଭକ୍ତି ଦ୍ୱାରା

**ମାମ୍** = ମୋତେ

**ତତ୍ତ୍ୱତଃ** = ତତ୍ତ୍ୱତଃ

**ଜ୍ଞାତ୍ୱା** = ଜାଣି

**ତଦନନ୍ତରମ୍**= ତତ୍କାଳ

**ବିଶତେ** = ମୋ ଭିତରେ ପ୍ରବିଷ୍ଟ ହୋଇଥାଏ ।

ସର୍ବକର୍ମାଣୀ, ଅପି, ସଦା, କୁର୍ବାଣଃ, ମଦ୍‌ବ୍ୟପାଶ୍ରୟଃ,
ମତ୍ପ୍ରସାଦାତ୍, ଅବାପ୍ନୋତି , ଶାଶ୍ୱତମ୍, ପଦମ୍, ଅବ୍ୟୟମ୍,॥୫୬॥

**ପୁଣି ସେହି -**

**ମଦ୍‌ବ୍ୟପାଶ୍ରୟଃ,** = ମୋର ପରାୟଣ ହୋଇଥିବା କର୍ମଯୋଗୀ (ତ)
**ସର୍ବକର୍ମାଣୀ** = ସକଳ କର୍ମକୁ
**ସଦା** = ସଦା ସର୍ବଦା
**କୁର୍ବାଣକୁ** = କରୁଥିଲେ
**ଅପି** = ମଧ୍ୟ

**ମତ୍ପ୍ରସାଦାତ୍** = ମୋ କୃପାରୁ
**ଶାଶ୍ୱତମ୍** = ଅବିନାଶୀ
**ପଦମ୍** = ପରମପଦକୁ
**ଅବାପ୍ନୋତି** = ପ୍ରାପ୍ତ ହୋଇଯାଏ ।

ଈଶ୍ୱରଃ, ସର୍ବଭୂତାନାମ୍, ହୃଦ୍ଦେଶେ, ଅର୍ଜୁନ, ତିଷ୍ଠତି,
ଭ୍ରାମୟନ, ସର୍ବଭୂତାନି, ଯନ୍ତ୍ରାରୂଢ଼ାନି, ମାୟୟା ॥୬୧॥

**କାରଣ-**

**ଅର୍ଜୁନ** = ହେ ଅର୍ଜୁନ !
**ଯନ୍ତ୍ରରୂଢ଼ାନି** = ଶରୀର ରୂପକ ଯନ୍ତ୍ରରେ ଆରୂଢ଼ ହୋଇଥିବା
**ସର୍ବଭୂତାନି**= ସମସ୍ତ ପ୍ରାଣୀଙ୍କୁ
**ଈଶ୍ୱରଃ** = ଅନ୍ତର୍ଯାମୀ ପରମେଶ୍ୱର
**ମାୟୟା** = ନିଜ ମାୟାଦ୍ୱାରା (ସେମାନଙ୍କର କର୍ମାନୁସାରେ)

**ଭ୍ରାମୟାନ** = ଚାଳିତ କରାଇ
**ସର୍ବଭୂତାନାମ୍** = ସମସ୍ତ ପ୍ରାଣୀଙ୍କ
**ହୃଦ୍ଦେଶେ** = ହୃଦୟରେ
**ତିଷ୍ଠତି** = ନିବାସ କରନ୍ତି

ତମ୍,ଏବ, ଶରଣମ୍, ଗଚ୍ଛ, ସର୍ବଭାବେନ, ଭାରତ, .
ତତ୍ପ୍ରସାଦାତ୍, ପରାମ୍, ଶାନ୍ତିମ୍, ସ୍ଥାନମ୍, ପ୍ରାପ୍ସ୍ୟସି, ଶାଶ୍ୱତମ୍ ॥୬୨॥

**ଭାରତ** = ହେ ଭାରତ !(ତୁ)
**ସର୍ବଭାବେନ** = ସର୍ବତୋଭାବେ
**ତମ୍** = ସେହି ପରମେଶ୍ୱରଙ୍କ
**ଏବ** = ହିଁ
**ଶରଣମ୍** = ଶରଣକୁ*
**ଗଚ୍ଛ** = ଯାଅ

**ତତ୍ପ୍ରସାଦାତ୍** = ସେହି ପରମାତ୍ମାଙ୍କ କୃପାରୁ(ହିଁ ତୁ)
**ପରାମ୍** = ପରମ
**ଶାନ୍ତମ୍** = ଶାନ୍ତିକୁ (ତଥା)
**ଶାଶ୍ୱତମ୍** = ସନାତନ
**ସ୍ଥାନମ୍** = ପରମଧାମକୁ
**ପ୍ରାପ୍ସ୍ୟସି** = ପ୍ରାପ୍ତ ହେବୁ ।

ଇତି, ତେ, ଜ୍ଞାନମ୍, ଅଖ୍ୟାତମ୍, ଗୁହ୍ୟାତ୍, ଗୁହ୍ୟତରମ୍, ମୟା,
ବିମୃଶ୍ୟ, ଏତତ୍, ଅଶେଷେଣ, ଯଥା,ଇଚ୍ଛସି,ତଥା, କୁରୁ ॥୬୩॥

| | |
|---|---|
| **ଇତି** = ଏପରି ଭାବରେ (ଏହି) | **ଏତତ୍** = ଏହି ରହସ୍ୟ ଯୁକ୍ତ ଜ୍ଞାନକୁ |
| **ଗୁହ୍ୟାତି** = ଗୋପନୀୟଠାରୁ (ମଧ୍ୟ) | **ଅଶେଷଣ** = ପୂର୍ଣ୍ଣରୂପେ |
| **ଗୁହ୍ୟତରମ୍** = ଅତିଗୋପନୀୟ | **ବିମୃଶ୍ୟ** = ଭଲଭାବରେ ବିଚାରକରି |
| **ଜ୍ଞାନମ୍** = ଜ୍ଞ୍ୟାନ(କୁ) | **ଯଥା** = ଯେପରି |
| **ମୟା** = ମୁଁ | **ଇଚ୍ଛାସି** = ଇଚ୍ଛାକରୁଛୁ |
| **ତେ** = ତୋତେ | **ତଥା** = ସେହିପରି |
| **ଆଖ୍ୟାତମ୍** = କହିଦେଲି (ଏବେତୁ) | **କୁରୁ** = କର । |

ସର୍ବଗୁହ୍ୟତମ୍, ଭୂୟଃ, ଶୃଣୁ , ମେ, ପରମମ୍, ବଚଃ,
ଇଷ୍ଟଃ, ଅସି, ମେ, ଦୃଢ଼ମ୍, ଇତି, ତତଃ,ବକ୍ଷାମି, ତେ, ହିତମ୍,॥୬୪॥

**ଏତେ କହିବା ପରେ ବି ଅର୍ଜୁନର କୌଣସି ଉତ୍ତର ନ ମିଳିବାରୁ ଶ୍ରୀକୃଷ୍ଣ ଭଗବାନ ପୁଣି କହିଲେ ହେ ଅର୍ଜୁନ !**

| | |
|---|---|
| **ସର୍ବଗୁହ୍ୟତମ୍** = ସମସ୍ତ ଗୋପନୀୟଠାରୁ ଅତି ଗୋପନୀୟ | **ଇଷ୍ଟଃ** = ପ୍ରିୟ |
| **ମେ** = ମୋର | **ଅସି** = ଅଟୁ |
| **ପରମମ୍** = ପରମ ରହସ୍ୟ ଯୁକ୍ତ | **ତତଃ** = ତେଣୁ |
| **ବଚଃ** = ବଚନକୁ (ତୁ) | **ଇତି** = ଏହି |
| **ଭୂୟଃ** = ଆଉଥରେ (ମଧ୍ୟ) | **ହିତମ** = ପରମ ହିତକାରକ ବଚନ (ମୁଁ) |
| **ଶୃଣୁ** = ଶୁଣ(ତୁ) | **ତେ** = ତୋତେ(ପୁଣି) |
| **ମେ** = ମୋର | **ବକ୍ଷାମି ।** = କହିବି । |
| **ଦୃଢ଼ମ୍** = ଅତିଶୟ | |

ମନ୍ମନାଃ, ଭବ, ମଦ୍ଭକ୍ତଃ, ମଦ୍ୟାଜୀ, ମାମ୍ , ନମସ୍କୁରୁ, ମାମ୍, ଏବ,
ଏଷ୍ୟସି, ସତ୍ୟମ୍, ତେ, ପ୍ରତିଜାନେ, ପ୍ରିୟଃ, ଅସି, ମେ ॥୬୫॥

**ହେ ଅର୍ଜୁନ ! ତୁମେ -**

| | |
|---|---|
| **ମନ୍ମନାଃ** = ମୋଠାରେ ମନ ଲଗାଅ | **ମାମ୍** = ମୋତେ |
| **ଭବ** = ହୋଇଯାଆ | **ଏମ** = ହିଁ |
| **ମଦ୍ଭକ୍ତଃ** = ମୋର ଭକ୍ତ | **ଏଷ୍ୟସି** = ପ୍ରାପ୍ତହେବୁ (ଏହା ମୁଁ) |
| **(ଭବ)** = ହୋଇଯାଆ | **ତେ** = ତୋତେ |
| **ମଦ୍ୟାଜୀ** =ମୋର ପୂଜକ | **ସତ୍ୟମ୍** =ସତ୍ୟ |
| **(ଭବ)** = ହୋଇଯାଆ (ଏବଂ) | **ପ୍ରତିଜାନେ** = ପ୍ରତିଜ୍ଞା କରୁଅଛି, |
| **ମାମ୍** = ମୋତେ | **(ଯତଃ)** = କାରଣ (ତୁ) |
| **ନମସ୍କୁରୁ** = ପ୍ରାଣାମ କର | **ମେ** = ମୋର |
| **ଏବମ୍** = ଏପରି କରିବା ଦ୍ୱାରା (ତୁ) | **ପ୍ରିୟଃ** = ଅତ୍ୟନ୍ତ ପ୍ରିୟ |
| | **ଅସି** = ଅଟୁ । |

ସର୍ବଧର୍ମାନ୍, ପରିତ୍ୟଜ୍ୟ, ମାମ୍, ଏକମ୍, ଶରଣମ୍, ବ୍ରଜ,
ଅହମ୍, ତ୍ୱା, ସର୍ବପାପେଭ୍ୟଃ, ମୋକ୍ଷୟିଷ୍ୟାମି, ମା, ଶୁଚଃ, ॥୬୬॥

**ତେଣୁ-**

| | |
|---|---|
| **ସର୍ବଧର୍ମାନ୍** = ସମସ୍ତ ଧର୍ମ ଅର୍ଥାତ୍ ସମସ୍ତ କର୍ତ୍ତବ୍ୟ କର୍ମକୁ (ମୋଠାରେ ) | **ଶରଣମ୍** = ଶରଣକୁଂ ହିଁ |
| | **ବ୍ରଜ** = ଆସ |
| | ଅହମ = ମୁଁ |
| **ପରିତ୍ୟଜ୍ୟ** = ତ୍ୟାଗକରି (ତୁ କେବଳ) | **ତ୍ୱା** = ତୋତେ |
| **ଏକମ୍** = ଏକମାତ୍ର | **ସର୍ବପାପେଭ୍ୟଃ** = ସମସ୍ତ ପାପରୁ |
| **ମାମ୍** = ମୋର ଅର୍ଥାତ୍ ସର୍ବଶକ୍ତିମାନ ସର୍ବାଧାର ପରମେଶ୍ୱରଙ୍କ | **ମୋକ୍ଷୟିଷ୍ୟାମି** = ମୁକ୍ତ କରିଦେବି,(ତୁ) |
| | **ମା,ଶୁଚଃ** = ଆଦୌ ଦୁଃଖ କର ନାହିଁ |

ଅଧ୍ୟେଷ୍ୟତେ, ଚ, ଯଃ, ଇମମ୍, ଧର୍ମ୍ୟମ୍, ସମ୍ବାଦମ୍, ଆବୟୋଃ,
ଜ୍ଞାନଯଜ୍ଞେନ, ତେନ, ଅହମ୍, ଇଷ୍ଟଃ, ସ୍ୟାମ୍, ଇତି, ମେ, ମତିଃ ॥୭୦॥

**ଯଃ** = ଯେଉଁ ପୁରୁଷ
**ଇମମ୍** = ଏହି
**ଆବୟୋଃ** = ଆମ ଦୁହିଁଙ୍କର
**ଧର୍ମାମ୍** = ଧର୍ମମୟ
**ସଂବାଦମ୍** = ସଂବାଦରୂପକ ଗୀତା ଶାସ୍ତ୍ରକୁ
**ଅଧ୍ୟେଷ୍ୟତେ** = ପଢ଼ିବେ,
**ତେନ** = ତାଙ୍କ ଦ୍ୱାରା
**ଚ** = ମଧ୍ୟ
**ଅହମ୍** = ମୁଁ
**ଜ୍ଞାନଯଜ୍ଞେନ** = ଜ୍ଞାନଯଜ୍ଞରେ
**ଇଷ୍ଟଃ** = ପୂଜିତ
**ସ୍ୟାମ୍** = ହେବି
**ଇତି** = ଏପରି
**ମେ** = ମୋର
**ମତିଃ** = ମତ ଅଟେ ।

ଦେଖନ୍ତୁ ପାଠକବୃନ୍ଦ ! ଗୀତା ଅଧ୍ୟାୟ ୧୮ ଶ୍ଳୋକ ୭୦ରେ ମଧ୍ୟ "ଇଷ୍ଟଃ"ଶବ୍ଦ ଅଛି ଯାହାର ଅର୍ଥ "ପୂଜିତ" ଅର୍ଥାତ୍ "ପୂଜ୍ୟ" କରିଛନ୍ତି । ଶ୍ଳୋକ ୬୪ରେ ମଧ୍ୟ "ଇଷ୍ଟଃ" ଶବ୍ଦ ଅଛି । ଯଦି ତାହାର ଅର୍ଥକୁ "ପୂଜ୍ୟଦେବ" ଅର୍ଥାତ୍ 'ଇଷ୍ଟଦେବ" କରି ଦିଆଯିବ ତେବେ ଏହା ସ୍ପଷ୍ଟ ହୋଇଯାଉଛି ଯେ ଗୀତା ଜ୍ଞାନଦାତାଙ୍କର ଇଷ୍ଟଦେବ ମଧ୍ୟ ସେହି ପରମ ଅକ୍ଷର ବ୍ରହ୍ମ ଅଟନ୍ତି ।